ସେପ୍ଟେମ୍ବର ୨୦୨୪



ISSN NO – 2582-208X

VOLUME-11 : ISSUE NO-09/2025


[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

"ଗଣ" ଶବ୍ଦ ର ଅର୍ଥ ସଂଖ୍ୟା ସମୁହ ହେବା ବେଳେ "ଗଣତନ୍ତ୍ର"ର ଶାବ୍ଦିକ ଅର୍ଥ ହେଉଛି ବହୁସଂଖ୍ୟକର ଶାସନ । ପରାଧିନ ଭାରତକୁ ଆଜାଦି ନାମରେ ମିଳିଥିଲା ରକ୍ତପାତ, ବିଭାଜନ । ପରେ ପୁନଃ ୨୬ ଜାନୁୟାରୀ ୧୯୫୦ ରେ ପୁଣି ଗଣତନ୍ତ୍ର ବନିଲା । ଅନେକ ସଙ୍କଟ ଭିତରେ ଗରିବ, ଅସହାୟ, ଅନପଢ, ପଛୁଆ ବ୍ୟକ୍ତ କରୁଥିବା ଏହି ଦେଶର "ଗଣ" ମାନେ "ତନ୍ତ୍ର" କୁ ଧରିରଖି ଭାରତର ମସ୍ତକକୁ ଗର୍ବରେ ଉଚ୍ଚା କରିଥିଲେ । ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବାପରେ ଏମିତି ଏକ "ଗଣତନ୍ତ୍ର" ର ମୂଳଦୁଆ ରଖିବାକୁ ଚାହୁଁଥିଲା ଯାହାର ମୂଳ ସ୍ତମ୍ଭ ମଜବୁତ ହେଉ, ପୁର୍ନବାର ଭାରତକୁ କାହାର ଗୋଲାମୀର ଆଶ୍ରୟ ନେବାକୁ ନପଡୁ ଏବଂ ଯେଉଁଥିରେ "ଗଣ" ର ମହତ୍ୱ ସବୁଠାରୁ ଉପରେ ରହୁ । ଯଦି "ଗଣ" ର "ତନ୍ତ୍ର" ତେବେ ତାକୁ ସମ୍ଭାଳି ଅତି ଯତ୍ନରେ ରଖିବା ବି ହେଉଛି "ଗଣ" ର କାର୍ଯ୍ୟ । ସରକାର କେତେବେଳେ ବି ସ୍ଥାୟୀ ନୁହେଁ । ଯଦି "ଗଣ" ଶକ୍ତିଶାଳୀ ହୋଇ ମଜବୁତ ସ୍ଥମ୍ଭ ଭାବରେ ଠିଆହୋଇ ରହିବ, ତେବେ "ଗଣତନ୍ତ୍ର" କୁ କେହି ପରାସ୍ତ କରି ପାରିବେ ନାହିଁ । ୧୯୫୦ ମସିହାରେ ଆମେ ଗଣତନ୍ତ୍ର ହୋଇଥିଲେ ଏବଂ ଏବେ "ଗଣ" ପଛରେ ରହି ଯାଇଛି ଅଉ "ତନ୍ତ୍ର"

ISSN NO.
2582-208X

ଦିନକୁ ଦିନ ଶକ୍ତିଶାଳୀ ହେବାରେ ଲାଗିଛି । "ଗଣତନ୍ତ୍ର" ର ଅସଲି ମୂଲ୍ୟ ଧିରେ-ଧିରେ ମୂଲ୍ୟହୀନ ହୋଇ ଆସୁଛି ଏବଂ "ଗଣତନ୍ତ୍ର" କୁ "ଗଣ" ର "ତନ୍ତ୍ର" ବନାଇ ଥିବା "ତନ୍ତ୍ର" ଏତେ ଭାରି ହୋଇ ଯାଇଛି ଯେ "ଗଣ" କୁ ଏଥିରେ ଅଣନିଶ୍ୱାସୀ ଅନୁଭବ ହେଉଛି ।

ଭଗବାନ ଶ୍ରୀକୃଷ୍ଣ ଧର୍ମକ୍ଷେତ୍ରରେ ଅର୍ଜୁନକୁ ଗୀତାର ଉପଦେଶ ଦେଇ କହିଥିଲେ "ଉତିଷ୍ଠ ଭାରତ" । ସମାନ ବାକ୍ୟ ଚାଣକ୍ୟ ମଧ୍ୟ ହଜାର ବର୍ଷ ପୂର୍ବରୁ କହିଥିଲେ । ଆଜିଠାରୁ ୧୨୦ ବର୍ଷ ପୂର୍ବେ ସ୍ୱାମୀ ବିବେକାନନ୍ଦ ମଧ୍ୟ ଆମକୁ "ଭାରତ ଜାଗୋ, ବିଶ୍ୱ ଜଗାଓ" ର ସଂକଳ୍ପ ଦେଇଥିଲେ । ଆଜି ଜାଗ୍ରତର ସମୟ । ଆଜିର ରାଜନୈତିକ ତନ୍ତ୍ରରେ ବ୍ୟାପକ ସୁଧାରର ଆବଶ୍ୟକତା କାମନା କରି ପୁରା ସମାଜକୁ ଆଗକୁ ଆସିବାକୁ ପଡିବ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

ବେଦାନ୍ତୀ

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୪ |
| ହେ ପ୍ରିୟ ଗାଁ ମୋର ! | ଡ. ଶଶଧର ମହାପାତ୍ର | ୨୫ |
| ସାଧବ ବୋହୂ | ଡକ୍ଟର ଉତ୍ପଳା ଦାଶ ଷଡଙ୍ଗୀ | ୩୨ |
| ଉଧାରକୁ ବଦଳ | ଡ଼କ୍ଟର ବିଜ୍ଞାନୀ ଦାସ | ୩୪ |
| କେମିତି କହିବ | ଡ. ପ୍ରସନ୍ନ କୁମାର ବଳ | ୪୪ |
| ଦଶ ଦିକପାଳ, ଅଷ୍ଟ ଦିକପତି | ଇଂ. ସୁଶାନ୍ତ କିଶୋର ବଳ | ୪୬ |
| କରୁଣା କର ଠାକୁର ! | ଅଜିତ କୁମାର ରାଉତ | ୪୯ |
| ପେନସନ | ବଦ୍ରୀ ମହାନ୍ତି | ୫୧ |
| ସ୍ନେହ ମମତାର ଡୋରି ରାକ୍ଷୀ | ଡ଼ଃ ଅନୁପମା ବିଶ୍ୱାଳ | ୫୫ |
| ବନ୍ଧୁତା ଓ ହ୍ୱାଟସ୍ଆପ୍ ଗ୍ରୁପ୍ | ବିଜୟକେତନ ମହାନ୍ତି | ୫୮ |
| ମୌନ ବାର୍ତ୍ତା... | ମଧୁମିତା ମିଶ୍ର | ୬୦ |
| ଅସମାହିତ ପ୍ରଶ୍ନ | ଜୟଶ୍ରୀ ପଟ୍ଟନାୟକ | ୬୧ |
| ଛାଇ ପଛର ଚେହେରା | ଆଶୁତୋଷ ମେହେର | ୬୩ |
| ମାଆର ତୁଳନା ନାହିଁ | ଗୋଲୋକବିହାରୀ ବେହେରା | ୬୬ |
| ବିଶ୍ୱ ପରିବେଶ ଦିବସ | ବାସନ୍ତୀ ଲତା ଜେନା | ୬୮ |
| ଘର ଘରର କାହାଣୀ | ସୁଧାଂଶୁ ଶେଖର ଦ୍ୱିବେଦୀ | ୭୦ |
| ଲୋଡ଼ାଥାଏ ପରିବାର | ଡ଼. ପ୍ରିୟମ୍ବଦା ସାମଲ | ୭୩ |
| ପାଦେ ନିଜସ୍ୱ କାୟା | ଝିଲିମିଲି ସାହୁ | ୭୫ |
| କାହ୍ନୁ ଭାଇନା ସ୍ମରଣେ | ତ୍ରିପତି ପ୍ରଧାନ | ୭୬ |
| ଅଶ୍ରୁ ତର୍ପଣ | ଦେବଦତ୍ତା ଦେବୀ | ୭୮ |

ISSN NO.
2582-208X


| | | |
|---|---|---|
| ମାଆର ବିକଳ୍ପ ନାହିଁ | ଛବି ରାଣୀ ପତି | ୮୪ |
| ବିରହୀଣୀ ରାଧା | ମୋନାଲିସା ପଣ୍ଡା | ୮୬ |
| ମାନବୀୟ ଜ୍ୱଳନ ଓ ନିଃସହାୟବୋଧ ଗଳ୍ପରେ ନାରୀବାଦ - ଏକ ଆକଳନ | ସୁଷମା ପାଢୀ | ୮୮ |
| କବିତା | ଭାସ୍କର ଚନ୍ଦ୍ର ଖଣ୍ଡା | ୯୭ |
| ଆସ ମାଆ ଦୁର୍ଗା | ପ୍ରଭାତ କୁମାର ଆଚାର୍ଯ୍ୟ | ୯୯ |
| "ଇଟାଭାଟିର ଶିଳ୍ପୀ"ରେ ନାରୀ ଜୀବନର କାରୁଣ୍ୟ : ଏକ ବିହଙ୍ଗାବଲୋକନ | ସୁଶ୍ରୀ ବେବୀ ନାଏକ | ୧୦୧ |
| ରକ୍ଷା ବନ୍ଧନ | ନମିତା ଦାଶ | ୧୧୦ |
| ହୋଇ ପାରିଲିନି ପଳାତକ | ଶାନ୍ତିଲତା ମିଶ୍ର | ୧୧୧ |
| ଶୈଶବ ର ଇନ୍ଦ୍ରଧନୁ | ଦିଲ୍ଲୀପ ଶତପଥୀ | ୧୧୩ |
| ଅଧୁରା ସ୍ୱପ୍ନ | ବିନୋଦିନୀ ଦାଶ | ୧୧୮ |
| ଅପେକ୍ଷା | ଚାନୁସ୍ମିତା ନାୟକ | ୧୨୦ |
| ମାଣ୍ଡବୀ | ଆରତୀ ସାହୁ (ଆଶା) | ୧୨୨ |
| ଶେଷ ପୃଷ୍ଠାରେ | ପୂଜାରାଣୀ ସେଠୀ | ୧୨୭ |
| ଏତ ତବ ବଡପଣ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୧୨୯ |
| ମୋ ହୃଦୟ ରେ ତୁମେ | ସିନ୍ଧୁ ନନ୍ଦିନୀ | ୧୩୧ |
| ସ୍ୱର୍ଗୀୟ ସୁଷମାର ଭୂମି ଶାବର ଶ୍ରୀକ୍ଷେତ୍ର | ମନୀଷା ରାୟ | ୧୩୩ |
| ବିଶ୍ୱ ବିନ୍ଧାଣୀ | ସୁଜିତ୍ କୁମାର ମିଶ୍ର | ୧୪୪ |
| ମେଘ | ଅଳକା ମହାନ୍ତି | ୧୪୫ |
| ବିଦାୟ | ଅଲେଖ ମେହେର(ଯାଯାବର) | ୧୪୭ |

ISSN NO.
2582-208X




| | | |
|---|---|---|
| ବିଦ୍ରୋହର ତୀକ୍ଷଣ ଅଗ୍ନିଶଳାକା : ବୀର ମାଧୋ ସିଂ | ହିତେଶ ବେହେରା | ୧୪୯ |
| ତୁମେ ମୋ ଦରଦୀ ବନ୍ଧୁ | ନଳିନୀ ଦାଶ | ୧୫୪ |
| ଜୀବନ ନଦୀ ର ପରିବାର | ଗଗନ କୁମାର ଦାଶ | ୧୫୬ |
| ଜୀବନ | ଡ. ଜ୍ଞାନେଶ୍ୱର ମିଶ୍ର | ୧୫୮ |
| ଶ୍ରାବଣରେ ଶ୍ରାବଣ ମେଘ ଆଣିବୁ | ସୁନନ୍ଦା ମହାନ୍ତି | ୧୬୦ |
| ଡାଲମା | ରାମଚନ୍ଦ୍ର ବେହେରା | ୧୬୪ |
| କୋଣାରକ | ଯଜ୍ଞଦତ୍ତ ସାମନ୍ତରାୟ | ୧୬୬ |
| ସରଗକୁ ମତେ ନେଇଯା ଡାକି | ଶିଶିର କୁମାର ପଣ୍ଡା | ୧୬୮ |
| ସମ୍ପର୍କ | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୬୯ |
| ଭିନ୍ନ ଏକ ଶୈଶବ | ବିନୟ ମହାପାତ୍ର | ୧୭୩ |
| ସବୁ ଲାଗେ ଦୁଇନମ୍ବର ପରି | କାଳି ପ୍ରସାଦ ମହାପାତ୍ର | ୧୭୬ |
| କୁଜଙ୍ଗର ଇତିହାସ ଓ ସାଂସ୍କୃତିକ ପଟ୍ଟଭୂମି | ଆର୍ଯ୍ୟରଶ୍ମି ଦଳାଇ | ୧୭୯ |
| ପ୍ରେମ ଏକ ନାଟକ | ଜୟ କୁମାର ମିଶ୍ର | ୧୮୬ |
| ତୁମେ ବିପଦର ସାହା | ପ୍ରତିଭା ଦାଶ | ୧୮୯ |
| ଆହୁତି | ଡାଃ. ଅନିତା ପଣ୍ଡା | ୧୯୦ |
| ପୋଡ଼ କଥାର କବିତା | ମୃତ୍ୟୁଞ୍ଜୟ ପାତ୍ର | ୧୯୬ |
| ତୁମେ ଗଲା ପରେ | ଡକ୍ଟର ସତ୍ୟବ୍ରତ ଦାସ | ୧୯୮ |
| ଯେଉଁ ମଣିଷ ଖୁବ୍ ଅସହାୟ | ନୀଳମଣି ଚାନ୍ଦ | ୨୦୧ |
| ହାସ୍ୟ-ବ୍ୟଙ୍ଗର ଧାରାରେ ପ୍ରବାହିତ ଫକୀରମୋହନଙ୍କ ଗଳ୍ପଜଗତ | ରୁକ୍ମିଣୀ ସମର୍ଥା | ୨୦୩ |
| ସମୁଦ୍ର ସହିତ କିଛି କାଳ | ଡ଼କ୍ଟର ସଂଯୁକ୍ତା ଦାସ | ୨୧୧ |
| କାଶତଣ୍ଡି ଆସିଲାଣି | ପୁଷ୍ପାଞ୍ଜଳି ମିଶ୍ର | ୨୧୩ |

ISSN NO.
2582-208X


| | | |
|---|---|---|
| ବୋଉ | କୀର୍ତ୍ତି ଦେବୀ | ୨୧୫ |
| ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ବେତାର ନାଟକ: ଏକ ସଂକ୍ଷିପ୍ତ ଆକଳନ | ଗୀତାଞ୍ଜଳି ବେହେରା | ୨୧୮ |
| ସ୍ୱଭାବ କବି ଗଙ୍ଗାଧର ମେହେର | କୁଞ୍ଜବିହାରୀ ରାଉତ | ୨୨୫ |
| ଟିକିଏ ହେଲେ ତ ଭାବ | ଆକୁଳାନନ୍ଦ ପୃଷ୍ଟି | ୨୨୭ |
| ଅତି ର ଓଲଟା ଗଙ୍ଗା | ଅମୃତନାରାୟଣ ଶତପଥୀ | ୨୨୯ |
| ବୃନ୍ଦାବନ ସୁଆରଙ୍କ ୧୧୧ତମ ଜୟନ୍ତୀ ଏକ ଅନୁଶୀଳନ | ହର ପ୍ରସାଦ ସୁଆର | ୨୩୧ |
| ଅହିଂସା ଲଢେଇ | ଦୂର୍ବାଦଳ କରାଳୀ | ୨୩୮ |
| ଜ୍ଞାନର ଗାରିମା | କାର୍ତ୍ତିକେଶ୍ୱର ନାୟକ | ୨୪୦ |
| ବିତା-ମନର କଥା | ନିରୁପମା ମିଶ୍ର | ୨୪୨ |
| ଏମିତିକା ଦିଅଁ ଦେଖିଛକେ କୁହ | ରାଜକିଶୋର ସ୍ୱାଇଁ | ୨୪୪ |
| ଓଡିଆ ଲୋକସାହିତ୍ୟରେ ଦଣ୍ଡନାଟ | ବିଚିତ୍ର କୁମାର ଦାସ | ୨୪୬ |
| ମୁକ୍ତିର ଧ୍ୱଜା | ଜୟନ୍ତୀ ବେହେରା | ୨୫୪ |
| ତୁମ ନିଷ୍ଠୁର ପ୍ରେମ | ସୁଜାତା ପାହାନ | ୨୫୬ |
| ବୁଦ୍ଧ ନା' ବିଭବ ? | ସୁଶ୍ରୀ ପଲ୍ଲବିତା ସାହୁ | ୨୫୮ |
| ଆଜି ତୋ ଆଖିରେ ଦେଖୁଚି | ହରେରାମ ପଣ୍ଡା | ୨୬୦ |
| ଭୋଦୁଅର ମିଠା ମହକ | କୁଞ୍ଜବିହାରୀ ସାହୁ | ୨୬୧ |
| ଏ ହୀନସ୍ତା ବଜାର | ଶମ୍ଭୁନାଥ ଦାସ | ୨୬୪ |
| ଆସ ନେବା ଶପଥ | ଦୀନବନ୍ଧୁ ପୋଇ | ୨୬୬ |
| ଜୀବନ ଜୀଇଁବାର ସଫଳ ନିଦର୍ଶନ : ଝିଅ ପାଇଁ ଝର୍କା ' ଏକ ଶ୍ରେଷ୍ଠ ପ୍ରୋତ୍ସାହନ | ମମତା ରାଣୀ ବାରିକ୍ | ୨୬୭ |
| ପଥିକ | ପ୍ରିୟଦର୍ଶିନୀ ପଲେଇ | ୨୭୫ |

ISSN NO.
2582-208X


| | | |
|---|---|---|
| ମୋ ପ୍ରିୟ କନ୍ଧମାଳ | ଲିଜାଲିନ୍ ଭୋଇ | ୨୭୭ |
| ମାଆର ପଣତ ଶ୍ରୀକ୍ଷେତ୍ର ନେତ | ସଂଯୁକ୍ତା ସାହୁ | ୨୭୯ |
| ମୋ ଗାଁ ମନ୍ଦିର | ରାମ ଚନ୍ଦ୍ର ପ୍ରଧାନ | ୨୮୧ |
| ଏକବିଂଶ ଶତାବ୍ଦୀର ଓଡିଆ ସମାଲୋଚନାର ଅଭିନବ ଆଶ୍ରୟ ଓ ବିଷୟ | ରଶ୍ମିତା ପଣ୍ଡା | ୨୮୨ |
| ବିବେକ | ବିନୟ କୁମାର ମିଶ୍ର | ୨୯୧ |
| ସତସଙ୍ଗ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୨୯୨ |
| ମାତୃଭାଷା | ପଞ୍ଚାନନ ମେହେର | ୨୯୫ |
| କର ମତେ ପ୍ରଭୁ ତୁମର କଠଉ | ଅମରନାଥ ବାରିକ | ୨୯୬ |
| ଏକ ନାରୀ ଜୀବନର ଅକୁହା କାହାଣୀ | ଅମ୍ରିତା ପାଠକ | ୨୯୮ |
| ତୁମେ ଅର୍ଦ୍ଧନାରୀଶ୍ୱର | ବର୍ଷାରାଣୀ ପ୍ରଧାନ | ୩୦୧ |
| ବର୍ଷାର ପ୍ରତୀକ୍ଷା | ଅର୍ପିତା ମହାପାତ୍ର | ୩୦୩ |
| ବେଦମ୍ ନାୟିକା | ସଂଘମିତ୍ରା ବେହେରା | ୩୦୫ |
| ଅବସ୍ଥା ବ୍ୟବସ୍ଥା ସ୍ୱତନ୍ତ୍ରତା | ଶିବରାମ ସାହୁ | ୩୦୭ |
| ଶ୍ରାବଣ ପୁନେଇଁ | ଧ୍ରୁବ ଚରଣ ଘିବେଲା | ୩୧୦ |
| ପରିବର୍ତ୍ତନ | ଚିତରଞ୍ଜନ ବେହେରା | ୩୧୨ |
| ମହାକୁମ୍ଭ, ପାପନାଶ ଓ ମୋକ୍ଷ ପ୍ରାପ୍ତି | ବିରଞ୍ଚି ନାରାୟଣ ମିଶ୍ର | ୩୧୩ |
| ଭିନ୍ନ ଏକ ମଣିଷ ମୁଁ | ସୁନିତା ଦାଶ | ୩୧୭ |
| କମନୀୟ କାନ୍ତି | ଡ. ଅର୍ଜୁନ ଚରଣ ବାରିକ୍ | ୩୧୮ |
| ମୋହିନୀ କନ୍ୟା | ଖଗେଶ୍ୱର ବାଗ | ୩୨୨ |

ISSN NO.
2582-208X


| | | |
|---|---|---|
| ଓଡିଆ ନାଟ୍ୟ ସାହିତ୍ୟ କୁ ନାରୀ ଲେଖିକା ଙ୍କ ଅବଦାନ | ଡକ୍ଟର ସୁଶ୍ରୀ ସଂଗୀତା ସ୍ୱାଇଁ | ୩୨୪ |
| ତୁମେ ସର୍ବଗୁଣ ସମ୍ପୂର୍ଣ୍ଣା | ତାରାପ୍ରସାଦ ଜେନା | ୩୨୯ |
| ଜୀବନଟା ଖାଲି ରୁରୁ ରୁରୁ | ସସ୍ମିତା ପ୍ରଧାନ | ୩୩୧ |
| ଆଜିର ରେବତୀ | ଶ୍ରାବଣୀ ଜେନା | ୩୩୩ |
| ମାଣିକେଶ୍ୱରୀଙ୍କ ପରିଚୟ ଓ ପ୍ରତିଷ୍ଠା | ଅନୁରାଗ ପାଣ୍ଡେ | ୩୩୪ |
| ଜିଇବା ଯେଉଁଠି ବଞ୍ଚେ | ଡଃ ଅଲେଖ ପ୍ରସାଦ ମହାରଣା | ୩୪୫ |
| ଶାସ୍ତ୍ରୀୟ ମାନ୍ୟତା ମୋ ଭାଷା | ଡକ୍ଟର ପ୍ରତାପ କୁମାର ପରିଡ଼ା | ୩୪୬ |
| ତମେ ଯେବେ ଆସ | ଡ. ବିଜ୍ଞାନ ମହାନ୍ତି | ୩୪୮ |
| ବିଳାପ ନିସ୍ୱନ | ଗୀତା ଷଡ଼ଙ୍ଗୀ | ୩୪୯ |
| ମଙ୍ଗଳଗ୍ରହର ମୋହ | ଡକ୍ଟର କମଳାକାନ୍ତ ଜେନା | ୩୫୧ |
| ଭାବର ଠାକୁର | ଅରୁଣ କୁମାର ଦାସ | ୩୫୫ |
| ଖୁସି | ରଘୁନାଥ ତ୍ରିପାଠୀ | ୩୫୬ |
| ନାରୀ | ସ୍ୱାଗତିକା ନାଏକ | ୩୫୮ |
| ମଲାକୂଅ | ଅବିନାଶ ସାହୁ | ୩୫୯ |
| ତୁମ ନୀରବତା | ମୋନାଲିସା ମିଶ୍ର | ୩୬୬ |
| ମରିଛ ଜଦି ଡ଼ରୁଛ କାହିଁକି ??? | ଦୀନବନ୍ଧୁ ବେଜ | ୩୬୮ |
| ପ୍ରେମିକା | ସିଦ୍ଧେଶ୍ୱର ତ୍ରିପାଠୀ | ୩୭୧ |
| ପ୍ରିୟତମା ମୋର | ଜୟନ୍ତ କୁମାର ମଲ୍ଲିକ୍ | ୩୭୩ |
| ଶକ୍ତି ସଂକଟ ଓ ପରମାଣୁ ଶକ୍ତି | ତୁଷ୍ମିତା ଜେନା | ୩୭୪ |
| ବିଫଳତା ସଫଳତା ର ସୋପାନ | ବସନ୍ତ କୁମାର ପ୍ରଧାନ | ୩୭୮ |
| ପିତା ମାତା | ସନାତନ ମହାକୁଡ଼ | ୩୭୯ |
| ଭାଗ୍ୟ ଯଦି ହେବ ଅନୁକୂଳ | ନିରଞ୍ଜନ ସାହୁ | ୩୮୦ |
| ମୃତ୍ୟୁ | ଜନ୍ମଜୟ ନାୟକ | ୩୮୧ |

ISSN NO.
2582-208X


| | | |
|---|---|---|
| ନିଶବ୍ଦ ନିନାଦ | ବେଣୁଧର ସୂତାର | ୩୮୩ |
| ଭିତ୍ତିଭୂମି ଓ ବିକାଶ: ବାଞ୍ଛାନିଧି ପାଠାଗାର | ଚିତ୍ତରଂଜନ ସାହୁ | ୩୮୬ |
| ଜୀବନ ଡଙ୍ଗା | ଦୁଷ୍ମନ୍ତ ବେହେରା | ୩୯୩ |
| ତଅପୋଇ ଜନ୍ମସ୍ଥାନ | ନରେନ୍ଦ୍ର ପ୍ରସାଦ ବେହେରା | ୩୯୫ |
| ସମସ୍ୟା କେବେବି ସରେନି | ଗୁପ୍ତେଶ୍ୱର ଚାନ୍ଦ | ୩୯୯ |
| ଆଉ ଏକ ରେବତୀ | ପ୍ରଣୟ ରଞ୍ଜନ ପ୍ରଧାନ | ୪୦୧ |
| ବାପା ମାଆ | ଦଶରଥ ମାଝୀ | ୪୦୪ |
| କିଏ ଦୋଷୀ | ଦୀପକ କୁମାର ନାୟକ | ୪୦୫ |
| ମିତରେ ମିତ | ଅଜୟ କୁମାର ରାଉତ | ୪୦୭ |
| ମୌସୁମୀ | ଶିବାଶିଷ ମିଶ୍ର | ୪୦୯ |
| ରୂପସୀଗୋ ତମେ | ପ୍ରଶାନ୍ତ କୁମାର ଦାଶ | ୪୧୧ |
| ପ୍ରେମର ମିଠା କଥା | ଚିତରଞ୍ଜନ ମେହେର | ୪୧୩ |
| କେବେ କେରଳ ତ କେବେ ଅରୁଣାଚଳ | ପ୍ରିୟବ୍ରତ ପାତ୍ର | ୪୧୫ |
| ଅନୁକୂଳଙ୍କର ଜନମ ଦିନେ | ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ | ୪୨୦ |
| କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ଓଡ଼ିଆ ସର୍ଜନାତ୍ମକ ସାହିତ୍ୟ : ଆଦ୍ୟରୁ ଅଧୁନା | ତୋଫାନ ପ୍ରଧାନ | ୪୨୩ |
| ଜୀବନର ରାସ୍ତା | ମନୋଜ କୁମାର ବେହେରା | ୪୩୨ |
| ଅମର କଥାରୁ ଶିଖିବା ଆସନ୍ତୁ... ନିଜ କାମ ନିଜେ କରିବା | ସୀତାକାନ୍ତ ସରସ୍ୱତୀ | ୪୩୪ |
| ଜୀବନର ସାର | ପ୍ରଶାନ୍ତ ବ୍ରହ୍ମା | ୪୩୬ |

ISSN NO.
2582-208X


| | | |
|---|---|---|
| ସଂଘର୍ଷମୟ ଜୀବନରେ ଆଶାଭରା ସ୍ୱପ୍ନ | ସୁରେଶ କୁମାର ନାହାକ | ୪୩୯ |
| ପରୀକ୍ଷା | ପୁଷ୍ପପ୍ରିୟା ମହାଲିକ | ୪୪୩ |
| ଶିକ୍ଷା ହିଁ ଜୀବନ | ଡକ୍ଟର ପ୍ରଦୀପ କୁମାର ପଣ୍ଡା | ୪୪୫ |
| ଚିରାପୃଷ୍ଠା | କଳ୍ପନା ମହାନ୍ତି | ୪୪୯ |
| ଥିଲି ଝିଅ ହେଲି ବୋହୂ | ଖୁକୁନି ସାହୁ | ୪୫୦ |
| ଭାଗଶେଷ | ମଧୁସ୍ମିତା ପ୍ରିୟଦର୍ଶିନୀ | ୪୫୨ |
| ବନ୍ଧୁ | ପ୍ରଶାନ୍ତ କୁମାର ନାଥ | ୪୫୪ |
| ଅଭିଶପ୍ତ ରାଜକନ୍ୟା | ତପସ୍ୱିନୀ ରାଉତ | ୪୫୬ |
| ସ୍ୱାଭିମାନ | ରାଧାକାନ୍ତ ସୁନା | ୪୫୯ |
| ଅନ୍ତ ଏକାନ୍ତ | ଶମ୍ଭୁନାଥ ଶିଅଳ | ୪୧୬ |
| ଆତ୍ମୀୟତାର ଆଂଶି | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ | ୪୬୨ |
| ବଡଦାଣ୍ଡର ଭିକାରି ମୁଁ | ଆଶିଷ କୁମାର ସାହୁ | ୪୬୫ |
| ବାହୁ ବନ୍ଧନ | ଅଶୋକ କୁମାର ବାରିକ | ୪୬୭ |
| କଳିଯୁଗର ପୁରୁଷ | ଦମୟନ୍ତି ମହାନ୍ତ | ୪୬୮ |
| ଜୀବନରେ ସଞ୍ଚୟର ମହତ୍ୱ | ପ୍ରଦୀପ ସେନାପତି | ୪୭୦ |
| ସୁବର୍ଣ୍ଣରେଖା | ପ୍ରଫୁଲ୍ଲ ଚନ୍ଦ୍ର ବାରିକ | ୪୭୧ |
| ପ୍ରେମର ବିଫଳ ଗାଥା | ଦେବନାରାୟଣ ମିଶ୍ର | ୪୭୩ |
| ପ୍ରେମର ଭାଗ୍ୟ | ଆର୍ଯ୍ୟ ଦାସ | ୪୭୪ |
| ଅବୁଝା ହୃଦୟର ବେଦନା | ପ୍ରଭାତ ସାହୁ | ୪୭୬ |
| ରାକ୍ଷୀପର୍ବର ଅନୁଚିନ୍ତା | ପ୍ରବୋଧ କୁମାର ହୋତା | ୪୭୮ |
| ମୃତ୍ୟୁ ପରେ ଅନ୍ତ୍ୟେଷ୍ଟି ଅନାବଶ୍ୟକ | ବାଲ୍ମୀକି ନାୟକ | ୪୮୦ |
| ପ୍ରିୟତମ | ସ୍ମିତିପ୍ରଜ୍ଞା ଷଡଙ୍ଗୀ | ୪୮୩ |
| ତୁମ ବିନା | ଶୁଭଲକ୍ଷ୍ମୀ ଦାସ | ୪୮୪ |

ISSN NO.
2582-208X


| | | |
|---|---|---|
| କିଛି କହିବାକୁ ଅଛି | ରଜତ କୁମାର ସାହୁ | ୪୮୫ |
| ଆଜିର ଭ୍ରମିତ ଯୁବପିଢ଼ି | ମମତା ନାୟକ | ୪୮୬ |
| ବର୍ଷା ଭିଜା ରାତି | ରାଧା ରାଣୀ ରାଉଳ | ୪୮୯ |
| ଆଜି ର ନାରୀ! | ରୂପମ୍ ଖୁଣ୍ଟିଆ | ୪୯୦ |
| ପ୍ରେମର ମଧୁରତା | ଶୁଭମ୍ ସାହୁ | ୪୯୧ |
| ପ୍ରକୃତି ପ୍ରେମିକ | ପଦ୍ମନାଭ ରଥ | ୪୯୨ |
| ଭାଗବତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୪୯୪ |


# ଆଞ୍ଚଳିକ


| | | |
|---|---|---|
| ମାହେଝିଟୁକେଲ୍ ସୁରକ୍ଷିତ୍ ବଏଲେ ଲାଏଜ୍ ଲାଗସି ମତେ | ରାକେଶ ବାଘ | ୪୯୭ |
| ଫୁଲମତିର୍ ଫୁକା | ଗଜାନନ ମିଶ୍ର | ୫୦୩ |


# ଶିଶୁ ବିଭାଗ


| | | |
|---|---|---|
| କୁହୁକ କଲମ | ଅଭୟ କୁଣ୍ଡ | ୫୦୫ |
| ମୋବାଇଲ ଆଉ ଧରନି | ବର୍ଷାରାଣୀ ପ୍ରଧାନ | ୫୦୮ |
| ସାମ୍ପ୍ରାତିକ ସମାଜରେ ଶିକ୍ଷା, ଶିଶୁ ଏବଂ ଶିକ୍ଷକ | ଆୟୁଷ ରଞ୍ଜନ ପଣ୍ଡା | ୫୧୦ |
| ପୂରଣ ବାଚକ ସଂଖ୍ୟା | ବାସନ୍ତୀ ଲତା ଜେନା | ୫୧୩ |
| କଦଳୀ ବାଡ଼ରେ ଲାଞ୍ଜ ଲହରୀ | ନୀଳମାଧବ ସାହୁ | ୫୧୫ |
| ନୂଆଖାଇ | କୁମୁଦିନୀ ଘି | ୫୧୯ |

ISSN NO.
2582-208X


| | | |
|---|---|---|
| ବେଦାନ୍ତୀ – "ଅଗଷ୍ଟ" ସମୀକ୍ଷା | ଦେବଯାନୀ ସ୍ୱାଇଁ | ୫୨୧ |
| ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୫୨୫ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୫୨୬ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୪୦-ସ୍ୱାଗତ ନବବର୍ଷ

୪୧ କିମି. ଗଲାଥିଆ ବିଚ ସହ ଅସୀମଙ୍କ ପୁଣି ଏକ ଅଶୁଣା ପରିଚୟ ଆକସ୍ମିକ ଥିଲା ଆଉ ତାହା ଗୋଟିଏ ଅନ୍ଧାର ରାତିରେ ହୋଇଥିଲା । ସେହି ରାତି ଥିଲା ଏକ ନବ ବର୍ଷର ପୂର୍ବ ରାତିର । କିନ୍ତୁ ତାରିଖ ଅବିସ୍ମରଣୀୟ ହୋଇଯାଇଥିଲା । ସେଇଟା ଥିଲା ବର୍ଷର ଶେଷ ଦିନର ଏକ ଜଳଯାତ୍ରା ଆଉ ନବବର୍ଷ ୪୧ କିମି ବିଚର ଏକ ବଡ ଢେଉ ସହ ଆସିଥିଲା ।

କେହି କହିପାରନ୍ତି ବନ୍ଧୁମାନଙ୍କ ସହ ଭୋଜି କରି ଗୀତ ଗାଇ ନବ ବର୍ଷକୁ ସ୍ୱାଗତ କରାଯାଏ । ବାଣ ରୋଷଣୀ ଅବଶ୍ୟ ହୁଏ । ସେମାନେ କିନ୍ତୁ ନବ ବର୍ଷକୁ ଏକଦମ ଭିନ୍ନ ଭାବେ ସ୍ୱାଗତ କରିବାକୁ ଚାହୁଁଥିଲେ । ଏକ ସାମାନ୍ୟ ଦୁଃସାହାସିକ ଯାତ୍ରା ସେମାନଙ୍କ କାର୍ଯ୍ୟକ୍ରମରେ ଥିଲା । ଅସୀମ ଆଉ ସେମାନଙ୍କ ଦଳ ଅପରାହ୍ନ ସୂର୍ଯ୍ୟର ଶେଷ କିରଣ ସହ ଲାଇଟ ହାଉସ ଅତିକ୍ରମ କରି ୪୧ କିମି ଗଲାଥିଆ ବିଚ ଆଡକୁ ବୁଲିଯିବାକୁ ଚାହୁଁଥିଲେ । ୫୧ କିମି ଦ୍ୱୀପର ଶେଷସୀମା, ଯାଗାଟା ଗ୍ରେଟ ନିକୋବର ଦ୍ୱୀପର ଶେଷଆଡକୁ, ଏକଦମ ସଂମ୍ପୂର୍ଣ୍ଣ ଦକ୍ଷିଣକୁ । ସେଇଠୁ ଦ୍ୱୀପଟା ବୁଲିଯାଇଛି । ଜଳଯାନମାନଙ୍କୁ ସଙ୍କେତ ଦେବା ପାଇଁ ଭୂମିର ଶେଷ କୋଣରେ ଏକ ଲାଇଟହାଉସ ମଧ୍ୟ ତିଆରି ହୋଇଛି । ଆନ୍ତର୍ଜାତୀୟ ଜଳସୀମାରେ ଯାଉଥିବା ଜାହାଜମାନ ଏ ଦ୍ୱୀପର ଅବସ୍ଥିତି ଆଉ ବିପଦପୂର୍ଣ୍ଣ ଜଳରାସ୍ତା ବିଷୟରେ ଜାଣିପାରିବେ । ସେପଟେ ୧୦୦ ବା

ISSN NO.
2582-208X

୧୫୦ କିମି ଦୂରରେ ସୁମାତ୍ରା ଦ୍ୱୀପ । ଏକ ବ୍ୟସ୍ତ ଜଳରାସ୍ତା ହେତୁ ଏହି ଲାଇଟହାଉସର ମହତ୍ୱ ଥିଲା । ଏଠାରେ ସମୁଦ୍ର ଅତିକ୍ରମ କରିବା କାଳେ ବଡ କଷ୍ଟକର । ଆଉ ନେଭିର କିଛି ନୌସୈନିକ ମଧ୍ୟ ସେଇ ଯାଗାରେ କାଳେ ସଲିଳ ସମାଧି ନେଇଛନ୍ତି । ଏମାନଙ୍କର ବୋଟମ୍ୟାନମାନେ ଅଭିଜ୍ଞ, ଆଉ ଭରସାଯୋଗ୍ୟ । ସେମାନେ ଚାହୁଁଥିଲେ ଶେଷ ଦିନରେ ଏକ ଭଲ ଜଳଯାତ୍ରା ହେଉ ଆଉ ନବ ବର୍ଷ ଏକ ଅଲିଭା ସ୍ମୃତି ସହ ଉଜ୍ଜୀବିତ ରହୁ ।

ଯୋଜନା ହିସାବରେ ଅସୀମ ଙ୍କ ଦଳ ପଶ୍ଚିମ ଉପକୂଳର ଆଲେକଜାଣ୍ଡ୍ରିଆ ନଦୀର ମୁହଁ ପର୍ଯ୍ୟନ୍ତ କେମିତି ସାଇକେଲରେ ଆସିବେ । ଆଉ ସେଇଆ ହେଲା । ସେଇଠି କଥାମୁତାବକ ଏକ ଇଞ୍ଜିନ ବୋଟ ଥିଲା । ସମୟ ପ୍ରାୟ ଦୁଇଟା । ପ୍ରାୟ ତିନିଘଣ୍ଟା ଲାଗିବ ୫୧ କିମି. ପର୍ଯ୍ୟନ୍ତ । ତେଣିକି ଆଉ ଘଣ୍ଟେ ଦୁଇଘଣ୍ଟା ଭିତରେ ଗଲାଥିଆ ବିଚ ପହଞ୍ଚିଯିବେ। ସମୁଦ୍ର ସଂମ୍ପୂର୍ଣ ଶାନ୍ତ ଥିଲା । ସେପଟେ ଭାରତ ମହାସାଗର ଗାଢ ନୀଳ ଲାଗୁଥିଲା । ବୋଟରେ ପାଣି ଆଉ ଇନ୍ଧନ ପର୍ଯ୍ୟାପ୍ତ ଥିଲା । କେତେଟା ପ୍ଲାଷ୍ଟିକ ଚେଆର ପକାଇ ଦିଆଗଲା । ବସିବା ସୁବିଧାହେବ । ବୋଟମ୍ୟାନ ଆଉ ଖଲାସୀ ପ୍ରସ୍ତୁତ ଥିଲେ । ସାଙ୍ଗରେ ଶୋଭନା ଏବଂ ପଦ୍ମଶିବର ପରିବାର ଥିଲେ । ପଦ୍ମଶିବର ଝିଅକୁ ପ୍ରାୟ ୪ ବର୍ଷ, ପୁଅକୁ ୫ ବର୍ଷ ବୟସ ଆଉ ସ୍ତ୍ରୀ । ବେଶି କିଛି ଭାବିବାର ନଥିଲା । ନୂଆ ବର୍ଷର ସ୍ୱାଗତ ୪୧ କିମି ବିଚରେ ହେବ ବୋଲି ଆଗରୁ ନିଶ୍ଚିତ ହୋଇଥିଲା ଆଉ ସମସ୍ତେ ବେଶ ଉତ୍ସାହିତ ଥିଲେ ।

ବୋଟ ଯାତ୍ରାର କିଛି ପରେ କିନ୍ତୁ ଅପରାହ୍ନର ଛାଇ ବଢିଯିବା ସହ ପାଣି ଅଶାନ୍ତ ହୋଇ ଉଠିଲା । ରାସ୍ତା ଲମ୍ବା ହୋଇଗଲା ଆଉ ଏଣେ ଆକାଶରେ ସୂର୍ଯ୍ୟ ମଧ୍ୟ ଲାଲ ହେବା ଆରମ୍ଭ କରିଥିଲା । ଅସୀମଙ୍କ ମନ ଅସ୍ତଗାମୀ ସୂର୍ଯ୍ୟ ଉପରେ ଥିଲା । ସେ ମୋଟେ ବୋଟ ଚଲା କଥା ଭାବୁନଥିଲେ । ବୋଟମ୍ୟାନ ଏପଟକୁ ବହୁବାର ଆସିଛି । ଢେଉକୁ କେମିତି କଟେଇ ହେବ ବୋଧହୁଏ ତାଠାରୁ ଆଉ କାହାର ଭଲ ଜ୍ଞାନ ନଥିବ । ତେଣୁ ତାଙ୍କର ଡରିବାକୁ ସେମିତି କିଛିି ନଥିଲା । ଢେଉକୁ କଟେଇବା ନଜାଣିଥିଲେ ବୋଟ ଓଲଟି ପଡିବାର ସମ୍ଭାବନା ବହୁତ ବେଶି । ବୋଟ କଣେଇ ହୋଇଗଲେ ସମ୍ଭାଳିବା ମୋଟେ ସହଜ ନୁହେଁ । କେଉଁ ସମୟରେ ଆକସିଲେଟର ବଢାଇବାକୁ ବା କମାଇବାକୁ ହେବ, ସେ ବିଷୟରେ କୁଶଳତା ଥିବା ଦରକାର । ଆଉ ସେମିତି ବୋଟ ଚଲାରେ ତାଙ୍କ ବୋଟମ୍ୟାନ ଅଭ୍ୟସ୍ତ ।

ISSN NO.
2582-208X

ଅସୀମଙ୍କ ଆଖି ଅସ୍ତଗାମୀ ସୂର୍ଯ୍ୟ ଉପରେ ଲାଗିରହିଥିଲା । ପାଣିରୁ ଅସ୍ତଗାମୀ ସୂର୍ଯ୍ୟକୁ ଦେଖିବା ଅତି ମନୋହର ଲାଗେ । ଏକ ବିଶାଳ ଲାଲ ପିଣ୍ଡୁଳା ଦୂର ଦିଗବଳୟର ପାଣିରେ ଡୁବି ଯାଉଛି । ସେମାନଙ୍କ ଆଗରେ, ପଶ୍ଚିମରେ ଆଖି ପାଉନଥିବା ନୀଳ ସାଗର । ସେପଟେ କିଛି ଭୂଭାଗ ଦିଶୁନାହିଁ । ଏଣୁ ସୂର୍ଯ୍ୟାସ୍ତ ଭଲଭାବେ ଦେଖିହେବ । ସମୁଦ୍ରପାଣିକୁ ଛୁଇଁଲାବେଳକୁ ସୂର୍ଯ୍ୟର ଆକାର ବଡରୁ ବଡ ହୋଇଉଠେ । ଅସୀମଙ୍କ ଆଗରେ ସୂର୍ଯ୍ୟ ଅଧିକ ଲାଲ ଆଉ ବଡ ହୋଇଉଠୁଥିଲା । ସେ ଶୋଭନାଙ୍କୁ ସୂର୍ଯ୍ୟର ରୂପ ଦେଖାଉଥିଲେ । କିନ୍ତୁ ଶୋଭନା ଲହଡିର ଆକାର ଦେଖି ଡରିଯାଉଥିଲେ । ପଦ୍ମଶିବ ଏତେ ଚିନ୍ତା ପ୍ରଥମରୁ କରୁନଥିଲେ । କିନ୍ତୁ ତାଙ୍କ ସ୍ତ୍ରୀ ପିଲାମାନେ ଡରିଯାଉଥିଲେ । ଅସୀମ କାହାକୁ ନଅନାଇ ସୂର୍ଯ୍ୟ ଦେଖି ଚାଲୁଥିଲେ । ଏଣେ ସେମାନଙ୍କ ବୋଟ ଏକ ଦୋଳିରେ ଝୁଲୁଥିଲା ଭଳି ପ୍ରାୟ ଝୁଲୁଥିଲା ଓ ଢେଉର ଆକାର ବଢି ବଢି ଯାଉଥିଲା । ଦଶ ପନ୍ଦର ଫୁଟ ଉଚ୍ଚ ଢେଉ କ୍ରମାଗତଭାବେ ଆସୁଥିଲା । ଢେଉର ମାଡରେ ବୋଟ ଯେମିତି ଆକାଶକୁ ଛୁଉଁଥିଲା । ବୋଟମ୍ୟାନ ବୋଟକୁ ସମ୍ଭାଳିବା ପାଇଁ ଆପ୍ରାଣ ଚେଷ୍ଟା ଚଳାଇଥିଲା । ବୋଟର ଇଞ୍ଜିନ ଗର୍ଜ୍ଜି ଉଠୁଥିଲା କିନ୍ତୁ ସେମାନେ ଆଗକୁ ବେଶି ଯାଇପାରୁନଥିଲେ ।

ବୋଟର ପାଣିସହ ଏତେ ଲଢାଇ ସତ୍ତ୍ୱେ ବୋଟର ଅଗରୁ ଲାଲ ସୂର୍ଯ୍ୟକୁ ଦେଖିବାକୁ ଅସୀମଙ୍କୁ ମଜା ଲାଗୁଥିଲା । ସତେ ଯେମିତି ସୂର୍ଯ୍ୟ ବଡ ଢେଉର ଶିଖରକୁ ଛୁଉଁଛି, ପୁଣି ଆକାଶରୁ ତଳକୁ କୁଦି ଆସୁଛି । ଚୂନାଚୂନା ପାଣିରେ ସାମନ୍ୟ ଲାଲ କିରଣ ଏକ ଏକ ରେଖା ତିଆରି କରୁଥିଲା । ଢେଉର ଶିଖରସବୁ ଲାଲ ହୋଇଆସୁଥିଲା । ବଡ ଲାଲ ଢେଉମାନ ସେମାନଙ୍କ ବୋଟ ଧାରକୁ ଛୁଇଁ ଭାଙ୍ଗିପଡୁଥିଲା । ଅସୀମ ନିଜ ଭିତରେ ଏକ ଅବିଶ୍ୱାସନୀୟ କମ୍ପନ ଅନୁଭବ କରୁଥିଲେ ।

"ଆଉ ଆଗକୁ ଯିବା ସମ୍ଭବ ହେବନି । ଏ ଢେଉରେ ୫୧ କିମି ଅତିକ୍ରମ କରିବା ଅସମ୍ଭବ ।" – ବୋଟମ୍ୟାନ ଶେଷରେ କହିଲା ।

ଅସୀମଙ୍କର କିନ୍ତୁ ଏମିତିଆ ଢେଉକୁ ଅତିକ୍ରମ କରିବାକୁ ପୁରା ମନ ଥିଲା । ସବୁ ବାଧାକୁ ଜିତିବାକୁ ପଡିବ । ସମସ୍ତଙ୍କୁ କହିବେ ୫୧ କିମି ସମୁଦ୍ରକୁ ଏକ ଖରାପ ଢେଉ ହେଉଥିବା ସମୟରେ ଅତିକ୍ରମ କରିଛୁ । ଏକଥା ସବୁବେଳ ପାଇଁ ମନେ ରହିବ । ତେଣୁ ଅସୀମ ନିଜକୁ ସ୍ଥିର କରୁଥିଲେ । କିନ୍ତୁ ପାଖରେ ଥିବା ମହିଳା ଆଉ ଛୁଆମାନେ ଅତଙ୍କିତ

ISSN NO.
2582-208X

ହୋଇଉଠିଲେ । ସେମାନଙ୍କର ମୁହଁରୁ ଅସୀମ ଝାଳ ବାହାରିବାର ଲକ୍ଷ୍ୟ କରିଥିଲେ । ଏମିତିକି ପଦ୍ମଶିବ ମଧ୍ୟ ଡରିଯାଇଥିଲେ ।

"ଆଉ ଯିବାନି ।"- ପଦ୍ମଶିବ ଶେଷରେ କହିଲେ ।

ଅସୀମଙ୍କ ମନ ଝାଉଁଳିଗଲା । ପଦ୍ମଶିବ ଅତିକମରେ ସାହାସ କରିବେ ବୋଲି ସେ ଭାବୁଥିଲେ । କିନ୍ତୁ ଏବେ ଏମାନେ ପଶ୍ଚିମ ଉପକୂଳରେ କେଉଁଠି ଅଛନ୍ତି କେଜାଣି ?

"ବୋଟ ପହଁଚିଛି କେଉଁଠି ?"- ଅସୀମ ଶେଷରେ ପଚାରିଲେ ।

"୫୧ କିମି ଲାଇଟ ହାଉସ ପାଖରେ ।"- ବୋଟମ୍ୟାନ ଛୋଟ ଉତ୍ତର ଦେଲା ।

ଅବଶ୍ୟ ଲାଇଟ ହାଉସ ଦିଶୁ ନଥିଲା । କେଉଁ ଏକ ଛୋଟ ମୋଡରେ ସେମାନେ ଥିଲେ । ତା'ପରେ ବୋଧହୁଏ ଲାଇଟ ହାଉସ ଦେଖାଯିବ । ସେମାନେ ଜାଣିକରି ଭିତର ସମୁଦ୍ରକୁ ଅନାଉନଥିଲେ । ସମୁଦ୍ର ବେଶ ଅଶାନ୍ତ ହୋଇଉଠିଥିଲା । କୂଳରେ ରହିଲେ ସାହାଯ୍ୟ ମିଳିବ । ଡେରିକଲେ କୂଳରେ ବୋଟ ଲଗାଇ ହେବନାହିଁ ।

"ଏଇଠି ଅଟକିଯିବା ।"- ବୋଟମ୍ୟାନ ପୁଣି ହତାଶ ହୋଇ କହିଲା । ତା' ସ୍ୱର ଭାଙ୍ଗିଗଲା ପରି ଲାଗୁଥିଲା ସତେ ଯେମିତି ତା' ବୋଟ ପଥରରେ ବାଡେଇ ହୋଇସାରିଲାଣି । ଅସୀମ ଜାଣନ୍ତି ତାଙ୍କ ବୋଟମ୍ୟାନ ତାଙ୍କ ସହ ଥିବା ଅବସ୍ଥାରେ ମୋଟେ ହାରିଯିବାକୁ ଚାହାନ୍ତି ନାହିଁ। ପାଣି ଉପରେ ବିଜୟ । ସେଇଟା ଯେମିତି ତାଙ୍କର ବୋଟମ୍ୟାନମାନଙ୍କର ନୀତିବାକ୍ୟ ଥିଲା । ଏବେ କିନ୍ତୁ ତା' କଥାରୁ ଲାଗୁଥିଲା ସତରେ ଆଉ ଉପାୟ ନାହିଁ । ସେ ନାଚାର, ନିରୂପାୟ ।

କିଛି ବାଲିଚଡା ନଥିଲା । ଟିକିଏ କଣ୍ଢଆ ହେବାଫଳରେ ପବନ ସିଧା ବାଜୁନଥିଲା । ଏଇଠି ରାତି କଟାଇହେବ । ବୋଟ ପାଣିରେ ଆଙ୍କର କରିବ । ପଚାଶ ମିଟର ପାଣି ଭିତରକୁ ରହିବ ବୋଟ । କୋରାଲ ଥିବା ହେତୁ ଆଙ୍କର ଠିକ ଭାବେ ରହିବ । କୂଳରେ ବାଲି ନଥିବା ହେତୁ ବୋଟ ଏକଦମ କୂଳକୁ ଯିବନାହିଁ । ଏହାଠାରୁ ଭଲ ଜାଗା ମିଳି ନପାରେ । ତାଛଡା ସଂନ୍ଧ୍ୟା ଜଲଦି ଆସିଯିବ । ଦିନ ଥାଉ ଥାଉ ୫୧ କିମି ଲାଇଟ ହାଉସ ପର୍ଯ୍ୟନ୍ତ ପହଞ୍ଚିବା ଦରକାର ଅଛି । ତା'ପରେ ରାସ୍ତା ମିଳିବ । ତେଣୁ ସମସ୍ତେ ବୋଟରୁ ଓହ୍ଲାଇବା ଠିକକଲେ ।

ISSN NO.
2582-208X

"ଏପଟ କୂଳରେ କେହି ରୁହନ୍ତିନି ବା ମା-ଛୁଆମାନେ ଆସନ୍ତିନି । ସବୁବେଳେ ପାଗ ପ୍ରାୟ ଖରାପ ଆଉ କୂଳରେ ବଡ ଢେଉ ଆସେ । ପ୍ରାୟ ଅଜଣା ଜାଗା ।" -ବୋଟମ୍ୟାନ କହୁଥିଲା ।

ଏମାନଙ୍କୁ ପ୍ରାୟ ୪୦-୫୦ ମିଟର କୋରାଲ ବେଡରେ ଯିବାକୁ ପଡିବ । ଜାଗାଟା ପଥୁରିଆ ଆଉ ନୂଆ କୋରାଲ ସବୁ ଜାଗା ଜାଗାରେ ମୁନିଆ କଣ୍ଟା ଭଳି ବାହାରିଥିଲା । ଚାଲିବା ମୋଟେ ସହଜ ନୁହେଁ । କୋରାଲରେ ଚାଲିବା ଆଉ ବାଲିରେ ଚାଲିବା ଦୁଇଟା ଯାକ ଭିନ୍ନ। ବାଲିରେ ଚାଲିହେଲେ ଝୁଣ୍ଟିବା କଥା ନାହିଁ । କିନ୍ତୁ କୋରାଲରେ ଛନ୍ଦି ପଡିଯିବାର ଭୟ ଅଛି। ତା'ପରେ କୂଳେ କୂଳେ ମଧ୍ୟ ଚାଲି ଅତିକମରେ ୫୧ କିମି ପର୍ଯ୍ୟନ୍ତ ପହଞ୍ଚିବାର ଅଛି।

ଅସୀମ ଫେରି ଅନାଇଲେ । ପାଣି ସାମାନ୍ୟ ଲାଲ ହୋଇ ଆସିଲାଣି । ଦିନ ଫରଚା ଥିଲେ କୋରାଲ ସୁନ୍ଦର ଦେଖାଯାଇଥାନ୍ତା । ଅନେକ ଅନେକ ପ୍ରାଣୀ ଦେଖାଯାଇଥାନ୍ତେ । ଏକ ଲୋବଷ୍ଟାର (ଲମ୍ବା ଶୁଣ୍ଢଥିବା ବଡ ଚିଙ୍ଗୁଡି) ଗୋଟାଏ କୋରାଲ ଗାତରୁ ଆଉ ଗୋଟାଏ ଗାତକୁ ଚାଲିଗଲା । ତା'ର ରଙ୍ଗ ସୁନ୍ଦର ଥିଲା । ଉପରେ ଗାଢ ନୀଳ ଆଉ ହଳଦିଆ ଦାଗମାନ ଥିଲା । ବଡବଡ ଆଖିଗୁଡିକ ମୁଣ୍ଡରୁ ବାହାରି ଆସିଥିଲା । ସମୁଦ୍ର କଙ୍କଡା କେତେଟା ଜୋରରେ ଚାଲିଗଲେ । କେତେ ପ୍ରକାରର ମାଛ ଥିଲେ । ଅନେକ ସି କୁକୁମ୍ବର ତଳେ ପଡିଥିଲେ । ସି ଅର୍ଚ୍ଚିନ ମଧ୍ୟ ବହୁତ ଥିଲା । ଏଗୁଡାକ ମୁନିଆ କଣ୍ଟା ଥିବା ବଲ ଭଳି ପ୍ରାଣୀ । ହଠାତ୍ ଅସୀମଙ୍କ ଗୋଡ ଅଟକିଗଲା । ଏକ ସାପ ପାଣି ଭିତରେ ମୁଣ୍ଡ ଉଠାଇ ଏମାନଙ୍କୁ ଦେଖୁଛି । ସମୁଦ୍ର ସାପଗୁଡା ଅତି ବିଷାକ୍ତ । ମାଟିର ସାପଙ୍କଠାରୁ ସେମାନଙ୍କ ବିଷ ବହୁ ଗୁଣରେ ଅଧିକ ।

"ସେଇଟା ଇଲ ।"- ପଦ୍ମଶିବ ଶାନ୍ତ ଭାବରେ କହିଲେ । ଇଲ ବା ସମୁଦ୍ର ସାପ କାହାକୁ ଅସୀମ ଏପର୍ଯ୍ୟନ୍ତ ପ୍ରାକୃତିକ ପରିବେଶରେ ଦେଖିନାହାନ୍ତି । ମୁହଁ ତ ସମାନ ଦେଖାଯାଉଥିଲା । ଶରୀର ପ୍ରାୟ କୋରାଲ ଭିତରେ ଲୁଚିଯାଇଛି । ସାପ ଟିକିଏ ମୁଣ୍ଡ କାଢିଲା ଭଳି ମୁଣ୍ଡ କାଢିଛି । ଯଦି ଇଲେକଟ୍ରିକ ଇଲ ହୋଇଥିବା ମହାମୁସ୍କିଲ । ଏ ପାଣିରେ ୪୪୦ ଭୋଲ୍ଟ ଝଟକା ଖାଇବା କଥା ଭାବି ହେଉନି । ସେମିତି ଇଲ ଏଠାକାର ସମୁଦ୍ର ପାଣିରେ ଅଛନ୍ତି କି ନାହିଁ, ଏ ବିଷୟରେ ନିଜ ମୁଣ୍ଡକୁ ଘାଣ୍ଟିଲେନି । ସେ ସାପ ବା ଇଲ, ଯାହା ହେଉ ତାଠାରୁ ପାଞ୍ଚହାତ ଦୂରତା ବଜାୟ ରଖି ଏମାନେ କୂଳରେ ପହଞ୍ଚିଲେ ।

ISSN NO.
2582-208X

ସେତବେଳକୁ ସୂର୍ଯ୍ୟ ପଶ୍ଚିମ ଆକାଶର ତଳକୁ ଓହ୍ଲାଇଲାଣି । ପଦ୍ମଶିବଙ୍କର କଳନା ହିସାବରେ ପ୍ରାୟ ଅଧ କିଲୋମିଟର ପରେ ୫୧ କିମି ଲାଇଟହାଉସ ମିଳିବ । ତା'ପରେ ପ୍ରାୟ ଅନ୍ଧାରରେ ୧୦ କିମି ଚାଲି ଯିବାକୁ ପଡିବ । ଅବଶ୍ୟ ଅନ୍ଧାର ହେବାକୁ ଆହୁରି ପାଖାପାଖି ଅଧଘଣ୍ଟା ଲାଗିବ । ଲାଇଟ ହାଉସ ପରେ ରାସ୍ତା ଅଛି । ଯଦିଓ ଲ୍ୟାଣ୍ଡ ସ୍ଲାଇଡ ପାଇଁ କିଛି କିଛି ଜାଗାରେ ରାସ୍ତା ଭାଙ୍ଗିଯାଇଛି, ତଥାପି ଚାଲିହେବ । ଦଶ କିଲୋମିଟର ଚାଲିବାକୁ ଯାହା ସମୟ ନେବ । ଏମାନଙ୍କର ଚାଲି ଆରମ୍ଭ ହେଲା । କୂଳରେ ବାଲି ପ୍ରାୟ ନଥିଲା । ପିଲା ଦୁହେଁ ଚାଲି ପାରୁ ନଥିଲେ । ମହିଳା ଦୁହେଁ ଡରୁଥିଲେ । ସମୁଦ୍ରକୂଳରେ ଭଙ୍ଗା କୋରାଲ ଅନେକ ପଡିଥିଲା ।

୫୧ କିମି ସମୁଦ୍ରକୂଳ ଥିଲା ସାମାନ୍ୟ କୋରାଲ ଗୋଡି ଭରା, ବାଲୁଆ ଆଉ ପଥୁରିଆ । ସେପଟକୁ ପଶ୍ଚିମକୁ ଆକାଶ ଦିଶୁଥିଲା ଉଜ୍ଜ୍ୱଳ । କୂଳରେ କେତେଟା ଲମ୍ବା ନଡିଆଗଛ ମୁଣ୍ଡ ଟେକିଛି ଆଉ ପଛରେ ଅଛି ପାଣ୍ଡାନାସ ବଣ, ଏଇଟା ଥିଲା ୫୧ କିମି ବିଚର ବିଶେଷତ୍ୱ । ଏଠିକା ଆକାଶ ଆଉ ଟିକକେ ମେଘୁଆ କଳା ହୋଇଯିବ, ଆଉ ସୂର୍ଯ୍ୟ ତଳୁଆ ହୋଇ ଲାଲ ପେଣ୍ଡୁ ହୋଇଯିବ । ସେଇଟା ମଧ୍ୟ କୁହାଯାଇପାରିବ ଏ ବେଳାଭୂମିର ବିଶେଷତ୍ୱ । ଅସୀମ ସୂର୍ଯ୍ୟ ତଳକୁ ବୁଡିବାକୁ ଅପେକ୍ଷା ନକରି ପାଣିରେ ପଡୁଥିବା ପ୍ରତିବିମ୍ବକୁ ଅନାଇଲେ । ଆକାଶରେ ସରି ସରି ହୋଇ ବାଦଲମାନ ଏକ ତରୁଣୀ ମୁଣ୍ଡର ବେଣୀ ଭଳି ଲମ୍ବିଯାଇଛି ସୂର୍ଯ୍ୟ ଆଲୋକରୁ । ଆଉ ତଳେ ତଳେ ଯାଗାଏ ନାଚୁଥିଲା ପ୍ରତିଫଳନ ଆଉ ଏକ ଜାଗାରେ ସ୍ଥିର ଥିଲା । ଏକ ନଡିଆ ଗଛ ଝୁଲି ଯେମିତି ସେହି ପ୍ରତିଫଳନକୁ ଦେଖୁଥିଲା କୂଳରୁ । ଘରେ ଲଗାଯାଇଥିବା ମଡର୍ଣ ଆର୍ଟଥିଲା ସୂର୍ଯ୍ୟ ଆଉ ବାଦଲକୁ ଧରି ରଖିଥିବା ପ୍ରତିଫଳନ ।

ପାଣି ବହୁ ସ୍ଥିର ହେବା ସତ୍ୱେ ସେମାନେ ଆଉ ରାତିରେ ୪୧ କିମିକୁ ବୋଟରେ ଯାତ୍ରା କରିପାରିବେ ନାହିଁ । ଅନେକ ପଛରେ ବୋଟ କୂଳରେ ଅଛି । ସେଠିକି ଫେରିଯାଇ ହେବନାହିଁ । କୂଳରୁ ୫୧ କିମି ଲାଇଟ ହାଉସ ପର୍ଯ୍ୟନ୍ତ ବାଲିଦେଇ ପାଣ୍ଡାନାସ ଆଉ ଅନ୍ୟ ଗଛମାନଙ୍କ ମଝି ହୋଇ ଏକ ଚଲା ରାସ୍ତା ଲମ୍ବିଯାଇଥିଲା । ସେତିକି ଖୋଲା ଜାଗା ପାଇଁ ଲାଇଟ ହାଉସ ଲାଗୁଥିଲା ବେଶ ଉଜ୍ଜ୍ୱଳ । ଲାଇଟ ହାଉସରେ ଥିଲା ନାଲି, ଧଳା ରଙ୍ଗର ରିବନ ଭଳି ତଳୁ ଉପର ପର୍ଯ୍ୟନ୍ତ ଗୁଡା ହେଲାଭଳି ରଙ୍ଗୀନ ପଟ୍ଟୀ । ଆଉ ସବା ଉପରେ

ISSN NO.
2582-208X

ଥିଲା ଲାଇଟ ହାଉସର ବତୀ । ଅନ୍ଧାର ହେଲେ ଲାଇଟ ହାଉସରୁ ଆଲୋକ ବିଚ୍ଛୁରଣ ହୋଇଚାଲିବ ।

"ଭାରତର ଶେଷ ସୀମାନ୍ତର ଆଲୋକ ।"-ଅସୀମ କହିଲେ ।

"ଦିଗ ଦେଉଥିବା ଆଲୋକ ।"-ଶୋଭନା ଅସୀମଙ୍କ ସହ ତାଳ ଦେଇ କହିଲେ ।

"ଏହା ପରେ ସମୁଦ୍ର ଆଉ ଯେ ସରୁନି ।"-ପଦ୍ମଶିବଙ୍କ କଣ୍ଠରୁ ଶବ୍ଦ କେତୋଟି ବାହାରି ଆସିଲା ଆଉ ସମସ୍ତେ ଏକା ସାଙ୍ଗରେ ହସିଉଠିଲେ ।

ଅସୀମ ଲାଇଟ ହାଉସକୁ ପୁଣି ଅନାଇଲେ । ସବା ଉପରେ ଲାଇଟ ହାଉସର ଗ୍ୟାଲେରୀ ଆଉ କାଚ ଦିଶୁଥିଲା । ଭିତରେ ଜଳିବ ଏକ ବଡ ବତୀ । ଲାଇଟ ହାଉସଟା ହେଉଛି ଏକ ବିରାଟ ବିଶାଳ ଲଣ୍ଠନ ଘର । ଦରକାର ବେଳେ ଲଗାଯାଉଛି, ନହେଲେ ବନ୍ଦ ରଖାଯାଉଛି । ସେଥିରୁ ଆଲୋକର ତୀବ୍ର ଧାରା କୁଆଡେ କୁଆଡେ ଛୁଟିଯିବ । ରାତିରେ କ୍ଷଣେ ଜଳି କ୍ଷଣେ ବନ୍ଦ ହେଉଥିବ । ମୋଟେ ଲିଭିଯିବନି ।

"ଥୟ ଧର ରାସ୍ତା ସରିଯିବ ।"-ଅସୀମ କହିଲେ ।

ସେମାନେ ଲାଇଟ ହାଉସ କିପର ପାଖରେ ବସି ଟିକେ ଦେହ ସଳଖିଲେ । ଏଠି ରାତି କଟାଇ ହେବନି । ଟିକିଏ ବିଶ୍ରାମ ପରେ ସେମାନଙ୍କ ଯାତ୍ରା ଆରମ୍ଭ ହେଲା । ରାସ୍ତା ପିଚୁ ଥିଲା । କିନ୍ତୁ ଅନ୍ଧାର ହୋଇଆସୁଛି । ପ୍ରାୟ ଅଧ କିଲୋମିଟର ଚାଲିଲାପରେ ପଦ୍ମଶିବଙ୍କର ଛୋଟ ଝିଅ ଆଉ ଚାଲିବା ପାଇଁ ରାଜି ହେଲାନି । ଛୋଟ ଗୋଡମାନ ଥକି ଯାଉଥିଲା । ଆଗକୁ ଆଠ ନଅ କିଲୋମିଟର ଅଛି । ପାଖରେ ଯାହାଥିଲା ସମସ୍ତେ ବାଣ୍ଟିକରି ବୋହି ନେଉଥିଲେ । ଝିଅ ନଚାଲିବାରୁ ସେ ବାପ କାନ୍ଧ ଉପରେ ବସି ପଡିଲା । ପାଖରେ ଗୋଟାଏ ଟର୍ଚ୍ଚ । ସେତିକି ଯାହା ଆଲୁଅ । ଅନ୍ଧାର ବଢିଥିଲା । ଗୋଟିଏ ସାନ୍ତ୍ୱନା ଥିଲା ସାପ ନଥିବେ । ସମୁଦ୍ରକୂଳରେ ଭୂମି ସାପ ବେଶି ସାପ ରୁହନ୍ତିନି ଆଉ ସମୁଦ୍ର ସାପ କୂଳରୁ ଉପରକୁ ଯିବା ରାସ୍ତା ଆଡକୁ ଏତେ ଚଢି ଆସନ୍ତିନି । ସେଇଟା କେବଳ ଥିଲା ସମ୍ଭାବନା । ଅନେକ ଯାଗରେ ଲ୍ୟାଣ୍ଡ ସ୍ଲାଇଡ ଆସିଲା । କଷ୍ଟ ହେଉ ପଛେ ସେସବୁ ଜାଗା ପାର ହୋଇଗଲେ । ଭାଗ୍ୟକୁ ପୁଅ ସାହାସୀ ହୋଇ ଚାଲିଲା । ସେ ମଝିରେ ଅଟକିବାକୁ କହିନି। ସେ ମାକୁ ଆଉ ଶୋଭନାକୁ ସାହାସ ଦେଇ ଚାଲିଥିଲା । ଝିଅ ବାପ କାନ୍ଧରେ ବସି

ISSN NO.
2582-208X

ଆରାମରେ ଯାଉଥିଲା । ମଝିରେ ମଝିରେ ସେ ଯାହା ଢୁଳାଇ ପଡୁଥିଲା । ଦଶ କିଲୋମିଟର ଚାଲିବାକୁ ଅନ୍ଧାରରେ ଚାରି ଘଣ୍ଟା ଲାଗିଗଲା । ପ୍ରାୟ ରାତି ଦଶଟାବେଳେ ସେମାନେ ୪୧ କିମି କ୍ୟାମ୍ପରେ ପହଞ୍ଚିଲେ । ସେଇଠି ସାମାନ୍ୟ କିଛି ଖାଇବାର ବନ୍ଦୋବସ୍ତ ଥିଲା । ଏକ ଛୋଟିଆ ଅସ୍ଥାୟୀ ଶେଡ । ସମୁଦ୍ର କଚ୍ଛପ ଜଗୁଥିବା ରକ୍ଷୀମାନେ ବିଶ୍ରାମ କରନ୍ତି ।

ରାତି ହେବା ସତ୍ତ୍ୱେ ୪୧କିମି ଗଲାଥିଆ ବିଚ ପରିଷ୍କାର ଜଣା ପଡୁଥିଲା । ଏତେ ପଥୁରିଆ ଜାଗାପରେ ଏକ ଲମ୍ବା ବାଲି ବିଚ କେମିତି ହେଲା କେଜାଣି । ନଦୀ ଡାହାଣରେ ସମୁଦ୍ରରେ ମିଶିଯାଇଛି । ଭୂମି ଆଗକୁ ବାମକୁ ବୁଲିଯାଇଛି । ଫଳରେ ସେ ଜାଗାଟା ପଶ୍ଚିମ ସମୁଦ୍ରରୁ ସାମାନ୍ୟ ଆଡୁଆ ହୋଇଯାଇଛି । ଫଳରେ ଲହଡି ବହୁତ ବଡ ହୁଏନି । ବାଲି ମଧ୍ୟ ଧୋଇ ନଯାଇ ଏଠି ଜମା ହୋଇଯାଏ । ଏ ଜାଗାକୁ ଜ୍ୟାଣ୍ଟ ଲେଦରବ୍ୟାକ ଆଉ ଅନ୍ୟ କଚ୍ଛପମାନେ ଅଣ୍ଡା ଦେବାକୁ ଆସନ୍ତି । ଅଣ୍ଡାଦେବା ପ୍ରକ୍ରିୟା ପ୍ରାୟ ସଂନ୍ଧ୍ୟାରୁ ଆରମ୍ଭହୋଇ ରାତିସାରା ଚାଲେ । ଦିନରେ କଚ୍ଛପମାନେ ଅଣ୍ଡା ଦିଅନ୍ତିନି । ଏଠି କ୍ୟାମ୍ପରେ ରକ୍ଷୀମାନେ ଏ କଚ୍ଛପମାନଙ୍କୁ ସୁରକ୍ଷା ଦେବାକୁ ନିଯୁକ୍ତ ଅଛନ୍ତି । ଗୋଧି କୁକୁର ଇତ୍ୟାଦି ଅଣ୍ଡାର ପ୍ରାକୃତିକ ଶତ୍ରୁ । ଯେମିତି ଅଣ୍ଡା ନଷ୍ଟ ନହେବ ସେଇଥି ପାଇଁ ଏମାନେ ସଦା ତତ୍ପର ରୁହନ୍ତି। ଅଣ୍ଡାରୁ କେଉଁ ଦିନ ଛୁଆ ଫୁଟିଲେ, କେତେ ଛୁଆ ଫୁଟିଲେ, କେଉଁ ସମୟରେ ଫୁଟିଲେ, ଏମିତି କିଛି ତଥ୍ୟ ସଂଗ୍ରହ କରନ୍ତି ।

କଚ୍ଛପ ଅଣ୍ଡା ଦେଉଥିବା ବିଚରେ ଲାଇଟ ଲଗାଯାଇ ନଥାଏ । ଆଲୋକ ଜଳିଲେ କଚ୍ଛପର ଅଣ୍ଡାଦାନରେ ଅସୁବିଧା ହୁଏ । ଆଲୋକିତ ସ୍ଥାନକୁ ବାଲି ଭାବି କଚ୍ଛପ ବାଲି ଛାଡି ଜଙ୍ଗଲ ଧାରକୁ ଆସିଯାଇପାରେ । ସେଠି ତା’ର ଫ୍ଲିପରରେ ଗାତ ଖୋଳିବା ସମ୍ଭବ ହେବନି । ତେଣୁ ରକ୍ଷୀମାନେ ବିନା ଆଲୋକରେ ଯିବା ଆସିବା କରନ୍ତି । ବିଚରେ କିଛି ଚକଚକିଆ ଜିନିଷ ଯଥା ଜରି ଇତ୍ୟାଦି ପଡିନଥାଏ ।

“ପ୍ରଥମ କଚ୍ଛପ ଆସିଗଲା ସାର୍ ।”- ଜଣେ ରକ୍ଷୀ ଆସି ପଦ୍ମଶିବଙ୍କୁ ଅତି ଧିରେ କହିଲା। ରାତି ପ୍ରାୟ ସାଢେ ଏଗାରଟା ।

ସମସ୍ତଙ୍କର ଆଖି ଖୋଲିଗଲା । ଏଇ କଚ୍ଛପ ଦେଖିବା ପାଇଁ ଏମାନେ ଏତେ ଦୂରରୁ ଆସିଛନ୍ତି । ସମସ୍ତେ ଜଲଦି ଜଲଦି ବିଚକୁ ଓହ୍ଲାଇ ଆସିଲେ । ପାଣ୍ଡାନାସ ଗଛର

ISSN NO.
2582-208X

ଧାରପରେ ବିଚ ବହୁତ ସଫା ଥିଲା । ବାଲି ସାମାନ୍ୟ ମାଟିଆ, କାଳିଚିଆ ଧଳା ଥିଲା । ଜୁଆର ସହ କଚ୍ଛପମାନେ ପାଣିରୁ ବାହାରି ବିଚର ବାଲିକୁ ଆସିଯାଆନ୍ତି । ବିଚର ଉପକୂଳରେ ବଡ ଢେଉ ନଥିଲା । ଗୋଟାଏ ବଡ ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପ ନିଜର ଫ୍ଲିପରରେ ଠେଲିହୋଇ ଆଗକୁ ଆସି ଗୋଟାଏ ଜାଗାରେ ସ୍ଥିର ହୋଇଯାଇଥିଲା । ଅତି ବୃହତ କଚ୍ଛପ । ପ୍ରାୟ ଚାରିଫୁଟ ଲମ୍ବ ଆଉ ଦେଢ ଫୁଟ ଚଉଡା । ଦେହରେ ଉପର ଖୋଳପାରେ ଲମ୍ବା ଢିଅ ଭଳି ରେଖା ଅଛି । ଏମାନେ ଜାଣିଥିବା କଚ୍ଛପଙ୍କ ଠାରୁ ଏ କଚ୍ଛପ ଅତି ବିଶାଳ ଆଉ ଲମ୍ବ । ଅଣ୍ଡା ଦେଲାବେଳେ ତା' ନାକରୁ ଖର ନିଃଶ୍ୱାସ ବାହାରୁଥିଲା

"ଆଉ ଏକ କଚ୍ଛପ ଆସୁଛି ।"- ଆଉ ଜଣେ ରକ୍ଷୀ କହିଲା ।

ଏକ ଅଦ୍ଭୁତ ଦୃଶ୍ୟ । ପାଣିରୁ ବାହାରି ଆସୁଛି ଏକ ବିଶାଳ ସାମୁଦ୍ରିକ ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପ । ପଛରେ ଲହଡିର ଧଳା ରେଖା । ଆଗ ଫ୍ଲିପରରେ ବାଲିକୁ ଠେଲି ଠେଲି କଚ୍ଛପଟି ଅତି ଧିର ଗତିରେ ପାଣି ଉପରକୁ ଆସୁଛି । କିଛି ବାଟ ଅତକ୍ରମ କଲାପରେ ଅଟକି ଯାଉଛି । ମୋଟା ବେକ ଟିକେ ଗୋଲାକାର ଆଉ ସାମାନ୍ୟ ଗୋଜିଆ ମୁଣ୍ଡ ଆଗକୁ ହୋଇଯାଇଛି । ବିଚ ବେଶି ଚଉଡା ନୁହେଁ । ଅତିବେଶିରେ ୧୦୦ ମିଟର ହେବ । ଚଉଡା ପ୍ରାୟ ୮୦୦ ମିଟର ହୋଇପାରେ । କଚ୍ଛପ ଏମିତି ସ୍ଥାନ ଖୋଜିବ ଯେଉଁଠି ଲହଡି ସିଧା ମାଡ ହେଉନଥିବ । ସେ ଆଗେଇ ଆସି ଉପଯୁକ୍ତ ସ୍ଥାନ ଚୟନରେ ଲାଗିଗଲା । ପାଣ୍ଡାନାସ ଗଛଠାରୁ ପ୍ରାୟ ୫୦ ମିଟର ଦୂରରେ ମଝି ବିଚରେ ଗାତ ଖୋଳିବାକୁ ଲାଗିଲା । ଏ ଗାତ ଖୋଳିବା ବଡ କଷ୍ଟ କାମ । ପଛ ଫ୍ଲିପରରେ ବାଲିକୁ ପଛକୁ ଫୋପାଡି ଏକ ଗୋଲକରି ଗାତ ଖୋଳାଯାଏ । କଚ୍ଛପଟି ମଝିରେ ମଝିରେ ଥକି ଯାଉଥିଲା । ଏମାନେ ତା'ଠାରୁ ପାଞ୍ଚ ମିଟର ଦୂରରେ ରହି ତା'ର ଗତିବିଧି ଲକ୍ଷ୍ୟ କରୁଥିଲେ । ରକ୍ଷୀମାନେ ଡାଟା ରେକର୍ଡ କରୁଥିଲେ ।

ସମୟ ବାରଟା ହେବାକୁ ପାଞ୍ଚ ମିନିଟ । ଆଉ ଟିକକରେ ନୂଆ ବର୍ଷ ଆରମ୍ଭ ହେବ । ଏଣେ କଚ୍ଛପଟି ନିଜର ଗାତ ଖୋଳିସାରିଥିଲା । ଠିକ ବାରଟା ଏକ ମିନିଟରେ ସେ ଅଣ୍ଡାଦେବା ଆରମ୍ଭ କଲା । ଏକ ନୂଆ ଜୀବନ ନବ ବର୍ଷରେ ଆଉ କିଛିଦିନ ପରେ ଆସିବ ।

ISSN NO.
2582-208X

"ନବବର୍ଷରେ ତୁମକୁ ସ୍ୱାଗତ ଜ୍ୟାଣ୍ଟ ଲେଦରବ୍ୟାକ ଟର୍ଟଲ ।"- ଶୋଭନା କହିଲେ କଚ୍ଛପକୁ ଅନାଇ ।

ଅନ୍ଧାରିଆ ବିଚରେ ସମସ୍ତେ ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଲେ । ନଥିଲା କିଛି ବାଜା, ନଥିଲା କିଛି ଭାଷା, ନଥିଲା ଆଲୋକ, ନଥିଲା ଗାନାର ଆସର । ଏକ ମହାନ କଚ୍ଛପର ଦୁନିଆରେ ଏମାନେ ନବବର୍ଷକୁ ସ୍ୱାଗତ କରୁଥିଲେ । ଆକାଶରେ ବହୁ ଉପରେ ଅନେକ ତାରା ଥିଲା । ସେଥିରୁ ଆଲୋକର ରେଖା କଚ୍ଛପ ଉପରେ ପଡୁଥିଲା । ଲହଡିର ସ୍ୱର ମଧୁର ଥିଲା । ସମୁଦ୍ରର ଗର୍ଜ୍ଜନ ରାତିରେ କମ ଥିଲା । ଗଲାଥିଆ ନଦୀରେ ମାଛର ଶବ୍ଦ ନଥିଲା । କିଛି ରାତ୍ରିଚର ଜୀବଙ୍କ ଶବ୍ଦ ମଧ୍ୟ ନଥିଲା । ଗାଢ ଅନ୍ଧାରରେ, ତାରା ଆଲୁଅରେ ଏମାନେ ନବବର୍ଷରେ, ଖୁସି ମନରେ କଚ୍ଛପକୁ ଅନାଇଥିଲେ ।

"ତୁମର ଆସନ୍ତା ବର୍ଷ ଶୁଭ ହେଉ । ତୁମର ଯାତ୍ରା ମଙ୍ଗଳମୟ ରହୁ । ତୁମ ସନ୍ତାନମାନେ ଜୀବଦାନ ପାଆନ୍ତୁ । ତୁମ ଭଳି ବଡ ହୋଇ ସମୁଦ୍ର ସ୍ରୋତରେ ଭାସୁଥାଆନ୍ତୁ । ତୁମ ଅଣ୍ଡାଦେବା ଗଲାଥିଆ ବିଚ ଚିର ସୁରକ୍ଷିତ ରହୁ ।"-ସମସ୍ତେ ଜ୍ୟାଣ୍ଟ ଲେଦରବ୍ୟାକ ଟର୍ଟଲ ପାଇଁ ଏକାସାଙ୍ଗରେ ଶୁଭେଚ୍ଛା ଦେଉଥିଲେ ।

ଅନେକ ସମୟପରେ କଚ୍ଛପର ଅଣ୍ଡାଦାନ ଶେଷ ହେଲା । ନିଜ ଖୋଳା ଗାତକୁ ବାଲିରେ ପୋତିଦେଇ କଚ୍ଛପଟି ସେଥିରେ ବାଡେଇପିଟି ହେଲା । ଗାତଟା ଅନେକ ସମତଳ ହୋଇଗଲା ଓ ବାଲି ଆଗଭଳିଆ ପ୍ରାୟ ଦେଖାଗଲା । କେହି ସହଜରେ କଚ୍ଛପର ଅଣ୍ଡାଦାନ ସ୍ଥାନ ପାଇପାରିବ ନାହିଁ । ମାର ଅନୁପସ୍ଥିତିରେ ମା' ଜାଗାକୁ ଲୁଚାଇବା ପାଇଁ ଯଥେଷ୍ଟ ଚେଷ୍ଟା କରିନେଉଛି । ତା'ପରେ ସେ ଧିରେ ପାଣିକୁ ଚାଲିଗଲା । ଏମାନେ ତା'ର ଯିବା ପର୍ଯ୍ୟନ୍ତ ତା' ଉପରେ ନଜର ରଖିଥିଲେ । ପାଣିର ଧଳା ରେଖାତଳେ କଚ୍ଛପ ହଜିଗଲା । ସେଦିନ ରାତିରେ ଗୋଟାଏ ପରେ ଗୋଟାଏ ହୋଇ ଆଉ ଛଅଟି କଚ୍ଛପ ଆସିଥିଲେ । ସମସ୍ତେ ଅନ୍ୟ ଅନ୍ୟ ସ୍ଥାନରେ ଅଣ୍ଡା ଦେଇଥିଲେ ।

କଚ୍ଛପଙ୍କୁ ଦେଖିଦେଖି ଏମାନଙ୍କର ଆଖି ପଡିଗଲା ଗଲାଥିଆ ବିଚର ବାଲିରେ । ନବ ବର୍ଷର ସକାଳ ସେମାନଙ୍କୁ ପ୍ରତୀକ୍ଷା କରି ରହିଥିଲା ସୁନେଲୀ ଆଲୋକର ସହ, ପକ୍ଷୀର ମଧୁର କାକଳୀର ସହ, ସାମାନ୍ୟ ଓଦା ସୁଗନ୍ଧିତ ପବନର ସହ । କ୍ରାବମାନେ ବିଚରେ ଗୋଲଗୋଲ ବଲ ତିଆରି କରିଥିଲେ । ଶୋଭନା ସେହି ବଲମାନଙ୍କୁ ଅନାଇ କିଛି ଅକ୍ଷର

ISSN NO.
2582-208X

ଯେମିତି ଖୋଜୁଥିଲେ । କିଛି ପତ୍ର ପଡିଥିଲା । ସେ ଭିତରୁ ତାଙ୍କୁ କିଛି ଶବ୍ଦ ଯେମିତି ଦେଖାଗଲା ।

"ସ୍ୱାଗତ ନବବର୍ଷ ।"- ଏକଥା କ୍ରାବମାନେ ନିଜ ହିସାବରେ ଗଲାଥିଆ ବିଚରେ ଲେଖିସାରିଛନ୍ତି ।

-୦-୦-

କ୍ରମଶଃ.....

ସେକ୍ଟର-୩ , ସଲ୍ଟଲେକ , କଲିକତା
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ହେ ପ୍ରିୟ ଗାଁ ମୋର !



ଡ.ଶଶଧର ମହାପାତ୍ର

ହେ ପ୍ରିୟ ଗାଁ ମୋର
ଥରେ ନୁହେଁ ତିନିଥର !
ଯମରାଜଙ୍କୁ ଖାଲିହାତରେ ପଠେଇଦେଇ
ମରଣ ମୁହଁରୁ ଝିଙ୍କି ଆଣିଛୁ ମୋତେ,
କହ ତୁ କେମିତି ଭୁଲିବି ତୋତେ ?
ତୁ ଏବେ ମୋ' ପିଲାଦିନର ଗାଁ ହେଇ ରହିନାହୁଁ,
ନାହିଁ ଆଉ କାଦୁଅ ରାସ୍ତା, ଖାଲି ପାଦରେ ଚାଲିବା,
ବରଷା ପାଣିରେ ନାଚିବା, ଡେଇଁବା, ଖେଳିବା,
ବଦଳି ଗଲାଣି ତୋ' ପୁରୁଣା ଚେହେରା,
ବଦଳି ଯାଇଛି ତୋ' ଭାଇଚାରା,
ବଦଳିଛି ତୋ' ପରଂପରା,
ନାହିଁ ଆଉ ଚାଳଘର,
ଦେଖୁଛି ଏବେ କୋଠାଘର ଗାଁ ସାରା,
ହେ ପ୍ରିୟ ଗାଁ ମୋର !
ତୁ ଏବେ ଆଗଭଳି ଲାଗୁନାହୁଁ ନିଆରା ନିଆରା ।
କେହି ଝୁଣ୍ଟିଲେ ନା କେହି ଅଛି ଆହା ପଦେ କହିବାକୁ ?
କିଏ କାନ୍ଦିଲେ ନା କେହି ଅଛି ଲୁହ ପୋଛିଦେବାକୁ ?
କହ ତୁ ସମୟ କାହାର ଅଛି ?
କହ ତୁ କାହାର ଆଗଭଳି ସେ' ଦରଦ ଅଛି ?
ସମସ୍ତେ ଏବେ ନିଜ ଧନ୍ଦାରେ ବ୍ୟସ୍ତ,

ISSN NO.
2582-208X

ଟିକିଏ ସୁଖ ପଛରେ ଦୌଡିଦୌଡି ଅଣନିଃଶ୍ୱାସୀ,
ସେ' ସୁଖ ହେଉ ପଛେ ଅଢେଇ ଦିନିଆ,
କରିଦେଲାଣି ସମସ୍ତଙ୍କୁ ଛାନିଆ,
ଅପରାଧ କରନ୍ତୁ ପଛେ, ଆଇନ କାନୁନ ଭାଙ୍ଗନ୍ତୁ ପଛେ,
କଳେବଳେ କୌଶଳେ ଉପରକୁ ଉଠିବାର ଅଛି,
ମୋ'ର କାହିଁକି ନାହିଁ, ତା'ର ବେଶୀ ଅଛି,
ଶୀଖରରେ ପହଞ୍ଚିବାର ସ୍ୱପ୍ନ ଦେଖୁଅଛି ।
ଭୋର୍‌ରୁ ଭୋର୍‌ରୁ ସେମାନେ ବାହାରି ଗଲେଣି
ଶୀକାର କରି, ପେଡି ପୁଟୁଳା ଧରି,
କେଉଁଠି ମିଳିଯିବ ପୁଳାଏ ଟଙ୍କା,
ଟଙ୍କା କରିଦିଏ ପରା ସମସ୍ତଙ୍କୁ ବଙ୍କା,
ରାଜ୍ୟ ଚୁଲୀକୁ ଯାଉ, ଦେଶ ଉଜୁଡି ଯାଉ,
ଗାଁ ନାଁ ହାଟରେ ବାଟରେ ଆଲୋଚନା ହେଉ,
ତାଙ୍କର କିଛି ଯାଏ ଆସେ ନାହିଁ,
ତାଙ୍କର ଅର୍ଥ ଦରକାର, ମାନ ସମ୍ମାନ ନୁହେଁ,
ତୁ ଗାଁ ମୋର, ସେମିତି ଦେଖୁଥାଆ, ସବୁ ସହୁଥା,
କମ୍ବଳ ଘୋଡେଇ ଶୋଇଥା ।
ହେଇ ଦେଖ ! ହାତରେ ତ୍ରୀରଙ୍ଗା ଧରି କିଛି ଲୋକ
ଚାଲିବା ଆରମ୍ଭ କରିଦେଲେଣି,
ମାର୍ଚ୍ଚପାଷ୍ଟ କରି ରାଜ ରାସ୍ତାରେ ସ୍ଲୋଗାନ ଦେଇ ଦେଇ,
"ସମ୍ବିଧାନ ବିପଦରେ', "ଜାତିଗତ ଜନଗଣନା ହେଉ',
"ଧାରା ୩୭୦ ଫେରସ୍ତ ହେଉ', "ଟ୍ରିପଲ୍ ତଲାଖ' ଓ
"ରାମ ମନ୍ଦିର' ପ୍ରତିଷ୍ଠା ହେଉ,
ଆଜି ବିରୋଧୀ ଦଳରେ ତ କାଲି ଶାସକ ଦଳରେ,
ବର୍ଷା ଯୁଆଡେ ଛତା ସିଆଡେ,
ତୋ'ର ସେଥିରେ ଯାଏ କଣ ? ଆସେ କଣ ?
ତୁ ନୀରବ ଦ୍ରଷ୍ଟା,

ISSN NO.
2582-208X

ତୁ ସେମିତି ଶୁଣୁଥା, ସେମିତି ଦେଖୁଥା,
ମନେ ମନେ ଗୁଡ ଖାଉଥା, ଖୁସି ହେଉଥା ।
ତୋ' ଝିଅ, ବୋହୂ ବାଇକି ଚଢି ଦାଣ୍ଡର ଖୁବ୍ ସ୍ପିଡ୍ ରେ
ଯିବାର ଦେଖିଲେ ମୋ' ଛାତି ହେଇଯାଏ କୁଣ୍ଢେ ମୋଟ,
ନିହାତି ଭଲ କଥାଟିଏ,
ସେ' ଆଉ ଆଜି ଡରିବେ କାହାକୁ ?
ଆଖିରେ ଆଖି ମିଶେଇ କହିବାର ସାହସ ଦେଇଛୁ ତାଙ୍କୁ,
ନାରୀ ଜାଗରଣ, ନାରୀ ସଶକ୍ତିକରଣ ନାରାରେ
ଆଜି କଂପୁଛି ତୋ' ଗାଁ ଦାଣ୍ଡ,
ଶୁଣିଥିଲୁ ଓ ବହିରେ ପଢିଥିଲୁ
ଝାନ୍ସୀ ରାଣୀ ଲକ୍ଷ୍ମୀବାଇଙ୍କ ବିଷୟରେ,
ତୁ ଲେଖିଯା ସେମାନଙ୍କପାଇଁ ନୂଆ ଇତିହାସ,
କେହି ଆଉ ନଶୁଣୁ ଯୌତୁକପାଇଁ କିଏ ଆତ୍ମାହୁତି ଦେବା କଥା,
କେହି ଆଉ ନଶୁଣୁ କନ୍ୟା ଭ୍ରୁଣ ହତ୍ୟା କଥା,
କେହି ଆଉ ନଦେଖୁ ମନ୍ଦିର ସାମ୍ନାରେ ଥାଳ ଧରି
ଭିକ ମାଗିବା କଥା,
କେହି ଆଉ ନଶୁଣୁ କିଏ ମଦ, ଗଞ୍ଜେଇ ଖାଇ
ଠାକୁରାଣୀ ମନ୍ଦିର ସାମ୍ନାରେ ଗଡିବା କଥା,
ତୁ ଏମିତି ବାଟ ଦେଖେଇ ଚାଲୁଥା,
ପାପରୁ ଉଦ୍ଧାର କରୁଥା, ଅନ୍ଧଙ୍କୁ ଦର୍ପଣ ଦେଖୋଉଥା,
ମିଛି ମିଛିକା ସପନ ଦେଖୋଉଥା ।
ହେ ପ୍ରିୟ ଗାଁ ମୋର !
ତୁ ଆଗଭଳି ସୁନ୍ଦର ଦିଶୁଥା, ସେମିତି ଭଲ ଲାଗୁଥା,
ତୋ'ପାଇଁ ଦୁଃଖ ସରୁନି ମୋର,
ତୋ'ପାଇଁ ଆଖିରେ ନିଦ ନାହିଁ ମୋର,
ଏଥର ଦେଖିଲି ତୋ' ପାଚିଲା ଧାନ କ୍ଷେତ ଉଜୁଡିଯିବାର,
ଅଦିନିଆ ବର୍ଷାରେ ପନି ପରିବା କ୍ଷେତ ନଷ୍ଟ ହେଇଯିବାର,

ISSN NO.
2582-208X

ଚାଷୀଟିଏ ମୁଣ୍ଡର ହାତଦେଇ ହିଡ ଉପରେ ବସିଥିବାର,
ତା'ପାଇଁ ଇନ୍‌ସୁରାନ୍‌ସ କଂପାନି ସହ କାଳେ ଲଢୁଛି ସରକାର,
ତୁ ଏବେ ପୁରା ବଦଳି ଗଲୁଣି,
ରାତାରାତି ବଦଳିଯାଉଛି ତୋ' ଚେହେରା,
ଦେଖିଲି ଏକ ନୂଆ ଆମ୍ବେଦକର ମୂର୍ତ୍ତୀ
ତୋ' ଛକରେ ସ୍ଥାପିତ ହେବାର,
ମାନ୍ୟବର ଥିଲେ ପରା ଆମର ସମ୍ବିଧାନର ସୂତ୍ରଧାର,
ଥିଲେ ଜଣେ ବରପୁତ୍ର ଭାରତବର୍ଷର ।
ହେ ଛୋଟ ଗାଁଟି ମୋର !
କି ମାୟା ବନ୍ଧନୀରେ ମୋତେ ବାନ୍ଧିଦେଇଛୁ !
ମଲା କଙ୍କଡାଟିଏ ପରି ଯାହା ତୁ ପଡିରହିଛୁ !
ମହାକାଳର ଡାକରେ କେତେ ଆସି
ତାଙ୍କ ଖେଳ ଦେଖେଇ ଚାଲି ଗଲେଣି,
ଯେଉଁମାନେ ଜନ୍ମ ନେଇ ତୋ' ଦାଣ୍ଡର ଦିନେ ଚାଲିଥିଲେ,
ତୁ ସେମାନଙ୍କୁ ଏତେ ଶୀଘ୍ର ଭୁଲିଗଲୁଣି ?
କାଲି ଥିଲେ, ଆଜି ନାହାଁନ୍ତି, ବିଦାୟ ନେଲେଣି,
କେତେ ଦେଖିଛୁ, ସହିଛୁ, ପାଟି ନଫିଟେଇ ଶୁଣିଛୁ,
ଶେଷରେ ନୀରବ ରହିଛୁ,
ଏକା ସାଙ୍ଗରେ ଅନ୍ଧ, ମୂକ, ବଧିର ହେଇଗଲୁ କି ?
ତୋ' ମାଟିରେ ଏବେ କାହିଁକି ଏତେ ଅଶାନ୍ତ ତୋ' ମଣିଷ ?
କହିବୁ କି ତାଙ୍କ ପାଟିରୁ କାହିଁକି ଝରୁଛି ହଳାହଳ ବିଷ ?
ତାଙ୍କ ଛାତିତଳେ ଭରି ରହିଛି ଅବିଶ୍ୱାସ ?
ତୋ' ମାଟିରେ ଛିଡାହେଲେ ଲାଗେ କେବଳ ଅବଶୋଷ,
ତୁ ବରଂ ହେଇଯା ମୋ' ସ୍ମୃତିରୁ ଅଦୃଶ୍ୟ,
ମୁଁ ନିରାଶ, ହେଉଛି ମୋର ମନସ୍ତାପ,
କିନ୍ତୁ, ମୋ' ପାଟିରୁ ନଝରୁ ତୋ'ପାଇଁ ଅଭିଶାପ
ହେ ପ୍ରିୟ ଗାଁ ମୋର !

ISSN NO.
2582-208X

ସତ କହିଲେ କେବଳ ତୋ'ରିପାଇଁ ମୁଁ ଫେରିଆସୁଛି ବାରମ୍ବାର
ଦେଖିବାକୁ ରୂପ, ବେଶଭୂଷା ତୋର,
ତୋ'ର ସବୁଜିମା, ତୋ'ର ବିସ୍ତୀର୍ଣ୍ଣ କେଦାର,
ମନେପକାଇବାକୁ ମଜ୍ଜା ପର୍ବ ପର୍ବାଣିର, ରଜ ମଉଜର,
ତେନ୍ତୁଳି ଗଛରେ କାଠପଟାରେ ଦୋଳିଖେଳିବାର,
ମନେପକାଇବାକୁ ଆଦ୍ୟ ଆଷାଢର ପହିଲି ବର୍ଷାରେ
ଦାଣ୍ଡ ଦୁଆରେ ବସି କାଗଜର ଡଙ୍ଗା ଭସାଇବାର ଖୁସି,
ଭାଇ, ଭଉଣୀଙ୍କ ସଙ୍ଗେ ମିଶି,
ନା ଅଛି ଏବେ ସେ' ରଜ, ନା ଅଛି ସେ' ରଜଦୋଳି,
ନା ଆଗଭଳି ଅଛି ପର୍ବ, ପର୍ବାଣି, ସେ' ଆତ୍ମୀୟତା,
ନା କିଏ ଅଛି କରିବାକୁ କଥାବାର୍ତ୍ତା,
କାହିଁ କେହିତ ନାହାଁନ୍ତି ପାଖରେ,
ଏ' ମୋର ଦୁଃସ୍ୱପ୍ନ ନୁହେଁତ !
କାହିଁ କେହିତ ଆସୁନାହାଁନ୍ତି ନଜରରେ !
ହେ ପ୍ରିୟ ଗାଁ ମୋର !
ମୋ' ରଚନା ଖାତାର ତୁ ହିଁ ପ୍ରଥମ ବର୍ଣ୍ଣମାଳା,
ତୁ ଥିଲୁ ଏକ ଅନିନ୍ଦ୍ୟ ସୁନ୍ଦରୀ ନବୀନବାଳା,
ବେକରେ ତୋ' ଝୁଲୁଥିଲା କାଇଞ୍ଚମାଳା,
ତୋତେ ସ୍ୱପ୍ନରେ ଦେଖି ଅଧା ନିଦରେ
ବାଉଳେଇ ଚାଉଳେଇ ହେଉଛି ମୁଁ,
ସକାଳ ହେଲେ ଶୁଣୁଥିଲି କାଉ, କୁମ୍ଭାଟୁଆ ଓ କୋଇଲିର ସ୍ୱର,
ଆଜି ଶୁଣେ ଗାଡି, ମୋଟରର ପେଁ ପାଁ ସ୍ୱର,
ତୁ ହରେଇଛୁ ତୋର ପ୍ରତିଶ୍ରୁତି,
ପାଉନାହିଁ ତୋଠୁଁ ମୋ' ପ୍ରଶ୍ନର ସଠିକ ଉତ୍ତର,
ଦେଖୁଛି ତୋ' ଏ' ମୁଣ୍ଡରୁ ସେ' ମୁଣ୍ଡଠ ଯାଏ
ପହରା ଦେଉଛି ଭୟ, ଭ୍ରାନ୍ତି, ସ୍ୱାର୍ଥ, ଅହଂକାର,
ଲୋଭ, ମୋହ, ହିଂସା, ଅବିଶ୍ୱାସ,

ISSN NO.
2582-208X

ବାହାରକୁ ଦେଖାନ୍ତି ମିଛି ମିଛିକା ସଂପର୍କ,
ଭିତରେ ହଳାହଳ ବିଷ
ହେ ପ୍ରିୟ ଗାଁ ମୋର !
କ'ଣ ନଦେଖିଛି ତୋଠିଁ ?
ଦେଖିଛି ଲୋକଙ୍କର ଅସୁମାରୀ ଭୋକ, ଶୋଷ,
ଦେଖିଛି ଅବର୍ଣ୍ଣନୀୟ ଜୀବନ ଜୀଇଁବା,
ପେଟରେ ଓଦାକନା ଦେଇ ଭୋକ ଭୁଲିଯିବା,
କେମିତି ଭୁଲିବି କହ ମୋ' ପିଲାଦିନେ ଦେଖିଥିବା
ଦାରିଦ୍ର୍ୟର କଷଣ,
ଲଙ୍ଗଳା ଶିଶୁଙ୍କର ସେହି ଉଦାସିଆ ମୁହଁ
ଓ ଶୁଣିଥିବା ସେ' କରୁଣ ଚିତ୍କାର ?
କେମିତି ଭୁଲିବି କହ ବନ୍ୟା କି ବାତ୍ୟାବେଳେ
ପଡିଥିବା ହାହାକାର ?
ତୁ କିନ୍ତୁ, ସବୁ ଦେଖୁ, ସବୁ ସହୁ ନୀରବରେ, ଧୈର୍ଯ୍ୟ ସହକାରେ,
କେବେ କ'ଣ ତୋ\ ଚଉଡା ଛାତି ହୁଏନି ଧଡଧଡ
ନିସ୍ତବ୍ଧ ରାତିରେ ?
କେବେ କ'ଣ ତୋ' ଆଖିରୁ ଲୁହଧାର ବିଛୁଡିପଡେନି
ତୋ' ମାଟିରେ ?
କେବେ କ'ଣ ତୋ' ହୃତ୍‌ପିଣ୍ଡ କ୍ଷଣିକ ଅଟକିଯାଏନି
ଅଣନିଃଶ୍ୱାସରେ ?
ହେ ପ୍ରିୟ ଗାଁ ମୋର !
ଗାଁ ମୁଣ୍ଡେ ଦେଖୁଛି ମୁଁ "ଟୁଟୁଆ ଦୋକାନ'
ଚା', ଥଣ୍ଡା, ବରା ଓ ଘୁଘୁନିପାଇଁ ବଡିଭୋର୍‌ରୁ ରାତି ଯାଏ
ଭିଡ ଜମେ ଘନଘନ,
ଗାଁ ଠାରୁ ଆରମ୍ଭ ହେଇ ରାଜ୍ୟ ରାଜନୀତି ଯାଏ,
ଚର୍ଚ୍ଚା ହୁଏ, ପାଟିତୁଣ୍ଡ ହୁଏ,
କିଏ ସବୁ ଶୁଣି ରହେ ମୌନ,

ISSN NO.
2582-208X

ତୁ ଥାଉ ନୀରବ ଦ୍ରଷ୍ଟା,
ତୁ ତ ସୃଷ୍ଟି ଆଉ ସ୍ରଷ୍ଟା,
ଏବେ ସମୟ ଆସିଛି
ଦେଖା ତୋର ମହାନତା,
ତୁ ଏବେବି ଜୀବିତ, ତୋର ଅଛି ସତ୍ତା,
ଦେଖା ତୋର ପରାକାଷ୍ଠା,
ତୁ ପରା ସୃଷ୍ଟି ଆଉ ସ୍ରଷ୍ଟା ।

(ଆଜିକାଲି ଏ' ସବୁ ହେଉଛି ଗାଆଁମାନଙ୍କର ଦୁଃର୍ଦ୍ଦଶା)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ସାଧବ ବୋହୂ



ଡକ୍ଟର ଉତ୍ପଳା ଦାଶ ଷଡଙ୍ଗୀ

ଆଜିକାଲି ତୁମକୁ କିଏ
ମନା କରୁଛିକି ?
ମୋ ଏରୁଣ୍ଡି ବନ୍ଧ ନ ଟପିବା ଲାଗି ? ?
ସବୁଜ ଘାସର ଗାଲିଚା ନାହିଁ
ନା ଲାଜରେ ସୁଙ୍ଗୁ ବୁଙ୍ଗୁ ବୋଲି ? ?
ତମ ପିଲାଖେଳ
ଏବେ ବି ମନେ ଅଛି
ଲାଲ ଟୁକୁ ଟୁକୁ ଚାଲି ନେଇ
ଆସି ଯାଉଥିଲ ସାଙ୍ଗ ଗହଣରେ
ବିଶ୍ୱାସ ଆଉ ପ୍ରତ୍ୟୟ ନେଇ
ମୋ ସାଙ୍ଗେ ଲୁଚୁକାଳି
ଖେଳ ପାଇଁ ? ?
ତୁମ ଆଖିରେ ସେଇ
ରଙ୍ଗ ଅଛି ନାଲି, ନାଲି,
ଆଗେ ଯାହା ଥିଲ
ଏବେ ବି ସେଇଆ
ତମ ଭସା ଭସାଆଖି ପଲକରେ,
ନଇ ର ସୁଅ ଛୁଟିଛି

ISSN NO.
2582-208X

ହସୁଥିଲ ତମେ
ନିଷ୍ପାପ ଫୁଲ ପରି ।
ଆଜି କଣ ହେଲା ? ?
ଅୟସକାନ୍ତ ମଣିଷର
ବୟସ ନେଇ
ଚାଲି ଆସିଛ
ମୋ ପାଖକୁ
କିନ୍ତୁ ଦୂରେଇ ଯାଉଛ କାହିଁକି ?
ମୁଁ ଆଉ କଣ
ଶୁଦ୍ଧ ଶାଳଗ୍ରାମ ? ?
ପିପାସାର ମୋହ
ଆଜି ବି ଅଛି
ସ୍ୱପ୍ନ ସମ୍ଭାର ନେଇ. ॥

ଝାଡ଼ଖଣ୍ଡ

ISSN NO.
2582-208X

# ଉଧାରକୁ ବଦଳ



ଡ଼କ୍ଟର ବିଜ୍ଞାନୀ ଦାସ

ଦିନଟା ଭାରି ସୁନ୍ଦର ଥିଲା । ଅଗଷ୍ଟ ୧୭ ତାରିଖ, ରବିବାର । ଦେଖୁଦେଖୁ ୨୦୨୫ ମସିହାର ୭ଟି ମାସ ବିତି ଅଷ୍ଟମ ମାସ ଅଧା ପୂରିଗଲାଣି । ଦୁଇଦିନ ତଳେ ଅଗଷ୍ଟ ପନ୍ଦର ପଡିଥିଲା । ତେବେ ଆମେରିକା ଦେଶରେ ସବୁକିଛି ସପ୍ତାହର ଶେଷ ଦୁଇଦିନ, ଶନିବାର ଓ ରବିବାର ଦିନ ଆୟୋଜିତ କରାଯାଏ । ନହେଲେ ସପ୍ତାହ ମଝିରେ କିଛି କଲେ, କେହି ଆସନ୍ତିନି । ଏ ଦେଶରେ ବ୍ୟବସାୟିକ କାମର ନିୟମ ହିଁ ସେମିତି । ସପ୍ତାହ ମଝିରେ ଏପଟସେପଟ ନହୋଇ ମନ ଯେମିତି ସ୍ଥିର ରହେ, ସେଇଭଳି ବ୍ୟବସ୍ଥା । ସେଇ ନିୟମ ରହିବା ହିଁ ଉଚିତ । ସେଥିପାଇଁ ତ ଏ ଦେଶ ଏତେ ବିଭବଶାଳୀ । ଦୁଇଦିନ ବିତିଗଲା ପରେ ବି, ଅଗଷ୍ଟ ପନ୍ଦରର ଶୁଭେଚ୍ଛା ବାର୍ତ୍ତା ସବୁ ପହଞ୍ଚୁଥିଲା । ଆଜି ଭରଜିନିଆରେ ସ୍ୱାଧୀନତା ଦିବସ ପାଳନ କରାଯାଉଥିଲା । ସେ ବିଷୟରେ ଡିସି ଓଡିଆ ସମାଜ ତରଫରୁ ମଧ୍ୟ କିଛିଟା ବାର୍ତ୍ତା ପହଞ୍ଚିଲା । ସକାଳର ନିତିଦିନିଆ କାମ ପରେ ଏତେ ସବୁ ବାର୍ତ୍ତା ଦେଖୁଦେଖୁ ୧୧ଟା ବାଜିଗଲା । ହିନ୍ଦୁ ମନ୍ଦିର ଯାଇ ଠାକୁରଙ୍କୁ ରାକ୍ଷୀ ବାନ୍ଧିବ ବୋଲି ଗଡେଇଗଡେଇ ଏତେଦିନ ବିତିଗଲାଣି । ରାକ୍ଷୀ ପୂର୍ଣ୍ଣିମା ଯାଇ କୃଷ୍ଣ ଜନ୍ମାଷ୍ଟମୀ ସରିଗଲାଣି । ହେଲେ, ଭାରତୀକୁ ବେଳ ହୋଇନି । ରାକ୍ଷୀ ଦିନଟା ଶନିବାର ପଡିଥିଲା ଯଦିଓ, ସେଦିନ ଜଗନ୍ନାଥ ମନ୍ଦିରରେ ରାକ୍ଷୀ କାର୍ଯ୍ୟକ୍ରମ ସଂପାଦନ କରି ଉପରବେଳା ସେମାନେ ଗୋଟିଏ ଓଡିଶୀ ମଞ୍ଚପ୍ରବେଶ ପ୍ରୋଗ୍ରାମରେ ଯୋଗଦେବାକୁ ଚାଲିଗଲେ । ଘରକୁ ଫେରୁଫେରୁ ରାତି । ତା ପରଦିନ ରବିବାର ମଝିଆଁ ଝିଅର ଘରକୁ ଆସିବାର ଥିଲା । ତାକୁ ଅପେକ୍ଷା କରିକରି ଡେରି ହୋଇଗଲା । ସେଦିନ ମଧ୍ୟ ସିଏ ଆଉ ହିନ୍ଦୁ ମନ୍ଦିର

ISSN NO.
2582-208X

ଯାଇପାରିଲାନି । ତାପର ଦିନମାନଙ୍କରେ କାମର ଚାପ ରହିଲା । ୧୬ ତାରିଖ ଦିନ ଜଗନ୍ନାଥ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହେଉଥିଲା । ତେଣୁ ସେଇ ୧୬ ତାରିଖ ଦିନ ହିଁ ସିଏ ନିଷ୍ପତ୍ତି କଲା ଯେ ସିଏ ହିନ୍ଦୁ ମନ୍ଦିର ଯିବ, ଠାକୁରଙ୍କୁ ରାକ୍ଷୀ ବାନ୍ଧିବ ଓ ମାସିକ ଦାନ ପାଇଁ ଚେକ୍ ପ୍ରଦାନ କରି ଫେରିବ । ଏମିତି ବିଚାର କରି ଭାରତୀ ହିନ୍ଦୁ ମନ୍ଦିର ଯିବାପାଇଁ ଘରୁ ବାହାରିଲା ।

ମନ୍ଦିରରେ ପହଞ୍ଚି ଦେଖିବା ବେଳକୁ ମନ୍ଦିରର ପାର୍କିଙ୍ଗ୍ ଲଟରେ ଗାଡି ଭର୍ତ୍ତି । ହୁଏତ ନନ୍ଦ ଉତ୍ସବ ପାଇଁ କିଛି କାର୍ଯ୍ୟକ୍ରମ ଚାଲିଛି । ନହେଲେ କାହାର ବାହାଘର ହେଉଛି । ଏମିତିରେ ମନ୍ଦିରର ଅଡିଟୋରିୟମରେ ଅନେକ ବାହାଘର ହୁଏ । ମନ୍ଦିର ଭିତରକୁ ଯିବ କି ନଯିବ କିଛି ଭାବି ନପାରି ଭାରତୀ ଯାଇ ମନ୍ଦିର ଭିତରେ ପଶିଗଲା । ଭିତରେ ପହଞ୍ଚି ଦେଖିବାବେଳକୁ ଲୋକ ଭର୍ତ୍ତି । ସେମାନେ ସମସ୍ତେ ଠିଆ ହୋଇଥିଲେ । ଭାରତୀ ସେଠି ଶେଷ ଧାଡିରେ ଠିଆ ହୋଇପଡିଲା । ସେମାନଙ୍କ ଭିତରେ ସିଏ କିଛି ଜଣାଶୁଣା ଓଡିଆ ପରିବାର ଦେଖିଲା । ହୁଏତ ନନ୍ଦ ଉତ୍ସବ ପାଇଁ ଆସିଛନ୍ତି । ମନ୍ଦିରର ପୂଜକ ଆରତୀ କରୁଥିଲେ । ତେଣୁ ସିଏ କିଛି ସମୟ ଆରତୀରେ ସାମିଲ ହୋଇଗଲା । ଆରତୀ ପରେ ପଠିତ ଶାନ୍ତିପାଠ କରି ସମସ୍ତଙ୍କୁ ନିମନ୍ତ୍ରଣ କଲେ ଆଶୀର୍ବାଦ କରିବାକୁ । "ଆଶୀର୍ବାଦ କାହାକୁ କରିବେ ? କାହାର କିଛି ହେଉଛି ନା କଣ ?' ଏମିତି ଭାବୁଭାବୁ ଆଉଜଣେ ସାଙ୍ଗ ଦେଖିଦେଲା । ପଚାରିଲା, "ତମେ ଏକା ଆସିଛ ?'

ଭାରତୀ କହିଲା, "ହଁ, ଠାକୁରଙ୍କୁ ରାକ୍ଷୀ ବାନ୍ଧିବାକୁ ଆସିପାରିନଥିଲି । ସେଥିପାଇଁ ଆସିଲି। ଏଠି କଣ ଚାଲିଛି କି ? ଏତେ ଓଡିଆ ପରିବାର ଅଛନ୍ତି ଯେ ?'

ସାଙ୍ଗଜଣକ କହିଲା, "ଆଜି ସ୍ୱାତୀ ପୁଅର ନିର୍ବନ୍ଧ ହେଲା । ସିଏ ତମକୁ ଡାକିନି ?'

"ନା ।' – କହି ଭାରତୀ ଠାକୁରଙ୍କ ଆଡକୁ ମୁହଁ କରି ମୁହଁ ଲୁଚେଇଦେଲା । କାଳେ କିଏ ଦେଖିଦେବ ?

ISSN NO.
2582-208X

ଭାରତୀ କଣ କରିବ ବୁଝିପାରିଲାନି । କାହାକୁ ମୁହଁ ନ ଦେଖେଇ ଫେରିଯିବ ନା ଯେଉଁ କାମ ପାଇଁ ଆସିଛି, ସେ କାମ ସଂପୂର୍ଣ୍ଣ କରି ସମସ୍ତଙ୍କ ଅଲକ୍ଷ୍ୟରେ ଫେରିଯିବ ? ସିଏ ଦ୍ୱିତୀୟଟି କଲା । ମୁଣ୍ଡର ଓଢଣା ଦେଇ ଠାକୁରଙ୍କୁ ରାକ୍ଷୀ ବାନ୍ଧିଲା, ଫୁଲ ଚଢେଇଲା, ଦୀପ ଜଳେଇଲା ଓ ତାପରେ ବେଢା ପରିକ୍ରମା କରି ଦାନପତ୍ରରେ ଚେକ୍ ପ୍ରଦାନ କରି ଫେରିବାକୁ ଉଦ୍ୟତ ହେଲା । ସେତିକି ବେଳେ ସ୍ୱାତୀ, ନିର୍ବନ୍ଧ ହେଉଥିବା ପୁଅର ମା' ଭାରତୀର ମୁହଁ ଦେଖିଦେଲା । ହସିକରି କହିଲା, "ଅପା, ତମେ ।' ପ୍ରତିବଦଳରେ ମୁହଁରେ ହସ ଫୁଟେଇ ଭାରତୀ କହିଲା, "ହଁ । ତାପରେ ତରବର ହୋଇ, ନିଜ ବ୍ୟାଗ ସଂଗ୍ରହ କରି ସିଏ ଫେରିଆସିଲା ।

ବାଟସାରା କେମିତିକେମିତି ଲାଗିଲା । କିଛି ବର୍ଷ ପୂର୍ବେ ଏଇ ସ୍ୱାତୀ ସହିତ କେତେ ପ୍ରଗାଢ ସଂପର୍କ ଥିଲା । ଡକାହକା, ଖିଆପିଆ ସବୁ ଠିକ୍‌ଠାକ୍ ଚାଲିଥିଲା । ଆଜି ଏମିତି ଏକ ସମୟ ଆସିଲା, ଯେ ତା ପୁଅର ନିର୍ବନ୍ଧରେ ସେମାନେ ଅନିମନ୍ତ୍ରିତ ।

ଏମିତି ହିଁ ସବୁ ସଂପର୍କ । ସଂପର୍କ ଖାଲି ଗଢିଦେଲେ ହୁଏନି । ସଂପର୍କର ରକ୍ଷଣାବେକ୍ଷଣ କରିବାକୁ ପଡେ । କେଉଁଠି କେତେବେଳେ ଟିକେ ଭୁଲ୍‌ଭଟକା କି ବ୍ୟବଧାନ ହୋଇଗଲେ ସେ ସଂପର୍କ ଆଉ ରହେନି । ସ୍ୱାତୀ ସେ ମନ୍ଦିରରେ ତାକୁ ଦେଖି କଣ ଭାବିଥିବ ସିଏ ଜାଣିନି । କିନ୍ତୁ ଏମିତି ଏକ ପରିବେଶରେ ପହଞ୍ଚିଯାଇଥିବାରୁ ଭାରତୀକୁ ଦୋଷୀଦୋଷୀ ମନେହେଉଥିଲା । ପୁଣି ତାପରେ ସିଏ ନିଜକୁ ବୁଝେଇଦେଲା । ଯାହା ହେବାର ତ ହୋଇଗଲା । ବିତିଯାଇଥିବା ସମୟକୁ ତ ଆଉ ଫେରେଇଆଣି ହେବନି । ତେଣୁ ସେସବୁ ଚିନ୍ତା କଲେ କଣ ହେବ ? ସେମାନେ ବି ତ ନିଜ ଝିଅର ନିର୍ବନ୍ଧରେ କି ବାହାଘରରେ ସ୍ୱାତୀକୁ ଡାକିନଥିଲେ । ଆଉ ସ୍ୱାତୀ ନ ଡାକିଲା ବୋଲି ଅଭିମାନ ଆଣିବେ କାହିଁକି ନା ଖରାପ ଭାବିବେ କାହିଁକି ।

କିଛିଦିନ ପର୍ଯ୍ୟନ୍ତ କିନ୍ତୁ ସେ କଥା ମନକୁ ଆସୁଥିଲା ଯେ ସ୍ୱାତୀ ସେମାନଙ୍କୁ ନିମନ୍ତ୍ରଣ କଲାନି ।

ISSN NO.
2582-208X

ଏମିତିରେ ଏବେ ଆଉ ଗୋଟିଏ ନିମନ୍ତ୍ରଣକୁ ନେଇ ମନରେ ଆଘାତ ଲାଗିଥିଲା । ହୁଏତ ସେ ଆଘାତ ପାଇଁ ଭାରତୀକୁ ଲାଗିଲା ଯେମିତି କିଛି ଭଲ ପୁରୁଣା ସାଙ୍ଗ ଏବେ ସେମାନଙ୍କୁ ଜାଣିଜାଣି ଉପେକ୍ଷା କରୁଛନ୍ତି । ସେମାନଙ୍କ ମନରେ କଣ ଥାଇପାରେ ଭାରତୀ ବୁଝିପାରେନି । ଭାରତୀ ଓ ଭାନୁ ଏମିତି ଜାଣିଶୁଣି କେବେ ସେସବୁ ସାଙ୍ଗମାନଙ୍କୁ ଉପେକ୍ଷା କରିନାହାନ୍ତି ।

ଏବେଏବେ ମାନସୀର ଝିଅ ଲୋପାର ବାହାଘର ଠିକ୍ ହେଲା । ସେମାନେ ଅତି ଆତ୍ମୀୟତାର ସହିତ ନିମନ୍ତ୍ରଣ ପତ୍ର ଆଣି ଘରେ ଦେଇଯାଇଥିଲେ । ତା' ସହିତ କିଛି ମିଠା ଓ ଗଣେଷ ଠାକୁରଙ୍କ ମୂର୍ତ୍ତି ବି ଥିଲା । ଭାରତୀ ଓ ଭାନୁ ସେଭଳି ଆତ୍ମୀୟତାରେ ବିମୋହିତ ହୋଇଯାଇଥିଲେ । ଲୋପାର ବାହାଘର ନିମନ୍ତ୍ରଣ ପତ୍ର ମିଳିବାର ଖୁସି ଖବର ପିଲାମାନଙ୍କୁ ଜଣେଇଦେଲେ ।

ତା ପରଦିନ "ଶୁଭସ୍ୟ ଶୀଘ୍ରମ୍' ନିୟମ ବିଚାର କରି ଭାରତୀ ନିମନ୍ତ୍ରଣ ପତ୍ରରେ ଦିଆଯାଇଥିବା ଗୃହପୃଷ୍ଠାକୁ ଯାଇ ବାହାଘରରେ ଯୋଗଦାନ କରିବାକୁ ନିଶ୍ଚିନ୍ତ କରିଦେବ ବୋଲି ବିଚାର କଲା । କିନ୍ତୁ ଦେଖିବାବେଳକୁ ନିମନ୍ତ୍ରଣରେ କେବଳ ଭାରତୀ ଓ ଭାନୁଙ୍କର ନାମ ଥିଲା । ସେମାନଙ୍କର ଝିଅମାନଙ୍କର ନାମ ନଥିଲା । ହୁଏତ ଝିଅମାନେ ଅଲଗା ନିମନ୍ତ୍ରଣ ପାଇଥିବେ ? ସେମାନେ ଲୋପାର ଅତି ଭଲ ସାଙ୍ଗ । ପିଲାବେଳୁ ଏକା ସାଙ୍ଗରେ ବଢିଆସିଛନ୍ତି । ସେତେବେଳେ ତ କମ୍ ଓଡିଆ ପରିବାର ଥିଲେ । ସେମାନଙ୍କର ପରିବାର ଯେହେତୁ ଅଳ୍ପ ଦୂରତାରେ ରହୁଥିଲେ, ଜନ୍ମଦିନଠାରୁ ଆରମ୍ଭକରି ଘରୋଇ ଉତ୍ସବ, ମହୋତ୍ସବରେ ସବୁବେଳେ ସାଙ୍ଗ ହେଉଥିଲେ । କିନ୍ତୁ ବାହାଘର ଗୃହପୃଷ୍ଠାରେ ଝିଅମାନଙ୍କର ପୃଥକ୍ ଭାବେ ବି ନାମ ନଥିଲା । ତା' ପର ସପ୍ତାହରେ ସାନ ଝିଅ ଜିନି ଲଣ୍ଡନରୁ ଆସିଥିଲା । ସିଏ ପଚାରିଲା, "ମାମା, ଲୋପା ମତେ ତା' ବାହାଘରକୁ ନିମନ୍ତ୍ରଣ କରିନି ?'

"ମୁଁ ଭାବିଲି, ହୁଏତ ସିଏ ଅଲଗା ଅଲଗା ନିମନ୍ତ୍ରଣ କରିଥିବ । ତୁ କିଛି ଇମେଲ୍ କି ମେସେଜ୍ ପାଇନୁ ?'

ISSN NO.
2582-208X

"ନା ।'

ଜିନି ଲୋପା ବାହାଘରର ଗୃହପୃଷ୍ଠାକୁ ଘାଣ୍ଟି ପକେଇଲା । ତା ଡାକ ନାମ ଠାରୁ ଆରମ୍ଭ କରି ନିଜ ନାମରୁ କିଛି କିଛି ବର୍ଣ୍ଣ ବାହାର କରି ବି ଯାଞ୍ଚ କଲା । ହେଲେ ସିଏ ନିମନ୍ତ୍ରିତ ହୋଇନଥିଲା । ତାର ଉତ୍ସାହଭରା ମନଟା ହଠାତ୍ ମରିଗଲା । ଏତେବଡ ଉପେକ୍ଷା ପାଇଁ ସିଏ ପ୍ରସ୍ତୁତ ନଥିଲା । ତା ମୁହଁ ଦେଖି ଭାରତୀର ହୃଦୟ ବିଦୀର୍ଣ୍ଣ ହୋଇଗଲା । ଜିନି ପଚାରିଲା, "ସତରେ କଣ ମାନସୀ ଆଣ୍ଟି ଓ ମାନବ ଅଙ୍କଲ୍ ମତେ ନିମନ୍ତ୍ରଣ କରିନାହାନ୍ତି ?'

ଅତି ଦୁଃଖିତ ଭାବେ ଭାରତୀ ଉତ୍ତରଦେଲା, "ହୁଏତ ତାହା ସତ । କି ଯଦି ଭୁଲ୍ ରେ ସେମିତି ହୋଇଥାଏ, ହୁଏତ ସେମାନେ ଶୀଘ୍ର ସଂଶୋଧନ କରିଦେବେ । ତୁ ଆଉ ଗୋଟିଏ ସପ୍ତାହ ପରେ ଯାଞ୍ଚ କରିଦେବୁ ।'

ମଝିଆଁ ଝିଅ ମିନି କହିଲା, "ମୁଁ ବି ତ ନିମନ୍ତ୍ରଣ ପତ୍ର ପାଇନି । ଇମେଲ୍ କି ମେସେଜ୍ କିଛି ବି ପାଇନି ।'

ଏବେ ମିନିର ନାମରେ ଗହୃପୃଷ୍ଠା ଯାଞ୍ଚ କରିବାବେଳକୁ ତାକୁ କେବଳ ରିସେପ୍ସନ୍ ପାଇଁ ନିମନ୍ତ୍ରଣ କରାଯାଇଥିଲା, ବାହାଘର ପାଇଁ ନୁହେଁ । କିନ୍ତୁ ସିଏ ଯେହେତୁ ନିଜେ ନିମନ୍ତ୍ରଣ ପତ୍ର ପାଇନଥିଲା, ସିଏ ଆଉ ସେ ବିଷୟରେ ଆଗ୍ରହ ଦେଖେଇଲାନି । କାରଣ, ସେମାନଙ୍କର ଅନ୍ୟ ସବୁ ପିଲାବେଳର ସାଙ୍ଗମାନେ ଉଭୟ ବିବାହ ଓ ରିସେପସନକୁ ନିମନ୍ତ୍ରିତ ହୋଇଥିଲେ ଓ ସେମାନେ ମିନିକୁ ଜଣାଇଥିଲେ । ଏବେ ମିନି ବି ଦୁଃଖିତ ମନରେ ରହିଲା । ତାପରେ ଜିନି ରାଗିକରି କହିଲା, "ଠିକ୍ ଅଛି, ସତରେ ଯଦି ମାନସୀ ଆଣ୍ଟି ଓ ମାନବ ଅଙ୍କଲ୍ ମତେ ଲୋପାର ବାହାଘରରେ ନିମନ୍ତ୍ରଣ କରିନଥିବେ, ମୁଁ ପ୍ରତିଜ୍ଞା କରୁଛି, ମୋ ବାହାଘରରେ ମୁଁ ସେମାନଙ୍କୁ କାହାକୁ ବି ନିମନ୍ତ୍ରଣ କରିବିନି ।'

"ଠିକ୍ ଅଛି । ତୋ ବାହାଘର ଆଗେ ହେଉ । ତାପରେ ତୁ ତୋର ପ୍ରତିଶୋଧ ନେବୁ । ଆଉ ମନଦୁଃଖ କରନି । ଇଏତ ଉଧାରକୁ ବଦଳ କଥା । ଆମେ ଡାକିଲେ ସିଏ

ISSN NO.
2582-208X

ଡାକିବେ। ସିଏ ଡାକିଲେ ଆମେ ଡାକିବୁ । ଏଇଭଳିଆ ସଂପର୍କର ଦେବାନେବା, ଡକାହକା ଖେଳ । ଅପେକ୍ଷା କର । ତୋ ସମୟ ଆସିଲେ, ତୁ ଯେମିତି ଭାବିବୁ, ସେମିତି କରିବୁ ।'

ଭାରତୀଙ୍କୁ ବି ବହୁତ ଖରାପ ଲାଗିଲା । ପୂର୍ବରୁ ଲୋପାର ବାହାଘରରେ ଯୋଗଦେବ ବୋଲି ଯେତେଟା ଆଗ୍ରହ ଓ ସୁଖ ମନରେ ଥିଲା, ସେସବୁ ମରିଗଲା । ନିଜ ପିଲାମାନଙ୍କୁ ଜାଣିଜାଣି ଏତେ ଉପେକ୍ଷା କରାଯାଉଥିବା ବେଳେ ନିଜେ ଯାଇ ସିଏ କି ଖୁସିଟା ପାଇବ ? ପିଲାମାନଙ୍କର ପିଲାବେଳର ସବୁ ସାଙ୍ଗ ଥିବେ । ସେମାନେ ପଚାରିଦେବେ । "ମିନି, ଜିନି ଆସିନାହାନ୍ତି ।' କି ଉତ୍ତର ଦେବ ଭାରତୀ ? ଉପେକ୍ଷିତ ହେବାର ସେସବୁ ଭାବନାକୁ, କ୍ଷୋଭକୁ କେମିତି ନିୟନ୍ତ୍ରଣରେ ରଖିବ ଭାରତୀ ?

ଆଉ କିଏ ହୋଇଥିଲେ ଅଲଗା କଥା । ଏମିତିରେ ଅନେକ ସାଙ୍ଗମାନଙ୍କର ପିଲାମାନଙ୍କ ବାହାଘରକୁ କେବଳ ଭାରତୀ ଓ ଭାନୁ ନିମନ୍ତ୍ରଣ ପତ୍ର ପାଇ ଯାଇଛନ୍ତି । ସେଥିରେ ସେମାନେ ମନଦୁଃଖ କରିନାହାନ୍ତି । ସେସବୁ ସାଙ୍ଗମାନଙ୍କ ସହିତ ସଂପର୍କ ହିଁ ସେମିତି । ଏଇତ ଏପ୍ରିଲ୍ ମାସରେ ସେମାନେ କେବଳ ଦୁଇଜଣ ଜଣେ ସାଙ୍ଗର ଝିଅ ବାହାଘରରେ ଯୋଗଦେଇଥିଲେ । ସେମାନଙ୍କୁ ଦୁଃଖ ଲାଗିନଥିଲା । ଏବେ ଦୁଃଖ ଲାଗିଲା ଏଥିପାଇଁ କି ମାନସୀ ଓ ମାନବବାବୁଙ୍କୁ ସେମାନେ ନିଜର ଘନିଷ୍ଠ ବନ୍ଧୁ ଭାବେ ଭାବୁଥିଲେ । ଯେହେତୁ ସେମାନଙ୍କ ସହିତ ପରିଚୟ ବି ସେମିତି ଗତ ୩୦ ବର୍ଷ ତଳର, ସେଥିପାଇଁ ସେମାନଙ୍କର ଆଶା ଟିକେ ଅଧିକ ଥିଲା ।

ବେଳେବେଳେ ଇଚ୍ଛାହେଉଥିଲା, ସିଏ ମାନସୀଙ୍କୁ ଡାକିକି ଆଉ ପଚାରିବ କି ? "ତମେ କଣ ମିନି, ଜିନିଙ୍କୁ ନିମନ୍ତ୍ରଣ କରିବାକୁ ଭୁଲିଯାଇଛ ନା ସତରେ ନିମନ୍ତ୍ରଣ କରିନ ?' ପୁଣି ମନଭିତରୁ କିଏ ଯେମିତି କହିଲା, "ନା, ସେଇଟା ଠିକ୍ ହେବନି । ସେମାନଙ୍କର ଯାହାକୁ ଇଚ୍ଛା, ତାକୁ ନିମନ୍ତ୍ରଣ କରିବେ । ସେ ଅଧିକାର ସେମାନଙ୍କର ଅଛି । ଭାରତୀ କିଏ ସେମିତି ପଚାରିବାକୁ । ତାଦ୍ୱାରା ସଂପର୍କ ଖରାପ ହେବ ।'

ସେଇକଥା ସିଏ ଗୁଗୁଲ୍ ରେ ପଚାରି ବୁଝିଲା । ଗୁଗୁଲ୍ ରେମିଳିଥିବା ତଥ୍ୟ ଅନୁଯାୟୀ ଏମିତି ପଚାରିବାଟା ଅଭଦ୍ରାମୀ । କନ୍ୟାର ପିତାମାତା ଓ କନ୍ୟା ଯାହାକୁ ଇଚ୍ଛା ତାକୁ

ISSN NO.
2582-208X

ନିମନ୍ତ୍ରଣ କରିବେ । ଭାରତୀ ସେଠି କିଏ ? ଏମିତି ପଚାରିବା ଦ୍ୱାରା କନ୍ୟାର ପିତାମାତା ଖରାପ ଭାବିପାରନ୍ତି । ସେମାନଙ୍କୁ ଦୋଷୀଦୋଷୀ ଲାଗିପାରେ । ତାଦ୍ୱାରା ଭବିଷ୍ୟତର ସଂପର୍କ ଉପରେ ବି ପ୍ରଭାବ ପଡିପାରେ ।

"ସଂପର୍କ କଣ ଆଉ କେବେ ଭଲ ହୋଇପାରିବ ?' ମନେମନେ ଭାବୁଥିଲା ଭାରତୀ । ଏ ଉପେକ୍ଷାକୁ ହୁଏତ ସିଏ ଏତେଟା ପ୍ରାଧାନ୍ୟ ଦେବନି । କିନ୍ତୁ ଉପେକ୍ଷାକୁ ଭୁଲିପାରିବନି । ଯଦି ଅନ୍ୟ ସମସ୍ତ ପୁରୁଣା ସାଙ୍ଗମାନଙ୍କର ପିଲାମାନଙ୍କୁ ନିମନ୍ତ୍ରଣ ମିଳିନଥାନ୍ତା, ତେବେ ହୁଏତ ଭାରତୀ ଭାବିଥାନ୍ତା, ସେଇଟା ଅର୍ଥଗତ ପରିସୀମା କି ହୋଟେଲରେ ସ୍ଥାନଗତ ପରିସୀମା । କିନ୍ତୁ ସବୁ ପୂରୁଣା ସାଙ୍ଗମାନଙ୍କର ପିଲାମାନେ ନିମନ୍ତ୍ରିତ ଥିଲେ । ସେମାନେ ନିଜ ପିତାମାତାଙ୍କ ସହିତ ନିମନ୍ତ୍ରିତ ଥିଲେ । ଅଲଗା ନୁହେଁ । ସେଇଟା ହିଁ ଭାରତୀକୁ ବାଧୁଥିଲା । ଏମିତି ପାର୍ଥକ୍ୟ କଣ ପାଇଁ ? ତାମାନେ ଏଇଟା ଜାଣିଜାଣି ଉପେକ୍ଷା । ଭାରତୀ ସ୍ୱୀକାର କରୁ କି ନକରୁ, ସେମାନଙ୍କ ପ୍ରତି, ତା' ପିଲାମାନଙ୍କ ପ୍ରତି ମାନସୀ ଓ ମାନବ ବାବୁଙ୍କ ପ୍ରକୃତ ଭାବନା କଣ, ସେସବୁକୁ ବୁଝିନେବା ଉଚିତ, ସ୍ୱୀକାର କରିନେବା ଉଚିତ । ଏସବୁକୁ ଅଣଦେଖା କଲେ ଭବିଷ୍ୟତରେ ମନର ଶାନ୍ତିଭଙ୍ଗ ହେବାର ଅଛି । ଏସବୁକୁ ପ୍ରଥମରୁ ସ୍ୱୀକାର କରିନେଲେ, ପରେ ଏତେଟା କଷ୍ଟ ଲାଗିବନି ।

ମନରେ ଅନେକ ଅଭିମାନ ଆସିଲା । ପୁଣି ମନକୁ ଆସିଲା, ହୁଏତ ଅସାବଧାନତାବଶତଃ ଭୁଲ୍ ହୋଇଯାଇଥିବ । କିଛିଦିନ ପରେ ଯାଞ୍ଚ କରୁକରୁ ସେମାନଙ୍କର ମନେ ପଡିବ । ତା ପରବର୍ତ୍ତୀ ୫ ସପ୍ତାହ ଯାକ ସିଏ ଲୋପା ବାହାଘରର ଗୃହପୃଷ୍ଠାକୁ ଯାଇ ତଦାରଖ କଲା । ସେଇ ଏକା କଥା । ମିନି ଓ ଜିନିଙ୍କର ନାମ ହିଁ ନଥିଲା । ବଡଝିଅ ରିନିକୁ ସେମାନେ ଅଲଗା ଡାକିଥିଲେ ।

ସବୁ ବୁଝିଲେ ବି କଣପାଇଁ କେଜାଣି ଭାରତୀର ମନ ଦୁଃଖିତ ରହିଲା । ସିଏ ନିଜ ମନକୁ ବୁଝାଇବାକୁ ଚେଷ୍ଟାକଲା । ବାହାଘର କଥା । ଖର୍ଚ୍ଚ ଅନେକ । ଦାୟିତ୍ୱ ଅନେକ । ଗୋଟିଏ ବେଳାର ଖାଇବା ପାଇଁ ଜଣଜଣଙ୍କ ପିଛା ଶହେ, ଦେଢଶହ ଡଲାରର ଖାଦ୍ୟ ଖର୍ଚ୍ଚ । ନିଜେ ସେମାନେ ପିତାମାତା ହୋଇ ଗୋଟିଏ ଝିଅର ବାହାଘର କରିଛନ୍ତି । ଏମିତି ପରିସ୍ଥିତି ଆସିଲା ଯେ, ଇଚ୍ଛା ସତ୍ତ୍ୱେ ବି ଅନେକ ସାଙ୍ଗସାଥୀଙ୍କୁ ନିମନ୍ତ୍ରଣ କରାଯାଇପାରିଲାନି ।

ISSN NO.
2582-208X

ବିବାହ ତ ଆଉ ପିତାମାତାଙ୍କ ଅଧୀକାରରେ ରହିଲାନି । ପିଲାମାନଙ୍କ ମର୍ଜିକୁ ଯାହା ଆସିଲା, ସେମିତି ବ୍ୟବସ୍ଥା କରିବାକୁ ପଡିଲା । ସେଥିପାଇଁ କେତେଦିନ ପର୍ଯ୍ୟନ୍ତ କିଛି ସାଙ୍ଗମାନଙ୍କ ସହିତ ସଂପର୍କ ଠିକ୍ ରହିଲାନି । ଭାରତୀକୁ ମାଡିପଡୁଥିଲା । ତାର ସେ ଅବଶୋଷ ଏପର୍ଯ୍ୟନ୍ତ ଯାଇନି । ବାହାଘର ତ ଆଉ ଗ୍ରାଜୁଏସନ୍ ପାର୍ଟି ହୋଇନି । ଗ୍ରାଜୁଏସନ୍ ପାର୍ଟିରେ ୪୦୦/୫୦୦ ଲୋକ ଡାକି ଆରାମରେ ସମ୍ଭାଳି ହେବ । କିନ୍ତୁ ବିବାହରେ ନୁହେଁ । ଏସବୁ ଭାବି ସିଏ ନିଜକୁ ସଂଯତ କଲା । ମନକୁ ପ୍ରବୋଧନା ଦେଲା। ମାନସୀ ଓ ମାନବ ବାବୁ ଯାହା କଲେ କଲେ, ସେସବୁକୁ ଭାବି ତାର ମନରେ ଦୁଃଖ ଆଣିବା ଅନୁଚିତ ।

ହେଲେ ମନ ତ ଏମିତି ଏକ ଜିନିଷ ଯେ, ତାକୁ ଆୟତରେ ଆଣିବା ଏତେ ସହଜ ନୁହେଁ । ବାରମ୍ବାର ନିଜକୁ ପ୍ରବୋଧନା ଦେବା ସତ୍ୱେ ବି ସେ ଉପେକ୍ଷାର ଆଘାତ ମନଭିତରକୁ ପଶିଆସୁଥିଲା ଓ ମନର ଶାନ୍ତି ଭଙ୍ଗ କରୁଥିଲା । ମନଭିତରେ ନାନା ଯୁକ୍ତିତର୍କ ଚାଲୁଥିଲା । ସବୁ ପିଲାମାନେ ଯଦି ନିମନ୍ତ୍ରିତ ହୋଇଥାନ୍ତେ, ପାଖ ସହରରେ ରହୁଥଲେ ବି ସିଏ ଡିସି ଭିତରେ ହୋଟେଲରେ ରୁମ୍ ସଂରକ୍ଷଣ କରିଥାନ୍ତା । ଅନଲାଇନ ଦୋକାନରୁ ଭଲ ଶାଢୀ, ଗହଣା ଅର୍ଡର କରିଥାନ୍ତା । ଯାହା ହେଲେବି ଲୋପାର ବାହାଘର । ଛୋଟ ବେଳୁ ସିଏ ଲୋପାକୁ ଜାଣିଛି । ନିଜ ଝିଅ ଭଳି ସିଏ ଲୋପାକୁ ସ୍ନେହ କରେ । ତେଣୁ ତା' ବାହାଘରରେ ଆନନ୍ଦ କରିବାରେ କିଛି ଖର୍ଚ୍ଚ କରିବାକୁ ତାକୁ ବାଧିବନି । ହେଲେ, ମିନି, ଜିନି ଯେ ନିମନ୍ତ୍ରିତ ହୋଇନାହାନ୍ତି, ସେ ସ୍ଥଳେ, ଏତେଟା ଫୁଲେଇ ହେବା, ଆନନ୍ଦିତ ହେବା ତା ପକ୍ଷେ ସମୀଚୀନ ମନେ ହେଉନଥିଲା । ଭାନୁ କିନ୍ତୁ ସେ ବିଷୟରେ କିଛି ଚିନ୍ତା କରୁନଥିଲେ । ଭାରତୀକୁ ବେଳେବେଳେ ପଚାରିଦେଉଥିଲେ, "ତମେମାନେ ସବୁ ଲୋପା ପାଇଁ କନିଆଁ ଖିଆ ପର୍ବ ପାଳନ କରୁନ କି ? ଆମ ଘରେ ଆୟୋଜନ କରୁନୁ ।'

ଭାରତୀ କହିଲା, "ମାନସୀକୁ କହିଥିଲି ତ । ସିଏ କାହିଁକି କିଛି ଆଉ ଉତ୍ତର ଦେଇନି । ବାରମ୍ବାର ପଚାରିବାକୁ ଖରାପ ଲାଗିବ । ଅପେକ୍ଷା କରିବା । ସିଏ ଯଦି କହେ ତ ଆୟୋଜନ କରିବା ।'

ISSN NO.
2582-208X

ଏମିତି ଦିନ ବିତୁଥିଲା । ଲୋପାର ବାହାଘରରେ ଯୋଗଦେବାକୁ ସିଦ୍ଧାନ୍ତ କରି ଜଣେଇବାର କଣ୍ଟ ଦିନ ବି ଆସି ଚାଲିଗଲା । ଏବେ ଶତକଡା ଶହେ ଭାଗ ସବୁ ସିଦ୍ଧାନ୍ତ ହୋଇଗଲା ଯେ, ମିନି, ଜିନି ନିମନ୍ତ୍ରିତ ନୁହଁନ୍ତି । ଲୋପା ବାହାଘରରେ ଯୋଗଦାନ କରିବା ପାଇଁ ଭାରତୀର ପୂର୍ବରୁ ଥିବା ଆଗ୍ରହ କମିଆସୁଥିଲା । "ହଁ ମ, ଯେଉଁ ଦାମିକିଆ ପୁରୁଣା ଶାଢୀ ସବୁ ଅଛି, ସେଇଆକୁ ପିନ୍ଧି ଚଳେଇନେବି । ନୂଆ ଶାଢୀ ଆଉ କୋଉ ଖୁସିରେ କିଣିବି ? କେମିତି କଣ ଔପଚାରିକତା ବଜାୟ ରଖିଦେବା କଥା । ଖୁସି ହେବାର ମନ ତ ନଥିବ ନା।'

ଏବେ ଆଉ ଷାଠିଏ ପର ବୟସରେ ମାନ, ଅଭିମାନ କରି ମନକୁ ଅସନ୍ତୁଷ୍ଟ ରଖିବା ଅନୁଚିତ । ବରଂ ଯେଉଁଥିରେ ମନ ସନ୍ତୁଷ୍ଟ ରହେ, ଶାନ୍ତ ରହେ, ଖୁସି ରହେ, ସେସବୁ କାମରେ ମନକୁ ସଂଯୁକ୍ତ ରଖିବା ଭଲ । ଯେଉଁ ସାଙ୍ଗମାନେ ଉପେକ୍ଷା କରନ୍ତି, ସେମାନଙ୍କ ବିଷୟ ନଭାବି ବରଂ ଯେଉଁମାନେ ଲୋଡନ୍ତି, ପଚାରନ୍ତି ଓ ସାହାଯ୍ୟ ଓ ପରାମର୍ଶ ଚାହାନ୍ତି, ସେମାନଙ୍କ ସଂସର୍ଗରେ ରହିବା ଉଚିତ, ସେମାନଙ୍କୁ ସାହାଯ୍ୟ ଯୋଗେଇଦେବା ଉଚିତ ।

ସେଦିନ ଥିଲା ସୋମବାର, ଅଗଷ୍ଟ ମାସ ୧୮ ତାରିଖ । ଭାନୁ କହିଲେ, "ବଗିଚାକୁ ଚାଲେ ତ ମୋ ସହିତ । ମୋର ଲାଉ ମାନଙ୍କ ସହିତ ଗୋଟିଏ ଫଟୋ ଉଠେଇଦେବୁ । ମୁଁ ତାକୁ ଫେସବୁକରେ ପକେଇବି ।'

"ଠିକ୍ ଅଛି । ଚାଲ ।'

ଫଟୋ ଉଠାଉ ଉଠାଉ ଭାରତୀ ଲାଉ ମାନଙ୍କ ସହିତ ଭାନୁଙ୍କର ଛୋଟ ଭିଡିଓଟିଏ କରିଦେଲା । ପ୍ରକୃତରେ ଛୋଟବଡ ହୋଇ ୧୮ଟି ଲାଉ ଫଳିଥିଲା । ଭାରତୀର ମନ ବି ଖୁସି ହୋଇଗଲା । ସିଏ ଖାଲି ଫଟୋ ଉଠେଇବାରେ ଲାଗିଲା ଓ ଭିଡିଓ କରିବାରେ ଲାଗିଲା ।

ଭାନୁ ସେ ଭିଡିଓ ତାଙ୍କ ଫେସବୁକରେ ପକେଇଦେଲେ ।

ISSN NO.
2582-208X

ରାତ୍ରଭୋଜନ ପରେ ଜଣେଇଲେ, "ଜାଣିଲୁ, ଆଜି ମୋ ଭିଡିଓ ୮୦ ଲୋକ ଦେଖିଲେଣି । ୨୦ ଜଣ ମନ୍ତବ୍ୟ ଦେଲେଣି ।"

ଭାନୁଙ୍କ ମୁହଁର ସେ ସତେଜ ହସ ଦେଖି, ଭାରତୀ ବୁଝିଗଲା । ଖୁସି ସବୁ ଏମିତି ଛୋଟଛୋଟ କଥାରେ ଲୁଚି ରହିଥାଏ । ସେଇ ସବୁ ଖୁସିକୁ ସାଉଁଟି ରଖିବା ଉଚିତ । କିଏ ପଚାରିଲା, ନ ପଚାରିଲା, ଆଦର କଲା, ଉପେକ୍ଷା କଲା, ସେସବୁକୁ ଏକା ଚିତ୍ତ, ଏକା ମନରେ ଗ୍ରହଣ କରି ନିରପେକ୍ଷ ରହିବା ଉଚିତ । ତା' ବଦଳରେ ଛୋଟ ଛୋଟ ଖୁସିର ସ୍ମୃତିକୁ ତିଆରି କରିବା ଉଚିତ । ଠିକ୍ ଯେମିତି ଗଛଟିଏ ଲଗେଇ, ପାଣିଦେଇ, ବଢେଇ, ଫଳଟିଏ ଦେଖିବାର ଖୁସିର ଉଜ୍ଜ୍ୱଳତା ଭାନୁଙ୍କ ମନକୁ ଓ ମୁହଁକୁ ଝଲସାଇ ଦେଉଛି, ଏ ପରିଣତ ବୟସରେ ସେଇଭଳି ଖୁସି ହିଁ କାମ୍ୟ । ସେମିତି ଏକ ଖୁସି ପାଇବାର ଭାବନାରେ ଭାରତୀର ମନ ନିମଗ୍ନ ହୋଇଗଲା ।

-୦-

୪୫୨୫ ରଦରଫୋର୍ଡ ୱେ
ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
Contact Email: bigyanidas.osa@gmail.com

ISSN NO.
2582-208X

# କେମିତି କହିବ



ଡ. ପ୍ରସନ୍ନ କୁମାର ବଳ

କେମିତି କହିବ ତା' ମନର କଥା,
ମନଟା ତା'ର ଏକ ଉଡନ୍ତା ଭଉଁର,
ଖୁବ ଅମାନିଆଁ, ଭାରି ଅଝଟିଆ,
ଦିବାସ୍ୱପ୍ନ ଦେଖିବାଟା ଅଭ୍ୟାସ ତାହାର,
ସ୍ୱପ୍ନରାଇଜରେ ଘୁରିବୁଲିବାଟା ବି ସଉକ ତାହାର।।।
ସେଇ ଘୁରିବୁଲିବା ସମୟରେ,
ଆସେ ତାର ଉଦ୍ଭଟ ଚିନ୍ତାଧାରା,
ଯୌବନର ପ୍ରଥମ ସୋପାନ,
ଛିଟିକାଟା ପଡିବହିଁ ଅବଶ୍ୟ,
ଭାବନା ରାଇଜରେ ଦେଖେ,
ତା'ର ପ୍ରେମିକାର ଛନ୍ନଛନ୍ନିୟା ମୁହଁ,
ଗୋଲାପି ଛିଟପକା ଫ୍ରକରେ,
ଘର ପୋର୍ଟିକୋରେ ପ୍ରତ୍ୟୟମାନ।।।
ଲାଜୁଆ ଲାଜୁଆ ହସ,
କରେତାକୁ ବିମୋହିତ,
ପିଛା କରିଯାଏ ପୁଣି ବନ୍ଧୁ ଗହଣରେ,
ଦେଖିବାକୁ କରେସେ ପ୍ରୟାସ,
ଦେଖେ ପୁଣି ଅନାବିଳ, ସରଳ, ନିଷ୍କପଟ ହସର ଝଲକ।।।

ISSN NO.
2582-208X

ଭାବିଲା କେମିତି କହିବ, ମନଖୋଲି, ମନର ଭାବନା,
ମନେ ଡରତା'ର କାଳେ ହୋଇବ ସେ ତିରସ୍କାର,
ହେଲେ ଅବୁଝା ମନତାର,
ବୁଝିବାକୁ କରେନା ପ୍ରୟାସ।।।
ଭାବିପାରେ ତା'କୁ ପ୍ରିୟା,
କିଏ ମନାକରେ,
ମନତ ତା'ର ଏକ ଉଡନ୍ତା ଚଢେଇ,
ଶିକୁଳୀରେ ବାନ୍ଧିବାହିଁ କଷ୍ଟ,

ହେଲେ,
ଜାଣିବାକୁ ପ୍ରୟାସ କରିଛିକି, କ'ଣ ମିଳିବ ଉତ୍ତର???
କେମିତି କହିବ ବାପା, ମାଆଙ୍କୁ ମନକଥା ତା'ର,
ତା' ମନରେ ବସାବାନ୍ଧି ସାଇତିଛି ଏକ ପକ୍ଷୀ,
ହେଲେ,
ପକ୍ଷୀଟି ଜାଣେନା ସେ ବସାର ଠିକଣା।।।
ଶେଷରେ ପହଞ୍ଚିଲା ଏହି ସିଦ୍ଧାନ୍ତରେ,
ମନର ପେଡିଟା ଖୋଲିବ ବନ୍ଧୁ ଗହଣରେ,
କଥା ପହଞ୍ଚିବ ନିଜ ତଥା ପ୍ରିୟାର ଘରରେ,
ତାହାହିଁ ହେଲା,
ସପନ ତାହା ରସାକାର ହିଁ ହେଲା,
ପ୍ରିୟା ତାର ହେଲା ଅର୍ଦ୍ଧାଙ୍ଗିନୀ,
ମନର କଥା,
କେମିତି କହିବ ଭାବିଭାବି ସବୁ କହିଦେଲା...............

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ଦଶ ଦିକପାଳ, ଅଷ୍ଟ ଦିକପତି



ଇଂ. ସୁଶାନ୍ତ କିଶୋର ବଳ

ଏ ପୃଥ୍ବୀ ବିଶ୍ୱବ୍ରହ୍ମାଣ୍ଡ ଚାଲିଛି କିପରି
ଏହାଯଦି ଆମ ସଭିଁକ ଚିନ୍ତନ ;
ଏତେ ସାରା ଦାୟିତ୍ୱ କିପରି ହୋଇଛି
ବଣ୍ଟନ; କେ' କରେ ତାର ପରିଚାଳନ ;
କିପରି ରହିଛି ତାଂକ ନିଜମଧ୍ୟେ ସମନ୍ୱୟ;
ନାହିଁକି କିଛି ନିଜନିଜ ମଧ୍ୟେ ଅନ୍ତଃକଳହ,
ଅନ୍ତର୍ଯୁଦ୍ଧ୍ୟ, ସଂଘର୍ଷ, ମତାନ୍ତର, ମନାନ୍ତର
ଯଦି ହେଉଥାଏ ଏପରିବି କିଛି, ତେବେ
କେ କରେ ତାର ଶାନ୍ତିପୂର୍ବକ ସମାଧାନ ?
ସମୟେ ସୂର୍ଯ୍ୟୋଦୟ ହୁଏ, ସୂର୍ଯ୍ୟାସ୍ତ ହୁଏ .
ଦିବସ ଅନ୍ତେ ଢଳିଯାଏ ଦିବାକର,
ଛାଏ ଗୋଧୂଳୀ, ଜଳେ ସଂଧ୍ୟାବତୀ
ତୁଳସୀ ଚଉଂରାମୂଳେ; ବିରାଜେ ବିଭାବରୀ ରାତ୍ରୀକୁ ସାଥେ ନେଇ .
ତମିଶ୍ର ରାତ୍ରୀରେ ଚଂଦ୍ର ହୁଏ ଉଦୟ,
ଅଗଣ ମିଟିମିଟିକା ତାରକାଂକୁ ନେଇ.
କୁଆତାରା ଆସେ, ରାତ୍ରୀ ଆସନ୍ତେ ସରି,
ଆସେ ଉଷାକାଳ ନବରବିଂକୁ ନେଇ !
ମାନବେ ହୁଅନ୍ତି ଜାଗରିତ, ନୀଦ୍ରା ପରିହାରି;

ISSN NO.
2582-208X

ଭବ୍ୟ ପ୍ରଭାତକୁ କରି ବେନିହସ୍ତେ ସ୍ୱାଗତ;
ହୋଇ ଉଠନ୍ତି ଚଳଚଂଚଳ;
ସାରି ନିତ୍ୟକର୍ମ ବାହାରି ପଡନ୍ତି ସର୍ବେ ନିଜନିଜ କର୍ମାଭିମୁଖେ;

ଆସେ ରୌଦ୍ର ପ୍ରଖର ତାପ ନେଇ;
ଧିରେ ନଇଂଆସେ ଅଂଶୁମାନ;
ପଡିଯାଏ ତା' ପ୍ରଖରତା ମ୍ଳାନ,ମଳିନ.

ଘୋର ପ୍ରାବୃଟେ ଢାଳଇ ବାରିଧ,
ଜଳାର୍ଣବ ହୁଏ ନଦୀ, ନାଳ, ହ୍ରଦ !
ବିଲବାଡିରେ ଭରେ ଆଂଠୁଏ ପାଣି,
ଚାଷୀଭାଇ ମନୁ ଦୂରେ ଭାଳେଣୀ .
ତରଂଗିଣୀ ବକ୍ଷ୍ୟେ ତରେ ତରଣୀ,
ମତ୍ସ୍ୟଶୀକାର କରନ୍ତି କେଉଟ, କେଉଟୁଣୀ.
ଶରତ୍ ଋତୁର ଚ଼ାଂଦିନୀ ଆକାଶ,
ମନେ ଭରିଦିଏ ଖୁସି, ହରଷ.

ହେମନ୍ତର ହଳଦିବନର ସୋରିଷଫୁଲ
ବସନ୍ତର ଫୁଲସମ୍ଭାର ଆଣେ ଶିହୀରଣ .
ନବକିଶଳୟ ଆଣେ ଉନ୍ମାଦ ହଜାର .
ପାହାଡ, ପରବତେ ସବୁଜ ଗାଲିଚ଼ା,
ଲାଗେ ସତେକି ହରିତ୍ ବଗିଚ଼ା .

ହେଲେ ଏ ଅଲୌକିକ ଘଟଣା ହୁଏ
କିପରି, କେ ଅଛିତାର ମଂଗଧାର ?
ସୁଚାରୁ ରୂପେ ହୁଏ ସେସବୁ ପରିଚାଳନ,
କେହି ଦୈବିଶକ୍ତିର ଅଛିକି ତାପଛେ ହସ୍ତ?

ISSN NO.
2582-208X

ଅଛି ନୁହେଁ ଖାଲି, ନିଶ୍ଚୟ ଅଛି .
ସେ ହେଲେ କିଛି ନୈସର୍ଗୀକ ପରିଚାଳକ,
ତତ୍ୱାବଧାରକ ,ଖେତ୍ରରଖ୍ୟକ , ଦିଗରଖ୍ୟକ , ତଟରଖ୍ୟକ
ତାଂକେ ହେଲେ ଦଶଦିଗ ରଖ୍ୟକ ଦିକପାଳ , ଦେବଗଣ :
ଇଂଦ୍ର, ଅଗ୍ନି, ଯମ, ନୈରୁତ, ବରୁଣ, ବାୟୁ,
କୁବେର, ମହାଦେବ, ବ୍ରହ୍ମା ଓ ଅନନ୍ତ;
ଅଷ୍ଟଦିକପାଳ: ସୂର୍ଯ୍ୟ, ମଂଗଳ, ଶୁକ୍ର, ରାହୁ, ଶନି, ସୋମ, ବୁଧ, ବୃହସ୍ପତି !
ଦେଇଥାନ୍ତି ତାଂକେ ଦଶା, ଦିଗ, ଦଶା .
ଆଣିବି ଦେଇଥାନ୍ତି କୋଟି ଦୁର୍ଦ୍ଦିନ, ଦୁର୍ଦ୍ଦଶା.
ତାଂକ ସମଖ୍ୟେ କି ଦେଖାଇବା ଔଧତ୍ୱ,
ଆତ୍ମବଡି, ଅହଂ, ଅସ୍ମୀତା, 'ଅଜିତ ଅକ୍ରାନ୍ତ' ?

ନୀୟମାନୁବର୍ତିତା, ଧୈର୍ଯ୍ୟଶୀଳତା,
ଅନସୂୟତା, ସଂଜମତା, ଐଶ୍ୱରିକତା, ସହନଶୀଳତାର ଅସ୍ତ୍ରେହୋଇ ସଜ୍ଜିତ,
କରିବା ଚାଳନ ଜୀବନତରଣୀ ଦୁନିଆ ତରଂଗିଣୀ ବଖ୍ୟେ, ଅକପଟତାର ଜଳେ !
ପାର ହୋଇଯିବା ସୁରୁଖୁରେ ଜୀବନ
ବିନା ଜଂଜାଳେ, ବିନା ହଳାହଳେ !
କରୁଥାନ୍ତୁ ଦିଗପାଳ, ଦିଗପତି ତାଂକ କର୍ତବ୍ୟ ପାଳନ; ନାଂ ଆମେ କରିପାରିବା କିଛି,
ସେହି ନୈସର୍ଗୀକ ଶକ୍ତିଂକୁ ଆୟତ, କରାୟତ, ପରିଚାଳିତ.
ବରଂ ନତମସ୍ତକେ ଚାଲନ୍ତୁ ଯୋଗଦେବା ସେହି
ଅଲୌକିକ ବ୍ରହ୍ମାଣ୍ଡ ଯାତ୍ରେ, ମଥାପାତି ନୀରବେ ନୀର୍ବୀକାରେ ବହି ହୃଦେ
ଭାବ ଆସ୍ତିକତା, ଇଶ୍ୱର ବିଶ୍ୱାସେ.
ମିଳିଯିବ ମନର ଶାନ୍ତି, ନ ରହିବ
କିଛିବି କିଛିବି ସଂଦେହ ବା ଭ୍ରାନ୍ତି !
ଜୀବନ କଟିବ ସୁରୁଖୁରେ, ନୀରାମୟେ ।

କଟକ

ISSN NO.
2582-208X

# କରୁଣା କର ଠାକୁର !



ଅଜିତ କୁମାର ରାଉତ

ତିନି ଦିଅଁ ତୁମେ
ଭକ୍ତ ଡାକ ଶୁଣି
ବାହାରି ଆସିଲ ପଦା !
ଦେଖ ତୁମେ ଥରେ
ନେତାଙ୍କ ତାଣ୍ଡବ
ହେଉ ଛନ୍ତି ସ୍ୱାର୍ଥେ ଗଦା !!
ଜନ ସେବା ଛାଡି
ଜାତି ଜାତି ରାବ
ଲାଭର ଘୋଡ଼ାରେ ଚଢ଼ି !
ନାହିଁ ରାଷ୍ଟ୍ର ଚିନ୍ତା
ସତା ସୁଖ ପାଇଁ
କରୁଛନ୍ତି ଗଡ଼ବଡି
ଦେଖ ତୁ କାଳିଆ
କିପରି ତାଣ୍ଡବ
ନେତା ଆଜି କରୁଛନ୍ତି !
ତୋହରି ଅସ୍ତିତ୍ୱ
ପାଇଁ ପ୍ରଶ୍ନ ତାଙ୍କ
ଯନ୍ତ୍ରଣା ଅତି ଦିଅନ୍ତି !!

ISSN NO.
2582-208X

ଠକି ଦେଉ ଛନ୍ତି
ଦେଶ ଜନତାଙ୍କୁ
ପ୍ରଲୋଭିତ କରୁଛନ୍ତି !
ଦେଶ ବୁଡ଼ି ଯାଉ
ନାହିଁ ଟିକେ ଚିନ୍ତା
ନେତା ରାଷ୍ଟ୍ରେ ହୋଇ ଛନ୍ତି !!
ମନ୍ଦିରୁ କାଳିଆ
ବଡ଼ଦାଣ୍ଡରେ ହେ
ମିଟି ଯାଉ ଜାତିବାଦ !
ଲୋକତନ୍ତ୍ର ରହୁ
ଭ୍ରଷ୍ଟାଚାର ଯାଉ
ଦୂର ପରିବାରବାଦ !!
ଗୁହାରି କରୁଛି ଭକ୍ତ
ହେଉ ସମଭାବ
ରାଷ୍ଟ୍ରର ଶାସନ
କର ଜ୍ଞାନ ଏଠି ଯୁକ୍ତ !
ମହତ୍ତ୍ୱ ଠାକୁର
ବୁଝିବ ଜଗତ
କୃପାସିନ୍ଧୁ ଲକ୍ଷ୍ମୀକାନ୍ତ !!

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ: - ୭୨୦୫୩୪୩୫୬୯

ISSN NO.
2582-208X

# ପେନସନ



ବଦ୍ରୀ ମହାନ୍ତ

ନିଜର ସୌନ୍ଦର୍ଯ୍ୟ ଅତୁଟ ରହିବା ନିମନ୍ତେ କାମନା କରିବା ପରି ସଫଳତା, ସମୃଦ୍ଧି, ସୁଖ ଓ ସୁରକ୍ଷା ଆଶା କରିବା ଏକ ସହଜାତ ପ୍ରବୃତ୍ତି। ଅଧ୍ୟବସାୟ, ଶ୍ରମ ଓ ସାଧନା ସହିତ ଏହା ଯୋଡ଼ିହୋଇ ରହିଥିବାରୁ ଆପେ ଆପେ ପ୍ରାପ୍ତ ହୁଏନାହିଁ। ସତ୍ୟନିଷ୍ଠ ପ୍ରୟାସ ଓ ସକରାତ୍ମକ ଭାବନା ହାତ ପାଆନ୍ତାରେ ଆଣି ପାହଞ୍ଚାଇ ଦିଏ ନାନାଦି ସୁବିଧା ସୁଯୋଗ। ପ୍ରତିଟି ପଦପାଦରେ ସୁରକ୍ଷିତ ସାବଲୀଳ ଗତି ଜୀବନକୁ ଚିନ୍ତାମୁକ୍ତ ଓ ଆନନ୍ଦମୟ କରିବାର କ୍ଷେତ୍ର ପ୍ରସ୍ତୁତ କରେ। ଏମିତି ଖୁବ୍ କମ୍ ଲୋକ ଅଛନ୍ତି, ଯେଉଁମାନେ ପ୍ରତି ମୁହୂର୍ତ୍ତରେ ପ୍ରତି ଅବସ୍ଥାରେ ଭଲ ପାଆନ୍ତି ଆହ୍ୱାନକୁ ସାମ୍ନା କରିବାପାଇଁ ଅଥବା ଅନିଶ୍ଚିତ ସଂଭାବନାକୁ ଧରାତଳ କରିବା ପାଇଁ। ଶଗଡ଼ ଗୁଳାରେ ଚାଲିବା ଓ ଖଡା ବଡି ଥୋଡର ସଂସାର ଭିତରେ ବନ୍ଧା ପଡିଥାଏ ଅନେକଙ୍କର ସ୍ୱପ୍ନ। ଆସନ୍ତାକାଲିର ସୁରକ୍ଷିତ ଜୀବନ ବିଶେଷ ବିଚଳିତ କରେନାହିଁ। ମାତ୍ର ସଭିଙ୍କ ଜୀବନରେ ଉତ୍ତମ ସ୍ୱାସ୍ଥ୍ୟ ସହିତ ଅର୍ଥନୈତିକ ସ୍ୱଚ୍ଛଳତା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଜୀବନ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ ପହଞ୍ଚିବା ପରେ ଦୁର୍ବଳ ହୋଇପଡେ ଶରୀର ଏବଂ କୌଣସି ବୃତ୍ତିରେ ରହି ଅର୍ଥ ଉପାର୍ଜନ କରିବାକୁ ସକ୍ଷମ ହୁଏନାହିଁ। ଜୀବନ ଧାରଣ ପାଇଁ ଲୋଡ଼ନ୍ତି ସଶକ୍ତ ଅବଲମ୍ବନ, ପର୍ଯ୍ୟାପ୍ତ ସହାୟତା ଓ ତା'ଉପରେ ନିର୍ଭରଶୀଳ ରହିଥାଏ ସରଳ ସୁଗମ ଯାତ୍ରା। ଏ ସମୟର ଆର୍ଥିକ ସହାୟତା ହିଁ ପୂରଣ କରେ ପେନସନ ନାମକ ମହାର୍ଘ୍ୟ ବ୍ୟବସ୍ଥା।

ଏକଦା କେବଳ ସରକାରୀ ଅଧିକାରୀ ବା କର୍ମଚାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ବୟସରେ ସେବା ନିବୃତ୍ତ ହେବା ପରେ ବଞ୍ଚିବାର ସାଧନ ରୂପେ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା। ନିଜର ମାସିକ ବେତନ ପରି ମୂଳ ବେତନ ହିସାବରେ ମିଳୁଥିଲା ମାସିକ ପେନସନ।

ISSN NO.
2582-208X

ଏହାର ପରିମାଣ ଏତେ କମ ଥିଲା ଯେ ନିଜର ସମସ୍ତ ଆବଶ୍ୟକତା ପୂରଣ କରିବାରେ ଅସମର୍ଥ ହେଉଥିଲେ, କାରଣ ତତ୍କାଳୀନ ଆର୍ଥିକ ସ୍ଥିତିକୁ ଦେଖି ସ୍ଥିର ହେଉଥିଲା ବେତନ। ତଥାପି ଏହା ସାଧାରଣ ମଣିଷଙ୍କଠାରୁ ଯଥେଷ୍ଟ ଉନ୍ନତ ଓ ଭିନ୍ନ ଥିଲା। ସାମାଜିକ ବିଧି ବ୍ୟବସ୍ଥା, ମୁଣ୍ଡ ପିଛା ଆୟ, ମଣିଷର ଆୟୁ ଓ ରାଷ୍ଟ୍ରର ଅର୍ଥନୈତିକ ସ୍ଥିତି ଆଦି ପ୍ରଭାବ ପକାଉଥିଲା ଏହା ଉପରେ। ପରୋକ୍ଷରେ ଏହାର ପ୍ରଭାବ ମଧ୍ୟ ଅର୍ଥତନ୍ତ୍ର ଉପରେ ପଡୁଥିବାର କୁହାଯାଏ। ସମୟ ବଢିବା ସହିତ ଜନସଂଖ୍ୟା ବଢିଲା,ଉତ୍ପାଦନ ଓ ଉତ୍ପାଦିକା ଶକ୍ତି,ପାଇକାରୀ ମୂଲ୍ୟ ମୁଦ୍ରାସ୍ଫିତି ସହିତ କର୍ମଚାରୀଙ୍କୁ ମୋଟା ଅଙ୍କର ବେତନ ଦେବାକୁ ପଡ଼ିଲା। ସମ ଅନୁପାତରେ ବୃଦ୍ଧି ପାଇଲା ବେତନଭୋଗୀଙ୍କ ପେନସନ, ଯାହା ଆଖିଦୃଶିଆ ହେଲା। ଆଉ କଷ୍ଟକର ମନେହେଲା ନାହିଁ ଅବସର ପରବର୍ତ୍ତୀ ଜୀବନ ଯାତ୍ରା।

ଧୀରେ ଧୀରେ ଅନ୍ୟାନ୍ୟ ରାଷ୍ଟ୍ରାୟତ୍ତ ସଂସ୍ଥା, ସହଯୋଗୀ ସଂସ୍ଥା, ବେସରକାରୀ ଉଦ୍ୟୋଗର କର୍ମରତ ବ୍ୟକ୍ତିମାନେ ନିଜର ସୁରକ୍ଷିତ ଜୀବନ ପାଇଁ ପେନସନ ଦାବି କଲେ। ଅନେକ ଅନୁନୟ ବିନୟ ସଂଘର୍ଷ ବାଦ ପ୍ରତିବାଦ ପରେ ଏହାକୁ ସ୍ୱତନ୍ତ୍ର ରୂପ ଆକାର ଦେଇ ଗ୍ରହଣ କରାଗଲା ଓ ପ୍ରାୟ ସବୁ ବିଭାଗରେ କାର୍ଯ୍ୟକାରୀ ହୋଇଗଲା। ମାତ୍ର ଯେଉଁଦିନ ରାଜନୈତିକ କର୍ମୀ ଲୋକ ପ୍ରତିନିଧି ବିଧାୟକ ଓ ସଂସଦ ସଦସ୍ୟଙ୍କ ପାଇଁ ପେନସନ ବ୍ୟବସ୍ଥା କରି ଦିଆଗଲା, ସେଦିନ ସାଧାରଣ ଜନତାଙ୍କ ଭୃକୁଞ୍ଚନ ଚିନ୍ତାର ବିଷୟ ହେଲା। ବିଶେଷ କରି ଅନ୍ୟ ସମସ୍ତେ ଜୀବନର ବୃହତ୍ ଅଂଶ, ତିରିଶ ପଞ୍ଚ ତିରିଶ ବର୍ଷର ସେବା ଦେବାପରେ ପେନସନର ଯୋଗ୍ୟତା ହାସଲ କରୁଥିବା ବେଳେ ମାତ୍ର ଚାରି ପାଞ୍ଚ ବର୍ଷ ଲୋକ ପ୍ରତିନିଧି ରୂପେ କାମ କରି ପୂର୍ଣ୍ଣ ପେନସନର ଯୋଗ୍ୟତା ହାସଲ କରିବା କେମିତି କେମିତି ବେସୁରା ଶୁଭିଲା ସାଧାରଣ ଜନତାଙ୍କୁ। ମାତ୍ର ସେ ପ୍ରତିବାଦ କରି ପାରିଲା ନାହିଁ। ଯଦି କରିଥାନ୍ତା କାହା ପାଖରେ କରନ୍ତା, ଯାହା ପାଖରେ କରିବ ସେ ହିଁ ଏହାର ପ୍ରମୁଖ ଉପଭୋକ୍ତା।

ଅତଏବ ବାଧ୍ୟ ବାଧକତାରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରି ବୟସାଧିକ ବୃଦ୍ଧବୃଦ୍ଧା ଅକ୍ଷମବ୍ୟକ୍ତି ଓ କଳାକାରମାନଙ୍କୁ ଭତ୍ତା ରୂପେ ଆର୍ଥିକ ସହାୟତା ଆରମ୍ଭ ହେଲା। କାମ ପାଉ ନଥିବା ଅଥବା କାମ କରୁନଥିବା ଯୁବକ ଯୁବତୀଙ୍କ ପାଇଁ ମଧ୍ୟ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ପେନସନ ବନ୍ଦୋବସ୍ତ କରାଗଲା, ଯାହାର ଯଥାର୍ଥତା ପ୍ରଶ୍ନବାଚୀ। କର୍ମ ଯୋଗାଣ ନକରି ଏହାର ଯଦି ଯଥାର୍ଥତା ରହିଲା, ତେବେ ଭିକ୍ଷା ବୃତ୍ତିରେ ବଞ୍ଚିଥିବା

ISSN NO.
2582-208X

ଲୋକଙ୍କ ପାଇଁ କଣ ଭତ୍ତା ଦେଇ ହୁଅନ୍ତାନାହିଁ! ଗାଁ ଗହଳରେ ଯେମିତି ସ୍ୱୟଂସେବା ସମିତି ଗଠନ କରାଯାଇ ଅର୍ଦ୍ଧଶିକ୍ଷିତ ଓ ଶିକ୍ଷିତ ଗୃହିଣୀମାନଙ୍କ ପାଇଁ ସାଧନ ଯୋଗାଇ ଦେଇ ଆତ୍ମନିର୍ଭରଶୀଳ କରାଯାଇ ପାରିଲା, ଫଳପ୍ରଦ ହେବା ସହିତ ଆର୍ଥିକ ବିକାଶରେ ଯୋଗ ଦେଇ ପାରିଲା, ତେବେ ଅନ୍ୟ ମାନଙ୍କ ପାଇଁ ବାଧକ ରହିଲା କେଉଁଠି ? ମାତ୍ର ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ବିନା କାରଣରେ ସୁସ୍ଥ ସବଳଙ୍କୁ ଅର୍ଥ ପ୍ରଦାନ ଏକ ନକାରାତ୍ମକ ଯୋଜନା ବୋଲି କୁହାଯାଇ ପାରେ ।

କୃଷକ, ବ୍ୟବସାୟୀ, ସାମ୍ବାଦିକ, କୁଶଳୀ, ଅର୍ଦ୍ଧ କୁଶଳୀ, ଅଣ କୁଶଳୀ ଶ୍ରମିକ ଆଦି ବିନା ଛୁଟିରେ ବର୍ଷ ବର୍ଷ ବ୍ୟାପୀ ଅଣସଂଗଠିତ ଅନୁଷ୍ଠାନମାନଙ୍କରେ କାମ କରି ଆସୁଥିବା ଲୋକଙ୍କ ପାଇଁ କିଏ ଯୋଗାଡ କରିବ ପେନସନ! ଡ୍ରାଇଭର କ୍ଲିନର ଠାରୁ ଆରମ୍ଭ କରି ରସ୍ତା ଧାରାରେ ନିଜ ଗୁଜୁରାଣ ମେଣ୍ଟାଉଥିବା ଠେଲାବାଲା ପରିବା ଦୋକାନୀ ଚା'ବାଲା ଆଦି ଅସଂଖ୍ୟ କର୍ମଜିବୀଙ୍କର ପରିଣତ ବୟସର ସାହାରା କିଏ, କେଉଁଠି ସେମାନଙ୍କର ସାମାଜିକ ସୁରକ୍ଷା ? ସେମାନଙ୍କର ଜୀବନ କଣ ଜୀବନ ନୁହେଁ, ସେମାନେ କଣ ବୟସର ଅପରାହ୍ନରେ ସୁରକ୍ଷିତ ସୁସ୍ଥ ଓ ସାବଲୀଳ ଜୀବନ ଆଶା କରିପାରିବେ ନାହିଁ ? ନିକଟରେ ହରିଆଣାର ପଚସ୍ତରି ବର୍ଷରୁ ଊର୍ଦ୍ଧ୍ୱ ବୃକ୍ଷ ନିମନ୍ତେ ତିନି ହଜାର ଟଙ୍କାର ପେନସନ ବନ୍ଦୋବସ୍ତ କରାଯିବାପରେ ପ୍ରଶ୍ନଉଠୁଛି ଗାଇ ଗୋରୁ ଛେଳି କୁକୁଡ଼ା ମେଣ୍ଢା ଘୁଷୁରୀ ଓ ଅନ୍ୟ ଗୃହପାଳିତ ପଶୁ ପକ୍ଷୀ ବନ୍ୟଜନ୍ତୁଙ୍କ ପାଇଁ ପେନସନ ବନ୍ଦୋବସ୍ତ କରାଯାଇ ପାରନ୍ତା ନାହିଁ କି ?

ଆଜି 'ପେନସନ' ଶବ୍ଦ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କର୍ମଜୀବୀଙ୍କର ଏକଚାଟିଆ ହୋଇ ରହି ଯାଇନାହିଁ। ସରକାରଙ୍କ ଗେହ୍ଲାପୁଅ ବା ରାଜନୈତିକ କ୍ରୀଡାର ଏକ ସାମଗ୍ରୀ ହୋଇ ରହିନାହିଁ, ବରଂ ବ୍ୟାପୀ ଯାଇଛି ସମାଜର ବିଭିନ୍ନ ଦିଗକୁ, ବିଭିନ୍ନ ବର୍ଗର ମଣିଷଙ୍କ ପାଇଁ ଶୁଣାଉଛି ଆବଶ୍ୟକତାର ସ୍ୱ। ପେନସନ ନୀତି ଗ୍ରହଣ କରିବା ଦ୍ୱାରା ଆଉ ରାଷ୍ଟ୍ରୀୟ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଯିବା, ବିକାଶ ଅଟକି ଯିବା ଓ ସାମାଜିକ ସନ୍ତୁଳନର ଦ୍ୱାହି ଦେବାର ସମୟ ନାହିଁ। ଲାଭ କ୍ଷତି ବିଚାର କରି ନୂଆ ନୂଆ ଯେତେ ପ୍ରକାର ପେନସନ ନୀତି ପ୍ରଣୟନ କଲେ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ ଏଡାଇ ଯିବା ଆଉ ସମ୍ଭବ ନୁହେଁ। ତେଣୁ ବାଇ ମହାନ୍ତି କହନ୍ତି, "ହେ ପ୍ରିୟ ନିୟମ ପ୍ରଣୟନକାରୀ ମିତ୍ର, ଚାରିପାଖର ସ୍ୱରକୁ ଅଣଦେଖା କରିବାର ସମୟ ଆଉ ନାହିଁ। କଣ କେଉଁଠୁ କିପରି ଆୟୋଜନ କରିବ ତାହା ଆଜି ବିଚାର

ISSN NO.
2582-208X

କରିବା ପ୍ରାସଙ୍ଗିକ ନୁହେଁ, ମୂଳ କଥା ହେଉଛି ସ୍ୱଚ୍ଛ ସୁସ୍ଥ ସରଳ ଓ ସୁରକ୍ଷିତ ପରିଣତ ବୟସର ଜୀବନ ଯାତ୍ରା ଏବଂ ତାହା ପୂରଣ କରିବାର ଦାୟିତ୍ୱ ତୁମର ତୁମ ବ୍ୟବସ୍ଥାର। ନହେଲେ କେହି ତୁମକୁ ଶାନ୍ତିରେ ରହିବାକୁ ଦେବେନାହିଁ!"

ବି 10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ସ୍ନେହ ମମତାର ଡୋରି
# ରାକ୍ଷୀ



ଡ଼ଃ ଅନୁପମା ବିଶ୍ୱାଳ

ସେନେହ ବନ୍ଧନ    ଭାବର ମିଳନ
    ପରବ ରକ୍ଷା ବନ୍ଧନ
ଭଉଣୀର ମାନ    ଭାଇର ସମ୍ମାନ
    ଦୁହିଁଙ୍କୁ କରାଏ ଧନ୍ୟ
    ଦୂରାଇ ସବୁ ମଳିନ
ଚିନ୍ତା ଓ ଚେତନ    ପରାୟେ ଚନ୍ଦନ
    ଶୁଚି କରେ ଅପଘନ ।

ତିକ୍ତ ମନୋଭାବ    ଲଭି ପରାଭବ
    ସୃଜଇ ଶୁଦ୍ଧ ବିଭବ
ନରହେ ଅଭାବ    ପରଶେ ସଦ୍ଭାବ
    ବୁହାଇ ପ୍ରୀତି ଗୌରବ
    ଦିଏ ଦିବ୍ୟ ଅନୁଭବ
ସମ୍ପର୍କର ନାବ    କରୁଥାଏ ଧାବ
    ରଖି ନିଜସ୍ୱ ସ୍ୱଭାବ ।

ବାଳୁତ କାଳରେ    ଗୋଟିଏ ଥାଳିରେ
    ମନ ନିବେଶି ଆହାରେ
ମାଆ ପଣତରେ    କଅଁଳ ଶେଯରେ
    ନିଦ ଆସେ ଧୀରେ ଧୀରେ

ISSN NO.
2582-208X

ଚାଲି ସମୟର ଧାରେ
ପରସ୍ପର ଠାରେ     ରଖେ ଅଧିକାରେ
ରାକ୍ଷୀଟି ରହି ସାକ୍ଷୀରେ ।

ବୟସ ସହିତ     ଚାଲୁଥିଲେ ପଥ
ସୁଖ ଦୁଃଖର ପ୍ରାପତ
ମନରେ ଆଘାତ     ଗମନେ ବ୍ୟାଘାତ
ବାଟ ଓଗାଳେ ସତତ
ଫଳ ହେଲେ ବିପରୀତ
ଅତ୍ୟଧିକ ଶକ୍ତ     ହୋଇ ରକ୍ଷା ସୂତ୍ର
ବଢାଏ ମାନ ମହତ ।

ସମାଜ ଆଧାରେ     ପରମ୍ପରା ଧାରେ
ଅଣ୍ଟା ନଇଁ ଗୁରୁଭାରେ
ଆୟୁ ଗତି କରେ     କାଳର ସ୍ରୋତରେ
ଦିବାକରେ ଅନୁସରେ
କେବେ ଜିତେ କେବେ ହାରେ
ବିଷମ ବେଳାରେ     ରହେ ଉଜାଗରେ
ଯା'ହୃଦ ବନ୍ଧା ଡୋରିରେ ।

ଦୁଇ ସମ୍ପର୍କର     ମୁଖ୍ୟ କର୍ଣ୍ଣଧାର
ରେଶମୀ ସୂତାର ଡୋର
ଅଟେ ବିଶ୍ୱାସର     ସୁଦୃଢ଼ ପ୍ରାଚୀର
ନହୁଏ କ୍ଷଣେ ଭଙ୍ଗୁର
ଭରସାର ପାରାବାର
ସମାଜେ ସଂସ୍କାର     ତୋଳି ଦିଏ କର
ପରଶି ମହିମା ତା'ର ।

ISSN NO.
2582-208X

ପୁରାଣ ପୃଷ୍ଠାରେ ଭିନ୍ନ ଚରିତ୍ରରେ
ଝଲସେ ଇତିହାସରେ
ସୁବାର୍ତ୍ତା ପ୍ରଚାରେ ରହି ସୁଜ୍ଞାନରେ
ଥାଏ ସଦା ଉପକାରେ
ତ୍ୟାଗୀ ହୋଇ ଛଳନାରେ
ସ୍ନେହ ଶରଧାରେ ହୃଦୟଟି ଭରେ
ଜାଗି ନୀତି ଆଦର୍ଶରେ ।

ସମ୍ବଲପୁର
୭୯୭୮୫୬୮୩୨୨

ISSN NO.
2582-208X

# ବନ୍ଧୁତା ଓ ହ୍ୱାଟସ୍ଆପ୍ ଗ୍ରୁପ୍



ବିଜୟକେତନ ମହାନ୍ତି

"କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର,
ଯାର ପ୍ରାପତି ଲାଗି ଦେବତା ନର ।"
ବନ୍ଧୁତା ସବୁଠାରୁ ଉତ୍ତମ। ଏହା ଏକ ଦେବଦୁର୍ଲ୍ଲଭ ଗୁଣ ।
ଉଭୟ ଅନ୍ତରର ସ୍ୱଚ୍ଛତା ହିଁ ସେଠି କାରଣ ।

ସ୍ମାର୍ଟ ଫୋନ୍ ର ବହୁଳ ବ୍ୟବହାର ପରେ ସାମାଜିକ ଗଣ ମାଧ୍ୟମ ଟିକେ ଚଳ ଚଞ୍ଚଳ ହୋଇ ଉଠିଲା । ଯେଉଁ ସାଙ୍ଗ ସବୁ ଅପର୍ ପ୍ରାଇମେରୀ ବା ହାଇ ସ୍କୁଲ୍ ପରେ ବିଛୁଡି ଯାଇ ଥିଲେ, ସେମାନଙ୍କୁ ଖୋଜି ବାହାର କରାଗଲା । ପୁଣି ଥରେ ସମ୍ପର୍କ ଗଢିବାର ସୌଭାଗ୍ୟ ମିଳିଲା । ଆନନ୍ଦ ଓ ବିସ୍ମୟ ବନ୍ଧୂତାକୁ ଗୋଟାଏ ନୂଆ ଦିଗ ଦେଲା।

ପୁଣି କେତେ ଭରଚୁଆଲ୍ ଫ୍ରେଣ୍ଡ୍ସ ଗ୍ରୁପ୍ ବି ଗଢି ଉଠିଲା । ବହୁତ ଦିନ ପରେ ସ୍କୁଲ୍ ରେ ପଢୁଥିବା ସାଙ୍ଗର ଚେହେରା ଦେଖି ପ୍ରାୟ ସମସ୍ତେ ଖୁସିରେ ଆତ୍ମ ବିଭୋର ହୋଇ ଯାଇଥିବେ । ପୁରୁଣା ସାଙ୍ଗଟି ସହିତ ଦୁଃଖସୁଖ ହେବାର ସୁଯୋଗ ମିଳିଲା । ବନ୍ଧୁତା ଏକ ସୁଗମ ପଥ ବାଛିପାରିଲା ।

କିଛି ଦିନ ପରେ, ବନ୍ଧୁ ମାନଙ୍କ ପ୍ରତି ସ୍ନେହଶୀଳ ପରାମର୍ଶ ପରିବର୍ତ୍ତେ, ରାଜନୈତିକ ଯୁକ୍ତି ତର୍କକୁ ପ୍ରାଥମିକତା ଦିଆଗଲା । ଯୁକ୍ତିତର୍କର ଅଙ୍କୁର ମହାଦ୍ରୁମରେ ପରିଣତ ହେଲା । ଫଳରେ ବନ୍ଧୁମାନଙ୍କ ସମ୍ପର୍କ ଭିତରେ ତିକ୍ତତା ବଢ଼ିଲା । ତିକ୍ତତା ବଢିବା ଦ୍ୱାରା କିଛି ବନ୍ଧୁ ପୁଣି ଦୂରେଇ ଗଲେ । ଉଭୟ ହୃଦୟ ବନ୍ଧୁତ୍ୱ ଭଳି ଏକ ଦିବ୍ୟ ଗୁଣକୁ ପାଳି ପାରିଲା ନାହିଁ।

ISSN NO.
2582-208X

ସାମାନ୍ୟ ଏକ ଛୋଟ ବଡିମା ବା ଅହଙ୍କାର, ସଂସାରର ସର୍ବ ଶ୍ରେଷ୍ଠ ମିଠା ପଣିଆ, ବନ୍ଧୁତ୍ୱ ଭଳି ସୁନ୍ଦର ଗୁଣକୁ କଳୁଷିତ କଲା । ଆମ ଶିକ୍ଷା ସଂସ୍କାର ସବୁ ହାରିଗଲେ ।

ଇଂରାଜୀରେ ଏକ ସାଧାରଣ ପ୍ରବାଦ ଅଛି – "ଯଦି ତୁମେ ବନ୍ଧୁତାକୁ ଶେଷ କରିବାକୁ ଚାହୁଁଛ, ତେବେ ରାଜନୀତି ବିଷୟରେ ଆଲୋଚନା କର; ଯଦି ତୁମେ ଶତ୍ରୁ କରିବାକୁ ଚାହୁଁଛ, ତେବେ ଧର୍ମ ବିଷୟରେ ଆଲୋଚନା କର" ।

ବନ୍ଧୁ ମାନଙ୍କୁ ଅନୁରୋଧ : ଆମେ ସମସ୍ତେ ଶିକ୍ଷିତ, ବିବେକୀ ଓ ବନ୍ଧୁ ବତ୍ସଳ । ବନ୍ଧୁତା ଭଳି ଅତି ନରମ ଲଳିତ ବିଷୟକୁ ସଜାଡି ସାଇତି ରଖିବାରେ ଆଦୌ କମ୍ ନୁହଁନ୍ତି । ପୃଥିବୀର ଅତି ଭଲ ଜିନିଷ ବନ୍ଧୁତ୍ୱ କୁ କଦର୍ଯ୍ୟ କରିବା ଆମ କାମ ନୁହେଁ । ଏହା କେବଳ ବେଦରଦୀ ଅଶିକ୍ଷିତ ସ୍ୱାର୍ଥପର ଲୋକର କାମ । କେତେଦିନ ବା ଜୀବନ ପରିଧି? ତୁଚ୍ଛା ମୁହଁ ଫୁଲାଫୁଲି । ନା, ଅଶୋଭନୀୟ । ବେଳ ଥାଉଁ ଟିକେ ଆତ୍ମଘାତୀ ଯୁକ୍ତିରୁ ନିଷ୍କ୍ରାନ୍ତି ଲଭିଲେ ବନ୍ଧୁତାର ମଧୁରତା ପୁଣି ଫେରି ଆସିବ । ଆଦର୍ଶ ହିଁ ଆଦର୍ଶ ସୃଷ୍ଟି ହେବ ।

ଜନକପୁରୀ, ଦିଲ୍ଲୀ
ମୋ: ୯୮୭୧୯୯୭୪୪୯
Email: mohantybijay65@gmail.com

ISSN NO.
2582-208X

# ମୌନ ବାର୍ତ୍ତା...



ମଧୁମିତା ମିଶ୍ର

ତୁ କହିଲୁ..
ମୁଁ ଶୁଣୁଛି ବୋଲି ତୁ କହିଲୁ..??
ତୁ କହିଲୁ ବୋଲି ମୁଁ ବି ଶୁଣିଲି..
ହେଲେ..ମୁଁ ଶୁଣିବି ବୋଲି କଣ ତୁ କହିଲୁ..!!??
କି ତୁ କହି ପାରିନୁ ବୋଲି..ମୁଁ ଅଶୁଣା ତ ରହିନି..!!
ତେବେ କହ..ତୁ କାହା ପାଇଁ କହିଲୁ..!!??
ଯାହା ଶୁଣି ପାରିଲି.. କଣ ତୁ ତାହା ହିଁ କହିଲୁ..!!??

ନା..

ମୁଁ ଜାଣେ..ତୁ କହିଲୁ..
ଯେତିକି ସମସ୍ତେ ଶୁଣିବେ..ସେତିକି ହିଁ କହିଲୁ...
କିନ୍ତୁ..ତୋ ଅକୁହା କଥା ମୁଁ ଶୁଣିଛି ଜାଣି..
ମନେ ମନେ ତୁ ହସିଲୁ..
ଆଉ ତୋ ହସ..କେହି ନ ଦେଖି ପାରିଲେ ବି..
ମୁଁ ଦେଖି ପାରିଛି ବୋଲି..
ତୁ.. ବି ଜାଣିଗଲୁ..!!
ଆଉ ତୁ ସେତିକି ଜାଣିପାରିଲୁ ବୋଲି..
ମୁଁ ପୁଣି.. ହସିଲି..

ଭୁବନେଶ୍ୱର / ୯୪୩୮୪୭୦୮୦୭

ISSN NO.
2582-208X

# ଅସମାହିତ ପ୍ରଶ୍ନ



ଜୟଶ୍ରୀ ପଟ୍ଟନାୟକ

ନିଆଁରେ ଆତ୍ମାହୁତି ଦେଉଥିବା କଳିକାକୁ
ପଚାର ନ୍ୟାୟ ନିଶାପ କଥା
ଡେଣାକଟା ପକ୍ଷୀକୁ ପଚାରିବ ଜୀବନର ଉତ୍ତରଣ କଥା
ଲୁହ ଝାରୀ ଶୁଖିଯାଇଥିବା ଆଖିକୁ ପଚାରିବ
ଖୁସିର ଠିକଣା
ଦୁଃଖ ଦାବାନଳରେ ଜଳୁଥିବା ଜୀବନକୁ
ପଚାରିବ ଜିଇଁବାର ମାନେ
ନୂଆ ନୂଆ ଉଡାଣ ଭରୁଥିବା ଖଣ୍ଡି ଚଢେଇକୁ
ପଚାରିବ ଆକାଶ ଛୁଇଁବାର ସ୍ୱପ୍ନ କଥା ।

ସବୁ ପ୍ରଶ୍ନ ରହିଯିବ ଅସମାହିତ
ଉତ୍ତର ଖୋଜୁଥିବା ବିଶ୍ୱାସ ହୋଇଯାଉଥିବ ବାଟବଣା
ଜୀବନଟା ଛନ୍ଦି ହୋଇ ଯାଉଥିବ
ଆକ୍ତା ମାକ୍ତା ଭାବନାରେ
ସ୍ୱାଧୀନତାର ସ୍ୱାଦ ଚାଖି ପକ୍ୱ ହେଉଥିବା ଦେଶକୁ
ପଚାରିବ ନ୍ୟାୟ ମାଗି କେତେ ନାରୀ ଚୁମିବେ ମରଣ ଶେଜ
କେବେ ଆଖି ଖୋଲିବ ପ୍ରଶାସନର ଡିଣ୍ଡିମତାରୁ
ନାରୀ ଯଦି ଅସୁରକ୍ଷିତା, ଭୂଲୁଣ୍ଠିତା, ନିର୍ଯ୍ୟାତିତା
କି ବାହାବା ନେବ ଏ ଉତ୍କଳ ମାଟି ।

ISSN NO.
2582-208X

ଯଦି ଏଠି ନ୍ୟାୟ ମାଗି ଅବଳାକୁ ଦେବାକୁ ପଡେ ଜୀବନ
କାହା ଆଖିର ଆଦିମ ମାୟାରେ ଲୁଟିଯାଏ ଭବିଷ୍ୟତ
ନା ମିଳେ ସୁରକ୍ଷା ନା ରହେ ମାନ ମହତ
ସନ୍ତାନହରା ହୋଇ କାନ୍ଦୁଥାଏ ମା
ଭାବିଲେ ଲାଗେ ଆଚମ୍ବିତ, ଶାସନ ଉଜୁଡି ଯାଇଛି
ନା ଆଇନ ବେସାହାରା ପାଲଟିଛି ।

ଗଙ୍ଗନଗର, ଭୁବନେଶ୍ୱର
7978110474

ISSN NO.
2582-208X

# ଛାଇ ପଛର ଚେହେରା



ଆଶୁତୋଷ ମେହେର

ଗାଁ ଶେଷ ମୁଣ୍ଡରେ ସେଇ ଆମ୍ବଗଛର ବୁରେଇ। ତାର ଗହଳ ଛାଇ ତଳେ ଗୋଟାଏ କୋଣରେ କୁଡିଆଟିଏ। ସେଇଠି ଏକାଏକା ରହୁଥିଲା ସୁମନ୍ତ, ବୟସ ଷାଠିଏ ପାଖାପାଖି ହେବ, ଗତ କୋଡିଏ ବର୍ଷ ଧରି । ଗାଁ ଲୋକଙ୍କ ସହ ସମ୍ପର୍କ ରଖୁଥିଲା ଥିଲା ବହୁତ କମ୍। ଗାଁ ଲୋକ କିଏ କେମିତି ତାଙ୍କ କୁଡିଆ କୁ ଆସିଲେ ସୁମନ୍ତ କଥା ହୁଅନ୍ତି। ନିଜ କୁଡିଆ ଆଗ ଛୋଟ ବରଣ୍ଡାରେ ବସାଇ ଓ ନିଜ ସୁଖଦୁଃଖ କଥା କହନ୍ତି। ସବୁ ଗାଁ ଲୋକଙ୍କ ଅନୁଭବ ସେଇ ସମାନ। ସମସ୍ତେ ତାଙ୍କ କଥା ଶୁଣି ଅନୁମାନ କରନ୍ତି, ସୁମନ୍ତଙ୍କ ମନ ଭିତରେ ଅନେକ କୋହ, ଆଖିରେ ଲୁଚି ରହିଥିଲା ସତେ ଯେମିତି କୌଣସି ଗୋଟାଏ ଅଜଣା କାହାଣୀ। ଗାଁର ଲୋକେ ତାଙ୍କ ବିଷୟରେ ନିଜନିଜ ଭିତରେ କଥା ହୁଅନ୍ତି ଅନୁମାନ ଲଗାନ୍ତି ହେଲେ କୌଣସି ନିଷ୍କର୍ଷରେ ପହଞ୍ଚିପାରନ୍ତିନି। ସେମାନେ ଖାଲି ଦେଖୁଥିଲେ ସୁମନ୍ତ ପ୍ରାୟତଃ ସବୁବେଳେ ଏକା ରହନ୍ତି, ଆଉ ତା'ର ଘର ଆଗରେ ବୁଲି ବୁଲି କଥା ହେଉଥାନ୍ତି ନିଜ ଛାଇ ସହ, ଯେମିତି ସେ ହିଁ ତାର ଏକମାତ୍ର ସାଙ୍ଗ ଜୀବନରେ ।

ଏଇ ଗତ ଛଅ ମାସ ହେବ ଗାଁ ସ୍କୁଲ ରେ ନୂଆ ଚାକିରୀ ପାଇଥିଲେ ରାମେଶ । ଭଲ ପାଠ ପଢାନ୍ତି ବୋଲି, ଗାଁରେ ଧୀରେ ଧୀରେ ତାଙ୍କର ନାଁ ବଢୁଥିଲା । ଗାଁ ର ସବୁ ସାମାଜିକ ଅନୁଷ୍ଠାନ ରେ ସେ ସାମିଲ ହେଉଥିଲେ । ଗାଁ ଲୋକଙ୍କ ମୁହଁରେ ସୁମନ୍ତଙ୍କ ବିଷୟରେ ଶୁଣି ତାଙ୍କର ମନରେ କୌତୁହଳ ଜାଗିଲା । ଦିନେ ଛୁଟିଦିନ ଦେଖି ରମେଶ ପହଞ୍ଚିଲା ସେଇ ଆମ୍ବ ବୁରେଇରେ ଥିବା ସୁମନ୍ତଙ୍କ କୁଡିଆ ପାଖରେ। ସୁମନ୍ତ ତାଙ୍କ କୁଡିଆ ଆଗ

ISSN NO.
2582-208X

ବଗିଚାରରେ କାମ କରୁଥିଲେ। ନୂଆଁ ମୁହଁ ଦେଖି ଚକିତ ଭାବ ଠଉରାଇ ରମେଶ ନିଜ ପରିଚୟ ଦେଲା। ସୁମନ୍ତ ଖୁସିରେ ବରଣ୍ଡା ଉପରେ ସପ ପକାଇ ତାଙ୍କୁ ବସିବାକୁ କହିଲେ। ରମେଶ ବସି କଥା ଆରମ୍ଭ କଲା, "ସୁମନ୍ତ ଭାଇ ଆପଣଙ୍କର ବିଷୟରେ ସବୁ କଥା ଗାଁ ଲୋକେ ମତେ କହିଛନ୍ତି । ତେଣୁ ଆପଣଙ୍କର ସହ ବନ୍ଧୁତା କରିବା ମନରେ ଆଜି ଆସିଛି, ଆପଣଙ୍କର ଜୀବନ ବିଷୟରେ କିଛି ଅଧିକା ଜାଣିବା ଆଶାରେ ।ଗାଁ ଲୋକ କହୁଥିଲେ ଆପଣ କୁଆଡେ ନିଜର ଛାଇ ସହ କଥାବାର୍ତ୍ତା ହୁଅନ୍ତି ମଧ୍ୟ। ଏହାର ରହସ୍ୟ ଜାଣିଲେ ମତେ ଭଲ ଲାଗିବ।"

ହସିଲେ ସୁମନ୍ତ । ଆସି ପାଖରେ ବସିଲେ । କହିଲେ, "ରମେଶ ଆଜ୍ଞା, ମୁଁ ଜଣେ ସାଧାରଣ ଲୋକ । ପାଠଶାଠ ବିଶେଷ କିଛି ନାହିଁ । ପାଖ ସହରରେ ସାଧାରଣ କାମଧାମ କରି ଗୁଜୁରାଣ ମେଣ୍ଟାଉଥିଲି । ବାହାସାହା ହୋଇନଥିଲି ତେଣୁ ପରିବାର ଚିନ୍ତା ନ ଥିଲା । ଯେଉଁଠି ରହୁଥିଲି ସେଇଟା ହୋଇଯାଉଥିଲା ମୋ ସଂସାର। ସେଇ ଛୋଟ ସଂସାରରେ ମୁଁ ବଡ ଖୁସିରେ ରହୁଥିଲି ମନଭରି। ସୌଭାଗ୍ୟ କୁ ହଠାତ୍ ଦିନେ ପରିଚୟ ହେଲା ସେଇ ସହରର ବିଖ୍ୟାତ ଜାଦୁକର ମୋହିନୀଶଙ୍କର ଙ୍କ ସହ। ତାଙ୍କ ଜାଦୁ ର ଆକର୍ଷଣ ରେ ତାଙ୍କର ଶିଷ୍ୟ ବନିଗଲି ଓ ଧୀରେ ଧୀରେ ନିଜେ ଜଣେ ଜାଦୁକର ହୋଇ ଖେଳ ଦେଖାଇବା ଆରମ୍ଭ କଲି। ସେଇ ଜାଦୁ ଖେଳରେ ମୁଁ ଦେଖିଲି, ଜାଣିଲି, ମଣିଷର ଛାଇ କେବଳ ଅନ୍ଧକାରର ଏକ ରୂପ ନୁହେଁ, ବରଂ ସ୍ମୃତିର ଗନ୍ତାଘର, ମନର ଗୋଟାଏ ଦର୍ପଣ। ମୋ ଜାଦୁକର ଗୁରୁ କହୁଥିଲେ, ଆମେ ଆମର ଛାଇ ସହ କଥା ହୋଇ ପାରିଲେ, ନିଜ ବିଷୟରେ ସବୁ ଜାଣି ପାରିବା। ତାଙ୍କରି କଥାନୁସାରେ ଆଜିବି ଘଡିଏ ବସି ନିଜ ଛାଇ ସହ କଥାହେବା ଅଭ୍ୟାସ ରହିଯାଇଛି। କାରଣ ତା ଭିତରୁ ମୁଁ ଖୋଜିପାଏ ମୋର ବିତିଯାଇଥିବା ଅତୀତର କାହାଣୀ। ମତେ ଟିକେ ଆରାମ ଦିଏ, ମନକୁ ଶାନ୍ତି ଆଣେ।”

ରାମେଶ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, “ଆପଣଙ୍କର ଅତୀତ ?”

ସୁମନ୍ତ ଏଥରକ ଲମ୍ବା ନିଶ୍ୱାସ ନେଇ କହିଲେ, “ଗୁରୁଜୀଙ୍କ ଆଶୀର୍ବାଦରୁ, ମୁଁ ଜଣେ ନାମକରା ଜାଦୁକର ବନିଗଲି। ମୋ ଜାଦୁ ଖେଳରେ ଲୋକ ମସଗୁଲ୍ ହେଉଥିଲେ, ମଜା ଉଠାଉଥିଲେ, ସୁଖ ନେଉଥିଲେ। ଧୀରେ ଧୀରେ ଦୂର ସହରରୁ ନିମନ୍ତ୍ରଣ ଆସିବାକୁ

ISSN NO.
2582-208X

ଲାଗିଲା ଜାଦୁଖେଳ ପାଇଁ। ହେଲେ ଜୀବନ ବଡ ବିଚିତ୍ର। ସୁଖପରେ ଦୁଃଖ ଲେଖାଥାଏ।। ସେୟା ବି ଘଟିଲା ମୋ ଜୀବନ ରେ । ଗୋଟାଏ ବଡ ସହରରେ ଦିନେ ଜାଦୁଖେଳ ଭିତରେ ମୋର କିଛି ଭୁଲଭଟକା ରହିଗଲା ଓ ଜଣେ ନିରୀହ ବାଳକ ଜୀବନ ଚାଲିଗଲା। ଦେଖଣାହାରୀଙ୍କ ରୋଶର ଶିକାର ହେଲି। ପୋଲିସ୍ ମତେ ବଡ କଷ୍ଟରେ ଉଦ୍ଧାର କରି ଡାକ୍ତରଖାନାରେ ପକାଇଲା। ମାସାଧିକକାଳ ଚିକିତ୍ସିତ ହେଲା ପରେ ସୁସ୍ଥ ହୋଇ ଫେରିଲି। ତା'ପରଠୁଁ ମୁଁ ଜାଦୁ ପୁରାପୁରି ଛାଡ଼ିଦେଲି। ମୋ ଛାଇ ମୋତେ ସେହି ଅପରାଧ ଓ ସେ ଦିନର ଘଟଣା କୁ ମନେ ପକାଇ ଦିଏ। ମୋ ମନ ଭିତରେ ଅନୁଶୋଚନା ଭରେ, ମନରେ ଦୁଃଖ ଭରେ ଆଉ ସେ ସବୁକୁ ମୁଁ ଲୁଚାଇବାକୁ ଚେଷ୍ଟା କରେ।"

ରାମେଶ ସ୍ତବ୍ଧ ହୋଇ ଶୁଣୁଥିଲା।

ସୁମନ୍ତ ଆଗକୁ କହିଚାଲିଲେ, "ମୁଁ ମୋ ଛାଇକୁ ସବୁବେଳେ କହିଛି, ମୋର କିଛି ମନ୍ଦ ଉଦ୍ଦେଶ୍ୟ ନଥିଲା, ମୋର ଅଜାଣତରେ ଭୁଲ କରିବସିଲି, ତେଣୁ ମୋତେ କ୍ଷମା କରିଦେବାକୁ। କିନ୍ତୁ ଏହା କେବଳ ମୋ ନିଜ ମନକୁ ବୁଝାଇବା କଥା। ମୋ ମନଭିତରେ ସେ ଅବେଳର ଦୋଷ ଘାଣ୍ଟି ହୁଏ, ନିଜ ଅପାରଗତା ପ୍ରତିଫଳିତ କରେ। ତୁମେ ମଧ୍ୟ ଯଦି ନିଜ ଛାଇ ସହ କଥା ହେବ, ନିଜ ଭିତରେ ଅନେକ ଲୁକ୍କାୟିତ ଘଟଣାକୁ ଦେଖିପାରିବ।"

ସେ ଦିନ ବଡ ଦୋଦୁଲ୍ୟମାନ ଭାବନାରେ ରାମେଶ ଘରକୁ ଫେରିଲା ସୁମନ୍ତ ଙ୍କ ଠାରୁ ବିଦାୟ ନେଇ । ଫେରିଲା ବେଳକୁ ଦେଖିଲେ ପଛପଟେ ସୂର୍ଯ୍ୟଙ୍କ କିରଣରେ ନିଜ ଛାଇ ଆଗରେ ଠିଆ ହେଇଛି। ସେ ଚେଷ୍ଟାକଲେ ସେ ଛାଇ ସହ କଥା ହେବାକୁ । ସତରେ କ୍ଷଣିକ ରେ ଫୁଟିଉଠିଲା ନିଜ ଅତୀତର ଭୁଲସବୁ, ମନେ ଭିତରେ ସିନେମା ରିଲ୍ସ ପରି ଘୁରିବୁଲିଲା। ସ୍ମୃତି ସବୁ ଉଜାଗର ହୋଇଉଠିଲେ। ଯେଉଁ କଥାଗୁଡ଼ିକୁ ସେ ଭୁଲିବାକୁ ଚାହୁଁଥିଲା ଗତ କିଛି ବର୍ଷ ଧରି, ସେ ସବୁ ଜୀବନ୍ତ ହୋଇ ଫୁଟିଉଠିଲେ। ଛାଇ ତା' ଆଗରେ ସେମିତି ଠିଆ ହୋଇଥିଲା ନୀରବରେ, ପ୍ରଶ୍ନ କରୁଥିଲା ମନଭିତରେ ସତରେ ତୁ କ'ଣ ନିଜେ ନିଜକୁ କ୍ଷମା କରିପାରିବୁ ଅତୀତରେ କରିଥିବା ନିଜର ଭୁଲ ସବୁକୁ ?

ISSN NO.
2582-208X

ପରଦିନ ଅସ୍ଥିର ମନରେ ରାମେଶ ସୁମନ୍ତଙ୍କ ପାଖକୁ ଆଉଥରେ ଆସିଲେ, କହିଲେ, "ଆପଣ ଯାହା କହିଥିଲେ ଠିକ୍ କହିଥିଲେ। ଛାଇ ଆମ ମନର ଆଲୁଅ, ମନ ଭିତରୁ ଅନ୍ଧକାର ଦୂରକରି ନିଜ ଭୁଲକୁ ସ୍ୱୀକାର କରିବାକୁ ସାହସ ଦିଏ, ମତେ ବି ଦେଇଛି।"

ସୁମନ୍ତ ମୁରୁକି ମୁରୁକି ହସୁଥିଲେ। "ଭଲହେଲା, ତୁମେ ତୁମ ଛାଇ ପଛର ଚେହେରା କୁ ଦେଖିଛ, ଜାଣିପାରିଛ। ଏବେ ତୁମେ ମୁକ୍ତ ନିଜ ଦୋଷରୁ।"

କିଛି ଦିନ ପରେ ଗାଁ ଲୋକେ ଦେଖିଲେ ସୁମନ୍ତଙ୍କ କୁଡିଆ ଖାଲି ପଡିଛି, ତାଙ୍କର ଆତାପତ୍ତା ମିଳିଲା ନାହିଁ ଗାଁ ଲୋକଙ୍କୁ। କେହି ଗାଁ ଜଣେ କହୁଥିଲା ଯେ ସୁମନ୍ତଙ୍କ ନିଜ ଛାଇ ସହ କଥା ବନ୍ଦ କରିଦେଇ ହିମାଳୟ ପର୍ବତମାଳାକୁ ଚାଲିଯାଇଛନ୍ତି ନୀରବରେ ସାଧନା କରିବାକୁ ।

54 ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର 751024
ଦୂରଭାଷ 9437085396

ISSN NO.
2582-208X

# ମାଆର ତୁଳନା ନାହିଁ



ଗୋଲୋକବିହାରୀ ବେହେରା

ସେ ତ ହୀରାଟିଏ କୋହିନୂର
ସେ ତ ମରୁଭୂମି ମଧୁଝର।
ସେ ତ କୋଇଲିର କୁହୁତାନ
ସେ ତ ମଧୁମକ୍ଷିକା ଗୁଞ୍ଜନ।

ସେ ତ ଅନ୍ଧାରେ ଆଲୋକ ଆଶା
ସେ ତ ଶାନ୍ତ ସରଳ ଦିଶା।
ସେ ତ ମମତାର ମନ୍ଦାକିନୀ
ସେ ତ ପରଶରେ ସଂଜୀବନୀ।

ସେ ତ ଫୁଲର ସୁବାସ ବାସ
ସେ ତ ସଜ ମଲ୍ଲୀଫୁଲ ହସ।
ସେ ତ ବସନ୍ତେ ମଳୟ ବାଆ
ସେ ତ ବିପଦେ ତାରିଣୀ ମାଆ।

ସେ ତ ଆଶିଷର ଆଶାବରୀ
ସେ ତ କରୁଣାର କାଦମ୍ବରୀ।
ସେ ତ ସର୍ବସଂହା ଧରାସମ
ସେ ତ ପ୍ରୀତିଠାରୁ ପ୍ରିୟତମ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

ISSN NO.
2582-208X

# ବିଶ୍ୱ ପରିବେଶ ଦିବସ



ବାସନ୍ତୀ ଲତା ଜେନା

ପରି ବେଶ ଆମ ସ୍ୱଚ୍ଛ ରହି ଥିଲେ
ହସିବ ଜୀବନ ପରା
ସୁସ୍ଥ ଶରୀରରେ ସୁସ୍ଥ ମନ ପ୍ରାଣେ
ଦିନ ଚର୍ଯ୍ୟା ସୃଷ୍ଟି ଧାରା ।୧।
ବୃକ୍ଷ ତ ଅଟଇ ପରୋପକାରୀ
ସମାଜକୁ ତାର ଦାନ
ବୃକ୍ଷ ନ ବଞ୍ଚିଲେ ମଣିଷ ଜୀବନ
ହୋଇ ଯିବ ଅକାରଣ ।୨।
ବୃକ୍ଷ ଦେଇ ଥାଏ ପତ୍ର ଫୁଲ ଫଳ
ବାଟୋଇକୁ ଦିଏ ଛାଇ
ଭୋକିଲା ଉଦରେ ଆହାର ଯୋଗାଏ
ରୋଗୀକୁ ଔଷଧ ଦେଇ ।୩।
ଅଙ୍ଗାରକାମ୍ଳ ଶୋଷି ଅମ୍ଳଜାନ ଦିଏ
ପ୍ରାଣୀର ଜୀବନ ପାଇଁ
ରନ୍ଧନ ପାଇଁକି ଜାଳେଣି ଯୋଗାଏ
ଗୃହ ନିର୍ମାଣେ ଲାଗଇ ।୪।
ବୃକ୍ଷ ଥିଲେ ଭଲ ବର୍ଷା ହୋଇ ଥାଏ
ମାଟି ସରକ୍ଷଣ ହୁଏ
ବୃକ୍ଷ କାଟି ଦେଲେ ଦୂଷିତ ବାୟୁରେ

ISSN NO.
2582-208X

ବସୁମତୀ ଭରି ଯାଏ ।୫।
ପ୍ରଗତିର ନାମେ ଗଛ କଟା ଯାଏ
କଳକାରଖାନା ପାଇଁ
ବୃକ୍ଷ ତ ବଞ୍ଚିଲେ ମଣିଷ ବଂଚିବ
ଏକଥା ନ ଭୁଲ ଭାଇ ।୬।
ବିଶ୍ୱ ପରିବେଶ ଦିବସ ପାଳନ
ହୋଇ ଅଛି ଏଥି ପାଇଁ
ପ୍ରତ୍ୟେକ ମାନବ ଗଛ ଲଗାଇଲେ
ହସିବ ଧରିତ୍ରୀ ଭୂଇଁ ।୭।
ପ୍ଲାଷ୍ଟିକ ରକ୍ଷସ ଦୂର କରି ଦେବା
ସ୍ୱଚ୍ଛତାକୁ ଆପଣାଇ
ଗୋରୁ ତ ଖାଇଲେ ହଜମ ନ ହୁଏ
ମୃର୍ତ୍ତିକାରର ପଚେ ନାହିଁ ।୮।
ନିଆଁରେ ପୋଡିଲେ ପୋଡି ସେ ନ ହୁଏ
ବାୟୁ ଦୂଷିତ ଯେ ହୁଏ
ବର୍ଷା ଜଳ ନିମ୍ନ ଗାମୀ ନ ହୁଅଇ
ପ୍ଲାଷ୍ଟିକ୍ ଓଗାଳୁ ଥାଏ ।୯।
ଆଜିର ଦିନରେ ଶପଥ ନେବାରେ
ପରିବେଶ ସଚେତନ
ପ୍ରଚାର ପ୍ରସାର ଟିଭି ରେଡ଼ିଓରେ
ସୃଷ୍ଟି ଜନ ଜାଗରଣ ।୧୦।
ଗଛ ଲଗାଇବା ଯତ୍ନ ତାର ନେବା
ଜଙ୍ଗଲ ସୃଷ୍ଟି କରିବା
ସୁସ୍ଥ ପରିବେଶ ସଜାଇ ରଖିବା
ସୁସ୍ଥ ଜୀବନେ ବଂଚିବା ।୧୧।

ଶିକ୍ଷୟିତ୍ରୀ, ଗାନ୍ଧୀନଗର,
ନବରଙ୍ଗପୁର

ISSN NO.
2582-208X

# ଘର ଘରର କାହାଣୀ



ସୁଧାଂଶୁ ଶେଖର ଦ୍ୱିବେଦୀ

ଗୋଟେ ପଟେ ମାତା ପିତା ନିଜର ଶିକ୍ଷିତ ପୁଅକୁ ବିବାହ କରିବା ପାଇଁ ସ୍ୱପ୍ନରେ ବିଭୋର ହେଉଥିବା ବେଳେ ବନ୍ଧୁ ପରିଜନ ସାଇ ପଡିଶା ମଧ୍ୟ ମାସେ ପୂର୍ବରୁ ଉତ୍ସାହିତ ହୋଇ ରହିଥାନ୍ତି। କିଛିଦିନ ମଧ୍ୟରେ ବିବାହର ସମସ୍ତ ପ୍ରକାର ବ୍ୟବସ୍ଥା ଆଗେଇ ଚାଲେ। ଅନ୍ୟ ପକ୍ଷେ ଝିଅର ମାତା ପିତା ଝିଅର ହାତ କୁ ଦୁଇ ହାତ କରିବାପାଇଁ ବ୍ୟସ୍ତ ବିବ୍ରତ ହେବା ସହିତ ମନେ ମନେ ଦହି ଚୁଡ଼ା ଖାଉଥାନ୍ତି। ଝିଅ ପାଇଁ ଲୁଗା, ଆଭୂଷଣ, ବିବାହ ମୁଣ୍ଡପ, କ୍ୟାମେରା ମେନ, ହଳଦୀ, ମେହେନ୍ଦିର ପ୍ରଥା ଇତ୍ୟାଦି ଇତ୍ୟାଦିର ବ୍ୟବସ୍ଥା ନିମନ୍ତେ ସୂକ୍ଷ୍ମରୁ ସୂକ୍ଷ୍ମ ସରଞ୍ଜାମ ଯାଏ ଧ୍ୟାନ ଦେବାକୁ ଭୁଲନ୍ତି ନାହିଁ।

ଇଚ୍ଛା ଓ ଉଦ୍ଦୀପନାରେ ଦୁଇପକ୍ଷ ନିଜ ନିଜ ସନ୍ତାନଙ୍କର ବିବାହ ବଡ ଧୂମଧାମରେ ସମାପନ କରିଦିଅନ୍ତି। ଝିଅଟି ଅସୁମାରୀ ସ୍ୱପ୍ନକୁ ସାଥୀରେ ଧରି ଶ୍ୱଶୁରାଳୟରେ ପହଞ୍ଚିଯାଏ। ସ୍ୱପ୍ନ ବୁଣୁଥିବା ଝିଅ ଓ ସ୍ୱପ୍ନ ସାଉଣ୍ଟୁଥିବା ପୁଅଙ୍କ ମଧ୍ୟରେ କିଛିଦିନ ବୈବାହିକ ଜୀବନ ମହାନନ୍ଦରେ ବିଭୋରିତ ହୋଇ ବିତିଯାଏ। ଖୁସିର ଘର ଗଢୁ ଗଢୁ ହଠାତ୍ ଅଧାଗଢ଼ା ରହିଯାଏ। ପୁଣି ଦିନେ ବୈବାହିକ ଜୀବନରେ କାଳ ଗ୍ରାସ କରିନିଏ। ଅସୁମାରୀ ସ୍ୱପ୍ନର ସ୍ୱପ୍ନ ଘରଟି ଆକସ୍ମିକ ତାସ୍ କାର୍ଡ ପରି ବିଛିଡ଼ି ପଡେ।

ଏସବୁ ଆଜିକାଲି ପ୍ରତିଟି ଘରର କାହାଣୀ ହୋଇଗଲାଣି। ବିବାହ ର କିଛିଦିନ ପରେ ମନୋମାଳିନ୍ୟ ପୁଣି ସୃଷ୍ଟି ହୋଇଥିବା ଛୋଟ ଛୋଟ ଅଗ୍ନିକଣା ବିରାଟ ଆକାର ଧାରଣ କରିନିଏ। କେଉଁ ପକ୍ଷ କେତେ ଭୁଲ କରିଛି ତାହା ଜଣା ଅଜଣା ହୋଇ

ISSN NO.
2582-208X

ରହିଥିବା ବେଳେ ଦୁଇଟି ପରିବାର ମଧ୍ୟକୁ ଗଭୀର ଦୁଃଖର ଧୂଆଁ ଘେରିଆସେ। ପ୍ରତ୍ୟେକ ବ୍ୟକ୍ତିବିଶେଷ ଏହା ମଧ୍ୟ ଭାବିଥାନ୍ତି ଏଭଳି ପରିସ୍ଥିତି ଆମ ଘରେ ହେଉନାହିଁ ଅନ୍ୟମାନଙ୍କ ଘରେ ହେଲେ ଆମର ଯାଏ ଆସେ କେତେ? କିନ୍ତୁ ସତ ଏହା ଯେପର୍ଯ୍ୟନ୍ତ ଅନ୍ୟମାନଙ୍କର ଅସୁବିଧାକୁ ଆମେ ବୁଝିପାରିବା ନାହିଁ ସେପର୍ଯ୍ୟନ୍ତ ଏସବୁ ସମସ୍ୟା କେବେବି ଶେଷ ହେବନାହିଁ। ପ୍ରତ୍ୟେକ ବ୍ୟକ୍ତିଙ୍କ ଚିହ୍ନା ପରିଚିତ, ବନ୍ଧୁ - ପରିବାର, ମିତ୍ର -ପଡୋଶୀରେ କେହି ନା କେହି ସମସ୍ୟାରେ ଆକ୍ରାନ୍ତ ହୋଇଥାଏ। ଅଥଚ ଆମେମାନେ ସେହି ବ୍ୟକ୍ତିଙ୍କୁ ଏକାକୀ ଛାଡି କହିହେଉ - ଭାଗ୍ୟରେ ଯାହା ଲେଖା ଅଛି ତାକୁ ଭୋଗିବାକୁ ପଡିବ।

ଆମେମାନେ ଅନେକ ସମୟରେ ଆମର ପୂର୍ବଜ, ପରମ୍ପରା, ରୀତି - ନୀତିକୁ କୌଣସି ବାହାନା ଜରିଆରେ ଅପଶବ୍ଦ ପ୍ରୟୋଗ କରିଥାଉ। ସେମାନେ ଯାହା କରିଯାଇଛନ୍ତି ସେସବୁ ଭୁଲ ବୋଲି ଦୃଢ଼ କଣ୍ଠରେ ଚିତ୍କାର କରୁ। କିନ୍ତୁ ତା ପଛରେ ଛପି ରହିଥିବା ବୈଜ୍ଞାନିକ ଓ ମନୋବୈଜ୍ଞାନିକ ବ୍ୟବସ୍ଥାକୁ ବୁଝିବା ପାଇଁ ଅକ୍ଷମ ହୋଇଯାଉ। ପୂର୍ବରୁ ପୁଅ ଝିଅଙ୍କ ସମ୍ବନ୍ଧ ସ୍ଥିର କରିବା ନିମନ୍ତେ ପରିବାର ସଦସ୍ୟ ପୁଅ ଝିଅର ପାଳନ ପୋଷଣ, ଯୋଗ୍ୟତା, ଶିକ୍ଷା, ସ୍ୱାଭାବ, ସଂସ୍କାର ଆଦି ଦେଖୁଥିଲେ। ସେସବୁର ଖବର ଯଥାଶୀଘ୍ର ମିଳି ଯାଉଥିଲା। କାରଣ ସେ ସମୟରେ ସଂଯୁକ୍ତ ପରିବାରର ବ୍ୟବସ୍ଥା ବଳବତ୍ତର ଥିଲା। ସାମାଜିକ ବ୍ୟବସ୍ଥାରେ କୌଣସି ନା କୌଣସି ରୂପେ ସମ୍ପର୍କିତ ଦେଖା ହେଇ ଯାଉଥିଲେ। ଲୋକଙ୍କ ଆଖିରେ ଲଜ୍ୟା ବି ଥିଲା। ମାନ -ସମ୍ମାନ ବି ଥିଲା।ଭଲ ମନ୍ଦ ଜଣେ ଅନ୍ୟ ଜଣଙ୍କ ସହିତ ସହଭାଜନ ହେଉଥିଲେ।

ସମୟ ବଦଳିଲା, ପରିସ୍ଥିତି ବି ବଦଳିଲା। କିନ୍ତୁ ସମସ୍ୟା ସେଇବେଳେ ସୃଷ୍ଟି ହେଲା ଆମେମାନେ ଯେବେ ସମୟଠାରୁ ଅଧିକ ବେଗରେ ଦୌଡ଼ିବାକୁ ଚେଷ୍ଟା କଲୁ। ସମୟଠାରୁ ଦୁଇ ଚାରି ପାଦ ଆଗକୁ ଯାଇ ଧଡାସ୍ ହୋଇ ପଡିଲୁ। ଆଜିର ଦିନରେ ପୁଅ ଝିଅମାନେ ଏକ ସମାନ୍ତରାଳ ସରଳ ରେଖାରେ ଆଗେଇ ଚାଲିଛନ୍ତି। ଶିକ୍ଷା, କାର୍ଯ୍ୟଦକ୍ଷତା ଏବଂ ଅନ୍ୟ ସହଭାଗିତାରେ କେହି କାହାଠାରୁ କମ୍ ନୁହନ୍ତି। ଅଧିକ ରୋଜଗାର କରିବା ଅଧିକ ଖର୍ଚ୍ଚ କରିବାରେ ସମସ୍ତଙ୍କୁ ଅଧିକାର ମିଳିଛି। ଆଉ କେହି କାହା ଉପରେ ବୋଝ ସଦୃଶ ନିର୍ଭରଶୀଳ ହୋଇ ରହିନାହିଁ। ସେଥିପାଇଁ ପୁଅକୁ ଭଲ ରୋଜଗାରକ୍ଷମ ଝିଅଟିଏ ଦରକାର ପଡୁଛି। ଝିଅକୁ ମଧ୍ୟ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ମିଳୁଥିବା ସ୍ୱାମୀଟିଏ ଆବଶ୍ୟକ ହେଉଛି।

ISSN NO.
2582-208X

ବାସ୍ତବରେ ସମୟ ଆଜି କୋଉଠି ଆସି କୋଉଠି ପହଞ୍ଚି ଯାଇଛି। ଯାହା ଭାବନାର ଊର୍ଦ୍ଧ୍ୱରେ ସମାହିତ। ବୋହୂ ପ୍ରତି ଶାଶୁର ଦୌରାତ୍ମ୍ୟ ଶେଷ ହୋଇଛି ସତ ତା ସ୍ୱତନ୍ତ୍ରତାର ସୀମା ଶ୍ୱଶୁର ଘର ପାଚେରୀ ଡେଇଁ ବାହାରକୁ ବାହାରି ଆସିଛି। ଆଜି ପ୍ରତ୍ୟେକଙ୍କ ଘରେ ଛୋଟ ଛୋଟ କଥାକୁ ନେଇ କଳି ଝଗଡା ତଥା କୋର୍ଟ କଚେରୀରେ ଦ୍ୱାରସ୍ଥ ହେବାକୁ ପଛାଉ ନାହାନ୍ତି। କେବେ ବୁଝିବା ମୁସ୍କିଲ ହେଇଯାଉଛି ସ୍ଥିରୀକୃତ ବୈବାହିକ ଜୀବନରେ ଏମିତି ଘଟୁଛି ଭଲ ପାଇ ବିବାହ କରି ଥିବା ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଣ ସବୁ ଘଟୁ ନଥିବ? ଭଲ ପାଇବାକୁ କେନ୍ଦ୍ର କରି ନା ସେମାନଙ୍କୁ ଘର, ପରିବାର, ଗୋତ୍ର, ଜାତି, ବଡ ସାନ କିଛି ବି ଦେଖାଯାଉ ନାହିଁ। ହୁଏତ ସେଥିପାଇଁ ସେମାନଙ୍କ ଜୀବନରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ବର୍ତ୍ତମାନ ସମାଜରେ ଯେକୌଣସି ସମ୍ପ୍ରଦାୟ ହୋଇଥାନ୍ତୁ ବୈବାହିକ ସମ୍ବନ୍ଧ ବଡ ସଙ୍କଟରେ ଗତି କରୁଛି। ଏହା କାହିଁକି ହେଉଛି ନିଜ ନିଜ ସ୍ତରରେ ଚିନ୍ତନ କରିବାର ସମୟ ଆସିଛି। ସମୟ ଥାଉ ଥାଉ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ପରିବର୍ତ୍ତନ ଆଣିବା ନିହାତି ଜରୁରୀ। ତା ନହେଲେ ନେଟି ଗୁଡ କହୁଣୀ ଧରିବାକୁ ବାଧା ମାନିବ ନାହିଁ।

ବିସି-୭୪, ସଲ୍ଟ ଲେକ୍, କଲକତା-୬୪
ମୋ-୯୬୮୧୩୭୩୫୧୨

ISSN NO.
2582-208X

# ଲୋଡ଼ାଥାଏ ପରିବାର



ଡ. ପ୍ରିୟମ୍ବଦା ସାମଲ

ସୁଖ ଶାନ୍ତି ସମୃଦ୍ଧି ମୂଳଦୁଆ ପାଇଁ
ଲୋଡ଼ାଥାଏ ପରିବାର
ପିତା ମାତା ଭାଇ ଭଗ୍ନୀ ମଧ୍ୟେ ଥାଏ
ସ୍ନେହ ପ୍ରେମ ପାରାବାର।

ପତି ପତ୍ନୀ ସନ୍ତାନ ସନ୍ତତି ଯହିଁ
ସ୍ନେହରେ ଥାଆନ୍ତି ବନ୍ଧା
ଯେତେ ଦୁଃଖ ଝଡ ଆସିଲେ ଜୀବନେ
ଟଳି ଯାଏ ସର୍ବ ବାଧା।

ଜଣକ ଦୁଃଖରେ ଆନ ଦୁଃଖି ହୋଇ
ଆଶ୍ୱାସନା ଡୋରେ ବାନ୍ଧି
ସାହସ ଶକତି ଯୋଗାଇ ଥାଆନ୍ତି
ସଂସାର ହସେ ନ କାନ୍ଦି।

ପରିବାର ମଧ୍ୟେ ଗୁରୁଜନ କଥା
ସଭିଏଁ ଥାଆନ୍ତି ମାନି

ISSN NO.
2582-208X

ଲଘୁଜନମାନେ ତାଙ୍କ ପରାମର୍ଶେ
ପାଲଟନ୍ତି ଜ୍ଞାନୀ ଧନୀ ।

ସଭିଙ୍କ ପାଇଁଟି ଲୋଡ଼ା ପରିବାର
ନହେଲେ ଜୀବନ ଶୂନ୍ୟ
ଧନ ଜ୍ଞାନ ଯେତେ ପାଶେ ଥିଲେ କିବା
ନ ଥାଏ ଯେବେ ସ୍ୱଜନ ।

ଏକାକୀ ଜୀବନ ବଡ଼ ହୀନିମାନ
ସୁଖ ଦୁଃଖ ବାଣ୍ଟିବାକୁ
ମନ ଲୋଡିଥାଏ ପରିବାରଟିଏ
ତାକୁ ଆଦରି ନେବାକୁ ।

ନନ୍ଦନ ବିହାର, ଭୁବନେଶ୍ୱର

ISSN NO.
2582-208X

# ପାଦେ ନିଜସ୍ୱ କାୟା



ଝିଲିମିଲି ସାହୁ

ପୁରୁଣା କାନ୍ଥର ଧୂଳି ନିଃଶବ୍ଦେ ବଖାଣେ
ଅଗଣିତ ଧୈର୍ଯ୍ୟ ଭରା କୋହ
ଏଇ ବିକାଶର ଛାୟାରେ
ଅନେକ ହଜାଇ କିଛି ପାଇବାର ମାୟା
ଯେମିତି କୁହୁଳା ପାଉଁଶ ତଳେ ଲୁଚିଥାଏ
ଭୟଙ୍କର ବିସ୍ଫୋରଣର ଭୟ
ପ୍ରକୃତି କୁହେ ସ୍ଥାଣୁ ହେବା ମୃତ୍ୟୁ ସମାନ
ସେଥିପାଇଁ  ତ..!! ଏ ଶୂନ୍ୟ ଯାତ୍ରା
ଆକାଶର ମନେ ବି ଉଠେ କୋହ
ସେ ଜାଣିଛି କଷ୍ଟ ସାଥେ ଜିଇଁବାର ମାଦକତା
ବିଜୁଳି, ଘଡଘଡି, ବର୍ଷା ହିଁ ତା' ସୁନ୍ଦର ସତ୍ୟତା।
ଆଃ!! କି ସ୍ନିଗ୍ଧ, ଶୀତଳ ଏ ବରଷାର ଧାରା
ଗଗନର ଅସୀମତା, ଅଭେଦ୍ୟ, ଅକଳନୀୟ
ସେଥିପାଇଁ ତ... ? ଅନ୍ୱେଷିତା.........!!!
ଥାପିବାକୁ ଆକାଶେ ପାଦେ ନିଜସ୍ୱ କାୟା।

ସହ. ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# କାହ୍ନୁ ଭାଇନା ସ୍ମରଣେ

(ହେ ଚକା ନୟନ ବୃତ୍ତେ)



ତ୍ରିପତି ପ୍ରଧାନ

ହେ କାହ୍ନୁ ଭାଇନା
କି ଗୁଣ ଗାଇବି ତବ
ମୁଁ ହୀନ ମନା
ଯା ଗୁଣ ଗାରିମା ଗୀତେ
ଉଡଇ ବାନା (୧)
ତୁମ ଶିକ୍ଷା ପାଇ କେତେ ଛାତ୍ରଛାତ୍ରୀ
ମଣିଷ ହୋଇଣ ଲଭିଛନ୍ତି ଖ୍ୟାତି
ରାଜ୍ୟ ଦେଶ ବିଦେଶରେ
ରଖି ତାଙ୍କ ନାଁ (୨)
ଥିଲ ତୁମେ କବି ଗାଳ୍ପିକ ଲେଖକ
ନାଟ୍ୟକାର ପୁଣି ନିଜେ ନିର୍ଦ୍ଦେଶକ
ଅଭିନୟେ ମହୁଥିଲ
ଦର୍ଶକ ସିନା (୩)
ଜାତିର ଉତ୍ସବ ସଭାସମିତିରେ
ଶୁଭୁ ଥିଲା ଗୀତ ଶୁଭ ଶଙ୍ଖ ସୁରେ
କୁଳର କୋକିଳ ନାମେ
ବାଜେ ବାଜଣା (୪)
ମାନସ ସନ୍ତାନ ସାହିତ୍ୟ କୁସୁମ
ଫୁଲ ଚାଙ୍ଗୁଡିକୁ ପଞ୍ଚାମୃତ ନାମ

ISSN NO.
2582-208X

ମହାମାୟୀ ଗୀତ ଯାର
ଶୁଭେ ମୁର୍ଚ୍ଛନା (୫)
ଉପାନ୍ତ ସାହିତ୍ୟ ସେବା ସଦନର
ସଦା ପ୍ରଚଳିତ ପ୍ରତିଭା ଭାସ୍ୱର
ଶୀତ ବର୍ଷା ବାଦଲ ଯା
ରୋକି ପାରେନା (୬)
ଦମୟନ୍ତୀ ନାମେ ପାଇ ଧର୍ମପତ୍ନୀ
ନଳ ରାଜା ସମ ଥିଲ ତା ସମ୍ପତ୍ତି
ଚାଲିଗଲ କାହିଁ ତାଙ୍କୁ
କରି ନିଉନା (୭)
ତିନି ପୁତ୍ର ଦୁଇ କନ୍ୟା ଜାତ କରି
ସଂସାର ସାଗରେ ନାବକୁ ଉତାରି
ନାତି ନାତୁଣୀଙ୍କ ଥିଲ
କାଳିଆ ସୁନା (୮)
କରଇ ଗୁହାରୀ ଆହେ ଚକ୍ରଧାରୀ
ପରିବାର ହୃଦେ ସାହାସ ସଂଚାରି
ଚାହିଁ ଥିବ କୃପା ନେତ୍ରେ
କରେ ପାର୍ଥନା(୯)

ସଂସ୍କୃତ ଶିକ୍ଷକ, ଚକଟି, ଗଞ୍ଜାମ

ISSN NO.
2582-208X

# ଅଶ୍ରୁ ତର୍ପଣ



ଦେବଦତ୍ତା ଦେବୀ

ନିର୍ମଳ ଚାଟାର୍ଜୀ ଆଜି ଛାଟି ପିଟି ହେଇ ଚାରିଟା ବେଳୁ ଘରକୁ ପଳେଇ ଆସିଲେ। ଆଜି ମନସି ର ପ୍ରଥମ ବାର୍ଷିକ ଶ୍ରାଦ୍ଧ, ଗଲା ବର୍ଷକ ଭିତରେ ମାନସୀ କୁ ମନ ଭିତରେ ଥରେ ବି ମନେପକାଇ ନାହାଁନ୍ତି ନିର୍ମଳ । ସତରେ ଯେମିତି ମାନସୀ ର ମୃତ୍ୟୁ ତାଙ୍କୁ ମୁକ୍ତି ଦେଇଛି। ଆଜି ଅଫିସରେ ଜୟା ର ପାର୍ସଲ ଟା ପାଇ ତା ଭିତରେ ହାତ ଘଣ୍ଟା ଟି ଦେଖିଲା ପରେ ନ ଚାହିଁଲେ ବି ମାନସୀ ସ୍ମୃତି ର ପରଦା ଟେକି ଆପେଆପେ ନିର୍ମଳର ମନ କୁ ହଲେଇ ଦେଉଛି।

ଯଦିଓ ମାନସୀ ସାଙ୍ଗରେ ପନ୍ଦର ବର୍ଷ ର ଦାମ୍ପତ୍ୟ ଜୀବନ କାଟିଛନ୍ତି ଓ ସ୍ୱାକ୍ଷର ସ୍ୱରୂପ ତାଙ୍କ ଜୀବନ କୁ ଶ୍ରେୟା ଆସିଛି, କିନ୍ତୁ ନିର୍ମଳ ଓ ମାନସୀ ଙ୍କ ଭିତରେ ଏମିତି ଗୋଟେ ଅନ୍ତରଙ୍ଗ ସ୍ୱାମୀ ସ୍ତ୍ରୀ ର ସମ୍ପର୍କ ନ ଥିଲା। କିନ୍ତୁ ଅଫିସ ରୁ ଆସି କାହିଁକି ମାନସୀ ମୃତ୍ୟୁ ପରେ ପ୍ରଥମ ଥର ତାର ଡ୍ରେସିଂ ଟେବୁଲ ଡ୍ର ଖୋଲିଲା ବେଳକୁ ଗୋଟେ ନାଲି ପ୍ୟାକେଟ୍ ଦେଖି, ତାକୁ ଖୋଲିଲା ବେଳକୁ ଜେଣ୍ଟସ ୱାଚ ଟି ବଡ ସୁନ୍ଦର ରାପ ହେଇ ରହିଛି। ଘଣ୍ଟା ଦେଖି ଦଶ ବର୍ଷ ତଳର ଘଟଣା ଟି ଆଖିଆଗରେ ନାଚିଗଲା। ସେଦିନ ଥାଏ ତାଙ୍କର ବିବାହ ବାର୍ଷିକ, ନିର୍ମଳ ର ତାରିଖ ମନେ ନ ଥାଏ କି ବିବାହ ବାର୍ଷିକ ମନେଇବାରେ କିଛି ଇଚ୍ଛା କି ଆଗ୍ରହ ନ ଥାଏ। ମାନସୀ ସେଦିନ ଅଫିସରୁ ଆଗ ପଳେଇ ଆସିଥାଏ ବୋଧେହୁଏ। ନିର୍ମଳ ଆସିଲା ପରେ ତିନି ବର୍ଷ ର ଶ୍ରେୟା କୁ ଧରି ଏଇ ଗିଫ୍ଟ ଟି ନାଲି ପେପର ରେ ଗୁଡା ହେଇଥିବା ନିର୍ମଳ ହାତ କୁ ବଢେଇ ଦେଇ ହାପି ଆନିଭର୍ସାରି, ନିର୍ମଳ କହିଲେ। କିନ୍ତୁ ଥ୍ୟାଙ୍କ ୟୁ ଟେ ନ କହି ନିର୍ମଳ କହିଲେ ଜାଣିଛ ନା ମୋତେ ଏ ସବୁ ଫାର୍ସ ଭଲ ଲାଗେନି ବୋଲି। ଏହି ସମୟରେ ଶ୍ରେୟା ପ୍ୟାକେଟ୍ ଖୋଲି କହିଲା ପାପା ଦେଖ କି ସୁନ୍ଦର ଘଣ୍ଟା ହେଉଛି। ଇଚ୍ଛା ନ ଥିଲେ ବି ନିର୍ମଳ ର ଆଖି ଘଣ୍ଟା ଉପରେ ପଡିଗଲା ଘଣ୍ଟା

ISSN NO.
2582-208X

କୁ ଦେଖି ଆଉରି ଜୋରରେ ଚିତ୍କାର କରିଲେ ଏତେ ଦାମିକା ଘଣ୍ଟା କଣ ପାଇଁ ଆଣି ପଇସା ନଷ୍ଟ କଲ ।

ଏତକ ନିର୍ମଳ ଠାରୁ ଶୁଣି ମାନସୀ ର ଆଖିରୁ ଧାର ଧାର ଲୁହ ଗଡି ପଡିଲା, ସେ ତିନି ଦିନ ଯାଏଁ ନିର୍ମଳ କୁ ଆଖି ଉଠେଇ ଚାହିଁ ନାହିଁ କି ପଦେ କଥା କହିନାହିଁ । ହଠାତ୍ ଶଳା ଙ୍କର ଆଗମନ ରେ ପରିସ୍ଥିତି ଟିକିଏ ସ୍ୱାଭାବିକ ହେଲା । ବେଳ ଦେଖି ନିର୍ମଳ ନିଜ ପଟୁ ସଫେଇ ଦେଲା ଏତେ ଦାମିକା ଘଣ୍ଟା ପିନ୍ଧି ଅଫିସ ଗଲେ କଲିଗ ମାନେ କେତେ କଥା କହିବେ । ଉତ୍ତର ରେ ମାନସୀ ଗୋଟେ ଶୁଖିଲା ହସ ଟେ ହସି ଦେଲା, ତା ପରଠାରୁ ସେ ଘଣ୍ଟା ଟି କେବେ ବି ନିର୍ମଳ ଆଖିରେ ପଡିନାହିଁ । ଏମିତି ରେ ନିର୍ମଳ କେବେ ବି ଘଣ୍ଟା ପିନ୍ଧିବାକୁ ମନ କରିନାହିଁ କି ଖୋଜି ନାହିଁ । ଏତେ ବର୍ଷ ପରେ ଆଜି ଘଣ୍ଟା କୁ ଦେଖି ମାନସୀ ଆଖିରୁ ଝରାଉଥିବା ଲୁହ କୁ ଦେଖି ପାରୁଛି ।

ମାନସୀ ସାଙ୍ଗରେ ବାହାଘର ପଡିଲା ବେଳକୁ ସେ ଜୟା ର ପ୍ରେମ ରେ ଉବୁଟୁବୁ ହେଉଥିଲା । ଜୟା କୁ ନେଇ ଘର କରିବା ପାଇଁ ପୂରା ପ୍ରସ୍ତୁତି ଆରମ୍ଭ କରି ଦେଇଥିଲା । ଘରେ ବାପା ଙ୍କୁ ଛାଡି ସମସ୍ତେ ଜୟା କୁ ପସନ୍ଦ କରୁଥିଲେ । ଜୟା ସୁନ୍ଦରୀ, ଉଚ୍ଚଶିକ୍ଷିତ ଚାକିରି ଅନ୍ୱେଷଣ ରେ ଥିବା ପାଞ୍ଚଟି ଭାଇ ଭଉଣୀ ଭରା ପରିବାର ର ବଡ ଝିଅ । ଜୟା ଘରେ ବି ନିର୍ମଳ କୁ ପସନ୍ଦ କରୁଥିଲେ । ତେଣୁ ନିର୍ମଳ ର ତାଙ୍କଘରେ ଅବାଧ ପ୍ରବେଶ ଥିଲା । ବାହାଘର କଥା ପଡିଲା ଦିନରୁ ବାପା ଙ୍କର ଜୟା ମୋଟେ ପସନ୍ଦ ନୁହେଁ । ଯାହା ବି ହେଉ ଅତି କଷ୍ଟରେ ରାଜି ହେଲେ । ଯଦି ଜାତକ ଭଲ ଶୁଝିବ ତାହାହେଲେ । ଭାଗ୍ୟ କୁ ଜାତକ ଦେଖି ଦୁଇପଟରେ ଥିବା ବିଜ୍ଞ ଜ୍ୟୋତିଷ ମାନେ ପୂରା ନାଗ ନାଡି ର ଦୋଷ ଅନୁଭୂତ କରି ବିବାହ କୁ ପୂରା ଅସମ୍ଭବ ବୋଲି କହିଲେ । ଯଦିଓ ଜୟା ର ବାପା ମାଆ ପୂଜା ପୂଜି କିଛି କରି ନାଗ ନାଡି ଦୋଷ କୁ ଆଡ଼େଇ ବାହାଘର କରିବାକୁ ଆଗ୍ରହୀ ଥିଲେ କିନ୍ତୁ ବାପା ଙ୍କର ଏକା ଜିଦ୍ଧି ଏ ବାହାଘର ହେଇପାରିବ ନାହିଁ । ତା ସାଙ୍ଗରେ ସେଇ ସାଧାରଣ ଧମକ ଯଦି ପୁଅ ସେଠି ବାହାହୋଇ ଆସେ ବାପା ର ମଲା ମୁହଁ ଦେଖିବ । ସେହି ସମୟରେ ମାନସୀ ଘର ତାଙ୍କର ଏକ ମାତ୍ର ଉଚ୍ଚଶିକ୍ଷିତ, ଉଚ୍ଚକୋଟିର ପ୍ୟାକେଜ ରେ ଚାକିରି କରୁଥିବା ସୁନ୍ଦରୀ ଝିଅ ପାଇଁ ପ୍ରସ୍ତାବ ପଠେଇ ଥାନ୍ତି । ସେଠାରେ ଜାତକ ରାଜ ଯୋଟକ ପଡୁଛି । ଅନେକ ତର୍କ ବିତର୍କ ଭିତରେ ନିର୍ମଳ ଆଉ ମାନସୀ ଙ୍କର ବାହାଘର ହେଇଗଲା ।

ISSN NO.
2582-208X

ବାହାଘର ପରେ ଏକୁଟିଆ ଶଶୁର ଙ୍କୁ ଛାଡି ଆଉ କେହି ବି ନିସର୍ତ୍ତ ଭାବେ ମାନସୀ କୁ ଗ୍ରହଣ କରିପାରୁ ନଥିଲେ । ଉଚ୍ଚଶିକ୍ଷିତ ମାନସୀ ବ୍ୟବହାର ରେ ଏ ଫାଙ୍କ କୁ ଅନୁଭବ କରିପରୁଥିବାରୁ ଅନେକ ଅନୁସନ୍ଧାନ ତଥା ଚେଷ୍ଟା ପରେ ଫାଙ୍କ ଟା ନିର୍ମଳ ଆଉ ଜୟା ର ଅଧା ଗଢା ପ୍ରେମ ସମ୍ପର୍କ ଯୋଗୁ ଜାଣି ପାରି ଶଶୁରଙ୍କୁ ବହୁତ ନେହୁରା ହେଇ କହିଥିଲା ସେ ଦୁଇ ଜଣଙ୍କୁ ଏକାଠି କରି ତାକୁ ବିଦାୟ ଦେବାକୁ । ଶଶୁର ତାର ହାତଧରି ନେହୁରା ହେଇ କହିଥିଲେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଏ ପରି ପ୍ରୟାସ ରୁ ନିବୃତ୍ତ ରହିବାକୁ । ଏମିତି ଏମିତି ରେ କେମିତି ତିନି ବର୍ଷ ଚାଲିଗଲା । ଏ ଭିତରେ ବାପା ସ୍ୱର୍ଗ ବାସ କରିଗଲେଣି । ଶ୍ରେୟା କୋଳ କୁ ଆସିଲାଣି । ଭାଗ୍ୟ କୁ ଦୁହିଁଙ୍କ ର ଗୋଟିଏ ଜାଗାରେ ପୋଷ୍ଟିଂ । ଭାରତ ବର୍ଷ ର ଅନେକ ନାରୀ ଙ୍କ ଭଳି ମାନସୀ ବି ପ୍ରେମ ବିହୀନ ସଂସାର କୁ ଶ୍ରେୟା ର ଭବିଷ୍ୟତ କୁ ଆଖିରେ ରଖି ଆଗେଇ ଚାଲିଥାଏ । ଶ୍ରେୟା କୁ ନ ବର୍ଷ ହେବା ବେଳକୁ ହୃତ୍ ରୋଗ ଟା ଭୟଙ୍କର ଭାବେ ମାଡି ବସିଲା ମାନସୀଙ୍କୁ । ସେଦିନ ଥାଏ ଶ୍ରେୟା ର ଜନ୍ମ ଦିନ । ତା ପର ଦିନ ସେ ବୋର୍ଡିଙ୍ଗ ଯିବ ବୋଲି, ପାର୍ଟି ଚାଲିଥିବା ବେଳେ ମାନସୀ ପଡିଗଲା । ସଙ୍ଗେ ସଙ୍ଗେ ତାକୁ ହସ୍ପିଟାଲ ନିଆ ଗଲା । ତିନି ଦିନ ପରେ ଡାକ୍ତର ଗୋଟେ ମେଜର ହାର୍ଟ ଅପରେସନ ପାଇଁ କହିଲେ । ମାନସୀ ର ଏକଜିଦି ଅପରେସନ୍ ହବ ନାହିଁ । ତଥାପି ଭାଇ ଆସି ପହଞ୍ଚି ଶ୍ରିୟା ରାଣ ଦେଇ ରାଜି କରାଇଲା । କିନ୍ତୁ ଟଙ୍କା ପଇସା ଯୋଗାଡ କରି ଅପରେଶନ ପାଇଁ ରେଡି ହେଉ ହେଉ ମାନସୀ ଆଖି ବୁଜି ଦେଲା ସବୁଦିନ ପାଇଁ । ତା ପୂର୍ବରୁ ଥରଟିଏ ପାଇଁ ନିର୍ମଳ ହାତଧରି ନେହୁରା ହେଇ କହିଥିଲା ଶ୍ରେୟା କୁ ବୋର୍ଡିଙ୍ଗ ଛାଡିବା ପାଇଁ ।

ମାନସୀ ଯିବାର ଏକ ବର୍ଷ ହେଲାଣି ନିର୍ମଳ ଏ ଭିତରେ ମାନସୀ କୁ କେବେ ବି ଝୁରି ହେବା ମନେ ପଡୁନାହିଁ ନିର୍ମଳର କି ତା କଥା ରଖି ଶ୍ରେୟା କୁ ବୋର୍ଡିଙ୍ଗ ପଠାଇ ନାହିଁ । ବରଂ ଜୟା ସାଙ୍ଗରେ ରୀତିମତ ସୁଖ ଦୁଃଖ ନ ହେଲେ ଦିନ ଯାଉନାହିଁ ନିର୍ମଳ ର । ଜୟା ଅବିବାହିତ । ମାନସୀ ର ମୃତ୍ୟୁ ପରେ ଏକୁଟିଆ ଶ୍ରେୟା କୁ ଛାଡି କରି କେହି ମାନସୀ ମୃତ୍ୟୁ ରେ ଦୁଃଖିତ ନୁହଁନ୍ତି । ଏମିତିକି ନିର୍ମଳ, ତାର ନିଜ ଭାଇ, ଭାଉଜ, ଭଉଣୀ ସର୍ବୋପରି ନିଜର ମନର ପ୍ରଭାବରେ ଜୟାକୁ ନେଇ ଘର କରିବାର ସ୍ୱପ୍ନ ଦେଖୁଛି । ସମସ୍ତେ ଗୋଟିଏ ବର୍ଷ ଅପେକ୍ଷା କରିଥିଲେ ସେଥିପାଇଁ ଆଜି ସକାଳୁ ଜୟା ତଥା ଘର ଠାରୁ ଘନ ଘନ ଫୋନ ଆସୁଛି ।

ISSN NO.
2582-208X

ହଠାତ୍ ଡ୍ର ଭିତରେ ଘଣ୍ଟା ପ୍ୟାକେଟ୍ ତଳେ ଗୋଟେ ଭାଙ୍ଗି ହେଇଥିବା କାଗଜ ଟିଏ ଦେଖି ତାକୁ ଡ୍ର ଭିତରୁ ଟାଣି ଆଣିଲା।  ଭାଙ୍ଗ ଖୋଲି ଦେଖିଲା ବେଳକୁ ଅତି ସୁନ୍ଦର ନିର୍ମଳ ଅକ୍ଷରରେ ଚିଠି ଲେଖାହୋଇଛି।  ପ୍ରାରମ୍ଭ ରେ ନିର୍ମଳ କୁ ସମ୍ବୋଧନ କରାହୋଇଛି:

ନିର୍ମଳ ବାବୁ,

ମୁଁ ଜାଣିଛି ଯଦିଓ ବାପା ଙ୍କ ଚାପ ରେ ପଡି ମୋ ହାତ ଧରି ବେଦୀ ରେ ବାହା ହୋଇଥିଲେ।  କିନ୍ତୁ ଦିନଟିଏ ପାଇଁ ମୋତେ ମନ ରୁ ସ୍ତ୍ରୀ ବୋଲି ଭାବି ନାହାଁନ୍ତି।  ଆଉ ସବୁ ଜାଣିଲା ପରେ ଆପଣ ଙ୍କ ଠାରୁ ପ୍ରେମ ଆଶା କରିନାହିଁ । ଖୁବ୍ କମ ଦିନ ଭିତରେ ଆପଣ ଓ ଜୟା ମାଡାମ୍ ଙ୍କ ସମ୍ପର୍କ ବିଷୟପରେ ବାହାଘର ପରେ ପରେ ଜାଣିପାରିଥିଲି। ଏକୁଟିଆ ବାପାଙ୍କ ବ୍ୟତୀତ ଘରେ କାହାଠାରୁ ସ୍ନେହ ସହାନୁଭୂତିଭରା ଶବଦ ଟିଏ ଶୁଣିନାହିଁ।  ଖାଲି ବ୍ୟଙ୍ଗ ତୀକ୍ଷ୍ଣ କଥାଶୁଣି ମୋ ଦିନ କେମିତି କଟିଥିଲା । ଆଜି ବି ଆପଣ ଅନୁଭବ କରିପାରିବେନି, କାରଣ ଆମ ଦୁହିଁଙ୍କ ଭିତରେ ନା ଥିଲା ପ୍ରେମ, ନା କୌଣସି ପ୍ରକାର ଭାବ ର ସମ୍ପର୍କ। ମୁଁ ସେତେବେଳେ ନୂଆ ନୂଆ ରୁ ବହୁତ ପ୍ରୟାସ କରିଛି ଆପଣ ଙ୍କୁ ଖୁସି ଦେବାକୁ।  ହାତ ଧରି ଅଗ୍ନି କୁ ସାକ୍ଷୀ ରଖି ବାହା ହେଲା ପରେ ମୁଁ ବି ମୋ ଅସଫଳ ପ୍ରେମ କୁ ଭୁଲିଯାଇ ଥିଲି। ଆମର ସଂସ୍କୃତିର ଦ୍ୱାହି ଦେଇ ବିବାହ ବେଦୀ ରେ ବସିଲା ପରେ ମନ ଆପେଆପେ ବୁଝି ଯାଏ ଯେ ଏ ଜନ୍ମ ରେ ପତି ହିଁ ପରମେଶ୍ୱର ତା ବିନା ଆଉ କାହା କଥା ଭାବିବା ବି ପାପ।  ମୁଁ ତ ସାଧାରଣ ହିନ୍ଦୁ ଘରର ଝିଅ ଟିଏ । ତୁମକୁ ନେଇ ସଂସାର ଚଳେଇବା ପାଇଁ ବହୁତ ଚେଷ୍ଟା କଲି। କିନ୍ତୁ ସ୍ୱାମୀ ସ୍ତ୍ରୀ ର ସଂସାର ସାଇକେଲ କଣ ଗୋଟେ ଚକା ରେ ଚାଲିବ । ତଥାପି ଆମ ସଂସାର ଶ୍ରେୟା ଯୋଗୁ ଘୋଷାରି ଚାଲିଥିଲା। ସତରେ ବାପା ଙ୍କୁ ବହୁତ ନେହୁରା ହେଇଛି ତୁମକୁ ଜୟା ପାଖକୁ ଫେରେଇ ଦେବାକୁ କିନ୍ତୁ ବାପା ମୋଟେ ରାଜି ନ ଥିଲେ । ଆଉ ବାପା ଙ୍କ ମୃତ୍ୟୁ ପରେ ବଡଭାଇଙ୍କୁ ଙ୍କୁ ବି ବହୁତ ନେହୁରା ହେଇଚି । କିନ୍ତୁ ସେ ସମାଜ ର ଦ୍ୱାହି ଦେଇ କହିଲେ ଯେମିତି ଚାଲୁଛି ଚାଲୁ ।

ମୋର କଣ ଅଭାବ ଥିଲା, ଦେଖିବାକୁ ଅତି ସୁନ୍ଦର ନ ଥିଲେ ବି ଆକର୍ଷଣୀୟ ଥିଲି। ପାଠରେ ଅତି ଭଲ, ଭଲ ଚାକିରି କରୁଥିଲି।  ବାପା ବି ଭଲ ଯୌତୁକ ଦେଇଥିଲେ। ଏତିକିରେ ରେ କଣ ମୋର ସ୍ୱାମୀ ଠୁ ସ୍ନେହ ପ୍ରେମ ଆଶା କରିବା କଣ ଭୁଲ। ଖାଲି ମୋର ଅଭାବ ଥିଲା ବୋଲି ମୋର ଭାଗ୍ୟ, ଜୟା ମାଡାମ୍ ନିଶ୍ଚୟ ମୋ ଠାରୁ ଭାଗ୍ୟବତୀ।

ISSN NO.
2582-208X

ନହେଲେ ଆଜି ବି ତୁମେ ତାଙ୍କର ପ୍ରେମ ରେ ଉବୁଟୁବୁ। ମୁଁ ଲକ୍ଷ୍ୟ କରିଛି ଫୋନ ରେ କଥା ହେଲାବେଳେ ତୁମ ମୁହଁ ରେ ହସ ଚାଲିଆସେ, ନିଶ୍ଚିତ ସେ ହସ ପ୍ରେମ ର ପରିଭାଷା। ତାକୁ ନେଇ ନିଷ୍ଚିତ ଭାବରେ ମୋ ମନରେ ପ୍ରବଳ ଇର୍ଷା ହେଉଥିଲେ ବି ମୁଁ ଭଗବାନ ଙ୍କୁ ଡାକେ ଏ ଯୋଡି କୁ କେମିତି ଏକ କରିଦିଅ। ସତରେ ଜବରଦସ୍ତି କାହାଠାରୁ ପ୍ରେମ ମିଳେନାହିଁ । ମୋ ଅନ୍ତରଙ୍ଗ ସାଙ୍ଗ ମୀନତି ଯାହାକୁ ମୋ ମନରେ ଥିବା ସମସ୍ତ ବେଦନା କୁ ବ୍ୟକ୍ତ କରେ ସେ ବେଳେ କୁହେ ତୁ କେମିତି ସେଠି ଅଛୁ, ଛାଡକରି ପଳେଇ ଆସେ। କିନ୍ତୁ ଏ ବନ୍ଧନ ଛାଡିବା କଣ ଏତେ ସହଜ ବା ସମ୍ଭବ। ପୁଣି ଶ୍ରେୟା କଥା ଭାବିଲେ ଡରଲାଗେ । ତେଣୁ ମୀନତି ର କଥା କୁ କେବେ ବି କାନରେ ପୂରେଇ ନାହିଁ। ଘଣ୍ଟା ଟି ଯେଉଁ ଦିନ ତୁମେ ଗ୍ରହଣ କଲନାହିଁ କିନ୍ତୁ ରୁକ୍ଷତାର ସହ ପ୍ରତ୍ୟାଖାନ କଲ ସତରେ ମୋ ହୃଦୟ ବିଦାରି ହେଇ ଗଲା। ଆଖି ବି ଲୁହ ଗଡାଇବା ବନ୍ଦ କରିଦେଲା। ସେଦିନ ଏଇ ମାନସୀ ନିଜକୁ କେତେ ହିନିମାନି ଜାଣୁ ଜାଣୁ ଭଗବାନ ଙ୍କୁ ପ୍ରାର୍ଥନା କଲା ଏ ଯନ୍ତ୍ରଣା ରୁ ମୁକ୍ତି ଦେବାକୁ। ଡେରି ରେ ହେଉ ବି ଭଗବାନ ମୋ କଥା ଶୁଣିଲେ। ସେଦିନ ଅଫିସ ରେ ଛାତିରେ ପ୍ରବଳ ପେନ୍ ହେଲା ଅଫିସ ଡାକ୍ତର ଗୋଟେ ମେଡିସିନ ଦେଲେ କିଛି ସମୟ ପରେ ବନ୍ଦ ହେଲା। କିନ୍ତୁ ଏହିପରି ବାରମ୍ବାର ପ୍ରାୟ ଦିନକୁ ଥରେ ବା ଦୁଇଥର ହେବାକୁ ଲଗିଲା। ବାଧ୍ୟ ହେଇ ଅଫିସରୁ ଡାକ୍ତରଙ୍କ ପାଖକୁ ଯାଇ ଫୁଲ ଚେକଅପ୍ କରିବାରୁ ସିଭିଆର ହାର୍ଟ ପ୍ରବ୍ଲେମ୍ସ। ଯେତେ ଶୀଘ୍ର ଅପରେଶନ କରିବ ଭଲ, ଡେରି ହେଲେ ବିପଦ। ଭଗବାନ ଙ୍କୁ ଧନ୍ୟବାଦ ଦେଲି ଶେଷ କୁ ମୋ କଥା ଶୁଣିଲେ । ମୋତେ ଅଲୋଡା ଯନ୍ତ୍ରଣା ରୁ ମୁକ୍ତି ଦେଲେ। ତୁମକୁ ତ କହିବାର ନ ଥିଲା। ମୋର ଅତିପ୍ରିୟ ଭାଇ କୁ ବି କହିଲି ନାହିଁ। ମନେ ମନେ ମୃତ୍ୟୁ କୁ ଆବୋରି ନେଲି। ଅପରେସନ୍ କରି ପୁଣିଥରେ ବଞ୍ଚିବା କୁ ମୋତେ ଇଚ୍ଛା ବା ଆଗ୍ରହ କରିପାରିଲାନାହିଁ। ମୃତ୍ୟୁ କୁ ସଂକଳ୍ପ କରିନେଲି। ତୁମକୁ ଜାଣିବାକୁ ଦେଇନାହିଁ। ମନେ ମନେ ଇଶ୍ୱରଙ୍କୁ ଖୁବ୍ ଧନ୍ୟବାଦ ଦେଲି, ତୁମ ପାଇଁ ବହୁତ ଆଶ୍ୱସ୍ତ ହେଇଗଲି ତୁମର ପ୍ରେମଭରା ଜୀବନ କୁ ଦେଖିପାରିଥିଲି । କିନ୍ତୁ ଶ୍ରେୟା ର ଭବିଷ୍ୟତ ପାଇଁ ଚିନ୍ତିତ ଥିଲି। ମାଆ ମନ ତ। ସେଥିପାଇଁ ଅନେକ ଚେଷ୍ଟା କରି ତୁମ କୁ ଶ୍ରେୟା କୁ ବୋର୍ଡିଙ୍ଗ ରେ ଛାଡିବାକୁ ରାଜି କରିନେଲି । ଏଥର ମୁଁ ନିଶ୍ଚିନ୍ତ ହେଇ ମରିଯିବି। ହଉ ନିର୍ମଳ ବାବୁ ଖୁସି ରେ ରୁହନ୍ତୁ। ଏ ଜନ୍ମରେ ଓ ସାତ ଜନ୍ମରେ ଜୟାକୁ ନେଇ ଘର କରନ୍ତୁ । ଆଉ ଗୋଟେ କଥା ମୋର ସବୁ ପଇସା ଶ୍ରେୟା ର। ତା ଛଡା ଟର୍ମ

ISSN NO.
2582-208X

ଇନସ୍ୟୁରାନ୍ସ ଗୋଟେ କରିଛି ଏଇ ଡ୍ର ରେ ଅଛି । ତେଣୁ ଶ୍ରେୟା ପାଇଁ ଆପଣଙ୍କୁ ବିଶେଷ କଷ୍ଟ କରିବାକୁ ପଡିବ ନାହିଁ ।

ମାନସୀ ର ଚିଠି ଟା ପଢି ସାରିଲା ବେଳକୁ ନିର୍ମଳ ର ଆଖି ଟା ପୂରା ଓଦା । ଅନୁଭବ କରିପାରୁଛନ୍ତି ମାନସୀ ର ନୀରବ ସ୍ୱାର୍ଥ ହୀନ ପ୍ରେମକୁ । ମୁଣ୍ଡ ବାଳ କୁ ନିଜକୁ ଧିକ୍କାରି ଟାଣି ପକେଇଲେ । ସେ କଣ କଲେ ପନ୍ଦର ବର୍ଷ କାଳ ପାଖରେ ଶୋଇଥିବା ଲୋକ ଟାକୁ ଟିକିଏ ବି ବୁଝିପାରିଲାନି । ଏତେ ଅମଣିଷ ପାଲଟିଗଲା ଯେ ଟିକିଏ ପ୍ରେମ ଦେଇପାରିଲେ ନାହି ମାନସୀ କୁ ।

ଏଇ ସମୟରେ ପୁଣି ଫୋନ ଟା ବାଜି ଉଠିଲା । ଦେଖିଲେ ଏଇଟା ଜୟା ର ଫୋନ । ଫୋନ ଉଠାଇଲେ ନାହିଁ ବାଜି ବାଜି ବନ୍ଦ ହେଲା । ପୁଣି ଥରେ ମୋବାଇଲ ଟା ରିଂ ହେଲା, ଏଇଟା ବଡ ଭାଇନା ଙ୍କ ଫୋନ ସେଇଟା ବି ଉଠାଇଲେ ନାହିଁ ନିର୍ମଳ । ମନ କୁ ଦୃଢ଼ କଲେ । ହାତ ଘଣ୍ଟା ଟି ଆଣି ହାତ ରେ ପିନ୍ଧିଲେ ନିର୍ମଳ । କି ସୁନ୍ଦର ଦିଶୁଛି ହାତ କୁ, ଏଇ କଥା ଟି ସେଦିନ କରିଥିଲେ କଥାଟା କି ସୁନ୍ଦର ହେଇଥାନ୍ତା । ପୁଣି ମନେ ମନେ ସଂକଳ୍ପ କଲା ପୁନରାବୃତ୍ତି କରିବ ନାହିଁ ବିବାହର । ସେ ଜୟା କୁ ମାନସୀ ସ୍ଥାନ ଦେବ ନାହିଁ । ଶ୍ରେୟା କୁ ବୋର୍ଡିଙ୍ଗ ରୁ ଆଣି ବାପା ମା ଦୁହିଁଙ୍କ ର ସ୍ନେହ ଦେଇ ମଣିଷ କରିବ । ସେଇଟା ହେବ ହୁଏତ ତା ଭୁଲ ର ପ୍ରାୟଶ୍ଚିତ ଓ ମାନସୀ ପାଇଁ ଉପଯୁକ୍ତ ତର୍ପଣ ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ,
ପ୍ଲଟ ନମ୍ବର – ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ମାଆର ବିକଳ୍ପ ନାହିଁ


ଛବି ରାଣୀ ପତି

ମାଆ ନାମେ ଯୋଉ ଦୁଇଟି ଅକ୍ଷର
ଅସୀମ ତା' ଅବଦାନ
ଜନ୍ମଭୂମି ଠୁଁ ବି ଗରୀୟସି ସେହି
ଦେବାଦେବୀ ଠୁଁ ମହାନ ।

ତ୍ୟାଗ ତପସ୍ୟାର ପ୍ରୀତି ମନ୍ଦାକିନୀ
ମଧୁଠୁ ମଧୁର କଥା
ଫୁଲଠୁ ବି ତାର କୋମଳ ହୃଦୟ
ଦେଖାଏନି ନିଜ ବ୍ୟଥା ।

ତା ସ୍ନେହ ଆଦର ପୀୟୂଷ ପରସ
ତା ବକ୍ଷର ସୁଧା ମଧୁ
ଅମୃତସମ ସେ ମମତାମୟୀର
ହୃଦୟ ବିଶାଳ ସିନ୍ଧୁ ।

ମର୍ତ୍ତ୍ୟର ଚଳନ୍ତି ଦେବୀ ପ୍ରତିମା ସେ
ଘର କୁ ମନ୍ଦିର କରେ
ବଞ୍ଚିଥିବା ଯାଏ ସେବା ଦେଇଚାଲେ
ମନ ଜାଣି ପେଟ ଭରେ ।

ISSN NO.
2582-208X

ସବୁଠୁ ସୁନ୍ଦର ନିରାପଦ ସ୍ଥଳ
କେବଳ ତ ମାଆ କୋଳ
ନିଃସର୍ତ୍ତ ନିଃସ୍ୱାର୍ଥ ଶ୍ରଦ୍ଧା ବାଢ଼ିଦିଏ
ନଥାଏ ତା ପ୍ରେମେ ଛଳ ।

ସକଳ ବିଭବ ତା ଆଶିଷ ତଳେ
ନ'ଥାଏ ଡର ଅନ୍ଧରେ
ସର୍ବଂସହା ସେହି ମାଆର ବିକଳ୍ପ
କୋଉଠି ନାହିଁ ସଂସାରେ ।

ମଧଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ବିରହୀଣୀ ରାଧା

## (ଭାଗ-2)



ମୋନାଲିସା ପଣ୍ଡା

ରାଧା ମନ ଆଉ ଲାଗୁନାହିଁ କାହିଁ
ମନେ ପ୍ରାଣେ କୃଷ୍ଣ ଛବି,
ନିଜ ଛାଇ ରେ ବି କୃଷ୍ଣ ମୁଖ ଦେଖି
ବାଇଆଣି ଗଲେ ହୋଇ ।।
ଭୋଜନ ସମୟେ ଖାଇବା ଦେଖିଲେ
ଲାଗେ ପାଖେ ଛନ୍ତି ବସି,
କଳ୍ପନା ରେ ଭାବି କ୍ଷୁଧା ଚାଲିଯାଏ
ଆଉ ନ ପାରନ୍ତି ଖାଇ ।।
କିପରି ଭାବରେ ନିସ୍ତାରିବେ ଏହା
ବୁଝି ପାରନ୍ତିନି କିଛି,
ଚାହିଁ ରହିଥାନ୍ତି କାଳେ କୃଷ୍ଣ ଆସି
ଅଶ୍ରୁ ଧାର ଦେବେ ପୋଛି ।।
କୃଷ୍ଣ ପ୍ରେମେ ବାୟା ହୋଇଗଲେ ବୋଲି
ଶୁଭୁଛି ଲୋକଲୋଚନେ,
ପ୍ରେମ ରୋଗେ ଦୁଃଖ ଭୋଗ ହୁଏ ବୋଲି
ଜାଣି ନ ଥିଲେ ଜୀବନେ ।।

ISSN NO.
2582-208X

ଦିବାନିଶି କିବା ସାୟନ ସମୟେ
ଅବଚେତନ ରେ ବସି,
ଭାଲି ହେଉଥାନ୍ତି କୃଷ୍ଣ ଙ୍କ ସାନ୍ନିଧ୍ୟ
ଦିଶେ ନାହିଁ ଆଉ କିଛି ।।
ନେତ୍ର ଯେତେ ଦୂର ଦୃଷ୍ଟି ଯାଉଥାଏ
ଦିଶେ କୃଷ୍ଣ ପ୍ରତିରୂପ,
ଦୃଷ୍ଟି ଆଢୁଆଳେ ମଉନେ ଦେଖନ୍ତି
କୃଷ୍ଣ ଙ୍କ ଅପୂର୍ବ ରୂପ ।।

କୋମନା, ନୂଆପଡା

ISSN NO.
2582-208X

# ମାନବୀୟ ଜ୍ୱଳନ ଓ ନିଃସହାୟବୋଧ ଗଳ୍ପରେ ନାରୀବାଦ – ଏକ ଆକଳନ



ସୁଷମା ପାଢୀ

ସ୍ୱାଧୀନତା ପରବର୍ତ୍ତୀ ଓଡିଆ କ୍ଷୁଦ୍ରଗଳ୍ପରେ ନାରୀବାଦ ହେଉଛି ଏକ ମୁଖ୍ୟବାଦ। ଏହା ହେଉଛି ନାରୀ ସ୍ୱାଧୀନତା, ନାରୀ ସଶକ୍ତୀକରଣ ଓ ନାରୀ ଅଧିକାର ସୃଷ୍ଟି ସପକ୍ଷରେ ଏକ ଆନ୍ଦୋଳନ । ଭାରତୀୟ ସମାଜରେ ଏହା ହେଉଛି ନାରୀର ଅଧିକାର । ଏହାର ଅର୍ଥ ହେଉଛି ପୁରୁଷପ୍ରଧାନ ସମାଜରେ ଏକ ସାମ୍ୟ ଆଣିବାର ବୈପ୍ଲବିକ ଜାଗରଣ । ଏହା ଏକ ଆଦର୍ଶବାଦ ଭାବରେ ନାରୀମାନଙ୍କ ପାଇଁ ସମାନ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅଧିକାର ଦେବା ସହିତ ସମାଜରୁ ଲିଙ୍ଗଗତ ବିଭେଦତାକୁ ଦୂର କରି ଏକ ସମାନ ସମାଜ ପ୍ରତିଷ୍ଠ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ । ସାମାଜିକ ନ୍ୟାୟ ପାଇବାରୁ ବଞ୍ଚିତ ନାରୀଟିଏ ଲିଙ୍ଗଗତ ବିଭେଦତାକୁ ବିରୋଧ କରିବା ହେଉଛି ଏକ ସ୍ୱାଭାବିକ କଥା । ସମାଜରେ ନାରୀ ଓ ପୁରୁଷ ଉଭୟଙ୍କର ସମାନ ଅଧିକାର ରହିବା ଆବଶ୍ୟକ । ନାରୀମାନଙ୍କ ମଧ୍ୟରେ ଶ୍ରେଣୀ ଚେତନା ସୃଷ୍ଟି କରି ନାରୀବାଦୀମାନେ ନାରୀମାନଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସମାନତା ତଥା ଅଧିକାର ପାଇଁ ଯେଉଁ ସାମାଜିକ ଆନ୍ଦୋଳନ ଚଳାଇ ଆସୁଛନ୍ତି ତାହାକୁ ନାରୀବାଦ କୁହାଯାଏ । ଏଣୁ ନାରୀକୁ ବିଭିନ୍ନ ଦିଗରେ ଅଗ୍ରଗତି କରାଇବା ହେଉଛି ଏହାର ଲକ୍ଷ୍ୟ । ପୁରୁଷ ପ୍ରଧାନ ରାଷ୍ଟ୍ରରେ ନାରୀକୁ ସମାନ ଅଧିକାର ଦେବା ହିଁ ହେଉଛି ନାରୀବାଦର ମୂଳ ଲକ୍ଷ୍ୟ । ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ ବା ୧୭୯୨ ମସିହାରେ ଇଂଲଣ୍ଡର ଲେଖିକା ଓ୍ୱଲଷ୍ଟୋନକ୍ରାଫ୍ଟଙ୍କ ଦ୍ୱାରା ରଚିତ 'ଏଭିଣ୍ଡିକେସନ ଅଫ୍ ଦି ରାଇଟସ୍ ଅଫ୍ ଓମେନ'କୁ ପ୍ରଥମ ନାରୀବାଦ ପୁସ୍ତକ ଭାବରେ ଗ୍ରହଣ କରାଯାଇଥିଲା । ନାରୀବାଦ ସମ୍ପର୍କରେ ବିଭିନ୍ନ ମତ ଦେଖିବାକୁ ମିଳେ ।

ISSN NO.
2582-208X

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ନାରୀବାଦ ବା Feminism ଆନ୍ଦୋଳନ ପ୍ରଥମେ ଆରମ୍ଭ ହୋଇଥିଲା ଫ୍ରାନ୍ସରେ । ୧୮୭୨ ମସିହାରେ ଏହି Feminism ଏବଂ Feminist ଶବ୍ଦ ଦ୍ୱୟ ଫ୍ରାନ୍ସ ଓ ନେଦେରଲ୍ୟାଣ୍ଡରେ ଦେଖାଦେଲା । ପୁଣି ଏହି ନାରୀବାଦ ଇଂଲଣ୍ଡରେ ୧୮୯୦ ଓ ଆମେରିକାରେ ୧୯୧୦ ମସିହାରେ ଦେଖାଦେଲା । ୧୮୯୪ ମସିହାରେ Oxford English Dictionary ରେ 'Feminist' ଓ ୧୮୯୫ ମସିହାରେ 'Feminism' ଶବ୍ଦର ବ୍ୟବହାର ହୋଇଥିବାର ଦେଖିବାକୁ ମିଳିଲା । ଏହି ନାରୀବାଦ ଆନ୍ଦୋଳନଟି ସମୟ ଅନୁସାରେ ତାର ସ୍ଥାନ ଭେଦରେ ଏହାର କାରଣ ଓ ଲକ୍ଷ୍ୟ ଭିନ୍ନ ହୋଇଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ All India Women's Conference (AIWC) ୧୯୫୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା । ଏହି ସମୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତାର ନିଜର ଏକ ମହିଳା ଶାଖା ଖୋଲିଲା । ତାହାର ନାଁ ସେ ଦେଲା - National Federation of Indian Women । ସ୍ୱାଧୀନତା ପୂର୍ବରୁ ଏହିଭଳି ମହିଳା ସଂଗଠନ ଗୁଡିକ ନାରୀବାଦୀ ଦାବୀ ଓ ଆନ୍ଦୋଳନ ଚାଲୁରଖିଥିଲା, ତଥା ସ୍ୱାଧୀନତା ଭାରତ ସଂପର୍କରେ ସଚେତନତା ସୃଷ୍ଟି କରାଇଥିଲା ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ନାରୀବାଦୀମାନେ ମହିଳାମାନଙ୍କ କର୍ମକ୍ଷେତ୍ରର ପରିସରକୁ ଅଧିକ ବ୍ୟାପକ କରିବାରେ ତତ୍ପର ଥିଲେ । ମହିଳାମାନେ କିଭଳି କର୍ମକ୍ଷେତ୍ରରେ ଅଧିକ ସ୍ୱାଧୀନ ରହିବେ ସେ ଦିଗରେ ସଚେତନ ଥିଲେ । ଏଣୁ ମହିଳାମାନଙ୍କ ଅଧିକାରକୁ ଆଖି ଆଗରେ ରଖି ବହୁ ଆଇନ ପ୍ରଣୟନ ହୋଇଛି । ୧୯୫୫ ମସିହାରେ ହିନ୍ଦୁ ବିବାହ ଆଇନ ଅନୁସାରେ ମହିଳାମାନେ ଛାଡପତ୍ର ଅଧିକାର ଲାଭ କରିଛନ୍ତି । ୧୯୫୬ ମସିହାରେ ହିନ୍ଦୁନାରୀମାନେ ସ୍ୱାମୀଙ୍କ ସମ୍ପତ୍ତି ଲାଭ କରିପାରିଛନ୍ତି । ୧୯୭୬ ମସିହାରେ ବିବାହ ବୟସ ନିମନ୍ତେ ବ୍ୟବସ୍ଥା ଆଇନ, ପୁରୁଷ ସହ ସମାନ ବେତନ ଆଇନ, ଗର୍ଭପାତ ଆଇନ ଆଦି ବହୁ ଆଇନ ନାରୀଜାଗରଣ ଓ ସୁରକ୍ଷା ନିମନ୍ତେ ବହୁ ବ୍ୟବସ୍ଥା ସୃଷ୍ଟି କରିଛି । ୧୯୭୦ ପରବର୍ତ୍ତୀ ସମୟରେ ନାରୀବାଦଙ୍କ ଭିତରେ ଶ୍ରେଣୀଗତ ସଚେତନତା ଲକ୍ଷ୍ୟ କରାଯାଇଥିଲା। ବର୍ତ୍ତମାନ ଏକବିଂଶ ଶତାବ୍ଦୀର ପ୍ରଥମ ଭାଗରେ ନାରୀବାଦୀ ଆନ୍ଦୋଳନ ହେଉଛି ସେମାନଙ୍କ ସୁରକ୍ଷା ବ୍ୟତୀତ ସେମାନଙ୍କ ବ୍ୟକ୍ତିଗତ ଜୀବନଧାରଣ ଓ ବ୍ୟକ୍ତିଗତ ଅନୁଭବକୁ ସମାଜରେ ସମଅଧିକାର ପ୍ରଦାନ କରିବା ।

ବିଶ୍ୱ ଦରବାରରେ ନାରୀବାଦକୁ ସମର୍ଥନ କରି ବହୁ ଉତ୍କୃଷ୍ଟ ସାହିତ୍ୟ କୃତି ମଧ୍ୟ ପ୍ରକାଶିତ ହୋଇଛି । ସେମାନଙ୍କ ମଧ୍ୟରେ ଫ୍ରାନ୍ସର ସିମୋନ ବା ବେଭୋର, ଆମେରିକାର ଟୋନି

ISSN NO.
2582-208X

ମୋରିସନ୍ ସେହିପରି ଭାରତର ତାରାବାଇ ସିନ୍ଧେ, କମଳା ଦାସ, ମହେଶ୍ୱତା ଦେବୀ ଅନ୍ୟତମ । ସେହିଭଳି ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ ଏହାର ପ୍ରଭାବ ମଧ୍ୟ ପରିଲକ୍ଷିତ । ସାଧାରଣତଃ କ୍ଷୁଦ୍ରଗଳ୍ପରେ ମଧ୍ୟ ନାରୀ ସ୍ୱାଧିକାର ଭଙ୍ଗ, ନାରୀ ସ୍ୱାଧୀନତା, ନାରୀ ସଶକ୍ତୀକରଣ ଏହିପରିକି ନାରୀ ନିର୍ଯ୍ୟାତନାର କରୁଣ ବର୍ଣ୍ଣନା ଦେଖାଦେଇଥାଏ ।

ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପର ପ୍ରାରମ୍ଭ କାଳରୁ ବ୍ୟାସକବି ଫକୀରମୋହନ, ଦୟାନିଧି ମିଶ୍ର, ଚନ୍ଦ୍ରଶେଖର ନନ୍ଦ, ଗୋଦାବରୀଶ ମିଶ୍ରଙ୍କ ପରି ବହୁ ଗାଳ୍ପିକ ନାରୀ ସ୍ୱାଧୀନତା ଓ ନାରୀ ସଶକ୍ତୀକରଣକୁ ପ୍ରାଧାନ୍ୟ ପ୍ରଦାନ କରିଛନ୍ତି । ଏହା ବ୍ୟାସକବି ଫକୀରମୋହନଙ୍କ ରଚିତ ଓଡିଆ କ୍ଷୁଦ୍ରଗଳ୍ପ 'ରେବତୀ' ରେ ନାରୀ ସ୍ୱାଧିକାର ବା ସଶକ୍ତୀକରଣର ପ୍ରସଙ୍ଗ ହେଉଛି ପ୍ରଥମ ଭାରତୀୟ କ୍ଷୁଦ୍ରଗଳ୍ପ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ କେତେଜଣ ପ୍ରବୀଣ ନବୀନ ତଥା ତରୁଣ କଳାକାରମାନେ ନାରୀବାଦ ସ୍ୱରକୁ ନିଜର ଲେଖନୀ ମାଧ୍ୟମରେ ପ୍ରକାଶ କରିଛନ୍ତି । ସେମାନଙ୍କ ମଧ୍ୟରେ ରବି ପଟ୍ଟନାୟକ, ପ୍ରତିଭା ରାୟ, କବିତା ବାରିକ, ମନୋଜ ଦାସ, ବୀଣାପାଣି ମହାନ୍ତି, ସରୋଜିନୀ ଦାସ ଇତ୍ୟାଦି ।

ରବି ପଟ୍ଟନାୟକଙ୍କ କ୍ଷୁଦ୍ରଗଳ୍ପରେ ପୁରୁଷ ଚରିତ୍ର ଅପେକ୍ଷା ନାରୀ ଚରିତ୍ରର ବିଶେଷ ପରିଦୃଷ୍ଟ ହୋଇଥାଏ । ଭିନ୍ନ ଭିନ୍ନ ପରିସ୍ଥିତି, ପରିବେଶରେ ନାରୀ ଚରିତ୍ରର ବିଭିନ୍ନ ରୂପ ତାଙ୍କ ଲେଖନୀରେ ବାସ୍ତବବାଦୀ ହୋଇପାରିଛି । ରବି ପଟ୍ଟନାୟକଙ୍କ ଦୁଇଟି ଚରିତ୍ର ସୁରୁଚି ଓ ସୁନୀତି ଏହି ଦୁଇ ଜଣକୁ ନେଇ ତାଙ୍କ ଗଳ୍ପଟି ଆଗେଇଛି । ଗଳ୍ପରେ ସୁରୁଚି ଶିକ୍ଷିତା, ସୁଶ୍ରୀ ଏବଂ ଗୃହକର୍ମୀ ନିପୁଣା ନାରୀଟିଏ । ସମସ୍ତ ପରିପୂର୍ଣ୍ଣତା ଭିତରେ ତା' ସଂସାର । କିନ୍ତୁ ତା' ଅନ୍ତର୍ମନ ଭିତରେ ସୁନୀତିର କାନ୍ଦ ତାକୁ ଆନମନା କରେ । ସବୁ ପ୍ରାପ୍ତି ଭିତରେ ଅପ୍ରାପ୍ତି ପରିପୂର୍ଣ୍ଣତା ଭିତରେ ଶୂନ୍ୟତାବୋଧ ତାକୁ ଭାରାକ୍ରାନ୍ତ କରେ । ନିଜ ଭିତରେ ସେ ଅନ୍ଧ ହୁଏ । ଅଜ୍ଞାନ ହୁଏ । ଯେପରି ହୋଇଛି କଲେଜ ପଢୁଆ, ଶିକ୍ଷିତା, ମଞ୍ଜୁଳା ଏକ ଆବେଗ ଜଡ଼ିତ ମୁହୂର୍ତ୍ତରେ ତା'ର କ୍ଲାନ୍ତି ଏବଂ ଦୁର୍ବଳତା ନିଜ ସ୍ଥିତି ଠାରୁ ତାକୁ ଦୂରେଇ ଦେଇଛି । ଧନୀ ଘରର ଝିଅ ହେଲେ ବି ଗୋଟାଏ ଶସ୍ତା କଲମ ଚୋରୀ କରିବାର ବିଚିତ୍ର ଅନୁଭବ 'କଲମ' କ୍ଷୁଦ୍ରଗଳ୍ପରେ ଖୁବ୍ ଆବେଦନଶୀଳ ହୋଇପାରିଛି । ସୁରୁଚି କିମ୍ବା ମଞ୍ଜୁଳା ଅପେକ୍ଷା 'କୁମାରୀ ବଧୂ' ରେ ସୁରମା ଲେଖକଙ୍କ ଅନୁଭବ ଭିତରେ ଆହୁରି ଅବୋଧ୍ୟ ହୋଇ ଉଠିଛି । ସ୍ୱାମୀଙ୍କ କର୍ମବ୍ୟସ୍ତ ଜୀବନ ଭିତରେ ଆଦର ସୋହାଗ ଥିଲେ ବି ସେ

ISSN NO.
2582-208X

ଯେପରି ଅନେକ କିଛି ଅପ୍ରାପ୍ତି ଭିତରେ ବଞ୍ଚିଲା ପରି ମନେ କରନ୍ତି । ପୁଅ, ଝିଅ, କୋଠା, ଗାଡ଼ି, ବ୍ୟାଙ୍କ ବାଲନ୍ସ - ଏସବୁ ଭିତରେ ବି ସେ ଅଣନିଃଶ୍ୱାସ ହୋଇ ଉଠନ୍ତି । ସାମାଜିକ ବନ୍ଧନ ଭିତରେ ପରଫେକ୍ଟ ସ୍ୱାମୀର ମୋହର ମରା ହୋଇଥିବା ସୁରଜିତଙ୍କ ପାଇଁ ସୁରମା ସବୁକିଛି ହୋଇଥିଲେ ବି ଦୀର୍ଘ ବର୍ଷ ସଂସାର କରିବା ଭିତରେ ସ୍ୱାମୀ - ଅପ୍ରାପ୍ତି ଜନିତ ଅନ୍ତଃହୃଦୟର ଶୂନ୍ୟତାବୋଧରେ ସେ ଖୁବ୍ ସନ୍ତୁଳିତ ହୋଇଛନ୍ତି । ବଧୂର ମୁକୁଟ ପିନ୍ଧିଥିଲେ ବି ସେ ହୋଇଛନ୍ତି କୁମାରୀ ବଧୂ । ଶୂନ୍ୟତାର ଆବର୍ତ୍ତ ଭିତରେ ସେ ଘୂର୍ଣ୍ଣାୟମାନ, ଲେଖକଙ୍କ ଚମତ୍କାର ବିଶ୍ଳେଷଣ "ବୋଧ ହୁଏ ଏଇଥି ପାଇଁ ସ୍ୱାମୀ, ପୁତ୍ର, କନ୍ୟା ନେଇ ସୁଖରେ ଘରସଂସାର କରୁଥିବା ଷୋଳ ସହସ୍ର ଗୋପୀ, ହୃଦୟର ଏଇ ଶୂନ୍ୟତା ଟିକକ ପୂରଣ କରିବା ପାଇଁ ଲୋକ ଲଜ୍ଜା, କୁଳକୁ ମାନ ମହତ ସବୁ ତ୍ୟାଗ କରି ଛୁଟି ଯାଉଥିଲେ ଯମୁନା କୂଳକୁ ସେହି ଶୂନ୍ୟତା ଟିକକୁ ପୂର୍ଣ୍ଣ କରିବା ପାଇଁ ଏକ ଅଲୌକିକ ଭାବ ସତ୍ତାରେ -" କିନ୍ତୁ ସୁରମାଙ୍କ ପାଖରେ ଦ୍ୱନ୍ଦ୍ୱାତ୍ମକ ରୂପରେ ସେ ପ୍ରତିଭାତ ହୋଇଛି । ହୃଦୟର ସେ ବିରାଟ ଶୂନ୍ୟତାକୁ ପୂର୍ଣ୍ଣ କରିପାରି ନାହାନ୍ତି । ଅଲୌକିକ ଭାବସତ୍ତାକୁ ବି ଅନୁଭବ କରିପାରିନାହାନ୍ତି । କାରଣ ତାଙ୍କ ଚାରିପାଖରେ ଘେରି ରହିଥିଲା ସମାଜ, ପରିବାର ପ୍ରତିଷ୍ଠା ଅଭିଶପ୍ତା ବୋଲି ଘୋଷଣା କରିଛି । ସେହିପରି ଆଉ ଏକ ଘୋଷଣାନାମା ଜାରି କରିଥିଲା ନିଜେ ସୁମିତ୍ରା 'କମାଣ' କ୍ଷୁଦ୍ରଗଳ୍ପରେ । ପି. ଏଚ. ଡି. କାର୍ଯ୍ୟ ଶେଷ ନହେବା ପର୍ଯ୍ୟନ୍ତ ସେ ମା' ହେବନି ବୋଲି ବିବାହ ପୂର୍ବରୁ ଶପଥ କରାଇଥିଲା ସୁବ୍ରତକୁ । ବିବାହ ପରେ ପରିବାରର ସମସ୍ତେ ମା କୋଳରେ ସନ୍ତାନଟିଏ ପାଇଁ ଉତ୍ସୁକ, ଉତ୍କଣ୍ଠିତ ଥିଲା ବେଳେ ସୁମିତ୍ରା ଥିଲା ଜ୍ଞାନ ପାଇଁ ଉତ୍ସୁକ । ନାରୀ ହୋଇ ବି ନାରୀତ୍ୱକୁ ସେ ଚିହ୍ନିବାକୁ ଇଚ୍ଛା କରିନି । ସେ ମାତୃତ୍ୱକୁ ସ୍ୱୀକାର କରେ ସତ କିନ୍ତୁ ନାରୀର ପରିଚୟ ଏବଂ ସ୍ୱୀକୃତି ଯେ କେବଳ ଜନନୀତ୍ୱ ଭିତରେ - ଏ ଚିନ୍ତାଧାରାକୁ ସେ ବିଶ୍ୱାସ କରେନି । ସନ୍ତାନ ଦେବା ପାଇଁ ପ୍ରସ୍ତୁତ ହୁଏନା । କାରଣ ଅନ୍ତଃ ସଂଘର୍ଷରେ ଜୟଯୁକ୍ତ ହୋଇଥିବାର ସୁମିତ୍ରାର ଫିଲୋସଫି ହେଉଛି -ସାମାଜିକତାର ପରିପ୍ରେକ୍ଷୀରେ ଏହି ଜୈବିକ ମାତୃତ୍ୱର ମାନସିକତାରେ ପରିବର୍ତ୍ତନ ଘଟିଥାଏ, କିନ୍ତୁ ମାତୃତ୍ୱବୋଧ ନୁହେଁ । "ଏ ଫିଲୋସଫି ଏକ ବିଚିତ୍ର ତଥା ଅଦ୍ଭୁତ ହେଲେବି ନାରୀ ମନଗହ୍ୱନରେ ନିଭୃତ ଇଲାକା ଭିତରେ ଏହାର ବାସ୍ତବତାକୁ ଅସ୍ୱୀକାର କରାଯାଇପାରେନା ।"

ସେହିପରି ସ୍ୱାଧୀନତା ପରବର୍ତ୍ତୀ ସମୟର ଅନ୍ୟ ଏକ ଗାଳ୍ପିକ ପ୍ରତିଭା ରାୟଙ୍କ 'ଉତ୍ କ୍ରାନ୍ତି' ଗଳ୍ପରେ ନାୟିକା ହେଉଛି ଜଣେ ସ୍ୱାବଲମ୍ବୀ ନାରୀ । କମଳା ତାଙ୍କ ସ୍ୱାମୀ ଉଭୟଙ୍କ

ISSN NO.
2582-208X

ମଧ୍ୟରେ ରୋଜଗାରକୁ ନେଇ ଅନେକ ସମୟରେ ଉକ୍ତି ପ୍ରତ୍ୟୁକ୍ତି ମଧ୍ୟ ହୋଇଥାଏ । ଗୋଟିଏ ଥର ଅଭିନ୍ନ ବାବୁ କମଳାକୁ ପ୍ରଶ୍ନ କରନ୍ତି "ତୁମେ ଯଦି ମୋ ଶହ ବିବାହ ବିଚ୍ଛେଦ କରାଇନିଅ, ମୋ' ଠାରୁ କିଛିବି ଚାହିଁବ ନାହିଁ ?" ଅଭିନ୍ନ ବାବୁଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କମଳା ଯେଉଁ ବକ୍ତବ୍ୟ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ରଖିଛନ୍ତି ସେଥିରୁ ନାରୀ ସଶକ୍ତୀକରଣ ଓ ନାରୀ ସ୍ୱାବଲମ୍ବିତାର ସ୍ପଷ୍ଟ ସୂଚନା ମିଳେ । ତେଣୁ – "ଯଦି ସେ ପରିସ୍ଥିତି ହୁଏ, ତେବେ ମୁଁ ତୁମଠାରୁ ଗୋଟିଏ ବି ଟଙ୍କା ନେବି ନାହିଁ, କଥାରେ କହନ୍ତି ହଗୁରୀ ହାତରୁ ଖାଇବ ପଛକେ, ଉଘେଇ ହାତରୁ ଖାଇବ ନାହିଁ । ମୁଁ ଯଦି ରୋଜଗାର କରୁନଥାନ୍ତି ତେବେ ତମ ଭାତକୁ ହଜମ କରିପାରନ୍ତି ନାହିଁ, ପ୍ରାଣର ରକ୍ଷା କରିବା ପାଇଁ ଯାହା ଖାଉଥାନ୍ତି ସବୁ କୁକୁର ପେଟକୁ ଯାଉଥାନ୍ତା । ତେଣୁ ପ୍ରତ୍ୟେକ ସ୍ତ୍ରୀ ସମ୍ମାନର ଶହ ବଞ୍ଚିବା ପାଇଁ ଉପାର୍ଜନକ୍ଷମ ହେବ ଉଚିତ ।" ତେଣୁ ସେ ଚାହେଁ ଏକ ସ୍ୱାଧୀନ ଓ ମୁକ୍ତ ଜୀବନ । ସର୍ବୋପରି ପରମ୍ପରା, ନିତିନିୟମ ଓ ଅନ୍ଧବିଶ୍ୱାସକୁ ପଦାନତ କରି ସମାଜରେ ସ୍ୱାଧୀନ ଭାବରେ ପୁରୁଷ ଭଳି ପୋଷାକ ପରିଧାନ ଓ ପ୍ରସାଧାନ ସାମଗ୍ରୀକୁ ବ୍ୟବହାର କରିବାର ସ୍ୱାଧୀନତାକୁ ସେ ଉପଭୋଗ କରିବାକୁ ଚାହେଁ ।

ଗାଳ୍ପିକ କବିତା ବାରିକଙ୍କ 'ବାମା' କ୍ଷୁଦ୍ରଗଳ୍ପରୁ 'ଟିକିଅଗଣାର ଝିଅ' ଗଳ୍ପଟିକୁ ନିଆଯାଇଛି ଯେଉଁଥିରେ ନାରୀ ସ୍ୱାଧୀନତା ଓ ନାରୀ ସଶକ୍ତୀକରଣ ଉପରେ ରଚିତ ହୋଇଛି । ଗଳ୍ପର ମୁଖ୍ୟ ନାରୀ ଚରିତ୍ରଟି ହେଉଛି ସୁନ୍ଦରୀ, ଯିଏ କି ସ୍ୱାଧୀନଚେତା । ନିଜର ହକ୍ କୁ ଜାହିର କରିବାକୁ ସେ ପୁରୁଷ ପ୍ରଧାନ ସମାଜରେ ଲଢେଇ କରିଛି । ପୁରୁଷ ଭଳି ସେ ନିଜକୁ ସମକକ୍ଷ କରିବାକୁ ଚାହେଁ କିନ୍ତୁ ଏଥିରେ ପ୍ରତିରୋଧ କରିଛନ୍ତି ତାଙ୍କ ଜେଜୀମା' । ଜେଜୀମା'କୁ ସେ କୁହେ ସାମ୍ପ୍ରତିକ ଧାରା ତଥା ସମାଜର ପରିବର୍ତ୍ତିତ ମାନସିକ ବିଚାରବୋଧ ଦ୍ୱାରା ବୁଝାଇବାକୁ ଯାଇ କୁହେ – "ଯୁଗ ଯାଇ କୋଉଠି ପହଞ୍ଚିଲାଣି । ଅଥଚ ତମେ ପଚାଶ ଷାଠିଏ ବର୍ଷ ତଳେ କ'ଣ କରୁଥିଲ ମାଜି ହେଉଛ । ତା' ବୋଲି ଆମେ ପଚାଶ ଷାଠିଏ ବର୍ଷ ସେଇଆ କରିବୁ ନା କ'ଣ ? ଝିଅ ପିଲା ପରା ହିମାଳୟ ଚଢିଲେଣି, ଉଡାଜାହାଜ ଉଡେଇଲେଣି, ଦେଶକୁ ଶାସନ କଲାଣି, ଚନ୍ଦ୍ରରେ ପାଦ ଥାପିଲାଣି ।" ଗାଳ୍ପିକା କବିତା ବାରିକ ସୁନ୍ଦରୀ ଚରିତ୍ର ମାଧ୍ୟମରେ ନାରୀ ମଧ୍ୟରେ ଥିବା ଅସୀମ ପରିଚୟକୁ ପ୍ରଦାନ କରିଛନ୍ତି ।

ISSN NO.
2582-208X

ଏହି ସମୟର ଅନ୍ୟ ଏକ ପ୍ରତିଷ୍ଠିତ ଗାଳ୍ପିକା ବୀଣାପାଣି ମହାନ୍ତି । ନାରୀ ଜୀବନର ମୂଲ୍ୟବୋଧ, ପୀଡ଼ିତା ନାରୀର ଅସହାୟ ପ୍ରଭୃତିରେ ତାଙ୍କୁ ମାନବିକତାବାଦୀ ଗାଳ୍ପିକାରେ ପରିଣତ କରିଛି । ସେ କୁହନ୍ତି, "ଦୁଃଶାସନର ବିକଟାଳ ହସରେ ଦ୍ରୌପଦୀର ବସ୍ତ୍ରହରଣ ଥରେ ନୁହେଁ, ଅଜସ୍ର ଥର ଘଟି ଯାଉଛି । ସେମାନେ ତ ଥିଲେ ମହାଭାରତ ଯୁଗର ଏକ ରାଜବଂଶର । ଏବେ କିନ୍ତୁ ସେମାନେ ଅନେକ ମଣିଷରେ ଆଜି ରୂପାନ୍ତରିତ ହୋଇଛନ୍ତି । ଝିଅଟିଏ ବା ସ୍ତ୍ରୀଟିଏ ନିରାପଦରେ ରାସ୍ତାରେ ଯିବ, ପାଠପଢ଼ି ଚାକିରି କରି ସ୍ୱାବଲମ୍ବୀ ହେବ କିଏ ନ ଚାହେଁ ଆଜିର ଦୁନିଆରେ ? ହେଲେ ମାର୍କସଟିଏ ସ୍କୁଲରୁ ଆଣିବାକୁ ବିଚ୍ ବଜାରରେ ଇଣ୍ଟରଭିଉ ଦେଇ ଚକିରିଟିଏ ପାଇଁ ଅଫିସରକୁ ନିବେଦନ କରିବାକୁ ଯାଇ ତାକୁ ସାମ୍ନା କରିବାକୁ ହୁଏ ଦୁଃଶାସନ, ଦୁର୍ଯ୍ୟୋଧନକୁ, ଭୀଷ୍ମ, ଦ୍ରୋଣଙ୍କ ପରି ରଥୀ – ମହାରଥୀ ମଥା ପୋତି ଦେଲେ । ଆଇନ କାନୁନର ତରାଜୁ କିନ୍ତୁ ସମତା ରକ୍ଷାକରି ଝୁଲୁଛି ସମାଜ ହାତରେ ।" ଚିତ୍ରିତ ଅନ୍ଧାର, ନଈ, ଅପରାଜିତା, ତଟନୀର ତୃଷ୍ଣା, ବିଟପୀଶାଖା ଏହି ସବୁ ଗଳ୍ପରେ ରହିଛି ନାରୀର ଯୌନାକାଂକ୍ଷା, ମୁକ୍ତିକାମୀ, ବିଦ୍ରୋହର ସ୍ୱର । ଯଦି ଆମେ ଦେଖିବା ବୀଣାପାଣିଙ୍କ ଗଳ୍ପରେ ନାରୀ ଚରିତ୍ରଗୁଡ଼ିକ ପାରିବାରିକ ଓ ସାମାଜିକ ଜୀବନରେ ଅନ୍ତର୍ନିହିତ ସଂଘର୍ଷ ଦେଇ ଗତି କରିଥାନ୍ତି । ସେ କୁହନ୍ତି ନାରୀ ଏକ ରକ୍ତମାଂସ ଦେହଧାରୀ ମଣିଷ । ତାର ଆବେଗ ଅଛି, ଦୈହିକକ୍ଷୁଧା ଅଛି । ପରିସ୍ଥିତି ଓ ପରିବେଶ ତାଡନାରେ ଏମାନେ ଦାନବ ପ୍ରବୃତ୍ତିର ଶିକାର ହୋଇଛନ୍ତି ତ କେତେବେଳେ ଅସହାୟତାରେ ବିଳାପ କରିଛନ୍ତି । ପୁଣି ବେଳେ ବେଳେ ପ୍ରତିବାଦର ଆଗ୍ନେୟ ଝଙ୍କାର ତୋଳିଛନ୍ତି । ଜୀବନଜୀବିକା କ୍ଷେତ୍ରରେ ନାରୀଟି ଧର୍ଷିତା ହୋଇ କିପରି ମାନସିକ ପ୍ରତିକ୍ରିୟାରେ ଅସହାୟ ହୋଇପଡିଛି ସେ ତାଙ୍କର ଇଣ୍ଟରଭିଉ, ବସ୍ତ୍ରହରଣ, ଶିଖା, ଜଉ ଆଦି ଗଳ୍ପରେ ଦର୍ଶାଇଛନ୍ତି ।

ବୀଣାପାଣି ମହାନ୍ତିଙ୍କ 'ଜଉ' ଗଳ୍ପରେ ନାରୀର ଅସହାୟତାର ରୂପ ଦେଖିବାକୁ ମିଳିଛି । ଏଠି ଗାଳ୍ପିକା ଲେଖିଛନ୍ତି, "ଯୁଗ ଯୁଗର ବିଶ୍ୱାସ, ସ୍ନେହ ମମତାର ଭରା ସୌଧ କିପରି ସାମାନ୍ୟ ଏକ ବାଲିଝଡ଼ରେ ଧୂଳିସାତ୍ ହୋଇଗଲା । ତା'ର ସ୍ୱୀକୃତି, ମୂଲ୍ୟବୋଧ ସତରେ ଗୋଟିଏ ବେଲୁନ୍ ।" ମଦପାନ କରୁଥିବା ସ୍ୱାମୀ ଦ୍ୱାରା ନିର୍ଯ୍ୟାତିତା ହୋଇ ସ୍ତ୍ରୀ ବେଶ୍ୟାବୃତ୍ତି କରିବାକୁ ବାଧ୍ୟ ହୁଏ ପରିବାରର ପ୍ରତିପୋଷଣ ପାଇଁ । ଯୌତୁକ ପାଇଁ ନିର୍ଯ୍ୟାତିତା ହୁଏ ତ କେବେ ଛାଡପତ୍ର ପାଏ । ଆଜିକାଲି ସମାଜର ଏହି ନିତିଦିନିଆ ଘଟଣା, ଲାଞ୍ଛନା ବିରୁଦ୍ଧରେ ଗାଳ୍ପିକା 'ଶିଖା' ଗଳ୍ପ ନିର୍ମଳାର ଚରିତ୍ର ମାଧ୍ୟମରେ ପ୍ରତିବାଦର ସ୍ୱର ସେ କିପରି

ISSN NO.
2582-208X

ତୋଳିଛି ତାକୁ ସେ ଦେଖାଇଛନ୍ତି । ତାର ଏହି ବିଦ୍ରୋହର ସ୍ୱର ଚରମ ରୂପ ନେଇଛି ଯେତେବେଳେ ସେ ଜାଣିଛି ଶାଶୁ -ଶ୍ୱଶୁର, ସ୍ୱାମୀ ସମସ୍ତେ ତା'ର ମୃତ୍ୟୁକୁ ଚାହିଁ ବସିଛନ୍ତି। ସେତେବେଳେ ସେ କ୍ରୋଧରେ ଶାଶୁଘର ଓ ଗାଁର ଚାଳଘର ଗୁଡିକରେ ନିଆଁ ଲଗେଇ ଦେଇ ପଳାଇଛି ।

ବୀଣାପାଣିଙ୍କ ଅନ୍ୟ ଏକ ଗଳ୍ପ 'ବସ୍ତ୍ରହରଣ' । ଏହି ଗଳ୍ପରେ ସ୍ୱାମୀ ଚାକିରିରେ ପ୍ରମୋସନ ପାଇଁ ସ୍ତ୍ରୀକୁ ଅସ୍ୱଭାବେ ବ୍ୟବହାର କରି ସ୍ତ୍ରୀର ନାରୀତ୍ୱକୁ ବଳି ଦେବା ପ୍ରସଙ୍ଗ ଉତ୍ଥାପନ କରି ସେ ପୁରୁଷର ଏତାଦୃଶ ହୀନମନୋବୃତ୍ତିକୁ ଦର୍ଶାଇବା ସଙ୍ଗେ ସଙ୍ଗେ ନାରୀର ପ୍ରତିବାଦର ସ୍ୱରକୁ ତୀବ୍ର କରିଛନ୍ତି । ସମାଜର ସାମାଜିକ ଅନ୍ତରାଳରେ ଥିବା ଅର୍ଥ ସର୍ବସ୍ୱ ବ୍ୟଭିଚାରକୁ ଉଚ୍ଛେଦ କରିବାର ପ୍ରୟାସ ହିଁ ସାଜିଛି ବୀଣାପାଣିଙ୍କ ଗଳ୍ପ ମାନସର ଅଭିବ୍ୟକ୍ତି। ତେଣୁ ସେ ତାଙ୍କର 'ପ୍ରଶ୍ନ' ଗଳ୍ପରେ କହିଛନ୍ତି, "ସବୁ ନାରୀଙ୍କ ଲୁହ ଯଦି ଅଗ୍ନି ତରଙ୍ଗରେ ପଣିତ ହୋଇପାରନ୍ତା - ତେବେ ସବୁ ଅସମତା ଦୂର ହେବାକୁ ଟିକିଏ ବିଳମ୍ବ ହୁଅନ୍ତା ନାହିଁ । ଭଗବାନ ! ଗୋଟିଏ ନାରୀ କି କେବେ ଅନ୍ୟ ଏକ ନାରୀକୁ ରକ୍ଷା କରିବାକୁ ଆଗେଇ ଆସିବନି ?"

ଗାଳ୍ପିକାଙ୍କ 'ସତୀ' ଗଳ୍ପରେ ନାରୀ ହୋଇ ନିଜ ଦୁଶ୍ଚରିତ୍ର ସ୍ୱାମୀର ଅତ୍ୟାଚାର ସହି ନେଇଛି। ମାତ୍ର ଅନ୍ୟ ନାରୀର ସତୀତ୍ୱ ରକ୍ଷା କରିବାକୁ ଯାଇ ସ୍ୱାମୀ ଛାତିରେ ଛୁରି ମାରି ଦେଇଛି । ପୁରୁଷର ଆଶ୍ରୟ ବିନା ନାରୀ ଯେ ଏକାକୀ ବଞ୍ଚିପାରେ, ସଂଗ୍ରାମ କରିପାରେ ଏହି ମନୋଭାବକୁ ମଧ୍ୟ ଗାଳ୍ପିକା ବହୁ ଗଳ୍ପରେ ବର୍ଣନା କରିଛନ୍ତି ।

ସେହିଭଳି ଅନ୍ୟ ଏକ ଗାଳ୍ପିକା ସରୋଜିନୀ ସାହୁଙ୍କ ଗଳ୍ପରେ ନାରୀ ମନର ସଂଗୁପ୍ତ ଭାବାବେଗର ଜଟିଳ ମାନସିକତାକୁ ସରୋଜିନୀ ସାହୁ ତାଙ୍କର ଅଧିକାଂଶ ଗଳ୍ପରେ ରୂପାନ୍ତରିତ କରିଥାନ୍ତି । ତାଙ୍କର 'ଚୌକାଠ' ଗଳ୍ପରେ ନିଜ ବାପଘରର ଆକଟ, ଶାସନ, ନଜରକୁ ଡେଇଁ ଇପ୍ସିତା ପ୍ରେମିକ ମନୋଜ ସହିତ ପରୀକ୍ଷା ଆଳରେ ପଳାଇବା ଓ ବାହାହେବା ଘଟଣାକୁ ନେଇ ହିଁ ଗଳ୍ପଟି ଗତି କରିଛି । ବାପଘରର ନଜରବନ୍ଦୀ ଚୌକାଠକୁ ଡେଇଁ ଝିଅଟିଏ ବାପାମାଆ, ଭାଇଭଉଣୀଙ୍କୁ ଛାଡି ପ୍ରିୟତମ ସହିତ ପଳାଇବାର ଯେଉଁ ସାହସ ଓ ମାନସିକ ଦ୍ୱନ୍ଦ୍ୱତାକୁ ହିଁ ସେ ଦେଖାଇବାକୁ ଚେଷ୍ଟା କରିଛନ୍ତି । ଅଥଚ ତା'ପରେ ଇପ୍ସିତା ଜାଣେନା କ'ଣ ତା'ର ଭବିଷ୍ୟତ ? ପ୍ରିୟତମ ଯଦି ବିଶ୍ୱାସଘାତ କରେ ସେ

ISSN NO.
2582-208X

ଆଉ କେବେ ବାପଘରର ଚୌକାଠ ଭିତରେ ପାଦ ଥାପି ପାରିବ ନାହିଁ । ତଥାପି ସେ ସମସ୍ତ ଦ୍ୱନ୍ଦ୍ୱକୁ ପାରି ହୋଇଯାଇଛି ।

ସରୋଜିନୀଙ୍କ 'ନିଦୁଆ କବାଟରେ ଖଡ ଖଡ ଶବ୍ଦ' ଗଳ୍ପରେ ନାୟିକା ଶୁଭଦାର ମୁକ୍ତିପାଇବା ପାଇଁ ଚେଷ୍ଟାରୁ ମନେହୁଏ ସେ ଯେମିତି ଏକ ଟାଣୁଆ ଖୁଣ୍ଟରେ ବନ୍ଧା ହୋଇଚି । ତେଣୁ ସେ ଭାବିଛି, "କେବଳ ମୁଁ ନୁହେଁ, ତମେ ସମସ୍ତେ ଗୋଟେ ଖୁଣ୍ଟରେ ବନ୍ଧା ହୋଇଚ । ତମ ସମସ୍ତଙ୍କ ଗୋଡରେ ଗୋଟେ ଗୋଟେ ଟାଣୁଆ ସୂତା ବନ୍ଧା ହୋଇଛି । ମୁଁ ଜାଣେ ତମେ ମନଇଚ୍ଛା ଦଉଡିଯାଇପାରିବନି ।" ଏତିକି କୁହାଯାଇ ପାରେ ଯେ ସରୋଜିନୀଙ୍କ ଗଳ୍ପରେ ସ୍ୱପ୍ନ ପରାହତ, ଅସହାୟତା, ବିଷାଦରେ ଜର୍ଜରିତ । ବିଶେଷକରି ନାରୀର ଅନ୍ତର୍ଜଗତର ଅନୁଶୀଳନ ଅଧିକ । ତେଣୁ ନାରୀମନେ ଅସଂପୂର୍ଣ୍ଣତାର ଅନ୍ତର୍ଦାହରେ ଜଳି ଯାଆନ୍ତି ।

ଉପସଂହାର :

ଶେଷରେ ଏତିକି କୁହାଯାଇପାରେ ଯେ ସମାଜରେ ନାରୀଟିଏ ପୁରୁଷ ପରି ସମାନ ସୁବିଧା ସୁଯୋଗକୁ ଅଚିରେ ପ୍ରାପ୍ତ ହୋଇପାରେ ନାହିଁ ଫଳତଃ ଏକ ବୈଷମ୍ୟ ପରିଲକ୍ଷିତ ହେବ ସ୍ୱାଭାବିକ । ଏହି ବୈଷମ୍ୟର କାରଣ ହେଉଛି ପୁରୁଷ ପ୍ରଧାନ ସମାଜ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ଦାୟୀ । ତେଣୁ ସଂପ୍ରତି ନାରୀ ନିଜର ଅଧିକାର ଓ ସ୍ୱାଧୀନତା ସଂପର୍କରେ ପୂର୍ବାପେକ୍ଷା ଅଧିକ ସଚେତନ ହୋଇଛି । ଏତାଦୃଶ ଉତ୍ସାହ ଓ ଉଦ୍ୟମ ନାରୀ ଜୀବନରେ ଯେ ଏକ ମହାସଂଗ୍ରାମର ପରିବର୍ତ୍ତନ କରିବ ଏଥିରେ ସନ୍ଦେହ ନାହିଁ ।

ସହାୟକ ଗ୍ରନ୍ଥସୂଚୀ :

୧. ଛୋଟରାୟ, ଡ. ସୁରେଶ : ବୀଣାପାଣି ଗଳ୍ପମାନସ, ପଶ୍ଚିମା ପବ୍ଲିକେସନ୍ସ, ଭୁବନେଶ୍ୱର – ୧୨, ଚତୁର୍ଥ ପ୍ରକାଶ, ୨୨୨ ।

୨. ବାରିକ, ଡ. କବିତା: ଶହେ ତେଇଶି ବର୍ଷର ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ ୧୮୯୮ ରୁ ୨୦୨୧, ବିଦ୍ୟାପୁରୀ, ବାଲୁବଜାର, କଟକ, ପରିବର୍ଦ୍ଧିତ ଚତୁର୍ଥ ସଂସ୍କରଣ, ୨୦୨୨ ।

ISSN NO.
2582-208X

୩. ବାରିକ, ଡ. କବିତା: ବାମା, ପୁନଶ୍ଚଉତ୍କଳପ୍ରଭା ଫାଉଣ୍ଡେସନ, ବାରିପଦା, ପ୍ରଥମ ପ୍ରକାଶ ,୨୦୧୧ ।

୪. ପଟ୍ଟନାୟକ, ରବି : ବିଚିତ୍ର ବର୍ଣ୍ଣା, ଲାର୍କ ବୁକ୍ସ, ଭୁବନେଶ୍ୱର-୧, ପ୍ରଥମ ପ୍ରକାଶ, ୧୯୯୧ ।

୫. ସାହୁ, ଶ୍ରୀମତୀ ସରୋଜିନୀ: ସୁଖର ମୁହାଁମୁହିଁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ,ପ୍ରଥମ ସଂସ୍କରଣ, ୧୯୮୧ ।

********

ଗବେଷିକା, ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜ ବିହାର
ଦୂରାଭାଷ – 9438449120
ତତ୍ତ୍ୱାବଧାରକ : ଡକ୍ଟର ସମୀର ଭୋଇ

ISSN NO.
2582-208X

# କବିତା



ଭାସ୍କର ଚନ୍ଦ୍ର ଖଣ୍ଡା

ନେଇ ପାରେ ନାହିଁ ଜନ୍ମ ସିଏ
କେତେ ଗୁଡିଏ ଅକ୍ଷର ର ସମଷ୍ଟି ରେ
ସେ ତ ଏକ ଅନ୍ତର୍ନିହିତ ଭାବନାର ପରିପ୍ରକାଶ
କରି ଥାଏ ଆଲୋକପାତ କେତେବେଳେ
ସାମାଜିକ ଦୃଷ୍ଟି କୋଣକୁ
ପ୍ରତିବାଦ କରିଥାଏ କେତେବେଳେ ଅନ୍ୟାୟ ବିରୁଦ୍ଧରେ
କରି ଥାଏ ବି ଜାଗ୍ରତ ଦେଶପ୍ରେମ ।୧।

ବାଦଲର ରୂପ ନେଇ
ବରଷି ଯାଏ କେତେବେଳେ
ଅଂଗେ ଲିଭାଇଥିବା ଟୋପା ଟୋପା ବିନ୍ଦୁ ସଦୃଶ
କବିର ଲେଖନୀରୁ
ମରମ କୁ ଘାରି ହୁଏ ହୃଦୟସ୍ପର୍ଶୀ ।୨।

ଐଶ୍ୱରିକ ଶକ୍ତିର କରୁଣା ର ବାରିରୁ
ନିଏ ଜନ୍ମ ସିଏ
ଏକ ମାଆ ସନ୍ତାନ କୁ ଜନ୍ମ ଦେବା ପରି
ରକ୍ତ ମାଂସର ପିଣ୍ଡୁଳା
ପାଇ ଥାଏ ଯେମିତି ଜୀବନ

ISSN NO.
2582-208X

ଲେଖନୀ ମୁନରୁ ପାଇ ଜନ୍ମ
ହୁଏ ସାର୍ଥକ ଇଶ୍ୱରଙ୍କ ଆଶୀର୍ବାଦରେ ।୩।

କରି ଜାଗ୍ରତ ଚେତନାର ଅନୁକୋଣକୁ
ଆଣିଥାଏ ସମାଜରେ ବିପ୍ଳବ
ଯୁଗ ଯୁଗାନ୍ତରେ ରହିଛି ତା'ର ସମ୍ମାନ ।୪।

ଛନ୍ଦି ଦିଏ ବି ସିଏ ପ୍ରେମର ଜାଲ
ଅମୃତର ଧାରାରେ ଧୋଇ ଯାଇ
ଗାଇଥାଏ ଗାଥା ସିଏ
ପ୍ରକୃତି ଆଉ ପୁରୁଷର ମିଳନ
କରିଥାଏ ବି ସିଏ ପ୍ରଭୁଙ୍କର ଚରଣ ବନ୍ଦନା
ଭାବ ବିହ୍ୱଳିତ କରେ ଅଗଣିତ ପାଠକଙ୍କୁ
ତାହାରି ଉତ୍ସର ସାନିଧ୍ୟ ପାଇ
ବଂଚି ରହିଛି ସମାଜ
ଧନ୍ୟ ସେଇ କବି ଆଉ ତା'ର ସୃଷ୍ଟି
ଅମୂଲ୍ୟ, ଅମୃତ, ଅମ୍ଳାନ "କବିତା" ।୫।

ଫ୍ଲାଟ୍ ନଂ ବି/୩୦୧, ଗୌରିଶଙ୍କର ରେସିଡେନ୍ସ
କେଶୁରା, ଭୂବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଆସ ମାଆ ଦୁର୍ଗା



ପ୍ରଭୃତ କୁମାର ଆଗ୍ରୂର୍ଯ୍ୟ

ଯେବେ କାଶଫୁଲ ଫୁଟିଉଠେ ନଦୀପଠାରେ
ନାଲି ମନ୍ଦାରର ତୋରଣ ବାଡ଼ିବଗିଚାରେ
କୈରବର ବିପଣୀ ବସେ ଗାଁ ପୋଖରୀରେ
ସେତେବେଳେ ସମସ୍ତେ ଜାଣନ୍ତି
ତୁ ଆସିବୁ ମାଆ! ମହିଷମର୍ଦ୍ଦିନୀ ରୂପରେ।
ଗଜରେ ଆସିବୁ କି ପାଲିଙ୍କିରେ
ଘୋଡ଼ାରେ କି ନଉକାରେ
ତର୍ଜମାଚାଲେ ଗାଁ ମନ୍ଦିର ପିଣ୍ଡାରେ,।
ବନ୍ୟା ହେବ କି ବାତ୍ୟା ହେବ
ନା ହେବ ମରୁଡ଼ି
ଆମ ପାଇଁ ତୁ ହେବୁ ମଙ୍ଗଳମୟୀ ନା ଭୟଙ୍କରୀ ?
ସଜା ହୋଇଯିବ ମଣ୍ଡପରେ
ତୋ ମୃଣ୍ମୟୀ ମୂର୍ତ୍ତି
ମିଛ ତ୍ରିଶୂଳ, ଖଣ୍ଡା ଖର୍ପର ଧରି
ମହିଷାକୁ ବଧିବୁ ତୁ।
ଚିକ୍ ମିକ୍ ଆଲୁଅରେ ଝଟକୁଥିବ ତୋ ରୂପ,
ସାଥିରେ ଥିବେ ସାକ୍ଷୀରୂପେ ତୋ ପରିବାର
ମହିଷା ନିଧନ ପାଇଁ।

ISSN NO.
2582-208X

ମାଆ ! ଚିରି ପାରିବ କି ତୋ ତ୍ରିଶୂଳ
ମାଳ ମାଳ ଅହଂକାରୀ ବକ୍ଷ ?
କାଟି ପାରିବୁ କି କାମନା ନିଆଁରେ ଜଳୁଥିବା
କାମାନ୍ଧଙ୍କ ବେକ ?
ନା ସ୍ୱାର୍ଥ ପାଇଁ ମମତାକୁ ହତ୍ୟା କରୁଥିବା କୁ-ପୁତ୍ରଙ୍କ ମସ୍ତକ ?
ଏଠି ରତୁ ଜଳନ୍ତି ହିଂସାର ନିଆଁରେ
ସତ୍ୟ ମୂର୍ଚ୍ଛିତ ମିଥ୍ୟାର ହସରେ
ଦୟା, ଧର୍ମ, ପ୍ରେମର କିଛି ମାନେ ନାହିଁ
ସମସ୍ତେ ଚଉଦପା, ଗୁରୁଲଘୁ ନାହିଁ।
ତେଣୁ ମୃଣ୍ମୟୀ ରୂପରେ ନୁହେଁ ମା
ମଙ୍ଗଳମୟୀ ରୂପରେ ନୁହେଁ
ଅବତରି ଆସ, ଦୈତ୍ୟଦଳିନୀ
ଦୁର୍ଗତିନାଶିନୀ, ଦେବୀ ଦୁର୍ଗା ହୋଇ ମାଆ !
ପୃଥିବୀକୁ କରିବାକୁ ପାପୀ ଶୂନ୍ୟ
ଶାନ୍ତ, କମନୀୟ।

ଭୋଗରାଇ, ବାଲେଶ୍ୱର,
ସିଦ୍ଧେଶ୍ୱର କଲୋନୀ, ଗଣେଶ୍ୱରପୁର,
ରେମୁଣା ଗୋଲେଇ, ବାଲେଶ୍ୱର
ମୋବାଇଲ୍:-୮୭୬୩୧୪୦୨୧୫

ISSN NO.
2582-208X

# "ଇଟାଭଟିର ଶିଳ୍ପୀ"ରେ ନାରୀ ଜୀବନର କାରୁଣ୍ୟ : ଏକ ବିହଙ୍ଗାବଲୋକନ



ସୁଶ୍ରୀ ବେବୀ ନାଏକ

### ଉପକ୍ରମଣିକା :

ସାହିତ୍ୟ ହେଉକି ସମାଜ ପାଇଁ, ନାରୀ ସର୍ବଦା ଗୋଟିଏ ଚର୍ଚ୍ଚାର ବିଷୟ ହୋଇ ରହିଆସୁଅଛି । ଯୁଗ ଯୁଗ ଧରି ନାରୀର ଭୂମିକା ଓ ତା'ର ଭୂରି ଭୂରି ପ୍ରମାଣ ସାହିତ୍ୟରେ ଉଜ୍ଜ୍ୱଳ । ନାରୀଟିଏ ସତେ ଯେପରି ସମାଜର ଅନ୍ତଃସ୍ଥଳରେ ପ୍ରବାହିତ ଏକ ନିତ୍ୟ ପ୍ରବହମାନ ଫଲଗୁ । ସେହି ନାରୀ ପାଇଁ କେବେ ରାମାୟଣ ସୃଷ୍ଟି ତ କେବେ ଝିମିଟି ଖେଳରୁ ମହାଭାରତ । ସେ କେବଳ କାମ ବିଲାସିନୀ, ମାୟାବିନୀ ନୁହେଁ, ସେ ସ୍ନେହମୟୀ ଜନନୀ ଓ ପ୍ରେମମୟୀ ଜାୟା । ସେ କେବେ ଭଗିନୀ ତ କେବେ ଭବାନୀ, ସେ ପୁଣି ବିଚିତ୍ରବର୍ଣ୍ଣା, ସେ ରହସ୍ୟମୟୀ । । ପୁରୁଷକୁ କେତେବେଳେ ସେ ସ୍ୱର୍ଗୀୟ ପ୍ରେମରେ ଉଦବୁଦ୍ଧ କରେ ତ କେତେବେଳେ ମନକୁ କରେ ଉତକ୍ଷିପ୍ତ । ତଥାପି ପୁରୁଷ ସେ ନାରୀର ସାଜେ ଅନୁଗାମୀ । ଏ ସବୁ ଗୁଣର ଅଧିକାରିଣୀ ହୋଇଥିଲେ ମଧ୍ୟ ନାରୀ ଆର୍ତ୍ତ ଚିତ୍କାର କରେ କାହିଁକି ? ବିଳାପ କରେ କାହିଁକି ? ସମାଜର ଭୋଗ୍ୟବସ୍ତୁ ପାଲଟେ କାହିଁକି ? ଏ ସମସ୍ତ ପ୍ରଶ୍ନ ଏଯାବତ୍ ନିରୁଦ୍ଦିଷ୍ଟ । କିନ୍ତୁ; ତମେ, ମୁଁ ଓ ସେମାନେ ଠିକ୍ ଜାଣିଛେ- ସ୍ୱାଧୀନତାର ଏତେ ବର୍ଷ ପରେ ବି ନାରୀ ପରାଧୀନ । ଏଇ ସମାଜରେ ସର୍ବଦା ତା'ଠାରୁ ତା'ର ସ୍ୱାଧୀନ ଅଧିକାରକୁ ଅକ୍ତିଆର କରୁଥିବା ଘୃଣ୍ୟ ବ୍ୟକ୍ତିବିଶେଷ ଦ୍ୱାରା ହିଁ ସେ ସଦା ନିର୍ଯାତିତ ହେଉଛି ଆଉ ହୋଇଆସୁଅଛି ମଧ୍ୟ ।

### ଗଳ୍ପ ଜଗତରେ ଗାୟତ୍ରୀ ସରାଫ୍ ଓ ତାଙ୍କ ସ୍ୱାତନ୍ତ୍ର୍ୟ :

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପଜଗତରେ ବାମାବାଦୀ ଚେତନାର ଅନ୍ୟତମ ବାହକ ଗାଳ୍ପିକା ଗାୟତ୍ରୀ ସରାଫ୍ ହେଉଛନ୍ତି ଜଣେ ଆଗଧାଡିର ନାମ । ଗାଳ୍ପିକାଙ୍କର ଜନ୍ମ ହୁଏ,

ISSN NO.
2582-208X

୧୯୫୨ ମସିହା ଅଗଷ୍ଟ ୧୭ ବଲାଙ୍ଗୀର ଜିଲ୍ଲାର ରାଧାରାଣୀପୁର ଗ୍ରାମରେ। କଲେଜ ଜୀବନ ପରେ ପ୍ରଥମେ ଭବାନୀ ପାଟଣାରେ ଅଧ୍ୟାପିକା ଜୀବନର ଆରମ୍ଭ ହୁଏ । ପରେ ବଲାଙ୍ଗୀରଠାରେ ସହକାରୀ ଶିକ୍ଷୟତ୍ରୀ ଏବଂ ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ ଥିଲେ । ଶିକ୍ଷାକ୍ଷେତ୍ରରେ ଅଜସ୍ର ଅବଦାନ ହେତୁ ତତ୍କାଳୀନ ରାଷ୍ଟ୍ରପତି ଏ.ପି.ଜି ଅବଦୁଲ୍ କଲାମ୍ ଙ୍କ ସ୍ୱହସ୍ତରୁ ୨୦୦୫ ମସିହାକୁ 'ଶ୍ରେଷ୍ଠ ଶିକ୍ଷୟିତ୍ରୀ'(ରାଷ୍ଟ୍ରପତି ପୁରସ୍କାର) ପ୍ରାପ୍ତ ହୋଇଥିଲେ । ଅଧ୍ୟାପନା ଜୀବନରୁ ଅବସର ଗ୍ରହଣ କରିସାରିବା ପରେ ଓଡ଼ିଶା ସରକାରଙ୍କ ଦ୍ୱାରା 'ଓଡ଼ିଶା ସାହିତ୍ୟ ଏକାଡ଼େମୀ'ର ଉପ-ସଭାପତି ପଦବୀରେ ପଦସ୍ଥ ହୋଇଥିଲେ ।

କେବଳ ଗଳ୍ପ ସାହିତ୍ୟରେ ଜଣେ ଅବିସ୍ମରଣୀୟ ପ୍ରତିଭା ଥିଲେ ତାହା ନୁହେଁ, ଅଧିକନ୍ତୁ ସେ କବିତା, ଅନୁବାଦ ତଥା କୋଶଲୀ ଗଳ୍ପମାନ ଲେଖି ଉଚ୍ଚକୋଟିର ଲେଖିକା ଭାବରେ ପରିଚିତ । ତାଙ୍କର ପ୍ରଥମ ଗଳ୍ପ 'ଖୁଡୀ' ବୋଲି ଅଭିମତ କରିଥିଲେ ହେଁ ପାଣ୍ଡୁଲିପି ନମିଳିବାରୁ 'ଆଲୋକିତ ଅନ୍ଧାର' ପ୍ରଥମ ଗଳ୍ପ ଭାବରେ ମାନ୍ୟତା ପାଏ । ଗାଳ୍ପିକାଙ୍କ ଗଳ୍ପମାନ ଓଡ଼ିଶାର ଅନେକ ସାହିତ୍ୟିକ ପତ୍ର ପତ୍ରିକା ଓ ଆକାଶବାଣୀ କେନ୍ଦ୍ରରେ ପ୍ରକାଶିତ ତଥା ପ୍ରସାରିତ ହୋଇ ପାଠକ, ଶ୍ରୋତା ହୃଦୟକୁ ଆଲୋଡ଼ିତ କରିପାରିଛି । ଯଥା – 'ଆଲୋକିତ ଅନ୍ଧାର'(୧୯୮୮), 'ଆଇନାର ଜହ୍ନ'(୧୯୯୫),' ନିଜସ୍ୱ ବସନ୍ତ' (୧୯୯୬), 'ପ୍ରେମିକା ପରି କେହି ଜଣେ'(୧୯୯୮), 'ନୀଳ ଜହ୍ନର ଜୁଇ' (୨୦୦୬), 'ବାପା ଭଲ ଅଛନ୍ତି' (୨୦୦୭), 'ସ୍ମୃତିର ଚିତ୍ରନଦୀ' (ନିର୍ବାଚିତ ଗଳ୍ପ ସଂକଳନ -୨୦୦୭), 'ଶେଷ ବିଦାୟର ଗୀତ' (୨୦୧୦), 'ଛାଇର ବମ୍ବୁର ଗଛ' (୨୦୧୦), 'ବର୍ଷାର ଉଢଣା ତଳେ'(୨୦୧୨), 'ଅସିଦ୍ଧ ଅଧ୍ୟାୟ' (୨୦୧୪), 'ଅନାହତ ପରମ୍ପରା' (ସଂକଳନ ଓ ସଂଯୋଜନା-୨୦୧୪), 'ଇଟାଭାଟିର ଶିଳ୍ପୀ' (୨୦୧୫), 'ଶ୍ରେଷ୍ଠ ଗଳ୍ପ' (୨୦୧୬), 'କେହି ତ ଜଣେ' (୨୦୧୭), 'Burning Mountains – English Short Stories (2018) ଆହୁରି ଅନେକ ଗଳ୍ପ ସାହିତ୍ୟ ..।

ସେଦିନର କୁରୁସଭା ତଳେ ଦ୍ରୌପଦୀର ଚିରହରଣଠାରୁ ଆରମ୍ଭ କରି ସତି ସୀତାଙ୍କ ବିନା ଦୋଷରେ ନିର୍ବାସନ ଦଣ୍ଡ ହିଁ କେଉଁଠି ନା କେଉଁଟି ଇତିହାସ ନାରୀକୁ ଅବଳା, ଦୁର୍ବଳା ଓ ଅସହାୟ ଭାବରେ ଦେଖେଇ ଦିଆଯାଇଛି । ସମାଜକୁ ନୂଆ ନୂଆ ସଭ୍ୟତା ଆସିଲା, ସାହିତ୍ୟରେ ଯୁଗ ପରିବର୍ତ୍ତନ ହେଲା କିନ୍ତୁ ଯା ଭିତରେ ନାରୀ ଯେଉଁଠି ଥିଲା ଆଜି ବି ସେ ସେଇଠି । ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ନାରୀ ଜୀବନ ଓ ଅସହାୟତାକୁ ନେଇ ଅନେକ

ISSN NO.
2582-208X

ଗାଳ୍ପିକ ଓଡ଼ିଆ ସାହିତ୍ୟରେ ସୁପରିଚିତ । ପ୍ରଥମେ ନାରୀ ମନର ସଂଗୁପ୍ତ ଭାବାବେଗକୁ ପ୍ରକାଶିତ କରିବା ସହ ସାମାଜିକ ସ୍ୱରୂପ ଉଦ୍ଘାଟନ କରିଥିଲେ କଥା ସମ୍ରାଟ ଫକୀରମୋହନ ସେନାପତି । ପରେ ପରେ ଅନେକ ଗାଳ୍ପିକଙ୍କ ଗଳ୍ପରେ ନାରୀ ଅନେକତ୍ର ଲଜ୍ଜିତ, କୁଣ୍ଠିତ, ଅସହାୟ ରୂପ ପାଇବା ସହ ନାରୀ ପ୍ରତିଷ୍ଠିତ ମଧ୍ୟ ହୋଇପାରିଛି । ସାମ୍ପ୍ରତିକ ସମୟରେ ମହାପାତ୍ର ନୀଳମଣି ସାହୁଙ୍କଠୁ ଆରମ୍ଭ କରି ତରୁଣକାନ୍ତି ମିଶ୍ର ପର୍ଯ୍ୟନ୍ତ, ବୀଣାପାଣି ମହାନ୍ତିଙ୍କଠାରୁ ସରୋଜିନୀ ସାହୁ, କବିତା ବାରିକ, ଅର୍ଚ୍ଚନା ନାୟକ ପ୍ରଭୃତି ଗାଳ୍ପିକ ଗାଳ୍ପିକାଙ୍କ ମଧ୍ୟରେ ଗାଳ୍ପିକା ଗାୟତ୍ରୀ ସରାଫଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ନାରୀକୁ ସେ ଅତି ନିକଟରୁ ଦେଖିଛନ୍ତି, ତା ମନକୁ ପଢିଛନ୍ତି । ନିତ୍ୟ ଜୀବନର ଚରିତ୍ର ହିଁ ଗାଳ୍ପିକା ସରାଫଙ୍କ ମୁଖ୍ୟ ନାୟିକା । ସମାଜର ମତଲବୀ ନାରୀଠାରୁ ଆରମ୍ଭ କରି ସ୍ନେହଶିଳା ମାଆ, ପ୍ରଣୟ ପ୍ରାର୍ଥୀନୀ ପ୍ରେମିକାଠାରୁ ଶୋଷିତ ଶିଶୁକନ୍ୟା ପର୍ଯ୍ୟନ୍ତ ପ୍ରତ୍ୟେକ ନାରୀ ଜୀବନକୁ ଆଣି ସେ ତାଙ୍କ ଗଳ୍ପରେ ସଜେଇ ଦେଇଛନ୍ତି ନୂଆ ମଲାଟ ଦେଇ । ଜୀବନର ଅନ୍ତଃ, ବାହ୍ୟ ସମସ୍ତ ପ୍ରକାରର ଭାବନାକୁ ଅନୁଭବର ସହ ବିଶ୍ଳେଷଣ କରି ତାଙ୍କ ଗଳ୍ପରେ କରିଛନ୍ତି ଯଥାର୍ଥ ଚିତ୍ରିତ ।

### 'ଇଟାଭାଟିର ଶିଳ୍ପୀ' ରେ ନାରୀର ସ୍ୱର ଓ ସ୍ୱାକ୍ଷର :

ବାସ୍ତବରେ ଅନୁଭବି ମଣିଷ ହିଁ ଚିହ୍ନିପାରେ ଅସଲ ମଣିଷକୁ । ବ୍ୟକ୍ତିତ୍ୱ ଓ ଅସ୍ତିତ୍ୱର ସମୀକରଣରେ ସେ ବାହାର କରିପାରେ ଫଳାଫଳ । ତାକୁ କାଗଜରେ ଉତାରିପାରେ ଜୀବନ୍ତ । ଠିକ୍ ସେହିପରି ଗାୟତ୍ରୀ ସରାଫଙ୍କ ୨୦୧୭ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଗଳ୍ପ ସଂକଳନ ହେଉଛି – "ଇଟାଭାଟିର ଶିଳ୍ପୀ"। ସର୍ବମୋଟ ୧୪ ଟି ଗଳ୍ପ ସମାହାରରେ କଳେବର ଗଠିତ । ଯାହାକୁ ଛୁଇଁଲେ ଲାଗେ ସଜୀବ ଆଉ ସଜୀବ । ଆଲୋଚ୍ୟ ଗଳ୍ପ ସଂକଳନରେ ଦାଦନ ଜୀବନର କରୁଣ କାହାଣୀ ମୁଖ୍ୟ ଉପଜୀବ୍ୟ କରି ଲେଖାଯାଇଥିଲେ ହେଉଁ ସମତାଳରେ ପ୍ରକାଶ ପାଏ ଗାଳ୍ପିକାଙ୍କ ବାମାବାଦୀ ଚେତନା ଓ ଶିଶୁ ମନସ୍ତତ୍ତ୍ୱ । ଗାଳ୍ପିକାଙ୍କର ଚରିତ୍ରମାନେ ଜୀବନର ଶତାଧିକ ଦୁଃଖରେ ଭାଙ୍ଗି ପଡିନାହାନ୍ତି,ବରଂ ଜଣେ ଜୀବନବାଦୀ ବ୍ୟକ୍ତିତ୍ୱର ପରିଚୟ ଦିଅନ୍ତି । ଯେଉଁଟି ନାରୀମାନେ ହସି ହସେଇଛନ୍ତି, କନ୍ଦେଇ କାନ୍ଦିଛନ୍ତି ପୁଣି କେବେ ନିଜକୁ ସମାଜଠାରୁ ସାଉଁଟି ଆଗେଇ ଯାଇଛନ୍ତି । ଗାଳ୍ପିକାଙ୍କ "ଜଣେ ଝିଅର ବାପ" ଗଳ୍ପଟିରେ ଧରମାର ଝିଅ ଶୁଭାଫୁଲ ନିର୍ଯ୍ୟାତିତ ହୋଇଥିବାର ଚିତ୍ର ପାଠକ ଆଖିରେ ଝଲସି ଉଠେ । 'ଗୋଟିଏ ଝିଅ ହଜିଗଲା' ଏ ସମ୍ବାଦ ପଛରେ ଲୋକେ ଝିଅଟିର କ'ଣ ହେଲା ? କୁଆଡ଼େ ସେ ଗଲା ?..

ISSN NO.
2582-208X

ଏସବୁ ଜାଣିବା ଆଗରୁ ତା ପାଇଁ ତା ସମାଜ ଧରେଇ ଦିଅ ସାର୍ଟିଫିକେଟ ଏବଂ କୁହେ – 'ଛାଡ଼ ମ କା ସାଙ୍ଗରେ ଚାଲିଯାଇଥିବ ଟୋକୀଟା' । ଭଲ କଥାଟିଏ ଚିନ୍ତା କରିବା ପୂର୍ବରୁ ଆଗ ମାନି ନିଏ ଭୁଲକୁ । ପୁଣି ଦିନେ "ପାର" ବୋଲି ଝିଅଟିର ହେଲା ଦୁଷ୍କର୍ମ । ରାଜନେତା, ମିଡ଼ିଆ ଦୋଷୀ ପାଖକୁ ନ୍ ଧାଇଁ ଝିଅ ପାଖକୁ ଧାଇଁଲେ ଗୋଟେ ଅସହାୟ ନାରୀର ଚାଞ୍ଚଲ୍ୟକର ଖବର ତିଆରି ପାଇଁ । ଆହୁରି ମଧ୍ୟ "ତଥାପି ଜୀବନ" ଗଳ୍ପରେ ଗାଳ୍ପିକା ଦୁଷ୍କର୍ମ ହୋଇଥିବା ଗୋଟେ ଝିଅର ପରବର୍ତ୍ତୀ ଅବସ୍ଥା କେତେ ଶୋଚନୀୟ ହୋଇଥାଏ ତାହା ବର୍ଣ୍ଣିତ । ଏକ ସମ୍ବେଦନଶୀଳ ଖବରକୁ କେତେ ରୋଚକ କରି ଚିତ୍ରିତ କରା ଯାଇପାରେ, ବର୍ତ୍ତମାନ ସମାଜ ବ୍ୟତିବ୍ୟସ୍ତ ହୋଇଉଠେ ତା'ର ଜୀବନ୍ତ ଦୃଶ୍ୟକୁ ଗାଳ୍ପିକା ମାର୍ମିକ ଭାବେ ଦର୍ଶାଇଛନ୍ତି ।

ଗାଳ୍ପିକା ଗାୟତ୍ରୀ ସରାଫ୍ ତାଙ୍କ ଗଳ୍ପଭିତରେ ଭିନ୍ନ-ଭିନ୍ନ ନାରୀର ଚିତ୍ର ଓ ଚରିତ୍ର ସହିତ ପରିଚିତ କରାଇଛନ୍ତି । ତାଙ୍କ 'ପ୍ରଜାପତିର ରଙ୍ଗ ନାହିଁ' ଗଳ୍ପରେ ନାରୀ ଅସହାୟ, ଦୁର୍ବଳା ହୋଇ ପଡ଼ିରହିନାହିଁ, କିନ୍ତୁ ମିଛ ସ୍ୱପ୍ନର ରଙ୍ଗରେ ରଙ୍ଗୀନ ହେବାକୁ ଯାଇ ସାର ଜୀବନକୁ ବେରଙ୍ଗ କରିଦେଇଛି । ଏହା ପାଷ୍ଚାତ୍ୟ ସଭ୍ୟତାରେ ବଞ୍ଚି ଉଠିଥିବା ଜଣେ ଭୋଗବିଳାସୀ ନାରୀର କାହାଣୀ । ସୋମା ପରି ଏକ ବିବାହିତ ନାରୀଟିଏ । ସୁମନ୍ୟୁ ସହ ବାହା ହେବାର ୩ ବର୍ଷ ପରେ ବି ଏକଲାପଣର ବାହାନାରେ ପରିଣୟ ମୂଲ୍ୟ ସେ ବୁଝିନି ଏବଂ ବିଦେଶୀ ପୁରୁଷ ଜେମସ୍ ସହ ସମ୍ପର୍କ ରଖି ସାତଦରିଆ ପାର ହୋଇ ଉଡ଼ିଯିବାର ସ୍ୱପ୍ନ ଦେଖିଛି । ଗାଳ୍ପିକା କହୁଛନ୍ତି ସୋମାର ଭାଷାରେ –"ସୋମାର ମନଗଛର ଶାଖାରେ ଚୂନା ଚୂନା ବରଫର ମୋତିମାଳ । ସାରା ବ୍ୟାପାରଟା ...ପ୍ରଣୟକାବ୍ୟ ପରି ରୋମାଞ୍ଚକର ।" (ପୃ- ୨୬) କିନ୍ତୁ ଯେତେବେଳ ଅନେକ ଦିନର ଅପେକ୍ଷା ପରେ ପ୍ରତିଶ୍ରୁତି ଦେଇ ସେ ଫେରିନି, ତାର ଉଡ଼ିଯିବାର ଡେଣା ଆପେ ଛିଣ୍ଡିଗଲା । ଇନ୍ଦିରାଗାନ୍ଧୀ ଏୟାରପୋର୍ଟରେ ଜେମ୍ସ ଓ ତା ଗାର୍ଲଫ୍ରେଣ୍ଡ ଅଟକ ରହି କୋଟିଏ ଟଙ୍କାର ବ୍ରାଉନସୁଗର୍ ଜବତ ହେବା ବିଷୟ 'ଆଜ୍ ତକ୍' ଚ୍ୟାନେଲରେ ସିଧାପ୍ରାସାରିତ ଖବର ସୋମା ଶୁଣିଛି । ଏ ଖବର ଶୁଣିବା ପରେ ନୀଳ ଆକାଶରେ ଉଡିବା ପାଇଁ ଡେଣା ମେଲାଇଥିବା ପ୍ରଜାପତିର ରଙ୍ଗ ଉଡ଼ିଗଲା । ଚିକ୍ ଚିକ୍ ପ୍ରଜାପତିରୁ କ୍ରମଶଃ ସୋମା ପାଲଟି ଯାଉଥିଲା ରୁମ ସାଲୁ ବାଲୁ ଏକ ସବାଁଲୁଆ । (ପୃ-୩୭)

ISSN NO.
2582-208X

ନାରୀ ସ୍ୱାଧୀନତା, ନାରୀ ମନସ୍ତତ୍ତ୍ୱ ଚିଟଫଣ୍ଡ, ଦୁର୍ନୀତିଗ୍ରସ୍ତ ମଣିଷର ସ୍ୱାର୍ଥାନ୍ୱେଷୀ ପ୍ରବଣତା ଆଦିର ଏକ ସଫଳ ରୂପାୟନ ତାଙ୍କର "ଗୁଣୁଗୁଣୁ ଇନ୍ଦ୍ରଧନୁ" ଗଳ୍ପ । ନାରୀ ମନରେ ଭରିରହିଥିବା ଈର୍ଷା, ଅହଂକାର ଯେ ପରିସ୍ଥିତିରେ ପଡ଼ି କେବେକେବେ ସ୍ୱାଭାବିକ ହୋଇପଡ଼ିବା କଥା ଏଠାରେ ବର୍ଣ୍ଣିତ । ସେପରି ବନ୍ଦନା ବି ସ୍ୱପ୍ନ ଦେଖେ । କିନ୍ତୁ ଆଜିର ପରିସ୍ଥିତି ଆଉ ତାକୁ ସ୍ୱପ୍ନ ଦେଖିବାକୁ ସ୍ୱୀକୃତି ଦେଇନି । ଅପ୍ରାପ୍ତିର ପରିଧିର ଜୀବନରେ ନିଃସଙ୍ଗ ହୋଇଥିଲେ ମଧ୍ୟ ତାକୁ ଦିବାସ୍ୱପ୍ନ ମନେ କରି ବନ୍ଦନା ସାଧାରଣ ଜୀବନ ଗ୍ରହଣର ଯାତ୍ରାକୁ ଆପଣେଇ ନେଇଛି । ଅନ୍ୟ ପଟରେ ପ୍ରିୟ ବାନ୍ଧବୀ ବନାନୀ ବିଳାସମୟ ଜୀବନ ଅତିବାହିତ କରୁଛି । ତଥାପି ଏଠାରେ ଗାଳ୍ପିକା ନାରୀ ମନସ୍ତତ୍ତ୍ୱକୁ ବିଶ୍ଳେଷଣପୂର୍ବକ ଉପସ୍ଥାପନ କରିଛନ୍ତି ଜୀବନ୍ତ ଚିତ୍ରବଳୀକୁ । "ମନ ଭିତରେ ଈର୍ଷାର ଭାଇରସ୍ ପଶି ଆସି ସବୁକୁ ଅସ୍ତବ୍ୟସ୍ତ କରୁଥିଲା । ଦୁଃଖ, ଈର୍ଷା ଓ ମନସ୍ତାପର ବଳୟ ଭିତରେ ସେ ଘିରିଘିରି ଘୂରିଲା । # # # # .... ମନେ ମନେ କହିଲା – ବାପା ! ତୁମର ଉପପାଦ୍ୟ ଯଦି ସେଦିନ ଠିକ୍ ହୋଇଥାନ୍ତା ଆଜି ମାନବ ନନ୍ଦର ଭିଲ୍ଲା ନାମ ବନାନୀ ଭିଲ୍ଲା ନ ହୋଇ ହୋଇଥାନ୍ତା 'ବନ୍ଦନା ଭିଲ୍ଲା' । ମନ ଭିତରର ଅବଦମିତ ବେଦନାକୁ କାହାକୁ ଏବେ କହିବ, ବୁଝିବ କିଏ ? (ପୃ-୬୬)

ଅନେକ ସମୟ ପରେ ଚିଟ୍ ଫଣ୍ଡର ଖବର, ମାନବ ନନ୍ଦ ଗିରଫ, ଜବତ ସବୁ ଭିଲ୍ଲା ଓ ବ୍ୟାଙ୍କ ବାଲାନ୍ସ । ବନ୍ଦନା ଦୀର୍ଘ ୩୫ ବର୍ଷର ମନସ୍ତାପ ପାଇଁ ଲଜ୍ଜିତ ମନେ କଲା । ଆପଣାର ଦୁର୍ବଳ ଭାବନାକୁ ଧିକ୍କାର କରିବା ସହ ଆଶ୍ୱସ୍ତି ଅନୁଭବ କଲା ଅପମାନର ରକ୍ଷାରୁ । ସେଦିନ ଆକାଶରେ କୁଆଡ଼େ ଇଂଦ୍ରଧନୁ ଆସିଥିଲା । ଗାଳ୍ପିକା ସରାଫ୍ ଙ୍କ ଭାଷାରେ – "ବନ୍ଦନାକୁ ଲାଗୁଥିଲା ଏ ବିଶ୍ୱଟା ଧୀରେ ଧୀରେ ବଡ଼ ହୋଇଯାଉଛି । ଲୋକମାନେ ଲାଗୁଛନ୍ତି ଆହୁରି ନିଜର ନିଜର । ଲିଭିଯାଇ ଶୀତଳ ହେଉଛି ଅଗ୍ନି, ଆୟୁଷ୍ମାନ ସମୟ । ଖାଲି ଆଜି ଆକାଶରେ ଇନ୍ଦ୍ରଧନୁ ନୁହେଁ ତ ବରଂ ତା ମନ ଭିତରେ ବି। ପବନ ତା' ମୁଣ୍ଡର କେଶକୁ ଫୁରୁଫୁରୁ ଉଡ଼ାଇଦେଲା ବେଳେ ଇନ୍ଦ୍ରଧନୁର ରଙ୍ଗ ଦେଖି ସେ ସମ୍ମୋହିତ । ଇନ୍ଦ୍ରଧନୁମାନେ ଗୁଣୁଗୁଣୁ ହୋଇ ପ୍ରେମ ଓ ଜୀବନର ଗୀତ ଗାଉଥିଲେ ତା' କାନ ପାଖରେ । ସେଠି ନା ଥିଲା ବନାନୀ, ନା ଥିଲେ ମାନବ ନନ୍ଦ । (ପୃ- ୭୦)

ଶିଶୁ ମନସ୍ତତ୍ତ୍ୱ ସହ ଶିଶୁ ବଳାତ୍କାରର ଏକ କରୁଣ ହୃଦୟ ବିଦାରକ ପ୍ରତିଛବି ଦେଖିବାକୁ ମିଳେ "ଦାଦନ କନ୍ୟାର ହସ" ଗଳ୍ପରେ। ଜଗମୋହନ ଓ ଯମୁନାର ନିରୀହ ଛୋଟ ଝିଅ ଜାନକୀ ଓରଫ୍ ଜାନ୍ ର ହସ ଯେମିତି ତାଙ୍କ ପାଇଁ ସବୁକିଛି । ହସିବା, କାନ୍ଦିବା ଭିତରେ

ISSN NO.
2582-208X

ନିଜର ଟିକି ସଂସାରକୁ ସାଉଁଟି ନେଉଥିବା 'ଯମୁନା' ମନର ଅସ୍ଥିରତା ଖୁବ୍ ଫୁଟି ଉଠିଛି। ସେ ହସ ସବୁଠୁ ଦାମିକା । ତମାମ୍ ଜୀବନର ଦୁଃଖକୁ ଲୁଚାଇ ଦିଏ, ସେ ହସର ଆଲୁଅରେ । ଗାଳ୍ପିକା ସଦ୍ୟ ଫେରନ୍ତା ଦାଦନ କନ୍ୟା ଜାନକୀର ହସକୁ ବର୍ଣ୍ଣନା କରିଛନ୍ତି ସମାଜକର୍ମୀ ସଞ୍ଜୟ ମୁଖରେ – "ଏ ଜାନ୍ ନୁହେଁ ତ – ଜହ୍ନଟିଏ । ଅସୁମାରୀ ଦୁଃଖର ଡହଡହ ଆଲୋକ ପୁଞ୍ଜଟିଏ ।.....ଦୁନିଆର ସବୁ ହସକୁ ସେ ହସ ମାତ୍ ଦେଉଥିଲା । ତାଙ୍କର ମନେ ହେଲା ଏଇ କୁନି ଦାଦିନୀର ହସ ହିଁ ପୃଥିବୀର ସୁନ୍ଦରତମ ହସ ।" (ପୃ-୫୫) ଏତେଦିନର ଦାଦନ ଜ୍ୱାଳାରୁ ବାହାରି ପୁଣିଥରେ ଭିଟାମାଟିକୁ ଫେରି ପାଇବାର ସୁଖରେ ଯମୁନା ନିଜର ଭାବନାକୁ ସମ୍ଭାଳି ପାରେନି । ଭାରତୀୟ ନାରୀଟିଏ ସର୍ବଦା ତା' ସ୍ୱାମୀର ଅନୁଗାମୀ ହୋଇ ରହେ ତା'ର ସଫଳ ଉଦାହରଣ ଯମୁନା । ପେଟ ପାଇଁ ସେ ସ୍ୱାମୀ ସହିତ ବାହାରି ଯାଇଥିଲା ଇଟା ଗଢିବାକୁ ଇଟାଭାଟିକୁ । ଏମିତି ନାରୀ କେବେ ପ୍ରଶ୍ନ କରେନି ଅସହାୟତାକୁ, କରେ ଖାଲି ଭାଗ୍ୟକୁ । ପରିବାରର ସୁଖ ସୌଭାଗ୍ୟ ପାଇଁ ସବୁ ଦୁଃଖକୁ ସୁଖରେ ସାଉଁଟି ନିଏ ନିଜ ଛାତି କୋରଡକୁ ।

ନାରୀର ନିଃସଙ୍ଗ ଜୀବନରେ ପ୍ରଫୁଲ୍ଲତା ଓ ଉଦ୍ଧିମତା ବୁଣିବାରେ କବିତା, କେତେ ଯେ ଶକ୍ତିଶାଳୀ ତାହା ସ୍ୱଷ୍ଟ ଭାବରେ ଦେଖିବାକୁ ମିଳେ "କବିତାର ଜହ୍ନରାତି" ଗଳ୍ପରେ । ନାରୀଟିଏ ସବୁବେଳେ ପାଇବାର ଆଶା ନ ରଖି କେବଳ ପ୍ରେମ କରିଚାଲେ । ମନ ଦେଇଥିବା ପୁରୁଷ ପାଇଁ ସଜେଇହୁଏ । ତାକୁ ଅପେକ୍ଷା କରେ, ତା ପ୍ରିୟ ଇଚ୍ଛା ଅନୁସାରେ ସଜେଇ ହେବାକୁ ତାର ମନ । କେବେ ଅଭିମାନ କରେ, କେବେ ରାଗେ ତ କେବେ ରୁଷେ। କିନ୍ତୁ ତା' ଠାରୁ ଅଧିକ ପ୍ରେମ କରେ । ଏପରି ଏକ ନାରୀ ସହ ଆମେ ଭେଟ ହେଉଁ ନାୟିକା 'ଶ୍ରୀଭାଲି' ସହିତ । ପ୍ରେମିଳ ଜୀବନର ତିନି ବର୍ଷ ବ୍ୟବଧାନ ପରେ ଆସୁଛନ୍ତି ଶ୍ରୀଭାଲିର ମନ-ପ୍ରାଣର ମଣିଷ 'ମନସ୍ୱୀ' । ବୁଦ୍ଧିଦୀପ୍ତ ଦି'ଟା ଆଖି ଗମ୍ଭୀର ଗମ୍ଭୀର ମୁହଁ, ଫ୍ରେଞ୍ଚକଟ୍ ଦାଢି, ଲୋମଶ ହାତ, କଫି କପ୍, ଫୁଲସ୍ୱୀଡ଼ ଫ୍ୟାନ୍, ଦେହରେ ଜ୍ଞାନ ବିଜ୍ଞାନର ସୁଗନ୍ଧ, ଆଉ ଶ୍ରୀଭାଲିର ପ୍ରେମ ଏଇ ସବୁ ମିଶିଲେ ତା' ପ୍ରୋଫାଇଲ୍ – ବୈଜ୍ଞାନିକ ଡ. ମନସ୍ୱୀ ରାୟ । ସେ ଆସିବା ଖବର ଶୁଣି ପାଦ ତା'ର ଖୁବ୍ ଚଳଚଞ୍ଚଳ । ଭାରି ଟିପ୍ ଟଫ୍ ସେ, ତେଣୁ ଘର ସଜେଇଛି ତା ଅନୁସାରେ। ନିହାତି ପରିଚ୍ଛନ୍ନ ଓ ଅଳନ୍ଧୁହୀନ । ଦରକାର ନଥିଲେ ବି ବଦଳେଇଛି ସୋଫା କଭର୍ । ମନସ୍ୱୀର ପ୍ରିୟ ସୋରିଷ ଫୁଲିଆ ରଙ୍ଗ । ନାରୀଟିଏ ନିଜ ପ୍ରିୟତମ ପାଖରେ ଅଭିମାନ କରେ । ଜାଣି ଜାଣି ସବୁ ନ ଜାଣିଲା ପରି ଲାଜଉଥାଏ । ନାରୀର ପ୍ରେମକୁ ନେଇ ଗାଳ୍ପିକା ଏଠାରେ ସୁନ୍ଦର

ISSN NO.
2582-208X

କଥା କହିଛନ୍ତି – "ପ୍ରେମକୁ ମାନ, ଅଭିମାନ ହିଁ ସୁନ୍ଦର କରେ ବୈଜ୍ଞାନିକ ମହାଶୟ । ତାକୁ ନେଇ ଲେଖା ଯାଇଛି କେତେ କବିତା, କାବ୍ୟ, ଗଳ୍ପ ଓ ଉପନ୍ୟାସ । ତୁମେ ପଢନା ଜାଣିବ କ'ଣ ? ତୁମେ ପ୍ରେମରେ ରହିବ, ପ୍ରିୟତମାର ମାନ, ଅଭିମାନ ବୁଝିବ ନାଇଁ ? ପ୍ରେମରେ କେତେଟା ଦାୟ, ଦାୟିତ୍ୱ ନବାକୁ ହୁଏ ମନସ୍ୱୀ, ଇଏ ଯେମିତି ଲେଖିବାକୁ ହୁଏ ପ୍ରେମପତ୍ର ଆଉ ତାକୁ କାଗଜ ଡଙ୍ଗା କରି ଭସେଇଦେବାକୁ ହୁଏ ଏକ ଅନୁକୂଳ ସ୍ରୋତରେ – ଆଉ କିଛି ମିଠା କଥା କହିଦେବାକୁ ହୁଏ, ଜହ୍ନରାତିରେ ପ୍ରିୟାର ହାତ ଧରି ବୁଲିବାକୁ ହୁଏ....ଆଉ ଯାଚିକି ତାକୁ କିଛି ଦବାକୁ ହୁଏ ..." (ପୃ-୮୭)। ପ୍ରେମର ମାନ, ଅଭିମାନକୁ ଯଷ୍ଟ ମିନିଙ୍ଗଲେସ୍ ବୁଝୁଥିବା ମନସ୍ୱୀ ଓ ପୁରୁଷ ହସରେ ବି ଫୁଲ ବିଛେଇ ହେବାର ଭାବନା ରଖୁଥିବା ନାରୀ ହୃଦୟର ନିରାଟ କଥାକୁ ଶ୍ରୀଭାଲି ମାଧ୍ୟମରେ ଗାଳ୍ପିକା ସ୍ପଷ୍ଟ କରିଛନ୍ତି ।

କବାଟ ସାମ୍ନାରେ ରହି ବାସ୍ ଥରୁଟିଏ ପାଇଁ ଆସି, ଦେଖି ଫେରିଯିବାର ପ୍ରୋଗ୍ରାମ କରିଥିଲା ମନସ୍ୱୀ । ସେଇଠୁ ବାହୁଡ଼ିଯାଇ ତିନିଦିନ ପରେ ଫୋନ୍‌ରେ ଜଣେଇ ଦେଇଛି ପାଞ୍ଚ ବର୍ଷ ପାଇଁ ନାସାକୁ ଯାଉଥିବାର ମିଳିତ ଗବେଷଣା କାର୍ଯ୍ୟକ୍ରମରେ । ବିଦାୟ ସନ୍ଦେଶରେ ଶ୍ରୀ ଜୀବନରେ ଧସେଇ ପଶିଲେ ନିଃସଂଗତା ଓ ବିଷାଦପଣର ଶତ୍ରୁ । ପଦପଦବୀ ଭୁଲି ସେ କାନ୍ଦିଛି କେତେ ! ଅନେକ ଦିନର ଡିପ୍ରେସନ୍ ପରେ ଶ୍ରୀଭାଲି ଲେଖିଛି ମେଲ୍, ଗୌହାଟୀରେ ଥିବା ପ୍ରିୟ ସାଙ୍ଗକୁ । ଅମାନିଆ ମନ ଭିତରେ ଲୁଚିଥିବା ସମୁଦ୍ରେ ଅଭିମାନକୁ ବୁଝେ ସେ । ଆଉ ଥରେ ପ୍ରେମ ଖୋଜିବାର ପରାମର୍ଶରେ ଶ୍ରୀଭାଲି ଆଜି ପୁଣିଥରେ ପ୍ରେମରେ । ସାହିତ୍ୟ, କବିତା ହେଲା ତା'ର ପ୍ରେମ ଓ ପୃଥିବୀ । କବିତା ପାଲଟିଗଲା ତା ପାଇଁ ଗୀତା ଓ ଗାୟତ୍ରୀ । ସେ ଅନୁଭବ କରିଛି, ସତରେ କବିତାରେ ଥାଏ ହଜାରେ ଜୀବନ । ହରିନିଏ ତମାମ୍ ଏକଲାପଣ । ଆଜି ନୀଳ ଆକାଶ ତା ପାଇଁ ସୁପରମୁନ୍, ଅଧିକରୁ ଅଧିକ ଉଜ୍ଜ୍ୱଳ ଜହ୍ନ ଓ କବିତାର ଜହ୍ନରାତି ...

ଆଜି ସେ ଶ୍ରବଣ କୁମାରର ଯୁଗ ନୁହେଁ, ନାହିଁ ଏଠି ରାମରାଜ୍ୟର ରାଜତ୍ୱ ଅଛି । ଯୁଗ ବଦଳିଛି । ସମୟ ଓ ସମ୍ପର୍କର ସଂଜ୍ଞା ବଦଳିଛି । ସବୁକିଛି ନୂଆଁ ଭଲ ଲାଗେ, କିନ୍ତୁ ସମ୍ପର୍କ ସବୁବେଳେ ପୁରୁଣା ହି ଅସଲି ଓ ଚିର ନବୀନ । ଅତ୍ୟାଧୁନିକ ସମାଜରେ ସମ୍ପତ୍ତି ଲୋଭରେ ବୃଦ୍ଧ ପିତାମାତାଙ୍କୁ ବୋଝ ମଣୁଥିବା ପୁତ୍ରବଧୂର ପ୍ରତି ଗଳିକନ୍ଦିରେ ମିଳିବେ । ଗାଳ୍ପିକା ଗାୟତ୍ରୀ ସରାଫ ଏହିପରି ଏକ ବର୍ତ୍ତମାନ ସମସ୍ୟାକୁ ନ୍ୟୂନ କୁତ୍ସିତ ଚିନ୍ତାଧାରାକୁ ନେଇ ଲେଖିଲେ "ମଧୁଛାୟା" ଗଳ୍ପ । ଆଡଭୋକେଟ୍ ଶେଖରଙ୍କ ଧର୍ମପତ୍ନୀ ଶିଖା ।ଶାଶୁ ଶ୍ୱଶୁରଙ୍କ ପ୍ରତିଥିବା କର୍ତ୍ତବ୍ୟକୁ ଭୁଲିଯାଇ ଅଭିଜାତ୍ୟ ଜୀବନ ବଞ୍ଚୁଥିବା ନାରୀଟିଏ ସେ ।

ISSN NO.
2582-208X

କିନ୍ତୁ ନାତି ଶକ୍ତି  ସାଙ୍ଗମାନଙ୍କ ସହ ମିଶି, ଲୁଚିକି ତିଆରି କରୁଛି ୮୨ ବର୍ଷର ଜେଜେ, ଜେଜେ ମାଆ ଓ ସମାଜରେ ଅବହେଳିତ ବୟସ୍କ ପିତାମାତାଙ୍କ ପାଇଁ ଓଲ୍ଡଏଜ ହୋମ୍ । ଅନେକ ବାଧା ଓ ସମସ୍ୟା ପରେ ପୁରା ହେଲା ମିଶନ, ଶକ୍ତିର ।ଜେଜେ ଜେଜୀଙ୍କ ନାମାନୁସାରେ ଘର ନାଁ ହେଲା "ମଧୁ-ଛାୟା" । ମାନବିକତାର ମନ୍ଦିରକୁ ଦେଖିବାକୁ ଆସିଥିଲେ ଅନେକ ଅନିମନ୍ତ୍ରିତ ବୃଦ୍ଧବୃଦ୍ଧା । ସଭିଙ୍କୁ ଭିତରକୁ ଯିବା ବେଳକୁ ଶକ୍ତି ଅଟକେଇ ଦେଇଛି ରୀନାକୁ । ରୀନା ହେଉଛି ଗାଁର ଏକ ବିଧବା ନାରୀର ଝିଅ, ଯାହାକୁ ଶକ୍ତିର ଜେଜେ ଶିକ୍ଷିତା କରିଥିବାରୁ ବାପା ପରି ସେବା କରୁଥିଲା ରୀନା । ତେଣୁ ଶକ୍ତି କହିଛି –' ମାଆ, ମୋ'ର ଏଇ ଭଉଣୀ 'ମଧୁଛାୟା' ଯିବନି । ଯିବ ତା' ଶାଶୁ ଘରକୁ, ତା' ପାଇଁ ଶୀଘ୍ର ଶାଶୁଘରଟିଏ ଖୋଜିଦିଅ ।' ଶିଖାର ହୃଦୟ ତରଳି ଯାଇ ଗ୍ରହଣ କରିନେଲେ ରୀନାକୁ ଝିଅରୂପରେ । ଗାଳ୍ପିକା ଶେଷରେ କହୁଛନ୍ତି ସେହି ଦିନଠୁ "ସୁନ୍ଦର ସ୍ୱପ୍ନର ଏକାଧିକ ପାଖୁଡ଼ାଖଞ୍ଜା 'ମଧୁଛାୟା' କେବେ ଭିଜୁଥିଲା ଶ୍ରାବଣର ବାରିବିନ୍ଦୁରେ ତ  କେବେ ଶାନ୍ତ, ଶୀତଳ ହେଉଥିଲା ଆଶିଣ ଆକାଶ ଆଖିର କାକର ବୁନ୍ଦାରେ । ଆଉ ନିତିଦିନ ଓଦା ହେଉଥିଲା ଅନ୍ତେବାସୀଙ୍କ ଅନ୍ତରଙ୍ଗ ହସଖୁସିରେ । (ପୃ – ୧୦୯)

ତୃଷ୍ଣା ଓ ପ୍ରାଚୀ ବନ୍ଧୁତ୍ୱରେ ଗାଳ୍ପିକା ଯେଉଁ ପବିତ୍ର ଓ ଚିରନ୍ତନ ବନ୍ଧନଟିଏ ବାନ୍ଧି ପାରିଛନ୍ତି ସେ ଗଳ୍ପ ହେଉଛି  "ଆଲୋକିତ ଅନ୍ଧାର" । ସାଧାରଣତଃ ଗୋଟିଏ ନାରୀ ମନକୁ ମନ ସ୍ୱପ୍ନ ଆପେ ଗଢିନିଏ । ଏଇ ଯେମିତି ତୃଷା ଯେଉଁ ସହରକୁ ଆଲୋକିତ ଭାବି ନିଜ ପ୍ରିୟ ବାନ୍ଧବୀ ଆଗରେ ଲୁଚାଉଥିଲା ତାର ଅଭାବୀ ଜୀବନକୁ । ବାନ୍ଧବୀ ପ୍ରାଚୀ ର ଜୀବନକୁ ଉତ୍କୃଷ୍ଟ ମନେ କରି, ନିଜକୁ ଛୋଟ ମନେ କରି କୁଣ୍ଠାବୋଧ କରୁଥିଲା । କିନ୍ତୁ ଜୀବନର ବାସ୍ତବ ସତ୍ୟାସତ୍ୟ କିଛି ଅନେକ, ଚିନ୍ତାଧାରା କିଛି ଅନେକ । ଗାଳ୍ପିକା ସରାଫ ଅତି ସାବଧାନତାର ସହିତ ନାରୀ ମନର ନିଚ୍ଚକ କଥାକୁ ପରିପ୍ରକାଶ କରିବା ସହିତ ଦେଖେଇ ଦେଇଛନ୍ତି ପାଶ୍ଚାତ୍ୟ ଭୋଗ ବିଳାସରେ ସ୍ୱପଣକୁ ସତ କରିବାର ଶକ୍ତି ଥାଏ କିନ୍ତୁ ତାହା ମରୀଚିକା, ଆଲୋକିତ ଅନ୍ଧାର । ବାସ୍ତବରେ ଭାରତୀୟ ପରମ୍ପରା ଓ ସଂସ୍କୃତି ହିଁ ପ୍ରକୃତ ଆଲୋକର ସତ୍ତା ଅଟେ ବୋଲି ପ୍ରମାଣିତ କରିପାରିଛନ୍ତି ।

### ଉପସଂହାର :

ଯେମିତି ଦୁଃଖରେ ଜର୍ଜରିତ ଥିବା ମଣିଷ ହିଁ ଆଉ ଜଣଙ୍କ ଦୁଃଖକୁ ଉପଲବ୍ଧି କରିପାରେ । ଠିକ୍ ସେମିତି ନାରୀ ହିଁ ବୁଝିପାରେ ଅନ୍ୟ ନାରୀର ମନକୁ । ଏହିଭଳି ଭାବରେ ଗାୟତ୍ରୀ

ISSN NO.
2582-208X

ସରାଫ ନାରୀ ମନର ସକଳ ଚିନ୍ତା, ଚେତନାକୁ ଉଦ୍ଘାଟନ କରିବାରେ ସଫଳ ହେଲେ । ଗାଳ୍ପିକା ଚାହିଁଥିଲେ ସମାଜରେ ଥିବା ଭୋଗବିଳାସୀ ନାରୀର ଚରିତ୍ର କରି ଆଣିପାରିଥାନ୍ତେ କାହାଣୀ ବଳୟକୁ । କି କେବଳ ଦୁଃଖରେ ପ୍ରପୀଡିତ ନାରୀର କୋହକୁ ଦେଖେଇବା ପାଇଁ, ସମ୍ବେଦନଶୀଳ ହୋଇ ପ୍ରକାଶ କରିପାରିଥାନ୍ତେ ଅଥବା ସମାଜର ନାରୀର ମୂଲ୍ୟବୋଧ, ମହାନତାକୁ ଦର୍ଶାଇ ନାରୀର ମର୍ଯ୍ୟାଦା ବୃଦ୍ଧି କରିପାରିଥାନ୍ତେ । କିନ୍ତୁ, ଗାଳ୍ପିକା ସମାଜର ସକଳ ପ୍ରକାରର ନାରୀର ରୂପକୁ ଗଣ୍ଠିଲି କରି ସଜେଇଛନ୍ତି ଗଳ୍ପ ଦେହରେ । କେତେବେଳେ ସେ ନାରୀର ପ୍ରଶଂସା କରୁଛନ୍ତି ତ କେତେବେଳେ ଅହେତୁକ ପ୍ରଶ୍ନବାଚୀ ଭିତରେ ଟାଣି ଆଣି ଛିଡା କରିଦେଉଛନ୍ତି । ବାସ୍ତବରେ ନାରୀର ଉଭୟ ରୂପକୁ ରୂପାୟିତ କରିବାରେ ଗାଳ୍ପିକା ସମର୍ଥା । ଏଥିରେ ଦ୍ୱିମତ ନାହିଁ ।

ସହାୟକ ଗ୍ରନ୍ଥସୂଚୀ:

- ସରାଫ୍, ଗାୟତ୍ରୀ – 'ଇଟାଭାଟିର ଶିଳ୍ପୀ' (ଗଳ୍ପ ସଂକଳନ), ପଶ୍ଚିମା ପବ୍ଲିକେଶନସ୍, ନୟାପଲ୍ଲୀ, ଭୁବନେଶ୍ୱର, ୨୦୧୫
- ଖୁଣ୍ଟିଆ, ଡକ୍ଟର ବ୍ରହ୍ମାନନ୍ଦ :- 'ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଗଳ୍ପସ୍ରଷ୍ଟା' ,ତୃତୀୟ ସଂସ୍କରଣ-୨୦୨୨, ନବଦିଗନ୍ତ ବିନୋଦ ବିହାରୀ କଟକ-୨
- ମହାରଣା, ଡକ୍ଟର ସୁରେନ୍ଦ୍ର କୁମାର :- 'ଓଡ଼ିଆ ସାହିତ୍ୟର ଇତିହାସ', ସପ୍ତମ ପରିବର୍ଦ୍ଧିତ ସଂସ୍କରଣ: ୨୦୨୧,ଏ. କେ ମିଶ୍ର ପବ୍ଲିଶର୍ସ, ପ୍ରାଇଭେଟ୍ ଲିମିଟେଡ୍ କଟକ, ୭୫୩୦୦୯
- ସାହୁ, ଡକ୍ଟର ଆଦିକନ୍ଦ :- 'ଓଡ଼ିଆ ଗଳ୍ପ ଉପନ୍ୟାସର ନବଦିଗନ୍ତ' ଅପ୍ଟିମା(ଅଫସେଟ) ପ୍ରିଣ୍ଟସ, ଶ୍ରୀନିବାସ ସୂତାହାଟ, କଟକ, ପ୍ରଥମ ସଂସ୍କରଣ -୧୯୯୯
- ବାରିକ, ଡକ୍ଟର କବିତା : - 'ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ – ଏକ ତାତ୍ତ୍ୱିକ ବିଶ୍ଳେଷଣ' (୧୮୯୮-୧୯୯୯), ପ୍ରଥମ ପ୍ରକାଶ – ଡିସେମ୍ବର ୧୯୯୯
- ପ୍ରଧାନ, ପ୍ରଫେସର କୃଷ୍ଣଚନ୍ଦ୍ର :- 'ଓଡ଼ିଆ କଥା କଳ୍ପନାର ଦିଗଦିଗନ୍ତ', ସତ୍ୟନାରାୟଣ ବୁକ ଷ୍ଟୋର, ବିନୋଦ ବିହାରୀ, କଟକ

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ମୋ- ୬୩୭୨୮୪୫୬୭୧

ISSN NO.
2582-208X

# ରକ୍ଷା ବନ୍ଧନ



ନମିତା ଦାଶ

ସ୍ନେହ-ପ୍ରୀତି ଭକ୍ତି ର ପ୍ରତୀକ ସବୁ ବନ୍ଧନ
ଆମ ଜନଗନ୍ନାଥ ସଂସ୍କୃତି ଏକ ଶ୍ରେଷ୍ଠ ପ୍ରତିବିମ୍ବ,
ସଂସାର ରୂପୀ ଭବସାଗର ଏହା ଜ୍ୱଳନ୍ତ ସାକ୍ଷୀ ।
ଭାଇ-ଭଉଣୀ, ସଖା-ସଖୀ ର
ଭାବହିଁ ଏକ ପବିତ୍ର ବନ୍ଧନ ॥
ଏହି ଭାବିରୂପୀ ସଂସାର ନାଆରେ ଆମେ ପ୍ରତି ବନ୍ଧିତ ॥
ଆମ ଭାରତ ବର୍ଷ ଓ ଏହାର ଜଗନ୍ନାଥ ସଂସ୍କୃତି ଦେଶ,
ବିଦେଶରେ ଦିଏ ହୃଦୟ ଭରା ପ୍ରୀତି ॥
ହେ କୃପାସିନ୍ଧୁ, ହେ ଦୀନବନ୍ଧୁ ତୁମେ ହିଁ
ସ୍ରଷ୍ଟା ତୁମେ ହିଁ ଦ୍ରଷ୍ଟା ॥
ଜଗା ର ଅଲୌକିକ ଶକ୍ତି ଆମର ଭକ୍ତିର ଭାବରେ ପ୍ରତିବନ୍ଧିତ ॥
ବନ୍ଧୁ ମହାନ୍ତି ଓ ସୁଦାମ ର ବନ୍ଧୁ ପ୍ରେମ ଆମକୁ ଦେଖାଏ ପଥ....
ସେହି ପଥିକ ସମୟ ଓ ପ୍ରେମ ର ଆଜି ଅନୁଚାଳିତ ॥
ଜଗା ଆଖି ରହିଛି ସାକ୍ଷୀ
ଭଉଣୀ ର ସ୍ନେହ ରେ ଭାଇ ର ସୁରକ୍ଷା ପ୍ରତିବନ୍ଧିତ ରକ୍ଷା ବନ୍ଧନ ଏକ ସୁଦୃଢ଼ କବଚ ।

ନାଭି ମୁମ୍ବାଇ

ISSN NO.
2582-208X

# ହୋଇ ପାରିଲିନ ପଳାତକ



ଶାନ୍ତିଲତା ମିଶ୍ର

ତୁମେ ସିନା ଛାଡିଗଲ ଏ ଘର ସଂସାର, ବୃହତ ଭବନ ।
ପଦାଘାତ କରିଗଲ ପିତୃଦତ୍ତ ରାଜ ସିଂହାସନ ॥
ତୁମେ ପାଶେ କେହି ହେଲେ ନାହିଁ ମୂଲ୍ୟବାନ ।
ମାତା ପିତା ରାଜପଦ ପତ୍ନୀ ବା ସନ୍ତାନ ॥

ମୁଁ କିନ୍ତୁ ହୋଇ ପାରିଲିନି ତୁମ ପରି ପଳାତକ
କାରଣ ମୋ କୋଳେ ଥିଲା ଏକ ଅଜ୍ଞାନ ବାଳକ ॥
ଯା ର ଆଗମନ ପାଇଁ ମୁଁ ଥିଲି ଦାୟୀ ତୁମେ ବି ତ ଥିଲ ।
କିନ୍ତୁ ସବୁକିଛି ତେଜି ଦେଇ ତୁମେ ନିଶ୍ଚିନ୍ତେ ରହିଲ ॥

କେତେ ସହଜ ଥିଲା ସତେ ତୁମ ପାଇଁ ଏପରି ଚାଲିଯିବା ।
ମୁଁ କିନ୍ତୁ ଧୀରେ ଧୀରେ ଶିଖିଗଲି ନିର୍ଜନତା ଭିତରେ ବଞ୍ଚିବା ॥
ତୁମ ମୋ ଭିତରେ ଥିଲା ଆକାଶ ପାତାଳର ପାର୍ଥକ୍ୟ ।
ମୁହଁ ଫେରାଇ ନେଇ, ତୁମେ ହେଲ ପଳାତକ, କିନ୍ତୁ ମୁଁ ହେଲି ରକ୍ଷକ ॥

ଶିଶୁ ସନ୍ତାନର ନାଲି ଓଠ ଆଉ କଥା କୁହା ଆଖିରେ ଚାଞ୍ଚଲ୍ୟ ।
ରୋକି ନେଲା ପଥ ମୋର ଏକ ଅସହାୟ ମା ର ବାତ୍ସଲ୍ୟ ॥
ଏକ ନାରୀ ପାଇଁ ସବୁ ବନ୍ଧନ ଯେ ଅଟେ ବହୁ ମୂଲ୍ୟବାନ ।
ହୃଦୟ ବିଦାରକ ହୁଏ ଯେବେ ବାଛିବାକୁ ପଡେ ତାକୁ ସ୍ୱାମୀ ନା ସନ୍ତାନ ॥

ISSN NO.
2582-208X

ବିପଥଗାମୀ ହୋଇଥିଲେ ସଜାଡିବାକୁ ଚେଷ୍ଟା କରିଥାନ୍ତି ନିଶ୍ଚେ ମୁହିଁ ।
କିନ୍ତୁ ସୁପଥଗାମୀ ମହାଜ୍ଞାନୀର ରାସ୍ତା ରୋକିବା ସମ୍ଭବ ନୁହଁଇଁ ॥
ମୋ କାମନାର ଆହୂତିରେ ତୁମେ ଆକାଂକ୍ଷା ଯଜ୍ଞର ପୂର୍ଣ୍ଣାହୁତି ହେଉ ।
ଅନିଚ୍ଛାକୃତ ଶୁଭେଚ୍ଛା ଦବା ବ୍ୟତୀତ ଅନ୍ୟ ଉପାୟ ନଦେଖେ ଆଉ ॥

ରାଜ କନ୍ୟା, ରାଜ ବଧୂ ମୁଁ ଢାଳି ପାରେ ନାହିଁ ଲୁହ ଅନ୍ୟ ନାରୀ ପରି ।
ମର୍ଯ୍ୟାଦାର ବେଡି ପାଦେ, ସମାଜର ସୀମାରେଖା ଅତିକ୍ରାନ୍ତ ନପାରିବି କରି ॥
ତେଣୁ ନିଜ ଭିତରର ଶୂନ୍ୟତାର ବଳୟରେ ମୁଁ ହେଲି ବନ୍ଦିନୀ ।
କିନ୍ତୁ ଲୋକେ ଭାବୁଥିଲେ ଭାଗ୍ୟବତୀ କେତେ ସତେ ମୁଁ ରାଜ ନନ୍ଦିନୀ ॥

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ଶୈଶବ ର ଇନ୍ଦ୍ରଧନୁ



ଦିଲ୍ଲୀପ ଶତପଥୀ

ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆସିଲେ ପିଲାଦିନେ ଡିମ୍ବିରୀ ଗଛର ଫଳରେ ପିଞ୍ଛ ଖେଂଚି କିମ୍ବା ନଢ଼ିଆ ଗୋଟମାରେ ଚକ ତିଆରି କରି ଗାଁ ଦାଣ୍ଡରେ ଗଡେଇ ଥାଉ ରଥ । ପରେ ପରେ ବୟସ ବଢ଼ିଲେ ଏହି ଖେଳ ରଥ କୁନି ରଙ୍ଗ ବେରଙ୍ଗୀ ରଥରେ ପରିଣତ ହୁଏ । ହଁ, ଠାକୁର ବି ଶୋଭା ପାଆନ୍ତି ସେହି ରଥରେ । କେତେକାଂଶ ରେ ବଡ଼ ମାନେ ବି ପ୍ରଶଂସା କରନ୍ତି ପିଲାଦିନର ଏହି ଭାବାତ୍ମକ ଖେଳକୁ । ପିଲାଦିନର ଖେଳ କୁଦ, ସାଙ୍ଗ ସାଥି ମେଳ, ଛୋଟ ଛୋଟ ଦୁଷ୍ଟାମୀ, ମାଡ଼,ଆକଟ ବାପାଙ୍କ ରାଗ ଉପରେ ମା ସ୍ନେହର ବାରି ଧାରା କିଛି ଶାଶ୍ୱତ ଅମୃତମୟ ସ୍ମୃତି ମନେ ପଡିଲେ ସ୍ମୃତିର ଆକାଶରେ ସହସ୍ର ଇନ୍ଦ୍ରଧନୁ ଉଇଁ ଉଠେ, ମନର ଆକାଶ ବର୍ଣ୍ଣାଳୀମୟ ହୋଇଉଠେ ।

ସତୁରି ଦଶକର ପିଲା ମୁଁ, ପିଲାଦିନକୁ ଭରପୁର ଉପଭୋଗ କରିଛି । ବଡ଼ ପରିବାରରେ ବଢ଼ିଛି ସମସ୍ତଙ୍କ ସ୍ନେହ ପାଇଛି ଓ ସମସ୍ତଙ୍କ ଠାରୁ ମାଡ଼ ଗାଳିବି ଖାଇଛି । ପିଲାଦିନେ ପାଠ ପଢ଼ିବା ଯଦିଓ ପ୍ରାଥମିକତା ଥିଲା, ହେଲେ ପାଠ କେବଳ ବିଦ୍ୟାଳୟ ହତା ମଧ୍ୟରେ ସୀମିତ ଥିଲା । ଘରେ ଖାଇବା ଶୋଇବା ସମୟ ଛାଡିଦେଲେ ବାକି ସମୟ କେବଳ ଖେଳ କୁଦ ବୁଲାବୁଲିରେ ବିତୁଥିଲା । ଖେଳର ଆକାର ପ୍ରକାର ସାଙ୍ଗ ମାନଙ୍କ ସଂଖ୍ୟା, ପରିବେଶ ପରିସ୍ଥିତି ଉପରେ ନିର୍ଭର କରୁଥିଲା । କିଛି ଖେଳ ପାଣିପାଗ ଋତୁ ଉପରେ ମଧ୍ୟ ନିର୍ଭର କରୁଥିଲା । ବିନା ବ୍ୟୟରେ ଖେଳର ମଜା ଏବେକାର ବ୍ୟୟ ବହୁଳ ଖେଳଖୁସି ଠାରୁ ଢେର

ISSN NO.
2582-208X

ଉଚ୍ଚରେ ଥିଲା । ସାର୍ଟ କେବଳ ସ୍କୁଲ ଗଲାବେଳେ ପିନ୍ଧୁ ଥିଲୁ ନହେଲେ ଶୀତ ଆସିଲେ । କୁଆଡେ ଗଲେ ଆଇଲେ (ମାମୁଁ, ମାଉସୀ, ପିଉସୀ, ନାନୀ ଘରକୁ) କିମ୍ବା ପର୍ବ ପର୍ବାଣୀରେ ବୋଉ ଭଲ ସାର୍ଟ ପେଣ୍ଟ ଦିଏ ପିନ୍ଧିବାକୁ । ଘରେ ବାହାରେ ସବୁ ଆଡେ କୋଳାହଳ ମୟ ଥିଲା । ସମସ୍ତଙ୍କ ହାତରେ ପ୍ରଚୁର ସମୟ ଥିଲା । ବଡ଼ ମାନେ ଘରେ, ମହାକାଳ ଚାନ୍ଦିନୀ ଉପରେ, ଠାକୁରାଣୀ ଦାଣ୍ଡ କଦମ୍ବ ଗଛ ମୂଳେ ଲୁଡୁ, ତାସ, ପସା ପାଲି, ବାଘ ଛେଳି ଇତ୍ୟାଦି କେତେ କଣ ଖେଳୁ ଥିଲେ । ଆମେ ପିଲାମାନେ ତାଙ୍କରି ପାଖରେ ବସି ଦେଖି ପଚାରି ସବୁ ଶିଖି ଯାଉଥିଲୁ । ଗାଁ, ସାହିର କିଛି ବୟସ୍କ ଲୋକ ପିଲାମାନଙ୍କୁ ଏକାଠି କରି ଖେଳାଉ ଥିଲେ । ଚୋର ପୁଲିସି, ଲୁଚକାଳି, ବୋହୂ ଚୋରି, କବାଡି, ଡାଳ ମାଙ୍କୁଡ଼ି, ଲୁଡୁ ଇତ୍ୟାଦି । ବଡ଼ ଭାଇ ମାନଙ୍କ ସାଙ୍ଗରେ କାଠ ପଟା ବ୍ୟାଟ, ସାଇକେଲ ଟ୍ୟୁବ ରେ ତିଆରି ବଲ, ପିଜୁଳି କାଠରେ ହକି ବାଡ଼ି କରି ପଡିଆରେ ଖେଳିବା ମଜା ନିଆରା ଥିଲା । ବିନା ପଇସାରେ ସବୁ ଖେଳ ବ୍ୟବସ୍ଥା ହୋଇ ଯାଉ ଥିଲା । ମୁଁ ଗଛ ଚଢା, ନଈ ପହଁରା, ସାଇକେଲ ଚଢା, ନଢ଼ିଆ ଛଡା, ନଢ଼ିଆ ପତ୍ର ରେ ପେଁକାଳି, ତାଳ ପତ୍ର ରେ ଚଟେଇ, ପଙ୍ଖା ଠାରୁ ପେଟ୍ରୋମାକ୍ସ ଲାଇଟ ରେ ମେଣ୍ଟାଲ ବାନ୍ଧି ଫୁଙ୍କି ଫୁଙ୍କି ଆଲୋକିତ କରିବା ସବୁ ପିଲାବେଳେ ଗାଁ ରୁ ହିଁ ଶିଖିଛି । ରଜରେ ବାହି ମାରି ପଟା ଦୋଳି ଖେଳିବା, ଚକ୍ରୀ ଦୋଳିରେ ଟୋକେଇରେ ବସି ଘିରି ଘିରି ହେଇ ବୁଲିବା ଇତ୍ୟାଦିର ମଜା ଯିଏ ନେଇଛି ସିଏ ଜାଣିଛି । ବର୍ଷରେ ଅଧା ଦିନ ବିଭିନ୍ନ ପର୍ବ ପର୍ବାଣୀ ଯଥା ଦୋଳ ଯାତ, ରଜ, ଗଣେଷ ପୂଜା, ସରସ୍ୱତୀ ପୂଜା,ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାର୍ତ୍ତିକେଶ୍ୱର ପୂଜା ଇତ୍ୟାଦି ଏବଂ ବାହା ପୁଆଣୀ, ପାଲା, ଯାତ୍ରା ରେ ଯାଉଥିଲା । କେବଳ ଚତୁର୍ମାସ୍ୟା ଛାଡିଦେଲେ ଖାଲି ଆନନ୍ଦ ହିଁ ଆନନ୍ଦ ।

ଭୁବନେଶ୍ୱରରେ ମୋର ଜନ୍ମ ହୋଇଥିଲେ ହେଁ ମହାବିଦ୍ୟାଳୟ ଗଲା ପର୍ଯ୍ୟନ୍ତ ବର୍ଷରେ ଚାରିମାସ ମୋର ଆମ ଗାଁ ନହେଲେ ମାମୁଁଘର ଗାଁ ରେ କଟୁଥିଲା । ଆମ ଗାଁ ଅପେକ୍ଷା ମାମୁଁଘର ଗାଁ ରେ ମୋର ଅଖଣ୍ଡ କ୍ଷମତା ଥିଲା । ମୁଁ ସବୁଠାରୁ ବଡ଼ ନାତି ଥିଲି । ଅଜା ଆଇ ମାମୁଁ ମାଇଁ, ମାଉସୀ ମାନଙ୍କ ସ୍ନେହ ଆଜିଯାଏଁ ସେମିତି ବଳବତ୍ତର ଅଛି । ଅବଶ୍ୟ ଅଜା ଆଇ ଆଜି ନାହାନ୍ତି, ହେଲେ ପିଲାଦିନ ସ୍ମୃତି ଏବେବି ତାଜା ଅଛି । ସବୁଆଡେ ମୋର ସାଙ୍ଗ

ISSN NO. 2582-208X

ହିଁ ସାଙ୍ଗ । ମୁଁ ଜାଣେନା ମୋତେ କାହିଁକି ସାଙ୍ଗମାନେ ଏତେ ଭଲ ପାଆନ୍ତି । ମୁଁ ସହଜରେ ମିଶିଯାଏ, ଭଲ କଥା କୁହେ, ସବୁ ବିଷୟରେ ନିଘା ଥାଏ, ପଚାରି ଦେଲେ ଆସୁ ନଆସୁ କହିଦିଏ ବିନା ସଂକୋଚରେ । ନାଟକ, କଳା, ସାହିତ୍ୟ, ସଙ୍ଗୀତ, ସିନେମା, ଡ୍ରାମା, ପାଲା ଦାସକାଠିଆ ସବୁ ଦେଖେ କିଛି ନମିଲିଲେ ପ୍ରଚୁର ବହି ପଢେ ବହୁତ ଗପ କୁହେ ।

ପିଲାଦିନର ସହରୀ ଖେଳ ର ଅଭିଜ୍ଞତା ସମ୍ପୂର୍ଣ ଅଲଗା । ସହରରେ ସମସ୍ତେ ପେଣ୍ଟ ସାର୍ଟ ପିନ୍ଧି ଖେଳିବାକୁ ଯାଆନ୍ତି । ଖେଳିବାର ନିର୍ଦ୍ଦିଷ୍ଟ ସମୟ ଥାଏ । ସ୍କୁଲରେ ସେଥିପାଇଁ ଖେଳ ଛୁଟି ହୁଏ । ଗାଁ ରେ ଯାହାକୁ ଖାଇବା ଛୁଟି କୁହାଯାଏ । ସ୍କୁଲ ଖେଳ ଛୁଟିରେ ପିଲାମାନେ ଖେଳନ୍ତି ନାହିଁ, ଖାଲି ମାଳ ମାଳ ହୋଇ ବୁଲନ୍ତି, ନହେଲେ ସାଇକେଲ ଡାଲାରେ ଧରି ଆସିଥିବା କିଛି ଖାଇବା ଜିନିଷ ଯେମିତି କମଳା, କରମଙ୍ଗା, ପିଜୁଳି, କାକୁଡି ଆଦି ଫଳ ନେହେଲେ ଚୁଚୁମା, ବାର ମଜା, ନଳୀ, ପାମ୍ପଡ, ନାନା ପ୍ରକାର ବିସ୍କୁଟ, ପାଉଁରୁଟି ବାଲା ପାଖରେ ଭିଡ଼ ଜମାନ୍ତି । ହଁ ବରା, ଦହିବରା, ଘୁଗୁନି ବାଲା ବି ଆସନ୍ତି, ତାଙ୍କ ସାଙ୍ଗରେ ବମ୍ବେ ମିଠେଇ ବାଲା ନାନା ଆକୃତି ରେ ମିଠେଇ ତିଆରି କରି ବିକ୍ରୟ କରନ୍ତି । ସୁନୁ ପାମ୍ପୁଡ଼ି ଏବଂ ଆଇ ମା ପାଚିଲା ବାଳ ମିଠେଇ(cotton Candy) ମଧ୍ୟ ମିଳେ । ସେସବୁ ଖାଇଲେ କଣ ପେଟ ପୁରେ! କିନ୍ତୁ ମନ ପୂରିଯାଏ । ଖେଳ ଛୁଟି ଖୁସିଟା ଶୀଘ୍ର ସରିଯାଏ । ହଁ, ସ୍କୁଲରେ ଖେଳ ହୁଏ କିନ୍ତୁ ଖେଳ ପିରିଅଡରେ । ସାର ନିଜେ ପିଲାମାନଙ୍କୁ ଖେଳାନ୍ତି । ବ୍ୟାଟ ବଲ, ଫୁଟ ବଲ ଦିଅନ୍ତି ଏବଂ ଖେଳ ଶିଖାନ୍ତି । ସ୍କୁଲ ବାହାରକୁ ଆସିଲେ ଅସଲ ଖେଳ ଆରମ୍ଭ ହୁଏ । ଦୁଇ ଜଣ ପିଲାଙ୍କ ବାକ୍ସ (ବହି ଖାତା ରେ ପୂର୍ଣ ଥିବା) ଲଢେଇ । ବାକ୍ସ ଚେପା ହେଲେ ପଥରେ ଛେଚି ସାଇଜ କରି ଘରକୁ ଫେରିବା ହୁଏ । ସ୍କୁଲ ଫେରିବା ବାଟରେ ବରକୋଳି, ଜାମୁକୋଳି, କଣ୍ଟେଇ କୋଳି, ନଅରକୋଳି, କରମଙ୍ଗା, ପିଜୁଳି, କଇଁଆ ଗଛ ଚଢି ଫଳ ତୋଳିବା ଏକ ଅଭ୍ୟାସ ରେ ପଡି ଯାଇଥିଲା । ବେଳେବେଳେ ରାଜ ଭବନ ଭିତରେ ପଶି ପ୍ରଚୁର ଆମ୍ବ, ଲଙ୍କା ଆମ୍ବ ତୋଳି ଖାଉଥିଲୁ । ସାର୍ଟ ପେଣ୍ଟ ଅବସ୍ଥା ଖରାପ କରି ଘରେ ଗାଳି ମାଡ଼ ଖାଇବା, ନିଜେ ସେସବୁ ସଫା କରିବା ର ଅନୁଭୂତି ଏବେ ମନେ ପଡିଲେ ଯେ କେହି ଉନ୍ମାଦ ହୋଇଯିବ । ସ୍କୁଲ ରୁ ଫେରି ଘରେ କଣ ଟିକେ ପାଟିରେ ଦେଇ ପୁଣି ବାହାରି ଯାଉ ଖେଳିବାକୁ ମୋ ବୋଉ ଭାଷାରେ ଦାଣ୍ଡିଆ

ISSN NO.
2582-208X

ମାରିବାକୁ । ପକେଟରେ ପସିଥାଏ କିଛି କାଚ ଗୁଲି (ବାଟି), ମାଟିରେ ଗାତ କରି, ଗାର ଟାଣି ନିର୍ଦ୍ଧିଷ୍ଟ ନିୟମରେ ଆମେ ଖେଳୁ, ହାଡ଼ ବାଟି ବା ପଥର ବାଟି ମଧ୍ୟ ଖେଳୁ । ସିଗାରେଟ ଖୋଳ ଚିରି ଟଙ୍କା ତିଆରି କରି "ପାଧା ଟଙ୍କା" ଖେଳୁ, ଢେଙ୍ଗି ରେ ମାରି ଯିଏ ଯେତେ ଟଙ୍କା ଜିତେ ସିଏ ନିଜକୁ ଅମ୍ବାନୀ ଠାରୁ କିଛି କମ ମନେକରେନାହିଁ । ଗୁଚି-ତାଣ୍ଡୁ ଏକ ବଢ଼ିଆ ଖେଳ କାଠିରେ ତିଆରି ଗୁଚି(ଛୋଟ) କୁ ତାଣ୍ଡୁ (ବଡ଼) ରେ ପିଟି ଦୁରକୁ ପଠେଇ ଦିଆ ଯାଏ । ଅପର ପକ୍ଷ ସେଇଠାରୁ ମାପି ମାପି ଗର୍ତ୍ତ ପର୍ଯ୍ୟନ୍ତ ଆସେ । ବେଳେ ବେଳେ ଖାଲି ବାଡ଼ିରେ ମଧ୍ୟ୍ୟ "ଘାସ ଗୋଡି ଗୋବର" ଖେଳୁ । ବାଡ଼ି ଏହି ତିନୋଟି ପଦାର୍ଥ ସଂସ୍ପର୍ଶ ରେ ଥିଲେ, ତୁମେ ଅମର । ସାଇକେଲ ଟାୟାର ବାଡେଇ ବାଡେଇ ରାସ୍ତା ଉପରେ ଦଉଡ଼େଇଲେ ଯେଉଁ ଆନନ୍ଦ ମିଳେ ତାହା ଅବର୍ଣ୍ଣନୀୟ । ଝିଅ ପିଲାମାନେ ମଧ୍ୟ ବିଭିନ୍ନ ପ୍ରକାର ଖେଳ ଖେଳନ୍ତି ପ୍ରାୟତଃ ମିଛି ମିଛିକା ହାଣ୍ଡି ଚୁଲି ରେ ରୋଷଇ, କଣ୍ଢେଇ ବାହାଘର, ବାଲି ଗଦା ରେ ଗୋଡ଼ ପୁରେଇ ଘର ତିଆରି, ଦାଣ୍ଡରେ ଗାର ଟାଣି ଖପରା କାତି ଡ଼ିଆଁ, କାଚ କଉଡ଼ି, ବାଘ ଛେଳି, ପୁଚି, ଦଉଡି ଡିଆଁ ଏମିତି ଅନେକ କିଛି ।

କେହି କଣ କେବେ ଭୁଲିପାରେ ନିଜ ପିଲାଦିନ! ସେଇ ଅଭୁଲା ଦିନର ସୁମଧୁର ସ୍ମୃତି ପାସୋରିବା ସତରେ ବହୁତ କଷ୍ଟ । ନା ଚାଲି ଯାଇଥିବା ସମୟ ଫେରିବ ନା ସମୟ କୁ ପଛକୁ ଘୁରେଇ ହବ । କେବଳ ଅବଶୋଷ ଲାଗେ ଏବେକାର ପିଲାମାନଙ୍କ ଶୈଶବକୁ ଦେଖି । ଖେଳ କେବଳ ପ୍ଲେ ସ୍କୁଲ ଭିତରେ ବନ୍ଧା । କିଛି ତଥାକଥିତ ଖେଳନା ଭିତରେ ସୀମିତ ଥିବା ଖେଳର ରୂପ ରେଖ ବଦଳି ଯାଇଛି । ସମସ୍ତ ଖେଳ ଖେଳାଳି, ବନ୍ଧୁ, ସାଙ୍ଗ ସାଥି ଆଜି ଯନ୍ତ୍ର ରେ ବନ୍ଦୀ । ହାତରେ ମୋବାଇଲ, ଘରର ଚାରିକାନ୍ଥ ଖେଳ ପଡିଆର ସୀମାରେଖା, ତନ୍ମଧ୍ୟ୍ୟରେ ଦିଗ ହରା ଶୈଶବ । ଛୋଟ ପିଲାଟିର ସ୍ୱପ୍ନ ଦେଖିବାର ଅଧିକାର ଛଡାଇ ନେଇଛନ୍ତି ପିତା ମାତା, ଅବିଭାବକ, ପରିବାର । ବାପା ମାଆଙ୍କ ଅସୁମାରୀ ସ୍ୱପ୍ନକୁ ସାକାର କରିବା ପଥରେ ଆଜିର ପିଲାମାନେ ଧାବିତ । ସୁନେଲି ଭବିଷ୍ୟତ ଗଢିବାର ଆଶା ଚାପରେ ପରିଣତ ହୋଇଛି । ପାଠର ଚାପ, ବହି ବସ୍ତାନିର ଚାପ, ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟର ଚାପରେ ବିଚରା ପିଲାମାନଙ୍କର ଶୈଶବ, ଖେଳ କୁଦ, ହସ ଖୁସି କୋଉଠି ହଜି ଗଲାଣି । ଆଗକୁ ବଢିବା ପ୍ରଥମ ହେବା ଏବଂ ଅକୃତକାର୍ଯ୍ୟ

ISSN NO.
2582-208X

ର ସ୍ୱାଦ ନ ଚାଖିବା ରୁଗ୍ଣ ମାନସିକତାରେ ପରିଣତ ହୋଇଛି । ପିଲାଦିନର ଧୂଳିଘର ଧୂଳିସାତ ହୋଇଛି । ମନ ଇଛା ହସିବା ଖେଳିବାର ସ୍ୱାଧୀନତା ଛଡେଇ ନେଇଛି ସମୟ । ଯନ୍ତ୍ର ର ମନ୍ତ୍ର ରେ ସମସ୍ତେ ଅଭିମନ୍ତ୍ରିତ । ମୁଁ ପିଲାଦିନ କଥା କହିଲା ବେଳେ ବା ଲେଖିଲା ବେଳେ ଯେପରି ପୁଲକିତ ହୋଇଛି, ଯେଉଁ ମଧୁର ଅନୁଭବର ସ୍ପର୍ଶ ପାଇଛି, ଆଜିର ପିଲାମାନେ ସେପରି ପାଇବେ ତ! ଶୈଶବ ର ଇନ୍ଦ୍ରଧନୁ ଆଜି ରଙ୍ଗହୀନ, ବର୍ଣ୍ଣହୀନ କାହିଁକି ? ଚିନ୍ତନ ର ବିଷୟ, ସମୟ ଗଡିଯିବା ପୂର୍ବରୁ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ସମାଜର ବଡ଼ ପଣ୍ଡା ମାନେ ଏହି ପ୍ରସଙ୍ଗରେ ଆଲୋଚନା କରିବା ଦରକାର । ନହେଲେ ବୋହିଗଲା ପାଣି ତଳକୁ ତଳକୁ... ଜଗନ୍ନାଥ ହିଁ ଭରସା ।

508, ନୁଆସାହି, ନୂଆପଲ୍ଲୀ,
ଭୁବନେଶ୍ୱର 751012
9437175763

ISSN NO.
2582-208X

# ଅଧୁରା ସ୍ୱପ୍ନ



ବିନୋଦିନୀ ଦାଶ

ଆଶା, ସପନର ପଛରେ ଗୋଡ଼ାଇ
ଜୀଏଁ ଏ ମଣିଷ ପ୍ରତିଟି ଦିନ
ଜୀବନ କାଳରେ କେଉଁଟି ପୂରଣ
ଅପୂରଣ ଯାହା ଅଧୁରା ସ୍ୱପ୍ନ ।

ସେ ସପନ ଯେବେ ବିଭୁ ପ୍ରୀତି ଅର୍ଥେ
କାମନା ରହିତ ଥାଏ ମନରେ
ପର ଜନମରେ ହୁଅଇ ସଫଳ
ଯାହାକୁ କି କେହି ଜାଣି ନପାରେ ।

ପାଠ ପଢ଼ି ବଡ଼ ଚାକିରୀକରିବି
ସପନେ ଭିଜି କେ ସାଧଇ କର୍ମ
ହେଲେ କରମଟା ହୋଇବାରୁ ବାମ
ଅଧୁରା ରହିଲା ସେ ମନସ୍କାମ ।

ହୋଇ ଛଟପଟ ମାୟା ଜଞ୍ଜାଳରେ
ନ କରି ପାରଇ କେବେ ବି ପୂରା
ସମୟ ସରଇ ଅବସୋସ ଧରି
ବହେ ଲୁହ କେବେ କରି ଅଧୀରା ।

ISSN NO.
2582-208X

ଉତ୍କର୍ଷ ଓଡ଼ିଶା ଗଢ଼ିବାର ସ୍ୱପ୍ନ
ଦେଖୁଥିଲେ ନିତି ଯେ ଭୂମିପୁତ୍ର
ଅଧୁରା ରହିଲା ଛାଡ଼ି ଗଲେ ମହୀ
ଦେଖିଲାନି ଆଉ କାହାର ନେତ୍ର ।

ଦେଖୁଥିଲେ ଯେଉଁ ସ୍ୱାଧୀନତା ସ୍ୱପ୍ନ
ଗାନ୍ଧୀ, ଗୋପବନ୍ଧୁ, ସୁଭାଷ ବୋଷ
ଅଧୁରା ରହିଲା ସ୍ୱାର୍ଥର ଗନ୍ଧରେ
ସେଥିପାଇଁ ଆଜି ସର୍ବେ ବିମର୍ଷ ।

ଯୋଗ୍ୟ ପୁତ୍ର କେହି ପୂରଣ କରଇ
ପିତାଙ୍କର ଥିବା ଅଧୁରା ସ୍ୱପ୍ନ
ଯାହାକୁ ସମାଜ ଦେଖି ହୁଏ ଖୁସି
କରନ୍ତି ବି କେହି କେହି କଲ୍ୟାଣ ।

ସଗର ବଂଶର ଉଦ୍ଧାର ପାଇଁକି
ଅଂଶୁମାନ କଲେ ତପ ସାଧନ
ମିଶିଗଲେ ପଛେ ସିଏ ପଞ୍ଚଭୂତେ
କରି ପାରିଲେନି ତାହା ପୂରଣ ।

ପୌତ୍ର ଭଗୀରଥ ତୁଷ୍ଟ କରି ଶିବ
ଜାହ୍ନବୀଙ୍କୁ ଆଣି ମରତପୁର
ପିତାମହଙ୍କର ଅଧୁରା ସ୍ୱପ୍ନକୁ
ପୂରା କରି ମରି ବି ସେ ଅମର ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଅପେକ୍ଷା

ଶ୍ରୁସ୍ମିତା ନାୟକ

ଅପେକ୍ଷା ତ ଆଜି ବି କରିଛି,
ତୁମ ଆସିବାକୁ ନୁହେଁ
ମୋର ଚାଲିଯିବାକୁ ଦୂରକୁ, ବହୁ ଦୂରକୁ
ଆକାଶର ତାରାଟେ ପରି
ତୁମକୁ ଛୋଟ ଦିଶୁଥିବି,
ମୋର ଆଲୋକ ତୁମକୁ ଛୁଇଁ ପାରୁନଥିବ
ମୋର ଆବେଗ ତୁମକୁ ଜଣାନଥିବ
ବାସ୍ ଖାଲି,
ଚାହିଁ ରହିଥିବି ତୁମକୁ ତୁମ ଅଲକ୍ଷ୍ୟରେ।।
କେବେ କେବେ,
ମୋ ସ୍ଥାନ ଶୂନ୍ୟସ୍ଥାନ ପାଲଟି ଯାଉଥିବ
ତୁମ ମନରେ
ଅବଶ୍ୟ ମୋ ଇଚ୍ଛାରେ ହିଁ ...
ଅନ୍ୟ ତାରାଟେ ସେଠି ଜାଗା ପାଇବ,
ଆଲୋକ ତା'ର ମୋଠୁ କ୍ଷୀଣ ହେଲେ ବି
ଆନନ୍ଦ ଦେଉଥିବ ତୁମକୁ।।
ତୁମ ଆନନ୍ଦ ଯଦି କେବେ ନିରାନନ୍ଦ ହୁଏ,
ତେବେ,
ମୋ ସ୍ଥାନରେ ରଖିଦେବ ନିଜକୁ
ତୁମକୁ କ୍ଷୀଣ ଭାବେ ହେଉ ପଛେ
ଶାନ୍ତି ଦେବି ନିଶ୍ଚିତ,

ISSN NO.
2582-208X

ଆଖି ଭରିଯିବ ତୁମର
ତୁମ ଅଜ୍ଞାତରେ।।
ମୋ ଆବେଗକୁ ତୁମ ଭିତରେ ଦେଖିବି ସେଦିନ
ଦୂରରେ ହେଉ ପଛେ
ଖୁସିରେ କଟିବ ମୋର ସେହି ଦିନ,
ଅପେକ୍ଷା,
ସେହି ସମୟକୁ ରହିଲା!
ଅପେକ୍ଷା,
ତୁମର ଲୁହକୁ ରହିଲା!
ଅପେକ୍ଷା,
ତୁମର ଝୁରି ହେବାକୁ ରହିଲା!
ଅପେକ୍ଷା,
ମୋର ଫେରିବାକୁ ରହିଲା!!

କେନ୍ଦ୍ରାପଡ଼ା, ଆଳ, କଳସପୁର
ଫୋନ ନଂ-୫୪୫୫୦୫୦୬୫୦

ISSN NO.
2582-208X

# ମାଣ୍ଡବୀ



ଆରତୀ ସାହୁ (ଆଶା)

- ମୁଁ ବି ଯିବି ନନ୍ଦି ଗ୍ରାମ। ଗୋଡ଼ କଚାଡ଼ି କହିଥିଲି ମୁଁ।

ବାପଘରର ଗେଲବସରିଆ ସୁଆଗିଆ ଜିଦି ଯାଇ ନଥିଲା ଏଯାଏଁ ମୋର। ଛୁଆଳିଆ ଚଞ୍ଚଳତା ମୋ ଆଚାର ବେଭାରରେ ସ୍ପଷ୍ଟ ବାରି ହେଇ ଯାଉଥିଲା।

- ମୁଁ କଣ ବଣଭୋଜି କରି ଯାଉଛି ବୋଲି ଭାବିଛ ନା କଣ? ମୋ ମାଆର ପାପର ପ୍ରାୟଶ୍ଚିତ କରିବାକୁ ଯାଉଛି ମୁଁ। ସେଥିରେ କାହାର ହେଲେ ସାହାରା ମୋର ଦରକାର ନାହିଁ, ବୁଝିଲ? ଆଉ ତୁମେ ତ ସାହାରା ହେବନାହିଁ ବରଂ ପ୍ରତିବନ୍ଧକ ସାଜିବ।

ମୋର ଆଗ୍ରହକୁ ବେଖାତିର୍ କରି ଖୁବ୍ ଚିଲ୍ଲେଇ କି ଭରତ କହିଥିଲେ। ମୁଁ କଅଣ ଏମିତି ଅଯୁକ୍ତିକର କଥାଟା କହି ପକାଇଲି ଯେ? ସ୍ୱାମୀ ସହିତ ରହିବାକୁ କିଏ ଭଲ ନପାଏ? ଖୁବ୍ କାନ୍ଦ ଲାଗୁଥିଲା ମୋତେ। ବାବାରେ! ଦୀର୍ଘ ଚଉଦ ବର୍ଷ! କେମିତି ରହିବି ଯେ? ଯାହାହେଲେ ବି ନୂଆ ନୂଆ ଶାଶୁଘରର ବୋହୂ । କାହାକୁ ଭଲକରି ଚିହ୍ନିଛି ନା ଜାଣିଛି। ଅବଶ୍ୟ ଭ୍ରାତା ବିରହରେ ଆକୁଳ ଭରତଙ୍କର ଚିଡ଼ଚିଡା ସ୍ୱଭାବ ମୁଁ ଜାଣି ପାରୁଥିଲି।

ବଡ଼ନାନୀର ଭଲ, ସେ ତ ତାର ସ୍ୱାମୀର ସହଚରୀ ହେଇ ବଣକୁ ଗଲା। ରାଜ ଭବନର ବିଳାସ ତ୍ୟାଗକଲା ଖାସ୍ ସ୍ୱାମୀ ସାନ୍ନିଧ୍ୟ ପାଇବା ନିମନ୍ତେ। ଉର୍ମିଳା ତ ତାର ବିଛଣା ଭଲ ତ ସେ ଭଲ । ପକ୍କା ନିଦେଇ, ଅଳସେଇଟେ। ତୁଳୀତଳ୍ପରେ ଥରେ ଶୋଇଲେ ତାର

ISSN NO.
2582-208X

ପାରିପାର୍ଶ୍ୱିକ ଅବସ୍ଥା ସହିତ କିଛି ସମ୍ପର୍କ ନଥାଏ। ଛୁଆଟି ବେଳୁ ସେ ସେମିତି। ଆମେ ତାକୁ ଖୁବ୍ ରଗାଉ, ଚିଡାଉ।

- ହଁ ଲୋ ଉର୍ମି, କୁମ୍ଭକର୍ଣ୍ଣ ପରି ଖାଲି ମାଦଳ ହେଇ ଶୋଇ ଥା ଦିନଭରି । ତୋ ବରର ନିଦ ଭି ବରରେ ମାଗି ନେଇଛୁ କି ଆଉ ? ଜଣା ପଡୁଛି, ସେ ବିଚରା ରାତିସାରା ଚେଇଁ କି ରହିଥିବ ତୋତେ ନିଦତକ ଦେଇ। ଆଉ ତୁ ଶାନ୍ତିରେ ଶୋଇଥିବୁ। କି ନିଦରେ ବାବା?

ଅଜାଣତରେ ହେଉ ପଛେ କେତେ ନିରାଟ ଭବିଷ୍ୟତ ବାଣୀଟାଏ ଥିଲା ଆମର ଏଇ ହସ କୌତୁକ ଭିତରେ? ରାବଣ, ତା ଭାଇ କୁମ୍ଭକର୍ଣ୍ଣ, ତାଙ୍କର ତ ନାମ ଯାହା ଶୁଣିଥିଲୁ ଖାଲି । ତାଙ୍କ ସହିତ ଯେ ଆମ ଭବିଷ୍ୟତ ଏତେ ଓତଃପ୍ରୋତ ହେଇ ଜଡ଼ିତ କୋଉଠି ଆମେ ଜାଣିଥିଲୁ ଯେ?

ଶ୍ରୁତି ତ ଛୁଆ ଭଉଣୀଟା। ସବୁଠାରୁ ଛୋଟ ଶ୍ରୁତକିର୍ତ୍ତୀ, ସମସ୍ତଙ୍କର ଗେହ୍ଲେଇ ଫୁଲେଇ। ତାକୁ କିଛି ଦାୟିତ୍ୱ ଦେଉନାହୁଁ ଆମେ କେହି ହେଲେ। ଯେତିକି କୁହା ହେବ, ନା ନୁକୁର୍ ନକରି ସିଏ କରିବ ଯେ। ହେଲେ ଛୁଆଟାକୁ କେବେ ଦାୟିତ୍ୱ ଭିତରକୁ ଟାଣି ଆଣିବାକୁ ଆମର ଇଚ୍ଛା ହୁଏ ନାହିଁ। ଠିକ୍ ସେମିତି ଦିଅର ଶତୃଘ୍ନ। ସେ ବି ଭାରି ଗେହ୍ଲା ସବୁ ଭାଇ ମାନଙ୍କର। ଆଉ ଖୁବ୍ ଆଜ୍ଞାକାରୀ ମଧ୍ୟ। ରଜାକୁ ରାଣୀ, କଣାକୁ କାଣୀ ପରା। ପ୍ରଜାପତି ଘଟସୂତ୍ର । ରାଜଯୋଟକ।

ବାକି ରହିଲି ମୁଁ। ମୁଁ ହିଁ ଏଠି ଫାଲତୁଟାରେ ପେଶି ହେବାକୁ ରହିଛି ଯାହା। ମଝିଆଁ ପା। ଏପଟୁ ସେପଟୁ ଦୁଇ କୁଳରୁ ମୁଁ ମଝିଆଁ। ଯଦିଓ ମୁଁ ମୋ ପିତାମାତାଙ୍କର ବଡ଼ଝିଅ କିନ୍ତୁ ଆମେ ଚାରି ଭଉଣୀ ଏକ ଆରେକଠୁ ଅଲଗା କେବେ ଅନୁଭବ କରିନାହୁଁ। ବଡ଼ବାପା ହିଁ ଯଥାର୍ଥରେ ଆମର ବାପା ଥିଲେ। ବାପା କୁଶିଧ୍ୱଜ କି ମାଆ ଚନ୍ଦ୍ରଭାଗା କେବେହେଲେ ମୋର କି ମୋ ଭଉଣୀ ଶ୍ରୁତିର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇ ନଥିଲେ । ଆମର ସବୁ ଅଳି ଅର୍ଦ୍ଦଳି ବଡ଼ବାପାଙ୍କ ଆଉ ବଡ଼ମାଆଙ୍କ ପାଖରେ ଥିଲା। ସେହି ଅର୍ଥରେ ଆମେ ନିଜକୁ ବଡ଼ବାପାଙ୍କ ଝିଅ ବୋଲି ଭାବୁଥିଲୁ । ତେଣୁ ମୁଁ ହେଲି ନା ମଝିଆଁ।

ISSN NO.
2582-208X

କଥାରେ ଅଛି ପରା, ବଡ଼ଟି ବାପର ସାନଟି ମାଆର, ମଝିଆଁଟି ଯାର ତାର୍। ଆଉ ଭାଗ୍ୟ ଦେଖ, ମୋ ଭାଗର ବରଟି ବି ସେଇ ମଝିଆଁ। ଯୁଆଡୁ ହେଲେ ମଝିଆଁ ମାନେ ତ ଦୁଃଖ ପାଆନ୍ତି।

ସୀତାନାନୀ, ଆମର ବଡ଼ନାନୀ। ଯେବେଠାରୁ ମୋର ଜ୍ଞାନୋଦୟ ହେଲା, ସେବେଠାରୁ ଦେଖେ ବଡ଼ ନାନୀଟା ଗୋଟେ ଅଲଗା ପ୍ରକାରର ଝିଅ। ସବୁବେଳେ ଧ୍ୟାନ ସମାଧିରେ ଥିଲା ପରି। ଆମ ସହିତ ଖେଳୁଥିବ, ଫୁଲ ତୋଳୁଥିବ, ପୂଜା କରୁଥିବ ଅଥଚ ଆମ ସହିତ ନଥିବ ଯେମିତି। କାହାର ଧ୍ୟାନରେ ବୁଡ଼ି ରହିଥାଏ କେଜାଣି।

ମୁଁ ଦର୍ପଣ ଦେଖେ, ନାନୀ ସହିତ ନିଜ ରୂପର ତୁଳନା କରେ। ଇସ୍, କି ସୁନ୍ଦର ମୋ ନାନୀଟା। ବଡ଼ମା କୁହନ୍ତି, ନାନୀ କୁଆଡ଼େ ବଡ଼ବାପା ବିଲରେ ହଳ କଲାବେଳେ ମିଳିଥିଲା। ଗୋଟିଏ ବନ୍ଦ ସିନ୍ଦୁକ ଭିତରେ ସଦ୍ୟଜାତ ନାନୀକୁ ଥୋଇ କିଏ ପୋତି ପକାଇଥିଲା। ନଙ୍ଗଳ ମୁନ ଟଣ୍ କରି ବାଜିବାରୁ ବଡ଼ବାପା ଖୋଳାଇଥିଲେ ସେଇ ଯାଗାକୁ। ଆହା! ଏଡ଼େ ସୁନ୍ଦର ମୋ ନାନୀ କାହାର କଣ ଅପରାଧ କରିଥିଲା ଯେ ?

ନାନୀକୁ ଦେଖିଲେ ମୋର ଈର୍ଷ୍ୟା ବି ହୁଏ ଯେ। କିନ୍ତୁ ଦୟା ବି ଲାଗେ। ବିଚାରୀ ଜାଣିନାହିଁ ତାର ଅସଲି ମାଆ ବାପା କିଏ।

- କି ସୁନ୍ଦର ହେଉଛୁ ଲୋ ନାନୀ ତୁ ?

- ତୁ ତ ମୋର ଛାଇ ଲୋ ମାଣ୍ଡି। ସମସ୍ତେ କଣ କହୁଛନ୍ତି ଶୁଣୁନୁ ? ତୋତେ ଲୁଚେଇ ମୋତେ ବାହାରକଲେ କେହି ବି ଚିହ୍ନି ପାରିବେ ନାଇଁ ବୋଲି ? ନାନୀ ମୋ ମୁହଁକୁ ଦୁଇ ହାତରେ ତୋଳି ଧରି କୁହେ।

ମୋ ନାନୀଟା ସତରେ କେତେ ନିର୍ମାୟା, କେତେ ସୁଧାର।

ଏଇଟା ବି ସତକଥା। ମୋର ଓ ନାନୀର ଚେହେରାରେ ଅଦ୍ଭୁତ ସାମଞ୍ଜସ୍ୟ। ଭରତ ଓ ରାମ ଯେମିତି ଏକା ପ୍ରକାର ଦେଖା ଯାଆନ୍ତି, ମୁଁ ଓ ନାନୀ ମଧ୍ୟ ସେମିତି ବିଲକୁଲ୍ ସମାନ ଦିଶୁ। ଗତ ଜନ୍ମର ସମ୍ପର୍କ ହେଇଥିବ କି କଣ ।

ISSN NO.
2582-208X

ହଁ ବଡ଼ଭାଇ ଆଉ ଭରତଙ୍କର ସାମ୍ୟ କଥା କହୁଥିଲି ନା, ଗୋଟେ ବଡ଼ ହସକଥାଟେ ଅଯୋଧ୍ୟାରେ ଉଡ଼ି ବୁଲୁଥାଏ । ସତମିଛ କିଏ ଜାଣେ ? ମୋତେ ବଡ଼ ହସ ଲାଗେ, ଶ୍ୱାସ ଭି ହୁଏ।

ମହାଭାଗ ଋଷି ବିଶ୍ୱାମିତ୍ର ଥରେ ଆସିଥିଲେ ବଡ଼ଭାଇ ରାମ ଓ ଦିଅର ଲକ୍ଷ୍ମଣଙ୍କୁ ଯଜ୍ଞରକ୍ଷାର୍ଥେ ତାଡ଼କା, ସୁବାହୁ ଇତ୍ୟାଦି ରାକ୍ଷସ ରାକ୍ଷସୀଙ୍କ ବଧ କରିବା ପାଇଁ ସାଙ୍ଗରେ ନେବାକୁ। ଶ୍ୱଶୁର ଦଶରଥ ଜମା ସହି ପାରୁ ନଥିଲେ ରାମ ଲକ୍ଷ୍ମଣଙ୍କ ବିଚ୍ଛେଦ । ତେଣୁ ସେ ଭରତ ଓ ଶତ୍ରୁଘ୍ନଙ୍କୁ ଆଗେଇ ଦେଇଥିଲେ ରାମ ଲକ୍ଷ୍ମଣ ବୋଲି କହି । କିନ୍ତୁ ବିଶ୍ୱାମିତ୍ରଙ୍କ ତୀକ୍ଷ୍ଣ ନଜର କୁଆଡ଼େ ଧଡ଼୍ କିନା ଚିହ୍ନି ପକାଇଲା। ଆଉ ତାପରେ ତ ଯାହା ହେବାକଥା। ପ୍ରଚଣ୍ଡ କ୍ରୋଧି ବିଶ୍ୱାମିତ୍ରଙ୍କ କୋପ ଭାଜନ ହେଇ କିଏ ତିଷ୍ଠି ପାରିଛି ନା?

ଆଉ ଏଇଠୁ ହିଁ ଶ୍ରୀଗଣେଶ ହେଲା ଆମ ଘରର କାହାଣୀ। ଯାହାକି ଆଗକୁ ରାମାୟଣ ନାମରେ ପ୍ରସିଦ୍ଧି ଲାଭ କଲା। ଅପ୍ରତ୍ୟକ୍ଷ୍ୟ ଭାବରେ ଋଷି ବିଶ୍ୱାମିତ୍ର ହିଁ ଥିଲେ ଏହାର ସୂତ୍ରଧର।

ରାଜ୍ୟ ସାରା ଖୁବ୍ ଗହଳ ଚହଳ। ସବୁ କୋଠା ସବୁ ଘର ମାନଙ୍କରେ ଆମ୍ବ ତୋରଣ ଲଗା ହେଇ ଥାଏ। ଦୁଆର ମାନଙ୍କରେ କଦଳୀ ଗଛ, ପୂର୍ଣ୍ଣ କଳସ ଥାପନା ହେଇଥାଏ। ବିଭିନ୍ନ କିସମର ଫୁଲମାଳର ତୋରଣ ଟଙ୍ଗା ହେଇଥାଏ। ଚିତା ମୁରୁଜ ଅଙ୍କା ହେଇଥାଏ। ପ୍ରଜା ମାନେ ନୂଆ ଲୁଗା ପିନ୍ଧି ସଭା ଯାଗାକୁ ଆସିବା ନାଗି ସଜ ହେଉଥାନ୍ତି। କୁଳ ଲଳନା ମାନେ ରଙ୍ଗ ବେରଙ୍ଗ ବେଶପୋଷାକ ହେଇ ସ୍ୱର୍ଗର ଅପ୍ସରା ମାନଙ୍କୁ ଟକ୍କର ଦେଉଥାନ୍ତି। ତା ପରଦିନ ସୀତାନାନୀ, ମାନେ ବଡ଼ନାନୀର ସ୍ୱୟମ୍ବର ଆୟୋଜିତ ହେଇଥାଏ ଯେ। ଦୂର ଦୂରାନ୍ତରୁ ପ୍ରବଳ ପ୍ରତାପୀ ରାଜା ଓ ରାଜକୁମାର ମାନେ ନିମନ୍ତ୍ରିତ ହେଇ ଆସିଥାନ୍ତି। ସମସ୍ତେ ନିଜ ନିଜର ବାହୁବଳ ପ୍ରଦର୍ଶନ ପୂର୍ବକ ଅନିନ୍ଦ୍ୟ ସୁନ୍ଦରୀ ଆମ ନାନୀଙ୍କ ପାଣିଗ୍ରହଣ ନିମନ୍ତେ ଉତ୍ସୁକ ଓ ଲାଳାୟିତ।

ବଡ଼ମାଆ ସତ କୁହେ ଯେ, ବଡ଼ବାପାଙ୍କ ମୁଣ୍ଡରେ ବେଳେ ବେଳେ ଅଦ୍ଭୁତ ଖିଆଲ ସବୁ ଢୁକେ। ଭାରି ଜ୍ଞାନୀ କି ନା। ତାପରେ ରାଜର୍ଷି ସିଏ। ଝାଡ଼ି ଫୁଙ୍କି ବାଟ ଚାଲନ୍ତି। କୋଉଠି

ISSN NO.
2582-208X

ଯେମିତି ଝୁଣ୍ଟି ପଡ଼ିବେ ନାହିଁ। ବଡ଼ ମା କିନ୍ତୁ ତାଙ୍କର ଏଇ ଖାମଖିଆଲି ଗୁଣ ଯୋଗୁଁ ଚିଡୁଥିଲା ଖୁବ୍।

- ଆଉ କିଛି ମିଳିଲା ନାଇଁ ଯେ ଝିଅକୁ ମୋର ହଳିକାଠରେ ଯୋଖି ଦେଉଛ ? କୋଉ ମାନ୍ଧାତା ଅମଳର ମଜବୁତିଆ ଧନୁ ସିଏ। ଶିବଙ୍କ ପରି ବଳୁଆ ମଣିଷ ଆଉ ଜନମୁଛନ୍ତି ନା ଆଗ ? ଦିନ ଆସୁଛି ମଣିଷ ବାଇଗଣ, ଲଙ୍କା ଗଛକୁ ସିଡ଼ି ଲଗେଇବ। ଆଉ ଏଇଟା ଏମିତି ସେମିତି ଧନୁ ନୁହେଁ । ଶିବଧନୁ! କିଏ ସେଇଟା ରଞ୍ଜେ ହେଲେ ଘୁଞ୍ଚେଇ ପାରିବେନା ? ଧନୁଶାଳାରୁ ତାକୁ ଟେକି ଆଣିବା ପାଇଁ ଅଗଣିତ ହାତୀ ଘୋଡ଼ା ନିୟୋଜିତ ହେଲେ ପା। କିଛି ଗୋଟେ ଆଗପଛ ବାଛ ବିଚାର ନାଇଁ, ହୁମାଳିଆ ହେଇ କାମ ଗୁଡା କରିଯିବ। ଦେଖିବ ରଇଥା, କେହି ହଲେଇ ପାରିବେ ନାଇଁ ଏଟାକୁ । ଝିଅ ମୋର ବାଢୁଅ ରହିବ ଯେ। ତା ପଛକୁ ଆଉ ତିନି ତିନିଟା ଝିଅ ବି ଭୋଗିବେ। ଶିବଧନୁ କିଏ ଟେକି ପାରିବ ନା ସୀତା କାହା ବେକରେ ବରଣମାଳା ପକେଇବ। ସାତକଳସୀ ତେଲ ହେଉ ଆଗ। ଛେଃ।

- ହେଃ, ଏମିତି ଅମଙ୍ଗଳିଆ କଥାଗୁଡା ତୁଣ୍ଡରେ ଧରନା। ସସାଗରା ଧରା କଣ ବୀରଶୂନ୍ୟ ହେଇଗଲା ବୋଲି ଭାବୁଛୁ । ଅଛନ୍ତି ଅଛନ୍ତି, ଏବେବି ଅଛନ୍ତି ସେମିତି ସୁନ୍ଦର, ସୁଠାମ ବଳଶାଳୀ ପୁରୁଷ। ସୀତା ସାଙ୍ଗକୁ ବିଧାତା କାହାକୁ ଗୋଟେ ଖଞ୍ଜିଥିବ ନା। ମୁଁ ଯେମିତି ଆଶାବାଦୀ ସେମିତି ହ, ହେଲା ? ମନ ଘେନି ଫଳ, ତୁ ନିଜେ କହୁ ପରା।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଶେଷ ପୃଷ୍ଠାରେ



ପୂଜାରାଣୀ ସେଠୀ

ତୁମେ ଯଦି କବି ହୋଇଥାନ୍ତ
ତାହେଲେ ମୁଁ ସାଜନ୍ତି ତୁମ କବିତାର ପ୍ରତ୍ୟେକଟି ଶବ୍ଦ
ଆଉ ସବୁର ଶେଷ ହୁଅନ୍ତା
ମତେ ନେଇ ଗଢିଥିବା କାହାଣୀର ତୁମେ ନିକଟରେ ।...

ସେ ନିର୍ଜନତାରୁ କୋଳହଳକୁ ମୁ ବାଟ ଖୋଜୁଥିଲି
ସେ ବାଟରେ ତୁମ ଠିକଣା ଲେଖା ଥିଲା
ସେ ଠିକଣାରେ ଯାଇ ପ୍ରେମର ପରିଚୟ ତ ମିଳିଗଲା
ବାକି ଯାହା ସମୟ ସବୁ ମୋର ହଜିଗଲା
ହଜିଗଲେ ହୃତପିଣ୍ଡ ଆଉ ମସ୍ତିଷ୍କ ମାନେ ।

ମୋ କଜଳ ଗାରକୁ ନେଇ
ତୁମେ ସେଇ ଶେଷ ପୃଷ୍ଠାରେ ମତେ ଆଙ୍କିବ
ବିଶାଳ ବ୍ୟାସାର୍ଦ୍ଧ ପରିଧିକୁ ନେଇ ମୁଁ ରୂପାୟିତ ହେଉଥି ।

ହେଲେ କାହିଁକି କାହାଣୀ ଶେଷରେ
ଅଭିଶପ୍ତ ଚରିତ୍ର ଟିଏ ସଜେଇ ଦେଇ ଚାଲିଗଲ
ପ୍ରେମିକାରୁ ଅଭିଶପ୍ତ ଚରିତ୍ର ଟିଏ ହେବା କଣ ଏତେ ସହଜ କି
ତଥାପି ମୁଁ ଖୁସି ହେବି ସେ ଚରିତ୍ରରେ ନିଜକୁ ପାଇ ।...

ISSN NO.
2582-208X

ତୁମେତ ଆଙ୍କି ଦେଇଯିବ ନା ନୂଆ ଏକ ମୋନାଲିସା
ଆଉ ଛାଡ଼ି ଦେଇଯିବ ତୁମ ଜୀବନର କେଉଁ ଅଜଣା ସ୍ମୃତି
ଯାହାକୁ ବସି ନୀତି ସାଉଁଟି ଥିବି
ତୁମ ହାତ ଲେଖା ବହିର ଶେଷ ପୃଷ୍ଠାରୁ

ଆଉ ଡ଼ାୟେରୀର ସେହି ଶେଷ ପୃଷ୍ଠାରେ ରହିଯିବ
ଅମାପ ପ୍ରେମ, ଧୀର ପ୍ରତାରଣା, ଅବିଶ୍ୱାସର ଦୋ ଛକିରେ
ନିଜକୁ ଗଢି ଭାଙ୍ଗିବା ଆଉ କିଣି ବିକିବାର ଅନେକ ପ୍ରତିଶ୍ରୁତି।...

ଅନ୍ଧାରୀ, ଆବୁଲପୁରା, ଯାଜପୁର

ISSN NO.
2582-208X

# ଏତ ତବ ବଡପଣ



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ତୁମ ନାମ ଗୁଣ ଶୁଣି ଶୁଣି ପୁଣି ପରିକ୍ଷିତ ନରରାଣ
ସଂସାର ବାରିଧି ପାରି ହୋଇଗଲେ ବର୍ଣ୍ଣନା କରେ ପୁରାଣ
ଭକ୍ତ ପାଇଁ ଭଗବାନ
କେଉଁ କେଉଁ ପଥ ଦେଖାଇ ଦିଅନ୍ତି ସେତ ତାଙ୍କ ବଡ ପଣ ।।

ବ୍ୟାସଦେବ ନିତି କିର୍ତ୍ତନ କରନ୍ତି ତୁମର ପବିତ୍ର ନାମ
ଦିବା ନିଶି ବସି କିର୍ତ୍ତନ କରନ୍ତି ମହାପ୍ରଭୁ ଶ୍ରୀଚୈତନ୍ୟ
ଭକ୍ତ ପାଇଁ ଭଗବାନ
କେଉଁ କେଉଁ ପଥ ଦେଖାଇ ଦିଅନ୍ତି ସେତ ତାଙ୍କ ବଡ ପଣ ।।

ଉତ୍ତାନପାଦ ଙ୍କ ପୁତ୍ର ଧ୍ରୁବ ତୁମ ନାମକୁ କଲେ ସ୍ମରଣ
ହିରଣ୍ୟକଶିପୁ ପୁତ୍ର ପ୍ରହଲ୍ଲାଦ ଚିନ୍ତାକଲେ ନାରାୟଣ
ଲଭିଲେ ସେ ପରିତ୍ରାଣ
ଧ୍ରୁବପଦ ଦେଲ ଇନ୍ଦ୍ର ପ୍ରହଲ୍ଲାଦ ଭୋଗ ଅଳକା ଭୁବନ ।।

ପଦ ସେବାକରି କ୍ଷୀରାବ୍ଧି କୁମାରୀ ତବ ଶ୍ରୀଅଙ୍ଗ ମଣ୍ଡନ
ଅଜ୍ଞାନି କୈବର୍ତ୍ତ ତବ ପଦଧୌତେ ଲଭି ବୈକୁଣ୍ଠ ଭୁବନ
ଭକ୍ତ ପାଇଁ ଭଗବାନ
କେଉଁ କେଉଁ ପଥ ଦେଖାଇ ଦିଅନ୍ତି ସେତ ତାଙ୍କ ବଡ ପଣ ।।

ISSN NO.
2582-208X

ପୃଥୁ ନରରାଣ ତବ ଶ୍ରୀଚରଣ ନିତ୍ୟ କରିଣ ଅର୍ଚ୍ଚନ
ଅକ୍ରୁର ଦ୍ୱାପରେ ତବ ଶ୍ରୀପୟରେ ବନ୍ଦନା ନିତି କରିଣ
ଭବସାଗର ତାରଣ
କରିଅଛ ପ୍ରଭୁ ପଥ ଦେଖାଇଣ ଏତ ତୁମ ବଡ ପଣ ।।

ଦାଶରଥି ଦାଶ ପଣେ ସମର୍ପିତ ହୋଇ ବିର ହନୁମାନ
ଶଖା ପଣେ ନିଜ ଗୁଣେ ସମର୍ପିତ ହୋଇଥିଲେ ତ ଅର୍ଜୁନ
ନିଜ ଆତ୍ମା ନିବେଦନ
କରି ତରିଗଲା ଭବ ସାଗରରୁ ଦାନବୀର ବଳି ପୁଣ
ଏତ ତବ ବଡ ପଣ ।।

ତୁମେ ମୋ ସାଆନ୍ତ ମୁଁ ତ ତବ ଭୃତ୍ୟ ବାନା ପତିତପାବନ
ଉଡାଉ ଅଛହେ ମୁଁ ଜଣେ ପତିତ ଆଶ୍ରା ତବ ପାଦ ପଦ୍ମ
ନଭାବିବ ମୋତେ ହୀନ
ଜୀବ ଯିବାବେଳେ ଏତିକି ମାଗୁଣି ଦେବ ବାରେ ଦର ଶନ,
ନଭାବିବ ମୋତେ ହୀନ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା
ମୋ: ୮୨୪୯୨୩୪୧୪୩

ISSN NO.
2582-208X

# ମୋ ହୃଦୟ ରେ ତୁମେ



ସିନ୍ଧୁ ନନ୍ଦିନୀ

ମୋ ହୃଦୟର ପ୍ରତି ଟି ସ୍ପନ୍ଦନେ
ତୁମେ ନିତ୍ୟ ବିରଜିତ
ମୋ ଭାବନା ର ପ୍ରତିଟି ଭାବରେ
ପ୍ରଭୁ ତୁମେ ଉପସ୍ଥିତ

ସୁଖ ଦୁଃଖ ଅବା ହସରେ ଲୁହରେ
ମନେ ପଡୁଥାଅ ନିତି
ପ୍ରାଣ ଭରି ଭଲପାଏ ମୁଁ ତୁମକୁ
ଅଭିଯୋଗ ନାହିଁ କିଛି

ମଧୁ ଠୁ ମଧୁର ନିଜ ଠୁ ନିଜର
ଲାଗ ଖୁବ୍ ଆପଣାର
ମନ ବନ୍ଧା ପଡେ ତୁମରି ସ୍ନେହରେ
ସ୍ୱର୍ଗୀୟ ପ୍ରୀତିର ଧାର

ସାକ୍ଷୀ ତୁମେ ଅଛ ପ୍ରତ୍ୟେକ ସ୍ଥାନରେ
ଅନ୍ତରଙ୍ଗ ମୁହୂର୍ତ୍ତର
ପ୍ରଭୁ ତୁମେ ସଦା ଏକାନ୍ତ କାମ୍ୟ
ସ୍ୱତନ୍ତ୍ର ସ୍ଥାନ ତୁମର

ISSN NO.
2582-208X

ସଦା ତୁମ ଛବି ପ୍ରତିଫଳିତ
ମୋ ନୟନ ଦର୍ପଣ
ନିଶ୍ୱାସେ ତୁମେ ପ୍ରଶ୍ୱାସେ ତୁମେ
ଉପସ୍ଥିତ ପ୍ରତି କ୍ଷଣ

ଜୀବନ ତାହାର ସାର୍ଥକ ହୁଅଇ
ଲାଗିଲେ ତୁମ ଶ୍ରୀପୟ
ଶବ୍ଦ ନିମିତ୍ତ ତୁମ ଗାଥା ବର୍ଣ୍ଣିବାକୁ
ତୁମେ ତ ଅବର୍ଣ୍ଣନୀୟ

ତୁମ ଭାବନାରେ ମନ ବିଭୋରିତ
ମନ ପ୍ରାଣ ପୁଲକିତ
ହରି ନିଅ ପ୍ରଭୁ ଦୁଃଖ ଦୁର୍ଦ୍ଦଶା
ଜୀବନ ହେଉ ସାର୍ଥକ ॥

ଭୁବନେଶ୍ୱର

ISSN NO.
2582-208X

# ସ୍ୱର୍ଗୀୟ ସୁଷମାର ଭୂମି ଶାବର ଶ୍ରୀକ୍ଷେତ୍ର



ମନୀଷା ରାୟ

ପୁଣ୍ୟଭୂମି ଓଡ଼ିଶା ତିରିଶ ଗୋଟି ଜିଲ୍ଲାକୁ ନେଇ ଗଠିତ । ସେହି ଜିଲ୍ଲାମାନଙ୍କ ମଧ୍ୟରୁ କୋରାପୁଟ ଜିଲ୍ଲା ଅନ୍ୟତମ । ବିଶ୍ୱ ଦରବାରରେ ଏହି ଜିଲ୍ଲା "ପବିତ୍ର ଶାବରକ୍ଷେତ୍ର" ଭାବେ ବେଶ୍ ଚର୍ଚ୍ଚିତ ଓ ପ୍ରସିଦ୍ଧ । ଆମ ରାଜ୍ୟ ଓଡ଼ିଶାର ଏ ହେଉଛି ସୁଇଜରଲାଣ୍ଡ୍ । ସବୁ ଜିଲ୍ଲାଠାରୁ କୋରାପୁଟ ଜିଲ୍ଲାକୁ ରାଜ୍ୟର ଚିର ସବୁଜିମା ଭରା ପାର୍ବତୀୟ ଭୂଭାଗ ବୋଲି ବିବେଚନା କରାଯାଏ ଏହି ଜିଲ୍ଲାରେ ଅବସ୍ଥାପିତ ବୈମାନିକୀୟ ଯନ୍ତ୍ରପାତି କାରଖାନା ନିମିତ୍ତ ଏହାକୁ ଭାରତର  ବୈମାନିକୀୟ ଯନ୍ତ୍ରପାତିର ରାଜଧାନୀ କୁହାଯାଏ । କୋରାପୁଟ ଜିଲ୍ଲାର ପ୍ରକୃତି ପ୍ରଦତ୍ତ ନୈସ୍ୱର୍ଗିକ ସୁଷମା ଭାଷାରେ ବର୍ଣ୍ଣନା ଦୃଷ୍ଟତାମୂଳକ ଓ ସମୟସାପେକ୍ଷ । ଅର୍ଥାତ୍ ବର୍ଣ୍ଣନା କରିବା ପାଇଁ ଭାବଗତ ଭାଷାର ଅଭାବ ନିଶ୍ଚିତ ଓ ଅସମ୍ଭବ ।  ଅଧିକନ୍ତୁ ଦେଖିବାକୁ ଗଲେ ଐତିହାସିକ ଦୃଷ୍ଟିକୋଣରୁ କୋରାପୁଟ ଜିଲ୍ଲାର ଭୌଗୋଳିକ ଅବସ୍ଥିତି ଓଡ଼ିଶା ମାନଚିତ୍ରରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ପାହାଡ଼ ପର୍ବତଘେରା ପରିବେଶ ଓ ଚିର ହରିତ ଅରଣ୍ୟାନୀ କୋରାପୁଟ ଜିଲ୍ଲାର ପ୍ରାକୃତିକ ମନଲୋଭା ଦୃଶ୍ୟ ଯେତିକି ହୃଦୟଗ୍ରାହୀ, ତା'ଠାରୁ ଅଧିକ ମାମର୍ଥ ଏହାର ପ୍ରାଚୀନ ଐତିହ୍ୟ ସମ୍ପନ୍ନ ଦର୍ଶନୀୟ ସ୍ଥାନ ଓ ପର୍ଯ୍ୟଟନସ୍ଥଳୀ । ଆଉ ତା' ସାଙ୍ଗକୁ ସୁଶୀତଳ ଜଳବାୟୁ ଏବଂ ସବୁଜବନାନୀଯୁକ୍ତ ପାରିପାର୍ଶ୍ୱିକ ପରିବେଶ ସହିତ ନିର୍ଝରିଣୀ ଓ ଜଳପ୍ରପାତ । ଅନ୍ୟ ଅର୍ଥରେ କହିଲେ ଏହି ଜିଲ୍ଲାର କଳା, ସ୍ଥାପତ୍ୟ, ଖଣିଜ ପଦାର୍ଥ ଓ ବନ୍ୟପ୍ରାଣୀ ପରିବେଶ ଅଧୁନା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ବେଶ୍ ସମୁଜ୍ଜ୍ୱଳ ଓ ଗର୍ବିତ ।

ଐତିହାସିକ ମତବାଦରୁ ଅନୁମେୟ ହୁଏ ଯେ, "ଏହି ଜିଲ୍ଲାର ନାମ ଯେପରି କୌତୁହଳପ୍ରଦ, ଠିକ୍ ସେହିପରି ଏହି ଜିଲ୍ଲାର ସ୍ଥାନୀୟ ଆଦିବାସୀମାନଙ୍କ ଜୀବନଶୈଳୀ

ISSN NO.
2582-208X

ମଧ୍ୟ ବିରଳ ଓ ସ୍ୱତନ୍ତ୍ର । ଏହି ଜିଲ୍ଲାର ନାମକୁ କେନ୍ଦ୍ର କରି ଅନେକ ବିଦ୍ୱାନ ଭିନ୍ନ ଭିନ୍ନ ମତ ପୋଷଣ କରିଛନ୍ତି । Mr. R.C.S. Bellu ଙ୍କ ମତରେ କୋରାପୁଟ ଜିଲ୍ଲାର ନାମକରଣ "କୋରା-ପୁଟି" ବା "The hamlet of the Nuxvomica" ଏବଂ ଏହା ସମ୍ଭବତଃ କୌଣସି ଏକ ବୃକ୍ଷରୁ ବା ବୃକ୍ଷମାନଙ୍କରୁ ଆନୀତ । ଯାହା ଏକାଥରକେ ପ୍ରସିଦ୍ଧି ହାସଲ କରିଛି । ଏହାଛଡ଼ା ଏହି ଜିଲ୍ଲାର ଏପରି ନାମକରଣର ଦ୍ୱିତୀୟ କାରଣ ହେଲା, "ଏହା ଏକ "Karaka Pentho" ଅଞ୍ଚଳ । ଅର୍ଥାତ୍ ଏଠାରେ ପ୍ରାୟତଃ ଅଧିକାଂଶ ସମୟ ଛୋଟ ବଡ଼ ବରଫପାତ ହୋଇଥାଏ । ତତ୍‌ସହିତ ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ, "ଇତିହାସ ପ୍ରସିଦ୍ଧ ନନ୍ଦପୁର ରାଜାଙ୍କ ଶାସନ କାଳରେ, ଜଣେ "କୋରା ନାଇକ" ଗୋଟିଏ ଗ୍ରାମ ପ୍ରତିଷ୍ଠା କରିଥିଲେ । ପରେ ସେହି ଗ୍ରାମ ତାଙ୍କରି ନାମାନୁସାରେ "କୋରାପୁଟ" ହୋଇଥିଲା। ଏହି ନାମକରଣକୁ ନେଇ ତୃତୀୟ ମତାମତଟି ଏହିପରି, "କୋରା" ଶବ୍ଦର ଅର୍ଥ ଭଗବାନ ସୂର୍ଯ୍ୟ । ଏଠିକାର ସ୍ଥାନୀୟ ଜନଜାତି ଆଦିବାସୀମାନେ ସୂର୍ଯ୍ୟ ନାରାୟଣଙ୍କର ଉପାସକ । ସେହି ଦୃଷ୍ଟିରୁ ଆବହମାନ କାଳରୁ ଏହି ଜିଲ୍ଲାର ନାମ "କୋରାପୁଟ" ରଖାଯାଇଛି । ଇତିହାସକାରଙ୍କ କଥାନୁସାରେ ପ୍ରତ୍ୟୟ ହୁଏ ଯେ, "ପ୍ରାଚୀନ କାଳରେ ଏହି ଭୂଖଣ୍ଡକୁ ପୁରାଣ ପ୍ରସିଦ୍ଧ ମହାରାଜା ନଳ ଶାସନ କରୁଥିଲେ । ଶଂସିତ ସମୟରେ କୋରାପୁଟ ଜିଲ୍ଲାର ରାଜଧାନୀ ପୁଷ୍କରୀଣି ଥିଲା । ବର୍ତ୍ତମାନ ଏହା ଆଧୁନିକ ଉମରକୋଟ ନିକଟରେ ଅବସ୍ଥିତ । ପରନ୍ତୁ ମଧ୍ୟଯୁଗ କାଳରେ ନନ୍ଦପୁର ଏକ ଛୋଟ ରାଜ୍ୟରେ ପରିଣତ ହେଲା ଏବଂ ଏହି ରାଜ୍ୟକୁ ଶୀଳବଂଶୀ ରାଜାମାନେ ଶାସନ କଲେ । ପରେ ତ୍ରୟୋଦଶ ଶତାବ୍ଦୀ ବେଳକୁ କାଶ୍ମିରରୁ ଆସିଥିବା ସୂର୍ଯ୍ୟବଂଶୀ ରାଜାମାନେ ଏହି ଭୂଖଣ୍ଡକୁ ଶାସନ କଲେ । ଏମାନଙ୍କ ଅନ୍ତେ ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ ମହାରାଜା 'ବୀର ବିକ୍ରମଦେବ' ନିଜର ରାଜଧାନୀ ଜୟପୁରକୁ ସ୍ଥାନାନ୍ତରିତ କଲେ ।

ପୁନଶ୍ଚ କୋରାପୁଟ ଜିଲ୍ଲାରେ ଅବସ୍ଥିତ ଅନ୍ୟ କେତେଗୁଡ଼ିଏ ଦର୍ଶନୀୟ ଓ ପର୍ଯ୍ୟଟନସ୍ଥଳକୁ ଛାଡ଼ିଦେଲେ ବାକି ଆଉ ସବୁ ପ୍ରାୟତଃ ସ୍ୱସ୍ୱ ସ୍ଥିତି ନେଇ ଖୁବ୍ ପ୍ରସିଦ୍ଧ । ଏହିପରି କହିବାର ଅଭିପ୍ରାୟ ହେଲା ଯେ, କୋରାପୁଟ ଜିଲ୍ଲାର ଅବସ୍ଥାପିତ କେତେଗୁଡ଼ିଏ ପର୍ଯ୍ୟଟନସ୍ଥଳର ଉପମା ଦେବା ବଡ଼ କାଠିକର ପାଠ । ଯେପରି ଓଡ଼ିଶାର ସର୍ବୋଚ୍ଚ ଉଚ୍ଚତା ବିଶିଷ୍ଟ ଗିରିଶୃଙ୍ଗ ବା ପାର୍ବତ୍ୟମାଳା ଦେଓମାଳି । ଅର୍ଥାତ୍ ଦେଓମାଳିକୁ ଛାଡ଼ିଦେଲେ ଆହୁରି ଅନେକ ବିଶ୍ୱବିଖ୍ୟାତ ଦର୍ଶନୀୟ ସ୍ଥାନର ପ୍ରାକୃତିକ ଶୋଭା ଓ ଛବି "ସ୍ୱର୍ଗର ନନ୍ଦନକାନନ" ସହ ତୁଳନୀୟ ଅଟେ । ଫଳତଃ ଏଗୁଡ଼ିକର ପ୍ରତିଛବିରେ ଆକୃଷ୍ଟ ହୋଇ ପର୍ଯ୍ୟଟକମାନେ

ISSN NO.
2582-208X

ଅତିଶୟ ଆବେଗରେ ମସ୍‌ଗୁଲ୍ ହୋଇ ଆତ୍ମହରା ହୋଇଉଠନ୍ତି । ଅନୁଭବ କରନ୍ତି ଅପାର ଆତ୍ମତୃପ୍ତି । ଏଇଥିପାଇଁ କୋରାପୁଟକୁ ଓଡ଼ିଶାର 'ଭୂସ୍ୱର୍ଗ' କୁହାଯାଏ ।

କୋରାପୁଟକୁ ଓଡ଼ିଶାର 'ଭୂସ୍ୱର୍ଗ' ଅବିହିତ କରାଯିବାର ସମସ୍ତ ଶ୍ରେୟ କେବଳ ଦେଓମାଳି ଗିରିଶୃଙ୍ଗର ଅସରନ୍ତି ଉପମାକୁ ପ୍ରଦାନ କରାଯାଇଛି । ଦେଓମାଳି ପର୍ବତମାଳାକୁ ଏପରି ମାନ୍ୟତା ପ୍ରଦାନ ନିଶ୍ଚିତ ଭାବେ ଓଡ଼ିଶା ନିମିତ୍ତ ଗର୍ବ ଗୌରବର ବିଷୟ । ତେଣୁ ଓଡ଼ିଶାର ଅନ୍ୟ ଜିଲ୍ଲା ତୁଳନାରେ ପ୍ରକୃତିଦତ୍ତ ରୂପ ଲାବଣ୍ୟରେ ପରିପୂର୍ଣ୍ଣ କୋରାପୁଟ ଜିଲ୍ଲାର ପ୍ରାକୃତି ସୌନ୍ଦର୍ଯ୍ୟ ସ୍ୱତନ୍ତ୍ର ଓ ନିଆରା ଓ ଅବର୍ଣ୍ଣନୀୟ । ଅର୍ଥାତ୍ ନିଆରା ପଣରେ ସମ୍ପୂର୍ଣ୍ଣ ଭିନ୍ନରେ ଭିନ୍ନ ଅଟେ ଏହି 'ଭୂସ୍ୱର୍ଗରୂପୀ' କୋରାପୁଟ ଜିଲ୍ଲା ।

ଯଦିଓ ଓଡ଼ିଶାର ଧାର୍ମିକ ପର୍ଯ୍ୟଟନସ୍ଥଳୀ ବିଶ୍ୱରେ ସ୍ୱତନ୍ତ୍ର ଆସନରେ ଆସୀନା । ତଥାପି କେଉଁଠି ନା କେଉଁଠି ଏହିସବୁକୁ ସ୍ୱତନ୍ତ୍ରତା ପ୍ରଦାନ କରିବାରେ ଟାଳଟୁଳ ନୀତି ପ୍ରଦର୍ଶନ କରାଯାଉଛି । ଏହି ବୈମାତୃକ ଭାବନା ଅତ୍ୟନ୍ତ କ୍ଷୋଭର ବିଷୟ ବର୍ତ୍ତମାନ ପାଲଟିଯାଇଛି। ପରନ୍ତୁ ଭାରତବର୍ଷର ସମଗ୍ର ପୂର୍ବଘାଟ ପାର୍ବତ୍ୟମାଳାରେ ଅବସ୍ଥିତ ଦେଓମାଳି ଗିରିଶୃଙ୍ଗ ଇତିହାସ ଓ ପୁରାଣ ପ୍ରସିଦ୍ଧ । ଶାବରକ୍ଷେତ୍ର କୋରାପୁଟ ଜିଲ୍ଲାର 'ପଟାଙ୍ଗୀ' ବ୍ଲକ୍‌ର ଅବସ୍ଥିତ ବୁଧାରୀ ଗ୍ରାମଠାରେ 'ଦେଓମାଳି' ଅବସ୍ଥାନ କରି ଓଡ଼ିଶାର ଶୋଭାବର୍ଦ୍ଧନ କରିଆସୁଛି କହିଲେ ଅତ୍ୟୁକ୍ତି ହେବନାହିଁ । ଦେଓମାଳି-କୋରାପୁଟ ଜିଲ୍ଲାର ହୃଦୟ କୁହାଯାଉଥିବା ଦେଓମାଳି ଗିରିଶୃଙ୍ଗ ଏକ ପ୍ରମୁଖ ଶୈଳନିବାସ ରୂପେ ବିଶ୍ୱପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି । ଏହି ଗିରିଶୃଙ୍ଗର ଇତିହାସ ମଧ୍ୟ ବେଶ୍ ପ୍ରାଚୀନ ତଥା ଇତିହାସ ମୂଳକ ପ୍ରସଙ୍ଗ ମଧ୍ୟ ବେଶ୍ ବିରଳ ଦୃଷ୍ଟାନ୍ତ । କହିବା ବାହୁଲ୍ୟ ଯେ, ଓଡ଼ିଶାର କୋରାପୁଟ ଜିଲ୍ଲାର ଅନେକ ଦର୍ଶନୀୟ ସ୍ଥାନ ଦେଓମାଳିର ପ୍ରକୃତିଦତ୍ତ ଶୋଭାରାଜିର ଆଢୁଆଳରେ ଲୁକାୟିତ ଅବସ୍ଥାରେ ରହିଯାଇଛି କହିଲେ ଠିକ୍ ହେବ । ଯାହା ସବୁଜିମା ଭରା ଦେଓମାଳିର ଗର୍ଭଗୃହରୁ ଏଯାବତ୍ ଲୋକଲୋଚନକୁ ଆସିପାରିନାହିଁ । ଏକଥା ମଧ୍ୟ ସତ୍ୟ ଯେ "ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଓଡ଼ିଶାର ଏହି ଲୁକାୟିତ କଳା, ସ୍ଥାପତ୍ୟ, ଐତିହ୍ୟର କୀର୍ତ୍ତିରାଜିର ଗନ୍ତାଘର କୁହାଯାଉଥିବା ଏକ ଦର୍ଶନୀୟ ସ୍ଥାନ ଗୁଡ଼ିକର ଅପାଶୋରା ଦୃଶ୍ୟରାଜି ବେଶ୍ ହୃଦୟଗ୍ରାହୀ ଏବଂ ଆକର୍ଷଣୀୟ ।

ଅଧିକନ୍ତୁ ଏ କ୍ଷେତ୍ରରେ ଏତିକି କୁହାଯାଇପାରେ ଯେ, ସ୍ୱଚକ୍ଷୁରେ କୋରାପୁଟ ଜିଲ୍ଲାର ମନଲୋଭା ଛବି ନଦେଖିଲା ଯାଏଁ, କର୍ଣ୍ଣରେ କେବଳ ଶୁଣି ପରତେ ଯାଏନା । ତଥାପି

ISSN NO.
2582-208X

ଅପୂର୍ବ ଓ ବିଚିତ୍ର ମନେ ହେଉଥିବା ରୋମାଞ୍ଚକର ରୂପ ଲାବଣ୍ୟକୁ କେବଳ ଅନୁଭବ ଓ ଅବଗତ କରିହୁଏ କାୟମନୋବାକ୍ୟରେ ବିନା ଚକ୍ଷୁରେ ।

ଅଧିକନ୍ତୁ ଇତିହାସପୃଷ୍ଠାରେ ଉଲ୍ଲେଖ ଥିବା ପ୍ରସଙ୍ଗ ଦେଖିଲେ ବିଶ୍ୱ ଦରବାରରେ ଓଡ଼ିଶାର ନାମ ରୋଷନ କରିବାର ସମସ୍ତ ଶ୍ରେୟ କୋରାପୁଟର କୁଳଗିରି ଦେଓମାଳିକୁ ପ୍ରଦାନ କରାଯାଇଛି । କାରଣ ପ୍ରାୟତଃ ଏହି ଜିଲ୍ଲାର ସଂସ୍କୃତି, କଳା ସ୍ଥାପତ୍ୟ, ଐତିହ୍ୟ ଓଡ଼ିଶାର ପ୍ରସିଦ୍ଧିରେ ଊଣା ଅଧିକେ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଦେଓମାଳି ଓଡ଼ିଶାର ଉଚ୍ଚତ୍ତମ ଗିରିଶୃଙ୍ଗ ମଧ୍ୟ ଓଡ଼ିଶାର ଗର୍ବ ଓ ଗୌରବ । ଏହି ପାର୍ବତ୍ୟଗିରିର ଅବସ୍ଥିତି ପ୍ରାୟତଃ ସମୁଦ୍ରପତନଠାରୁ ୫.୪୮୬ ଫୁଟ ଉଚ୍ଚରେ ଅବସ୍ଥିତ । ଅର୍ଥାତ୍ ଏହାର ଉଚ୍ଚତା ୧.୬୭୨୩ ମିଟର ଉଚ୍ଚ । କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ୍ର ବଧାରୀ ଗ୍ରାମ ନିକଟରେ ଦଣ୍ଡାୟମାନ । ଭାରତର ପୂର୍ବଘାଟ ପର୍ବତମାଳାରେ ଅବସ୍ଥିତ ଦେଓମାଳି ଗ୍ରୀଷ୍ମ ନିବାସର ବିସ୍ତୃତି ସୁଦୂର ପ୍ରସାରୀ କହିଲେ ଠିକ୍ ହେବ । ସମ୍ପୂର୍ଣ୍ଣ ପୂର୍ବଘାଟ ଅଞ୍ଚଳରେ ଦେଓମାଳି ପର୍ବତଶ୍ରେଣୀ ବିସ୍ତାର ଲାଭ କରିଛି ।

କେବଳ ଓଡ଼ିଶାର ପ୍ରଥମ ଉଚ୍ଚତମ ଗିରିଶୃଙ୍ଗ ନୁହେଁ ଦେଓମାଳି । ଭାରତବର୍ଷର ସମଗ୍ର ପୂର୍ବଘାଟ ପାର୍ବତ୍ୟ ଅଞ୍ଚଳରେ ଅବସ୍ଥିତ ସମସ୍ତ ଗିରିଶୃଙ୍ଗ ମଧ୍ୟରୁ ଉଚ୍ଚତ୍ତମ ଗିରିଶୃଙ୍ଗର ମାନ୍ୟତା ପାଇଛି ଦେଓମାଳି । ଓଡ଼ିଶାର 'ଗୁପ୍ତ ରତ୍ନ ଭଣ୍ଡାର' ବା 'ଗୁପ୍ତ ରତ୍ନର ଗନ୍ତାଘର' କୁହାଯାଏ । ଏହାଠାରୁ ୭୦ କିଲୋମିଟର ଦୂରରେ କୋରାପୁଟ ସହର- ଅବସ୍ଥିତ । ଅର୍ଥାତ୍ କୋରାପୁଟ ଜିଲ୍ଲାଠାରୁ ୭୦ କିଲୋମିଟର ଦୂରରେ ଦେଓମାଳୀ ପର୍ବତ ଅବସ୍ଥିତ । ଏହାର ଅନ୍ୟନାମ 'ତ୍ରିଯୁଣ୍ଡ' । ଓଡ଼ିଶାର 'ତ୍ରିଯୁଣ୍ଡ' ॥

ଚିର ହରିତବର୍ଣ୍ଣା ଦେଓମାଳୀ ଗିରିଶୃଙ୍ଗ ଘଞ୍ଚ ଅରଣରେ ବେଷ୍ଟିତ । ଯାବତୀୟ ଖଣିଜ ପଦାର୍ଥର ଗନ୍ତାଘର ଇଏ । ଏତଦଭିନ୍ନ ଏଠାରେ ମିଳେ ପ୍ରଚୁର ପରିମାଣରେ ପ୍ରାକୃତିକ ସମ୍ବଳ । ଯଥା- ବକ୍ସସାଇଟ, ଚୂନପଥର, ରତ୍ନପଥର, ବିଭିନ୍ନ ଜାତିର ବନ୍ୟପ୍ରାଣୀ ତଥା ବହୁମୂଲ୍ୟବାନ ଔଷଧୀୟ ଗୁଳ୍ମ ଓ ବୃକ୍ଷ ଇତ୍ୟାଦି ଇତ୍ୟାଦି । ଏହାଛଡ଼ା ଅନେକ ପ୍ରଜାତିର ଜନଜାତି ଆଦିବାସୀ ମଧ୍ୟ ଏଠାରେ ବାସ କରନ୍ତି । ସେମାନେ ହେଲେ ପରଜା, କନ୍ଧ, ଭୂଇଁଆ, ମାଳୀ ତଥା ଭୁତିଆ । ଏହି ପର୍ବତମାଳାରେ ବିରାଟ ବିରାଟ ଜଳପ୍ରପାତ ମଧ୍ୟ ଦେଖିବାକୁ ମିଳେ ।

ISSN NO.
2582-208X

କହିବା ବାହୁଲ୍ୟ ଯେ, କେବଳ ଏହା ପର୍ଯ୍ୟଟନସ୍ଥଳୀ ରୂପେ ପ୍ରସିଦ୍ଧି ଲାଭ କରିନାହିଁ । ଦେଓମାଳୀ ଖେଳାଳୀ ମାନଙ୍କର ମଧ୍ୟ ଏକ ପ୍ରିୟ କ୍ରୀଡ଼ାକ୍ଷେତ୍ର ରୂପେ ଜଣାଶୁଣା । ଏଠାରେ ପର୍ବତାରୋହଣ ଏବଂ ଟ୍ରେକିଙ୍ଗ୍ ମଧ୍ୟ ସୁବିଧା ଅଛି । ଏହିସବୁ ଖେଳ ପାଇଁ ଏଠି ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି । ଅଧିକନ୍ତୁ କୋରାପୁଟ ଜିଲ୍ଲାର ଦେଓମାଳୀ ଗିରଶୃଙ୍ଗର ଆକର୍ଷଣ ଏଇଥିପାଇଁ ସ୍ୱତନ୍ତ୍ର ଓ ଅନନ୍ୟ ହେଲେ ହେଁ ବିଶ୍ୱପର୍ଯ୍ୟଟନ ତାଲିକାରେ ଏହାର ନୈସ୍ୱର୍ଗିକ ପ୍ରାକୃତିକ ଶୋଭା ଓ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବିମୋହତ କରିବାରେ କୌଣସି ଅସର ଛାଡ଼ି ନଥିବାର ଦେଖିବାକୁ ମିଳେନାହିଁ । ଅତଃ ପର୍ଯ୍ୟଟକଙ୍କ ନିକଟରେ ଦେଓମାଳୀ ସ୍ୱତନ୍ତ୍ର ଓ ଅନନ୍ୟ ଏବଂ ଓଡ଼ିଶାର 'ଭୂସ୍ୱର୍ଗ' । ଏମିତିରେ କହିବାକୁ ଗଲେ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ର ବେଶ୍ ବିଶାଳ । ଅଦ୍ୟାବଧି ୩୪୦ଗୋଟି ସ୍ୱୀକୃତିପ୍ରାପ୍ତ ପର୍ଯ୍ୟଟନସ୍ଥଳକୁ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ଗ୍ରହଣ କରାଯାଇଛି । ସେଥିମଧ୍ୟରୁ କୋରାପୁଟ ଜିଲ୍ଲାର କୁଳଗିରି ଦେଓମାଳୀ ଗିରିଶୃଙ୍ଗ ଅନ୍ୟତମ ।

ଯଦ୍ୟାପି ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀର କିଛି ନା କିଛି ଐତିହାସିକ, ପାରମ୍ପରିକ ମହାନତା ରହିଆସିଛି । ତେଣୁ ବିଶ୍ୱପ୍ରସିଦ୍ଧ ଦେଓମାଳୀ ଗିରିଶୃଙ୍ଗ ଏଥିରୁ ବାଦ୍ ପଡ଼ିନି । ସେଇ ଦୃଷ୍ଟିରୁ ଦେଖିଲେ କୋରାପୁଟ ଜିଲ୍ଲାର କେତେକ ଦର୍ଶନୀୟ ସ୍ଥାନ ଓ ପର୍ଯ୍ୟଟନ କେନ୍ଦ୍ର ଲୋକପ୍ରିୟତା ଦୃଷ୍ଟିରୁ ବିଶ୍ୱ ମାନ୍ୟତା ପାଇବାକୁ ଯୋଗ୍ୟତା ହାସଲ କରିଛି । ସେଥିମଧ୍ୟରୁ 'କୋରାପୁଟର ଗର୍ବ' କୁହାଯାଉଥିବା ଦେଓମାଳୀ ଗିରିଶୃଙ୍ଗ ଗୋଟିଏ । ଏହାର ଶିଖର ପ୍ରଦେଶରୁ ଝର ଝର ହୋଇ ଝରିପଡୁଥିବା ହତଚକିତ କଲାଭଳି ଜଳପ୍ରପାତ ଏବଂ କୁଳୁକୁଳୁ ନାଦ କରି ବୋହିଯାଉଥିବା ନିର୍ଝରିଣୀ । ଆହୁରି ମଧ୍ୟ ଦେଓମାଳୀ ଶିଖର ପ୍ରଦେଶରେ ଥିବା ସମତଳ ଭୂମିରେ ଛିଡ଼ାହୋଇ ଚତୁର୍ଦ୍ଦିଗକୁ ଚାହିଁଲେ ଦୃଶ୍ୟ ହୁଏ ଅନେକ ଗୁଡ଼ିଏ ପର୍ବତଶ୍ରେଣୀ ଛନ୍ଦାଛନ୍ଦି ରୂପ । ଯାହା ବିସ୍ତାରିତ ଦୂରକୁ ଆଉ ଦୂରକୁ । ସୁତରାଂ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଦେଓମାଳୀ ଗିରିମାଳା ଜନଆଦୃତ ଲାଭ କରିବା ସହ ଏହାର ଚିତାକର୍ଷକ ଓ ମନମୋହକ ଦୃଶ୍ୟରାଜି ଜନମାନସକୁ ଏପରି ଭାବେ ଆକୃଷ୍ଟ କରିଛି ଯେ, ବର୍ଷ ତମାମ୍ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହାର ଅତ୍ୟୁତ୍ତମ ଉପମା ରହିତ ମାଧୁର୍ଯ୍ୟକୁ ଉପଭୋଗ କରିବାକୁ ଏଠାକୁ ଧାଇଁ ଆସିଥାନ୍ତି ।

ପୁନଃ ଏହାର ଆନନ୍ଦଦାୟକ ଶାନ୍ତଶୀତଳ ପରିବେଶ ଓ ବାତାବରଣ ବେଶ୍ ଉପଭୋଗ୍ୟ ଏବଂ ପରିସ୍ଫୁଟ । ଯାହା ପର୍ଯ୍ୟଟକଙ୍କୁ ଭରପୁର ମନୋରଞ୍ଜନ ପ୍ରଦାନ କରି ସେମାନଙ୍କ

ISSN NO.
2582-208X

ମାନସିକ ଅବସାଦକୁ ବା ଦୁଃଶ୍ଚିନ୍ତାକୁ ଲାଘବ କରିବାରେ ସହାୟକ ହୋଇଥାଏ । ଏକ ଶୈଳନିବାସ ବା ଗ୍ରୀଷ୍ମ ନିବାସ ଯାହାର ପାରିପାର୍ଶ୍ୱିକ ପରିବେଷ୍ଟନୀର ସୌନ୍ଦର୍ଯ୍ୟତାରେ ଆତ୍ମବିଭୋର ହୋଇ ପ୍ରକୃତିପ୍ରେମୀ ଓ ଭ୍ରମଣପ୍ରିୟ ପର୍ଯ୍ୟଟକମାନେ ପ୍ରକୃତି ରୂପକ ତୃଷାକୁ ନିବାରଣ କରିଥାନ୍ତି । ଅତଃ ଦେଓମାଳୀ ହେଉଛି ପ୍ରାକୃତିକ ଶୋଭାର ଅସରନ୍ତି ଭଣ୍ଡାର ଯାହା ଚୁମ୍ବକ ସଦୃଶ ପର୍ଯ୍ୟଟକଙ୍କୁ ଆକର୍ଷିତ କରି ନିଜଆଡ଼କୁ ଟାଣି ଆଣିବାରେ ଆଦୌ ଅବହେଳା କରେନି । ଦେଓମାଳୀ ଗିରିଶୃଙ୍ଗର ପ୍ରାକୃତିକ ଶୋଭା ସତରେ ଅବର୍ଣ୍ଣନୀୟ ଓ ଅକଳ୍ପନୀୟ ।

ଏହା ସତ୍ତ୍ୱେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ଆହୁରି ଅନେକ ଶୋଭାବର୍ଦ୍ଧନକାରୀ ପର୍ଯ୍ୟଟନସ୍ଥଳୀ ରହିଛି । ଯାହାର ଦୁର୍ବାର ଆକର୍ଷଣରେ ମତୁଆଲା ହୋଇ ପର୍ଯ୍ୟଟକ ପର୍ବତାରୋହଣ ଏବଂ ଶ୍ରଦ୍ଧାଳୁମାନେ ପାଗଳ ପ୍ରାୟେ ଧାଇଁ ଆସନ୍ତି ଦୁର୍ଗମ ଅପହଞ୍ଚ କୋରାପୁଟ ଜିଲ୍ଲାକୁ ପ୍ରାୟତଃ ବର୍ଷର ଅଧିକାଂଶ ସମୟ ଦେଓମାଳୀ ବରଫ ସଦୃଶ୍ୟ ସୁଶୀତଳ ରହୁଥିବାରୁ ପର୍ଯ୍ୟଟକଙ୍କୁ ମନ୍ତ୍ରମୁଗ୍ଧ କରିଥାଏ ।

ଗୁପ୍ତେଶ୍ୱର ମନ୍ଦିର:- ଦେଓମାଳୀ ଗିରିମାଳାର ଏହି ଐତିହାସିକ ସ୍ଥାନଟିର ବାସ୍ତୁକଳା, ସ୍ଥାପତ୍ୟ, ଐତିହ୍ୟ ବେଶ୍ ଉଚ୍ଚକୋଟୀର । ଭଗବାନ ଶିବ ଶଙ୍କରଙ୍କୁ ଏହି ମନ୍ଦିର ସମର୍ପିତ। ପ୍ରାୟତଃ ବର୍ଷକୁ ଦୁଇ, ତିନୋଟି ମେଳା ଏଠାରେ ଅନୁଷ୍ଠିତ ହୋଇଥାଏ । ଉନ୍ନତ ବାସ୍ତୁକଳାରେ ପରିପୂର୍ଣ୍ଣ ଗୁପ୍ତେଶ୍ୱର ମନ୍ଦିରଟି ଦେଓମାଳୀ ଗିରିଶୃଙ୍ଗର ପାଦଦେଶରେ ଅବସ୍ଥିତ । ଏହି ମନ୍ଦିରରେ ଭଗବାନ ଶଙ୍କର ଏକ ଗୁମ୍ଫାଠାରେ ବିରାଜମାନ କରିଛନ୍ତି । କାରୁକାର୍ଯ୍ୟ ବିମଣ୍ଡିତ ଏହି ଶୈବପୀଠ ଶୈବସଂସ୍କୃତିର ବାର୍ତ୍ତାବହ । ତତ୍ ସହିତ ଭାରତର ପୂର୍ବଘାଟ ଇଲାକାରେ ଅବସ୍ଥିତ ପୂର୍ବାଞ୍ଚଳର ଅନ୍ୟତମ ଶୈବପୀଠ । ବିଶେଷ କରି ଶିବରାତ୍ରୀ ଓ ସଂକ୍ରାନ୍ତି ଦିନ ଏଠାରେ ଜନସମାଗମ ସର୍ବାଧିକ ।

ପ୍ରାୟତଃ ଭକ୍ତମାନେ ଦେଓମାଳୀ ପର୍ବତମାଳାର ମନୋଜ୍ଞ ପରିବେଶକୁ ଉପଭୋଗ କରିବା ଉଦ୍ଦେଶ୍ୟରେ ଆସିଥିଲେ ସୁଦ୍ଧା ମହାପ୍ରଭୁ ଗୁପ୍ତେଶ୍ୱରଙ୍କ ଦର୍ଶନ ଓ ପ୍ରସାଦ ସେବନକୁ ଭୁଲି ନଥାନ୍ତି । ସବୁ ଦର୍ଶନୀୟ ସ୍ଥାନ ଦେଖିବା ସହ ପ୍ରଭୁଙ୍କ ଦର୍ଶନ କରି ପ୍ରସାଦ ସେବନ କଲାପରେ ସେମାନେ ଆତ୍ମିକ ତୃପ୍ତି ଲାଭ କରିଥା'ନ୍ତି । ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଏହି ମନ୍ଦିରର କଳା, ସ୍ଥାପତ୍ୟ ଓ ନିର୍ମାଣ ଶୈଳୀ ବେଶ୍ ଉଚ୍ଚକୋଟୀର ତଥା ମଞ୍ଜୁଳ

ISSN NO.
2582-208X

ମନେ ହୁଏ । ବିଶେଷ କରି "Sco-Tourism and trekking" ନିମିତ୍ତ ଏହି ଗିରିଶୃଙ୍ଗ ବିଶ୍ୱପ୍ରସିଦ୍ଧ ।

ସାଧାରଣତଃ ସବୁ ପାର୍ବତ୍ୟାଞ୍ଚଳ ଭଳି ଦେଓମାଳୀ ପର୍ବତର ଉପରିଭାଗ ସମତଳ ଏବଂ ଏହାର ଦୃଶ୍ୟ ଅତ୍ୟନ୍ତ ମନମୋହକ ଓ ଚିତ୍ତାକର୍ଷକ । ତତ୍ ସହିତ ଭସା ବାଦଲର ଧବଳ ରୂପକାନ୍ତି ଦେଓମାଳୀ ପର୍ବତର ଶୋଭା ବର୍ଦ୍ଧନକାରୀ କହିଲେ ଠିକ୍ ହେବ । ଶାନ୍ତ ସୁଶୀତଳ ମୃଦୁ ମଳୟ ପବନ ସ୍ପର୍ଶ ଦେହରେ ଅପୂର୍ବ ଶିହରଣ ସୃଷ୍ଟି କରିଥାଏ । ବେଶ୍ ନିଆରା ଏହି ଅନୁଭୂତି । ପ୍ରାୟତଃ ଦେଓମାଳୀ ଗିରିଶୃଙ୍ଗ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ହିମାଳୟ ପର୍ବତ ସହ ତୁଳନୀୟ ।

ପୁଟ୍ଟଶୀଳ ଉପତ୍ୟକା:- ଏହି ସୌନ୍ଦର୍ଯ୍ୟମୟୀ ଉପତ୍ୟକାର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ପ୍ରକୃତିର ସମସ୍ତ ସୌନ୍ଦର୍ଯ୍ୟ ଯେପରି ଏହି ଉପତ୍ୟକାରେ ସମାହିତ ମନେହୁଏ । ଏହି ଉପତ୍ୟକାର ବିସ୍ତୃତ କଳାହାଣ୍ଡି ଜିଲ୍ଲା ପର୍ଯ୍ୟନ୍ତ ଲାଗିରହିଛି । ସାଧାରଣତଃ ପାହାଡ଼ ପର୍ବତ ଓ ଚିରସବୁଜ ବନାନୀ ଘେରା ମନୋଜ୍ଞ ବାତାବରଣ ଦର୍ଶକମାନଙ୍କୁ ଏଠାକୁ ଆସିବାକୁ ଆକର୍ଷିତ କରିଥାଏ । ତେଣୁ ପର୍ଯ୍ୟଟକମାନେ କୋରାପୁଟ ଜିଲ୍ଲାର ଏହି ଦର୍ଶନୀୟ ସ୍ଥାନକୁ ଉପଭୋଗ କରିବାକୁ ଆଦୌ ଭୁଲିନଥାନ୍ତି । ତେଣୁ କୋରାପୁଟ ଜିଲ୍ଲା ଭ୍ରମଣରେ ଆସିଲେ ଏହି ସ୍ଥାନକୁ ନିଶ୍ଚିନ୍ତ ଆସିଥାନ୍ତି ।

ଡୁମୁଡୁମା ଜଳପ୍ରପାତ:- ଏହି ଆକର୍ଷଣୀୟ ଜଳପ୍ରପାତ ଦେଓମାଳୀ ପର୍ବତ ନିକଟରେ ଅବସ୍ଥିତ ମାଛକୁଣ୍ଡ ନଦୀରେ ପଡ଼ିଅଛି । ଚିର ସବୁଜିମାଭରା ଘଞ୍ଚ ଜଙ୍ଗଲ ଏବଂ ଚିତାକର୍ଷକ ଭୂଖଣ୍ଡ ଓ ଡୁମୁଡୁମା ଜଳ ପ୍ରପାତର ମନୋରମ ଦୃଶ୍ୟ ସତରେ ପର୍ଯ୍ୟଟକମାନଙ୍କୁ ହତଚକିତ କରିଥାଏ । ଏହାର ଦୃଶ୍ୟ ଏତେ ହୃଦୟଗ୍ରାହୀ ଯେ ଥରଟିଏ ଯିଏ ଏହାର ଅପରୂପ ଦୃଶ୍ୟକୁ ଅବଲୋକନ କରିଛି ଶେଷ ଜୀବନ ଯାଏଁ ଏହି ଦୃଶ୍ୟ ଭୁଲିପାରିବ ନାହିଁ । ଏହି ଜଳପ୍ରପାତ ଏକ ଭବ୍ୟ ଓ ଶାନଦାର ଜଳପ୍ରପାତ । ଏହି ଜଳପ୍ରପାତ ହେଉଛି ପୁରାଣ ପ୍ରସିଦ୍ଧ,କୋରାପୁଟ ସହର-ଦେଓମାଳୀ ଗିରିଶୃଙ୍ଗ ପାଦଦେଶରେ କୋରାପୁଟ ସହରରେ ଅବସ୍ଥିତ । ସାଧାରଣତଃ ୭୦ କିଲୋମିଟର ଏହାର ଦୂରତା । ଅତ୍ୟନ୍ତ ଚାକଚକ୍ୟଭରା ସହରଟିର ପ୍ରାଚୀନ ସଂସ୍କୃତି ଓ ପରମ୍ପରା, କଳା ଓ ସ୍ଥାପତ୍ୟ, ଐତିହ୍ୟ ଓ ଐଶ୍ୱର୍ଯ୍ୟ ବେଶ୍ ସମୃଦ୍ଧଶାଳୀ । ପ୍ରାୟତଃ ଏହି ସହରର ଅବସ୍ଥିତି କେତେଗୁଡ଼ିଏ ସର୍ବପୁରାତନ ମନ୍ଦିର ଓ ସ୍ମାରକସ୍ଥଳକୁ ନେଇ ପରିସ୍ଫୁଟ । ତେଣୁ ବର୍ଷତମାମ୍

ISSN NO.
2582-208X

ଏହାକୁ ଅବଲୋକନ କରିବା ନିମିତ୍ତ ପର୍ଯ୍ୟଟକମାନେ ଏହି ରମଣୀୟ ସ୍ଥାନକୁ ଆସିଥାନ୍ତି । ଏତଦ୍‌ବ୍ୟତୀତ ଏହି ସହରରେ ଅବସ୍ଥିତ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥ ମନ୍ଦିର ଅନ୍ୟ ଏକ ଆକର୍ଷଣ ଅଟେ । ଏହି ସହରର ଅନ୍ୟ ଏକ ବିଶେଷ ଆକର୍ଷଣ ହେଉଛି ବଳଦା ଗୁମ୍ଫା । ପଥର ଖୋଦେଇ କାରୁକାର୍ଯ୍ୟ ପାଇଁ ଏହି ଗୁମ୍ଫାର ପରିଚୟ ବିଶ୍ୱଜନାଦୃତ ।

ନନ୍ଦପୁର:- ନନ୍ଦପୁର ବ୍ଲକ୍ କୋରାପୁଟ ଜିଲ୍ଲାର ସଦର ମହକୁମାରେ ଅବସ୍ଥିତ । ଅତ୍ୟନ୍ତ ପ୍ରାଚୀନ ଏହି ବ୍ଲକ୍‌ଟିରେ ଅନେକ ଗୁଡ଼ିଏ ରାଜାରାଜୁଡ଼ା ଅମଳର ମନ୍ଦିର ଅଛି । ତେଣୁ ଏହି ବ୍ଲକ୍‌କୁ 'ମନ୍ଦିର ମାଳିନୀ' ବ୍ଲକ୍ ବୋଲି ଅଭିହିତ କରାଯାଇଛି । ବାସ୍ତୁ କଳା ପରିପୂର୍ଣ୍ଣ କୀର୍ତ୍ତିରାଜରେ ଭରା ନନ୍ଦପୁର ଏକ ଐତିହ୍ୟ ସମ୍ପନ୍ନ ସ୍ଥାନ ବୋଲି ବିଦ୍ୱାନମାନେ ମତପୋଷଣ କରନ୍ତି । ଯଦିଓ ରକ୍ଷଣାବେକ୍ଷଣ ଅଭାବରୁ ଅନେକ କିର୍ତ୍ତୀରାଜି ବର୍ତ୍ତମାନ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ରହିଛି । ତଥାପି ଏହି ବ୍ଲକ୍‌ର ଅଧିକାଂଶମାନଙ୍କ ଆପ୍ରାଣ ଉଦ୍ୟମରେ ଅନେକ .... ମନ୍ଦିର ତା'ର ପୂର୍ବସ୍ଥିତି ଫେରିପାଇଛି । ଏହିପରି ଏକ ଅନନ୍ୟ ମନ୍ଦିର ହେଉଛି ମହାବୀର ହନୁମାନ ମନ୍ଦିର । ଦେଖାଶୁଣା ଅଭାବରୁ ଏହି ମନ୍ଦିରର କଳେବର ସମ୍ପୂର୍ଣ୍ଣ ବଳଦିଯାଇଛି କହିଲେ ଚଳେ । ମନ୍ଦିର ମାଳିନୀ ବାନା ଉଡ଼ାଉଥିବା ନନ୍ଦପୁର ବ୍ଲକ୍ ରେ ଏହି ଐତିହ୍ୟ ସମ୍ପନ୍ନ ମନ୍ଦିରଟିକୁ ଦେଖିଲେ ମନରେ କ୍ଷୋଭ ଜାତ ହୁଏ। ସତରେ ଅନନ୍ୟ ଏହି ମନ୍ଦିର ମାନଙ୍କର କାରୁକାର୍ଯ୍ୟପୂର୍ଣ୍ଣ ନିର୍ମାଣ ଶୈଳୀ । ଏହି ବ୍ଲକ୍‌ରେ ଥିବା ଅନ୍ୟ ସବୁ ମନ୍ଦିର ହେଲା ଯଥା- ଗଣେଶ ମନ୍ଦିର, ରାଧାମୋହନ ମନ୍ଦିର, ନିଲାଣ୍ଡେଶ୍ୱର ମନ୍ଦିର, ଦୁଆରଶୁଣି ମନ୍ଦିର ଓ ମହାବୀର ହନୁମାନ ମନ୍ଦିର । ସ୍ଥାନୀୟ ବ୍ଲକ୍‌ବାସୀଙ୍କ ଦୃଢ଼ ଆତ୍ମବିଶ୍ୱାସ ଓ ନିଷ୍ଠାପର ପ୍ରଖର ପ୍ରୟାସ ଯୋଗୁଁ ଏବେ ଏହିସବୁ ମନ୍ଦିର ଗୁଡ଼ିକର ରକ୍ଷଣାବେକ୍ଷଣରେ ଉନ୍ନତି ପରିଲକ୍ଷିତ ହୋଇଆସୁଛି ।

ପାର୍ବଣଋତୁ ଅର୍ଥାତ୍ ଆଶ୍ୱିନ ମାସର ଆଗମନରେ ଚଳଚଞ୍ଚଳ ହୋଇଉଠେ କୋରାପୁଟର ନନ୍ଦପୁର ବ୍ଲକ୍ । ଜୟପୁର ରାଜାଙ୍କ ଇଷ୍ଟଦେବୀ ରୂପେ ପରିଚିତ ରାଣୀ ଡୁଡୁମାଙ୍କ ପରିସର ସ୍ଥିତ ତିନି ଭୈରବଙ୍କର ମହିମା ବେଶ୍ ପ୍ରସିଦ୍ଧ । କଥିତ ଅଛି ଯେ, ନନ୍ଦପୁର ରାଜବଂଶ ଯେତେବେଳେ ଜୟପୁରକୁ ଆସିଲେ, ସେ ସମୟରେ ରାଜା ନିଜ ସହିତ କନକଦୁର୍ଗାଙ୍କୁ ଆଣି ଜୟପୁରରେ ପ୍ରତିଷ୍ଠା କରିଥିଲେ । ଇତିହାସପ୍ରସିଦ୍ଧ ତିନି ଭୈରବ ପୀଠର ଇତିହାସ ମଧ୍ୟ ବେଶ୍ ରୋମାଞ୍ଚକର । ଲୋକମୁଖରୁ ଶୁଣାଯାଏ ଯେ, ନନ୍ଦପୁର ରାଜାଙ୍କ ଇଷ୍ଟ ଦେବୀ ତଥା ମହାନ୍ ତନ୍ତ୍ରପୀଠ ଭାବେ ତିନିଭୈରବ ମନ୍ଦିରରେ ତାନ୍ତ୍ରିକ ପଦ୍ଧତିରେ ପୂଜାର୍ଚ୍ଚନା

ISSN NO.
2582-208X

କରାଯାଏ । ରାଣୀ ଡୁଡୁମା ମଧ୍ୟ ଏକ ରମଣୀୟ ପର୍ଯ୍ୟଟନ ସ୍ଥଳୀ । ପ୍ରତ୍ୟେକ ବର୍ଷ ଏହି ତୀର୍ଥସ୍ଥଳୀକୁ ଶତାଧିକ ଶ୍ରଦ୍ଧାଳୁ ରାଣୀ ଡୁଡୁମା ପୀଠକୁ ଆସି ତିନି ଭୈରବଙ୍କର ଦର୍ଶନ କରିଥାନ୍ତି ।

ଶାବର କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର:- ଓଡ଼ିଶାର ଶବରକ୍ଷେତ୍ର କୋରାପୁଟ ସହରରେ ଶ୍ରୀ ଜଗନ୍ନାଥ ମନ୍ଦିର ଅବସ୍ଥିତ । ଏହି ମନ୍ଦିରର ଅବସ୍ଥିତି ଠିକ୍ କୋରାପୁଟ ସହରର ବକ୍ଷ ଦେଶରେ ଥିବା ଗ୍ରୀଷ୍ମ ନିବାସ ନିକଟରେ ଏବଂ ଏକ ଜନପ୍ରିୟ ପର୍ଯ୍ୟଟନସ୍ଥଳ । ଶ୍ରୀକ୍ଷେତ୍ର ଅଧିଷ୍ଠିତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ସହ ଶାବର କ୍ଷେତ୍ରର ଜଗନ୍ନାଥ ତୁଳନୀୟ ଏବଂ ବାସ୍ତୁକଳା ମଧ୍ୟ ସମାନ । ଏହି ମନ୍ଦିରର ନିର୍ମାଣ ସନ୍ ୧୯୭୦ ମସିହାରେ ହୋଇଥିଲା । ଓଡ଼ିଶା ସରକାରଙ୍କ ଆପ୍ରାଣ ଉଦ୍ୟମ ଯୋଗୁଁ ଶାବର କ୍ଷେତ୍ର ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳର ମାନ୍ୟତା ହାସଲ କରିଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ନିମିତ୍ତ ଏହି ମନ୍ଦିର ଉନ୍ମୁକ୍ତ ଏବଂ ଆବାଳ ବୃଦ୍ଧ ବନିତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନାର୍ଥେ ଏଠାକୁ ଧାଇଁ ଆସନ୍ତି । ଶାବର କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ଯୋଗୁଁ କୋରାପୁଟ ଜିଲ୍ଲାକୁ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି କହିଲେ ଅତ୍ୟୁକ୍ତି ହେବନାହିଁ । କୋରାପୁଟ ସହରଠାରୁ ମାତ୍ର ଏକ କିଲୋମିଟର ଦୂରରେ ଶାବର ଶ୍ରୀକ୍ଷେତ୍ର ଅବସ୍ଥିତ । ଏହି ମନ୍ଦିର କେବଳ ଶ୍ରୀକ୍ଷେତ୍ର ନିବାସୀ ମହାବାହୁ ଶ୍ରୀ ଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ । ମୋଟ ଉପରେ କହିଲେ ଏହି ମନ୍ଦିର ସମ୍ପୂର୍ଣ୍ଣ ରୂପେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ସମକକ୍ଷ ଅଟେ ।

ସୁନାବେଡ଼ା:- କୋରାପୁଟ ସହରଠାରୁ ମାତ୍ର ୧୮ କିଲୋମିଟର ଦୂରତାରେ ସୁନାବେଡ଼ା ଅବସ୍ଥିତ । ଏହି ସହର ଏକ ଅତ୍ୟାଧୁନିକ ସହର ଏବଂ Gaõ Mig fighter plane, ଶୁଖେଇ ଫ୍ୟାକ୍ଟ୍ରୀ ତଥା ବୈମାନିକୀୟ ଯନ୍ତ୍ରପାତି କାରଖାନା ନିମିତ୍ତ ଏହି ସହର ବିଶ୍ୱବିଖ୍ୟାତ ।

ଜୋଲାପୁଟ:- କୋଲାବ ନଦୀ ଉପରେ ନିର୍ମିତ ଏହା ଏକ ବନ୍ଧ ବା ଜଳାଶୟ । ଏହି ଜଳାଶୟର ଆୟତନ ୬୮.୨ ବର୍ଗ କିଲୋମିଟର । ବଣଭୋଜି କରିବା ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ଏବଂ ଏଠିକୁ ଯାତ୍ରା କରିବା ବେଶ୍ ଆନନ୍ଦଦାୟକ । କୋରାପୁଟଠାରୁ ଜୋଲାପୁଟର ଦୂରତ୍ୱ ୭୭ କିଲୋମିଟର ।

ISSN NO.
2582-208X

ରାୟଶୀଳ- ଏହା କୋରାପୁଟଠାରୁ ୬୦- କିଲୋମିଟର ଏବଂ ଲକ୍ଷ୍ମଣପୁର ଠାରୁ ମାତ୍ର ୩ କିଲୋମିଟର ଦୂରତାରେ ଏକ ପଥର ପାହାଡ଼ ଉପରେ ଦଣ୍ଡାୟମାନ । ତତ୍‌ସହିତ ବର୍ଷକ ବାର ମାସ ଜଳପୂର୍ଣ୍ଣ ଏକ ଚିରସ୍ଥାୟୀ ଝରଣା କୁଳୁକୁଳୁ ନାଦ କରି ଏହି ପଥର ପାହାଡ଼ ପାଦଦେଶରେ ବୋହିଯାଉଛି । ଏହି ରମଣୀୟ ଝରଣା ହିଁ ଶତାଧିକ ପର୍ଯ୍ୟଟକଙ୍କୁ ଏଠାକୁ ଆସିବାକୁ ଆକର୍ଷିତ କରିଥାଏ । ଏହି ସ୍ଥାନର ପ୍ରାକୃତିକ ପରିବେଶ ଟ୍ରେକିଙ୍ଗ୍ ଅଭ୍ୟାସ କରିବା ପାଇଁ ଉପଯୁକ୍ତ ଅଟେ । ଏହି ସ୍ଥାନରେ ପ୍ରତ୍ୟେକ ବର୍ଷ ଅଁଳା ନବମୀ ବଡ଼ ଧୂମ୍‌ଧାମ୍ ରେ ପାଳନ କରାଯାଏ । ଉକ୍ତ ଦିନ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କର ଏଠାରେ ସମାଗମ ହୋଇଥାଏ ।

ମାଳୀଗୁଡ଼ା: କୋରାପୁଟଠାରୁ ୪୩ କିଲୋମିଟର ଏବଂ ଜୟପୁର ସହରଠାରୁ ମାତ୍ର ୨୧ କିଲୋମିଟର ଦୂରତାରେ ମାଳୀଗୁଡ଼ା ଅବସ୍ଥିତ । ଏହା ଗୋଟିଏ କ୍ଷୁଦ୍ର ଗ୍ରାମ ଏବଂ ଏଠାରେ ଏକ ଶୈଳନିବାସ ଅବସ୍ଥିତ । ଭାରତର ସବୁଠାରୁ ଉଚ୍ଚତମ ରେଳପୋଲ ଏଠାରେ ଅଛି । ସାପ୍ତାହିକ ବଣଭୋଜି ପାଇଁ ଏହି ସ୍ଥାନ ଏକଦମ ଉପଯୁକ୍ତ । ଏହି ଉଚ୍ଚତମ ରେଳପୋଲକୁ ମାଳୀଗୁଡ଼ା ପୋଲ କୁହାଯାଏ ।

କୋଚିଲା:- କୋଲାବ ନଦୀ କୂଳରେ ଏହି ଗ୍ରାମ ଅବସ୍ଥିତ । କୋରାପୁଟଠାରୁ କୋଚିଲା ଗ୍ରାମର ଅବସ୍ଥିତି ମାତ୍ର ୧୦ କିଲୋମିଟର । ଏଠାରେ ମିଳିଥିବା ଏକ ତାମ୍ରପତ୍ରରୁ ଜଣାଯାଏ ଯେ, "ନରସିଂହ ମିଶ୍ର ନାମ୍ନି ଜଣେ ବ୍ୟକ୍ତି ଏହି ଗ୍ରାମକୁ କୋଚିଲା ବୋଲି ନାମିତ କରିଥିଲେ। ସାଲ୍ ୧୬୭୦ ସାଲ ୨୪ ସେପ୍ଟେମ୍ବରରେ ଏଯାବତ୍ ମହାରାଜା କୃଷ୍ଣଦେବଙ୍କ ଦ୍ୱାରା ଚନ୍ଦ୍ରଗ୍ରହଣ ଦିନ ଏକ ଜୈନ ମନ୍ଦିର ନିର୍ମାଣ କରାଯାଇଥିଲା । ଏହି ଜୈନମନ୍ଦିରର ଉଚ୍ଚତା ୩୦ ଫୁଟ ଏବଂ ଏଥିରେ ପାଞ୍ଚଜଣ ତୀର୍ଥଙ୍କରଙ୍କର ଯଥା-ଋଷଭନାଥ, ମହାବୀର ଜୈନ ଏବଂ ଅମ୍ବିକା ଦେବୀ, ଯକ୍ଷ ଏବଂ ଯକ୍ଷଣୀଙ୍କର ପ୍ରତିମୂର୍ତ୍ତି ସ୍ଥାପିତ କରାଯାଇଛି । ଏହି ପାଞ୍ଚଗୋଟି ପ୍ରତିମୂର୍ତ୍ତିର ଗଠନ ଶୈଳୀ ଅତ୍ୟନ୍ତ ମନୋମୁଗ୍ଧକର ଏବଂ କାରୁକାର୍ଯ୍ୟ ବିମଣ୍ଡିତ । ଯେଉଁଥିରୁ ଅନୁମେୟ ହୁଏ ଯେ କୋଚିଲା ହେଉଛି ମଧ୍ୟଯୁଗୀୟ ବାସ୍ତୁକଳା ପୂର୍ଣ୍ଣ ଜୈନାଧର୍ମାବଲମ୍ବୀ ମନ୍ଦିର ।

ବିଶେଷ କରି ଦେଓମାଳୀ ପାର୍ବତ୍ୟାଞ୍ଚଳରେ ଅନେକ ଗୁଡ଼ିଏ ପବିତ୍ର ଧର୍ମପୀଠ ଅବସ୍ଥିତ ଥିବାରୁ କେବଳ ଓଡ଼ିଶାରୁ ପର୍ଯ୍ୟଟକ ଏଠାକୁ ଆସିନଥାନ୍ତି । ଭାରତ ଓ ଭାରତ ବାହାରୁ ମଧ୍ୟ ଲକ୍ଷ ଲକ୍ଷ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କର ଏଠାରେ ସମାଗମ ହୋଇଥାଏ । ଏହାର ମୁଖ୍ୟ

ISSN NO.
2582-208X

କାରଣ ହେଲା, "ଦେଓମାଳି ଗରିଶୃଙ୍ଗ ଏକ ପ୍ରମୁଖ ଶୈଳନିବାସ ବା ଗ୍ରୀଷ୍ମନିବାସ ସହ ଏକ ପବିତ୍ର ତୀର୍ଥସ୍ଥଳୀ ମଧ୍ୟ । ବର୍ଷକ ବାରମାସ ଏହାର ନୈସ୍ୱର୍ଗିକ ଦୃଶ୍ୟରାଜି ପର୍ଯ୍ୟଟକଙ୍କ ଚିତ୍ତହରଣ କରିବାରେ କୌଣସି ଅସର ଛାଡ଼େନାହିଁ । ଏହାର ଶିଖର ପ୍ରଦେଶରେ ଭାସି ବୁଲୁଥିବା ଖଣ୍ଡ ଖଣ୍ଡ ଧବଳ ମେଘମାଳ ଓ ଧୂସର କୁହୁଡ଼ି ଓ କାକର ଘେରା ଛାୟାପଥର ଦୃଶ୍ୟ ବେଶ୍ ମନୋଜ୍ଞ ଓ ଆନନ୍ଦଉଲ୍ଲାସଭରା । ମୃଦୁ ମଳୟ ସମୀରଣ ସହ ପକ୍ଷୀମାନଙ୍କର କାକଳୀ ଏହାର ପାରିପାର୍ଶ୍ୱିକ ବାତାବରଣକୁ ମଧୁମୟ କରି ଗଢ଼ିବା ସହିତ ରୋମାଞ୍ଚିତ କରିଥାଏ ପର୍ଯ୍ୟଟକଙ୍କ ତନୁମନକୁ ।

ତତ୍ ସହିତ ଏହି ପ୍ରାଚୀନ ଐତିହ୍ୟ ସମ୍ପନ୍ନ ପର୍ଯ୍ୟଟନସ୍ଥଳୀର ସ୍ୱାସ୍ଥ୍ୟକର ଜଳବାୟୁ, ଚିରହରିତ୍ ଅରଣ୍ୟାଦି, ପାରପାର୍ଶ୍ୱିକ ଶାନ୍ତ ଶୁଦ୍ଧ ପରିବେଶ ଏବଂ ପ୍ରକୃତିଦତ୍ତ ମନୋରମ ଜଳପ୍ରପାତର ଗୁରୁଗମ୍ଭୀର ଶବ୍ଦ ନିନାଦ ଆବାଳ ବୃଦ୍ଧ ବନିତାକୁ ଉନ୍ମାଦ କରିଥାଏ ଏହି ଅପୂର୍ବ ଆହ୍ଲାଦିତ ସ୍ଥାନକୁ ଧାଇଁ ଆସିବାକୁ । କାରଣ ଦେଓମାଳୀ ପର୍ବତଗିରିର "ସ୍ୱର୍ଗୀୟ ସୁଷମାର ପଟାନ୍ତର ନାହିଁ, ଯେତେ ଦେଖୁଥିଲେ ନୂଆ ଲାଗୁଥାଇ ।"

ଶେଖବଜାର (ନୀଉକଲୋନୀ)
କଟକ-୮, ମୋ- ୮୮୯୫୫୯୩୮୭୫

ISSN NO.
2582-208X

# ବିଶ୍ୱ ବିନ୍ଧାଣୀ



ସୁଜିତ୍ କୁମାର ମିଶ୍ର

ଗଢ଼ିପାର ତୁମେ କିର୍ତ୍ତୀ କୋଣାରକ ଘନ ଅନ୍ଧକାରେ ରହି,
ଭୂମିଠାରୁ ଭୂମା ତୁମ ପ୍ରେମ ସୀମା ବୈଭବର ପୁଣ୍ୟବହି ।
ବିଶାଳ ସଂସାରେ ଚେତନାର ଗଛ ବିଶ୍ୱହିତେ ବାରମାସୀ,
ହୃଦୟ ଦୀପାଳୀ ଦିଅ ତୁମେ ଜାଳି ହଳାହଳ ଶୋଷି ଶୋଷି ।

ମାନବବାଦର ମୌସୁମୀ ପ୍ରବାହ କରୁଣାର କାଚକେନ୍ଦୁ,
ଶରତ ଋତୁର ଶୋଭାରାଜି ତୁମେ ସହୃଦୟତାର ସିନ୍ଧୁ ।
ତୁମେ ନିରାସକ୍ତ ଖୁସିର ଲହରୀ ନୀଳ ଆକାଶର ତପ,
ପବନ ଛାତିର ନିର୍ମୋହ ମଳୟ ପାବନ ପ୍ରବଣ ଦୀପ ।

ଆସ ତୁମେ ପ୍ରତି ମନ କନ୍ଦରରକୁ ଅନୁରାଗ ବର୍ଷା ହୋଇ,
ନିସ୍ୱ ପାଲଟିଯ  ବିଶ୍ୱ ବିନ୍ଧାଣୀ ହେ ଲୁହଲହୁ ଅର୍ପି ଦେଇ ।
ଶାଶ୍ୱତ ଫୁଲର ଶ୍ରଦ୍ଧାର୍ପଣ ତୁମେ ସ୍ନିଗ୍ଧ ଜହ୍ନରାତି ରାଗ,
ଯହିଁ ଝରୁଥାଏ ଭକ୍ତିର ଯାଚନା ଜୀବନର ତ୍ୟାଗ ରଙ୍ଗ ।

ବ୍ୟାସ ,ବଶିଷ୍ଠଙ୍କ ରୂପକାନ୍ତି ତୁମେ ବଶୀଭୂତ ପ୍ରେରଣାରେ,
ତୁମ ଛୁଆଁ ବିନା ମୂଢ଼ କି ପାଲଟେ ଜ୍ଞାନର ତଟିନୀ ଧୀରେ ?

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୭୭୭୪୨

ISSN NO.
2582-208X

# ମେଘ



ଅଳକା ମହାନ୍ତ

ମେଘରେ ମେଘରେ,
ତୁ ଯାଆ ନା ଦୂରେ
ଚାତକ ପକ୍ଷୀ କାନ୍ଦେ ତୋ ବିରହରେ....

ମେଘରେ ମେଘରେ,
ତୁ ଯାଆ ନା ଦୁରେ
ହରିବ ତାତି କିଏ ଏ ଧରଣୀ ରେ.......

ମେଘରେ ମେଘରେ,
ତୁ ଯାଆ ନା ଦୁରେ
ସବୁଜିମା ଆଣିବ କିଏ ଧରାରେ,.....

ମେଘରେ ମେଘରେ,
ତୁ ଯାଆ ନା ଦୁରେ
ଭିଜା ମାଟିକୁ ସାନ୍ତ୍ୱନା ଦେବ କିଏ ରେ....

ମେଘରେ ମେଘରେ,
ତୁ ଯାଆ ନା ଦୁରେ
ବାଞ୍ଛିତ ଚିରକାଳ କୃଷି କ୍ଷେତରେ....

ISSN NO.
2582-208X

ମେଘରେ ମେଘରେ,
ତୁ ଯାଆ ନା ଦୁରେ
କମଳ ପୁଷ୍ପ ଖୋଜେ ପୁଷ୍କରିଣୀ ରେ....

ମେଘରେ ମେଘରେ,
ତୁ ଯାଆ ନା ଦୁରେ
ଜଳ ବର୍ଷାଉ ଥିବୁ ପ୍ରତି ବର୍ଷରେ....

ଅବସରପ୍ରାପ୍ତ ଅଧ୍ୟକ୍ଷା,
ବି. ଜେ. ଇ. ଏମ. ସ୍କୁଲ -୨
ସତ୍ୟଭାମା ପୁର, ଭୁବନେଶ୍ୱର

ISSN NO.
2582-208X

# ବିଦାୟ



ଅଲେଖ ମେହେର (ଯାଯାବର)

ବିଦାୟ ବେଳାର କରୁଣ ମୂହୁର୍ତ୍ତ ଲୋଚନେ ଆଣଇ ଶ୍ରାବଣ,
ମୈତ୍ରୀ ସଙ୍ଗାତଙ୍କ ଗହଣେ ବିଷାଦ ଶାନ୍ତି ମୋଦକରେ ହରଣ ।

ଖେଳଇ, ବସ୍ତ୍ରଦେଶେ ଘୋର ବତାସ,
କୁସୁମାକରର ପ୍ରତ୍ୟାବର୍ତ୍ତନରେ ଯେହ୍ନେ ଗ୍ରୀଷ୍ମ ଛାଡେ ହୁତାଶ ।

ମର ଶୟଳରେ ଜନମିଲେ ନିଶ୍ଚେ ଧ୍ରୁବ ସତ୍ୟ ଅଟେ ମରଣ,
କ୍ରିୟା କର୍ମ ସିନା ରହିଯାଏ ଏଠି ଉକୁଟଇ ସ୍ମୃତି ଦର୍ପଣ।

ବିଜନେ, ବିହରିତେ ଆସି ଗୋପନେ,
ଫେରାଇ ନିଅଇ ବିଗତ ଦିନକୁ ଶୋକ ଜର୍ଜରୀତ ନୟନେ ।

ବିଶ୍ୱକସେନଙ୍କ ବିଶ୍ୱ ବ୍ରହ୍ମାଣ୍ଡରେ ସର୍ବେ ନେବେ ଦିନେ ବିଦାୟ,
ସତ୍ୟାଶ୍ରୀତ ଜନେ ଅନ୍ତିମ କାଳରେ ବିଭୁ ହୋଇଥାନ୍ତି ସହାୟ।

ବିପଦେ, ନୋହିବା କଦାପି କାତର,
ଆଜି ଅମାବାସ୍ୟା ନିଶି ହୋଇଥିଲେ କାଲି ଉଇଁବେ ସୁଧାକର ।

ISSN NO.
2582-208X

ଇତି କାଳେ କ୍ଲୀଷ୍ଟ ହୁଏ ସିନା ପ୍ରାଣୀ ଫେରିକି ଆସେନା ବଉଦ,
କେକୀ ମନଜାଣି ଖେଳଇ ଦାମିନୀ ବିପିନରେ ନାଚେ ଦ୍ୱିରଦ ।

ତଟିନୀ, ବିକ୍ଷଣେ ପୂର୍ଣ୍ଣ ଯଉବନା,
ଧୈର୍ଯ୍ୟ ସାହସର ଅମୋଘ ଅସ୍ତ୍ରେ ପ୍ରାପ୍ତ ସିନା ସର୍ବ କାମନା ।

ଅଫେରା ବୟସ ତରଙ୍ଗିଣୀ ଧାର ଅଫେରା ମୁଖର ବଚନ,
ଶ୍ମଶାନରୁ ଶବ ଫେରି କି ଆସିବ ଯେତେକଲେ ଉଚ୍ଚେ କ୍ରନ୍ଦନ ।

ଧନୁରୁ, ସଂଯୋଗୀ ଛାଡିଲେ ତୀରକୁ,
ଲେଉଟଇ କିବା ସାରଙ୍ଗ ପାଖକୁ ନଭେଦୀ ଶତୃର ବୃକ୍ଷକୁ ।

ବରପଦର, ଗୋବିନ୍ଦପୁର ବରଗଡ଼
ମୋ-୭୩୭୦୨୨୦୫୫

ISSN NO.
2582-208X

# ବିଦ୍ରୋହର ତୀକ୍ଷଣ ଅଗ୍ନିଶଳାକା : ବୀର ମାଧୋ ସିଂ



ହିତେଶ ବେହେରା

ଦେଶ ମାତୃକାର ସେବାରେ ନିଜକୁ ଉତ୍ସର୍ଗ କରିଥିବା ମୁକ୍ତିକାମୀ ବୀର ଯୋଦ୍ଧାମାନଙ୍କ ନାମ ଶ୍ରବଣ ମାତ୍ରକେ ହୃଦୟ ଆନ୍ଦୋଳିତ ହୁଏ, ମନରେ ଅଦମ୍ୟ ସାହସ ସୃଷ୍ଟି ହୋଇଥାଏ ଏବଂ ବିପଦକୁ ମୁକାବିଲା କରିବାର ଶକ୍ତି ଶତଗୁଣରେ ସଞ୍ଚରିତ ହୋଇଥାଏ । ସେଇ ମହାପ୍ରତିଭୂ ବୀର ସନ୍ତାନମାନେ ମାଟି ମା'ର ହିତାର୍ଥେ ସଙ୍କୋଚ ରହିତ ହୋଇ ଜାତୀୟତାର ଅଗ୍ନିରେ ଝାସ ଦେବାକୁ ଆଗେଇ ଆସିଛନ୍ତି । ଏମାନଙ୍କର ଜୀବନକୁ ତିଳେ ହେଲେ ଭୟ ନାହିଁ, ମୋହ ନାହିଁ ଓ ଆଶଙ୍କା ମଧ୍ୟ ନାହିଁ । ଦେଶସାରା ବିଚ୍ଛୁରିତ ହୋଇଥିବା ଆସୁରିକ ଶକ୍ତିର ପ୍ରାବଲ୍ୟକୁ ନିଶ୍ଚିହ୍ନ କରିଦେବା ସକାଶେ ନିର୍ଭୟ ଚିତ୍ତରେ ଅଣ୍ଟା ଭିଡି ବାହାରି ପଡିଛନ୍ତି । ସେଇ ସଂଗ୍ରାମୀମାନଙ୍କ ମଧ୍ୟରୁ ବ୍ରିଟିଶ ଶାସନ ମାର୍ଗରେ ପଥାରୂଢ କରିଥିବା ବୀର ମାଧୋ ସିଂ ହେଉଛନ୍ତି ଭାରତମାତାର ଜଣେ ଅମୃତ ସନ୍ତାନ ।

ବୀର ମାଧୋ ସିଂ ଜନ୍ମ ଗ୍ରହଣ କରନ୍ତି ଅଷ୍ଟାଦଶ ଶତକର ଶେଷ ଭାଗରେ ଓଡିଶା ମାଟିର ଅବିଭକ୍ତ ସମ୍ବଲପୁର ଜିଲ୍ଲା (ଅଧୁନା ବରଗଡ) ଅନ୍ତର୍ଗତ ଘେଂସ ଜମିଦାରୀରେ । ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ବାଲ୍ୟକାଳରୁ ହିଁ ତାଙ୍କର ଦେଶଭକ୍ତି, ମାଟି ମା'ର ସେବା କରିବା ନିମନ୍ତେ ଉତ୍ସୁକତା ସ୍ପଷ୍ଟ ଭାବରେ ବାରିହୋଇ ପଡୁଥିଲା । ପିତା ଅର୍ଜୁନ ସିଂ ତାଙ୍କୁ କର୍ମଶୀଳ ଓ ସଚେତନଶୀଳ ନିର୍ଭୀକ ବ୍ୟକ୍ତିତ୍ୱର ଅଧିକାରୀ କରି ଗଢି ତୋଳିଥିଲେ । ବୟସ ବଢିବା ପରେ ଘେଂସ ଜମିଦାରୀ ଦାୟିତ୍ୱ ନିଜ ହାତକୁ ନେଇଥିଲେ । ଅନ୍ୟ ଜମିଦାରମାନଙ୍କ ପରି ଅତ୍ୟାଚାରୀ ପ୍ରଜାପୀଡକ ନ ହୋଇ ସଦା ସର୍ବଦା ଥିଲେ ପ୍ରଜାବତ୍ସଳ । ଘେଂସ ଜମିଦାରୀର ଉନ୍ନତିକରଣ ଓ କଲ୍ୟାଣ ପାଇଁ ତାଙ୍କ ପ୍ରାଣ ସବୁବେଳେ

ISSN NO.
2582-208X

ସ୍ପନ୍ଦିତ ହେଉଥିଲା । ସେଇ ଜମିଦାରୀରେ ବସବାସ କରୁଥିବା ସାଧାରଣ ଲୋକମାନଙ୍କର କିପରି ମଙ୍ଗଳ ହୋଇପାରିବ ସେଥି ନିମିତ୍ତ ତତ୍ପରତା ପୂର୍ବକ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାରେ କେବେହେଲେ କୁଣ୍ଠିତ ହୋଇ ନାହାନ୍ତି ।ଏହି ସମୟକୁ ବ୍ରିଟିଶମାନଙ୍କ ପ୍ରାଦୁର୍ଭାବ ସାରା ଦେଶରେ ବିଚ୍ଛୁରିତ ହୋଇସାରିଥାଏ । ନିରୀହ ସାଧାରଣ ଜନତାଙ୍କୁ ଲାଠିମାଡ ଦେଇ, ବନ୍ଧୁକ ଦେଖାଇ ଅନ୍ୟାୟ ଉପାୟରେ ଲୁଟି ନେଉଥିଲେ । ଏମାନଙ୍କର ଅଶୋଭନୀୟ ଶୋଷଣ ନୀତିକୁ ଦେଖି ମାଧୋ ସିଂ ଅସହ୍ୟ ହୋଇ ପଡିଛନ୍ତି । ସେ ଲୋକମାନଙ୍କୁ କର ଦେବାକୁ ସ୍ପଷ୍ଟ ମନା କରିଦେଇଛନ୍ତି । ନିଜେ କଠିନ ପରିଶ୍ରମ କରି ମୁଣ୍ଡର ଝାଳ ତୁଣ୍ଡରେ ମାରି ସ୍ୱଅର୍ଜିତ ଧନକୁ ବ୍ରିଟିଶଙ୍କ ଚରଣରେ କାହିଁକି ସମର୍ପି ଦେବେ, ଯିଏ ପରିଶ୍ରମ କ'ଣ କିଛି ଜାଣି ନାହାନ୍ତି । ମାଧୋ ସିଂ ପ୍ରଜାମାନଙ୍କୁ କର ନ ଦେବାକୁ ମନା କରିବା ବ୍ରିଟିଶମାନଙ୍କ ସହନଶୀଳତାର ବାହାର ହୋଇ ସାରିଥିଲା, ଏଣୁ ସବୁବେଳେ ତାଙ୍କୁ ବିଷ ଦୃଷ୍ଟିରେ ଦେଖିଲେ । ସିଂଙ୍କ ନାଁରେ ନାନା ମିଥ୍ୟା ଅଭିଯୋଗ କରି ତାଗିଦ କରୁଥିଲେ । ଏହି ବୀରସନ୍ତାନ ମନରେ ସୃଷ୍ଟି ହୋଇଥିବା ବିଦ୍ରୋହର ବହ୍ନି ଆହୁରି ଭୟଙ୍କର ରୂପ ଧାରଣ କଲା ଯେତେବେଳେ ତାଙ୍କ ଜାମାତା ସୋନାଖାନର ଜମିଦାର ନାରାୟଣ ସିଂଙ୍କୁ ହତ୍ୟା କରାଗଲା । ତାଙ୍କ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ବିଂଝାଲ, କନ୍ଧ ଓ ଗଣ୍ଡ ଆଦି ସମ୍ପ୍ରଦାୟର ଆଦିବାସୀଙ୍କୁ ଏକତ୍ରିତ କରି ଆରମ୍ଭ କରିଦେଲେ ବ୍ରିଟିଶମାନଙ୍କ ବିରୋଧରେ ସଂଗ୍ରାମ । ସେ ସମୟକୁ ଆରମ୍ଭ ହୋଇ ଯାଇଥାଏ ୧୮୫୭ ମସିହାର ସିପାହୀ ବିଦ୍ରୋହ । ସମସ୍ତେ ଜଣେ ଜଣେ ଅଗ୍ନିକଣିକା ହୋଇ ବ୍ରିଟିଶମାନଙ୍କ ଉପରେ ବର୍ଷି ପଡିଲେ । ଆଧୁନିକ ଅସ୍ତ୍ରଶସ୍ତ୍ର ସେମାନଙ୍କ ଧନୁତୀର ଆଗରେ ହାର ମାନିଲେ, ସେମାନଙ୍କୁ ଏକ ପ୍ରକାର ପରାହତ କରି ଦେଇଥିଲେ । ମାତ୍ର କେମିତି କେଜାଣି ସେହି ଅଜେୟ ଯୋଦ୍ଧାଙ୍କୁ କୁଚକ୍ରୀ ଇଂରେଜମାନେ ବନ୍ଦୀ କରି ପକାଇଲେ । ବ୍ରିଟିଶ ବିରୁଦ୍ଧରେ ବିଦ୍ରୋହ କରିଥିବା ଅଭିଯୋଗରେ ୧୮୫୮ ମସିହା ଡିସେମ୍ବର ୩୧ ତାରିଖରେ ତାଙ୍କୁ ଫାଶୀ ଦିଆଯାଇଥିଲା । ଏଇ ବୀର ପୁତ୍ରଙ୍କର ଦେହାବସାନ ବେଳକୁ ହୋଇଥିଲା ୭୨ ବର୍ଷ ବୟସ । ଭାରତମାତା ତାହାର ଏକ ପୁଅକୁ ହରାଇବା ସହିତ ଏକ ମହାନାୟକ ଯୁଗର ଅବସାନ ଘଟିଲା ।

ବୀର ମାଧୋ ସିଂ ଜଣେ ମୁକ୍ତିକାମୀ ସ୍ୱାଧୀନତା ସଂଗ୍ରାମୀ ଥିଲେ, ଏହା ସଙ୍ଗେ ସଙ୍ଗେ ପଶ୍ଚିମ ଓଡିଶାର ଟିପୁ ସୁଲତାନ ବୀର ସୁରେନ୍ଦ୍ର ସାଏଙ୍କ ଥିଲେ ଏକାନ୍ତ ଅନୁଗାମୀ । ଏହି ସଂଘଟିତ ହୋଇଥିବା ବିଦ୍ରୋହ ଯଜ୍ଞକୁଣ୍ଡରେ ମାଧୋ ସିଂଙ୍କ ବ୍ୟତିରେକ ତାଙ୍କର ଚାରିପୁତ୍ର ମଧ୍ୟ ଆତ୍ମାହୂତି ଦେଇଥିଲେ । ସେମାନେ ହେଲେ – ହଟେ ସିଂ, କୁଞ୍ଜଲ ସିଂ, ବୈରୀ ସିଂ

ISSN NO.
2582-208X

ଓ ଐରୀ ସିଂ । ଏହି ଚାରି ବୀରଙ୍କୁ ୧୮୬୫ ମସିହାରେ ବନ୍ଦୀ କରି କାହାକୁ ଆଜୀବନ କାରାବାସ ଦେଇଥିଲେ ତ ପୁଣି କାହାକୁ ଦ୍ୱୀପାନ୍ତର ତ ଆଉ କାହାକୁ ଦେଇଥିଲେ ନିର୍ମମ ଭାବରେ ଫାଶୀ ମୃତ୍ୟୁଦଣ୍ଡ । ମାଟି ମା'ର ଆନ ପାଇଁ ଏମାନଙ୍କ ଆତ୍ମୋତ୍ସର୍ଗ ଭାରତମାତାଙ୍କୁ ମହନୀୟା କରି ପକାଇଛି ।

ବ୍ରିଟିଶମାନଙ୍କ ବିରୋଧରେ ବିଦ୍ରୋହର ସ୍ୱର ଉତ୍ତୋଳନ କରି ଯେଉଁ ଅଦମ୍ୟ ସାହସିକତାର ପରିଚୟ ଦେଇଥିଲେ, ତାହା ଚିର ସ୍ମରଣୀୟ । ସମଗ୍ର ଦେଶବାସୀ ପାଇଁ ମାଧୋ ସିଂଙ୍କର ଏ ଆତ୍ମବଳିଦାନ ସତରେ କେତେ ଅମୂଲ୍ୟ ଉପହାର ! ତାଙ୍କର ଏ ସାହସ, ନିଷ୍ଠାପର କର୍ମ ସମ୍ପାଦନ ଆଉ ନିଜକୁ ଆତ୍ମାହୂତି ଦେବାର ଯେଉଁ ନିର୍ଭୀକପଣ ତାଙ୍କୁ ଅମର କରିଦେଇଛି । ନା ସେ କେବଳ ଘେଂସ ମାଟିର ସନ୍ତାନ, ନା ଉତ୍କଳ ମାତାର ବୀରପୁତ୍ର, ସେ ତ ହେଉଛନ୍ତି ଭାରତମାତାର ଅମୃତ ସନ୍ତାନ । ତାଙ୍କର ଏ ସଂଗ୍ରାମ ପରବର୍ତ୍ତୀ ବିଦ୍ରୋହ ପାଇଁ ପଥ ପ୍ରସ୍ତୁତ କରିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କରି ଅନୁସରିତ ମାର୍ଗକୁ ଆପଣାଇଥିଲେ ପରବର୍ତ୍ତୀ ସମୟର ବିଦ୍ରୋହୀମାନେ ନିଜକୁ ଜଣେ ଜଣେ ବୀର ମାଧୋ ସିଂ ମନେକରି । ସଂଗ୍ରାମୀ ମାଧୋ ସିଂ ଥିଲେ ଘେଂସ ଜମିଦାରୀର ବିଂଝାଲ ସମ୍ପ୍ରଦାୟର ଜମିଦାର । ତତ୍କାଳୀନ ସମୟରେ ଅଧିକାଂଶ ଜମିଦାର ଥିଲେ ପ୍ରଜା ପୀଡକ, ଏଇ ଅତ୍ୟାଚାରରେ ଭାରତମାତା କ୍ରନ୍ଦନରତ ଥିବାବେଳେ ସେ ଦେବ ତୁଲ୍ୟ ଆବିର୍ଭାବ ହୋଇ ପ୍ରଜାମାନଙ୍କର ମଙ୍ଗଳାର୍ଥେ ଜନହିତକର କାର୍ଯ୍ୟରେ ଲିପ୍ତ ରହିଥିଲେ । ଜନସାଧାରଣଙ୍କର ଅମଙ୍ଗଳ ହେବା ଭଳି କୌଣସି କାର୍ଯ୍ୟ କେବେ ହେଲେ କରି ନ ଥିଲେ । ଘେଂସବାସୀଙ୍କ ଲାଗି ସେ ଥିଲେ ଦେବତା, ତାଙ୍କରି ଜମିଦାରୀ ଶାସନରେ ପ୍ରଜାମାନେ ତାଙ୍କ ପ୍ରତି କେବେ ହେଲେ ଉଦାସୀନ ନ ଥିଲେ ବରଂ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ । ସେଥିପାଇଁ ତ ବିଦ୍ରୋହର ସାମାନ୍ୟ ଇଙ୍ଗିତ ମାଧୋ ସିଂ ଠାରୁ ପାଇବା ମାତ୍ରକେ ସବୁ ପ୍ରଜା ଆଗେଇ ଆସିଥିଲେ ତାଙ୍କ ସହ ସଂଗ୍ରାମରେ ନିଜକୁ ସାମିଲ କରିବା ନିମନ୍ତେ । ଯେତେବେଳେ ବି ମା, ମାଟି ଓ ମାତୃଭାଷା ଉପରେ ଆଞ୍ଚ ଆସେ କି ବିପଦ ଆସେ ସେତେବେଳେ ସେତେବେଳେ ଜଣେ ଜଣେ ମାଧୋ ସିଂଙ୍କର ଆବିର୍ଭାବ ହୁଏ । ଏ ଦେଶପ୍ରେମୀ ବୀର ସିପାହୀଗଣ ଜନ୍ମଭୂମି ଓ କର୍ମଭୂମିର ସୁରକ୍ଷା ନିମିତ୍ତ ସବୁବେଳେ ଚେଷ୍ଟିତ । ନିଜ ଜୀବନକୁ ସାର୍ଥକାୟିତ କରିବା ପାଇଁ କେବେ ହେଲେ ପଶ୍ଚାତପଦ ଦେଇ ନାହାନ୍ତି । ସେମାନେ କିପରି ସ୍ୱଚକ୍ଷୁରେ ଦେଖିପାରିବେ ଅନ୍ୟ ଜଣେ ପରଦେଶୀ ଆସି ନିଜ ଡିହ ଜମି ଉପରେ ଅକ୍ତିଆର କରି ନେଇଯିବ ଓ ସେ ଚୁପଚାପ ଦେଖି ବସିବେ । ସବୁ ଅନ୍ୟାୟ ଅତ୍ୟାଚାର ଦେଖି ତା'ର ପ୍ରତିବାଦ ନ କରି ନିରବ ରହିଯିବାଟା ମଧ୍ୟ ଗୋଟିଏ ଘୋର ଅପରାଧ । ଯାହା ଅନ୍ୟାୟ

ISSN NO.
2582-208X

ଆମ ଆଖି ଆଗରେ ହେଉଛି ତା'ର ବିରୋଧ ଅନିବାର୍ଯ୍ୟ, ଏଣୁ ବୀର ମାଧୋ ସିଂ ହେଲେ କିପରି ସ୍ଥିର ହୋଇ ରହି ପାରିଥାନ୍ତେ ଏତେ ସବୁ ଅସହ୍ୟ ଦୃଶ୍ୟ ଦେଖିବା ପରେ । ତାଙ୍କ ହୃଦୟ ପ୍ରକମ୍ପିତ ହେଲା, ଶକ୍ତି ତାଙ୍କ ଦେହରେ ଶତଗୁଣିତ ହେବାକୁ ଲାଗିଲା ସତେ ଯେମିତି ସ୍ୱୟଂ ଶକ୍ତିମାତା ତାଙ୍କ ଶରୀରରେ ଆବିର୍ଭାବ ହୋଇଛନ୍ତି । ଅଗ୍ନିକଣିକା ହୋଇ ଇଂରେଜ ସୈନ୍ୟ ବାହିନୀ ଉପରେ ଏମିତି ବର୍ଷିଲେ ଯେ, ସେମାନେ କେବେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିବେ । ମନେ କରିଥିବେ ସାଧାରଣ ଆଦିବାସୀ ମଣିଷଟାଏ କ'ଣ ଆଧୁନିକ ଅସ୍ତ୍ରଶସ୍ତ୍ର ଆଗରେ ଅଧିକ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରିବ; ମାତ୍ର ଢାଲ, ବର୍ଚ୍ଛା ଓ ଧନୁଶର ଆଗରେ ହାର ମାନିଲା । ବ୍ରିଟିଶମାନଙ୍କୁ ଏକ ଶକ୍ତ ଝଟକା ଲାଗିଲା । ସେମାନଙ୍କ ମନରେ ମାଧୋ ସିଂଙ୍କ ପ୍ରତି ଥିବା ଧାରଣା ବଦଳିଗଲା ଯେ, ସେ ସାଧାରଣ ଯୋଦ୍ଧା ନୁହଁନ୍ତି ବୋଲି । ତାଙ୍କର ଏ ବିଦ୍ରୋହାଗ୍ନିରେ ଝାସ ଦେବା ୧୯୪୭ ମସିହା ସ୍ୱାଧୀନତା ଲାଭ ହେବାର ଅନ୍ୟ ଏକ କାରଣ ହୋଇପାରେ । ଆମେ କାହିଁକି ମନେ ନ କରିବା, ଯେଉଁ ଆନ୍ଦୋଳନକାରୀଗଣ ପରବର୍ତ୍ତୀ ପର୍ଯ୍ୟାୟରେ ହୋଇଥିବା ଅସହଯୋଗ, ଆଇନ ଅମାନ୍ୟ ତଥା ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇଥିଲେ, ସେମାନେ ସମସ୍ତେ ମାଧୋ ସିଂଙ୍କୁ ପ୍ରେରଣାର ଉତ୍ସ ଭାବେ ଗ୍ରହଣ କରିଥିଲେ ବୋଲି । ଏହା ସ୍ଥିର ନିଶ୍ଚିତ ଯେ, ପରବର୍ତ୍ତୀ ସମୟରେ ଆବିର୍ଭାବ ହୋଇଥିବା ଚରମପନ୍ଥୀ ନେତାଗଣ ତଥା ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ ମନସ୍କ ବ୍ୟକ୍ତି ହିଁ ବୀର ମାଧୋ ସିଂଙ୍କର ଏକ ପ୍ରତିରୂପ ମାତ୍ର ।

ସମ୍ବଲପୁର ଘେଂସ ମାଟିରେ ଜନ୍ମିତ କୃତୀ ସନ୍ତାନ ମାଧୋ ସିଂଙ୍କର ଏ ଆତ୍ମତ୍ୟାଗ କେବେ ହେଲେ ଅମୂଳକ ହୋଇ ପାରେନା । ଆଜି ତାଙ୍କୁ ନେଇ ଏ ଜାତି ଗର୍ବିତ ଆଉ ଭାରତମାତା ମୁକୁଟ ମଣ୍ଡିତ । ଏଇ ବୀରପୁତ୍ର ଭାରତ ମହାକାଶରେ ଚିରକାଳ ଅମର ହୋଇ ରହିଥିବେ, ଏଣୁ କୁହାଯାଇଛି –

"ମଣିଷ ଜନମ ମଶାଣି ଭୂଇଁରେ
ହୁଏ ନାହିଁ କେବେ ଇତି,
ଦେହ ସିନା ତା'ର ଜଳିଯାଏ ହେଲେ
ରହିଯାଏ ତା'ର ଅମର କୀର୍ତ୍ତି ।"

ISSN NO.
2582-208X

ଏଣୁ ଭାରତର ଅମୃତ ସନ୍ତାନ ବୀର ମାଧୋ ସିଂ ଯେ, କାଳ କାଳରେ ସ୍ମରଣୀୟ ହୋଇ ରହିବେ ଏହା ସନ୍ଦିହାନ । ପ୍ରତ୍ୟେକ ଜାତୀୟ ପ୍ରାଣ ବ୍ୟକ୍ତିଙ୍କ ହୃଦୟରେ ସଦା ସର୍ବଦା ଥିବେ ବିଦ୍ୟମାନ, ଆଉ ସେମାନଙ୍କ ହୃଦୟକୁ ବିଶ୍ୱମୁଖୀ କରିବା ସହ ସୁପଥଗାମୀ ହେବା ପାଇଁ ଅଦୃଶ୍ୟରେ ଥାଇ ଆଶିଷ ବର୍ଷଣ କରୁଥିବେ ।

ଗବେଷକ, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
ମୋ – ୭୨୦୭୮୨୯୩୮୪

ISSN NO.
2582-208X

# ତୁମେ ମୋ ଦରଦୀ ବନ୍ଧୁ



ନଳିନୀ ଦାଶ

ଏଇ ସଂସାରରେ ସବୁଠୁ ନିଜର
ତୁମେ ମୋ ଦରଦୀ ବନ୍ଧୁ
ତୁମ ବିନା ପ୍ରଭୁ କେମିତି ବଞ୍ଚିବି
ଖରାଅ ହେ ସୁଖ ସିନ୍ଧୁ ।
କେତେ ଦୁଃଖ ଭାର ଲଦି ଦେବ ଆଉ
ଝରୁଛି ଆଖିରୁ ଲୁହ
କି ଅବା ଦେଇକି ତୋଷିବି ମୁଁ ମନ
ସପନରେ ଥରେ କୁହ ।
ତୁମ ପାଦ ତଳେ ଆଶ୍ରା ଟିକେ ଦିଅ
ଏତିକି କରେ ମିନତୀ
ନାମ ଜପି ଜପି ପାଉଥିବି ଶାନ୍ତି
ଡାକୁଥିବି ନିତିନିତି ।
ମିଛ ସଂସାରରେ ତୁମେ ଏକା ସତ୍ୟ
ଆହେ ପ୍ରଭୁ ନିରାକାର
ଇଛାମୟ ତୁମ ବିନା ଏ ଜଗତେ
ସବୁ ଲାଗେ ହାହାକାର ।

ISSN NO.
2582-208X

ଲୁହରେ ଭିଜୁଛି ମୋର ଏ ଜୀବନ
ରାହା ନାହିଁ ସାହା ନାହିଁ
ତୁମର ଭରଷା ନପାଇଲେ ପ୍ରଭୁ
ମୁଁ ଅବା ବଞ୍ଚିବି କାହିଁ ।
ଦୟାଳୁ ଠାକୁର ତୁମେ ଭକତର
ଜାଣି ପାର ମନ କଥା
ଭକ୍ତିରେ ଡ଼ାକିଲେ କାନ ଡେରି ଶୁଣ
ହରଣ କର ହେ ବ୍ୟଥା ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୬୬୪୯

ISSN NO.
2582-208X

# ଜୀବନ ନଦୀ ର ପରିବାର



ଗଗନ କୁମାର ଦାଶ

ପରିବାର ବୋଲି ସୁନ୍ଦର ଶବ୍ଦ ଟି
କିଏ କାହିଁ ଗଢିଥିଲେ
ହସ କାନ୍ଦ ସହ ପ୍ରେମ ପ୍ରିତୀ ମଧ୍ୟ
ବ୍ୟାପକ ଅର୍ଥ ଖଞ୍ଜିଲେ।

ସୁଖ ଶାନ୍ତି ପ୍ରୀତି ଆନନ୍ଦ ଉଲ୍ଲାସ
ଶ୍ରଦ୍ଧା ଭକ୍ତି ଭାବ ରଖି
ଗୁରୁ ଗୁରୁଜନ ଭକତି ସମ୍ମାନ
ରହିଥାଏ ସେଠି ଯୋଖି।

ଯୌଥ ପରିବାର ଆନନ୍ଦଅପାର
ଯେଉଁଠାରେ ମିଳିଯାଏ
କକାଖୁଡ଼ୀ ସହ ଦଦେଇ ଦେଠେଇ
ଆନନ୍ଦ ଯେ ରହିଥାଏ।

ଜେଜେମା ଙ୍କ ଗପ ଜେଜେ ପାନଖିଆ
ଏକାଠି ବସି ଭୋଜନ
ମିଳିତ ପ୍ରାର୍ଥନା ଈଶ୍ୱର ଙ୍କ ଭକ୍ତି
ହୁଏ ଜଣାଣ ଭଜନ।

ISSN NO.
2582-208X

ମନାନ୍ତର ନାହିଁ କ୍ରୋଧ ହିଂସା ନାହିଁ
ନଥାଏ ସ୍ୱାର୍ଥପରତା
ନାହିଁ ଅଭିମାନ ନାହିଁ ଅପମାନ
ମିଳଇ ଭାବ ଏକତା।

ବିଶ୍ୱାସ ଯେଉଁଠି ଭଗବାନ ହୁଏ
ଅବିଶ୍ୱାସ ଶବ୍ଦ ନାହିଁ
ପରସ୍ପର ସହ ସମ୍ପର୍କର ସେତୁ
ଆବିଳତା ସେଠି କାହିଁ।

ସଂସ୍କାର କୁ ନେଇ ସଂସ୍କୃତି ଭିତରେ
ସଂସାର ହସି ଉଠଇ
ସ୍ୱର୍ଗୀୟ ଆନନ୍ଦ ପାରିଜାତ ହସ
ବୈକୁଣ୍ଠ ଭୁବନ ସେହି।

ପିତାମାତା ମୁଖ୍ୟ ସେମାନେ ଦେବତା
ସେହି ଚଳନ୍ତି ଠାକୁର
ଜୀବନ୍ତ ପ୍ରତୀମା ପରିବାର ମଧ୍ୟେ
ଅମୃତମୟ ସେ ଘର।

ପିତାମାତା ଆଗେ ସବୁବେଳେ ଛୋଟ
ହୁଅ ତୁମେ କୋଟିପତି
ପିତାମାତା ଋଣ ସୁଝି କି ପାରିବ
ଥିଲେ ପର୍ଯ୍ୟାପ୍ତ ସମ୍ପତ୍ତି।

ଶୁଭଙ୍କର ନିବାସ
ମାଁ ମାଣିକେଶ୍ୱରୀ ମନ୍ଦିର ସାହି
ମୋହନା, ଗଜପତି

ISSN NO.
2582-208X

# ଜୀବନ



ଡ. ଜ୍ଞାନେଶ୍ୱର ମିଶ୍ର

ଜୀବନ ସଂସାର କାଗଜରେ
ଭାଗ୍ୟ ପେନସିଲ୍ ରେ ଟଣା ସରୁ ଗାରଟିଏ,
ରୋଗର ରବର ବାଜିଲେ
ନମାନି ମହୌଷଧି ନିମିଷେ ଅଦୃଶ୍ୟ ହୁଏ ।

ଜୀବନ ସଂସାର ମାୟା ଡୋରରେ ବନ୍ଧା
ସ୍ୱପ୍ନ ପବନରେ ଉଡୁଥିବା ଏକ ଗୁଡି
ଦୁର୍ଘଟଣାର ହାଲୁକା ପବନରେ
ସଂସାରରୁ ଛିଣ୍ଡିଯାଏ ଛାଡି ।

ଜୀବନ ଜଞ୍ଜାଳ ଝଙ୍କାଳିଆ ଗଛର
ଖରାବେଳର ଛାଇ,
ଭାଗ୍ୟ ସୂର୍ଯ୍ୟ ଘୁରିଗଲେ
ଛାଇ ଘୁରିଯାଏ ସଂସାର ଥାଏ ରହି ।

ଜୀବନ ଏକ ଚଳନ୍ତା ଟ୍ରେନ୍
ସମାଜର ରେଳ ଧାରଣାରେ
ଶେଷରେ ଅଟକି ଯାଏ
ଶେଷ ମୃତ୍ୟୁ ଷ୍ଟେସନରେ ।

ISSN NO.
2582-208X

ପଛରେ ଛାଡି ଆସିଥିବା ବତୀଖୁଣ୍ଟ,
ବିଲବାଡି ଗଛଲତା ସବୁ ଲିଭିଯାଏ,
ବନ୍ଧୁ ବାନ୍ଧବ, ପୁଅଝିଅ, ସାହି ପଡିଶା
ଆତ୍ମୀୟ ସୋଦର ସବୁ ଗପ ହୋଇଯାଏ ।

ସବୁ ଯଦି ହଜିଯାଏ, ଲିଭିଯାଏ
ଜୀବନକୁ ଏତେ କାହିଁକି ଜାବୁଡି ଧରିବା,
କାଳର ନିୟମ ଦୁଃଖ କିମ୍ବା ସୁଖକୁ ମାନି
ଜୀବନ ଶକଟି ଥିଲାଯାଏ ଆମେ ଜୀଇଁଯିବା ॥

୪୯/୫/ଏଚ୍-୫୫, କାର୍ଲମାର୍କ୍ସ ସରଣୀ
କୋଲକାତା ୭୦୦୦୨୩
ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ଶ୍ରାବଣରେ ଶ୍ରାବଣ ମେଘ ଆଣିବୁ



ସୁନନ୍ଦା ମହାନ୍ତ

ଦୀର୍ଘ ଦଶ ବର୍ଷ ଅତିକ୍ରାନ୍ତ ହେଲାଣି ଏ ଭିତରେ କିନ୍ତୁ ସନିଆଁ ଓରଫ ସୁଦାମବାବୁ ଆଉ ଫେରିଲେନି ଘରକୁ । କିଏ କହିଲା ଆତଙ୍କ ଦାଉ ସାଧିଲା ତ କିଏ କହିଲା ସନ୍ତ୍ରାସ ଦାଉ ସାଧିଲା ତ କିଏ କହୁଥିଲା କରୋନା। ନିଷ୍କପଟ ସନିଆଁ କଣ ଜଙ୍ଗଲରୁ କାଠ କାଟୁଥିବା ବେଳେ ଆଉ ହରଣଚାଳ ହୋଇଗଲେ ମାଫିଆ ହାବୁଡ଼ରେ ପଡି? ନା କିଛି ଚିଠି ନା ଲଫପା କିଛି ବି ଆସୁନଥିଲା ଖବର ଚାହିଁ ଚାହିଁ । ପତ୍ନୀ ଅନିମା ଓ ଏକମାତ୍ର ଝିଅ ମାମା ଆଖିରୁ ଅସରନ୍ତି ଲୁହର ନଦୀ ବୋହି ବୋହି ଆଖି ଶୁଷ୍କ ଓ ଆଖିପତା ମଳିନ ପଡିଗଲାଣି । କାମ କରିବାକୁ ଘରୁ ଗୋଡ଼ କାଢି ଅନିମା ଆଜି ରୁଗ୍ଣ । ଖାଲି ସେତିକି ନୁହେଁ ବରଂ ଦଶ ବର୍ଷ ପୁରଣ ହେଲାପରେ ଅନିମା ଏବେ ବିଧବା ବେଶରେ ଦିନ କାଟୁଛନ୍ତି । ବଢୁଥିବା ଝିଅ ଏବେ ବାପାଙ୍କ ନିଖୋଜ ଦୁଃଖ ଭୁଲିବାକୁ ଯାଇ ମାଆର ଏ ବୈଧବ୍ୟ ବେଶ ସହିପାରୁନି । ଦୁହେଁ ଆକୁଳ ନୟନ ମେଲି ଇଶ୍ୱରଙ୍କୁ ଡାକୁଛନ୍ତି । ପ୍ରଭୁହେ ମୋ ବାପା ମିଳିଯାଆନ୍ତେ ନାହିଁ ତୁମ କରୁଣାରୁ ବୋଲିଝିଅ ଡାକୁଥିଲା ବେଳେ ମାଆ ଭାବୁଥିଲେ ବଢିଲା ଝିଅର କନ୍ୟାଦାନ କିଏ କରିବ!

ମନେପଡୁଥିଲା ଅନିମାଙ୍କର ସେଦିନର କଥା । କିଏ ନେଇଗଲା ମୋ ଝିଅକୁ କହି ମାମାର ମାଆ ଅନିମା ନଈ କୂଳରୁ ଉଠୁନଥିଲେ । ଭୁଲିଯାଇଥିଲେ ଖିଆପିଆ, ଗାଧୁଆ ପାଧୁଆ, କାମ ଦାମ ସବୁକିଛି । ଏଇ ନଈ ହିଁ ସାକ୍ଷୀ । ତାରି କୂଳରେ କଳକଳ ଛଳଛଳ ଶବ୍ଦ ଭିତରେ ତାଙ୍କ ପିଲାଦିନ ବିତିଛି । ଏଇ ନଈକୁ ସାକ୍ଷୀରଖି ଭଲପାଇ ସନିଆଁକୁ ବାହା

ISSN NO.
2582-208X

ହୋଇ ଭାବିଥିଲେ ତାଙ୍କ ପରି ସୌଭାଗ୍ୟବତୀ ସଂସାରରେ କିଏ ଅଛି! ଏକା ଗାଁର ଝିଅ ଓ ବୋହୁ ହୋଇ କାଳକ୍ରମେ ପାଇଥିଲେ ଝିଅଟିକୁ ହେଲେ ଝିଅ ଥିଲା ଦିବ୍ୟାଙ୍ଗ । ଖନି, କାଲୁଣି ତଥା ଜାଡ଼ି ରୂପେ ଘରେ ବାହାରେ ପରିଚିତ ଥିଲା । ଝିଅକୁ ନେଇ ସନିଆଁ ସହ ଅନିମାଙ୍କର ପାଟିତୁଣ୍ଡ ହେଉଥିଲା ବେଳେ ଦୁଇକୂଳର ଗୁରୁଜନ କେହି ଜୀବିତ ନଥିଲେ ପିଠିରେ ପଡ଼ିବାକୁ ଅନିମାଙ୍କର । ସନିଆଁଙ୍କର ଏକାଜିଦ ଝିଅକୁ ଦିବ୍ୟାଙ୍ଗ ଆଶ୍ରମରେ ଛାଡ଼ିଦେବା କିନ୍ତୁ ମାମାକୁ ଛାଡି ନିଜ ମାତୃତ୍ୱକୁ ଉଜାଡି ଦେବାକୁ ରାଜି ନଥିଲା ମାଆ ଅନିମା। ବୁକୁ ଫାଟି ଯାଉଥିଲା ତାଙ୍କର । ଏମିତିକି ଅଭିମାନ କି କୋଉ ରାଗ ରୁଷାରେ ସନିଆଁ ତାଙ୍କୁ ଏକା କରି ଛାଡି ଯାଇ ଥିଲେ ସେତେବେଳେ । ମାଆଟି କନ୍ୟା ସନ୍ତାନ ପାଇଁ ନିଜକୁ ଚିପୁଡ଼ି ପରଘରେ ବାସି ପାଇଟି କରି ଉଜୁଡି ଯାଇଥିବା ସଂସାରକୁ ମାମା ପାଇଁ ତାରି ସହ ସଜାଡୁଥିଲା କଷ୍ଟେ ମଷ୍ଟେ ସଂସାର ନାଆକୁ ।

ସୁଖ ନହେଲେ ମଧ୍ୟ ଦୁଃଖ ନଥିଲା ମାଆଟିର । ସ୍ୱାମୀ ନିଖୋଜ ହେବା ପରେ ଝିଅକୁ ଧରି ସୁଖରେ ନହେଲେ ମଧ୍ୟ ଶାନ୍ତିରେ ଚଳୁଥିଲା ଆଉ ଚନ୍ଦ୍ରକଳା ପରି ବଢ଼ି ମାମା ବଡ଼ ହେଉଥିଲା । ଗାଁରେ ପାଠ ପଢିବା ସୁବିଧା ନଥିବାରୁ ମାଆ ଏବେ ସନିଆଁ କଥା ଭାବି ହେଉଥିଲା । ସହରରେ ଥିବା ଅନ୍ଧ କାଲ ଓ ଜାଡ଼ ସ୍କୁଲରେ ପଢିବାକୁ ସୁବିଧା ଥିବା ବ୍ରେଲି ସାହାଯ୍ୟରେ ଭଲ ସ୍କୁଲରେ ପାଠ ପଢନ୍ତା କି ତା ଝିଅ! ସ୍ୱାମୀ ସନିଆଁ ଏବେ ଏବେ ଖବର ଦେଇଥିଲା ଗାଁ ନରି ହାତରେ ଯେ ବହୁତ ଚଞ୍ଚଳ ସେ ଗାଁକୁ ଫେରୁଛି । ତ ସୁନେଲି ସ୍ୱପ୍ନରେ ମାଆଟି ମାସଗୁଲ ହେବା ବୋଧେ ଉପରବାଲାଙ୍କ ଇଛା ନଥିଲା । ସେଦିନ ନଇକୁ ଯାଇ ମାମା କାହିଁକି ଫେରିଲାନି ବୋଲି ମାଆ ଯେତେ ଡାକୁଥିଲା ନଇପଠାରେ ମାମା ଲୋ ମାମା ଲୋ କିନ୍ତୁ କୋଉଠି ନଥିଲା ମାମା । ପ୍ରତିଧ୍ୱନି କେବଳ ଫେରୁଥିଲା ଦୁଃଖର ବତାବରଣକୁ ବଢ଼େଇ ଦେଇ ଶହେଗୁଣା । ନଇ ଚାରିପାଖ ଦଉଡି ଦଉଡି ମାମାକୁ ସେଇଦିନୁ ଖୋଜୁଛି ମାଆ ଅନିମା ଆଉ ବସିରହୁଛି କୂଳରେ । ସେଦିନ ସନିଆଁ ପହଞ୍ଚିଥିଲେ ବି ନଇ କୂଳରୁ ଘରକୁ ଆସୁନଥିଲା କି ଖୁସି ନଥିଲା ମାଆ ଅନିମାଙ୍କ ମନରେ ।

ସେଦିନ ରାକ୍ଷୀ ପୂର୍ଣ୍ଣମୀରେ ସାରା ଗାଁର ଲୋକ ଖୁସି ମନାଉଥିଲା ବେଳେ କିଏ ଜଣେ ଖବର ଦେଲା ଆରପଟ ନଇ ମୁହାଁଣୀରେ ଝିଅଟିଏ ଭାସି ଆସି କୁଆଡୁ ଲାଗିଛି । ସନିଆଁ ଦୌଡୁଥିଲା ଓ ଦେଖିକି କହୁଥିଲା ସେ ପରା ହଜିଯାଇଥିବା ଆମରି ଝିଅ ମାମା । ପଦ୍ମପତ୍ର ଓ ଫୁଲ ଭିତରୁ ପଦ୍ମ ପୋଖରୀର ପାଣିରୁ ଛାଣି ଆଣିଥିବା ଝିଅଟା ସତକୁ ସତ ବଞ୍ଚିଥିଲା ।

ISSN NO.
2582-208X

ପ୍ରାଥମିକ ଉପଚାର ପରେ ହସ୍ପିଟାଲରେ ରହିବା ପରେ ଜଣାଅପଡ଼ିଥିଲା ସେ ମାମା ନୁହେଁ ଆଉ କେହି । ଝିଅଟି କିନ୍ତୁ କଥା କହିପାରୁଛି । ମାଆ କହୁଥିଲା କୁଆଡେ ହଜି ଯାଇଥିଲୁ ମୋ ମାମା, ପ୍ରକୃତି ମାଆ ତତେ କଥା କହିବା ଶିଖେଇବାକୁ ଡାକି ନେଇଥିଲେ କି? ହଁ ମାଆ । ମତେ କିନ୍ତୁ ଆଉ ସେଠିକୁ ଛାଡିଦେବୁନି । ମୁଁ ଆଉ କୁଆଡେ ଛାଡିବିନି ତତେ । ତୁ ପଢ଼ିବୁ ବଢ଼ିବୁ ଏଇ ଗାଁର ପ୍ରକୃତି କୋଳରେ ମୋ ଝିଅ । ପ୍ରକୃତରେ ପ୍ରକୃତି ନଈ ଭିତରୁ ପଦ୍ମ ଫୁଲ ଓ ପତର ଭିତରୁ ମିଳିଥିବା ପ୍ରକୃତି କନ୍ୟାର ଦାବିଦାର କେହି ନଥିଲେ ତ ସ୍କୁଲ ଗୁରୁମା ଓ ଶିକ୍ଷକମାନେ କହୁଥିଲେ ପ୍ରକୃତିକନ୍ୟାର ପରିଚୟ ତ ସେ ନିଜେ ଓ ତା ବାପା ସନିଆଁ ଓରଫ ସୁଦାମ ଓ ମାଆ ଅନିମା । ସମାଜରେ ଘଟୁଥିବା ଅନେକ ଘଟଣା ଭିତରୁ ଏ ଘଟଣା ଯାହା ବି ହେଉ କିନ୍ତୁ ମାଆଟି ମାମାକୁ ଫେରିପାଇ ନଇକୁ ଶହେ ମୁଣ୍ଡିଆ ମାରି ଚାଲିଥିଲା ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ । ସମୟ ଭୁଲଇଦେଇଥିଲା ଝିଅଟିର ନାଆଁ ଗାଁ ଠିକଣା ବରଂ ସେ ଏବେ ସବୁରି ଆଦରର କନ୍ୟା ମାମା । ତା ପରେ କିନ୍ତୁ ପୁଣି ସନିଆଁ କୁଆଡେ ଫେରାର ହୋଇଗଲେ ଓ କଣ ପାଇଁ ଚାଲିଗଲେ ମାଆ ଝିଅ କେହି କିଛି ବୁଝି ପାରୁନଥିବା ବେଳେ ବର୍ଷ ପରେ ବର୍ଷ ବିତୁଥିଲା ।

ହଠାତ ସେଦିନ ଚିଠି ଦୁଇଟି ଦେଖି ମାଆ ଓ ଝିଅ ଦୁହିଁଙ୍କ ଆଖିରୁ ଲୁହ ଝରଣା ହୋଇ ନିଗିଡି ଯାଉଥିଲା ଚାଳରୁ ବର୍ଷା ପାଣି ଗଡି ଚୁଆ କି ଝରଣା ସୃଷ୍ଟି କଲା ପରି । ବସିଖାଇଲେ ନଈବାଲି ସରିବା ଅବସ୍ଥାରେ ଏ ସରକାରୀ ଲଫାପା ଦୁଇଟି ଥିଲା ଭଗବାନଙ୍କର ବରଦାନ ସଦୃଶ । ବାପା ସନିଆଁ କରିଥିବା ଏଲ. ଆଇ. ସି, ଓ ବାଜାଜ ତଥା ଷ୍ଟେଟବ୍ୟାଙ୍କ ଲାଇଫରୁ ଇନ୍ସୁରାନ୍ସ ମିଳିବା ସହ ମ୍ୟାଚୁରିଟି ଟଙ୍କା ମଧ୍ୟ ମିଳିଯିବ ତ ଅନିମାଙ୍କୁ ଯିବାକୁ ହେବ ଅଫିସ ଓ ବ୍ୟାଙ୍କ ସବୁକୁ । ମାଆ ଆଲମିରା ଖୋଲି କାନ୍ଦୁଥିଲେ । ବାପା ଆଣିଦେଇଥିବା ଅନେକ ଶାଢ଼ୀ ଭିତରୁ କେତେକ ସେମିତି ନୂଆ ପଡିଥିଲା । ତା ଭିତରୁ ମାଆ ସବା ଶେଷ ଶାଢ଼ୀଟିକୁ ଆଣିଲା ବେଳେ ତା ଭିତରୁ ଖସିପଡ଼ିଲା ଲଫାପାଟିଏ । ସେଥିରେ ଅନାମଙ୍କୁ ଧମକ ଦିଆଯାଇଥିଲା. ଦଶଲକ୍ଷ ଟଙ୍କା ଧରି ନଆସିଲେ ତୋ ମୁଣ୍ଡକାଟ ସହ ତୋ ଝିଅକୁ ଉଠେଇ ଆଣିବାର ଧମକ ଥିଲା । ଏତେ ବର୍ଷ ପରେ ଏ ଚିଠି ଆଜି ନୂଆ ଆଶାର ସଂଚାର କରୁଥିଲା ବେଳେ ମାଆ ଓ ଝିଅ ଇନ୍ସୁରାନ୍ସ ଟଙ୍କା ସହ ଥାନାକୁ ଯାଇ ସବୁକଥା କହି ଚିଠି ଦେଖାଇବା ପରେ ବହୁତ ଡେରି ହୋଇଯାଇଛି କହି ଥାନାବାବୁ ଫେରେଇ ଦେଇଥିଲେ । ରାତିସାରା ଅନିମା କାନ୍ଦୁଥିଲେ ।

ISSN NO.
2582-208X

ଆଜି ଅଗଷ୍ଟ ପନ୍ଦର ତାରିଖରେ ଝିଅ ମାମା ର ବାହାଘର ଥିଲା । ତିଥି, ଲଗ୍ନ, ବାର, ଅନୁକୂଳ ବେଳା ଦେଖି ବାହାଘର ଠିକ କରିଥିଲେ ଅନିମା । ଘରେ ଏତେ କୁଣିଆ ମଇତ୍ର ବନ୍ଧୁବାନ୍ଧବ ଭିତରେ ମାଆ କାନ୍ଦୁଥିଲା ବେଳେ ସଉଦା ପତ୍ର ନେଇ ଯୋଉ ରିକ୍ସାବାଲା ପହଁଚିଲେ ତାଙ୍କୁ କୋଉଠି ଦେଖିଲା ପରି ଲାଗୁଥିଲା ଅନିମାଙ୍କୁ ତ ସେ ଦଉଡିଯାଇ ଖୋଜିଲା ବେଳକୁ ରିକ୍ସା ବୁଲିସାରିଥିଲା ।  କିନ୍ତୁ ଅନିମା ତାଙ୍କ ଭାଇଙ୍କ ସହ ବାଇକରେ ତାଙ୍କୁ ଅନୁସରଣ କରି ପହଞ୍ଚିଥିଲେ ସେହି ଅପରିଷ୍କାର ଗଳିରେ ।  ସେ ରିକ୍ସାବାଲା ଆଉ କେହି ନଥିଲେ ।  ସେ ହିଁ ସନିଆଁ ଓରଫ ସୁଦାମ ଥିଲେ ।  ଯୋଉ ଝିଅକୁ ଅପହରଣ କରି ନେଇଯିବାକୁ ଧମକ ପାଇ ସେ ଏତେଦିନ ଆତ୍ମଗୋପନ କରିଥିଲେ ଆଜି ସେହି ଝିଅର ବାହାଘର ପୂର୍ବରୁ ତାକୁ ଥରେ ଆଖିପୂରେଇ ଦେଖିବା ଲୋଭରେ ଏ ବୟସରେ ରିକ୍ସାବାଲାଠୁ ରିକ୍ସାନେଇ ଯାଇଥିଲେ ମଧ୍ୟ ଅନିମା ତାଙ୍କୁ ଚିହ୍ନି ଦେଇଥିଲେ ।  ପୋଲିସ ପହଞ୍ଚି ସାରିଥିଲା ।  ଦଶବର୍ଷ ତଳର ଧମକ ଏବେ ମୂଲ୍ୟହୀନ ଥିଲା ।  ଆତ୍ମଗୋପନ କରି ମଧ୍ୟ ଝିଅ ଓ ସ୍ତ୍ରୀଙ୍କ ସୁରକ୍ଷା ପାଇଁ ଏତେ ପାଖରେ ଥାଇ ମଧ୍ୟ ସନିଆଁ ଖୁବ କଷ୍ଟରେ ଥିଲେ । ଆଜି ଝିଅ ବାହାଘରରେ ଝିଅକୁ କନ୍ୟା ବେଶ କରିବା ପୂର୍ବରୁ ମାଆ ଅନିମାଙ୍କ ସଧବା ବେଶ ସହ ବାପାଙ୍କ ଆଗମନ ଝିଅକୁ ଖୁସି ଖୁସିରେ ଶାଶୁଘର ଯିବାକୁ ପଡିଥିଲା ।  ସମସ୍ତେ ଏହାକୁ ଦୈବୀଶକ୍ତି କହୁଥିଲା ବେଳେ ସୁଦାମ, ଅନିମା ଓ ଝିଅ ମାମା ବୁଝିସାରିଥିଲେ ଇଶ୍ୱରଙ୍କ ପ୍ରେମ ବିନା ଏସବୁ ସମ୍ଭବ ନୁହେଁ । ଖୁବ ବର୍ଷା ହେଉଥିଲା ତ ବାପା ସନିଆଁ କହୁଥିଲେ ମୋ ଝିଅ କୃଷ୍ଣ ଠାକୁରଙ୍କ ଲହୁଣୀ ଖାଇବା ପରି ତା ପିଲାଦିନେ ବହୁତ ଜନ୍ତଣି ଖାଇଦିଏ ତ ବର୍ଷା ହେବନି କେମିତି! ବାହାରେ ମାଇକିରେ ଭାସିଆସୁଥିଲା ବାହାଘର ମିଳନ ଗୀତିକା ବରଷା ଗାଏ ରିମ ଝିମାଝିମ... ଝିମ ଝିମ ଝିମ.....

ସାକ୍ଷୀଗୋପାଳ, ପୁରୀ/9040977327

ISSN NO.
2582-208X

# ଡାଲମା……



ରାମଚନ୍ଦ୍ର ବେହେରା

ସୁଆଦରେ ଭରା ଆମରି ଡାଲମା
ସମଗ୍ର ବିଶ୍ୱେ ବିଖ୍ୟାତ
ଅତି ପୁଷ୍ଟିକର ମୁହେଁ ରୁଚିକର
କରିଥାଏ ଦେହ ହିତ
ଗାଆଁରୁ ସହର ଯାଏ
ସଭିଏଁ କରନ୍ତି ତାହାକୁ ଆଦର
ଶିଶୁବି ସରାଗେ ଖାଏ ।
ଆଳୁ ବାଇଗଣ ଝୁଡଂଗ କଳଲୀ
ପାକଳ ଅମୃତଭଣ୍ଡା
କଖାରୁ ଗାଜର ସାରୁ ଟମାଟର
ଖମ୍ବଆଳୁ ହୁଏ ଲୋଡା
ହରଡ ମସୁର ମୁଗ
ଅନୁପାତ ସହ ରାନ୍ଧିଲେ ଲାଗଇ
ସତେକି ଛପନ ଭୋଗ ॥
ପିଆଜ ରସୁଣ ଜୀରା ଲଂକାଗୁଣ୍ଡ
ଅଦାବଟା କିଛି ମିଶେ
ଶୁଖିଲାଲଂକା ଓ ପଂଚୁ ଫୁଟଣରେ
ଛୁଂକର ସୁଗନ୍ଧ ଆସେ

ISSN NO.
2582-208X

ବଢେ ଖାଇବାର ମୋହ
ଭାତ ଅବା ରୁଟି ଯାହାବି ଖାଇଲେ
ବାସୁଥାଏ ମହମହ ।
ପରିବାରୁ ମିଳେ ତନ୍ତୁର ଫାଇଦା
ଜୀବସାରେ ପରିପୂର୍ଣ୍ଣ
ଡାଲିରୁ ମିଳଇ ପ୍ରଚୁର ପ୍ରୋଟିନ୍
ଶକ୍ତି ଦିଏ ରାତିଦିନ
ଦେହ ରୁହେ ରୋଗମୁକ୍ତ
ତା'ର ଉପଚାରେ ସର୍ବାଂଗ ଶରୀର
ଦିଶଇ ସୁନ୍ଦର ସୁସ୍ଥ ।
ସାତ୍ୱିକ ଡାଲମା ଭୋଗ ଲାଗିଥାଏ
ସର୍ବ ଦେବାଦେବୀ ପାଶେ
ପ୍ରସାଦ ରୂପେ ସେ ସାରା ଉତ୍କଳରେ
ଶ୍ରଦ୍ଧାଳୁଂକ ମନ ତୋଷେ
କି'ବଖାଣିବି ତାର ଗୁଣ
ହିତକାରୀ ଖାଦ୍ୟ ମଧ୍ୟେ ସିଏ ଶ୍ରେଷ୍ଠ
ସୁସ୍ଥ ରଖେ ସର୍ବ ପ୍ରାଣ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ISSN NO.
2582-208X

# କୋଣାରକ



ଯଜ୍ଞଦତ୍ତ ସାମନ୍ତରାୟ

କୋଣାରକ ମୁଁ ତ କୋଣାରକ
ଚନ୍ଦ୍ରଭାଗା କୂଳେ ଜନମି ମୁଁ
ରଖିଅଛି ସାରା ବିଶ୍ୱରେ ଟେକ । (ଘୋଷା)
ବାରଶହ ବଢେଇଙ୍କ ନିହାଣ ମୁନେ
ଜନ୍ମ ହୋଇଥିଲି ମୁଁ ତ ଦିନେ
ବାର ବରଷର ବାଳକ ଧରମା
ମୁଣ୍ଡି ମାରି ରଖିଲା ଜାତିର ଟେକ ।୧।
କେତେ ଚାରୁ-କାରୁ-କଳାକୁ ନେଇ
ଗରବ ଗୌରବେ ଥିଲିଟି ମୁହିଁ
ସବୁ କିଛି ଏବେ ନିରବ, ନିଷ୍ଚଳ
ରହିଅଛି ସତେ ବଧିର, ମୂକ ।୨।
ବିଶ୍ୱ ସପ୍ତାଶ୍ଚର୍ଯ୍ୟେ ନାଆଁ ମୋ ଥିଲା
ସମୟ ଧାରାରେ ଲୋପ ପାଇଲା
ଓଡିଆ ଜାତିର ମାନ କ୍ଷୁର୍ଣ୍ଣ ହେଲା
ଝରୁନି କା' ଆଖିରୁ ଟିକେ ଲୋତକ ।୩।
ରାଜା ରାଜୁଡାଙ୍କ ଶାସନ ଗଲା
ଗଣତନ୍ତ୍ର ବଳେ ଦେଶ ଚଳିଲା
ସବୁ କୀର୍ତ୍ତିରାଜି ଧରାଶାୟୀ ହେଲା

ISSN NO.
2582-208X

ରକ୍ଷଣା ବେକ୍ଷଣ ହେଲାନି ଠିକ ।୪।
ଅତୀତ ସ୍ମୃତିକୁ ମନେ ପକାଇ
ରହିଛି ଆଖିରୁ ଲୁହ ଗଡାଇ
କର୍ପୁର ଉଡିଛି କନା ପଡ଼ିଅଛି
ନିତି ଦେଖୁଛନ୍ତି କେତେ ଦର୍ଶକ ।୫।
ମୋତେ ନେଇ କେତେ କାବ୍ୟ-କବିତା
ରଚି ହୋଇଅଛି ଜଗତ ଜିତା
ସେକଥା ଏବେ ଭାଳି ବସିଲେ
ମନରେ ଆସଇ ଅନେକ ଦୁଃଖ ।୬।

ସଂପାଦକ, ଅନୁରାଗର ଗୁଞ୍ଜନ
କବିସୂର୍ଯ୍ୟନଗର,ଗଞ୍ଜାମ
ମୋ:-୯୩୩୭୪୪୯୨୪

ISSN NO.
2582-208X

# ସରଗକୁ ମତେ ନେଇଯା ଡାକି



ଶିଶିର କୁମାର ପଣ୍ଡା

ପିଲାଛୁଆ କେହି ପଚାରୁ ନାହାଁନ୍ତି
ଏକଲା ରହେ ମୁଁ ଗାଆଁର ଘରେ
ନିଜେ ରାନ୍ଧିବାଢ଼ି ଖାଇବାକୁ ହୁଏ
ରୋଗରେ ବୁଢ଼ୀଟା ମରିଲା ପରେ ।
ଯାହା ସଞ୍ଚିଥିଲି ଜୀବନ କାଳରେ
ଏବେ ମୋ ପାଖରେ କାଣିଚେ ନାହିଁ
ହାତଖୋଲା କରି ଖରଚ କରିଛି
ଛୁଆଙ୍କୁ ମଣିଷ କରିବା ପାଇଁ ।
ସରଳ ଜୀବନଯାପନ କରିଛି
ପକେଟ ଭରିନି ଲାଞ୍ଚ ମୁଁ ନେଇ
ସାହସ ହୋଇନି କେବେବି କୋଉଠି
ଆଙ୍ଗୁଳି ଉଠେଇ କହିବ କେହି ।
ତଥାପି କାହିଁକି ଭୋଗିବାକୁ ହୁଏ
କାଳିଆ ସାଆନ୍ତ ବୁଝେଇ କୁହ
ଜାଣିଜାଣି କେବେ କନ୍ଦେଇନି କା'ରେ
ଆଖିରୁ କାହିଁକି ଝରେ ମୋ ଲୁହ ?

ଗତ ଜନମର କରମର ଫଳ
ଭୋଗିବାକୁ ଯଦି ରହିଛି ବାକି
ମନା କରିବିନି ସବୁ ମୁଁ ଭୋଗିବି
ସରଗକୁ ମତେ ନେଇଯା ଡାକି ।

କୁଆଁସ, ମେରଦା କାଟିଆ,
ଯାଜପୁର
ଆଳାପ:୮୯୮୧୭୩୭୨୨୮

ISSN NO.
2582-208X

# ସମ୍ପର୍କ



ଡଃ ତାନଶ୍ରୀ ପାଣିଗ୍ରାହୀ

ଦୂରରୁ ଦେଖା ଯାଉଛି ରାସ୍ତାର ଦି ପାଖରେ ବିସ୍ତୀର୍ଣ୍ଣ ଧାନବିଲ ଓ ଆମ୍ବତୋଟାର ଚିତ୍ରପଟ... ଦିଶୁଛି ଜୀର୍ଣ୍ଣ ମନ୍ଦିରର ଧ୍ୱଜାଧାରୀ ଚୂଡ଼ା...ମୁଷ୍ଟିମେୟ ନବ ନିର୍ମିତ କୋଠା ଘରର ଛାତ... ଏମାନଙ୍କ ଛାୟାରେ ଲୁଚି ଯାଇଛି ନଡ଼ା ଛପର ଘରମାନ । ଗାଁର ଅଦୂରରେ ମୁଣ୍ଡିଆ ପାହାଡ଼ର ପାଦ ଛୁଇଁ ବହି ଯାଉଛି ତାର ପ୍ରିୟ ନଈ । ଦୀର୍ଘ ପାଞ୍ଚ ବର୍ଷପରେ ଏକ ହତାଶ ମନରେ ଆଦିତ୍ୟ ଗାଁ କୁ ଫେରୁଛି... ଫେରୁଛି ତାର ପ୍ରିୟ ସ୍ମୃତି ମାନଙ୍କ ପାଖକୁ... । ଦିଗନ୍ତବ୍ୟାପୀ ସବୁଜିମା... ଦୂର ପାହାଡ଼ର ମନୋରମ ଛାଇ, ଅନାବିଳ ଖୋଲା ପବନ ଆଦିତ୍ୟ ମନରେ ଆଜି ଅନେକ ପ୍ରତିକ୍ରିୟା ସୃଷ୍ଟି କରୁଛି ।

ସେଦିନର ସ୍ମୃତି ଆଜି ଆଦିତ୍ୟର ଗୋଟି ଗୋଟି କରି ମନେ ପଡୁଛି... ସନ୍ଧ୍ୟା ତାରା ଉଇଁବାର ଢେର ଆଗରୁ ସେ ପହଂଚିଯାଇଥିଲା... ତାର ଗାଁ ପାଖ ଏକ ଛୋଟ ରେଳ ଷ୍ଟେସନରେ... ଏଣ୍ଟ୍ରାନ୍ସ ପାଇଁ ଭୁବନେଶ୍ୱର ଯିବାକୁ । ପ୍ଲାଟଫର୍ମର ଅନତିଦୂରରେ ଥିବା ଶେଷ ସିମେଣ୍ଟ ବେଞ୍ଚରେ ଅପେକ୍ଷା କରିଥିଲା ଟ୍ରେନକୁ ।

ଛୋଟ ଷ୍ଟେସନର ଆୟତନ କ୍ଷୁଦ୍ର ହେଲେ ବି ଖୁବ ମନଲୋଭା । ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଷ୍ଟେସନଟି ଆଦିତ୍ୟକୁ ଏତେ ଭଲ ଲାଗେ ଯେ ଆଦିତ୍ୟ ନିଜ ଜୀବନର ସୁଖ, ଦୁଃଖ ମୁହୂର୍ତ୍ତମାନଙ୍କୁ ରୋମନ୍ଥନ କରି ସେଇଠି ବସି ଦୁଃଖ ସାଉଁଟେ ତ କେତେବେଳେ ଭଲ ଚାକିରୀ ପାଇବାର ସୁଖରେ ବିଭୋର ହୋଇଯାଏ । ହେଲେ ତା ଜୀବନରେ ସୁଖ ଦୁଃଖର ସହଭାଗୀ ହେବା ପାଇଁ ତା ପାଖରେ ଅସହାୟ ବିଧବା ମାଆ ଛଡା ଆଉ ଆଉ କେହି

ISSN NO.
2582-208X

ନାହାନ୍ତି । ପିଲାଟି ଦିନରୁ ବାପାଙ୍କୁ ହରାଇ ବହୁ କଷ୍ଟରେ ସେ ପାଠ ପଢ଼ିଛି M.Sc ପର୍ଯ୍ୟନ୍ତ... ଚାକିରୀ ଖଣ୍ଡିଏ ପାଇବା ପାଇଁ... ପରୀକ୍ଷା ପରେ ପରୀକ୍ଷା ଦେଇ ଚାଲିଛି କିଛି ଦିନ ଧରି...

ମନରେ ସାରା ଦିନର କ୍ଲାନ୍ତି ମେଣ୍ଟାଇବା ପାଇଁ ଏଇଟା ଥିଲା ଯେମିତି ତା ପାଇଁ ଏକ ପ୍ରକୃଷ୍ଟ ଇଲାକା... କେତେଟା ଲୋକାଲ ଟ୍ରେନ ଛଡା ପ୍ରାୟ ଏଇଟା ନିରୋଳା ସ୍ଥାନ ଆଦିତ୍ୟ ପାଇଁ...।

ହଠାତ କାହାର କରୁଣ ଚିତ୍କାରରେ ତାର ଭାବନା ବ୍ୟାଘାତ ହେଲା...କିଛି ଅସାମାଜିକ ଯୁବକ ଝିଅଟିକୁ ଗୋଡ଼ାଇ ଥିଲେ... ଅଳ୍ପ କିଛି ଲୋକ ଥିଲେ ବି କେହି ଭୟରେ କିଛି କହୁ ନ ଥାନ୍ତି... ଜଣେ ଝିଅର ଭାଗ୍ୟ ତ କେଉଁ କାଳୁ ପଥର ତଳେ ଚାପି ହୋଇ ଯାଇଛି... କାମାନ୍ଧ ପୁରୁଷ ଦ୍ଵାରା ନାରୀ ଯୁଗେ ଯୁଗେ ନିର୍ଯାତିତା... ଅପମାନିତା, ଧର୍ଷିତା ହୋଇ ଆସୁଛି... ଆଦିତ୍ୟ ନିଜର ଜୀବନକୁ ବାଜି ଲଗାଇ... ଅନେକ ଧସ୍ତା ଧସ୍ତି ମାଡ଼ ଖାଇ ଉଦ୍ଧାର କରିଥିଲା ସଂଜ୍ଞାହୀନ ଝିଅଟିକୁ... . ଟ୍ରେନ ଚାଲି ଯାଇଥିଲା ସତ... ହେଲେ ଆଦିତ୍ୟ ଛାଡି ଯାଇ ପାରି ନ ଥିଲା ଅସହାୟ ନୀରିହା କଅଁଳ କଢ଼ି ସଦୃଶ ଝିଅଟିକୁ ଚେତା ଫେରିବା ପର୍ଯ୍ୟନ୍ତ... ଚେତା ଫେରିବା ପରେ ପରିଚୟ ପାଇଥିଲା.... ନାଆଁ ତାର ଆଦ୍ୟାଶା... ପାଖ ସହରର ବିଶିଷ୍ଟ ଶିଳ୍ପପତି ସୌଭାଗ୍ୟ ସାମନ୍ତରାୟଙ୍କ ଏକମାତ୍ର କନ୍ୟା ସେ । B.Sc. ର ଅଧ୍ୟୟନ ରତା ଛାତ୍ରୀ ସେ... ସବୁଦିନ ବାପାଙ୍କ କାରରେ ଘରକୁ ଫେରେ... ହେଲେ ସେ ଦିନ ବିଶେଷ କାମରେ ଆଦ୍ୟାଶାର ବାପା ବାହାରକୁ ଯାଇଥିଲେ ବୋଲି ତାର ଏଇ ପରିସ୍ଥିତି...। ଆଦିତ୍ୟର ମନେ ହେଲା ଏଇ କିଛି ମୁହୂର୍ତ୍ତ ହେଲା ଆଦ୍ୟାଶା ପ୍ରତି ଅହେତୁକ ଆତ୍ମୀୟତା ବଢ଼ି ଯାଇଛି...ନିଜକୁ ଅନେକ କଷ୍ଟ ଲାଗୁଥିଲେ ମଧ୍ୟ ଆଦ୍ୟାଶାର ହାତ ଧରି ଧରି ଅନେକ ବାଟ ଚାଲି... ତାକୁ ଘରେ ନେଇ ଛାଡିବାର ବ୍ୟବସ୍ଥା କରିଥିଲା ସେ ।

ସେଇ ଦିନଠାରୁ ଆଦ୍ୟାଶା ଓ ଆଦିତ୍ୟ ମଧ୍ୟରେ ଏକ ନିଆରା ସମ୍ପର୍କ ଗଢି ଉଠିଲା... ଆଦିତ୍ୟ ତା ପାଇଁ ଦ୍ଵିତୀୟ ଈଶ୍ୱର... ତାର ରୂପ, କଣ୍ଠସ୍ଵର, ମନ ଲୋଭା ଚକ୍ଷୁଦ୍ଵୟ ସବୁ କିଛି ତା ହୃଦୟ ଆଇନାରେ ଦେଖାଗଲା... ସେ ଆଦିତ୍ୟକୁ ଜୀବନ ସାଥୀ ଭାବରେ ପାଇବାକୁ ବ୍ୟାକୁଳ ହେଲା...ଆଦିତ୍ୟ ମନରେ ମଧ୍ୟ ସବୁବେଳେ ଆଦ୍ୟାଶାର ରୂପ, ଯୌବନ, ଲାଳିତ୍ୟ ମଧୁଭରା କଥା, ମିଠା ମିଠା କଥା ସବୁ କିଛି ତାକୁ ଆନ୍ଦୋଳିତ

ISSN NO.
2582-208X

କଲା...ଏକ ସ୍ୱର୍ଗୀୟ, ମଧୁର ପ୍ରେମ ଧାରାରେ ପ୍ଳାବିତ ହେଲା ଦୁଇଟି ହୃଦୟ...ଆଦ୍ୟାଶାର ରୂପାଜହ୍ନ ଭଳି ଚିବୁକ ଓ ଗଣ୍ଡଦେଶରେ ଆଙ୍କିଦେଲା ଗଭୀର ଚୁମ୍ବନ... ଦୋହଲିଗଲା ତନୁମନ... ଶରତ ରାତିରେ ଶୀତଳ ସନ୍ଧ୍ୟାରେ ହଜିଗଲେ ଦୁଇ ପ୍ରେମୀ ଯୁଗଳ... କୁମାର ପୂର୍ଣ୍ଣିମାର ପୂର୍ଣ୍ଣ ଚନ୍ଦ୍ରଟା ଯାଇ ମୁହଁ ଲୁଚାଇଲା ବାଦଲ ଆଢୁଆଳରେ...ଦୁହିଁଙ୍କ ହୃଦୟ ସତେ ଅବା କହୁଥିଲା ଏଇ ତ ଜୀବନ... ଏଇ ତ ପୂର୍ଣ୍ଣତା... ପୁରୁଷ ବିନା ନାରୀ... ନାରୀ ବିନା ପୁରୁଷ ଅସମ୍ପୂର୍ଣ୍ଣ... ଏଇ ତ ସୃଷ୍ଟିର ନିୟମ । ପ୍ରେମ ହେଉଛି ବଗିଚାର ସୁକୁମାର ଫୁଲ... ଜୋର କରି କାହା ହୃଦୟରେ ପ୍ରେମ ଓ ପ୍ରଣୟର ଫୁଲ ଫୁଟାଇବା ସମ୍ଭବ ନୁହେଁ... ବାଧ୍ୟବାଧକତାରେ ଦେହ ମିଳେ... ମାତ୍ର ମନ ଓ ହୃଦୟ ମିଳେନାହିଁ ।

ଏମିତି କିଛି ଦିନ ପରେ ସାଗର ବେଳାରେ ଆଦ୍ୟାଶା କୋଳରେ ମୁଣ୍ଡରଖି ବାଲୁକା ରାଶି ଉପରେ ଶୋଇଥାଏ .ଆଦିତ୍ୟ... ବିହଙ୍ଗ, ବିହଙ୍ଗୀମାନଙ୍କ କାକଳିରେ ସାଗରବେଳା ମୁଖରିତ... ନଈପଠା । ଜହ୍ନରାତିରେ ଆଦ୍ୟାଶା ଅଧିକରୁ ଅଧିକ ସୁନ୍ଦର ଦିଶୁଛି... ତାର ଅଲୋରା କେଶ ରାଶି ଝୁଲି ପଡିଥାଏ ତା ପ୍ରିୟତମଙ୍କ ମୁହଁକୁ... ଦୁହେଁ ଦୁହିଁଙ୍କୁ ଦେଖୁଥିଲେ... ଲାଗୁଥିଲା ଏ ସମ୍ପର୍କ ଯେମିତି ଯୁଗଯୁଗର... । କେଉଁ ଦିନ ସେମାନେ ପତି, ପତ୍ନୀର ମର୍ଯ୍ୟାଦା ପାଇବେ ବାସ୍ତବତାକୁ ସାମ୍ନା କରୁଥିଲେ... ।

ବଦଳିଯାଏ ସମୟ... ପିଶାଚମାନଙ୍କର ନଖ ବଢିଲା ଭଳି ରାତ୍ରି ବଢ଼େ... ଅଥଚ ସ୍ୱପ୍ନ ଆସେନା... ସ୍ୱପ୍ନ ବିଜୁଳି ତାରରେ ଝୁଲୁଥିବା ମଲା କୁଆପରି ଲଟକି ରହିଥାଏ ରାତିର ଅନ୍ଧାରରେ... କିଛି ଦିନ ହେଲା ଆଦ୍ୟାଶାର ଅନୁପସ୍ଥିତି... ଆଦିତ୍ୟର ମନକୁ ବିଦାରି ଦେଉଥିଲା... ଆଦ୍ୟାଶାର ସାଙ୍ଗ ଆସି କହିଲା... ତାର ବାପା ତାକୁ ଏକ ବନ୍ଦ କୋଠରୀରେ ରଖି ଲୋକ ଜଗାଇଛନ୍ତି... ଆଦିତ୍ୟ ସହିତ ପ୍ରେମ ସମ୍ପର୍କକୁ ସେ ଜାଣିନେଇ ବହୁତ ଧିକ୍କାର କରିଛନ୍ତି... ଆଦିତ୍ୟ ସହିତ ବିବାହ ଦେଲେ ତାଙ୍କର ସାମାଜିକ ପ୍ରତିଷ୍ଠା ନଷ୍ଟ ହୋଇଯିବ । ଆଦ୍ୟାଶାର ବିବାହ ଅନ୍ୟତ୍ର ଠିକ କରି ଦେଇଛନ୍ତି ତା ବାପା ।

କଥାଟା ଶୁଣି ବିଶ୍ୱାସ କରିପାରିଲା ନାହିଁ ଆଦିତ୍ୟ...ଆଖିରେ ଲୁହର ବନ୍ୟା... ପ୍ରତି ମୁହୂର୍ତ୍ତରେ ଆଦ୍ୟାଶାକୁ ଜୀବନ ସାଥୀ ରୂପେ ପାଇବା ପାଇଁ ସ୍ୱପ୍ନ ଦେଖିଥିବା ହୃଦୟଟା କେମିତି ଭୁଲି ପାରିବ... ଏଇ ମାତ୍ର କେତେ ଦିନ ପରେ ଚାକିରୀରେ ଯୋଗ ଦେବ.... ନିଜ

ISSN NO.
2582-208X

ପ୍ରେମିକାର ସୀମନ୍ତରେ ସିନ୍ଦୁର ଦେଇ ପତ୍ନୀର ସ୍ୱୀକୃତି ଦେବ... ସବୁ କଥା ସରିଥିଲା ଦୁହିଁଙ୍କର...

ନିର୍ଜନ ସାଗର କୋଳରେ ମଥାପିଟି କାନ୍ଦୁଥିଲା ଆଦିତ୍ୟ... ଛୋଟ ପିଲାଙ୍କ ପରି... ଆଉ କହୁଥିଲା-ହେ ଇଶ୍ୱର ତୁମେ ହିଁ କୁହ... କେମିତି ଭୁଲ ହୋଇଗଲା ଆଦ୍ୟାଶାକୁ ଭଲ ପାଇ...???ଏହି ପ୍ରଶ୍ନର କେବଳ ପ୍ରତିଧ୍ୱନି ହିଁ ଶୁଭୁଥିଲା ଆଦିତ୍ୟକୁ...

ସତରେ ସମ୍ପର୍କର ଋତୁ ବି ବଦଳେ ଏମିତି... ସବୁ ସମ୍ପର୍କକୁ ସ୍ୱୀକୃତି ଦେଇ ହୁଏ ନାହିଁ... ଅନେକ ସମ୍ପର୍କ ହଜିଯାଏ ଅନ୍ଧାରର କାଳ ବକ୍ଷରେ... ॥

ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ବାଲିଆ, ବାଲେଶ୍ୱର
ମୋ -୯୩୩୭୩୦୪୨୯୫

ISSN NO.
2582-208X

# ଭିନ୍ନ ଏକ ଶୈଶବ



ବିନୟ ମହାପାତ୍ର

ଭୋକିଲା ପେଟର ବୋଝ,
ପିଠିରେ ମୋର ବୋହି ବୋହି,
ନିତି ନିତି ଖୋଜି ବୁଲେ,
ମୋ ଭାଗର ଭାତ ମୁଠାଏ,
ତୁମେ ଫିଙ୍ଗିଥିବା
ଏଇ ଅବର୍ଜନା ଅଳିଆ ଗଦାରୁ ।
ସାଉଣ୍ଟି ସାଇତି ରଖେ
ଗୋଟି ଗୋଟି ଖାଲି ପଲିଥିନ
ଆଉ ଖାଲି ମଦ ର ବୋତଲ,
ବଡ ଆଶାରେ ଗୋଟାଇ ନିଏ
କାଳେ କିଛି ମିଳି ଯିବ,
ତୁମ ଫିଙ୍ଗା ଅଳିଆ ଭିତରୁ ।
ମୋ ପାଇଁ ଟଙ୍କେ ଦି ଟଙ୍କାର
ହୀରା, ନିଳା ଅବା ମୋତି,
ସେଇ ହେବ ଆହାର ମୋର,
ପୁରା ପେଟ ନ-ଭରିଲେ ନାହିଁ,
କେହି ତ କହିବନି,
ମୁଁ ଖାଲି ପେଟ ଶୋଇ ଗଲି ବୋଲି !

ISSN NO.
2582-208X

ମୁଁ ତ ମାଗିନି କେବେ
ଚଉକି ଟେବୁଲରେ ବସି
କ୍ଷୀରି, ପୁରି, ପିଜ୍ଜା, ବର୍ଗର ଅବା
ପେଟ ପୁରା ସ୍ୱାଦିଷ୍ଟ ଭୋଜନ,
କେଇ ମୁଠା ସୁଖିଲା ଭାତ ଆଉ
ଚିମୁଟାଏ ଲୁଣ ଯେ ଯଥେଷ୍ଟ ହେବ,
ପିଞ୍ଜରା ହାଡ ତଳେ ଡହ ଡହ ଜଳୁଥିବା,
ଏଇ ମୋର ଭୋକିଲା ପେଟ ପାଇଁ ଅନ୍ନ ।
ମୁଁ ତ ଚାହିଁନି କେବେ,
ଉଚ୍ଚା ଉଚ୍ଚା କୋଠାରେ
ତୁଳିତଳ୍ପ ଶେଜରେ
ରେଶମୀ ଚାଦର ତଳେ
ନିଘୋଡ଼ ନିଦର ରାତି ।
ବର୍ଷାରେ ଭିଜି ଯାଏ ଯେବେ
ଗହୀରିଆ ରାତି ଅନ୍ଧାରରେ
ନିଦ ବି ବାଟବଣା ହୁଏ,
ରାସ୍ତା କଡ ଫୁଟପାଥର
ଛାତି ଥରି ଯାଏ ।
ମୋ ସାଥେ ଶୋଇବାକୁ,
ହାଡ଼ଭଙ୍ଗା ଶୀତରେ ନିଦ ଡରି ଯାଏ,
ଆଉ ଲୁଚି ଲୁଚି ବାଟ ଭାଙ୍ଗି ଚାଲିଯାଏ ।
ମୁଣ୍ଡ ଉପରେ ଚାଳି ଖଣ୍ଡେ,
ଦି ଖଣ୍ଡ ଅଖା ତ ଯଥେଷ୍ଟ ହେବ
ମୋର ଗହନ ନିଦ ପାଇଁ,
ଦି'ଘଡିର ନିଦକ ନିଦ
ଆଖି ମୋର, ପ୍ରତି ରାତି ଖୋଜୁଥାଏ ।

ISSN NO.
2582-208X

ବଡ ବଡ ସ୍କୁଲ କଲେଜର
ଡିଗ୍ରୀ ମୁଁ ଚାହିଁ ନାହିଁ କେବେ, ହେଲେ
ମନ ମୋର ଉହଳ ବିକଳ ହୁଏ
ଜାଣିବାକୁ ଦେଶ ଦୁନିଆର କଥା ।
ହାତ ଧରି କେହି ତ
ଶିଖାଇ ଦିଅନ୍ତା ମୋତେ,
ଅ ଆ ଇ ଈ ଆଉ,
ବର୍ଣ୍ଣବୋଧ ଅଣଚାଳିଶ ଅକ୍ଷର ।
ଜାଣେ ନାହିଁ,
କେଉଁ ପାପ ଅବା ପୁଣ୍ୟ ଫଳ,
ତୁମକୁ ଆଉ ମୋତେ
ଏତେ ଅଲଗା ଗଢିଛି,
ତୁମକୁ, ନ ମାଗି ମିଳିଛି ଏତେ
ଆଉ ଏଠି ମାଗିବାକୁ
ମୋତେ ସରମ ଲାଗୁଛି ।
ଖଣ୍ଡେ ପିନ୍ଧି, ଗଣ୍ଡେ ଖାଇ
ଦି'ଘଡି ଶାନ୍ତିରେ ଶୋଇବା,
ଏଇ ଅଧିକାର, ମିଳିବ କି ମୋତେ ?
ଭଗବାନ ମୋ କପାଳେ ଏତିକି ଲେଖିଛି,
ମୋ ପାଇଁ କୁହ ଅବା କିଏ ସେ ଭାବୁଛି ?

ପଟିଆ, ଭୁବନେଶ୍ବର

ISSN NO.
2582-208X

# ସବୁ ଲାଗେ ଦୁଇନମ୍ବର ପରି



କାଳ ପ୍ରସାଦ ମହାପାତ୍ର

ଆଜି ବାଟରେ ଚାଲିଚାଲି ଗଲାବେଳେ
ଦେଖିଲି ଏକ ବିଚିତ୍ର ମଣିଷ
ତାର ଭାବଭାବ ଚାରିତ୍ରଳଣ
ଲାଗୁଥିଲା ଯେପରି ସେ ଗୋଟେ
ଯୁବକଟେ ପରି ।୧।

ଆଖିର ଉଜ୍ଜ୍ୱଳତା ଥିଲା ଭରପୁର
ଆଖିରେ ଆଖିଏ ସପନ ଥିଲା
ଆଖି ଖୋଜୁଥିଲା କିଛି
ତାର ବାସ୍ତବତାକୁ ନୁହେଁ ତ
ଲେନସ୍ ଲଗା ଆଖିପରି । ୨।

ମୁଖରେ ଝରି ପଡୁଥିଲା ହସ
ଦାନ୍ତଗୁଡ଼ିକ ଚକ୍ ଚକ୍ କରୁଥିଲା
ଯେପରି ଖାଇଯିବ ମାଛ ମାଂସ
ଟିକଟିକ କରି ସବୁ ସେହି
ରୂପାର ଦାନ୍ତ ପରି। ୩।

ISSN NO.
2582-208X

ମୁଣ୍ଡରେ ଚ଼କଚ଼କ କଳା ବାଳ
ସତେଯେପରି କଳାବାଦଲ
ଆକାଶର ପାହାଡ଼ ଉପରେ
ଲୁଚ଼ାଇ ତା' ଧଳାବାଦଲକୁ
ରଙ୍ଗ ବୋଳା କଳା ପରି ।୪।

କିଛି ବାଟ ଗଲା ପରେ ଦେଖିଲି
ସବୁ କିଛି ଝଡ଼ି ପଡ଼ିଛି
ଆଖି, ଦାନ୍ତ, ବାଳ ଓ ଚର୍ମ
ଅଶିବର୍ଷର ବୃଦ୍ଧଟିଏ
ଆଧୁନିକତାର ସିଂହ ଛାଲ ପରି। ୫'I

ମୃତ ସେଇ ଅଙ୍ଗ ସବୁ
ରଖି ଅଙ୍ଗାରିକରଣ କରି
ଯାହା ସବୁ ଭ୍ରମ ସୃଷ୍ଟି କଲା
ଯୁବକ ଉତ୍ତାଳ ତନୁଟିଏ
ସବୁଖାଲି ମରିଚ଼ିକା ପରି । ୬ ।

ନୀଳବର୍ଣ୍ଣ ଶୃଗାଳ କଥା ପଢ଼ିଥିଲି
କିନ୍ତୁ ବିଚ଼ିତ୍ର ବର୍ଣ୍ଣା ଏ ମଣିଷ
ଲୁଚିଥିବା ପାଇଁ ନିଜର
ବୟସ, ଚ଼େହେରା ଓ ରଙ୍ଗ
ସବୁ ମାୟାଜାଲ ପରି ।୭।

ଆଜିର ଏ ବିଜ୍ଞାନ ଯୁଗରେ
ରାସ୍ତାଘାଟ , କୋଠାଘର ,ପୋଲ
ସବୁ ଯେପରି ଚ଼କାଚ଼କ୍
ଅଳ୍ପ ଦିନ ପାଇଁ ଠିକ୍ ଠାକ
ଭୁଷୁଡୁଛି ତାସ ଘର ପରି ।୮।

ISSN NO.
2582-208X

ସବୁ କଣ ମିଛ କୃତ୍ରିମତାଭରା
ଆଖି, କାନ,ଦା ଓ ହସ
ରାସ୍ତାଘାଟ କୋଠାଘର ଓ ପୋଲ
ଶାସନସଚିବ,ଶାସିତ ଧନ
ସବୁଲାଗେ ଦୁଇନମ୍ବର ପରି I ୯ ।

ସବୁକିଛି ଲୁଚାଯାଇଥାଏ
ପରଦାର ପଛପଟେ
ଦୃଷ୍ଟିର ଆଢୁଆଳରେ
ମୁଦ୍ରାର ଅପର ପାର୍ଶ୍ୱରେ
ଅନ୍ଧାରର କାଳିମା ପରି । ୧୦ ।

ଶିକ୍ଷକ
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# କୁଜଙ୍ଗର ଇତିହାସ ଓ ସାଂସ୍କୃତିକ ପଟ୍ଟଭୂମି



ଆର୍ଯ୍ୟରଶ୍ମି ଦଳାଇ

ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଏକ ଐତିହ୍ୟ ଓ ସଂସ୍କୃତି ସମ୍ପର୍ଣ୍ଣ ସ୍ଥାନ ହେଉଛି କୁଜଙ୍ଗ । ବଙ୍ଗୋପସାଗରର ଉତ୍ତାଳ ତରଙ୍ଗ, ସବୁଜିମାଭରା ଝାଉଁବଣ ଏବଂ ପ୍ରାକୃତିକ ଶୋଭାର ବଳୟ ଭିତରେ  ଏହାର ଅବସ୍ଥିତି । ପୂର୍ବରୁ କୁଜଙ୍ଗ କହିଲେ କୁଜଙ୍ଗ, ପାରାଦ୍ୱୀପ ଓ ମାର୍ଶାଘାଇ ପ୍ରଭୃତି ଅଂଚଳକୁ ବୁଝାଉଥିଲା । କିନ୍ତୁ ସଂପ୍ରତି ଏହା କେବଳ କୁଜଙ୍ଗକୁ ବୁଝାଉଛି । ଏହାର ସୀମା ଉ ର ଦକ୍ଷିଣ ୫୦ ମାଇଲ ଓ ପୂର୍ବ ପଶ୍ଚିମ ୨୫ ମାଇଲ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହାକୁ ପାରାଦ୍ୱୀପର ପ୍ରବେଶପଥ ବୋଲି କୁହାଯାଏ । ବାଣିଜ୍ୟ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ କୁଜଙ୍ଗ ଅତ୍ୟନ୍ତ ସମୃଦ୍ଧ । ଧାନ-ପାନ-ମୀନ ଥିଲା କୁଜଙ୍ଗବାସୀଙ୍କ ପରିପୋଷଣର ମୁଖ୍ୟ ମାଧ୍ୟମ । କୁଜଙ୍ଗର ପୂର୍ବନାମ ଅନନ୍ତପୁର ଥିଲା । ଏହି ଅଂଚଳ କୁଞ୍ଜକାନନ ସଦୃଶ ଥିବାରୁ କୁଞ୍ଜବନର ବିଶେଷତ୍ୱ ଲକ୍ଷଣ କରାଯାଇ ଏହାର ନାମ କୁଜଙ୍ଗ ରଖାଯାଇଛି ବୋଲି କେହି କେହି କୁହନ୍ତି । କୁଞ୍ଜକାକଳି ପତ୍ରିକାରେ ପ୍ରକାଶିତ ଭାରତ ଭୂଷଣ ନାୟକଙ୍କ ଏକ ପ୍ରବନ୍ଧରେ ଶ୍ରୀଯୁକ୍ତ ନାୟକ କହିଛନ୍ତି ଯେ, -"ବହୁ ପ୍ରାଚୀନ କାଳରୁ ମହାନଦୀର ମୁହାଣରେ ବନ୍ଦର ଥିବାର ଜଣାଯାଏ । ସାଧବ ପୁଅମାନେ ସମୁଦ୍ର ଦେଇ ଦୂର ବିଦେଶକୁ ବାଣିଜ୍ୟ କରିବା ପାଇଁ ଯାଇଥିଲେ । ଚୀନାମାନେ ଯେତେବେଳେ କଳିଙ୍ଗକୁ ଆସିଲେ ସେମାନେ ବହୁ ସ୍ଥାନରେ ରହି ସେହି ସ୍ଥାନଗୁଡ଼ିକୁ ନିଜ ଦେଶର ନାମାନୁସାରେ ଅଙ୍ଗ, ବଙ୍ଗ, କଳିଙ୍ଗ ଆଦି ନାମଦେଲେ । ସେମାନେ ଯେତେବେଳେ ଏ ଅଂଚଳର ମହାନଦୀ ମୁହାଣର ବିଭିନ୍ନ ସ୍ଥାନମାନଙ୍କରେ ରହି ଧାନ ସଂଗ୍ରହ କରିଥିଲେ, ସେହି ସମୟରେ ସେ ସବୁ ସ୍ଥାନମାନଙ୍କର ନାମ ବଉଳାଙ୍ଗ, ପାରିଆଙ୍ଗ, ବଡ଼ଙ୍ଗ, କୋରପଟଙ୍ଗ,

ISSN NO.
2582-208X

ପୁନଙ୍ଗ, ପାଟଳିପଙ୍ଗ ଓ କୁଜଙ୍ଗ ଆଦି ନାମରେ ନାମିତ କରିଛନ୍ତି ବୋଲି ଅନୁମାନ କରାଯାଏ । କାରଣ ସେମାନେ ପ୍ରାୟ ଶବ୍ଦର ଶେଷ ଅକ୍ଷରକୁ 'ଙ୍ଗ' ରେ ସାରିଥାନ୍ତି ।"(୧) ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦେବୀ ସୁଭଦ୍ରାଙ୍କ ବ୍ରହ୍ମ କୁଜଙ୍ଗରେ ପୂଜା ପାଉଥିବାରୁ ଏ କ୍ଷେତ୍ରକୁ ସୁଭଦ୍ରା କ୍ଷେତ୍ର କୁହାଯାଇଥାଏ । କୁଞ୍ଜବିହାରୀ ଏଠାରେ ପୂଜା ପାଉଥିବାରୁ କେହି କେହି ତାଙ୍କ ନାମାନୁସାରେ କୁଜଙ୍ଗ ହୋଇଛି ବୋଲି କୁହାଯାଇଥାଏ ।

ପୂର୍ବେ କୁଜଙ୍ଗ ଜଗତସିଂହପୁର ଜିଲ୍ଲାର ଏକ ପ୍ରମୁଖ ସାମନ୍ତରାଜ୍ୟ ଥିଲା । ଏହି ରାଜ୍ୟର ଅଧିପତିମାନେ ରାଜା, ସାମନ୍ତ ଏବଂ ଜମିଦାର ପ୍ରଭୃତି ଉପାଧିରେ ସାଧାରଣରେ ପରିଚିତ ଥିଲେ । ବହୁ  ପରାକ୍ରମଶାଳୀ ରାଜାଙ୍କ ଦ୍ୱାରା ଶାସିତ ଏହି ଅଂଚଳର ଇତିହାସ ଅତ୍ୟନ୍ତ ଗୌରବମୟ । ତାଳଚେର ରାଜବଂଶୀୟ ଅନନ୍ତ ନରେନ୍ଦ୍ର ସାମନ୍ତ କୁଜଙ୍ଗ ରାଜ୍ୟର ମୂଳ ପ୍ରତିଷ୍ଠାତା ଥିଲେ । ସେ ନିଜ ବାହୁ ବଳରେ କୁଜଙ୍ଗ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଅନନ୍ତ ନରେନ୍ଦ୍ର ସାମନ୍ତଙ୍କ ପୌତ୍ର ଗୋପୀନାଥ ନରେନ୍ଦ୍ର କିଛିକାଳ ଶାସନ କରିବାପରେ ତାଙ୍କ ପୁତ୍ର ପୁରୁଷୋତ୍ତମ ନରେନ୍ଦ୍ର କୁଜଙ୍ଗର ରାଜା ହୋଇଥିଲେ । ଏହି ରାଜାଙ୍କ ଶାସନ ସମୟରେ କୁଜଙ୍ଗ ଅନ୍ତର୍ଗତ ଧୋବେଇ ଗଡ଼ରେ ଜଣେ ପରାକ୍ରମଶାଳୀ କ୍ଷତ୍ରୀୟ ଯୁବକ 'ମଲ୍ଲିକ ରାଉତରାୟ'ଙ୍କ ଆବିର୍ଭାବ ଘଟିଲା । 'ମଲ୍ଲିକ ରାଉତରାୟ' ଥିଲେ ତାଳଚେର କ୍ଷତ୍ରୀୟ ବଂଶର ଜଣେ ପ୍ରଭାବଶାଳୀ ବ୍ୟକ୍ତି । ସେ ଧୋବେଇ ଗଡ଼ର ରାଜା ହେବା ପରେ ରାଜଦ ଉପାଧି ଅନୁସାରେ ମଲ୍ଲିକ ଷଣ୍ଢ ବୋଲି ପରିଚିତ ହେଲେ । କେତେକ ଲୋକଙ୍କ ମତ ଅନୁସାରେ ସେ ଷଣ୍ଢକୁ ମାରି 'ଷଣ୍ଢ' ଉପାଧି ପ୍ରାପ୍ତ ହୋଇଥିଲେ । ଏହି ମଲ୍ଲିକ ଷଣ୍ଢ ହେଉଛନ୍ତି କୁଜଙ୍ଗ ଷଣ୍ଢ ରାଜବଂଶର ପ୍ରତିଷ୍ଠାତା । ସେ ୧୬୮୦ ରୁ ୧୬୮୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ଏହାପରେ ଶଚୀନ୍ଦ୍ର ଷଣ୍ଢ, ଦାମୋଦର ଷଣ୍ଢ, ବିଶ୍ୱମ୍ଭର ଷଣ୍ଢ, ଚତୁର୍ଭୁଜ ଷଣ୍ଢ, କୃଷ୍ଣଚନ୍ଦ୍ର ଷଣ୍ଢ, ଗଙ୍ଗାଧର ଷଣ୍ଢ, ଚନ୍ଦ୍ରଧ୍ୱଜ ଷଣ୍ଢ, ବୀରଭଦ୍ର ଷଣ୍ଢ, ଜଗବନ୍ଧୁ ଷଣ୍ଢ, ମଧୁସୂଦନ ଷଣ୍ଢ, ଜନାର୍ଦ୍ଦନ ଷଣ୍ଢ, ଲକ୍ଷ୍ମୀଧର ଷଣ୍ଢ, ହରିହର ଷଣ୍ଢ ଏବଂ ବିଦ୍ୟାଧର ଷଣ୍ଢଙ୍କ ଭଳି ବହୁ ପରାକ୍ରମୀ ଶାସକ କୁଜଙ୍ଗର ଶାସନ ଭାର ଗ୍ରହଣ କରି ଏ ମାଟିକୁ ଗୌରବମୟ କରିଯାଇଛନ୍ତି । ଆଜି ଇତିହାସର ସ୍ୱର୍ଣ୍ଣାକ୍ଷରରେ କୁଜଙ୍ଗ ମାଟିର ମହାନ ଗାଥା ଲିପିବଦ୍ଧ । ୧୮୫୮ ମସିହାରେ ବିଦ୍ୟାଧର ଷଣ୍ଢ କୁଜଙ୍ଗର ରାଜଗାଦି ଆରୋହଣ କରି ୧୧ ବର୍ଷ ଶାସନ କରିଥିଲେ । ତାଙ୍କ ଶାସନ କାଳରେ କୁଜଙ୍ଗ ରାଜ୍ୟର କରଜ ସୀମା ପାର କରିଯାଇଥିଲା । ସେତେବେଳେ ରାଜ୍ୟର ବାର୍ଷିକ ଖଜଣା ୬୪୦୦୦ ଟଙ୍କା

ISSN NO.
2582-208X

ଥିବାବେଳେ ମୋଟ ଆୟ ହେଉଥିଲା ୨୬୦୦୦ ଟଙ୍କା । ଫଳରେ ୧୮୬୮ ମସିହା ମାର୍ଚ୍ଚ ୧୮ ତାରିଖ ଦିନ ସୂର୍ଯ୍ୟାସ୍ତ ଆଇନ ବଳରେ କୁଜଙ୍ଗ ରାଜ୍ୟ ନିଲାମ ହେଲା । କଲିକତାର ବର୍ଦ୍ଧମାନ ରାଜାଙ୍କ ମହାରାଣୀ ନାରାୟଣ କୁମାରୀଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏହି ରାଜ୍ୟକୁ କିଣି ନେଇଥିଲେ । ଏହାଦ୍ୱାରା ବିଦ୍ୟାଧର ଷଣ୍ଢ ନିରାଶ ହୋଇ କଟକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ମକଦ୍ଦମା ହାରିଯିବା ଫଳରେ ପାରାଦ୍ୱୀପ ଗଡ଼କୁ ଫେରିବାବେଳେ ନିଜ ହାତପିନ୍ଧା ହୀରାମୁଦି ଚୁଚୁମି ଆତ୍ମହତ୍ୟା କରିଥିଲେ । ସେହିଦିନଠାରୁ କୁଜଙ୍ଗ ରାଜପରିବାରର ବିଲୟ ଘଟିଲା । ବିଦ୍ୟାଧର ଷଣ୍ଢଙ୍କ ଦାସୀର ତିନୋଟି ପୁତ୍ର ଥିଲେ । ସେମାନଙ୍କ ମଧ୍ୟରୁ ଜଗଦୀଶ ଷଣ୍ଢ ଥିଲେ ପାରାଦ୍ୱୀପ ଗଡ଼ର ନାମମାତ୍ର ରାଜା । ତାଙ୍କର ଦୁଇଝିଅ ନକ୍ଷତ୍ରମାଳୀ ଓ ରତ୍ନମାଳୀ ରାଜଜେମାଙ୍କ ମଧ୍ୟରୁ ରତ୍ନମାଳୀ ଜେମାଙ୍କୁ ଆଠଗଡ଼ ଅଧିବାସୀ ବଳରାମ ବୀରବର ସାମନ୍ତଙ୍କର ପାଳିତ ପୁତ୍ର ନାରାୟଣ ବୀରବର ସାମନ୍ତ ବିବାହ କରିଥିଲେ । ରତ୍ନମାଳୀ ଜେମାଙ୍କର ତିନୋଟି ସନ୍ତାନ ଜନ୍ମହେଲେ । ଏକମାତ୍ର ପୁତ୍ର ବିଶ୍ୱମ୍ଭର ସାମନ୍ତ, ଦୁଇଝିଅ ପ୍ରତିଜ୍ଞା ସାମନ୍ତ ଏବଂ ବାଣୀ ସାମନ୍ତ । ଜ୍ୟେଷ୍ଠକନ୍ୟା ପ୍ରତିଜ୍ଞା ସାମନ୍ତ ବିଶିଷ୍ଟ କଥାକାର ମନୋଜ ଦାସଙ୍କୁ ବିବାହ କାରିଛନ୍ତି । ବିଶ୍ୱମ୍ଭର ସାମନ୍ତ ଓ ବାଣୀ ସାମନ୍ତ ଅବିବାହିତ ରହିଛନ୍ତି ।

ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନରେ ନାରାୟଣ ବୀରବର ସାମନ୍ତ ଏବଂ ରତ୍ନମାଳୀ ଜେମାଙ୍କ ଭୂମିକା ଥିଲା ଅତି ଗୁରୁତ୍ୱପୂର୍ଣ୍ଣ । ଆଣ୍ଠୁ ଲୁଚୁନଥିବା ଖଦଡ଼ ଥିଲା ସାମନ୍ତଙ୍କର ମୁଖ୍ୟ ପରିଧାନ । ସେଥିପାଇଁ ତାଙ୍କୁ କୁଜଙ୍ଗର ଗାନ୍ଧି କୁହାଯାଏ । ୧୯୩୦ ମସିହା ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ସେ ଗାଁ ଗାଁ ବୁଲି ଲୋକମାନଙ୍କ ମନରେ ଜାତୀୟତାଭାବ ସୃଷ୍ଟି କରିଥିଲେ । ତାଙ୍କ ନେତୃତ୍ୱରେ କୁଜଙ୍ଗର ହଜାର ହଜାର ବ୍ୟକ୍ତି ଆନ୍ଦୋଳନରେ ଯୋଗ ଦେଇଥିଲେ । ରତ୍ନମାଳୀ ଜେମା ଆନ୍ଦୋଳନକାରୀଙ୍କ ରହିବା ଖାଇବାର ସମସ୍ତ ବ୍ୟବସ୍ଥା କରୁଥିଲେ । ଗୋପନରେ ଲୁଚି ବୁଲୁଥିବା ଆନ୍ଦୋଳନକାରୀଙ୍କ ଚିଠିର ଠାର ଭାଷାକୁ ସେ ବୁଝିପାରି ଠିକ୍ ସମୟରେ ସାହାଯ୍ୟ କରୁଥିଲେ । ଗାଁ ଝିଅବୋହୂଙ୍କୁ ସେ ସୂତାକାଟି ଲୁଗା ବୁଣିବା ପାଇଁ ଉତ୍ସାହିତ କରୁଥିଲେ । ୧୯୨୧ ମସିହାରେ ସେ ଏରସମା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ବିଧାନସଭାକୁ ନିର୍ବାଚିତ ହେଲେ । ରାଜନୀତି ବିଷୟରେ ତାଙ୍କ ମତାମତ ପଚାରିଲେ ସେ କହୁଥିଲେ–"ଆଜିକାଲି ରାଜନୀତି ଆଉ ସଚ୍ଚା ରାଜନୀତି ହୋଇ ରହିନାହିଁ, ଆଜିର କଂଗ୍ରେସ କର୍ମୀ ଆଉ ଆଜିର କଂଗ୍ରେସ ହୋଇନାହାନ୍ତି । ଗାନ୍ଧି ମୋତେ ଖଦଡ଼

ISSN NO.
2582-208X

ଛାଇଥିଲେ; ମୁଁ ତାଙ୍କ ନୀତି ଆଦର୍ଶକୁ ଅକ୍ଷରେ ଅକ୍ଷରେ ପାଳନ କରିଆସିଛି । ହେଲେ ଆଜି ଯେଉଁମାନେ ଖଦଡ଼ ପିନ୍ଧି କଂଗ୍ରେସ କର୍ମୀ ବୋଲି କହୁଛନ୍ତି, ତାଙ୍କର ସେ ଆଦର୍ଶ ନାହିଁ ଓ କାର୍ଯ୍ୟରେ ନିଷ୍ଠା ଓ ନୀତିନିୟମ ନାହିଁ । କେବଳ ଖଦଡ଼ ପିନ୍ଧି କଂଗ୍ରେସର ବଦ୍‌ନାମ କରୁଛନ୍ତି । ତେଣୁ ମୁଁ ସେମାନଙ୍କ ରାଜନୀତିକୁ ଘୃଣାକରେ ।"(୨) ନାରାୟଣ ବୀରବର ସାମନ୍ତ ଏବଂ ରତ୍ନମାଳୀ ଜେମାଙ୍କ ସହିତ ରମାଦେବୀ, ସରଳାଦେବୀ, ମାଳତୀଦେବୀ, ଅନ୍ନପୂର୍ଣ୍ଣାଦେବୀ ମଧ୍ୟ କୁଜଙ୍ଗବାସୀଙ୍କ ମନରେ ନବଜାଗରଣ ସୃଷ୍ଟି କରିଥିଲେ । ଏହି ନାରୀନେତ୍ରୀମାନଙ୍କ ଆହ୍ୱାନରେ କୁଜଙ୍ଗର ସାଧାରଣ ମହିଳାମାନେ ବହୁ ସଂଖ୍ୟାରେ ଆନ୍ଦୋଳନରେ ଯୋଗ ଦେଇଥିଲେ । ଦୁର୍ଯ୍ୟୋଧନ ପଟ୍ଟନାୟକ, ଜଗନ୍ନାଥ ଶତପଥୀ, ବାବାଜୀ ଭୀମସେନ ଦାସଙ୍କ ଭଳି କୁଜଙ୍ଗର ପ୍ରମୁଖ କର୍ମୀମାନେ ସତ୍ୟାଗ୍ରହ ଆନ୍ଦୋଳନରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ । କୁଜଙ୍ଗର ଉପକୂଳବର୍ତ୍ତୀ ଅଂଚଳରେ କୈବର୍ତ୍ତ ମାନେ ଅଧିକ ସଂଖ୍ୟାରେ ବାସ କରୁଥିବାରୁ ସେମାନେ ଅତ୍ୟନ୍ତ ସାହସର ସହିତ ଆନ୍ଦୋଳନକୁ ସକ୍ରିୟ କରିଥିଲେ । ଏହି ଆନ୍ଦୋଳନରେ କୁଜଙ୍ଗ ଅନ୍ତର୍ଗତ ଚଟୁଆ ବେଢ଼ିମଠର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୂରଦୂରାନ୍ତରରୁ ଆସିଥିବା ସତ୍ୟାଗ୍ରହୀମାନେ ଏଠାରେ ଆଶ୍ରୟ ନେଉଥିଲେ । ଏଠାରେ ବିଭିନ୍ନ ସଭା ସମିତି କରାଯାଇ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରାଯାଉଥିଲା । ଏହା ସହିତ ଅରଟରେ ସୂତା ମଧ୍ୟ କଟାଯାଉଥିଲା । ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ଏ ମଠ ଏକ ରଣକ୍ଷେତ୍ରରେ ପରିଣତ ହୋଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ସେତେବେଳେ ଇଂରେଜମାନଙ୍କର ଦମନଲୀଳା ଲାଗିରହୁଥିଲା । ଇଂରେଜମାନେ ନାରାୟଣ ବୀରବର ସାମନ୍ତଙ୍କୁ ଗିରଫ କରି ଭାଗଲପୁର ଜେଲରେ ରଖିଲେ। ସେମାନେ ଭାବିଲେ ସାମନ୍ତଙ୍କୁ ଗିରଫ୍ କରିବା ଦ୍ୱାରା କୁଜଙ୍ଗର ଆନ୍ଦୋଳନର ଅନ୍ତ ଘଟିବ । କିନ୍ତୁ ସେମାନଙ୍କ ଧାରଣା ଭୁଲ ଥିଲା । କାରଣ ଇଂରେଜମାନଙ୍କର ଦମନଲୀଳା କିମ୍ବା ଗିରଫ୍‌କୁ ସତ୍ୟାଗ୍ରହୀମାନଙ୍କର ଭୟ ନଥିଲା । ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ କୁଜଙ୍ଗବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏହା ଇତିହାସ ମଧ୍ୟ ସ୍ୱୀକାର କରେ । ଆଜି ଆମେ ସମସ୍ତେ ଆମ ପୂର୍ବସୂରୀମାନଙ୍କ ପାଇଁ ଗର୍ବ କରିବା ଆବଶ୍ୟକ ।

କୁଜଙ୍ଗର ସଂସ୍କୃତି ଅତ୍ୟନ୍ତ ମହନୀୟ । କୁଜଙ୍ଗ ଏକ କୃଷିଭିତ୍ତିକ ଅଂଚଳ ହୋଇଥିବାରୁ ଏହାର ଅଧିବାସୀମାନଙ୍କ ଜୀବନ କୃଷି ସଂସ୍କୃତି ସହିତ ଜଡ଼ିତ । ଯୁଗଯୁଗଧରି ଏଠାରେ ବିଭିନ୍ନ କାରଣରୁ ଏକ ସ୍ୱତନ୍ତ୍ର ସଂସ୍କୃତି ମୁଣ୍ଡଟେକି ଉଠିଛି । କୁଜଙ୍ଗର ସାଂସ୍କୃତିକ ପରମ୍ପରା

ISSN NO.
2582-208X

ଅନ୍ତରାଳରେ ରହିଛି ଗଭୀର ଲୋକବିଶ୍ୱାସ ଏବଂ ପାରମ୍ପରିକ କୃଷିଭିତ୍ତିକ ଜୀବନ ପ୍ରବାହ। ଏଠାରେ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ ଓ ଶୁଦ୍ର ପ୍ରଭୃତି ଚାରିଜାତିର ଲୋକେ ବାସ କଲେ ମଧ୍ୟ ଧାର୍ମିକ ଅସହିଷ୍ଣୁତା ଦେଖିବାକୁ ମିଳେ ନାହିଁ । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଏଠାରେ ସମସ୍ତେ ଭାଇଭାଇ । ପାରମ୍ପରିକ ଲୋକବିଶ୍ୱାସ ଏଠାକାର ଜନଜୀବନ ସହିତ ସମ୍ପୃକ୍ତ । ପ୍ରତ୍ୟେକ ଗ୍ରାମରେ ଗ୍ରାମ୍ୟଦେବୀଙ୍କ ମନ୍ଦିର ଦେଖିବାକୁ ମିଳେ । କୁଜଙ୍ଗର ବିଭିନ୍ନ ସ୍ଥାନରେ ଥିବା ଶିବମନ୍ଦିରଗୁଡ଼ିକ ଏଠାକାର ଶିବ ଉପାସନା ସମ୍ପର୍କରେ ମଧ୍ୟ ସୂଚନା ଦେଇଥାଏ । ଏଠାରେ କୈବର୍ତ୍ତମାନେ ଅଧିକ ସଂଖ୍ୟାରେ ବାସ କରୁଥିବାରୁ ଚଇତ ପର୍ବକୁ ବେଶ୍ ଉତ୍ସାହର ସହିତ ପାଳନ କରିଥାନ୍ତି । ବାସେଳୀ ଠାକୁରାଣୀ ଏମାନଙ୍କର କୁଳଦେବତା । ଏମାନଙ୍କର ମୁଖ୍ୟପର୍ବ ଚଇତ ପର୍ବରେ ଅନୁଷ୍ଠିତ ହେଉଥିବା ଘୋଡ଼ାନାଚ ବେଶ୍ ମନୋମୁଗ୍ଧକର । ଏହା ସହିତ ଘଟନୃତ୍ୟ, ପାଟୁଆ ନୃତ୍ୟ ଏବଂ ଝାମୁ ଯାତ୍ରା ପ୍ରଭୃତି ଲୋକନୃତ୍ୟ ଏଠାରେ ବିଶେଷ ଗୁରୁତ୍ୱ ବହନ କରିଥାଏ । ସନ୍ତାନର ଏକୋଇଶା, ଜନ୍ମ ବାର୍ଷିକ ଏବଂ ଷୋଳବର୍ଷ ପୂର୍ତ୍ତିର ଉତ୍ସବରେ ପାଲା କରିବାର ବିଧି ଏଠାରେ ବହୁ ପ୍ରାଚୀନ କାଳରୁ ଦେଖିବାକୁ ମିଳେ । ଏଥିରେ ସତ୍ୟପୀରଙ୍କୁ ଉପାସନା କରାଯାଇଥାଏ ।

ସେହିପରି ବିଭିନ୍ନ ପର୍ବପର୍ବାଣୀରେ ରାମଲୀଳା, ଯାତ୍ରା ପ୍ରଭୃତି ଅନୁଷ୍ଠିତ ହେବାର ପରମ୍ପରା ରହିଛି । ବୈଶାଖ ମାସର ଖରାବେଳେ କେଳା ସମ୍ପ୍ରଦାୟର ଲୋକମାନେ ଗାଁ ଗାଁ ବୁଲି ବିଭିନ୍ନ ନାଟ ପ୍ରଦର୍ଶନ କରି ଏଠାକାର ଲୋକମାନଙ୍କ ମନୋରଞ୍ଜନ କରୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ । କୁଜଙ୍ଗ ଓଡ଼ିଶା ସଂସ୍କୃତିର ଏକ ଅଂଶ ହୋଇଥିବାରୁ ଏଠାରେ ବାର ମାସରେ ତେର ପର୍ବ ଅନୁଷ୍ଠିତ ହୋଇଥାଏ । ରାସପୂର୍ଣ୍ଣିମା, ଜନ୍ମାଷ୍ଟମୀ, ଦୋଳଯାତ୍ରା, ଅକ୍ଷୟ ତୃତୀୟା, ଗଣେଶ ପୂଜା, ରଜପର୍ବ, ଖୁଦୁରୁକୁଣି, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, କୁମାର ପୂର୍ଣ୍ଣିମା, ଦୀପାବଳି, ପ୍ରଥମାଷ୍ଟମୀ, ମାଣବସା ଗୁରୁବାର, ଶ୍ରୀରାମ ନବମୀ, ବକୁଳ ଅମାବାସ୍ୟା, ଶିବରାତ୍ରୀ, ରଥଯାତ୍ରା ପ୍ରଭୃତି ବିଭିନ୍ନ ପର୍ବପର୍ବାଣି ଏଠାରେ ବେଶ୍ ଉତ୍ସାହର ସହିତ ପାଳନ କରାଯାଏ । ଗଡ଼କୁଜଙ୍ଗରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାର ସ୍ୱତନ୍ତ୍ରତା ରହିଛି । କୁଜଙ୍ଗର କୁଞ୍ଜବିହାରୀଙ୍କ କ୍ଷେତ୍ରରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ବାସି ରଥଟଣା ହୁଏ । ଏହାର ପୃଷ୍ଠପଟରେ ଏକ କିମ୍ବଦନ୍ତୀ ରହିଛି । ଗଡ଼କୁଜଙ୍ଗରୁ ପୁରୀକୁ ଠାକୁରଙ୍କ ବ୍ରହ୍ମ ସ୍ଥାନାନ୍ତର ହେବାପରେ କୁଜଙ୍ଗ ରାଜା ଦୁଃଖରେ ଭାଙ୍ଗିପଡ଼ି ମହାପ୍ରଭୁଙ୍କ ଶରଣାପନ୍ନ ହେଲେ, ମହାପ୍ରଭୁ ଭକ୍ତର ବ୍ୟଥା ଲାଘବ କରିବା ପାଇଁ ରାଜାଙ୍କ ସ୍ୱପ୍ନରେ ଆସି କହିଲେ-ଶ୍ରୀକ୍ଷେତ୍ରରୁ

ISSN NO.
2582-208X

ଶ୍ରୀଗୁଣ୍ଡିଚା ଦିନ ରଥରେ ବିଜେ କରିବା ପରେ ଗଡ଼କୁଜଙ୍ଗକୁ ଆସି ବାସି ରଥରେ ବିଜେ କରିବି ।

ସେହି ବର୍ଷଠାରୁ ଗଡ଼କୁଜଙ୍ଗରେ ଶ୍ରୀଗୁଣ୍ଡିଚା ବାସି ରଥଯାତ୍ରା ଅନୁଷ୍ଠିତ ହୁଏ । କୁଜଙ୍ଗର ଗରେଇ ଶାସନ, ଲଥାଙ୍ଗ, ସାଇଲୋ ଏବଂ ବାଲିତୁଠଠାରେ ବାରୁଣୀ ବୁଡ଼ ବେଶ୍ ଧୁମ୍ ଧାମ୍‌ରେ ଅନୁଷ୍ଠିତ ହୋଇଥାଏ ।(୩) ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରା ଆଦି ଅନୁଷ୍ଠିତ ହୋଇଥାଏ । ଏହାର ଲୋକସଂସ୍କୃତିରେ ଚାରୁକଳା, କାରୁକଳା ଏବଂ ପାରମ୍ପରିକ କଳାକର୍ମରେ ମଧ୍ୟ ସ୍ୱତନ୍ତ୍ରତା ଦେଖିବାକୁ ମିଳେ । କୁଜଙ୍ଗର କୁମାରୀ କନ୍ୟା ଏବଂ ମହିଳାମାନେ ଲକ୍ଷ୍ମୀପୂଜା, ଫଂଚୁକ, ଦୁର୍ଗାପୂଜା ପ୍ରଭୃତିରେ ଯେଉଁ ଚିତା, ମୁରୁଜ ପକାଇଥାନ୍ତି ତାହା ଅତି ମନୋରମ ହୋଇଥାଏ । ସେହିପରି ମହିଳାମାନେ ତାଳପତ୍ରରେ ସୁନ୍ଦର ଚଟ ଓ ବିଂଚଣା ଆଦି ବୁଣିଥାନ୍ତି । ସେହିପରି ଖଜୁରୀପତ୍ରରେ ଝାଡୁ, ବାଉଁଶରେ ଟୋକେଇ, କୁଲା, ପାଛିଆ, ବେତରେ ଗଉଣୀ, ଟେବୁଲ, ଚେୟାର, ଝୁଣୁକାରେ ଝାଡୁ, ଅନ୍ଧୁଳୀ ପ୍ରଭୃତି ତିଆରି କରିବାର କଳାରେ ମଧ୍ୟ କୁଜଙ୍ଗବାସୀ ନିପୁଣ । ଏଠାକାର କୁମ୍ଭକାରମାନେ ମାଟିରେ ବିଭିନ୍ନ ରନ୍ଧନ ପାତ୍ର, କଳସୀ ଆଦି ନିର୍ମାଣକରି ନିଜ ପରିବାରର ପରିପୋଷଣ କରିଥାଏ । ସେହିପରି ବ୍ରାହ୍ମଣ, ଚଷା, ଗୋପାଳ, ଗୁଡ଼ିଆ, କୈବର୍ତ୍ତ, ରଜକ, ଚମାର, କଂସାରୀ, ଶଂଖାରୀ, ତନ୍ତୀ ପ୍ରଭୃତି ଜାତିର ଲୋକେ ନିଜ ନିଜ କୌଳିକ ବୃତ୍ତି କରି ଜୀବନ ଅତିବାହିତ କରିଥାନ୍ତି । କୁଜଙ୍ଗରେ ଯୁଗ ଯୁଗ ଧରି ପରମ୍ପରା ଅନୁକ୍ରମରେ ଯେଉଁ ସଂସ୍କୃତି ପ୍ରଚଳିତ ହୋଇଆସୁଥିଲା ସଂପ୍ରତି ଆଧୁନିକତାର ଛାପରେ ସେଥିରେ କିଛି ବ୍ୟତିକ୍ରମ ଦେଖାଦେଇଥିଲେ ମଧ୍ୟ ତାହା ସଂମ୍ପୂର୍ଣ୍ଣ ଲୋପ ପାଇନାହିଁ । ଆମ ମାଟିର ଅତୀତ ଗୌରବ ଏବଂ ମହନୀୟ ସଂସ୍କୃତିକୁ ଉପଲବ୍ଧିକରି ତାକୁ ବଂଚେଇରଖିବା ଆମ ସମସ୍ତଙ୍କର ଦାୟିତ୍ୱ, ତେଣୁ ଆମେ ସେଥିପ୍ରତି ଧ୍ୟାନଦେବା ନିତାନ୍ତ ଆବଶ୍ୟକ ।

ସହାୟକ ଗ୍ରନ୍ଥସୂଚୀ

୧. କୁଞ୍ଜକାକଳି- କୁଜଙ୍ଗ ମହୋତ୍ସବ ୨୦୧୭, କୁଜଙ୍ଗ ମହୋତ୍ସବ କମିଟି, କୁଜଙ୍ଗ, ଜଗତସିଂହପୁର, ପୃ.୨୦ ।

ISSN NO.
2582-208X

୨. ସାମନ୍ତ, ବାଣୀ(୨୦୦୬): ନାରାୟଣ ବୀରବର ସାମନ୍ତଙ୍କ 'ଜୀବନ ସ୍ମୃତି', ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨, ପୃ-୧୧୦-୧୧୧ ।

୩. ରାଉତ, ଭୋଳାନାଥ(୨୦୦୬): ଜଗତସିଂହପୁର: ଅତୀତ ଓ ବର୍ତ୍ତମାନ (ଦ୍ୱିତୀୟଖଣ୍ଡ), ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର, ପୃ.୪୫୫ ।

ଗବେଷକ, ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋବାଇଲ୍ ନଂ- ୮୧୪୪୬୧୨୯୮୬

ISSN NO.
2582-208X

# ପ୍ରେମ ଏକ ନାଟକ



ଜୟ କୁମାର ମିଶ୍ର

ପ୍ରେମଟି ନାଟକ, ଅନେକ ତ ଅଙ୍କ
ଛଳନା, ବାହାନା କେତେ,
ନାହିଁ ସେ ଅତୀତ, ନାହିଁ ସେ ପବିତ୍ର
ଯୁଗ ବଦଳିବା ସାଥେ ॥
ସୀତା ଓ ସାବିତ୍ରୀ, ଅନୁସୟା, ସତୀ
ଊର୍ମିଳା ଦିଶନ୍ତି ନାହିଁ,
ନବ ଆଧୁନିକ, ଖାଲି ଚାକଚକ୍ୟ
ଦାଣ୍ଡ ଦେଖାଣିଆ ଛଇ ॥
କିଏ ଧନ ପାଇଁ, ହେଉ ଥାଏ ବାଇ
କିଏତ କ୍ଷମତା ଖୋଜେ
ହୋଇଲେ ନିର୍ଦ୍ଧନ, ଅଯୋଗ୍ୟ ନିପୁନ
ପ୍ରତାରକ ତାକୁ ତେଜେ ॥
ରୂପ ଯଉବନ, କରି ପୁଞ୍ଜିମାନ
କରେ ବିପଣନ କେହି,
ଅବଶୋଷ, ଅନ୍ତେ, ଗତି ନିଜ ପଥେ
ଅନୁତାପ ଲୁହ ଦେଇ ॥
ଏକରୁ ଅନେକ, ଖାଲି ଦେହ ସୁଖ
ତା ପରେ ତେଜ୍ୟ ସେ ହୁଏ,

ISSN NO.
2582-208X

ଦେଖି ଗୁଡ଼ ଜନ୍ଦା, କରୁ ଥାଏ ଧନ୍ଦା
ରସିକ, ରସିକା ଟିଏ ॥
ଭାବ ପ୍ରବଣରେ, ମନସ୍ତାପେ ରୁହେ
କିଏ ସେ ଜହର ପିଏ,
ଲଗାଇଣ ରଶି, କିଏ ହୁଏ ଫାଶୀ
ଜୀବନ ହରାଇ ଦିଏ ॥
ହୋଇ ସର୍ବ ହରା, ରଣବାଢ଼ି କରା
ବାର ଦୁଆରରେ ଠିଆ,
କିଏ ଖାଏ ନିଶା, ଅଫିମ, ଗଞ୍ଜାଇ
ଭାବି ଭାବି ହୁଏ ବାୟା ॥
ପାଠଶାଠ ସହ, ଭବିଷ୍ୟତ ପଥ
ହୁଏ ଶୂନ୍ୟ, ଅନ୍ଧକାର,
ବୃଥା ପ୍ରହସନ, ମାନ, ଅଭିମାନ
କରି ଦିଏ ନାରଖାର ॥
ରାଣ, ପରମାଣ, ଖାଇଯାଏ ଘୁଣ
ଶପଥ ହୁଅଇ ଖତ,
କ୍ଷଣିକ ଆବେଗ, ଦିଏ ବଡ଼ ଦାଗ
ବଦଳେ ଜୀବନ ପଥ ॥
ସେ ଚୋରା ପୀରତି, ଅନ୍ଧାକାର ରତି
ଫିକା ପଡିଯାଏ ଯେବେ,
କିଏ ସେ କାହାର, କଦର୍ଯ୍ୟ ବେଭାର
ଶେଷ ଅଙ୍କେ ଦେଖା ଦେବେ ॥
ଯା' ପାଇଁ ମଣିଷ, ଭୁଲି ଭୋକ ଶୋଷ
ହେଉ ଥାଏ ହାଇଁ ଫାଇଁ,
ପଡିଗଲେ, ଫୁଲ, ମନ କଲବଲ
(ପରେ) ନିଷ୍ଠୁର ପାଷାଣ ସେହି ॥
କରେ ହଟହଟା, ଅଭଦ୍ର ଚୋରଟା

ISSN NO.
2582-208X

ମାନ ସଂହାରଣ କରେ,
ଗ୍ରାମ ପାଞ୍ଚୁଆତି, ଥାନା ଦ୍ୱାର ଗତି
(କିଏ) ଗଣ ମାଧ୍ୟମକୁ ଧରେ ॥
ଶସ୍ତା ପ୍ରେମ ପାଇଁ, ମାମୁଁ ଘର ଯାଇ
ଲଭଇ ସତ୍କାର ବେଶି,
ଦାଣ୍ଡେ ମୁଣ୍ଡ ପୋତା, ଘର ପିତା, ମାତା
ପ୍ରେମ କରେ ତାଙ୍କୁ ଦୋଷୀ ॥
ସମ୍ପର୍କ ରେ ଫାଟ, ଚାଲେ ବହୁ ନାଟ
କଥା କଟାକଟି କେତେ,
ହୁଏ ମାର ପିଟ, ବୃଥା କଥା ରାଷ୍ଟ୍ର
କିଏ ଅବା କେଉଁ ମତେ ॥
ପ୍ରେମ ପଦ ଟିର, ଭାବ ସଂଜ୍ଞା ସ୍ୱର
ହେଉଛି କଦର୍ଥ ଆଜି,
ଲାଇଲା, ମଜୁନ, ଦେବ ଦାସ ଭଳି
ପ୍ରେମଟି ଯାଇଛି ହଜି ॥

ଗ୍ରାମ-ବୁଦୁର୍
ଗୋରିବନ୍ଧା, ଗଜପତି
ଓଡିଶା, 761206
ଯୋଗାଯୋଗ- 6372127449

ISSN NO.
2582-208X

# ତୁମେ ବିପଦର ସାହା



ପ୍ରତିଭା ଦାଶ

କାଳିଆ ଠାକୁର ତୁମେ
ବିପଦରେ ସାହା
ତୁମ ଆଶୀର୍ବାଦେ ଆମ
ଜୀବନର ରାହା ।
ତୁମ ବାଙ୍କ ଚାହାଣୀରେ
ରହିଛି ଗୁମର
ବୁଝିପାରିଲେ ହୋଇବ
ଜୀବନ ସୁନ୍ଦର ।
ଅନ୍ତରୁ ଡାକିଲେ ପ୍ରଭୁ
ମେଣ୍ଟିଯାଏ ଦୁଃଖ
ଭକ୍ତର ଗୁହାରି କେବେ
କରନ୍ତି ନି ହେୟ ।
ଦୁଃଖୀର ଦୁଃଖ ବୁଝିଲେ
ପାଏ ସେ ଆଶିଷ
ତୁମ କୃପା ରହେ ସଦା
ମିଳେ ତାକୁ ଯଶ ।
ମୁରୁକି ହସରେ ତୁମ
ଆଖି ହୁଏ ତୃପ୍ତି
ରଖି ହୃଦୟରେ ତାକୁ
ମିଳେ କେତେ ଶାନ୍ତି ।

ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି, ନୂଆପଡ଼ା

ISSN NO.
2582-208X

# ଆହୁତି



ଡାଃ. ଅନିତା ପଣ୍ଡା

-- ୧୧ --

ଆଲିଗଡରେ ନଳିନୀଙ୍କ ଘର ପାଖରେ ଘରଟିଏ ଭଡ଼ା ନେଇ ମା', ମାମୁ ଓ ଶ୍ୟାମଙ୍କ ଉପସ୍ଥିତିରେ ଗୁନିର ବାହାଘର ସମ୍ପନ୍ନ କରାଗଲା । ଗାଁ ତରଫରୁ କିମ୍ବା କଟକ ତରଫରୁ କେହି ନ ଥିଲେ । ନିଜର ହୋଇ କେହି ନ ଥିଲେ । ଆର୍ଯ୍ୟ ସମାଜ ମତେ ବାହାଘରଟି ହୋଇଗଲା । ରେଭେନ୍ସା କଲେଜକୁ ଚାକିରୀ ବରଖାସ୍ତ ପାଇଁ ଦରଖାସ୍ତ ଖଣ୍ଡିଏ ଦେଇ ଆଲିଗଡ ଚାଲି ଆସିଲା ଅରୁନ୍ଧତୀ । ଯେଉଁ ନଳିନୀକୁ ଦିନେ ଲଫଙ୍ଗା ଛତରା ଆଖ୍ୟା ଦେଉଥିଲା ଏବେ ସେ ତାହା ସହ ଘର ବସାଇବ ।

ଆଲିଗଡ଼ରେ ବାହାଘର ପରେ ମା' କହିଥିଲା ଆମର ପରମ୍ପରା ଅନୁସାରେ ଝିଅ ଜ୍ୱାଇଁ ବାହାଘର ସାତଦିନ ପରେ ବାପ ଘରକୁ ଯିବେ । ନଳିନୀ ଆଉ ଅରୁନ୍ଧତୀ ଦୁହେଁ ଦୁଇଦିନ ପାଇଁ ଯାଇଥିଲେ । ରଙ୍ଗୀମାର ଖୁସି କହିଲେ ନ ସରେ । ଗୁନି ଆସିଛି । ତା' ପାଦ ତଳେ ଲାଗୁ ନ ଥିଲା । ଯ୍ୟା ଭିତରେ ନଳିନୀ ଯେ କେତେବେଳେ ବାହାରକୁ ବାହାରି ଯାଇଛନ୍ତି, ତାହା ଅରୁନ୍ଧତୀକୁ ଜଣା ନ ଥିଲା । ବାହାରେ ନିର୍ମଳା ଦେଠେଇଙ୍କର ସ୍ୱରରେ ପ୍ରକୃତିସ୍ଥ ହେଲା ଗୁନି ।

କାନ ଯାହା ଶୁଣୁଛି ଆଖି ଯାହା ଦେଖୁଛି ତାହା କ'ଣ ସତ ସାରିକା । ତୋ ଝିଅକୁ ପଠାଣ ସହ ବାହା ଦେଇଛୁ ? କ'ଣ ଆଉ କରିଥାନ୍ତି ନାନୀ । ପରିସ୍ଥିତି ସେଇମିତି ଥିଲା ।

ପରିସ୍ଥିତି କ'ଣ କିଲୋ ?

ଦିନକର କଥା ନାନୀ । ଶ୍ୟାମ ତା ମାମୁ ଘରକୁ କେଇଦିନ ଲାଗି ଯାଇଥିଲା । ଯ୍ୟାଙ୍କର କାହାର ଦେହ ଭଲ ନ ଥିଲା ବୋଲି ଇଏ ଗାଁ କୁ ଯାଇଥିଲେ । ଘରେ କେହି ନାହାନ୍ତି ବୋଲି

ISSN NO.
2582-208X

ବାନ୍ଧବୀମାନଙ୍କୁ କହି ମୁଁ ଟିକିଏ ଶୀଘ୍ର କିଟି ପାର୍ଟିରୁ ଆସିଗଲି । ଘର ଭିତରକୁ ପଶୁ ପଶୁ ମନେ ହେଲା ଅତିଥି ଗୃହ ଭିତରେ କେହି ଅଛନ୍ତି । ପରଦାଟା ଟିକିଏ ଆଡ଼େଇ ଝାଙ୍କିଲି । ଗୁନି କାହା ଛାତି ଭିତରେ ସଂପୂର୍ଣ୍ଣ ଲୁଚି ଯାଇଥାଏ । ଝିଅଟିର ମା' ନାହିଁ । ବାପକୁ ଏସବୁ କ'ଣ ଜଣା ? ଯାହାକୁ ପସନ୍ଦ କଲା ତା ସଂଗେ ବିଭା ନ ଦେଇଥିଲେ ମତେ ଲୋକେ କ'ଣ କହିଥାନ୍ତେ ! ସାବତ ମା' । ଝିଅଟାର ଶିରୀ ଦେଖୁନି । ସେଇଥିପାଇଁ ପରା ନାନୀ ଆଲିଗଡ଼ ନେଇ ବାହାଘର କରେଇଲୁ । ତା ଶଶୁର ଘର ଭାରି ଭଲ । ମୋ କଥାରେ ଆର୍ଯ୍ୟ ସମାଜ ଅନୁସାରେ ବାହା କରେଇବାକୁ ରାଜି ହୋଇଗଲେ । କେବଳ ସେତିକି ନୁହେଁ, ଜ୍ୱାଇଁଙ୍କ ନାମ ନସିରୁଦ୍ଦିନ, ଆମ ପାଇଁ ତାକୁ ନଳିନୀ କରିଛନ୍ତି । ହେଲେ ଏ କଥା ତ ମୁଁ କାହାକୁ କହିନି । ଏମିତିକି ତା ବାପକୁ ମଧ୍ୟ ନୁହେଁ । ନହେଲେ ତା ବାପ ଯେମିତି ରୁଢିବାଦୀ ସେ ଝିଅ କଥା ଶୁଣିଥାନ୍ତେ ! କେ ଜାଣେ ତାଙ୍କର ସେମିତିକା ନିଷ୍ପତ୍ତିରେ ଝିଅଟା କ'ଣ କରି ବସିଥାନ୍ତା ! ଲୁଚି କରି ନଳିନୀ ସଂଗେ ଘର ପଳାଇ ଯାଇଥାନ୍ତା କିମ୍ବା ଆତ୍ମହତ୍ୟା କରିଦେଇଥାନ୍ତା । ଗୋଟାକରେ ପରିବାର ପାଇଁ ଅପମାନ ହୋଇଥାନ୍ତା ଆଉ ଅନ୍ୟଟି ଦ୍ୱାରା ଜୀବନ ଯମୁନାର ଧାରା ଚିରଦିନ ପାଇଁଲୋପ ପାଇ ଯାଇଥାନ୍ତା । ତୁମକୁ ମୋ ରାଣ ନାନୀ, କାହା ଆଗରେ ସେ ଝିଅଟାର ଗୋଇ ଖୋଲିବନି ।

ନାଇଁ ଲୋ ସାରିକା, ସେଇଟା ତ ହବ ପରିବାରର ଝଗଡ଼ାକୁ ବଜାରରେ ପକେଇଲା ଭଳି କଥା । କେତେଦିନ ହେଲା ଶୁଣି ଆସୁଥିଲି । ଆଜି ଦେଖିଲି ତୋ ଦୁଆର ଦେଇ ବାହାରକୁ ଯାଉଥିବା ନାହିଁ ନ ଥିବା ସୁନ୍ଦର ମଣିଷଟିଏ । ଉପରକୁ ପିନ୍ଧିଥିଲା ଗୋଟିଏ ଅନ୍ୟ ପ୍ରକାର ପୋଷାକ । ଦେଖିବା ମଣିଷର ଆଖି ଲାଖି ଯିବ । ଆମ ଆଖି ତ ଏମିତି ପୋଷାକ କେବେ ଦେଖି ନ ଥିଲା । ଏଇ ପିଲାମାନଙ୍କୁ ପଚାରି ଯାହା ବୁଝିଲି ତାହା ମୋ ଶୁଣିଥିବା ଉଡ଼ା ବିଚାରକୁ ଦୃଢ କରିଦେଲା । ସେଇ ପୋଷାକଟିର ନାମ ଥିଲା 'ହିଜାବ' ଆଉ ତାହା ମୁସଲମାନ ମାନେ ପିନ୍ଧିଥାନ୍ତି । ଛିଃ......ଛିଃ.....ଆମେ ସବୁ ଭାବୁଥିଲୁ ଝିଅଟି ଗୋଟିଏ ରତ୍ନ । କେଡ଼େ ଚୁପ୍‌ସଇତାନଟିଏ ଲୋ ସାରିକା ।

ଅରୁନ୍ଧତୀର ଶରୀର ଭିତରେ ନିଆଁ ହୁଳାମାନ ବର୍ଷୁଥିଲା ଯେମିତି । "ହେ ଭଗବାନ ! କ'ଣ ସବୁ ପରୀକ୍ଷା ନେଉଛ ! ଦୃଢ଼ଥିଲି, ନଳିନୀ ତା'ର ପ୍ରକୃତ ରୂପ ଦେଖାଇଲେ ମୁଁ ପୁଣି ଏଠାକୁ ଫେରିଆସି କଲେଜରେ ଜଏନ କରିବି । ତେଣୁ ଇସ୍ତଫା ନ ଦେଇ ଛୁଟି ନେଇଥିଲି। ହେଲେ କେଉଁ ମୁହଁ ନେଇ ଏଠାକୁ ଆସିବି ! କିଏ ମତେ ବିଶ୍ୱାସ କରିବ ! ! ବାସ୍ତବ ତ ସାମ୍ନାରେ ।"

ISSN NO.
2582-208X

ହଠାତ୍ ଦିନେ ସତେ ଯେମିତି ତା ଉପରେ ଏକ ବଜ୍ରାଘାତ ହୋଇଥିଲା । ନଳିନୀ କହୁଥିଲେ, "ଅନେକ ଦିନ ହେଲା ମୋର ଏ ପ୍ରୋଜେକ୍ଟଟି ବିନା ଆପ୍ରୁଭାଲରେ ପଡ଼ି ରହିଛି। ଯାହା ତୁମ ଦ୍ୱାରା ହିଁ ହୋଇପାରିବ ।

ଆଶ୍ଚର୍ଯ୍ୟରେ ନଳିନୀଙ୍କ ମୁହଁକୁ ଚାହିଁ ରହିଲା ଅରୁନ୍ଧତୀ । କ'ଣ କହିବାକୁ ଚାହୁଁଛନ୍ତି ନଳିନୀ ।

ତୁମ ପାଇଁ ଏହା ଖୁବ୍ ସହଜ । ଆକାଶ ପରୀ ଭଳି ଚେହେରା ଖଣ୍ଡେ ପାଇଛ । ତା' ଆଗରେ ଏ ପ୍ରୋଜେକ୍ଟ କାମଟା କିଛି ନୁହେଁ ।

ଆହତ ବାଘୁଣୀ ଭଳି ଗର୍ଜି ଉଠିଲା ଅରୁନ୍ଧତୀ । ଯାହା କହୁଛ ତା'ର ଅର୍ଥ ବୁଝିଛ ତ ନଳିନୀ?

ଖୁବ୍ ଭଲ ଭାବେ । ଆଜି ନୁହେଁ, ଅନେକ ଦିନ ଆଗରୁ । ଆଉ ଯେଉଁଥିପାଇଁ ତୁମ ବାପା ମୃତଶଯ୍ୟାରେ ଥିବା ସମୟରେ ତୁମ ମାଙ୍କ ସହ ଆମର ଚୁକ୍ତି ଛିଡ଼ିଥିଲା । ବିଶ୍ୱାସ ନ ଆସୁଛି ଯଦି ନିଜ ମାମୁଠୁ ବୁଝିନିଅ ।

ଖବରଦାର, ଏ ଘୃଣ୍ୟ, ବେହୁଦା ମାମଲା ସହ ମୋ ବାପାଙ୍କ ନାମ ଯୋଡ଼ିବ ତ ।

"ଅର୍ଥାତ୍ ତୁମେ ମତେ ମୋର ଏ ପ୍ରୋଜେକ୍ଟ କାମରେ ସାହାଯ୍ୟ କରିବନି"; ଅରୁନ୍ଧତୀର କଥା କାଟି କହିଲା ନଳିନୀ । ପ୍ରୋଜେକ୍ଟ କାମ ପାଇଁ ମନା କରୁନି । ମାତ୍ର ଯେଉଁ ଘୃଣାହ କାମ ପାଇଁ ଆଗକୁ ବଢ଼ିବାକୁ କହୁଛ ତାହା କେବଳ ମୋ ପାଇଁ ଅପମାନ ନୁହେଁ, ମୋ ଠାରୁ ଅଧିକ ତୁମ ପାଇଁ ।

ମୁଁ ଏ ସବୁରେ ବିଶ୍ୱାସ କରେନା । ନିଜର ଅଭିପ୍ରାୟ ପୂର୍ଣ୍ଣ କରିବା ପାଇଁ ଯଦି କିଛି ଶୁଣିବାକୁ ହୁଏ ସେଥିରେ କ୍ଷତି କ'ଣ । ଏଇମିତି ଟିପ୍ପଣୀ ଗୁଡ଼ିକ ସାମୟିକ । ଦିନ କେଇଟା ପରେ ସମସ୍ତେ ଭୁଲି ଯାଇଥାଆନ୍ତି । ତୁମେ ଏତେ ନୀଚ ସ୍ତରକୁ ଯାଇପାର ବୋଲି ମୋର କଳ୍ପନାର ବାହାରେ ଥିଲା ।

ବର୍ତ୍ତମାନ ବିଶ୍ୱାସଯୋଗ୍ୟ ତ ! ତେବେ ମୋ କଥା ମାନି ମୁଁଯେମିତି କହୁଛି ତାହା କରିଚାଲ। ଏଇ ପ୍ରୋଜେକ୍ଟଟା କାର୍ଯ୍ୟକାରୀ ହୋଇଗଲେ ମୁଁ କରୋଡ଼ପତି ହୋଇଯିବି । ସେଇ ଅର୍ଜନରୁ କିଛି ଭୁକୁଥିବା କୁକୁରମାନଙ୍କ ମୁହଁକୁ ଫୋପାଡ଼ିଦେଲେ ସମସ୍ତେ ଚୁପ୍ ।

ISSN NO.
2582-208X

ବାସ୍, ବହୁତ ହୋଇଗଲା ନଳିନୀ । ବର୍ତ୍ତମାନ ତୁମେ ନିଜେ ଚୁପ୍ କରି ମୋ ସାମ୍ନାରୁ ଯାଅ। ଥମ ହୋଇ ଦୁଇ ହାତରେ ଜୋରରେ ନିଜ ମୁଣ୍ଡକୁ ଚାପି ଧରି ବିଛଣା ଉପରେ ବସି ପଡ଼ିଲା ଅରୁନ୍ଧତୀ ।

"ଅର୍ଥାତ୍ ତୁମେ ମୋ ପ୍ରସ୍ତାବରେ ଏକମତ ନୁହଁ । ଏଇତ !!! ଏତେବଡ଼ ଦୁନିଆରେ ତୁମେ ଯେ ଏକମାତ୍ର ସୁନ୍ଦରୀ ଏ କଥା ଭୁଲିଯାଅ । ମତେ ଆଉ କାହାକୁ ଧରିବାକୁ ହେବ । ଆଜିକାଲି ଦୁନିଆରେ ସମସ୍ତେ ଅର୍ଥର ଦାସ," ଖୁବ୍ ଜୋରରେ ଏତିକି କହି ଶୋଇବା ଘର ଭିତରୁ ବାହାରକୁ ଚାଲିଗଲା ନଳିନୀ । ଛାତି ଫଟାଇ ଖୁବ୍ ଜୋରରେ କାନ୍ଦିବାକୁ ଇଛା ହେଉଥିଲେ ମଧ୍ୟ କାନ୍ଦି ପାରୁନଥିଲା ଅରୁନ୍ଧତୀ । କିଏ ତାହା ଶୁଣିବ ! କେବଳ ଅରଣ୍ୟ ରୋଦନ ହୋଇ ରହିଯିବ ସିନା । ଆଖିରେ ଅଗ୍ନିର ସ୍ଫୁଲିଙ୍ଗ । ଜନ୍ମରୁ ଭୋଗି ଆସିଥିବା ଯନ୍ତ୍ରଣା ଗୁଡ଼ିକ ଆଗ୍ନେୟଗିରିରୁ ଅଗ୍ନି ଉଦ୍ଗୀରଣ ଭଳି ପ୍ରଚଣ୍ଡ ଭାବରେ ଆତ୍ମପ୍ରକାଶ କରିବାକୁ ଉଦ୍‌ବେଳିତ ହେଉଥିଲେ ଯେମିତି । "କେଉଁ ଚାପରେ ଆସି ତୁମେ ଏମିତି ଏକ ନିର୍ଣ୍ଣୟ ନେଇଥିଲ ବାପା ! ସତରେ ତୁମେ ନଳିନୀଙ୍କୁ ନିଜ ଆଖିରେ ଦେଖିଥିଲ ? ମୋର ଜମା ବିଶ୍ୱାସ ହେଉନି । ତୁମଠାରୁ ତ ମୁଁ ମଣିଷକୁ ଦେଖି ଚିହ୍ନିବା ଶିଖିଛି ବାପା । ତେବେ ଏତେବଡ଼ ଗୋଟାଏ ନିଷ୍ପତ୍ତି ପାଇଁ କିଏ ଦାୟୀ ! ଗୁନିର ଭାଗ୍ୟ ! ତୁମ ଅଭିଶପ୍ତା ଅରୁନ୍ଧତୀର ଫଟା କପାଳ ! ! ! କୁହ ବାପା । ଚୁପ୍ କାହିଁକି ? ସାରା ଜୀବନ ଏକ ଅଭିଶପ୍ତା ହୋଇ ରହିଯିବ ତୁମ ଗୁନି !" ଶୋଇବା ଘର ପରିସରରେ ତାର ଶ୍ୱାସ ବନ୍ଦ ହୋଇଯାଉଥିଲା ଯେମିତି । ଧୀରେ ଧୀରେ ଛାତ ଉପରକୁ ଉଠିଗଲା ।

ବାପାଙ୍କ କଥାମାନ ତା' ମନକୁ ତୁହାକୁ ତୁହା ଆସୁଛି । ଅଧିକ କରି ଭାବପ୍ରବଣ ହୋଇ ଉଠିଲା ଅରୁନ୍ଧତୀ । ଏତେବଡ଼ ଦୁନିଆରେ ଆଜି ତା'ର ନିଜର ହୋଇ କେହି ନାହିଁ । କାହା ନିକଟରେ ସେ ତାର ମନକଥା ବ୍ୟକ୍ତ କରି ଟିକିଏ ଉଲ୍ଲାସ ହେବ ! ଏତେ ବଡ଼ ଗୋଟାଏ ବିଭୀଷିକା ମୟ ଘୃଣ୍ୟ ପ୍ରସ୍ତାବ । ଦୁଇ ଆଖିରୁ ଦୁଇ ବୁନ୍ଦା ଲୁହ ଗଡ଼ି ପଡ଼ିଲା । ଅରୁଣଙ୍କର ପ୍ରତିଛବିଟି ବାରମ୍ବାର ଆସି ଆଖି ସାମ୍ନାରେ ଉଦୀୟମାନ ହୋଇଯାଉଛି ।

"ଇଏ ତୁମର ଅଭିସମ୍ପାତ ନୁହେଁ ତ ଅରୁଣ ! କ'ଣ ବା କରିପାରିଥାନ୍ତି । ଏକବର୍ଷରୁ ଉର୍ଦ୍ଧ୍ୱ ମୁଁ ତୁମକୁ ଗଳି କନ୍ଦିରେ ଖୋଜି ବୁଲିଲି । ମାନୁଛି ମୋର ଦୋଷ, ମୁଁ ତୁମଠାରୁ ତୁମର ଫୋନ୍ ନମ୍ବର୍ କିମ୍ବା ଠିକଣା ମାଗି ନଥିଲି । ତୁମେ ବି କେଉଁ କମ୍ କି ? ତୁମେ ତ ମତେ ମାଗି ପାରିଥାନ୍ତ । ସତ କହିବି ଅରୁଣ । ଅଚାନକ ଭାବେ ତୁମକୁ ଦେଖି ମୁଁ ମୋର ନିଜତ୍ୱ

ISSN NO.
2582-208X

ହରାଇ ବସିଥିଲି । ମୋର ମନେ ହେଉଥିଲା ପ୍ରୟାସ ଜାରୀ ରଖି ମୋ ହାତକୁ ସବୁ କିଛି ଆସି ଯାଇଥିଲା । କେବଳ ତୁମରି ଉପସ୍ଥିତି ବାକୀ ଥିଲା । ଅମାନିଆ ମନ କହି ଯାଉଥିଲା ତୁମକୁ ଏକ ପ୍ରଶ୍ନ କରିବି, ବାହୁ ବନ୍ଧନରେ ମତେ ବନ୍ଦୀ କରିଦେଇ ଶୁଣ ମୋ ହୃଦୟର ସ୍ପନ୍ଦନ, ଯାହା ଦିନରାତି ତୁମ ସାକ୍ଷାତ ପାଇଁ ଅସ୍ଥିର ହେଉଛି ।”

ନଳିନୀ ଅରୁନ୍ଧତୀର ଥଣ୍ଡା ଲଢେଇର ସମାପ୍ତି ଦୁଇଘଣ୍ଟା ହୋଇଗଲାଣି । ନୂଆକରି ଛାତ ଉପରେ ଗଢିଥିବା ବେଞ୍ଚ ଖଣ୍ଡିକ ଉପରେ ବସି ଆକାଶ ଆଡ଼କୁ ଏକ ଅସହାୟା ଦୃଷ୍ଟିରେ ଚାହିଁ ରହିଥିଲା ଅରୁନ୍ଧତୀ । ସୂର୍ଯ୍ୟ ବୁଡ଼ି ଗଲେଣି ଅନେକ ବେଳୁ । ରାତ୍ରି ଆଗତ ପ୍ରାୟ । ପରିବେଶ ଅନ୍ଧାରୁଆ ଅନ୍ଧାରୁଆ ଦେଖା ଗଲାଣି । ଠିକ୍ ଅରୁନ୍ଧତୀର ମାନସ ପଟର କାନଭାସ ପରି । କିଛି କଳା ମେଘ ଦୂରରୁ ଭାସି ଆସୁଛନ୍ତି । ବର୍ଷା ହେବ ବୋଧେ । ଭଲ ହେଲା । ଆଜିର ଏଇ ଦୂଷିତ ପରିସରଟିକୁ ସ୍ୱଚ୍ଛ କରିଦେବ । ହେଲେ ନଳିନୀ ମନର ଦୂଷିତ ଚିନ୍ତାଧାରା ! କିଏ ତାକୁ ସ୍ୱଚ୍ଛ କରିପାରିବ !! ହଁ, ଆଜି ଯଦି ବାପା ଥାଆନ୍ତେ ସେ ଦଉଡ଼ି ଯାଇ ଏ କଥାଟି ବାପାଙ୍କ କାନରେ ପକାଇ ଥାନ୍ତା । ଆଉ ବିନା ଦ୍ୱନ୍ଦରେ ସେ ନଳିନୀର ମାନସ ପଟରୁ ଦୂଷିତ ଚାଦର ଖଣ୍ଡିକୁ ଓଟାରି ଫିଙ୍ଗି ଦେଇ ନଳିନୀକୁ ଏକ ସ୍ୱଚ୍ଛ ମଣିଷ ଗଢି ଦେଇଥାନ୍ତେ । ବାପା.... ହଁ ତାରି ବାପା । ସମସ୍ତ ସମସ୍ୟାର ସମାଧାନର ଶକ୍ତି ଦେଇ ସେଇ ବିଶ୍ୱ ନିୟନ୍ତା ତାଙ୍କୁ ଦେବଦୂତ ରୂପେ ସଂସାରକୁ ପଠାଇଥିଲେ । ଅରୁନ୍ଧତୀର ଦୁଇ ଆଖିରେ ଲୁହ ଭରିଗଲା । ଦୀର୍ଘ ପନ୍ଦରମାସ ଧରି ଅଭ୍ୟାସରେ ପଡ଼ିଯାଇଥିବା ବିଷୟଟି ଝାପ୍‌ସା ହୋଇ ଆଖି ଆଗକୁ ଆସିଲା । ବାୟୁ କୋଣର ସେଇ ସ୍ଥିର ତାରାଟିକୁ ଲକ୍ଷ୍ୟ କଲା । ପ୍ରଥମେ ନଜରକୁ ଆସିଲା ଦପ୍ ଦପ୍ କରୁଥିବା ପାଖ ତାରାଟି । ଭାବାବେଗରେ ଅରୁନ୍ଧତୀର ପାଟିରୁ ବାହାରି ଆସିଲା, କିଛି ବୁଦ୍ଧି ଦିଅ ବାପା । ମୋ ହାତରେ ଏ ଦୁରୁହ ସମସ୍ୟାର ସମାଧାନ କରିବା ପାଇଁ କୌଣସି ଅସ୍ତ୍ର ନାହିଁ । ସାରାଜୀବନ ଏଇ ଦୂଷିତ ବାୟୁମଣ୍ଡଳ ଭିତରେ ନିଜକୁ ସ୍ଥିର କରି ଛିଡ଼ା କରିପାରିବାକୁ ଅସମର୍ଥ ମନେ କରୁଛି ! ଅଭିମନ୍ୟୁଙ୍କ ପାଇଁ ଆୟୋଜିତ ଚକ୍ରବ୍ୟୂହ ଭଳି ମୁଁ ଆଜି ଚକ୍ରବ୍ୟୂହ ମଧ୍ୟରେ । ମୃତ୍ୟୁକୁ ମୋର ଭୟ ନାହିଁ । ମାତ୍ର ଜୀବିତ ରହି ଏ ସବୁକୁ ଅଙ୍ଗେ ନିଭାଇବା ପାଇଁ ମୋର ଦମ୍ଭ ନାହିଁ ବାପା । କେଉଁ ଅଦୃଶ୍ୟ ରାଇଜରୁ ଏକ ଯାଦୁକର ପଠାଇ ଦିଅ । ସେ ତାର ଇନ୍ଦ୍ରଜାଲ ବିଛାଇ ମତେ ଏ ଚକ୍ରବ୍ୟୂହ ମଧ୍ୟରୁ ବାହାର କରୁ ।

ଅପଲକ ଭାବରେ ତାରାଟିକୁ ଚାହିଁ ଚାହିଁ ସତେ ଯେମିତି କେଉଁ ଏକ ଅଜଣା ମୂଳକରେ ପହଞ୍ଚି ଯାଇଥିଲା ଅରୁନ୍ଧତୀ । ହଠାତ୍ ଏକ ବିଜୁଳି ପ୍ରବାହ ନିଜ ଶରୀରରେ ଅନୁଭବ

ISSN NO.
2582-208X

କରିଥିଲା ଯେମିତି । "ଜୀବନର ସମସ୍ତ କ୍ଷତ ଭରିବା ସମୟ ହାତରେ ।" ଭୟାତୁର ହୋଇ ଏପଟ ସେପଟକୁ ତନ୍ନ ତନ୍ନ କରି ପରଖି ନେଲା । ନାଁ କେହି ନାହାନ୍ତି । ଇଏ ତାର ଅନ୍ତରାତ୍ମାର ସ୍ୱର । ନିଜକୁ ନିଜେ କହି ଉଠିଲା, "ଠିକ୍ କହିଛୁ, ହେଲେ ମନେ ରଖିଥା ସମୟକୁ ସମସ୍ତ ପ୍ରଶଂସା ଦେବା ଯଥାର୍ଥ ନୁହେଁ । ବାସ୍ତବରେ ସମୟ କ୍ରମେ ମଣିଷ ହିଁ ଭଲ ମନ୍ଦ ପରିସ୍ଥିତିକୁ ଅଭ୍ୟସ୍ତ ହୋଇଯାଏ । ଯିଏ ତାକୁ ଦିହଘଷା କରିଦିଏ ସିଏ ଆଗକୁ ବଢ଼ିଥାଏ ଆଉ ଯିଏ ତାକୁ ନିଠେଇ ନିଠେଇ ଉଗୁରାଇଥାଏ ସେ ଛିନ୍ ଭିନ୍ ହୋଇଯାଇଥାଏ। ପୁଣି କହିଥାନ୍ତି ସମୟ ଶ୍ରବଣ ଶକ୍ତି ରହିତ, କାହାର ଦୁଃଖ ଅବା କାହାର ସୁଖକୁ ଉପଲବ୍ଧି କରି ପାରେନା । ପ୍ରକୃତିସ୍ଥ ହେଲା ଅରୁନ୍ଧତୀ । ଯାହାର ଅନ୍ୟକୁ ଉପଲବ୍ଧି କରିବାର ଶକ୍ତି ନାହିଁ ସିଏ ବା କେମିତି ଅପରର ଦୁଃଖ ଲାଘବ କରିବ ! ସେଥିପାଇଁ ନିଜକୁ ନିଜେ ପ୍ରସ୍ତୁତ କରିବାକୁ ହେବ । ବାପାଙ୍କ ଉଦ୍ଦେଶ୍ୟର ଦୁଇହାତ ଯୋଡ଼ି ଧୀରେ ଧୀରେ ଛାତ ଉପରୁ ତଳକୁ ଓହ୍ଲାଇଲା ଅରୁନ୍ଧତୀ ।

ଏହା ଭିତରେ ଦୁଇ ତିନିମାସ ଗଡ଼ି ଯାଇଥିଲା । ମାତ୍ର ଅରୁନ୍ଧତୀର ମନେ ହେଉଥିଲା ଯେମିତି ଦୁଇ ତିନି ଯୁଗ । ସେଦିନ ନଳିନୀର ଅସାମାଜିକ କଥା ଶୁଣି ଭିତରେ ଭିତରେ ମିଳାଇ ଯାଉଥିଲେ ମଧ୍ୟ ଉପରକୁ ବହୁ ଦୃଢ଼ ରହିବା ପାଇଁ ପ୍ରୟାସ କରୁଥିଲା ସେ । ଅସାମାଜିକ କଥା ପାଇଁ xସ୍ୱର ଉତ୍ତୋଳନ କରିବା ପରେ ସବୁଥର ସଦୃଶ ନଳିନୀ ମୁହଁରେ କୌଣସି ଶବ୍ଦ ନଥିଲା । ହେଲେ ପରେ ପରେ ପୁଣି କିଛି ଅପମାନ ଜନିତ ଶବ୍ଦ ନଳିନୀ ମୁହଁକୁ ଆସୁଥିଲା । କ୍ରୋଧରେ ଜଡ଼ ସଡ଼ ହୋଇଗଲା ଅରୁନ୍ଧତୀ । ପୁଣି ନିଜକୁ ସ୍ଥିର କଲା। ନଳିନୀର ଏଇ କଥା ପଦକରେ ସିଏ କାହିଁକି ଅପମାନିତ ହେଉଛି । ତା ନାଁ ଟା ନିଶ୍ଚିତ ଭାବେ ସୁନ୍ଦରୀ ଲିଷ୍ଟରେ ରହିଛି । ମାତ୍ର ତା' ଠାରୁ ଅଧିକ ଅନିନ୍ଦ୍ୟା ସୁନ୍ଦରୀ ତିଷ୍ଠିଛନ୍ତି । ଏ କଥାକୁ ଅପମାନ ସ୍ତରରେ ନେବା ତାକୁ ଶୋଭା ପାଏନା । ଏହା ଦ୍ୱାରା ନଳିନୀ ଯଦି ଆଉଥରେ ତାର ସେଇ ଅସଂଗତ କଥା ଗୁଡିକର ପୁରାବୃତ୍ତି ନ କରେ ତେବେ ତ ତା'ର ଆନନ୍ଦିତ ହେବା କଥା ।

କ୍ରମଶଃ..

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ପୋଡ଼ କଥାର କବିତା

ମୃତ୍ୟୁଞ୍ଜୟ ପାତ୍ର

ସବୁ ସମୟ ପରେ ଯଦି ସମୟ ମିଳେ
ଆସି ଆଙ୍କିଦେବ ମଗୁଶୁର ଝୋଟି ଚିତା
ଦୁଇ ହଳ ଫେରନ୍ତା ପାଦ ଚିହ୍ନ
ଆଉ ଏକ ନରମ ହୃଦୟ
ମୁଁ ଜାଣେ, ସ୍ମୃତି ସବୁ ସରୁବାଲି ଝଡ଼
ଆସିବ ଯେବେ
ସବୁ ମିଳେଇଯିବେ ମାର୍ବଲ ଦୁଆରେ
ମାଟି କାନ୍ଥ ଭଳି ମୁଁ ନିରୁଦ୍ଦିଷ୍ଟ!
ସମୟ ଧରି ଭଟକୁଥିବି ଦିନ ଭଳି
ଦିଶୁଥିବା ରାତିରେ ଏକ ଦୂର ପୃଥିବୀରେ ।

ତୁମେ କିନ୍ତୁ ଆସିବ, ଯଦି ସମୟ ମିଳେ
ଆଞ୍ଜୁଳାଏ ପ୍ରୀତି ଫୁଲ, ମୁଠାଏ ହଳଦୀ ଧାନ
ଆଉ ଛାତିଏ ବିଶ୍ୱାସ ଧରି
ଗଢ଼ିଦେବ ଏକ ଛୋଟିଆ କୁଡ଼ିଆ
ସବୁ ଭୋର୍ ପରେ ଅବଶ୍ୟ ମେଣ୍ଟିବନି
ଶୀତୁଆ ସକାଳର ତୃଷ୍ଣା
କାରଣ, ତା
ଓଦା ଛଣ ଭଳି ମୁଁ ଭିଜେନି ଆଉ !
କେଉଁ ଏକ ଅଜ୍ଞାତ ଜୀଜୀବିଷାର
'ରେନ୍-କୋଟ୍' ଟିଏ ଉପହାର ମିଳିବା ପରେ!

ISSN NO.
2582-208X

ଦେଖିବ ସମୟ ମିଳେ ଯଦି ଆସିବ
ହୁଏତ ନୂଆ ନୂଆ ଦିଶୁଥିବ କହରିଆ ଗାଁ ଟିଏ
ଶାଳୁଆ ଦାନ୍ତକାଠି ବିଡା,
ପାଉଁଶ ବୋଳା ଆଳୁ ପୋଡ଼ା,
ହୁଏତ ପୁରୁଣା ଛାଇ ସବୁ
ଡରି ଡରି ଲୁଚି ଥିବେ ଢ଼ିଙ୍କିଶାଳ ଚୁଲିମୂଳେ
ମୁଁ ଖେଳେନି ଆଉ ଲୁଚକାଳି
ମୁହଁରେ ମୋହ ବାନ୍ଧି ସେଇ ଆତ୍ମୀୟତାର
ବସ୍ତିରୁ ନାକ ଟେକି ଆସିଯିବା ପରେ!
ତୁମେ କିନ୍ତୁ ଆସିବ , ଖୋଜିବ
ଯଦି ସମୟ ମିଳେ ସବୁ ସମୟ ପରେ!

((()))

ISSN NO.
2582-208X

# ତୁମେ ଗଲ୍ ପରେ



ଡକ୍ଟର ସତ୍ୟବ୍ରତ ଦାସ

ଗାଁରେ କହନ୍ତି ମୋତେ ମାଇପ ତୋହର
କିଆଁ ହେଲା ଘରୁ ବାହାର
ଛାଡ଼ି ଶାଶୁ ଶ୍ୱଶୁର
ଗଲା ନିଜ ବାପ ଘର
ଲାଗେ ସତେ ଯେମିତି ସଭିଁଏ ଏଠି ବଇର
କଥାରେ କଥାରେ ବିଷ ପୁରାନ୍ତି ପେଟରେ ମୋର
ଖାଲି ବିଷ ନୁହେଁ ସେ ହଳାହଳ ଜହର
ନାଁ କେହି ମରିପାରିବ ନାଁ ବଞ୍ଚିବ ଖାଲି କଷ୍ଟର
ଯାହା ନାମ ଶୁଣି ଦେବଲୋକ ଥିଲା ଥର ହର
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁର
ନୀଳକଣ୍ଠ ପାନ କରି ଭାଙ୍ଗିଥିଲେ ହଳାହଳ ବିଷର ଡର
ମୁଁ ବା କିମ୍ପା ସହିପାରିବି ସେଭଳି କଷ୍ଟକୁ ଧରି ଛାତିର
ବିଷଠାରୁ ଆହୁରି ଭୟଙ୍କର
ଖାଲି କଥା ନୁହେଁ ସେମାନଙ୍କର
ଲାଗେ ସତେ ଯେମିତି ମାଡି ଆସୁଛି ବଜ୍ରର ପାହାର
କେମିତି ସହି ରହିବି କରି ନିଜର
ସାମାନ୍ୟ ମାନବ ମୁଁ ଯେ ରକ୍ତ ଆଉ ହାଡ ମାଂସର
ଜନ୍ମ ଖାଲି ମୋର ଦୁଃଖ ଆଉ କଷ୍ଟର

ISSN NO.
2582-208X

କଥା କହନ୍ତି ଏଠି ଉପର ମନର
ଛଟପଟ ହୁଏ ମୁଁ ତୁମ ସ୍ମୃତିର
କେହି ଜଣେ ନାହିଁ ମୋ ମନକୁ ବୁଝିବାର
ଯାହା ହାତ ଧରି ସାଥୀ କରିଥିଲି ସାତ ଜନମର
ଥରେ ବି ଚିନ୍ତା ନ କରି ଗଲା ଘରୁ ବାହାର
ନିଜ ଖୁସି ସ୍ୱାର୍ଥ ଆଉ ଭବିଷ୍ୟତର
ଯେମିତି କଷ୍ଟ ପାଇଥିଲେ ଶିବ ଶଙ୍କର
ମଙ୍ଗଳ ପାଇଁ ସାରା ବିଶ୍ୱ ସଂସାରର
ଠିକ୍ ସେମିତି ମୁଁ ରହିଛି ଆଉ ରହିବି ମଧ୍ୟ ଛାତିକୁ କରି ପଥର
ଥିଲେ ଥାଅ ପଛେ ଯେତେ ଦୂର
ନ ପସୁ କଣ୍ଟା କେବେ ତୁମ ପାଦର
ଏତିକି ଅନୁରୋଧ ତୁମକୁ ମୋର
ଯତ୍ନ ନେଉଥିବ ମୋ ପିଲାଛୁଆ ମାନଙ୍କର
ଦୁଇ ରାଜ କୁମାରଙ୍କର
ଆଉ ତୁମ ନିଜ ଶରୀରର
ଏବେ ମୁଁ ବୁଝି ପାରୁଛି ନୁହେଁ ଏ ହୃଦୟ କେବଳ ତୁମର
ଏ ଦେଶ ସମାଜ ଆଉ ଜାତି ଭାଇର
ତୁମର ପ୍ରେମ ଆଉ ବିଛେଦ ମୋର
ପାଇଛି ମୁଁ ଏବେ ନୂତନ ପରିଚୟ କବିର
କହିବି ନାହିଁ ଗୋପବନ୍ଧୁଙ୍କ ପରି ମିଶୁ ମୋର ଦେହ ଏ ଦେଶ ମାଟିର
କରି ଚାଲିବି ସେବା ମାନବ ଜାତିର ଆଗ୍ରହ ହୋଇ ତତ୍ପର
ହେ ପ୍ରିୟା ଦିଅ ସେଇ ଭଲପାଇବା ଜାଗିଉଠୁ ମୋ ମନ ଶରୀର
ହୋଇ କର୍ମବୀର ଲେଖିଚାଲେ ମୁଁ ଅନବରତ ଦିବା ନିଶି ପ୍ରହର
ତୁମର ସେଇ ପ୍ରେରଣା ଆଜି କରିବ ଅମର
ମୋ ଭଲ ପାଇବାର ସନ୍ତକ ରୂପେ ଏ କବିତାଟିକୁ ଗ୍ରହଣ କର
ହେ ପ୍ରାଣପ୍ରିୟା ସାବିତ୍ରୀ ଏ ସତ୍ୟବାନ କଳିଯୁଗର
ଘର କରିଛି ହୃଦୟରେ ତୁମର

ISSN NO.
2582-208X

ନୁହେଁ ମେନକା କି ଉର୍ବଶୀ କି ରମ୍ଭାର ସ୍ୱର୍ଗପୁରର
କେବଳ ତୁମର ଖାଲି ତୁମର ନୁହେଁ କାହାର
ମନରେ ନ ଆଣିବ ଅନ୍ୟର ବିଚାର
ରାଗ ହିଂସା ଆଉ କ୍ରୋଧକୁ କରି ବାହାର
ଖାଲି ଥରେ ବିଚାର କି ଦୋଷ ମୋର
ମନରୁ କର ସଂଶୟ ଦୂର
ସ୍ୱାମୀକୁ କରି ନିଜର
ପୁଣି ହସିଉଠୁ ଆମ ସୁନାର ସଂସାର
ମିଳନ ହେଉ ସେଇ ସାବି ଆଉ ସତ୍ୟର
ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ଏତିକି ପ୍ରାର୍ଥନା ମୋର ।

ବର୍ତ୍ତିନା, ସୋମନାଥପୁର, ବାଲେଶ୍ୱର
୭୭୫୧୯୨୬୬୦୫

ISSN NO.
2582-208X

# ଯେଉଁ ମଣିଷ ଖୁବ୍ ଅସହାୟ



ନୀଳମଣି ଚାନ୍ଦ

ଯେଉଁ ମଣିଷ ଖୁବ୍ ଅସହାୟ
ତା ପାଖକୁ ଯାଅ
ଦମ୍ଭିଲା ଖମ୍ବ ପରି ଛିଡା ହୁଅ
ଝରିଯାଉଥିବା ଆଖି ଲୁହକୁ
ପୋଛିଦିଅ
ସାନ୍ତ୍ୱନା ଦିଅ
କୁହ ଈଶ୍ୱର ମଙ୍ଗଳମୟ
କୁଆଡ଼େ ଦୂରେଇ ଯିବ ଭୟ ।

ଯେଉଁ ମଣିଷ ଖୁବ୍ ଅସହାୟ
ଛାଇ ପରି
ତା ପାଖେ ପାଖେ ଥାଅ
ବୁଝେଇ ଦିଅ
ଦୁଃଖ ଦିନ ତ ଆଉ ଅଳ୍ପଦିନ
ଲିଭିଯିବ ସେ କ୍ଷତଚିହ୍ନ
ଭୁଲି ହୋଇଯିବ ପିଛିଲା ଦିନ
ଏହା ଥୟ
ମଣିଷ ନ ଭାବୁ ସେ ଅସହାୟ ।

ISSN NO.
2582-208X

ଏଥିପାଇଁ ଦାୟୀ
ନିଜେ ନା ନିରାକାର
ସମୟ ନା ସ୍ୱପ୍ନ
ଚିନ୍ତା ନା ଚେତନା
ଭଗ୍ନାଂଶ ସମୟ ନା ଭୀତପଣ
ଅସ୍ଥିରତା ନା ଅଙ୍ଗୀକାର
ସବୁ ପ୍ରତିକୂଳରେ ଠିଆ ହେବାର
ସାମର୍ଥ୍ୟ ରହୁ
ସେ ଅସହାୟ ଏ କଥା ଜମା ନ କହୁ ।

୨୭, ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ହାସ୍ୟ-ବ୍ୟଙ୍ଗର ଧାର୍‌ରେ ପ୍ରବାହିତ ଫକୀରମୋହନଙ୍କ ଗଳ୍ପଜଗତ

ରକ୍ଣୀ ସମର୍ଥା

ସାରାଂଶ :

ଓଡିଆ ଗଳ୍ପ ସାହିତ୍ୟର ପ୍ରବାଦ ପୁରୁଷ ଫକୀରମୋହନ ସେନାପତି ଜଣେ ଅନନ୍ୟ ସାରସ୍ୱତ ସ୍ରଷ୍ଟା।ସାହିତ୍ୟର ବିଭିନ୍ନ ଦିଗରେ ନିଜର ଲେଖନୀ ପରିଚାଳନା କରିଥିବା ସାରସ୍ୱତ ସାଧକଙ୍କ ଗଳ୍ପଗୁଡିକ ହାସ୍ୟ ଓ ବ୍ୟଙ୍ଗର ମୂର୍ଚ୍ଛନାରେ ପ୍ରାଣବନ୍ତ ହୋଇ ଉଠିଛି । ଊନବିଂଶ ଶତକର ରକ୍ଷଣଶୀଳ ସମାଜକୁ ପାରମ୍ପରିକ ପୁରାତନ ସାମାଜିକ ଧାରାରୁ କାଢି ଆଣି ଏକ ନୂତନ ଦିଗରେ ପରିବର୍ତ୍ତନର ପାରାବାରରେ ସମ୍ମିଳିତ କରାଇବାର ପ୍ରୟାସ ଖୁବ୍ ଚାଞ୍ଚଲ୍ୟକର ମନେହୁଏ। ତାଙ୍କ ଗଳ୍ପ ଗୁଡିକରେ ହାସ୍ୟ ଓ ବ୍ୟଙ୍ଗ ପ୍ରୟୋଗର ଚମତ୍କାରିତା ଦେଖିବାକୁ ମିଳେ। ସେ ନିଜ ଗଳ୍ପରେ କେଉଁଠି ହାସ୍ୟର ପ୍ରୟୋଗ କରି ଲୋକଙ୍କୁ ହସାଇ ହସାଇ ବେଦମ୍ କରିଛନ୍ତି ତ ଆଉ କେଉଁଠି ବ୍ୟଙ୍ଗର ପ୍ରୟୋଗ କରି ସାମାଜିକ ସଂସ୍କାର ଆଣିବାର ପ୍ରୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଫକୀରମୋହନଙ୍କ ଗଳ୍ପରେ ହାସ୍ୟ ଓ ବ୍ୟଙ୍ଗର ପ୍ରୟୋଗ ସମ୍ପର୍କରେ କିଞ୍ଚିତ ଆଲୋଚନା କରାଯିବାର ପ୍ରୟାସ କରାଯାଇଛି। ପ୍ରମୁଖ ଶବ୍ଦ : ହାସ୍ୟ,ବ୍ୟଙ୍ଗ,ନାରୀଶିକ୍ଷା, ସାମାଜିକ ସଂସ୍କାର ।

ଉପକ୍ରମ :

ଓଡ଼ିଆ ସାହିତ୍ୟର ଆଦିମ ପର୍ଯ୍ୟାୟ ମୁଖ୍ୟତଃ ଥଟ୍ଟା, ମଜା, ପରିହାସ, ବ୍ୟଙ୍ଗ ଆଦି ସର୍ଜନାର ତାଳେ ତାଳେ ଅଗ୍ରଗତୀ ଲାଭ କରିଛି। ଇତିହାସର ପୁରୁଣା ପୃଷ୍ଠାକୁ ଓଲଟାଇ ଦେଖିଲେ ଓଡ଼ିଆ ସାହିତ୍ୟିକ ହୃଦୟର ଗଭୀର କନ୍ଦରରୁ ବାହାରି ଆସୁଥିବା ଅସୁମାରୀ ଭାବନାରାଜିର ଅପୂର୍ବ ବିଭବ ହାସ୍ୟ ଓ ବ୍ୟଙ୍ଗର ମଧୁର ସମାବେଶରେ ପ୍ରସ୍ଫୁଟିତ ହୋଇ ଉଠିଛି । ସାହିତ୍ୟରେ ହାସ୍ୟ ଓ ବ୍ୟଙ୍ଗ ଉଭୟ ବଳିଷ୍ଠ ଆସନ ଗ୍ରହଣ କରିଛନ୍ତି। ହାସ୍ୟ ହେଉଛି ସାହିତ୍ୟରେ ବ୍ୟବହୃତ ହେଉଥିବା ଏକ ମହୌଷଧି ସ୍ୱରୂପ। ଯାହା କ୍ଷଣକ ମଧ୍ୟରେ ଏକ ଦୁଃଖାନ୍ତକ ପରିବେଶକୁ ସୁଖାନ୍ତକ ପରିବେଶ ରୂପେ ଆବିଷ୍କାର କରିଥାଏ।

ISSN NO.
2582-208X

ହାସ୍ୟ ବିନା ମଣିଷ ବଞ୍ଚିବା କଷ୍ଟକର। ବିଷାଦ ଜନିତ ମହାମାରୀ କବଳରୁ ହାସ୍ୟ ହିଁ ମଣିଷକୁ ଉଲ୍ଲାସ ପ୍ରଦାନ କରିଥାଏ । ଅନୁରୂପ ଭାବରେ ବ୍ୟଙ୍ଗ ଦ୍ୱାରା ମଧ୍ୟ ସାହିତ୍ୟ ସମାଜକୁ ଏକ ନୂତନ ବାର୍ତ୍ତାରେ ଅଭିମନ୍ତ୍ରୀତ କରିଥାଏ । ସମାଜରେ ଘଟୁଥିବା ବିଭିନ୍ନ ଅସମୀଚିନ କ୍ରିୟାକଳାପକୁ ନେଇ ଏକ କ୍ରାନ୍ତିକାରୀ ଉଦ୍ୟମରେ ସମାଜରେ ସଚେତନତା ତଥା ସୁଧାର ଆଣିବାରେ ସହାୟତା କରିଥାଏ । ହାସ୍ୟ ଓ ବ୍ୟଙ୍ଗ ସାହିତ୍ୟର ଦୁଇ ବିଶେଷ ଅଳଙ୍କାର । ନବରସ ମଧ୍ୟରେ ହାସ୍ୟ ସ୍ଥାନ ପାଇ ସାହିତ୍ୟରେ ଯେତିକି ଆଦରଲାଭ କରିଛି ବ୍ୟଙ୍ଗ ମଧ୍ୟ ସେତିକି ସୁଧାର ସୃଷ୍ଟି କରିଛି। ତେଣୁ ସାହିତ୍ୟରେ ହାସ୍ୟ ଓ ବ୍ୟଙ୍ଗର ସମାବେଶ ସାହିତ୍ୟକୁ ଅଧିକ ବଳିଷ୍ଠ ରୂପେ ପ୍ରତିପାଦିତ କରିଛି।

ସାହିତ୍ୟରେ ହାସ୍ୟ - ବ୍ୟଙ୍ଗର ପ୍ରାରମ୍ଭ ସ୍ତରଟି ଖୁବ୍ ଦୃଢ଼। କାରଣ ସାହିତ୍ୟର ବିକାଶ ପଥରେ ଉଭୟ ହାସ୍ୟ ଓ ବ୍ୟଙ୍ଗ ଯେତିକି ପ୍ରଭାବ ବିସ୍ତାର କରିପାରିଥିଲେ ବର୍ତ୍ତମାନ ସମୟରେ ମଧ୍ୟ ସମାନ ମର୍ଯ୍ୟାଦା ଲାଭ କରିପାରିଛନ୍ତି। ଗୋଟିଏ ଅପରଟି ଠାରୁ କୌଣସି ଗୁଣରେ କମ୍ ନୁହେଁ। ଜଣେ ଓଷ୍ଠର ସମ୍ପ୍ରସାରଣ କରି ହାସ୍ୟ ଧାରାରେ ମଣିଷ ମନର ବିଷାଦ ରୂପି ଅଗ୍ନିକୁ ପ୍ରଶମିତ କରୁଥିବା ବେଳେ ଅନ୍ୟଟି ଶାଣିତ ଉକ୍ତି ମାଧ୍ୟମରେ ସାମାଜିକ ପରମ୍ପରାକୁ ସୁଧାରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବ୍ୟାସକବି ଫକୀରମୋହନଙ୍କ କେତୋଟି ଗଳ୍ପର ମୂଲ୍ୟାୟନ କରାଗଲେ ଏହାର ଶିଳ୍ପ ଚାତୁର୍ଯ୍ୟତା ବେଶ୍ ଚମତ୍କାର ମନେ ହୁଏ ।

ସୁଦୀର୍ଘ ସାହିତ୍ୟ ଆକାଶରେ ବ୍ୟାସକବି ଫକୀର ମୋହନ ସେନାପତି ଜଣେ ସଫଳକାମୀ ସାହିତ୍ୟରଥୀ ଭାବରେ ଆତ୍ମ ପ୍ରତିଷ୍ଠା ଲାଭ କରିଛନ୍ତି । ପ୍ରତିକୂଳତାର କଠୋର ସଂଘାତକୁ ସହ୍ୟ କରି ଜୀବନ ଜିଇଁବାର ନୂତନ କଳାକୁ ସର୍ବସମ୍ମୁଖରେ ପରିଚିତ କରିଛନ୍ତି । ବାଲ୍ୟକାଳରୁ ପିତାମାତାଙ୍କୁ ହରାଇ ଜେଜେମା କୁଚୀଳାଦେବୀଙ୍କ ଲାଳନ ପାଳନରେ ଅବକ୍ଷୟ ପ୍ରାପ୍ତ ଶିଳା ଖଣ୍ଡରୁ ଜୀବନ୍ତ ମୂର୍ତ୍ତିଟିଏ ହୋଇ ଆତ୍ମଲାଭ କରିବାର ସୁଯୋଗ ଲାଭ କରିଥିଲେ। ପ୍ରତିକୂଳତା ବାଧକ ସାଜିଥିଲେ ମଧ୍ୟ ନିଜ ସାଧନା ପଥରୁ ସେ ବିଚ୍ୟୁତ ହୋଇଯାଇ ନଥିଲେ। ଶିକ୍ଷା ଓ କର୍ମମୟ ଜୀବନ ମଧ୍ୟରେ ନିଜକୁ ସଂବୃତ କରାଇ ଜନ୍ ବୀମସଙ୍କ ପରି ମହାତ୍ମାଙ୍କ କୃପା ଦୃଷ୍ଟି ଲାଭ କରିଥିଲେ। ତାଙ୍କ ତମାମ ଜୀବନ ଦୁଃଖର ନିବିଡ଼ ଛାୟା ମଧ୍ୟରେ କଟିଥିଲା।ଜୀବନର ସାୟଂକାଳରେ ନିଜ ଆତ୍ମୀୟ ଜନଙ୍କ ଠାରୁ ପ୍ରତ୍ୟାଖ୍ୟାନ ଲାଭ କରିଥିଲେ ମଧ୍ୟ ପରିସ୍ଥିତିର ଚାପରେ ଭାଙ୍ଗି ନ ଯାଇ ଦୃଢ଼ତାର ସହିତ

ISSN NO.
2582-208X

ଓଡ଼ିଆ ସାହିତ୍ୟକୁ ପ୍ରଦାନ କରିଛନ୍ତି ଅମୂଲ୍ୟ କୋଟିନିଧି। ମାତୃଭୂମି ଓ ମାତୃଭାଷା ପ୍ରତି ପ୍ରେମ ଭାବ ତାଙ୍କ ମନରେ ସୃଷ୍ଟି କରିଥିଲା ଏକ ବିପ୍ଳବାତ୍ମକ ଚିନ୍ତାଧାରା। ଫଳରେ ଓଡ଼ିଆ ଭାଷାକୁ ନିଜର ପରବର୍ତ୍ତୀ ପିଢ଼ି ପାଇଁ ସଂରକ୍ଷିତ କରି ରଖିବାର ଅଭିଳାଷ ତାଙ୍କ ମନରେ ଜାଗି ଉଠିଥିଲା । ବଙ୍ଗଳା ଭାଷାକୁ ଓଡ଼ିଶାରୁ ସର୍ବାଗ୍ରେ ହ୍ରାସ କରି ଓଡ଼ିଆ ଭାଷାରେ ଶିକ୍ଷା ପ୍ରଚଳନ ଦିଗରେ ନିଜକୁ ମହାନାୟକ ଭୂମିକାରେ ଅବତୀର୍ଣ୍ଣ କରାଇଥିଲେ। ଓଡ଼ିଆ ଭାଷାରେ ଅନେକ ପୁସ୍ତକ ରଚନା କରିଥିଲେ ଯାହାକି ଓଡ଼ିଆ ଭାଷା ଶିକ୍ଷାରେ ସହାୟକ ହୋଇଥିଲା।

ଫକୀର ମୋହନଙ୍କ ଲେଖନୀ ନିସୃତ କୋଡ଼ିଏ ଗୋଟି ଗଳ୍ପକୁ ପାଠ କଲେ ସମସାମୟିକ ସମାଜରେ ଘଟୁଥିବା ଶାସନବ୍ୟବସ୍ଥା, ଜମିଦାରୀ ବ୍ୟବସ୍ଥା, ସାମାଜିକ ରୀତିନୀତି, ନାରୀଶିକ୍ଷା ପ୍ରତି କଠୋରତା ଭଳି କେତେକ ବିଶେଷ ସମସ୍ୟା ସମ୍ମୁଖକୁ ଆସିଥାଏ। ରକ୍ଷଣଶୀଳ ସମାଜର କଠୋର ନୀତି ସମ୍ମୁଖରେ ସାଧାରଣ ମଣିଷର ବ୍ୟଥା ସ୍ପଷ୍ଟ ବାରି ହୋଇପଡେ। ବିଶେଷ କରି ନାରୀଜାତି ପ୍ରତି ସମାଜର ଅସହିଷ୍ଣୁ ଭାବ ତଥା ନାରୀ ଶିକ୍ଷା ପ୍ରତି କଠୋରତା ଏକ ଅବହେଳିତ ମାନସିକତା ପ୍ରଦର୍ଶନ କରିଥାଏ। କନ୍ୟାସୁନା ପ୍ରଥା ସମାଜରେ ଧନଲୋଭି ପିତା ମାନଙ୍କ ପାଇଁ ଏକ ବ୍ୟାଧି ସାଜିଥିଲା। ଯାହାକୁ ନାଶ କରିବା ପାଇଁ ଫକୀରମୋହନ ଗଳ୍ପ ମାଧ୍ୟମରେ ସଚେତନତା ସୃଷ୍ଟି କରିବାର ପ୍ରୟାସ କରିଛନ୍ତି।

### ହାସ୍ୟ ଓ ବ୍ୟଙ୍ଗ ପ୍ରୟୋଗରେ ଫକୀରମୋହନଙ୍କ ଚାରୁତା :

ଓଡ଼ିଆ ସାହିତ୍ୟରେ ହାସ୍ୟ ଓ ବ୍ୟଙ୍ଗ ମାଧ୍ୟମରେ ନୀତି ଓ ଆଦର୍ଶର ମୂଲ୍ୟବୋଧକୁ ଦର୍ଶାଇବାରେ ଫକୀରମୋହନ ହେଉଛନ୍ତି ଜଣେ ସାର୍ଥକ ଶିଳ୍ପୀ। ତାଙ୍କ ଗଳ୍ପଗୁଡ଼ିକ ହାସ୍ୟ ଓ ବ୍ୟଙ୍ଗକୁ ଆଧାର କରି ସମାଜକୁ ନୂତନ ଜୀବନ୍ୟାସ ଦେବାରେ ପ୍ରୟାସୀ ହୋଇଛନ୍ତି। ତାଙ୍କର ପ୍ରଥମ ଗଳ୍ପ 'ରେବତୀ' ରେ ଫକୀରମୋହନ ରେବତୀକୁ ପାଠ ପଢ଼ାଇବାର ଯେଉଁ ଦୁଃସାହସିକ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ସମକାଳୀନ ସମାଜରେ ବିରଳ। କାରଣ ନାରୀ ଶିକ୍ଷା ଗ୍ରହଣ କରିବା ତ ଦୂର କଥା ଘରୁ ଗୋଡ଼ କାଢ଼ିବା ମଧ୍ୟ ତା ପାଇଁ ବାରଣ ଥିଲା। ଘରର ଚାରିକାନ୍ଥ ମଧ୍ୟରେ ସେ ଦିନ କାଟୁଥିଲା।ହେଲେ ରେବତୀକୁ ବାସୁଭାଇ ଆସି ପାଠ ପଢେଇଦେଲେ। ମଧୁରାଓଙ୍କ ଛାନ୍ଦମାଳ ସେ ଅନର୍ଗଳ ଗାଇପାରୁଛି। ମାତ୍ର ଯେତେବେଳେ ଗାଆଁରେ ବାଡ଼ି ଆସିଛି ସେଥିରେ ରେବତୀର ବାପା ଶ୍ୟାମବନ୍ଧୁ, ମା ଓ ତା ପ୍ରିୟର ବାସୁଭାଇ  ଅପର ଲୋକକୁ ଚାଲିଯାଇଛନ୍ତି ସେତେବେଳେ ବୁଢ଼ୀ ମା ଏସବୁ ପାଇଁ

ISSN NO.
2582-208X

ରେବତୀକୁ ଦାୟୀ କରିଛି । ତା'ର ବିଶ୍ୱାସ ଯେ ରେବତୀ ପାଠ ପଢିଲା ବୋଲି ଏ ଦୁର୍ଦ୍ଦଶା ଘଟିଲା । ତେଣୁ ବାସୁ ସାରଙ୍କ ମୃତ୍ୟୁରେ ବୁଢୀମା'ର ବ୍ୟଙ୍ଗଭରା ଉକ୍ତି ପ୍ରକାଶ ପାଇଛି, "ଆହା ବାପ, ବିଦେଶକୁ ଆସି ଆପଣା ବୁଦ୍ଧିରେ ପ୍ରାଣ ହରେଇଲୁ ରେ" । ଅର୍ଥାତ୍ ସେ ଦୁର୍ବୁଦ୍ଧି କରି ରେବତୀକୁ ପାଠ ପଢ଼ାଇବାରୁ ପ୍ରାଣ ହରାଇଲା, ନଚେତ୍ ସେ ଜୀବିତ ଥାଆନ୍ତା । ଏଠାରେ ବୁଢ଼ୀ ମା' ର ଅନ୍ଧବିଶ୍ୱାସ ମିଶ୍ରିତ ବ୍ୟଙ୍ଗୋକ୍ତି ପରିଲକ୍ଷିତ ହୋଇଥାଏ । ଗାଁ ଗହଳିରେ ବ୍ୟବହାର କରାଯାଉଥିବା ଅସଂଯତ ଶବ୍ଦ ମାଧ୍ୟମରେ ରେବତୀ ପ୍ରତି ବୁଢ଼ୀ ମାଆ ତୁଣ୍ଡରେ କଟୁକ୍ତି ପ୍ରୟୋଗ ଛଳରେ ଗାଳ୍ପିକ ପୁଣି ଲେଖିଛନ୍ତି - "ଲୋ ରେବତୀ, ଲୋ ରେବୀ, ଲୋ ନିଆଁ, ଲୋ ଚୁଲି ।" ବୁଢ଼ୀ ମା' ର ଏହି ଉକ୍ତିର କୌଣସି ଯଥାର୍ଥତା ପ୍ରତିପାଦିତ ହେଉନଥିଲେ ମଧ୍ୟ ସତେ ଯେପରି ତା ଭିତରର ବାତ୍ସଲ୍ୟ କ୍ରୋଧ ସବୁକୁ ଏହି ବ୍ୟଙ୍ଗ ଭରା ଉକ୍ତି ମାଧ୍ୟମରେ ପ୍ରଶମିତ କରିବାକୁ ଗାଳ୍ପିକ ଚେଷ୍ଟା କରିଛନ୍ତି ।

'ଧୂଳିଆ ବାବା' ଗାଳ୍ପିକ ସେନାପତିଙ୍କର ଏକ ଅନନ୍ୟ ସୃଷ୍ଟି । ଏଥିରେ ସାମାଜିକ କୁସଂସ୍କାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥିଲେ ମଧ୍ୟ ହାସ୍ୟ - ବ୍ୟଙ୍ଗର ପ୍ରୟୋଗ କରିବାକୁ ଗାଳ୍ପିକ ଆଦୌ କୁଣ୍ଠାବୋଧ କରିନାହାନ୍ତି । କେତେକ ସ୍ଥଳରେ ଲଘୁ ହାସ୍ୟର ପ୍ରୟୋଗ କରି ଗଳ୍ପର କଳାକର୍ମକୁ ଦ୍ୱିଗୁଣିତ କରିଛନ୍ତି । ଗଳ୍ପରେ ବ୍ୟବହୃତ ହୋଇଥିବା ମହନ୍ତମାନଙ୍କ ନାମକରଣରେ ହାସ୍ୟ ରସର ସ୍ଫୁରଣ ଉଦ୍ରେକ ହୋଇଛି । ମହନ୍ତଙ୍କ ନାମ - 'ବାନ୍ଦର ଦାସ' ହେଉ ବା ଚେଲାର ନାମ 'ମର୍କଟ ଦାସ' ହେଉ ଏପରି ନାମକରଣ ସମାଜରେ ହାସ୍ୟର ଶରବ୍ୟ ହୋଇଥାଏ । ପୁଣି ଅଧ ଓଡ଼ିଆ ଓ ହିନ୍ଦୀ ମିଶା ସଂଳାପ ଲଘୁ ହାସ୍ୟ ସୃଷ୍ଟିର ପ୍ରମୁଖ କାରଣ ହୋଇଛି ।ଯେପରିକି - "କଟକ ସାହେବ କହିଲା, କ୍ୟା ହିନ୍ଦୁ ଫକୀରଟା ଖଜଣା ନ ଦେଇ କେଉଁ ଏତେ ଗୁଡାଏ ଜମି ମାହାଳିଆ ଖାଏଗା? ବୋଲାଓ ଉସ୍କୁ ହମ୍ ଦେଖେଙ୍ଗା ।" କେବଳ ହାସ୍ୟ କାହିଁକି ଉକ୍ତ ଗଳ୍ପରେ ବ୍ୟଙ୍ଗର ଛଟା ମଧ୍ୟ ଦେଖିବାକୁ ମିଳିଥାଏ । ଯେତେବେଳେ ବନ୍ଦ କୋଠରୀ ମଧ୍ୟରେ ନିଆଁ ଜାଳି ମହନ୍ତ ଉତ୍ତର ଅପେକ୍ଷାରେ ବସିଛନ୍ତି ସେତେବେଳେ ଗାଳ୍ପିକ ବ୍ୟଙ୍ଗ ଛଳରେ ଲେଖିଛନ୍ତି -"ପ୍ରଭୁଙ୍କ ସେପରି ମହିମା, ନୋହିଲେ ନିଆଁ ତେଜରେ ଆଉ କିଏ ପଶିପାରିବ ।" ଏଠାରେଭଣ୍ଡ ଧାର୍ମିକ ବାବାଙ୍କର କାର୍ଯ୍ୟକଳାପକୁ ବିଦ୍ରୁପାତ୍ମକ ଭଙ୍ଗୀରେ ପ୍ରକାଶ କରିଛନ୍ତି । ଘର ଭିତରେ ହୁ ହୁ ହୋଇ ଜଳୁଥିବା ନିଆଁ ଭିତରେ ଭଗବାନଙ୍କର ମହିମା ଲବ୍ଧକାରୀ ଜଣେ ପରମ ଭକ୍ତ ହିଁ ବସିପାରେ କୌଣସି ସାମାନ୍ୟ ଲୋକ ସେ ହୋଇ ନ ପାରେ ବୋଲି ଗାଳ୍ପିକ ବ୍ୟଙ୍ଗ କରିଛନ୍ତି ।

ISSN NO.
2582-208X

ସେନାପତିଙ୍କର ଅନ୍ୟଏକ ଲଘୁହାସ୍ୟଧର୍ମୀ ଗଳ୍ପ ହେଉଛି 'ସୁନାବୋହୂ' । ଏଥିରେ ଗାଳ୍ପିକ ଜଣେ ଅଳସୁଆ ସ୍ୱଭାବର ନାରୀକୁ ଗଳ୍ପାନ୍ତରେ କର୍ମପ୍ରବୀଣା ନାରୀରେ ରୂପାନ୍ତର କରିଛନ୍ତି। ବୋହୂକୁ ଘରକରଣା ସମ୍ପର୍କରେ ଅବଗତ କରାଇବା ପାଇଁ ସ୍ୱାମୀ, ନଣନ୍ଦ ଓ ପଡ଼ୋଶୀ ଆଈ ମାଧ୍ୟମରେ ଯେଉଁ ଯୋଜନାର ଜାଲ ବୁଣିଛନ୍ତି ତାହା ବାସ୍ତବିକ୍ ହାସ୍ୟ ଉଦ୍ରେକକାରୀ। ବୋହୂ ସର୍ବଦା ଶୋଇ ରହିଥାଏ । କୌଣସି କାର୍ଯ୍ୟ ପ୍ରତି ତା'ର ନିଘା ନାହିଁ। ନଣନ୍ଦର କଟୁ କଥାରେ ସାମ୍ନାରେ କିଛି କହିପାରେନି ସିନା ହେଲେ ଓଢ଼ଣୀ ଭିତରେ ଥାଇ ଅନେକ କଥା କହିଦିଏ । ବୋହୂର ଏପରି ସଂସ୍କାରଧର୍ମିତାକୁ ଗାଳ୍ପିକ ଲେଖୁଛନ୍ତି- "ରକ୍ଷାବନ୍ଧାରେ ଟିକିଏ ଉଚ୍ଛୁର ହେଲେ ବା ଆଉ କିଛି କଥାରେ ବୋହୂଟା ଶାଶୁ ସଙ୍ଗରେ ଭଟଭଟ ଲଗାଇଲାଣି। ହେଲେ ବୋହୂ ତା' ମାଆ କଥା ଭୁଲି ନାହିଁ । ଶାଶୁ ମୁହଁକୁ ଚାହିଁ ଗାଳିଦିଏ ନାହିଁ, ଓଢ଼ଣା ପଡିଥାଏ। ପଛକରି ବରବର କରି ବକିଯାଏ ।" ଏଠାରେ ବୋହୂର କାର୍ଯ୍ୟକଳାପକୁ ଗାଳ୍ପିକ ବ୍ୟଙ୍ଗାତ୍ମକ ଛଳରେ ଅଭିବ୍ୟକ୍ତ କରି ସ୍ମିତ ହାସ୍ୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ଗଳ୍ପଟିରେ ପାଠକ ନିମନ୍ତେ ଅନାବନା ଭାବରେ ହସିବାର କଳାତ୍ମକ ପ୍ରୟୋଗ ପରିଲକ୍ଷିତ ହୋଇଥାଏ।

ମଇଁଷି ପଲ ଭିତରେ ସୁବଳ ସିଂହ ସର୍ବଦା କାଳାତିପାତ କରୁଥାଏ। ତାର କୁହାଟ ଶୁଣି ବାଘ ସେ ସ୍ଥାନ ଛାଡି ଚାଲିଯିବା ଆଉ ସନ୍ଧ୍ୟାରେ ମଇଁଷି ଚରାଇ ଘରକୁ ପ୍ରତ୍ୟାବର୍ତ୍ତନ କାଳରେ ମହାକୁଢ଼ାଣୀ ତା' ପାଇଁ ପ୍ରସ୍ତୁତ କରିଥିବା ଖାଦ୍ୟର ପରିମାଣ କଥା ଭାବିଲେ ମୁହଁରେ ଆପେ ଆପେ ହସ ଚାଲିଆସେ। ପତ୍ନୀ ଦେବକୀର ବେଶ ବର୍ଣ୍ଣନା ତଥା ଦଧି ହାଣ୍ଡି ଧରି ଦାଣ୍ଡରେ ଚାଲିଯିବାର ଦୃଶ୍ୟକୁ ଲୋକେ ଚାହିଁ ରହିଥାନ୍ତି। ତାକୁ ତା 'ର ଅଜାଣତରେ ଅନେକ ଉପାଧି ପ୍ରାପ୍ତ ହୋଇଛି । ଯେପରିକି - ଦେବକୀ ଗଉଡୁଣୀ, ଦେବକୀ ମହାକୁଢ଼ାଣୀ, ତାଡ଼କା ଅସୁରୀ ଆଉ ସର୍ବୋପରି ନନ୍ଦିଘୋଷ ରଥ ପ୍ରଭୃତି ଉପାଧି ଗୁଡ଼ିକ ହାସ୍ୟ ସୃଷ୍ଟିର ଉପାଦାନ ହୋଇପାରିଛି। ସମଗ୍ର ଗଳ୍ପରେ ରାଣ୍ଡିପୁଅ ଅନନ୍ତା ହୋଇଛି ଗଳ୍ପର ମୁଖ୍ୟ ଆକର୍ଷଣ। ତା'ର ପାଠ କମ୍ ଦୁଷ୍ଟାମୀ ଅଧିକ।ନିଜ ଇଚ୍ଛାର ସେ ମାଲିକ। ଆପଣା ଇଚ୍ଛାରେ ସେ ସମସ୍ତଙ୍କୁ ସାହାଯ୍ୟ କରେ ମାତ୍ର ଟଙ୍କା ଦେଇ କାମ କରିବାକୁ କହିଲେ ତା'ର ସର୍ବନାଶ କରିପକାଏ। ଏପରିକି ନିଜ ଅବଧାନଙ୍କଠାରୁ ମଧ୍ୟ ସେ ପ୍ରତିଶୋଧ ନେବାପାଇଁ ସଙ୍କୋଚ କରିନି। ଶୌଚ ନିମିତ୍ତ ପାଣି ଢ଼ାଳରେ ବାଇଡଙ୍କ ପକାଇ ଅବଧାନଙ୍କଠାରୁ ନେଇଥିବା ପ୍ରତିଶୋଧର ବର୍ଣ୍ଣନା ହସାଇ ହସାଇ ବେଦମ କରିଦିଏ । ଆଉ ଅବଧାନ ଯେତେବେଳେ ଦେବକୀ ନିକଟରେ ଅଭିଯୋଗ କରିବାପାଇଁ ପହଞ୍ଚିଛନ୍ତି ସେଠାରେ

ISSN NO.
2582-208X

ଦେବକୀର ଉଗ୍ରରୂପ ଦେଖି ଏକ ନିଃଶ୍ୱାସରେ ଧାଇଁଛନ୍ତି । ଦେବକୀ ମଧ୍ୟ ତାଙ୍କ ପଛରେ ଧାଇଁବାର ଦୃଶ୍ୟ ହାସ୍ୟ ସୃଷ୍ଟି କରେ। ଗାଳ୍ପିକ ଲେଖିଛନ୍ତି – "ବାଘୁଣୀ ମୃଗକୁ ଗୋଡାଇଲେ ସେ ଯେମିତି ପଳାଏ, ଅବଧାନେ ସେହିପରି ଉଠି ପଡି ଧାଇଁଛନ୍ତି।ଆଣ୍ଠୁ ଗଣ୍ଠି ଛିଣ୍ଡି ଝର୍ ଝର୍ ରକ୍ତ ବୋହୁଛି। ସିଂହାଣୀ କାନ୍ଧରେ ଠେଙ୍ଗା, ଭାଲୁଆଣୀ ପରି ଅବଧାନ ପଛରେ ଧପ୍ ଧପ୍ ଧାଇଁଛନ୍ତି। ଧାଇଁବା ବେଳେ ବିଶାଳ ପେଟଟି ଦଲ୍ ଦଲ୍ ଶୁଭୁଛି।" ଗାଳ୍ପିକ ଏପରି ଏକ ପରିବେଶରେ ଏପରି ଶବ୍ଦ ପ୍ରୟୋଗ କରି ହାସ୍ୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି।

ସାଆନ୍ତାଣୀଙ୍କର କଡ଼ା ହୁକୁମର ବଳୟ ଭିତରେ ରହିବାକୁ ପଡିଛି ବାବୁ ଚନ୍ଦ୍ରମଣି ପଟ୍ଟନାୟକଙ୍କୁ 'ପେଟେଣ୍ଟ ମେଡିସିନ' ଗଳ୍ପରେ । ଉସମାନତାରା ପରି ବେଶ୍ୟା ପ୍ରତି ଆକର୍ଷିତ ହୋଇ ବାବୁ ତାକୁ ଭେଟିବା ପାଇଁ ଯେଉଁ ସବୁ ଯୋଜନା କରିଛନ୍ତି ଆଉ ଖଡିରତ୍ନଙ୍କ ନାମରେ ନା ନା ମିଛ ବାହାନା କରିଛନ୍ତି ସେଗୁଡିକ ହାସ୍ୟ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି। ପୁଣି ଚାକର ମକ୍ରାକୁ ନିଜ ସ୍ଥାନରେ ଶୁଆଇଦେଇ ନିଜେ ଚାଲି ଯାଇଛନ୍ତି ଉସମାନତାରା ପାଖକୁ। ଆଉ ଏପଟେ ଅନ୍ଧାର କୋଠରୀରେ ସ୍ୱାମୀଙ୍କ ମୁଣ୍ଡରେ ପଦାଘାତ ହେଲା ଭାବି ଚାକର ମକ୍ରା ପ୍ରତି ସୁଲୋଚନା ଦେବୀଙ୍କ ପଶ୍ଚାତ୍ତାପ ଜନିତ ଘଟଣା ମନରେ କଲ୍ଲୋଳ ସୃଷ୍ଟି କରିଥାଏ। ପତିଙ୍କର ଏପରି ଆଚରଣ ଓ କାର୍ଯ୍ୟକଳାପକୁ ସୁଲୋଚନା ଦେବୀଙ୍କ ଭଳି ପତିବ୍ରତା ନାରୀ ସହ୍ୟ କରି ରହିଥିଲେ। ହେଲେ ଶେଷରେ ପତିଙ୍କୁ ଉଚିତ୍ ମାର୍ଗକୁ ଆଣିବା ପାଇଁ ସେ ଯେଉଁ ପେଟେଣ୍ଟ ମେଡ଼ିସିନର ଆବିଷ୍କାର କରିଥିଲେ ତାହା ବାସ୍ତବିକ୍ ହାସ୍ୟୋଦ୍ଦୀପକ। ଗଳ୍ପର ଆରମ୍ଭରୁ ଅନ୍ତ ପର୍ଯ୍ୟନ୍ତ ଗାଳ୍ପିକ ହାସ୍ୟ ରସର ଧାରାକୁ ବର୍ଷଣ କରିଛନ୍ତି। ଶେଷରେ ବାଟ ହୁଡ଼ି ଯାଇଥିବା ପତିକୁ ଉଚିତ୍ ମାର୍ଗ ଅନୁସରଣ କରାଇଛନ୍ତି।

"କେହି ବୋହୂ ସାଆନ୍ତାଣୀ ଡାକିଲେ ଜମିଦାର ବାବୁ ଭାରି ଖପା ହୋଇଯାଆନ୍ତି। ନାମ ହେଉଛି ମିସେସ୍ ମହାପାତ୍ର। ମାତ୍ର ପୋଇଲୀ ମାନେ ଆଉ ମୂର୍ଖ ଚାକର ଗୁଡାକ ଠିକ୍ ନାମ ଧରି ଡାକିପାରନ୍ତି ନାହିଁ । କେହି କେହି କିସମିସ ମହାପାତ୍ର – କେହି ଡାକେ ଫିସ୍ ଫିସ ମହାପାତ୍ର, କିନ୍ତୁ ସେଥିରେ ମନ ନାହିଁ, ବରଂ ମିସେସ୍ ମହାପାତ୍ର ହସି ପକାଇ ବଡ଼ ଖୁସି ହୁଅନ୍ତି।" ଏଠାରେ ଗଳ୍ପିକଙ୍କ ଶବ୍ଦ ପ୍ରୟୋଗର ଧାରା ଖୁବ୍ ଚମତ୍କାର। ମିସେସ୍ ମହାପାତ୍ରଙ୍କ ନାମକୁ ଗାଳ୍ପିକ ଯେପରି କିସମିସ ମହାପାତ୍ର, ଫିସ ଫିସ ମହାପାତ୍ର ଭଳି ନାମରେ ପରିବର୍ତ୍ତନ କରି ବ୍ୟବହାର କରିଛନ୍ତି ତାହା ହାସ୍ୟ ସୃଷ୍ଟିର ଉପାଦାନ ହୋଇପାରିଛି।

ISSN NO.
2582-208X

ଏଠାରେ ଗାଳ୍ପିକଙ୍କ ହାସ୍ୟରସ ପ୍ରିୟ ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ। ଆଉ ହାସ୍ୟ ପ୍ରୟୋଗର ଏକ ଉପଯୁକ୍ତ ସ୍ଥାନ ମଧ୍ୟ। ଗାଉଁଲି ମଫସଲି ଲୋକଙ୍କ ମୁଖରେ ସେ ନାମକରଣର ବିକୃତ ଉଚ୍ଚାରଣ ଘଟାଇ ହାସ୍ୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି।

ସେନାପତି ମହୋଦୟଙ୍କ 'ପାଠୋଇ ବୋହୂ' ଗଳ୍ପରୁ ମଧ୍ୟ ହାସ୍ୟ ବ୍ୟଙ୍ଗର ମଧୁର ସମନ୍ୱୟ ସ୍ପଷ୍ଟ ବାରି ହୋଇପଡେ। ମଣିଷ ସର୍ବଦା ନିଜ ପ୍ରଶଂସାରେ ବୁଡି ରହିଥାଏ। ଅନ୍ୟମାନଙ୍କ ଠାରୁ ନିଜକୁ ଶ୍ରେଷ୍ଠ ମଣିଥାଏ। ସେ ଯାହା କରେ, ଯାହା ଭାବେ ତାହା ହିଁ ଠିକ୍ ବାକି ସମସ୍ତ କାର୍ଯ୍ୟରେ ସେ ଦୋଷ ବାହାର କରିବାକୁ ମଧ୍ୟ ପଛାଏ ନାହିଁ। ସେଥିପାଇଁ ଉକ୍ତ ଗଳ୍ପରେ ସରସ୍ୱତୀ ଦେବୀଙ୍କୁ ବହୁ ଶ୍ରମ କରି ଗୋପାଳବାବୁ  ଅକ୍ଷର ଶିକ୍ଷା ଦେଉଥିଲେ। 'ଅ' ଓ 'ଆ' ଦୁଇଟି ଅକ୍ଷରକୁ ଏକ ମାସରେ ଆୟତ କରିବା ପରେ ହ୍ରସ୍ୱ 'ଇ' ଅକ୍ଷରଟାକୁ ଶିଖିବା ପାଇଁ ସାତ ଦିନ ଲାଗିଯାଇଥିଲା ମଧ୍ୟ ସେ ଲେଖି ପାରିନାହାନ୍ତି। ପୁଣି ସରସ୍ୱତୀ ଦେବୀ କହୁଛନ୍ତି କ'ଣ ନା – "ଏ' ଅକ୍ଷରଟା ବଡ଼ ମୋଡ଼, ଲେଖି ଆସୁନାହିଁ।" ତାଙ୍କର ଧାରଣା ଯେ ତାଙ୍କ ଭଳି ଦ୍ୱିତୀୟ ନାରୀ ଏ ଅଞ୍ଚଳରେ କେହି ନାହାଁନ୍ତି। ତେଣୁ ଅକ୍ଷର ଶିକ୍ଷା କରିବାରେ ତାଙ୍କର ପ୍ରୟୋଜନ କ'ଣ? ସେ ସବୁ କାର୍ଯ୍ୟରେ ପୁରା ପାରିବାର। ସେଥିପାଇଁ ଗୋପାଳ ବାବୁଙ୍କ ମୁହଁରେ ଗାଳ୍ପିକ କହିଛନ୍ତି – "ବୁଢ଼ୀ ଶାରୀକୁ ରାମ ରାମ ଶିଖାଇବା ସହଜ କଥା ନୁହେଁ।" ଏଠାରେ ସରସ୍ୱତୀ ଦେବୀଙ୍କ ପ୍ରତି ଗୋପାଳ ବାବୁଙ୍କର  ବ୍ୟଙ୍ଗାତ୍ମକ ମନୋଭାବ ପ୍ରକାଶ ପାଇଛି। ଆହୁରି ମଧ୍ୟ କଚେରିରୁ ଫେରି ପ୍ରତିଦିନ ବାବୁ ଅମଲାମାନଙ୍କ  ମେଳି 'ଭକ୍ତି ଦାୟିନୀ' ସଭାକୁ ଯାଆନ୍ତି। ହେଲେ ସରସ୍ୱତୀ ଦେବୀ ଭାବନ୍ତି ତାଙ୍କ ସ୍ୱାମୀ ତାଙ୍କୁ ଆଉ ଭଲ ପାଉନାହାନ୍ତି ତେଣୁ ସେ ଅନ୍ୟ କେଉଁ ନାରୀ ପାଖକୁ ଯାଉଛନ୍ତି। ସ୍ୱାମୀଙ୍କୁ ଏପରି ସନ୍ଦେହ କରି ସେ ଯେଉଁ ବିପଦ ସୃଷ୍ଟି କରିଛନ୍ତି ତାହା ବାସ୍ତବିକ୍ ହାସ୍ୟ ଉଦ୍ରେକକାରୀ। 'ଭକ୍ତି ଦାୟିନୀ' କୁ 'ଭଗବତୀ ଡାଆଣୀ' ଭାବି ଘଟାଇଛନ୍ତି ଅନେକ ହାସ୍ୟ ଉଦ୍ରେକକାରୀ କାଣ୍ଡ। ତାଙ୍କ ମତରେ ଭଗବତୀ ଡାଆଣୀ ଜଣେ ସୁନ୍ଦରୀ ନାରୀ। ଆଉ ବାବୁ ତାକୁ ଶାଶୁଙ୍କ କହିବାନୁଯାୟୀ ଅଳକାଟିଏ ଉପହାର ଦେଇଛନ୍ତି ଯାହା ତାଙ୍କର ପ୍ରାପ୍ୟ ଥିଲା। ତା' ଛଡ଼ା ଅନ୍ୟମନସ୍କ ଭାବରେ କାମ କରିବା, ଭାତରେ ଲୁଣ ଓ ହଳଦୀ ପକାଇ ରାନ୍ଧିବା, ଗରାରୁ ପାଣି ଘବ ଘବ କରି ଢାଳିବା ଇତ୍ୟାଦି କାର୍ଯ୍ୟହୃଦୟରେ ହାସ୍ୟ ରସରେ ପ୍ଲାବନ ସୃଷ୍ଟି କରିଥାଏ।

ISSN NO.
2582-208X

ସେନାପତି ମହୋଦୟଙ୍କର ଶେଷ ଗଳ୍ପ 'ଗାରୁଡ଼ି ମନ୍ତ୍ର' ରେ ସମାଜ ସଂସ୍କାରର ଧାରା ଦେଖିବାକୁ ମିଳୁଥିଲେ ମଧ୍ୟ ଏଥିରେ ହାସ୍ୟ ରସର ଅବାରିତ ଧାରା ପ୍ରବାହିତ ହୋଇଥାଏ। ଗଳ୍ପରେ ନବବଧୂର ଶରୀରରୁ ବିଷ ବାହାର କରିବା ଛଳରେ ତା'ର ଲଜ୍ଜା ନିବାରଣ କରିବା ସହିତ ଗାଉଁଲି କୁସଂସ୍କାରକୁ ଦୂର କରିବାର ପ୍ରଚେଷ୍ଟା ପାଇଁ ଗାଳ୍ପିକଙ୍କୁ ଶତ କୋଟି ପ୍ରଣାମ। ଶୁକ୍ରୀ ସହିତ ମିଶି ମଦନ ବାବୁଙ୍କ ଯୋଜନାକୁ ସଫଳ କରାଇଛନ୍ତି। ଆଉ ବିଷ ଝାଡ଼ିବା ଛଳରେ ବୋହୂକୁ ସବୁବେଳେ ଜଗି ରହୁଥିବା ପଦୀକୁ ଏକାବେଳେ ଉଆସରୁ ବିଦାୟ କରିଦେଇଛନ୍ତି। ସମଗ୍ର ଗଳ୍ପରେ ଚରିତ୍ରମାନଙ୍କର କଥୋପକଥନ ଓ କାର୍ଯ୍ୟକଳାପ ହାସ୍ୟ ଉଦ୍ରେକ କରିଛି। ସଂଳାପ ସଂଯୋଜନାରେ ମଧ୍ୟ ଅନୁରୂପ ଭାବରେ ହାସ୍ୟ ସୃଷ୍ଟି କରିଛନ୍ତି। ଯେପରି ବିଷ ଝାଡିବା ପାଇଁ ମଦନବାବୁ ଶୁକ୍ରୀକୁ ପାଣି ଆଣିବା ପାଇଁ ପଠେଇଲା ବେଳେ କହୁଛନ୍ତି – "ଆଲୋ ଶୁକ୍ରୀ ଯା, ଡେବିରି ହାତରେ ପୋଖରୀରୁ କଂସାଏ ପାଣି ଆଣ – ଡେବିରି ଆଖି ବୁଜି ଯିବୁ – ସାପର ଗୋଟାଏ ଦାନ୍ତ ପରା !" ଗାଳ୍ପିକ ଏଠାରେ ପାଠକୀୟ ହାସ୍ୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି।

## ନିଷ୍କର୍ଷ :

ଫକୀରମୋହନ ସେନାପତି ଆଧୁନିକ ଓଡ଼ିଆ ସାହିତ୍ୟର କେବଳ କଥା ସମ୍ରାଟ ନୁହଁନ୍ତି; ହାସ୍ୟ ସମ୍ରାଟ ମଧ୍ୟ।ତାଙ୍କର ପ୍ରତ୍ୟେକ ଗଳ୍ପରେ ସମସାମୟିକ ସମାଜର ରୀତି – ନୀତି, ପରମ୍ପରାର ଚିତ୍ର ଦେଖାଇବା ସହିତ ହାସ୍ୟ ଓ ବ୍ୟଙ୍ଗର ପ୍ରୟୋଗ କରି ଗଳ୍ପ ଗୁଡ଼ିକୁ ଅଧିକ ଆକର୍ଷଣୀୟ କରିପାରିଛନ୍ତି। ଉପଯୁକ୍ତ ଶବ୍ଦ ସଂଯୋଜନା, ସଂଳାପ ଗୁଡ଼ିକର ଯଥାଯଥ ପ୍ରୟୋଗ ଗଳ୍ପର କଳାଧର୍ମକୁ ସୁଷମା ମଣ୍ଡିତ କରିଛି। ବିଶେଷ କରି ହାସ୍ୟ ଓ ବ୍ୟଙ୍ଗ ପ୍ରୟୋଗ ଦ୍ଵାରା ଗଳ୍ପ ଗୁଡ଼ିକ ହୃଦୟସ୍ପର୍ଶୀ ହୋଇପାରିଛନ୍ତି।

ଗବେଷିକା,ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ବିଦ୍ୟାବିହାର, ଭୁବନେଶ୍ୱର

ISSN NO.
2582-208X

# ସମୁଦ୍ର ସହିତ କିଛି କାଳ



ଡ଼କ୍ଟର ସଂଯୁକ୍ତା ଦାସ

ସମୁଦ୍ର କାହାର ନୁହେଁ
ସବୁକିଛି ନେଇଯାଏ, ତା'ର ଅଥଳ ଗର୍ଭକୁ,
ସମୟର କରାଳ ସ୍ରୋତରେ,
ଯାହା କିଛି ପଡିରହେ, ଖାଲି -ପାଦଚିହ୍ନ
ସମୁଦ୍ର ବାଲିରେ ।

କେତେ'ଯେ ଗଲେଣି କେଉଁ କାଳୁ,
କେତେ ଅବା ହୋଇଛନ୍ତି ଠିଆ, ଧାଡ଼ିବାନ୍ଧି
କୋକୁଆ ଭୟରେ,
ବରଡ଼ାପତ୍ର ପରି ଥରିଥରି
ଯିବାପାଇଁ ସମୁଦ୍ର ଗର୍ଭକୁ,
ଅନିଚ୍ଛାରେ କରି-ଅଛନ୍ତି , ଅପେକ୍ଷା
ଖାଲି ଯାହା, ଡାକବାଲା'ଚିଠିର ପ୍ରତୀକ୍ଷା ।

ରେ ସମୁଦ୍ର,ତୋର' ଭୀମ ରୂପ ଭାରି ଭୟଙ୍କର ।
ଜାଣିଛି ମୁଁ...
ତୁ ବି ଦିନେ ମୋତେ ଟାଣିନେବୁ ତୋର ଅଥଳ ଗର୍ଭକୁ
ସମୟ ସ୍ରୋତରେ, ବେଳ ଅବେଳରେ... ।

ISSN NO.
2582-208X

ଆଲୋ ସହଚରୀ, ତୋ ପରି
ଜୁଆର ଓ ଭଟ୍ଟା'ତ ଚାଲିଛି ଅହରହ,
ମୋର ମନ ସମୁଦ୍ରରେ ।
ସାଧା କାଗଜରେ ରଙ୍ଗ ମାରି
ସୁଖ, ଦୁଃଖ ବାଂଟୁଛି, କଲମ ମୁନରେ ।
ତୋ କୂଳରେ ଠିଆହୋଇ, ଲହଡି ଭାଙ୍ଗି, ଲାଭ ଅବା କଣ ?
ବରଂ, ମୋର ଛୋଟ ହୁଲି ଡ଼ଙ୍ଗାଟିକୁ ଧରି,
ଡେଇଁ ପଡିଛି ତୋ ବକ୍ଷରେ
ପାଣି କୁଆ ପରି ଉବୁଟୁବୁ ହେଉଅଛି ସିନା,
ଗୁଣୁଗୁଣୁ ଗୀତ ଗାଉଅଛି
ବଇଁଶୀର ସ୍ୱରେ,
କଂସ ସମ୍ରାଜ୍ୟର,ଏଇ ଗୋପପୁରେ ।
ପ୍ରଜାପତିର ମନ ନେଇ ଉଡୁଅଛି, ଡେଣାଝାଡି,
ନୀଳ ଆକାଶରେ,
ବର୍ଷା ଧୂଆ ସକାଳର, ସୂର୍ଯ୍ୟ କିରଣରେ ।

ତୋ କୃଷ୍ଣ ରଙ୍ଗରେ ମିଶିଯିବି ସିନା,
ମୀରା ହୋଇ
ବୀଣା ବଜେଇ ବଜେଇ ...
ହେଲେ, ତୋ'ବାଲିରେ ପଡ଼ିଥିବା ମୋର ଏଇ ପାଦଚିହ୍ନ..
ଆଶାର ମୁରୁଜ ବିଛିଦେବ
ସଞ୍ଜିବନୀର, ଶୁଭବାର୍ତ୍ତା ଶୁଣାଇବ
ମାନବ ଜୀବନେ, କ୍ଷଣେ,ପ୍ରତିକ୍ଷଣେ ।

ଅଧ୍ୟାପିକା (ଓଡ଼ିଆ ଭାଷା ସାହିତ୍ୟ ବିଭାଗ)
ରଘୁନାଥ ସମବାୟ ମହାବିଦ୍ୟାଳୟ
ଓଡଗାଁ, ନୟାଗଡ, ଫୋନ -୮୨୪୯୦୧୪୩୭୯

ISSN NO.
2582-208X



# କାଶତଣ୍ଡି ଆସିଲାଣି

ପୁଷ୍ପାଞ୍ଜଳି ମିଶ୍ର

ଧବଳ ଚଦର ଦେହେ ଢାଙ୍କି
ଆସିଲାଣି ସେ ଝୁମି ଝୁମି
ସଭିଙ୍କ ମନକୁ ନିଏ ମୋହି
ରୂପ ସମ୍ଭାରର ଅସୀମ ଢେଉ ସେ
ପବନରୁ ଧାର ମଳୟ ଆଣି
ସୁନ୍ଦର ସୁଶୀଳ ଦିଶେ
ବାଟରୁ ଆରମ୍ଭ ବାଟୋଇ ଠାରୁ
ସଭିଙ୍କ ମନକୁ ମୋହେ
ପତରେ ପତରେ ଫୁଲର ଦେହରେ
ନାଁ ଲେଖି ଦେଇ ଯାଏ
ଗୁନ୍ଥି ଦେଇ ଯାଏ ଧବଳ ରଙ୍ଗରେ
ଶବ୍ଦ ର ଘୁଙ୍ଗୁର ଛନ୍ଦେ
ଉଡା ପ୍ରଜାପତି ଉଡ଼ି ଉଡ଼ି ଯାଏ
ସଭିଙ୍କ ମନକୁ ମୋହେ
ଶସ୍ୟ କ୍ଷେତରେ ମୃଦୁ ମଳୟରେ
ଚୁପି ଚୁପି ମନ ନିଏ
ସମୀର ବାଜିଲେ ତୋ ଦେହରେ
ସାଇଁ ସାଇଁ ହୋଇ ଦୋହଲୁ ଥାଉ
ଅରୂପ ତୋ ରୂପ ଲାବଣ୍ୟ ବତୀ ଲୋ

ISSN NO.
2582-208X

ସଭିଙ୍କ ମନକୁ ଛୁଏଁ
କାଶତଣ୍ଡି  ତୁ ଲୋ କି ପୂଣ୍ୟ ତୋର
ସମ୍ମୋହନ ର ସମ୍ଭାର
ପିଲା ଠାରୁ ବୁଢ଼ା ଯିଏ ତତେ ଦେଖେ
ଘଡ଼ିଏ ଘଡ଼ିଏ ଚାହେଁ
ତୋ ଆଗମନେ ଏ ଧରା ନାମକୁ
ମା ଆସନ୍ତି ଓହ୍ଲାଇ
ତୁ ନିମନ୍ତ୍ରଣ କରି ଶୁଭ ବାର୍ତ୍ତା ଆଣୁ
ହସ ତ ଅମୁଲ ମୁଲ
ଧଳାର ଚାମର ହଲେଇ ହଲେଇ
ହସୁଥାଉ ଖିଲି ଖିଲି
ପ୍ରକୃତିର ତୁହି ଗନ୍ତାଘର
ଗାଁ ବିଲ ମାଳ ହାତ ଠାରି ଡାକେ
ମତେ ଦେଖି ସବୁ ଅଟକି ଯାନ୍ତି
ରୁପରେ ପସରା ତୋର
ଧନ୍ୟ କାଶତଣ୍ଡି ନାମେ ମୁଁ ବିଖ୍ୟାତ
ଅପସୋରା ରୁପ କ୍ରାନ୍ତି  ॥

ସୁକନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
୯୫୫୬୬୪୩୯୨୧

ISSN NO.
2582-208X

# ବୋଉ



କୀର୍ତ୍ତି ଦେବୀ

ବୋଉ ଡାକରେ ରହିଛି
ସ୍ନେହ, ପ୍ରେମ, ଶ୍ରଦ୍ଧା ଓ ଭକ୍ତି ।
ତୋର ନାମକୁ ଭିନ୍ନ ରୂପରେ କହିଲେ
ମନ ହୁଏ ଖୁସି ।
ମାଆ, ମମୀ, ମାମା, ମାତାଶ୍ରୀ ଏପରି ଅନେକ
ତୋ'ର ଧୈର୍ଯ୍ୟ, ସାହସ, କର୍ତ୍ତବ୍ୟପରାୟଣ  ଓ ଧର୍ମ ବିଶ୍ୱାସକୁ
ଯିଏ ବୁଝିଛି ଜୀବନରେ ସେ ଆଗେଇ ଚାଲିଛି ।
ନିଜ ସନ୍ତାନକୁ ସଦା ଦେଇ ଖୁସି
ତୁ' ଦୁଃଖରେ ରହି ମଧ୍ୟ ହସୁ ।
ତୋ' ପରି ହେବା ପାଇଁ ଆମକୁ ଦେ' ସଦା
ତୋ'ର ଆଦର୍ଶ ଓ କଲ୍ୟାଣ
ତୁ ଥିଲେ ପାଖେ କାମ କରିବାକୁ ଲାଗେ ନାହିଁ ଡ଼ର
ତୋ' ଠାରୁ ଦୂରରେ ରହିଲେ
ମୋ ଦେହ ଖୋଜେ ତୋ' ହାତର ସ୍ପର୍ଶ
ଦୂରେ ଥାଇ ମଧ୍ୟ କଇଁଛ ପରି
ତୋ' କୃପା ଦୃଷ୍ଟି ଥାଏ ଆମ ପାଖେ
ଡାକିଲେ 'ଓ' କରୁ, କର୍ମ କରିବାକୁ
ପ୍ରେରଣା ଦେଉ ।

ISSN NO.
2582-208X

ବିପଦ ଆପଦରେ ସାହା ହେଉ
ସଦା ତୁ କହୁ ଏ ସଂସାରେ 'ଧର୍ମ' ଅଛି
ନ ହେଲେ ଦିନ ଓ ରାତି ହେଉଛି କିପରି ?
ତୋହର ସେହି କଥା ଆମକୁ ଦିଏ ବୁଝାଇ
"କର୍ମ କରି ଚାଲ ଭଗବାନ
ଅଛନ୍ତି ନିଶ୍ଚୟ ବିଚାର କରିବେ ।"



ବୋଉ, ଆମର ପ୍ରଣାମ ନେବୁ । ଚାହୁଁ ଚାହୁଁ ଏକ ବର୍ଷ ହୋଇ ଆସୁଛି । ମନ କିନ୍ତୁ ସଦା ବେଳେ ଖୋଜୁଛି ତତେ । ଏହି ଗୀତ ମୁଁ ତତେ ପଢ଼ାଇ ଶୁଣାଇ ଥିଲି ଏବଂ ଉତ୍ତରରେ ତୁ କହିଲୁ, "ବହୁତ ଭଲ ଲାଗିଲା ଓ ସବୁ ତ ମୋ' ବିଷୟରେ ଲେଖା ହୋଇଛି ।" ତୁ କେତେବେଳେ ଏ ସବୁ ବସି ଲେଖୁଛୁ ।

ସତ କହିବି ତୁ ଚାଲିଗଲା ପରେ ଯେତେ ଚେଷ୍ଟା କଲେ ମଧ୍ୟ ହାତରେ ଲେଖିବା ସମ୍ଭବ ହେଉ ନ ଥିଲା ଆଜି ଭାବିଲି ତୋ'ର ଏହି ଲେଖାଟିକୁ ଆଉ ଥରେ ବାହାର କରିବି ଏବଂ ତା'ପରେ ମୋର ହାତ ଆଉ ଲେଖା-ଲେଖିରେ କେବେ ବି ବସି ହୋଇ ରହିବ ନାହିଁ । ତୁ ଗଲା ପରେ ସବୁଦିନ ଭାବୁଛି କିନ୍ତୁ କାହିଁ କେଜାଣି କିଛି ଲେଖି ହେଉନାହିଁ । ତୋ'ର ଗୋଟିଏ କଥା ସବୁବେଳେ ମନେ ପଡୁଛି ସେଇଟି ହେଉଛି - "ଏ ହାତ ପାପ ସେ ହାତ ନେଇନି" । କିଛି ପୂଜା ପର୍ବ, ଶ୍ରାଦ୍ଧ, ବିବାହବ୍ରତ ଏପରିକି କୌଣସି କଥା ନିଜ ମନକୁ

ISSN NO.
2582-208X

ଠିକ୍ ନ ଲାଗିଲେ ତତେ ଫୋନ୍ କଲେ ସବୁ ସମସ୍ୟାର ସମାଧାନ ସଙ୍ଗେ ସଙ୍ଗେ ହୋଇ ଯାଉଥିଲା । କିନ୍ତୁ ବର୍ତ୍ତମାନ ତା'ର ଉତ୍ତର ଦେବା ପାଇଁ ମତେ ନିଜକୁ ବହୁତ ସମୟ ଲାଗୁଛି ଏବଂ ନିଜ ବୁଦ୍ଧି ଓ ବିବେକର ଉତ୍ତରକୁ ସମୟ ସହ ଅପେକ୍ଷା କରିବାକୁ ପଡୁଛି । ମନ ଦୁଃଖ ହେଲେ ଉପରେ ଥାଇ ସ୍ୱପ୍ନ ମାଧ୍ୟମରେ ବତାଇ ଦେଉଛୁ । ମୋର ଆଶା ସବୁବେଳେ ଏପରି ଆମକୁ କଲ୍ୟାଣ ଓ ଆଶିଷ କରୁଥିବୁ । ବୋଉ ତୁ ଚାଲିଗଲା ପରେ ସଂସାରରେ ଚଳିବାକୁ କଷ୍ଟ ହେଉଛି ତଥାପି ତୋ'ର କଥାକୁ ମନେ ରଖି ଓ ନିଜ ଧର୍ମ ତଥା କର୍ତ୍ତବ୍ୟକୁ ସୁଚାରୁରୂପେ ପାଳନ କରିବାକୁ ଚେଷ୍ଟା ଚଳାଇଛି ।

ଶେଷରେ ଶ୍ରୀଜଗନ୍ନାଥଙ୍କ ପାଖରେ ତୋ'ର ଆତ୍ମାର ସଦଗତି କାମନା କରି ରହୁଛି ।

ସିଭିଲ୍ ଟାଉନସିପ୍, ରାଉରକେଲା

ISSN NO.
2582-208X

# ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ବେତାର ନାଟକ: ଏକ ସଂକ୍ଷିପ୍ତ ଆକଳନ



ଗୀତାଞ୍ଜଳି ବେହେରା

ଉତ୍ତର ଅଶୀର ଓଡ଼ିଆ ନାଟକ କ୍ଷେତ୍ରରେ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ଜଣେ ପ୍ରତିଭାସଂପନ୍ନ ବ୍ୟକ୍ତିତ୍ୱ। ସେ ଏକାଧାରାରେ ଜଣେ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା, ଗୀତିକାର ଏବଂ ଚିତ୍ରକର। ଏହି ମହାନ୍ ସ୍ରଷ୍ଟା ୧୯୪୭ ମସିହା ନଭେମ୍ବର ୫ ତାରିଖରେ ଢେଙ୍କାନାଳ ଜିଲ୍ଲାର ଗୋଡ଼ିଡ଼ିହ ଗ୍ରାମରେ ଭୂମିଷ୍ଠ ହୋଇଥିଲେ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ନାଟ୍ୟକାର ଦିଲ୍ଲୀଶ୍ୱରଙ୍କ ପାଖରେ ବାଲ୍ୟକାଳରୁ ପ୍ରତିଭା ପ୍ରତିଭାତ ହୋଇଥିଲା। ବହୁ ବାଧାବିଘ୍ନକୁ ସାମ୍ନା କରି ନାଟ୍ୟକାର ନିଜର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଅଭିପ୍ସାକୁ ପୂରଣ କରିଛନ୍ତି । କାରଣ ଜଣେ ସାଧାରଣ ମଣିଷ ଭାବରେ ଜୀବନ ବିତାଇବା ଏବଂ ଜଣେ ସ୍ରଷ୍ଟା ଭାବରେ ଜୀବନ ବିତାଇବା ମଧ୍ୟରେ ଅନେକ ତଫାତ୍ ଥାଏ। ନିଜର ସ୍ଥିତିକୁ ସମାଜ ଆଗରେ ପ୍ରତିଷ୍ଠିତ କରିବା ପାଇଁ ସ୍ରଷ୍ଟା ସବୁ ଯନ୍ତ୍ରଣା, ବେଦନା, କଷ୍ଟ, ଅପମାନକୁ ସହିଯାଏ । ପ୍ରତିଭାର କିଛି ଚମତ୍କାରିତା, ସମାଜ ପାଇଁ ସମର୍ପଣ ଭାବ, ବିଭିନ୍ନ ଚିତ୍ତାକର୍ଷକ ଘଟଣା, ମାନବିକତା ଗୁଣ ହିଁ ଜଣେ ଜଣେ ପ୍ରତିଭାବାନ ସ୍ରଷ୍ଟାଙ୍କୁ ସ୍ମରଣକୁ ଆଣିଥାଏ । ଉଦ୍ଭିଦ ଯେପରି ମାଟିରେ ନିଜର ସ୍ଥିତିକୁ ପ୍ରତିଷ୍ଠା କରେ ଠିକ୍ ସେହିଭଳି ପ୍ରତିଭାବାନ୍ ସଷ୍ଟା ପରିବେଶ ଏବଂ ପରିସ୍ଥିତିକୁ ମୁକାବିଲା କରି ନିଜର ପ୍ରତିଷ୍ଠାକୁ ସମାଜରୁ ଜାହିର୍ କରେ। ଏହାର ଉଦାହରଣ ଖୋଜିବାକୁ ଗଲେ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ହିଁ ଯଥେଷ୍ଟ। ନାଟ୍ୟ ସାହିତ୍ୟରେ ନୂତନ ଚିନ୍ତାଧାରାର ପ୍ରୟୋଗରେ ସେ ଜଣେ ପ୍ରତିଭା ସଂପନ୍ନ ନାଟ୍ୟକାର । ତାଙ୍କ କଳାକଳ୍ପନା ବେଶ୍ ରସୋତ୍ତୀର୍ଣ୍ଣ କାରଣ ତାଙ୍କ ପ୍ରତ୍ୟେକ ପରିକଳ୍ପନା ମୂଳରେ ରହିଛି ଏକ ଆଦର୍ଶ ସମାଜ ପରି ପ୍ରତିଷ୍ଠାର ଉଚ୍ଛ୍ୱାସ । ଗ୍ରାମ୍ୟ ପରିବେଶରେ ବଢ଼ି ସାହିତ୍ୟ ପ୍ରତି ନାଟ୍ୟକାରଙ୍କ ଅନୁରାଗ ପିଲାଦିନରୁ ହିଁ ଜଣା ପଡ଼ୁଥିଲା । ବିନ୍ଦୁ ମଧ୍ୟରେ ସିନ୍ଧୁର ସୃଷ୍ଟି ହେବା ଭଳି ନାଟକ କ୍ଷେତ୍ରରେ ବହୁ ପରିବର୍ତ୍ତନ

ISSN NO.
2582-208X

ସାଧିତ କରିଥିଲେ ଶ୍ରୀ ମହାରଣା। ସେ ଜୀବନ ଓ ସାହିତ୍ୟ ଉଭୟ ପତି ଅଙ୍ଗୀକାରବଦ୍ଧ ଥିଲେ । ତାଙ୍କ ନାଟକ ଗୁଡ଼ିକ ବିଶେଷ ଭାବରେ ଜନଜୀବନର କଥା ହିଁ କୁହେ।

ଶ୍ରୀ ମହାରଣା ତାଙ୍କ ନାଟକର ନୂତନ ବକ୍ତବ୍ୟ ପ୍ରତି ସବୁବେଳେ ଚିନ୍ତିତ ଥାଆନ୍ତି, ଯାହାକି ତାଙ୍କୁ ଅନ୍ୟମାନଙ୍କ ଠାରୁ ବେଶ୍ ବାରି ଦେଇ ହୁଏ । ନାଟ୍ୟକାରଙ୍କ ନାଟ୍ୟ ରଚନା ବହୁବିଧ। ତେବେ ତାଙ୍କର ବେତାର ନାଟକ ଗୁଡ଼ିକ ହେଉଛି: 'ବାର୍ତ୍ତା', 'ସୂର୍ଯ୍ୟପରାଗ', ଓ 'ଭଲ ପାଇବାର ରଙ୍ଗ' । ଏହି ବେତାର ନାଟକ ହିଁ ତାଙ୍କ ପ୍ରତିଭାକୁ ଓଡ଼ିଆ ଦର୍ଶକଙ୍କ ନିକଟରେ ବେଶ୍ ପରିଚିତ ଆଣି ଦେଇଥିଲା। ତାଙ୍କ ମାର୍ଜିତ ଭାଷା, ଶବ୍ଦ ସଂଯୋଜନା, ଉପଯୁକ୍ତ ସଂଳାପ ହିଁ ନାଟ୍ୟକାରଙ୍କୁ ଦର୍ଶକ ତଥା ପାଠକଙ୍କ ନିକଟରେ ପରିଚିତ କରାଇପାରିଛି । ନାଟ୍ୟକାରଙ୍କ 'ବାର୍ତ୍ତା' ନାଟକ ଯାହା ୨୦୦୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, ତାହା ତାଙ୍କୁ ଅଧିକ ଲୋକପ୍ରିୟ କରାଇପାରିଛି ।

'ବାର୍ତ୍ତା' ନାଟକଟି ସର୍ବପ୍ରଥମେ ଢେଙ୍କାନାଳ କଳା ପରିଷଦ କଳାକାରମାନେ ୧୯୯୩ ମସିହା ନାଟ୍ୟମ୍ ଅନୁଗୋଳ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟ ପ୍ରତିଯୋଗିତାରେ ପରିବେଷଣ ପାଇଁ ପ୍ରସ୍ତୁତ ଆରମ୍ଭ କରିଥିଲେ। ସେହି ବର୍ଷ ସର୍ବଭାରତୀୟ ବେତାର ନାଟ୍ୟ ରଚନା ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଲାଭ କଲା । ପରେ ଓଡ଼ିଶାର ଖ୍ୟାତନାମା ଶିଳ୍ପୀ ସ୍ୱଗତଃ ସାମୁଏଲ୍ ସାହୁ(ବାବି), ପ୍ରେମାଞ୍ଜନ ପରିଡ଼ା, କୁଞ୍ଜ ନନ୍ଦ, ମାଳବିକା ରାୟ, ଅଭୟ ମହାନ୍ତି ଇତ୍ୟାଦିଙ୍କୁ ନେଇ ଶ୍ରୀ ରମାପଦ ନନ୍ଦ ଆକାଶବାଣୀ କଟକ ପାଇଁ ଏ ନାଟକକୁ ପ୍ରୟୋଜନ କରି ସର୍ବପ୍ରଥମ ୨୫.୦୪.୧୯୯୪ରେ ପ୍ରଚାର କରିଥିଲେ । ନାଟକଟି ଆତଙ୍କବାଦ ସମସ୍ୟା ଉପରେ ଆଧାରିତ । ବର୍ତ୍ତମାନ ନକ୍ସଲ ଓ ମାଓବାଦ ବିଷୟ ଏକ ମୁଖ୍ୟ ସମସ୍ୟା ଭାବରେ ଦୃଷ୍ଟିଗୋଚର ହୋଇଛି। ତେବେ ଏହି ସମସ୍ୟା ହତାଶ, ନୈରାଶ୍ୟ, ଯନ୍ତ୍ରଣା ମଧ୍ୟରୁ ସୃଷ୍ଟି ହୋଇଛି। ନିଜ ଅଧିକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ହାରିଯାଇଥିବା ମଣିଷ କିପରି ବିପ୍ଳବକୁ ଆପଣେଇ ନେଇଛି ଏବଂ ବିଦେଶୀ ରାଷ୍ଟ୍ରରୁ ନିଜ ଦେଶକୁ ଅର୍ଥ ଅନୁଦାନ ଆଣିବା ଯେ ବିପ୍ଳବ ନୁହେଁ ବରଂ ନିଜର ଭୁଲ୍‌କୁ ପରିବର୍ତ୍ତନ କରି ଉଚିତ୍ ମାର୍ଗରେ ଚାଲିବା ହିଁ ପ୍ରକୃତ ବିପ୍ଳବ ତାହା ନାଟ୍ୟକାର 'ବାର୍ତ୍ତା' ନାଟକ ମାଧ୍ୟମରେ ଦର୍ଶାଇ ଦେଇଛନ୍ତି ।

ISSN NO.
2582-208X

ନାଟକର ନାୟକ ଅରୁଣ ଯିଏକି ଜଣେ ସ୍ୱାଭିମାନ ମଣିଷ । ବିଶ୍ୱ ବିଦ୍ୟାଳୟରୁ ସର୍ବୋଚ୍ଚ ଡିଗ୍ରୀଧାରୀ ମେଧାବୀ ଛାତ୍ର ସେ। ଆଖିରେ ଅନେକ ସ୍ୱପ୍ନକୁ ନେଇ ସେ ବିଶ୍ୱବିଦ୍ୟାଳୟରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲା ଯେ ଜୀବନରେ ସେ ଭଲ ମଣିଷଟେ ହେବ। କିନ୍ତୁ ତାହାର ଆଶା ସାକାର ହେଲା ନାହିଁ ଯେଉଁ ଆଶା ନେଇ ସେ ଆଗକୁ ବଢୁଥିଲା, ତାହା ଧୂଳିସାତ୍ ହୋଇଗଲା । ଚାକିରିଟିଏ ପାଇଁ ଅରୁଣ ଅନେକ ନେତା ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛି କିନ୍ତୁ ସବୁଠାରେ ତାକୁ ପ୍ରତାରଣା ମିଳିଛି । ଗୋଟିଏ ପିତୃମାତୃହୀନ ଯୁବକ ନିଜର ପଢ଼ା ଖର୍ଚ୍ଚକୁ ତୁଲାଇବା ପାଇଁ ଟିଉସନ୍ କରିଛି, ନଖାଇ ନପିଇ ରାତି ରାତି ଅନିଦ୍ରା ରହି ନିଜର ଲକ୍ଷ୍ୟକୁ ହାସଲ କରି ସର୍ବୋଚ୍ଚ ସ୍ଥାନ ପାଇଛି କିନ୍ତୁ ତାହାର ସ୍ୱପ୍ନକୁ ଅନେକ ପ୍ରସାଶନିକ ଦୋହଲାଇ ଦେଇଛନ୍ତି । ସର୍ବୋଚ୍ଚ ଡିଗ୍ରୀ ଥାଇ ମଧ୍ୟ ଅରୁଣ ଚାକିରିରୁ ବଞ୍ଚିତ ହୋଇଛି କିନ୍ତୁ ମନ୍ତ୍ରୀର ରକ୍ଷିତା ଶାନ୍ତି ଦାସର ପୁଅ ଯାହାର ଜୀବନ ପଛ ବେଞ୍ଚରେ ବସିକି ଯାଇଛି ସେ ଚାକିରି ପାଇଛି। ସେପଟେ ଅରୁଣର ପ୍ରେମିକା ସୁରଭି ଅରୁଣର ଚାକିରିକି ଚାହିଁ ବସିଛି, ଚାକିରି ହେଲେ ଉଭୟ ବିବାହ ବନ୍ଧନରେ ବାନ୍ଧି ହେବେ। ଅରୁଣ ବିନା ଦୋଷରେ ଜେଲ୍ ଯାଇଛି ଏବଂ ଜେଲ୍ ରୁ ଖସି ଯାଇ ନିଜ ଅଜ୍ଞାତସାରରେ ଆତଙ୍କବାଦୀ ଗୋଷ୍ଠୀ ସହ ସାମିଲ୍ ହୋଇଯାଏ। ସେହିଠାରେ ନିଜର ବନ୍ଧୁ ସୁରେଶଠାରୁ ବିପ୍ଳବର ବାଣୀ ଶୁଣିଛି:-

"ଏ ଦେଶରେ କଲମ ମୁହଁରେ ନୁହେଁ ବନ୍ଧୁକ ମୁନରେ ବିପ୍ଲବ। କବିତା, ଭାଷଣ ଇଣ୍ଟେଲେକ୍ଚୁଆଲ ଡମ କସନ ସବୁ ବେକାର । ସେ ଶଳା ଗୁଡ଼ାକ ସ୍ପଷ୍ଟ ଦିବାଲୋକରେ ମଣିଷ ରକ୍ତ ପିଇବାରେ ଲାଗିଛନ୍ତି.....ଆମକୁ ବି ସେମିତି ସେମାନଙ୍କ ରକ୍ତରେ ହୋରି ଖେଳିବାକୁ ପଡ଼ିବ" ।

ବିପ୍ଳବର ବାଣୀ ଶୁଣି ଅରୁଣ ଉଗ୍ରପନ୍ଥୀ ଗୋଷ୍ଠୀରେ ସାମିଲ୍ ହୁଏ । ଅନ୍ୟ ଦୃଶ୍ୟରେ ସୁରଭି ଡାନି ଏବଂ କୁଲୁ ଦ୍ୱାରା ଧର୍ଷଣର ଶିକାର ହୋଇ ସେ ମଧ୍ୟ ଆତଙ୍କବାଦୀ ଗୋଷ୍ଠୀରେ ସାମିଲ୍ ହୁଏ । ନାଟକରେ ଜଣେ ଆଦର୍ଶବାଦୀ ଚରିତ୍ର ସତ୍ୟ ସନାତନଙ୍କ ଆର୍ବିଭାବ ଘଟିଛି ଯିଏକି ଆଲୋକର ମାର୍ଗ ଦେଖାଇଛନ୍ତି। ସତ୍ୟସନାତନଙ୍କ ନୀତିବାକ୍ୟରେ ଅରୁଣ ଓ ସୁରଭି ମନରେ ପରିବର୍ତ୍ତନ ଆସିଛି । ସେମାନେ ସତ୍ୟକୁ ମୁକ୍ତ କରି ବୋମାରେ ସନ୍ତ୍ରାସବାଦ କ୍ୟାମ୍ପକୁ ଧ୍ୱଂସ କରିଦେବାକୁ ଯୋଜନା କରିଛନ୍ତି। କିନ୍ତୁ ସେମାନଙ୍କ ଯୋଜନାକୁ ଜାଣିପାରି

ISSN NO.
2582-208X

କମାଣ୍ଡର ଓ ବୁଲୁ ତାଙ୍କୁ ଗୁଳି କରିଦିଅନ୍ତି। ଏବଂ ଶେଷରେ ମୃତ୍ୟୁବରଣ କରିବା ପୂର୍ବରୁ ସୁରଭି ବୋମାର ସୁଇଚ୍ ଦେଇ ସନ୍ତ୍ରାସବାଦଙ୍କ କ୍ୟାମ୍ପକୁ ଧ୍ୱଂସ କରିଦିଅନ୍ତି।

ହିଂସାରୁ ସୃଷ୍ଟି ହୁଏ ହିଂସା, ପ୍ରେମରୁ ସୃଷ୍ଟି ହୁଏ ପ୍ରେମ ଏବଂ ଆଲୋକରୁ ସବୁବେଳେ ସନ୍ଧାନ ଦିଏ ଆଲୋକର ଯାହା ସତ୍ୟ ଚରିତ୍ର ମାଧ୍ୟମରେ ନାଟକରେ ଦର୍ଶାଯାଇଛି।

ସେହିପରି ତାଙ୍କ 'ସୂର୍ଯ୍ୟପରାଗ' ନାଟକଟି ୧୯୭୯ ମସିହାରେ ଆକାଶବାଣୀ କଟକ ଦ୍ୱାରା ପ୍ରଚାରିତ। ଏହି ନାଟକରେ ପ୍ରୟୋଗ ହୋଇଥିବା ମଣିଷ ମନର ରହସ୍ୟ ଉନ୍ମୋଚନ ବିଷୟଟି ପୂର୍ବରୁ ମନୋରଞ୍ଜନ ଦାସ ଏବଂ ତାଙ୍କର ସମସାମୟିକ ଅନ୍ୟାନ୍ୟ ନାଟ୍ୟକାର ମାନେ ଏହାକୁ ଗ୍ରହଣ କରିଥିଲେ। ଏହି ନାଟକଟି ୬ଟି ଦୃଶ୍ୟ ସମ୍ବଳିତ କ୍ଷୁଦ୍ର ନାଟକ। ଗୋଟେ ପରିବାର ମଧ୍ୟରେ ସନ୍ଦେହ ପ୍ରବେଶ କରିଗଲେ କିପରି ଗୋଟେ ପରିବାର ଧ୍ୱଂସ ହୋଇଯାଏ ଏବଂ ଜୀବନ ଯନ୍ତ୍ରଣାପୂର୍ଣ୍ଣ ହୋଇଯାଏ ତାହା ନାଟ୍ୟକାର ଏହି ନାଟକରେ ଚିତ୍ରିତ କରିଛନ୍ତି। ଏହି ଜଟିଳ ସମସ୍ୟାକୁ ନେଇ ଗୋଟିଏ ସୁଖୀ ପରିବାର ମଧ୍ୟରେ କିପରି ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି ତାହା ନାଟକରେ ପ୍ରତିଭାତ ।

ନାଟକର ମୁଖ୍ୟ ଚରିତ୍ର ତପନ, ସ୍ତ୍ରୀ ଶୀଲା ଏବଂ ଦୁଇ କନ୍ୟା ଜୁଲି ଆଉ ମିଲିଙ୍କୁ ନେଇ ତାଙ୍କର ସୁନା ସଂସାର। ଦୁଇ କନ୍ୟା ଥିବାରୁ ବଂଶ ଆଗକୁ ନେବାକୁ ପୁତ୍ରଟିଏ ପାଇଁ ପରିବାରର ଆଶା ଥିବାବେଳେ ତପନ କିନ୍ତୁ ପୁତ୍ର ସନ୍ତାନ ପାଇଁ ମୋହ ନଥାଏ । ସ୍ତ୍ରୀ ଶୀଲା ପୁତ୍ରଟିଏ ପାଇଁ ଓଷାବ୍ରତ,ଏକାଦଶୀ ପାଳନ କରିଥାଏ । କିନ୍ତୁ ସ୍ୱାମୀ ତପନ କହିଛି: -

"ମୁଁ ଆଉ ସେ ଜଞ୍ଜାଳ ଭିତରେ ଘାଣ୍ଟି ହେବାକୁ ଚାହୁଁନି। ପୁଅ ଖୋଜୁ ଖୋଜୁ ଯଦି ପୁଣି କନ୍ୟାରତ୍ନଟିଏ ଆସିଯାଏ ସବୁ ଶେଷ" ।

ତପନର ବାଲ୍ୟବନ୍ଧୁ ବାଦଲ ତାକୁ ବୁଝାଇବାକୁ ଯାଇ କହିଛନ୍ତି:-

ISSN NO.
2582-208X

"କଣ ସେଇ ହସ୍ତରେଖା ବିଶାରଦ ଜ୍ୟୋତିଷ କଥା କହୁଛୁ । ସେ କହିଥିଲା ପାଞ୍ଚଟି କନ୍ୟାରତ୍ନ ପରେ ତୋର ପୁଅ ହେବ। ଆରେ ଦାନ, ଧର୍ମ, ପୁଣ୍ୟ ବଳରେ ଅସମ୍ଭବ ସମ୍ଭବ ହୋଇଯାଏ। ଆମ ଶାସ୍ତ୍ରପୁରାଣ କଥା ତୁ କଣ ବିଶ୍ୱାସ କରୁନୁ" ।

ଏହିସବୁ ଆବେଗକୁ ଖ୍ୟାତିର୍ ନକରି ତପନ ନିଜର ଡାକ୍ତର ବନ୍ଧୁ ଅମର ସାହାଯ୍ୟରେ ସମସ୍ତଙ୍କ ଅଜ୍ଞାତରେ ଜନ୍ମ ନିୟନ୍ତ୍ରଣ ଅପରେସନ୍ କରାଇ ଦେଇଛି। ସ୍ତ୍ରୀ ଶୀଲା ତପନର ବନ୍ଧୁ ବାଦଲ ସହ ଅନ୍ତରଙ୍ଗ ଭାବରେ ମିଳାମିଶା କରୁଛି ଯାହା ଦେଖି ତପନ ସ୍ତ୍ରୀ ଶୀଲାକୁ କଣ ସନ୍ଦେହ କରିବ ? ସ୍ୱାମୀର ବନ୍ଧୁ ଯେତେ ସରଳ ହେଲେ ମଧ୍ୟ ତା ସହିତ ନିବିଡ଼ ହେବା ଠିକ୍ କି ? ଏଭଳି ଅନେକ ପ୍ରଶ୍ନ ତପନକୁ ଆଚ୍ଛାଦିତ କରେ। ଏହାପରେ ଶୀଳାଠାରୁ ତପନ ତାହାର ଗର୍ଭବର୍ତ୍ତୀ ସଂପର୍କରେ ଶୁଣି ତା ପାଦ ତଳୁ ମାଟି ଖସିଯାଏ । ସେ ହଠାତ୍ ଜଡ଼ ପାଲଟିଯାଏ । ସାରା ପୃଥିବୀ ଯେମିତି ତା ଚାରିପାଖରେ ଘୁରିବାକୁ ଲାଗେ। ଆକାଶକୁ ଅନେଇ ଅନେକ କଥା ଭାବେ । ଆକାଶ ବେଳେ ବେଳେ ଗୋଟେ ରୂପସୀ ..... ସେତେବେଳେ ତା ସୌନ୍ଦର୍ଯ୍ୟର ଆକର୍ଷଣରେ ମଣିଷ ମତୁଆଲା ହୋଇଉଠେ, ହଠାତ୍ ଏ ରୂପସୀ ଆକାଶ ଏମିତି କାହିଁକି ଘନ ଅନ୍ଧକାରର ରାକ୍ଷସୀ ପାଲଟିଯାଏ । ଠିକ୍ ସେହିପରି ତା ଜୀବନ ମଧ୍ୟରେ ଅନ୍ଧକାର ଘୋଟିଯାଏ । ବାଦଲ ଏବଂ ଶୀଲା କଣ ଏତେ ଆଗକୁ ବଢି ଯାଇଛନ୍ତି ? ଏଭଳି ପରିସ୍ଥିତିରେ ତପନ ତାଙ୍କୁ ଆତ୍ମହତ୍ୟା କରିବାର ସାମାନ୍ୟ ଆକାଂକ୍ଷା ମଧ୍ୟ ତା ମନକୁ ଆସିଛି । କିନ୍ତୁ ଶୀଲା ନୂତନ ଅତିଥି ପାଇଁ ବିଭୋର, ଏସବୁ ସଂପର୍କରେ ତାହାର ଧାରଣା ନାହିଁ ।

ତପନ ତାପ୍ରତି ପ୍ରବଞ୍ଚନା ହୋଇଛି କହି ଶୀଲାକୁ କଷ୍ଟ ଦେଇଛି । ଏବଂ ଶେଷରେ ବନ୍ଧୁ ଅମର ସହିତ ଏ ସଂପର୍କରେ ଆଲୋଚନା କରି ଜାଣିପାରିଛି ଯେ ଡାକ୍ତର ବନ୍ଧୁ ତାହାର ଅପରେସନ୍ କରିନାହାନ୍ତି । ବନ୍ଧୁ ପତ୍ନୀଙ୍କୁ ସମ୍ମାନ ଜଣାଇ ଅମର କହିଛି: 'ଶୀଳା ଦେହରେ ସାମୟିକ ଭାବେ ଶିଉଳି ଲାଗିଯାଇପାରେ ହେଲେ କଳଙ୍କ କେବେ ବି ନୁହେଁ'। ସନ୍ଦେହ କଟିଯିବା ପରେ ଅନ୍ଧକାର ଆକାଶ ଯେମିତି ମୁକ୍ତ ହୋଇଯାଇଛି। ତପନ ଶୀଲାଙ୍କୁ କହିଛି:- "ମୋତେ କ୍ଷମା କରିଦିଅ ଶୀଲା । ମୁଁ ତୁମ ପାଖରେ ହାତ ଯୋଡୁଛି। ମୋତେ କ୍ଷମା କରିଦିଅ। ମୋର ଭୁଲ୍ ପାଇଁ ମୁଁ ଅନୁତପ୍ତ, ଜୀବନରେ ଏ ପ୍ରକାର ଭୁଲ୍ ଆଉ କେବେ ହବନି" ।

ISSN NO.
2582-208X

ଅବଚେତନର ଗୋପନ ଚିନ୍ତାକୁ ନାଟ୍ୟକାର ଅତି କଳାତ୍ମକ ଭାବରେ ଏହି ନାଟକରେ ପରିବେଷଣ କରିଛନ୍ତି I

ନାଟ୍ୟକାରଙ୍କ ୫ପାଦ ବିଶିଷ୍ଟ ଲଘୁନାଟକ ହେଉଛି 'ଭଲ ପାଇବାର ରଙ୍ଗ'। ଗୋଟିଏ ସାଧାରଣ କାହାଣୀଟିକୁ ନେଇ ନାଟକଟି ପରିବେଷିତ। ବିବାହ ପ୍ରତି ବୀତସ୍ପୃହ ଜଣେ ଯୁବକ କିପରି ସଂସାର ନିୟମରେ ପଡ଼ି ବିବାହ ପରି ପାରମ୍ପରିକ ସତ୍ୟତାକୁ ଗ୍ରହଣ କରିଛି ତାହା ନାଟ୍ୟକାର ଏହି ନାଟକ ମାଧ୍ୟମରେ ଚିତ୍ରିତ କରିଛନ୍ତି I ନାୟକ ଶୁଭେନ୍ଦୁ ଯିଏକି ନିଜ ମାତାଙ୍କ କଥାକୁ ନଶୁଣି ବିବାହ ନକରି ସହରରେ ଚାକିରି କରି ରହିଛି। ବିବାହ ପ୍ରତି ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଶୁଭେନ୍ଦୁର ମାଆ, ମଉସା ନିଧି ଏବଂ ଭବାନୀ ମିଶି ଗୋଟିଏ ଯୋଜନା କରିଛନ୍ତି। ଶୁଭେନ୍ଦୁ ଯେଉଁ ଘରେ ଭଡ଼ା ରହୁଥିଲା ତାହାର ମାଲିକ ବଳରାମ ବାବୁ ଅବିବାହିତ ଲୋକଙ୍କୁ ଭଡ଼ା ଦେଉନଥିଲେ, ତେଣୁ ଶୁଭେନ୍ଦୁ ନିଜକୁ ବିବାହିତ ବୋଲି ପରିଚୟ ଦେଇଥିଲେ। ଏହି ସମୟରେ ଶୁଭେନ୍ଦୁର ମାଆ ତାଙ୍କ ବୋହୂ କରିବାକୁ ଠିକ୍ କରିଥିବା ଝିଅ ଅଧ୍ୟାପିକା ବନ୍ୟା ଆସି ଶୁଭେନ୍ଦୁ ଘରେ ଉପସ୍ଥିତ ହୁଏ । ଏବଂ ଶୁଭେନ୍ଦୁଙ୍କୁ ତାଙ୍କ ଘରେ ଗୋଟିଏ ରାତ୍ରି ପାଇଁ ଆଶ୍ରୟ ପାଇଁ କୁହେ। ଉପାୟ ଶୂନ୍ୟ ହୋଇ ଶୁଭେନ୍ଦୁ ମଧ୍ୟ ବନ୍ୟା କଥାରେ ରାଜି ହେଇଯାଏ । ଏହି ସମୟରେ ଘରର ମାଲିକ ବଳରାମବାବୁ ଆସି ବନ୍ୟାକୁ ଦେଖି କହିଛନ୍ତି: "ମା କୁ ମୋର ସ୍ୱ ଚକ୍ଷୁରେ ଦେଖିଲା ପରେ ଆଉ କିଛି କହିବାର ନାହିଁ" ।

ଯୋଜନା ମୁତାବକ ନିଧିମଉସା ଶୁଭେନ୍ଦୁଙ୍କ ଘରକୁ ଆସି ବନ୍ୟାକୁ ଦେଖିବାରୁ ଶୁଭନ୍ଦୁ ଘରର ଚାକରାଣୀ ବୋଲି ପରିଚୟ ଦେଇଛି । ଏବଂ ଅନ୍ୟ ପଟରେ ଘରର ମାଲିକ ବନ୍ୟାକୁ ଶୁଭେନ୍ଦୁର ପତ୍ନୀ ଭାବରେ ସବୁଆଡ଼େ ପ୍ରଚାର କରିଦିଅନ୍ତି । ତେବେ ରହସ୍ୟ ଉନ୍ମୋଚନ ହେଲାପରେ ଜଣାପଡ଼େ ଯେ ଶୁଭେନ୍ଦୁଙ୍କ ମାଆ ବନ୍ୟାକୁ ବଧୂ ରୂପରେ ବାଛିଥିଲେ । ପରବର୍ତ୍ତୀ ସମୟରେ ବନ୍ୟାର ସୁବ୍ୟବହାର ଦ୍ୱାରା ଶୁଭେନ୍ଦୁ ଧିରେ ଧିରେ ପରିବର୍ତ୍ତନ ହୁଏ ଏବଂ ଉଭୟ ବିବାହ ବନ୍ଧନରେ ବାନ୍ଧି ହୁଅନ୍ତି । ତେବେ ନାଟକଟି ଏକ ସାଧାରଣ ଶୈଳୀରେ ବାସ୍ତବଧର୍ମୀ ଘଟଣାକୁ ନେଇ ରଚିତ।

ISSN NO.
2582-208X

ଉପସଂହାର

ପ୍ରଥିତଯଶା ନାଟ୍ୟକାରଙ୍କ ଏହି ବେତାର ନାଟକ ଗୁଡ଼ିକର ପ୍ରଚାର ପ୍ରସାର ଫଳରେ ତାଙ୍କୁ ଅନେକ ସଫଳତା ମିଳିଛି। ଏବଂ ନାଟ୍ୟକାର ନିଜେ ଅଭିନେତା ଏବଂ ନିର୍ଦ୍ଦେଶକ ଥିବାରୁ ନାଟକରେ ତାଙ୍କର ଗଭୀର ଭାବେ ସଂପୃକ୍ତିକୁ ଆମେ ଲକ୍ଷ୍ୟ କରୁ । ତେବେ ତାଙ୍କ ବେତାର ନାଟକଗୁଡ଼ିକର ଆଲୋକ, ମଞ୍ଚକଳା, ସଂଗୀତ ଆଦି ବ୍ୟବହାର ଫଳରେ ନାଟ୍ୟକାରଙ୍କ ସ୍ଥିତିକୁ ଓଡ଼ିଆ ନାଟ୍ୟ ଜଗତରେ ବେଶ୍ ମଜବୁତ୍ କରିପାରିଛି ।

ସହାୟକ ଗ୍ରନ୍ଥସୂଚୀ

(୧) ମହାରଣା, ଦିଲ୍ଲୀଶ୍ୱର- ବାର୍ତ୍ତା, ଅପୂର୍ବା ଅଫସେଟ୍, ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୧୫ ଅଗଷ୍ଟ ୨୦୦୨ ।

(୨) ମହାରଣା, ଦିଲ୍ଲୀଶ୍ୱର- ଭଲ ପାଇବାର ରଙ୍ଗ, କ୍ଲାନ୍ତି ହରା, ବଳରାମ ବିହାର, ଢେଙ୍କାନାଳ-୭୫୯୦୦୧, ପ୍ରଥମ ପ୍ରକାଶ-୨୦୧୨ ।

(୩) ମହାରଣା, ଦିଲ୍ଲୀଶ୍ୱର- ସୂର୍ଯ୍ୟପରାଗ, କ୍ଲାନ୍ତି ହରା, ବଳରାମ ବିହାର, ଢେଙ୍କାନାଳ-୭୫୯୦୦୧, ପ୍ରଥମ ପ୍ରକାଶ-୨୦୧୪ ।

ଗବେଷିକା
ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଦୂରଭାଷ-୯୩୪୮୨୯୩୨୩୭

ISSN NO.
2582-208X

# ସ୍ୱଭାବ କବି ଗଙ୍ଗାଧର ମେହେର



କୁଞ୍ଜବିହାରୀ ରାଉତ

ହେ ଭାଷା ପ୍ରେମୀ, ସାହିତ୍ୟ ସନ୍ଥ
ସ୍ୱଭାବ କବି ଗଙ୍ଗାଧର ମେହେର
ତୁମ ପାଇଁ ଧନ୍ୟ ଆଜି ବରପାଲି ଗ୍ରାମ ସହ ବରଗଡ଼ ସହର....
ଯଥାର୍ଥରେ ଥିଲ ତୁମେ ସମାଜ ସଂସ୍କାରକ
ଭାଷା ସାହିତ୍ୟର ଥିଲ ପ୍ରକୃତ ଦିଗଦର୍ଶକ
କାଳଜୟୀ ସୃଷ୍ଟି ତୁମ, ଏବେ ବି ବନ୍ଦିତ
ତପସ୍ୱିନୀ, ଇନ୍ଦୁମତୀ, କୀଚକବଧ ସଂଗେ କୃଷକ ସଂଗୀତ
ପ୍ରଣୟବଲ୍ଲଭୀ, ଅର୍ଘ୍ୟଥାଳି, ପଦ୍ମିନୀ
ରସ ରତ୍ନାକର, ଉତ୍କଳଲକ୍ଷ୍ମୀ ଓ
ବଳରାମଦେବ,
ଅଯୋଧ୍ୟା ଦୃଶ୍ୟ, ଅହଲ୍ୟାସ୍ତବ, ଭାରତୀ ରୋଦନ,
ଆଦି କବିତା ସର୍ବଜନ ସ୍ୱୀକୃତ
ବେଦବ୍ୟାସ, ଚନ୍ଦ୍ରରଜନୀ, ଭକ୍ତି, ଅମୃତମୟ
ମଧୁମୟ, ଗଣେଶଙ୍କ ଆତ୍ମକଥା, ଉତ୍କଳ ଭାରତୀ ଭକ୍ତି,
ତାକୁ ମଧ୍ୟେ ବୋଲୁଥାନ୍ତି ଧର୍ମ ଅବତାର
ସବୁଥିରେ ତୁମର ଥିଲା ସ୍ୱତନ୍ତ୍ର ସ୍ୱାକ୍ଷର,
ମାତୃଭୂମି, ଉତ୍କଳ ସମ୍ମିଳନୀ ଉପଲକ୍ଷେ, ଭାରତୀ ଭାବନା,

ISSN NO.
2582-208X

ଧାନଚାଷ, କପା ସଂଗେ ଅନ୍ନର ମହିମା
ସବୁ କାବ୍ୟକବିତାରେ ତୁମେ ଉଡାଇଛ ବାନା ....
କବିତାରେ ରହିଛି ତୁମ ଆଦର୍ଶ ବାସ୍ତବତା ଓ ଦର୍ଶନ
ସତ୍ୟଦୃଷ୍ଟି, ଧର୍ମ, ସଂସ୍କାର ହୋଇଛି ପ୍ରତିପାଦନ ...
ହେ କାବ୍ୟର କବି! ଅସାଧାରଣ ଧୈର୍ଯ୍ୟ
କର୍ତ୍ତବ୍ୟନିଷ୍ଠା, ନିର୍ଭିକତା ଓ ଦୃଢ଼ ମନୋବଳ ଯୋଗୁଁ
ତୁମେ ଥିଲ ନିଆରା ବ୍ୟକ୍ତିତ୍ୱ
ତୁମ ପାଇଁ ଗଙ୍ଗାଧର ମେହେର କଲେଜ, ଆଜି ସବୁଠି ଗର୍ବିତ
ଉଚ୍ଚାଙ୍ଗ ସାହିତ୍ୟବୋଧ, ଚରିତ୍ରଗତ ମହନୀୟତା
ସଂଗେ ସୁମଧୁର ଶବ୍ଦ
ଭାଷା ସଂଗେ ଶାସ୍ୱତ ଭାବନା....
ହେ ପ୍ରକୃତି ପ୍ରାଣ !
ତୁମେ ତ ଅବର୍ଣ୍ଣନୀୟ
ସାହିତ୍ୟ ତୁମର ଜାତୀୟତା ପ୍ରୀତିର
ଛଳଛଳ ଝରଣା,
ତୁମ ମଧୁ ଉଦ୍ୟାନରେ
ଦୁଃଖ ସବୁ ଫୁଲ ହୋଇ ଫୁଟେ
ଭରିଦିଏ ମନେ ପ୍ରାଣେ
ବିଶ୍ୱ ଜୀବନର ପଥେ ପଥେ
ଅମୂଲ୍ୟ କାବ୍ୟିକ କରୁଣା ।

ପ୍ଲଟ ନଂ:୧୪୮/୫, ହମିରପୁର, ରାଉରକେଲା:୩
ମୋ: ୯୮୬୧୦୩୪୪୯୪

ISSN NO.
2582-208X

# ଟିକିଏ ହେଲେ ତ ଭାବ



ଆକୁଳାନନ୍ଦ ପୃଷ୍ଟି

ରତ୍ନ ବେଦି ଠାରୁ ଜନ୍ମ ବେଦି
କେତେ ଦୂର
ବରଷକୁ ଥରେ ନବ ଦିନ ପାଇଁ
ଆସନ୍ତି ତିନି ଠାକୁର ।

ମା ପ୍ରତୀକ୍ଷାର ଅନ୍ତ ଘଟାଇ
ବରଷକୁ ଥରେ ଆସ
ସନ୍ତାନକୁ ପାଇ ଖୁସିରେ ବିଭୋର
ଭୁଲି ଯାଏ ମା କ୍ଳେଶ ।

ଶୂନ୍ୟ ପଡ଼ିଥାଏ ତୁମ ଜନ୍ମ ବେଦି
ସତେ ଅବା ଭୂତକୋଠୀ
ତୁମ୍ଭ ଆଗମନେ ଘର ପୁରିଉଠେ
କୋଳାହଳେ ପଡେ ଫାଟି ।

ତୁମ୍ଭ ପରି ସବୁ ପୁଅ ଝିଅମାନେ
ଉଚ୍ଚ ପଦବୀରେ ଥାଇ
ଗାଁ ମା କଥା ପାସୋରି ଗଲେଣି
ଦେଶ ବିଦେଶରେ ରହି ।

ତୁମଠୁ ଶିଖନ୍ତୁ ପୁଅ ଝିଅମାନେ
ଗାଁ ମା ପ୍ରେମ ଭକ୍ତି

ISSN NO.
2582-208X

ବରଷକୁ ଥରେ ଆସନ୍ତୁ ବୁଝନ୍ତୁ
ଗାଁ ମା ସୁଖ ଶାନ୍ତି ।

ମା ମାଉସୀଙ୍କ ହାତ ରନ୍ଧା ଖାଦ୍ୟ
ଖାଆନ୍ତି କଳା କହ୍ନେଇ
ଶ୍ରଦ୍ଧାରେ ଖାଆନ୍ତୁ ଆମ ପିଲାମାନେ
ମା ହାତରନ୍ଧା
ପିଠା ମିଠା ଭାତ ଦହି ।

ହସନ୍ତୁ ବସନ୍ତୁ ସାଙ୍ଗ ସାଥି ମେଳେ
ପାଳନ୍ତୁ ପର୍ବ ପର୍ବାଣୀ
ସମସ୍ତେ ନିଜର କେହି ନୁହେଁ ପର
ସମସ୍ତେ ଭାଇ ଭଉଣୀ ।

ଗାଁ ' ଟି ଆମର ଧୂଳିର ସରଗ
ହେଲେ ହେଉ ପଛେ ସାନ
କେଉଁଠି ମିଳିବ ଏପରି ଦେବୀ ଟେ
ଯିଏ ନେବ ମା ସ୍ଥାନ ?

ପ୍ରଭୁ ହୁଅ ଅବା ବାବୁ
ଟିକିଏ ହେଲେ ତ ଭାବ
ଗାଁ' ର ମା' ର ସାହି ପଡିଶାର
କିପରି ମଙ୍ଗଳ ହେବ ?

ସମସ୍ତେ କହନ୍ତୁ ଧନ୍ୟ
ଗାଁ ମା ଋଣ ପରିଶୋଧ କର
ପାଇଛ ମଣିଷ ଜନ୍ମ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଲପଡ଼ା କଖଡି କଟକ/ମୋ - ୯୪୩୭୮୬୪୫୬୨

ISSN NO.
2582-208X

# ଅତି ର ଓଲଟା ଗଙ୍ଗା



ଅମୃତନାରାୟଣ ଶତପଥୀ

ଅତି ବାଡେଇ ଛାଟି ହେଲେ ବି ଓଲଟା ଗଙ୍ଗା କି ବହିବ,
ଅତି ଉତୁରିଲେ ଚୁଲିକୁ ଯିବ କ୍ଷୀର ସର ରାବିଡି କି ହୋଇବ।(୧)
ଅତି ଉତ୍ପାତ ହୋଇଲେ ମନୁଷ୍ୟ ଧର୍ମ କି କେବେ ସହିବ,
ଅତି ପରିଶ୍ରମ ଅଧିକ ସମୟ କଲେ ଲକ୍ଷ୍ୟ କି ପୂରଣ ହୋଇବ।(୨)
ଅତି ଉଦ୍ଧତ ହୋଇଲେ ଯେ ବ୍ୟକ୍ତି ସମ୍ମାନ କି କେବେ ପାଇବ,
ପାତର ଅନ୍ତର କଲେ ଜୀବନରେ ସୁଖୀ ସମୃଦ୍ଧ କି ହୋଇବ।(୩)
ଅତି ତିରସ୍କାର ତୀର୍ଯକ ବ୍ୟବହାର ଚାହାଣୀ କି କଥା କହିବ,
ଅତି ଫୁଟାଣି ସ୍ୱୟଂ ଯେ ବଖାଣି ଗୁଣ ଗ୍ରାହୀ କି ସେ ହୋଇବ।(୪)
ଅତି ଦର୍ପ କରି ସବୁ ମଙ୍ଗ ଧରି ନାଉରି କି ନାବ ବାହିବ,
ବ୍ୟବହାର ମୋଟ ଅନ୍ୟକୁ କଷ୍ଟ ଦେଲେ କି ମଙ୍ଗଳ ହୋଇବ।(୫)
ଅତି ପ୍ରଶଂସିତ ଚାଟୁକାରିତା ଯେ ସର୍ବତ୍ର କି କାମ ଆସିବ,
ସଦଗୁଣ ପୁଲକ ହେଉ ବା ନ ହେଇ ଦୁର୍ଗୁଣ ଦୁର୍ଗନ୍ଧ ଭାସିବ।(୬)
ଅତି ଚିନ୍ତିତ ହୋଇଲେ ଯେ କେବେ ସଫଳତା କାହୁଁ ମିଳିବ,
ଅଦୃଷ୍ଟ ହାତରେ ସଭିଙ୍କ ଭାଗ୍ୟ ଡୋରି କ୍ରିଡନକ ସମ ହୋଇବ।(୭)
ଅତି ର ଇତି ଘଟିଥାଏ ବନ୍ଧୁ ଅହଂକାରୀ କାହୁଁ ବୁଝିବ,
ଈର୍ଷା ଅସହିଷ୍ଣୁତା ପରଶ୍ରୀକାତରତାରେ ଗ୍ରାସିତକୁ କିଏ କହିବ।(୮)

ISSN NO.
2582-208X

ନିଜର ଭୁଲ୍ ବାଛିବା ସର୍ବଶ୍ରେଷ୍ଠ ଆବିଷ୍କାର ସ୍ୱୟଂ କିଏ ତାହା କରିବ,
ଅନ୍ୟର ଭୁଲ୍ ଦେଖିବା ସରଳ ଆଲୋଚନା ତଦ୍ରୁପ ହୋଇବ।(୯)
ମନୁଷ୍ୟର ମତି କାହିଁକି ସର୍ବଦା ପ୍ରତିପାଦନ ନିଜର ଶ୍ରେଷ୍ଠତା ହେ ଦଇବ,
ଏପରି ଅତି ର ଓଲଟା ଗଙ୍ଗା ବହିଲେ ଉନ୍ନତି କି କେବେ ହୋଇବ।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ବୃନ୍ଦାବନ ସୁଆରଙ୍କ ୧୧୧ତମ ଜୟନ୍ତୀ ଏକ ଅନୁଶୀଳନ



ହର ପ୍ରସାଦ ସୁଆର

ଶ୍ରୀ ବୃନ୍ଦାବନ ସୁଆର ୧୯୧୫ ମସିହା ମାଘ ମାସ, କୃଷ୍ଣ ଚତୁର୍ଦ୍ଦଶୀ ତିଥି, ଶନିବାର ଦିନ କବିଚନ୍ଦ୍ର ସାହି ପାରଳାଖେମୁଣ୍ଡିରେ ଜନ୍ମଗ୍ରହଣ କରିଥିଲେ । ସେ ତାଙ୍କ ପିତାମାତାଙ୍କର ଏକମାତ୍ର ପୁତ୍ର ଓ ତିନି କନ୍ୟା ଥିଲେ । ଚାରି ସନ୍ତାନଙ୍କ ମଧ୍ୟରେ ସେ ସମସ୍ତଙ୍କଠାରୁ ବୟସରେ ଜ୍ୟେଷ୍ଠ ଥିଲେ । ସେ ସମୟରେ ସେ ମାଟ୍ରିକ୍ୟୁଲେସନ୍ ପାଶ୍ କରିଥିଲେ । ଆଜିର ଦିନରେ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗର "ବନପାଳ" ପଦ ନିମନ୍ତେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ହେଉଛି ଅନ୍ୟୁନ ପକ୍ଷେ ସ୍ନାତକ କିନ୍ତୁ ସେ ସମୟରେ "ଫରେଷ୍ଟର୍" ପଦ ନିମନ୍ତେ ସର୍ବନିମ୍ନ ଯୋଗ୍ୟତା ଥାଏ ମାଟ୍ରିକ୍ୟୁଲେସନ୍ । ବେଳେବେଳେ ଉଚ୍ଚ ଯୋଗ୍ୟତା ସମ୍ପନ୍ନ ହୋଇ ସୁଦ୍ଧା ଦପ୍ତରରେ ଶୂନ୍ୟପଦ ନଥିବା ହେତୁ ତଳ ପଦରେ ଚାକିରୀରେ ଜଏନ୍ କରିବାକୁ ପଡ଼ିଥାଏ । ଏଣୁ ତାଙ୍କର ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ୟୁଲେସନ୍ ଥାଇ ସୁଦ୍ଧା "ବନପାଳ" ପଦରେ ଶୂନ୍ୟପଦ ନଥିବା ହେତୁ "ଫରେଷ୍ଟ ଗାର୍ଡ୍" ଅର୍ଥାତ୍ "ବନରକ୍ଷୀ" ପଦରେ ନିୟୋଜିତ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ଚାକିରୀରେ "ଫରେଷ୍ଟର୍" ଅର୍ଥାତ୍ "ବନପାଳ" ପଦରେ ପଦୋନ୍ନତି ପାଇଥିଲେ । ସେ ସର୍ବଦା ଜଣେ ଖାଣ୍ଟି ଓଡ଼ିଆଙ୍କ ପରିଧେୟ, ଶୁଭ୍ର ବସ୍ତ୍ର ଅର୍ଥାତ୍ ଧୋତି ଓ ଧଳା ସାର୍ଟ୍ ପିନ୍ଧୁଥିଲେ । ପାଦରେ ଯେକୌଣସି ଏକ ଯୋତା ହଳେ । ଅଧିକାଂଶ ସମୟରେ ଖରାବର୍ଷାରୁ ଟିକେ ଆଶ୍ୱସ୍ତି ପାଇବା ନିମନ୍ତେ କାଠବେଣ୍ଟରେ ତିଆରି ବଡ଼ ଛତାଟିଏ ବ୍ୟବହାର କରୁଥିଲେ । ଏହି ଛତାର ଅନ୍ୟ ଏକ ଉପକାରିତା ଥିଲା, ଜଙ୍ଗଲ ମଧ୍ୟକୁ ମାଇଲ୍ ମାଇଲ୍ ରାସ୍ତା ପାଦରେ ଚାଲିଚାଲି ଗଲାବେଳେ ରାସ୍ତାରେ ଦୈନନ୍ଦିନ ଭୟଙ୍କର ବିଷଧର ସର୍ପାଦି ଓ ନାନା ପ୍ରକାରର ସରୀସୃପଙ୍କ ସହ

ISSN NO.
2582-208X

ସାମନା କରିବାକୁ ପଡୁଥାଏ ଫଳରେ ପ୍ରୟୋଜନ ସମୟରେ ଛତାର ବେଣ୍ଟ, ବାଡ଼ି ବା ବେତ୍ର ଭଳି ନିଜକୁ ସୁରକ୍ଷା ଦେବାରେ କାମ କରିଥାଏ ।

ବିପଦସଙ୍କୁଳ ଓ ବ୍ୟସ୍ତବହୁଳ ଚାକିରୀରେ ଅବସ୍ଥାପିତ ଥାଇ ସୁଦ୍ଧା ଚାକିରୀରୁ କିଛି ସମୟ ବାହାର କରି କିମ୍ବା ଅବସର ସମୟରେ ଏବଂ ଅର୍ଦ୍ଧରାତ୍ରରେ ନିଦରୁ ଉଠି ମାଟିତେଲ (କିରୋସିନ୍)ର ବୁଟି (ଡିବିରି) ଅର୍ଥାତ୍ ପ୍ରଦୀପ ଜାଳି ନିଜର ଲେଖାଲେଖି କାମକୁ ଆଗକୁ ନେଉଥିଲେ । ବହୁ ପରିଶ୍ରମରେ ସେ ଗୋଟିକ ପରେ ଗୋଟିଏ ଏପରି ମୋଟ ଛ'ଖଣ୍ଡ କାବ୍ୟ ପୁସ୍ତକ ରଚନା କରିଥିଲେ । ଅନ୍ୟ ତିନୋଟି ଥିଲା ଗଦ୍ୟ ପୁସ୍ତକ । ବର୍ତ୍ତମାନ କେବଳ ତିନିଗୋଟି କାବ୍ୟ ପୁସ୍ତକ ଉପଲବ୍ଧ । ଉକ୍ତ ପୁସ୍ତକ ଗୁଡ଼ିକର ପୁନଃମୁଦ୍ରଣ ହୋଇଥିବା ହେତୁ, ସେଥିରୁ 'ଉତ୍କଳ ଗୌରବ' ଖଣ୍ଡକାବ୍ୟଟି ୨୦୨୪ ମସିହା ଅଗଷ୍ଟ ମାସ ଉଣେଇଶ ତାରିଖ ଦିନ ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାକକ୍ଷରେ ପଦ୍ମଶ୍ରୀ ଡଃ. ସତ୍ୟନାରାୟଣ ରାଜଗୁରୁଙ୍କ ୧୨୨ ତମ ଜୟନ୍ତୀ ପାଳନ ଅବସରରେ ଉନ୍ମୋଚନ କରାଯାଇଥିଲା ।

ଶ୍ରୀ ସୁଆରଙ୍କର 'ଉତ୍କଳ ସମ୍ପଦ' ଗୀତିକାବ୍ୟ ଏବଂ "ପତିତପାବନ ଜଣାଣ" ରୀତିକାବ୍ୟ (ଦ୍ୱିତୀୟ ସଂସ୍କରଣ)ର ଲୋକାର୍ପଣ ଏବଂ ପୂର୍ବେ ଉନ୍ମୋଚିତ ହୋଇଥିବା 'ଉତ୍କଳ ଗୌରବ' ପୁସ୍ତକକୁ ନେଇ ଏକ ଆଲୋଚନା ଚକ୍ର, ଦୀର୍ଘ ୨୫ ବର୍ଷ ଧରି ପଞ୍ଜୀକୃତ ଥିବା ପାରଳାର ଏକ ସୁପରିଚିତ ସାହିତ୍ୟାନୁଷ୍ଠାନ 'ସିଦ୍ଧାନ୍ତ' ଆନୁକୂଲ୍ୟରେ ଉତ୍କଳ ହିତୈଷିଣୀ ସମାଜ, ସଭାକକ୍ଷ (ଭଣ୍ଡାରି ସାହି)ରେ ୧୧୧ ତମ ଜୟନ୍ତୀ ପାଳନ କରାଯାଇଥିଲା । ଉକ୍ତ ସଭା ଉପଲକ୍ଷେ ମଞ୍ଚାସୀନ ହେବା ନିମନ୍ତେ ଅତିଥିଙ୍କୁ ଆହ୍ୱାନ ଜଣାଇଥିଲେ ତ୍ରିପତି ପ୍ରସାଦ ପଣ୍ଡା। ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା । ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଓ କବି ବିଚିତ୍ରାନନ୍ଦ ବେବର୍ତ୍ତା ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଆକାଶବାଣୀ ଜୟପୁର କେନ୍ଦ୍ରର କଣ୍ଠଶିଳ୍ପୀ ବି. କୋମାଳାଙ୍ଗୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ସଭାରେ ପାରଳା ସହରର ବିଭିନ୍ନ ପ୍ରାନ୍ତରୁ ଶତାଧିକ କବି, ଲେଖକ, ଗବେଷକ, ସାହିତ୍ୟିକ, ଅଧ୍ୟାପକ, ଅଧ୍ୟାପିକା, ଶିଳ୍ପୀ, ଓକିଲ ଓ ମଠ ମହନ୍ତଙ୍କ ଠାରୁ ଆରମ୍ଭ କରି ସମାଜର ବିଭିନ୍ନ ବର୍ଗର ଲୋକ ତଥା ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ। ସଭାମଞ୍ଚ ନିକଟରେ ପ୍ରାକ୍ତନ ପ୍ରଶାସକ ଓ ଉପାନ୍ତ ପ୍ରହରୀ, ମହିଳା ମହାବିଦ୍ୟାଳୟର

ISSN NO.
2582-208X

ଓଡ଼ିଆ ଅଧ୍ୟାପିକାଙ୍କ ସହ ଅନ୍ୟମାନେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରୀ ବୃନ୍ଦାବନ ସୁଆରଙ୍କ ଫୋଟରେ ମାଲ୍ୟଦାନ କରିବା ମାଧ୍ୟମରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭାର ପ୍ରାରମ୍ଭରେ ସ୍ଥାନୀୟ ଦେଇମଠର ମହନ୍ତ ଶ୍ରୀ ରାମାନନ୍ଦ ଦାସ ଜୀ ମହାରାଜ, ଶ୍ରୀଯୁକ୍ତ ସୁଆରଙ୍କ ସମ୍ବନ୍ଧରେ ନିଜର ସଂକ୍ଷିପ୍ତ ବକ୍ତବ୍ୟ ରଖିବାକୁ ଯାଇ କହିଲେ, "ବୃନ୍ଦାବନ ସୁଆର ଥିଲେ ଜଣେ ନିତାନ୍ତ ଭଦ୍ରଲୋକ । ସବୁବେଳେ ଲୋକଙ୍କ ସେବା ତଥା ପରୋପକାର କରୁଥିଲେ । ତାଙ୍କ ବାସଭବନରେ ସେ ଏକ ଚଣ୍ଡିପ୍ରସାଦ ପାଠାଗାର ସ୍ଥାପନ କରିଥିଲେ । ସେଥିରେ ଅନ୍ୟାନ୍ୟ ବହି ବାଦେ ଅନେକଗୁଡ଼ିଏ ମୂଲ୍ୟବାନ ତାଳପତ୍ର ପୋଥି ମଧ୍ୟ ରଖିଥିଲେ । ଦେଇମଠକୁ ବିଶେଷ ଦିନ ମାନଙ୍କରେ ଜଣେ ନିଷ୍ଠାବାନ ଓ ଭକ୍ତିପ୍ରାଣ ମନୁଷ୍ୟ ଭାବରେ ସେ ଠାକୁର ଦର୍ଶନ ତଥା ପୂଜା ଦେବା ନିମନ୍ତେ ପ୍ରାୟତଃ ଜାମୁକୋଳିଆ ପାଟ ଖଣ୍ଡିଏ ପିନ୍ଧି ଆସୁଥିଲେ । କବିଙ୍କ ପ୍ରକାଶିତ 'ଗାନ୍ଧୀ କୋଇଲି' କାବ୍ୟ ପୁସ୍ତକ ଖଣ୍ଡିଏ ଉପହାର ଦେଇଥିଲେ" । ମଞ୍ଚାସୀନ ସମ୍ମାନିତ ଅତିଥି ତଥା ପ୍ରାବନ୍ଧିକ ହରପ୍ରସାଦ ସୁଆର (କବିଙ୍କ ମଧ୍ୟମ ପୁତ୍ର), କବିଙ୍କ ରଚିତ ଖଣ୍ଡକାବ୍ୟ "ଉତ୍କଳ ଗୌରବ"ର ଆଲୋଚନା ଚକ୍ରରେ ଭାଗ ନେଇ ନିଜ ଅଭିଭାଷଣରେ କହିଥିଲେ, "ଉତ୍କଳ ଗୌରବ" କାବ୍ୟରେ ଓଡିଶାର ପ୍ରତିଟି ପ୍ରମୁଖ ଅଞ୍ଚଳ ସହ ବିଚ୍ଛିନାଞ୍ଚଳର ମଞ୍ଜୁଷା, ଜଳନ୍ତର, ଟିକିଲି ଓ ଇଚ୍ଛାପୁର ପ୍ରଭୃତିର ତଥ୍ୟ ମଧ୍ୟ ସ୍ଥାନିତ । ଉତ୍କଳର ପ୍ରାକୃତିକ, ସାଂସ୍କୃତିକ ଅଥଚ ଆଧ୍ୟାତ୍ମିକ ମନଲୋଭା ଶୋଭା ବୈଭବର ଚିତ୍ରାଲେଖ୍ୟ କବି ବୃନ୍ଦାବନଙ୍କ 'ଉତ୍କଳ ଗୌରବ' କାବ୍ୟରେ ଅଦ୍ୱିତୀୟ ଓ ଅପଟାନ୍ତର ରୂପ ପରିଗ୍ରହ କରିଛି । ଉକ୍ତ କାବ୍ୟରେ ୨୬୦ ପଦରେ ଉତ୍କଳୀୟ ପ୍ରାଚୀନ, ମଧ୍ୟଯୁଗ, ପଞ୍ଚସଖା ଯୁଗ, ରୀତିଯୁଗ ପରେ ଆଧୁନିକ ଯୁଗର ସାଧନାରତ ସାରସ୍ୱତ ସୂରି ମାନଙ୍କର କୃତି ଏବଂ ତହିଁରେ ସନ୍ନିବେଶିତ ସାରସ୍ୱତ ମୂଲ୍ୟବୋଧର ଅବଧାରଣା ନିଶ୍ଚୟ ପ୍ରଣିଧାନଯୋଗ୍ୟ । କବି ବୃନ୍ଦାବନ, କବି ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକଳାକୁ ଆକଳନ କରିବାରେ ନିମଜ୍ଜିତ ହୁଅନ୍ତି । ଉପେନ୍ଦ୍ର ଭଞ୍ଜ ରୀତି ଯୁଗର କବିସମ୍ରାଟ । କାବ୍ୟର ୫୯ ଓ ୬୦ ପୃଷ୍ଠାର ୩୨ଟି ପଂକ୍ତି ଅଧ୍ୟୟନ ବେଳେ ଭଞ୍ଜେ ୭୦ଟି କାବ୍ୟ ସର୍ଜନାର ମହାନାୟକ ଓ ନିପୁଣ ବିନ୍ଧାଣି ବୋଲି ପ୍ରମାଣ କରିଛନ୍ତି । କବି ବୃନ୍ଦାବନ, ତାଙ୍କ ପୂର୍ବସୂରୀ ରାଧାନାଥ ରାୟଙ୍କ "ଚିଲିକା" ଖଣ୍ଡକାବ୍ୟରେ ସାକ୍ଷୀଗୋପାଳର ଦ୍ୱିଜ କନ୍ୟା ଲକ୍ଷ୍ମୀ ପ୍ରସଙ୍ଗରେ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି :-

ISSN NO.
2582-208X

"ବିପ୍ରଙ୍କର ସାକ୍ଷୀ ଛଳରେ, ଛାଡ଼ି ଶ୍ରୀବୃନ୍ଦାବନ
ବକୁଳ ବନରେ ବିଜୟ ସାକ୍ଷୀଗୋପାଳ ନାନ
ସ୍ୱନଗରବାସୀ ଭୂସୁର କନ୍ୟା ଲକ୍ଷ୍ମୀ ଅଟଇ
କୋମଳ କଳିକା ଲାବଣ୍ୟ ଚାରୁଚନ୍ଦ୍ରମା ମୁହିଁ
ଭୁରୁଭଙ୍ଗୀ ହେମ ଚମ୍ପକ ଗୋରୀ କନକ ଗାତ୍ରୀ
କୁନ୍ଦଜିତ ଶ୍ୱେତ କୁସୁମ ଶୋଭା ଦଶନ ପନ୍ତି"
କବିବର ରାଧାନାଥ ରାୟ ଗାଇଲେ :-
ମଞ୍ଜୁ ଛୁରିଅନା କୁଞ୍ଜ ବିହାରିଣୀ
ସାକ୍ଷୀ ଗୋପୀନାଥ ହୃଦୟ ହାରିଣୀ
ଦ୍ୱିଜ କନ୍ୟା ଲକ୍ଷ୍ମୀ ସ୍ନାନେ ପୁଣ୍ୟନିରା
ଗନ୍ଧାମୋଦେ ବହେ ଚାରୁ ରତ୍ନଚିରା"

କବି ବୃନ୍ଦାବନ ସୁଆର ଷୋଡ଼ଶାକ୍ଷରୀ ଉତ୍କଳ ଗୌରବ କାବ୍ୟର ଉପଧା ମିଳନରେ ହେଉ, ହେଉ ଉପମା, ରୂପକ, ଉତପ୍ରେକ୍ଷା ଅଳଙ୍କାର ପ୍ରଭୃତିର ପ୍ରୟୋଗରେ ସିଦ୍ଧହସ୍ତ, ଜନୈକ ଅନନ୍ୟ ପ୍ରଜାପତି । ସାରସ୍ୱତ ଜଗତକୁ ତାଙ୍କ ଅବଦାନ ଅନବଦ୍ୟ ଓ ଅତୁଳନୀୟ । କବି ପ୍ରକୃତି ବର୍ଣ୍ଣନାରେ ଜଣେ ସିଦ୍ଧ ସାଧକ ଯାହା ନିମ୍ନ ପଂକ୍ତିରୁ ବାରିହୁଏ ।

"ଆକାଶ ସାଗର ସୁଧାରୁ ସାର ନିର୍ମଳ ବାରି
ଚନ୍ଦ୍ରଭାଗା ଜଳ ସ୍ମରଣେ ଯାତ୍ରୀ ଯାଆନ୍ତି ତରି"

କବି ଉଭୟ ଶବ୍ଦ ଓ ଅର୍ଥାଳଙ୍କାର ପ୍ରୟୋଗରେ ପ୍ରବୀଣ, ତହିଁର ନିମ୍ନଲିଖିତ ଉଦ୍ଧୃତି ମୂକ ସାକ୍ଷୀ ।

"ନଭେ ସୌଦାମିନୀ ଝଟକେ କିବା ହାଟକ ଜ୍ୟୋତି
କୁନ୍ଦନ କାଞ୍ଚନ ନିନ୍ଦଇ ରୂପ ଲାବଣ୍ୟ କାନ୍ତି" ।

ପୁନଶ୍ଚ -

ISSN NO.
2582-208X

"ନବ କାନ୍ତା ଚିନ୍ତା ଅନ୍ତରେ କରି ନିଜ କାନ୍ତରେ
କଟାକ୍ଷ ନଚାଇ ଗବାକ୍ଷ ଦ୍ୱାରେ କିବା ଆଦରେ"

କବି ବୃନ୍ଦାବନଙ୍କ ଭାବାବେଗର ଉଦବେଳନ ଜନିତ ବିଶିଷ୍ଟ ଉତ୍ସ ହେଉଛି, ଗଭୀର ଦେଶପ୍ରେମ ।

ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି (ସ୍ୱୟଂଶାସିତ) ମହାବିଦ୍ୟାଳୟର ଅଧ୍ୟାପକ ଓ ମୁଖ୍ୟବକ୍ତା ସୌଦାଗର ସିଅ ତାଙ୍କ ବକ୍ତବ୍ୟରେ କହିଲେ, ଶ୍ରୀ ବୃନ୍ଦାବନ ସୁଆର, ଓଡ଼ିଶାର କବି, ନଦୀ, ପର୍ବତ ଓ ପ୍ରାକୃତିକ ପରିବେଶକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । ସବୁଜଯୁଗର କବି ପଣ୍ଡିତ ନୀଳକଣ୍ଠ ଦାସ, ରାଧାନାଥ ରାୟଙ୍କ ଭଳି କବିମାନଙ୍କ ପରି ନିଜ ଲେଖନୀ ଚାତୁରୀକୁ ଅତିସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି । କବିତାରେ ପ୍ରାକୃତିକ ସୌନ୍ଦର୍ଯ୍ୟର ମଧ୍ୟ ଏକ ଆକର୍ଷଣ ରହିଛି । ସେ ଗୀତିକବିଙ୍କର ଉତ୍କଳ ଗୌରବ କାବ୍ୟର ବିଭିନ୍ନ ପଂକ୍ତିର ଉଦ୍ଧୃତି ଦେଇ ତାହାର ବିଶଦ ବ୍ୟାଖ୍ୟା କରିଥିଲେ । ବିଶିଷ୍ଟ ଗୀତିକବିଙ୍କର କୃତି ଗୁଡ଼ିକ ଓଡ଼ିଆ ସାହିତ୍ୟକୁ ଏକ ଅନବଦ୍ୟ ଅବଦାନ ବୋଲି କହିଥିଲେ । ସଭାରେ ଅନ୍ୟତମ ସମ୍ମାନିତ ଅତିଥି ଡଃ. କଲ୍ୟାଣୀ ମିଶ୍ର, ଅଧ୍ୟାପିକା ମହିଳା ମହାବିଦ୍ୟାଳୟ, ପାରଳାଖେମୁଣ୍ଡି ଉତ୍କଳ ଗୌରବ ଖଣ୍ଡକାବ୍ୟର ଆଲୋଚନାରେ ଭାଗନେଇ କହିଥିଲେ, ଶ୍ରୀ ସୁଆର ଜଣେ ପରୋପକାରୀ ମଣିଷ । କବି ଲୋକଙ୍କ ହିତ ନିମନ୍ତେ ଯେଉଁସବୁ କାର୍ଯ୍ୟ କରିଥିଲେ ସେସବୁର ଉଲ୍ଲେଖ କରିବାକୁ ଯାଇ କହିଥିଲେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାରାଜା ଯେପରି ସ୍ଥାନୀୟ ଲୋକଙ୍କ ବହୁ ଉପକାର କରିଯାଇଛନ୍ତି ଠିକ୍ ସେପରି ଶ୍ରୀ ବୃନ୍ଦାବନ ସୁଆର ମଧ୍ୟ ସ୍ୱଳ୍ପ ସମ୍ବଳ ମଧ୍ୟରେ ଥାଇ ସୁଦ୍ଧା ସ୍ଥାନୀୟ ଭାବେ ବହୁ ଲୋକଙ୍କ ଉପକାର କରିଛନ୍ତି । ଏଣୁ ସେ ଜଣେ ବିଶିଷ୍ଟ ସମାଜସେବୀ । ତାଙ୍କୁ ପାରଳାର ଗୋପବନ୍ଧୁ ଦାଶ କହିଲେ ଅତ୍ୟୁକ୍ତି ହେବନାହିଁ । ମାଟି ପ୍ରତି ତାଙ୍କର ସ୍ୱାଭିମାନ, ତାଙ୍କ ଲେଖାର ରନ୍ଧ୍ରେ ରନ୍ଧ୍ରେ ଫୁଟି ଉଠୁଛି । ଏଣୁ ତାଙ୍କୁ ଓଡ଼ିଆ ଅସ୍ମିତାର ଏକ ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ । ଓଡ଼ିଶାର ପୂର୍ବରୁ ପଶ୍ଚିମ ତଥା ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳ ଏପରିକି ବିଚ୍ଛିନାଞ୍ଚଳ ମଞ୍ଜୁଷା, ସିମାଞ୍ଚଳ, ଟିକିଲି, ଇଚ୍ଛାପୁର, ମୁଖଲିଙ୍ଗମ୍ ଆଦିର ବର୍ଣ୍ଣନା ତାଙ୍କ କାବ୍ୟରେ ଅତି ସୁନ୍ଦର ଭାବେ ପରିଲକ୍ଷିତ ହୋଇଛି । ତାଙ୍କ କାବ୍ୟର ପ୍ରତିଟି ପ୍ରସଙ୍ଗକୁ ବ୍ୟାଖ୍ୟାକଲେ ଗୋଟେ ଗୋଟେ ଗ୍ରନ୍ଥର ରୂପନେବ । ମାତ୍ର ଚଉସ୍ତରୀ ପୃଷ୍ଠାର କାବ୍ୟରେ ସେ ଓଡ଼ିଶାର ସମଗ୍ର ଇତିହାସକୁ ବର୍ଣ୍ଣନା କରିଛନ୍ତି ଯେପରିକି ବିନ୍ଦୁଟିଏ

ସେପ୍ଟେମ୍ବର -୨୦୨୫
www.vedantimagazine.com
ISSN NO.
2582-208X

ମଧ୍ୟରେ ସିନ୍ଧୁ ଲୁଚି ରହିଛି । ଖଣ୍ଡକାବ୍ୟର ବିଭିନ୍ନ ପଂକ୍ତି ଉଦ୍ଧୃତ କରି ସେଥିର ବ୍ୟାଖ୍ୟା କରିବା ସହ ଆଗାମୀ ଦିନରେ ପୁସ୍ତକଟିର ଉପଯୁକ୍ତ ଗବେଷଣା ହେବା ପ୍ରୟୋଜନ ବୋଲି ଶ୍ରୀମତୀ ମିଶ୍ର ମତ ପ୍ରକାଶ କରିଥିଲେ । ସେ କହିଲେ ଯେ, କବିତାରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ପ୍ରୟୋଗ କବିତା ପୁସ୍ତକକୁ ଆହୁରି ସାବଲୀଳ ଓ ଏହାର ରୂପ ମାଧୁରୀକୁ ଶତଗୁଣ ବୃଦ୍ଧି କରିଛି ।

ସଭାର ମୁଖ୍ୟ ଅତିଥି ତଥା ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅନାଲୋଚିତ ଅବସ୍ଥାରେ ଥିବା ଶ୍ରୀ ବୃନ୍ଦାବନ ସୁଆରଙ୍କ ରଚିତ 'ଉତ୍କଳ ଗୌରବ' ପୁସ୍ତକକୁ ଲୋକଲୋଚନକୁ ଆଣି ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ, ସିଦ୍ଧାନ୍ତ ସାହିତ୍ୟ ଅନୁଷ୍ଠାନ, ଅନାଲୋଚିତ ହୋଇ ରହିଥିବା ବିଶିଷ୍ଟ କବିଙ୍କ ଲେଖାଗୁଡ଼ିକୁ ପ୍ରାଧାନ୍ୟ ଦେଇ ଆଲୋଚନାର ପରିସରକୁ ନେଇଆସିବାରେ ବ୍ରତୀ ହୋଇ ରହିଛି । ଏଥିରେ କବି ବିଦ୍ୟାନଗରୀ ପାରଳାର ଗାନ୍ଧର୍ବ ବିଦ୍ୟା, ଜାଇକାଠି ପେଡ଼ି, ଶିଙ୍ଗର ବିଭିନ୍ନ କାରୁକାର୍ଯ୍ୟଠାରୁ ଆରମ୍ଭ କରି ମାଣିକେଶ୍ୱରୀ ମନ୍ଦିର, ଡଃ. ସତ୍ୟନାରାୟଣ ରାଜଗୁରୁ, କବି ଗୋପାଳକୃଷ୍ଣ ପଟ୍ଟନାୟକ, ରଘୁନାଥ ପରିଚ୍ଛା, ଗୋପୀନାଥ ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁ, ଅନ୍ଧ ଆପନ୍ନାଙ୍କ ସହ ଅନ୍ୟାନ୍ୟ ବିଶିଷ୍ଟ ଜନଙ୍କୁ ନେଇ ଯେପରି ନିଜ କବିତାରେ ସ୍ଥାନିତ କରିଛନ୍ତି, ଠିକ୍ ସେହିପରି ଓଡିଶାର ସମସ୍ତ ଜିଲ୍ଲାର ମଠ, ମନ୍ଦିର, ପ୍ରାଚୀନ କୀର୍ତ୍ତିରାଜି, ରାଜାରାଜୁଡ଼ା, ଐତିହାସିକ ପୀଠ ଓ ଗୁଣୀ ବ୍ୟକ୍ତିମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣି ଉତ୍କଳର ସମ୍ମାନ ବୃଦ୍ଧି କରିବାରେ ବ୍ରତୀ ହୋଇଛନ୍ତି । ସେ ଆହୁରି କହିଥିଲେ, କାବ୍ୟଟିର ଆଗାମୀ ଦିନରେ ପୁଙ୍ଖାନୁପୁଙ୍ଖ ଗବେଷଣା ଦରକାର । ଏହା ହୋଇପାରିଲେ ଓଡ଼ିଶାର ଆଗାମୀ ପିଢ଼ିଙ୍କ ନିମନ୍ତେ 'ଉତ୍କଳ ଗୌରବ' ଏକ ଉପାଦେୟ ଗ୍ରନ୍ଥ ହୋଇ ରହିବ । ଶ୍ରୀଯୁକ୍ତ ମହାପାତ୍ରଙ୍କ ମତରେ ପୁସ୍ତକଟିର ନାମକରଣର ବ୍ୟାଖ୍ୟା ହେଉଛି, ସେ ସମୟରେ ଉତ୍କଳ କିମ୍ବା ଓଡ଼ିଶା ବୋଲି କୌଣସି ରାଜ୍ୟ ତଥା ଏହାର ଅସ୍ତିତ୍ୱ ନଥିଲା । ଅର୍ଥାତ୍ ଏଠାରେ 'ଉତ୍କଳ' ଶବ୍ଦର ଅର୍ଥ କେବଳ ଓଡ଼ିଆଙ୍କୁ ବୁଝାଉଥିଲା । କବି ବୃନ୍ଦାବନ ସୁଆରଙ୍କୁ ପୌରାଣିକ ସାହିତ୍ୟ ଓ ସବୁଜ ସାହିତ୍ୟର ଆଦ୍ୟ ସମନ୍ୱୟ କର୍ତ୍ତା ଭାବେ ଉପସ୍ଥାପିତ କରିଥିଲେ । କବି ବୃନ୍ଦାବନଙ୍କ ଓଡ଼ିଆ ଭାଷା ଓ ବ୍ୟାକରଣଗତ ଜ୍ଞାନର ଭୂୟସୀ ପ୍ରଶଂସା କରିଥିଲେ । ତତକାଳୀନ ସମୟରେ କବି ବୃନ୍ଦାବନ ସୁଆର ସାହିତ୍ୟିକ ପରିବେଶକୁ ଚଳଚଞ୍ଚଳ ରଖି ଓଡ଼ିଆ ଅସ୍ମିତା ସୌଧର ଏକ ସ୍ତମ୍ଭ ଥିଲେ ବୋଲି ଅଭିହିତ କରିଥିଲେ ।

ISSN NO.
2582-208X

ସଂସ୍କୃତ ମହାବିଦ୍ୟାଳୟ, ପାରଳାଖେମୁଣ୍ଡିର ପୂର୍ବତନ ଅଧ୍ୟକ୍ଷା ଡଃ. ଅନ୍ନପୂର୍ଣ୍ଣା ଦେବୀ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । କବି ବୃନ୍ଦାବନ ସୁଆରଙ୍କ ଉକ୍ଳଳ ଗୌରବ ପୁସ୍ତକ ବିଷୟରେ କହିବାକୁ ଯାଇ ସଭାପତୀୟ ଭାଷଣରେ କହିଥିଲେ, ଶ୍ରୀ ବୃନ୍ଦାବନ ସୁଆର ନିଜର ପାରଳାଖେମୁଣ୍ଡି ତଥା କେବଳ ଦକ୍ଷିଣ ଓଡ଼ିଶାକୁ ପ୍ରାଧାନ୍ୟ ନଦେଇ ସମଗ୍ର ଓଡ଼ିଶାର ମଠ ମନ୍ଦିର, କୀର୍ତ୍ତିରାଜି, ଐତିହାସିକ ସ୍ଥଳ, କବି, ଲେଖକ, ବିଭିନ୍ନ ଦେବାଦେବୀ ପୀଠର ସମ୍ୟକ୍ ବର୍ଣ୍ଣନାଦି ଖୁବ୍ ଅଳ୍ପକଥାରେ ପ୍ରକାଶ କରିଛନ୍ତି ଯାହା ଆୟାସସାଧ୍ୟ ଓ କବିଙ୍କ ଲେଖନୀ ଚାତୁରୀ ଓ ବୁଦ୍ଧିମତ୍ତାର ପରିଚୟ । ସେ ଆହୁରି କହିଥିଲେ, ମୂଲ୍ୟବାନ ଏହି ଉକ୍ଳଳ ଗୌରବ କାବ୍ୟ ପୁସ୍ତକର କିଛି ପଂକ୍ତି ବିଶ୍ୱବିଦ୍ୟାଳୟ ସ୍ତରର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତି ହେବା ପ୍ରୟୋଜନ । ସମସ୍ତ ବକ୍ତା ବିଶିଷ୍ଟ ସମାଜସେବୀ ତଥା ସବୁଜଯୁଗର କବି ବୃନ୍ଦାବନ ସୁଆରଙ୍କ ଭୂୟସୀ ପ୍ରଶଂସା କରିବା ସହ ତାଙ୍କ ଉକ୍ତିରେ କାବ୍ୟଟି ଓଡ଼ିଶାର ଇତିହାସ, ଭୂଗୋଳ, ରାଜନୀତି ତଥା ଧର୍ମ ମତରେ ଏକ ସମନ୍ୱିତ ଗ୍ରନ୍ଥ ବୋଲି ମତ ପ୍ରକାଶ କରିଥିଲେ । ସାରସ୍ୱତ ସାଧକ ତଥା ସାମାଜିକ କର୍ମୀ ବୃନ୍ଦାବନ ସୁଆରଙ୍କ ସମ୍ପର୍କରେ ସମସ୍ତ ବକ୍ତାଙ୍କ ମୁଖରୁ ଅଭିଭାଷଣ ଶୁଣି ପ୍ରତିଟି ଶ୍ରୋତା ଅଭିଭୂତ ଓ ଭାବବିହ୍ୱଳ ହୋଇପଡ଼ିଥିଲେ । ସଭା ଶେଷରେ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଅଶୋକ କୁମାର ଦାଶ । ପରିଶେଷରେ ସଭାପତି ଅନ୍ନପୂର୍ଣ୍ଣା ଦେବୀଙ୍କ ଘୋଷଣା ଫଳରେ ସଭା ସାଙ୍ଗ କରାଯାଇଥିଲା ।

ଚଳଭାସ : ୭୦୦୧୦୫୦୪୯୧

ISSN NO.
2582-208X

# ଅହିଂସା ଲଢେଇ



ଦୂର୍ବାଦଳ କର୍‌ଲୀ

କାଶ୍ମୀରରୁ କନ୍ୟା କୁମାରୀ କା ଯାଏ
ସବୁରି ମୁଖରେ ଗୋଟିଏ କଥା।
ବିଜୟୀ ଆମେରେ ମୁକ୍ତିର ସଂଗ୍ରାମେ
ବିଜୟିନୀ ଆମ ଭାରତ ମାତା ।୧।

ଆମରି ମାଟୀର ଆମେ ହିଁ ଦାୟାଦ
କ୍ରୀତଦାସ ନୋହୁଁ ଆମେ କାହାର ।
କାହାରି ଆଦେଶ ଲୋଡା ନାହିଁ ଆମ
ଲୋକ ତନ୍ତ୍ର ଚଳେ ଦେଶେ ଆମର ।୨।

ଐକ୍ୟ, ସଂହତି ର ବିପ୍ଳବ ଆକାଶେ
ଲୁଚିଗଲା ତାଙ୍କର ପରାକ୍ରମ ।
ଫିରିଙ୍ଗି ଶାସକ ଅସହାୟ ହୋଇ
ଛତ୍ରଭଙ୍ଗ ଦେଲେ ଏ ରଣାଙ୍ଗନ ।୩।

ଏ ମାଟିର ବୀର ପୁଙ୍ଗବ ନିଜର
ଶୋଣିତେ ଲେଖିଲେ ବିଜୟ ଗାଥା ।
ବିଶ୍ୱ ଦେଖିଲା "ଅହିଂସା ଲଢେଇ"
ଇତିହାସ କହେ ଅଭୁଲା କଥା ।୪।

ISSN NO.
2582-208X

ରହି ଯାଇଅଛି ଏ ମାଟିରେ କିଛି
ଭୋକିଲା ଆଖିରୁ ଶୁଖୁନି ଲୁହ ।
ହିଂସା ଓ ବିଦ୍ୱେଷ, କ୍ଳେଶ, ଭେଦ ଭାବ
ପୋଛିବାକୁ ସର୍ବେ ଏକାଠି ହୁଅ ।୫।

ଉଡୁଛି ତ୍ରିରଙ୍ଗା ଗୁଞ୍ଜରିତ ହୁଏ
ସବୁରି କଣ୍ଠରେ ଦେଶ ସଂଙ୍ଗୀତ ।
ଏ ଦେଶ ଆକାଶ ସାମିଆନା ତଳେ
ବୀର ଦର୍ପେ ଚାଲେ ଆମ ସୈନିକ ।୬।

*****

ଭାରତ ମାତା କି ଜୟ ། ବଂଦେ ମାତରଂ।

ଅବସରପ୍ରାପ୍ତ ମଣ୍ଡଳ ପ୍ରବନ୍ଧକ (ଏଲ୍ଆଇସି)
ବାବୁଆ ବଗିଚ୍ଛ,କକ୍ସ କଲୋନୀ, ଝାରସୁଗୁଡ଼ା
ମୋ:ନ:-୯୩୪୮୨୦୨୩୩୧

ISSN NO.
2582-208X

# ଜ୍ଞାନର ଗାରିମା



କାର୍ତ୍ତିକେଶ୍ୱର ନାୟକ

ଯାହା ଜ୍ଞାନ ଟିକେ, ଆମ ପାଖେ ଅଛି
ତାହା ଅଟେ କ୍ଷୁଦ୍ର ବିନ୍ଦୁ
ଜାଣି ନାହିଁ ଆମେ ବାହାରେ ରହିଛି
ଅସରନ୍ତି ଜ୍ଞାନ ସିନ୍ଧୁ ।

ଅନନ୍ତ ଆକାଶ ସୀମା ହୀନତାର
ଦେଖିଥାଉ କିଛି ଅଂଶ
ସମଗ୍ର ଇଲାକା, ଦେଖି ହୁଏ ନାହିଁ
ଅସମ୍ଭବ ମହାକାଶ ।

ଜଙ୍ଗଲ ଭରିଛି ଅମାପ ପାଦପ
ଜଣାନାହିଁ ସବୁ ନାମ
ଗୋଟି ଗୋଟି ହୋଇ ଏକାଠି ହୋଇଛି
ପରିଚୟ ତା' କାନନ ।

ଦୟା କ୍ଷମା ସ୍ନେହ, ଆଦର କରୁଣା
ପ୍ରେମ ଆନନ୍ଦ ଉଲ୍ଲାସ
ଶାନ୍ତି ମୈତ୍ରୀ ପ୍ରୀତି ସହଯୋଗ ଗୁଣ
ଥିବା ଲୋକ ସୁମଣିଷ ।

ISSN NO.
2582-208X

ଅନେକ ଭିତରେ ଏକ ନୁହେଁ ଜମା
ଏକ ଏକ ରେ ଅନେକ
ସଫଳ ଜୀବନ, ଏକରୁ ଆରମ୍ଭ
ଏକତାର ଜନ୍ମ ଏକ ।

ଅପରାହ୍ନ ଆଜି ସଦିଚ୍ଛା ବାଣ୍ଟିଛି
ଆଗାମୀ ପିଢ଼ିର ବାର୍ତ୍ତା
ଅଙ୍ଗେ ନିଭା ସ୍ମୃତି, ବାଢ଼ି ଦେଇ ଯିବେ
ଆମେ ହେବା ଉପଭୋକ୍ତା ।

ଶ୍ରୀବିହାର, ବୌଦ୍ଧ

ISSN NO.
2582-208X

# ବିତା-ମନର କଥା



ନିରୁପମା ମିଶ୍ର

ବଣ ପୋଡିଗଲେ ସଭିଏଁ ଜାଣନ୍ତି, ହେଲେ
ମନ ପୋଡିଗଲେ କେହି ନ ଜାଣନ୍ତି ।
କାରଣ, ମନର କଥା ସଭିଙ୍କ ପାଖରେ କହି ହୁଏ ନି ।
ଏହା ହିଁ ତାର କାହାଣୀ ।
କୁନ୍ତୀ ଦେବିଙ୍କ ର ପୁତ୍ର କର୍ଣନ୍ ।
ଏହି କଥା ଟି ଚୀର ଦିନ ପାଇଁ ଦେଇ ଥିଲା ବ୍ୟଥା।
କାଳ କାଳକୁ ରହିଲା କଥା
ତାଙ୍କର ମନର କଥା।
ଶକୁନି ମାଁମୁ ର ମନର କଥା,
କୌରବ ବଂଶ ନିପାତ ର ଗାଥା।
ପଶାଖେଳରେ ରହିବା ସବୁ ଜଟିଳ କଥା ।
ଶକୁନି ମାଁମୁ ର ମନର କଥା।
କୌରବ ବଂଶ ଶେଷ ହେଲା ପରେ ପରେ,
ମାତା ଗାନ୍ଧାରୀ ଙ୍କର ମନର କଥା।
ଚକ୍ଷୁ ପୋଟଳି ଖୋଲି,
ଭୀମ କୁଂ ଭସ୍ମ କରି ପ୍ରତି ଶୋଧ ନେବାର ଚିନ୍ତା।

ISSN NO.
2582-208X

ଏତ ଥିଲା ମାତା ଗାନ୍ଧାରୀ ଙ୍କର ମନର କଥା।
ମନର କଥା କହିଲେ ମନ ହାଲୁକା ହୁଅଇ।
ନ କହିଲେ ଭାଇ ମନ ଟା ଭାରୀ ଲାଗୁ ଥାଇ।
ଆଜି କାଲି ଭାଇ, ମନର କଥା କାହାକୁ କହିବାର ନାହିଁ।
କାରଣ, ବର୍ତ୍ତମାନ ଯୁଗରେ ମଣିଷ ଲଢୁଛି ନିଜ ନିଜର ସାର୍ଥ ପାଇଁ।
ନ କହିଲେ, ଜାଣିବେ କେବଳ ଜଗତର ନାଥ ଜଗନ୍ନାଥ ଗୋସାଇଁ।

ଚନ୍ଦ୍ରଶେଖର ନଗର, ବଲାଙ୍ଗିର

ISSN NO.
2582-208X

# ଏମିତିକା ଦିଅଁ ଦେଖିଛକେ କୁହ



ରାଜକିଶୋର ସ୍ୱାଇଁ

ଓଡ଼ିଆ ଜାତିର ଆରାଧ୍ୟ ଦେବତା
ଖ୍ୟାତ ଜଗନ୍ନାଥ ନାମେ
ମହୋଦଧି ତୀରେ ଶିରୀମନ୍ଦିରରେ
ବିଜେ ନୀଳାଚଳ ଧାମେ ।।1।।
ଏମିତିକା ଦିଅଁ ଦେଖିଛକେ କୁହ
ଅଛିଏ ଜଗତେ କାହିଁ
ଚକା ଚକା ଆଖି ଦୁଇଗୋଟି ଦେଖ
ପାଦ ପାଣି ତାର ନାହିଁ ।।2।।
ଭକତ ଭାବରେ ବନ୍ଧା ସିଏ ପରା
ଭକତ ଜୀବନ ଧନ
ଏମିତି ଦିଅଁ ସେ ସଦାବେଳେ ତାର
ଭକତ ପାଖରେ ମନ ।।3।।
ବସିରହିଅଛି ରତନ ବେଦିରେ
ଭାଇ ଭଉଣୀଙ୍କ ସାଥେ
ବରଷକେ ଥରେ ଘୋଷ ଯାତରାରେ
ଦରଶନ ଦିଏ ରଥେ ।।4।।
ଅତି ସରାଗରେ ଦାସିଆ ନଡ଼ିଆ
ନେଇଥିଲା ହାତେ ନିଜେ

ISSN NO.
2582-208X

ନନ୍ଦିଘୋଷ ତେଜି ବଳିଆର ବାଲି
ରଥେ କରିଥିଲା ବିଜେ ।।5।।
ଭାଇ ସାଥେ ଯାଇ ରଣ ଭୂମିରେସେ
ଦମନ କରିଲା ଅରୀ
ଖୁଦଭଜା ଖାଇ ହୋଇଥିଲା ଖୁସି
ସୁଦାମା ବନ୍ଧୁକୁ ଧରି ।।6।।
ଗୀତ ଗୋବିନ୍ଦର ଅଧାଥିବା ପାଦ
ଥିଲା ଆସି ନିଜେ ଲେଖି
ଦେଇଥିଲା ବନ୍ଧୁ ମହାନ୍ତିଙ୍କୁ ଭୋଗ
ଥାଳି ଭୋକେ ଥିବା ଦେଖି ।।7।।
ଜଗତ କରତା ଜଗତର ନାଥ
ଗଣର ଦେବତା ସିଏ
ଆସ ଆସ ତାକୁ ଯିବା ଦେଖିବାକୁ
ନଦେଖିଛ ଯଦି କିଏ ।।8।।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ
ମୋବାଇଲ -9437442041

ISSN NO.
2582-208X

# ଓଡିଆ ଲୋକସାହିତ୍ୟରେ ଦଣ୍ଡନାଟ



ବିଚନ୍ଦ୍ର କୁମାର ଦାସ

ଲୋକସଂସ୍କୃତିର ଅନ୍ୟତମ ବିଭାଗ ହେଉଛି ଲୋକନାଟକ । ଲୋକନାଟକ ଏକ ମନୋରଞ୍ଜନ ଧର୍ମୀ। ପଲ୍ଲୀ ଜୀବନରେ ସାଧାରଣ ଶ୍ରମଜୀବୀ ଓ କୃଷିଜୀବୀ ଲୋକେ ନିଜ ପରିଶ୍ରମର ଅବଶେଷରେ ମନୋରଞ୍ଜନ ନିମିତ୍ତ ଗୀତ ବାଦ୍ୟର ତାଳେତାଳେ ନୃତ୍ୟ କରିଥାନ୍ତି। ଲୋକସଂସ୍କୃତି, ଲୋକଗଳ୍ପ, ଲୋକଗୀତ ପରି ଏଥିରେ ପଲ୍ଲୀପ୍ରକୃତିର ଅକୃତ୍ରିମ ପରିବେଶର ଚିତ୍ର ପରିସ୍ଫୁଟ। ଲୋକନାଟକ କେବେ ସୃଷ୍ଟି ହେଲା ସେ ନେଇ ସଠିକ୍ ଉତ୍ତର ପାଇବା କଷ୍ଟକର । ଲୋକନାଟକରୁ ସମ୍ମଳିତ ମାନବଗୋଷ୍ଠୀର ସୁଖଦୁଃଖର ଚିତ୍ର ମିଳିଥାଏ। ନାନା ଘାତପ୍ରତିଘାତ ଦ୍ୱାରା ଉଦ୍ ବେଳିତ ଚିତ୍ତବୃତ୍ତିର କ୍ରିୟାଶୀଳତାର ପରିଚୟ ଏଥିରୁ ପ୍ରାପ୍ତ ହୋଇଥାଏ।

ଓଡିଶାର ବିଭିନ୍ନ ଅଞ୍ଚଳରେ ବିଶେଷତଃ ଗଡ଼ଜାତମାନଙ୍କରେ ଦଣ୍ଡନାଟ ହୁଏ। ବଡ଼ମ୍ବାର ଭଟ୍ଟାରିକା, ଢେଙ୍କାନାଳର ଚନ୍ଦ୍ରଶେଖର, ତାଳଚେରରର ହିଙ୍ଗୁଳା, ଅନୁଗୁଳର କଳପାଟ, ସମ୍ବଲପୁରରେ ସମଲେଇ, ହିନ୍ଦୋଳର ରଙ୍କେଇବାଉତୀ, ନୟାଗଡ଼ର ଗୌରୀ, ଝଙ୍କଡ଼ର ସାରଳା, ବାଙ୍କିରର ଚର୍ଚ୍ଚିକା, କୋଣାର୍କର ସିଦ୍ଧ ରାମଚଣ୍ଡୀଙ୍କ ପ୍ରାଙ୍ଗଣରେ । କେଉଁଝରରେ ଦଣ୍ଡନାଟର ଅଧିଷ୍ଠାତ୍ରୀ ଦଣ୍ଡ ଦେବୀ ଅଛନ୍ତି। ଏହିପରି ଭାବେ ବିଭିନ୍ନ ଅଞ୍ଚଳର ବିଭିନ୍ନ ପ୍ରାଙ୍ଗଣରେ ଏହି ନୃତ୍ୟ ହୋଇଥାଏ।

### ଲୋକନାଟ ବିଭାଗୀକରଣରେ ଦଣ୍ଡନାଟ :

ଲୋକନାଟକକୁ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରାଯାଇଛି ଯଥା :

ISSN NO.
2582-208X

୧. ଅଭିନୟ ପ୍ରଧାନ– ରାମଲୀଳା, କୃଷ୍ଣଲୀଳା, ରାଧା କୃଷ୍ଣ ପ୍ରେମ ଲୀଳା, ଗୋପ ଲୀଳା, ରାସଲୀଳା, ଭାରତ ଲୀଳା, ଦଣ୍ଡ, ସୁଆଙ୍ଗ।

୨.ନୃତ୍ୟପ୍ରଧାନ–ଛଉନାଚ, ଦଣ୍ଡନାଚ, ପାଟୁଆଯାତ୍ରା, ଘୁମୁରାନାଚ, ଗୋଟିପୁଅ, ଡାଲଖାଇ, ରସରକେଲି, କରମା ନାଚ, ଦେଶିଆ ନୃତ୍ୟ।

୩. ସଙ୍ଗୀତ ପ୍ରଧାନ– ପାଲା, ଦାସକାଠିଆ, ପାରାୟଣ, ସଖୀନାଟ, କଣ୍ଢେଇନାଟ, ଚଢ଼େୟାଚଢ଼େୟାଣୀ ନାଟ,ଫାର୍ସ, ପ୍ରହସନ।

୪. ବାଦ୍ୟ ପ୍ରଧାନ – ଢ଼ଣକୁଇଲା, ଧୁଡୁକି,ଚଇତି ଘୋଡ଼ା ନାଟ ଇତ୍ୟାଦି।

### ଦଣ୍ଡନାଟର ସୃଷ୍ଟି :

ଦଣ୍ଡନାଟ ଆଧ୍ୟାତ୍ମିକ ପରିବେଶରୁ ଜନ୍ମ ନେଇଥିବା ମନେହୁଏ। ଏହା ଏକ କଠୋର ଦଣ୍ଡଯାତ ଅଟେ। ଦଣ୍ଡନାଟର ଆଧ୍ୟାତ୍ମିକ ପୃଷ୍ଠଭୂମି ସଂପର୍କରେ ଅନେକ କିମ୍ବଦନ୍ତୀ ବା କାହାଣୀ ଅଛି। ଯଥା – ବ୍ରହ୍ମାଙ୍କ ପାଞ୍ଚ ପୁତ୍ର, ଇନ୍ଦ୍ରଙ୍କ ପାଞ୍ଚ ପୁତ୍ର, କୁବେରଙ୍କ ତିନି ପୁତ୍ର ଦେବଗୁରୁ ବୃହସ୍ପତି ନିକଟରୁ ବିଦ୍ୟା ଶିକ୍ଷା ଲାଭ କରି ଫେରିବା ସମୟରେ ପିତୃ ଲୋକଙ୍କୁ ଜଳଦାନ କରୁଥିବା କର୍ତ୍ତ ମହାମୁନିଙ୍କ ଉପରକୁ ଶ୍ମଶାନର ହାଡ଼, ପାଉଁଶ ଫିଙ୍ଗି ନାନାଦି ପରିହାସ କଲେ। ଫଳରେ ମହାମୁନିଙ୍କ ଠାରୁ ଅଭିଶାପ ପାଇ କୃଷ୍ଠ ରୋଗରେ ଆକ୍ରାନ୍ତ ହେଲେ। ଏହାର ପଶ୍ଚାତାପ କରି ଶାପମୁକ୍ତ ପାଇଁ ମହାମୁନିଙ୍କ ନିକଟକୁ ଯାଇ ମିନତି କରି ବିଫଳ ହେଲେ। ଶେଷରେ ସେମାନେ ଶାପମୁକ୍ତ ପାଇଁ ମହାଦେବଙ୍କୁ ପ୍ରାର୍ଥନା କଲେ। ଏହି ସମୟରେ ପାର୍ବତୀ କାଳିକା ରୂପରେ ଈଶ୍ୱରଙ୍କୁ କହିଲେ ଯେ ମେଷ ସଂକ୍ରାନ୍ତିର ତେର ଦିନ ପୂର୍ବରୁ ରୁଦ୍ରକାଳୀଙ୍କୁ ପୂଜା କଲେ ତେର ଦେବ ପୁତ୍ର ଶାପମୁକ୍ତ ହୋଇପାରିବେ। ତେର ଦେବପୁତ୍ରଗଣ ତେର ଦିନ ବିଭିନ୍ନ ଦଣ୍ଡ ଗ୍ରହଣ କରିବା ପରେ ସେହି ସମୟରୁ ଦଣ୍ଡନାଟ ଆରମ୍ଭ ହୋଇଥିବା ମନେହୁଏ। ଅନ୍ୟ ଏକ କାହାଣୀ ହେଉଛି ମୁରାସୁର ଓ ଲୀଳାବତୀର ପୁତ୍ର ଦଣ୍ଡଦାନବ ବ୍ରହ୍ମାଙ୍କ ଠାରୁ ବର ପାଇ ଦେବତା ମାନଙ୍କୁ ପରାଜିତ କରିଥିଲେ। ପରେ ଦାନବ କାଶୀରେ ଏକ କୁଣ୍ଡ କରି ଶୈବାଗ୍ନି ମାଧ୍ୟମରେ ଦେବତାମାନଙ୍କୁ ମାରିବାକୁ ଚେଷ୍ଟା କରିବାର ବିଫଳ ହୋଇ ନିଜେ ମୃତ୍ୟବରଣ କରିଥିଲେ ସେହି ଅଗ୍ନିରେ। ନାରଦମୁନି ମନ୍ତ୍ର ଜଳରେ ଦେବତାମାନଙ୍କୁ ରକ୍ଷା କରିଥିଲେ। ସେବେଠାରୁ ଏହାର ଉତ୍ପତ୍ତି ମନେ ହୁଏ। କୁଞ୍ଜବିହାରୀ ଦାଶ କହନ୍ତି ଅଷ୍ଟମ ନବମ ଶତାବ୍ଦୀରେ ଯେତେବେଳେ ଓଡିଶାରେ ଶୈବଧର୍ମ

ISSN NO.
2582-208X

ପରିବ୍ୟାପ୍ତ ହେଲା ସେତେବେଳେ ବହୁ ବୌଦ୍ଧ ଅସ୍ପୃଶ୍ୟ ହୋଇ ରହିଲେ; ଶିବ ଆରାଧନା ମୁକ୍ତିର ଏକମାତ୍ର ପନ୍ଥା ବୋଲି ପ୍ରଚାର କରାଗଲା। ସେହି ସମୟରେ ଦଣ୍ଡନାଟର ଉତ୍ପତ୍ତି ମନେ ହୁଏ। ଏହାର ଉତ୍ପତ୍ତି ସଂପର୍କରେ ପଲ୍ଲୀର ଦଣ୍ଡକବି ଭିକାରୀ ଦାସ କହନ୍ତି ଏକଦା ଏକ ଶିଷ୍ୟ ନିଜର ଯୋଗଶକ୍ତି ବଳରେ ଗୁରୁଙ୍କ ଶରୀରକୁ ପୋଡିବାକୁ ଚେଷ୍ଟା କରିଥିଲା। ଗୁରୁଙ୍କୁ ଅନ୍ୟ ଋଷିମାନେ ମନ୍ତ୍ରଜଳରେ ରକ୍ଷା କରିଥିଲେ। ଶିଷ୍ୟଙ୍କ ଠାରୁ ସେ ଯୋଗଶକ୍ତିଙ୍କୁ ନିଆଯାଇ କୈଳାସରେ ଲୁଚାଇ ଦିଆଗଲା। କଳିଯୁଗର ପାପୀଙ୍କୁ ଉଦ୍ଧାର କରିବା ପାଇଁ ଶିବଙ୍କ ଆଦେଶରେ ସେ ଶକ୍ତିକୁ ନନ୍ଦୀ ଭୃକୁଟୀ ତାଣ୍ଡବ ନୃତ୍ୟରେ ଲୋକଙ୍କ ମଧ୍ୟରେ ପ୍ରବର୍ତ୍ତନ କଲେ। ସେବେଠାରୁ ଏହାର ସୃଷ୍ଟି ।

### ଦଣ୍ଡନାଟର ନାମକରଣ ଯଥାର୍ଥତା:

ଦଣ୍ଡରେ ନୃତ୍ୟର ତାଳେ ତାଳେ ଏକ ଦଣ୍ଡ ବା ବାଡିକୁ ଶିବଗୌରୀଙ୍କର ପ୍ରତୀକ ଭାବେ ପୂଜା କରାଯାଉଥିବାରୁ ଏହାର ନାମ ଦଣ୍ଡନାଟ। ଅନ୍ୟାର୍ଥେ ଶାରିରୀକ କଷ୍ଟ ବା ଦଣ୍ଡ ସ୍ୱୀକାର କରି ଶିବ ଓ ଶକ୍ତିକୁ ସ୍ତୁତି କରାଯାଉଥିବା ହେତୁ ଏହାର ଦଣ୍ଡନାଟ । ଏପରି ବି କୁହାଯାଏ ଦଣ୍ଡ ବା ଶାସ୍ତିକୁ ଅଙ୍ଗୀକାର କରି ନିଷ୍ଠା ଓ ସଂଯମ ଦ୍ୱାରା ଯେଉଁ ନାଟ ଦାଣ୍ଡରେ ଦଣ୍ଡ ଧରି ପରିବେଷିତ କରାଯାଏ ତାହାକୁ ଦଣ୍ଡନାଟ କୁହାଯାଏ।ଏହାର ଅନ୍ୟ ନାମା କାମନା ଦଣ୍ଡ କାରଣ ଏଥିରେ ବ୍ୟକ୍ତିର ଅଭିଷ୍ଟ ବା କାମନା ପୂରଣ ଉଦ୍ଦେଶ୍ୟରେ ସ୍ତୁତି ହୁଏ।

### ଦଣ୍ଡ ଗଠନ :

ଦଣ୍ଡ ଗଠନ ପାଇଁ ପ୍ରଥମେ ଗଙ୍ଗା ମାଟି, ସମୁଦ୍ର ମାଟି, ତୁଳସୀ ମାଟି, ଶିବ ପାଦୁକା ସହ ଗଙ୍ଗାଜଳ, ସମୁଦ୍ର ଜଳ ଓ ପଞ୍ଚାମୃତ ମିଶାଇ କୁମ୍ଭାର ସ୍ୱାମୀ - ସ୍ତ୍ରୀଙ୍କ ଦ୍ୱାରା ଶ୍ମଶାନ ବାଟରେ ଥିବା ତୁଳସୀ କାଠ, ବେଲ କାଠ, ଖଇର କାଠ, ପଣସ କାଠ ଦ୍ୱାରା ଦଣ୍ଡ ନିର୍ମିତ ହୋଇଥାଏ। ମାତ୍ର ସାଂପ୍ରତିକ କାଳରେ ଏହିପରି ଦଣ୍ଡ ଗଠନ କଷ୍ଟକର ଯୋଗୁ କିଛି ପ୍ରାଚୀନ ବିଧି ଅନୁସାରେ ଦଣ୍ଡ ଗଠିତ ହୁଏ।

### ଦଣ୍ଡୁଆ ବା ଭୋକ୍ତାଙ୍କ ଯାତ୍ରାରମ୍ଭ :

ଯେତେବେଳେ ଭୋକ୍ତାମାନେ ବା ଦଣ୍ଡୁଆମାନେ ନାଟରେ ମିଶିବା ପାଇଁ ସ୍ୱ-ଗୃହରୁ ବାହାରନ୍ତି, ସେତେବେଳେ ଦେବାଦେବୀଙ୍କୁ ଦର୍ଶନ କରନ୍ତି। ଇଷ୍ଟଦେବଙ୍କୁ ସୁମରି

ISSN NO.
2582-208X

ପିତାମାତାଙ୍କୁ ପ୍ରଣାମ ଜଣାଇ ଦାଣ୍ଡରେ ତିନିଗାର କାଟି ସୂର୍ଯ୍ୟ ଦେବତାଙ୍କୁ ପ୍ରଣାମ ଜଣାନ୍ତି । ରୁଦ୍ରକାଳୀ ବ୍ୟତୀତ ସଂସାରରେ ତାଙ୍କର ଆଉ କିଛି ନାହିଁ ଭାବି ପୂର୍ବଦିଗକୁ ଅନାଇ ଦଣ୍ଡ ଅଭିମୁଖେ ଯାତ୍ରା କରନ୍ତି । ଘରୁ ପୁରୁଷ ବାହାରିଯିବା ପରେ ନାରୀମାନେ ଘରୁ ନିଆଁ ବାହାରକୁ ବାହାର କରନ୍ତି ନାହିଁ, ହବିଷ କରି, ଦାଣ୍ଡ ଲିପିଥାନ୍ତି । ତେର ଦିନ ପରେ ପୁରୁଷ ଘରକୁ ଫେରିବା ସମୟରେ ହଳଦୀ ପାଣିରେ ଗୋଡ଼ ଧୋଇ ଅର୍ଘ୍ୟ ଆଳତୀରେ ବନ୍ଦାପନା କରି ଗୃହ ପ୍ରବେଶ କରାନ୍ତି।

## ଦଣ୍ଡନାଟର ପରିବେଷଣ ଶୈଳୀ:

ଏହି ବ୍ରତ ଏକ ନିର୍ଦ୍ଦିଷ୍ଟ ସମୟରେ ଅର୍ଥାତ ଚୈତ୍ର ମାସରେ ମହାବିଷୁବ ସଂକ୍ରାନ୍ତି ତେର ଦିନ ପୂର୍ବରୁ ଏହାର ଆରମ୍ଭ ହୋଇ ମେଷ ସଂକ୍ରାନ୍ତି ଦିନ ଉଦ୍ୟାପିତ ହୁଏ। ତେର ଜଣ ଭୋକ୍ତାଙ୍କୁ ନେଇ ଦଣ୍ଡନାଟ ଗଠନ କରାଯାଏ। ଭୋକ୍ତାମାନଙ୍କ ମଧ୍ୟରେ ଶ୍ରେଷ୍ଠ ବା ମୁଖ୍ୟ ଭୋକ୍ତାଙ୍କୁ ପାଟଭୋକ୍ତା କୁହାଯାଏ। ଧନୀ - ଦରିଦ୍ର, ଉଚ୍ଚଜାତି - ନୀଚଜାତି ଭେଦଦୂର କରି ପାଟଭୋକ୍ତା ନିର୍ଦ୍ଦେଶନାରେ ଅନ୍ୟ ଭୋକ୍ତାମାନେ ବିଭିନ୍ନ ଦଣ୍ଡ ଭୋଗ କରନ୍ତି। ତେର ହାତ ଲମ୍ବ ଓ ଷୋହଳ ହାତ ଓସାର ବିଶିଷ୍ଟ ଏକ ତିନି କୋଣିଆ ଦକ୍ଷିଣମୁଖୀ ଦଣ୍ଡଗୃହ ନିର୍ମାଣ ହୋଇଥାଏ। ଦଣ୍ଡନାଟରେ ବ୍ୟବହୃତ ଦଣ୍ଡକୁ ଏହି ଗୃହରେ ରଖା ଯାଉଥିବାରୁ ଏହାକୁ ଦଣ୍ଡଗୃହ ବୋଲି ନାମିତ କରାଯାଇଛି । ଏହା ଦୁଇ ପ୍ରକାରର: (୧) ଶକ୍ତି ଦଣ୍ଡ ବା ପାର୍ବତୀ (୨) ଲିଙ୍ଗ ଦଣ୍ଡ ବା ଶିବ। ଦଣ୍ଡନାଟ ପରିବେଷଣର ସ୍ଥାନ ଓ ସମୟ ପୂର୍ବ ନିର୍ଦ୍ଧାରିତ ହୋଇଥାଏ ଯଦି କାମନାଧାରୀ ବ୍ୟକ୍ତି ନାଟ୍ୟ ଦଳର ମୁଖ୍ୟ ଅଧିକାରୀଙ୍କୁ ନିମନ୍ତ୍ରଣ କରିଥାନ୍ତି। ମାତ୍ର ଯଦି କାମନା ନଥାଏ ତେବେ ସେମାନେ ଗ୍ରାମ ଗ୍ରାମ ବୁଲି ଦଣ୍ଡ ପରିବେଷଣ କରିଥାନ୍ତି। କାମନାଧାରୀ ବ୍ୟକ୍ତି ଘର ଦାଣ୍ଡ ଗୋବରରେ ଲିପି, ପୂର୍ଣ୍ଣ କୁମ୍ଭ କାଢି ଈଶ୍ୱର ବା ନାଟ୍ୟ ଦଳକୁ ଅଭ୍ୟର୍ଥନା ଜଣାନ୍ତି । ଦଣ୍ଡୁଆମାନେ ଗେରୁଆ ବସ୍ତ୍ର ପରିଧାନ କରିଥାନ୍ତି। ଢୋଲ, ମହୁରୀ, ତାଳ, ଝାଞ୍ଜ ବାଦ୍ୟର ତାଳେ ତାଳେ ରୁଦ୍ରକାଳୀଙ୍କୁ ଭଜହେ କହି ନାଟ୍ୟ ପରିବେଷଣ କରିଥାନ୍ତି। ଏଥିରେ ଏକ ଘଟ ବା କଳସୀକୁ କାମନାଘଟ ନାମରେ ପୂଜା କରାଯାଇଥାଏ। ଅର୍ଥାତ କଳସୀରେ ଯେପରି ଜଳପୂର୍ଣ୍ଣ ହୋଇଥାଏ ସେପରି ମନୁଷ୍ୟର କାମନା ମଧ୍ୟ ପୂର୍ଣ୍ଣ ହେବ ଏହି ବିଶ୍ୱାସରେ। ଶିବ ଓ ଗୌରୀଙ୍କର ଏକ ବେତ ପୂଜା ହୋଇଥାଏ ଯାହାକୁ ପାର୍ବତୀ ନିଜ ଶରୀରରୁ ଉତ୍ପନ୍ନ କରିଥିଲେ ଜଣାଯାଏ। ଏହି ନାଟ ପାଇଁ ଏକ କାମନାଘର ମଧ୍ୟ ନିର୍ମାଣ କରାଯାଇଥାଏ ଯାହାର ଦୈର୍ଘ୍ୟ ବାର ହାତ ଓ

ISSN NO.
2582-208X

ପ୍ରସ୍ଥ ବାର ହାତ, ଏଥିରେ ଷୋହଳଟି ଖମ୍ବ ଓ ଆଠଟି ଓରା ପଡେ। ଏହି ଘରକୁ ହ୍ରୀଂ ମନ୍ତ୍ରରେ ପ୍ରତିଷ୍ଠା କରାଯାଏ। ଏହି ଘରେ ଏକ କୁଣ୍ଡରେ ସର୍ବଦା ଅଗ୍ନିଜଳେ । ଏହି ପବିତ୍ର ଅଗ୍ନିଶିଖାରୁ ଦୀପ ଲଗାଯାଏ, ଦୀପ ତେଜିବା, ଦୀପରେ ତେଲ ଦେବା ପାଇଁ ଯେ ଜଗି ବସିଥାନ୍ତି ଏ ତାହାକୁ ଭଣ୍ଡାରଘରିଆ କହନ୍ତି। ଏହି ପବିତ୍ର ଦୀପ ଶିଖାରୁ ପାଟ ଦଣ୍ଡୁଆ ନିଜ ନିଜର ଦୀପ ଜଳାଇ ନିଅନ୍ତି ଏହାକୁ ଦଣ୍ଡଜୀଆଁଇବା କହନ୍ତି। ଏହି ସମୟରେ "ଋଷିପୁତ୍ରେ" ବୋଲି ଉଚ୍ଚ ସ୍ୱରରେ ଦଣ୍ଡୁଆମାନେ ଚିତ୍କାର କରନ୍ତି। ଦଶ ମହାବିଦ୍ୟା ମଧ୍ୟରୁ କାଳୀ ହେଉଛନ୍ତି ଦଣ୍ଡର ଅଧିଷ୍ଠାତ୍ରୀ ଦେବୀ। କାମନା ଘରେ ବାଲି ବିଛାଇ ସେଥିରେ ଧାନ, ଗହମ, ମୁଗ,ମସୁର ପ୍ରଭୃତି ପଞ୍ଚଧାନ୍ୟ ବୁଣା ଯାଇଥାଏ ତାହା ଗଜା ହେଲେ ତାହାକୁ ବାଲିଫୁଲ କହନ୍ତି। ଏହି ନାଟରେ ଯେ ଝୁଣା ଧରେ ତାହାକୁ ଦଣ୍ଡସ୍ୱାମୀ କହନ୍ତି। ବିଜୟା ନାମକ ଏକ ଲିଙ୍ଗର ମଧ୍ୟ ପୂଜା କରାଯାଇଥାଏ। ଏହି ନାଟର ଆରାଧ୍ୟ ଦେବତା ଶିବ। ଏହି ନାଟରେ ଶିବଙ୍କୁ କୃଷି ସଭ୍ୟତା ଓ ସଂସ୍କୃତିର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଏଥିରେ ଅନ୍ୟ ଆରାଧ୍ୟ ଦେବାଦେବୀ ହେଲେ ଗଣେଶ, ଗୌରୀ, ସାରଳା, ସରସ୍ୱତୀ । ଏଥିରେ ଥିବା ପ୍ରମୁଖ ଚରିତ୍ର ଗୁଡ଼ିକ ହେଉଛି ହାଡ଼ି-ହାଡ଼ିୟାଣୀ, ଶବର-ଶବରୁଣୀ, ଚଢ଼େୟା-ଚଢ଼େୟାଣୀ, ବୀଣାକାର -ବୀଣାକାରୁଣୀ, ଶଙ୍ଖୁଆ, ଯୋଗିନୀ, ବାଇଧାନ କେଳା- କେଲୁଣି ଇତ୍ୟାଦି। ବୀଣାକାରିଆ ହାତରେ ଏକ ସାତ ଘଣ୍ଟି ବନ୍ଧା ଧନୁ ଧରି ଥାଏ ତାହାକୁ ପୁଷ୍ପଧନୁ ଜଣାଯାଏ। ବୀଣାକାରଙ୍କୁ କାମଦେବ ଓ ବୀଣାକାରୁଣୀଙ୍କୁ ରତି ଏବଂ କାରୁଆଣୀ କହନ୍ତି। ଏଥିରେ ବ୍ୟବହୃତ କେତେକ ଗୀତ ମଧ୍ୟରୁ ଗଞ୍ଜାମ ଜିଲ୍ଲାର ଏକ ଗୀତର ପଦରୁ ନିମ୍ନଜାତି ପ୍ରତି ମମତା ପ୍ରତିଫଳିତ। ଗୀତଟି -

"କାହୁଁ ବିଜେ କରିଥିଲେ ପ୍ରଭୁ ଉମାକାନ୍ତରେ ଭାଇ ପ୍ରଭୁ ଉମାକାନ୍ତ,
ହୀନ କୁଳେ ଜନ୍ମ ହୋଇ ସେବିଲୁ କେମନ୍ତ ଦଣ୍ଡ ଚଢ଼େୟା,
କହ ତୁରେ ନକରିଣ ମାୟା।"

ଏହା ବ୍ୟତୀତ ବ୍ୟବହୃତ ଅନ୍ୟ ଗୀତ ହେଉଛି -

"ପ୍ରଭୁ ନୀଳକଣ୍ଠଶ୍ୱରେ ବିଜେ କରିଅଛ ପାଟବେତରେ
ମହାପ୍ରଭୁ ସତ କହିଦେବ ମୋରେ

ISSN NO.
2582-208X

ଏ ମଧ୍ୟେ ଗଉରୀ ବେତ
ତେର ଭଗତାକୁ କୋଟି ନମସ୍କାରରେ ସର୍ବେ ଦିଅ ମଣି ଡାକ
ତୋତେ ମୁଁ ବୋଲଇ ମହାକାମନା ଲୋ ଦୁବ କରିପାରୁ ଦାରୁ
ସିନ୍ଦୂର କଜ୍ଜଳ ଦେଇ ବାଲୁକାରେ କଳସରେ ବିଜେକରୁ ।"

ଏହିପରି ଭାବେ ଦେଖିଲେ ଏଥିରେ ଅନେଗୁଡ଼ିଏ ଗୀତ ବ୍ୟବହୃତ ହୋଇଥାଏ। ସାମ୍ୟ ଓ ମୈତ୍ରୀର ପ୍ରତୀକ ଏହି ନାଟରେ ମନୁଷ୍ୟ କାମନା ପୂରଣ ଉଦ୍ଦେଶ୍ୟରେ ଅନେଗୁଡ଼ିଏ ଦଣ୍ଡ ସହ୍ୟ କରଯାଇଥାଏ।

## ଦଣ୍ଡନାଟର ବିଭାଗୀକରଣ:

ଦଣ୍ଡନାଟକୁ ମୁଖ୍ୟତଃ ୫ ଭାଗରେ ବିଭକ୍ତ କରାଯାଇପାରେ ଯଥା:- ଧୂଳିଦଣ୍ଡ, ପାଣିଦଣ୍ଡ, ସାନ୍ଧ୍ୟଦଣ୍ଡ, ଅଗ୍ନିଦଣ୍ଡ, ମେରୁଦଣ୍ଡ।

ଧୂଳିଦଣ୍ଡ:- ରୁଦ୍ରକାଳୀ ପ୍ରତିମାକୁ ପାଟକନାରେ ଗୁଡ଼ାଇ ରୁଦ୍ରକାଳୀ ଭଜହେ କହି ଭୋକ୍ତାମାନେ ପାଟଭୋକ୍ତାର ଆହ୍ୱାନରେ ଠାକୁରଙ୍କୁ ପ୍ରଣାମ କରି ପ୍ରଚଣ୍ଡ ସୂର୍ଯ୍ୟ କିରଣର ତତଲା ବାଲି ଧୂଳିରେ ମୁଖ ନିମ୍ନଗତିରେ ଶୟନକରି ଦଣ୍ଡ ପରିବେଷଣ କରୁଥିବାରୁ ଏହାର ନାମ ଧୂଳିଦଣ୍ଡ।

ପାଣିଦଣ୍ଡ:- ଧୂଳିଦଣ୍ଡ ପରେ ଦଣ୍ଡୁଆମାନେ ନିକଟସ୍ଥ ନଦୀ ବା ପୋଖରୀ ତୁଠକୁ ଯାଇ ପାଣିଦଣ୍ଡ ଗ୍ରହଣ କରିଥାନ୍ତି । ଛଅ ଆଙ୍ଗୁଳି ଆମ୍ବ ଡାଳରେ ଦାନ୍ତ ଘଷି ସ୍ନାନ ଶୌଚ ସାରି କୂଳରେ ଶିବଗୌରୀ ପୂଜା କରି ପାଣି ଦଣ୍ଡ ସମାପ୍ତ କରିଥାନ୍ତି।

ସାନ୍ଧ୍ୟଦଣ୍ଡ:- ସନ୍ଧ୍ୟା ପୂର୍ବରୁ ପ୍ରତ୍ୟେକ ଦଣ୍ଡୁଆ ସ୍ନାନାଦି କର୍ମ ସାରି ଠାକୁରଙ୍କ ନିକଟରେ ସମବେତ ହୁଅନ୍ତି। ଠିକ୍ ସନ୍ଧ୍ୟା ସମୟରେ ଶିବ ଓ କାଳୀଙ୍କୁ ପୂଜା ଆରାଧନା କରାଯାଇ, ଧୂପ, ଦୀପ, ଝୁଣାରେ ସନ୍ଧ୍ୟା ଆଳତୀ କର୍ମ ସମାପ୍ତ କରାଯାଏ। ଶିବ- ଶିବା ନାମ ଜପ କରି ଏହି ଦଣ୍ଡ ସମାପ୍ତ ହୁଏ।

ISSN NO.
2582-208X

ଅଗ୍ନିଦଣ୍ଡ:- ରାତ୍ର ଦଶ ଘଟିକା ସମୟରେ ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦ ଆୟୋଜନ କରିବା ସମୟରେ ଝୁଣା ସାହାର୍ଯ୍ୟରେ ଅଗ୍ନି ହୁଳା ଉପରକୁ ଉଠାଇ ବିଭିନ୍ନ ପ୍ରକାରର ଖେଳ ପ୍ରଦର୍ଶନ କରି ଏହି ଦଣ୍ଡ ସମାପ୍ତ ହୁଏ । ଏହା ମଧ୍ୟ କାଳିକା ନାଟ ଭାବେ ଜଣା।।

ମେରୁଦଣ୍ଡ:- ଦଣ୍ଡନାଟର ଉଦ୍ୟାପନ ଉତ୍ସବରେ ଗୋଟିଏ ମେରୁ ମଣ୍ଡପ ତିଆରି କରାଯାଏ । ଏହାର ଉଚ୍ଚ ୨୯ ଆଙ୍ଗୁଳ, ଐଶାନ ମୋଡ଼ ରହିବ। ଏହାର ସମ୍ମୁଖରେ ଏକ ହୋମକୁଣ୍ଡ ବା ମେରୁକୁଣ୍ଡ ହୁଏ ଯାହାର ଦୈର୍ଘ୍ୟ ପ୍ରସ୍ଥ ଓ ଉଚ୍ଚତା ୧୬ ଆଙ୍ଗୁଳି। ମେରୁଖୁଣ୍ଟର ଉପର କାଠରେ ପାଟଭୋକ୍ତାଙ୍କ ପାଦ ବାନ୍ଧି ମୁଣ୍ଡଟି ପ୍ରଜ୍ୱଳିତ ହୋମକୁଣ୍ଡ ଉପରେ ଝୁଲାଇ ଦିଆଯାଏ। ହୋମାଗ୍ନିରେ ଭୋକ୍ତାମାନେ ଝୁଣା, ରୁଗଗୁଳ ପକାଇବା ଫଳରେ ଅଗ୍ନି ଶିଖା ଉପରକୁ ଉଠି ପାଟଭୋକ୍ତାର ମସ୍ତକକୁ ସ୍ପର୍ଶ କରେ। ଏହାକୁ ଦଣ୍ଡନାଟରେ ଅଗ୍ନି ପରୀକ୍ଷା କୁହାଯାଏ । ପାଟଭୋକ୍ତାର ନାକରୁ ତିନି ଟୋପା ରକ୍ତ ହୋମକୁଣ୍ଡରେ ପଡ଼ିବା ପରେ ତାଙ୍କୁ ଓହ୍ଲାଇ ଦିଆଯାଏ ଓ ଦଣ୍ଡ ନିବାରଣ ହୁଏ ।

### ଦଣ୍ଡନାଟର ଉଦ୍ଦେଶ୍ୟ:

ଦଣ୍ଡନାଟର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଶୈବ ମହିମାର ପ୍ରଚାର ପ୍ରସାର , ଦଣ୍ଡ ସହି ଶୈବ କରୁଣା ପ୍ରାପ୍ତ। ବିଭିନ୍ନ ମାନସିକ ନେଇ ଏହା କରଯାଇଥାଏ ଯଥା – ସନ୍ତାନ ଲାଭ, ବ୍ୟାଧିରୁ ମୁକ୍ତି, ପୁଣ୍ୟ ଅର୍ଜନ, ଧନୀ ଗରିବ ଭେଦ ଦୂର, ଜାତି ଭେଦ ଦୂର, ଦୈନନ୍ଦିନ ଜୀବନ ଓ ଦାମ୍ପତ୍ୟ କଳହର ସମାଧାନ ଇତ୍ୟାଦିର।

ଦଣ୍ଡନାଟ ଶୈବ ମହିମା ପ୍ରଚାର କରିବା ସଙ୍ଗେ ସଙ୍ଗେ ଅନେକ ଲୋକଙ୍କ କାମନା ପୂରଣ କରୁଛି ଏବଂ ସମାଜରେ ଦେବାଦେବୀ ପ୍ରତି ଲୋକଙ୍କ ବିଶ୍ୱାସ ଅତୁଟ ରଖିଛି ଏହା ନିସନ୍ଦେହରେ କୁହାଯାଇପାରେ ।

### ସହାୟକ ଗ୍ରନ୍ଥ ସୂଚୀ:

୧. ଦାଶ, ଡ଼ . କୁଞ୍ଜବିହାରୀ – ଓଡ଼ିଆ ଲୋକଗୀତ ଓ କାହାଣୀ, ବିଶ୍ୱଭାରତୀ, ଶାନ୍ତି ନିକେତନ, ଓଡ଼ିଆ ଗବେଷଣା ବିଭାଗ, ପଶ୍ଚିମବଙ୍ଗ, ୧୯୫୮

ISSN NO.
2582-208X

୨. ରଥ, ପ୍ରଫେସର ଅଶୋକ କୁମାର - ଗଞ୍ଜାମର ସାଂସ୍କୃତିକ ବିଭବ, ତାରା ତାରିଣୀ ପୁସ୍ତକାଳୟ, ବ୍ରହ୍ମପୁରର, ଗଞ୍ଜାମ, ୨୦୧୮

୩. ସାହୁ, ଲକ୍ଷୀ ନାରାୟଣ - ଦଣ୍ଡନାଟ, ଉତ୍କଳ ସାହିତ୍ୟ ପ୍ରେସ, କଟକ, ୧୯୪୭

୪. ପ୍ରଧାନ, ପ୍ରଫେସର କୃଷ୍ଣଚନ୍ଦ୍ର - ଓଡ଼ିଆ ଲୋକସାହିତ୍ୟ ଓ ଲୋକ ସଂସ୍କୃତି, ୭ମ ମୁଦ୍ରଣ, ବିଦ୍ୟାପୁରୀ କଟକ, ୨୦୧୭

ଗବେଷକ, ସ୍ନାତକୋତ୍ତର ଓଡ଼ିଆବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ : ୭୬୦୫୯୩୨୪୮୫

ISSN NO.
2582-208X

# ମୁକ୍ତର ଧ୍ୱଜା



ଜୟନ୍ତୀ ବେହେର୍‌

ଆମରି ଦେଶର ମୁକତି ଆଣିଛି
ତ୍ରିରଙ୍ଗା ଯାହାର ନାମ
ଗାଇବାରେ ଆମେ ଗୌରବର ଗୀତି
ଜନ ଗଣ ମନ ଗାନ।

ଯେଉଁ ଆନନ୍ଦର ଧ୍ୱଜା ଉଡୁଅଛି
ତିନୋଟି ରଙ୍ଗରେ ବେଶ
ଶାନ୍ତି ମୈତ୍ରୀ ପୁଣି ଅହିଂସାର ନାମେ
ହୋଇଛେ ସକଳେ ବଶ।

ଯେଉଁ ଆକାଶରେ ଇନ୍ଦ୍ରଧନୁ ଦିଶେ
କୈଳାସ ଯାହାର ଶୀର୍ଷ
ଯାର ପାଦ ଧୁଏ ମହୋଦଧି ପୁଣି
ସେ ମୋର ଜନନୀ ଦେଶ।

ଯାହାର ଗର୍ଭରେ ହୀରା, ନୀଳା ମୋତି
ତେତିଶି କୋଟି ଦେବତା

ISSN NO.
2582-208X

ସେ ମୋର ଅଟଇ ଅତି ପୁଣ୍ୟବତୀ
ଆମରି ଭାରତ ମାତା।।

ଦେଶର ସଂଗ୍ରାମୀ ବଳି ଦାନ ଦେଇ
ପୂର୍ଣ୍ଣକଲେ ଅଭିଳାଷ
ଲହୁ ଲୁହାଣରେ ଜୀବନ ହାରିଲେ
ରହିଗଲା ଅବଶୋଷ।

ଆଜି ଏ ଆକାଶେ ବାସ ଛୁଟୁଅଛି
କସ୍ତୁରୀ ଚୁଆ ଚନ୍ଦନ
ପବିତ୍ର ଅଟଇ ଆଜିର ଦିନଟି
ଶ୍ରୀକୃଷ୍ଣଙ୍କ ଜନ୍ମଦିନ।

ମାଟି ସୁଗନ୍ଧରେ ଫାଟି ପଡୁଅଛି
ତ୍ରିରଙ୍ଗାର ଦେଖି ସଜ
ବିହଙ୍ଗେ ଗାଆନ୍ତି ମୁକ୍ତିର ସଙ୍ଗୀତ
ଉଡାଇବା ମୁକ୍ତି ଧ୍ୱଜ।

ଆମରି ନାଆର ଆମେରେ ନାଉରୀ
ଚଳାଇବା ନାବ ବାହି
ଯିବାପାଇଁ ଅଛି ପଥ କେତେ ଦୂର
ଯିବାରେ ସଜାଗ ହୋଇ।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ତୁମ ନଷ୍ଠୁର ପ୍ରେମ



ସୁଜାତା ପାହାନ

ସତରେ ତମେ ଭାରି ନିଷ୍ଠୁର !
କେତେ କଠୋର ତୁମର ମନୋଭାବ
କେତେ କଠୋର ତୁମର ହୃଦୟ ?

ତୁମ ପାଖେ ସତରେ କଣ ଆନ୍ତରିକତାର ଘୋର ଅଭାବ
ତୁମ ମନର କୌଣସି କୋଣ ଅବା ଅନୁକୋଣରେ
ସତରେ କଣ ନାହିଁ ଟିକେ ବି ଭାବ ପ୍ରବଣତା ?

ତୁମେ ନିମିଷକେ ଗଢି ଦେଇପାର ପ୍ରେମର ତାଜମହଲ
ପୁଣି କ୍ଷଣକେ ତାକୁ ଭାଙ୍ଗି ସଜେଇ ଦେଇ ପାର ଭଗ୍ନସ୍ତୁପର ଆସ୍ତରଣ
ସତରେ ତୁମେ ଭାରି ନିଷ୍ଠୁର !

ତୁମେ ବୋଧେ କ୍ଷଣକ ପାଇଁ ଆସ ଫଗୁଣର ସପ୍ତରଙ୍ଗ ଧରି
ପୁଣି କ୍ଷଣକେ ଉଜାଡ଼ିଦିଅ ଧାରା ଶ୍ରାବଣର ବାରିପାତ କରି
ସତରେ ତୁମେ ଭାରି ନିର୍ଦ୍ଦୟ !

ତୁମେ କେବେ ତୁମେ ହୋଇ ଆସ ପୁଣି କେବେଆସ ଅଜଣା ଜୁଆର ପରି
ତୁମ ଗତିବେଗରେ ପ୍ରଭାବିତ ହୁଏ ମନ ରୂପକ ସାଗରର ପ୍ରତ୍ୟେକ ତନ୍ତ୍ରୀ
ସତରେ ତୁମେ ଭାରି ନିଷ୍ଠୁର!

ISSN NO.
2582-208X

କେବେତୁମେ ଭାରି ସରଳ ମନହୁଅ ପୁଣି କେବେ ମାନସାଙ୍କ ପରି ଜଟିଳ
ତୁମ ପାଇଁ କେବେ ଲେଖେ ମୁଁ କବିତା ପୁଣି କେବେ ଲେଖେ ଗଳ୍ପ
ସତରେ ତୁମେ ଭାରି କଠୋର !

ତୁମ ଭାବନାରେ ମୋର ହୁଏ ନିତି ସକାଳ ପୁଣି ସଞ୍ଜ
ତୁମ ମନ ଆକାଶର ବୋଧ ହୁଏ ମୁଁ ହେଇ ନପାରେ ପୂର୍ଣ୍ଣିମାର ଚାନ୍ଦ
ସତରେ ତୁମେ ଭାରି ନିର୍ଦ୍ଦୟ ।

ତୁମେ କେବେ ସ୍ୱପ୍ନରେ ଆସ ଅସରନ୍ତି ସ୍ୱପ୍ନ ନେଇ
ପୁଣି କେବେ ନେଶିଦେଇ ଯାଅ  ଅମାବାସ୍ୟାର ଘନ ଅନ୍ଧକାର
ସତରେ ତୁମେ ଭାରି ହୃଦୟହୀନ ।

(ଅଧ୍ୟାପିକା)
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ
ପୋଖରୀପୁଟ , ଭୁବନେଶ୍ୱର

ISSN NO.
2582-208X

# ବୁଦ୍ଧ ନା' ବିଭବ ?



ସୁଶ୍ରୀ ପଲ୍ଲବିତା ସାହୁ

ତମେ କି' ବୈରାଗ୍ୟର ସେ ସୁଆଦିଆ ରଙ୍ଗ ?
ଯତନରେ ସଅଁପି ଦେଇଥିବା ତୁମ ଚେତନାର ବୟସରେ
ଲହଡି ଖେଳନ୍ତା.... ବୋଧବିଳାସର
ଶୁଦ୍ଧ ଗମ୍ବୁଜକୁ ଛୁଇଁବାକୁ
ଠିକ୍ କେତେଦିନ ଲାଗିପାରେ ?
କହିବ ! ଅଟେ କି' ସମ୍ଭବ ??

କାମନାର ବିନାଶରେ ଦୁଃଖର ବିନାଶ
କିନ୍ତୁ ପଥେ ପଥେ ମୋର ଆଶାର ପରାଗରେଣୁ
ଜୀବନରେ ବିଞ୍ଚା...
ନିବେଦନର ଆଣ୍ଠୁ ମାରିବିନି !
ସହଚର ହୁଅ ....ଢ଼ିପ ରାସ୍ତାରେ
କର୍ମ ଠୁ' ଆଖି ନ ଫେରେଇ ତିଆର୍ ହେବି ବରାଦେ
ବାସ୍ ! ଝୁଣ୍ଟିଲେ ତମେ ଆଖି ବୁଜିବନି

ନ ଚାହେଁ ମୁଁ ଜୀବନଠୁ ମୁକ୍ତି
ହେଲେ, ତମେ କୁହ - ମୁକ୍ତି ହିଁ ନିର୍ବାଣ
ନିର୍ବାଣରେ କୁଆଡେ ରହିଛି ହରେକ୍ ସମସ୍ୟାର ସମାଧାନ

ISSN NO.
2582-208X

ହେଲେ, ମୁଁ ମାନେ ନାହିଁ ତମକଥା ବୁଦ୍ଧ
ପଳାୟନପନ୍ଥୀ ହୋଇ ଭୀରୁ ଭଳି ଚାଲିଗଲେ..
ତୁଚ୍ଛା ନିରାମୟ ସୁଖ ପାଇଁ ଜୀବନକୁ ତ୍ୟାଗକଲେ ...
ତମେ କୁହ -
ମଣିଷର କି' ଗୋଟେ ସ୍ୱାତନ୍ତ୍ର୍ୟ ରହିପାରେ ??
କ'ଣ ଏହା ସୁଶୀଳ ଚିନ୍ତାର କାରଣ ହୋଇପାରେ ???

ତମେ ଫେରୁଥାଅ ଏମିତିକା ପ୍ରତିଥର
ମାନସରେ ଧକ୍କା ଖାଇ ବୁଦ୍ଧ
ଗଢ଼ିବାକୁ ମଣିଷକୁ... ଅଲିଭା ହେବାକୁ !
ସୃଷ୍ଟି ପରେ ଫେରୁଥାଉ ବାରମ୍ବାର ପୁନର୍ଜନ୍ମ
ତୁମରି ହାତରେ...
ବଞ୍ଚିବାର କଳା ପାଖେ ମଣିଷକୁ ଶିଷ୍ୟ କରିବାକୁ !!

**************

ଅଧ୍ୟାପିକା
୭୭୩୫୫ ୯୧୯୩୩

ISSN NO.
2582-208X

# ଆଜି ତୋ ଆଖିରେ ଦେଖୁଚି



ହରେରାମ ପଣ୍ଡା

ମିଛ କାହାପାଇଁ ହେଇପାରେ ମିଛ
ଯାହା ମୁଁ ଆଗରୁ ଜାଣିଚି,
ତୋ ମିଛରେ କେତେ ସତ ଲୁଚିଥିଲା
ନୀରବ ଆଖି ତୋ କହୁଚି ।
କହି ନାହୁଁ ଥରେ ମୁହଁ ଖୋଲି କେବେ
ମତେ ଜଣା କେତେ ଭଲ ପାଉଚୁ,
ଫିକା ଜହ୍ନ ତଳେ ଖୋଜିଚି ମୁଁ କେତେ
ବାଟ ଭାଙ୍ଗି ଚାଲି ଯାଇଚୁ ।
ତୋ ନୀଳ ଆଖିରେ କେତେ ମୁଁ ଖୋଜିଚି
ପାହାନ୍ତି ରାତିର ସପନ,
ତୋ ଭିଜା ଓଠର ଲାଜୁଆ ଡୁଠରେ
ହଜେଇ ଦେଇଛି ମୋ ମନ ।
ସାଗର ବେଳାରେ ତୋ ନାଆଁ ଲେଖି ମୁଁ
ଥିଲି ତୋ ବାଟକୁ ଅନେଇ,
ଢେଉ ପରି ମୋର ପାଖକୁ ଆସିଲୁ
ନାଆଁଟାକୁ ଦେଲୁ ଲିଭେଇ ।
ଆଜି ମୁଁ ଦେଖୁଚି ଫିକା ଜହ୍ନ ନାହିଁ
ରୁପା ଜହ୍ନ ସତେ ହସୁଚି,
ମିଛ ତଳେ କେତେ ସତ ଲୁଚିଥିଲା
ଆଜି ତୋ ଆଖିରେ ଦେଖୁଚି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ,
ଯାଜପୁର
ଦୂରଭାଷ : ୯୪୩୮୦୬୫୧୯୫

ISSN NO.
2582-208X

# ଭୋଦୁଅର ମିଠା ମହକ



କୁଞ୍ଜବିହାରୀ ସାହୁ

ଭୋଦୁଅ ଆଇଚି ବୋଲି ବାଟ ଘାଟ ସଫା ଦିଶିଲାଣି । ଖାଲଖମାରେ ପାଣି ଜମୁନି କି ମଶା ଡାଆଁଶ ବୁଲାବୁଲି କରିବାକୁ ବେଳ ପାଉନାହାଁନ୍ତି । ଗୁରିଆ ବୋଉ ବାସି ପାଇଟି ସାରି ଫୁନ୍ କଲା ନେତି ବୋଉକୁ – ଆଲୋ ନେତି ବୋଉ, ଗାଁ ପଦର ଆଡ଼େ ଯାଇଥିଲୁ ନା ପୋଖରୀ ଆଡ଼େ । ଏତେ ଉଚ୍ଛୁର କରି ଫୁନ ଧରିଲୁ ଯେ । ଆସୁନୁ ଆମ ସାହି ଆଡ଼େ ବୁଲାବୁଲି କରିବୁ । ଦାଣ୍ଡ ପିଣ୍ଡାରେ ବସି ଗପସପ କରିବୁ। ଏକଲା ଏକଲା ଘରଟା ଭିତରେ କଅଣ କରୁଛୁ ଯେ ବେଳ ପାଉନୁ !

ନେତି ବୋଉ ଥଙ୍ଗଥଙ୍ଗ ହେଲା । ଆଲୋ ଗୁରିଆ ବୋଉ, ନାହିଁ ସେମିତି କିଛି ନାହିଁ । ମୁଁ ତ ଫୁନଫାନ୍ ଧରିପାରେନି କି ଭଲ ଭାବରେ କଥା କହିପାରେନି । ପଦର କି ପୋଖରୀ ଆଡ଼େ ଯାଇନି । ଫୁନ କୋଉଠି ଥୋଇଦେଇଥିଲି ଅଣ୍ଡାଳିଲା ବେଳକୁ ରିଂ ..ରିଁ କଟିଗଲା । ତୁ ଏବେ ଫୁନ କଲୁ ବୋଲି ଧରିଲି ।

କହୁନୁ କଅଣ ?

ଆଲୋ କହିବି କଅଣ ନେତି ବୋଉ, ଆମର ଇଏ ବହୁତ ଦୁଷ୍ଟ ହେଉଛନ୍ତି । ମେଘ ନିରିମଳ ଦିଶିଲା ପରି ଗଣ୍ଡେ ଖାଇଦେଇ ଦିହସାରା ପାଉଡର ମାଖିହେଉଛନ୍ତି। ଝାଳୁଆଦେହକୁ ଏ ଭୋଦୁଅର ପାଣିଚିଆ ଖରା । ମୋ ଗେରସ୍ତ ଦେହରେ ଯେମିତିକି ନେସି ହେଇଯାଉଛି । ସେଥିରେ ପୁଣି ଷୋଳ ବରଷିଆ ଭେଣ୍ଡା ପରି କଅଣ ଗୁଡାଏ ଗପୁଛନ୍ତି ଯେ ମୋ ଦିହ ଶୀତେଇ ଯାଉଛି ।

ଅଠର ପୂରୁ ପୂରୁ ମନଟା ଚଙ୍ଗଚଙ୍ଗ ହେଉଥିଲା । ବିଭା ହେଇଗଲି। ଦି ଟା ପୁଅ ଦି ବରଷେ ବରଷେ ସାନ ବଡ଼ ହେଇ ଜନମ ହେଲେ । ସକାଳ ସଞ୍ଜରେ ନେତି ବାପାର

ISSN NO.
2582-208X

ଗୋଟେ କଥା - ଶୁଣୁ ଗୁରିଆବୋଉ, ପାଖରେ ଟିକେ ବସିଲେ ଭଲ ଲାଗୁଛି । ତୋ ମାଉଁସିଆ ଦେହଟା ମଲ୍ଲି ଫୁଲ ପରି ବାସୁଛି । ଏ ଚାଳ ଛପର ଘରେ ଯେତେ ମଜା ଅଛି ଆଉ କୋଉଠି ନଥିବ । ଏମିତି ଚାକୁଳେଇ କହି କହି... ଯେତେ ମନା କଲେ ବି ଶୁଣିବାକୁ ନାରାଜ । ଏମିତିରେ ପିଲା ଦି'ଟାକୁ ପାଳି ପୋଷି ମଣିଷ କରିବା କଷ୍ଟ ହେଇପଡୁଛି । ଆଉ ଛୁଆ ଜନମ କରି ହନ୍ତସନ୍ତ କିଆଁ ହେବି କହିଲୁ କହିଲୁ.. । ଗୁରିଆ ବାପା ଯେତେବେଳେ ଯାହା ଚାହୁଁଛନ୍ତି ତାଙ୍କ କଥା ବୁଝିବାକୁ ପଡୁଛି ।

ଗୁରିଆ ବୋଉଠୁ ଏତକ ଶୁଣି ନେତି ବୋଉ ବି ଝାଳେଇଗଲା । ଫୁନରେ କହିପକେଇଲା- ସକାଳୁ ସଞ୍ଜ ଯାଏ ଖାଲି କାମ ଆଉ କାମ । ଗୋଟିଏ ପିଲା କ୍ଷୀର ନ ଛାଡୁଣୁ ଆଉ ଗୋଟିଏ ପେଟରେ ଅଛି । ପୁରୁଣା କାଳିଆ ଶାଶୂଙ୍କର ବୋଲ ମାନି ମାନି ଦିନ ଯାଇ ରାତି ହେଉଛି । ଘଡ଼ିଏ ଶୋଇଲାବେଳକୁ ନେତି ବାପା ଉଠେଇଦେଉଛନ୍ତି । ଆଉ ନିଦ ଫିଦ କିଛି ହଉନି । ପାହାନ୍ତି ପହରେ ଆଖିରେ ନିଦ ମାଡ଼ିଲାବେଳକୁ ଗୁହାଳରେ ହମା ଡାକ ଶୁଭିଯାଉଛି । ଶାଶୂ ମା' ଙ୍କର ଖଡ଼ଖାଡ଼ ଶୁଣି ଆଉ କୋଉ ନିଦ ହେବ ଯେ..ଛାନିଆରେ ନିଦ ଭାଙ୍ଗିଯାଉଛି । ଝରକା ଖୋଲିଦେଲା ପରେ ଖରା ମାଡ଼ିଆସୁଛି । ହେଲେ ବି ଝରକା ପାଖଟା ଓଦା ଓଦା ଲାଗୁଛି । ରାତିରେ ମେଘ ହେଉଥିଲା । ହଉ ହଉ ଗୁରିଆ ବୋଉ ମୁଁ ଏବେ ଫୁନ୍ ରଖୁଛି । ବେଳ ପାଇଲେ ଖରା ମଉଳିଲେ ତୋ ଘରକୁ ଯିବି ।

ଗୁରିଆ ବୋଉ ଆଉ କିଛି କହିବ ବୋଲି ଭାବୁଥିଲା ଅଟକିଯାଇ ଫୁନ୍ ରଖିଦେଲା ।

ଘରଟା ଭିତରେ ଜାକିଜୁକି ବସିଲା ଗୁରିଆ ବୋଉ । ମନେପଡ଼ିଗଲା ତା ପିଲାଦିନର କଥା। ରୁମାଲ ଚୋରି, ବହୁଚୋରି, ଖପରା ଡିଆଁ ଖେଳ । ରାଧୁ ମଉସା ବାଡ଼ିରୁ ପିଜୁଳି ତୋଳିବା, ଗେହ୍ଲୀ ଆଈ ବାଡ଼ିରୁ ସଜନାଡାଳ ଭାଙ୍ଗିବା ଅବା ଟିକିନା ନାନୀ ଘରେ ଶୁଖୁଆ ଭଜା ଖାଇବା। ବେଶୀ ମନେପଡ଼ିଲା ଦାଣ୍ଡଘରେ ସଜେଇ ହୋଇ ଖୁଦୁରୁକୁଣି ପୂଜା କରିବା । ସେଇଥିପାଇଁ ଭୋଦୁଅ ମାସ ଆସିଲେ ଗୁରିଆ ବୋଉ ଚଳ ଚଞ୍ଚଳ ହେଇଯାଏ । କେତେବେଳେ ମୁଣ୍ଡରୁ ପଣତକାନି ଖସିଯାଏ ଜାଣିପାରେନି । ସେଇକଥା ଭାବି ଭାବି ଏକଲା ହେଇଯାଉଛି ଗୁରିଆ ବୋଉ । କି ବେଳରେ ଶାଶୂଘରକୁ ଆଇଲା ଯେ ପୁନିଅପରବ କଥା ଭୁଲିଗଲାଣି । ଖାଲି ଶାଶୂ ଶ୍ୱଶୁରଙ୍କ ସେବା କରିବା ଆଉ ସ୍ୱାମୀଙ୍କ କଥା ମାନିବା ହିଁ ସାର ହେଉଛି । ନା ବୁଲାବୁଲି ଅଛି ନା କାହା ଘରକୁ ଯାଇ ପଦେ ଅଧେ କଥା ହେଇପାରୁଛି । ସତେ ଯେମିତି ଝିଅ ଜନମ ଚୁଲୀ ମୁଣ୍ଡକୁ ।

ISSN NO.
2582-208X

ପିଲାଙ୍କୁ ଖୁଆଇ ପିଆଇ ଟିକେ ଗଡ଼ପଡ଼ ହେଲା ବିଛଣାରେ । ଆଖିକୁ ନିଦ ଆସୁଆସୁ ଝରକା କବାଟ ଖଡ଼ଖାଡ଼ ହେଲା । ଦେଖିଲା କଳାହାଣ୍ଡିଆ ମେଘଟା ସତେ ଅବା ବର୍ଷା ଗାଳିଦେବ । ଲୁଗାପଟା ବାହାରେ ଶୁଖୁଛି । ଆଉ ଶୋଇବ କଅଣ ତରବରରେ ଲୁଗାପଟା ତୋଳି ଆଣିଲା । ତାପରେ ଅସରାଏ ବର୍ଷା ହେଇଗଲା । ଏଇଟା ତ ଭାଦ୍ରବ ମାସର ମେଘ । ଅଧା ଶୁଖିଥିବା ଲୁଗାପଟାକୁ ଘରେ ଟଣା ହୋଇଥିବା ପ୍ଲାଷ୍ଟିକ ଦୌଡ଼ିରେ ଶୁଖାଇଦେଲା । ଶୋଇବ ନ ଶୋଇବ ଭାବିଲା । ନା ଶୋଇପାରିଲାନି । ପୁଣି କିଏ କବାଟରେ ଖଡ଼ଖାଡ଼ କଲା । ଖୋଲୁ ଖୋଲୁ ଦେଖିଲା ନେତି ବୋଉ । ଅତି ଖୁସିରେ ଘରକୁ ଡାକିଦେଲା । ଖଟରେ ବସେଇଦେଲା । ଟିକେ ଟିକେ ଭିଜିଥିବା ଦେହଟିକୁ ସଫା ଗାମୁଛାରେ ପୋଛିଦେଲା ।

ନେତିବୋଉକୁ ଭଲ ଲାଗିଲା । ପେଟରେ ଦି ମାସର ଛୁଆଟା ଅଛି । ଛାତି ଫୁଲିଲା ଫୁଲିଲା ଦିଶୁଛି । ଅନେଇ ରହିଲା ଗୁରିଆ ବୋଉ । ପାଖରେ ବସି ଢିଙ୍କିରୁ ଢେଙ୍କାନାଳ ଯାଇଁ ଗପ ଆରମ୍ଭ କରିଦେଲା । ଏତିକିବେଳେ ଗୁରିଆ ଉଠିପଡ଼ିଲା ଶେଯରୁ । କ୍ଷୀର ଖାଇବାକୁ ଭେଁ..ଭେଁ..ରଡ଼ି କଲା । ଗୁରିଆ ବୋଉ ଛାତିରୁ କ୍ଷୀର ଖୁଆଇଲାବେଳକୁ ନେତି ବୋଉ ଦେଖିଦେଲା । ମୁରୁକିମୁରୁକି ହସିଲା । ଇଛା ହେଇଥିଲା ହାତ ବଢାଇବାକୁ । ଅଟକିଗଲା ଆପେ ଆପେ । ଗୁରିଆ କ୍ଷୀର ପିଇ ଶୋଇପଡ଼ିଲା ।

ଦି' ଜଣଙ୍କର ଗପ ସପ ଭିତରେ ସଞ୍ଜ ହେଇଗଲା । ନେତିବୋଉ ପାଦ କାଢ଼ିଲା ଘରକୁ ଯିବାପାଇଁ । ଚଉରାମୂଳରେ ଦୀପ ଲଗେଇବ । ମୁଣ୍ଡିଆ ମାରିବ । କବାଟ ଖୋଲି ବାହାରିଲାବେଳକୁ ଗୁରିଆ ବୋଉ ନେତିବୋଉ ଗାଲରେ ଚୁମାଟେ ଦେଲା । କହିଲା – କାଲି ତୁ ଆସିବୁ ନେତି ବୋଉ ।

ହଁ କହିଲା ନେତିବୋଉ । ଧୀରେ ଧୀରେ ପାଦ ପକେଇ ଘରକୁ ଫେରିଲା । ଭାଦ୍ରବ ଆକାଶଟା ସଫା ଦିଶୁଥିଲା । ହମା ରଡ଼ି ଛାଡ଼ି ଗୋରୁପଲ ଗୁହାଳ ଆଡ଼େ ମୁହାଁଉଥିଲେ। ଗୁରିଆବୋଉକୁ ତା ଶାଶୂ କହିଲେ– ବୋହୂ ଚଉରାମୂଳରେ ସଞ୍ଜଦୀପ ଜାଳି ଦେ । ସଞ୍ଜ ଗଡ଼ିଯିବ ଯେ ।

ଶାଶୂଙ୍କ କଥା ଶୁଣି ଗୁରିଆ ବୋଉ ନିଜ କାମରେ ଲାଗିପଡ଼ିଲା ।

ପାତ୍ରପଡା, ଭୁବନେଶ୍ବର
୭୦୦୮୯ ୪୨୦୪୦

ISSN NO.
2582-208X

# ଏ ହୀନସ୍ତା ବଜାର



ଶମ୍ଭୁନାଥ ଦାସ

ନାହିଁ ତା'ର ହାତ-ଗୋଡ଼ ସେ ଚଳଚଞ୍ଚଳ
ପାହାଡ଼ ପରି ବିସ୍ତୃତ ଅଜଗର ବଳ
ଛାତି-ପିଠି ନାହିଁ କିନ୍ତୁ ଗୋଟେ ଖାଲି ପେଟ
ପୂରେ ନାହିଁ ସେହି ପେଟ
ଯେତେ ଦେଲେ ଭାତ
ସେହି ପେଟ ଖଣି ପାଇଁ ସର୍ବଦା ଜାଗ୍ରତ
ସେହି ମିତ୍ର ତା'ର -
ଯିଏ ତା'ର ସେ ଖଣିରେ ଭରଇ ଆହାର ।

କର୍ଣ୍ଣ ଚକ୍ଷୁ ବନ୍ଧୁ ସାଥେ ଲହଲହ ଜିହ୍ୱା
ମୂର୍ଗୀ ରାବ ଶୁଣି କର୍ଣ୍ଣ ବୋଲଇ ଚକ୍ଷୁକୁ
କଟାସ ରୂପେଣ ଜିହ୍ୱା ହୋଇ ଆବିର୍ଭାବ
ଶୋଷିନିଏ ମୂର୍ଗୀର ରକ୍ତକୁ
ଫିଙ୍ଗିଦିଏ ଅର୍ଦ୍ଧମୃତ ଦେହ ସେ ମୂର୍ଗୀର
ସେହି ରକ୍ତହୀନ ଦେହ ଦେଖି
ଡାମରା କୁଆସବୁ କରନ୍ତି ଚିତ୍କାର ।

ISSN NO.
2582-208X

ପଡ଼ଇ ଚହଳ ଦିଅଇ ଡାକରା କଚେରି
ଡେଣା ମେଲି ଶାଗୁଣାଟି ହସେ କିରିକିରି
କର୍ଣ୍ଣ କହେ ମୁଁ ବଧିର ଚକ୍ଷୁ କହେ ଅନ୍ଧ
ଶୁଣେନା' ଦେଖେନା' କିଛି ଦୁର୍ନୀତିର ଗନ୍ଧ
ଜାଣୁ ନାହିଁ ଦୁନିଆର କିଛି ଭଲମନ୍ଦ
ଆମେ ଖାଲି ପେଟର ଚାକର
ତଥାପି ଆମର ନୀତି ସମାଜ ସଂସ୍କାର ।

ନାହିଁ ତା'ର ନୀତି ପ୍ରୀତି କ୍ଷିପ୍ର ତା'ର ଗତି
ଆଇନର ବଳ ନାହିଁ ନାମ ତା' ଦୁର୍ନୀତି
ବହୁରୂପୀ ରାକ୍ଷସ ସେ ବୁଲେ ନିରନ୍ତର
ରକ୍ତ ମାଂସ କରେ ପାନ ପଲ୍ଲୀରୁ ସହର
ବୋଲଇ ବଚନ ମଧୁର
ତଥାପି ତା' ପାଇଁ ସଜେଇଛି ଫୁଲତୋଡ଼ା
ଏ ହୀନସ୍ତା ବଜାର !!

ମୁଖ୍ୟ ସମ୍ପାଦକ : ଅଭିଯାନ
ସମ୍ଭ୍ରାନ୍ତ ଓଡ଼ିଆ ସାହିତ୍ୟ ପତ୍ରିକା,କୋଲକାତା
ସା/କଣ୍ଟିବାଙ୍କ (ପାଲଟପୁର), ମଙ୍ଗଳପୁର, ଯାଜପୁର-୭୫୫୦୧୧
ମୋବାଇଲ ନଂ: ୯୦୩୮୩୯୭୧୩୫

ISSN NO.
2582-208X

# ଆସ ନେବା ଶପଥ



ଦୀନବନ୍ଧୁ ପୋଇ

ସ୍ୱାଧୀନ ହେଲାଣି ମୋ ଭାରତ ଦେଶ
ଅଠସ୍ତୋରୀ ବର୍ଷ ଆଗରୁ
ପ୍ରତିବର୍ଷ ସିଏ ପାଳନ କରୁଛି
ସ୍ୱାଧିନତା ହେବା ପରରୁ ।
ଉଡାଉଛି ତାର ଜାତୀୟ କେତନ
ତାର ସରହଦ ଭିତରେ
ଗାଉଛି ସୈନିକ ଜାତୀୟ ସଙ୍ଗୀତ
ତାଳମାନ ଦେଇ ସ୍ୱରରେ ।
ତିନିରଙ୍ଗିଆ ଏ ଜାତୀୟ ପତାକା
ତିନୋଟି ବାରତା ଦିଏରେ
ସତ୍ୟ ଶାନ୍ତି ଦୟା ବୀରତ୍ୱ ପ୍ରତୀକ
ଏଗୁଣକୁ କୁହେ ସିଏରେ ।
ଦିଲ୍ଲୀ ଦରବାର ପ୍ରକମ୍ପିତ ହୁଏ
ଆଜି ଏଉତ୍ସବ ଦିନରେ
ତିନି ବାହିନୀର ଅସୀମ ଶକ୍ତିରେ
ଥର ହର ହୁଏ ଧରାରେ ।

ଯୁଦ୍ଧ କଉଶଳ ଅତି ଉଚ୍ଚସ୍ତର
ରାଫେଲ ରାଡେଲ ଅଛିରେ
ଦେଖିଲେ ଅରାତି ମନେ ଆଣେ ଭିତି
ଲୁଚି ଛପି ସିଏ ରହେରେ ।
ସାରା ବିଶ୍ୱ ଆଜି ଶାନ୍ତି ରହିବାକୁ
ଆସ ହେ ନେବା ଶପଥରେ
ବିଶ୍ୱ ଦେଖ ମଧୁମୟରେ ମାନବ
ଭାରତବାସୀଙ୍କ ଚିନ୍ତାରେ ।

ଗୋରଡା ପାଳ
କରମୂଳ, ଢେଙ୍କାନାଳ,
ଦୂରଭାଷ - ୯୯୩୮୮୦୨୪୧୨

ISSN NO.
2582-208X

# ଜୀବନ ଜୀଇଁବାର ସଫଳ ନିଦର୍ଶନ : ' ଝିଅ ପାଇଁ ଝର୍କା ' ଏକ ଶ୍ରେଷ୍ଠ ପ୍ରୋତ୍ସାହନ

ମମତା ରାଣୀ ବାରିକ୍

## ଉପକ୍ରମ :

ଅସରନ୍ତି ବିସ୍ମୟର ସମାହାର ହେଉଛି ଜଗତ। ତନ୍ମଧ୍ୟରେ ଏକ ବିଚିତ୍ର ଅନ୍ୱେଷା ତଥା ନିରନ୍ତର ଉଦ୍ୟମର ପଥ ହେଉଛି ଜୀବନ। ବ୍ୟକ୍ତିଭେଦରେ ଏହା ପ୍ରତି ଥିବା ଦୃଷ୍ଟିକୋଣ, ଗନ୍ତବ୍ୟ, ଜୀଇଁବାର ଧାରା ତଥା ଉତ୍ସାହ ହେଉଛି ଭିନ୍ନ। ତେଣୁ ଜୀବନକୁ ନେଇ ପ୍ରତି ବ୍ୟକ୍ତିର ମନ୍ତବ୍ୟରେ ପାର୍ଥକ୍ୟ ଦୃଶ୍ୟମାନ ହୁଏ। ହେଲେ ସମସ୍ତେ ଜୀଇଁବାକୁ ନିରନ୍ତର ପ୍ରୟାସ କରିଚାଲନ୍ତି। ଏହି ପ୍ରୟାସକୁ ଅଧିକ ସରଳ ତଥା ବୋଧଗମ୍ୟ କରିବାପାଇଁ ବହୁ ବଳିଷ୍ଠ ବ୍ୟକ୍ତିଙ୍କ ଉତ୍ସାହ ମଧ୍ୟ ବେଳେବେଳେ ହୋଇଥାଏ ଯଥେଷ୍ଟ ସହାୟ। ସେହି ବଳିଷ୍ଠ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଏକ ସାହିତ୍ୟିକର ପ୍ରେରଣା ଅନ୍ୟତମ ଶ୍ରେଷ୍ଠ ପ୍ରେରଣା ହୋଇଥାଏ। ସେହିପରି ଜଣେ ଜୀବନବାଦୀ ସାହିତ୍ୟ ସାଧିକା ହେଉଛନ୍ତି ସୈରିନ୍ଦ୍ରୀ ସାହୁ।

ସାମ୍ପ୍ରତିକ ସମୟଖଣ୍ଡରେ ନିଜ ଲେଖନୀର ଗାମ୍ଭୀର୍ଯ୍ୟତା ତଥା ସ୍ୱତନ୍ତ୍ରତା ପ୍ରକାଶ କରିବାରେ ସଫଳ ହୋଇଥିବା ଜଣେ ଉଚ୍ଚକୋଟୀର ଲେଖିକା ହେଉଛନ୍ତି ଶ୍ରୀମତୀ ସାହୁ। ସେ ଏକାଧାରାରେ ଜଣେ ସଫଳ ଶିଶୁ ସାହିତ୍ୟିକ, ସମ୍ପାଦକ, ଗାଳ୍ପିକ, କବି ଓ ସ୍ତମ୍ଭ ଲେଖକ। 'ସଖା ', 'ଫେରିଆସିବି', 'ପ୍ରିୟତମେଷୁ', 'ଅନ୍ୱେଷା', ପରି କବିତା ପୁସ୍ତକ ଏବଂ 'କଥା କାହାଣୀ', 'କଥା ଉପକଥା', 'ବାପା, ଅଦୃଷ୍ଟ ଓ ଦିଟୋପା ଲୁହ', 'ଜୀବନ ଯେମିତି' ଆଦି ଗଳ୍ପ ପୁସ୍ତକ ରଚନା ସହ ସାହିତ୍ୟ ଜଗତରେ ସେ ଗଢିତୋଳିଛନ୍ତି ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ। 'ଝିଅପାଇଁ ଝର୍କା ' ୧୧ ଅପ୍ରେଲ ୨୦୧୭ରେ ପ୍ରକାଶିତ ତାଙ୍କର ଅନ୍ୟତମ କବିତା ପୁସ୍ତକ। ଗୋଟେ ମା'ର ଅନୁଭବ, ଅନୁଭୂତି ଓ ଜୀବନର ଦୃଷ୍ଟିକୋଣକୁ ଆଧାର କରି ରଚିତ ଆଲୋଚ୍ୟ ପୁସ୍ତକଟି। ଝିଅପାଇଁ ଜୀବନର ସ୍ୱରୂପକୁ ବୁଝାଇବା ମଧ୍ୟରେ ସମଗ୍ର ଜୀବନର ଗତିକୁ ସହଜସାଧ୍ୟ କରିବାରେ ସମୂହ ମାନବ ଜାତିପାଇଁ ଏଠାରେ ସୂକ୍ଷ୍ମ

ISSN NO.
2582-208X

ସନ୍ଦେଶ ରହିଛି ବିଦ୍ୟମାନ। ସେଥିପାଇଁ ବୋଧହୁଏ କୁହାଯାଏ ପ୍ରତି ସାହିତ୍ୟିକ ସର୍ବଦା ସଂକୀର୍ଣ୍ଣତାରୁ ଊର୍ଦ୍ଧତର ହୋଇଥାନ୍ତି।

## ବିଷୟାନୁସାରୀ ବିଶ୍ଳେଷଣ :

ଆଲୋଚ୍ୟ ପୁସ୍ତକ 'ଝିଅପାଇଁ ଝର୍କା ' ସମୁଦାୟ ୩୪ ଗୋଟି କବିତାର ସମାହାର। ଜୀବନ ଏବଂ ତାକୁ ଦେଖିବାର ସରଳ ଦୃଷ୍ଟିଭଙ୍ଗୀ ତଥା ସୂକ୍ଷ୍ମ ଜୀବନବାଦୀ ବାର୍ତ୍ତା ନିହିତ ରହିଛି ଏହାର ପ୍ରତି କବିତା ମଧ୍ୟରେ। ଜୀବନକୁ ସାମ୍ନା କରିବାକୁ ହେଲେ ପ୍ରଥମେ ଭୟ ଓ ଦୁଃଖରୁ ଊର୍ଦ୍ଧ୍ୱକୁ ଯିବାକୁ ହୁଏ। ଆଦରିନେବାକୁ ହୁଏ ଜଗତର ସମସ୍ତ ସୁଖକୁ। ହେଲେ ଏ ଜଗତର ରୂପରେଖ ଆଜି ପରିବର୍ତ୍ତନ ହୋଇଛି। ଏଠି ଭରିରହିଛି ଅନେକ ଅବ୍ୟବସ୍ଥା।। ଏସବୁ ମଧ୍ୟ ଏବେ ମନୁଷ୍ୟ ଇଚ୍ଛାର ସୀମାରୁ ବହିର୍ଭୂତ ଯାହାକୁ ଯେତେ ସଜାଡ଼ିଲେ ମଧ୍ୟ ତାହା ଅସଜଡ଼ା ହୋଇଯାଏ ବାରମ୍ବାର। ଏହାକୁ କେବଳ ନିଜ ଅନ୍ତଃଦୃଷ୍ଟି ଦ୍ୱାରା ହିଁ ଅତିକ୍ରମ କରାଯାଇପାରେ। ତେଣୁ ସେ କହନ୍ତି,

"ବାହାରେ ନୁହେଁ
ଭିତରେ ହିଁ ଖୁସିର ସମୁଦ୍ର
ବଡ ନୁହେଁ, ଛୋଟ ଛୋଟ ଭାବରେ ହିଁ
ବାନ୍ଧିଲେ ଖୁସିକୁ....
ଦେଖିବୁ ଲୁହ ନୁହେଁ
କେବଳ ଆନନ୍ଦାଶ୍ରୁ ଖସିବ ଆଖିରୁ। "(୧)

ଜୀବନ ମନୁଷ୍ୟର ଯୋଜନାବଦ୍ଧ ସୀମା ମଧ୍ୟରେ ଆବଦ୍ଧ ନୁହେଁ। କିନ୍ତୁ ଯାହା ଘଟିଯାଏ ତାହାର ପଶ୍ଚାତରେ ମଧ୍ୟ ବହୁ ଅଦୃଶ୍ୟ ଓ ଅସହଜ ଯୋଜନା ନିହିତ ଥାଏ। ହୁଏତ ଏହାହିଁ ଜୀବନ ଜୀଇଁବାକୁ ପ୍ରେରଣା ଯୋଗାଇଥାଏ ପ୍ରତିଥର। ତେଣୁ,

"ଏମିତିବି ହୋଇପାରେ
ଗୋଟେ ପରେ ଆଉ ଗୋଟେ ପ୍ରାପ୍ତି ପାଇଁ
ତୋର ତିଆରି ହେଉଥିବ ଉତ୍କଣ୍ଠା। "(୨)

ISSN NO.
2582-208X

କିନ୍ତୁ ଏହାକୁ ସେତେବେଳେ ହୃଦୟଙ୍ଗମ କରାଯାଇପାରିବ ଯେତେବେଳେ ଅସ୍ତିତ୍ୱ ଥିବ ସୂକ୍ଷ୍ମ ପୁଣି ବିଶାଳ, ନରମ ପୁଣି ବିପୁଳ ସାମର୍ଥ୍ୟ ଯୁକ୍ତ, କୋମଳ ପୁଣି ନିରହଂକାରୀ। ନିଜକୁ ନିଜ ଭିତରେ ହିଁ ଖୋଜିନେବାକୁ ହେବ। ଦୁଃଖ, ଦୈନ୍ୟ ଓ ଅନ୍ଧାରକୁ ଅତିକ୍ରମ କରି ସୀମା ସେକଡର ଆଲୋକ, ଆଶୀର୍ବାଦ ତଥା ବିଶ୍ୱାସର ଜଗତରେ ପାଦ ଥାପିବାକୁ ହେବ। ନିଜକୁ ନିଜର ଆନନ୍ଦ ସାଉଁଟିବାକୁ ହେବ। ପ୍ରକୃତିର ପ୍ରତିଟି ସତ୍ତା ସହ ନିଜକୁ ଯୋଡିବାକୁ ପ୍ରୟାସ କରିବାକୁ ପଡିବ। ତେବେ ହିଁ ଯନ୍ତ୍ରମୟ ଜୀବନ ହୋଇଉଠିବ ଗରିମାମୟ। ଭଙ୍ଗା ଗଢ଼ା, ଆରମ୍ଭ ଶେଷ, ଜୀବନ ମୃତ୍ୟୁ, କାମନା ନିର୍ବାଣର ଭୟକୁ ଦୂରକୁ ଫିଙ୍ଗିଲେ ହିଁ ଆଗାମୀ ରାସ୍ତା ହୋଇଉଠିବ ପୁଷ୍ପମୟ, ରଙ୍ଗମୟ ତଥା ବାସମୟ। କାରଣ ଏଗୁଡିକ ଜୀବନ ସହ ଜଡିତ ରହିଥାଏ ସ୍ୱତଃସ୍ଫୂର୍ତ୍ତ ଭାବରେ।

"ଗଢିବା ସାଙ୍ଗରେ ତ ଲେଖାଥାଏ
ଭାଙ୍ଗିବାର ଜାତକ
ଆରମ୍ଭ ସାଙ୍ଗରେ ଶେଷବିନ୍ଦୁ
ଜୀବନ ସାଙ୍ଗରେ ଯବନିକା
କାମନା ସାଙ୍ଗରେ ନିର୍ବାଣ ବି ଅନିବାର୍ଯ୍ୟ। "(୩)

ଭୟକୁ ପଛରେ ଛାଡି ଜୀବନର ସଂଘର୍ଷକୁ ସାମ୍ନାକରି ନିଜର ଉଡାଣକୁ ଅବିଶ୍ରାନ୍ତ ଭାବରେ ଜାରିରଖିବାକୁ ପଡିବ। ତେବେ ଯାଇ ଏ ଯାତ୍ରା ହେବ ସଫଳ। ସେତେବେଳେ ଫଟାମାଟିରୁ ପତ୍ର କଅଁଳିବ ଏବଂ ପାଉଁଶ ଗଦାରୁ ଗଢିଉଠିବ ନୂତନ ସଭ୍ୟତା। କିଛି ନୂତନତା ପାଇଁ ଅନେକକୁ ପଛରେ ଛାଡିବାକୁ ହେବ। ତେବେ ସ୍ୱପ୍ନର ଧାରା ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇ ପାରିବ ପୁରୁଣା ସ୍ଥାନରେ ନୂତନତାକୁ ନେଇ।

"ଧରି ବସିଲେ କଥାମାନଙ୍କୁ
କଥାମାନେ ବିସ୍ତରନ୍ତି ପକ୍ଷ ;
ସେଇଠି ସେମାନଙ୍କୁ ଛାଡ଼ିଦେ ତତକ୍ଷଣାତ
ଦେଖିବୁ ସ୍ୱପ୍ନ ପହଂଚିଯିବ
ଲୁହର ସମୁଦ୍ର ଡେଇଁ

ISSN NO.
2582-208X

ଯୋଉଠି ଠିଆ ହୋଇଛି
ତୋ ଇପ୍ସିତ ଲକ୍ଷ୍ୟ। "(୪)

ସାମ୍ପ୍ରତିକ ବିଷାକ୍ତ ପରିବେଶରେ ସଂଚିତ ସକାଳକୁ ଦେଖିବାକୁ ହେଲେ ବିବଶତାକୁ ଭାଙ୍ଗିବାକୁ ପଡେ। ହେଲେ ଏହି ବିବଶ, ହତାଶ ଆଦି ପାଇଁ ଜୀବନ ମହତ୍ୱପୂର୍ଣ୍ଣ ଲାଗିଥାଏ। ବାରମ୍ବାର ହାରିବାକୁ ବରଣ କଲେ ହିଁ ବିଜୟ ତିଳକ ମଥାରେ ଲାଗିବାକୁ ଆସେ ସମସ୍ତ ସୀମା ସରହଦ ଅତିକ୍ରମ କରି।

"ବାରମ୍ବାର ହାରିବାକୁ ହୁଏ
ପିନ୍ଧିବାକୁ ମାତ୍ର ଥରଟିଏ
ବିଜୟ ତିଳକ । "(୫)

ଇର୍ଷା, ଅସୂୟା, ଅହଂକାର, ଅସହଣିପଣ, ଅବୁଝାମଣା ହିଁ ଜୀବନକୁ ବାନ୍ଧିଦିଏ ଏକୁଟିଆ ପଣର ଅନ୍ଧାରରେ। ତେଣୁ ଏହାକୁ ଅତିକ୍ରମ ପାଇଁ ଜୀବନର ପୃଷ୍ଠାକୁ ଓଲଟାଇବାକୁ ପଡିବ। ତେବେ ଜୀବନରେ ଚହଟିବ ବାସ୍ନା। କିନ୍ତୁ ପ୍ରତି ପୃଷ୍ଠାରେ ସାମ୍ନା କରିବାକୁପଡିବ ଅନେକ ନିଭୃତ, ଦୁର୍ଗମ ପଥ। ପ୍ରତି ମୁହୂର୍ତ୍ତରେ ମୁଣ୍ଡ ଉପରେ ସତେ ଯେପରି ଝୁଲୁଥିବ ଏକ ତୀକ୍ଷ୍ଣ ତରବାରୀ। ସବୁଠି ଶୁଭିବ କେବଳ ଅତୃପ୍ତିର ଆକୁଳ ଚିତ୍କାର। ସେହି ବିଶାଳ ଅତୃପ୍ତିର ଜଗତରେ କେବଳ ବାସ୍ତବ ତୃପ୍ତି ମିଳେ ଐଶ୍ୱରିକ ସତ୍ତା ମଧ୍ୟରେ। ସେହି ଅଦୃଶ୍ୟ ସତ୍ତାଙ୍କ ସ୍ଥିତି କିନ୍ତୁ ସୁଦୂରପ୍ରସାରୀ । ନିଶ୍ୱାସରୁ ବିଶ୍ୱାସ, ଭୂମିରୁ ଭୂମା, ମଣିଷରୁ ଚରାଚର ତଥା ନିଜର ଅନ୍ତଃସତ୍ତା ମଧ୍ୟରେ ତାଙ୍କୁ ହୃଦୟଙ୍ଗମ କରାଯାଇପାରେ। ଫଳରେ ମଣିଷର ସମଗ୍ର ଜୀବନ ମହାତୃପ୍ତିରେ ବଳିଷ୍ଠ ହେବାକୁ ଆରମ୍ଭ କରେ।

ଜୀବନ ସମସ୍ତଙ୍କପାଇଁ ଭିନ୍ନ। ହେଲେ ସଭିଏଁ ବଞ୍ଚିବାପାଇଁ ତତ୍ପର। ସମସ୍ତେ ସର୍ବଦା ପ୍ରୟାସରତ ନୂତନ ରାସ୍ତାକୁ ଖୋଜିବାରେ ଏବଂ ଚାଲିବାରେ। ଏହି ଖୋଜିବା, ଚାଲିବା ଅଥବା ଜୀଇଁବା କାହା ସଦୟାରେ ସମ୍ଭବ ହୁଏନା। ବାସ୍ତବରେ ଯାହା ଘଟିବାର ଥାଏ, ତାହା ଘଟିଥାଏ ନିଶ୍ଚିତ। ହେଲେ ଏଥିପାଇଁ କେବଳ ଶ୍ରଦ୍ଧା ଏବଂ ସମର୍ପଣ ରହିବା ଜରୁରୀ। ଏହି ଶ୍ରଦ୍ଧା ଓ ସମର୍ପଣ କେବଳ ସେହି ଦିବ୍ୟସତ୍ତାଙ୍କ ନିମିତ୍ତ ସମର୍ପିତ। ସେ ଜୀବନର ଯାତ୍ରା କୁ ବାଟ କଢ଼ାଇ ନିଅନ୍ତି। ବାଟରେ ଅନେକ କିଛି

ISSN NO.
2582-208X

ହଜିଯାଏ, କିଛି ଲୁଚିଯାଏ, କିଛି ଲିଭିଯାଏ, କିନ୍ତୁ ଯାତ୍ରା ଥାଏ ଅବିରତ ଓ ଅବିଶ୍ରାନ୍ତ। ଏହି ଅବିରତ ଯାତ୍ରା ଅନେକ କଣ୍ଟା ଓ ଫୁଲ ପଥଦେଇ ଦିଗବଳୟର ସେପାରିକୁ ନେଇଯିବାରେ ହୁଏ ସହାୟ। କିନ୍ତୁ ଏହି ଯାତ୍ରାରେ ନିଜକୁ ଜଗିବାକୁ ପଡେ। ନିଜର ମହକ ଓ ମହତ୍ୱକୁ ଜାବୁଡି ଧରି ବଢିବାକୁ ହୁଏ। ଏହାପୁଣି ପ୍ରତିଫଳିତ ହୋଇ ଫେରିଆସେ ନିଜ ଆଡକୁ। ସେହି ମହକ ଓ ମହତ୍ୱ ଜୀବନକୁ ପବିତ୍ର କରାଇ ଆନନ୍ଦରୁ ଶାନ୍ତି ଅଭିମୁଖେ ଘେନିଯାଏ।

ସମୟର ସ୍ରୋତରେ ସବୁକିଛି ବିସ୍ମରଣ ହୋଇଯାଏ। ସବୁକିଛି ଧୋଇଦିଏ ସମୟର ଜୁଆର। କିଛି ସ୍ଥାୟୀ ହୋଇ ରହେନା। ହେଲେ ସମୟର ସମୁଦ୍ରଟା ନିଜ ପାଖରେ କିଛି ସାଇତି ରଖେନା। ଏହା ସର୍ବଦା ଜଗତର ଅସ୍ଥାୟୀ ସ୍ଥିତିକୁ ଦୋହରାଇ ଭଙ୍ଗାଗଢ଼ା ଏବଂ ଦବାନବାର ପନ୍ଥାକୁ ସ୍ମରଣ କରାଇଦିଏ। କିନ୍ତୁ ଏହି ଭଙ୍ଗାଗଢ଼ା ଓ ଦବାନବାର ଅସ୍ଥାୟୀ ଯାତ୍ରା ମଧ୍ୟରେ ନିଜ ଭିତରେ ଅନେକ ସ୍ଥାନ ଗଢିବାକୁ ହୁଏ ଅନ୍ୟମାନଙ୍କ ପାଇଁ। ପ୍ରଜାପତି ପରି ଖୁସିର ରଙ୍ଗ ବାଣ୍ଟିବାଣ୍ଟି ନିଜର ସ୍ୱପ୍ନକୁ ଖୋଜିବାକୁ ପଡିଥାଏ ନିରନ୍ତର। ଏହି ଉଡାଣ ହସ କାନ୍ଦ, ଲୁହ କୋହ, ଦୁଃଖସୁଖର ସୀମାରୁ ମୁକ୍ତ କରି ଭାବରୁ ମହାଭାବ ଆଡକୁ ପଥ ଦେଖାଇଥାଏ।

ଏ ଜଗତ ମଧୁମୟ। ଜଗତର ପ୍ରତିଟି ଉପାଦାନରେ ଭରିରହିଛି ଦିବ୍ୟତା। ହେଲେ ସେହି ଦିବ୍ୟତା ମଧ୍ୟରେ ଖୋଜିବାକୁ ପଡିବ ନିଜକୁ ଓ ଅନୁଭବ କରିବାକୁ ହେବ ନିଜ ମଧ୍ୟରେ ସମଗ୍ର ମଧୁମୟ ବିଶ୍ୱକୁ। ଏହି ଦିବ୍ୟ ଅନୁଭବହିଁ ଜୀବନକୁ ସଂକୀର୍ଣ୍ଣତାରୁ ମୁକ୍ତ କରିବ ଏବଂ ହୃଦୟରେ ଭରିଦେବ ପବିତ୍ର ଦିବ୍ୟ ଓଁକାର ଧ୍ୱନି। ଏହି ପବିତ୍ର ଧ୍ୱନି ପରିବର୍ତ୍ତିତ ବିଷାକ୍ତ ବିଶ୍ୱରେ ଜୀବନ ସଂଗୀତ ଗାଇବାକୁ ଚେତାଇ ଚାଲିଥିବ ପ୍ରତି ଘଡ଼ିରେ।

ଜୀବନର ସମସ୍ତ ଆହ୍ୱାନକୁ କେବଳ ମୁଣ୍ଡନଇଁ ସହିବାର ଆବଶ୍ୟକତା ନାହିଁ। ନହେଲେ ଏହା ଧୀରେଧୀରେ ଚାପଗ୍ରସ୍ତ କରି ଜୀବନକୁ କରିଦେବ ନିମ୍ନମୁଖୀ। ତେଣୁ ହୃଦୟରେ ଥିବା ବହ୍ନିକୁ କେବେ ନିର୍ବାପିତ ହେବାକୁ ଦେବା ଉଚିତ ନୁହଁ। ହେଲେ ସେହି ଅଗ୍ନି ଯେପରି ସଂଚରିତ ନହୁଏ ତାହାହିଁ ସଚେତନତାର ପ୍ରସଙ୍ଗ। ସେହି ଅଗ୍ନି ସର୍ବଦା ଲକ୍ଷ୍ମଣ ରେଖା ମଧ୍ୟରେ ସୀମିତ ହୋଇ ରହିବା ପ୍ରୟୋଜନ। ଫଳରେ ତାହା ଆଲୋକ ଶିଖା ପରି ପଥ ପ୍ରଦର୍ଶନ କରିଚାଲିବ। ଏହି ଭଙ୍ଗାଗଢ଼ା

ISSN NO.
2582-208X

ଜୀବନରେ ଅନେକ ଆସିବ ଓ ଅନେକ ଯିବ। ଅସୁମାରୀ ଯାତନା, ପ୍ରାର୍ଥନା ଓ ତପସ୍ୟାକୁ ସ୍ୱାଗତ କରିବାକୁ ପଡିବ। ଏହାକୁ ହିଁ ଢ଼ୋକିବାକୁ ପଡିବ ଜୀଇଁବାର ମୂଲ୍ୟ ଦେବାପାଇଁ। ଅନେକ ଉତ୍ଥାନ ପତନ, ଗୁଡ଼ାଏ କଟା ଆଉ ଯୋଡ଼ା ମଧ୍ୟରେ ସମ୍ପର୍କକୁ ସାଉଁଟିବାକୁ ପଡିବ ସମର୍ପଣର ସହିତ।

ବଡ ବିଚିତ୍ର ଏଇ ମଣିଷ ଠିକ ଜୀବନ ପରି। କିଛି ନାହିଁ ମଧ୍ୟରେ ଭରିରହିଥାଏ ସବୁକିଛି। ତେଣୁ କିଛି ଲୋଡ଼ାନାହିଁ ମଧ୍ୟରେ ସବୁକିଛିକୁ ଜାବୁଡି ଧରିଥାଏ ନିଜ ଅଲକ୍ଷ୍ୟରେ। ହେଲେ କେତେ ହରାଏ ଓ କେତେ ପାଏ ତାର ହିସାବ ରଖେନା। ନେବାପାଇଁ ବଢୁଥିବା ହାତ ଦେବାପାଇଁ ପାଏ କଷ୍ଟ। ଏଥିରୁ ମୁକ୍ତି ଦିଏ କେବଳ ମଣିଷ ପଣିଆ । ଏହାହିଁ ଜୀବନକୁ ଦବାନବାର ନିଗୂଢ଼ ବନ୍ଧନରୁ ମୁକ୍ତ କରି ରଙ୍ଗମୟ କରିଦିଏ ମନକୁ । ସୂଚାଇଦିଏ,

"ଦେଇଦେଲେ ସରେନାହିଁ
କି ନେଇଗଲେ ଭରେନାହିଁ
ଟ୍ରଙ୍କ, ସିନ୍ଦୁକ କି ଅମାର
ଭାବଟା ହିଁ ବଡ଼କଥା। "(୬)

ସମୟ ଓ ଜୀବନ ଦୁହେଁ କ୍ଷଣସ୍ଥାୟୀ। ତେଣୁ ଏଠି ସବୁ ଆସେ ପୁଣି ଚାଲିଯାଏ। ତେଣୁ ନିଜକୁ ଶୁଭ ଅଶୁଭ, ମୁହୂର୍ତ୍ତ, ଲଗ୍ନ ଆଦିରୁ ମୁକ୍ତ କରିବା ଠିକ ପବନପରି। ଏହା କେବଳ ମନର ଏକ ଚିନ୍ତନ। ତେଣୁ ସବୁକିଛି ମଧ୍ୟରେ ଆମେ ଦେଖୁଥିବା ଶୁଭ, ମଧୁମୟ ମୁହୂର୍ତ୍ତ ସବୁକୁ। ତାହାହିଁ ଜୀବନର ଅସରନ୍ତି ପଣକୁ ସାମ୍ନା କରିବାକୁ ଯୋଗାଇବ ସାହସ ଏବଂ ବିନା ପ୍ରାପ୍ତି ଓ ପ୍ରତ୍ୟାଶାରେ ମଧ୍ୟ ଶୁଭୁଥିବ ଜୀବନ ନଈର କୁଳୁକୁଳୁ ମଧୁର ମୂର୍ଚ୍ଛନା।

ଜୀବନକୁ ଆହୁରି ସରଳ କରିବାକୁ ହେଲେ ଲଗାମ ଦେବାକୁ ହୁଏ ମନକୁ। ନିଜପାଇଁ ନିଜେ ବଳୟର ପରିଧି ଗଢିବାକୁ ହୁଏ। ନିଜପାଇଁ ତିଆରି କରାଯାଏ ଲକ୍ଷ୍ମଣ ରେଖା। ନିଜପାଇଁ ନିଜେ ଭରସା, ବିଶ୍ୱାସ ଓ ଦୃଢତାର ପ୍ରତୀକ ସାଜିବାକୁ ପଡେ। ଆପଣା ଓ ପର ମଧ୍ୟରେ ଏକ ସମ୍ପର୍କର ସେତୁହୋଇ ବଢିବାକୁ ପଡିବ ଭୂମିରୁ ଭୂମା ଆଡକୁ। ଭୟରୁ ମୁକ୍ତ ହୋଇ, ଅନେକକୁ ଏକତାର ବନ୍ଧନରେ ବାନ୍ଧି

ISSN NO.
2582-208X

ତଲ୍ଲୀନ ବାଟୋଇ ପରି ବଢ଼ିବାକୁ ପଡିବ ଆଗକୁ ଆଗକୁ। ଶତ୍ରୁ - ମିତ୍ର ଅବା ମୋର - ତୋର ର ନିଗୂଢ଼ ବନ୍ଧନରୁ ମୁକ୍ତ ହୋଇ ଅମୃତମୟ ସ୍ରୋତରେ ଆଲୋକର ବିପୁଳ ଦିଗନ୍ତ ଆଡକୁ ଗତି କରିବାକୁ ପଡିବ। ତେବେ ଯାଇ ଜୀବନରେ ଆସିବ ମହମହ ଅଗରୁ ଚନ୍ଦନର ମହକ।

## ଉପସଂହାର :

ବାସ୍ତବରେ ଜୀବନ ବଡ଼ ବିଚିତ୍ର ଓ ଜଟିଳ। ହେଲେ ଏହାକୁ ଜୀଇଁବାପାଇଁ ଅଛି ଅନେକ ସରଳ ଓ ସୁବୋଧ୍ୟ ପନ୍ଥା। ଦିବ୍ୟସତ୍ତାଙ୍କ ନିକଟରେ ଶ୍ରଦ୍ଧା ଓ ସମର୍ପଣର ସହ ଅନେକକୁ ବିସ୍ମରଣ କରି ଓ ଅନେକକୁ ସାଥିରେ ଧରି ସାମ୍ନା କରିବାକୁ ପଡିବ ଜୀବନକୁ। ଭୟ - ବନ୍ଧନ, ଦୁଃଖ - ସୁଖ, ଲୁହ - କୋହ ର ସୀମାରୁ ମୁକ୍ତ ହୋଇ ମଧୁମୟ ଦିଗନ୍ତ ଅନ୍ୱେଷଣ ଅଭିମୁଖେ ଯିବାକୁ ପଡିବ ମଣିଷକୁ। ଜୀବନ ମନୁଷ୍ୟର ଯୋଜନା ଠାରୁ ଉର୍ଦ୍ଧ୍ୱରେ। ମନୁଷ୍ୟକୁ ଏହା ହତୋତ୍ସାହିତ କରେ, ପୁଣି ଯୋଗାଏ ପ୍ରେରଣା। ହତାଶ ଓ ବିବଶ କରିପକାଏ ଓ ପୁଣି ନେଇଯାଏ ବିଜୟର ଇଲାକାକୁ। ଏ ସବୁରି ମୂଳରେ ପୁଣି ନିହିତ ଥାଏ ଅନ୍ତଃସତ୍ତାର ଚିନ୍ତନ। ତେଣୁ ସକାରାତ୍ମକତାରେ ଅନ୍ତ ର୍ମନକୁ ଭରି ପ୍ରାର୍ଥନା, ତପସ୍ୟା, ମୂଲ୍ୟବୋଧ ଓ ସ୍ୱାଭିମାନ ରୂପୀ ମହକ ସହ ଆଗକୁ ବଢ଼ିବାକୁ ହେବ ଏବଂ ଜୀବନର ସଂଘର୍ଷକୁ ସାମ୍ନା କରିବାକୁ ହେବ। ବାସ୍ତବିକ 'ଝିଅପାଇଁ ଝର୍କା' କବିତା ପୁସ୍ତକଟି ଜୀବନକୁ ଜୀଇଁବାର ଅନେକ ସୂକ୍ଷ୍ମ ଜୀବନବାଦୀ ଦୃଷ୍ଟିଭଙ୍ଗୀକୁ ଦେଖାଇ ଏକ ଚିରନ୍ତନ ମୂଲ୍ୟବୋଧଧର୍ମୀ ପୁସ୍ତକର ପରିଚୟ ସୃଷ୍ଟି କରିବାରେ ହୋଇଛି ସଫଳ। ଏହା ପ୍ରକୃତରେ ଜୀବନକୁ ସକାରାତ୍ମକ ପନ୍ଥା ଦେଖାଇବାରେ ଏକ ଅନନ୍ୟ ଭୂମିକା ଗ୍ରହଣ କରିଛି ଏବଂ ଜୀବନକୁ ଏକ ନୂତନ ଦିଗବଳୟର ସନ୍ଧାନ ଦେଇପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

. . . . .

## ସଂକେତ ସୂଚୀ :

୧. ସାହୁ ସୈରିନ୍ଦ୍ରୀ , ଝିଅ ପାଇଁ ଝର୍କା, ସାଗରିକ ପ୍ରକାଶନୀ, ଜେଲରୋଡ଼, ବାଲେଶ୍ୱର, ପ୍ରଥମ ପ୍ରକାଶ -୧୧ ଅପ୍ରେଲ ୨୦୧୭, ପୃ -୮।

ISSN NO.
2582-208X

୨.ତତ୍ରୈବ-୯ ।

୩.ତତ୍ରୈବ-୧୬ ।

୪.ତତ୍ରୈବ-୨୦ ।

୫.ତତ୍ରୈବ- ୨୨ ।

୬. ତତ୍ରୈବ- ୫୧ ।

. . . . . .

ଗବେଷିକା, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର

ISSN NO.
2582-208X

# ପଥିକ



ପ୍ରିୟଦର୍ଶିନୀ ପଲେଇ

ସବୁ ଲୁହ ଆଖିର ବନ୍ଧ ଡେଇଁ ବହିଯାଇପରେନା।
ମନର ସବୁ ଆବେଗ ଶବ୍ଦର ରୂପ ନେଇପାରେନା।
ଅନେକ କୋହ, ଅନେକ ମୋହର ଧସ୍ତା ଧସ୍ତି ଭିତରେ।
ମନ ଓ ବିବେକ ର ଅନେକ କସରତ ଶେଷରେ।
ମଣିଷ ବଞ୍ଚୁଥାଏ, ହସୁଥାଏ, କାନ୍ଦୁଥାଏ ପୁଣି ଚାଲୁଥାଏ।
କେବେ ଅଧା ଭଙ୍ଗା ସ୍ୱପ୍ନ ନେଇ,
କେବେ ଦରଭିଯା ଆଖିନେଇ।
ଗୋଟିଏ ରାତିର ବିରତି ନିଏ କି ନ ନିଏ,
ମଣିଷ ଟି ପୁଣି ଚାଲୁଥାଏ।
ଜୀବନ ପୁଣି କେବେକେବେ
ଲମ୍ବା ଖରାବେଳ ପରି
ଚାହିଁ ରହିଥାଏ ଅସ୍ତହୀନ ସୂର୍ଯ୍ୟ।
କେବେ ପୁଣି ବର୍ଷାର ବିନ୍ଦୁ
ମହସିନ୍ଧୁ ପରି ମନେହୁଏ।
ମନର ସବୁ କୁହା, ଅକୁହା କଥା ମଧ୍ୟରେ
ତାକୁ ଚାଲିବାକୁ ହୁଏ।
କଣ୍ଟା ଫୋଡି ଯାଇଥିବା,
ରକ୍ତ ଭିଜା ପାଦ ଚିହ୍ନରେ।

ISSN NO.
2582-208X

ଆଖିରୁ ବହି ଯାଉଥିବା
ଲୁହର ଉଷ୍ମତା ରେ......
ତାକୁ ଭସିଯିବାକୁ ହୁଏ ।
ତଥାପି ତାକୁ ଚାଲିଯିବାକୁ ହୁଏ
ନିରନ୍ତର ପଥ ର ପଥିକ ଟିଏ ସାଜି ।

ଓଡ଼ିଆ ଅଧାପିକା
ଗୋପ କଲେଜ

ISSN NO.
2582-208X

# ମୋ ପ୍ରିୟ କନ୍ଧମାଳ



ଲିଜାଲିନ୍ ଭୋଇ

ଭବ୍ୟ ସହରୀ ସଭ୍ୟତାରୁ
ସୁଦୂର ସେ ଅଞ୍ଚଳ,
ପର୍ବତ ପାହାଡ଼ ଘେରା
ମୋ ପ୍ରିୟ କନ୍ଧମାଳ...
ବହେ ଶୁଦ୍ଧ ମନ୍ଦ ମଳୟ
ସେ ପ୍ରକୃତିର ଗନ୍ତାଘର,
ଏଠି ତରୁଲତା କଥା କହେ
ପୁଣି କାକର ସ୍ୱର ମଧୁର....
ଏଠି ବ୍ରାହ୍ମଣ କ୍ଷତ୍ରିୟ ନୁହେଁ
ଆଦିବାସୀ ଜନ ଜୀବନ,
ସରଳ ତାଙ୍କର ଚଳଣି
ସଂସ୍କୃତି ତାଙ୍କର ମହାନ....
ଏଠି ପୁରୁଷ ପ୍ରଧାନ ବିରଳ
ମହିଳା ଗୃହ କର୍ତ୍ତ୍ରୀ,
ସଭ୍ୟତା ସଂସ୍କୃତି ଆଗରେ
ଗୁରୁଜନ ଙ୍କ ପ୍ରତି ଭକ୍ତି....

ISSN NO.
2582-208X

ସେ ପ୍ରକୃତିକୁ ପୂଜା କରନ୍ତି
ପୁଣି ମୁହଁରେ କୁଟନ୍ତି ଚିତା,
ଚିହ୍ନା ହଉକି ଅଚିହ୍ନା
ଏଠି ସଭିଙ୍କର ମା' ମାତା.....
କିପରି ବର୍ଣ୍ଣିବି ତାକୁ
କେଉଁ ପଦ କେଉଁ ଶବ୍ଦରେ,
ସେ ଜଡ଼ିତ ମୋ ଅନ୍ତର
ମୋ ପ୍ରାଣ ଆଉ ମନରେ....

ଓଡ଼ିଆ ଅଧ୍ୟାପିକା
ଜୀବନ ଜ୍ୟୋତି ମହାବିଦ୍ୟାଳୟ,
ରାଇକଆ ,କନ୍ଧମାଳ

ISSN NO.
2582-208X

# ମାଆର ପଣତ
# ଶ୍ରୀକ୍ଷେତ୍ର ନେତ



ସଂଯୁକ୍ତା ସାହୁ

ମାଆର ମମତା ସବୁଠୁ ଦୁର୍ମୂଲ୍ୟ
ସଂସାର ଭିତରେ ସାର
ତାର ମମତା କେବେ କଳି ହୁଏନି
ସେ ଯେ ସର୍ବଶ୍ରେଷ୍ଠ ସୃଷ୍ଟିର ।
ମା'ର ମମତା ସଦାବେଳେ ତା'ଠୁ
ପୀୟୂଷ ଯେ ଝରୁଥାଏ
ତା ପିଲାକୁ ସ୍ନେହ ମମତାରେ
କାନିରେ ସେ ବାନ୍ଧିଥାଏ ।
ଏମିତିକା ଏକ ମନ୍ଦିର ସିଏ ପରା
ମୁଖଶାଳା ଅବା ଗର୍ଭଗୃହ
ସବୁଠାରେ ତା'ର ଗୋଟିଏ ଛବି
ତା ବନ୍ଧନ ମମତାମୟ ।
ଦଶ ମାସ ଦଶ ଦିନ ଧରି ମାଆ
ପିଲାକୁ ଗର୍ଭରେ ଧରିଥାଏ
କେତେ କଷ୍ଟ ସହି ତା ପିଲା ପାଇଁ
ମମତା ବୁଣି ଚାଲିଥାଏ ।
ମାଆ ଆମପାଇଁ ମମତାର ମନ୍ଦିର
ହୃଦୟର ଦେବୀଟିଏ

ISSN NO.
2582-208X

ତା ପାଦତଳେ ମିଳେ ସୁଖ ଶାନ୍ତି
ଆମ ପାଇଁ ସେ ସୃଷ୍ଟିଟିଏ ।
ମାଆର ହୃଦୟ ମମତାର ମନ୍ଦିର
ଅସୀମ ଆଶିଷ ଦାନ ତା'ର
ତା ପଣତ ପରା ଶ୍ରୀମନ୍ଦିର ନେତ
ଧୈର୍ଯ୍ୟ ବିଶାଳ ସାଗର ।
ମାଆ ମମତା ଯେତେ ଖୋଜିଲେ
ଆଉ କେଉଁଠି ମିଳେ ନାହିଁ
ମାଆ ତ ଆମ ମମତାର ମନ୍ଦିର
ଝରେ ଆଶୀର୍ବାଦ ଆମ ପାଇଁ ।

ରାହାମା, ଜଗତସିଂହପୁର

ISSN NO.
2582-208X

# ମୋ ଗାଁ ମନ୍ଦିର



ରାମ ଚନ୍ଦ୍ର ପ୍ରଧାନ

ଛୋଟିଆ ହେଲେ ବି ମୋ ଗାଆଁ ମନ୍ଦିର
ଦିଶଇ ଭାରି ସୁନ୍ଦର
ଯାନୀ ଯାତରାରେ ପୂଜା ପାର୍ବଣରେ
ଜମେ ଭକ୍ତଙ୍କ ଆସର ।
ଚନ୍ଦନ କର୍ପୂର ଧୂପ ଦୀପ ବାସେ
ମହକେ ମନ୍ଦିର ବେଢ଼ା
ନାଲିଆ ନେତରେ ଶୋଭା ପାଉଥାଏ
ମୋ ଗାଁ ମନ୍ଦିର ଚୂଡ଼ା ।
ସକାଳ ଧୂପରେ ସଞ୍ଜ ଆଳତୀରେ
ଘଣ୍ଟଘଣ୍ଟି ଶବ୍ଦ ଶୁଭେ
ଭକ୍ତି ନୈବେଦ୍ୟରେ ମନ୍ତ୍ର ଉଚ୍ଚାରଣେ
ଭକତ ଆଶିଷ ଲଭେ ।
ମନେ ଶାନ୍ତି ଆସେ ମନ୍ଦିରକୁ ଗଲେ
ସାଥେ ଥିଲେ ପରିବାର
ସମର୍ପଣ ଭାବ ମନେ ଜାଗିଉଠେ
ଭକ୍ତି ଝରେ ନିରନ୍ତର ।

ମୋ ଗାଆଁ ମନ୍ଦିର ମୋ ପାଇଁ ଅଟଇ
ମୁକତିର ପୁଣ୍ୟତୀର୍ଥ
ଭଲପାଏ ତା'କୁ ପ୍ରାଣ ଠୁ ଅଧିକ
ନ ରଖି ମନରେ ସ୍ୱାର୍ଥ ।

ଶିକ୍ଷକ
ଟେଙ୍କକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଏକବିଂଶ ଶତାବ୍ଦୀର ଓଡିଆ ସମାଲୋଚନାର ଅଭିନବ ଆଶ୍ରୟ ଓ ବିଷୟ

ରଶ୍ମିତା ପଣ୍ଡା

ବିଚାରବାଦୀ ବାସ୍ତବବାଦ ଚଳିତ ସମୟର ଏକ ଗଭୀର ଓ ଗମ୍ଭୀର ଦିଶା ବୋଲି ସାହିତ୍ୟ ସମାଲୋଚକର ଦୃଢ଼ ପ୍ରତ୍ୟୟ । ଇଆନ୍ ବୋଗୋଷ୍ଟ, ଲେଭି ବ୍ରାଇଆଣ୍ଟ, ଡ୍ରୁ ଏମ୍. ଡାଲ୍‌ଟନ୍, ମାନୁଏଲ୍ ଡିଲାଣ୍ଡା, ଟ୍ରିସ୍ତାନ୍ ଗାର୍ସିଆ, ଇଆଇନ୍ ହାମିଲ୍‌ଟନ୍ ଗ୍ରାଣ୍ଟ, ଗ୍ରାହାମ୍ ହର୍ମନ୍, ଆଡ୍ରିଆନ୍ ଜନ୍‌ଷ୍ଟନ୍, କାଟେରିନା କୋଲୋଜୋଭା, ନିକ୍ ଲାଣ୍ଡ, କ୍ୱେଣ୍ଟିନ୍ ମେୟସୁ (ମୈଲାସୋକ୍ସ), ରେଜା ନେଗାରେସ୍ତାନି, ଷ୍ଟିଭେନ୍ ଶାଭିରୋ, ନିକ୍ ସ୍ରିନିସେକ୍, ଇସାବେଲ୍ ଷ୍ଟେଙ୍ଗର୍ସ ଓ ଇଉଜିନ୍ ଠାକର୍‌ଙ୍କ ପରି ଚିନ୍ତାନାୟକ, ଲେଖକ, ଦାର୍ଶନିକ, ଶିକ୍ଷାବିତ୍, ସାଂସ୍କୃତିକ ସମାଲୋଚକ, ଔପନ୍ୟାସିକ, ଅଧ୍ୟାପକ, ପ୍ରଫେସର ଓ ତତ୍ତ୍ୱବିଦ୍‌ମାନେ ବିଚାରବାଦୀ ବାସ୍ତବବାଦ ଦିଗରେ ବିଶିଷ୍ଟ ଅବଦାନ ରଖିଛନ୍ତି । ଏହି "Speculative Realism"କୁ ଏକ ଆନ୍ଦୋଳନରେ ପରିଣତ ହେବାକୁ ବେଶୀ ସମୟ ଲାଗିନଥିଲା । ତେବେ ଏହାକୁ Post-Continental Philosophy ମଧ୍ୟ କୁହାଯାଏ । ଇମାନୁଏଲ୍ କାଣ୍ଟଙ୍କ ଦର୍ଶନ ବିରୋଧରେ ଏହା ନିଜର ସ୍ୱରକୁ ସଂଗଠିତ ଓ ସଂକେନ୍ଦ୍ରିକ କରିଥାଏ । ଲଣ୍ଡନ୍ ବିଶ୍ୱବିଦ୍ୟାଳୟର ଗୋଲ୍ଡସ୍ମିଥ୍‌ସ କଲେଜର ଏକ ଶୈକ୍ଷିକ ସମ୍ମିଳନୀରୁ ଏହି "Speculative Realism" ନାମର ଆରମ୍ଭ ବା ଜନ୍ମ ହୋଇଥିଲା ଠିକ୍ ୨୦୦୭ ମସିହା ଏପ୍ରିଲ ମାସରେ । ଯଦିଓ କେଣ୍ଟିନ୍ ମେୟସୁ "Speculative Materialism" ଶବ୍ଦର ଉଲ୍ଲେଖ, ବ୍ୟାଖ୍ୟା ବା ବର୍ଣ୍ଣନା ପ୍ରଥମେ କରିଥିଲେ, ତଥାପି "Speculative Realism"ର ନାମକରଣ ଶ୍ରେୟ ରେ ବ୍ରାସିୟର୍‌ଙ୍କୁ ଦିଆଯାଇଥାଏ । ଧୀରେ ଧୀରେ ଏହା ସଂପ୍ରସାରିତ ହେବାରେ ଲାଗିଲା । ଏହି ଆନ୍ଦୋଳନର ଦ୍ୱିତୀୟ ସମ୍ମିଳନୀ UWE ବ୍ରିଷ୍ଟୋଲ୍‌ଠାରେ ୨୦୦୯ ମସିହା ଏପ୍ରିଲ୍ ୨୪ ତାରିଖ (ଶୁକ୍ରବାର)ରେ "Speculative Realism / Speculative Materialism" ଶୀର୍ଷକରେ ଅନୁଷ୍ଠିତ ହୋଇଥିବା ବେଳେ ଏହା "Object-Oriented Ontology: A symposium" ଶୀର୍ଷକରେ Georgia Institute of Technologyର School of Literature, Communication and Cultureରେ ତୃତୀୟ ସମ୍ମିଳନୀ ଭାବେ ଦେଖା ଦେଇଥିଲା । ତେବେ ଏହାର ସାହିତ୍ୟିକ ଓ ଐତିହାସିକ ଗୁରୁତ୍ୱ ଅନେକ ।

ଏକବିଂଶ ଶତାବ୍ଦୀର ସାରସ୍ୱତ ସମାଲୋଚନା କ୍ଷେତ୍ରରେ Speculative Realism ବା ବିଚାରବାଦୀ ବାସ୍ତବବାଦ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏଠାରେ ସମାଲୋଚକ ସାହିତ୍ୟ ଓ ଦର୍ଶନ ମଧ୍ୟରେ ଥିବା ସଂପର୍କକୁ ତର୍ଜମା କରିବା ସହ ବାସ୍ତବତାର ନୂତନ ଦୃଷ୍ଟି, ଦିଗନ୍ତ, ସତ୍ତାମୀମାଂସା (Ontology), ଓ ଜ୍ଞାନମୀମାଂସା ମୂଳକ ନବୀନାଭିଦୃଷ୍ଟି ଓ ଦର୍ଶନର ଆବିଷ୍କାର ନିମନ୍ତେ ଅପେକ୍ଷାକୃତ ଅଧିକ ପ୍ରଯତ୍ନଶୀଳତା ଦେଖାଇଥାଏ । ଏଠାରେ ସମାଲୋଚକ କେତେବେଳେ ଜ୍ଞାନର ପ୍ରକୃତି, ଉତ୍ପତ୍ତି ଓ ସୀମା-ସମ୍ଭାବନା ପ୍ରଭୃତିରୁ ଦେଖିଥାଏ ତ ଆଉ କେତେବେଳେ ଅସ୍ତିତ୍ୱ ବା ବାସ୍ତବିକତାର

ISSN NO.
2582-208X

ଦାର୍ଶନିକ ଅଧ୍ୟୟନ ଓ ଅନୁଶୀଳନ କରିଥାଏ । ଡକ୍ଟର ସନ୍ତୋଷ କୁମାର ନାୟକଙ୍କ ମନୋଜ ଦାସଙ୍କ ସାହିତ୍ୟ ସଂପର୍କୀୟ ଆଲୋଚନା ଏହି ସତ୍ତାମୀମାଂସା, ଜ୍ଞାନମୀମାଂସା, Aphoristic, Dasein, Binary Personality, Ontology ଓ Epistemology ଆଧାରିତ । ଓଡ଼ିଆ ସାହିତ୍ୟରେ ଅନେକ ସମାଲୋଚକ ଏହି ଧାରାରେ ସମାଲୋଚନା କରୁଥିବାର ଲକ୍ଷ୍ୟ କରିହେବ ।

ଏହି ଶତାବ୍ଦୀର ଅନ୍ୟତମ ସମାଲୋଚନା ଧାରା ହେଉଛି ବସ୍ତୁକେନ୍ଦ୍ରିକ ସତ୍ତାମୀମାଂସା (Object-Oriented Ontology) । ଏଠାରେ ସମାଲୋଚକ ସାହିତ୍ୟ ସହ ବସ୍ତୁର ସଂପର୍କ ନିରୂପଣ କରିବା ସହିତ ବ୍ୟକ୍ତି ଓ ବସ୍ତୁର ସଂପର୍କ ବାବଦରେ ଥିବା (ପ୍ରଚଳିତ / ପାରଂପରିକ) ଅବଧାରଣାକୁ ଚାଲେଞ୍ଜ୍ କରି ନୂଆ ନୂଆ ଦୃଷ୍ଟି ଓ ଦର୍ଶନର କଥା କହିଥାଏ । Object Oriented Ontology (OOO) is a philosophical school of thought that argues for the fundamental reality of objects, rejecting the notion of human-centered or anthropocentric perspectives. ଏହି ଦୃଷ୍ଟିକୋଣ ଅନୁସାରେ ସମସ୍ତ ବସ୍ତୁ, ଏପରିକି ମଣିଷମାନେ ମଧ୍ୟ ମୌଳିକତଃ ସମାନ ଏବଂ ଏମାନଙ୍କ ଅସ୍ତିତ୍ୱ ସ୍ୱତନ୍ତ୍ର, ଯାହାକି ଆମ୍ଭମାନଙ୍କ ସାଧାରଣ ବା ପ୍ରଚଳିତ / ପାରଂପରିକ ଅଭିଦୃଷ୍ଟି ଓ ଅନୁଶୀଳନଠାରୁ ସଂପୂର୍ଣ୍ଣ ଅଲଗା । ଗ୍ରାହାମ୍ ହରମନ୍ କହନ୍ତି ଯେ, ମଣିଷର ଅବବୋଧଠାରୁ ସଂପୂର୍ଣ୍ଣ ଅଲଗା ତଥା ମାନବର ଅବବୋଧର ଅନେକ ଊର୍ଦ୍ଧ୍ୱରେ "ବସ୍ତୁ" ମାନଙ୍କର ପ୍ରକୃତ ଅସ୍ତିତ୍ୱ ବିଦ୍ୟମାନ । ସୁତରାଂ ବସ୍ତୁ-ବସ୍ତୁ ମଧ୍ୟରେ ଥିବା ସଂପର୍କ ସବୁବେଳେ ପରୋକ୍ଷ । ଏହି ଆଇଡିଆକୁ ଚିତ୍ରକଳା, ଭାସ୍କର୍ଯ୍ୟକଳା, ସ୍ଥାପତ୍ୟକଳା, ସାହିତ୍ୟ ଓ ବିଜ୍ଞାନ କ୍ଷେତ୍ରରେ ପ୍ରୟୋଗ କରାଯାଉଛି । ଏଣୁ ଏହା ଯଥାର୍ଥରେ ଏକ ପ୍ରକାରର "Radical Philosophical Shift" ବୋଲି କହିହେବ । ଏହା ପରିବେଶ ସହ ମଣିଷର ସଂପର୍କକୁ ପୁନଃମୂଲ୍ୟାୟନ ପାଇଁ ଉସ୍‌କାଇବା ସହ ପ୍ରେରଣା ଯୋଗାଇଥାଏ । ପୁଣି ମାନବ ଓ ବସ୍ତୁ- ଏ ଉଭୟଙ୍କୁ ଏହା ସମାନ ଭାବରେ ସ୍ୱତନ୍ତ୍ର କରି ଚିହ୍ନାଇଥାଏ । ଏଣୁ ମଣିଷର ଚିରାଚରିତ ଦୃଷ୍ଟି ଊର୍ଦ୍ଧ୍ୱରେ ବସ୍ତୁମାନଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱ କଥାକୁ ଏହା ଆଗ୍ରାଧିକାର ଦେବାଦ୍ୱାରା ସମାଲୋଚକର ସାହିତ୍ୟିକ ଅନୁଶୀଳନର ପ୍ରକୃତି ଓ ପ୍ରବୃତ୍ତି ବଦଳିଯାଏ ।

ପାରଂପରିକ ସାହିତ୍ୟ ସମୀକ୍ଷା ଧାରାଠାରୁ ଭିନ୍ନ ଧରଣରେ ଗତି କରୁଥିବା ନବ୍ୟ ବସ୍ତୁବାଦ (New Materialism) ସାହିତ୍ୟ ଓ ଭୌତିକତ୍ୱ (Materiality) ମଧ୍ୟରେ ଥିବା ସଂପର୍କକୁ ପରୀକ୍ଷା କରିବା ସହିତ ମାନବୀୟ ସଂସ୍କୃତି ଉପରେ ବସ୍ତୁଜଗତର ଅଖଣ୍ଡ ପ୍ରଭାବ ସଂକ୍ରାନ୍ତରେ ଅଭିନବ ଅଭିଦୃଷ୍ଟି ରଖିଥାଏ । ନବ୍ୟ ବସ୍ତୁବାଦ ବସ୍ତୁତଃ ମାନବତାବିଦ୍ୟା ଓ

ସାମାଜିକ ବିଜ୍ଞାନ ଅନ୍ତର୍ଗତ ପାରଂପରିକ ଦ୍ୱୈତତା (dualisms) (ଯଥା- ପ୍ରକୃତି ଓ ସଂସ୍କୃତି, ମଣିଷ ଓ ବସ୍ତୁ ପ୍ରଭୃତି)କୁ ଚାଲେଞ୍ଜ୍ କରିବା ସହ ବସ୍ତୁର ସକ୍ରିୟ ଭୂମିକା ଉପରେ ସମସ୍ତ ଗୁରୁତ୍ୱ କେନ୍ଦ୍ରୀଭୂତ କରିଥାଏ । ଏହା Materiality ଏବଂ Material forces କୁ ଗୁରୁତ୍ୱ ଦେବା ସଂଗେ ସଂଗେ ବସ୍ତୁ ବା ପଦାର୍ଥକୁ ପରୋକ୍ଷ ବିବେଚିତ ନକରି ଅଧିକନ୍ତୁ ଏହା ସାମାଜିକ ଓ ସାଂସ୍କୃତିକ ଘଟଣାର ନିର୍ମାଣ ଓ ନିର୍ମିତିରେ ଏକ ସକ୍ରିୟ ଭୂମିକା ଗ୍ରହଣ ଓ ନିର୍ବହଣ କରିଥାଏ ବୋଲି ପ୍ରତ୍ୟୟ ସ୍ଥାପନ କରିଥାଏ । ଅର୍ଥାତ୍ ସମାଜରେ ବା ମଣିଷର ଜୀବନଧାରାରେ ଯେଉଁ ଯେଉଁ ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ ବା ବିବର୍ତ୍ତନ ଦେଖାଦେଇ ଆସିଛି- ସେସବୁର ପଶ୍ଚାତ୍‌ରେ ଏହି ପଦାର୍ଥ ଜଗତର ପ୍ରଚ୍ଛନ୍ନ ପ୍ରେରଣା ରହିଛି ବୋଲି ବିଶ୍ୱାସ କରିବାକୁ ହେବ । ଏଣୁ ପ୍ରଥାସିଦ୍ଧ ଅବଧାରଣାରେ ଥିବା ଦ୍ୱୈତତା ବା ପରସ୍ପର ବିରୋଧୀ ଦ୍ୱୈତତା ଯଥା- ପ୍ରକୃତି ଓ ସଂସ୍କୃତି, ବସ୍ତୁ ଓ ବ୍ୟକ୍ତି, ତନ୍ମୟତ୍ୱ ଓ ମନ୍ମୟତ୍ୱ ପ୍ରଭୃତିକୁ ଏହା ଅସ୍ୱୀକାର କରି ଏସବୁ ପୃଥକ୍ ନୁହେଁ, ବରଂ

ISSN NO.
2582-208X

ପରସ୍ପର ନିର୍ଭରଶୀଳ ବୋଲି ମତବ୍ୟକ୍ତ କରିଥାଏ । ଏହା Ontology ଉପରେ ଗୁରୁତ୍ୱ ଦିଏ Epistemology ଉପରେ ନୁହେଁ । ପାରଂପରିକ ବସ୍ତୁବାଦ epistemology ବା ଜ୍ଞାନ ଉପରେ ଅଧିକ ପ୍ରତ୍ୟୟ ସ୍ଥାପନ କରୁଥିଲାବେଳେ ନବ୍ୟବସ୍ତୁବାଦ Ontology (being and existence) ଉପରେ ପ୍ରତ୍ୟୟ ସ୍ଥାପନ କରିଥାଏ ଏବଂ ଏହି ଜଗତ କିପରି ପାରସ୍ପରିକ କ୍ରିୟା, ଅଭିକ୍ରିୟାଦ୍ୱାରା ଗଠିତ / ସଂରଚିତ- ସେ ସଂପର୍କରେ ଗୁରୁତ୍ୱ ପ୍ରଦାନ କରିଥାଏ । ଏହି ସମାଲୋଚନା ଦୃଷ୍ଟିରେ ବସ୍ତୁ ବା ପଦାର୍ଥ ନିଷ୍କ୍ରିୟ, ନିର୍ବେଦ, ନିସ୍ପନ୍ଦ ନୁହେଁ, ଅଧିକନ୍ତୁ ଏହା ସକ୍ରିୟ, ସସ୍ପନ୍ଦ ଓ ସଚଳ-ସଜଳ ଓ ସଚେତନ । New materialism views matter as having agency and power, challenging the idea that matter is merely passive and inert. ଏହି ନବ୍ୟବସ୍ତୁବାଦରେ ଉତ୍ତରମାନବତାବାଦ (Post humanism) ଏବଂ ଉତ୍ତର-ନୃତତ୍ତ୍ୱକୈନ୍ଦ୍ରିକତା ଦେଖାଦେବା ଏହାର ୨ଟି ବଡ଼ ଗୁଣ । ଏହାଦ୍ୱାରା ଏହି ସମାଲୋଚନା ମାନବ-କୈନ୍ଦ୍ରିକ ଜଗତ୍ ଦୃଷ୍ଟି ନରଖି ଅଧିକନ୍ତୁ ଅଣମାନବୀୟ ପଦାର୍ଥମାନଙ୍କ ଭୂମିକାକୁ ଗୁରୁତ୍ୱ ଦେଇଥାଏ । Thing Theory ବା ବସ୍ତୁତତ୍ତ୍ୱ, Stuff Theory, Archival Research, Genetic Criticism ଓ New Philology ପ୍ରଭୃତି ଏହି ନବ୍ୟବସ୍ତୁବାଦୀ ସମାଲୋଚନାର ଏକ ଏକ ବିଭାଗୀୟ ଅଭିନବ ଅଭିରୁଚି ଓ ଅଭିଦୃଷ୍ଟି । ଆମ ଚତୁଃପାର୍ଶ୍ୱରେ ବରାବର ସଂଘଟିତ ହୋଇ ଆସୁଥିବା ସୂକ୍ଷ୍ମ ଓ ସ୍ଥୂଳ ରାଜନୀତିକ, ସାଂସ୍କୃତିକ ଓ ସାମାଜିକ ପରିବର୍ତ୍ତନର ପଶ୍ଚାତ୍‌ରେ ରହିଥିବା ଅନନ୍ୟ କାରଣ ହେଉଛି- ତତ୍‌ସଂଶ୍ଳିଷ୍ଟ ଭୌତିକ ପରିବର୍ତ୍ତନ ବା ବସ୍ତୁଗତ ବା ପଦାର୍ଥଗତ ପରିବର୍ତ୍ତନ । ସାହିତ୍ୟରେ ଦେଖାଦେଉଥିବା ମାନବୀୟ ପ୍ରକୃତି ଓ ସଂସ୍କୃତିର ପରିବର୍ତ୍ତିତ ରୂପରେଖ ତତ୍‌ଜଡ଼ିତ ବସ୍ତୁଜଗତ ବା ଭୌତିକ ଜଡ଼ଜଗତର ଚେତନା ପାଇଁ ନିରୂପିତ, ନିର୍ଦ୍ଦିଷ୍ଟ ଓ ନିୟନ୍ତ୍ରିତ ।

କରେନ୍ ବରାଡ୍ (Karen Barad), ଡାଏନ୍ କୁଲ୍ (Diane Coole), ସାମନ୍ତା ଫ୍ରୋଷ୍ଟ (Samantha Frost) ଏବଂ ଜେନ୍ ବେନେଟ୍ (Jane Bennett) ପ୍ରମୁଖ ଚିନ୍ତାନାୟକ ନବ୍ୟ ବସ୍ତୁବାଦର ବିକାଶ ଓ ଉଦ୍‌ବର୍ତ୍ତନରେ ବିଶେଷ ଭୂମିକା ଗ୍ରହଣ କରିଛନ୍ତି । ଡେମୋକ୍ରିଟୋସ୍ (Democritos) ବସ୍ତୁବାଦର ଜନକ ହୋଇଥିଲା ବେଳେ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ କାର୍ଲମାର୍କ୍ସ ଓ ଫ୍ରେଡେରିକ୍ ଏଙ୍ଗେଲ୍‌ସ ନାମକ ଦୁଇ ଚିନ୍ତାନାୟକଙ୍କ ଲେଖାରୁ ଜନ୍ମନିଏ । ପୁଣି ୧୯୯୧ ମସିହାରେ Rosi Braidotti ତାଙ୍କ Patterns of Dissonance: A Study of Women and Contemporary Philosophy (୧୯୯୧) ପ୍ରବନ୍ଧରେ "New Materialism" ବା "Neo Materialism" ଶବ୍ଦକୁ ପ୍ରଥମେ ସ୍ୱତନ୍ତ୍ର ଭାବରେ ପ୍ରସଙ୍ଗ ପ୍ରସ୍ତୁତି କ୍ରମେ ବ୍ୟବହାର କରିଥିଲେ । ମାନୁଏଲ୍ ଡି ଲାଣ୍ଡା ତାଙ୍କର ପ୍ରସିଦ୍ଧ ପ୍ରବନ୍ଧ "The Geology of Morals"ରେ ମଧ୍ୟ ଏହି Neo Materialism ଶବ୍ଦକୁ ବ୍ୟବହାର କରିଥିଲେ । ପରିବେଶବିଦ୍ ଆନ୍ଦ୍ରେଶ ମାଲ୍ମ (Andreas Malm) ଏହି "ନବ୍ୟ ବସ୍ତୁବାଦ"କୁ "idealism of the most useless sort" ବୋଲି ଆଖ୍ୟା ଦେଇ କହିଥିଲେ ଯେ, ଏହି ଚିନ୍ତାଧାରା ପରିବେଶ ବା ଜଳବାୟୁ ଅଭିକ୍ରିୟା ଓ ପରିବେଶ ବା ପ୍ରକୃତି ସହ ଆମର ସଂପର୍କ ସୁଦୃଢ଼ କରିବାରେ ସେପରି କୌଣସି ବିଶେଷ ଭୂମିକା ଗ୍ରହଣ କରେନାହିଁ । ସେହିପରି ଇମାନୁଏଲ୍ କାଣ୍ଟ ମଧ୍ୟ ଶୁଦ୍ଧ କାରଣର ସମାଲୋଚନା କରିବା ସହ ମନ୍ମୟ ଆଦର୍ଶବାଦ (Subjective dualism) ଏବଂ ମନ ଓ ଶରୀର ମଧ୍ୟସ୍ଥ ଦ୍ୱୈତ ସଂପର୍କକୁ ଅସ୍ୱୀକାର କରିବା ସହିତ ନିଜର transcendental idealismକୁ ଗୁରୁତ୍ୱ ଦେଇଛନ୍ତି । ରୋଜାଇ ବ୍ରେଡୋଟି (Rosi Braidotti) ନାରୀବାଦୀ ତତ୍ତ୍ୱ ପାଇଁ ଉତ୍ତରମାନବତାବାଦର ଅବଧାରଣା ଏବଂ ନବ୍ୟବସ୍ତୁବାଦର ଆଶୟ ବା ନିହିତାର୍ଥ ପ୍ରଭୃତିକୁ ଅନ୍ୱେଷଣ କରୁଥିଲାବେଳେ ଡୋନା ହାରାୱେ

ISSN NO.
2582-208X

(Donna Haraway) ଏହି ଧାରାରେ Cyborgs, Companion species ଏବଂ situated knowledge ପ୍ରଭୃତିକୁ ନାରୀବାଦୀ ଅଧ୍ୟୟନରେ ସ୍ଥାନଦେଇ ଏ ଦିଗରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛନ୍ତି । ଏଣୁ ଏହା ଚଳନ୍ତି ସମୟର ଏକ ଅତ୍ୟନ୍ତ ସଫଳ ଓ ସମ୍ଭାବନାମୟ ସାରସ୍ୱତ ସମାଲୋଚନାର ବିଭବ ଓ ବିଭାବ ବିଶେଷ ଅଟେ ।

ଏକବିଂଶ ଶତାବ୍ଦୀର ସମାଲୋଚନା କ୍ଷେତ୍ରରେ ଏକ ଚିତ୍ତାକର୍ଷକ ଦିଗକୁ ଜନ୍ମ ଦେଇଥିବା ମୂଳତତ୍ତ୍ୱଟି ହେଉଛି ପ୍ରଭାବ ସିଦ୍ଧାନ୍ତ ବା ପ୍ରଭାବ ତତ୍ତ୍ୱ (Affect Theory) । ସାହିତ୍ୟରେ ଏହି ପ୍ରଭାବ ତତ୍ତ୍ୱର ଗୁରୁତ୍ୱକୁ ସମାଲୋଚକ ଉଭୟ ପାଠକ ଓ ଦର୍ଶକ ପାଖରେ ଲକ୍ଷ୍ୟ କରିଥାଏ । ଏହି ତତ୍ତ୍ୱ ଅନୁସାରେ ପ୍ରଭାବର ଉତ୍ପତ୍ତିଠାରୁ ଏହାର ସଂଚାର, ତଥା ଏହାର ପ୍ରଭାବ ପାଠକ ଏବଂ ପାଠ (Text) ଉପରେ କିପରି ପଡ଼ିଥାଏ- ତାହା ବିଚାର କରାଯାଇଥାଏ । ନ୍ୟାରେଟିଭ୍ ଶୈଳୀ ଓ ସଂରଚନା ଊର୍ଦ୍ଧ୍ୱକୁ ଯାଇ ପାରଂପରିକ ଅଭିଦୃଷ୍ଟିଠାରୁ ଅନେକ ଦୂରରେ ରହି ଏହା ଏଥି ସଂପୃକ୍ତ ପଠନର ପରୋକ୍ଷ ବା ଅଣପ୍ରତିନିଧିସ୍ଥାନୀୟ ଆୟାମ (Non-representational dimensions of reading) ଗୁଡ଼ିକୁ ଆବିଷ୍କାର କରି ସେସବୁକୁ ଗୁରୁତ୍ୱ ପ୍ରଦାନ କରିଥାଏ । "Affect Theory in literature examines how literary works evoke emotional responses in readers and how these feelings, often described as affects, shape our understandings and experiences of the text." ପ୍ରଭାବ ଏକ ବୃହତ୍ତର ମନସ୍ତାତ୍ତ୍ୱିକ ଆୟାମଗତ ଶବ୍ଦ ବିଶେଷ ଅଟେ । ଆବେଗ, ଭାବନା, ପ୍ରତିକ୍ରିୟା, ଅନୁଭବ, ମନୋଦଶା ପରି ଅନେକ ମନସ୍ତାତ୍ତ୍ୱିକ ଓ ମାନସିକ ଅବସ୍ଥାର ଏହା ଧାରକ ବା ଆଧାର ଶବ୍ଦବିଶେଷ ଅଟେ । ଏହା ଶରୀର ଉପରେ ଗୁରୁତ୍ୱ ପ୍ରଦାନ କରି ସାହିତ୍ୟର ବିବେଚନା ବା ବ୍ୟାଖ୍ୟା କରିଥାଏ । ଗୋଟିଏ ଟେକ୍ସଟ୍ ବା ପାଠ ସହ ଏକାତ୍ମ ହେବାରେ ଶରୀରର ଅପରିତ୍ୟାଜ୍ୟ ଭୂମିକାକୁ ଏଠାରେ ଆଲୋଚନାଭୁକ୍ତ କରିବା ସହିତ ଆମର ଭୌତିକ ବା ଶାରୀରିକ ପ୍ରତିକ୍ରିୟା ଓ ଅଭିକ୍ରିୟାଦି- ଗୋଟିଏ ପାଠକୁ ଅବବୋଧ ଓ ଅନୁଭବ କରିବାରେ କେତେ ଗୁରୁତ୍ୱପୂର୍ଣ୍ଣ ସେକଥା ମଧ୍ୟ ଦର୍ଶାଯାଇଥାଏ । ଏଠାରେ ପାଠକର ଭୂମିକା ଅତ୍ୟନ୍ତ ସକ୍ରିୟ ଓ ଜୀବନ୍ତ । ପାଠକର Affective Response ସହ ଦର୍ଶନ, ମନସ୍ତତ୍ତ୍ୱ ଓ ସଂସ୍କୃତି ପ୍ରଭୃତି ସାମଗ୍ରିକ ଭାବେ ଏଠାରେ ଗୁରୁତ୍ୱ ରକ୍ଷା କରନ୍ତି । ମୋଟାମୋଟି ଭାବରେ "ପ୍ରଭାବତତ୍ତ୍ୱ" ପାରଂପରିକ ଦୃଷ୍ଟିର ଅନେକ ଊର୍ଦ୍ଧ୍ୱରେ ରହି ପାଠକର ଶରୀର, ମନ, ପାଠକର ଭୂମି ଓ ଭୂମିକା ଏବଂ ସାମଗ୍ରିକ ପ୍ରଭାବର ଅଣପ୍ରତିନିଧିସ୍ଥାନୀୟ ପ୍ରକୃତିକୁ ଗୁରୁତ୍ୱ ଦେଇ ସାହିତ୍ୟର ଭିନ୍ନ ଏକ ବିବେଚନା କରିଥାଏ । ସିଲଭାନ୍ ଟମ୍‌କିନ୍ସ, ଗିଲ୍ସ ଡିଲ୍ୟୁଜ୍, ବ୍ରାଇନ୍ ମାସୁମି, ଏଭ୍ ସେଡ୍‌ଗ୍ୱିକ୍, ଲରେନ୍ ବର୍ଲାଣ୍ଟ, ସେରା ଏହମଦ୍, ଜେର୍‌ନୋଟ୍ ବୋହମ (Gernot Bohme) ପ୍ରମୁଖ ତତ୍ତ୍ୱବିଦ୍, ଦାର୍ଶନିକ, ମନସ୍ତତ୍ତ୍ୱବିଦ୍, ସାହିତ୍ୟତତ୍ତ୍ୱବିଦ୍ ଓ ସାଂସ୍କୃତିକ ତତ୍ତ୍ୱବିଦ୍ ଏହି ପ୍ରଭାବତତ୍ତ୍ୱର ବିକାଶ ଓ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।

ଅଧୁନା ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଏକ ଅତୀବ ସଂବେଦନଶୀଳ ଧାରା ହେଉଛି କୁୟର ଅଫ୍ କଲର୍ କ୍ରିଟକ୍ ବା ବର୍ଣ୍ଣବୈଚିତ୍ର୍ୟ ସମାଲୋଚନା । ଏଠାରେ କୁୟରତତ୍ତ୍ୱ ଓ କ୍ରିଟିକାଲ୍ ରେସ୍ ସିଦ୍ଧାନ୍ତ ସାଙ୍ଗକୁ ପାରଂପରିକ ପରିଚୟ ଜ୍ଞାନ, ପାରଂପରିକ କ୍ଷମତାଜ୍ଞାନ ଓ ପାରଂପରିକ ଅଧିକାର ବା ସୁଯୋଗ ଜ୍ଞାନ ପ୍ରତି ଏକ ଆହ୍ୱାନ ଥିବାର ଦେଖିହୁଏ । "Queer of Colour Critique (QoC) is an interdisciplinary field that examines the intersection of race, class, gender, sexuality, culture and other social categories of power, particularly within the context of queer and LGBTQ + Communities of colour." ଜାତି, ବର୍ଣ୍ଣ,

ISSN NO.
2582-208X

ଲିଙ୍ଗ, ଗୋଷ୍ଠୀ, ଶ୍ରେଣୀ, ସଂସ୍କୃତି ଓ ଅନ୍ୟାନ୍ୟ ସାମାଜିକ ବିଭାଗୀକରଣ ଆଧାରରେ ମଣିଷକୁ ଭିନ୍ନ ବିବେଚନା କରିବା ଅପେକ୍ଷା ଏମାନେ ପରସ୍ପର ସହ କିପରି ସଂପର୍କିତ ଓ ନିର୍ଭରଶୀଳ, ତାହାକୁ ଅଗ୍ରାଧିକର ଦେଇ ଏହି ସମାଲୋଚନାରେ ଆଲୋଚନାଭୁକ୍ତ କରାଯାଇଥାଏ । Intersectionality ବା ଆନ୍ତଃଖଣ୍ଡୀୟ ସଂପର୍କ ଏହାର ଏକ ବଡ଼ ବିଶେଷତ୍ୱ । ଜାତି, ଗୋତ୍ର, ଲିଙ୍ଗ, ବର୍ଣ୍ଣ, କ୍ଷମତାକେନ୍ଦ୍ର ପ୍ରଭୃତିକୁ ନେଇ ଏହା ସମାଲୋଚନା କରିବା ପାଇଁ ପସନ୍ଦ କରିଥାଏ । ଏହି ପ୍ରତ୍ୟୟ କ୍ରମେ "Race" ଏକାନ୍ତ ଜୈବିକ ନୁହେଁ ବରଂ ଏହା ସକ୍ରିୟ ଭାବେ ସାମାଜିକ ନିର୍ମାଣ ଓ ନିର୍ମିତି ଦ୍ୱାରା ନିର୍ମିତ । ଏପରିକି ପୁଞ୍ଜିବାଦ ଓ ଉପନିବେଶବାଦଦ୍ୱାରା ଜାତି, ଲିଙ୍ଗ, ବର୍ଣ୍ଣ ପ୍ରଭୃତିରେ ଅର୍ଥ ନିରୂପିତ ହୋଇଥାଏ ବୋଲି ଏହି ଧାରା ପ୍ରତ୍ୟୟ ରଖେ । "ବର୍ଣ୍ଣ" ଭିତରେ ଏଠାରେ ଏସବୁ ଆସିବା ସଂଗେସଂଗେ LGBTQ+ ମଧ୍ୟ ଆସିଥାନ୍ତି । ଏ ସମସ୍ତଙ୍କୁ ନେଇ ଏହି ସମାଲୋଚନାର ଦୃଷ୍ଟି ଅଧିକ ବର୍ଣ୍ଣିଳ । ଏହା ସାମାଜିକ ନ୍ୟାୟ ନିମନ୍ତେ ଲଢ଼େଇ କରେ, ଯୁକ୍ତି କରେ ଓ ବିବିଧ ଅବିଚାର, ଅନ୍ଧସାମାଜିକ ବିରୋଧ, କୁସଂସ୍କାର, କୁପ୍ରଥା ଓ କୁପରଂପରା ବିପକ୍ଷରେ ଏହା ସ୍ୱର ଉତ୍ତୋଳନ ମଧ୍ୟ କରିଥାଏ । ରୋଡେରିକ୍ ଫର୍ଗୁସନ୍ ଓ କାରାକାଲିଙ୍ଗ୍‌ଙ୍କ ପରି ବିଦ୍ୱାନ୍ ଓ ଗବେଷକମାନେ ଏ ଦିଗରେ ଅନେକ ପଥ ପ୍ରଶସ୍ତ କରିଥିବାର ଲକ୍ଷ୍ୟ କରାଯାଏ ।

ଏକବିଂଶ ଶତାବ୍ଦୀରେ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଦେଖାଯାଇଥିବା ଅନ୍ୟତମ ତତ୍ତ୍ୱ ହେଉଛି- କ୍ରିପ୍ ତତ୍ତ୍ୱ ବା ଅପଙ୍ଗ ତତ୍ତ୍ୱ । ଏଥିରେ ସାହିତ୍ୟ ଓ ସଂସ୍କୃତିରେ ଥିବା "ଅକ୍ଷମତା" ବା "ଅପଙ୍ଗତା'କୁ କେନ୍ଦ୍ର କରି ସମାଲୋଚନା କରିବା ସଂଗେସଂଗେ ପାରଂପରିକ ଭାବେ ପ୍ରଚଳିତ ଅପଙ୍ଗତାର ସଂଜ୍ଞାକୁ ଆହ୍ୱାନ ଦିଏ; ଚାଲେଞ୍ଜ୍ କରିଥାଏ । ସାଧାରଣ ଭାବରେ ବା ପ୍ରଥାସିଦ୍ଧ ଭାବରେ "ସୁସ୍ଥତା" ଓ "ଯୋଗ୍ୟତା"ର ଧାରଣାକୁ ଏହା ବିରୋଧ କରେ, ଚାଲେଞ୍ଜ୍ କରେ ଓ ଅସ୍ୱୀକାର କରିଥାଏ । ସମାଜରେ ପ୍ରଚଳିତ binary opposite ବା ଦ୍ୱୈତ ବିରୋଧାଭାସ (ଯଥା- ସକ୍ଷମ-ଅକ୍ଷମ, ସଚଳ-ଅଚଳ, ସଜ୍ଞାନ-ଅଜ୍ଞାନ, ସୁସ୍ଥ-ଅସୁସ୍ଥ ପ୍ରଭୃତି) ମାନଙ୍କୁ ଏହା ଅସ୍ୱୀକାର କରେ । ଜାକ୍ ଡେରିଡାଙ୍କ ବିନିର୍ମାଣ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ।

ସେହିପରି ଏକବିଂଶ ଶତାବ୍ଦୀର ଅନ୍ୟତମ ସମାଲୋଚନାର ଦିଗ ହେଉଛି ମେଦ ଅଧ୍ୟୟନ (Fat Studies) । ସାହିତ୍ୟରେ ବା ସଂସ୍କୃତିରେ ଅଧିକ ମେଦକୁ ନେଇ ଯେଉଁ ସାମାଜିକ- ମାନସିକ ଧାରଣା ଜନ୍ମେ, ତାହାକୁ ଏହା କେନ୍ଦ୍ରକରି ଗଢ଼ିଉଠିଛି । ବସ୍ତୁତଃ, ମେଦବହୁଳତାକୁ କେନ୍ଦ୍ରକରି ଗଢ଼ିଉଠିଥିବା ସୌନ୍ଦର୍ଯ୍ୟ, ପରିଚୟ, ସୁସ୍ଥତାର ହଲମାର୍କକୁ ଏହା ଭାଙ୍ଗିଦିଏ ଏବଂ ସୌନ୍ଦର୍ଯ୍ୟ, ଅସ୍ତିତ୍ୱ, ସ୍ୱାସ୍ଥ୍ୟର ସଂଜ୍ଞା "ମେଦବହୁଳତା" ଆଧାରରେ ହୋଇନଥାଏ ବୋଲି ଏହା ପ୍ରମାଣ କରିବାକୁ ଚେଷ୍ଟା କରିଥାଏ । ଏହା ବସ୍ତୁତଃ ମେଦଜନିତ ଭିତ୍ତିହୀନ ଭୟ, (Fatphobia), ଓଜନ ଜନିତ ସାମାଜିକ, ମାନସିକ, ହୀନ ରାଜନୀତି ପ୍ରଭୃତି ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ମେଦ ନିର୍ବିଶେଷରେ ସମାନତା ପ୍ରତିଷ୍ଠା ପାଇଁ ଚେଷ୍ଟା କରିଥାଏ । ଏହାଦ୍ୱାରା ବିଶେଷକରି ସମାଲୋଚକ ସାମାଜିକ ଦୃଷ୍ଟିଭଂଗୀକୁ, ମେଦ ପ୍ରତି ଥିବା ସର୍ବସାଧାରଣ ପାରଂପରିକ ଧାରଣାକୁ ଓ ମେଦକୈନ୍ଦ୍ରିକ ସୌନ୍ଦର୍ଯ୍ୟ ଧାରଣାକୁ ବଦଳାଇବାକୁ ଚେଷ୍ଟା କରିଥାଏ । ରୋକ୍ସେନ୍ ଗାଏଙ୍କ "Hunger: A Memoir of My Body", ଅଲି ଥମ୍ସନ୍‌ଙ୍କ "They don't make plus size space suits (2019)", ଓର୍‌ବାକ୍‌ଙ୍କ "Fat is a feminist issue" (1978), ଟ୍ରାସୀ ଏଲ୍. ଥମ୍ସନ୍‌ଙ୍କ "Fatropolis" (2012) ପ୍ରମୁଖ ସାହିତ୍ୟକୃତିରେ "ମେଦ" ବା "ସ୍ଥୁଳକାୟତା" ହିଁ ମୂଳ ବିଷୟବସ୍ତୁ ଓ ଏହି ସମାଲୋଚକର ଚାଲେଞ୍ଜର କେନ୍ଦ୍ରବିନ୍ଦୁ । ଯଥାର୍ଥରେ ମେଦ ଅଧ୍ୟୟନ ମୋଟା ବ୍ୟକ୍ତିଙ୍କ ଶାରିରୀକ, ସାମାଜିକ ଓ

ISSN NO.
2582-208X

ମାନସିକ ଜୀବନର କଥା କହେ ଓ ସାମାଜିକ ପ୍ରଚଳିତ ପ୍ରତ୍ୟୟର ଗଢ଼ଣଦ୍ୱାରା ଏହା କିପରି ଏକ ଜଟିଳତାକୁ ସାମ୍ନା କରେ– ତାହା ଅନୁମାନ କରାଯାଇପାରେ । ପୁଣି ଶରୀରର ରୂପରେଖ ଓ ଶରୀରଗତ ସକାରାତ୍ମକତା (body positivity)କୁ ଏହା ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରିଥାଏ ।

ବର୍ତ୍ତମାନ ସାହିତ୍ୟ ସମାଲୋଚନାର ଆୟାମ ଅନେକ ବଢ଼ିଗଲାଣି । ଖାଦ୍ୟପେୟକୁ ନେଇ ଏବେ ସମାଲୋଚନା ସୃଷ୍ଟି ହେଲାଣି । ଖାଦ୍ୟକୁ ଆଧାର କରି ଗୋଟିଏ ବ୍ୟକ୍ତି ବା ଗୋଷ୍ଠୀ ବା ଶ୍ରେଣୀର ଷ୍ଟାଟସ୍, କ୍ଷମତା, ପରିଚୟ ଓ ଅନେକ କଥା ଜଣାପଡ଼େ । ଏପରିକି ଅନ୍ନରୁ ମନର ଅବଧାରଣା ମଧ୍ୟ ସୃଷ୍ଟି କରାଯାଇପାରେ । ଯଥାର୍ଥରେ ଖାଦ୍ୟ ଅଧ୍ୟୟନଦ୍ୱାରା ସାଂସ୍କୃତିକ ଓ ସାହିତ୍ୟିକ ଗୁରୁତ୍ୱ ବିଚାର କରାଯାଏ କେବଳ ଓ କେବଳ ପାତ୍ରର (ଚରିତ୍ରର) ଖାଦ୍ୟକୁ ଦେଖି । ଖାଦ୍ୟ ହେଉଛି ଏକ ପ୍ରତୀକ । ଖାଦ୍ୟ ଏକ ସ୍ମୃତିର ଚିହ୍ନ । ଖାଦ୍ୟ ସାମାଜିକ ପରିଚୟର ଏକ ବାହକ । ଖାଦ୍ୟ ମଧ୍ୟରେ ଥାଏ ସଂସ୍କୃତିର ଶୀତଳ ପ୍ରଲେପ । ଖାଦ୍ୟଦ୍ୱାରା ସମାଲୋଚକ ବସ୍ତୁତଃ ନୃତତ୍ତ୍ୱ, ସମାଜତତ୍ତ୍ୱ, ଇତିହାସ, ସାଂସ୍କୃତିକ ଅଧ୍ୟୟନ ପରି ବିବିଧ ବିଭାଗର ଆନ୍ତଃସଂପର୍କର ଜାଲକ ବିନ୍ୟାସ ମାଧ୍ୟମରେ ସମାଲୋଚନା କରିଥାଏ । ସାହିତ୍ୟରେ ଏହା ହେଉଛି ଖାଦ୍ୟର ଭୂମିକା । Marcel Proustଙ୍କ "Remembrance of Things Past", James Joyceଙ୍କ "Ulysses", ଭର୍ଜିନିଆ ଉଲ୍‌ଫଙ୍କ "To the Lighthouse", ସଲମନ୍ ରୁସ୍‌ଦିଙ୍କ "Midnight's Children", ଅରୁନ୍ଧତୀ ରାୟଙ୍କ "The God of Small Things", ଅନିତା ଦେଶାଇଙ୍କ "Fasting Feasting" ପ୍ରଭୃତି ସାହିତ୍ୟକୃତି ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ । ଯଥାର୍ଥରେ ଖାଦ୍ୟ ଏକ ସଭ୍ୟତାର, ସଂସ୍କୃତିର, ଗୋଷ୍ଠୀ, ଜାତି ଓ ଧର୍ମର ବା ଏକ ବ୍ୟକ୍ତିର ପ୍ରାଚୀନତମ ଓ ଅନ୍ତରଙ୍ଗତମ ପରିଚୟ ପତ୍ର ।

ଏକବିଂଶ ଶତାବ୍ଦୀରେ "କ୍ରୀଡ଼ା" (Games) ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଶାରୀରିକ ଓ ମାନସିକ ଭାବେ ତଥା ଦାର୍ଶନିକ ଓ ଆଧାତ୍ମିକ ଭାବେ କ୍ରୀଡ଼ାର ସଂପର୍କ ଓ ଗୁରୁତ୍ୱ ଆମ ସହ ରହିଛି । ଏଠାରେ ସମାଲୋଚକ ଭିଡ଼ିଓ ଗେମ୍‌ର ସାଂସ୍କୃତିକ, ମନସ୍ତାତ୍ତ୍ୱିକ ଓ ସାମାଜିକ ଗୁରୁତ୍ୱ ଓ ଔଚିତ୍ୟ ପରୀକ୍ଷା କରିଥାଏ । ଏହାରି ମାଧ୍ୟମରେ ସମାଲୋଚକ କ୍ରୀଡ଼ା, ପରିଚୟ ଓ କ୍ଷମତାର ଆନ୍ତଃସଂପର୍କ ନିରୂପଣ କରିଥାଏ । ବହିର୍ଦ୍ଦେଶୀୟ କ୍ରୀଡ଼ାଠାରୁ ଆରମ୍ଭ କରି ଅନ୍ତର୍ଦ୍ଦେଶୀୟ କ୍ରୀଡ଼ା ପର୍ଯ୍ୟନ୍ତ, ଭୌତିକ ପାରଂପରିକ ଲୋକକ୍ରୀଡ଼ାଠାରୁ ଆରମ୍ଭ କରି ଯାନ୍ତ୍ରିକ ଭିଡିଓ ଗେମ୍ ପର୍ଯ୍ୟନ୍ତ ସବୁର ପ୍ରଭାବ ସମାଜ ଉପରେ ଓ ବ୍ୟକ୍ତି ଉପରେ ବରାବର ପଡ଼ିଥାଏ । କ୍ରୀଡ଼ାଟିଏ ନିର୍ମାଣ କଲାବେଳେ ହିଁ ଏହି ଦୁଇ କାରକ "ସମାଜ" ଓ "ବ୍ୟକ୍ତି" ତା'ଉପରେ ଯେପରି ପ୍ରଭାବ ପକାଇଥାଏ, କ୍ରୀଡ଼ାଟିଏ ନିର୍ମାଣ ସରିଲା ପରେ ବ୍ୟକ୍ତି ତାକୁ ଖେଳିଲାବେଳେ ଅନୁରୂପ ଭାବରେ ସେହି ପ୍ରଭାବ ଫେରିଥାଏ ବା ପ୍ରତ୍ୟାବର୍ତ୍ତନ କରିଥାଏ । ଝିମିଟିଖେଳ ହେଉ ବା ସତରଞ୍ଜ ଖେଳ ହେଉ ବା ଲୁଡ଼ୋ, ଚେସ୍ ବା ଅନ୍ୟାନ୍ୟ ଯେକୌଣସି ଖେଳ ହେଉ– ସବୁର ପ୍ରଭାବ ମଣିଷ ଉପରେ ପଡ଼େ । ଏପରିକି ଜୀବନ ଏକ କ୍ରୀଡ଼ା ସଦୃଶ । ଏହାକୁ ଆଧାର କରି ବିବିଧ ଭିଡ଼ିଓ ଗେମ୍ ପ୍ରସ୍ତୁତ କରାଯାଉଛି । ଏହାକୁ ନେଇ ଅନେକ ସାହିତ୍ୟ ମଧ୍ୟ ସୃଷ୍ଟି ହେଉଛି । ସମାଲୋଚକ ଏହାରି ଆଧାରରେ ଏକ କ୍ରୀଡ଼ାକୈନ୍ଦ୍ରିକ ସ୍ୱତନ୍ତ୍ର ସମାଲୋଚନା କରିଥାଏ ।

ଏହି ସମୟରେ ସାରସ୍ୱତ ସମାଲୋଚନା କ୍ଷେତ୍ରରେ ଅନ୍ୟ ଏକ ବଳିଷ୍ଠ ଦିଗ ହେଉଛି "ଟ୍ରାନ୍ସ ଷ୍ଟଡିଜ୍" (Trans Studies) । "Trans Studies" କହିଲେ "Transgender studies"କୁ ବୁଝାଏ । ଏହା ମୁଖ୍ୟତଃ ସାମାଜିକ ଲିଙ୍ଗ ଓ ଜୈବିକ ଲିଙ୍ଗକୁ ଆଧାର କରି ଗଢ଼ିଉଠିଥିବା ମଣିଷର ପରିଚୟ ଉପରେ ପର୍ଯ୍ୟବେସିତ । ସାହିତ୍ୟରେ ସେହିପରି

ISSN NO.
2582-208X

ଟ୍ରାନ୍ସ ଚରିତ୍ରମାନଙ୍କର ସାମାଜିକ, ଆର୍ଥନୀତିକ, ମାନସିକ, ମନସ୍ତାତ୍ତ୍ୱିକ, ରାଜନୀତିକ ସ୍ଥିତି-ଭିତ୍ତି ଓ ଭୂତିକୁ ନେଇ ଏହି ସମାଲୋଚନା ସମୃଦ୍ଧ ।

ଏତତ୍ ବ୍ୟତିରେକେ ଉତ୍ତରଉପନିବେଶବାଦୀ ସମାଲୋଚନା ଓ ସବଲ୍‌ଟର୍ଣ୍ଣ ସମାଲୋଚନା ପରି ଡିଜିଟାଲ୍ ହ୍ୟୁମାନିଟିଜ୍, ତୁଳନାତ୍ମକ ସମାଲୋଚନା, ଉତ୍ତରାଧୁନିକ ସମାଲୋଚନା ଓ ଉତ୍ତରସଂରଚନାବାଦୀ ସମାଲୋଚନା, ଜନଜାତି ସମାଲୋଚନା, ଦଳିତ ସମାଲୋଚନା, ପରିବେଶ ସମାଲୋଚନା, କୁୟର୍ ତାତ୍ତ୍ୱିକ ସମାଲୋଚନା ଓ ନାରୀବାଦୀ ସମାଲୋଚନା ଏକବିଂଶ ଶତାବ୍ଦୀରେ ନୂଆ ନୂଆ ମୋଡ଼ ନେଇ ଗଢ଼ିଉଠୁଥିବାର ମଧ୍ୟ ଲକ୍ଷ୍ୟ କରିହେବ । ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଉପର୍ଯ୍ୟାଲୋଚିତ ସମାଲୋଚନାଗୁଡ଼ିକୁ ସ୍ୱଷ୍ଟ ପ୍ରାଞ୍ଜଳ ଭାବରେ ଲକ୍ଷ୍ୟ କରିବା କଷ୍ଟକର । କାରଣ ହାତଗଣତି ସମାଲୋଚକ ଏହି ନବୀନ ଧାରାର ଲେଖକ । ଏହାଛଡ଼ା ଏହି ସମୟରେ ପ୍ରଥାସିଦ୍ଧ ବା ଗତାନୁଗତିକ ପାରଂପରିକ ଧାରା ଓ ଟେକ୍‌ନିକ୍‌ର ତଥାକଥିତ ଶୈଳୀରେ ନନ୍ଦନତାତ୍ତ୍ୱିକ ସମାଲୋଚନା ମଧ୍ୟ ଚାଲିଛି । ମିଥ୍, ପ୍ରତୀକ, ରୂପକଳ୍ପ, ସ୍ମୃତିବାଦ, ଅଭିବ୍ୟକ୍ତିବାଦ, ଡାଡାବାଦ ଓ ଅଭିବ୍ୟକ୍ତିବାଦକୁ ଆଧାର କରି ସମାଲୋଚନା ସମୃଦ୍ଧ ହୋଇଚାଲିଛି । ଡକ୍ଟର ସନ୍ତୋଷ କୁମାର ନାୟକ ଏହି ଧାରାର ଜଣେ ଅନନ୍ୟ- ଅନୁପମ ବିସ୍ମୟ । ତାଙ୍କର "ସମୀକ୍ଷା ସଂଦର୍ଶନ" (୨୦୧୫) ହେଉ ଅଥବା "ଚେତନାର ଚିତ୍ରଲିପି" (୨୦୨୨) ହେଉ, "ଈକ୍ଷା-ବୀକ୍ଷା-ସମୀକ୍ଷା" (୨୦୧୨) ହେଉ ବା "ତୂଳୀ ଓ ତୁଳନା" (୨୦୧୨) ହେଉ- ସବୁଥିରେ ନୂତନ ଧାରାର ଓ ନୂତନ ଧାରାର କଥା ସେ କହିଛନ୍ତି । "Aspects of Critcism" ହେଉ କି "Dispersed Meditation" ହେଉ ସବୁଥିରେ ସେ ନୂତନ କଳା ଓ କୌଶଳର ପରିଚୟ ପ୍ରଦାନ କରିଛନ୍ତି । ସେହିପରି ବିଶିଷ୍ଟ ସମାଲୋଚକ ଡ. ଦାଶରଥି ଦାସଙ୍କ "ପ୍ରସଙ୍ଗ ପୁରୁଣା ଭାବନା ନୂଆ" (୨୦୧୫), ଡ. ଗୌତମ ଜେନାଙ୍କ "ଓଡ଼ିଆ କବିତା: ଆଧୁନିକତାର ଉତ୍ତରଣ" (୨୦୧୩), ସ୍ୱାଧୀନତୋତ୍ତର ଓଡ଼ିଆ କବିତାର ସ୍ୱରୂପ (୨୦୨୨), ଡ. ରବୀନ୍ଦ୍ର କୁମାର ଦାସଙ୍କ "ପ୍ରାୟୋଗିକ ଶୈଳୀବିଜ୍ଞାନ" (୨୦୧୨), "ଶୈଳୀ ବିଜ୍ଞାନର ଆଲୋକରେ ଫକୀର ମୋହନଙ୍କ ଉପନ୍ୟାସ" (୨୦୦୮), "ପ୍ରାୟୋଗିକ ଉତ୍ତରସଂରଚନାବାଦ ବନାମ୍ ଓଡ଼ିଆ ସାହିତ୍ୟ" (୨୦୨୧), ପ୍ରଫେସର କଇଳାଶ ପଟ୍ଟନାୟକଙ୍କ "କଥା ସହ କଥାବାର୍ତ୍ତା" (୨୦୨୨), ପ୍ରଫେସର ଅନାଦି ଚରଣ ଗାଁଣଙ୍କ "ଊନବିଂଶ ଶତକ ଓଡ଼ିଆ ଗଦ୍ୟ ସାହିତ୍ୟର ଭାଷା" (୨୦୧୬), ଡକ୍ଟର ସ୍ମିତା ମହାନ୍ତିଙ୍କ "ଅନ୍ଧାରରେ ଆଲୋକିତ ଶ୍ରୀରାଧା" (୨୦୧୩), ଡକ୍ଟର ପଞ୍ଚାନନ ମିଶ୍ରଙ୍କ "ସାହିତ୍ୟ ସମାଲୋଚନା: ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଙ୍ଗ" (୧ମ ଭାଗ) (୨୦୧୪), (ଦ୍ୱିତୀୟ ଭାଗ) (୨୦୧୬), ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ "ବିମର୍ଶ ବିଗ୍ରହ" (୨୦୧୫), ଡ. କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ "ଉପନିବେଶବାଦ ଓ ଓଡ଼ିଆ ଗଳ୍ପ" (୨୦୧୫) ପ୍ରଭୃତି ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନାର ଅଭିନବ ପ୍ରସ୍ଥକୁ ସମୃଦ୍ଧ ଓ ପ୍ରସ୍ତୁତ କରିବାରେ ଯଥାର୍ଥ ଭୂମିକା ଗ୍ରହଣ କରିଛନ୍ତି ବୋଲି କହିବାକୁ ହେବ ।

**ନିଷ୍କର୍ଷ**

ଉପସଂହାରରେ ଏତିକି ମାତ୍ର କୁହାଯାଇପାରେ ଯେ, ସାଂପ୍ରତିକ ସାରସ୍ୱତ ପରିପ୍ରେକ୍ଷାରେ ଓଡ଼ିଆ ସମାଲୋଚନାର ମୂଳ ସ୍ରୋତ ଏଯାବତ୍ ଅଭିନବତ୍ୱଠାରୁ ଅନେକ ଦୂରରେ ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ କି ସତ୍ୟର ଅପଳାପ ହେବ ନାହିଁ । ମୁଷ୍ଟିମେୟ ଲେଖନୀଦ୍ୱାରା ନୂତନ ନୂତନ ଦୃଷ୍ଟି ଓ ଦର୍ଶନର ସମାଲୋଚନା ପରିବେଶ, ପରିସର ଓ ସାମାଜିକ- ରାଜନୀତିକ- ପାରିବେଶିକ- ଆର୍ଥନୀତିକ- ମନସ୍ତାତ୍ତ୍ୱିକ- ଦାର୍ଶନିକ- ନୈତିକ ଓ ଆଞ୍ଚଳିକ ପରିସ୍ଥିତିକୁ

ISSN NO.
2582-208X

ଦେଖି ସୃଷ୍ଟି କରାଯାଉଛି । ମାତ୍ର ଅଧିକାଂଶ ସମାଲୋଚନାର ସ୍ୱର ଅର୍ବାଚୀନ ନୁହେଁ, ପ୍ରାଚୀନ ଓ ଗତାନୁଗତିକ । ଏହି କାରଣରୁ ପାଠକମାନେ ମଧ୍ୟ ରୁଚିଶୂନ୍ୟ ହୋଇ ସମାଲୋଚନା ଓ ସାହିତ୍ୟଠାରୁ ଦୂରେଇବାକୁ ଲାଗିଲେଣି । ସାହିତ୍ୟ ଏକ ସ୍ୱର୍ଣ୍ଣତ୍ରିଭୁଜ । "ଲେଖକ"- "ଲେଖା" ଓ "ପାଠକ" ପରି ତିନୋଟି ବିନ୍ଦୁ ଉପରେ ଏହା ତିଷ୍ଠିଥାଏ । ପାଠକ ଦୂରେଇବା, ପାଖେଇବା ଲେଖା ଉପରେ ଯେତିକି ନିର୍ଭର କରେ ଲେଖକର ଲେଖାର ମାନ-ଧ୍ୟାନ ଓ ମନ ପାଠକ ଉପରେ ସେତିକି ମାତ୍ରାରେ ନିର୍ଭର କରିଥାଏ । ଏଣୁ ବର୍ତ୍ତମାନ ସମାଲୋଚନାର ମୁକ୍ତ ଉଡ଼ାଣର ସମୟ ଆସିଛି । ସମାଲୋଚନାରେ ପାଠକକୁ ଲକ୍ଷ୍ୟ କରି, ତା'ପ୍ରତି ମନଧ୍ୟାନ ଦେଇ ବିଶ୍ୱଦୃଷ୍ଟି ରଖିବା ଜରୁରୀ । ଓଡ଼ିଆ ସମାଲୋଚନାର ପ୍ରସ୍ଥ ସ୍ୱଳ୍ପ ହେଲେ ହେଁ ଏହା ପ୍ରତିଶ୍ରୁତିବଦ୍ଧ, ଗଭୀର ପ୍ରତ୍ୟୟପୂର୍ଣ୍ଣ ଓ ସମ୍ଭାବନାମୟ । ସମାଲୋଚନାରେ ଯେଉଁ ଅଳ୍ପ କେତୋଟି ସ୍ୱର ଦେଖାଯାଇଛି- ସେସବୁ ଗଣାତ୍ମକ ନୁହେଁ, ବରଂ ଅତ୍ୟନ୍ତ ଗୁଣାତ୍ମକ, ପରିମାଣାତ୍ମକ ନୁହେଁ, ପରିଣାମାତ୍ମକ ଏବଂ ସର୍ବୋପରି ଖାଲି ଭାବନା ଗର୍ଭକ ନୁହେଁ ଅଧିକନ୍ତୁ ଅସୀମ ସମ୍ଭାବନାଗର୍ଭକ ।

**ସହାୟକ ଗ୍ରନ୍ଥାବଳୀ**


୧. ଦାସ, ଜ୍ଞାନେନ୍ଦ୍ର ନାଥ, ଓଡ଼ିଆ ସମାଲୋଚନା ସାହିତ୍ୟର ଇତିହାସ, କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୨୨ ।

୨. ଦାସ, ରବୀନ୍ଦ୍ର କୁମାର, ପ୍ରାୟୋଗିକ ଉତ୍ତର ସଂରଚନାବାଦ ବନାମ୍ ଓଡ଼ିଆ ସାହିତ୍ୟ, ଡବ୍‌ଲିନ: ବ୍ଲାକ୍ ଇଗଲ୍ ବୁକ୍ସ, ୨୦୨୧ ।

୩. ଜେନା, ଶିରୀଶ ଚନ୍ଦ୍ର, ଚେତନାର ଚିତ୍ରଲିପି, ବାଲେଶ୍ୱର: ଫକୀର ମୋହନ ସାହିତ୍ୟ ପରିଷଦ, ୨୦୨୪ ।

୪. ଜେନା, ଶିରୀଶ ଚନ୍ଦ୍ର, ଛାଇ ସହ ଖେଳ, ବାଲେଶ୍ୱର: ଅକ୍ଷାଂଶ ପ୍ରକାଶନୀ, ୨୦୨୪ ।

୫. ନାୟକ, ମଧୁଛନ୍ଦା, ସମୀକ୍ଷା ସ୍ମାରକୀ, ବାଲେଶ୍ୱର: ହାଇଫେନ୍, ୨୦୧୫ ।

୬. ନାୟକ, ସନ୍ତୋଷ କୁମାର, ସମୀକ୍ଷା ସନ୍ଦର୍ଶନ, ବାଲେଶ୍ୱର: ହାଇଫେନ୍, ୨୦୧୫ ।

୭. ନାୟକ, ସନ୍ତୋଷ କୁମାର, ଚେତନାର ଚିତ୍ରଲିପି, ବାଲେଶ୍ୱର: ହାଇଫେନ୍, ୨୦୨୨ ।

୮. ନାୟକ, ସନ୍ତୋଷ କୁମାର, ଗୋପପୁର ଓ ଅନ୍ୟାନ୍ୟ କବିତା, ବାଲେଶ୍ୱର: ହାଇଫେନ୍, ୨୦୨୨ ।

୯. ପଟ୍ଟନାୟକ, ସତ୍ୟ, ଝର୍କା ଖୋଲାଥାଉ, ଡବ୍‌ଲିନ୍: ବ୍ଲାକ୍ ଇଗଲ୍ ବୁକ୍ସ, ୨୦୨୪ ।

୧୦. ଦାସ, ଦାଶରଥି, ପ୍ରସଙ୍ଗ ପୁରୁଣା ଭାବନା ନୂଆ, କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୧୫ ।

୧୧. ଶତପଥୀ, ନଟବର, ଭାଷା ବିମର୍ଶ, କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୨୪ ।

୧୨. ବଳ, କୃଷ୍ଣଚରଣ, ଅନ୍ୟଦିଗନ୍ତ, କଟକ, କାହାଣୀ, ୨୦୧୦ ।

୧୩. ମିଶ୍ର, ପଞ୍ଚାନନ, ସାହିତ୍ୟ ସମାଲୋଚନା: ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଙ୍ଗ (୧ମ ଭାଗ), କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୧୪ ।

୧୪. ମିଶ୍ର, ପଞ୍ଚାନନ, ସାହିତ୍ୟ ସମାଲୋଚନା: ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଙ୍ଗ (୨ୟ ଭାଗ), କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୧୬ ।

୧୫. ମିଶ୍ର, ପଞ୍ଚାନନ, ଫକୀର ମୋହନଙ୍କ ଛ'ମାଣ ଆଠଗୁଣ୍ଠ ଭିନ୍ନଦୃଷ୍ଟି ଭିନ୍ନ ବ୍ୟାଖ୍ୟା, କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୧୯ ।

ISSN NO.
2582-208X

୧୬. ଗାଁଣ, ଅନାଦି ଚରଣ, ଊନବିଂଶ ଶତକ ଓଡ଼ିଆ ଗଦ୍ୟ ସାହିତ୍ୟର ଭାଷା, କଟକ: ବିଜୟିନୀ ପବ୍ଲିକେଶନ୍ସ, ୨୦୧୬।

୧୭. ମହାନ୍ତି, ସ୍ମିତା, ଅନ୍ଧାରରେ ଆଲୋକିତ ଶ୍ରୀରାଧା, କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୧୩।

୧୮. ଦାସ, ରବୀନ୍ଦ୍ର କୁମାର, ପ୍ରାୟୋଗିକ ଶୈଳୀ ବିଜ୍ଞାନ, କଟକ: ଚିନ୍ମୟ ପ୍ରକାଶନ, ୨୦୧୨।

୧୯. ଦାସ, ରବୀନ୍ଦ୍ର କୁମାର, ଶୈଳୀ ବିଜ୍ଞାନର ଆଲୋକରେ ଫକୀର ମୋହନଙ୍କ ଉପନ୍ୟାସ, ବାଲେଶ୍ୱର: ମୀରାମ୍ବିକା ପ୍ରକାଶନୀ, ୨୦୦୮ ।

୨୦. ତ୍ରିପାଠୀ, ସନ୍ତୋଷ, କଥାକଳ୍ପ, ଭୁବନେଶ୍ୱର: ପକ୍ଷୀଘର, ୨୦୨୧ ।

୨୧. ତ୍ରିପାଠୀ, ସନ୍ତୋଷ, ତୁଲ୍ୟକଳ୍ପ, ଭୁବନେଶ୍ୱର: ତୃପ୍ତି, ୨୦୧୪ ।

୨୨. ତ୍ରିପାଠୀ, ସନ୍ତୋଷ, ଭାଷାବନ୍ଧ, କଟକ: ସୋନମ୍ ପ୍ରକାଶନ, ୨୦୨୧ ।

୨୩. ମିଶ୍ର, ସୁଷମା, ଗଦ୍ୟ କବିତାର ଅନ୍ତର୍ଚ୍ଛନ୍ଦ (ସତୁରୀରୁ ସଂପ୍ରତି), କଟକ: ଗ୍ରନ୍ଥମନ୍ଦିର, ୨୦୦୯ ।

୨୪. ଜେନା, ଗୌତମ, ସ୍ୱାଧୀନତୋତ୍ତର ଓଡ଼ିଆ କବିତାର ସ୍ୱରୂପ, କଟକ: ସତ୍ୟନାରାୟଣ ବୁକ୍‌ଷ୍ଟୋର, ୨୦୨୨ ।

୨୫. ଦାଶ, ଗଗନେନ୍ଦ୍ର ନାଥ, ସରସ୍ୱତୀ ଫକୀର ମୋହନ: ସାହିତ୍ୟ ଓ ବ୍ୟକ୍ତିତ୍ୱ, କଟକ: ଗ୍ରନ୍ଥମନ୍ଦିର, ୨୦୧୬ ।

୨୬. ପଟ୍ଟନାୟକ, କଇଳାଶ, କଥା ସହ କଥାବାର୍ତ୍ତା, କଟକ: ବିଦ୍ୟାପୁରୀ, ୨୦୨୨ ।

୨୭. ମିଶ୍ର, ହରପ୍ରସାଦ, ଓଡ଼ିଆ ଭାଷା ତାତ୍ତ୍ୱିକ ପ୍ରବନ୍ଧ ଓ ଆଲୋଚନା, କଟକ: ଅଗ୍ରଦୂତ, ୨୦୧୧ ।

୨୮. ନାୟକ, ସନ୍ତୋଷ କୁମାର, ଶିକ୍ଷା-ଦୀକ୍ଷା-ସମୀକ୍ଷା, ବାଲେଶ୍ୱର: ହାଇଫେନ୍, ୨୦୧୨ ।

୨୯. Nayak, S. K., Aspects of Criticism, Balasore: Hyphen, 2016.

୩୦. Nayak, S. K., Dispersed Meditation, Balasore: Hyphen, 2023.

୩୧. ନାୟକ, ସନ୍ତୋଷ କୁମାର, ସୂର୍ଯ୍ୟ ଉଇଁଲେ ରାତି, ଡବଲିନ୍: ବ୍ଲାକ୍ ଇଗଲ୍ ବୁକ୍ସ, ୨୦୨୪ ।

୩୨. Miller, Jonathan, The Body in Question. Jonathan Cape Ltd., 1978.

୩୩. Anker & Felski, "Introduction". In Anker & Felski (ed.) Critique and Postcritique Durtiam: Duke University Press, 2017.

୩୪. Shilling, C., The body and social theory, London: Sage, 1993.

୩୫. Brown, H., Body of truth, New York: Pereus Books, 2015.

୩୬. Bacan, L., Health at every size, Dallas: Benbella Books, 2010.

୩୭. Grosz, E., Volatile bodies: Towards a Corporeal feminism, Bloomington: Indiana University Press, 1994.

୩୮. Cooper, C., Fat activism: A radical social movement, Bristol: HammerOn Press, 2016.

ଅଧ୍ୟାପିକା, ଓଡିଆ ବିଭାଗ
ସ୍ୱର୍ଣ୍ଣଚୂଡ ମହାବିଦ୍ୟାଳୟ, ମିତ୍ରପୁର, ବାଲେଶ୍ୱର-୭୫୬୦୨୦
ବୈଦ୍ୟୁତିକ ଡାକ -rashmipanda1993@gmail.com
ଭ୍ରାମ୍ୟଭାଷ - ୮୦୯୩୨୩୯୫୦୨

ISSN NO.
2582-208X

# ବିବେକ



ବିନୟ କୁମାର ମିଶ୍ର

ଘର ଗୋଟି ପରା ବୈକୁଣ୍ଠ ସମାନ ସଦା ଶାନ୍ତି ଶ୍ରଦ୍ଧା ଭରା,
ନାହିଁ ହିଂସା ଦ୍ୱେଷ କାତରତା ଭାବ
ମମତା ଆବେଗ ଝରା, କଳି ତକରାଳ ନାହିଁ,
ଆପଣାର ସର୍ବେ ବିନା କାରଣରେ ମହାଭାରତ ବା କାହିଁ ?

ନାହାନ୍ତି କେ ଘରେ ଶକୁନି କି କର୍ଣ୍ଣ ଦୁର୍ଯୋଧନ ଦୁଃଶା ଭାଇ,
ଯୌଥ ପରିବାର ନାହିଁ ଆଜିକାଲି ଏକକ ଗଲେଣି ହୋଇ,
ଭୁଲି ଯାଇ ବାପ ଭାଇ,
ଭଉଣୀ ବାନ୍ଧବ କାହା ପାଇଁ ଟିକେ ଆନ୍ତରିକ ସ୍ନେହ ନାହିଁ।

ଅକର୍ମା ହୋଇଲେ ଅଳସୁଆ ହେଲେ ଗୁରୁଜନେ କହିଥାନ୍ତି,
ଆକଟ କେବଳ ତାହା ଆମ ପାଇଁ ମଙ୍ଗଳ ମନାସୁ ଥାନ୍ତି,
କିଏ କହେ ଭୁଲ କଲେ,
ତାକୁ ଯଦି ମହାଭାରତ ଭାବିବା ଚାଲି ହେବ କି ସଂସାରେ।

ସ୍ୱାର୍ଥ ଅର୍ଥ ପାଇଁ ପରମାର୍ଥ ଭାବ ଲୁଚିଗଲାଣି ସବୁଠି,
ଯେଝା ବାଟେ ଯିଏ ଯେମିତି ଅଛନ୍ତି ସ୍ନେହଟି ନାହିଁ କେଉଁଠି,
ନିଜେ ତ ଖଳ ନାୟକ,
ଖୋଜିବ କାହିଁକି ଅନ୍ୟ କେଉଁଠାରେ ଲଗାଅ ନିଜ ବିବେକ।

ମଲ୍ଲୀପୁର, ବଆଳ, ଖୋର୍ଦ୍ଧା

ISSN NO.
2582-208X

# ସତସଙ୍ଗ

## (ଦସ୍ୟୁ ହୋଇଗଲା ସାଧୁ)



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

.
ରାଜା ଦିଲ୍ଲୀପଙ୍କ
ରାଜତ୍ୱ କାଳରେ
ପ୍ରଜା ସୁଖେ ରହୁଥିଲେ
ଦୁର୍ଦୟ ନାମକ
ଦସ୍ୟୁକୁ କେବେ ବି
ଧରି ସେ ପାରୁ ନ ଥିଲେ ।

ଚକ୍କା ଦେଇ ସିଏ
କେଉଁ ଆଡେ ଯାଏ
ଟେର୍ ପାଆନ୍ତିନି କେହି
ରାଜାଙ୍କୁ କହନ୍ତି
ଦୁର୍ଦ୍ଧର୍ଷ ସେ ଦସ୍ୟୁ
ଆମ ରାଜ୍ୟେ ଆଉ ନାହିଁ ।

ଦୁର୍ଦୟ ଯେଉଁଠି
ଲୁଚି ରହିଥିଲା
ଲୋକଙ୍କର ଥିଲା ଭୟ
"ସେ ଗାଆଁରେ ଅଛି"

ISSN NO.
2582-208X

କହିବାକୁ କେହି
ଖୋଲୁ ବି ନ ଥିଲେ ମୁହଁ।

ଗିରିଶ ନାମକ
ସଂଥ ଆସିଥିଲେ
ବିଶ୍ରାମ ସେ ଗ୍ରାମେ ନେଲେ
ଲୋକମାନେ ତାଂକୁ
ଗ୍ରାମ ମନ୍ଦିରରେ
ଆଶ୍ରୟ ବି ଦେଇଦେଲେ।

କଥାରେ କଥାରେ
ଦୁର୍ଦୟର କଥା
ଲୋକେ ତାଙ୍କୁ କହିଥିଲେ
ସତର୍କତା ପାଇଁ
ସଂଥଂକୁ ସେମାନେ
ସୂଚାଇ ବି ଦେଇଥିଲେ।

ମହର୍ଷୀ ଗିରିଶ
ଲୋକଂକୁ କେମିତି
ଭରସା ହିଁ ଦେଇଥିଲେ
ସମୟ କ୍ରମରେ
ସବୁ ଠିକ୍ ହେବ
ବୁଝାଇ ବି କହିଥିଲେ।

କିଛି ଦିନ ପରେ
ଶୁଣିଲେ ଦୁର୍ଦୟ

ISSN NO.
2582-208X

ରୋଗଗ୍ରସ୍ତ ହୋଇଅଛି
ଲୋକେ କହିଥିଲେ
କର୍ମର ଫଳକୁ
ଏବେ ସିଏ ଭୋଗୁ ଅଛି ।

ମହର୍ଷି ଗିରିଶ
ଡାକି ଆଣି ତାକୁ
ନିଜ ପାଶେ ରଖିଥିଲେ
ସେବା ସୁଶୃଷାରେ
ଆପ୍ୟାୟିତ କରି
ସୁସ୍ଥ ତାକୁ କରି ଦେଲେ ।

ସୁସ୍ଥ ହେବା ପରେ
ଦୁର୍ଜୟ ତାହାଙ୍କୁ
ଛାଡି କାହିଁ ଗଲା ନାହିଁ
ରହି ଯାଇଥିଲା
ସାଧୁଂକ ପାଖରେ
ସଚ୍ଚା ଶିଷ୍ୟଟିଏ ହୋଇ ।

ମୋ ନଂ 9937462507

ISSN NO.
2582-208X

# ମାତୃଭାଷା



ପଞ୍ଚାନନ ମେହେର

ଝଙ୍କୃତ ହେଉ  ମାତୃଭାଷା ପ୍ରୀତି
ପ୍ରତି ହୃଦ-ବୀଣା-ତାରେ,
ଜାଗ୍ରତ ହେଉ ମାତୃଭାଷା-ସେବା-
ଭାବ ପ୍ରତି ହୃଦୟରେ  ।

ବର୍ଦ୍ଧିତ ହେଉ  ଭାଷା-କଳେବର
କ୍ଲାନ୍ତହୀନ-ଶ୍ରମ ବଳେ,
ମାର୍ଜିତ ହେଉ ଭାଷା-ବଇଭବ
ସଦା ଏ ମହୀମଣ୍ଡଳେ  ।

କର୍ଷିତ ହେଉ ମୋ ଭାଷା-ମୃତ୍ତିକା
ଉତ୍କୃଷ୍ଟ ସାହିତ୍ୟ ପାଇଁ,
ଉତ୍ସର୍ଗୀକୃତ ହେଉ ସେ ସାହିତ୍ୟ
ଜଗତକଲ୍ୟାଣୀ  ହୋଇ  ।

ପୁଷ୍ପିତ ହେଉ ସଭ୍ୟତାର ପଥ
ଯାଉ କୁସଂସ୍କାର ଦୂରେ,
ବାଞ୍ଛିତ ହେଉ  ଭାଷାର ବିକାଶ
କବିର କଲମ-ଧାରେ  ।

ଧାନବସା, ରାମପୁର, ସୁବର୍ଣ୍ଣପୁର
ଓଡ଼ିଶା ୭୬୭୦୪୫
ଭ୍ରାମ୍ୟଭାଷ : ୮୨୪୯୧୧୮୨୫୧

ISSN NO.
2582-208X

# କର ମତେ ପ୍ରଭୁ ତୁମର କଠଉ



ଅମରନାଥ ବାରିକ

କର ମତେ ଥରେ ପ୍ରଭୁ ତୁମ ପାଦ ତଳର କଠଉ
ବଂଶୀ ଧାରୀ ହେ ମୁରାରୀ
କମଳ ପାଦେ ରହିବି ସଦା କଷ୍ଟ ନ ଦେବି
କର ମତେ ପ୍ରଭୁ..........

ମୋ ଜୀବନ ଶୂନ୍ୟ ପଥରଠୁଁ ହିନ
ଦୁଖଃ ଭରା ଏ ଜୀବନ
ଚାହିଁଥିଲି ଟିକେ ସୁଖର ପସରା
ପାଇଲି ମୁଁ ଖାଲି ଦୁଖଃ
କୁହ ଥରେ କୁହ ପ୍ରଭୁ
କାହିଁକି ଏମିତି କରୁ
ଦୁଃଖୀ ମରିଯାଏ ଡାକି ଡାକି ତୋ ସିଂହ ଦୁଆରୁ
କର ମତେ ପ୍ରଭୁ.............

ISSN NO.
2582-208X

ନୀଳାଦ୍ରି ବିହାରୀ ନୀଳାଚଳ ଧାମେ
ବସିଅଛ ସିଂହାସନେ
ପତିତ ତାରଣ ଦୁଖଃ ନିବାରଣ
ଦୁଃଖୀଙ୍କର ଅଭିଜାନେ
ଦୟା କର ଦୟା ମୟ
କୃପା କର କୃପାମୟ
ସଦା ଜୟ ହେଉ ଏ ଜଗତେ ଧର୍ମ ନ୍ୟାୟର
କର ମତେ ପ୍ରଭୁ............

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର,
ପିନ୍ - ୭୫୫୦୧୧
ଦୂରଭାଷ – ୯୫୪୦୩୦୮୦୯୫

ISSN NO.
2582-208X

# ଏକ ନାରୀ ଜୀବନର ଅକୁହା କାହାଣୀ



ଅମ୍ରିତା ପାଠକ

ଆଜକୁ ଠିକ୍ ୩୨ବର୍ଷ ତଳର କଥା, ଆରମ୍ଭ ହୋଇଥିଲା ଏକ ନବଜାତ ଶିଶୁକନ୍ୟାର କଥା। ସେ କଣ ଜାଣିଥିଲା ତା ଜୀବନ ଏମିତି ୩୨ବର୍ଷ କଟିଯିବ ବୋଲି। ଭାବିଲାବେଳକୁ ଯେତିକି ଖୁସି ଲାଗୁଚି ତାଠାରୁ ଅଧିକ କଷ୍ଟ ଓ ଯନ୍ତ୍ରଣାଦାୟକ। ତଥାପି ସିଏ ବଞ୍ଚିଛି, ବଞ୍ଚିଛି କଣପାଇଁ? କଣପାଇଁ ଜାଣିଛନ୍ତି? ଜାଣି ନାହାନ୍ତି ନା? ମୁଁ ଜାଣିଛି କେହି ଜାଣି ନଥିବେ, ମୁଁ କହୁଚି ତେବେ ଶୁଣନ୍ତୁ।

ଟିକିଏ ଆଶା ସେ ଆଶା ପୁଣି କେତେଥର ଶରତ କାଳରେ ପଡ଼ିଥିବା କାକର ବିନ୍ଦୁ ତ କେତେଥର ଶ୍ରାବଣ ମାସରେ ଅଚାନକ ଘୋଟି ଆସୁଥିବା ବର୍ଷା। ବୁଝିପାରିଲେନି ବୋଧହୁଏ, ହାଃ ହାଃ ହଁ କେମିତି ବୁଝିଥାନ୍ତେ? କେହି କଣ କାହା ମନକୁ ବୁଝିପାରନ୍ତି କି? ନା କାହାର ମନରେ ଭରିରହିଥିବା ଅକୁହା କଥାକୁ ପଢ଼ିପାରନ୍ତି? ହଉ ବ୍ୟସ୍ତ ହୁଅନ୍ତୁନି କହୁଛି ଶୁଣନ୍ତୁ ଯେମିତି କାକର କିଛି ସମୟ ଘାସର ଗାଲିଚା ସୃଷ୍ଟି କରିଦେଇଥାଏ, ଯେମିତି ବର୍ଷା ଶ୍ରାବଣ ମାସରେ ହଠାତ୍ ଆସିଥାଏ, ହଠାତ୍ ପଳେଇ ଯାଇଥାଏ, ଠିକ୍ ସେହିପରି ମୋର ଏହି ଜୀବନର ଆଶା। ଯେଉଁଠି ବଞ୍ଚି ନରହିବାର ନିରାଶା ବାଲି। ସମୁଦ୍ରର ଲହଡ଼ି କେତେଥର ଆସେ କେତେଥର ଚାଲିଯାଏ, କିନ୍ତୁ ବାଲି ପରିପୂର୍ଣ୍ଣ ବେଳାଭୂମି ପଡ଼ିରହିଥାଏ ସବୁକିଛି ବାଧାବିଘ୍ନ ସହି। ମୁଁ ସେମିତି ଏକ ନାରୀଟିଏ। ହଁ ଜାଣିକି ମଧ୍ୟ ଖୁସିହେବେ ସେହି ଶିଶୁକନ୍ୟାଟି କେତେବେଳେ ନାରୀରେ ପରିଣତ ହୋଇଗଲାଣି ସିଏ ନିଜେ ମଧ୍ୟ ଜାଣିପାରି ନାହିଁ।

ISSN NO.
2582-208X

ଜନ୍ମହେବାଠାରୁ ଆଜି ପର୍ଯ୍ୟନ୍ତ କଣ ପାଇଛି ? କଣ ହରେଇଛି ତାହାର ହିସାବ ସେ ଚାହିଁକି ମଧ୍ୟ ରଖିପାରିନାହିଁ। କିନ୍ତୁ ଗୋଟିଏ ସତ୍ୟ ସେ ଦେଖିଆସିଛି ଯାହା ନିତ୍ୟ ଓ ସୁନ୍ଦର ସେଇଟା କଣ କହିପାରିବେ ? ନା, କହିପାରିବେନି ନା ? ତାହେଲେ ଶୁଣ ସୂର୍ଯ୍ୟ ଉଦୟ ଓ ଅସ୍ତ। ହସ ଲାଗିଲା କି ? ହଁ ଲାଗିପାରେ କିନ୍ତୁ କଣ କରିବି ଯାହା ମୋ ଜୀବନର ସତ୍ୟ ସେଇଟା କହିବି ନା।

ମୁଁ ଆଜି ଯେଉଁ ରାସ୍ତାରେ ଠିଆ ହୋଇଛି ସେ କଥା ଭାବିଲାବେଳକୁ ରାସ୍ତା ଦେଖାଯାଉନାହିଁ। ଯେଉଁଆଡ଼େ ଅନାଇଲା ବେଳକୁ ସେଇଆଡ଼େ ଘଞ୍ଚ ଜଙ୍ଗଲ। ଶୁଣିବାପାଇଁ କାନ ଡେରିଲାବେଳକୁ ହିଂସ୍ର ଜନ୍ତୁମାନଙ୍କର ଗର୍ଜନ। ସେଥିପାଇଁ ଜୀବନର ରାସ୍ତାରେ ଏକାକୀ ପଥିକହୋଇ ଚାଲିବାଟା ମୋ ମତରେ ବୋଧହୁଏ ଠିକ୍। ଯେଉଁଠି ନା ଥିବ ବଞ୍ଚିବାର ଲୋଭ ନା ଥିବ ମରିବାର ଭୟ। ସ୍ୱାଧୀନତାର ମୁକୁଟ ମୁଣ୍ଡେଇ ପରାଧିନତାର ଜୀବନ ଜୀଇଁବା ଅପେକ୍ଷା ଏକୁଟିଆ ହୋଇ ଜୀବନ ରାସ୍ତାରେ ଚାଲିବା ଠିକ୍।

ଜୀବନର ଅକୁହା କାହାଣୀ ଭିତରୁ ଯାହା ମନେପଡୁଛି ତାହା ଲେଖୁଛି। ସେଦିନ ଥିଲା ରବିବାର ସକାଳ ପ୍ରାୟ ଦଶ ଘଟିକା ସିଏ ଶୁଣିଥିଲା ଏକ ମୃତ୍ୟୁର କଥା, ସିଏ ପୁଣି କିଏ ଜାଣିଛନ୍ତି ? ସେ ଝିଅର ବୁଢ଼ା ବାପା। ସେ ଝିଅ ସେତେବେଳେ ବୁଝି ନଥିଲା ମରିଯିବାଟା କଣ ? ଆଜି ଯେତେବେଳେ ସେକଥା ମନେପଡ଼େ ଲାଗେ ସତେ ଯେମିତି ଗୋଟେ ଭୋଜିଭାତର ଆୟୋଜନ ହୋଇଥିଲା ।

୧୯୯୯ ମସିହାରେ ବନ୍ୟା ହୋଇଥିଲା। ଆମେ ମା, ମୁଁ, ନନା କିନ୍ତୁ ଚୌଦ୍ୱାର ଯାଇଥିଲୁ ଦୁର୍ଗାପୂଜା ପାଇଁ ବୁଲିବାକୁ ସେଠି କିନ୍ତୁ ବନ୍ୟା ହୋଇନଥିଲା ବାତ୍ୟା ହୋଇଥିଲା। ପାଣିର ଅଭାବ କହିଲେ ନସରେ। ବହୁତ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିଲା। ତା ସହିତ କେତେ ପଶୁପକ୍ଷୀ ମରି ପଡିଥାନ୍ତି ଗଣିହେବ ନାହିଁ କିନ୍ତୁ ମନ ଭିତରେ ଥାଏ କେମିତି କେଜାଣି ଏମାନଙ୍କୁ ମୁଁ ବଞ୍ଚେଇ ପାରନ୍ତି। ସବୁ ପଶୁପକ୍ଷୀମାନଙ୍କ ମଧ୍ୟରୁ ଗୋଟିଏ କୁଆ ଉପରେ ଦୃଷ୍ଟି ପଡ଼ିଗଲା। ଦେଖିଲି ସେ ତାର ଡେଣା ହଲେଇଲା। ତାକୁ ଧୀରେ ଉଠାଇ ଆଣି ମୋ ପାଖରେ ଥିବା ପିଇବା ପାଣିରୁ ତାକୁ ଟିକେ ପିଇବାକୁ ଦେଲି। ସିଏ ତା ଢଳଢଳ ଆଖିରେ ମୋତେ ଆଉ କିଛି ସମୟପରେ ଚାଲିଗଲା। ସେତେବେଳେ ମୋତେ କେତେ କଷ୍ଟ ଲାଗିଥିଲା। ବହୁତ କାନ୍ଦିଥିଲି।

ISSN NO.
2582-208X

ଧୀରେ ଧୀରେ ସମୟ ଗଡ଼ି ଚାଲୁଥାଏ। ଆମେ ବାହାରିଲୁ ଘର ଅଭିମୁଖେ, ଗାଁକୁ ଆସିବା ବାଟରେ କେତେ ଘର ଭାଙ୍ଗିଯାଇଛି, ପାଣିର ସୁଅ ଛୁଟିଛି ରାସ୍ତା ଘାଟରେ। ଧୀରେ ଧୀରେ ପରିବର୍ତ୍ତନ ହେଲା ସବୁଆଡ଼େ। ଆମେ ସାଙ୍ଗମାନେ ମିଳିମିଶି ଗୋଟିଏ ଜାଗାରେ ରହୁଥିଲୁ, ବହୁତ ମଜା କରିଥିଲୁ। ସେଥିପାଇଁ ଆଜିବି ଅକ୍ଟୋବର ମାସ ହେଲେ ଆମେ ମନଭିତରେ ଭାବୁ ବାତ୍ୟା ହୁଅନ୍ତା କି ଆମେ ସମସ୍ତେ ସାଙ୍ଗ ହେଇକି ରୁହନ୍ତୁ।

ଏହିପରି ଭାବରେ କେତେବେଳେ ଶିଶୁକନ୍ୟାଟି ଯୌବନରେ ପଦାର୍ପଣ କରିସାରିଲାଣି ଜଣାପଡ଼ିଲାନି। ତାର ଏତେ ଭଲ ପାଠ ହୁଏନାହିଁ। ପାଠ ବି କେମିତି ହବ ତାର ସାଙ୍ଗସାଥୀ ମାନେ ଯେତେବେଳେ ଘରର କିଛି କାମ ନକରି ପାଠ ପଢ଼ି ବସିଥାନ୍ତି ସିଏ ସେତେବେଳେ ଘରର ରୋଷେଇ ହଉ କି ଛେଳି, ଗାଇଙ୍କ କଥା ବୁଝୁଥାଏ। ବସିକି ପଢ଼ିଲେ ସିନା ପାଠ ହେବ।ତାକୁ ବି ପଢ଼ିବାପାଇଁ ସେମିତି କେହି କହନ୍ତିନି, ତଥାପି ସେ ଶ୍ରେଣୀରେ ପାଞ୍ଚ ନମ୍ବର ଭିତରେ ଥାଏ। ଗାଁରେ ତାକୁ ସମସ୍ତେ କହନ୍ତି ସର୍ବଗୁଣ ସମ୍ପର୍ଣ୍ଣା। ହଁ କାହିଁକି ନକହିବେ ସିଏ ପାଠରେ ଓ ସାଠରେ ମଧ୍ୟରେ କିଛି କିଛି ଜାଣେ।

ସ୍କୁଲ୍ ଜୀବନ ସରିଲା ପରେ କଲେଜ୍ ଜୀବନ ଆରମ୍ଭ ହୁଏ। କେତେ ଯେ ତା ଜୀବନରେ ଆସନ୍ତି ଓ ଚାଲିଯାଆନ୍ତି। ସିଏ କିନ୍ତୁ ଯାହା ଖୋଜେ ପାଏନାହିଁ କି ଆଜିପର୍ଯ୍ୟନ୍ତ ପାଇନାହିଁ। ସମସ୍ତେ ବିଶ୍ୱାସର ମୁଖା ପିନ୍ଧିଥିବା ଅବିଶ୍ୱାସୀର ଚେହେରା ଲୁଚେଇ ବୁଲିଥାନ୍ତି। ମୁଁ ଯେତେ ଚେଷ୍ଟାକରି ବିଶ୍ୱାସ କଲେ ମଧ୍ୟ ଅବିଶ୍ୱାସୀ ମଣିଷମାନେ ମୋ ଆଖି ସାମ୍ନାକୁ ଚାଲି ଆସନ୍ତି।

ୟାଭିତରେ କେତେବେଳେ ସିଏ ବୋହୂ ସାଜିସରିଲାଣି ଜଣା ପଡିଲାନି। ସବୁକିଛି ନୂଆ ନୂଆ ଭିତରେ ତା ଜୀବନ ଟା ଅନ୍ଧାର କୋଠରୀ ଭିତରେ ରହିଯିବ, ସିଏ କେବେ ଭାବି ନଥିଲା। ସବୁବେଳେ ଅନ୍ୟକୁ ହସାଉଥିବା ଚୁଲୁବୁଲି ଝିଅଟି କେତେବେଳେ ଲୁହର ସମୁଦ୍ରରେ ପହଁରି ଆରକୂଳରେ ଲାଗି ପାରିବନି ସିଏ କେବେ ଭାବି ନଥିଲା।ତଥାପି ସିଏ ଆଜିପର୍ଯ୍ୟନ୍ତ ପର୍ଯ୍ୟନ୍ତ ପହଁରୁଛି। ଦେଖାଯାଉ କେତେବେଳେ କୂଳରେ ଲାଗିବ। ଅପେକ୍ଷାର ଫଳ ଆଶାରେ ସିଏ ସିଏ ଆଜି ବଞ୍ଚିରହିଛି।ଜୀବନ ନୌକାର ନାଉରୀ ପ୍ରଭୁ।ଶ୍ରୀ ଜଗନ୍ନାଥ ତାର ନୌକାକୁ କେବେ କୂଳରେ ଲଗାଇବେ ସବୁକିଛି ସେଇ ପରଂବ୍ରହ୍ମ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ।।ଜୟ ଜଗନ୍ନାଥ।।

ଆରଡ଼ି, ଭଦ୍ରକ-756138

ISSN NO.
2582-208X

# ତୁମେ
# ଅର୍ଦ୍ଧନାରୀଶ୍ୱର



ବର୍ଷାରାଣୀ ପ୍ରଧାନ

ଭୋଳାନାଥ, ଭୁଲି କ ପାର ଭକତ ସୁଖ,
ତୁମ ଆଶିଷେ ଦୁଃଖୀ ଜୀବନେ ରହେନ ଦୁଃଖ।

ତୁମେ ହର୍ତ୍ତା, ତୁମେ କର୍ତ୍ତା, ତୁମେ ମୋ ଆରାଧ୍ୟ ଦେବତା,
ତୁମେ ହର୍ତ୍ତା, ତୁମେ କର୍ତ୍ତା, ତୁମେ ହିଁ ତ ସୃଷ୍ଟି ନିର୍ମାତା।

କୋହଭର୍ କାହାଣୀଟେ ଦେଲ କାଇଁ ମୋତେ,
ନଗ୍କାର ତୁମେ ହିଁ ତ ଶ୍ରେଷ୍ଠତମ ନାଟ୍ୟକାର।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର।

ସବୁଠି ଅନ୍ଧାର, ମୋତେ ଦିଶୁନାହିଁ ପଥ,
ପଥ ଦେଖାଅ ପ୍ରଭୁ ହେ, ଧରି ମୋର ହାତ।

ପରୀକ୍ଷା ନଏ ଆଜି ଏ ସମୟ ପ୍ରତିକୂଳ,
ବିଶ୍ୱାସ ତୁମେ ମୋର, ତୁମ ନାମ ମୋରି ବଳ।

ISSN NO.
2582-208X

ଜାଣିନ,  କ'ଣ ତୁମ ଲେଖା ଭାଗ୍ୟରେ ମୋର,
ଜାଣିଛି ମୁଁ ହରିବିନ କେବେ, ତୁମ କରୁଣା ଅପାର ।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର।

ରୋଗୀଟିଏ ମୁଁ, ତୁମେ ଶ୍ରେଷ୍ଠତମ ବଇଦ,
ଅଳ୍ପାୟୁ ଆୟୁଷ୍ମାନ ସବୁ ହୁଏ ସମ୍ଭବ।

ନାହିଁ କଛି ମୋ ପାଖରେ ଦେବାକୁ ତୁମକୁ,
ସସମର୍ପୁଛି ମୋ ଜୀବନ ପ୍ରଭୁ ଲାଗିଲ୍ ତୁମକୁ।

ଅବୁଝା ସନ୍ତାନ ଟେ ମୁଁ ତୁମର ହେ ଈଶ୍ୱର,
ଦୋଷ ମୋର କ୍ଷମା କର, ଭକତିକୁ କର ସ୍ୱୀକାର।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର।

ଝାରବନ୍ଧ, ବରଗଡ଼

ISSN NO.
2582-208X

# ବର୍ଷାର ପ୍ରତୀକ୍ଷା



ଅର୍ପିତା ମହାପାତ୍ର

ମଧୁ ମାସ ଅନ୍ତେ ଗ୍ରୀଷ୍ମର ପ୍ରକୋପେ
ଉତ୍ତପ୍ତ ହେଲାଣି ଧରା ।
ରୌଦ୍ରଙ୍କ ତେଜରେ ଧରା ରାଣୀ ଆଉ
ଦିଶୁନାହିଁ ମଧୁଝରା ॥
ନଦୀ, ନାଳ ଯେତେ ଜଳଶୂନ୍ୟ ସବୁ
ଦିଶେ ମରୁଭୂମି ପରି ।
ସତେ କ ଯେମିତି ଦୂର ଗଗନରୁ
ଅଗ୍ନି ବର୍ଷା ପଡେ ଝରି ॥
ନିଃଶବ୍ଦ ଲାଗଇ ପଥପ୍ରାନ୍ତ ଆଜି
ଜନଶୂନ୍ୟ ପଥ ଘାଟ ।
ତୃଷ୍ଣାରେ ଅଧିର ଶୁଭେ ହାହାକାର
କାହିଁ ନାହିଁ ନଦୀ ତଟ ॥
ଶୁଭୁନାହିଁ କୋକିଳର ମିଠା ସ୍ୱନ
ବସିଛି ସେ ମନ ମାରି ।
ଦାରୁଣ ଏ ଗ୍ରୀଷ୍ମ ଭରି ନିରିଦୟ
ସାଜିଛି ତାର ବଇରୀ ॥
ଝାଞ୍ଜି ଚଇତାଳ ଦିଏ ଦେହ ଜାଳି
ହେଉନାହିଁ ସହ୍ୟ କରି ।

ISSN NO.
2582-208X

ବୃକ୍ଷଲତା ସବୁ ଶ୍ରୀଦିନ ଦିଶଇ
ଲାଗେ ମରୀଚକା ପରି ॥
ଶୁଷ୍କ ବୈଶାଖରେ ଜଳୁଛି ଧରଣୀ
ବର୍ଷାକୁ ରହିଛି ଚାହିଁ ।
ବର୍ଷାର ସ୍ପର୍ଶରେ ଉଲ୍ଲସି ଉଠିବ
ନବ ପଲ୍ଲବିତ ହୋଇ ॥
କେବେ ଆସିବୁ ଲୋ ତୁ ବରଷା ରାଣୀ
ପ୍ରତୀକ୍ଷାରେ ଅଛି ରହି ।
ଢାଳଦେବୁ ଅମୃତର ବାରିଧାରା
ହସି ଉଠିବ ଏ ମହୀ ॥

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ, ଓଡିଆ ବିଭାଗ,
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର

ISSN NO.
2582-208X

# ବେଦମ୍ ନାୟିକା

ସଂଘମିତ୍ରା ବେହେରା

୧
ମୁଁ ନାରୀ
ସେଦିନ ମୁଁ ନୃବାନର ଅବସ୍ଥାରେ କେମିତି ଥିଲି ଜାଣେନି ।
ଆଦାମ-ଇଭ ନା ମନୁ- ସତ୍ତ୍ୱରୂପା ପରି!
ହତାଶ ମୋ ରୂପ ବୈଭବ ।

ମୁଁ ସତ୍ୟଯୁଗରେ ସତୀ ପୁଣି ତ୍ରେତୟାରେ ଅପହୃତା
ଅବା ଦ୍ୱାପରରେ ସଭାମଧ୍ୟେ ବସ୍ତ୍ରହରା ।
ତଥାପି ଦେଖ! ସେଦିନ ପୁରାଣରେ ମୁଁ କେତେ ଯେ ଶ୍ରେଷ୍ଠ !
ଆସ ଗଢ଼ି ବସିବା ଆଉ ଏକ ନୂଆ ସମାଜ ।
ଆଜି ମୁଁ ବେଦମ୍ ନାୟିକା ।

୨
ଇତିହାସ କହିଗଲା ମୋତେ ଘେନି ହେଲା ସତୀଦାହ ଓ ବାଲ୍ୟବିବାହ ପ୍ରଥା ।
ନବଜାଗରଣେ ପାଠ ପଢ଼ାଇଲେ ମୋତେ କେତେ ଯେ ରଥୀ ।
କାଳପାଶୁଁ କାଟିଦେଇ ଅଶିକ୍ଷା ଓ ଅନ୍ଧବିଶ୍ୱାସର ରସି ।
ହଁ, ମୁଁ ବେଦମ୍ ନାୟିକା ।
ପଦାକୁ ଯେବେ କାଢ଼ିଦେଲି ଗୋଡ଼
ମୁଁ ପୁଣି ହେଲି ରାଜନୀତିର ନାୟିକା ।

୩
ମାଆ ଡରୁଥିଲା କାଳେ କେବେ କିଛି ଘଟିଯିବ ଆଜିର ଏ କଳିକାଳେ ।
ସମସ୍ତ ଅଘଟଣ ଘଟୁଥିଲା ଯେମିତି ସୀତା, ଦ୍ରୁପଦ କନ୍ୟା, ପଦ୍ମାବତୀ ଆଉ ମୋ ପୁରୁଖା ଅଣଆଇ ସାଥେ ।

ISSN NO.
2582-208X

ଆଜି ବି ଅନେକ କାନୁନ ଓ ଆଇନ୍ ବ୍ୟବସ୍ଥା
ଦେଇ କି ପାରିବ ମୋତେ ଶୃଙ୍ଖଳ ପରିଧି ।
ହଁ, ଆଜି ମୁଁ ବେଦମ୍ ନାୟିକା ।

୪
ମୋ ପାଇଁ କେବେ ହୁତାଶନ, ରାହାଜାନୀ
ମୁଁ ହେଲିଣି ନିରୁପାୟ
ସେଦିନ ମୋ ପୂର୍ବସୂରୀ ବି ଜାଣିନଥିଲେ
ମୁଁ ଘରୁ ବାହାରିଲେ କ'ଣ ଘଟିଯିବ?
ଆଜି ମୁଁ ବେଦମ୍ ନାୟିକା ।

୫
ସେଯୁଗେ ମୁଁ ଘରେ ଥିଲେ ବି ମୋର କେହି ରକ୍ଷକ ନଇଲେ
ଆଜି ବି କେହି ରକ୍ଷକ ନୋହିବେ
ମୁଁ ତ ମୁଁ
ଆଉ କେତେକାଳ ଘଟୁଥିବ ଏମିତି
ଆଉ ଟିକିଏ ଅପେକ୍ଷା ମାନବିକତା ।
ଆଜି ଭାବିଭାବି ହେଲିଣି ମୁଁ ବେଦମ୍ ନାୟିକା ।

ଆସିଷ୍ଟାଣ୍ଟ ପ୍ରଫେସର
ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN NO.
2582-208X

# ଅବସ୍ଥା ବ୍ୟବସ୍ଥା ସ୍ୱତନ୍ତ୍ରତା



ଶିବରାମ ସାହୁ

ସ୍ୱାଧୀନତାର ଅଣାଅଶୀ ତମ ବର୍ଷ ବିତିଗଲା ପରେ ମଧ୍ୟ ମଣିଷ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ପ୍ରାପ୍ତି କରିପାରିନି, ତା ବୋଲି ମନୁଜ ମନର ଭାବ ଅସ୍ପଷ୍ଟ ନୁହେଁ । ଇଂରେଜ କବଳରୁ ସିନା ଆମ୍ଭେ ମୁକ୍ତ ହୋଇଗଲୁ କିନ୍ତୁ ଏବେବି କେତେକ ଗଣପିଚାସଙ୍କ କବଳରେ ପରାଧୀନ ହୋଇରହିଛେ । ଆଜି ନାରୀଟିଏ ଚଲା ପଥରେ ଚାଲିବା ପାଇଁ ଅସୁରକ୍ଷିତ ମନେ କରୁଛି କେତେକ ଅସଭ୍ୟ ଚର୍ମପିଶାଚ ପାଇଁ ଆଉ ଶିଶୁଟିଏ ବିଦ୍ୟାଳୟ ପଥ ବାହୁଡ଼ିଛି କେତେକ ଅପହରଣ ମୋନୋଭାବ ନରରାକ୍ଷସ ପାଇଁ । ସୁରକ୍ଷା ଓ ବ୍ୟବସ୍ଥା ଅସଜଡ଼ା ହେବାର ମୁଖ୍ୟ କାରଣ କଣ ହେଇପାରେ ଏହା ଭାବିବା ଉଚିତ୍ । ମନୁଷ୍ୟ ଆଳୟ ମଧ୍ୟରେ ଅବଶ୍ୟ ସୁରକ୍ଷିତ ତଥାପି ସେ ଭୀତତ୍ରସ୍ତ ବାହାରକୁ କଣିଚାଏ ବାହାରିବା ପାଇଁ । ଅତ୍ୟନ୍ତ ଆନନ୍ଦର ବିଷୟ ମୋ ଭାରତ ଭୂମୀରେ ସ୍ୱର୍ଣ୍ଣ ଫଳୁଛି କିନ୍ତୁ ସାଉଣ୍ଟିବା ପାଇଁ ନିରୀହ କୃଷକ ଟିଏ ସ୍ୱତନ୍ତ୍ରତା ପାଇନାହିଁ ଏହା ତ ଏକ ପରିତାପର ବିଷୟ ବୁଝୁଛି କିଏ ? ଯୁଗଟିଏ ବିତିଯାଇଥିଲେ ମଧ୍ୟ ନିମ୍ନ ମାନସିକତା ପରାଧୀନ ହୋଇ ପଡ଼ି ରହିଛି ଏକ ଅନ୍ଧାର କୋଠରିର କେଉଁ ଏକ କୋଣରେ । ସୁଜନ ବୃନ୍ଦ ସୁଖୀ ହେବାରୁ ବଞ୍ଚିତ ହେଉଛନ୍ତି ଦୁର୍ଜନର କେବଳ ବୃଥା ରଡିରେ ।

ଏଣେ ପ୍ରଭାତର କିରଣ ପଡ଼ଇ ଜଙ୍ଗଲେ ପଶୁପକ୍ଷୀ ବାଟବଣା ହୁଅନ୍ତି ଗୁପ୍ତ ଶିକାରୀର ଗହଣେ । କୁଳୁକୁଳୁ ଶବ୍ଦରେ ନିର୍ଝରଣୀ ପ୍ରବାହିତ ହୁଏ ସିନ୍ଧୁର ବୁକୁରେ ସମାହିତ ପାଇଁ କିନ୍ତୁ ସଙ୍ଗମ ପ୍ରାପ୍ତିରେ ଜଳପିଚାସ ପ୍ରତିବନ୍ଧକ ସାଜିଲେଣି । ଭାରତଭୂମି ଆଜି ଗର୍ବିତ ତାର

ISSN NO.
2582-208X

ସନ୍ତାନ ମାନଙ୍କ ପାଇଁ କିନ୍ତୁ ଏବେବି ପୟରେ ବେଡି ପଡିଅଛି କେତେକ ତୁଚ୍ଛ ରାଜନୀତି ଓ ଦେଶଦ୍ରୋହି ପାଇଁ । ନିସନ୍ଦେହ ସୁବର୍ଣ୍ଣ ଆମର ପବିତ୍ର ଜନ୍ମଭୂମୀ ବିଡମ୍ବନାର ବିଷୟ ହେଉଛି ଏଯାଏଁ ଖଣିପିଚାସଙ୍କ କବଳରୁ ରକ୍ଷା ପାଇପାରୁନି । ସୁନ୍ଦର ଯେତେ ସମିରର ବେଗ ଅଥଚ କଳକାରଖାନା ରୁ ନିର୍ଗତ ଧୂଆଁ ଅନେକଙ୍କୁ ବଞ୍ଚାଇ ଦେଉନି । ସୌନ୍ଦର୍ଯ୍ୟର ଗୁମାନ ନାହିଁ ଅମ୍ବରକୁ ହେଲେ ଏବେବି ଆଧୁନିକ ବିଜ୍ଞାନର ଅଧିନ ପାଲଟିଛି ଯଦ୍ୟପି ସିନ୍ଧୁ ଲଂଘିନାହିଁ କେବେ ସରହଦ ତାର ତଥାପି କାହିଁ ଉଦର ଚିରି ଶତକଡା ହୁଏ ଦେଶ ବିଦେଶରେ । ପଞ୍ଚତତ୍ୱକୁ ବଶୀଭୂତ କରିବାର ଲାଳସା ମଣିଷକୁ ମଶାଣୀ ଭୂଇଁରେ ଜରାଜୀର୍ଣ୍ଣ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଦୁଃସାହସ ଦିନେ ରାବଣ ବି କରିଥିଲା ନବଗ୍ରହଙ୍କୁ ବନ୍ଦୀ ବନାଇ କିନ୍ତୁ ସମୟ ସ୍ରୋତରେ ସବୁକିଛି ବୁଡିଗଲା ତାର । ଜିଜ୍ଞାସା ଯେବେ ସୀମା ଉଲଂଘନ କରେ ଦୁଇମୁଠା ମାଟି ଓ ଖଣ୍ଡିଏ କାଠ ମଧ୍ୟ ନିଜର ପରିଚୟ ପାଲଟିଯାନ୍ତି ରକ୍ତାକ୍ତ ମୁହୂର୍ତ୍ତେ ଏକଥା ବୁଝିଗଲେ ମଣିଷ ଭଲହେବ ତଥାପି ସେ ଆଜି ରହସ୍ୟ ଚକ୍ରର ମାଇଲ ଦୂରରେ । ଏମିତି ଅନେକ ଅସାଧାରଣ ଅଜସ୍ର ପ୍ରଶ୍ନ ଉଙ୍କି ମାରିଅଛି ଆଜି କବିଙ୍କ ଗହିର ହୃଦୟରେ ଯେ ୟେ କେମିତିକା ସ୍ୱାଧୀନତା ? କେହି କହି ପାରିବେ ନାହିଁ । ସ୍ୱତନ୍ତ୍ରତାର ନାରା ଦେଇ ବାସ୍ତବରେ ଆମ୍ଭେ ଆଜିବି ପରାଧୀନ ହୋଇ ଅଛୁ । ଏହା ହିଁ ଅଖଣ୍ଡ ସତ୍ୟ ବୋଧେ ଅଖଣ୍ଡ ଭାରତର । ଗରିବ ଟିଏ ଧନୀ ପାଖରେ, କର୍ମଚାରୀଟି ଅଫିସର ପାଖରେ, ଛାତ୍ରଛାତ୍ରୀ ପରିସର ମଧ୍ୟରେ, ବୃଦ୍ଧ ବାପ ମା ବୃଦ୍ଧାଶ୍ରମରେ, ନିର୍ଯାତିତ ନାରୀ ରାସ୍ତା କଡ଼ରେ, ଶିଶୁ ନିୟୋଜିତ ଶ୍ରମ ପାଖରେ, ପାଠୁଆର ସ୍ଥାନ ଆବାସ ମଧ୍ୟରେ, ଅଯୋଗ୍ୟର ସ୍ଥାନ ସିଂହାସନରେ, ବେରୋଜଗାର ର ସ୍ଥାନ ଅପରାଧ କ୍ଷେତ୍ରରେ, ସୈନିକଟିଏ ଶେଷ ସୀମାରେ, ନୀରିହ ଜନତା ସରକାର ପାଖରେ, ରାଜ୍ୟ ଦେଶ ଅଧୀନରେ ଆଉ ଦେଶ ବିଦେଶ ପାଖରେ ବୋଧେ ବନ୍ଧା ପଡ଼ିଛି । ତେବେ ଆମେ ସ୍ୱତନ୍ତ୍ରତା ପାଇଲୁ କେତେବେଳେ ?

ମନୁଷ୍ୟ ଭାବର ମହତ୍ୱ କେତେ ? କାଗଜ କଲମରେ ଅଙ୍କ କଷି କହିବା ହୁଏତ ସହଜ ହେଇପାରେ କେତେକଙ୍କ ପାଇଁ ବାସ୍ତବରେ ଏହା ଏକ ଭ୍ରମର ଲହରୀ ଅବସ୍ଥା ଓ ବ୍ୟବସ୍ଥା ମଧ୍ୟରେ । ବୋଧେ ଏହା ହିଁ ଅଖଣ୍ଡ ସତ୍ୟ ଅଖଣ୍ଡ ଭାରତ ବର୍ଷରେ । ଜନଶ୍ରୁତି ପରିହାସ କରେ ଆଉ ଇତିହାସ ଅଳସ ଭାଙ୍ଗେ । ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଆମେ ସମସ୍ତେ ସମାନ କର୍ଣ୍ଣପଟରେ ପଡିଲେ ଠିକ୍ ଲାଗୁଥାଇପାରେ ହେଲେ ଏହାର ପ୍ରକୃତ ଅର୍ଥ ମନୁଷ୍ୟ

ISSN NO.
2582-208X

ଆଜିବି ବୁଝିବାରେ ଅସମର୍ଥ । ଆଜିର ଶିଶୁ ଯଦି କାଲିର ନାଗରିକ ହୁଏ ତେବେ ଆଜିର ନାଗରିକ କାଲିର ଅପରାଧ କାହିଁକି ହୁଏ ? ନିଶ୍ଚୟ ଆମର ହିଁ ଅବସ୍ଥା ବ୍ୟବସ୍ଥା ଓ ସ୍ୱତନ୍ତ୍ରତା ମଧ୍ୟରେ କିଛି ବିରଳ ତ୍ରୁଟି ପରିଲକ୍ଷିତ ହେଉଛି ।

ନବରଙ୍ଗପୁର
ଦୁରଭାଷ : ୯୯୩୭୬୫୩୩୬୧

ISSN NO.
2582-208X

# ଶ୍ରାବଣ ପୁନେଇଁ

ଧ୍ରୁବ ଚରଣ ଘିବେଲା

ତିଥି ଗୋଟିଏ ପୁନେଇଁ ସିଏ
ଶିରାବଣ ପୁନେଇଁ
ସଭେ ଜାଣନ୍ତି ହେଜି ରହନ୍ତି
ରାକ୍ଷୀ ପୁନେଇଁ କହି ।
ବଳରାମଙ୍କ ଜନମ ଦିନ
ଶ୍ରାବଣ ପୁନେଇଁରେ
ଗୋରୁ ପୂଜନ ହୁଏ ସେଦିନ
କୃଷକ ପରିବାରେ ।
କୃଷି କର୍ମାଣି କାମରେ ସଦା
ଗୋରୁଙ୍କ ଯୋଗଦାନ
ହଳଲଙ୍ଗଳେ ବଳଦ ଯୋଚି
ହୁଅଇ ଚାଷକାମ ।
ଗହ୍ମା ପୁନେଇଁ ନାମେ ବି ଜଣା
ଶ୍ରାବଣର ପୁନେଇଁ
ଗହ୍ମା ଡିଅନ୍ତି ପିଲେ ଖୁସିରେ
ଗରବ ଭାବ ବହି ।
ଭାଇ ହାତରେ ସ୍ନେହ ଆଦରେ
ରାକ୍ଷୀକୁ ବାନ୍ଧି ଦେଇ
ଗେହ୍ଲି ଭଉଣୀ ହରଷେ ପୁଣି
ପାଳେ ରାକ୍ଷୀ ପୁନେଇଁ ।
ଦୀପ ସଳିତା ରଖି ସାଇତା
ଭାଇକୁ ବନ୍ଦେଇ ଦେଇ
ମଥାରେ ଚିତା ଚନ୍ଦନ ଟିପା
ମୁହଁରେ ମିଠା ଥୋଇ ।

ISSN NO.
2582-208X

ଭାଇର ସୁଖ କାମନା କରେ
ଭଉଣୀ ଏ ଦିନରେ
ଦିଅଁ ଦର୍ଶନେ କେତେ ଯାଆନ୍ତି
ସଭେ ରହି ଖୁସିରେ ।
ଆଜି ତିଥିରେ ଜନମି ଥିଲେ
ଗଙ୍ଗାଧର ମେହେର
ସ୍ୱଭାବ କବି ନାମେ ବିଦିତ
ଚିରକାଳ ଅମର ।
ଦିନରେ ତନ୍ତ ରାତିରେ ଗ୍ରନ୍ଥ
କାମରେ ଥିଲେ ରତ
ସାଧନା ବଳେ ସାଧକ ଥିଲେ
ଲେଖି କବିତା ଗ୍ରନ୍ଥ ।
ସବୁଠି ତାଙ୍କ ଜନ୍ମ ଜୟନ୍ତୀ
ହୁଏ ଆଜି ପାଳିତ
ଓଡ଼ିଆ ଭାଷା ପ୍ରଥିତ ଯଶା
କବିଙ୍କୁ ପ୍ରଣିପାତ ।

ବଉଦଗ୍ରାଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X



# ପରିବର୍ତ୍ତନ

ଚତରଞ୍ଜନ ବେହେରା

ଗୁରୁ କୂଳରେ ଗୁରୁ ପୂଜା ପାଉଥିଲେ
ଶିଷ୍ୟ ଙ୍କ ଭକ୍ତ ଫୁଲରେ.....
ଏବେ ଗୁରୁ ଶିଷ୍ୟ ଭିଡିଓ କରୁଛନ୍ତ
ସୋସିଆଲ ମିଡିଆ ରେ....!!

ଗୁରୁଙ୍କୁ ଦେଖିଲେ ଉତ୍ତମ ଶିଷ୍ୟ
ପ୍ରଣାମ କରିଥିଲେ ପାଦ ଛୁଇଁ.....
ଗୁଡ ମର୍ଣ୍ଣିଂ, ଗୁଡ଼ ନାଇଟ ବୋଲି
ଏବେ ମେସେଜ ଘାଇଁ ଘାଇଁ....!!

ବିଦ୍ୟାଳୟରେ ଶ୍ରମ ଦାନ କଲେ
ବ୍ୟାୟାମ ଭଳଆ ଲାଗୁଥିଲା....
ଏବେ ଏହା ଗୋଟେ ଅପରାଧ ବୋଲି
ନୂଆ ନୟମ ଆଗତ ହେଲା....!!

ଛାଟ ବାଜିଲେ ପାଠ ଆସେ ବୋଲି
ପୂର୍ବରୁ ପ୍ରଚଳତ ଥିଲା...
ଏବେ ତାହା ପରିବର୍ତ୍ତନ ହୋଇ
ଦଣ୍ଡ ମୁକ୍ତ ଅଞ୍ଚଳ ହେଲା....!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# ମହାକୁମ୍ଭ, ପାପନାଶ ଓ ମୋକ୍ଷ ପ୍ରାପ୍ତି



ବିରଞ୍ଚି ନାରାୟଣ ମିଶ୍ର

ପ୍ରୟାଗରାଜରେ ବୁଡ଼ ପକାଇ ଚାଲିଶି ରୁ ଅଧିକ ଫଟୋ whatsapp ରେ ପଠାଇଛି ସୌମିତ୍ର। ସବୁ ଫଟୋ ଦେଖି ଖୁସି ଲାଗିଲା। ନିଜକୁ ଟିକେ ପାପୀ ପାପୀ ଲାଗିଲା। ସତରେ ମୋକ୍ଷପ୍ରାପ୍ତିର ଏତେବଡ ସୁଯୋଗକୁ ହାତଛଡା କରିଦେଲେ କେମିତି ହବ। ତାପୁଣି 144 ବର୍ଷ ପରେ ଆସିଛି। ସୌମିତ୍ରକୁ ଫୋନ କଲି। ତାଠାରୁ ଯାହା ଶୁଣିଲି ମନେ ମନେ ଭାବିଲି -ନା ଏ ଜନ୍ମରେ ମୋର ମୋକ୍ଷ ପ୍ରାପ୍ତି ନାହିଁ। ଭାରି ବ୍ୟସ୍ତ ହେଲି। ଭାରତୀୟ ରେଳ ବିଭାଗରେ ମୋର ଯେତେଜଣ ଚିହ୍ନା ପରିଚିତ ବନ୍ଧୁ ଥିଲେ ସଭିଙ୍କି ଅନୁରୋଧ କଲି ପ୍ରୟୋଗରାଜ ଯିବା ପାଇଁ ଟିକେଟ କରିଦେବାକୁ,ନିରାଶ ହେଲି। ମୋକ୍ଷର ଆଶା ମଉଳିଗଲା। ଅପ୍ରାପ୍ତିର ଯନ୍ତ୍ରଣା ଭିତରେ ମନ ଖାଲି ଗୋଳେଇଘାଣ୍ଟି ହେବାକୁ ଲାଗିଲା।

ସକାଳୁ ସକାଳୁ ସୌମିତ୍ର ଫୋନ କଲା -ବିରଞ୍ଚି ତୁପରା ଗଙ୍ଗାରେ ବୁଡ଼ ପକାଇବାକୁ କହୁଥିଲୁ ଯିବୁ?

କେମିତି ଯିବି ଟିକେଟ ପାଇଁ ସମସ୍ତ ଚେଷ୍ଟା କଲି।

ହତାଶ।

ତୁ ଯିବୁ କି ?

ହଁ ଯିବି ଯେ କେମିତି....

ଆମ ସାଇର ଚାରିଜଣ ସାଙ୍ଗ ଗୋଟେ କାରରେ ଯାଉଛନ୍ତି, ଲୋକଟିଏ ଖୋଜୁଛନ୍ତି। ମୁଁ ତୋ ନାଁ ଦେଇଦେଇଛି।

ISSN NO.
2582-208X

କାଲି ଭୋର ଭୋରରୁ ସେମାନେ ଯିବେ ତୁ ଆଜି ରାତିରେ ଆମଘରକୁ ଆସିବୁ, ଏଇଠୁ ସାଙ୍ଗ ହୋଇ ସେମାନଙ୍କ ସାଙ୍ଗେ ଯିବୁ ।

ଖୁସିରେ ଆତ୍ମହରା ହୋଇଗଲି । କୃତଜ୍ଞତା ଜଣାଇଲି ଘର ଠାକୁରଙ୍କୁ। ଶୁଭଖବରଟି ଜଣାଇବା ପାଇଁ ହେନାକୁ ବଡ଼ପାଟିରେ ଡାକିଲି।

କାନିରେ ହାତପୋଛି ଟିକେ ଚିଡ଼ିଲାପରି କହିଲା କାହିଁକି ଏଢ଼େ ସିନିହ ଡାକରା ମ । ଆରେ ମୁଁ ପ୍ରୟାଗରାଜ ଯିବି ଗଙ୍ଗାରେ ବୁଡ଼ ପକାଇବା ପାଇଁ। ସାଙ୍ଗ ସୌମିତ୍ର ସବୁ ବନ୍ଦୋବସ୍ତ କରିଦେଇଛି ।ଆଜି ରାତିରେ ସୌମିତ୍ର ଘରେ ରହି ତା ସାଇ ପିଲାଙ୍କ ସହ car ରେ ଯିବି ।

Car ରେ ଏତେବାଟ ଯିବ! ୟୁଟୁବ ରେ ଦେଖ ଜାଣିବ କେତେକଷ୍ଟ ସହି ଲୋକମାନେ ବୁଡ଼ ପକାଇବାକୁ ଯାଉଛନ୍ତି ।

ତୁମେ ପାରିବ ?

ତୁମେତ ଠିକ ଭାବେ ଚାଲିପାରୁନ । ଗୋଡ଼ ଏପଟ ସେପଟ ପକାଉଚ ସେଥିରେ ବୀର ଭଳିଆ ବାହାରି ପଡୁଛ କଣ । ଚୁପହୋଇ ଘରେ ବସ । ଆଗ କହିଲ ଏତେ କଷ୍ଟ କରି ବୁଡ଼ ପକାଇବାକୁ କାହିଁକି ଯିବ ?

ମୋକ୍ଷ ପ୍ରାପ୍ତି ଓ ପାପର ବିନାଶ ପାଇଁ।

-କି ପାପ କରିଛ ଯେ ଏତେ କଷ୍ଟକରି ଯିବ ।

-ଆରେ ମୁଁ ଯୋଉ ଜଘନ୍ୟ ପାପ କରିଛି ପ୍ରଭୁ ଏ ଜନ୍ମରେ ମୋ ପାପକୁ ଛଡାଇ ଦେବାର ବଡ଼ ସୁଯୋଗ ଟିଏ ଦେଇଛନ୍ତି ତାକୁ ମୁଁ ଛାଡିପାରିବି ନାହିଁ। ଯେତେକଷ୍ଟ ହେଉପଛେ ମୁଁ ଯିବି ।

-ତମେ ଦେଖିଚ କୋଟି କୋଟି ଲୋକ ଯାଇଛନ୍ତି ଓ ଏବେବି ଯାଉଛନ୍ତି ପାପ ଛଡ଼ାଇବା ପାଇଁ। ଯିବାର ଯଦି ଭାବୁଥିଲ ଆଗରୁ କାହିଁକି ଗଲନି । 2025 ପରେ ଯେତିକି ଲୋକ ସ୍ୱର୍ଗକୁ ଯିବେ ସ୍ୱର୍ଗରେ ଜାଗା ନଥିବ ସେମାନଙ୍କୁ ରଖିବା ପାଇଁ। ତମେସିନା ପ୍ରଥମରୁ ପବିତ୍ର ସାହିସ୍ନାନ କରିଦେଇ ନାଁ କୁ ତୁମର ଆଗରେ ରଖିଦେଇଥାନ୍ତ । ଏତେ ପଛରେ ବୁଡ଼ ପକେଇବ ଯେ ସ୍ୱର୍ଗରେ ଜାଗା ନପାଇ ନର୍ଜର ଅସ୍ଥାୟୀ ଶିବିରରେ ରହିବ। ଜୀବନରେ କିଛିତ କରିପାରିଲନି ଶେଷକୁ ପାପ ଛଡ଼ାଇବାକୁ ଯାଇ ଗଙ୍ଗାରେ ବୁଡ଼ ପକାଇ ନର୍କରେ ରହିବ ।

ISSN NO.
2582-208X

-କାହିଁକି

-ଆଗ ଲୋକମାନେ ରହିଲାପରେ ଆଉ କୋଉ ଜାଗା ଥିବ ଯେ ତୁମେ ରହିବ । ଶେଷରେ ନର୍କର ଲକ୍ଷ ଲକ୍ଷ ଅସ୍ଥାୟୀ ଶିବିରରେ ତୁମକୁ ସ୍ୱର୍ଗ ଦେବଦୂତମାନେ ଅନିର୍ଦ୍ଧିଷ୍ଟ କାଳ ପାଇଁ ରଖିଦେବେ। ପରିଶ୍ରା ଶିଶିକୁ ଦଶ ବର୍ଷ ଗଙ୍ଗାରେ ବୁଡାଇ ରଖିଲେ ସେ ପରିଶ୍ରା କଣ ଗଙ୍ଗା ପାଣି ହବ କି। ମୋ କଥାମାନି ବୁଡ଼ ପକାଇବାକୁ ଜମା ଯାଆନି ।

ହେନା କଥା ନମାନି ମୁଁ ବୁଡ଼ ପକାଇବାକୁ ସେମାନଙ୍କ ସହ ବାହାରିଗଲି। ପ୍ରଥମ ଦିନ ଭଲ ଲାଗିଲା। ତାପର ଦିନଠାରୁ କଷ୍ଟ ଆରମ୍ଭ ହେଲା। ଗୋଡ଼ ପାଦ ଗୋଦର ଗୋଡ଼ ପରି ଫୁଲିଗଲା। ଅସହ୍ୟ କଷ୍ଟ ଲାଗିଲା, ହେନା କଥା ବହୁତ ମନେ ପଡିଲା। ଘରକୁ ଫେରିଯିବାକୁ ମନ ହେଲା। ଉପାୟ ନାହିଁ। ମୋତେ ପ୍ରୟୋଗରାଜ ଯିବାକୁ ପଡିବ କରିଥିବା ପାପ ଛାଡ଼େଇବାକୁ ପଡିବ।

ହେନାର ଗୋଟିଏ କଥା ବାଟଯାକ ମୋ ମନଭିତରେ ଉଙ୍କିମାରୁଥିଲା

ତୁମେ କି ପାପ କରିଛ..... ତୁମେ କି ପାପ କରିଛ......

ସତରେ ମୁଁ କି ପାପ କରିଛି। ସଠିକ ଭାବରେ ଜାଣି ପାରୁନି କୋଉ ଜଘନ୍ୟ ପାପ କରିଛି ଯାହାକୁ ଧୋଇବା ପାଇଁ ଏତେ କଷ୍ଟ କରୁଛି। ବୋଧେ ଜାଣି ମୁଁ ଅଜଣା ହଉଚି। କିନ୍ତୁ ପାପ କରିଛି। ଏହା ନିଶ୍ଚିତ। ଯୋଉ ପାପ ଲୁଚେଇ ଚୋରେଇ କରିଛି ସେଇ ପାପ କାହାକୁ ନକହି ସେମିତି ଲୁଚେଇ ଛଡେଇ ଦେବି।

ଆମେ ଯୋଉଦିନ ପ୍ରୟାଗରାଜରେ ପହଞ୍ଚିଲୁ ସେଠାକାର ଅବସ୍ଥା ଦେଖି ମୁଁ ବୁଡ଼ ନପକାଇବାକୁ ସ୍ଥିର କଲି। ବୁଡ଼ ପକେଇଲିନି। ସାଙ୍ଗମାନେ ରାତି ତିନିଟାରେ ମୋତେ ଡାକିଲେ ବୁଡ଼ ପକାବା ପାଇଁ। ମନାକଲି।

ତ୍ରିବେଣୀସଙ୍ଗମରୁ ପାଣି ଆଣିବାକୁ ନେଇଥିବା ଜାର ଟିକୁ ସେମାନଙ୍କୁ ଦେଇ କହିଲି, ଫେରିଲା ବେଳେ ଗଙ୍ଗା ପାଣି ମୋପାଇଁ ଆଣିବ। ସବୁ ସାଙ୍ଗମାନେ ବୁଡ଼ ପକାଇ ନିଜକୁ ଧନ୍ୟ ମନେକରୁଥିଲେ। ତାପର ଦିନ ଆମେ ଭୁବନେଶ୍ୱର ଫେରିଲୁ। ଆସିଲାବେଳେ ବାଟଯାକ ଭାବୁଥିଲି ହେନାକୁ ଜମା କହିବିନି ମୁଁ ବୁଡ଼ ପକାଇଲିନି ବୋଲି।

ମନେ ମନେ ଭାବୁଥିଲି ଆଉ ଗୋଟିଏ ପାପ ପୁଣି ଜାଣିଶୁଣି କରିଦେଲି। ରାତି ପାଇଲେ ତ ପାପ କରିଚାଲିଛି, କେତେ ବୁଡ଼ ଗଙ୍ଗାରେ ପକେଇବି।

ISSN NO.
2582-208X

ନିରାକାର ଭାଇଙ୍କ କଥା ମନେ ପଡିଗଲା ସେ କହୁଥିଲେ "ମାଆ କହିଛନ୍ତି ତୁ ନିଜେ ନିଜକୁ ଜମା ସଜାଡି ପାରିବୁନି। ଆ ମୋ କୋଳକୁ ଆ, ତୁ ଯେମିତି ଯୋଉ ଅବସ୍ଥାରେ ଅଛୁ ମୁଁ ତୋତେ ସେପରି ଅବସ୍ଥାରେ ଗ୍ରହଣ କରିନେବି।"

ମନେମନେ ଭାବିଲି ସବୁ ପାପକୁ ଧୋଇଦେବା ପାଇଁ ଏହାଠାରୁ ସହଜ ବାଟ ମୋ ପାଇଁ କିଛିନାହିଁ। ମା ଙ୍କୁ ପ୍ରଣାମ କରି car ରେ ଶୋଇପଡ଼ିଲି।

ଅନୁଭବକଲି ମା ଙ୍କ କୋଳରେ ଗଭୀର ନିଦରେ ମୁଁ ଶୋଇଯାଇଛି।

ଭୁବନେଶ୍ୱର / 9439011063

ISSN NO.
2582-208X

# ଭିନ୍ନ ଏକ ମଣିଷ ମୁଁ



ସୁନନ୍ଦା ଦାଶ

ଭିନ୍ନ ଏକ ମଣିଷ ମୁଁ
କର ନାହିଁ ମତେ
କୌଣସି ଭିଡରେ
ସାମିଲ,,
ଶୁଣାଅ ନାହିଁ ମତେ
ହାର୍ ଜିତ୍ ର କାହାଣୀ
ଶିକ୍ଷାଅ ନାହିଁ ମତେ
ସଂସାରୀ ହେବାର ପାଠ ,,
ଦେଖାଅ ନାହିଁ ମତେ
ମହଲ ଗଢିବାର ସ୍ୱପ୍ନ
ପଢାଅନି ମତେ ସମ୍ପର୍କର
ମିଶାଣ ଫେଡାଣ ,,
କର ନାହିଁ ବିବଶ ମତେ
କାହା ପଦ ଚିହ୍ନକୁ ଅନୁକରଣ
କରିବାକୁ,,
ରହିବାକୁ ଦିଅ ମତେ
ମୋ ଇଛାର ପରିଧି ଭିତରେ,,
ମୁଁ ବଞ୍ଚିବାକୁ ଚାହେଁ
ଭିନ୍ନ ଏକ ମଣିଷ ହୋଇ. ।।

ଭୁବନେଶ୍ୱର

ISSN NO.
2582-208X

# କମନୀୟ କାନ୍ତି



ଡ. ଅର୍ଜୁନ ଚରଣ ବାରିକ୍

କମନୀୟ କାନ୍ତି ଦେବ ଯଦୁପତି
ଶ୍ରୀପତି ଶ୍ରୀମତୀ ବର ।
ମଦନ ମୋହନ କୃଷ୍ଣ ଭଗବାନ
ଜନାର୍ଦ୍ଦନ ସୁରେଶ୍ୱର ।।
ନୀପ ମୂଳିଆ ସେ ଚିକ୍କଣ କାଳିଆ
କାଳୀୟ ଦରପ ହର ।
ୟମୁନା କୂଳିଆ ମୟୂର ଚୁଳିଆ
ବନମାଳିଆ ଶ୍ରୀଧର ।।
କାଂତ ସେ ବୃନ୍ଦାବତୀର ଦାମୋଦର
ନୀଳ କନ୍ଦର ସୁନ୍ଦର ।
ତିନି ଭୁବନ ଅଧିପତି ଭାରତୀ ପତି
ସେହି ରମା ବର ।।
ଦେବଙ୍କ ଅଗ୍ରଣୀ ହରି ଚକ୍ରପାଣି
ସ୍ୱଭାବ ଯା ଶାନ୍ତାକାର ।
ବରୁଣ ଜାମାତା ବିଷ୍ଣୁ ବିଶ୍ୱପିତା
ଶୟନ କ୍ଷୀର ସାଗର ।।
ଯମଦଣ୍ଡ ହାରୀ ମୁକୁନ୍ଦ ମୁରାରୀ
ଭାବରେ ମନ ପାମର ।
ଦୁସ୍ତର ସଂସାର ଚିନ୍ତ ଚକ୍ରଧର
ଭବ ସିନ୍ଧୁ ହେବ ପାର ।।

ISSN NO.
2582-208X

ପତିତ ତାରଣ ପ୍ରଭୁ ନାରାୟଣ
ସ୍ମରଣେ ଦୁରିତ ହର ।
ତିନିତାପ ହାରୀ ହରି ଦଇତାରୀ
ଚଉବର୍ଗ ଦାନ ବୀର ।।
ଶ୍ରୀଭୂଜେ ଦୟଣା ଶୋହେ
କେରିକେରି ଶିରେ ଶିଖିପୁଛ ପର ।
ପତିତ ପାବନ ପୁରୁଷ ଉତ୍ତମ
ନାବ ଭବ ସାଗରର ।।
ତିମିରାନ୍ଧକାର ହର ଶ୍ରୀୟାବର
ଦୁଃଖ ହାରୀ ଦେବେଶ୍ବର ।
ଶ୍ରୀକାନ୍ତ ଗୋପୀନାଥ ଜଗତ ନାଥ
ନାମ ପାବନ ଯାହାର ।।
ମକର କୁଣ୍ଡଳ ଲୋଳେ ଗଣ୍ଡପର
କଟିତଟେ ପିତାମ୍ବର ।
ତୀର୍ଥ ସକଳ ଯାହାର ପାଦ ତଳ
ତହିଁ ଲୋଳୁ ମମ ଶିର ।।
ବକ୍ଷ ଶୋଭାବନ କଉସ୍ତୁଭ ଚିହ୍ନ
ଶ୍ରୀକୃଷ୍ଣ ନନ୍ଦ କୁମର ।
ରମାବର ଭଜେ ଶିଶୁ ଅରଜୁନ
ଦୀନ ଅଜ୍ଞାନ ପାମର ।।

ଗ୍ରାମ ମହୁ, ଡାକ ମହୁ, କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଅମୃତ ମନ୍ଥନ



ମନୋରଞ୍ଜନ ସୁରୁଜାଲ

ରଜ ବୀର୍ଯ୍ୟ ପଦ୍ମ ଗରଭେ
ଦେଖ ଜୀବନ ଚିତ୍ର
ପଞ୍ଚଭୂତ ତତ୍ୱ ସଂଯୋଗେ
କିଏ କରେ ଏକତ୍ର ॥
ହିରଣ୍ୟ ଗର୍ଭରୁ ସକଳ
ହୁଅନ୍ତି ଉତପନ୍ନ
ପ୍ରଳୟ କାଳରେ ସାଇତି
ରଖନ୍ତି ସଜତନ ॥
ଦିନୁ ଦିନ ଗର୍ଭେ ବିନ୍ଦୁଟି
ଧରେ ନବୀନ ରୂପ
ଯେମିତି ପ୍ରସରେ ସୁଗନ୍ଧ
ସକାଳ ସଞ୍ଜ ଧୂପ ॥
ମାତା ପିତା ମିତ୍ର ସୋଦର
ପୁତ୍ର କନ୍ୟା କଳତ୍ର
ଆତ୍ମୀୟ ସ୍ୱଜନ ସରବେ
କିଏ ସକଳ ଚିତ୍ର ॥
ମଧୁମୟ ବିଶ୍ୱ ତାହାରି
ଯହିଁ ମଧୁ ଗୁଞ୍ଜନ
ଗରଳ କୁ ତେଜ ସୁଜନେ
କର ମଧୁ ସନ୍ଧାନ ॥
ଜଡ଼ ଚେତନର ସମଷ୍ଟି

ISSN NO.
2582-208X

ଆହାଃ ସୁନ୍ଦର ଧରା
ଚନ୍ଦ୍ର ସୂର୍ଯ୍ୟ ତାରା ପୃଥିବୀ
ସ୍ଥିତି ଏକତ୍ର ପରା ॥
କାହାର ଇଙ୍ଗିତେ ଚଳଇ
ସସାଗରା ସଂସାର
ମେଘ ରୂପେ ଜଳ ବରଷା
ଥିରିଥିରି ସମୀର ॥
ପୁଷ୍ପରେ କେ ଭରେ ସୁଗନ୍ଧ
ପକ୍ଷୀ କଣ୍ଠରେ ଗାନ
ପ୍ରକୃତି ଅଦଳ ବଦଳ
ଏକାକାରେ ବନ୍ଧନ ॥
ତାପ ପାଇ ସାରା ଧରଣୀ
ଜୀବନ ବିଞ୍ଛି ରବି
ଦିନରେ ଆଲୋକ ରାତିରେ
ପ୍ରତିଫଳନ ଛବି ॥
ସାଗର ମନ୍ଥନୁ ବାହାର
ହେଲା ଅମୃତ ବିଷ
ଅମୃତ ଜୀବନ ସନ୍ଧାନେ
ବିଷ ମରଣେ ବଶ ॥
ଅମୃତକୁ ଆସ ଖୋଜିବା
କେଉଁଠାରେ ଅଛନ୍ତି
ସବୁଠାରେ ସିଏ ନିର୍ଝରି
ସର୍ବେ ପୁରି ଅଛନ୍ତି ॥
ଅମୃତ ମନ୍ଥନ କରିବା
ଆମେ ଅମୃତ ପୁତ୍ର
ଜୀବନେ ଭରିବା ହରଷ
ହୋଇଣ ସତ ପାତ୍ର ॥

ଆଇଁଲାପାଲି, ଧମା, ସମ୍ବଲପୁର

ISSN NO.
2582-208X

# ମୋହିନୀ କନ୍ୟା



ଖଗେଶ୍ୱର ବାଗ

ନା ଅଛି ତୁମ ଯୌବନରେ ମାଦକତା
ବଚନରେ ମଧୁରତା କି
ଗମନରେ ଚଞ୍ଚଳତା
ଦେଖିନି ତ କୋମଳାଙ୍ଗେ ସୌଷ୍ଠବ
ଆଖିରେ ଆକର୍ଷଣ
ଓଠରେ ଧାରେ ହସ କି
ପୁଷ୍ପର କୋମଳତା।।
ଶୁଣିନି ନୂପୁରର ରୁଣୁଝୁଣୁ ଶବ୍ଦ
ନିତମ୍ବର କଟୀସୂତ୍ର କି
କଙ୍କଣର ନିନାଦ
ନା ତୁମେ ସ୍ୱର୍ଗର ପାରିଜାତ
ମଦୁମନ୍ଦମଳୟକି
ଶ୍ରାବଣର କଳା ବଉଦ।।
ହେଲେ----
କେଉଁ ଉପାଦାନରେ ଗଢା ତୁମେ
ନିମିଷେ କିଣି ନିଅ
କୋଟି କୋଟି ପରାଣ
କେତେ ଯେ ଦଗ୍ଧ ହଦୟ

ISSN NO.
2582-208X

କେତେ କଳୁଷିତ ମନ
କାହିଁକି ଗୋ କର ଆଲିଙ୍ଗନ।।
ଜନ୍ମ ତୁମ କେଉଁ ତପବଳେ
ନିତି ଜଳି ବିରହରେ କର ତୋଷ
ଆନକୁ କେଉଁ କଉଶଳେ
ନାହିଁ ତ ତୁମର ସ୍ୱାର୍ଥପରତା
ପ୍ରିୟପାତ୍ର ହେବାର ମୋହ
ତେବେ ଏ ରୂପ ଗୋ।
କେଉଁ ଉଦ୍ଦେଶ୍ୟରେ
କହ କେଉଁ ଉଦ୍ଦେଶ୍ୟରେ।।

ବୁଦ୍ଧିକୋମନା, ନୂଆପଡା

ISSN NO.
2582-208X

ବେଦାନ୍ତୀ

# ଓଡିଆ ନାଟ୍ୟ ସାହିତ୍ୟ କୁ ନାରୀ ଲେଖିକା ଙ୍କ ଅବଦାନ

ଡକ୍ଟର ସୁଶ୍ରୀ ସଂଗୀତା ସ୍ୱାଇଁ

ପ୍ରତ୍ୟେକ ନାରୀ ଜଣେ ଜଣେ ସମ୍ବେଦନ ଶିଳ୍ପୀ । କଳ୍ପନାପ୍ରବଣତା ର ଡେଣା ମେଲାଇ ନାରୀ ମନ ଖୋଜିବୁଲୁଥାଏ ଉନ୍ମୁକ୍ତ ଆକାଶ । ନୂତନ ସୃଷ୍ଟିର ଆଦ୍ୟଭାଷା ଠାରୁ ପ୍ରଳୟ ର ଅବ୍ୟବହିତ ପର୍ଯ୍ୟନ୍ତ ନାରୀ ଗୌରବମୟୀ, ମଙ୍ଗଳମୟୀ, ପୀୟୂଷଦାତ୍ରୀ । ତାର ଯୁଗ୍ମ ନୀଳାଭନୟନରେ ସୃଷ୍ଟି ର ଅନନ୍ତରହସ୍ୟ ଲିପିବଦ୍ଧ । ସେ ଯେତେବେଳେ ଲେଖନୀ ଧରେ ତା ଲେଖନୀମୁନରୁ ନିର୍ଗତ ହୁଏ ନୈସର୍ଗିକଭାବ । ସମାଜ ରେ ଘଟୁଥିବା ସଂକୀର୍ଣ୍ଣ ତଥା ଅମାନୁଷିକ କାର୍ଯ୍ୟକଳାପ ବିରୁଦ୍ଧ ରେ ନିର୍ଭୀକ ପ୍ରତିକ୍ରିୟା, ଯାହା ରୂପ ପାଏ କବିତା, ଉପନ୍ୟାସ, ଗଳ୍ପ, ନାଟକ ଆଦି ସାହିତ୍ୟିକ ସୃଷ୍ଟି ରେ । ପାରିବାରିକ ଦାୟିତ୍ୱ, ବ୍ୟସ୍ତମୟଜୀବନ ଚର୍ଯ୍ୟା, ସ୍ୱାଧୀନତାର ଅଭାବ, ବିଦ୍ୟା ଓ ଶାସ୍ତ୍ରାଧ୍ୟୟନ ରୁ ବଞ୍ଚିତା ହୋଇଥିବାରୁ ପ୍ରାଚୀନ ଓଡିଆ ସାହିତ୍ୟ ରେ ନାରୀଲେଖିକାଙ୍କ ସଂଖ୍ୟା ଖୁବସ୍ୱଳ୍ପ ଥିଲା । ପରବର୍ତ୍ତୀ ସମୟ ରେ ସମାଜ ରେ ସଂସ୍କାର ତଥା ନାରୀଶିକ୍ଷାର ବିକାଶ ହେତୁ ଗୃହ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ଥାଇ ମଧ୍ୟ କେତେଜଣ ନାରୀ ନିଜ ଲେଖନୀ ଚାଳନା କରିଥିଲେ । କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ଆଦି ଲେଖା ରେ ନାରୀ ଲେଖନୀ ଚମତ୍କାରିତା ପ୍ରଦର୍ଶନ କରିଆସୁଥିବା ବେଳେ ଓଡିଆ ନାଟକ ଏକାଙ୍କିକା ରଚନା ରେ ନାରୀ ଲେଖିକାଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ପ୍ରତୀୟ ମାନ ହୁଏ । ତେବେ ମୋର ଏହି ଆଲେଖ୍ୟ ରେ କତିପୟ ନାରୀନାଟ୍ୟକାରଙ୍କ ସୃଷ୍ଟି ସମ୍ପର୍କ ରେ ଆଲୋକପାତର ପ୍ରୟାସ କରିଛି। ଆଦ୍ୟଲେଖିକାଙ୍କ କଥା ଉଠିଲେ ବୈଷ୍ଣବୀ କବୀ ମାଧବୀଦାସୀ ପ୍ରଥମେ ମାନସପଟ୍ଟକୁ ଆସନ୍ତି । ମାଧବୀଦାସୀ ସଂସ୍କୃତ ଭାଷାରେ "ପୁରୁଷୋତ୍ତମଦେବ" ନାଟକ ରଚନା କରିଥିଲେ ବୋଲି ତାଳପତ୍ର ପୋଥିରେ ସର୍ବପ୍ରଥମେ ଦେଖିବାକୁ ମିଳେ। ତେବେ ମାଧବୀ ଦାସୀଙ୍କ ନାଟକ ରେ ବିଶ୍ୱନାଥଙ୍କ ପ୍ରଣୀତ ସମସ୍ତ ନାଟକ ରଚନା ର ଶୈଳୀ ର ପ୍ରଭାବ ପରିଲକ୍ଷିତ ହୁଏ । ତେବେ ବିଂଶଶତକ ର ଆଦ୍ୟପାଦରେ ଯେଉଁ କେତେଜଣ ନାରୀ ଲେଖିକା ନାଟକ ରଚନା ଦିଗରେ ମନୋନିବେଶ କରିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି –

ISSN NO.
2582-208X

ସରଳାଦେବୀ, ସୁନ୍ଦରମଣି ପଟ୍ଟନାୟକ, ସୀତାଦେବୀ ଖାଡ଼ଙ୍ଗା, ବସନ୍ତକୁମାରୀ ପଟ୍ଟନାୟକ, କନକ ପ୍ରଭା ତ୍ରିପାଠୀ, କୃଷ୍ଣପ୍ରିୟା ପଟ୍ଟନାୟକ, ତୁଳସୀଦେବୀ, ସ୍ନେହଲତା ମହାପାତ୍ର, ବୀଣାଦେବୀ, ଶରତକୁମାର ଦେବୀ, ସଂଘମିତ୍ରା ମିଶ୍ର, ପୁଷ୍ପାଞ୍ଜଳି ପଟ୍ଟନାୟକ, ପ୍ରତିଭାପରିଡା, ବିନୋଦିନୀ ପଟ୍ଟନାୟକ, ସନ୍ଧ୍ୟାମହାନ୍ତି, ମନୋଜମଞ୍ଜରୀ ମିଶ୍ର, ସୌଦାମିନୀ ଉଦ୍ଗାତା ଉଷାରାଣୀ ପଣ୍ଡା, କୁମୁଦଲତା ମହାନ୍ତି, ବିଜୟିନି ଦାସ ପ୍ରମୁଖ ନାଟ୍ୟକାର ।

ସରଳା ଦେବୀ - ସରଳାଦେବୀ ନାଟକ ରଚନା ରେ ମନୋନିବେଶ କରିଛନ୍ତି । ସଂସ୍କୃତ ନାଟ୍ୟକାର କାଳିଦାସ ଓ ଭାସଙ୍କ ଦ୍ୱାରା ଅନୁପ୍ରାଣିତା ହୋଇ ସେ ନାଟକ ରଚିବାରେ ଆଗ୍ରହ ପ୍ରକାଶ କରିଛନ୍ତି । ସାରଳାଦାସଙ୍କ ନାଟ୍ୟ ରଚନାରୀତିର ସ୍ୱାକ୍ଷର ବହନ କରେ ଐତିହାସିକ ନାଟକ "ଭୀମାଭୂୟାଁ" ଏବଂ ସାମାଜିକ ନାଟକ "ଯାଯାବର" । ତେବେ ଉଭୟ ନାଟକ ଅପ୍ରକାଶିତ । କାଳିଦାସଙ୍କ "ମାଳବିକାଗ୍ନିମିତ୍ରମ" ନାଟକ ରଚନା କରିଥିଲେ । ଭାସଙ୍କ ସ୍ୱପ୍ନବାସବଦତ୍ତା ନାଟକ ର ଛାୟା ରେ ରଚିତ କରିଛନ୍ତି । ଏହି ସବୁ ନାଟକ ରେ ନାଟକୀୟ ସଂଳାପ ପାତ୍ରୋଚିତ । ନାଟକ ଗୁଡିକ ରେ ନାଟକୀୟତା ପ୍ରଦର୍ଶନ ରେ ସରଳାଦେବୀ ବିଶେଷ କୃତିତ୍ୱ ପ୍ରଦର୍ଶନ କରିଛନ୍ତି ।

ସୀତାଦେବୀ ଖାଡ଼ଙ୍ଗା -ବିଂଶ ଶତକ ର ଅଦ୍ୟକାଳ ରେ ଅନ୍ୟତମ ସାରସ୍ୱତ ସାଧିକା ହେଉଛନ୍ତି ସୀତାଦେବୀ ଖାଡ଼ଙ୍ଗା· ଏକାଧାର ରେ ଜଣେ କବୀ, ଗାଳ୍ପିକା, ଔପନ୍ୟାସିକା ତଥା ନାଟ୍ୟକାର ଭାବରେ ସେ ଲୋକପ୍ରିୟତା ଅର୍ଜନ କରିଛନ୍ତି । ତାଙ୍କ ସମୟ ରେ ଐତିହାସିକ, ତଥା ପୌରାଣିକ ନାଟକ ରଚନା ର ପ୍ରାବଲ୍ୟ ଥିବାବେଳେ ସୀତାଦେବୀ ନାଟକ କୁ ସାମାଜିକ ଦିଗକୁ କଡ଼ଲେଉଟାଇ ନେଇଥିଲେ । ତେବେ ତାଙ୍କର ପ୍ରଥମ ନାଟକ ହେଉଛି "ସହଦୋରୀ" । ଏହାପରେ ସେ ନିଷ୍ପତ୍ତି, ପ୍ରାଚୀନ ପତ୍ନୀ, କ୍ଷୁଧାରପୀଡା, ମାତୃହୀନା, ଆଦି ନାଟଜ ରଚନା କରିଥିଲେ ମାତ୍ର ଧୀରେଧୀରେ ସେହି ନାଟକ ଗୁଡିକର ପାଣ୍ଡୁଲିପି ନଷ୍ଟ ହୋଇଯାଇଥିଲା· ମାତ୍ର ତିନୋଟି ନାଟକ ତାଙ୍କର ପ୍ରକାଶିତ ସେଗୁଡିକ ହେଉଛି "ମନ୍ଦିରପ୍ରବେଶ", ଜନ୍ମତିଥି ଏବଂ "ନିଷ୍ପତ୍ତି" । ଏହି ସବୁ ନାଟକ ର ମୁଖ୍ୟସ୍ୱର ଥିଲା ସମସାମୟିକ ସମାଜ ର କୁସଂସ୍କାର ପ୍ରତି ପ୍ରତିକ୍ରିୟାଶୀଳତା, ଜାତିପ୍ରଥାପ୍ରତି ବିଦ୍ରୋହାତ୍ମକ ମନୋଭାବ ତଥା ଦେଶାତ୍ମକ ମନୋଭାବ ।

ISSN NO.
2582-208X

ବସନ୍ତ କୁମାରୀ ପଟ୍ଟନାୟକ :-ଔପନ୍ୟାସିକା ଭାବରେ ପ୍ରସିଦ୍ଧି ଲାଭକରିଥିଲେ ମଧ୍ୟ ଜୁଆରଭଟ୍ଟା, ମରୀଚିକା, ବେସୁରା, ପରିଣତି ପ୍ରଭୃତି ନାଟକ ରଚନା କରିଛନ୍ତି ।

ବୀଣାଦେବୀ :- ଉଭୟ ନାଟକ ଓ ଏକାଙ୍କିକା ରଚନା ରେ ବୀଣାଦେବୀ ନିଜ ପ୍ରତିଭା ର ପରିଚୟ ପ୍ରଦର୍ଶନ କରିଛନ୍ତି । ଅନନ୍ୟା, ବିଭାଜକ, ନାଟକ ତଥା ଅନ୍ଧକାର ର ଅନେକଛାଇ ଏକାଙ୍କିକାର ସେ ରଚୟିତା.

ଶରତ କୁମାରୀ ଦେବୀ :-"ସମାଜ ରେ ନାରୀ" ନାଟକ ର ସେ ରଚୟିତା । ନାରୀର ଅପମାନ ର ପ୍ରତିଶୋଧ କିପରି ଅନ୍ୟଏକ ନାରୀନେଇଛି ତାହା ବର୍ଣ୍ଣନା ହୋଉଛି ।

ପ୍ରତିଭା ପରିଡା :- ପ୍ରତିଭାପରିଡାଙ୍କ ନାଟକ ଅନୁରାଧା ଓ ଆଲୋକିତ ଅନ୍ଧକାର ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରଚାରିତ ।

ପୁଷ୍ପାଞ୍ଜଳି ପଟ୍ଟନାୟକ :-ବେତାରନାଟିକା ଓ ଗୀତିନାଟ୍ୟ ରଚନାରେ ପାରଙ୍ଗମ ପୁଷ୍ପାଞ୍ଜଳି ଟୁଆଁଟୁଇଁ, ଅନୁକମ୍ପା, ସଂସ୍କାର ,ପ୍ରଭୃତି ବେତାରନାଟକ ର ସେ ରଚୟିତା ।

ସ୍ନେହଲତା ମହାପାତ୍ର :-ସ୍ନେହଲତା ମହାପାତ୍ର ସମର୍ପଣ ନାମକ ନାଟକ ର ରଚୟିତା ।

କୃଷ୍ଣପ୍ରିୟା ପଟ୍ଟନାୟକ :- ପୌରାଣିକ କଥାବସ୍ତୁ କୁ ଆଧାର କରି ନାଟକ ରଚନା କରିବାରେ ଦକ୍ଷତା ର ପରିଚୟ ପ୍ରଦାନ କରିଛନ୍ତି କୃଷ୍ଣପ୍ରିୟା ପଟ୍ଟନାୟକ । ଅଭିମାନିନୀ ସୀତା, ନାଟକ ରେ ସୀତାଙ୍କବନବାସ, ଲବକୁଶ ଜନ୍ମ, ଅଶ୍ୱମେଧ ଯଜ୍ଞ ବର୍ଣ୍ଣିତ । ତପସ୍ୱିନୀ ସାବିତ୍ରୀ ନାଟକ ରେ ପତି ଅନ୍ୱେଷଣ ରେ ସାବିତ୍ରୀଙ୍କ ଯାତ୍ରା, ସତ୍ୟବାନ ସ୍ୱୟମ୍ବର, ଯମନିକଟ ରୁ ପତିଙ୍କ ପ୍ରାଣରକ୍ଷା ଆଦି ପ୍ରସଙ୍ଗ କୁ ନାଟ୍ୟବିଷୟବସ୍ତୁ ଭାବରେ ଗ୍ରହଣ କରିଛନ୍ତି । ସେହିପରି ଅପୂର୍ବମିଳନ ନାଟକ ରେ ନଳ, ଦମୟନ୍ତୀ ପରିଣୟ ପ୍ରସଙ୍ଗ ବର୍ଣ୍ଣିତ । ସେହିପରି କାଞ୍ଚିଜେମା ପଦ୍ମାବତୀ ନାଟକ ରେ ପୁରୁଷୋତ୍ତମଦେବ ଏବଂ ପଦ୍ମାବତୀ ପରିଣୟ ବର୍ଣ୍ଣିତ ।

ସୁନ୍ଦରମଣି ପଟ୍ଟନାୟକ:- ରକ୍ତକରବୀ, ଶକ୍ତିଶମ୍ଭୁ ପରିଣୟ ନାଟକ ର ଲେଖିକା ସୁନ୍ଦରମଣି ପଟ୍ଟନାୟକ ବୀରବାଳା ତଥା ଧୂଳିଫୁଲ ନାମକ ଏକାଙ୍କିକା ର ସ୍ରଷ୍ଟା ।

ISSN NO.
2582-208X

ବିନୋଦିନୀ ପଟ୍ଟନାୟକ :- ନାଟକ, ଗୀତିନାଟ୍ୟ ସୃଜନ ରେ ବିନୋଦନୀ ସଫଳତା ଅର୍ଜନ କରିଛନ୍ତି । ତାଙ୍କ ରଚିତ ନାଟକ ଗୁଡିକ ହେଉଛି ସତୀକଳସ, ପୁଷ୍ପପାରିଜାତ, ବସନ୍ତବିଳାସ । ନାଟକ ରଚନା କରିବା ଓ ଅଭିନୟ କରିବାରେ ସେ ପାରଙ୍ଗମ ।

ସନ୍ଧ୍ୟା ମହାନ୍ତି :- ଶିକ୍ଷୟିତ୍ରୀ ନାଟ୍ୟକାର ସନ୍ଧ୍ୟାମହାନ୍ତିଙ୍କ ରଚିତ ନାଟକ ଗୁଡିକ ମଧ୍ୟରେ ରହିଛି ଶକ୍ତି, ପୁନରାବୃତ୍ତି, ଧର୍ମଅଧର୍ମ, ନିର୍ଝର ପ୍ରଭୃତି ନାଟକ ।

ତୁଳସୀ ଦେବୀ :- ତୁଳସୀ ଦେବୀ “ଝଡରଝଙ୍କାର” ନାଟକର ସ୍ରଷ୍ଟା ।

ମନୋଜମଞ୍ଜରୀ ମିଶ୍ର : - ମନୋଜ ମଞ୍ଜରୀ ମିଶ୍ର ଙ୍କର କେତେ ରାତିର ସ୍ୱପ୍ନ ନାଟକ ଟି ଯନ୍ତ୍ରସ୍ଥ ।

ସୌଦାମିନୀ ଉଦ୍ଗାତା :- ରବୀନ୍ଦ୍ରନାଥ ଟାଗୋର ଙ୍କ ନାଟକ ର ଅନୁବାଦିକା ଭାବରେ ସେ ପରିଚିତ । ତାଙ୍କ ଲୋକପ୍ରିୟ ନାଟକ ହେଉଛି ନଷ୍ଟନୀଡ଼ ।

ସଂଘମିତ୍ରା ମିଶ୍ର :- ଏକାଧାର ରେ ସମାଲୋଚିକା, କବୀ, ପ୍ରାବନ୍ଧିକା ସଙ୍ଘମିତ୍ରା ମିଶ୍ର ନାଟକ ରଚନା ସହିତ ନାଟକ ସମ୍ପର୍କ ରେ ବିଭିନ୍ନ ଆଲୋଚନା ପୁସ୍ତକ ରଚନା ରେ ସିଦ୍ଧହସ୍ତତା ଅର୍ଜନ କରିଛନ୍ତି । ତାଙ୍କ ପୁସ୍ତକଗୁଡିକ ମଧ୍ୟ ରେ ଅଛି ନାଟକ ଓ ନାଟକୀୟତା, ନାଟକ ପରମ୍ପରା ଓ ପରିଭାଷା, ନାଟକର ନବମୂଲ୍ୟାୟନ, ନାଟକର ବ୍ୟାପ୍ତି ଓ ଦୀପ୍ତି, ନାଟକସୀମା ଓ ସମ୍ଭାବନା ତଥା ଓଡିଆ ଓ ହିନ୍ଦୀ ପ୍ରତୀକ ନାଟକ ।

ସେହିପରି ବେତାର ନାଟିକା ରଚନାକରି ଖ୍ୟାତି ଅର୍ଜନ କରିଥିବା ଲେଖିକା ମଧ୍ୟରେ ଅଛନ୍ତି ମନୋରମା ମହାପାତ୍ର, ବୀଣାଦେବୀ, ବୀଣାପାଣି ମହାନ୍ତି, ମନୋଜ ମଞ୍ଜରୀ ମିଶ୍ର, ସୁଧାଂଶୁବାଳା ପଣ୍ଡା, ଅର୍ଚନା ନାୟକ ପ୍ରମୁଖ ନାଟ୍ୟକାର ।

ଓଡିଆ ନାଟକ ଲେଖିକା ଭାବରେ ଉତ୍କଳୀୟ ନାରୀ ମାନଙ୍କର ଉଦାସୀନତା ଓ ଶୂନ୍ୟତା ଲକ୍ଷ୍ୟ କଲେ ନିରାଶ ହେବାକୁ ପଡ଼େ । ଓଡିଆ ନାଟକ ଲେଖିକାଙ୍କ ସଂଖ୍ୟା ଯେପରି ମୁଷ୍ଟିମେୟ, ଉତ୍କୃଷ୍ଟ ନାଟକ ଲେଖା ମଧ୍ୟ ସୀମିତ । କେତେକ ଲେଖିକା ମାନଙ୍କ ଗଳ୍ପ ଓ ଉପନ୍ୟାସକୁ ନାଟ୍ୟରୂପ ଦିଆଯାଇଛି ଓ ଅଭିନୀତ ହୋଇ ସେହି ନାଟକଗୁଡିକ ଆଦୃତ ହୋଇଛି । ମାତ୍ର ସର୍ବଶେଷ ରେ କହିବା ଅପ୍ରାସଙ୍ଗିକ ନୁହେଁ ଯେ ଓଡିଶା ରେ ନାରୀ ନାଟ୍ୟକାର ନାହାନ୍ତି କହିଲେ ଚଳେ । ବ୍ୟକ୍ତିଗତ ଭାବେ ମୁଁ ଅନୁଭବ କରେ ଓଡିଆ ସାହିତ୍ୟ

ISSN NO.
2582-208X

ଇତିହାସ ରେ ଲେଖିକାମାନଙ୍କୁ ଯଥୋଚିତ ମୂଲ୍ୟାୟନ କରାଯାଇ ନାହିଁ। ବିଶେଷ କରି ନାରୀ ଲେଖିକା ମାନଙ୍କ ମଧ୍ୟରେ ନାଟକ ରଚନା କରିବାର ଆଗ୍ରହମିଶ୍ରିତ ପ୍ରଚେଷ୍ଟା ବୃଦ୍ଧି ପାଇବା ଏକାନ୍ତ ଆବଶ୍ୟକ ।

***********

ସହକାରୀ ପ୍ରାଧାପିକା, ଦୂର ଓ ଆଭ୍ସୀ ଶିକ୍ଷା,
ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ISSN NO.
2582-208X

# ତୁମେ ସର୍ବଗୁଣ ସମ୍ପୂର୍ଣ୍ଣା



ତାରାପ୍ରସାଦ ଜେନା

ତୁମେ ସର୍ବଗୁଣ ସମ୍ପୂର୍ଣ୍ଣାରେ ଅଛ
ଭାବ ଭବ କଳନା
ଦେବୀ ମାନବୀର କାୟା ଛାୟା ସ୍ଥିତି
ମମ ଭାଗ୍ୟ ଚାଳନା
ତୁମେ ସର୍ବଗୁଣ ସମ୍ପୂର୍ଣ୍ଣାରେ ଅଛ.....। ୦ ।

ସୀତା ସର୍ବସଂହା ଧୈର୍ଯ୍ୟଶୀଳା ନାରୀ
ପତ୍ନୀ ଧର୍ମେ ସାବିତ୍ରୀ
ନିତ୍ୟ ମଙ୍ଗଳରେ ମଙ୍ଗଳାଙ୍କ ଶକ୍ତି
ବିଧି ରକ୍ଷା ଗାୟତ୍ରୀ,
ଆତ୍ମା ଦେହାତୀତ ପ୍ରାଣ ଈଶ୍ୱରୀ ଗୋ
ମିଥ୍ୟା ନୁହଁ ଛଳନା
ତୁମେ ସର୍ବଗୁଣ ସମ୍ପୂର୍ଣ୍ଣାରେ ଅଛ.....। ୧ ।

ISSN NO.
2582-208X

ଧନ ଧାନ୍ୟେ ଉଭା ମହାଲକ୍ଷ୍ମୀ ସତେ
ବିଦ୍ୟା ଦାତ୍ରୀ ସାରଦା।
କ୍ରୋଧେ ଭୟଙ୍କରୀ ଶ୍ୟାମା ମହାକାଳୀ
ଦୁର୍ଗ ରକ୍ଷା ବରଦା,
ପାର୍ବତୀଙ୍କ ସମ ଅଲୌକିକ ବେଶ
ଅଧିଭୂତ ଲଳନା
ତୁମେ ସର୍ବଗୁଣ ସମ୍ପୂର୍ଣ୍ଣାରେ ଅଛ.....। ୨ ।

ଗ୍ରାମ ରଣପୁର, ଜିଲ୍ଲା-ନୟାଗଡ଼
ଦୂରଭାଷ- ୯୩୪୮୦୫୪୩୦୦

ISSN NO.
2582-208X

# ଜୀବନଟା ଖାଲି ରୁରୁ ରୁରୁ



ସସ୍ମିତା ପ୍ରଧାନ

ଜୀବନଟା ଖାଲି
ରୁରୁ ରୁରୁ ଲାଗେ
ଜୀବନଟା ଖାଲି ରୁରୁ ରୁରୁ
ଆରମ୍ଭ ହୁଅଇ
ଜୀବନ ଗଣିତ
କଷି କଢଟିଏ ଧରୁ ଧରୁ....

ଲିଙ୍ଗ ନିରୂପଣ
ରକ୍ଷଣାବେକ୍ଷଣ
ସଞ୍ଚରିଲେ ମାଆ ଗରଭରୁ
କନ୍ୟା ସନ୍ତାନଟେ
ଲାଗେ କାଇଁ ବୋଝ
ମୁହଁ ଫୁଲି ହୁଏ ଭୁରୁ ଭୁରୁ....

ଜନନୀ ରୂପରେ
ମମତା ମୟୀ ସେ
ବିଶାଳ ହୃଦୟ ମହୀ ଠାରୁ
ଭଗିନୀ ବେଶରେ
ଭାଇ ବଳ ସାଜେ
ଜିତି ଯାଏ ବାଜି ହାରୁ ହାରୁ....

ISSN NO.
2582-208X

ଦୁହିତା ହୋଇଣ
କୂଳ ହିତା ସାଜେ
ସମ କେ ହୋଇବ ତାହା ଠାରୁ
ସେ ଖୁସିରେ ଥିଲେ
ମହାଲକ୍ଷ୍ମୀ ତୋଷ
ଧନ ବିତ୍ତ ବଢେ ହୁରୁ ହୁରୁ.....

ସହ ଧର୍ମିଣୀ ସେ
ଶଯ୍ୟା ସଙ୍ଗିନୀ
ସ୍ୱାମୀ ତାର ଅଟେ ମହାପୁରୁ
ନାରୀ ଜନ୍ମ କରେ
ସାର୍ଥକ ତାହାର
ପତି ସେବା ଧର୍ମ କରୁ କରୁ....

ବିଭିନ୍ନ ରୂପରେ
ଅବତରି ଆସେ
ବ୍ରହ୍ମାଣ୍ଡ ସର୍ଜନା କାଳ ଠାରୁ
ଉତ୍ସର୍ଗୀତ କରେ
ସ୍ନେହ ଶ୍ରଦ୍ଧା ପ୍ରେମ
ନିମିତ୍ତ ସମୟ ସରୁ ସରୁ....

ରାଜନଗର,କେନ୍ଦ୍ରାପଡ଼ା

ISSN NO.
2582-208X

# ଆଜିର ରେବତୀ



ଶ୍ରାବଣୀ ଜେନା

ବ୍ୟାସେ ଦିନେ ପାଟପୁର ଗାଁର ନିଆଁ ରେ ଜଳି ଯାଇଥିଲା ରେବ ।
ଦିନେ ନଅଙ୍କ ଦୁର୍ଭିକ୍ଷରେ ଲେଖି ଯାଇଥିଲ ନାରୀ କୁ ଶିକ୍ଷିତ କରିବା ପାଇଁ ରେବତୀ ଗଳ୍ପ ।
ଲୋ ଚୁଲି, ଲୋ.. ରେବୀ,ଲୋ.. ନିଆଁ ଆଉ ଶୁଭିବନି ଏ ସମାଜରେ..
କି ବାପା, ମା ଆଉ ଦେଖି ବେନି କନ୍ୟା ସନ୍ତାନକୁ ନେଇ ଶିକ୍ଷିତ କରିବାର ସ୍ୱପ୍ନ।
ବାଲେଶ୍ୱର ଅଟୋନମସ ରେ ଆଉ ପଡ଼ିବନି ରେବତୀ ର ପାଦ କି ଆଉ ଶୁଭିବନି ଟିକିଏ ନ୍ୟାୟ ପାଇଁ ଚିତ୍କାର କି ଗୁରୁ ଦକ୍ଷିଣା ରେ ଆଉ ଦବାକୁ ପଡ଼ିବନି ଦେହ...।
ଲୋଡ଼ି ଥିଲି ଟିକିଏ ନ୍ୟାୟ ଏଇ ଜୀବନରେ ହେଲେ ମିଳିଲାନି କାହାର ସହଯୋଗ ର ହାତ ଶେଷରେ ବାଛି ନେବାକୁ ପଡ଼ିଲା ମୃତ୍ୟୁ ର ପଥ ।
କେତେଦିନ ଆଉ ସହିବ ଏମିତି ନାରୀ ନିର୍ଯାତନା ଆଉ ଶୁଭିବ ମିଛ ରାଜନୀତି ର ପ୍ରହସନ ଏଠି ଆଇନ୍ ଅଛି, ସରକାର ଅଛି ତଥାପି ଏଠି ମିଛ ରାଜନୀତି ଚାଲିଛି ସତ୍ୟକୁ ଏଠି ଚାପି ଦିଆଯାଏ ମିଛର କବର ତଳେ ଏଠି ଦୋଷୀ ଯାଏ ଖସି ନିରୀହ ପାଏ ଫାଶୀ।
ଜାଣିଛି ଏବେ କିଛିଦିନ ଶୁଭିବ ମିଛ ରାଲି ହାତରେ ଧରି ଚାଲିବେ ମହମବତୀ ଏମିତି କିଛି ଦିନ ପରେ ଚପିଯିବ ସୌମ୍ୟାଶ୍ରୀ ବିଶି ର କାହାଣୀ।

କେନ୍ଦ୍ରାପଡ଼ା
ବବକରପୁର

ISSN NO.
2582-208X

# ମାଣିକେଶ୍ୱରୀଙ୍କ ପରିଚୟ ଓ ପ୍ରତିଷ୍ଠା



ଅନୁରାଗ ପାଣ୍ଡେ

କଳାହାଣ୍ଡି ଜନଜାତି ପ୍ରଭାବିତ ଅଞ୍ଚଳ । ଶକ୍ତି ଉପାସନାର ଅନ୍ୟତମ କେନ୍ଦ୍ର । ଏଠାରେ ବିଭିନ୍ନ ଦେବଦେବୀ ଯଥା- ଲଙ୍କେଶ୍ୱରୀ, ମାଣିକେଶ୍ୱରୀ, କନକଦୁର୍ଗା, ଢୁକୁରି, ଜେନା, ସାତବହେନୀ, ମାଇଲି ଆଦିଙ୍କ ଉପାସନା ଆଜି ପର୍ଯ୍ୟନ୍ତ ରହିଛି । ବିଭିନ୍ନ ଲୋକଦେବୀ ବ୍ରାହ୍ମଣ ପୂଜା ପଦ୍ଧତିରେ ପୂଜିତ  କିମ୍ବା ହିନ୍ଦୁ ଦେବଦେବୀ  ଜନଜାତି ଦ୍ୱାରା ପ୍ରଭାବିତ । ଏହା ଛଡା ଉଭୟ ବ୍ରାହ୍ମଣ ଓ ଜନଜାତି ସଂସ୍କୃତିର ମିଶ୍ରଣ ମଧ୍ୟ ଘଟିଛି । ଏହି ମିଶ୍ରଣର ଦୃଷ୍ଟାନ୍ତ ଦେବୀ ମାଣିକେଶ୍ୱରୀ ।

### ମାଣିକେଶ୍ୱରୀଙ୍କ ବିଭିନ୍ନ ପରିଚୟ

ମାଣିକେଶ୍ୱରୀଙ୍କ ପରିଚୟ ଜଟିଳ । ସେ ଜନଜାତି ଦେବୀ, ଶକ୍ତି, ଓ ଦେବୀ ମାନ୍ୟତା ପାଇଥିବା ବ୍ୟକ୍ତିତ୍ୱ ରୂପେ ପରିଚିତ । ତାଙ୍କର ସ୍ୱରୂପ ଭିନ୍ନ ଭିନ୍ନ । ସେ ସମ୍ପର୍କରେ ଆଲୋଚନା କରିବା ।

ମାଣିକ୍ୟ ପଥର ଅନୁସାରେ:  ମାଣିକେଶ୍ୱରୀ କଳାହାଣ୍ଡିର ଇଷ୍ଟଦେବୀ ।  ନାଗବଂଶୀ ରାଜମାନଙ୍କ ପୃଷ୍ଠପୋଷକତାରେ ସେ ପୂଜା ପାଇଆସୁ ଅଛନ୍ତି। ମାଣିକେଶ୍ୱରୀ ନାମ 'ମାଣିକ୍ୟ' ରୁ ନିଆଯାଇଥିବାର ବିଶ୍ୱାସ କରାଯାଏ । ବିଭିନ୍ନ ତଥ୍ୟ ମାଧମରେ ଆମେ ଏହାକୁ ପ୍ରମାଣ କରିପାରିବା ।ପ୍ରଥମତଃ – ଅତୀତରେ କଳାହାଣ୍ଡି ବିଭିନ୍ନ ନାମରେ ପରିଚିତ ଥିଲା । 'ଇନ୍ଦ୍ରବନ' ସେ ମଧ୍ୟରୁ ଅନ୍ୟତମ । The Historical Atlas of South Asiaରେ ତେଲନଦୀ ଓ ଇନ୍ଦ୍ରାବତୀ ନଦୀର ମଧ୍ୟ ସ୍ଥଳ ଭାଗକୁ ଇନ୍ଦ୍ରବନ ରୂପେ ଚିହ୍ନିତ କରାଯାଇଛି। (Schwartzberg : 1978 : 16) ଏହି ଇନ୍ଦ୍ରବନ ଅଞ୍ଚଳରେ ମଣି-ମାଣିକ୍ୟ ପ୍ରଚୁର

ISSN NO.
2582-208X

ପରିମାଣରେ ମିଳୁଥିଲା । ଏହାର ସୂଚନା ଖ୍ରୀଷ୍ଟପୂର୍ବ 4ର୍ଥ ଶତାବ୍ଦିରେ କୌଟିଲ୍ୟଙ୍କ ଦ୍ୱାରା ରଚିତ ଅର୍ଥାଶାସ୍ତ୍ରରେ ଦେଖିବାକୁ ମିଳେ –

"ସଭାରାଷ୍ଟ୍ରକମ୍ ମଧ୍ୟମରାଷ୍ଟ୍ରକମ୍ କାସ୍ତିରରାଷ୍ଟ୍ରକମ୍
ଶ୍ରୀକଟନକମ୍ ମଣିମନ୍ତକମ୍ ଇନ୍ଦ୍ରାବାନକମ୍ ଚ ବଜ୍ରମ" ।
(Kautiyaarthashastra by kangle :1995 : 109 )

ଅର୍ଥଶାସ୍ତ୍ରରେ ଏହା ବର୍ଣିତ ହେବା ସହ କଳାହାଣ୍ଡିର ଡଙ୍ଗର୍ଲା ଅଞ୍ଚଳରେ ଆଜି ମଧ୍ୟ 'ଇନ୍ଦ୍ରବଣ'ନାମକ ଗ୍ରାମର ଏକ ପଡା ଅଛି । ଏହାର ନିକଟବର୍ତ୍ତୀ ଗ୍ରାମ ଜିଲିନ୍ଦରରେ ଆଜି ମଧ୍ୟ ପ୍ରଚୁର ପରିମାଣରେ ମାଣିକ୍ୟ ପଥର ମିଳୁଛି ।

ଦ୍ୱିତୀୟତଃ– କଳାହାଣ୍ଡିର ପୂର୍ବନାମ 'କାରୁଣ୍ଡ' ମଧ୍ୟ ଥିଲା । EncyclopediaBritania ନାମକ ଶବ୍ଦକୋଷରେ ବର୍ଣ୍ଣନା କରାଯାଇଛି ଯେ– 'କାରୁଣ୍ଡ' ଶବ୍ଦ କାରୁଣ୍ଡମ୍ ନାମକ ତାମିଲ/ସଂସ୍କୃତ ଶବ୍ଦରୁ ନିଆଯାଇଛି । ଏହାର ଅର୍ଥ 'ମାଣିକ୍ୟ' ବା ruby Al2O3 । (Encyclopaedia Britannica: 1953 : 478 )ତେଣୁ ମାଣିକ୍ୟ ପଥର ପଥର ମିଳୁଥିବା ଅଞ୍ଚଳରେ ମାଣିକ୍ୟଦେବୀ ବା ମାଣିକେଶ୍ୱରୀଙ୍କ ଅବସ୍ଥିତି ସମ୍ଭବ ॥

### ଛିନ୍ନମସ୍ତା ଦେବୀ–

ଶକ୍ତି ଉପାସନାର ସବୁଠାରୁ ପୁରୁଣା ରୂପ ମଧ୍ୟରୁ ଗୋଟିଏ ହେଉଛି ସ୍ତମ୍ଭ ଉପାସନା । ଦେବୀଙ୍କୁ ସ୍ତମ୍ଭ ରୁପରେ ପୂଜା କରାଯିବାରୁ ତାଙ୍କୁ ସ୍ତମ୍ଭେଶ୍ୱରୀ କୁହାଗଲା । କେତେକ ଅଞ୍ଚଳରେ ଖମ୍ଭେଶ୍ୱରୀ ମଧ୍ୟ କହିଥାନ୍ତି । ସ୍ତମ୍ଭେଶ୍ୱରୀ ଜଣେ ପ୍ରାଚୀନ ଜନଜାତି ଦେବୀ । ତାଙ୍କୁ ମୁଖ୍ୟତଃ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ପୂଜା କରାଯାଇଥାଏ । ଦେବୀଙ୍କ ମୁଣ୍ଡ ନଥାଏ ।

ଖ୍ରୀଷ୍ଟିୟ ୫ମ ଶତାବ୍ଦିରୁ ଆରମ୍ଭ ହୋଇଥିଲା ସ୍ତମ୍ଭ ଉପାସନାର ପରମ୍ପରା । ମହାରାଜ ତୃଷ୍ଟିକର ଏହାର ପ୍ରଥମ ଉପାସକ ଥିଲେ । ଏହି ସ୍ତମ୍ଭ ପୂଜା ପ୍ରଥା ସମଲେଶ୍ୱରୀ, ଲଙ୍କେଶ୍ୱରୀ, ମାଣିକେଶ୍ୱରୀ, ସୁରେଶ୍ୱରୀ, ଏବଂ ପାଟଣେଶ୍ୱରୀ ଦେବତାଙ୍କ ପ୍ରତିମୂର୍ତ୍ତିକୁ ପ୍ରଭାବିତ କଲା । ଏ ସମସ୍ତେ ସ୍ତମ୍ଭ ଆକାରରେ ପୂଜା ପାଇଲେ । ଏହି ସ୍ତମ୍ଭ ଆକାରରେ ଶକ୍ତିଙ୍କ ପୂଜା ଆଦିମ ଗଛ ପୂଜାରୁ ଉତ୍ପନ୍ନ ହୋଇଥିବା ବିଶ୍ୱାସ କରାଯାଏ । ଭାରତରେ

ISSN NO.
2582-208X

ପୁଳିନ୍ଦ ଏବଂ ଶବର ଭଳି ଆଦିମ ଲୋକମାନେ ଗଛ କିମ୍ବା ଗଛ ଗଣ୍ଡି ଆକାରରେ ମାତା ଦେବୀଙ୍କୁ ପୂଜା କରୁଥିଲେ । ଓଡିଶାରେ ଅନେକଦେବୀଙ୍କ ପ୍ରତିମାକୁ କାଠ କିମ୍ବା ପଥର ସ୍ତମ୍ଭ ଭାବରେ ପୂଜା କରାଯାଏ । ଏମାନଙ୍କୁ ଖମ୍ବେଶ୍ୱରୀ କିମ୍ବା କନ୍ଧୁଣିଦେବୀ ବୋଲି କୁହାଯାଏ । ସେ କନ୍ଧ ଜନଜାତିଙ୍କ ଦେବୀ । (Padhi : 2016 : 29-42)

ଭବାନୀପାଟଣାର ମାଣିକେଶ୍ୱରୀ ମନ୍ଦିରର ଦେବୀଙ୍କ ପ୍ରତିମା ହେଉଛି ଛିନ୍ନମସ୍ତା । ଏଠାରେ ଦେବୀ ଏକ ସିଲିଣ୍ଡର ଆକୃତି ରୂପରେ ଅବସ୍ଥାପିତ କରାଯାଇଛି । ତାଙ୍କୁ କପଡା ଓ ଅଳଙ୍କାରରେ ସଜାଯାଇଛି । ମାଣିକେଶ୍ୱରୀଙ୍କ ମୁଣ୍ଡହୀନ ପ୍ରତିମୂର୍ତ୍ତି ଆର୍ଯ୍ୟ ଓ ଅଣଆର୍ଯ୍ୟ ସଂସ୍କୃତିର ମିଶ୍ରଣକୁ ସୂଚିତ କରେ । ସିଲିଣ୍ଡର ଆକୃତିର ଗଠନ ଭାବରେ ଦେବୀଙ୍କ ସ୍ୱରୂପ ସ୍ତମ୍ଭେଶ୍ୱରୀ ସହିତ ଜଡିତ । ଯେମିତି ପୂର୍ବରୁ କୁହାଯାଇଛି 5ମ ଶତାବ୍ଦିରୁ ସ୍ତମ୍ଭ ଉପାସନା ଆଦିବାସୀମାନଙ୍କ ଦ୍ୱାରା ଆରମ୍ଭ ହେଲା । ସମୟ କ୍ରମେ ଏଥିରେ ବ୍ରାହ୍ମଣ ସଂସ୍କୃତି ପ୍ରବେଶ କରିବାରୁ ସ୍ତମ୍ଭେଶ୍ୱରୀ ଓ ମାଣିକେଶ୍ୱରୀ ଭଳି ସ୍ଥାନୀୟ ଦେବଦେବୀ ହିନ୍ଦୁ ଦେବାଦେବୀ ସହିତ ମିଶିଗଲେ । (Rath : 2009 : ୫5)ଏହି ବ୍ରାହ୍ମଣ ଓ ଜନଜାତି ଦେବୀଙ୍କ ମିଶ୍ରଣ ପ୍ରକ୍ରିୟାରେ ଦେବୀଙ୍କ ଏକ ନୂତନ ରୂପ ସୃଷ୍ଟିହେଲା । କେହି ବି କାହାରି ସ୍ଥାନ ନେଲେ ନାହିଁ। ଏହି ପ୍ରକ୍ରିୟା ଦ୍ୱାରା ଜନଜାତି ଉପାସନା(Little tradition)ଏବଂ ବ୍ରାହ୍ମଣ ଉପାସନା (Great tradition)ମଧ୍ୟରେ ଏକ ସେତୁ ତିଆରି ହେଲା। ।

### କନ୍ଧ ଦେବୀ-

କନ୍ଧମାନେ ବିଭିନ୍ନ ଦେବଦେବୀଙ୍କୁ ପୂଜା କରନ୍ତି । ମାଣିକସାଇରୋ ତନ୍ମଧ୍ୟରୁ ଅନ୍ୟତମ । କନ୍ଧମାନେ ମେରିଆବଳି ସମୟରେ ମାଣିକସାଇରୋଙ୍କୁ ପୂଜା କରିଥାନ୍ତି । କନ୍ଧମାନଙ୍କ ବିଶ୍ୱାସରେ ମାଣିକସାଇରୋ କନ୍ଧଦେବୀ ଧରଣିପେନୁର ସାନ ଭଉଣୀ । ସେମାନେ ମାଣିକସାଇରୋଙ୍କୁ ଚକା ପଥରରୂପେ ପୂଜା କରିଥାନ୍ତି । ଏହା ସମ୍ପର୍କରେ ଏକ ଢାପ ଗୀତରେ ବର୍ଣ୍ଣନା ରହିଛି । -

> "ଆଏ ମହୁଲପୁରେ ଯାଏ ମହୁଲ ପୁରେ
> ଆମର ଚକରଧାରପୂଜା ଛିନୁଛେ ଚାରକୁନିଆ ପଥର" (ପଣ୍ଡା :୨୦୦୨ : ୧୩୮)

ପୁଣି ଅନ୍ୟ ଏକ ଗୀତରେ ଅଛି-

ISSN NO. 2582-208X

"ଜୁଆର ଜୁଆର ମନେକଶରୀ ମା ରାଏଜ ମହରମନି
ସାଏବାନୀ ମା ଲାଏବାନୀ ମା ଧରନୀର ସାନ ବହେନୀ
ଜୁଆର ମା ଆମର ମାତକାଟକେ
ଧାଙ୍ଗରୀ ଗୁଟେକ୍ ମିଳୁ ଆମକେ" (Sadangi : 2010 : 4)

ଡକ୍ଟର ଦୋଳଗୋବିନ୍ଦ ବିଶି ଏହି ଦୁଇ ଢାପ ଗୀତ ସଂଗ୍ରହ କରିଛନ୍ତି ।

ସମ୍ଭବତଃ କନ୍ଧମାନଙ୍କ ଏହି ମାଣିକସାଇରୋ ଦେବୀ ପରବର୍ତ୍ତୀ ସମୟରେ ମାଣିକେଶ୍ୱରୀ ରୂପେ ପରିଚିତ ହୋଇଥିବେ ।

ଲୋକଶୃତି –

ଏକ ପ୍ରମୁଖ ଲୋକଶୃତି/କାହାଣୀ ଅନୁଯାୟୀ ମାଣିକେଶ୍ୱରୀଙ୍କ ମୂଳସ୍ଥାନ/ଆଦିପୀଠ ଥୁଆମୂଳ ରାମପୁର । ଏହା ଥୁଆମୂଳ ରାମପୁରରୁ ୧୫ କିଲୋମିଟର ଦୂରରେ ଅବସ୍ଥିତ । ଏହିଠାରୁ ଇନ୍ଦ୍ରାବତୀ ନଦୀର ଉତ୍ପତ୍ତି ମଧ୍ୟ ହୋଇଛି । ଏହି ଅଞ୍ଚଳ ୧୧ଶ ଶତାବ୍ଦୀର ନାଗବଂଶୀ ରାଜା ନୃପତି ଭୂଷଣଙ୍କ ଅଧୀନରେ ଥିଲା । ପରେ ରାମପୁରରେ ଶାସନ କଲେ ଅନ୍ୟତମ ନାଗବଂଶୀୟ ରାଜା ରାମଚନ୍ଦ୍ର ଦେବ । ଏହି ରାଜାଙ୍କ ସମୟରେ ମାଣିକେଶ୍ୱରୀ ଥୁଆମୁଳର ଘଞ୍ଚ ଜଙ୍ଗଲରେ ପୂଜା ପାଉଥିଲେ । ଜଙ୍ଗଲ ଭିତରକୁ ଯାଇ ପୂଜା କରିବା କଷ୍ଟ ହେଉଥିଲା । ତେଣୁ ରାଜା ମାଣିକେଶ୍ୱରୀଙ୍କୁ ରାମପୁରକୁ ନେଇଆସିଲେ । ଦେବୀଙ୍କୁ ନେଇ ଆସିବା ପରେ ହି ଏହି ସ୍ଥାନ ଥୁଆମୂଳ ରାମପୁର ରୂପେ ପରିଚିତ ହେଲା ।(Tripathy : 1999: 3 )ଅନ୍ୟ ଏକ ଲୋକଶୃତି ଅନୁସାରେ – ଥୁଆମୂଳ ରାମପୁରରେ ଶାସନ କରୁଥିବା ନାଗବଂଶୀୟ ରାଜାଙ୍କ ଏକ ଝିଅ ଥିଲା ମାଣିକ ଦେବୀ । ସେ କାଶୀପୁରର ରାଜକୁମାରକୁ ବିବାହ କରିଥିଲେ । ଦିନେ ନିଜ ସ୍ୱାମୀ ସହିତ ଝଗଡା କରି ବାପା ଘରକୁ ଫେରି ଆସିବାକୁ ସ୍ଥିର କଲେ । ମଧ୍ୟ ରାତିରେ ଗୋଟିଏ ଖଣ୍ଡା ଧରି ଘୋଡାରେ ବସି ଯାଉଥିଲେ । ସେହି ସମୟରେ ତାଙ୍କ ଶଶୁର ଥୁଆମୁଳରୁ ଘରକୁ ଫେରୁଥିଲେ । ଥୁଆମୁଳରୁ ୬ କିଲୋମିଟର ଦୂରରେ ଅବସ୍ଥିତ କୁତ୍ରା ପାହାଡ । ଏହି ସ୍ଥାନରେ ସେ ରାଜକୁମାରୀ ମାଣିକକୁ ଘରକୁ ଫେରେଇ ନେବାପାଇଁ ବହୁତ ଚେଷ୍ଟା କଲେ । ରାଜକୁମାରୀ ମାଣିକ କହିଲେ –"ଯଦି ମୁଁ ଯାଏ ମୋ କଟାମୁଣ୍ଡ ହି ଯିବ" । ତାଙ୍କ ଶଶୁର ଖଣ୍ଡାରେ ଦୁଃଖଦ ଭାବରେ ତାଙ୍କ ମୁଣ୍ଡକୁ କାଟିଦେଲେ । ତାଙ୍କ ଶଶୁର ମୁଣ୍ଡକୁ ଧରି

ISSN NO.
2582-208X

କାଶୀପୁରକୁ ଗଲେ । ମୁଣ୍ଡହୀନ ହେବ ସତ୍ୱେ ରାଜକୁମାରୀ ଚମତ୍କାର ଭାବରେ ତାଙ୍କ ବାପା ଘରକୁ ଫେରିଗଲେ । ମଝି ରାତିରେ ରକ୍ତ ବହିବା ଅବସ୍ଥାରେ ଗାଁକୁ ପହଞ୍ଚିଲେ । ତାଙ୍କର ମୁଣ୍ଡହୀନ ଶରୀର କଥାହେଲା । ଏହି ଦୃଶ୍ୟ ଦେଖି ଗାଁ ଲୋକ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ତାଙ୍କ ମୁଣ୍ଡହୀନ ଶରୀରକୁ କବର ଦେଲେ ଏବଂ ସେହି ସ୍ଥାନରେ ମାଣିକେଶ୍ୱରୀ ନାମକ ଏକ ମନ୍ଦିର ନିର୍ମାଣ କଲେ । ତାଙ୍କ ଶଶୁର ଯେଉଁ ମୁଣ୍ଡ ନେଇଯାଇଥିଲେ, କାଶୀପୁରରେ ମଧ୍ୟ ସେହିପରି ସମ୍ମାନ ସ୍ୱରୂପ ଆଉ ଏକ ମନ୍ଦିର ନିର୍ମାଣ କରାଗଲା । (Tripathy : 1999: 1-3)

ଏହି ଦୁଇ ଜନଶୃତି ପରସ୍ପର ସହିତ କିଛି ସମ୍ପର୍କ ସ୍ଥାପନ କରୁନାହାନ୍ତି । ପ୍ରଥମ, ନାଗବଂଶୀ ରାଜା ଉପାସନା ସ୍ଥଳୀକୁ ଅନ୍ୟ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରୁଛି । ଦ୍ୱିତୀୟଟି- ମାଣିକେଶ୍ୱରୀଙ୍କ ଛିନ୍ନ ମସ୍ତା ହେବାର କଥା କହୁଛି । ଏହା ଏକ ଜଟିଳ ସମସ୍ୟା । କିନ୍ତୁ ରାଜକୁମାରୀ ମାଣିକଙ୍କ ମୁଣ୍ଡ କାଟିବା ଏବଂ ମୁଣ୍ଡହୀନ ଶରୀରର ଏକ ମନ୍ଦିର ସ୍ଥାପନ କରିବା, ଏହା ଭବାନୀପାଟଣାର ମୁଖ୍ୟ ମାଣିକେଶ୍ୱରୀ ଦେବୀଙ୍କ ମୁଣ୍ଡହୀନ ପ୍ରତିମାକୁ ସିଧାସଳଖ ବ୍ୟାଖ୍ୟା କରେ ।

### ଶକ୍ତିଙ୍କ ରୂପ-

ମାଣିକେଶ୍ୱରୀ କଳାହାଣ୍ଡିର ଇଷ୍ଟଦେବୀ । ପୁନଶ୍ଚ ତାଙ୍କର ନାମ ମାଣିକ୍ୟ ପଥରରୁ ନିଆଯାଇଛି ବୋଲି ବିଶ୍ୱାସ । ତେଣୁ ତାଙ୍କୁ ସମୃଦ୍ଧି ଓ ଶକ୍ତିର ଦେବୀ ବୋଲି କହିପାରିବା । କଳାହାଣ୍ଡି ଅଞ୍ଚଳର ଲୋକ ଦେବୀଙ୍କୁ ଦୁର୍ଗା ଓ ଶକ୍ତି କହନ୍ତି ।ଦେବୀ ଯେ ସ୍ୱୟଂ ଶକ୍ତି ତାହା ଏକ ଲୋକ ଶୃତିରୁ ଜାଣିପାରିବା । ତାହା ହେଲା - ଦିନେ ଶିବ କୈଳାଶ ପର୍ବତରେ ନଥିଲେ । ତେଣୁ ଦେବୀ ପାର୍ବତୀ ଅସଂଯତ ଭାବରେ ପର୍ବତରେ ରହିଥିଲେ । ପରବର୍ତ୍ତୀ ସମୟରେ ଶିବ ଆସି ପାର୍ବତୀଙ୍କ ଏହି ଅବସ୍ଥା ଦେଖିବାରୁ ବହୁତ କ୍ରୋଧିତ ହେଲେ । କ୍ରୋଧରେ ଦେବୀଙ୍କୁ ତିନିଖଣ୍ଡ କରି ଫୋପାଡି ଦେଲେ । ଦେବୀଙ୍କ ମୁଣ୍ଡ ଥୁଆମୁଲ ରାମପୁରରେ, ପାଦ ଯୁଗସାଇପାଟନାରେ ଏବଂ ଗଣ୍ଡି ଭବାନୀପାଟଣାରେ ପଡିଲା । ଯେଉଁ ଯେଉଁ ସ୍ଥାନରେ ଦେବୀଙ୍କ ଅଂଶ ପଡିଲା ସେଇ ସେଇ ସ୍ଥାନରେ ଦେବୀଙ୍କ ମନ୍ଦିର ତିଆରି ହେଲା । ଏହି କାହାଣୀ ସହିତ ପୁରାଣରେ ବର୍ଣ୍ଣିତ ଶକ୍ତି ପୀଠ କାହାଣୀର ସାମଞ୍ଜସ୍ୟ ରହିଛି । ଏହା ସହିତ ଦେବୀଙ୍କୁ ତାନ୍ତ୍ରିକ ପୂଜା ପଦ୍ଧତିରେ ମଧ୍ୟ ଉପାସନା କରାଯାଏ ଏବଂ କୁହାଯାଏଯେ ଏହି ତନ୍ତ୍ର ପ୍ରଥମେ ଶିବ-ପାର୍ବତୀଙ୍କ ଠାରୁ ହିଁ ଆରମ୍ଭ ହୋଇଥିଲା ।

ISSN NO.
2582-208X

ଦେବୀଙ୍କୁ ବଳି ଦେବା, ଦକ୍ଷିଣ କାଳିକା ମନ୍ତ୍ରରେ ପୂଜା କରିବା ଇତ୍ୟାଦିରୁ ଜାଣିପାରିବା ଯେ ସେ ହିଁ ଶକ୍ତି ।

## ରାଜବଂଶ ଦ୍ୱାରା ସ୍ଥାପିତ

ମାଣିକେଶ୍ୱରୀ ଛତିଶଗଡ ଓ ଓଡିଶାର କିଛି ଅଂଶରେ ଥିବା ପ୍ରାଚୀନ ଦେବୀମାନଙ୍କ ମଧ୍ୟରୁ ଜଣେ । ତାଙ୍କର ପୂଜା ପ୍ରାୟ ୧୦୦୦ ବର୍ଷ ଧରି ଚାଲିଆସୁଥିବାର ଐତିହାସିକ ପ୍ରମାଣ ରହିଛି । ସେ ୧୧ଶ ଶତାବ୍ଦିରେ ପ୍ରାଚୀନ ଚକ୍ରକୋଟ ମଣ୍ଡଳ ରାଜ୍ୟର ଇଷ୍ଟଦେବୀ ଥିଲେ । ଏହି ଚକ୍ରକୋଟ ମଣ୍ଡଳ ଇନ୍ଦ୍ରାବତୀ ଉପତ୍ୟାକାରେ ଗଢିଉଠିଥିଲା । ବସ୍ତର(ଛତିଶଗଡ), କୋରାପୁଟ, କଳାହାଣ୍ଡି, କନ୍ଧମାଳର କିଛି ଅଞ୍ଚଳକୁ ଘେରି ରହିଥିଲା। ୧୦୨୩ ରେ ନୃପତି ଭୂଷଣ ନାମକ ଜଣେ ନାଗବଂଶୀୟ ରାଜା ଶାସନ କରୁଥିଲେ ।ଏରାକୋଟ(ERRA COTTE)ଶିଳାଲେଖରୁ ଜଣାଯାଏ ଯେ ନୃପତି ଭୂଷଣ ଛିନ୍ଦକ ନାଗବଂଶର ଥିଲେ । ସେ ସିନ୍ଧବାଦୀ (ବର୍ତ୍ତମାନର କର୍ଣ୍ଣାଟକ ଓ ତାମିଲନାଡୁ ରାଜ୍ୟର କିଛି ଅଂଶକୁ ନେଇ ଗଠିତ ) ଦେଶରୁ ଆସିଥିଲେ । ଛିନ୍ଦକ ନାଗମାନେ ରାଜେନ୍ଦ୍ର ଚୋଳ ସହିତ ଇନ୍ଦ୍ରାବତୀ ଉପତ୍ୟକାକୁ ଆସିଥିଲେ ଏବଂ ଚକ୍ରକୋଟ ମଣ୍ଡଳ ଅଞ୍ଚଳ ଅଧିକାର କରିଥିଲେ । ଚୋଳ ଆକ୍ରମଣର ଫଳ ସ୍ୱରୂପ ନୃପତି ଭୂଷଣ ସେହି ଅଞ୍ଚଳରେ ରାଜବଂଶ ଶାସନ ଆରମ୍ଭ କଲେ । ଛିନ୍ଦକ ନାଗମାନେ କଶ୍ୟପ ଗୋତ୍ରର ଥିଲେ । ସେ ମାଣିକେଶ୍ୱରୀଙ୍କୁ ନିଜର ଇଷ୍ଟଦେବୀ/ରକ୍ଷାକାରୀ ଦେବୀ ରୂପେ ଗ୍ରହଣ କରିଥିଲେ । (Kuanr:1980: 47)

ଛିନ୍ଦକ ନାଗବଂଶୀୟ ରାଜମାନଙ୍କ ପରେ ମାଣିକେଶ୍ୱରୀ ଗଙ୍ଗ ବଂଶ ଏବଂ ବର୍ତ୍ତମାନର କଳାହାଣ୍ଡି ନାଗବଂଶର ଇଷ୍ଟଦେବୀ ହେଲେ । ୧୦ମ ରୁ ୧୩ଶ ଶତାବ୍ଦି ସମୟ ମଧ୍ୟରେ ତ୍ରିକଳିଙ୍ଗ ଓ ଦକ୍ଷିଣ କୋଶଳ ଅଞ୍ଚଳରେ ରାଜନୈତିକ ଅସ୍ଥିରତା ଦେଖାଗଲା । କାରଣ ସୋମବଂଶୀ, କାଳଚୁରୀ, ଛିନ୍ଦକ ନାଗବଂଶ, ଗଙ୍ଗ ରାଜବଂଶ ମଧ୍ୟରେ ଯୁଦ୍ଧ ନିରନ୍ତର ଚାଲିଥିଲା । ତ୍ରିକଳିଙ୍ଗାଧିପତି ଉପାଧି ଧାରଣ କରିବା ପାଇଁ ବିଭିନ୍ନ ରାଜାଙ୍କ ମଧ୍ୟରେ ପ୍ରତିଯୋଗୀତା ଚାଲିଥିଲା । ଛିନ୍ଦକନାଗମାନେ ଗଙ୍ଗ ରାଜବଂଶ ସହିତ ବନ୍ଧୁତା କରିବାରୁ କଲଚୁରୀଙ୍କ ଶତ୍ରୁ ହେଲେ । ଏହି ବନ୍ଧୁତା ଭିତରେ ଗଙ୍ଗମାନେ ମାଣିକେଶ୍ୱରୀଙ୍କୁ ନିଜର ଇଷ୍ଟଦେବୀ ଭାବେ ଗ୍ରହଣ କରିନେଲେ । (Kar : 2009 : 121-122) ଏହି ଗଙ୍ଗବଂଶ କନ୍ଧମାଳ, କଳାହାଣ୍ଡି ସମେତ ପଶ୍ଚିମ ଓଡିଶାର ଅନେକ ଅଞ୍ଚଳରେ ରାଜୁତି କରୁଥିଲେ ।

ISSN NO.
2582-208X

କଳାହାଣ୍ଡିରେ ଗଙ୍ଗରାଜବଂଶ ପରେ ନାଗ ରାଜବଂଶ ଶାସନ କରିଥିଲେ । ଏହି ନାଗବଂଶର ୬ ଷ୍ଠ ରାଜା ଥିଲେ ହରିଶ୍ଚନ୍ଦ୍ର ଦେଓ । ତାଙ୍କର ରାଜତ୍ୱ କାଳରେ ଅନେକ ଅଘଟଣ ଏବଂ ଅଶାନ୍ତି ଦେଖାଯାଇଥିଲା । ସେ ୨୮ ବର୍ଷ ଧରି ସଂଘର୍ଷ କରିଥିଲେ ଏବଂ ଅତ୍ୟନ୍ତ ଯନ୍ତ୍ରଣାରେ ମୃତ୍ୟୁବରଣ କରିଥିଲେ। ତାଙ୍କର ଗର୍ଭବତୀ ରାଣୀ ତାଙ୍କ ପିତାଙ୍କ ଘରଗଦାପୁରକୁ (କନ୍ଧମାଳରେ ଅବସ୍ଥିତ) ପଳାଇ ଯାଇଥିଲେ । ରାଣୀଙ୍କ ପିତା ଗଙ୍ଗ ରାଜବଂଶର ଥିଲେ । ଗଦାପୁରରେ ସେ ଏକ ପୁତ୍ରକୁ ଜନ୍ମ ଦେଲେ ଯାହାର ନାମ ରାମଚନ୍ଦ୍ର ଦେଓ । ରାଜା ହରିଶ୍ଚନ୍ଦ୍ରଙ୍କ ମୃତ୍ୟୁ ପରେ କିଛି ସମୟ ପାଇଁ ରାଜ୍ୟ ଅରାଜକତାରେ ଥିଲା। ଲୋକମାନେ ନିରନ୍ତର ଛୋଟ ଛୋଟ ଯୁଦ୍ଧ, ଜୀବନ ଏବଂ ସମ୍ପତ୍ତିର ଅସୁରକ୍ଷିତତା ଯୋଗୁଁ ବହୁତ କଷ୍ଟ ପାଉଥିଲେ। ତେଣୁ ସେମାନେ ଗଦାପୁରକୁ ନିଜ ରାଣୀ ଖୋଜିବାକୁ ଗଲେ। ସେଠାରେ ସେମାନେ ରାଜକୁମାର ରାମ ଚନ୍ଦ୍ର ଦେଓ ଏବଂ ତାଙ୍କ ମାତାଙ୍କୁ ଭେଟି ନିଜ ରାଜ୍ୟକୁ ଫେରିଯିବା ଏବଂ ଶାସନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ରାଣୀଙ୍କ ପିତା ପ୍ରଥମେ ସେମାନଙ୍କୁ ଫେରିବାକୁ ଅନୁମତି ଦେବାକୁ ମନା କରିଥିଲେ। ମାତ୍ର ରାମଚନ୍ଦ୍ର ଦେଓ, ଯଦିଓ ଜଣେ ନାବାଳକ ଥିଲେ, ତାଙ୍କ ମାମୁଙ୍କ ଘରେ ରହିବା ଅପେକ୍ଷା ତାଙ୍କ ରାଜ୍ୟ ଉପରେ ରାଜତ୍ୱ କରିବା ଭଲ ବୋଲି ଭାବିଥିଲେ। ତେଣୁ ସେ ତାଙ୍କ ମାଆଙ୍କ ସହିତ ଫେରିଯିବା ଉଚିତ ବୋଲି ନିଷ୍ପତ୍ତି ନେଲେ । ସେ ତାଙ୍କ ସହିତ ଦେବୀ ମାଣିକେଶ୍ୱରୀଙ୍କୁ ଆଣିଥିଲେ ।(Kuanr :1980 : 53)ଦେବୀଙ୍କ ମୂର୍ତ୍ତିକୁ ଆଣି ଯୁଗସାଇ ପାଟଣାରେ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ରାମଚନ୍ଦ୍ର ଦେଓ ମାଣିକେଶ୍ୱରୀଙ୍କୁ ବୁନ୍ଦେଶିର ଗଡରେ ସ୍ଥାପନ କଲେ(ଆଧୁନିକ ଭଣ୍ଡେଶ୍ୱର ମନ୍ଦିର ଥିବା ଭବାନୀପାଟଣା ଅଞ୍ଚଳ)। ଏଠାରେ ଦେବୀଙ୍କୁ ଏକ କୁଡିଆ ଘରେ ସ୍ଥାପନ କରି ନିଜ ରାଜଧାନୀ ଜୁନାଗଡକୁ ପ୍ରତ୍ୟାବର୍ତ୍ତନ କରିଥିଲେ । (ପଣ୍ଡା :୨୦୦୨ : ୧୪୦)

ନାଗବଂଶର ୨୭ତମ ରାଜା ଫତେ ନାରାୟଣ ଦେଓଙ୍କ ଶାସନ ସମୟରେ ଭାବନିପାଟଣାରେ ମାଣିକେଶ୍ୱରୀ ଦେବୀଙ୍କ ପ୍ରତିଷ୍ଠାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା । ତାଙ୍କ ଶାସନ କାଳରେ ରାଜଧାନୀ ଜୁନାଗଡରେ ଏକ ମହାମାରୀ ସମ୍ଭବତଃ ହଇଜା ବ୍ୟାପିଥିଲା । ଏଥିରେ ତାଙ୍କର ଗୋଟିଏ ପୁଅର ମୃତ୍ୟୁ ହୋଇଥିଲା ଏବଂ ବଡ ପୁଅ ଉଦିତ ପ୍ରତାପ ଦେଓ ଅସୁସ୍ଥ ହୋଇଥିଲେ । ମା ମାଣିକେଶ୍ୱରୀଙ୍କୁ ପ୍ରାର୍ଥନା କରିବା ପରେ ତାଙ୍କ ବଡ ପୁଅ ସୁସ୍ଥ ହୋଇଥିଲେ । ଯାହା ଫଳରେ ରାଜା ଖୁସି ହୋଇ ୧୮୫୦ ରେ ଭଣ୍ଡେଶିର ପାଟଣା (ଭାବନିପାଟଣା) କୁ ନିଜର ରାଜଧାନୀ ସ୍ଥାନାନ୍ତରିତ କଲେ ଏବଂ ଭଣ୍ଡେଶ୍ୱର କୁ

ISSN NO.
2582-208X

ଭବାନୀପାଟଣା ନାମ ଦେଲେ ।(Kuanr :1980 : 53)ଭାବନିଶଙ୍କର ପଣ୍ଡାଙ୍କ ମତରେ-ଏହି ରାଜବଂଶର ୨୮ତମ ରାଜା ପ୍ରତାପ ଦେଓଙ୍କ ରାଜତ୍ୱର (୧୮୫୪-୮୧ ଖ୍ରୀଷ୍ଟାବ୍ଦ) ଅନ୍ତିମ ସମୟରେ ବର୍ତ୍ତମାନର ରାଜବାଟୀ ମଧ୍ୟରେ ଥିବା ମାଣିକେଶ୍ୱରୀ ମନ୍ଦିରର ଭିତ୍ତି ସ୍ଥାପନ କରଯାଇଥିଲା । (ପଣ୍ଡା :୨୦୦୨ : ୧୪୦) କିନ୍ତୁ ରାଜଦରବାର ରେକର୍ଡ ଅନୁଯାୟୀ ଫତେ ନାରାୟଣ ଦେଓ ୧୮୫୨ ମସିହାରେ ଭାବନିପାଟଣାରେ ମାଣିକେଶ୍ୱରୀଙ୍କ ପ୍ରଥମ ମନ୍ଦିର ନିର୍ମାଣ କରିଥିଲେ । ବର୍ତ୍ତମାନର ମନ୍ଦିର ଉଦିତ ନାରାୟଣ ଦେଓଙ୍କ ଦ୍ୱାରା ସ୍ଥାପନ କରଯାଇଥିଲା । ୧୯୩୫ ରେ ରାଜା ବ୍ରଜମୋହନ ଦେଓଙ୍କ ଦ୍ୱାରା ରେଖାଦେଉଳ ଆକାରରେ ମନ୍ଦିର ନିର୍ମାଣ ହେଲା ଏବଂ ୧୯୪୭ରେ ସଂପୂର୍ଣ୍ଣ ଭାବରେ ସମାପ୍ତ ହେଲା । (Panda : 2009 : 122) ଏହି ମନ୍ଦିରର ଉତ୍ତରରେ ବୈଷ୍ଣବୀ, ପଶ୍ଚିମରେ ନାରସିଂହୀ ଏବଂ ଦକ୍ଷିଣରେ ବାରାହୀ ମନ୍ଦିର ଅବସ୍ଥିତ ।

| ସମୟ | ପୃଷ୍ଠପୋଷକ | ସ୍ଥାନ/ଗୁରୁତ୍ୱ |
|---|---|---|
| ୫ମ ଶତାବ୍ଦି | ମହାରାଜ ତୃଷ୍ଟିକର ପ୍ରଥମ ପୃଷ୍ଠପୋଷକ | ସ୍ତମ୍ଭ ରୂପରେ ଦେବୀଙ୍କ ଉପାସନା, |
| ୧୧ଶ  ଶତାବ୍ଦି | | ଚକ୍ରକୋଟମଣ୍ଡଳର ଦେବୀ, ୧୦୦୦ ରୁ ଉର୍ଦ୍ଧ ବର୍ଷ ଧରି ଉପାସନା |
| ୧୧ମ ଶତାବ୍ଦି | ନୃପତି ଭୂଷଣ/ରାମଚନ୍ଦ୍ର ଦେବ | ଆଦିପୀଠ ଥୁଆମୂଳ ରାମପୁର, ଲୋକ ଶ୍ରୁତି |
| ୧୦୨୩ | ନୃପତି ଭୂଷଣ | ରକ୍ଷାକାରୀ ଦେବୀ |
| ମଧ୍ୟଯୁଗ | ଗଙ୍ଗ ଏବଂ ନାଗ ରାଜବଂଶୀ ରାଜାମାନେ | ଇଷ୍ଟଦେବୀ,ଛିନ୍ଦକ ନାଗବଂଶ ଠାରୁ ଗ୍ରହଣ |
| ସମୟ ଅଜଣା (ନାଗ ରାଜବଂଶ) | ରାଣୀ ଆଶାକୁମାରୀ ଓ ରାମଚନ୍ଦ୍ର ଦେବ | ମୂର୍ତ୍ତି ଗଦାପୁରରୁ କଳାହାଣ୍ଡିକୁ ଆଣିଲେ |
| ସମୟ ଅଜଣା (ନାଗ ରାଜବଂଶ) | ରାମଚନ୍ଦ୍ର ଦେବ | ଯୁଗସାଇପାଟଣାରେ ମୂର୍ତ୍ତି ସ୍ଥାପନ |
| ୧୮୫୦ | ଫତେ ନାରାୟଣ ଦେଓ(୨୭ତମ ନାଗବଂଶୀ ରାଜା) | ମାଣିକେଶ୍ୱରୀଙ୍କ ଆଶୀର୍ବାଦରେ ପୁଅ ସୁସ୍ଥ |

ISSN NO.
2582-208X

| | | |
|---|---|---|
| | | ହେବାରୁ ରାଜଧାନୀ ଜୁନାଗଡରୁ ବୁନ୍ଦେଶିରକୁ ପ୍ରତ୍ୟାବର୍ତ୍ତନ |
| ୧୮୫୨ | ଫତେ ନାରାୟଣ ଦେଓ | ଭବାନୀପାଟଣାରେ ପ୍ରଥମ ମନ୍ଦିର ନିର୍ମାଣ |
| ୧୯୩୫ | ରାଜା ବ୍ରଜମୋହନ ଦେଓ | ରେଖାଦେଉଳ ଆକାରରେ ମନ୍ଦିର ନିର୍ମାଣ |
| ୧୯୪୭ | ରାଜା ବ୍ରଜମୋହନ ଦେଓ(ଉଦିତ ନାରାୟଣ ଦେଓ ଦ୍ୱାରା ଭିତ୍ତି ସ୍ଥାପନ ) | ବର୍ତ୍ତମାନ ମନ୍ଦିରର ସଂପୂର୍ଣ୍ଣ ନିର୍ମାଣ |

ମାଣିକେଶ୍ୱରୀଙ୍କ ପ୍ରଚାର ପ୍ରସାର ଓ ପ୍ରତିଷ୍ଠାରେ ରାଜକୀୟ ପୃଷ୍ଠପୋଷକତାର ଭୂମିକା ରହିଛି । ବିଭିନ୍ନ ରାଜବଂଶ(ଛିନ୍ଦକନାଗ, ଗଙ୍ଗା, ନାଗ ) ଦ୍ୱାରା ଦେବୀ ମାଣିକେଶ୍ୱରୀଙ୍କୁ ଗ୍ରହଣ କଲେ । ରାମଚନ୍ଦ୍ର ଦେଓ, ଫତେ ନାରାୟଣ ଦେଓ ଏବଂ ବ୍ରଜମୋହନ ଦେଓ ଭଳି ରାଜାମାନେ ଦେବୀଙ୍କୁ ପ୍ରତିଷ୍ଠା କଲେ । ଏହି ରାଜାମାନେ ଦେବୀଙ୍କୁ ପ୍ରତିଷ୍ଠା କରିବା ପାଇଁ ଏକ ଅନୁଷ୍ଠାନ ଭାବରେ କାର୍ଯ୍ୟ କଲେ । ରାଜାମାନେ ଦେବୀଙ୍କୁ ପୃଷ୍ଠପୋଷକତା ଦେଇ ଜନଜାତି ଅଞ୍ଚଳରେ ଲୋକମାନଙ୍କ ଭିତରେ ଦେବୀଙ୍କ ପ୍ରତି ବିଶ୍ୱାସ ସ୍ଥାପନ କଲେ । ଏହା ଆମେ ରାଜମାନଙ୍କ ରାଜଧାନୀ ପରିବର୍ତ୍ତନରୁ ଜାଣିପାରିବା । ବିଭିନ୍ନ ସମୟରେ ସେମାନେ ରାଜଧାନୀକୁ ଯୁଗସାଇପାଟଣା, ଜୁନାଗଡ ଏବଂ ଭବାନୀପାଟନାକୁ ସ୍ଥାନାନ୍ତରିତ କରିଛନ୍ତି । ଏହା ପଛରେ ମାଣିକେଶ୍ୱରୀ ହି ଅଛନ୍ତି । କାରଣ ରାଜା ଯେଉ ସ୍ଥାନକୁ ଯାଉଛନ୍ତି ଦେବୀ ମାଣିକେଶ୍ୱରୀ ମଧ୍ୟ ସେହି ସ୍ଥାନକୁ ଯାଉଛନ୍ତି, ସେହି ଅନୁସାରେ ରାଜଧାନୀ ମଧ୍ୟ ପରିବର୍ତ୍ତନ ହେଉଛି । 1850 ମସିହାରେ ରାଜା ଫତେ ନାରାୟଣ ଦେଓଙ୍କ ପୁଅ ମାଣିକେଶ୍ୱରୀଙ୍କ ପ୍ରାର୍ଥନା ଯୋଗୁ ସୁସ୍ଥ ହେଲେ । ଏହା ଫଳରେ ରାଜଧାନୀ ଜୁନାଗଡରୁ ଭାବନିପାତନକୁ ସ୍ଥାନାନ୍ତରିତ ହେବାରୁ ଦେବୀଙ୍କ ଶକ୍ତି ଓ ମହିମା ଉପରେ ଲୋକଙ୍କ ଧ୍ୟାନ କେନ୍ଦ୍ରିତ କଲା । ଦେବୀଙ୍କ ଆଶୀର୍ବାଦରେ ରାଜାଙ୍କ ପୁତ୍ର ସୁସ୍ଥ ହେବା ଲୋକଙ୍କ ଭିତରେ ଦେବୀଙ୍କ ପ୍ରତି ବିଶ୍ୱାସ ଦୃଢ କଲା । ଏହି ଘଟଣା ଦ୍ୱାରା ଭବାନିପାଟଣା ଏକ ଧାର୍ମିକ କେନ୍ଦ୍ର

ISSN NO.
2582-208X

ପାଲଟିଗଲା । ଏହାର ଫଳ ଦେସୂପ ଏକ ବୃହତ ମନ୍ଦିର ନିର୍ମାଣ ଏବଂ ପରବର୍ତ୍ତୀ ସମୟରେ ଛତର ଯାତ୍ରାର ଆରମ୍ଭ ହେଲା ।

## ଗ୍ରନ୍ଥସୂଚୀ-


1. କର, ଉମାଶଙ୍କର.(୨୦୧୦) *"ମାଣିକ୍ୟଦେବୀ ମାଣିକେଶ୍ୱରୀ"* କଟକ, ବସନ୍ତ ପବ୍ଲିକେଶନ.
2. ପଣ୍ଡା, ଭବାନୀ ଶଙ୍କର. (୨୦୦୨)."*କଳାହାଣ୍ଡିର ଇଷ୍ଟଦେବୀ ମା ମାଣିକେଶ୍ୱରୀଙ୍କ ଐତିହାସିକ ଛତ୍ର-ଯାତ୍ରା*" ସଂ-ପଶ୍ଚିମ ଓଡିଶାର ପ୍ରସିଦ୍ଧ ଯାତ୍ରା ଓ ପର୍ବପର୍ବାଣି, ସମ୍ବଲପୁର, ସାରସ୍ୱତ ପୁସ୍ତକ ଭଣ୍ଡାର.
3. ମିଶ୍ର, ରାମଚନ୍ଦ୍ର. (୨୦୨୦) "*ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ଲୋକ ଦେବଦେବୀ ଓ ଲୋକ ବିଶ୍ୱାସ*" ଭୁବନେଶ୍ୱର, କାବ୍ୟଲୋକ.
4. Berger, peter. (2023) "*Subaltern Sovereigns*" berlin, the Deutsche National bibliothek.
5. Deo, jitamitra prasad singh. (1987) "*Cultural Profile of South Kosala*" *Delhi*, Gian Publishing House.
6. Encyclopaedia Britannica,( 1953) vol-vi, London.
7. Kangle r p. (1995). "*kautilya s Arthashastra*", mumbai, Bombay unnivesity.
8. Kar, Uma shankar. (2009) "*Goddess Manikesvari and Lankesvari*" Bhubaneswar, Orissa Review.
9. Kuanr, Digambar. (1980). "*Kalahandi District Gazetters*" Cuttack,
10. Padhi, Himansu Sekhar. (2016) "*Khambeswari Worship in Odisha*" Bhubaneswar, Orissa Review.
11. Pasayat, Chitrasen. (2011) "*Tribal and non-tribal interaction in Kalahandi district of Odisha: a study of Chhatarjatra of goddess Manikeswari in Bhawanipatna*" Adivasi,VOL-51, Bhubaneswar.

ISSN NO.
2582-208X

12. Rath, Ashok K. (2009) "*Stambhesvari Cult in Orissa*" Bhubaneswar Orissa Review.

13. Sadangi, Himanshu Charan. (2010) "*Chhatar: A Tradition of tradition,* SCRIBD.

14. Sadangi, Himanshu Charan. (2011) "*Universalization of Chhatar: A study of Chhatar*", Kalahandia.

15. Schwartzberg, Joseph E. (1978). "*A Historical Atlas of South Asia*" America, University of Chicago Press.

16. Tripathy, Biyotkesh. (1999) "*The Origin of Manikeshwar*" The tribal tribune, vol-1, issue-7.

ଗବେଷକ (ସଂସ୍କୃତି ଅଧ୍ୟୟନ ବିଭାଗ)
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଜିଇବା ଯେଉଁଠି ବଞ୍ଚେ



ଡଃ ଅଲେଖ ପ୍ରସାଦ ମହାରଣା

ଜୀବନଟା ମୋର ଲମ୍ବା ଇସ୍ତାହାର ବିଫଳତାର ସନନ୍ଦ
ସଫଳତା ସିଢ଼ି ମୃତ ଫୁଲକଢି ଖାଲି କ୍ଳେଶ ନିରାନନ୍ଦ ।
ମାନ ଅଭିମାନ ଅଭିଯୋଗପୂର୍ଣ୍ଣ ପ୍ରତି ପଦପାତେ ମୋର
ସମାଧାନ ପଥ ସମସ୍ୟା ଜଡିତ ଅବସାଦେ ଗଡେ ନୀର ।

ସେନେହ ସୋହାଗ ସୁପ୍ତ ବଇଭବ ମମତା ଆଦ୍ର ତଟିନୀ
ପୀରତି ପ୍ରଣୟ ସଦା ଅବକ୍ଷୟ ଭରିଦିଏ ଆତ୍ମଗ୍ଲାନି ।
ଜୀବନ ସମ୍ବେଗ ଅଙ୍ଗୀକାର ଭାବ ନିରୁତ୍ସାହେ କଳଙ୍କିତ
ବିରହର ଧ୍ୱନି ଶ୍ରୁତିକଟୁ ବାଣୀ ପ୍ରେମଗୀତି ଭୂଲୁଣ୍ଠିତ ।

ଆବେଗ ସଂଗୀତ ହୁଏନି ଝଙ୍କୃତ ମଧୁର ମୁର୍ଚ୍ଛନା ଲୁପ୍ତ
ମଳୟ ପବନ କୋକିଳର ସ୍ୱନ ସୁପ୍ତ ରିକ୍ତ ଅଭିଶପ୍ତ
ହୃଦୟ କ୍ଷତାକ୍ତ ତନୁ ମନ ସିକ୍ତ ବେଦନା ଶୋଣିତେ ସ୍ନାତ
ଭାବନା ବିଶ୍ୱାସ ଉଜୁଡା ନିଶ୍ୱାସ ଅବସୋସେ ମନସ୍ତାପ ।

ହତାଶା ନୈରାଶ୍ୟ ମାତ୍ର ଶେଷ ଦୃଶ୍ୟ ଜୀବନର ରଙ୍ଗମଞ୍ଚେ
ସମାଧାନ ସୂତ୍ର ବୈଧାନିକ ମନ୍ତ୍ର ଜିଇବା ଯେଉଁଠି ବଞ୍ଚେ ।

ଯାଜପୁର

ISSN NO.
2582-208X

# ଶାସ୍ତ୍ରୀୟ ମାନ୍ୟତା ମୋ ଭାଷା



ଡକ୍ଟର ପ୍ରତାପ କୁମାର ପରିଡ଼ା

ଭାଷା ସମୁଦ୍ରରେ କେତେଯେ ଲହଡ଼ି
କୂଳ କେବେ ଭାଙ୍ଗିନାଇ
ଭାଷାର ଆକାଶେ ବିଶାଳ ହୃଦୟେ
ମନକୁ ଯେ ଯାଏ ଛୁଇଁ ।।

ଭାଷାର ମଳୟ ଛୁଇଁ ଯାଏ ମନ
ବସନ୍ତର କୋଠ ଘରେ
ଋତୁଚକ୍ରରେ ଘୂରି ଘୂରି ବୁଲେ
ଅଭିଧାନ ପୋଥିଠାରେ ।।

ଭାଷା ବନସ୍ପତି ଜନ୍ମ ନେଇଛି
ପୃଥିବୀର ବକ୍ଷ ପୃଷ୍ଠେ
ଭାଷାର ଚନ୍ଦନ ଲିପନ୍ତି ଲଲାଟେ
ନୀର ତାର ଲାଗେ ଓଠେ ।।

ଭାଷା ବ୍ୟାକରଣ ପୁସ୍ତକ ରଚନା
କରେ ପ୍ରଜାପତି ବ୍ରହ୍ମା
ଅଟକାଇ କିଏ ପାରିଛି ତାହାକୁ
ଅମାପ ତାହାର ସୀମା ।।

ISSN NO.
2582-208X

ଶାସ୍ତ୍ରୀୟ ମାନ୍ୟତା ଓଡ଼ିଆ ଭାଷା
ସ୍ୱତନ୍ତ୍ର ଯେ ପରିଚୟ
ଜାତିର ବିଜୟ ଭାଷାର ଗରିମା
ଦିନେ କରିବ ସେ ବିଶ୍ୱଜୟ ।।

ସହକାରୀ ଶିକ୍ଷକ,
ସରକାରୀ ଉଚ୍ଚ ବିଦ୍ୟାଳୟ ବାହାଡ଼ାଝୋଲ୍
ମାଳତିପୁଟ, ଗଣିଆ, ନୟାଗଡ଼
ମୋ -୯୬୬୮୫୫୧୫୩୩

ISSN NO.
2582-208X

# ତମେ ଯେବେ ଆସ

ଡ. ବିଜ୍ଞାନ ମହାନ୍ତି

ତମେ ଯେବେ ଆସ ତନୁରେ ମୋ'ର ଶିହରଣ ଖେଳିଯାଏ
ତମେ ଯେବେ ହସ ମନରେ ମୋ'ର ମାଦକତା ଭରିଯାଏ ।।

ଭିଜା ଶ୍ରାବଣରେ ମନଟି ମୋ'ର ଯେବେ ନିଜେ ହଜିଯାଏ
ଭରା ଫଗୁଣରେ ଦେହଟି ମୋ'ର ସାତରଙ୍ଗେ ଭିଜିଯାଏ
ତମେ ଯେବେ କୁହ ଟିକେ ରହିଯାଅ ତମ ମନ ଥିବାଯାଏ ।।

ଆକାଶରେ ଜହ୍ନ ଦିଶେ ଛନଛନ ଯେବେ ସିଏ ମଜିଯାଏ
ପରିଚୟ ନାହିଁ ଦୁନିଆର ଆଗେ ନିଆଁରେ ପରାଣ ଦହେ
ତମେ ଯେବେ ଧର ହାତଟି ମୋ'ର ଆନନ୍ଦରେ ନାଚିଯାଏ ।।

ତମ ନିରବତା ପ୍ରୀତିନଈ ଗାଥା ନିଏ ଯେବେ ମତେ ବାହି
ସମୟ ସୁଅରେ ଭଉଁରୀ ମୁଁ ଖେଳେ ନୂଆ ଦୁନିଆଁ କୁ ଚାହିଁ
ତମେ ଯେବେ ରହ ଅପେକ୍ଷାରେ ଆଜି ମୋ କୋହ ନରମି ଯାଏ ।।

((()))

ISSN NO.
2582-208X

# ବିଳାପ ନସ୍ୱନ



ଗୀତା ଷଡ଼ଙ୍ଗୀ

ସେରକ ପୂରିଲା
ମାଣକ ପୂରିଲା
ଉଠ ରେ ପୁତା ଉଠ
ମା' ର ଓଠରେ କରୁଣ ମହ୍ଲାର
ହେଲେ, ଫେରିଆସେ କି ପୁଅ
ଅଫେରା ରାଇଜୁ
ଯୋଡ଼ି ଦେବାକୁ ତା ମା'ର
ଅଧା ଭଙ୍ଗା ସ୍ୱପ୍ନ ?
ପରିବେଶ ଶୋକାକୁଳ
ଚତୁର୍ଦ୍ଦିଗେ ହାହାକାର
କୃଶବିଦ୍ଧ କଅଁଳ ଜୀବନ
ପବନେ ଖେଳୁଛି ଖାଲି
ଶିରି ଶିରି ଶୋକୋଚ୍ଛ୍ୱାସ
ମାପି ପାରେକି କେହି
ମା'ଆଖି ଲୁହର ସାନ୍ଦ୍ରତା
ଅନୁତାପର ଅଥଳ ଜଳରେ
ବୁଡିଥାଏ ମା'ର ହୃଦୟ
ପ୍ରତିଶ୍ରୁତି ପାଲଟିଲା ପ୍ରତାରଣା
ପରିତାପର ଗ୍ଲାନିରେ
କାନ୍ଦୁଥାଏ ବସି ଏକାନ୍ତରେ ।

ISSN NO.
2582-208X

ଅଜାଗା ଘା'ଦେଖି ହୁଏନି
କି ଦେଖାଇ ହୁଏନି ନ୍ୟାୟରେ
କୁଡ଼ିଆରୁ ଶୁଭୁଥାଏ
ଧୀରେ ଅତି ଧୀରେ
ବିଳାପ ନିସ୍ୱନ
ମା'ର ଲୁହରେ ଭିଜୁଥାଇ
ଗୋଟିସୁଦ୍ଧା ତାର ପଣତ
ଆଉ ସାରାଟା ପୃଥିବୀ ।

ଜେଡ-ୱାନ, ପଟିଆ
ଭୁବନେଶ୍ୱର -୨୪
ମୋ -୯୫୯୪୭୦୫୭୩୫

ISSN NO.
2582-208X

# ମଙ୍ଗଳଗ୍ରହର ମୋହ



ଡକ୍ଟର କମଳାକାନ୍ତ ଜେନା

ଆଜିକାଲି ମଙ୍ଗଳଗ୍ରହକୁ ନେଇ ବେଶୀ ଚର୍ଚ୍ଚା ହେଉଛି । ବୈଜ୍ଞାନିକମାନେ ଏହି ଗ୍ରହରେ ଜୀବଜଗତର ସମ୍ଭାବନାକୁ ନେଇ ବିଶେଷ ଗବେଷଣା କରୁଛନ୍ତି । ବୁଧ, ଶୁକ୍ର ଓ ପୃଥିବୀଗ୍ରହ ପରେ ସୂର୍ଯ୍ୟଠାରୁ ଦୂରତାରେ ଚତୁର୍ଥ ସ୍ଥାନରେ ରହିଛି ମଙ୍ଗଳ । ଖାଲିଆଖିରେ ଦେଖିଲେ ଏହା ଲାଲ୍ ତାରା ପରି ଦିଶେ । ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଲେ ଲାଲ୍-ନାରଙ୍ଗୀ ରଙ୍ଗର ଏକ ଥାଳିଆ ପରି ଦେଖାଯାଏ । ସେଥିପାଇଁ ଏହାକୁ 'ଲୋହିତଗ୍ରହ' ମଧ୍ୟ କୁହାଯାଏ । ସୂର୍ଯ୍ୟକିରଣ ପୃଥିବୀରେ ପହଂଚିବା ପାଇଁ ୮ ମିନିଟ୍ ୧୯ ସେକେଣ୍ଡ୍ ସମୟ ନିଏ ଓ ମଙ୍ଗଳପୃଷ୍ଠରେ ପହଂଚିବା ପାଇଁ ୧୨ ମିନିଟ୍ ୪୦ ସେକେଣ୍ଡ୍ ସମୟ ନିଏ । ତେଣୁ ଆମଠାରୁ ବେଶୀ ଦୂରରେ ନାହିଁ । ମଙ୍ଗଳଗ୍ରହର କକ୍ଷପଥ ଅଣ୍ଡାକାର । ତେଣୁ ସୂର୍ଯ୍ୟଠାରୁ ଏହାର ଦୂରତା ବଦଳୁଥାଏ । ପ୍ରାୟ ୬୦,୦୦୦ ବର୍ଷ ପରେ ୨୦୦୩ ମସିହା ଅଗଷ୍ଟ ୨୭ ତାରିଖ ଅପରାହ୍ଣ ୩.୩୧ ରେ ମଙ୍ଗଳଗ୍ରହ ଆମ ପୃଥିବୀର ନିକଟତମ ଦୂରତାକୁ ଆସିଥିଲା। ପୁଣି ୨୨୮୭ ମସିହାରେ ପୃଥିବୀ ଓ ମଙ୍ଗଳ ପରସ୍ପର ପାଖାପାଖି ହେବେ ବୋଲି ଜଣାଯାଇଛି ।

ମଙ୍ଗଳଗ୍ରହ ନିଜର କକ୍ଷପଥରେ ସେକେଣ୍ଡ ପ୍ରତି ୩୦ କି.ମି. ହାରାହାରି ବେଗରେ ସୂର୍ଯ୍ୟକୁ ପ୍ରଦକ୍ଷିଣ କରୁଥାଏ । ଏହା ନିଜର କକ୍ଷପଥରେ ସୂର୍ଯ୍ୟ ଚାରିପଟେ ଥରେ ବୁଲିବା ପାଇଁ ୬୮୭ ଦିନ ନେଇଥାଏ, କିନ୍ତୁ ନିଜ ଅକ୍ଷ ଚାରିପଟେ ଥରେ ବୁଲିବାକୁ ୨୪ ଘଂଟା ୩୭ ମିନିଟ୍ ଲାଗିଯାଏ । ଆମ ପୃଥିବୀର ଯେମିତି ଗୋଟିଏ ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ରହିଛି, ମଙ୍ଗଳର ମଧ୍ୟ ଦୁଇଟି ଉପଗ୍ରହ ରହିଛନ୍ତି । ଗୋଟିଏର ନାମ 'ଡିମୋସ୍' ଓ ଅନ୍ୟଟି 'ଫୋବସ୍' । ଡିମୋସ୍ ତାର ଗ୍ରହ ମଙ୍ଗଳଠାରୁ ହାରାହାରି ୨୩୪୫୯ କି.ମି. ଦୂରରେ

ISSN NO.
2582-208X

ପଶ୍ଚିମରୁ ପୂର୍ବ ଆଡ଼କୁ ମଙ୍ଗଳକୁ ପ୍ରଦକ୍ଷିଣ କରୁଥିବା ବେଳେ ଫୋବସ୍ ୯୩୭୮ କି.ମି. ବ୍ୟାସାର୍ଦ୍ଧରେ ପ୍ରଦକ୍ଷିଣ କରୁଛି ।

ମଙ୍ଗଳର ଭୂଇଁ ଶୁଖିଲା ଓ ଶୀତଳ ମରୁଭୂମି ସଦୃଶ । ଆମ ପୃଥିବୀପୃଷ୍ଠରେ କେତେକ ଶୁଷ୍କସ୍ଥାନ ରହିଛି, ଯାହାର ଫଟୋ ଉଠାଇଲେ ତାହା ମଙ୍ଗଳପୃଷ୍ଠର ଫଟୋ ବୋଲି ଭ୍ରମସୃଷ୍ଟି କରେ । ମଙ୍ଗଳପୃଷ୍ଠରେ କେନାଲମାନ ରହିଥିବାର ଦେଖିବାକୁ ମିଳେ । ସବୁ ଗ୍ରହଗୁଡ଼ିକ ଭିତରେ ମଙ୍ଗଳର ପୃଷ୍ଠତଳ ଓ ଆମ ପୃଥିବୀର ପୃଷ୍ଠତଳ ଭିତରେ ଅନେକ ସାମଞ୍ଜସ୍ୟ ରହିଛି । ମଙ୍ଗଳଗ୍ରହରେ ଋତୁ ପରିବର୍ତ୍ତନ ହୁଏ । ଏହାର ମେରୁଅଂଚଳ ବରଫଦ୍ୱାରା ଆବୃତ । ସୂର୍ଯ୍ୟଠାରୁ ଦୂରରେ ରହିଥିଲେ ଏହାର ବାୟୁମଣ୍ଡଳ ଥଣ୍ଡା ଓ ନିର୍ମଳ ରହିଥାଏ, କିନ୍ତୁ ପାଖକୁ ଆସିଲେ ବାୟୁମଣ୍ଡଳ ଉତପ୍ତ ରହେ । ତା' ସହିତ ଧୂଳିଝଡ଼ ଦେଖାଯାଏ । ୨୦୦୧ ମସିହାରେ ଏକ ଧୂଳିଝଡ଼ ସମୁଦାୟ ମଙ୍ଗଳପୃଷ୍ଠକୁ ଆଚ୍ଛାଦିତ କରିଦେଇଥିଲା । ଧୂଳିଝଡ଼ ଏହାର ଦକ୍ଷିଣ ଗୋଲାର୍ଦ୍ଧରେ ବାଲିସବୁ ବୋହିନେଇ ବିରାଟ ଅବବାହିକାମାନ ସୃଷ୍ଟି କରିଛି । ବାୟୁକା-ସ୍ତୂପ, ଫାଟ, ଗହ୍ୱର ତଥା ପଥରରେ ପୂରି ରହିଥିବା ମଙ୍ଗଳପୃଷ୍ଠ ଅସମତଳ । ତେଣୁ ସେଠାରେ ଘରଦ୍ୱାର କରିବା ସହଜ ନୁହେଁ । ସୂର୍ଯ୍ୟୋଦୟ ପୂର୍ବରୁ ଏହାର ତାପମାତ୍ରା କମ୍ ଥାଏ । ଅପରାହ୍ନରେ ବଢ଼ିଯାଏ ।

ମଙ୍ଗଳର ଦୁଇଗୋଲାର୍ଦ୍ଧ ମଧ୍ୟରେ ଅନେକ ପ୍ରଭେଦ ଦେଖିବାକୁ ମିଳେ । ଦକ୍ଷିଣଗୋଲାର୍ଦ୍ଧ ଅପେକ୍ଷା ଉତରଗୋଲାର୍ଦ୍ଧରେ ୨୫ ଦିନ ଅଧିକ ଗ୍ରୀଷ୍ମଋତୁ ଅନୁଭୂତ ହୁଏ । ଦକ୍ଷିଣଗୋଲାର୍ଦ୍ଧରେ ଅଧିକ ଗହ୍ୱର ଓ ଫାଟ ରହିଛି । ଏହି ଗୋଲାର୍ଦ୍ଧରେ ୬ କି.ମି. ଗଭୀର ଓ ୨୦୦ କି.ମି. ବ୍ୟାସବିଶିଷ୍ଟ ହେଲାସ୍ ପ୍ଲାନିସିଆ ନାମକ ଏକ ଅବବାହିକା ରହିଛି, ଯାହାକି ମଙ୍ଗଳପୃଷ୍ଠର ସର୍ବଶ୍ରେଷ୍ଠ ଅବବାହିକା । ବିରାଟ ଉଲକା ଦ୍ୱାରା ଏହା ସୃଷ୍ଟି ହୋଇଛି ବୋଲି ଅନୁମାନ କରାଯାଏ । ଉତର ଗୋଲାର୍ଦ୍ଧରେ ବଡ଼ ବଡ଼ ଆଗ୍ନେୟଗିରି, ଗୋଟିଏ ବିସ୍ତୀର୍ଣ୍ଣ ଉପତ୍ୟକା ତଥା ଅନେକ କେନାଲ ମଧ୍ୟ ରହିଛି । ମଙ୍ଗଳପୃଷ୍ଠରେ ୪୦୦ କି.ମି. ବ୍ୟାପୀ ୧୦ କି.ମି. ଉଚ୍ଚର ଏକ ବିରାଟ ଉଚ୍ଚଭୂମି ରହିଛି, ଯାହାର ନାମ 'ଥାର୍ସିଶ୍' । ଏଥିରେ ଅନେକ ଉପତ୍ୟକା ଓ ପ୍ରକାଣ୍ଡ ଆଗ୍ନେୟଗିରି ରହିଛି । ଏହାର 'ଅଲିମ୍ପସ୍ ମନ୍ସ୍' ନାମକ ଆଗ୍ନେୟଗିରିର ଉଚ୍ଚତା ୨୬ କି.ମି., ଯାହାକି ଆମ ମାଉଂଟ୍ ଏଭେରେଷ୍ଟ ଉଚ୍ଚତାର ଦୁଇଗୁଣରୁ ଅଧିକ । ଏହା ସମଗ୍ର ସୌରଜଗତର ଉଚ୍ଚତମ ଶୃଙ୍ଗ ।

ISSN NO.
2582-208X

ପୃଥିବୀ ସଦୃଶ ମଙ୍ଗଳର ଉଭୟମେରୁ ଚେପଟା । ମେରୁ ଦିଗରେ ଏହାର ବ୍ୟାସାର୍ଦ୍ଧ ୩୩୭୬ କି.ମି. ଓ ବିଷୁବରେଖା ଦିଗରେ ୩୩୯୭ କି.ମି. । ଏହାର ବ୍ୟାସ ଆମର ଚନ୍ଦ୍ରର ବ୍ୟାସର ପ୍ରାୟ ଦୁଇଗୁଣ । ଏହାର ବସ୍ତୁତ୍ୱ ପୃଥିବୀ ବସ୍ତୁତ୍ୱର ୧୦୦ ଭାଗରୁ ପ୍ରାୟ ୧୧ ଭାଗ। ବସ୍ତୁତ୍ୱ ଓ ବ୍ୟାସରେ ସୌରଜଗତରେ ଏହାର ସ୍ଥାନ ସପ୍ତମ । ଏହାର ମାଟି ତୁଳନାରେ ପୃଥିବୀର ମାଟି ଓଜନିଆ । ଏହି ଗ୍ରହଟି ଅଧିକ ମାତ୍ରାରେ ଓଜନିଆ ଲୁହା, ଅଳ୍ପ ନିକେଲ୍ ଓ ସମ୍ଭବତଃ ଗନ୍ଧକ ପରି ଉପାଦାନରେ ଗଠିତ । ପୃଥିବୀ ଅପେକ୍ଷା ମଙ୍ଗଳଗ୍ରହ ଶୀଘ୍ର ଥଣ୍ଡା ହେଇଥିଲା ବୋଲି ଅନୁମାନ କରାଯାଏ ।

ପୃଥିବୀ ତୁଳନାରେ ମଙ୍ଗଳଗ୍ରହର ଅତିପତଳା ବାୟୁମଣ୍ଡଳ ରହିଛି । ଏହା ବିଭିନ୍ନପ୍ରକାର ଗ୍ୟାସର ଏକ ମିଶ୍ରଣ । ମୁଖ୍ୟତଃ ଅଙ୍ଗାରକାମ୍ଳ (୯୫ ପ୍ରତିଶତ), ଯବକ୍ଷାରଜାନ (୩ ପ୍ରତିଶତ), ଆର୍ଗନ୍ (୨ ପ୍ରତିଶତ), ନଗଣ୍ୟ ପରିମାଣର ଅମ୍ଳଜାନ, ଓଜୋନକୁ ନେଇ ଏହାର ବାୟୁମଣ୍ଡଳ ତିଆରି ହୋଇଛି । ଶୀତଦିନେ ଏହି ଅଙ୍ଗାରକାମ୍ଳ ଗ୍ୟାସ୍ କଠିନ ଡ୍ରାଇ-ଆଇସ୍ ରୂପରେ ଗ୍ରହପୃଷ୍ଠରେ ଜମାଟ ବାନ୍ଧି ରହିଥାଏ । ମଙ୍ଗଳଗ୍ରହରେ ବିଦ୍ୟମାନ ଜଳୀୟବାଷ୍ପର ପରିମାଣ ପୃଥିବୀର ବାୟୁମଣ୍ଡଳସ୍ଥ ଜଳୀୟବାଷ୍ପ ପରିମାଣର ୧୦୦ ଭାଗରୁ ମାତ୍ର ୧ ଭାଗ । ଏଠାରେ ତାପମାତ୍ରା ଓ ଚାପ ଖୁବ୍ କମ୍ ଥିବାରୁ ପାଣି ତରଳ ଅବସ୍ଥାରେ ରହିବା ସମ୍ଭବ ନୁହେଁ । ମଙ୍ଗଳଗ୍ରହର ବାୟୁମଣ୍ଡଳରେ ମେଘର ଅବସ୍ଥିତି ବିସ୍ମୟକର । ମେଘସବୁ ଜଳୀୟବାଷ୍ପ, ବରଫକଣା ଓ ଧୂଳିରେ ତିଆରି । ସକାଳବେଳା ମେଘ ଦେଖିବାକୁ ମିଳେ, କିନ୍ତୁ ଦ୍ୱିପ୍ରହର ବେଳକୁ ନଥାଏ । ବସ୍ତୁକୁ ଟାଣିବାପାଇଁ ଯେଉଁ ବଳ କାର୍ଯ୍ୟକରେ, ତାହା ହେଉଛି ମାଧ୍ୟକର୍ଷଣ ବଳ । ପୃଥିବୀପୃଷ୍ଠରେ ମାଧ୍ୟାକର୍ଷଣ ତୁଳନାରେ ମଙ୍ଗଳର ମାଧ୍ୟାକର୍ଷଣ ଏକ ତୃତୀୟାଂଶ ।

ଆଜି ସବୁ ଦେଶ ମଙ୍ଗଳରେ ରହିବା ପାଇଁ ଆଗ୍ରହୀ । ସତୁରୀ ଦଶକରୁ ବୈଜ୍ଞାନିକମାନେ ମଙ୍ଗଳଗ୍ରହରେ ଜୀବନ ମିଳିବ ବୋଲି ଆଶାବାଦୀ ଥିଲେ । ଏଥିପାଇଁ ସୋଭିଏତ୍ ୟୁନିଅନ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ମଙ୍ଗଳଗ୍ରହକୁ ପରିକ୍ରମା କରିବାପାଇଁ ଉପଗ୍ରହମାନ ପଠାଯାଇଥିଲା । ଏତଦ୍ ବ୍ୟତୀତ ମଙ୍ଗଳପୃଷ୍ଠରେ ଅବତରଣ କରି ତାହାର ବାୟୁମଣ୍ଡଳ, ମୃତିକା ତଥା ଅଭ୍ୟନ୍ତରକୁ ଟିକିନିଖି ପରୀକ୍ଷା କରିବା ଉଦ୍ଦେଶ୍ୟରେ ଯନ୍ତ୍ରମାନବସବୁ ପଠାଯାଉଛି । ଆମେରିକୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା (ନାସା) ତରଫରୁ ୨୦୦୩ ମସିହାରେ ୮୨୦ ମିଲିୟନ୍ ଡଲାର୍ ଖର୍ଚ୍ଚକରି 'ଅପରଚୁନିଟି' ଓ 'ସ୍ପିରିଟ୍' ନାମରେ ଦୁଇଟି

ISSN NO.
2582-208X

ଯନ୍ତ୍ରମାନବ (ରୋବଟ୍) ମଙ୍ଗଳପୃଷ୍ଠକୁ ପଠାଯାଇଥିଲା । 'ସ୍ପିରିଟ୍' ୨୦୦୪ ଜାନୁଆରୀ ୦୩ ତାରିଖରେ ଓ 'ଅପରଚୁନିଟି' ଜାନୁଆରୀ ୨୪ ତାରିଖରେ ସେଠାରେ ଅବତରଣ କରିଥିଲା। ସେ ଦୁଇଟି ରୋବଟ୍ ପ୍ରାୟ ବାରଘଂଟା ସମୟ ବ୍ୟବଧାନରେ ମଙ୍ଗଳର ପରସ୍ପର ବିପରୀତ ପାର୍ଶ୍ୱରେ ରହି ପରୀକ୍ଷା ଚଳାଇଥିଲେ । ସେଠାରୁ ପ୍ରେରିତ ଫଟୋରୁ ଜଣାଯାଇଛି ଯେ ମଙ୍ଗଳପୃଷ୍ଠର କେନାଲ ଅଳ୍ପଦିନର । ଭାରତ ମଧ୍ୟ ପ୍ରଥମ ପ୍ରୟାସରେ ସଫଳତା ଲାଭ କରିଥିଲା । ୨୦୧୩ ମସିହାରେ ଯାଇଥିବା ଭାରତର ମଙ୍ଗଳଯାନ ୨୦୧୪ ମସିହାରେ ମଙ୍ଗଳ ନିକଟରେ ପହଂଚିଥିଲା । ଏବେ ମଙ୍ଗଳ ଗ୍ରହରେ ଜୀବଜଗତ ରହିଥିବାର ନିର୍ଦ୍ଦିଷ୍ଟ ସୂଚନା କିଛି ମିଳିନାହିଁ । କିନ୍ତୁ, ପୂର୍ବରୁ ସେଠାରେ ଜଳ ଓ ଜୀବଜଗତ ଥିଲା ବୋଲି ଅନୁମାନ କରାଯାଉଛି । କାରଣ ପୂର୍ବରୁ ସେଠାକାର ଉତାପ ବେଶ୍ ଅଧିକ ଥିଲା ଓ ବାୟୁମଣ୍ଡଳ ମଧ୍ୟ ଘନ ଥିଲା । ଫଳରେ ସେଠାରେ ଜଳ ଓ କ୍ଷୁଦ୍ର ଜୀବଜଗତର ସମ୍ଭାବନାକୁ ଏଡ଼େଇ ଦିଆଯାଇ ପାରିବ ନାହିଁ । ବର୍ତମାନ ଦକ୍ଷିଣମେରୁ ଅଂଚଳରେ ବରଫ ରହିଥିବା ଜଣାଯାଇଛି । ହୁଏତ ଭୂଇଁ ତଳେ ପାଣିଥିବ ବୋଲି ଅନୁମାନ କରାଯାଉଛି । ଆଗାମୀ ପିଢି ମଙ୍ଗଳଗ୍ରହରେ ପହଂଚି ବସବାସ କରିପାରିବେ ବୋଲି ଆମେ ଆଶାକରୁଛୁ ।

ରିଡର୍, ଓଡିଶା ଶିକ୍ଷା ସେବା (ଏ),
ଭଦ୍ରକ ସ ?ବୟଂଶାସିତ ସରକାରୀ ମହାବିଦ୍ୟାଳୟ,
ଭଦ୍ରକ, ମୋ-୯୪୩୯୫୦୧୬୫୧

ISSN NO.
2582-208X

# ଭାବର ଠାକୁର



ଅରୁଣ କୁମାର ଦାସ

ଗୁଣ୍ଡିଚା ଦିନ ଜଣାଇଲି ମନକଥା ତୋ ଆଗେ
ଆଠ ଦିନ ପୂରିନି ଡୋରି ଲଗାଇ ଟାଣିଲୁ ଆବେଗେ ।
ବସିବା ଠାବରୁ ଉଠି ଆସିଲି ତୋତେ ଦେଖିବା ପାଇଁ
ତୋତେ କ'ଣ ବା ଅଜଣା ସେଇଥିପାଇଁ ତ ଜଗତ ସାଇଁ ।
ଧନ ନ ଥିଲେ ମିଳଇ ମନ ତ ବନ୍ଧା ତୋ ପାଶେ
ଜୀବନ ଟା ଖାଲି ହାଇଁ ପାଇଁ ତୋତେ ଦେଖିବା ଆଶେ ।
ତୋତେ ଦେଖିବାରେ ଏତେ ଫନ୍ଦି ଫିକର
କିଏ ବା କଳିବ ତାହାତ ସବୁ ବୁଦ୍ଧି ବିଦ୍ୟା ବାହାରେ।
ଆଖି ପୁରାଇ ଦେଖିଲି ତୋତେ ମାଉସୀ ମନ୍ଦିରରେ
ଅଭଡ଼ା ମୁଠିଏ ପାଟିରେ ନେଲି ଯାଇ ଆନନ୍ଦ ବଜାରେ।
ମହୋଦଧିରେ ମହାସ୍ନାନ ସାରି ଆସିଲି ଶ୍ରୀ ମନ୍ଦିରରେ
ମନ୍ଦିର ବେଢ଼ାରେ ବୁଲି ଆସିଲି ମୋ ପରିବାରର ସାଥିରେ।
ଭାବର ଠାକୁର ଭାବ ଗ୍ରାହୀ ବୋଲି ନଗରା ବାଜୁଛି ନଗରେ
ମୋ ଘର ସଂସାର ବାହି ନେଇ ଯିବୁ ନ ରହି ଶଙ୍କାରେ।

ଠାକୁର୍, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ: ୯୯୩୮୭୩୩୦୭୫

ISSN NO.
2582-208X

# ଖୁସି



ରଘୁନାଥ ତ୍ରିପାଠୀ

ସ୍ନିଗ୍ଧ ସକାଳରେ ପ୍ରାତଃ ଭ୍ରମଣରେ ଯାଉଥିଲେ ଦୁଇ ସାଥୀ
ସଡ଼କ ଧାରରେ ଖୁସି ଖୁସି ଥିବା ମିଳଲେ ଏକ ଦମ୍ପତି ।

ଅତି ଆନନ୍ଦରେ ଖାଉଥିଲେ କାନ୍ତ ବାଢ଼ି ଦେଉଥିଲେ ବାମା
ଜଣାପଡୁଥିଲା ବେନଜନ ମୁଖେ ଖୁସିର ନଥିଲା ସୀମା ।

ଉଭୟଙ୍କ ଖୁସି ଆକର୍ଷିତ କଲା ବେନ ବନ୍ଧୁଙ୍କର ମନ
ବିମୁଗ୍ଧ ବନ୍ଧୁଙ୍କ ପାଦ ଦୁଇଯୋଡ଼ା ଅଟକଲା କଛି କ୍ଷଣ ।

ଦୁହେଁ ସ୍ଥିରକଲେ ଦୁହିଁଙ୍କଖୁସିରେ ଜମା ଦେବାନାହିଁ ବାଧା
ଦମ୍ପତି ଏକଥା ଜାଣିବା ଆଗରୁ ଗ୍ଲିଲେ ବାଟରେ ସିଧା ।

ହେଲେ ଦୁହିଁଙ୍କର ସରଳ ନରୀହ ମୁଖେ ଥିଲା ଯେଉଁ ଖୁସି
ଲାଗୁଥିଲା ସତେ ଦୁନଆର ଯେତେ ଶାନ୍ତ ବାଣ୍ଟୁଥିଲେ ମିଶି ।

ଫେରିଲା ବାଟରେ ଘଡିଏ ଅଟକ ପଗ୍ଚରିଲେ ଦୁଇ ବନ୍ଧୁ
ଶୀତ କାକରରେ ରହୁଛ କେଉଁଠି ମୁଖେ ଭରା ତୁମ ମଧୁ ।

ISSN NO.
2582-208X

ବତାଇଲେ ଦୁହେଁ ମୂଳ ଲାଗୁଅଛୁ ଶୋଉଅଛୁ ପଥଧାରେ
ଜୀବିକାରୁ ଫେରି ସବୁକାମ ସାରି ରହୁଅଛୁ ଖୁସିଭରେ ।

କାମନା ବାସନା ନାହିଁ ପାଶେ ଆମ ଖଟିଲେ ଖାଉଛୁ ଆମେ
ଗର୍ବ ଅହଂକାର ଛୁଇଁନି ଆମକୁ ରହିନାହୁଁ କେବେ ଭ୍ରମେ ।

କାହାରି ସାହାଯ୍ୟ ଲୋଡ଼ିନାହୁଁ କେବେ ପ୍ରଭୁ ଦେଇଛନ୍ତି ଶକ୍ତି
ସକାଳ ସଞ୍ଜରେ ଡାକୁଛୁ ଠାକୁରେ ଭରନ୍ତୁ ଜଗତେ ପ୍ରୀତି ।

ତାଙ୍କ ମଧୁବୋଲା ଦିପଦ କଥାରେ ଭାବୁଥାନ୍ତି ବନ୍ଧୁ ଦୁଇ
ସଭିଏଁ ଏପରି ହୋଇଲେ ଜଗତ ଥାଆନ୍ତା ବୈକୁଣ୍ଠ ହୋଇ ।

ବାଲିସାହି, ମଧୁପାଟଣା
କଟକ ୯୪୩୭୩୧୭୫୫୮

ISSN NO.
2582-208X

# ନାରୀ

ସ୍ୱାଗତିକା ନାଏକ

ନାରୀ ଯେ ଶ୍ରେଷ୍ଠା
ନାରୀ ପୁଣି ଜାୟା, ଜନନୀ ଆଉ ଭଗିନୀ,
ନାରୀ ତ ସୃଷ୍ଟି କର୍ତ୍ତା,
ତଥାପି ସେ ସବୁଠି ଅବେହଳିତା ।
ନାରୀ ଦୁଇ କୁଳର ହିତା, କେତେଯେ ତ୍ୟାଗ ଓ ସମର୍ପଣ,
କିନ୍ତୁ ସେ ଦୁଇ କୁଳ ପାଇଁ,
କରେ ଆତ୍ମହତ୍ୟା ।
ନାରୀ କୁ କଲେ ପାଠୋଇ,
ବିଚାର ଥିଲା ସେ ଦେଶକୁ ନେବ ଆଗେଇ
ଗୁରୁ, ଯେ ପଥପ୍ରଦର୍ଶକ ସମାଜର,
ଏଠି ପଥଭ୍ରଷ୍ଟକ ସାଜଇ ।
ନାରୀକୁ କର ନାହିଁ ମହାନ,
ସବୁଠି ସେ ପାଉଛି ଅପମାନ,
ମାତୃଗର୍ଭରୁ ସେ ଅଲୋଡ଼ା , ଅବହେଳିତା,
ସେଥିପାଇଁ ଚାଲେ ଏଠି,
କନ୍ୟାଭ୍ରୁଣ ହତ୍ୟା ।
ହେ ସ୍ରଷ୍ଟା, ପ୍ରାର୍ଥନା ତୁମକୁ
ଏକ ଅଜ୍ଞାନୀ ନାରୀର ,
ସଂସାର ରଚନା କର ପ୍ରଭୁ
ବିନା ସତ୍ତାରେ ନାରୀର ।

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ମଲ୍ କୂଅ



ଅବିନାଶ ସାହୁ

ଶୁଣିଲେଣି ଭାବମଉସା, ଆମ ଦେଶ ତ ସ୍ୱାଧୀନ ହେବାର ପାଞ୍ଚବର୍ଷ ବିତିଲାଣି; ଏଣିକି ଗ୍ରାମାଞ୍ଚଳରେ ପଞ୍ଚାୟତ ଗଠନ କରାଯାଇ ଗାଁଆଗୁଡ଼ିକର ଉନ୍ନତି କରାଯିବ, କାରଣ ଗାଁର ବିକାଶ ହେଲେ ଦେଶର ସାମୁହିକ ବିକାଶ ସମ୍ଭବ ହୋଇପାରିବ। ତୁମେ ସତ କହିଲ ଯେ ଧୀର ହେଲେ, ଏଇ ପଞ୍ଚାୟତ ତିଆରି ହେଲେ ଗାଁର ଲୋକେ କ କ ସୁବିଧା ପାଇବେ ଆଉ କ'ଣ ସବୁ ବିକାଶ ହେବ ଟିକେ ବୁଝାଇ କୁହନ୍ତନ। ତେବେ ଶୁଣ ମଉସା, ସ୍ଥାନେ ସ୍ଥାନେ ଗାଁଆଗୁଡ଼ିକୁ ନେଇ ପଞ୍ଚାୟତ ଗଠନ ହେବ। ପଞ୍ଚାୟତ ଗଠନ ହେବାଦ୍ୱାରା ଆମ ଗାଁକୁ ପକ୍କା ସଡ଼କ ଆସିବ, ବିଜୁଳି ଆସିବ ଆଉ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୋଖରୀ ଓ କୂଅ ଖୋଳାଯିବ; ଆମ ଗାଁଲୋକେ ଚୁଆ ପାଣି ପିଇ ଆଉ ରୋଗରେ ପଡ଼ିବେନି। ବିଜୁଳି ଆସିବା ଦ୍ୱାରା ରାତିରେ ମଧ୍ୟ ଆମ ଗାଁ ଦିନପରି ଆଲୋକିତ ହୋଇଯିବ। ଖାଲି ସେତିକି ନୁହେଁ ମ ମଉସା, ପଞ୍ଚାୟତର ମୁଖିଆ ଭାବରେ ଜଣେ ସରପଞ୍ଚ ରହିବେ। ସେ ଲୋକଙ୍କ ସୁବିଧା ଅସୁବିଧାରେ ଲୋକଙ୍କ ପାଖରେ ଠିଆହେବେ। ଆଉ ସବୁଠୁ ସୁନ୍ଦର କଥା ହେଲା ଯିଏ ସରପଞ୍ଚ ହେବ ସିଏ ଆମ ପଞ୍ଚାୟତର ହିଁ ଲୋକ ହୋଇଥିବ। ହଁ ଧୀର ସରକାର ଭଲ ପଦକ୍ଷେପଟିଏ ନେଇଛନ୍ତି।

ଆମ ଅଞ୍ଚଳର ହାନି ଲାଭ ଆବଶ୍ୟକତା ସିନା ଆମେ ଜାଣୁ, ଯଦି ଆଉ କିଏ ବାହାରୁ ଆସି ପଞ୍ଚ ହେବ ତେବେ ସେ ଆମ ଅଞ୍ଚଳର ସମସ୍ୟା ଜାଣିବ ବା କପରି ? ଆରେ ପୁଅ ଧୀର ଏହି ପଞ୍ଚାୟତ ବ୍ୟବସ୍ଥାଟି କେବେଠାରୁ କାର୍ଯ୍ୟକାରୀ ହେବ କହିଲୁ ? ଶୁଣ ଭାବମଉସା, ଏଇ ହେଲା ମଗୁଶିର ମାସ, ଫଗୁଣ ଶେଷ ସରିକି ପଞ୍ଚାୟତ ଗଠନ ହୋଇ ପଞ୍ଚ ବଛା ସବୁ

ISSN NO.
2582-208X

ସରିଥିବ। ହଉ ଭାବମଉସା ମୁଁ ଏଥର ଯାଉଛି ବଳଦ ଦୁଇଟାକୁ କୁଟା ଦେବି। ହଁ ପୁଅ ତୁ ଯାଆ। ପାଞ୍ଚମାସ ପରେ......

ଓଃ କ ଖରା ! ସତେ ଜାଆଁ ବରଷୁଛି ପରା ! ଆରେ ଧୀର ଘରେ ଅଛୁକରେ ? ହଁ ଭାବମଉସା ଯାଉଛି, ଯାଉଛି। ଆରେ ମଉସା, ତୁମେ ଏ ଉଦୁଉଦିଆ ଖରାବେଳଟାରେ କୁଆଡ଼େ ଆସିଲ ? ଉପରବେଳା ଆସିଥିଲେ ହୋଇନଥା'ନ୍ତା ! ଏ ଖରାବେଳେ ମୁଣ୍ଡକୁ ଗୋଟେ କଥା ଢୁକଲା ତ, ତୋଠାରୁ ଟିକେ ବୁଝିନେବାକୁ ଧାଇଁ ଆସିଲି। ହେଉ, ଏଇ ପାଣି ଲୋଟାକ ପିଇ ପିଣ୍ଡାରେ ବସ, ତା' ପରେ କଥାଟି କହିବ। ଧୀର ତୁ ତ ଦେଖୁଛୁ ବୈଶାଖ ମାସ ଆରମ୍ଭ ନହେଉଣୁ କ ଟାଣ ଖରା ! ତତଲା କଡ଼େଇରେ ଭାଜିହେଲା ପରି ଲାଗୁଛି। ଏଣେ ଗାଁ ଗାଡ଼ିଆ ଶୁଖିବାକୁ ବସିଲାଣି। ଜମିଦାର ଘର କୂଅରେ ତ ଆଉ ପାଣି ନାହିଁ। ତୋରି କହିବା ଅନୁସାରେ ପଞ୍ଚାୟତ ଗଠନ ହୋଇ ପଞ୍ଚ ବଛା ସରିଛି। ପଞ୍ଚଙ୍କୁ କହିକ ଆମ ଗାଁରେ ନୂଆ କୂଅ ଖୋଳାଇଲେ କେମିତି ହେବ। ଇଏ ତ ଭଲକଥା ମଉସା କନ୍ତୁ ଜଣେ ଯାଇକ କହିଲେ କ'ଣ ପଞ୍ଚ ଶୁଣିବ ? ତା'ହେଲେ କ'ଣ କରାଯିବ ତୁ କହୁନୁ। ମଉସା ଆମ ଗାଁର ୧୫-୨୦ ଜଣ ମିଳପ ମାଇପି ମିଶି ଦରଖାସ୍ତ ସହିତ ପଞ୍ଚଙ୍କୁ ଯାଇ ଭେଟିଲେ ଯାହାକଛି ହେବ। ତୁମେ ଗୋଟେ କାମ କର ଭାବମଉସା ଆସନ୍ତା ବୁଧବାର ଦିନ ପଲ୍ଲୀସଭା ବସିବ, ତୁମେ ଯାଇ ଗାଁର ଲୋକଙ୍କୁ ସଭାକୁ ଯିବାକୁ କହିଦିଅ। ମୁଁ ଦରଖାସ୍ତଟିଏ ଲେଖିଦେଉଛି। ସଭିଏଁ ବୁଧବାରଦିନ ସଭାକୁ ଯାଇ ସରପଞ୍ଚଙ୍କୁ ନୂଆ କୂଅ ଖୋଳବା ବିଷୟରେ ଜଣାଇବା।

ବୁଧବାର ଦିନ ସକାଳୁ ଭାବମଉସା ଗାଁଲୋକଙ୍କୁ ସାଙ୍ଗରେ ଧରି ପଲ୍ଲୀସଭାରେ ପହଞ୍ଚିଲେ। ଧୀର ସାଙ୍ଗରେ ନେଇଥିବା ଦରଖାସ୍ତଟିକୁ ପଞ୍ଚଙ୍କ ହାତକୁ ବଢ଼ାଇଦେଲା। ସରପଞ୍ଚ ବାବୁ ସମସ୍ୟା ବିଷୟରେ ଅବଗତ ହୋଇ ଆସନ୍ତା ଏକ ମାସ ମଧ୍ୟରେ ଗାଁଟିର ପୂର୍ବ - ମଧ - ପଶ୍ଚିମରେ ତିନଟି କୂଅ ଖୋଳବାପାଇଁ ପ୍ରତିଶୃତି ଦେଲେ। ୧୫ ଦିନ ଯିବା ଉତ୍ତାରୁ ଗାଁରୁ ବଛା ବଛା ଭେଣ୍ଡିଆ ଟୋକାଙ୍କୁ ଡାକ ସରପଞ୍ଚବାବୁ ତିନଟି ପଥର-କୂଅ ଖୋଳାଇଲେ।

ଏଣିକ ଗାଁରେ ଆଉ ପାନୀୟ ଜଳର ଅଭାବ ରହିବନାହିଁ ବୋଲି ମନେକରି ଗାଁଲୋକେ ଖୁବ୍ ଖୁସିହେଲେ ଏବଂ ତିନଟିଯାକ କୂଅ ପ୍ରତିଷ୍ଠା ହେବାପରେ କୂଅର ପ୍ରଥମ ପାଣି କଢ଼ାଯାଇ ମହାଦେବଙ୍କ ଅଭିଷେକ କରାଇଲେ। ନିଜ ନିଜ ସୁବିଧା ଅନୁସାରେ ତିନଟିଯାକ କୂଅରୁ ଲୋକମାନେ ପାଣି ବ୍ୟବହାର କଲେ ମାତ୍ର ପୂର୍ବ ଏବଂ ପଶ୍ଚିମ କୂଅ ଅପେକ୍ଷା ଗାଁ ମଝିରେ

ISSN NO.
2582-208X

ଖୋଳା ଯାଇଥିବା କୂଅ ପାଣିରେ ଡାଲି ଭଲ ସିଝୁଥିବାରୁ ଦୂର ହେଲେ ମଧ୍ଯ ଗାଁର ପ୍ରାୟ ସବୁ ମାଇପିଲୋକ ମଝିକୂଅରୁ ପାଣି ନେଇ ରୋଷେଇ କରନ୍ତି।

ଖ୍ଵବମଉସାଙ୍କ ଝିଅ ଲତା ପାରିବାର ହେଲାଣି। ଭଲ ଯୁବକଟିଏ ଦେଖି ହାତକୁ ଦି ହାତ କରିବେ ବୋଲି ମଉସା ନଜର ବୁଲାଉଥାନ୍ତି। ଏତିକିବେଳେ ପାଖ ଗାଁର ବିଦ୍ୟାଧର ସହ ଲତାର ପ୍ରସ୍ତାବ ପଡ଼ିଲା। ବିଦ୍ୟାଧର ବ୍ୟାସନଗର ତହସିଲଦାର ଖ୍ଵବରେ ଚାକରି କରିଥିବାରୁ ଖ୍ଵବମଉସା ବିନା ଦ୍ୱିଧାରେ ଝିଅ ଲତାର ହାତକୁ ବିଦ୍ୟାଧରଙ୍କୁ ଟେକଦେଲେ। ବାହାଘର ସରିବାର କଛିଦିନ ପରେ ଝିଅ ଜ୍ଵାଇଁ ଉଭୟେ କୋଠାମଡ଼ାଣ ପାଇଁ ଆସିଲେ। ଏହି ସମୟରେ ଗାଁର ସ୍ତ୍ରୀ ଲୋକମାନେ କୂଅରୁ ପାଣି ନେଉଥିବାର ଦେଖି ବଡ଼ ପାଟିରେ 'କୂଅରୁ ପାଣି କାଢ଼ିବା କେତେ ହାଲିଆ ଲୋ ମାଆ' ବୋଲି ଲତା ଢେଙ୍ଗୁରା ପିଟିଲା। ଏହା ଶୁଣି ମଝିକୂଅରୁ ପାଣି ନେବାକୁ ଆସିଥିବା ହାର ଖ୍ଡଉଜ କହିଲେ, ହଇହୋ ଲତା ତୁମ ଶାଶୁଘର ବାଡ଼ିରେ କ'ଣ ଝରଣା ଅଛିକି ପାଣି ଆପେ ଉପରୁ ଖସିଆସୁଛି ! ନାଇଁମ ହାର ଖ୍ଡଉଜ ସେ କଥା ନୁହେଁ, ଆମର ସିଏ ଯୋଉଠି ଚାକରି କରିଛନ୍ତି ସେଠି ତ କୂଅ ନାହିଁ। ତା' ହେଲେ ତୁମେ ପାଣି ଆଣୁଛ କୋଉଠୁ ବୋଲି ହାର ଖ୍ଡଉଜ ପଚାରନ୍ତେ ଲତା ସଙ୍ଗେ ସଙ୍ଗେ କହିପକେଇଲା ନଳକୂଅରୁ। ଏଁ ନଳକୂଅ ! ସେଇଟା କ କୂଅ ଲୋ ମାଆ। ହଁ ହାର ଖ୍ଡଉଜ, ସେଇ ନଳକୂଅରୁ ନଳଦ୍ୱାରା ପାଣି ବାହାରେ। ହଇହୋ ଲତା ପାଣି ତ ରହିଲା ତଳେ ସେ କ'ଣ ଆମ୍ବ ନଡ଼ିଆ କ ପଣସ ହେଇଛି ଯେ ତାକୁ ନଳରେ କାଢ଼ି ଆଣିବ। କୂଅରୁ ସିନା ଦଉଡ଼ି ନହେଲେ ଅରଟିରେ ପାଣି କଢ଼ା ହୁଏ। ନଳକୂପ ଦେଖିବାକୁ କେମିତିକା ଆଉ ସେଥିରୁ କମିତି ପାଣି ବାହାରୁଛି ମ ? ଏଇ ଆମ ଗାଁ କୂଅ ଭଳ ନଳକୂଅ ଏତେ ବଡ଼ ନୁହଁ। ଏଇ କୂଅରେ ୨୦-୨୫ଟା ନଳକୂଅ ଏକାବେଳେ ଗଳଯିବ। ହାଁ ଏତେ ଛୋଟ ! ଏତେ ଛୋଟ ଯଦି ସେଇଥିରୁ କେମିତି ପାଣି ବାହାରକୁ ଆଣ କୁହନ୍ତନ ? ଶୁଣ ଖ୍ଡଉଜ ନଳକୂଅ ଭିତରେ ଲୁହା ନଳ ଖଞ୍ଜାଯାଇଛି, ତା'ର ଆଗପଟେ ଗୋଟେ ଛୋଟନଳ ଲାଗିଛି ଆଉ ପଛପଟେ ଶାବଳ ଭଳ ଲୁହାଖଣ୍ଡେ ଲାଗିଛି। ସେଇ ଶାବଳଟାକୁ ଧରି ଉପର ତଳ କଲେ ମାଠିଆ ବାଲ୍ଟି ସଙ୍ଗେ ସଙ୍ଗେ ଭରି ହୋଇଯିବ। ଏତେ କଥା ଆମେ କଆଁ ଜାଣିବୁ ଲତା। ତୁମେ ବିଭିହୋଇ ସହରରେ ରହିଲ ବୋଲିସିନା ଏତକଥା ଜାଣିଲ। କାଇଁ ତୁମ ଗେରସ୍ତ ଧୀର କୁଆଡ଼େ ଗଲା କ ? ତା'କୁ କହୁନ ପଞ୍ଚକୁ କହି ଗାଁରେ ନଳକୂଅ ବସାଇବ। ହଁ, ସତକଥା ତୁମେ କହିଲ, ଏଇଲେ ଯାଉଛି ତାଙ୍କୁ କହିବି।

ISSN NO.
2582-208X

ହଇଓ ଶୁଭୁଛି ନା ନାହିଁ ? କୂଅରୁ ପାଣି କାଢ଼ି କାଢ଼ି ମୋ ଅଣ୍ଟା ନଇଁଗଲାଣି । ତୁମେ ଏଠି ଭୃଷଣବାଜି କରି ମଜା ଦେଖୁଥାଅ । ତୁମେ ଆମ ଘର ଆଗରେ ପଞ୍ଚଙ୍କୁ କହି ଗୋଟେ ନଳକୂଅ ବସାଅ, ନହେଲେ ଘରକାମ ସବୁ ବନ୍ଦ । କ'ଣ କହିଲ ନଳକୂଅ ! ଏ ନଳକୂଅ କଥା ତୁମକୁ କଏ କହିଲା ? ଆଉ ତାହାପୁଣି ଆମ ଘର ଆଗରେ । ଅସମ୍ଭବ ! ତୁମେ ପରା ପଞ୍ଚାୟତର ଜଣେ ସଭ୍ୟ ଅଛ ସରପଞ୍ଚଙ୍କୁ କହିଲେ ସେ କରନ୍ତେନ ? ହେଲା ଯେ ମୁଁ ଏକା କହିଲେ ତ ହେବନ । ଗାଁ ଲୋକେ ଯଦି ସାଥିରେ ଯିବେ ତେବେ ଯାଇ କିଛି ହେବ । ତୁମେ ଯାହା କରିବା କଥା ଶୀଘ୍ର କର । ନହେଲେ ମୁଁ ଆଉ ସେ କୂଅରୁ ପାଣି ଆଣିପାରିବିନ । ପାଣି ନଆଣିଲେ ଘରେ ଗ୍ରେଷେଇବାସ ଲିପାପୋଛା କେମିତି ହେବ ? ହେବ କ'ଣ ? ସବୁ ଠପ୍ କରିଦେବି । ହେଉ ତୁମେ ଆଉ ରାଗନା । ମୁଁ କିଛି ବ୍ୟବସ୍ଥା କରୁଛି କହି ଧୀର ଭୃବମଉସାଙ୍କ ଘରଆଡ଼େ ବାହାରିଗଲା ।

ଧୀର ଭୃବମଉସାଙ୍କ ଦୁଆରେ ପହଞ୍ଚି ମଉସାଙ୍କୁ ଡାକ ପକାଇଲା । ଧୀର ଡାକୁଥିବାର ଜାଣି ଭୃବମଉସା ବାହାରକୁ ଆସି କ'ଣ ହୋଇଛି ବୋଲି ପଗ୍ଚରିଲେ । କ'ଣ ଆଉ ହେବ ମଉସା ତୁମରି ଝିଅ ଲତା ହାର ମୁଣ୍ଡରେ କ ନଳକୂଅ ଭୂତ ପୂରେଇଛି ଯେ ସେ ମୋତେ ଆଉ ଉଠେଇ ବସେଇ ଦେଉନ । ଓଃ ଏଇକଥା ! ଆରେ ହୁଣ୍ଡା ସରପଞ୍ଚଙ୍କୁ କହୁନୁ ନଳକୂଅଟିଏ ବସାଇଦେବେ ଗାଁରେ । ହେଲା ଯେ ତୁମେମାନେ ସଭିଏଁ ସାଥୀରେ ଗଲେ ସିନା ହେବ । ନହେଲେ କପରି ହେବ ? ତୁ ଚନ୍ତା କରନା ଧୀର । କାଲି ସକାଳୁ ପଞ୍ଚାୟତକୁ ଯିବା । ତେବେ ମୁଁ ଆସୁଛି ମଉସା କାଲି ସକାଳୁ ବାହାରିବା ।

ଆରେ ଧୀର, ଶୀଘ୍ର ଆସୁନୁ ସଭିଏଁ ଆସିଲେଣି ପରା । ବିଳମ୍ବ ହେଲେ ସରପଞ୍ଚଙ୍କ ଭେଟ ମିଳବନ ଯେ । ହଁ ମଉସା, ଶୀଘ୍ର ଗ୍ଚଲ । ସଭିଏଁ ପଞ୍ଚାୟତରେ ପହଞ୍ଚିବାକ୍ଷଣି, ଆରେ ! ଆପଣମାନେ ସଭିଏଁ ମିଶି କୁଆଡ଼େ ଆସିଲେ ? ଗାଁରେ କିଛି ଅସୁବିଧା ହେଲାକ ବୋଲି ପଞ୍ଚ ପଗ୍ଚରିଲେ । ଏହାଶୁଣି ଭୃବମଉସା କହିଲେ ନାଇଁମ ଆଜ୍ଞା ମୋର ତ ବୟସ ହେଲାଣି, ହାତ ଗୋଡ଼ ଅଚଳ ଧରିଲାଣି । ଏଇଲେ ଅଛି ଆଉ ବେଳକୁ ଥିବି କ ନାହିଁ । ଏଇ ବୟସରେ କେତେଦିନ ଆଉ ଖୋଲାକୂଅରୁ ପାଣିକାଢ଼ି ପିଉଥିବୁ । ଯଦି ଆପଣ ଆମ ଗାଁରେ ଗୋଟିଏ ନଳକୂଅ ବସାଇ ଦିଅନ୍ତେ ତାହେଲେ ଭଲ ହୁଅନ୍ତା । ଓଃ ,ଏଇକଥା ! ଆପଣମାନେ ଏଠି ଥାଆନ୍ତୁ । ଓ ଧୀରବାବୁ, ତୁମେ ଦରଖାସ୍ତ ଆଣିଛ ପରା ? ହଁ ଆଜ୍ଞା ଆଣିଛି । ସେଇଟାକୁ ଧରି ଭିତରକୁ ଆସ । ଧୀର ଭିତରକୁ ଯାଇ ପଞ୍ଚଙ୍କ ହାତକୁ ଦରଖାସ୍ତଟି

ISSN NO.
2582-208X

ବଢ଼ାଇଦେବାରୁ ଦରଖାସ୍ତଟି ମୁଁ ଗ୍ରହଣ କରୁଛି ଧୀରବାବୁ, ହେଲେ ନଳକୂଅ ବସାଇବା ପାଇଁ ସ୍ଥାନ ଚୟନ ତୁମେ କର। ଆପଣ ସେ କଥା ଚିନ୍ତା କରନ୍ତୁନ ଆଜ୍ଞା। ଯଦି କହିବେ ମୁଁ ମୋ ଘରଡ଼ିହର ଦାଣ୍ଡପଟୁ ଜାଗାଖଣ୍ଡେ ଦେଇଦେବି। ଗାଁର ପାଞ୍ଚଲୋକ ପାଣି ପିଇବେ ତ ପିଅନ୍ତୁ। ଏଥିରେ ମୋର ପୁଣ୍ୟ ହେବ। ହେଉ ହେଲା ଧୀରବାବୁ ଆସନ୍ତା ୧୫ ତାରିଖ ଦିନ ଗାଡ଼ି ଯାଇ ସିଧା ଆପଣଙ୍କ ଦୁଆରେ ନଳକୂଅଟିଏ ବସାଇବ। ଆପଣ ଏବେ ଆସିପାରନ୍ତି। ଧୀର ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରକୁ ଆସି ନଳକୂଅ ବସାଇବା ପାଇଁ ପଞ୍ଚ ରାଜି ହୋଇଛନ୍ତି ବୋଲି ସଭିଙ୍କୁ ଜଣାଇଦେଲା। ପରେ ସଭିଏଁ ଖୁସିହୋଇ ଘରକୁ ଫେରିଲେ।

ସରପଞ୍ଚଙ୍କ କହିବା ଅନୁଯାୟୀ ନିର୍ଦ୍ଦିଷ୍ଟ ଦିନ ସକାଳୁ ଦୁଇଟି ବଡ଼ ଗାଡ଼ି ଗାଁରେ ପହଞ୍ଚିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଧୀର ଘର ଦାଣ୍ଡପିଣ୍ଡାକୁ ଲାଗି ନଳକୂଅ ଖୋଳିବା କାର୍ଯ୍ୟ ଆରମ୍ଭ ହେଲା। ଘଁ ଘଁ ଶବ୍ଦରେ ଗାଁ ଦାଣ୍ଡ ଫାଟି ପଡ଼ିଲା। ଦୀର୍ଘ ୪ ଘଣ୍ଟାପରେ ପିଚକାରୀରୁ ରଙ୍ଗପାଣି ବାହାରିବା ଭଳି ନଳକୂଅକୁ ଗୋଳିଆପାଣି ପ୍ରାୟ ୫୦ ଫୁଟ ଉପରକୁ ଉଠି ଗାଁ ଦାଣ୍ଡରେ ପଡ଼ିଲା। ଗାଁ ଦାଣ୍ଡ ଗୋଟାଯାକ ଗୋଳିଆପାଣି ଆଉ କାଦରେ ଭର୍ତ୍ତି ହୋଇଗଲା। କିଛି ସମୟପରେ ନଳକୂଅ ଗାଡ଼ିଟି ଧୀରେ ଧୀରେ ଗାଁ ଦାଣ୍ଡରୁ ବାହାରି ଚାଲିଗଲା। ଏହାପରେ ନଳକୂଅର ପାଣିକୁ ବିଶୋଧନ କରାଯିବାରୁ ସଭିଏଁ ପାଣିନେଇ ବ୍ୟବହାର କଲେ। ନଳକୂଅରୁ ପାଣି ଅତି ସହଜରେ ବାହାରୁଥିବାରୁ ଧୀରେ ଧୀରେ କୂଅମୂଳରୁ ଗହଳି କମିବାରେ ଲାଗିଲା କାଁ ଭାଁ କିଏ କେମିତି କୂଅରୁ ପାଣି କାଢ଼ିଲେ। ଏଣେ କିଛିଦିନ ଯିବା ଉତ୍ତାରୁ ନଳକୂଅମୂଳେ ଅସନା ଜମିବାରେ ଲାଗିଲା। ଏହାଦେଖି ହାର ସହ୍ୟ କରିପାରିଲା ନାହିଁ। ଯଦି କେହି ନଳକୂଅ ମୂଳେ ଦାନ୍ତ ଘଷିବା କିମ୍ବା ଗାଧୋଉଥିବାର ହାର ନଜରରେ ପଡ଼ିଗଲା ତେବେ ସଙ୍ଗେ ସଙ୍ଗେ ହାର ପଣତକାନଟାକୁ ଅଣ୍ଟାରେ ଖୋସିଦେଇ ଚଉଦପୁରୁଷ ଉଦ୍ଧାର କରେ। ସେଥିରୁ ଦେଢ଼ଶୁର, ମଳାଶୁର ମଧ୍ୟ ବାଦ୍ ପଡ଼ନ୍ତିନି।

ନଳକୂଅ ଖୋଳାହେବା ଦିନଠାରୁ ହାରର ହାବଭାବ ଦେଖି ଭାବମଉସା ନଳକୂଅରୁ ପାଣି ଆଣିବା ପରିବର୍ତ୍ତେ କଷ୍ଟ ହେଉପଛେ କୂଅରୁ ପାଣି ଆଣି ବ୍ୟବହାର କରୁଥିଲେ। ଦିନେ ମଉସାଙ୍କ ମୁଣ୍ଡ ବୁଲାଇବାକୁ ଲାଗିଲା। ସେ କୂଅରୁ ପାଣି କାଢ଼ି ନପାରିବାରୁ କୂଅମୂଳୁ ମାଠିଆ ଧରି ସିଧା ଦାଣ୍ଡେଇଲେ ନଳକୂଅ ପାଖକୁ। ଭାବମଉସା ନଳକୂଅ ପାଖରେ ପହଞ୍ଚିବା ପୂର୍ବରୁ ଗୋଟେ ବାଲୁଙ୍ଗା ଟୋକା ନଳକୂଅ ମୂଳେ ପାଣି ଜମାକରି ସେଥିରେ ସାବୁନ ଦ୍ୱାରା ଫେଣ କରୁଥିଲା। ହାର ଘରଭିତରୁ ଆସିବାର ଦେଖି ଟୋକାଟି ଧାଇଁ ପଳାଇଲା। ଏତିକିବେଳେ

ISSN NO.
2582-208X

ଭୁବମଉସା ମାଠିଆଟି ନଳକୂଅରେ ମେଣ୍ଟାଇବାବେଳେ ତାଙ୍କ ଗୋଡ଼ଟି ଖସିଯିବାରୁ ସେ ସେଠାରେ କଚ୍ଚଡ଼ିହୋଇ ପଡ଼ିଗଲେ। ହାର ତାଙ୍କୁ ଉଠାଇବା ପ୍ରତିବଦଳରେ ନଳକୂଅ ମୂଳେ ସାବୁନପାଣି ଜମା ହୋଇଥିବାର ଦେଖି ମଉସାଙ୍କ ବାପ ଅଜା ଚଉଦ ପୁରୁଷ ଉଦ୍ଧାର କଲା। ହାରର ଗାଳ ଶୁଣି ଧୀର ଘରୁ ବାହାରିଆସିଲା। ଏହା ପରେ ସେ ଗାଁର ଅନ୍ୟଦୁଇ ଜଣଙ୍କ ସାହାଯ୍ୟରେ ଭୁବମଉସାଙ୍କୁ ଡାକ୍ତରଖାନା ନେଲା ସତ ହେଲେ ଡାକ୍ତର ସେଠାରେ ମଉସାଙ୍କୁ ମୃତ ଘୋଷଣା କଲେ ।

ଧୀର ଏବଂ ହାରର ଗୋଟିଏ ବୋଲି ପୁଅ ବିସ୍ମୟ ପିଲାଟି ଦିନରୁ ବାହାରେ ରହି ପାଠ ପଢୁଥିଲା। ଏବେ ଚାକରି ପାଇଲା ପରେ ଘରକୁ ଫେରିଛି। ବିସ୍ମୟର ବାହାଘର କଥା ଘରେ ପଡ଼ିବାରୁ ସେ ଜଣଙ୍କୁ ବାହାରେ ୭ବର୍ଷ ହେଲା ଭଲପାଉଛି। ତା'ର ନାଁ ନୀଳମା। ବିସ୍ମୟ ନୀଳମା ଛଡ଼ା ଆଉ କାହାକୁ ବିବାହ କରିବ ନାହିଁ ବୋଲି ଘରେ ସିଧା ଶୁଣାଇଦେଲା। ପୁଅ ଯେତେବେଳେ ପସନ୍ଦ କରିଛି ବାପା ମାଆ ତା' କଥାରେ ରାଜିହୋଇ ବିସ୍ମୟ ସହ ନୀଳମାର ବାହାଘର କରାଇଲେ। ନୀଳମା ସହଜେ ସହରର ଆଭିଜାତ୍ୟରେ ବଢ଼ିଛି। ବିଳମ୍ବିତ ରାତିରେ ଶୋଇ ସକାଳୁ ବିଳମ୍ବରେ ଉଠିବା ହେଉଛି ସହର ସଭ୍ୟତାର ଦିନଚର୍ଯ୍ୟା। ତେଣୁ ନୀଳମା ଗାଁକୁ ବିଭାହୋଇ ଆସିଲା ସତ ମାତ୍ର ବିଳମ୍ବରେ ଉଠିବା କଥାଟି ହାରର ମନକୁ ପାଇଲା ନାହିଁ। ଚତୁର୍ଥୀ ଯାଏଁ ହାର ବୋହୂକୁ କଛିହେଲେ ଆକଟ କଲା ନାହିଁ ମାତ୍ର ସାତମଙ୍ଗଳା ଦିନ ବୋହୂକୁ ପାଣି ଆଣିବାକୁ ହାର ନଳକୂଅକୁ ପଠାଇବାରୁ ନୀଳମା କହିଲା 'ବୋଉ ଆମ ଗାଁରେ କଳରେ ପାଣି ଆସୁନାହିଁ କି ?' ଏହା ଶୁଣି ହାର କହିଲା କଳ ନା ନଳ ବା ! ମହାରାଣୀ ଉଠିବ ପାଇଟି ସରିଲେ, ଏଥିରେ ପୁଣି ମୋତେ ପ୍ରଶ୍ନ ! ସିଧା ଯାଇ ପାଣି ଆଣ। ସେଠି ଠିଆହେଲୁ କ'ଣ ? ବାପଘରେ କେବେ କାମ କରିନଥିବା ନୀଳମା ନଳକୂଅରୁ ପାଣି ଆଣିବା କାମଟି ବହୁ କଷ୍ଟରେ ତୁଲାଇଲା।

ନୀଳିମା ସହଜେ ଉଚ୍ଚ ଶିକ୍ଷିତା। ସେ ଜଳକଷ୍ଟରୁ ମୁକ୍ତି ପାଇବା ନିମନ୍ତେ ଗ୍ରାମ୍ୟ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ପାଖକୁ ଏକ ଚିଠି ଜରିଆରେ ଗାଁର ସମସ୍ୟା ବିଷୟରେ ଅବଗତ କଲା। ଏହାର କିଛିଦିନ ପରେ ପ୍ରତ୍ୟେକ ଗାଁରେ କଳଯୋଗେ ଜଳ ଯୋଗାଇବା ନିମନ୍ତେ ବଡ଼ ବଡ଼ ଲୁହାନଳ ବିଛାଗଲା। ସବୁ ଗାଁ ପରି ନୀଳିମାର ଶାଶୁ ଘରକୁ ମଧ୍ୟ କଳ ମାଧ୍ୟମରେ ଜଳ ଯୋଗାଇ ଦିଆଗଲା। ଗାଁର ଲୋକେ ବର୍ତ୍ତମାନ ହାତ ପାହାନ୍ତାରେ ପାଣି ପାଇବାରୁ ହାର ମଧ୍ୟ ନଳକୂଅରୁ ପାଣି ନେବାପାଇଁ ଘରୁ ଦାଣ୍ଡକୁ ବାହାରିଲା ନାହିଁ। କୂଅ ତ ଦୂରର କଥା

ISSN NO.
2582-208X

ଗାଁର ଆଉ କେହି ଜଣେହେଲେ ମଧ୍ୟ ନଳକୂଅ ପାଖ ମାଡ଼ିଲେ ନାହିଁ। ଫଳରେ ରକ୍ଷଣାବେକ୍ଷଣା ଅଭାବରୁ ନଳକୂଅଟି ଅକାମି ହୋଇଗଲା। ଅପରପକ୍ଷେ ଭାବମଉସା, ଧୀର ଏବଂ ସରପଞ୍ଚଙ୍କ ଉଦ୍ୟମରେ ଗାଁର ଯୁବକମାନେ ପାହାଡ଼ରୁ ବଡ଼ ବଡ଼ ପଥର କାଟିଆଣି ଯେଉଁ କୂଅଗୁଡ଼ିକ ନିର୍ମାଣ କରିଥିଲେ, ବର୍ତ୍ତମାନ ସେଥିରେ ନାନା ପ୍ରକାର ଧୂଳ ଧୂସ ଅଳଆ ଆବର୍ଜନା ପଡ଼ି ସେ ସବୁ....... ।

ବାହାଡ଼ାଝୋଲା
ନୟାଗଡ଼ / ୯୩୪୮୪୦୫୮୪୦

ISSN NO.
2582-208X

# ତୁମ ନୀରବତା



ମୋନାଲିସା ମିଶ୍ର

ତୁମ ନୀରବତା କାହିଁ
ଛାତିକୁ ଚରି ଦିଏ
କଦମ୍ବେ ଝରଇ ଲହୁ
ଜମୁନା ଝୁରି ଶୁଖିତ ଗଲାଣି
ଦିଶେ ନାହିଁ ପୂନେଇଁରେ ଇନ୍ଦୁ
ବାଦଲ କୋଳ ଯେ ଶୂନ୍ୟ
ନାଁ ଅଛି କଛ ଅଭିଯୋଗ
ନାଁ ଅଛି କଛି ଅଭିମାନ
ନାଁ ଅଛି ସେ କାଦମ୍ବିନୀର ବାସ
ଅଲୋ଼ଡ଼ା ପଡିଛି ନିର୍ଜନ ରାସ୍ତାରେ
ସଙ୍କଳ୍ପ ରେ ଭରା କଳସ
ପ୍ରେମର ଆଳାପ ପ୍ରତି ଆଳାପରେ
ଦିନେ ଭରି ଥିଲା ଯେଉଁ କଳସ
ନାଁ ଅଛି ଆଉ ସେ ଆକର୍ଷଣ
ନାଁ ଅଛି ଆଉ ସେ ପ୍ରେମଭରା ନିବେଦନ
ପୁରୁଣା ଚଠିର ପ୍ରତିଟି ଫର୍ଦ ଆଜି
ଚଠିଦେଇ ଆସ ତୁମେ
ଏବେ ସେ ପ୍ରେମ ଇତିହାସ ସମ
ଲାଗେ ତୁଛା ଥିଲା ମୋ ପ୍ରେମ ନିବେଦନ

ISSN NO.
2582-208X

ପଳାଶ ଫୁଲ ସମ ଲାଗେ ଏ ଜୀବନ
ବାସ, ରସ ପ୍ରୀତି,ପ୍ରଣୟ ରେ
ଦିନେ ମହକୁ ଥିଲା ଜୀବନ
ନାଁ ହେଲି ତୁମ ର ଦାସି
ନାଁ ହେଲି ତୁମ ର ପ୍ରେୟସୀ
ନାଁ ତୁମେ ସମୟ ଦେଲ
ନାଁ ମୁଁ ସମୟ ମାଗିଲି
ତୁମେ ଭୁଲି ଗଲ
ମୁଁ ନରବି ଗଲି
ତୁମ ନରବତାକୁ ବୁଝି ମୁଁ ଗଲି
ତୁମେ ପ୍ରେମରେ ପୂର୍ଣ୍ଣଛେଦ ଟାଣିଦେଲ
ମୁଁ ପ୍ରେମକୁ ପବିତ୍ର ଅମୃତ ମାନ
ତୁମ ଧୋକା ର ଜହରକୁ ପିଇଗଲି...

ଗାନ୍ଧୀନଗର, ଜଟଣୀ

ISSN NO.
2582-208X

# ମରିଛ ଜଦି ଡ଼ରୁଛ କାହିଁକି ???



ଦୀନବନ୍ଧୁ ବେଜ

ମରିଯାଇଛ ତୁମେ
ଯେବେ ତୁମେ ସମର୍ପି ଦେଇଛ
ନଜକୁ ନଜ ପରିବାରକୁ
ଜ୍ଞାତି କୁଟୁମ୍ବ ବନ୍ଧୁ ପରିଜନଙ୍କୁ ...
ତେବେ ଶତ୍ରୁ ହାତରେ
ହୋଇ ସାରିଛ ଜିଅନ୍ତା ଶବ ,
ଜଦି ଜାଣି ସାରିଛ
ତମ ମୃତ୍ୟୁ ସୁନଶ୍ଚିତ ଶତ୍ରୁର ହାତରେ
ତେବେ କାହିଁ ମରି ....
ଶତ୍ରୁକୁ ବଂଚିବାକୁ ଭିକ ମାଗୁଅଛ ???
ତେବେ ମରି କାହିଁକ
ଚିନ୍ତତ ହେଉଛ ମରଣ ଡ଼ରକୁ ,
ଅସ୍ତ୍ର ଘାତ ପୂର୍ବରୁ... ଗୁଳବିଦ୍ଧ ପୂର୍ବରୁ
କାହିଁକ ନଖରେ ବିଦିର୍ଣ୍ଣ କରୁନ
କାହିଁକ ଶତ୍ରୁର ଶରୀରକୁ ଗୁଳବିଦ୍ଧ କରୁନ
ଦାଣ୍ଡରେ ଠିଆ ହୋଇଥିବା
ଶତ୍ରୁ ଶରୀରକୁ I

ତୁମେ ଭାବୁଛକ ଶତ୍ରୁ ଆସିଛି
ତୁମକୁ ଦେବ ଫୁଲମାଳ ଅଗୁର ଚନ୍ଦନ

ISSN NO.
2582-208X

ତୁମକୁ କରିବ ବନ୍ଧାପନା,
ତେଣୁ ତା ସହିତ କରିବ
ସନ୍ଧିର ଯାଚ୍ଛନା,
ହଁ ତୁମକୁ ଆଳତି ନିଷ୍ଚିତ କରିବ
ସେ ପରା ବଳି ଚଢ଼ାଉ ଥିବା ବ୍ୟାଧ
ତାର ମନରେ ଚାଲିଛି ହିଂସା
ସ୍ୱର୍ଗରେ ସ୍ଥାନ ପାଇବା ପାଇଁ
ହିଂସା କରିବାକୁ ହୋଇଛି ଚୁକ୍ତିବଦ୍ଧ,,
ସେ ହିଂସାର ପାଠ ପଢ଼ି ଆସିଛି
ହିଂସା କରିବ ଜନ୍ମରୁ ଯୁଇ ପର୍ଯ୍ୟନ୍ତ ।

କିନ୍ତୁ ........

ତୁମ ଅହିଂସା, ମାନବିକତା, ଶ୍ରଦ୍ଧାପଣ
ସହାନୁଭୂତି, ଉଦାରବାଦ, ଭାଇଚାରା
ସ୍ନେହ ଓ ପ୍ରେମର ବାତାବରଣ ,,,
ସବୁ କାଳର କପୋଳ ତଳେ
ଏଣୁ ତୁମେ ବର୍ତ୍ତିବ ନାହିଁ
କି ତୁମ ବିରହିଣୀ ପତ୍ନୀ, ସ୍ନେହର ଭଗ୍ନୀ
ଗେଲ୍ହା ବସର ଯୁଆନ କନ୍ୟା
ବାଦ ଯିବେ ନାହିଁ,
ଜଣେ ପରେ ଜଣେ ତୁମ ଆଖି ଆଗରେ
ଘର ଅଗଣା ରେ, ତୁମ ସୀମା ଚଉହଦିରେ
ଆଜି ବିବସ୍ତ୍ର ହେବେ, ଲୁଣ୍ଠିତ ହେବେ,
ଖଣ୍ଡ ବିଖଣ୍ଡିତ ହେବେ।

ISSN NO.
2582-208X

ପାଖେଇ ଆସିଲ୍‌ଣି ...
ଏବେ ତୁମ ପାଳ
ମରିବା ଜାଣିଧରର ଅସ୍ତ୍ର ମାର ଏକ ଦୁଇ କରି
ସୁନିଶ୍ଚିତ ମୃତ୍ୟୁକୁ ଟିକେ ଆଶ୍ୱାସନ ଭର
ଦେଖିବ ...
ତୁମ ପ୍ରତି ସୃଷ୍ଟି ହେବ ଶତ୍ରୁର ଡ଼ର
ଏ ନୁହେଁ କୁହା କଥା
ଦେଖିବ ତୁମେ ହେବ ମସିହା !!!
ଶତ୍ରୁ କୁ ମାରିଥିବା ପାଇଁ
ଦେଖିବ କ୍ରାନ୍ତିର ଲହର ଖେଳବ
ଅନ୍ତତଃ ପକ୍ଷେ ଦୁର୍ବଳ ମରିବା ପୂର୍ବରୁ
ଶତ୍ରୁକୁ କାମୁଡ଼ିବ ରାମ୍ପୁଡ଼ିବ ଚିମୁଡ଼ିଛି
ଏହା ତ ନିଶ୍ଚିତ ମୃତ୍ୟୁର ପ୍ରତିଶୋଧ
ଶତ୍ରୁ ଆପତତଃ ଜାଣୁ
ତା କୁକର୍ମର ହେଉଛି ବିରୋଧ... ।

ସହିଦ ଲକ୍ଷ୍ମଣ ନାୟକ ହାଇସ୍କୁଲ
ଶିଖପାଲ୍ଲୀ, ମାଲକାନଗିରି
ସଂପର୍କ :-୭୬୮୩୯୨୦୨୨୧

ISSN NO.
2582-208X

# ପ୍ରେମିକା



ସିଦ୍ଧେଶ୍ୱର ତ୍ରିପାଠୀ

ସେ କାଲିବି ମୋତେ ଭଲ ଲାଗୁଥିଲା
ଆଜିବି ଭଲ ଲାଗେ
ଏମିତି ଭଲ ଲାଗୁଥିବ
ମୋ ଦେହରେ
ଏଇ ଜୀବନ ଟା ଥିବାଯାଏ ।

ମୁଁ କେବେ ତାକୁ ତଉଲି ପାରିନି
ଜାତି ଜାତକରେ
ପାଠରେ ଧନ ରେ
ଅବା କେବେ ରୂପରେ ରଙ୍ଗରେ ।

ଯୋଗ୍ୟକି ଅଯୋଗ୍ୟ
ମୁଁ ଅବା ସିଏ
ବୁଝିନାହିଁ ଭାଗ୍ୟ ଭଗବାନ
ମୁ କିନ୍ତୁ ତାକୁ ଭଲପାଏ ।

ଝୁରି ହୁଏ ତା ମିଠା କଥା
ମଧୁର ଗୀତକୁ
ପ୍ରୀତି କବିତାକୁ
ସେଇ ଶେଷ ଚିଠି ଆଉ
ଚିଠି ଶେଷେ

ISSN NO.
2582-208X

ସୁନ୍ଦର ଚିତ୍ରକୁ ।

ସାଇତି ମୁଁ ରଖିଥାଏ
ଟିକିନିକି ତାର ଯେତେ
ସବୁ ଉପହାର
ସେଥିରେତ ମଖା ଥାଏ
ତାର ମିଠା ହସ ଆସୁ
ମୋର ଲୁହ ଧାର ।

ଗଲାଣି ସେ କାହିଁ କେତେଦିନୁ
ତାର ନୂଆ ସଂସାର ସାଥିରେ
ମୁଁ ବଡ଼ ଅଲାଜୁକ
ଥରେ ମୋ ଆଖିକୁ ଦେଖ
ତାର ଛବି ଫୁଟି ଇଠୁଥିବ ନିଶ୍ଚେ
ଏଇ ମୋର ଦୁଇ ନୟନରୁ ।

ମୁଁ ଜାଣିଛି ନିଦାଘରେ ଝରିବନି ବର୍ଷା
ପାଉଁଶ ତଳରୁ ଆଉ ମିଳିବନି
ଫୁଲର ବଗିଚା
ତଥାପି ମୁଁ ଅପେକ୍ଷାରେ ରହେ
ମୁଁ ପାଗଳ ସେବେଠୁ ସେମିତି
ନିଆରା ଝିଅଟି ବିନା
ଆଜିବି ମୁଁ ଏକା
ସିଏ ମୋ ପ୍ରେମିକା
ସିଏ ମୋ ପ୍ରେମିକା ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ପ୍ରିୟତମା ମୋର



ଜୟନ୍ତ କୁମାର ମଲ୍ଲିକ୍

ପ୍ରିୟତମା ମୋର ବେଶି ମନେପଡ଼େ
ବରଷାର ଆଗମନେ -
ଧାରା ଶିରାବଣ ଭରେ ଶିହରଣ
ମୋ ତନୁର ଉପବନେ ।
ସ୍ମୃତିର କାଗଜଡଙ୍ଗା ଭାସିଆସେ
ଅତୀତର ଗୀତ ଗାଇ -
ମନେ ମନେ ମୁଁଯେ ଭାରି ଖୁସିହୁଏ
ତା' ମଧୁର ଛୁଆଁ ପାଇ ।
ପ୍ରେୟସୀଟା ମୋର ଭାରି ଲାଜକୁଳୀ
ଦିଏନି ଜମାରୁ ଧରା -
ହସରେ ସେ ଫିଙ୍ଗେ ଫଗୁଣର ଫଗୁ
ଯାହା ଅଟେ ମଧୁଝରା ।
ରାଗିଗଲେ ନାଲିଲଙ୍କା ସେ ପାଲଟେ
ଅଳପ ସମୟ ପାଇଁ -
ମନକୁ ବୁଝାଇ ଝରଣାଟେ ପରି
ଆସେ ମୋ ପାଖକୁ ଧାଇଁ ।
ମୋ ଆଶା ଆକାଶେ ଭସା ମେଘ ସାଜି
ଯେବେ ସେ ଦୂରକୁ ଯାଏ -
ମନଟା ମୋହର ଅତି ବିକଳରେ
ବିରହ ଗୀତିକା ଗାଏ ।

ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର

ISSN NO.
2582-208X

# ଶକ୍ତି ସଂକଟ ଓ ପରମାଣୁ ଶକ୍ତି



ତୁଷ୍ଟିତା ଜେନା

ଶକ୍ତି (ଏନର୍ଜି) ହେଉଛି ବହୁରୂପୀ । ଅନେକ ରୂପରେ ଶକ୍ତି ରହିଛି । ଖାଦ୍ୟରୁ ଆମ ଶରୀରକୁ ଶକ୍ତି ମିଳେ । କୋଇଲା, ଡିଜେଲ, ପେଟ୍ରୋଲ ବା ବିଜୁଳି ଶକ୍ତିରେ କଳକାରଖାନା ଓ ମୋଟରଗାଡି ଚାଲେ । ସୂର୍ଯ୍ୟ କିରଣରୁ ଗଛକୁ ଶକ୍ତି ମିଳେ । ଏମିତି ବିଭିନ୍ନ ପ୍ରକାର ଶକ୍ତି ରହିଛି, ଯଥା – ସୌର ଶକ୍ତି, ତାପଜ ଶକ୍ତି, ବିଦ୍ୟୁତ୍ ଶକ୍ତି, ରାସାୟନିକ ଶକ୍ତି, ଜୁଆର ଶକ୍ତି, ଶବ୍ଦ ଶକ୍ତି, ମାଧ୍ୟାକର୍ଷଣ ଶକ୍ତି, ଗତିଜ ଶକ୍ତି, ସ୍ଥିତିଜ ଶକ୍ତି ଇତ୍ୟାଦି । ସୂର୍ଯ୍ୟ ହେଉଛି ଶକ୍ତିର ଗନ୍ତାଘର । ତା’ ଭିତରେ ଉଦ୍‌ଜାନ ସହିତ ଉଦ୍‌ଜାନ ମିଶି ହିଲିୟମ୍ ସୃଷ୍ଟି ହୁଏ । ସେଥି ପ୍ରକ୍ରିୟାରେ ବିପୁଳ ଶକ୍ତି ଉତ୍ପନ୍ନ ହୁଏ । ସେହି ଶକ୍ତିର ନାମ ‘ପରମାଣୁ ଶକ୍ତି’ (ଆଟମିକ୍ ଏନର୍ଜି) । ଭବିଷ୍ୟତରେ ପରମାଣୁ ଶକ୍ତି ଆମର ଶକ୍ତି ଚାହିଦାକୁ ପୂରଣ କରିବା ବୋଲି ଚର୍ଚ୍ଚା ହେଉଛି ।

ପରମାଣୁ ଶକ୍ତି କଥା କହିଲେ ଆମକୁ ଡର ଲାଗେ । କାହିଁକି ନା, ଏହି ପରମାଣୁ ଶକ୍ତି ଦିନେ ଜାପାନର ହିରୋଶିମା ଓ ନାଗାସାକି ସହରକୁ ଧ୍ୱଂସ କରିଦେଇଥିଲା । ୧୯୪୫ ମସିହା ଅଗଷ୍ଟ ୬ ତାରିଖ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ । ସକାଳ ୮ଟା ୧୫ ମିନିଟ୍ । ଜାପାନର ହିରୋଶିମା ସହର ଉପରେ ହଠାତ୍ ନିଆଁର ଝଡ ମାଡି ଆସିଲା । ନିମିଷକ ମଧ୍ୟରେ ସହର ଉପରେ ୧୦ ଲକ୍ଷ ଡିଗ୍ରୀ ସେଂଟିଗ୍ରେଡ୍ ତାପମାତ୍ରା ଓ ସାଧାରଣ ବାୟୁମଣ୍ଡଳୀୟ ଚାପର ସହସ୍ର ଗୁଣ ଚାପ ସୃଷ୍ଟି ହେଲା । ସାରା ସହର ପ୍ରଚଣ୍ଡ କମ୍ପନରେ ଥରିଗଲା । ଲୋକମାନେ କିଛି ବୁଝିବା ଆଗରୁ ନିଆଁରେ ପୋଡି ପାଉଁଶ ହେଇଗଲେ । ତାହା କୌଣସି ପ୍ରାକୃତିକ ଦୁର୍ବିପାକ ନଥିଲା । ବରଂ ଆମେରିକାର ପରମାଣୁ ବୋମା ଜାପାନ

ISSN NO.
2582-208X

ପଡିଥିଲା, ଯାହାର ନାମ ଥିଲା 'ଲିଟିଲ ବୟ' । ହିରୋଶିମା ସହର ଉପରେ ପଡ଼ିଥିବା ବୋମା ଥିଲା ଯୁଦ୍ଧ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଥିବା ପ୍ରଥମ ପରମାଣୁ ବୋମା । କେଇ ସେକେଣ୍ଡ ଭିତରେ ସାରା ସହର ଧ୍ୱସ୍ତବିଧ୍ୱସ୍ତ ହେଇଗଲା । ଲକ୍ଷାଧିକ ଲୋକ ମୃତ୍ୟୁ ବରଣ କଲେ । ସେତିକରେ ଜାପାନ୍ ଭୂଖଣ୍ଡର ଦୁଃଖ ସରିଲା ନାହିଁ । ଅଗଷ୍ଟ ୯ ତାରିଖ ଦିନ ସେମିତିକା ଆଉ ଏକ ପରମାଣୁ ବୋମା ନାକାସାକ ସହରକୁ ଧୂଳିସାତ୍ କରି ଦେଲା । ନାଗାସାକ ସହର ଉପରେ ପଡ଼ିଥିବା ସେହି ବୋମା ଥିଲା ଯୁଦ୍ଧ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଥିବା ଦ୍ୱିତୀୟ ପରମାଣୁ ବୋମା । ତାହାର ଡାକନାମ ରଖାଯାଇଥିଲା 'ଫ୍ୟାଟ୍ ମ୍ୟାନ୍' । ଇତି ମଧ୍ୟରେ ୮୦ ବର୍ଷ ବିତି ଯାଇଛି । କନ୍ତୁ, ଦୁଇଟା ପରମାଣୁ ବୋମାର ତାଣ୍ଡବ ଏବେ ବି ଲୋକଙ୍କ ମନରୁ ଲିଭିନାହିଁ । ସେହି ଘଟଣା ପରେ ପରମାଣୁ ଶକ୍ତର ଶାନ୍ତପୂର୍ଣ୍ଣ ବ୍ୟବହାର ଦିଗରେ ପ୍ରୟାସ ଜାରିରହିଛି । ଶକ୍ତର ଅଭାବ ଦୂର କରିବା ପାଇଁ ପରମାଣୁ ଶକ୍ତର ପ୍ରୟୋଗ ଉପରେ ଆଲୋଚନା ହେଉଛି ।

ହିରୋଶିମା ଓ ନାଗାସାକର କରୁଣ ପରିସ୍ଥିତି ପାଇଁ ପଦାର୍ଥ ବିଜ୍ଞାନୀ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କୁ କେତେକାଂଶରେ ଦାୟୀ କରାଯାଏ । କାରଣ, ପରମାଣୁ ବୋମାରେ ବିପୁଳ ଶକ୍ତ ଉତ୍ପନ୍ନ ନମନ୍ତେ ଯେଉଁ ବୈଜ୍ଞାନକ ପ୍ରକ୍ରୟା କାର୍ଯ୍ୟକରେ, ତାହା ହେଉଛି ନଉକ୍ଲୀୟ ବିଭାଜନ ପ୍ରକ୍ରୟା (ନଉକ୍ଲଆର୍ ଫିସନ୍) । ୧୯୩୮ ମସିହାରେ ଜର୍ମାନୀର ଓଟୋ ହାନ୍ ଓ ଫ୍ରୀଜ୍ ଷ୍ଟ୍ରାସମାନ୍ ପ୍ରଥମେ ନଉକ୍ଲୀୟ ବିଭାଜନ ପଦ୍ଧତି ଆବିଷ୍କାର କରିଥିଲେ । ଏହାର ପ୍ରୟୋଗ ପୂର୍ବକ ପରମାଣୁ ବୋମା ଭଳ ଅଭୂତପୂର୍ବ ବିସ୍ଫୋରକ ତିଆରି କରିହେବ ବୋଲି ବୈଜ୍ଞାନକମାନେ ଜାଣିପାରିଲେ । ତେଣୁ କାଳେ ଜର୍ମାନୀର ନାଜୀ ସରକାର ଏହାକୁ ବ୍ୟବହାର କରି ପ୍ରଥମେ ପରମାଣୁ ବୋମା ତିଆରି କରିଦେବେ, ସେହି ଭୟରେ ଆଇନ୍‌ଷ୍ଟାଇନ୍ ଆମେରିକାର ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡେଲାନୋ ରୁଜ୍‌ଭେଲ୍ଟ (୩୦.୦୧.୧୮୮୨ – ୧୨.୦୪.୧୯୪୫) ମହାଶୟଙ୍କୁ ପରମାଣୁ ବୋମା ତିଆରି କରିବା ପାଇଁ ଅନୁମତି ମାଗିଥିଲେ ଓ ଆମେରିକା ପରମାଣୁ ବୋମା ତିଆରି କଲା । ପରମାଣୁ ବୋମା ଯେ ଏତେ ନାରକୀୟ କାଣ୍ଡ ଘଟାଇପାରେ, ହୁଏତ ଆଇନ୍‌ଷ୍ଟାଇନ୍ ସେତେବେଳେ ସେକଥା ଭାବି ନ ଥିଲେ । ପରମାଣୁ ବୋମାର ପ୍ରଭାବ କ୍ଷଣିକ ନୁହେଁ । ଲିଟିଲ୍ ବୟ୍ ଓ ଫ୍ୟାଟ୍ ମ୍ୟାନ୍ ପଡ଼ିବାର ଦୀର୍ଘ ୮୦ ବର୍ଷ ପରେ ମଧ୍ୟ ଆଜି ହିରୋଶିମା ଓ ନାକାସାକରେ ତେଜସ୍କ୍ରୀୟ ବିକରଣ ଜନତ କୁପ୍ରଭାବ ପୂର୍ବକ ବିକଳାଙ୍ଗ ଶିଶୁ ଜନ୍ମ ନେଉଛନ୍ତ । କହିବା ବାହୁଲ୍ୟ,

ISSN NO.
2582-208X

ବୋମା ଦୁଇଟିର ନାରକୀୟ କାଣ୍ଡ ଦେଖି ଆଇନ୍‌ଷ୍ଟାଇନ୍ ମର୍ମାହତ ହେଲେ ଓ ଜୀବନର ଶେଷ ଭାଗକୁ ଶାନ୍ତିପାଇଁ ବିଜ୍ଞାନର ପ୍ରୟୋଗ କଲେ ।

'ଫ୍ୟାଟ୍ ମ୍ୟାନ୍' ପରମାଣୁ ବୋମାଟି ପ୍ଲୁଟୋନିୟମ୍ ଉପାଦାନରେ ତିଆରି ହୋଇଥିଲା । ପ୍ଲୁଟୋନିୟମ୍ ହେଉଛି ତେଜସ୍କ୍ରୀୟ ଉପାଦାନ, ଯେଉଁ ଉପାଦାନ ଭାଙ୍ଗିଲେ ସେଥିରୁ ଆଲଫା, ବିଟା ଓ ଗାମା ଭଳି ମାରାତ୍ମକ ବିକିରଣ ବାହାରେ । ନିଉଟ୍ରନ୍ କଣିକା ଦ୍ୱାରା ପ୍ଲୁଟୋନିୟମ୍ ଉପାଦାନର ଓଜନିଆ ନିଉକ୍ଲିୟସକୁ ଆଘାତ କଲେ ନିଉକ୍ଲିୟସ୍ ଭାଙ୍ଗିଯାଏ, ଅର୍ଥାତ୍ ନିଉକ୍ଲୀୟ ବିଭାଜନ (ନିଉକ୍ଲିଆର୍ ଫିସନ୍) ଘଟେ । ଏହି ବିଭାଜନ ପ୍ରକ୍ରିୟାରେ ମୂଳ ଉପାଦାନର କିଛି ବସ୍ତୁତ୍ୱ ହିଁ ପ୍ରଚଣ୍ଡ ଶକ୍ତିରେ ରୂପାନ୍ତରିତ ହୋଇଥାଏ । ଆଇନ୍‌ଷ୍ଟାଇନ୍ ପ୍ରଥମେ ଏହି ବସ୍ତୁତ୍ୱ-ଶକ୍ତି ରୂପାନ୍ତର ବିଷୟରେ ସୂଚନା ଦେଇଥିଲେ । ବସ୍ତୁତ୍ୱ-ଶକ୍ତି ରୂପାନ୍ତର ସୂତ୍ରକୁ ବ୍ୟବହାର କରି ଆଜି ପରମାଣୁ ଶକ୍ତି ଉତ୍ପନ୍ନ ହୋଇପାରୁଛି ।

ଆମେ ବ୍ୟବହାର କରୁଥିବା କୋଇଲା, ପେଟ୍ରୋଲ ଓ ଡିଜେଲ ଆଜି ସରିବାକୁ ବସିଛି । ସେଗୁଡିକ ତିଆରି ହେବା ପାଇଁ ଲକ୍ଷ ଲକ୍ଷ ବର୍ଷ ଲାଗିଥିଲା । କିନ୍ତୁ ଦିନ କେଇଟାରେ ସରିଗଲା । ଆଜି ଏମିତି ଶକ୍ତିର ସନ୍ଧାନ ଜାରି ରହିଛି, ଯାହା ସହଜରେ ସରିବ ନାହିଁ । ସୌରଶକ୍ତି ନିଃସନ୍ଦେହ ଏହି କ୍ଷେତ୍ରରେ ସବୁଠାରୁ ନିର୍ଭରଯୋଗ୍ୟ ଦିଗ । କିନ୍ତୁ ସଂପ୍ରତି ଏହାର ଉତ୍ପାଦନ କ୍ଷମତା ସନ୍ତୋଷଜନକ ନୁହେଁ । ଆମର ଆବଶ୍ୟକତାକୁ ପୂରଣ କରିବା ଭଳି ଯଥେଷ୍ଟ ସୌରଶକ୍ତି ଉତ୍ପାଦନ ହୋଇପାରୁ ନାହିଁ । ତେଣୁ କୋଇଲା, ପେଟ୍ରୋଲ ଓ ଡିଜେଲ ସାଙ୍ଗକୁ ପବନଶକ୍ତି ଓ ଜୁଆରଶକ୍ତିର ବ୍ୟବହାର ହେଉଛି । ଏହି ପରିସ୍ଥିତିରେ ପରମାଣୁ ଶକ୍ତିର ଗୁରୁତ୍ୱ ବଢିଛି । ଏହାର ବ୍ୟବହାର ଶକ୍ତି ସଙ୍କଟର ସମାଧାନ ଦିଗରେ ସହାୟକ ହୋଇପାରିବ ।

ପରମାଣୁ ଶକ୍ତିରେ ସିଧାସଳଖ ବିଜୁଳି ବତି ଜଳିବ ନାହିଁ କି କାରଖାନା ଚାଲିବ ନାହିଁ । ପରମାଣୁ ଶକ୍ତିକୁ ବ୍ୟବହାର କରି ବିଜୁଳିଶକ୍ତି ଉତ୍ପାଦନ କରାଯାଏ । ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ର ବା ନିଉକ୍ଲିଆର ପାୱାର ପ୍ଲାଣ୍ଟ୍‌ରେ ଥରେ ନିଉକ୍ଲୀୟ ଜାଳେଣି ଭରି ଦେଲେ ତାହା ଏକା ଥରେ ୬ ମାସ ପର୍ଯ୍ୟନ୍ତ ଚାଲେ । ନିଉକ୍ଲୀୟ ଜାଳେଣିରୁ ମିଳୁଥିବା ତାପକୁ ବ୍ୟବହାର କରି ପାଣି ଗରମ କରାଯାଏ । ସେଥିରୁ ସୃଷ୍ଟି ହେଉଥିବା ଜଳୀୟବାଷ୍ପ ଦ୍ୱାରା ଟର୍ବାଇନ୍ ବୁଲିଲେ ବିଜୁଳିଶକ୍ତି ଉତ୍ପନ୍ନ ହୁଏ । ଭାରତର ତାରାପୁର, କୋଟା, କାଇଗା, ନାରୋରା, କଲ୍ପକମ୍ ଓ କାକ୍ରାପାଡାଠାରେ ରହିଥିବା ଆମର ପରମାଣୁ ରିଆକ୍ଟରଗୁଡିକରୁ

ISSN NO.
2582-208X

ବିଜୁଳଶକ୍ତ ଉତ୍ପାଦନ କରାଯାଉଛି । କନ୍ତୁ, ପରମାଣୁ ଶକ୍ତର ବ୍ୟବହାର ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ । ଏହାର ପ୍ରୟୋଗ କ୍ଷେତ୍ରରେ ସାମାନ୍ୟ ଅସାବଧାନତା ଶହ ଶହ ଜୀବନ ନେଇ ପାରିବ । ଏହାର ବିକିରଣ ଜନିତ କୁପ୍ରଭାବ ୫ ପିଢି ପର୍ଯ୍ୟନ୍ତ ରହିପାରେ । କିନ୍ତୁ ଆମେ ନିରୁପାୟ । ଶକ୍ତି ସଂକଟ ପରିବେଶରେ ସାନଧାନତାର ସହିତ ଏହି ଶକ୍ତିକୁ ବ୍ୟବହାର କରୁଛୁ । ପରମାଣୁ ଶକ୍ତି ଉତ୍ପାଦନ ବିପଦ ଶଙ୍କୁଳ ହେଲେ ବି ଏହାର ଶାନ୍ତିପୂର୍ଣ୍ଣ ବ୍ୟବହାର ବିକାଶ ପ୍ରକ୍ରିୟାରେ ସହାୟକ ହେବ ।

ଗବେଷକ (ପଦାର୍ଥ ବିଜ୍ଞାନ),
କଟ୍ ବିଶ୍ୱବିଦ୍ୟାଳୟ, ପଟିଆ,
ଭୁବନେଶ୍ୱର-୭୫୧୦୨୪

ISSN NO.
2582-208X

# ବିଫଳତା ସଫଳତା ର ସୋପାନ



ବସନ୍ତ କୁମାର ପ୍ରଧାନ

ବିଫଳତା ସଫଳତାର ସୋପାନ
ମନ ଦୁଃଖ କର ନାହିଁ,
କର୍ତ୍ତବ୍ୟ କର୍ମରେ ହୁଅ ଅଗ୍ରସର
ପଛକୁ ଦୃଷ୍ଟି ନ ଦେଇ ।୧।

ଭଲ ଭାବେ ଚାଲି ଶିଖିବା ଆଗରୁ
ହୁଏ କେତେ ଖଣ୍ଡି ଉଡ଼ା,
ସାଧାନରେ ବ୍ରତୀ ହୋଇବା ନିମନ୍ତେ
ଦୃଢ଼ ଇଚ୍ଛା ଶକ୍ତି ଲୋଡ଼ା ।୨।

ସଫଳତା ବିଫଳତା ସବୁବେଳେ
ଜୀବନରେ ଲାଗିରହେ,
ସଫଳତା ସିଡ଼ି ଚଢ଼ିବା ନିମନ୍ତେ
ତା 'ଆଶରା ଲୋଡ଼ା ହୁଏ ।୩।

ପ୍ରତ୍ୟେକ ତ୍ରୁଟିରୁ ଅନେକ ଯେ କିଛି
ଶିଖିବାକୁ ହୋଇଥାଏ,
ଭୁଲ୍ ହୋଇଲେ ଠିକ୍ ର ଠିକଣା
ଆଉ ଜଣାଇବ କିଏ ? ୪।

ବିଫଳତା ପାଇଁ ନକରିଣ ଦୁଃଖ
କର ତା'ର ବିଶ୍ଳେଷଣ,
ଧୈର୍ଯ୍ୟଟି ଅଟଇ ମୁଖ୍ୟ ଉପାଦାନ
ହେବାକୁ ପରିବର୍ତ୍ତନ ।୫।

ହରିହରପୁର, ଛେଣ୍ଡିପଦା,
ଅନୁଗୋଳ

ISSN NO.
2582-208X

# ପିତା ମାତା



ସନାତନ ମହାକୁଡ଼

ମୂଳ ରଚନା ବଙ୍ଗଳା - ବାପୀ ନାଗ

ଓଡ଼ିଆ ଭାଷାନ୍ତର - ସନାତନ ମହାକୁଡ଼

ପିତାମାତାଙ୍କ ପରି ହୁଏନା
କେହି ଆପଣାର ।
ଆମ ସଭିଙ୍କ ଚଲାପଥେ
ସେମାନେ ପ୍ରିୟଜନ ।

ପିତାମାତାଙ୍କ ଭଲ ପାଇବା
ପାଇ ବଡ଼ ହେଲି ।
ପିତାମାତାଙ୍କୁ ପାଇ ଆଜି
କେତେ କ'ଣ ପାଇଲି ।

ଗ୍ରାମ/ପୋ.ଅ - ବେରୁଆଁବାରୀ ୭୫୨୦୮୨
ଜିଲ୍ଲା - ନୟାଗଡ଼, ଓଡ଼ିଶା
ଦୂରଭାଷ: ୯୩୩୯୬୦୧୬୮
ଇମେଲ: sanmahakud@gmail.com
ୱେବ୍ ସାଇଟ୍ :www.sanatanmahakud.in

ISSN NO.
2582-208X

# ଭାଗ୍ୟ ଯଦି ହେବ ଅନୁକୂଳ



ନରଞ୍ଜନ ସାହୁ

ପରିସ୍ଥିତି ଆଉ ପରିବେଶ ଯଦି
ଭାଗ୍ୟ ଅନୁକୂଳ ହେବ
ତେବେ ସିନା ଆମ ଜୀବନ ତରୀକୁ
ସହଜରେ ବାହି ନେବ ।

ଜୀବନର ପଥ ଭାରି ଅଙ୍କାବଙ୍କା
କେତେ ଖାଲଢିପ ପୁଣି
ବାଟ ଚାଲୁଥିବ ବାଟୋଇ ସାଜିକି
ଅନେକ ଟିପ୍ପଣୀ ଶୁଣି
କିଏ କାହାପାଇଁ ଅଟକିବ କୁହ
କାହିଁକି ସମୟ ଦେବ ?

ସମୟ କାହାକୁ କେଉଁଠି ରଖିଛି
ସେକଥା ତାହାକୁ ଜଣା
ସଠିକ ରାସ୍ତାରେ ଚାଲିଚାଲି କିଏ
ହୁଏ ପୁଣି ବାଟବଣା
ଅନେକ କହନ୍ତି ଭାଗ୍ୟ ବଦଳିବ
ଈଶ୍ୱରଙ୍କ ପାଦ ସେବ ।

ନିହଲପ୍ରସାଦ, ଗନ୍ଦିଆପାଟଣା,
ଢେଙ୍କାନାଳ
ମୋ :୯୯୩୮୭୪୧୫୮୩

ISSN NO.
2582-208X

# ମୃତ୍ୟୁ

(ଭାଗ ୨)



ଜନ୍ମଜୟ ନାୟକ

ଜୀବନ କାହାଣୀ ସରିଯାଏ ପୁଣି
କୋଳେଇ ନିଏ କୋକେଇ,
ମୃତ୍ୟୁ ଆଗମନେ ଆକୁଳ କ୍ରନ୍ଦନେ
ଥରଇ ଜନମଭୂଇଁ,
ମଣିଷ ଶବ ସାଜଇ,
ଅଭିନୟ ସରେ କାଳ ଯେବେ ପୂରେ
ମଶାଣିରେ ଜଳେ ଯୁଇ।

ଜୀବନ ଆକାଶେ ସଞ୍ଜ ନଇଁଗଲେ
ତୁମେ ଆସ ଅବତରି,
ନେଇଯାଅ ପୁଣି ଅଜଣା ରାଇଜେ
କେହି ବି ପାରେନି ଫେରି,
ସେନେହ ମମତା ଡୋରି,
ପାରେ ନାହିଁ ବାନ୍ଧି ତୁମେ ନିଅ ଛନ୍ଦି
ତିଳେ ହିଁ ନକରି ଡେରି।

ଖଇ କଉଡିରେ ପଥ ସରିଯାଏ
ହଜିଯାଏ ସବୁ ଚିହ୍ନ,
ବାରଟି ରଜନୀ ପାହିଗଲେ ପୁଣି

ISSN NO.
2582-208X

ବଦଳେ ସବୁରି ମନ,
ଜୀବନ ଅଢେଇ ଦିନ,
ପିଣ୍ଡରୁ ପରାଣ  ମୁକତି ଲଭିଲେ
ମୃତ୍ୟୁ ମହାତୀର୍ଥ ଜାଣ  ।

ମୃତ୍ୟୁ ହିଁ ଶାଶ୍ବତ  ଚିରନ୍ତନ ସତ୍ୟ
ଅଟେ ମୋକ୍ଷର ଦ୍ୱାର,
ଲୋଭ ମୋହ ତେଜି  ବିଭୁ ପ୍ରେମେ ଭିଜି
ଜୀବନ ସାର୍ଥକ କର,
ସ୍ୱାର୍ଥକୁ କରିଣ ଦୂର,
କରି ଚାଲ ଧର୍ମ  ଆଉ ସତ କର୍ମ
ମୃତ୍ୟୁ କୁ କରି ଆଦର ।

ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ, ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ନିଶବ୍ଦ ନିନାଦ



ବେଣୁଧର ସୂତାର

ଆକୁଳ ପ୍ରାଣର ବ୍ୟାକୁଳତା ସାଥେ
ତୁମ ପଥ ଅଛି ଚାହିଁ
ହାଟ ମଝିଟାରେ
ଖୋଜଇ ଆତୁରେ
ଠିକଣା ତ ମିଳେନାହିଁ
ଚେତନାର ଉପକୂଳେ
ଅପେକ୍ଷା ବେଦିରେ ତୃଷ୍ଣା ଅଧୀରେ
ଆଶାର ପୂରବୀ ତୋଳେ ।

ଭବନାର ଛନ୍ଦେ ଯାହାକୁ ଖୋଜେମୁଁ
ନୀଳ ଶୂନ୍ୟତାର କୋଳେ
ଉଷା ଉଷସୀରେ ଅସ୍ତ ଗୋଧୂଳିରେ
ଏ ମାଟି ପଣତ ତଳେ
ଯନ୍ତ୍ରଣା ମଦିରା ପିଏ
ଅଭାବରେ ଭାବ ଚିତ୍ର ଆଙ୍କୁଥିବା
ମୁଁ ବିରହୀ କବି ଟିଏ ।

ସୂର୍ଯ୍ୟ ଶିଖାରେ ଜହ୍ନ ଜୋଛନାରେ
ଖୋଜେ ମୁଁ ତୁମର ସତ୍ତା
ଭାବ ଦରିଆର ଉତ୍ତାଳ ଊର୍ମିରେ

ISSN NO.
2582-208X

ଭାଙ୍ଗି ଯାଏ ନିରବତା
ପ୍ରତୀକ୍ଷାର ତପୋବନେ
ବିଶ୍ୱାସ ବେଦୀର ଭାବ ମୂର୍ଚ୍ଛନାରେ
ଆସ ହୃଦ ସିଂହାସନେ ।

ତୁମେ ଅନ୍ତଃସ୍ୱର ଅନନ୍ତ ପ୍ରଜ୍ଞାର
ଭାବ ଭୁବନର ମାୟା
ବଳିଷ୍ଠ ମସୀର ଶବ୍ଦବ୍ରହ୍ମ ସୁର
ବିନ୍ଦୁରେ ବିଶାଳ କାୟା
ଶାଶ୍ୱତ ସାହିତ୍ୟ ସୁର
ଶବ୍ଦବ୍ରହ୍ମ ରୂପା ପ୍ରଣବ ସ୍ୱରୂପା
କରୁଣାର ଦିବ୍ୟ ଝର ।

ତୁମରି ଆଶ୍ରିତେ ଭାବ ସମାଶ୍ରିତେ
ପ୍ରଜ୍ଞାର ଦୀପାଳି ଜଳେ
ଆସ ମାଆ ଆସ
ଚୈତନ୍ୟମୟୀ ଗୋ
ଚେତନାର ଅନ୍ତରାଳେ
ଏଇ ମୋ ହୃଦୟ ସ୍ଥଳେ
ଶବ୍ଦବ୍ରହ୍ମ ନାଦ ନିଃଶବ୍ଦ ନିନାଦ
ଝରେ ମାତୃ କୃପା ବଳେ ।

ଭାଷାଭାରତୀ ଗୋ ଅନୁଗ୍ରହେତୁମ
ତନ୍ମୟ ଲେଖନୀ ଧାର
ନିଃଶବ୍ଦ ଶବ୍ଦରେ ପ୍ରଲୁବ୍ଧ ଝଙ୍କାରେ
ଭାଷା ପ୍ରୀତି ମମତାର
ଶୁଭାଶିଷ ଝରି ଆସୁ

ISSN NO.
2582-208X

ତୁମ ଅନୁଗ୍ରହ ବିନା ଏ ଲେଖନୀ
ପ୍ରଭାହୀନ ପୁନର୍ବସୁ ।

ପୁଲକ ପ୍ରଜ୍ଞାର ପ୍ରସୂନ ଫୁଟାଅ
ନିଖିଳ ଅନ୍ତର ଭୂମେ
ବାଗ୍ ବାଦିନୀଗୋ
ଭାଷା ବିନୋଦିନୀ
ପ୍ରଜ୍ଞା ର ଜନନୀ ତୁମେ
ଜ୍ଞାନାଲୋକ ଦିଅ ଜାଳି
ତୁମ କୃପା ଘେନି ଚାଲୁଏ ଲେଖନୀ
ଭାବର ତରଙ୍ଗ ତୋଳି ।

କେଶଦୁର୍ଗପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

ISSN NO.
2582-208X

# ଭିତ୍ତିଭୂମି ଓ ବିକାଶ: ବାଞ୍ଛାନିଧି ପାଠାଗାର



ଚିତ୍ତରଂଜନ ସାହୁ

- ଭାରତରେ ପାଠାଗାର ଗୁଡ଼ିକର ଏକ ସମୃଦ୍ଧ ଇତିହାସ ରହିଛି, ଯାହା ପ୍ରାଚୀନ ଶିକ୍ଷା କେନ୍ଦ୍ରରୁ ଶିକ୍ଷା, ଗବେଷଣା ଏବଂ ସାଂସ୍କୃତିକ ସଂରକ୍ଷଣକୁ ସମର୍ଥନ କରୁଥିବା ଆଧୁନିକ ଅନୁଷ୍ଠାନ ପର୍ଯ୍ୟନ୍ତ ବିକଶିତ ହୋଇଛି। ପାଠାଗାର ଗୁଡ଼ିକ ମୁଖ୍ୟତଃ ଜ୍ଞାନକୁ ପ୍ରସାର, ସାକ୍ଷରତାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।

**- According to S.R Ranganath (a pioneer in India library science)-"A library is a public institution or establishment charged with the care of books, the duty of making them accessible to those who require the use of them ".**

**- Germanie Greer beautifully describes libraries as "reservoirs of strength, grace and wit,reminders of order calm and continuty, lakes of mental energy ".**

ପାଠାଗାର ର ଉଦ୍ଦେଶ୍ୟ ହେଉଛି ଶିକ୍ଷା, ସୂଚନା ଉପଲବ୍ଧତା ଏବଂ ସମ୍ବଳ ଯୋଗାଇବା। ପାଠାଗାରଗୁଡ଼ିକ ଜ୍ଞାନର ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରେ, ସମ୍ପ୍ରଦାୟର ସମସ୍ତ ସଦସ୍ୟ ଙ୍କ ପାଇଁ ଶିକ୍ଷା, ଗବେଷଣା ଏବଂ ମନୋରଞ୍ଜନକୁ ସମର୍ଥନ କରିବା ପାଇଁ ବିଭିନ୍ନ ପ୍ରକାରର ସାମଗ୍ରୀ, ସେବା ଏବଂ କାର୍ଯ୍ୟକ୍ରମ ପ୍ରଦାନ କରେ । ବର୍ତ୍ତମାନ ସମୟରେ ପାଠାଗାର ସାରା ଭାରତରେ ନୁହେଁ ସାରା ବିଶ୍ୱରେ ଏକ ନୂତନ ରୂପରେଖ ପାଇଛି। ଯେପରି ଇଣ୍ଟରନେଟ୍ ଓ କମ୍ପ୍ୟୁଟରର ବ୍ୟବହାର ପରି ସେବା ଯୋଗାଇ ପାରିଛି। ପୁସ୍ତକ, ପତ୍ରିକା ସହ ଯୋଡ଼ିହୋଇଛି ଚଳଚ୍ଚିତ୍ର ଏବଂ ଅନଲାଇନ୍ ଡାଟବେସ ସମେତ ବିଭିନ୍ନ ପ୍ରକର ସମ୍ବଳ ମାଧ୍ୟମରେ ଜ୍ଞାନର ବିକାଶ କ୍ଷେତ୍ରରେ ଯୋଡ଼ି ହୋଇଛି।

ISSN NO.
2582-208X

ମାନବ ଇତିହାସରେ ପାଠାଗାର ଗୁଡ଼ିକ ଏକ ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରିଛନ୍ତି ଏବଂ ଆଜି ମଧ୍ୟ ଆମ ଜୀବନ ର ଏହା ଏକ ଅବିଚ୍ଛେଦ୍ୟ ଅଂଶ ।ସାରା ଓଡ଼ିଶାରେ ୧୯୯୫ ମସିହା ପରେ "ପାଠାଗାର ଆନ୍ଦୋଳନ" ଆରମ୍ଭ ହୋଇଥିଲା। ଏହି ପାଠାଗାର ଆନ୍ଦୋଳନ ର ଓଡ଼ିଶା ର ପାଠାଗାରର ଜନକ, ସ୍ରଷ୍ଟା ଓ କର୍ଣ୍ଣଧାର ଥିଲେ ସ୍ୱର୍ଗତ ଦାଶରଥି ପଟ୍ଟନାୟକ।

ସେହି ସମୟରେ ସରକାର ଲୋକମାନଙ୍କୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ ପାଠାଗାର କ୍ଷେତ୍ରରେ ଆଗେଇ ଆସୁଥିଲେ। ଠିକ୍ ଏହି ସମୟରେ ସ୍ୱର୍ଗତ ଦାଶରଥି ପଟ୍ଟନାୟଙ୍କ ଘରେ ଥିବା ବାପାଙ୍କ ଅମଳରୁ କିଛି ପୋଥି ପୁରାଣ ଅନ୍ୟ ଗାଁ ର ଲୋକମାନେ ସେ ସବୁକୁ ମାଗି ନେଇ ଯାଇଥିଲେ ।

ପାଠାଗାରକୁ ସୁନ୍ଦର ଭାବେ ପରିଚାଳନା କରିବା ପାଇଁ ଯେତିକି ରେଜିଷ୍ଟର ଆବଶ୍ୟକ ସେ ସମସ୍ତ ପ୍ରାୟ ତିଆରି କରିଥିଲେ ସ୍ୱର୍ଗତ ଦାଶରଥ ପଟ୍ଟନାୟକ ୧-କ୍ୟାସବହି, ୨-ଷ୍ଟକବହି, ୩- ପୁସ୍ତକ ଓ ପତ୍ରିକା ପଞ୍ଜିକା ରେଜିଷ୍ଟର, ୪- ବାର୍ଷିକ ରିପୋର୍ଟ ରେଜିଷ୍ଟର, ୫- ପୁସ୍ତକର ଶ୍ରେଣୀ ବିଭାଗ ରେଜିଷ୍ଟର, ୬- ପ୍ରଦର୍ଶନ ରେଜିଷ୍ଟର ଓ ଅନ୍ୟାନ୍ୟ, ପାଠାଗାରରେ ଥିବା ପୁସ୍ତକ ଗୁଡ଼ିକୁ ୩୨ଗୋଟି ବିଭାଗରେ ବିଭାଗିକରଣ କରାଗଲା-

(କ) ଧର୍ମ ପୁସ୍ତକ (ଖ) ଜୀବନୀ ଓ ଗ୍ରନ୍ଥାବଳୀ (ଗ) ଉପନ୍ୟାସ ଓ ଗଳ୍ପ (ଘ) କାବ୍ୟ ଓ କବିତା (ଙ) ଭାଷା (ଚ) ନାଟକ ଓ ଏକାଙ୍କିକା (ଛ) ପତ୍ରିକା ବିଭାଗ (ଜ) ଶିଶୁ ବିଭାଗ (ଝ) ବିବିଧ(ଞ) କୃଷି (ଟ) ଭ୍ରମଣ (ଠ)ଇତିହାସ ବିଭାଗ (ଡ) ପ୍ରବନ୍ଧ ଓ ରମ୍ୟରଚନା ଇତ୍ୟାଦି ବିବିଧ ବର୍ଗର ବିଭାଗୀକରଣ କରାଯାଇଅଛି।

- ସ୍ୱର୍ଗତ ଦାଶରଥ ପଟ୍ଟନାୟକ ପାଠାଗାର ପାଇଁ ସଂଗ୍ରହ କରି ରଖିଛନ୍ତି ୪୦,୦୦୦ରୁ ଉର୍ଦ୍ଧ୍ୱ ପୁସ୍ତକ। ସେଥିମଧ୍ୟରେ ରହିଛି ବହୁ ପୁରାତନ ଓ ଦୁର୍ଲଭ ପୁସ୍ତକ, ପତ୍ରପତ୍ରିକା ଓ ସ୍ମରଣିକା ସଂଖ୍ୟା ୬୫,୦୦୦ ରୁ ଉର୍ଦ୍ଧ୍ୱ ଏବଂ ପ୍ରାୟ ୨୬୦୦ ପ୍ରକରର, ୪୦ଟି ଭାଷାରେ ସଂଗୃହୀତ ଅଭିଧାନ ମଧ୍ୟରେ ରହିଛି ପୃଥିବୀ ର ୩୫ଟି ଭାଷାର ଅଭିଧାନ, ୧୬୫ ପ୍ରକାରର ଶିଶୁ ପତ୍ରିକା ଏବଂ ୨୦ ପ୍ରକାରର କିଶୋର ଡାଇଜେଷ୍ଟ ମଧ୍ୟ ରହିଛି। ସେହିଭଳି ଭାଗବତ ଗୀତା ସଂଖ୍ୟା ରପ୍ରାୟ ଏକହଜାର ଓ ତତ୍ଉର୍ଦ୍ଧ୍ୱବିଭିନ୍ନ ଭାଷାରେ ବିଭିନ୍ନ କବିଙ୍କ ଦ୍ୱାରା ଟୀକା ସହ ଅନୁଦିତ ପୁସ୍ତକ ରହିଛି। ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ଜ୍ଞାନକୋଷ,

ISSN NO.
2582-208X

ଜ୍ଞାନମଣ୍ଡଳ, ଷୋଡଶ ଶତାବ୍ଦୀର ପଞ୍ଚସଖା ବଳରାମ ଦାସ, ଜଗନ୍ନାଥ ଦାସ ଅଚ୍ୟୁତଙ୍କ ଓ ଆଧୁନିକ ଯୁଗଠାରୁ ସତ୍ୟବାଦୀ, ସବୁଜ ଓ ପ୍ରଗତିବାଦୀ ପଯ୍ୟନ୍ତ ଲିଖିତ ପୁସ୍ତକ ଗୁଡ଼ିକୁ ସବୁ ସ୍ୱତନ୍ତ୍ର ବିଭାଗ ରେ ବିଭକ୍ତ ହୋଇ ରହିଛି। ଓଡ଼ିଶାରେ ପ୍ରତିଦିନ ପ୍ରକାଶିତ ସମ୍ବାଦ ପତ୍ର ଏହି ପାଠାଗାର କୁ ଆସୁଅଛି। ସେହିପରି ଉତ୍କଳ ସାହିତ୍ୟ, ସହକାର, ଆସନ୍ତାକାଲି ଆଦି ପତ୍ରିକା ର ଅଧିକାଂଶ ପୁରାତନ ସଂଖ୍ୟା, କଳିଙ୍ଗ, ଜନଶକ୍ତି ଓ ସମାଜ ଆଦି ଦୈନିକସମ୍ବାଦ ପତ୍ରର ସମସ୍ତ ସଂଖ୍ୟା ପ୍ରାୟ ଏଠାରେ ଗଚ୍ଛିତ।

- ସ୍ୱାଧୀନତାର ପୂର୍ବବର୍ତ୍ତୀ ୫୦ ବର୍ଷ ଓଡିଶାର ଯେଉଁ ସାହିତ୍ୟିକ ଓ ସାଂସ୍କୃତିକ ପରିବେଶ ଥିଲା, ତାହା ପୁନରୁତ୍ଥାନ ପାଇଁ ସେ ଚିନ୍ତିତ ଥିଲେ। ବିଶେଷ କରି ୧୯୦୩ ରୁ ୧୯୪୭ ପର୍ଯ୍ୟନ୍ତ ସାହିତ୍ୟ ହିଁ ଓଡ଼ିଶାର ରାଜନୈତିକ ଦୃଶ୍ୟ ପଟରେ ଅନୁକୂଳ ଭୂମିକା ଗ୍ରହଣ କରିଥିଲା। ଏହି ସମୟରେ ସାହିତ୍ୟ ଓ ସମାଲୋଚନା ସମୃଦ୍ଧ ଥିଲା, ସେହି ସମାଲୋଚନା ମୂଳକ ଓ ଦୁର୍ଲଭ ପତ୍ର ପତ୍ରିକା ଯଥା - ଉତ୍କଳ ଦୀପିକା(୧୮୬୬), କାଦମ୍ବରୀ (୧୮୬୮), ଉତ୍କଳପ୍ରେସ (୧୮୬୮), ଉତ୍କଳ ଦର୍ପଣ (୧୮୭୩) ଉତ୍କଳପ୍ରଭା, ଇନ୍ଦ୍ରଧନୁ (୧୮୯୩), ବିଜୁଳି (୧୮୯୩) ଉତ୍କଳ ସାହିତ୍ୟ (୧୮୯୭), ମୁକୁର(୧୯୦୬), ସତ୍ୟବାଦୀ (୧୯୧୫), ଶଙ୍ଖ (୧୯୪୫) ଚତୁରଙ୍ଗ (୧୯୪୬) ପ୍ରଭୃତି ସଂଗ୍ରହ କରି ଆଲୋଚକ, ସମାଲୋଚକ ଓ ଗବେଷକମାନଙ୍କ ପାଇଁ ଦୁର୍ମୂଲ୍ୟ ଖୋରାକ ଯୋଗାଇ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ସହାୟ ହୋଇଛନ୍ତି।

- ପ୍ରତିଦିନ ବାଞ୍ଛାନିଧି ପାଠାଗାରକୁ ଚିଠି, ପତ୍ର ପତ୍ରିକା ଓ ବହି ପାଠାଗାରକୁ ଡାକରେ ଆସେ। ଯେଉଁ ଚିଠି ମାଧ୍ୟମରେ କବି, ଲେଖକ, ସମ୍ପାଦକ, ଗବେଷକ, ଅଧ୍ୟାପକ ଓ ଯୁବ ସମାଜକୁ ଟାଣି ଧରିଥିଲେ । ବାଞ୍ଛାନିଧି ପାଠାଗାର ଏକ ଧର୍ମ ପୀଠଥିଲା। ୧୬ ଡିସିମିଲି ଜମି ଉପରେ ଦଣ୍ଡାୟମାନ ଥିଲା ଏହି ପାଠାଗାର। ୨୦୨୫ ମସିହା ସୁଦ୍ଧା ଏହି ପାଠାଗାରରେ ପୁସ୍ତକ ଓ ପତ୍ରପତ୍ରିକା ପ୍ରାୟଦୁଇ ଲକ୍ଷ ରୁ ଅଧିକ ସଂଖ୍ୟା ରେ ରହିଛି।

ବାଞ୍ଛାନିଧି ପାଠାଗାର ସମ୍ପର୍କ ରେ କିଛି ମନ୍ତବ୍ୟ:-

ISSN NO.
2582-208X

ସ୍ୱର୍ଗତ ରମାଦେବୀ -:

ପାଠାଗାରର ପ୍ରାଣ ସ୍ୱରୂପ ଦାଶରଥ ବାବୁଙ୍କୁ କି ଭାବରେ ପ୍ରଶଂସା କରିକି ବା ଧନ୍ୟବାଦ ଦେବି ତାହା ଜାଣିପାରୁ ନାହିଁ, ପାଠାଗାରର କାମରେ ତାଙ୍କର ସାଧନା ଅତି ଆଚାର୍ଯ୍ୟଜନକ।

ପଦ୍ମଶ୍ରୀ ରାଧାମୋହନ ଗଡନାୟକ -:

ବାଞ୍ଛାନିଧି ପାଠାଗାରର ପ୍ରତିଷ୍ଠାତା ଶ୍ରୀ ପଟ୍ଟନାୟକଙ୍କର ଗ୍ରନ୍ଥ ପୁରାତନ ପୋଥି, ମୂର୍ତ୍ତୀ, ମୁଦ୍ରା, ପତ୍ର, ପତ୍ରିକା ସଂରକ୍ଷଣ ଆମ ଓଡ଼ିଶାର ଅତୁଳନୀୟ।

ଶ୍ରୀ ହର୍ଷ ମିଶ୍ର -:

ପୂଜ୍ୟ ଦାଶରଥି ବାବୁ ଙ୍କ ସମ୍ପାଦିତ ପାଠାଗାର କେବଳ ଓଡ଼ିଶାର ନୁହେଁ ସମଗ୍ର ରାଷ୍ଟ୍ର ପକ୍ଷରେ ଆଦର୍ଶକୃତ । ନିଷ୍ଠା ଓ ସାଧନାର ଏକ ଦୁର୍ଲଭ ପ୍ରତୀକ ବୋଲି ମନେକରେ। ନିଜେ ତାହା ଦେଖି ଅଭିଭୂତ ହୋଇଛି।

ବିଜୟଲକ୍ଷ୍ମୀ ସାହୁ-:

(ରାଷ୍ଟ୍ରମନ୍ତ୍ରୀ, ମହିଳା ଏବଂ ଶିଶୁ ବିକାଶ, ଓଡିଶା)

ଓଡ଼ିଶା ପାଠାଗାରର କର୍ଣ୍ଣଧାରା ଶ୍ରୀଯୁକ୍ତ ଦାଶରଥି ପଟ୍ଟନାୟକ କେବଳ ପାଠାଗାର ଆନ୍ଦୋଳନରେ ପ୍ରମୁଖ ଉଦ୍ୟକ୍ତା ଭାବେ ନୁହେଁ, ଅଧିକନ୍ତୁ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ଭାବେ ସ୍ୱର୍ଗତ ପଟ୍ଟନାୟକ ଏକ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

ଦାସିଆ ଅଜାଙ୍କ ପଢିବାର ଆଗ୍ରହ ଏବଂ ଏଥି ନିମନ୍ତେ ଅନ୍ୟ ବନ୍ଧୁ ମାନଙ୍କ ଆନ୍ତରିକ ପ୍ରେରଣା ପାଇ ଏକ ପାଠାଗାର ଗଢ଼ିବା ପାଇଁ ଦାଶିଆ ଅଜାଙ୍କ ମନରେ ଯଥେଷ୍ଟ ଆଗ୍ରହ ସୃଷ୍ଟି କଲା। ତତ୍କାଳିକ ନୂଆଗାଁ ବ୍ଲକର ଚେୟାରମ୍ୟାନ ଶ୍ରୀଯୁକ୍ତ ଡମ୍ବରୁଧର ଷଡଙ୍ଗୀ ଓ ନୂଆଗାଁ ଅପରପ୍ରାଇମେରୀ ସ୍କୁଲର ହେଡ ପଣ୍ଡିତ ଶ୍ରୀଯୁକ୍ତ ଲୋକନାଥ ତ୍ରିପାଠୀ ତାଙ୍କ ଆଖି ଖୋଲିଦେଲେ । ୧୯୯୫ ମସିହା ମେ ମାସ ୫ ତାରିଖରେ ଏକ ଶୁଭ ସଞ୍ଜରେ ଶ୍ରୀ ଲୋକନାଥ ତ୍ରିପାଠୀ ଭାଗବତ ଗୀତା ପାଠ ପଢି ପାଠାଗାରର ଶୁଭ ଦେଲେ । ମାତ୍ର ୫ ଖଣ୍ଡ

ISSN NO.
2582-208X

ପୁସ୍ତକ ଓ ଗୋଟିଏ କଳଙ୍କି ଧରା ଟିଣ ବାକ୍ସ କୁ ସମ୍ବଳ କରି ପାଠାଗାର ଆରମ୍ଭ ହୋଇଗଲା।

- ସରକାରଙ୍କ ଅଜସ୍ର ଅର୍ଥ ବ୍ୟୟରେ ଯାହା ସମ୍ଭବପର ହୋଇପାରୁନାହିଁ ଗୋଟିଏ ବ୍ୟକ୍ତିର ଏକକ ପ୍ରଚେଷ୍ଟା ତାହା ସମ୍ଭବ ହୋଇପାରିଲା। ସ୍ୱର୍ଗତ ପଟ୍ଟନାୟକ ନିଜର ନିରଳସ ଉଦ୍ୟମ, ନିଃସ୍ୱାର୍ଥପର ସାଧନା ବିନମ୍ର ଆଚରଣ ଏବଂ ଅସୀମ ଜିଜ୍ଞାସାକୁ ପୁଞ୍ଜିକରି ଏପରି ଏକ ଅନୁଷ୍ଠାନ ଗଢି ପାରିଛନ୍ତି। ଦାସିଆ ଅଜାଙ୍କ କିଛି ଅନୁଭୂତି ବାଣୀରୁ ତାହା ସ୍ପଷ୍ଟ ହୋଇ ଜଣା ପଡ଼େ:-

(୧) ଏକ ନିପଟ ମଫସଲ ତଥା ଅଶିକ୍ଷିତ ଅଞ୍ଚଳରେ ଏକ ପାଠାଗାର ନିର୍ମାଣ କରିଥିବାରୁ ମୁଁ ଆଜି ଆତ୍ମସନ୍ତୋଷ ଲାଭ କରିଛି। ଏଥିପାଇଁ ମୋତେ ଯୁବକ ସମୟରେ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା, କିନ୍ତୁ ଯେଉଁ ଯୁବକ, ଯୁବକ ବେଳେ କାନ୍ଦିନି, ସେ ଯୁବକ ନୁହେଁ। ଯେଉଁ ବୁଢ଼ା ବୁଢ଼ା ବେଳେ ହସିନି, ସେ ବୁଢ଼ା ନୁହେଁ। ଏହି କଥା ମୋ ପାଇଁ ଏକା ବେଳେ ଠିକ୍।

(୨) ପାଠାଗାର ଉନ୍ନତି ନିମନ୍ତେ ମୋତେ ବହି ଚୋରି କରିବାକୁ ପଡ଼ିଥିଲା। ଉପାସରେ ରହି ଅନଶନ କରି ଲୋକଙ୍କଠାରୁ ବହି ଆଣିବାକୁ ପଡିଥିଲା ।

ଅନେକ ମଧ୍ୟରୁ ଗୋଟିଏ କୃତଜ୍ଞତାର ନମୁନା "ସବୁଜରୁ ସାଂପ୍ରତିକ" ସନ୍ଦର୍ଭ ମୂଳକ ପୁସ୍ତକରେ ଗବେଷକ ଡଃ ନିତ୍ୟାନନ୍ଦ ଶତପଥୀ କୃତଜ୍ଞତା ଜଣାଇ ଲେଖିଅଛନ୍ତି "ଉଦୟପୁର ବାଞ୍ଛାନିଧି ପାଠାଗାରର ସଂଚାଳକ ଶ୍ରୀଯୁକ୍ତ ଦାଶରଥି ପଟ୍ଟନାୟକ ମୋତେ ଅକୁଣ୍ଠ ସାହାଯ୍ୟ କରିଛନ୍ତି। ତାଙ୍କର ବହୁକଷ୍ଟ ସଂଗୃହିତ ପୁସ୍ତକାଳୟ ଅନେକ ପୁରାତନ ପତ୍ର ପତ୍ରିକା ଓ ତଥ୍ୟ ମୋତେ ଦେଖିବାର ସୁଯୋଗ ଦେଇଛନ୍ତି।ମୁଁ ତାଙ୍କ ପାଖରେ ଅତି ମାତ୍ରା ରେ କୃତଜ୍ଞ ରହିବି "।

ବିଂଶ ଶତାବ୍ଦୀରେ ନିଜର ସତ ଚେଷ୍ଟା ବଳରେ ସ୍ୱର୍ଗତ ଦାସିଆ ଅଜା ଯେଉଁ ପାଠାଗାର ଗଢିଥିଲେ ଏବଂ ସାରା ଓଡ଼ିଆ ନୁହେଁ ସାରା ଭାରତ ରେ ଯେତିକି ସୁନାମ ଅର୍ଜନ କରିଥିଲେ ତାଙ୍କର ଅକସ୍ମାତ୍ ମୃତ୍ୟୁ, ଓ ଏକବିଂଶ ଶତାବ୍ଦୀ ଆଧୁନିକୀକରଣ ଓ ଡିଜିଟାଇଯେଶନ

ISSN NO.
2582-208X

ଦ୍ୱାରା ତାଳ ଦେଇ ନପାରିବାରୁ ତାହା କିଛି ମାତ୍ରା ରେ ଦୁର୍ବଳ ହୋଇଅଛି। ଯଦି ସରକାରଙ୍କ ଦୃଷ୍ଟି ପଡ଼େ ତେବେ ନିଶ୍ଚିତ ଭାବରେ ବାଞ୍ଛାନିଧି ପାଠାଗାର ଆଧୁନିକୀକରଣ ହୋଇପାରିବ।

ପାଠାଗାର ଗୁରୁତ୍ୱପୂର୍ଣ୍ଣ ହେବା ର କେତେ ଗୋଟି କାରଣ ନିମ୍ନ ରେ ଦିଆଗଲା –

୧. ଶିକ୍ଷାକୁ ପ୍ରୋତ୍ସାହିତ କରିବା।
୨. ସାକ୍ଷରତା ହାର ବୃଦ୍ଧି।
୩. ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା।
୪. ଗବେଷଣା ଦକ୍ଷତା ବୃଦ୍ଧି କରିବା।
୫. ସମ୍ପ୍ରଦାୟ ଗଠନରେ ସାହାଯ୍ୟ।
୬. ଅର୍ଥନୀତି ବୃଦ୍ଧିରେ ଅବଦାନ।
୭. ସ୍ୱଚ୍ଛସେବା ପ୍ରଦାନ।
୮.ମାଗଣା ଶିକ୍ଷା ସମ୍ବଳ ପ୍ରଦାନ।
୯. ଗଣତନ୍ତ୍ର ଓ ବରିଷ୍ଠ ନାଗରିକତାକୁ ସମର୍ଥନ କରିବା।
୧୦. ଜୀବନବ୍ୟାପୀ ପ୍ରୋତ୍ସାହିତ କରିବା ।

ମାନବ ସମାଜ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ଯେପରି ଆବଶ୍ୟକ ରହିଛି ଶିକ୍ଷା ମଧ୍ୟ ଆବଶ୍ୟକ ରହିଛି। ଉପରୋକ୍ତ ଦୃଷ୍ଟିକୋଣକୁ ଲକ୍ଷ୍ୟ କରି ଦାସିଆ ଅଜା ସାରା ଓଡ଼ିଶାରେ ପାଠାଗାର ଆନ୍ଦୋଳନକୁ ତୀବ୍ର କରିଥିଲେ ଯାହାର ପ୍ରତିଫଳନ ସମ୍ପ୍ରତି ସମାଜରେ ଦେଖିବାକୁ ମିଳୁଛି। ତାଙ୍କୁ ଅନୁକରଣ କରି ଓ ପ୍ରେରଣା ପାଇ ବହୁ ଅନୁଷ୍ଠାନ ମଧ୍ୟ ଗଢ଼ିଉଠିଛି ସାରା ଓଡିଶାରେ । ତାଙ୍କର ନିରବ ସାଧନ, ନିଷ୍କପଟ ତପସ୍ୟା କାଳେ କାଳେ ଆଲୋକବର୍ତ୍ତିକା ଜାଳିବ ସାରା ଭାରତରେ । ସ୍ୱୀକୃତି ପାଇବା କାମନା ନଥାଇ ଦାସିଆ ଅଜା ଓଡିଶା ପାଇଁ ଜଣେ ଅନନ୍ୟ ଚରିତ୍ର ଯାହାଙ୍କର ସୀମା ନିର୍ଦ୍ଧାରଣ କରିବା ସହଜ ସାପେକ୍ଷ ନୁହେଁ । ଉଦୟପୁର ଗାଁ ସାରା ଭାରତରେ ଆଜି ପ୍ରସିଦ୍ଧି ଲାଭ କରିଛି ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ-ଃ

୧- ଦାଶରଥି ବାବୁଙ୍କ ସ୍ମୃତିସ୍ମରଣିକା

୨- ନିସଙ୍ଗ ପଥିକ - ପଟ୍ଟନାୟକ,ଅଶୋକ କୁମାର

୩- ଦଶପାଇସା ର ରଜା,ଦାସିଆ ଅଜା

୪- ପିତୃପ୍ରତିମ ଦାଶରଥି - ଦାସ, ବିପିନ୍ ବିହାରୀ

୫ -Google

ଗବେଷକ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଜୀବନ ଡଙ୍ଗା



ଦୁଷ୍ମନ୍ତ ବେହେରା

ତରଙ୍ଗ ଢେଉରେ ଭାସି ମୁଁ ଯାଉଛି
ସମୟ ସ୍ରୋତ କୁ ଧରି
ବେଳ ଉଛରକୁ ଅନ୍ଧାର ଲେଉଟା
ଆଲୁଅ ଲୁଚକାଳି ।।

ଆହୁଲା ରେ ଭାସି ଯାଉଛି
ମୋ ଜୀବନ ମୂଲ୍ୟ
କେମିତି ଛାଣିବି ଗଭୀରରେ
ସ୍ୱପ୍ନ ମିଳେଇ ଯାଉଛି ।।

ସୂର୍ଯ୍ୟ ଆଲୋକେ ଆଶାର କିରଣ
ଭାସି ଯାଉଛି ମୋ ମୂଲ୍ୟ ଜୀବନ
ଦେଖି ମୋତେ ପରିହାସ କରନ୍ତି
ମୀନଗଣ ଦେଖ ଲୋକ ଆଶା ।।

ମୋ ମନ ଭାଷା କହୁଛି ଭସେଇ
ନେଉଛ ତୁମ ଢେଉରେ
କି ପରିହାସ କରୁଛ ମୋତେ
ଦେଖିବ ମୋ ଦୁଃଖ ସତେ ।।

ISSN NO.
2582-208X

ଦଦରା ଡଙ୍ଗାରେ ବସି ମୁଁ ଭାବୁଛି
ଲୁହ ର ଜୀବନ ଦୀପ
ତଥାପି ମୁଁ ଆଗେଇ ଚାଲିଛି
ସୁଖ ସ୍ଵପ୍ନ କୁ ନେଇ ।।

ଏ ପାଖ କୂଳ ସେ ପାଖ କୂଳ
ମଝି ରେ ମୁଁ ଅଛି
କିଏ ଜାଣେ ଦୁଃଖ ସୁଖ
ବୁଡିବ ମୋ ଜୀବନେ ।।

ଆଲୋକ ଅଛି ଅନ୍ଧାର ଅଛି
ଅଛି ସମୟ ର ଖେଳ
ବୁଡାଇ ମାରୁଛି ମୋ ଏ
ଦଦରା ସ୍ଵପ୍ନ ।।

ସାଥି କରିଥିଲି ତୁମକୁ ତୁମେ ବି
ଛାଡି ଦେଲ ମୋ ବେଳକୁ
ବୁଡି ଯାଉଛି ମୋ
ଜୀବନ ଡଙ୍ଗା ।।

ରୁସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ତଅପୋଇ ଜନ୍ମସ୍ଥାନ



ନରେନ୍ଦ୍ର ପ୍ରସାଦ ବେହେରା

କଳା ସଂସ୍କୃତିର ମାଟି ବାଲେଶ୍ୱର
ଐତିହ୍ୟ ସମ୍ପନ୍ନ ଧାମ
ଏମାଟିରେ ଜନ୍ମି କେତେ ଯୁଗଯନ୍ମା
ଅରଜିଛନ୍ତି ସୁନାମ ।୧।

ଗଦ୍ୟ ସାହିତ୍ୟର ଜନକ ଭାବରେ
ମିଳୁଛି କେତେ ସମ୍ମାନ
ଫକୀର ମୋହନ ସେନାପତିଙ୍କର
ଅଟେ ଏହା ଜନ୍ମ ସ୍ଥାନ ।୨।

କ୍ଷୀରଚୋରା ଗୋପୀ ନାଥ ମହାପ୍ରଭୁ
ରେମୁଣାରେ ବିରାଜିତ
ପଞ୍ଚ ଲିଙ୍ଗେଶ୍ୱର ମହାଦେବ ପାଇଁ
ସବୁଠାରେ ପରିଚିତ ।୩।

ନିଳଗିରି ଠାରେ ବିଜେ କରିଛନ୍ତି
ମହାପ୍ରଭୁ ଜଗନ୍ନାଥ
ରାଜାର ବସିଛି ପାହାଡ ଉପରେ
ଗଡଜାତ ଗଣନାଥ ।୪।

ISSN NO.
2582-208X

ପୂର୍ବରେ ସାଗର ପଶ୍ଚିମେ ପାହାଡ
ଉତ୍ତରରେ କଲିକତା
ଦକ୍ଷିଣ ଦିଗରେ ବଉଦ୍ଧ କ୍ଷେତର
କୃପାରି ଅମ୍ବିକା ମାତା ।୫।

ଚନ୍ଦନେଶ୍ୱରରେ ଭୁଷଣ୍ଡେଶ୍ୱର ଯେ
ପାଉଛନ୍ତି ଆଜି ପୂଜା
ବାଲିଆପାଲର ବେଳାଭୂମି ଅଛି
ଆସନ୍ତି ବିଭିନ୍ନ ପ୍ରଜା ।୬।

ରାଇବଣିଆରେ ଦୁର୍ଗ ଅଛି ପୁଣି
ଇତିହାସ ମୂକସାକ୍ଷୀ
ନାହିଁ ଆଜି ଆଉ ରାଜା ରାଜୁଡାଙ୍କ
ଶାସନର ନାଲି ଆଖି ।୭।

ଚାନ୍ଦିପୁର ଠାରେ କ୍ଷେପଣାସ୍ତ୍ର ଘାଟି
ଦେଶ ରକ୍ଷାର ପ୍ରତିକ
ବିପଦ ସମୟେ ହୋଇଥାଏ ସାହା
ଜାଣନ୍ତି ଜିଲ୍ଲାର ଲୋକ ।୮।

ଅତୀତର ସେହି ଚାନ୍ଦିପୁର ଥିଲା
ନୌବାଣିଜ୍ୟ ପେଣ୍ଠସ୍ଥଳି
ଜାଭା ସୁମାତ୍ରାକୁ ବାଣିଜ୍ୟ ନିମନ୍ତେ
ଯାଉଥିଲେ ଭଳିଭଳି ।୯।

ସାତ ଭାଇଙ୍କର ଗୋଟିଏ ଭଉଣୀ
ଅଲିଅଳି ତଅପୋଇ
ଜନ୍ମସ୍ଥାନ ତା'ର ଚାନ୍ଦିପୁର ମାଟି
ରହିଛି ରହସ୍ୟ ହୋଇ ।୧୦।

ISSN NO.
2582-208X

ନାହିଁ ଆଉ ସେହି  ନିଘଞ୍ଚ ଜଙ୍ଗଲ
ଚରୁନି ସାଧବ ଛେଳି
ଘରମଣି ଡାକ  ଶୁଭୁ ନାହିଁ ଆଉ
ନାହିଁ ଗଛ ବରକୋଳି ।୧୧।

ତଅପୋଇ କାବ୍ୟ  ମୂଳ ରଚୟିତା
ନାମ ଖୋଜୁ ନାହିଁ କେହି
ସଠିକ ସଂଗ୍ରହ  ନକରି ଲେଖକ
ଲେଖିକା ଲେଖନ୍ତି ବହି ।୧୨।

ରହସ୍ୟ ଘେରରେ  ରହିଅଛି ଆଜି
ତଆପୋଇ ଇତିହାସ
ଖୋଜୁଛି ସଂପୂର୍ଣ୍ଣ  କରିବି ପ୍ରକାଶ
ଧରିଛି ମନେ ସାହସ ।୧୩।

ଲୋକାୟିତ ହୋଇ  ରହିଛି ଅନେକ
ବାଲେଶ୍ୱର ଇତିହାସ
ଗୋଟି ଗୋଟି କରି  ଖୋଜିବି ସମସ୍ତ
ସଭିଙ୍କୁ ଦେବି ସନ୍ଦେଶ ।୧୪।

ଏଣୁତେଣୁ ଲେଖା  ଲେଖିଦେଲେ କେହି
ହୁଏନି କବି ଲେଖକ
ପ୍ରକୃତ ସତ୍ୟକୁ  ଉନ୍ମୋଚନ କଲେ
ଜାଣିବେ ଜଗତ ଲୋକ ।୧୫।

ବାଲେଶ୍ୱର ଜିଲ୍ଲା  ମୂକସାକ୍ଷୀ ପୁଣି
ତଅପୋଇ ଇତିହାସ
ଆଗେଇ ଆସ ହେ  ବାଲେଶ୍ୱର କବି
କରିବା ମିଶି ପ୍ରୟାସ ।୧୬।

ISSN NO.
2582-208X

ସାଧବ ଝିଅର ଜୀବନ କାହାଣୀ
ତଥପୋଇ କାବ୍ୟେ ଲେଖା
ବାସ୍ତବ ସତ୍ୟକୁ ଲେଖିବାକୁ ପଦେ
ମିଳୁନି କବିଙ୍କ ଦେଖା ।୧୭।

ଦୁଃଖ କାହାଣୀର ସ୍ଥାନ ବାଲେଶ୍ୱର
ଗବେଷଣାରୁ ମିଳିଲା
ଧନ୍ୟ ଏହି ମାଟି ଧନ୍ୟ ବାଲେଶ୍ୱର
ଜନ୍ମ ମୋର ଧନ୍ୟ ହେଲା ।୧୮।

ବାଲେଶ୍ୱର କବି ଭାବେ ଜନ୍ମ ହୋଇ
ଜାଣିବା ଡେରି ହୋଇଲା
ପ୍ରଚାର ପ୍ରସାର ଅବହେଳା ପାଇଁ
ମନେ ମୋ ଦୁଃଖ ରହିଲା ।୧୯।

ବାଲି ଯେଉଁ ଠାରେ ଈଶ୍ୱର ପାଲଟେ
ତଥପୋଇ ହୁଏ ଦେବୀ
ଅକ୍ଷର ଯେଉଁଠି ମନ୍ତ୍ରଟେ ପାଲଟେ
ମାଟିଆ ଯେଉଁଠି କବି ।୨୦।

ଏ ମାଟି ଓ କଳା ସଂସ୍କୃତିକୁ କେବେ
ଭୁଲିବିନି ଜୀବନର
ଐତିହ୍ୟ ସମ୍ପନ୍ନ ବାଲେଶ୍ୱର ମାଟି
ଜଣାଉଛି ନମସ୍କାର ।।୨୧।।

ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର,
ମୋ - ୯୮୫୩୧୪୨୫୧୦

ISSN NO.
2582-208X

# ସମସ୍ୟା କେବେବି ସରେନି



ଗୁପ୍ତେଶ୍ୱର ଗୁନ୍ଦ

ସାଇକେଲ ପରି ମଣିଷ ଜୀବନ
ନୂଆ ନୂଆ ଭଲ ଚାଲେ ।
ପୁରୁଣା ହୋଇଲେ ଚକ ସରଞ୍ଜାମ
ନିହାତି ଥରେ ବଦଳେ ।।
ପୁଣି କିଛି ଦିନ ଗଲା ପରେ ଏକ
ନୂତନ ସମସ୍ୟା ଆସେ ।
ତାର ସମାଧାନ କରା ହେଲେ ଭ୍ରମେ
ମନ-ଭ୍ରମର ଉଲ୍ଲାସେ ।।
କେତେ ଯେ ସୁନେଲି ସପନ ଦେଖାରେ
ଏ ଚିତ୍ତ-ରସିକ ରସେ ।
କେତେ ଦିନ ଅନ୍ତେ ଅଚଳ ହେବାରୁ
ଆରେକ ଅଙ୍ଗ ବିରସେ ।।
ଏକ ପରେ ଏକ ଅନ୍ତରାୟ ଘେନି
ବାଧିତ ଜୀବନ ଯାତ୍ରା ।
ଦୁଃଖ ଶୋକ ଜରା ବ୍ୟାଧି ଆଗମନେ
ବଢ଼ଇ ବିଷାଦ ମାତ୍ରା ।।
ଶୀତରେ କମ୍ବଳ ଗ୍ରୀଷମେ ଶୀତଳ
ପାଣି ପବନ ଯେସନେ ।

ISSN NO.
2582-208X

କ୍ଷଣିକ ଆନନ୍ଦ ଦେବାରେ ସମର୍ଥ
ହସ ଫୁଟାଇ ଆନନେ।।
ବିଜୁଳି ପ୍ରବାହ ହେଲେ ବାଧାପ୍ରାପ୍ତ
ଯନ୍ତ୍ର ଯେଭଳି ଅଚଳ।
ଦୁଃସହ ଯାତନା ଭୋଗିଲେ ମଣିଷ
ପରାଣ ହୁଏ ବିକଳ।।
ବୋଝ ବୋହି ବୋହି ବାହାନ ଯେମିତି
ଆନକୁ ଦିଅଇ ସୁଖ।
କଉଣସି ଅଂଶ ଅକାମୀ ହୋଇଲେ
ଘୃଣାରେ ମୋଡ଼ଇ ମୁଖ।।
ଏ ଜୀବନ ସାରା ମୁଣ୍ଡରେ ମୁଣ୍ଡେଇ
ସଂସାର ଯାକର ବୋଝ।
ଅଙ୍ଗ ଅବୟବ ନ ଚଳେ ଯେ ଦିନ
ପରିବାର ପାଇଁ ବୋଝ।।
ପୁରୁଣା ପୋଷାକ ଅଲୋଡ଼ା ଯେପରି
ସେଇ ଦଶା ମଣିଷ ର।
ମିଛ ମାୟା ମୋହେ ନ ପଡ଼ି ମନୁଆଁ
ହରି ନାମ ଆଶ୍ରାକର।।
ସବୁ ସମାଧାନ ତାଙ୍କରି ପାଖରେ
ବେଳହୁଁ ଭରସା କର
ସମସ୍ୟା କେବେବି ସରେନି ଯେତେ ବି
ଜୀବନେ ପ୍ରୟାସ କର।।

ସମାସିଂହା, ଝାରସୁଗୁଡା
ମୋ· 7683841064

ISSN NO.
2582-208X

# ଆଉ ଏକ ରେବତୀ..



ପ୍ରଣୟ ରଞ୍ଜନ ପ୍ରଧାନ

ଏକଦା ଫକୀରମୋହନ ସେନାପତି ଲେଖିଥିଲେ ଉଚ୍ଚ ଶିକ୍ଷିତ ହେବାର ସ୍ୱପ୍ନ ଦେଖିଥିବା ରେବତୀ କିପରି ନିଜ ଶିକ୍ଷକ ଙ୍କ ଦ୍ୱାରା ଅନ୍ତସତ୍ୱା ହୋଇ ସମାଜ ର ନିନ୍ଦା ସହିଲା ପରେ ଶେଷରେ ମୃତ୍ୟୁବରଣ କଲା ।

ପାଠ ବୁଝେଇବା ପ୍ରତିବଦଳରେ ଶିକ୍ଷକ ତାଙ୍କ ଠୁ "ଫେଭର" ଚାହିଁଲେ ଓ ମାନସିକ ନିର୍ଯାତନା ଦେଲେ । କଲେଜ ଅଧକ୍ଷ ଙ୍କୁ ଅଭିଯୋଗ କଲା ପରେ ବି କିଛି ଛାତ୍ରଙ୍କୁ ଧରି ଶିକ୍ଷକ ଓ ଅଧକ୍ଷ ତାଙ୍କ ଚରିତ୍ର ସଂହାର କଲେ । ପୋଲିସ ପାଖକୁ ଗଲା ପରେ ବି ରଥଯାତ୍ରା ପରେ ବୁଝିବା କହି ସ୍ଥାନୀୟ ପୋଲିସ ଏହାକୁ ହାଲୁକା ଭାବରେ ନେଇଥିଲେ । ଅନେକ tweet ପରେ ବି ନା "ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଟ" ନା "ଉଚ୍ଚଶିକ୍ଷା ବିଭାଗ" ନା "ମହିଳା ବିକାଶ" ବିଭାଗ ଠାରୁ ଉତ୍ତର ମିଳିଲା । ନିଜ ଅବହେଳା ଲୁଚେଇବା ପାଇଁ ଆଇନ ବାହାରକୁ ଯାଇ ସରକାର ରାତି ଅଧରେ "ଶବ ବ୍ୟବଛେଦ" କରି ପୋଲିସ ସୁରକ୍ଷା ସହ ଶେଷକୃତ୍ୟ କରାଉଛନ୍ତି ।

ପରିବାର କୁ 20ଲକ୍ଷ ଟଙ୍କା ଦେଇ, ଶିକ୍ଷକ ଙ୍କୁ ନିଲମ୍ବନ(ସସ୍ପେଣ୍ଡ) କରି ଦେଲେ ନ୍ୟାୟ ମିଳିବନି । ପ୍ରଥମେ ସେ ଶିକ୍ଷକ ଙ୍କୁ ବରଖାସ୍ତ (ଟର୍ମିନେଟ) କରାଯାଉ ଓ ଶିକ୍ଷାନୁଷ୍ଠାନ ରେ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର କମିଟି ଯେଉଁଥିରେ ଅଧ୍ୟୟନରତ ଛାତ୍ରୀ ଙ୍କ ମା ଙ୍କୁ ମନୋନୀତ କରାଯାଉ, ଛାତ୍ରୀ ମାନଙ୍କ ଭିତରୁ କିଛି ପ୍ରତିନିଧି, ମହିଳା ପୋଲିସ ଓ କଲେଜ ର ମହିଳା କର୍ମଚାରୀ ପ୍ରତିନିଧିତ୍ୱ କରିବେ ଯାହା ଉଭୟ ଛାତ୍ରୀ ଓ କଲେଜ ରେ କାର୍ଯ୍ୟରତ ମହିଳା ଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିବ, ଏହାର ପ୍ରତି ମାସରେ ବୈଠକ କରାଯାଉ ଓ

ISSN NO.
2582-208X

ଏହାର ଭିଡିଓ ପ୍ରମାଣ ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ପୋଲିସ ମୁଖ୍ୟାଳୟ କୁ ଦିଆଯାଉ । ସମସ୍ତ ଶିକ୍ଷାନୁଷ୍ଠାନ ରେ ଯୌନ ଶୋଷଣ ସେଲ ଓ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ବିଭାଗ ମଧ୍ୟ ଅଛି ମାତ୍ର ଏହା ଧର୍ମକୁ ଆଖିଠାର ଭଳି । ଆଜିବି ଅନେକ କଲେଜ ରେ ଛାତ୍ରୀ ମାନଙ୍କ କମନ୍ ରୁମ ଓ ଶୌଚାଳୟ ବ୍ୟବସ୍ଥା ମଧ୍ୟ ନାହିଁ । ସରକାର ଏହାପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

ଭାରତୀୟ ସଂସ୍କୃତି ଗୁରୁଙ୍କୁ ପିତା ମାତା ଙ୍କ ଭଳି ସ୍ଥାନ ଦେଇଥିବା ଛାତ୍ର ଛାତ୍ରୀ ଙ୍କୁ ନିଜ ସନ୍ତାନ ଭାବେ ବର୍ଣନା କରେ । କିନ୍ତୁ କେଉଁଠି ନିଜ ଛାତ୍ରୀ ଙ୍କୁ ଶୋଷଣ ତ କେଉଁଠି ଛାତ୍ରୀ ଙ୍କୁ ଶିକ୍ଷକ ଙ୍କ ବିବାହ, କିମ୍ବା ଛାତ୍ରୀ ଙ୍କ ମିଛ ଅଭିଯୋଗ ରେ ଶିକ୍ଷକ ନିଲମ୍ବନ ଘଟଣା ଦେଖିବାକୁ ମିଳେ । ଅଧୁନା ଗୁରୁ-ଶିଷ୍ୟ ସମ୍ପର୍କ "ଗୁଣାତ୍ମକ ଶିକ୍ଷା" ନୁହେଁ ବରଂ "ଘୃଣାତ୍ମକ ଶିକ୍ଷା" ର ଦିଗ ଆଡକୁ ଗତି କରୁଥିବାର ପ୍ରତିୟମାନ ହୁଏ । କହିବା ବାହୁଲ୍ୟ, କାର୍ଯ୍ୟରତ ପ୍ରଫେସର ମାନଙ୍କ ବ୍ୟକ୍ତିଗତ ପ୍ରକୋଷ୍ଠ କୁ 24 ଘଣ୍ଟା ସିସିଟିଭି କ୍ୟାମେରା ନଜର ରେ ରଖାଯାଉ, କାରଣ ଅନେକ ଶିକ୍ଷକ ଏମିତି "ଫେଭର" ନେବା ପାଇଁ ଚେଷ୍ଟାକରନ୍ତି, କିଛି ଛାତ୍ରୀ ବଡ଼ ବଡ଼ ପଦବୀ କିମ୍ବା phd, postdoct ଭଳି ଉପାଧି ର ପ୍ରଲୋଭନ ରେ ମୁହଁ ଚୁପ ରଖନ୍ତି କିନ୍ତୁ ସ୍ୱାଭିମାନୀ ହୋଇ ପ୍ରତିବାଦ କରୁଥିବା ଝିଅ ଏମିତି ସୋମ୍ୟଶ୍ରୀ ଭଳି ଶବ ହୋଇ ଜୁଇ ରେ ଜଳନ୍ତି ।

ଜୁଇର ସେ ମୁକ୍ତି ର ଧୂଆଁ ବି ସରକାର, ପ୍ରଶାସନିକ ବ୍ୟବସ୍ଥା ଓ ସମାଜ ଉପରେ ହସୁ ଥିବ ଏବଂ କହୁଥିବ "ବଞ୍ଚିଲା ଲୋକ କୁ ଶବ ସଜେଇ ଏବେ ଶବ କୁ ସୁରକ୍ଷା କ'ଣ ପାଇଁ??" ସୋମ୍ୟଶ୍ରୀ ର ମୃତ୍ୟୁ ନାରୀ ସ୍ୱାଧୀନତା, ନାରୀ ଶିକ୍ଷା ର ମାନସିକତା ଓ ସ୍ୱପ୍ନ କୁ ପୁଣି ସେଇ ସ୍ୱାଧୀନତା ପୂର୍ବର 'ରେବତୀ' ସମୟକୁ ଠେଲି ଦେଲା । କୌଣସି ଝିଅ ଉଚ୍ଚ ଶିକ୍ଷା ପାଇଁ ଘରୁ ଗୋଡ଼ କାଢ଼ିଲେ ତା ଅଭିଭାବକକୁ ବାରଣ୍ଡା ରେ ବସିଥିବା ଖେଣ୍ଟେଇ ବୁଢ଼ୀ ମା ପ୍ରଶ୍ନ କରିବ "ଝିଅ କୁ ଏମିତି ଫୁଲୋଉ ଥା,ବେଳ ଆସିଲେ ହେଜିବୁ ଯେ !"

ଏ ଅବିବେକୀ ସମାଜ ଓ ସହପାଠୀ ଙ୍କ ନିନ୍ଦା ଏବଂ ଗୁରୁଙ୍କ ପିଶାଚ ନଜର ସହି ନପାରି ଦେହରେ ନିଆଁ ଲଗାଇ "ଫକୀରମୋହନ ବିଶ୍ୱବିଦ୍ୟାଳୟ" ଭିତରେ ଚାଲୁଥିବା ସୌମ୍ୟାଶ୍ରୀ କୁ ଦେଖିଲେ, ପକୀରମୋହନ ଙ୍କ "ରେବତୀ" ଗପ ର ସେ ଜେଜେ ମା ଭଳି ପ୍ରତିଧ୍ୱନିତ ହୁଏ ଏ ଝିଅ କୁ ଖୋଜୁଥିବା ଜେଜେ ମା ର କୋହଭରା ଅଦୃଶ୍ୟ ଚିତ୍କାର :

ISSN NO.
2582-208X

"ପୋଡା ମୁହିଁ ଆଲୋ କୁଆଡେ ଗଲୁ ଲୋ...."

"ସବାଖାଇ ମୋ ଡାକ ଶୁଭୁଛି ନା ନାଇଁ ଲୋ..."

"ଲୋ ରେବ... ଲୋ ଚୁଲି... ଲୋ ନିଆଁ..."

ମୋ: 9776211275

ISSN NO.
2582-208X

# ବାପା ମାଆ



ଦଶରଥ ମାଝୀ

ବା -ବାୟୁ ମଣ୍ଡଳେ ଅମଳଜାନ
ଦିଏ ପ୍ରଶ୍ୱାସ ପାଇଁ
ବାୟୁର ବିନା ଆମ ଜୀବନ
କେବେ ରହିବ ନାଇଁ (1)
ପା -ପାଣିକୁ ପିଇ ଶୋଷ ମେଣ୍ଟିଲେ
ମନରେ ଭରେ ତୋଷ
ଜଳୀୟ ଅଂଶ କମି ଗଲେରେ
ଦେହ ହେବ ଅବଶ (2)
ମା-ମାଟି ଉପରେ ସୁନା ଫସଲ
ଦିଏ ଅଢ଼ିଆ ମୁଠେ
ରୋଷେଇ କରି ଖାଇ ଦେଉଛୁ
ଆମ ଭୋକିଲା ପେଟେ (3)
ଆ-ଆକାଶରେ ଚନ୍ଦ୍ର ସୂରୁଜ
ଦିନ ରାତିରେ ଉଇଁ
ବର୍ଷା ଝରାଏ ଆଲୋକ ଦିଏ
ଧରା ପୃଷ୍ଠକୁ ଛୁଇଁ (4)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ :8249212472

ISSN NO.
2582-208X

# କଏ ଦୋଷୀ



ଦୀପକ କୁମାର ନାୟକ

ମାନବ ସମାଜ ଆଗ ରେ
ଲଜ୍ଜା ବାରି ଲୁହ ଧାରା ରେ ।
ହାରିଗଲା ଝିଅଟି ର ସ୍ୱପ୍ନ
ସରିଗଲା ବାପା ମାଙ୍କ ସ୍ୱପ୍ନ ।
ଜନ୍ମ ପରେ ଏତେ ବଡ଼ କରିଥିବା
ସେ ବାପା କଣ ବା କରିବ
ନା ସେ ସହି ପାରୁଛି
ନା ସେ କହି ପାରୁଛି ।
ଗାଁ ଝିଅଟି ର ଆଖିରେ ଆଖିଏ ସ୍ୱପ୍ନ
ପାଠ ପଢି ଘର ଦୁଃଖ ଦୂର କରିବ
ସେ କଣ ଜାଣିଥିଲା ବଡ କଲେଜର
ବଡ ମହିମା ଅବାସ୍ତବର ସ୍ୱପ୍ନ ।
ଇତିହାସ ସାକ୍ଷୀ କେତେ କଷ୍ଟ ଥିଲା
ନାରୀ ଶିକ୍ଷାର କାହାଣୀ ।
ଅତୀତ ଆଜି ବୋଧେ ଉଭା ହେବ
ଆଧୁନିକ ରେବତୀ ଜନ୍ମମୃତ୍ୟୁ ରେ ।
ଭଗବାନ ଏ କି ବିଚାର ତୁମର
ଗୁରୁ ବି ଅସୁର କେମିତି ରହିବ ସଂସାର ।
କଣ କଲ ଝିଅ ନିଜେ ନ ଜଳି

ISSN NO.
2582-208X

ନାରୀ ଆଖି ନିଆଁରେ ତାକୁ ଯାଳିଥାନ୍ତ
ଦୁନିଆ ଦେଖି ଥାନ୍ତା ଏ ନାରୀ ଶକ୍ତି
ଥରେ ବାପା ମା କଥା ଭାବିଲନି ।
ମୁଁ ତ କହିବି ଏ ସମାଜ ତାକୁ
ବାଧ୍ୟ କରିଛି ମରିବାକୁ ।
ଟୁପୁରୁ ଟାପୁରୁ କୁସଂସ୍କାର
ଲଜ୍ଜା ଭୟ ଝିଅଟିକୁ ହରେଇ ଦେଲା
ଅଉ କୋଉ ଗରିବ ଝିଅ
ଯିବନି ବଡ଼ କଲେଜକୁ ବୋଧେ ।
ଜାଗ୍ରତ ହୁଅ ଓଡ଼ିଆ ସମାଜ
ସମାଜ ସଂସ୍କାରକ ଆଣ ।
ନର ରୂପୀ ରାକ୍ଷସକୁ
ଦିଅ ହେ ଶିକ୍ଷା ।

କୁସ୍ତିର୍, ଧର୍ମଶାଳା, ଯାଜପୁର

ISSN NO.
2582-208X

# ମିତରେ ମିତ



ଅଜୟ କୁମାର ରାଉତ

ମିତରେ ମିତ ମିତରେ ମିତ.......
କେଉଁ ଜନ୍ମେ କରିଥିଲି
କି ପୁଣ୍ୟ ବ୍ରତ
ଏ ଜନ୍ମେ ହୋଇ ଆସିଲ
ତୁମେ ମୋ ମିତ ।।
ମିତ ବୋଲି ଭାବି
ଧରିଛି ତୁମ ହାତ।
ଧୋକା ଦେବନି ବନ୍ଧୁ
ହେଉ ପଛେ ପୂର୍ବେ ସୂର୍ଯ୍ୟ ଅସ୍ତ ।।
ମିତରେ ମିତ ମିତରେ ମିତ ....
ବନ୍ଧୁତ୍ୱ ହେଉଛି ଆମର
ଏକ ସୁଦୃଢ଼ ଛାତ
କୋଣାର୍କ ଦୁହେଁ କି ଅଲଟ୍ରାଟେକ୍ ବି ନୁହେଁ
ବିଶ୍ୱାସେ ତିଆରୀ ଏତ ।।
ମିଶିକରି ଯେଉଁ କାର୍ଯ୍ୟ
ରହିବା ଆମ୍ଭେ ଲିପ୍ତ।

ISSN NO.
2582-208X

ଅସମ୍ଭବ ଆମେ ସମ୍ଭବ କରିବା
କରିବା ସମସ୍ତ ପ୍ରାପ୍ତ ।।
ମିତରେ ମିତ ମିତରେ ମିତ.....
ମଲାପରେ ମୁଁ ଯେ ହୋଇପାରେ
ଗୋଟେ ପ୍ରେତ
ସେଇ ପ୍ରେତ ପୁଣି କହୁଥିବା ସଦା
ତୁମେ ଥିଲ ମୋର ମିତ ।
ମିତରେ ମିତ ମିତରେ ମିତ...।।

ସମ୍ପାଦକ, କଟକ ଲ ଟାଇମିସ୍
ଆଇନଜୀବୀ, ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ
ମୋ ୮୨୪୯୪୪୩୦୩୩

ISSN NO.
2582-208X

# ମୌସୁମୀ

ଶିବାଶିଷ ମିଶ୍ର

ଗ୍ରୀଷ୍ମ ଋତୁର ପ୍ରଖର ଖରାରେ ଫାଟିପଡୁଥାଏ ପୃଥିବୀ । ଲୋକଙ୍କ ଭିତରେ ହାହାକାର ଦେଖାଯାଇଥାଏ। ଖରାର ପ୍ରକୋପରେ ଜଳସ୍ତର ନ୍ୟୁନ ହେବାସହ ଜଳସଙ୍କଟ ଦେଖା ଦେଇଥାଏ । ସବୁଆଡେ ଅଗ୍ନିବର୍ଷା। ସୂର୍ଯ୍ୟ କିରଣ ଏତେ ପ୍ରଖର ହୋଇଉଠେ ଯେ ଘରୁବାହାରକୁ ବାହାରିବା ପାଇଁ ଭୟଲାଗେ । ପୁଣି ଏ ସମୟ ଅଂଶୁଘାତର ଭୟ । ପାଣି ଟୋପାଏ ପାଇଁକି ଲୋକ ତହଳ ବିକଳ। କୃଷକ ଘରେ ବସିରୁହେ । କ୍ଷେତ ସବୁ ପଡିଆ ହୋଇ ପଡ଼ିରହିଥାଏ । ଖାଦ୍ୟଶସ୍ୟ ର ଦର ବୃଦ୍ଧି ହୋଇଉଠେ । ସେ ସମୟରେ ରୋଜଗାର ନାହିଁ। ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଥିବା ସମୟରେ ଆଶାର ଆଲୋକ ନେଇଆସେ ମୌସୁମୀ ।

ଋତୁଚକ୍ରର ଆବର୍ତ୍ତନ ମଧ୍ୟରେ ଧରାଧାମରେ ଗୋଟିଏ ପରେ ଗୋଟିଏ ଋତୁର ଆଗମନ ଘଟେ । ଗ୍ରୀଷ୍ମ ତାପିତ ଧରଣୀରେ ଆସେ ବର୍ଷା। ବର୍ଷା ପୂର୍ବରୁ ପ୍ରବାହିତ ହୁଏ ମୌସୁମୀ ବାୟୁ । ମୌସୁମୀ ଅଣେ ବର୍ଷା। ଦକ୍ଷିଣ -ପଶ୍ଚିମ କୋଣରୁ ଭାସିଆସେ ମୌସୁମୀ ଚଳଚଞ୍ଚଳ ଶକ୍ତିମାନ ତରଙ୍ଗଭଳି। ମୌସୁମୀ ପ୍ରବାହରେ ସାରା ଆକାଶରେ ଖୋଲିଯାଏ କଳାବାଦଲ ର ମହମେଳ। ଏଇ ମୌସୁମୀ ପ୍ରକୃତିର ଉପାଦାନ ନୁହେଁ । ଏହା ଆଲୁଳିତ କେଶ, ବିଲୁଳିତ ବେଶ ଦୈତ୍ୟ ଭଳି ଆସେ । ଏଇ ଭୟଙ୍କର ରାକ୍ଷାସର ଅଟ୍ଟହାସ୍ୟ ଶୁଣାଯାଏ, ବଜ୍ରର ନିର୍ଘୋଷ ଏବଂ ବିଦ୍ୟୁତ୍ ର ଦ୍ୟୋତନ ଅଟ୍ଟହାସ୍ୟ କରି ମାଡ଼ିଆସେ ସେ। ମୌସୁମୀ ଆସେ ବର୍ଷା ହୁଏ, ଆକାଶଟା ସାରା ବଜ୍ର ଓ ବିଦ୍ୟୁତ୍ ରେ ପୁରିଉଠେ। ଅକାଳରେ ଆସେ ବର୍ଷା ଓ ଝଡ଼ । ପ୍ରକୃତି ରେ ସୃଷ୍ଟିହୁଏ ଉତ୍ପାତ। ଜଗତବାସୀ ଏଥିରେ ଭୀତ ଓ ଶଙ୍କିତ ହୁଅନ୍ତି । ମାତ୍ର ଭୀତ ଜଗତ ବାସୀଙ୍କୁ ଆଶ୍ୱାସନା ଦେଇଥାଏ ମୌସୁମୀ ।

ମୌସୁମୀ କହିଉଠେ ମୁଁ ଗ୍ରୀଷ୍ମ ତାପିତ ଧୂସର ଧରଣୀ ବୁକୁରେ ଶାନ୍ତିର ଜଳସେଚନ କରିବାକୁ ଆସିଛି । ସାଙ୍ଗରେ ଶୀତଳ ପବନ ଓ ଜଳଧାରା କୁ ଶାନ୍ତ କରିଛି ମୁଁ। ଗ୍ରୀଷ୍ମ ତାପରେ ହଜିଛି ସବୁଜ ବନର ସବୁଜିମା । ହଜିଛି ଫୁଲ ବନରେ ସତେଜତା । ଆକାଶରେ

ISSN NO.
2582-208X

ଉଡୁଥିବା ବକମାନେ ଜଳଭାବରୁ ସାଗର ବକ୍ଷରେ ଖସି ପଡୁଛନ୍ତି । ଜଳାଭାବରେ ମାଛ ମାନେ ତହଳ ବିକଳ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ମଣିଷ ତାର ସବୁକିଛି ହରେଇ ବସିଛି । କୃଷକ ଜମିରେ ଚାଷ କରିବାକୁ ଯାଇପାରୁ ନାହିଁ । ଗ୍ରୀଷ୍ମ ତାତିରେ ପୁଣି ଅଂଶୁଘାତର ଭୟ । ଧରଣୀ ହୋଇଛି ଭଗ୍ନ, ଖଣ୍ଡିତ। ପାଟି ମେଲାକରି ଚାହିଁଛି ଦୂର ଆକାଶକୁ । ଗତକ କଣ୍ଠରେ ଭାରିଯାଇଛି ବିକଳତା। ଧୂସର ବିଶ୍ୱରେ ଭଗ୍ନ ଅବସ୍ଥାକୁ ଲକ୍ଷ୍ୟ କରିଥାଏ ମୌସୁମୀ । ସେ ଯେତେବେଳେ ଆସେ ପ୍ରବଳ ବେଗରେ ମାଡ଼ିଆସେ ।ସେ ନମ୍ର ନୁହେଁ । ଉଗ୍ର ବେଗରେ ପ୍ରବେଶ କରେ । ତାର ଲକ୍ଷ୍ୟ ଥାଏ ପ୍ରଚୁର ବର୍ଷାକରି ଶାନ୍ତ କରିଦେବ ଗ୍ରୀଷ୍ମର ଉତ୍ତାପକୁ ।

ମୌସୁମୀର ଆଗମନ ନିର୍ଝରିଣୀ କ୍ରୀଡ଼ାରତ ହୋଇ ନାଚିଉଠେ। ଭଞ୍ଜନୃପ ପାଳିତ କଳାପୀର କେକାରେ ବନଭୂମି ପୂର୍ଣ୍ଣ ହୋଇପଡେ । କଦମ୍ବ ଫୁଲକରେ କଣ୍ଟକିତ ହୋଇ ବାସ୍ନା ଖେଳିଉଠେ। କୃଷ୍ଣଚୂଡ଼ା ତାର ନିଜର ତାନୁକୁ ଦେଖି ନବତରୁଣୀ ପରି ଲଜ୍ଜାରୁଣ ହୋଇପଡ଼ିଥାଏ। ଗ୍ରୀଷ୍ମ ତାପ କମିଯାଇ ଶୀତଳ ପବନ ବହିଆସି ଜୀବ ଜଗତକୁ ସୁଖ ପ୍ରଦାନ କରିଥାଏ । ମୌସୁମୀର ଆଗମନରେ କୃଷକ ତାର ହଳ ଲଙ୍ଗଳ ସଜାଡ଼ି ଏକ ନୂତନ ଆଶାରେ କୃଷିକାର୍ଯ୍ୟ ପାଇଁ ବାହାରି ପଡିଥାଏ। ମେଘର ସେହି ଘଡ଼ ଘଡି ଶବ୍ଦ, ବିଜୁଳି, ରାତ୍ରିର ଅନ୍ଧାର, ଝିଙ୍କାରି କୀଟର ଝିଁ ଝିଁ ଶବ୍ଦ, ବେଙ୍ଗର କେଁ କଟର ଶବ୍ଦ, ମୟୂରର ମନୋରମ ନାଚ ଏସବୁ ମନକୁ ଉତଫୁଲ୍ଲୀତ କରିଉଠେ। ଏହାକୁ ନେଇ ରାଧାମୋହନ ଗଡ଼ନାୟକ ଲେଖିଥିଲେ –

"ତୂର୍ଣ୍ଣ ଗତିର ହିଲ୍ଲୋଳ ଆଜି ପୂର୍ଣ୍ଣ ବଳେ
ଧାଇଁ ଆସିଛି ମୌସୁମୀ ମୁହିଁ ସୃଷ୍ଟି ପରେ
ପ୍ରବାହେ ମୋହର କୃଷ୍ଣ ବାଦଲ ଦେଇଛି ଖୋଲି
ମଣୁଛ କି ମତେ ଆଲୁଳିତ କେଶ
ବିଲୁଳିତ ବେଶ ଦୈତ୍ୟବୋଲି ?"

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ISSN NO.
2582-208X

# ରୂପସୀଗୋ ତମେ



ପ୍ରଶାନ୍ତ କୁମାର ଦାଶ

ମେଘ ମେଖଳାରେ ଫୁଟିଲେଣି କେତେ
ଆକାଶରେ ତାରାଫୁଲ
ହେଲେ ନାହିଁ ଜହ୍ନ ଆକାଶ ଛାତିରେ
କରିବାକୁ ଟିକେ ଗେଲ ।।

ବର୍ଷାର ସଙ୍ଗୀତ ଗାଇ ପକ୍ଷୀକୁଳ
ଗଛରେ ଗଲେଣି ଶୋଇ
ମୋ ଆଖିକୁ ପ୍ରିୟା ଆସୁନାହିଁ ନିଦ
ଲୁହ ଖସେ ତୁମପାଇଁ ।।

କଳ୍ପନାର କୋଳେ ଆଶା ଅଭିଳାଷ
କେତେଯେ ହେଲେଣି ଠୁଳ
ତମେ ସାଜିଥିଲ ମିଳନ ପ୍ରଣୟ
ପ୍ରୀତି ସୁହାଗର ମୂଳ ।।

ବିଗତ ଦିନର ବିରହ ବିଳାପ
ମନରେ ବେଦନା ଭରେ

ISSN NO.
2582-208X

ମତେ ଠକି ତମେ ମୁହଁକୁ ଲୁଚାଇ
ଆଜି ଅଛ କେତେ ଦୂରେ ।।

ରୂପସୀଗୋ ତମ ଭଲପାଇବାର
ଉପହାର ନିଅ ଆସି
କ୍ଳାନ୍ତ ଶରୀରର ଆଖି ଦୁଇଟିରେ
ସପନତ ଯାଏ ଭାସି ।।

ସ୍ୱାଗତିକା ଗାଇ ପାଛୋଟି ଆଣିବ
ତୁମକୁ ଶ୍ରାବଣରାତି
ମିଳନର ଗୀତି ଗାଇ ନାଚିଯିବି
ଛାତିକୁ ଫୁଲାଇ ସାଥୀ ।।

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋବାଇଲ -୯୬୬୮୭୨୧୯୦

ISSN NO.
2582-208X

# ପ୍ରେମର ମିଠା କଥା



ଚତରଞ୍ଜନ ମେହେର

କଇଁ ଟିଏ ହୋଇ ଜହ୍ନର ଅପେକ୍ଷାରେ ଥାଏ
ପଦ୍ମ ସାଜି ସୂର୍ଯ୍ୟର ଅପେକ୍ଷାରେ ରହେ
ସମୁଦ୍ରର ଲହରି ହୋଇ ତୁଠ ର ବାଟକୁ ଚାହେଁ
ପ୍ରେମର କାହାଣୀରେ ସବୁବେଳେ ମିଠା ନଥାଏ
କେତେ ବେଳେ ରାଗ ରୁଷା
କେତେ ବେଳେ ମାନ ଅଭିମାନ......

ପ୍ରେମ କରୁଥିବା ବ୍ୟକ୍ତି ହିଁ ଜାଣିପାରେ,
ପ୍ରେମରେ କେତେ ମିଠା ଥାଏ ଆଉ କେତେ ଖଟା ଥାଏ ବୋଲି
ଥରୁ ଟିଏ ପ୍ରେମରେ ପଡିଗଲେ ବାହାରିବା କେତେଯେ କଷ୍ଟକର
ପ୍ରେମ ଭିତରେ ଭିତରେ କେତେ ଯେ ଦାଗ ଦେଇ ଯାଏ
କାହାରି ଆଗରେ କିଛି କହି ହୁଏ ନା .....

ବର୍ଷାର ପାଣି ବୁନ୍ଦା ବୁନ୍ଦା ହୋଇ ପଡୁଥାଏ
ମୋ ଆଖି ଆଗରେ ...,
ଏ ଆଖି ସେମିତି ଦେଖୁ ଥାଏ ...!
ନ ଜାଣିଲା ପରା ହୋଇ ଚୁପ୍ ହୋଇ ରହିଯାଏ ....!
ସେ ପ୍ରେମର ମିଠା କଥା ପୁଣି କାହା ପାଖରେ ସୁଣାଇବ
ଶୁଣିବା ଲୋକ ତୋ ଆଜି ଚାଲି ଯାଇଛି ବହୁ ଦୂରକୁ ...!

ISSN NO.
2582-208X

ପ୍ରେମ ହେଲେ ଏ ଦୁନିଆ ସବୁ ତୁଚ୍ଛ ପରି ଲାଗିଯାଏ
ଆପଣାର ଲୋକ ମଧ୍ୟ ପର ହୋଇ ଯାଏ
ସେ ପର ଲୋକକୁ ଆପଣା କରିନିଏ
ହୃଦୟର କଥା ସେ ଆଉ ଗୋଟିଏ ହୃଦୟକୁ ଦେଇ ଦିଅ
ଯେବେ ପ୍ରେମର ମିଳନ ହୋଇ ଥାଏ ।

ଭବାନୀପାଟଣା

ISSN NO.
2582-208X

# କେବେ କେରଳ ତ କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## ମୁସିରିସ୍ ହେରିଟେଜ୍ ଟୁର୍

କୋଟ୍ଟାପୁରମ୍ ପ୍ରାଚୀନ ପର୍ତ୍ତୁଗୀଜମାନଙ୍କ ୧୬୦୦ ଶତାବ୍ଦୀରେ ନିର୍ମିତ ଫୋର୍ଟ ରହିଛି, ଯାହାକି ଡଚ୍ ମାନଙ୍କ ଦ୍ୱାରା ଏକ ରକମର ଧ୍ୱଂସ ହୋଇଯାଇଥିଲା । ବିଭିନ୍ନ ନଦୀପଥଙ୍କ ସଙ୍ଗମ ସ୍ଥଳୀ ଯୋଗୁଁ ଏହାର ବଜାରଟି ସମୃଦ୍ଧ ।

ନର୍ଥ ପାରାଭୁରରେ ଦେଖିବାକୁ ମିଳେ ବର୍ତ୍ତମାନ ଉପଲବ୍ଧ ଭାରତର ସର୍ବପ୍ରାଚୀନ ସିନାଗଗ୍ । ବ୍ୟବସାୟ ସଂକ୍ରାନ୍ତରେ ରାଜା ସଲୋମନଙ୍କ ବେଳୁ କେରଳ ଆସି ରହିଥିବା ୟହୁଦୀମାନେ କ୍ରମଶଃ ଏଠାରେ ସ୍ଥାୟୀ ବାସିନ୍ଦା ହୋଇସାରିଥିଲେ । ୧୧୦୦ ମସିହାରେ ସେମାନେ ହିଁ ଗଢିଥିଲେ ଏଠାକାର ୟହୁଦୀ ମନ୍ଦିର ସିନାଗଗ୍ ।

କୋଟ୍ଟାୟିଲ୍ କୋଭିଲକମ୍ ଏପରି ଏକ ଅଦ୍ୱିତୀୟ ଜାଗା, ସାରା ଭାରତରେ ତାର ତୁଳନା ନାହିଁ । ଅଲଗା ଅଲଗା ଧର୍ମର ପ୍ରାଚୀନ କୀର୍ତ୍ତିରାଜି ସବୁ ପାଖାପାଖି ଲଗାଲଗି ହୋଇ ଠିଆ ହୋଇ ରହିଛନ୍ତି । ବିଷ୍ଣୁ ମନ୍ଦିର, ଜୀଉ ସମାଧି ଜାଗା ଓ ମସଜିଦ୍ ର ଏକତ୍ର ସହାବସ୍ଥାନ ଏକ ବିରଳ ବାସ୍ତବତା । ଏହାର ଖୁବ୍ ପାଖରେ ପୁଣି ରହିଛି ଭାଇପେନ୍ କୋଟା ସେମିନାରୀ ଓ ହୋଲିକ୍ରସ୍ ଗିର୍ଜାଘର ।

ବୁଲିବା ଭିତରେ ଆମେ ମଝିରେ ମଝିରେ ଶାନ୍ତ ସୁଶୀତଳ ଜାଗା ଦେଖି ବିଶ୍ରାମ ନେଉଥିଲୁ । ଗପସପ ହେଉଥିଲୁ । କେରଳର ପରମ୍ପରାରେ ସାଥିରେ ଗାଇଡ୍ ନେଇଯିବ ଏକ ଚଳଣି । ଗାଇଡ୍ ଙ୍କ କଥା ଶୈଳୀ, ଇତିହାସର ଗୋଟିଏ ଅଂଶ ହୋଇ ଆମକୁ ଅତୀତକୁ ନେଇ

ISSN NO.
2582-208X

ଚାଲୁଥିଲା । ଗାଇଡ୍ ନିଜେ କେବେ ରାଜା ବା ରାଣୀ ହୋଇ ଶାସନ ଦଣ୍ଡ ଧରନ୍ତି । ଯବନ ହୋଇ ଲୁବ୍ଧକର ଆଖି ନେଇ ଚଉଦିଗେ ଦେଖନ୍ତି, ଚାରଣ କବି ହୋଇ କବିତା ଆବୃତ୍ତି କରନ୍ତି । ପୁଣି ଅନ୍ତରଙ୍ଗ ବନ୍ଧୁ ହୋଇ ସବୁ ପ୍ରଶ୍ନର ଉତ୍ତର ବି ଦିଅନ୍ତି । ମତେ ଲାଗୁଥିଲା, ଗାଇଡ୍ ଜଣକ ନଥିଲେ ଏ ଯାତ୍ରାର କିଛି ବି ଅର୍ଥ ନଥାନ୍ତା । ସେଇ ଗାଇଡ୍ ଙ୍କ ମୁହଁରୁ ଶୁଣା କଥା କିଛି:

ହିପାଲସ୍ ସାମୁଦ୍ରିକ ସ୍ରୋତର ଆବିଷ୍କାର ପରେ ଗ୍ରୀକ୍ ନାବିକମାନେ ବେଳ ଉଣ୍ଡି, ନିଜ ନିଜ ବିଶାଳ ପୋତ ମାନଙ୍କୁ ନେଇ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରୁଥିଲେ । ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ସେମାନେ ଆସି କେରଳରେ ପହଞ୍ଚି ଯାଉଥିଲେ । ପହଞ୍ଚିବାକୁ ପାଖାପାଖି ୪୧ ଦିନ ଲାଗୁଥିଲା । ଭୂମଧ୍ୟସାଗରରୁ ବାହାରି ପାରସ୍ୟ ଉପକୂଳର ଆଲେକଜେଣ୍ଡ୍ରିଆ ବନ୍ଦର-ସହରରେ ନିଜ ନିଜର ଶେଷ ପର୍ଯ୍ୟାୟର ରପ୍ତାନି ସାମାନ ଧରି ସେମାନେ ପହଞ୍ଚିଥିଲେ ଆଜିର ପୋର୍ଟ ସୟଦ ଅଞ୍ଚଳରେ । ସେଇଠୁ ଓଟ ପିଠିରେ ଜିନିଷ ଲଦି, ଆରବୀୟ କୁଲି ଓ ସୁରକ୍ଷା କର୍ମୀଙ୍କ ସହାୟତାରେ ୩୦୦ କି.ମି. ଲମ୍ବା ଭୀଷଣ ମରୁ ଅଞ୍ଚଳ ଅତିକ୍ରମ କରି ପହଞ୍ଚୁଥିଲେ ଲୋହିତ ସାଗରରେ । ଆଜି "ସୁଏଜ୍ ଗଲଫ୍" ବୋଲି ଜଣାଶୁଣା ନଦୀ ପଥରେ ପ୍ରସ୍ତୁତ ହୋଇ ରହୁଥିଲେ ପୋତ ସବୁ । ସେଇ ପୋତ ସବୁ ହଲି ଦୋହଲି ଦକ୍ଷିଣ ଭାରତ ଦିଗେ ଭାସି ଚାଲୁଥିଲେ । ଏ କାରବାରରେ ପ୍ରଥମେ ଆରବ ବ୍ୟବସାୟୀମାନେ ପ୍ରଚୁର ଲାଭବାନ ହେଉଥିଲେ । ସେମାନେ ସିଧା ଭାରତରୁ କିଣି ନେଇ ପ୍ରଚୁର ଲାଭ ରଖି ଇଉରୋପର ବ୍ୟବସାୟୀଙ୍କୁ ଦେଉଥିଲେ । ସେମାନଙ୍କୁ ବାଦ୍ ଦେଇ ମରୁଭୂମିରେ ଆସିବା କି କଷ୍ଟକର ବ୍ୟାପାର ଥିଲା । ତେଣେ ଗ୍ରୀକ୍ ମାନେ ଆରବୀମାନଙ୍କୁ ବାଦ ଦେଇ ସିଧାସଳଖ କାରବାର କଥା ଚିନ୍ତା କଲେ । ଆରମ୍ଭହେଲା ଯୁଦ୍ଧର ଘନଘଟା ଓ ଚୁକ୍ତି । ପୁରୁଣା ରେକର୍ଡ କହେ ଏକାବେଳରେ ୧୨୦ ଟି ପୋତ ସେ ସମୟର ବେରନିକ୍ ବନ୍ଦରରୁ ବାହାରି ମୁସିରିସ୍ ଆସୁଥିଲେ । ମୌସୁମୀ ବର୍ଷ ସରିଲା ବେଳକୁ ବସ୍ତା ବସ୍ତା ଗୋଲମରୀଚ ଧରି ସେମାନେ ପୁନଶ୍ଚ ଫେରି ଯାଉଥିଲେ ।

କହିବା ବାହୁଲ୍ୟ, ଭାରତର ପ୍ରଥମ ବ୍ୟବସାୟିକ ପେଣ୍ଠ ବା ଏମ୍ପୋରିଅମ୍ ଥିଲା ମୁସିରିସ୍ । ସମୃଦ୍ଧ ରୋମବାସୀ ପ୍ରଚୁର ଗୋଲମରୀଚ ବ୍ୟବହାର କରୁଥିଲେ । ତାକୁ କଳା ସୁନା ବୋଲି କହୁଥିଲେ । ସେମାନେ ଖାଦ୍ୟରେ ତଥା ଖାଦ୍ୟ ସଂରକ୍ଷଣରେ ଗୋଲମରୀଚ ହିଁ ବ୍ୟବହାର

ISSN NO.
2582-208X

କରୁଥିଲେ । ନାଗରୀକଙ୍କର ଚାହିଦା ଏପରି ବଢ଼ି ଚାଲିଥିଲା ଯେ, ଏଇଥିପାଇଁ ଆରବ ଭିତରେ ପଶି ଅତ୍ୟନ୍ତ ବ୍ୟୟବହୁଳ ଓ ଭୀତିପ୍ରଦ ରାସ୍ତା ଦେଇ ସେମାନେ ଆସୁଥିଲେ । ଅଜସ୍ର ସ୍ୱର୍ଣ୍ଣମୁଦ୍ରା ବିନିମୟରେ ଗୋଲମରୀଚ ବୋହି ନେଉଥିଲେ । ସେ ସମୟରେ ଚେର ସାମ୍ରାଜ୍ୟର ରାଜାମାନେ ସୁରକ୍ଷା ଯୋଗାଇ ଏହିସବୁ ବ୍ୟବସାୟକୁ ନିୟନ୍ତ୍ରିତ କରୁଥିଲେ ।

ପ୍ରାଚୀନ ତାମିଲ୍ କାବ୍ୟ "ପୁରନାନୁର" ରେ ଲେଖା ଅଛି – "ରୋମରୁ ଆସୁଥିବା ମଦ ଓ ସୁନାମୁକ୍ତାରେ ମୁସିରିସ୍ ଗର୍ବରେ ଫାଟି ପଡୁଥିଲା । ତୃତୀୟ ଶତାବ୍ଦୀ ବେଳକୁ ଖୋଦ୍ ରୋମରେ ଗୃହଯୁଦ୍ଧ ଆରମ୍ଭ ହୋଇ ତିନିଭାଗ ହୋଇଗଲା । ଯୁଦ୍ଧ ଓ କ୍ରମାଗତ ଫସଲ ହାନୀ ଯୋଗୁଁ ଲୋକଙ୍କ ଭିତରେ ଗୋଲମରୀଚର ଚାହିଦା ଆଶାତୀତ ଭାବେ ହ୍ରାସ ପାଇଗଲା । ପରେ ପରେ ରୋମ୍ ପୁଣି ତା ପୂର୍ବାବସ୍ଥାକୁ ଫେରି ଆସିଥିଲା, କିନ୍ତୁ ମୁସିରିସ୍ ଆଉ ହୃତ ଗୌରବକୁ ଫେରି ପାଇନଥିଲା । ମୁସିରିସ୍ ର ପତନ ପର୍ବ ଆରମ୍ଭ ହୋଇଗଲା । ୧୩୪୧ ରେ ପେରିଆର ନଦୀରେ ସଂଗଠିତ ଭୀଷଣ ବନ୍ୟା ବିପ୍ଲାତ ସେଇ ପତନ ପର୍ବର ଚୂଡାନ୍ତ ରୂପ ଦେଇଦେଲା ।

ଲଞ୍ଚ୍ ରେ ଚୂର୍ଣ୍ଣି ନଇ ବକ୍ଷରେ ଗଲାବେଳେ ମହାକାଳର ବିଚିତ୍ର ଗତି କଥା ଭାବି ତଟସ୍ଥ ହେଉଥିଲି । ବହି ଚାଲିଥିବା ଜଳକୁ ଦେଖିଲେ ଭାବାନ୍ତର ହେବା ସ୍ୱାଭାବିକ । ନିରବରେ, ନିର୍ବିକାର ଭାବରେ ବହି ଚାଲିଛି ଯେ ବହି ଚାଲିଛି । ଏହାର ଗତିପଥକୁ ନେଇ ସଭ୍ୟତା ଗଢି ଉଠେ, ପୁଣି ନିଶ୍ଚିହ୍ନ ବି ହୋଇଯାଏ ।

ବହୁଥିବା ଜଳର ନିଜସ୍ୱ ସତ୍ୟ ଅଛି । ନିଜସ୍ୱ ଅବବୋଧ ବି ଅଛି । ସମୟକ୍ରମେ ନଦୀପଥ ସବୁ ଗତିପଥ ବଦଳେଇବା ଅବଧାରିତ । ନୂତନ ପ୍ରବାହ କ୍ରମରେ ନୂଆ ଉପକୂଳର ସୃଷ୍ଟି, ନୂଆ ଦ୍ୱୀପ ଓ ନଦୀପଥର ସୃଷ୍ଟି। ପୁରୁଣା ସବୁ ନିଶ୍ଚିହ୍ନ ହୋଇଯାଏ, ନଦୀ ମୁହାଣ ସବୁ ନଦୀ ଗର୍ଭରେ ମିଶିଯାଏ । ଏହା ହିଁ ପ୍ରକୃତିର ଐକ୍ୟତାନ। ସମୟ ସ୍ଥିରେ କରୁଥିବା ସମୀକରଣକୁ ମାନବ ମାନିବାକୁ ବାଧ୍ୟ । ପାଣିର ଆତିଶଜ୍ୟରେ ଅକାମୀ ହୋଇ ପଡିଥିବା ମାନଚିତ୍ରରେ ପୁଣିଥରେ ଅଙ୍କାଯାଏ ନୂଆ ଉପକୂଳର ନକ୍ସା । ନୂଆ ଭୂମି, ନୂଆ ଅନ୍ତରୀପ, ନୂଆ ଜନପଦ । ୧୩୪୧ ମହାବନ୍ୟାରେ ତାହା ହିଁ ଘଟିଥିଲା । ଅସରନ୍ତି ମୌସୁମୀ ବର୍ଷାରେ ଅଣାୟତ୍ତ ଚୂର୍ଣ୍ଣୀ ସ୍ଫୀତ ହୋଇ ମାଡି ଚାଲିଥିଲା । ସୃଷ୍ଟି ହେଇଥିବେ ଅସଂଖ୍ୟ ଉପନଦୀ ।

ISSN NO.
2582-208X

ହେଇପାରେ ଆଜିରେ ଚୂର୍ଣ୍ଣି ସେ କାଳର ଫେରିଆର ନଦୀର ଏକ ସଦ୍ୟ ବିକଶିତ ଧାରା । ଅନନ୍ତ କାଳ ଧରି ରୁଦ୍ଧ କରି ରଖିଥିବା ବାଲିବନ୍ଧକୁ, ତଟବର୍ତ୍ତୀ ପଥରେ ବାଡକୁ ଗର୍ଜନ କରି, ଅଟ୍ଟହାସ୍ୟ କରି, ସେମାନଙ୍କ ଶକ୍ତ ପରିବେଷ୍ଟନୀରୁ ନିଜକୁ ମୁକ୍ତ କରି ଧାଇଁ ଚାଲିଥିଲା ପେରିଆର୍ । ସେଇ ମହାପ୍ରଳୟର ଦିନରେ ସମ୍ଭବତଃ ନଦୀର ବୟାନ ଏପରି ଥିବ-

ବହୁଥିବା ନଇ କୌଣସି ଆଦେଶ, ଉପଦେଶ କି ବିଧିବିଧାନ ମାନେନା । ଉପକୂଳକୁ ଚରମ ସତ୍ୟ ବୋଲି ସ୍ୱୀକାର କରେନା ।  ଉପକୂଳର ନିୟତି ହେଲା ଦିନେ ନା ଦିନେ ନିଶ୍ଚିହ୍ନ ହେବା ।

ହୁଏତ ସେ ବନ୍ୟାରେ ବହୁ ବିଶାଳ ପାଦ ସବୁ ଉତ୍ପାଟିତ ହୋଇଥିବେ । ବୁଦା ଆଉ ଘାସ ଜମିମାନ ନିରିମାଖି ପରି ଭାସି ଯାଇଥିବେ । ତଳମୁହାଁ ନଦୀଜଳ ସବୁକିଛିକୁ ଆତ୍ମସ୍ଥ କରି ଧାଇଁଥିବ । ଚତୁର୍ଦ୍ଦିଗ ଜଳାର୍ଣ୍ଣବ । ସେ ଜଳ ଢେର ଦିନ ଯାଏ, ତାର ବିଶାଳ ବପୁ ନେଇ ଆକ୍ରାନ୍ତ କରି ରହିଥିଲା । ବହୁଦିନ ପଶ୍ଚାତ ଜଳର ଅପସାରଣ ପରେ ପରାଭୂତ ତଟବର୍ତ୍ତୀ ଭୂମିସବୁ ପୁଣିଥରେ ମୁଣ୍ଡଟେକି ଉଠିଥିଲେ । ଅଣାୟତ୍ତ ଚୂର୍ଣ୍ଣୀ ସାମାନ୍ୟ ଶାନ୍ତ ହେଲା । ନୂତନ ତଟଦେଶ, ଉପନଦୀ ଓ ମଣିଷ ବସତି ନିମନ୍ତେ ଯୋଗ୍ୟ ଭୂଖଣ୍ଡ ସବୁର ପୁନଃ ଆବିଷ୍କାର ହେଲା ।

ହୁଏତ ନଦୀଶଯ୍ୟା ତଳେ ଲୁଚିଗଲା ମୁସିରିସ୍ । ନିରବୀ ଯାଇଥିବା ମୋସିରିସ୍ ର ସେଇ ଝଲମଲ ସଭ୍ୟତା, ବେଦୀପ୍ୟମାଣ କୋଳାହଳ ଓ ବ୍ୟସ୍ତତା । ମୋସିରିସ୍ ଅଚାନକ ରଙ୍ଗମଞ୍ଚରୁ ଓହ୍ଲେଇ ଯାଇଥିଲା । ଏକଦା ସମୁଦ୍ର ପଥରେ ଯବନଙ୍କ ଦ୍ୱାରା ଆନୀତ ଅତୁଳ ସମ୍ପଦକୁ ନଦୀ ବୋହି ନେଇ ପୁଣି ଫୋପାଡି ଦେଇଥିଲା ସେଇ ରତ୍ନାକରର ଗର୍ଭରେ । ଦୁଃଖ କରିବାକୁ, ଭାବି ହେବାକୁ, ବାହୁନି ହେବାକୁ ଜଣେ ବି କେହି ନଥିଲେ ।

ମୁସିରିସ୍, ଯାହାକି ଭାରତ ଉପମହାଦେଶର ସବୁଠୁ ବ୍ୟସ୍ତ, ସମୃଦ୍ଧ ବନ୍ଦର ଥିଲା, ସେଇ ସୁନାବ୍ୟ ନଇକୂଳର ମୁହାଣ ସବୁ ପର୍ବତ ସମାନ ବାଲୁକା ସ୍ତୁପରେ ପୋତି ହୋଇଯାଇଥିଲା । ଶାଖା ନଦୀ ସବୁ ପଟୁମାଟିରେ ପୂର୍ଣ୍ଣ । ମହୋଦୟ ପୁରମ୍ ନାମରେ

ISSN NO.
2582-208X

ପରିଚିତ ନଗରୀଟି ସମୟ ସହିତ ସନ୍ଧି କରି ସ୍ତବ୍ଧ ହୋଇ ସାରିଥିଲା । ତାର ଅଲୋଡା ଗୋଦାମ ଘର ସବୁ, ପରିତ୍ୟକ୍ତ ହୋଇ ଭାଙ୍ଗିରୁଜି ପଡି ରହିଲେ । ମଟାନଚେରୀରେ ତିଆରି ହେଲା ନୂଆ ବଜାର, ଗୋଦାମ ଘର, ଯାତ୍ରୀ ନିବାସ ଓ ରଙ୍ଗଭୂମି । ଶାସକ ଦଳ, ବଣିକ ଦଳ, ଶ୍ରମିକ ଦଳ, ନାବିକ, ଧିବର, ମନ୍ତ୍ରୀ ପରିଷଦ, ପେରୁମଲ୍ ବା ରାଜବଂଶର ଉତ୍ତର ପିଢୀ- ସମସ୍ତେ କୋଚିରେ ବସତି ଆରମ୍ଭ କରିଦେଲେ । ଏପଟେ କୋଚିର ଉତଥାନ ସାତେ ସାଥେ ମୁସିରିସ୍ ର ପତନ ପର୍ବ କ୍ରମଶଃ ଶେଷ ହୋଇଗଲା । ବିସ୍ମୃତିର ଗର୍ଭକୁ ଚାଲିଗଲା ମୁସିରିସ୍ ।

ଦିନେ ହଠାତ୍ ବାଲିତଳର ସଭ୍ୟତା ଆଖି ମଳି ମଳି ଉଠିଲା ଏବଂ ପୁନର୍ଜନ୍ମ ପାଇଲା ପରି ବିତି ଯାଇଥିବା ସମୟର ଗଣନା ଆରମ୍ଭ କଲା । ହୁଏତ ସେ ଅବଗତ ନଥିଲେ ଯେ ଏ ଭିତରେ ସାତ ଶତାବ୍ଦୀରୁ ଉର୍ଦ୍ଧ୍ଵକାଳ ବିତିଯାଇଛି ।

ସେ ହୁଏତ ଧିରେ ସୁସ୍ଥେ, ସେମିତି ଶୟନମୁଦ୍ରାରେ ଅର୍ଦ୍ଧଚେତନ ଅବସ୍ଥାରେ ପଡି ରହିଲା । ଅପେକ୍ଷା କଲା । ଅପେକ୍ଷା ସାଥେ ସାଥେ ହୁଏତ ସିଏ ବରାଭୟ ମୁଦ୍ରାରେ ଅଭୟ ଆଶୀର୍ବାଦ ବି ଦେଇ ଚାଲିଥିଲା – ଏଇ ଭୂମିରେ ନୂଆ ସମ୍ଭାବନାର ନବ ଉନ୍ମେଷ ଘଟୁ । ଶିରା ପ୍ରଶିରାରେ ନୂଆ ରକ୍ତର ପ୍ରବାହ ଘଟୁ । ନୂଆ ସମୟର ଉଷ୍ମତା ଓ ସୁଗନ୍ଧକୁ ବହନ କରି ତାରୁଣ୍ୟର ଲୋଭନୀୟ ବେଶର ପୁନଃ ପ୍ରକଟ ହେଉ । ଏବଂ ଆଜି ତାହା ହିଁ ହେଉଛି ମୁସିରିସ୍ ହେରିଟେଜ୍ ପ୍ରୋଜେକ୍ଟ ମାଧ୍ୟମରେ ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଅନୁକୂଳଙ୍କର ଜନମ ଦିନେ



ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

ମନମୋହିନୀଙ୍କ ପରି ନାରୀ ହୀରା ସାରା ସଂସାରରେ ନାହିଁ
ଶିବଚନ୍ଦ୍ର ସମ ଶ୍ରେଷ୍ଠ ସୁପୁରୁଷ ବିଶ୍ୱରେ ମିଳିବେ ନାହିଁ,
ଏହିପରି ଯୋଗ୍ୟ ପିତାମାତା କୋଳେ ଜନମ ହୋଇବା ପାଇଁ
ନିଶ୍ଚୟ ତ ମନ ବଳାଇ ଅଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ସାଇଁ,
ଆଠ ବରଷରେ ଧ୍ରୁବ ଯେଉଁ ପରି ଶ୍ରୀହରୀଙ୍କୁ ଲଭିଥିଲା
ସେହିପରି ମନୁ ଆଠ ବରଷରେ ସତନାମ ପାଇଥିଲା,
ସେହି ମନୁ କିଆଁ ଅଠର ବରଷେ ନହୋଇବ ଶ୍ରେଷ୍ଠ ମାତା
ତା କୋଳେ କାହିଁକି ଜନମ ନନେବେ ସ୍ୱଂୟ ପ୍ରଭୁ ବିଶ୍ୱପିତା ?
ଏଇମିତି କେତେ ଅକାଟ୍ୟ ଯୁକ୍ତି ଯେ ବାଢ଼ିଲେ ସୁଜ୍ଞାନୀ ଜନେ
ଏକଥା ଶୁଣିଣ ହୋଇଲେ ଲଜ୍ଜିତ ସକଳ ନିନ୍ଦୁକ ମାନେ,
ଏସମୟେ ଆସି ଦ୍ୱାଦଶ ମାସଟି ହୋଇଲା ଯେ ଉପଗତ
ନବଯୁଗର ସେ ପୂରୁବ ରାତିଟା ଗାଇଲା ମଧୁର ଗୀତ,
ପବିତ୍ର ଭାଦ୍ରବମାସ ଗୁରୁବାର ଥିଲା ସେହି ପୁଣ୍ୟ ରାତି
ପାହିଗଲେ ରାତି ହୋଇବ ତ ଉଭା "ତାଳନବମୀ"ର ତିଥି,
ତାଳ ଭକ୍ଷଣର ପରବ ନିମନ୍ତେ ଚାଲିଲା ତ ଛଣାଛଣି
ରାତିର ଅନ୍ତିମ ପ୍ରହର ତ ଦେଲା ନୂତନ ବାରତା ଆଣି,
ମନମୋହିନୀ ଯେ ଗରଭ ଯନ୍ତ୍ରଣା କରିଲେ ତ ଅନୁଭବ

ISSN NO.
2582-208X

କୃଷ୍ଣସୁନ୍ଦରୀଙ୍କ ମନରେ ଭରିଲା ଏବେ ବ୍ୟସ୍ତତାର ଭାବ,
ସଙ୍ଗେ ସଙ୍ଗେ ସେତ ଲୋକ ପଠାଇକି ଧାଇକୁ ତ ଡକାଇଲେ
ସୂତିକା ଗୃହରେ ମନୁକୁ ଧରି ସେ ହସି ହସି ପ୍ରବେଶିଲେ,
କନିଷ୍ଠା ଭଗିନୀ ଗୋବିନ୍ଦମଣି ଯେ ପାଖେ ପାଖେ ଥିଲେ ରହି
ଏହି ସମୟରେ ସୂତିକ ଗୃହରେ ପ୍ରବେଶ କରିଲେ ଧାଇ,
ଅନ୍ୟମାନେ ସର୍ବେ ବାହାରେ ଥାଇଣ ହୋଇଲେ ପ୍ରତୀକ୍ଷା ରତ
ବାରମାସରେ ତ ଜନମିବ ଶିଶୁ ସରବେ ହୋଇଲେ ବ୍ୟସ୍ତ,
ପ୍ରଭାତ ହାତରେ ଦାୟିତ୍ୱକୁ ଦେଇ ରଜନୀ ମେଲାଣି ନେଲା
ପୂରୁବ ଦିଗରେ ନୂତନ ସୁରୁଜ ମୁରୁଜ ଯେ ବୁଣି ଦେଲା,
ପାଞ୍ଚଟା ବାଜିକି ଛଅ ମିନିଟ୍ ସମୟରେ ଦିବାକର
ଉଦୟ ହୋଇଣ ଥିଲେ ତ ସେଦିନ ଧରି ଶୁଭେଚ୍ଛାର ହାର,
କରୁଣା ସିନ୍ଧୁର ମଧ୍ୟରୁ ଉତ୍ଥିତ ହୋଇଲା ତ ଉର୍ମି ମାଳା
ତହିଁରୁ ତ କିଛି ଶିବଚନ୍ଦ୍ରଙ୍କର ଗୃହରେ ପତିତ ହେଲା,
ସେଦିନର ସେହି ରବି କିରଣରେ ବୁଣି ହେଉଥିଲା ଖୁସି
ନୂତନ ଆଶାର କଣିକା ରାଶିକି ପଡୁଥିଲା ସତେ ଖସି,
କାକ'ର ରବରେ କୋକିଳର ସ୍ୱନ ହେଉଥିଲା ଅବା ବାରି
କୁକ୍କୁଟ କଣ୍ଠରୁ ପିକର କାକଳି ପଡୁଥିଲା ପୁଣି ଝରି,
ନୂତନ ଯୁଗର ଇତିହାସରେ ତ ଉଭା ଯେ ପରମ ଲଗ୍ନ
କଳପନା ଭରା ସକଳ ପ୍ରାଚୀର ହୋଇଅଛି ଆଜି ଭଗ୍ନ,
ପଲକ ମାତରେ ସୂତିକା ଗୃହଟି ହୋଇଗଲା ତନ୍ଦ୍ରାଚ୍ଛନ୍ନ
ପ୍ରସୂତିର ସାଥେ ଥିଲେ ଯେଉଁ ମାନେ ସର୍ବେ ହେଲେ ଅଚେତନ,
ପରମ ପବିତ୍ର ତନୁଶ୍ରୀକୁ ଧରି ନିଜେ ତ ପରମେଶ୍ୱର
ଅପୂର୍ବ ଲୀଳାକୁ ପ୍ରକଟିବା ପାଇଁ ତେଜିଲେ ସରଗପୁର,
ଆପଣା ଇଚ୍ଛାରେ ମାଟି ବୈକୁଣ୍ଠରେ ହୋଇଲେ ସେ ଆବିର୍ଭୁତ
ତାଙ୍କ ଜନମର ସେ ପୁଣ୍ୟ ଲଗନ ରହିଲା ରହସ୍ୟାବୃତ୍ତ,
ମାତା ଜଗଦ୍ଧାତ୍ରୀ ସ୍ୱଂୟ ଧାତ୍ରୀ ସାଜି ଥିଲେ ତ ପ୍ରସବ କାଳେ
ମନୁଙ୍କର ଧାଇ ପଡ଼ିଥିଲା ଶୋଇ ପ୍ରଭୁଙ୍କର ମାୟା ବଳେ,

ISSN NO.
2582-208X

ପୁରାଣ ବର୍ଣ୍ଣିତ ଆଯୋନି ସମ୍ଭୂତ କଥା ଗୋଟି ହେଲା ସତ
ସୂତିକ ଗୃହରେ ଉଜ୍ଜ୍ୱଳ ଆଲୋକ ଧାରା ହେଲା ବିଚ୍ଛୁରିତ,
ଅନତି ଦୂରରେ ପଦ୍ମା କୋଳେ ଥିଲେ ଯେତେକ ନଉକା ଯାତ୍ରୀ
ସଭିଙ୍କ ଆଖିରେ ଝଲସି ଉଠିଲା ଉଜ୍ଜ୍ୱଳ ଆଲୋକ ଜ୍ୟୋତି,
କହିଲେ ସେମାନେ କାହା ଘରେ ଦେଖ ଲାଗିଯାଇ ଅଛି ନିଆଁ
ଏହି ସମୟରେ ଗ୍ରାମବାସୀ ମାନେ ଧାଇଁଲେ ଛାଆଁକୁ ଛାଆଁ,
ସମସ୍ତେ ବିକଳେ ହୁରି ପକାଇଲେ ଜଳିଗଲା ପୋଡ଼ିଗଲା
ଏତିକି ବେଳକୁ ସୂତିକା ଗୃହରୁ ଜ୍ୟୋତି ଅପସରି ଗଲା
ଶୁଣି କୋଳାହଳ ଲଳନା ସକଳ ଅଳସ ଭାଙ୍ଗିଲେ ବସି
ସୂତିକା ଗୃହରେ ଥିଲେ ଯେଉଁମାନେ ସଭିଏଁ ହୋଇଲେ ଖୁସି,
ମନୁ ମାଆ କୋଳେ ଜଗତ କରତା ଶିଶୁ ରୂପେ ହସୁଥିଲେ
ଏହିପରି ଯୁଗ ପୁରୁଷୋତ୍ତମ ଯେ ମର୍ତ୍ତ୍ୟେ ଅବତରି ଥିଲେ,
ଆଜି ଅଟେ ଶୁଭ ଜନମଦିନ ଯେ ଘରେ ଘରେ ହୁଏ ପୂଜା
ଦରଦୀ ଠାକୁର ଅନୁକୂଳଙ୍କର ଉଡ଼େ ସତସଙ୍ଗ ଧ୍ୱଜା,
ଏହି ଅବସରରେ ପ୍ରଭୁଙ୍କ ପୟରେ କରୁଛି ମୁଁ ପ୍ରଣିପାତ
ସୂକ୍ଷ୍ମ ଶରୀରରେ ପ୍ରତିଟି ଅନ୍ତରେ ହେଉଥାନ୍ତୁ ଆତଯାତ ।

***

କଣ୍ଟାବଣିଆ, ଛତ୍ରପଡ଼ା, ଯାଜପୁର
ମୋ – ୮୫୯୪୮୮୫୮୯୮

ISSN NO.
2582-208X

# କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ଓଡ଼ିଆ ସର୍ଜନାତ୍ମକ ସାହିତ୍ୟ : ଆଦ୍ୟରୁ ଅଧୁନା



ତୋଫାନ ପ୍ରଧାନ

ପ୍ରତ୍ୟେକ ମଣିଷ କିଛିନା କିଛି କାଳର ଅଧିକାରୀ ହୋଇ ଜନ୍ମ ଗ୍ରହଣ କରିଥାନ୍ତି। ସେହି କଳା ପ୍ରେରଣା ଓ ପ୍ରୋତ୍ସାହନ ପ୍ରଭାବରେ ବନ ମଲ୍ଲିତ୍ୱ ତ୍ୟାଗକରି ସମାଜର କୋଣାନୁକୋଣକୁ ଆପଣାର ଦିବ୍ୟ ସୁବାସରେ ସୁରଭିତ କରିବାକୁ କ୍ଷମ ହୋଇଥାଏ। ସାରସ୍ୱତ ପ୍ରତିଭା ହେଉଛି ଅନ୍ୟତମ ଶ୍ରେଷ୍ଠ କଳା ଯାହା ମଣିଷକୁ ଦେବତ୍ୱର ସମ୍ମାନ ଆଣିଦେଇଥାଏ। ପ୍ରାଚୀନ କାଳରେ ବିଭିନ୍ନ ରାଜବଂଶ ଥିଲା ଏହି କଳାର ପ୍ରଧାନ ପୃଷ୍ଠପୋଷକ; କିନ୍ତୁ ବର୍ତ୍ତମାନ ବିଭିନ୍ନ ଅନୁଷ୍ଠାନ ଓ ସରକାରୀ ସଂସ୍ଥା ଏହି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସାହିତ୍ୟ ସାଧକମାନଙ୍କୁ ସମ୍ମାନିତ କରିବା ପାଇଁ ଅନେକ ପୁରସ୍କାର ବିତରଣ ବ୍ୟାବସ୍ଥା ପ୍ରଚଳନ ହୋଇ ଆସୁଅଛି ।

୧୯୫୪ ମସିହାଠାରୁ ୨୦୨୪ ମସିହା ଭିତରେ ମୋଟ ୬୪ଜଣ ସାହିତ୍ୟିକ ଏହି ସମ୍ମାନଜନକ ବାର୍ଷିକ ପୁରସ୍କାରର ବିଜେତା ହୋଇସାରିଛନ୍ତି। ଗତ ପାଞ୍ଚବର୍ଷର ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରୁ ପୁସ୍ତକ ଆମନ୍ତ୍ରଣ କରାଯାଇ ଗୋଟିଏ ଚୟନ ମଣ୍ଡଳୀଦ୍ୱାରା ଉକ୍ତ ପୁସ୍ତକଗୁଡ଼ିକ ମଧ୍ୟରୁ ଗୋଟିଏ ପୁସ୍ତକକୁ ପୁରସ୍କୃତ କରନ୍ତି। ଏହି ଚୟନ ପ୍ରକ୍ରିୟାର ୪ଟି ସୋପାନ ଥାଏ। ଏହା  କଥାବସ୍ତୁ, ଶୈଳୀ, ସାମାଜିକ ଆବେଦନ ଆଦି ବିଭିନ୍ନ ମାନଦଣ୍ଡରୁ ପରୀକ୍ଷଣ ଏବଂ ପରିସଂଖ୍ୟାନ ପରେ ଜୁରିମାନଙ୍କ ଚୟନିତ ସର୍ବଶ୍ରେଷ୍ଠ ପୁସ୍ତକ ଏବଂ ରଚୟିତାଙ୍କ ନାମ ଉକ୍ତବର୍ଷର ବିଜୟୀଭାବରେ ଘୋଷଣା କରାଯାଏ। ପୁରସ୍କୃତ ହୋଇଥିବା ପୁସ୍ତକଗୁଡ଼ିକୁ ବିଭିନ୍ନ ବିଭାଗାନୁଯାୟୀ ନିମ୍ନମତେ ଆଲୋଚନା କରାଗଲା ।

ISSN NO.
2582-208X

ଉପନ୍ୟାସ

ଉପନ୍ୟାସ ରଚନା ଆଦି ପର୍ଯ୍ୟାୟରେ ଗୋପୀନାଥ ମହାନ୍ତିଙ୍କ ସାଧନା 'ଅମୃତର ସନ୍ତାନ' ଉପନ୍ୟାସ ରେ ସିଦ୍ଧ ହେଲା ପରି ଅନୁଭୂତ ହୁଏ । ଆଦିବାସୀ କନ୍ଧ ଓ ପରାଜଙ୍କ ଜୀବନର ଜୀବନ୍ତ ଚିତ୍ର ଉତ୍ତୋଳନ କରିବାରେ ଔପନ୍ୟାସିକ ମହାନ୍ତି ଅଦ୍ୱିତୀୟ ସ୍ରଷ୍ଟାର ଆସନ ଦାବି କରନ୍ତି। ଏହି ଉପନ୍ୟାସ (୧୯୪୯) ମସିହାରେ ପ୍ରକାଶ ଲାଭ କରି ଚହଳ ପକାଇଥିଲା ଏବଂ ୧୯୫୫ ମସିହାରେ ପ୍ରଦତ୍ତ ପ୍ରଥମ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା  ଏହା ପରେ ସମୟକ୍ରମେ ଅନ୍ୟ ଚାରୋଟି ଉପନ୍ୟାସ ଏବଂ ଔପନ୍ୟାସିକ ଉକ୍ତ ପୁରସ୍କାରକୁ ନିଜ ନାମରେ କରାଇପାରିଛନ୍ତି ସେମାନେ ହେଲେ- ୧୯୫୫ ମସିହାରେ ପ୍ରକାଶିତ କାହ୍ନୁ ଚରଣ ମହାନ୍ତିଙ୍କ କାଳଜୟୀ ଉପନ୍ୟାସ 'କା' ଯାହା ତାଙ୍କୁ ୧୯୫୮ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା କରିଛି। ଏଥିରେ ନାରୀ ଜୀବନର କରୁଣ କାହାଣୀ ପାଠକର ମର୍ମଭେଦ କରିବା ସହିତ ଯଥାର୍ଥ ବିଶ୍ଳେଷଣ କରାଯାଇଛି। ଅନ୍ୟ ଜଣେ ଯଶସ୍ୱୀ ଔପନ୍ୟାସିକ ହେଉଛନ୍ତି ସୁରେନ୍ଦ୍ର ମହାନ୍ତି। ୧୯୬୮ ମସିହାରେ ପ୍ରକାଶିତ 'ନୀଳଶୈଳ' ଉପନ୍ୟାସ ଓଡ଼ିଆ ସଂସ୍କୃତିର ବିପୁଳ ସ୍ୱାକ୍ଷର ବହନ କରି। ୧୯୬୯ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିବାକୁ ସକ୍ଷମ ହେଇଛି। ପଲ୍ଲୀ ଜୀବନ ଜୀବିକାର ଗଦ୍ୟ ଗୀତିକ ଭାବେ ୧୯୮୭ ମସିହାରେ ପ୍ରକାଶିତ ହୁଏ ନିତ୍ୟାନନ୍ଦ ମହାପାତ୍ରଙ୍କ 'ଘରଡିହ' ଯାହାର ଗ୍ରାମିଣ ଆବେଦନ ଏହାକୁ ୧୯୮୭ ମସିହାରେ ହିଁ ଏହାକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଯୋଗ୍ୟ କରାଇପାରିଛି । ୨୦୦୯ ମସିହାରେ ପ୍ରକାଶ ପାଏ ଔପନ୍ୟାସିକା କଳ୍ପନା କୁମାରୀ ଦେବୀଙ୍କ 'ଅଚିହ୍ନା ବାସଭୂମି' ଯାହା ତାଙ୍କୁ ପ୍ରଥମ ନାରୀ ଔପନ୍ୟାସିକା ଭାବରେ ୨୦୧୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା କରିଛି। ଏଥିରେ ଐତିହାସିକ ପରିବର୍ତ୍ତନ ପଟ୍ଟଭୂମିରେ ଏକ ଐତିହ୍ୟବନ୍ତ ପରିବାରର ଜୀବନଯାତନାକୁ ରେଖାଙ୍କିତ କରିଛନ୍ତି। ଆଲୋଚ୍ୟ ପ୍ରାପ୍ତ ଉପନ୍ୟାସ ଗୁଡ଼ିକର ସ୍ୱତନ୍ତ୍ରତା ଓଡ଼ିଆ ସାହିତ୍ୟରେ ବେଶ ଅନୁମେୟ।

ଗଳ୍ପ

ବିସ୍ତୃତ ବିଷୟର ସଂକ୍ଷିପ୍ତଭାବସଂବାହୀ ସାର ସ୍ୱରୂପ ହେଉଛି ଆଧୁନିକ କ୍ଷୁଦ୍ର ଗଳ୍ପ। ୧୯୭୨ ମସିହାରେ ପ୍ରଥମ ଗଳ୍ପ ସଂକଳନ ଓ ପ୍ରଥମ ଗାଳ୍ପିକ ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟୀ ଭାବରେ ସମ୍ବର୍ଦ୍ଧିତ ହୁଅନ୍ତି ଗାଳ୍ପିକ ମନୋଜ ଦାସ ୫୪ଟି ସମାହାରରେ

ISSN NO.
2582-208X

୧୯୭୧ ମସିହାରେ ପ୍ରକାଶ ପାଏ 'ମନୋଜ ଦାସଙ୍କ କଥା ଓ କାହାଣୀ' । ୧୯୭୫ ମସିହାରେ ମଧ୍ୟବିତ୍ତ ପରିବାରର କର୍ମମୟ କାହାଣୀକୁ ନେଇ ପ୍ରକାଶିତ ହୁଏ କିଶୋରୀ ଚରଣ ଦାସଙ୍କ 'ଠାକୁର ଘର' ନାମକ ଗଳ୍ପ ସଂକଳନ । ଏହାର ଲିଖନ ଶୈଳୀ ଓ ଭାବ ସ୍ୱାତନ୍ତ୍ର୍ୟ ହେତୁ ୧୯୭୬ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୁଏ। ୧୯୮୧ ମସିହାରେ ଉକ୍ତ ପୁରସ୍କାରର ଅଧିକାରୀ ହୁଅନ୍ତି ଅଖିଳ ମୋହନ ପଟ୍ଟନାୟକ। ୧୯୭୯ ମସିହାରେ ତାଙ୍କ ରଚିତ ଷୋହଳଗୋଟି ଗଳ୍ପର ମନୋଜ୍ଞ ସଂକଳନ 'ଓ ଅନ୍ଧଗଳି' ମହାପାତ୍ର ନୀଳମଣି ସାହୁ ତାଙ୍କ ଜୀବନରେ ଘଟିତ ଘଟଣା ଓ ଚରିତ୍ର ମାନଙ୍କୁ ନେଇ ରଚନା କରନ୍ତି ଆତ୍ମଜୀବନୀମୂଳକ ଗଳ୍ପ ପୁସ୍ତକ 'ଅଭିଶପ୍ତ ଗନ୍ଧର୍ବ' । ୧୯୮୧ ମସିହାରେ ଏହା ପ୍ରକାଶିତ ହୋଇ ୧୯୮୪ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରେ। ୧୯୮୭ ମସିହାରେ ବୀଣାପାଣି ମହାନ୍ତିଙ୍କ ଗଳ୍ପ ସଂକଳନ 'ପାଟଦେଈ' ପ୍ରକାଶ ପାଇଥିଲା । ତାଙ୍କ ଗଳ୍ପରେ ସମାଜର ନିମ୍ନ ସ୍ତରରେ ରହୁଥିବା ନାରୀ ଜୀବନର ନିର୍ଯାତନା, ଅସହାୟତା ଓ ବିପର୍ଯ୍ୟୟର ଏକ କରୁଣ ଇତିହାସ ବର୍ଣ୍ଣିତ। ଉକ୍ତ ପୁସ୍ତକଟି ୧୯୯୦ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ବିଜେତା ଭାବରେ ପୁରସ୍କୃତ ହୋଇଥିଲା। ୧୯୯୧ ମସିହାରେ 'ବିଚିତ୍ରବର୍ଣ୍ଣା' ରଚନା କରି ଗାଳ୍ପିକ ରବି ପଟ୍ଟନାୟକ ୧୯୯୨ ମସିହାର ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ସାଜିଥିଲେ। ସ୍ୱାଧୀନତା ପରବର୍ତ୍ତୀ ଅନ୍ୟ ଜଣେ ବିଶିଷ୍ଟ ଗାଳ୍ପିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଜଣେ ସଂସ୍କୃତି ସଚେତନ ଓ କ୍ରାନ୍ତିକାରୀ ସ୍ରଷ୍ଟା। ୧୯୯୧ ରେ ତାଙ୍କ ରଚିତ 'ଚଳନ୍ତି ଠାକୁର' ଗଳ୍ପ ସଂକଳନଟି ତାଙ୍କ ବ୍ୟକ୍ତିତ୍ୱର ପ୍ରମାଣ ସ୍ୱରୂପ ୧୯୯୩ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ହୋଇଅଛି। ୧୯୯୭ ମସିହାରେ ଏହି ସମ୍ମାନର ଅଧିକାରୀ ହୋଇଥିଲେ କଥାକାର ଚନ୍ଦ୍ରଶେଖର ରଥ। ୧୯୯୫ ମସିହାରେ ପ୍ରକାଶିତ 'ସବୁଠାରୁ ଦୀର୍ଘରାତି' ପୁସ୍ତକ ନିମନ୍ତେ। ୨୦୦୦ ମସିହାରେ ଏହି ପୁରସ୍କାର ସ୍ୱୀକାର କରନ୍ତି ସାମ୍ପ୍ରତିକ ଜଣେ ପ୍ରତିନିଧି ସ୍ଥାନିୟା ଜନାଦୃତ ଗାଳ୍ପିକା ପ୍ରତିଭା ରାୟ ତାଙ୍କ ଗଳ୍ପଗ୍ରନ୍ଥ 'ଉଲଂଘନ' ପାଇଁ। ଯାହା ମଣିଷର ଚାରିତ୍ରିକ ଉତ୍ଥାନପତନର ଚିତ୍ରବହନ କରି ୧୯୯୮ ମସିହାରେ ପ୍ରକାଶ ହୋଇଥିଲା। ୨୦୦୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରର ଅଧିକାରୀ ହୁଅନ୍ତି ଗାଳ୍ପିକ ରାମଚନ୍ଦ୍ର ବେହେରା। ୨୦୦୩ ରେ ଜୀବନ ସଂଗ୍ରାମକୁ କେନ୍ଦ୍ର କରି ରଚିତ ଗଳ୍ପ ସଂକଳନ 'ଗୋପପୁର' ପାଇଁ। ଗାଳ୍ପିକ ଗୌରହରି ଦାସଙ୍କ 'କଣ୍ଟା ଓ ଅନ୍ୟାନ୍ୟ ଗଳ୍ପ' ଗ୍ରନ୍ଥ ପାଇଁ ୨୦୧୨ ମସିହାରେ ପୁରସ୍କୃତ ହୋଇଥିଲେ।

ISSN NO.
2582-208X

ଉକ୍ତ ପୁସ୍ତକଟି ୨୦୦୯ ମସିହାରେ ପ୍ରକାଶ ହୋଇଥିଲା । ଏକ ରାଜନୀତିକ ଗଳ୍ପଗ୍ରନ୍ଥ ଭାବେ 'ମହିଷାସୁରର ମୁହଁ' ୨୦୦୯ ମସିହାରେ ପ୍ରକାଶ ହୋଇ ବିଭୁତି ପଟ୍ଟନାୟକଙ୍କ ସମାଜ ମନସ୍କ ସଂସ୍କୃତି ସଚେତନ ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ। ଏହା ୨୦୧୫ ମସିହାରେ କେନ୍ଦ୍ର ସାହିତ୍ୟ ପୁରସ୍କାର ଲାଭ କରି ଗାଳ୍ପିକ ଖ୍ୟାତିକୁ ଦିଗନ୍ତ ବିସ୍ତାର କରିଛି। ପାରମିତା ଶତପଥୀଙ୍କ ଦ୍ୱାରା ୨୦୧୫ ମସିହାରେ ରଚିତ ଗଳ୍ପ ସଂକଳନ 'ପ୍ରାପ୍ତି' ନିମନ୍ତେ ୨୦୧୬ ବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଏହି ସଂକଳନରେ ନାରୀ ଜୀବନର ଅକୁହା କାହାଣୀ ବର୍ଣ୍ଣିତ। ୨୦୧୭ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଗାଳ୍ପିକା ଗାୟତ୍ରୀ ସରାଫ ତାଙ୍କର 'ଇଟାଭାଟିର ଶିଳ୍ପୀ' (୨୦୧୫) ଗଳ୍ପ ସଂକଳନ ପାଇଁ ଲାଭ କରିଥିଲେ। ଏଥିରେ ଦାଦନ ଶ୍ରମିକର ସମସ୍ୟା ବର୍ଣ୍ଣିତ ହୋଇଥିବାର ଦେଖାଯାଏ। ସାହିତ୍ୟକୁ ନିଶା ଭାବରେ ଗ୍ରହଣ କରିଥିବା ଅନ୍ୟ ଜଣେ ଲୋକପ୍ରିୟ ଗାଳ୍ପିକ ତରୁଣକାନ୍ତି ମିଶ୍ର ୨୦୧୪ ମସିହାରେ ପ୍ରକାଶିତ 'ଭାସ୍ୱତୀ' ଗଳ୍ପ ଗ୍ରନ୍ଥ ପାଇଁ ୨୦୧୯ ମସିହାରେ କେନ୍ଦ୍ର ସାହିତ୍ୟ ପୁରସ୍କାର ଲାଭ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କାଳ ଭେଦରେ ସଂପର୍କର ଗୁରୁତ୍ୱ ଏହି ଗଳ୍ପ ଗ୍ରନ୍ଥର ପ୍ରତିପାଦ୍ୟ ବିଷୟ ବସ୍ତୁ। ୨୦୧୬ ମସିହାରେ ଅନ୍ୟ ଏକ ଗଳ୍ପ ସଂକଳନ ପ୍ରକାଶ ପାଏ 'ସମୁଦ୍ରକୂଳ ଘର' ନାମରେ ଯଶୋଧରା ମିଶ୍ରଙ୍କ କଲମରୁ । ଯାହାକି ୨୦୨୦ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ନିଜ ନାମରେ କରାଇନିଏ।

### କବିତା

ସମ୍ପ୍ରତି ଓଡ଼ିଆ ସାହିତ୍ୟର କବିତା ହେଉଛି ଏକ ବଳିଷ୍ଠ ବିଭାଗ । ସଂଖ୍ୟାଧିକ ସାହିତ୍ୟ ଏକାଡ଼େମୀ ପୁରସ୍କାର ଏହି ବିଭାଗରେ ବିତରିତ। ପ୍ରଥମ କବିତାକୁ ନେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ ୧୯୬୩ ମସିହାରେ ସଚ୍ଚିଦାନନ୍ଦ ରାଉତରାୟ। ୧୯୬୨ ମସିହାରେ ରଚିତ ତାଙ୍କର କବିତା ଗ୍ରନ୍ଥ 'କବିତା-୧୯୬୨' କବିତା ସଙ୍କଳନ ପାଇଁ। ଏଥିରେ ରୋମାଣ୍ଟିକ ଓ ବାସ୍ତବବାଦୀ ଚିନ୍ତା ଓ ଚେତନା ସ୍ଥାନ ପାଇଛି । ଏହାର ପରବର୍ତ୍ତୀ ବର୍ଷ ପାଇଁ ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ 'ଉତ୍ତରାୟଣ' କବିତା ସଙ୍କଳନ ଶ୍ରେଷ୍ଠ ବିବେଚିତ ହୋଇଥିଲା । ୧୯୬୪ ମସିହାରେ ପ୍ରକାଶ ହୋଇ ୧୯୬୫ ବର୍ଷରେ ପୁରସ୍କାର ପ୍ରାପ୍ତ କରିଛି। ୧୯୬୬ ମସିହାରେ ସମ୍ମାନ ଜନକ କେନ୍ଦ୍ରସାହିତ୍ୟ ଏକାଡ଼େମୀର ବିଜେତା ସାଜେ 'ବଙ୍କା ଓ ସିଧା' (୧୯୬୪) ଯାହାର ରଚୟିତା ଗୋଦାବରୀଶ ମହାପାତ୍ର । ୧୯୬୯

ISSN NO.
2582-208X

ମସିହାରେ ଅନ୍ୟ ଏକ କବିତା ପ୍ରକାଶ ପାଏ 'ସରୀସୃପ' ନାମରେ ବିନୋଦ ଚନ୍ଦ୍ର ନାୟକଙ୍କ କରକମଳରେ । ଯାହାକି ୧୯୭୦ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ନିଜ ନାମରେ କରାଇ ନେଇଛି । ୧୯୭୦ 'ସମୁଦ୍ରସ୍ନାନ' କବିତା ଗ୍ରନ୍ଥ ପାଇଁ ଗୁରୁ ପ୍ରସାଦ ମହାନ୍ତି ୧୯୭୩ ମସିହାରେ ଏହି ପୁରସ୍କାରର ବିଜେତା । ଯହିଁରେ ସାମ୍ପ୍ରତିକ ମଣିଷର ବିଭିନ୍ନ ସମସ୍ୟାମୂଳକ କବିତା ସ୍ଥାନିତ । ସୀତାକାନ୍ତ ମହାପାତ୍ରଙ୍କ 'ଶବ୍ଦର ଆକାଶ' କବିତା ଗ୍ରନ୍ଥ ୧୯୭୧ରେ ପ୍ରକାଶ ପାଇ ୧୯୭୪ ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛି। ମାଟିରୁ ଆକାଶପ୍ରତି ଥିବା ଆକର୍ଷଣ ଓ ମାଟି ପ୍ରତି ଥିବା ମମତା ବର୍ଣ୍ଣିତ ହଇଛି । ଛାନ୍ଦସିକ କବି ରାଧାମୋହନଙ୍କ 'ସୂର୍ଯ୍ୟ ଓ ଅନ୍ଧକାର' କବିତା ଗ୍ରନ୍ଥ ୧୯୭୫ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଲାଭ କରେ । ଯାହା ୧୯୭୪ ମସିହାରେ ପ୍ରକାଶିତ 'ନୀଳ ମାଷ୍ଟରାଣୀ' ଗଳ୍ପର କବିତା ରୂପ ହେଉଛି ଏହାର ମୂଳାଧାର । ୧୯୭୭ ମସିହାରେ ପ୍ରକାଶିତ ରମାକାନ୍ତ ରଥଙ୍କ 'ସପ୍ତମ ଋତୁ' କବିତା ଗ୍ରନ୍ଥ ଯହିଁରେ ମୃତ୍ୟୁ ଚେତନା ପ୍ରମୁଖ ଭୂମିକା ଗ୍ରହଣ କରିଛି। ୧୯୭୮ ମସିହାରେ ଏହା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ହୋଇଛି। ୧୯୮୦ ମସିହାରେ ଉକ୍ତ ପୁରସ୍କାରର ଅଧିକାରୀ ହୁଅନ୍ତି ଅନନ୍ତ ପଟ୍ଟନାୟକ । ୧୯୭୮ ମସିହାରେ ୨୧ଟି କବିତାର ମନୋଜ୍ଞ ସଂକଳନ 'ଅବାନ୍ତର' ପୁସ୍ତକ ପାଇଁ । ରାଜେନ୍ଦ୍ର କିଶୋର ପଣ୍ଡା 'ଶୈଳକଳ୍ପ' ପାଇଁ ୧୯୮୫ ମସିହାରେ ଏହି ପୁରସ୍କାର ଲାଭ କରିଛନ୍ତି । ଯାହା ୧୯୮୨ରେ ପ୍ରକାଶିତ । ଏଥିରେ ଆଶା, ମୃତ୍ୟୁ, ଓ ଧ୍ୱଂସ ଚେତନା ସ୍ଥାନିତ । ୧୯୮୬ ଏବଂ ୧୯୮୮ ମସିହା ପାଇଁ ଯଥାକ୍ରମେ ସୌଭାଗ୍ୟ ମିଶ୍ରଙ୍କ 'ଦ୍ୱାସୁପର୍ଣ୍ଣା'(୧୯୮୪) ଏବଂ ସୌରୀନ୍ଦ୍ର ବାରିକଙ୍କର 'ଆକାଶ ପରି ନିବିଡ଼' (୧୯୮୫) କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରରେ ପୁରସ୍କୃତ ହୋଇଥିଲା । କବି ଭାନୁଜୀ ରାଓ 'ନଈ ଆରପାରି' କବିତା ପୁସ୍ତକ ପାଇଁ ୧୯୮୯ ମସିହାରେ ପୁରସ୍କୃତ ହୋଇଥିଲେ । ଉକ୍ତ ପୁସ୍ତକଟି ୧୯୮୬ ମସିହାରେ ପ୍ରକାଶିତ । ପ୍ରେମ ଓ ମୃତ୍ୟୁ ଏହାର ମୁଖ୍ୟ ବିଷୟ । ୧୯୯୦ ମସିହାରେ ଜଗନ୍ନାଥ ପ୍ରସାଦ ଦାସଙ୍କ ଦ୍ୱାରା ରଚିତ 'ଆହ୍ନିକ' କବିତା ସଂକଳନ ପାଇଁ ୧୯୯୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିପାରିଥିଲେ ଏଥିରେ ରାଜତନ୍ତ୍ର ଓ ଉପନିବେଶବାଦର ପରିଣତି ଠାରୁ କ୍ରାନ୍ତିର ନକଲି ରୂପ ପର୍ଯ୍ୟନ୍ତ ନାନା ବିଷୟ ସ୍ଥାନିତ ହରପ୍ରସାଦ ଦାସଙ୍କ 'ଗର୍ଭଗୃହ' ୧୯୯୯ ମସିହାରେ ଉକ୍ତ ପୁରସ୍କାର ଲାଭ କରିଛି। ୧୯୯୬ ମସିହାରେ ପ୍ରକାଶିତ କବିତା ସଂକଳନ 'ତନ୍ମୟ ଧୂଳି' ପାଇଁ ପ୍ରଥମ ନାରୀ କବି ଭାବରେ ଏହି ପୁରସ୍କାର ପ୍ରାପ୍ତ କରନ୍ତି ପ୍ରତିଭା ଶତପଥୀ ୨୦୦୧ ବର୍ଷ ପାଇଁ । ସେହିପରି ୨୦୦୬ ଏବଂ ୨୦୦୭ ମସିହା ପାଇଁ

ISSN NO.
2582-208X

ଯଥାକ୍ରମେ 'ସ୍ୱରୋଦୟ' ପାଇଁ କବି ବଂଶୀଧର ଷଡ଼ଙ୍ଗୀ ଏବଂ 'ସୁଖସଂହିତା' ପାଇଁ ଦୀପକ ମିଶ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ୨୦୦୬ ବର୍ଷ ପାଇଁ ପ୍ରମୋଦ କୁମାର ମହାନ୍ତିଙ୍କ 'ଅସରନ୍ତି ଅଣସର' ଶ୍ରେଷ୍ଠ କବିତା ଗ୍ରନ୍ଥ ୨୦୦୮ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ଓଡ଼ିଆ କବିତା ପାଇଁ ୨୦୦୯, ୨୦୧୪ ଏବଂ ୨୦୨୧ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ହେଉଛନ୍ତି ଯଥାକ୍ରମେ ଫନୀ ମହାନ୍ତି 'ମୃଗୟା', ଗୋପାଳକୃଷ୍ଣ ରଥ 'ବିପୁଳଦିଗନ୍ତ' ଏବଂ ହୃଷୀକେଶ ମଲ୍ଲିକ 'ସାରିଯାଇଥିବା ଅପେରା' କବିତା ସଂକଳନ ପାଇଁ । ଗାୟତ୍ରୀବାଳା ପଣ୍ଡାଙ୍କ ଦ୍ୱାରା ୨୦୧୭ ରଚିତ କବିତା ଗ୍ରନ୍ଥ 'ଦୟାନଦୀ' ନିମନ୍ତେ ୨୦୨୨ ବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ଶ୍ରେଷ୍ଠ ବିବେଚିତ ହୋଇଥିଲେ ଏହି ସଂକଳନରେ କଳିଙ୍ଗ ଯୁଦ୍ଧ ଉପରେ ଆଧାରିତ କବିତା ରଚିତ । ୨୦୨୩ ମସିହା ପାଇଁ ଏହି ପୁରସ୍କାର ନିଜ ନାମରେ କରନ୍ତି ଆଶୁତୋଷ ପରିଡ଼ା ତାଙ୍କ କବିତା 'ଅପ୍ରସ୍ତୁତ ମୃତ୍ୟୁ' ପାଇଁ। କବି ଆଶୁତୋଷ ପରିଡ଼ାଙ୍କ କବିତାର ଅନ୍ତର୍ଜଗତରେ ସାମାଜିକ ବାସ୍ତବତାର କଳାତ୍ମକ ରୂପ, ମାନବିକ ସମ୍ବେଦନା, ବଞ୍ଚିବାର ଇଚ୍ଛା ପାଖେ ମୃତ୍ୟୁର ପରାଜୟ ଆଦି ଉପାଦାନ ଦେଖିବାକୁ ମିଳେ।

### ନାଟକ

ପୁରସ୍କାର ପ୍ରଦାନ ଦୀର୍ଘ ଗତିପଥଭିତରେ ମାତ୍ର ତିନି ଗୋଟି ନାଟକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ତାଲିକାରେ ରହିବା ବାସ୍ତବିକ ଓଡ଼ିଆ ସାହିତ୍ୟ ପାଇଁ ଦୁଃଖ ଏବଂ ପରିତାପର ବିଷୟ । ୧୯୭୦ ମସିହାରେ ପ୍ରକାଶିତ 'ଅରଣ୍ୟ ଫସଲ' ଏହା ପ୍ରଥମ ନାଟ୍ୟକାର ଭାବରେ ମନୋରଞ୍ଜନ ଦାସ ଙ୍କୁ ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା କରାଏ। ଆଧୁନିକ ଜୀବନ କିପରି ନାନା ରହସ୍ୟ ଜାଲରେ ଛନ୍ଦା ଏବଂ ଏଠି ସମସ୍ତେ କିପରି ପରସ୍ପରକୁ ଛଳନାକରି ଅଭିନୟ କରିଚାଲିଛନ୍ତି ତାହା ଏହି ନାଟକରେ ବର୍ଣ୍ଣିତ। ୧୯୮୧ ମସିହାରେ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ଦ୍ୱାରା ରଚିତ 'ହାସ୍ୟରସର ନାଟକ' ସଂକଳନ ପାଇଁ ୧୯୮୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ବିବେଚିତ ହୋଇଥିଲେ। ନାଟକ କ୍ଷେତ୍ରରେ ତୃତୀୟ ପୁରସ୍କାର ବିଜେତା ହେଉଛନ୍ତି ନାଟ୍ୟକାର ବିଜୟ ମିଶ୍ର ତାଙ୍କ ନାଟକ 'ବାନପ୍ରସ୍ଥ' ଯାହା ୨୦୧୧ ମସିହାରେ ପ୍ରକାଶିତ। ୨୦୧୩ ବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ନିଜ ନାମରେ କରାଇ ନିଏ। ଏଥିରେ ବୃଦ୍ଧ ଓ ବୃଦ୍ଧା ମାନଙ୍କର କରୁଣ କାହାଣୀ ନେଇ ବର୍ଣ୍ଣିତ।

ISSN NO.
2582-208X

ଆତ୍ମଜୀବନୀ

ଜୀବନୀ ଏବଂ ଆତ୍ମଜୀବନୀ ସାହିତ୍ୟର ଏପରି ଏକ ବିଭାଗ ଯେଉଁଥିରେ ସତ୍ୟ, ବାସ୍ତବତା ଏବଂ ଅନୁଭୂତି ଗ୍ରନ୍ଥିତ ହୋଇଥାଏ। ନିଜ ଜୀବନ ଯାତ୍ରାରେ ଭେଟିଥିବା ଉତ୍ଥାନପତନ ମଧ୍ୟ ଦେଇ ପାଠକ ଅନେକ ଶିକ୍ଷା ପାଇଥାଏ। ଏହିପରି କେତୋଟି ଶିକ୍ଷଣୀୟ ଏବଂ ଉତ୍ସାହପ୍ରଦ ଆତ୍ମଜୀବନୀ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ତାଲିକାଭୁକ୍ତ ହୋଇପାରିଛି। ୧୯୫୮ ମସିହାରେ ପ୍ରକାଶିତ ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ୧୯୬୧ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟୀ ହୋଇଥିଲା । ନିଜର ଜନ୍ମଠାରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପର୍ଯ୍ୟନ୍ତ ଅର୍ଥାତ ୧୮୮୬ ମସିହାରୁ ୧୯୩୬ ମସିହାର ଆରମ୍ଭ କାଳ ପର୍ଯ୍ୟନ୍ତ ଦୀର୍ଘ ୫୦ ବର୍ଷର ଇତିହାସ ଏଥିରେ ସ୍ଥାନିତ । ସେହିପରି ଅନ୍ୟଜଣେ ପ୍ରଖ୍ୟାତ ସାହିତ୍ୟିକ ନୀଳକଣ୍ଠ ଦାସଙ୍କ ଆତ୍ମଜୀବନୀ 'ଆତ୍ମଜୀବନୀ'। ୧୯୬୩ ମସିହାରେ ପ୍ରକାଶ ପାଏ ଏବଂ ୧୯୬୪ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୁଏ, ଯାହା ନୀଳକଣ୍ଠଙ୍କ ଜୀବନର ରୋଚକ କଥାରେ କଳେବର ମଣ୍ଡନ କରିଛି। ୧୯୭୭ ମସିହାରେ କାଳୀଚରଣ ପଟ୍ଟନାୟକଙ୍କ 'କୁମ୍ଭାରଚକ' ପୁସ୍ତକଟି ପୁରସ୍କୃତ । ୧୯୭୫ ମସିହାରେ ପ୍ରକାଶିତ ଏହି ଆତ୍ମଜୀବନୀରେ କେବଳ ବ୍ୟକ୍ତିବିଶେଷ କାଳୀଚରଣଙ୍କର ଜୀବନୀ ନୁହେଁ, ଓଡିଶା ସାହିତ୍ୟ, ସଙ୍ଗୀତ ଓ ନାଟକ ଚାକ୍ଷୁସ ପ୍ରମାଣ ବହନ କରେ। ୧୮୯୭ ମସିହାରୁ ୧୯୭୫ ମସିହା ଯାଏଁ ଓଡ଼ିଆ ସଂସ୍କୃତିର ରସୋତ୍ତୀର୍ଣ୍ଣ ଇତିହାସ ଏଥିରେ ବର୍ଣ୍ଣିତ। ଲୋକସାହିତ୍ୟବିତ୍ କୁଞ୍ଜବିହାରୀ ଦାଶ 'ମୋ କାହାଣୀ' ଆତ୍ମଜୀବନୀ ପାଇଁ ୧୯୭୯ ମସିହାରେ ପୁରସ୍କୃତ ହୋଇଥିଲେ । ଉକ୍ତ ପୁସ୍ତକଟି ୧୯୭୬ ମସିହାରେ ପ୍ରକାଶ ହୋଇଥିଲା। ଏଥିରେ ଗ୍ରାମୀଣ ଓ ନାଗରିକ ପରିପ୍ରେକ୍ଷୀରେ ମୋ କ୍ଷୁଦ୍ରତା, ଅଧଃପାତ, ବୈଫଲ୍ୟ, ସଂଗ୍ରାମ ଓ ସଫଳତାର ଚିତ୍ର ଦେଖାଇଛନ୍ତି । ୧୯୯୪ ମସିହାରେ ପ୍ରକାଶିତ ସତ୍ୟନାରାୟଣ ରାଜଗୁରୁଙ୍କ ଆତ୍ମଚରିତ 'ମୋ ଜୀବନର ସଂଗ୍ରାମ' ୧୯୯୬ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟୀ ହୋଇଥିଲା । ୧୯୨୯ରୁ ୧୯୪୭ ମସିହା ଭିତରେ ଘଟିତ ଘଟଣା ଓ ଜୀବନ କ୍ରମକୁ ସେ ଉକ୍ତ ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ପଠାଣି ପଟ୍ଟନାୟକଙ୍କ ଜୀବନରଚିତ 'ଜୀବନର ଚଲାପଥେ' ୨୦୦୮ ମସିହାରେ ପ୍ରକାଶ ହୋଇ ୨୦୧୦ ମସିହାରେ ପୁରସ୍କୃତ ହୁଏ। ଏଥିରେ ପଠାଣି ପଟ୍ଟନାୟକଙ୍କ ସଂଘର୍ଷମୟ ଜୀବନର ଚିତ୍ର ଲିଖିତ।

ISSN NO.
2582-208X

ପ୍ରବନ୍ଧ

ଜଣେ ସାଧନାର ପରିପକ୍ୱ ଅବସ୍ଥାରେ ଉପନିତ ହେଲେ ହିଁ ଉଚ୍ଚକୋଟିର ପ୍ରବନ୍ଧ ରଚନା କରିପାରିବ। ଏହି ଦୃଷ୍ଟିରୁ ସର୍ବମୋଟ ଆଠଜଣ ପ୍ରାବନ୍ଧିକ ଉକ୍ତ ପୁରସ୍କାର ବିଜେତା ହୋଇପାରିଛନ୍ତି। ସର୍ବାଦୌ ହରେକୃଷ୍ଣ ମହତାବ ସମ୍ବାଦ ଶୈଳୀରେ ଲିଖିତ ତାଙ୍କ 'ଗାଁ ମଜଲିସ୍' ପ୍ରବନ୍ଧ ଗ୍ରନ୍ଥ ପାଇଁ ୧୯୮୩ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ୧୯୯୪ ଏବଂ ୧୯୯୮ ମସିହା ପାଇଁ ଯଥାକ୍ରମେ ଗୁରୁଚରଣ ପଟ୍ଟନାୟକଙ୍କ 'ଜଗତ ଦର୍ଶନରେ ଜଗନ୍ନାଥ' ଏବଂ ଚିତ୍ତରଞ୍ଜନ ଦାସଙ୍କ 'ବିଶ୍ୱକୁ ଗବାକ୍ଷ' କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ଗ୍ରନ୍ଥ। ୨୦୦୦ ମସିହାରେ ପ୍ରକାଶିତ ଜୀବନୀ ମୂଳକ ପ୍ରବନ୍ଧ ଲେଖିବାରେ ଶରତ କୁମାର ମହାନ୍ତି ତାଙ୍କ 'ଗାନ୍ଧୀ ମଣିଷ' ପୁସ୍ତକରେ ଯେପରି କଳା କୌଶଳତା ଦେଖାଇଛନ୍ତି। ସେଥିପାଇଁ ସେ ୨୦୦୨ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ହୋଇଛନ୍ତି। ୧୯୯୯ ମସିହାରେ ପ୍ରକାଶିତ 'ସୂର୍ଯ୍ୟସ୍ନାତ' ପ୍ରବନ୍ଧ ଗ୍ରନ୍ଥ ସମକାଳୀନ ମୁଖ୍ୟ ଓ ବିଶିଷ୍ଟ କବି ଓ କବିତାର ଭାବଭୂମି ବିଷୟକ ତଥ୍ୟ ବହନ କରି ପ୍ରାବନ୍ଧିକ ଯତୀନ୍ଦ୍ର ମୋହନ ମହାନ୍ତିଙ୍କୁ ୨୦୦୩ ବର୍ଷ ପାଇଁ ଏହି ପୁରସ୍କାର ପ୍ରାପ୍ତାର୍ଥେ ଯୋଗ୍ୟ କରିଛି। ୨୦୦୪ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୁଅନ୍ତି ପ୍ରଫୁଲ୍ଲ କୁମାର ମହାନ୍ତି ୨୦୦୦ ମସିହାରେ ପ୍ରକାଶିତ 'ଭାରତୀୟ ସଂସ୍କୃତି ଓ ଶ୍ରୀ ମଦ୍ଭଗବତ ଗୀତା ' ପ୍ରବନ୍ଧ ଗ୍ରନ୍ଥଟି ତୁଳନାତ୍ମକ ପ୍ରବନ୍ଧ ରୂପେ ନିଜ ସ୍ଥାନ ସଂରକ୍ଷିତ କରିପାରିଛି। ଦାଶରଥି ଦାସଙ୍କ ୨୦୧୫ ମସିହାରେ ପ୍ରକାଶିତ 'ପ୍ରସଙ୍ଗପୁରୁଣା ଭାବନା ନୂଆ' ପ୍ରବନ୍ଧ ପୁସ୍ତକଟି କାବ୍ୟତତ୍ତ୍ୱର ଯଥାର୍ଥ ଅନୁଶୀଳନ କରି ନବଦିଗ ଉନ୍ମୋଚନ କରିଛି, ଯାହା ୨୦୧୮ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ହକଦାର ହୋଇପାରିଛି। ଚଳନ୍ତି ଶତାବ୍ଦୀର ଭୀଷ୍ମ ରୂପେ ଦଣ୍ଡାୟମାନ ସର୍ବମାନ୍ୟ ସାହିତ୍ୟରଥୀ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ 'ଭୂତି ଭକ୍ତି ବିଭୂତି' ଯାହା ୨୦୨୪ ମସିହାରେ ପ୍ରକାଶ ପାଇ ୨୦୨୪ ମସିହାରେ ଉକ୍ତ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛି।

ସମାଲୋଚନା।

୧୯୫୪ ମସିହାରୁ ଏଯାବତ୍ ମାତ୍ର ଦୁଇଟି ହିଁ ସମାଲୋଚନା ଗ୍ରନ୍ଥ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ସର୍ବଶ୍ରେଷ୍ଠ ବିବେଚିତ ହୋଇଛି। ସୂର୍ଯ୍ୟନାରାୟଣ ଦାଶଙ୍କ ସର୍ବସ୍ୱୀକୃତ

ISSN NO.
2582-208X

'ଓଡ଼ିଆ ସାହିତ୍ୟର ଇତିହାସ ' ପୁସ୍ତକ ପାଇଁ ୧୯୬୭ ମସିହାରେ ଉକ୍ତ ପୁରସ୍କାର ପ୍ରାପ୍ତ କରିଛି । ଏହା ଚାରିଭାଗରେ ବିଭକ୍ତ ଓ ଓଡ଼ିଆ ସାହିତ୍ୟର ଶେଷ୍ଠ ପୂର୍ଣ୍ଣାଙ୍ଗ ଇତିହାସ । ୧୯୯୨ ମସିହା ପାଇଁ ପ୍ରକାଶ ପାଏ ଗୋବିନ୍ଦ ଚନ୍ଦ୍ର ଉଦଗାତାଙ୍କ 'କାବ୍ୟଶିଳ୍ପୀ ଗଙ୍ଗାଧର' ଯାହା ଜୀବନୀ ମୂଳକ ସମାଲୋଚନା ଭାବେ ୧୯୯୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।

କୌଣସି ପୁରସ୍କାର ଅଥବା ତଜ୍ଜନିତ ପ୍ରାପ୍ତ ଉପାୟନ, ଅର୍ଥ ରାଶି ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଲେଖକ, ସାହିତ୍ୟିକଙ୍କୁ ପ୍ରୋତ୍ସାହିତ କରିବା । ସେମାନଙ୍କ ଭିତରେ ସର୍ଜନର ନୂତନ ଉଦ୍‌ବେଗ, ଆଗ୍ରହ ଜାତ/ ଜାଗ୍ରତ କରାଇବା। ପୁସ୍ତକଟିଏ ପୁରସ୍କାର ମାଧ୍ୟମରେ ଅଧିକ ପ୍ରଚାରିତ ପ୍ରସାରିତ ହୋଇ ପାଠକ ନିକଟରେ ଅଧିକରୁ ଅଧିକ ପହଞ୍ଚି ପାରିବା ହିଁ ସ୍ରଷ୍ଟା ପାଇଁ ବାସ୍ତବ ଉପହାର ।

୯୯୩୮୩୭୬୧୩୭

ISSN NO.
2582-208X

# ଜୀବନର ରାସ୍ତା

ମୂଳହିନ୍ଦୀ-ଶଶିବଂସଲ
ଅନୁବାଦ-ମନୋଜକୁମାରବେହେରା


ମନାଜ କୁମାର ବେହେରା

ଜୀବନ ଜୀଇଁବାକୁ ହେଲେ ତ
ଜୀବନର ପ୍ରଥମ ଧର୍ମହେଲା,
ପ୍ରତ୍ୟେକ ନିଶ୍ୱାସ, ପ୍ରତ୍ୟେକକ୍ଷଣ
ଗୋଟିଏ ଉପହାର ଆଉଗୋଟିଏ କର୍ମ ଅଟେ..
କେବେ ଲାଗିଥାଏ କି ନିଶ୍ୱାସ
ଗୋଟିଏ ବୋଝ ଆଉ ଭାରୀ ଅଟେ ।
ଆଜିସେହି ନିଶ୍ୱାସ ଜୀବନର
ଯନ୍ତ୍ରଣାର ସାର ଅଟେ..
କିନ୍ତୁ ଯେତେବେଳେ ନିଜର
ଚରମ ସମୟରେ ପହଞ୍ଚେ
ସେତେବେଳେ ମନ କହିଥାଏ..
ତୁ ଯମାରୁ ଅଟକନି, ବାସ୍! ଚାଲିଥା ।
ପ୍ରତ୍ୟେକ ପଥରେ କଣ୍ଟା ଥାଏ
ଆଉ ପ୍ରତ୍ୟେକ ମୋଡରେ କୁହୁଡି ଥାଏ,
ଯିଏ ଥମିଗଲା ସେଠାରେ
ତାହାର ଆଗରେ ଦ୍ୱାରବନ୍ଦର ଗୁଞ୍ଜଥାଏ ।
ଯିଏ ଅଟକେଇ ଦିଏ ନିଜର ଅଶ୍ରୁର ଧାରକୁ
ସେ ବୋହିନେଇ ଯାଇଥାଏ ଜୀବନର କର୍ଣ୍ଣଧାରକୁ..
ଯିଏ ଟଳମଳ ହୋଇଥାଏ କିନ୍ତୁ ପଡିନଥାଏ

ISSN NO.
2582-208X

ସେସମୟ ସମ୍ମୁଖରେ ମୁଣ୍ଡ ନୁଆଁଏନି ।
ସତ୍ୟ ଏହା ଯେ..ମୃତ୍ୟୁ ଅନ୍ତିମ ଦ୍ୱାର
କିନ୍ତୁ ସେଠାକୁ ଯିବା କୌଣସି ପର୍ବ ନୁହେଁ
ନା’କୌଣସି ଉତ୍ସବ ।
ଯେପର୍ଯ୍ୟନ୍ତ ମନରେ ସ୍ପନ୍ଦନ ଅଛି,
ଆଶାର କୌଣସି କିରଣ ଅଛି..
ସେ ପର୍ଯ୍ୟନ୍ତ ପ୍ରତ୍ୟେକକ୍ଷଣ ନବ ଜୀବନକୁ
ପ୍ରଜାପତି ହୋଇ ଉଡିଥାଏ ।
ତା’ହେଲେ କ’ଣ ସମୟ ପୂର୍ବରୁ
ସେ ଦ୍ୱାରକୁ ଦେଖିବା..
ତା’ହେଲେ ଜୀବନର ଆଲୋକିତ ରେଖା ଲେଖିବା
ମୃତ୍ୟୁକୁ ଆସିବାକୁ ଦିଅ ଯେତେବଳେ
ତାହାର ଆମନ୍ତ୍ରଣ ହେବ!
କିନ୍ତୁ ଆଜି,ଏବେ ଜୀବନକୁ ବନ୍ଦନା କରିବା
ପ୍ରତ୍ୟେକ ଦୁଃଖରେ ମଧ୍ୟ
ନବ ପ୍ରଭାତର ଅର୍ଚ୍ଚନା କରିବା ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବାମଠଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୩୦୭୧୧

ISSN NO.
2582-208X

# ଅମର କଥାରୁ ଶିଖିବା ଆସନ୍ତୁ...

# ନିଜ କାମ ନିଜେ କରିବା

ସୀତାକାନ୍ତ ସରସ୍ୱତୀ

(ଅମର କଥା ଅର୍ଥାତ୍ ଯେଉଁ କଥା ଅମର ଅଟେ । ଯେଉଁ କଥା ଅମୃତମୟ ଅଟେ । ଯେଉଁ କଥା ଯୁଗେ ଯୁଗେ କୋଟି କୋଟି ପ୍ରାଣକୁ ପ୍ରେରିତ କରି ଦିବ୍ୟ ଜୀବନ ଗଢି ତୋଳିବାର ସାମର୍ଥ୍ୟ ରଖେ, ଯେଉଁ କଥାରୁ ଜୀବନ ପଥରେ ଅଗ୍ରସର ହେବାର କଳା କୌଶଳ ପ୍ରାପ୍ତ ହୋଇଥାଏ । ଯେଉଁ କଥା ଆମକୁ ଅଶାନ୍ତିରୁ ପ୍ରଶାନ୍ତି ଆଡକୁ, ଦ୍ୱେଷରୂପକ ବିଷରୁ ପ୍ରେମରୂପକ ଅମୃତ ଆଡକୁ, ଅଜ୍ଞାନର ଅନ୍ଧକାରରୁ ଜ୍ଞାନର ପ୍ରକାଶ ଆଡକୁ, ଅସତ୍ୟରୁ ପରମ ସତ୍ୟ ଆଡକୁ ନେଇ ଯାଇଥାଏ ।)

ଆମ ନିଜ କାମ ଯଥା ସମ୍ଭବ ଆମେ ନିଜେ କରିବା ଉଚିତ । ଭଗବାନ ଶଂକରଙ୍କର ଅଗଣିତ ଭକ୍ତ, ସେବକ ରହିଥିଲେ ମଧ୍ୟ ବାବା ନିଜ କାମ ନିଜେ କରନ୍ତି ।

ନିଜ କର ଡାସି ନାଗ ରିପୁ ଛାଲା
ବୈଠେ ସହଜହି ଶଂଭୁ କୃପାଲା ।।

ଭଗବାନ ଶଂକର ଯେତେବେଳେ ନିଜେ ବସିବା ସମୟରେ ନିଜ ଆସନ ନିଜେ ପକାଇ ବସନ୍ତି, ଏହି କଥା ଆମକୁ ପ୍ରେରଣା ଦିଏ ଯଥା ସମ୍ଭବ ନିଜ କାମ ନିଜେ କରିବା ଉଚିତ୍ । ଅନେକ ସେବକ-ସେବିକା ରହିଥିଲେ ମଧ୍ୟ ମାତା ସୀତା ନିଜ ହାତରେ ଘରକାମ କରିଥାନ୍ତି ।

ଜଦ୍ୟପି ଗୃହଁ ସେବକ ସେବକିନୀ ।
ବିପୁଲ ସଦା ସେବା ବିଧି ଗୁନୀ ।।

ISSN NO.
2582-208X

ନିଜ କର ଗୃହ ପରିଚରଜା କରଇ ।
ରାମଚଂଦ୍ର ଆୟସୁ ଅନୁସରଇ ।।

ଯଦ୍ୟପି ନଅରରେ ଅସଂଖ୍ୟ ଦାସଦାସୀ ରହିଥିଲେ ଏବଂ ସେମାନେ ସେବା ବିଧି ପାଳନରେ କୁଶଳ ଥିଲେ, ତଥାପି ସ୍ୱାମୀଙ୍କ ସେବାର ମହତ୍ୱ ଜାଣି ଥିବାରୁ ସୀତା ଘରର ସମସ୍ତ ସେବା ନିଜ ହାତରେ କରୁଥିଲେ ଏବଂ ରାମଚନ୍ଦ୍ରଙ୍କ ଆଜ୍ଞା ଅନୁସରଣ କରୁଥିଲେ ।

ପ୍ରଭୁ ଶ୍ରୀରାମ ମଧ୍ୟ ନିଜେ ନିଜ ହାତରେ ଫୁଲ ତୋଳି, ମାଳା ତିଆରି କରି ମାତା ସୀତାଙ୍କୁ ପିନ୍ଧାଇ ଦେଉଥିବା କଥା ରାମାୟଣରେ ଦେଖିବାକୁ ମିଳିଥାଏ ।

ଏକବାର ଚୁନି କୁସୁମ ସୁହାଏ ।
ନିଜ କର ଭୂଷନ ରାମ ବନାଏ ।।
ସୀତହି ପହିରାଏ ପ୍ରଭୁ ସାଦର ।
ବୈଠେ ଫଟିକ ସିଲା ପର ସୁଂଦର ।।

ଆମେ ବିଦ୍ୟାଳୟ ପଢିବା ସମୟରେ  ଯେପରି ଜ୍ୟାମିତିରେ ଯୁକ୍ତି ମୂଳକ ପ୍ରମାଣ କରୁଥିଲେ ଓ ଶେଷରେ ଲେଖୁଥିଲେ ଯେ ଉକ୍ତ ସିଦ୍ଧାନ୍ତରୁ ଆମେ ଉପନିତ ହେଲୁ ଯେ... ସେହିପରି ଏହି ପ୍ରସଙ୍ଗ ଜାଣି ଆମେ ଉକ୍ତ ସିଦ୍ଧାନ୍ତରେ ଉପନିତ ହେଲୁ ଯେ ଯଥାଶକ୍ତି ଯଥାସମ୍ଭବ ଆମେ ନିଜ କାମ ନିଜେ କରିବା ଉଚିତ୍ ।

ରାମେଶ୍ୱର ବିହାର, ବୌଦ୍ଧ

ISSN NO.
2582-208X

# ଜୀବନର ସାର



ପ୍ରଶାନ୍ତ ବ୍ରହ୍ମା

ଜୀବନରେ ଯେତେ ଆସୁ ଦୁଃଖ ସୁଖ
ସହନ କରିବୁ ବାବା
ବୃକ୍ଷେ ହେଉ ଅବା ପର୍ବତେ ବଞ୍ଚିବୁ
ଅନ୍ୟ କାହାପାଇଁ ଅବା ।।

ଅନ୍ୟ ଉପକାର ନିମିତ୍ତ ମାତର
ହେଜୁଥିବୁ ଏହି ମତେ
ଆହାର ଗ୍ରହଣ କରିବୁ ବାବୁରେ
ପ୍ରାଣରକ୍ଷାର ନିମିତ୍ତେ ।

ଗ୍ରହଣ କରିବୁ ଭଲକଥା ସବୁ
ଲିପ୍ତ ନୋହିବୁ କାହିଁ
ମଧୁର ବଚନ କହିଣ ସଭିଙ୍କୁ
ମନ ନେଉଥିବୁ ମୋହି ।

ଦେହଠାରୁ ଆତ୍ମା ପାର୍ଥକ୍ୟ ଜାଣିଲେ
ଚିହ୍ନିବୁ ସଂସାର ତେବେ
ଅତ୍ୟଧିକ ସ୍ନେହ କରିବୁ ନାହିଁ ତୁ
ମାନିବେ ନାହିଁ ସେ କେବେ ।

ISSN NO.
2582-208X

ଗ୍ରହଣ କରିବୁ କେତେକ ବିଷୟ
ଆବଶ୍ୟକ ଅନୁସାରେ
ଯୋଗ୍ୟତା ଦେଖିଣ ଦାନ ତୁ କରିବୁ
ସଦା ଆନନ୍ଦ ମନରେ ।

ସନ୍ତୁଷ୍ଟ ହୋଇବୁ ଆହାରରେ ସଦା
ଯେଉଁଠି ଯେପରି ମିଳେ
ସର୍ବଦା ପ୍ରସନ୍ନ ସବୁଠି ରହିବୁ
ବିକ୍ଷୁବ୍ଧ ନହେବୁତୁ ହେଲେ ।

ଚୋରିନାରୀ ଲୋଭ କେବେନକରିବୁ
ଇନ୍ଦ୍ରିୟ ସୁଖ ପାଇଁ
କାଷ୍ଠ ପାଷାଣ କି ମୃର୍ତ୍ତିକା ନାରୀକୁ
ସ୍ପର୍ଶ କରିବୁ ନାହିଁ ।

ଶାସ୍ତ୍ରରୁ ସାର ଯେ ସଂଗ୍ରହ କରିବୁ
ନ କରିବୁ କେବେ ହେଳା
ସମ୍ମାନ ସହିତ ସଂସାରେ ବଞ୍ଚିବୁ
ନହେଲେ ବୁଡିବ ଭେଳା।

ଜୀବନରେ ଜିହ୍ୱା ଆଶା ନ ରଖିଣ
ଦମନ ସଦା କରିବୁ
ଧନର ଲୋଭକୁନରଖି ଜୀବନେ
ସମ୍ମାନରେ ଯେ ବଞ୍ଚିଥିବୁ ।

ମାନ ଅପମାନୁଁ ରହିବୁ ଉର୍ଦ୍ଧ୍ୱରେ
ଆତ୍ମାନନ୍ଦ ରେ ବଞ୍ଚି

ISSN NO.
2582-208X

ଏକାନ୍ତେ ବସିଣ ଉଚିତ ଭାବିଲେ
ସାରାନ୍ସ ପାରିବୁ ସଞ୍ଜି ।

ଆସନକୁ ଶୁଦ୍ଧି ଆଚମନ କରି
ନିଶ୍ୱାସକୁ ଯେ ଜିଣିବୁ
ବଇରାଗ ଲାଭ ପ୍ରାପ୍ତି ଯେବେ ହେବୁ
ପରମାତ୍ମା ଙ୍କୁ ଦେଖିବୁ ।

ଏକାକୀ ରହିବୁ ଅଳପ କହିବୁ
ଗୁମ୍ଫା ରେ ବାସ କରିବୁ
ଈଶ୍ୱର ଚିନ୍ତନ କରୁଥିବୁ ସଦା
ବୈକୁଣ୍ଠ ପ୍ରାପ୍ତି ଯେ ହେବୁ ।

ଈଶ୍ୱରଙ୍କ ଶକ୍ତି ଅଛିତ ନିଶ୍ଚିତ
ଏକଥା ଗୋଟିକ ସତ୍ୟ
ଈଶ୍ୱରଙ୍କ ବିନା ଆଉ ସବୁ ମିଥ୍ୟା
ଏହା ଭାଗବତ ତଥ୍ୟ ।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X



# ସଂଘର୍ଷମୟ ଜୀବନରେ ଆଶାଭର୍ ସ୍ୱପ୍ନ



ସୁରେଶ କୁମାର ନାହାକ

ଭଗବାନଙ୍କ ସୃଷ୍ଟିରେ ଏ ରହସ୍ୟମୟ ଜୀବନ ଅତିକରୁଣମୟ। ଯେଉଁଠି ଭରପୁର ଭାବେ ଭରି ରହିଛି ହସ, କାନ୍ଦ, ଦୁଃଖ, କଷ୍ଟ ଓ ସଂଘର୍ଷମୟ ଯନ୍ତ୍ରଣା। କେବେ ତାହା ମନରେ ଖୁସି ଭରିଥାଏ ତ କେତେବେଳେ ଦେଇଥାଏ ଜର୍ଜରିତମିଶା ଲୁହ। ସତରେ ଜୀବନ ହେଉଛି ଏକ "ସଂଘର୍ଷର ପଥ"। ଯେଉଁଠି ଜୀବନର ନାଆକୁ ପାରିହେବା ବହୁ କଷ୍ଟଦାୟ ବିଷୟ। ଓ ଜୀବନରେ ବହୁ ବାଧା ବହୁ ବିଘ୍ନ ଲକ୍ଷ୍ୟର ପଥରେ କଣ୍ଟା ସାଜି ପାଲଟିଯିବେ ଉର୍ଦ୍ଧ୍ୱ ପ୍ରାଚୀର। ଯାହା ଏକ ସତ୍ୟାସତ୍ୟ ଘଟଣା। କିନ୍ତୁ ତାହାକୁ ପରିହାର କରି ଉନ୍ନତିର ପଥରେ ଅଗ୍ରସର ହେବା ଏକ ସାଫଲ୍ୟ ଦାୟକ ବିଷୟ। ମନୁଷ୍ୟର ଲକ୍ଷ୍ୟର ପଥକୁ ଅଗ୍ରମୁଖୀ କରିବାରେ ସଂଘର୍ଷର ଭୂମିକା ଅତ୍ୟନ୍ତ ଶକ୍ତିଶାଳୀ। ଯାହାଦ୍ୱାରା ମନୁଷ୍ୟ ଏକ ନୂତନ ଆଶାଭରା ଦିଗକୁ ଅଗ୍ରସର ହେବା ସହ ମନରେ ସୃଷ୍ଟି କରିଥାଏ ସକାରାତ୍ମକ ଆତ୍ମବିଶ୍ୱାସ।

ଜୀବନ ହେଉଛି ଏକ ମରୁଭୂମି ବାଲି ସଦୃଶ୍ୟ। କେତେବେଳେ ଓଦା ତ କେତେବେଳେ ଶୁଷ୍କ। ସମୟାନୁକ୍ରମେ ସେ କେଉଁ ରୂପ ନେବ ତାହା କହିବା କଷ୍ଟଦାୟକ। ଅନୁରୂପ ଭାବେ ସଂଘର୍ଷମୟ ପଥରେ ଅଗ୍ରସର ହେବାକୁ ହେଲେ ଜାବୁଡ଼ି ଧରି ରଖିବାକୁ ହେବ ବହୁସାରା ଧର୍ଯ୍ୟ ଆଉ ସାହାସ। ଆଜିର ସାମ୍ପ୍ରତିକ ସମୟରେ ବହୁ ବ୍ୟକ୍ତିବିଶେଷ ନିଜର ଲକ୍ଷ୍ୟ ପଥରେ ଅନେକ ଆଶାଭରା ସ୍ୱପ୍ନ ଦେଖି ଜୀବନକୁ କରିପାରିଛନ୍ତି ବୈଚିତ୍ରମୟ ବା ରଙ୍ଗାୟିତ। ଏହି ଅଧାପୃଷ୍ଠା ଜୀବନରେ କୌଣସି କ୍ଷେତ୍ରରେ ଆଶା ରଖିବା ଏକ ସବୁଠାରୁ ବଡ଼ ମୂର୍ଖାମୀ। କାହିଁକିନା ଜୀବନରେ ଯେ ପର୍ଯ୍ୟନ୍ତ ଦୁଃଖ କଷ୍ଟ ଓ ଯନ୍ତ୍ରଣା ପୂର୍ଣ୍ଣ ହୋଇ ରହିଥିବ ସେ ପର୍ଯ୍ୟନ୍ତ ଆଶା ନିରାଶାରେ ପରିଣତ ହେବ। ଯାହାଦ୍ୱାରା ସେ ମାନସିକ ଦୁଶ୍ଚିନ୍ତାରେ ଭାଙ୍ଗିପଡି ଖରାପ ଅବସ୍ଥା ଅଭିମୁଖେ ଅଗ୍ରସର ହେବ। ସଂକ୍ଷେପରେ କହିବାକୁ

ISSN NO.
2582-208X

ଗଲେ ଜୀବନରେ ଅନେକ ସ୍ୱପ୍ନ ଦେଖ କିନ୍ତୁ କୌଣସି ଆଶା ରଖନାହିଁ। ଏହା ଏପରି ଏକ ବିଧେୟ ଯେଉଁଠି ସର୍ବଦା ନିରାଶାରେ ପରିଣତ କରି ମନକୁ କରିଥାଏ ଜର୍ଜରିତ। ଆଜିର ସମାଜରେ ପିଲାମାନେ ଅନେକ ସଂଘର୍ଷ କରି ଓ ଜୀବନକୁ ପାଣି ଛଡେଇ ଏପରି ଭାବେ ନିଜକୁ ତୋଳି ଗଢୁଛନ୍ତି ଯେପରି କୌଣସି ବାଧାର ପ୍ରାଚୀର କୌଣସି ମତେ ସେମାନଙ୍କୁ ସ୍ପର୍ଶ କରିପାରିବ ନାହିଁ।

ଭାଗ୍ୟର ଖେଳ ବଡ଼ ବିଚିତ୍ର ଧରଣର। କେତେବେଳେ ସେ ବହୁ କଷ୍ଟ ସହି ଅନେକ ସଂଘର୍ଷରେ ଲିପ୍ତ ଥିବା ବ୍ୟକ୍ତିକୁ କୁଫଳ ଦେଇଥିବା ସ୍ଥଳେ, ବିନା ସଂଘର୍ଷର ପଥରେ ଚାଲୁଥିବା ବ୍ୟକ୍ତିକୁ ସୁଫଳର ଅଧିକାରୀ କରି ଜୀବନକୁ କରିଥାଏ ମୂର୍ତ୍ତିମନ୍ତ। ଏହିପରି ଭାବେ ଅନେକ ପିଲା ନିରାଶାର ପଥରେ ଅଗ୍ରଗାମୀ ହୋଇ ଜୀବନ ହାରିବାକୁ ପଛଘୁଞ୍ଚା ଦେଉନାହାଁନ୍ତି, ଯାହା ଏକ ଦୁଃଖଦାୟକ ବିଷୟ।

ସଂଘର୍ଷମୟ ଜୀବନକୁ ନେଇ ପଦେ –

"ଜୀବନ ହେଉଛି ସଂଘର୍ଷମୟ
କେତେଯେ ଥାଏ କଷ୍ଟ ଯନ୍ତ୍ରଣା
ଦୁଃଖ କଷ୍ଟ ସହି ଆଗକୁ ଯେ ବଢେ
ଲକ୍ଷ୍ୟ ହୋଇଥାଏ ଆପଣା।"

ଜୀବନର ମାନବିକ ମୂଲ୍ୟବୋଧକୁ ବିସ୍ତାର କରିବାରେ ଆଉ ଏକ ପଥ ପ୍ରଦର୍ଶନ କରିଥାଏ 'ସଂଘର୍ଷ'। ଏବଂ ମନେ ରଖିବାକୁ ହେବ କି ଜଗତରେ ଅନ୍ତର୍ନିହିତ ଥିବା ସମସ୍ତ କର୍ମପଥରେ ସଂଶ୍ଳିଷ୍ଟ ହୋଇ ରହିଥାଏ 'ସଂଘର୍ଷ'।

ଏକ ସତ୍ୟାସତ୍ୟ କଥାବସ୍ତୁ ଉପରେ ପର୍ଯ୍ୟବେସିତ ଏକ ଘଟଣା ହେଉଛି ଶୋହଳ ବର୍ଷ ପିଲାର କୋହଭରା ସଂଘର୍ଷ। ଯାହାକୁ ଶୁଣିଲା ମାତ୍ରେ ଛାତି ହୋଇଯାଏ ସ୍ତବ୍ଧ। ସତରେ ଭଗବାନ ଏହି ଲୀଳାମୟ ଜଗତରେ ସମସ୍ତଙ୍କୁ ଜନ୍ମ ଦେଇଛନ୍ତି। କିନ୍ତୁ କାହାକୁ କେଉଁ ଲକ୍ଷ୍ୟ ଦେଇ ପୃଥିବୀକୁ ପଠାଇଛନ୍ତି ତାହା କହିବା ଅମୂଳକ ସଙ୍ଗତ। ପ୍ରକୃତିର କୋଳରେ ଜନ୍ମିଛି ଓ ଭୂମାତାର ପଣତକାନିରେ ଖେଳିଛି। ଯିଏ ଜୀବନର ପ୍ରତିଟି ମୁହୂର୍ତ୍ତକୁ ତିଳତିଳ ଉପଭୋଗ କରି କେତେଯେ ଦେଖିଛି ଆଶାପୂର୍ଣ୍ଣ ସ୍ୱପ୍ନ। ଯାହାଦ୍ୱାରା ମନରେ ସୃଷ୍ଟି ହୋଇଛି ଅନେକ ଉତ୍କଣ୍ଠା। ଯୌବନର ବୟସରେ ପଦାର୍ପଣ କରି ଅନେକ ପାଇଛି କଷ୍ଟ ଓ

ISSN NO.
2582-208X

ବିଷାଦମୟ ଯନ୍ତ୍ରଣା। ଯେଉଁ ଯନ୍ତ୍ରଣା ତାକୁ ପାଲଟେଇ ଦେଇଛି ଆତ୍ମହରା ବିହୀନ ଜ୍ୱାଳାମୁଖି। ଜୀବନରେ ଉନ୍ନତିର ପଥରେ ଅଗ୍ରସର ହେବା ନିମନ୍ତେ ଅନେକ ସମୟ ଧରି ଧୈର୍ଯ୍ୟ ରଖିବା ସହ ପ୍ରଚୁର ମାତ୍ରାରେ କରିଛି ସଂଘର୍ଷ। ତାହା ଜୀବନରେ ସଂଘର୍ଷର ରୂପ କେତେ ସମୟ ଧରି ପରିବ୍ୟାପ୍ତ ରହିବ ତାହା ସ୍ୱଂୟ ଭଗବାନଙ୍କୁ ଜଣା।

ଆଜିର ସମୟରେ ଅନେକ ଏମିତି ଲୋକ ଅଛନ୍ତି ଯେଉଁମାନେ ଭଗବାନଙ୍କୁ ବିଶ୍ୱାସ ନ କରି ନିଜ ଭାଗ୍ୟ ଉପରେ ବିଶ୍ୱାସ କରିଥାନ୍ତି। ଏବଂ ଭଗବାନ ଏ ଦୁନିଆରେ ନାହାନ୍ତି ବୋଲି କହିଥାନ୍ତି। କିନ୍ତୁ ମନେ ରଖିବାକୁ ହେବ ଯେ ଭଗବାନ ଅଛନ୍ତି ଓ ସେ ଆମ ଚତୁପାର୍ଶ୍ୱରେ ସର୍ବତ୍ର ବିରାଜିତ।

ସମୟର ଦୋଛକିରେ ପିଲାଟି ଜନ୍ମ ହେବାର କିଛି ସମୟ ପୂର୍ବରୁ ପିତା ଇହଧାମ ତ୍ୟାଗ କରିଥିଲେ। ଯାହା ଫଳରେ ପରିବାର ମଧ୍ୟେ ଦେଖା ଦେଇଥିଲା ଘୋର ଅନ୍ଧକାର। ପିଲାଟି ପରବର୍ତ୍ତୀ ମୁହୂର୍ତ୍ତରେ କୈଶୋର ଅବସ୍ଥାରୁ ଯୌବନ ଅବସ୍ଥାକୁ ପଦାର୍ପଣ କରିବା ପରେ ପରିବାର କଣ, ଦୁଃଖକଷ୍ଟ କଣ, ପରିଶ୍ରମ କଣ ଏବଂ ଶେଷରେ ସଂଘର୍ଷ କଣ ବୁଝିବା ପରେ ସମାଜକୁ ନିରୀକ୍ଷଣ କରି ସାଉଁଟି ପାରିଥିଲା ଅନେକ ସ୍ମୃତି। ପରେ ତା ଜୀବନର ମୋଡ ପାଲଟିଥିଲା ସଂଘର୍ଷ ଦାୟକ ପରୀକ୍ଷା। ଯେଉଁଥିରେ ଦେଖିଥିବା ସେ ଅନେକ ସ୍ୱପ୍ନ କାନ୍ଥର ପଟଚିତ୍ର ଭାବେ ଆଙ୍କି ହୋଇଯାଇଥିଲା ହୃଦୟର କେଉଁ ଏକ କୋଣରେ। ଅନେକ ପାଇଛି ଯନ୍ତ୍ରଣା ଓ ଅନେକ ଅଭୁଲା ସ୍ୱପ୍ନକୁ ଛିନ୍ନ କରିଦେଇଛି ତା ଜୀବନ ମଧ୍ୟରୁ। ଜଞ୍ଜାଳମୟ ଜୀବନକୁ ନେଇ ବେଶ୍ ଆନନ୍ଦରେ ଜୀବନ ଅତିବାହିତ କରୁଥିଲା। ପରିପୂର୍ଣ୍ଣ ଭାବେ ଶିକ୍ଷାଲାଭ କରି ଉନ୍ନତିର ପଥରେ ଅଗ୍ରଗାମୀ ହୋଇ ଜୀବନରେ ଥିବା ଆଶାଭରା ସ୍ୱପ୍ନକୁ ସାକାର କରିବାରେ ଆଉ ଏକ ପାଦ ଥାପି ଅତିକ୍ରମ କରିପାରିଥିଲା ସଂଘର୍ଷର ପ୍ରଥମ ପାହାଚକୁ । ପରିବାର ଠାରୁ ନିଜକୁ ଦୂରେଇ ରଖି ନିଜକୁ ଏପରି ଭାବେ ଗଢିତୋଳି ଆଗଭର ହୋଇଥିଲା ଯେପରି ସମୟର ଡୋର ତାହା ହାତ ମୁଠାରେ ବର୍ତ୍ତି ପଡ଼ିବ। ପିଲାଟି ପରିଶ୍ରମ କରିବା ସହ ଈଶ୍ୱର ବିଶ୍ୱାସୀ ମଧ୍ୟ ଥିଲା। ଯେଉଁଥିପାଇଁ ତା ମନରେ ସୃଷ୍ଟି ହୋଇପାରିନଥିଲା ସମାଜର ସକାରାତ୍ମକ ଚିନ୍ତାଧାରା। ସତରେ ତା ଜୀବନରେ ଅନେକ ଦୁଃଖ କଷ୍ଟ ଓ ଯନ୍ତ୍ରଣାକୁ ସହ୍ୟ କରିବାର ଶକ୍ତି ପ୍ରଚୁର ମାତ୍ରାରେ ଭରି ଦେଇଥିଲେ ଭଗବାନ।

ISSN NO.
2582-208X

ପହିଲିର ସକାଳ କିରଣ ଦିନେ ଏପରି ଭାବେ ରୂପ ନେବ ଯେଉଁଠାରୁ ଆରମ୍ଭ ହେବ ସଫଳତାର ଉଚ୍ଚାଙ୍ଗ ସିଢ଼ୀ। ଏବଂ ଜୀବନର ଆଉ ଏକ ନୂତନ ଦିଶା ଅଭିମୁଖେ ସେ ହୋଇବ ଅଗ୍ରସର। ଜୀବନର ପ୍ରତିଟି ମୁହୂର୍ତ୍ତକୁ ଏକା ଭାବି ମଧ୍ୟ ସେ କେବେ ନିଜକୁ ଏକା ବୋଲି ଭାବିନଥିଲା। କାହିଁକିନା ତାର ପ୍ରତିଟି ଶିରା ମାନଙ୍କରେ ଇଶ୍ୱରଙ୍କ ପ୍ରତି ଭରି ରହିଥିଲା ପ୍ରଗାଢ ଭକ୍ତି। ଭଗବାନଙ୍କ ଦୟାରୁ ସେ ଉନ୍ନତିର ପଥରେ ଅଗ୍ରସର ହେଲା ଏବଂ ଜୀବନକୁ ଏକ ନୂତନ ଆଶାର ସଂଚାର ନେଇ ରୂପାୟିତ କରିଥିଲା ଆଶଭରା ସ୍ୱପ୍ନ। ସେ ଏହିପରି ଅନେକ ସ୍ୱପ୍ନ ଦେଖିଛି କିନ୍ତୁ ତାହା ସବୁ ଜୀବନର ଏକ ପ୍ରଶ୍ନବାଚୀ ସାଜି ହୋଇ ରହିଯାଇଛି।

ସତରେ ଅଧା ରହିଯାଇଥିବା ସେ ସବୁ ସ୍ୱପ୍ନ ତାର କଣ ପୂରଣ ହେବ। ନା ସର୍ବଦା ଏକ ପ୍ରାଚୀରର ଲେପ ଭଳି ଛାଟି ହୋଇ ରହିଯିବ ଜୀବନର ଶେଷ ସମୟ ପର୍ଯ୍ୟନ୍ତ।

(ପ୍ରଥମଭାଗ )

ଗବେଷକ
ଭାଷା ଓ ସାହିତ୍ୟ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ
ବାଲେଶ୍ୱର, ପିନ୍ - ୭୫୬୦୧୯

ISSN NO.
2582-208X

# ପରୀକ୍ଷା

ପୁଷ୍ପପ୍ରିୟା ମହାଲିକ

ଜୀବନର ଏକ ଭୀଷଣ ମୁହୂର୍ତ୍ତ ଘମାଘୋଟ ଲଢେଇ ଭିତରେ
ଆଖି ତ୍ରିକୋଣ ର ସାରଗ୍ରତା,
ପଲକ ଝପିଲେ ଯେଉଁଭଳି ଛଞ୍ଚାଣ ମାଡିବସେ
ଛୋଟ ପକ୍ଷୀ ସାବକକୁ ।
ଠିକ୍ ସେହିପରି......
ପରୀକ୍ଷାର୍ଥୀ ମାନଙ୍କ ମନରେ ଚଳଚଞ୍ଚଳତା,
କିଏ ଏ ପରୀକ୍ଷା ସୃଷ୍ଟି କଲା?
ଆଉ ପରୀକ୍ଷା ଦେବା କଣ ଲାଗି
ସବୁ ଯୁଗରେ ପରୀକ୍ଷା ସବୁଥିରେ ପରୀକ୍ଷା
କଣ ମିଳୁଛି ଏଥିରୁ ......
ଖାଲି ତାଡନା, କଷ୍ଟ, ଯନ୍ତ୍ରଣା, ଦୁଃଖ ଓ ଅସହ୍ୟ ବେଦନା
ମା କୁହନ୍ତି ଏ ଗୋଟେ ପରୀକ୍ଷା ଦେଇ ଦେ
ତା ପରେ ଆଉ କିଛି କହିବିନି,
ବାପା କୁହନ୍ତି ଆରେ ଏତେ କଷ୍ଟ କଣ ପାଇଁ କରୁଛି
ତୁ ଟିକେ ପାଠ ପଢି ମଣିଷ ହେଇଯା ।
କିନ୍ତୁ,
ଭାବିଲ ଥରେ ସେ କଣ ଆମକୁ ଛାଡି ଯାଏ.....
ହୃଦୟର ତାଡନା, ଉଦବେଳନା ଅନ୍ୟଠୁ ଠିକ୍ ବୋଲି
ପ୍ରମାଣିତ କେତେ କଣ ଆସେ
ସେ ପରୀକ୍ଷା ଭିତରେ?

ISSN NO.
2582-208X

ପୁଣି ଦେଖତ !
ମାତା ସୀତା ଦେଲେ ପରୀକ୍ଷା ଦୋଷ ନଥାଇ,
ଦ୍ରୌପଦୀ ଦେଲେ ବି ପରୀକ୍ଷା ଦୋଷ ନଥାଏ,
ଏମିତି କେତେ ଯେ ଆମ ଭଳି ପରୀକ୍ଷାର୍ଥୀ ଦେବାକୁ
ଦେଇଛନ୍ତି ଏ ପରୀକ୍ଷା ।
ସେଥିରେ ପୁଣି କିଏ ଜିତି ଯାଇଛି ତ
ପୁଣି କିଏ ହାରି ଯାଇଛି,
ସେ କିନ୍ତୁ,
ଅନବରତ ଚାଲିଛି ପରୀକ୍ଷା ହେବ ତାର ବନ୍ଦ ନାହିଁ ।
ଅସହାୟତାର ଚରମ ସୀମାରେ ପହଞ୍ଚାଇ ଦିଏ ସେ
ଲାଗେ ଯେମିତି ଜୀବନ ସରିଗଲା କି ଏଠି,
ସଭିଙ୍କୁ ଦେଖିଲେ ଲାଗେ ଏ ପରୀକ୍ଷା ଦବାଟା ଯେ
କେତେ ବଡ ଦୁଃସହ କାର୍ଯ୍ୟ ।
କାହିଁକି ଦେବାକୁ ହୁଏ ଏ ପରୀକ୍ଷା.......
ଆଉ ଏତେ ଡାର ସତେ ଯେମିତି,
ରାଜାଙ୍କ ପାଖରୁ ମୃତ୍ୟୁ ଦଣ୍ଡର ପରିପ୍ରକାଶ ଘଟିବ
ତଥାପି ପରୀକ୍ଷା ବନ୍ଦ ନାହିଁ, ସେ ଚାଲିବ .......

ଓଡିଆ ଅଧ୍ୟାପିକା

ISSN NO.
2582-208X

# ଶିକ୍ଷା ହିଁ ଜୀବନ



ଡକ୍ଟର ପ୍ରଦୀପ କୁମାର ପଣ୍ଡା

ଭଗବାନଙ୍କ ସୃଷ୍ଟି କି ସୁନ୍ଦର, କି ମଧୁମୟ, କି ଅମୃତ ମୟ । ତାଙ୍କ ସୃଷ୍ଟିରେ ସୁନ୍ଦରତମ ଓ ଶ୍ରେଷ୍ଠତମ ସୃଷ୍ଟି ହେଉଛି ମଣିଷ । ତାଙ୍କ ସୁଶୋଭିତ ସୌରଭିତ ପୁଷ୍ପ ଉଦ୍ୟାନରେ ମଣିଷ ହେଉଛି ଏକ ସୁଷମା ବିମଣ୍ଡିତ ପୁଷ୍ପ । ଭଗବାନ ତା ଦେହରେ ଜ୍ୟୋତି, କାନ୍ତି ଓ ସୁବାଷ ଭରି ଦେଇଛନ୍ତି । ତାଙ୍କ ସୃଷ୍ଟିରେ ଅନ୍ୟ ଅନ୍ୟାନ୍ୟ ପୁଷ୍ପ ଠାରୁ ମଣିଷକୁ ଅତି ଯତ୍ନରେ, ଅତି ସୁନ୍ଦର ଓ ମଧୁମୟ କରି ଗଢ଼ିଛନ୍ତି । ତା'ର ହୃଦୟକୁ ଜ୍ଞାନ, ବୁଦ୍ଧି ଓ ବିବେକରେ ପରିପୂର୍ଣ୍ଣ କରିଛନ୍ତି । ଏହାର ପ୍ରଭାବରେ ମଣିଷ ସମଗ୍ର ଜୀବଜଗତରେ ଆଧିପତ୍ୟ ବିସ୍ତାର କରିପାରିଛି । ବିଜ୍ଞାନ ବଳରେ ଇଚ୍ଛା ମାତ୍ରକେ ଅସାଧ୍ୟ ସାଧନ କରିବାକୁ କ୍ଷମତା ହାସଲ କରିଛି । ମଣିଷର ଏସବୁ ପଛରେ ଶିକ୍ଷାର ଅବଦାନ ନିହିତ ।

ଶିକ୍ଷା ବିଦ୍ୟାଳୟର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ନୁହେଁ । ଶିକ୍ଷା ହେଉଛି ଏକ ଜୀବନ ବ୍ୟାପି ଗୋଟିଏ ପ୍ରକ୍ରିୟା । ମଣିଷର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତା'ର ଆଚାର, ବ୍ୟବାହାର, ଚାଲିଚଳନ, ଚିନ୍ତା ଚେତନାରେ ପରିବର୍ତ୍ତନ ଆଣି ତାକୁ ସମାଜରେ ଏକ ସଭ୍ୟ, ସୁଶୃଙ୍ଖଳିତ ଓ ଉତ୍ତମ ଜ୍ଞାନ ବୁଦ୍ଧି ସମ୍ପର୍ଣ୍ଣ ବ୍ୟକ୍ତି ରୂପେ ଗଢି ତୋଳେ । ଦେଖିବାକୁ ଗଲେ ମାତୃଗର୍ଭରୁ ଶିକ୍ଷା ଆରମ୍ଭ ହୋଇ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମଣିଷର ଶିକ୍ଷା ଗ୍ରହଣ ଅବ୍ୟାହତ ରହିଥାଏ । ମହାଭାରତର ଅଭିମନ୍ୟୁ କାହାଣୀ ଏହାର ଜଳନ୍ତ ଉଦାହରଣ । ବିଦ୍ୟାଳୟରେ ଶିକ୍ଷା ହେଉଛି ଗୋଟିଏ ସଂକୀର୍ଣ୍ଣ ଶିକ୍ଷାଧାରା । ଏହା ସଂପୂର୍ଣ୍ଣ ଶିକ୍ଷା ନୁହେଁ । ଏଥିରେ ଶିଶୁର ନିଜସ୍ୱ ଲୁକ୍କାୟିତ ପ୍ରତିଭା ବା ଶକ୍ତି ସାମର୍ଥ ବିକାଶଧାରା ବାଧାପ୍ରାପ୍ତ ହୋଇଥାଏ । ବିଦ୍ୟାର୍ଥୀମାନେ ପ୍ରକୃତ/ ସଂପୂର୍ଣ୍ଣ ଶିକ୍ଷାରୁ ବଞ୍ଚିତ ହୋଇଥାନ୍ତି । ଏହାଦ୍ୱାରା

ISSN NO.
2582-208X

ସେମାନେ ସ୍ୱାଧୀନ, ସମାଲୋଚନା ଓ ତାତ୍ତ୍ୱିକ ଅନୁସନ୍ଧାନର ସବିଶେଷ ସୁବିଧା ପାଆନ୍ତି ନାହିଁ । କିଛି ପାଠ/ଅକ୍ଷର ଶିକ୍ଷା କରି ସାକ୍ଷର ହୋଇଗଲେ ତାକୁ ଶିକ୍ଷା ବୋଲି ଗ୍ରହଣ କରାଯାଇ ପାରିବ ନାହିଁ । କାରଣ ସାକ୍ଷର ଶିକ୍ଷାର ପଦବାଚ୍ୟ ନୁହେଁ । ଆମର ଜାତିର ପିତା ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି Literacy is no education । ଇତିହାସ ପୃଷ୍ଠା ଓଲଟାଇଲେ ଦେଖିବାକୁ ମିଳେ ବାବର, ଆକବର ଆଦି ସମ୍ରାଟମାନେ ଏହି କଥାକଥିତ ସୀମିତ ଶିକ୍ଷାରେ ସାକ୍ଷର ନ ଥିଲେ ମଧ୍ୟ ତାଙ୍କ ଯୋଗ୍ୟତାର ପ୍ରମାଣପତ୍ର ନ ଥିଲେ ମଧ୍ୟ ନିଜର ବୁଦ୍ଧିମତା ଓ କର୍ମଜ୍ଞାନ ଦ୍ୱାରା ଇତିହାସରେ ଅମର ହୋଇ ରହିଛନ୍ତି । ଶିକ୍ଷା କୌଣସି ନିର୍ଦ୍ଦିଷ୍ଟ କାଳପାତ୍ର ବା ପରିବେଷ୍ଟନୀ ସୀମା ସରହଦ ଭିତରେ ସୀମିତ ନୁହେଁ । ବିଦ୍ୟାଳୟ /ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ପ୍ରମାଣପତ୍ର ଏହାର ମାପକାଠି ନୁହେଁ । ଅନନ୍ତ ବିଶ୍ୱର ବିଶାଳ ପରିସର ମଣିଷର ଶିକ୍ଷାକ୍ଷେତ୍ର । ଜୀବନର ପ୍ରଭାତରୁ ଜୀବନର ଅନ୍ତିମ ସନ୍ଧ୍ୟା ପର୍ଯ୍ୟନ୍ତ ମଣିଷର ଶିକ୍ଷା ଗ୍ରହଣର ସମୟ । ମଣିଷ ଜୀବନର ପ୍ରାରମ୍ଭରୁ ଧୂଳି ଖେଳଠୁ ଆରମ୍ଭ କରି ବୈବାହିକ ଜୀବନ ଯାପନ, ଗୃହ ସଂସାର ପରିଚାଳନା, ଜ୍ଞାତି କୁଟୁମ୍ବ ସହିତ ବନ୍ଧୁତ୍ୱ, ଆଲାପ ଆଲୋଚନା ତଥା ସାମାଜିକ ଧର୍ମ, କର୍ମ ଆଦି ଯାବତୀୟ କାର୍ଯ୍ୟ କଳାପର ସଂହତି ପୂର୍ଣ୍ଣ ସୁପରିଚାଳନା ଶିକ୍ଷା ମାଧ୍ୟମରେ ହିଁ ସମ୍ଭବ ହୋଇପାରିଥାଏ । ଉଦ୍ଧବଙ୍କ ଚବିଶ ଗୁରୁ କଲା ପରି ଆଜିର ଜ୍ଞାନ ବିଜ୍ଞାନ ଦୁନିଆରେ ବିଭିନ୍ନ ବ୍ୟକ୍ତି ଓ ବିଭିନ୍ନ ଉପାଦାନ ତାର ଶିକ୍ଷାର ମାଧ୍ୟମ ଓ ଶିକ୍ଷାଦାତା ରୂପେ କାମ କରିଥାନ୍ତି। ଆଜିର ବୈଷୟିକ ବିଜ୍ଞାନର ବିଶେଷ ଉନ୍ନତି ହେତୁ ସେ ଦୂରଦର୍ଶନରେ, ରେଡିଓ, ମୋବାଇଲ, ବିଭିନ୍ନ ବହିପତ୍ର ବ୍ୟବହାର କରି ଅନେକ କିଛି ଶିକ୍ଷା ଲାଭ କରିଥାଏ । ବିଦ୍ୟାଳୟ ଚାରିକାନ୍ଥ ମଧ୍ୟରେ ଶିକ୍ଷା ହେଉଛି ଛାତ୍ରର ଔପଚାରିକ ଶିକ୍ଷା । ଏହା ବାହାରେ ଅନୌପଚାରିକ ଭାବେ ପରିବେଶରୁ ସମାଜରୁ ନିଜର ଅଭିଜ୍ଞତାରୁ ସେ ଅନେକ କିଛି ଶିକ୍ଷା ଲାଭ କରିଥାଏ। ଜଣେ ମଣିଷ ଯେତେ ପର୍ଯ୍ୟନ୍ତ ନିଜର ଅନ୍ତର ଭିତରେ ମାନବିକତାର ସଦଗୁଣାବଳୀ ଦୟା, କ୍ଷମା, ସ୍ନେହ, ଶ୍ରଦ୍ଧା, ପ୍ରେମ, ତ୍ୟାଗ, ସେବା, ବିଶ୍ୱ ପ୍ରେମ, ବିଶ୍ୱ ଭ୍ରାତୃତ୍ୱର ବିକାଶ କରେ ନାହିଁ ସେ ପର୍ଯ୍ୟନ୍ତ ସେ ପ୍ରକୃତ ମଣିଷ ପଦବାଚ୍ୟ ନୁହେଁ । ମଣିଷ ଜୀବନରେ ଶିକ୍ଷା ହିଁ ଏହି ସଦଗୁଣାବଳୀର ବିକାଶ କରି ସାର୍ଥକତା ଆଣି ଦେଇପାରେ । ତେଣୁ ଶିକ୍ଷା ହେଉଛି ଦେବଦୁର୍ଲ୍ଲଭ ଶକ୍ତିର ବିକାଶର ଉତ୍ସ । ସାରା ବିଶ୍ୱକୁ କରାଗତ କରିପାରୁଥିବା ସମ୍ମୋହନ ଶକ୍ତି । ଶିକ୍ଷା ହେଉଛି ସର୍ବ ରୋଗର ମହୌଷଧି । ଏହି ଦୃଷ୍ଟିରୁ ଦେଖିଲେ ଜୀବନ ଓ ଶିକ୍ଷା ପରସ୍ପରର ପରିପୂରକ । ବିସ୍ତାର ବା ବ୍ୟାପକ ଅର୍ଥରେ ଜୀବନ ହିଁ ଶିକ୍ଷା ଓ ଶିକ୍ଷା ହିଁ

ISSN NO.
2582-208X

ଜୀବନ । ମଣିଷ ଜୀବନ ସମସ୍ୟା ବହୁଳ । ମଣିଷକୁ ଏ ସମସ୍ୟାରୁ ସମାଧାନ ସୂତ୍ର ବାହାର କରି ମୁକ୍ତି ପ୍ରଦାନର କୌଶଳ ଶିକ୍ଷା ହିଁ ପ୍ରଦାନ କରିଥାଏ । ଶିକ୍ଷା ଦ୍ୱାରା ତା'ର ପଶୁ ପ୍ରବୃତ୍ତି ରୂପାନ୍ତର ଘଟି ସେ ଉତ୍ତମ ଚରିତ୍ର, ମଧୁର ଆଚରଣ ଓ ଆଦର୍ଶ ମାନବ ରୂପେ ଦେଶ, ଜାତି ଓ ମାନବ ସମାଜର ସ୍ନେହ ଶ୍ରଦ୍ଧା ଭାଜନ ତଥା କଲ୍ୟାଣକାରୀ ହୋଇଥାଏ । ଜଣେ ଶିକ୍ଷାର ପ୍ରଭାବରେ ଶିକ୍ଷିତ ହେଲେ ଦେଶବିଦେଶର ଯେକୌଣସି ପରିବେଶ ପରିସ୍ଥିତିରେ ସୁନ୍ଦର ଭାବରେ ଚଳି ନିଜର ଜୀବନ ଯାତ୍ରାକୁ ବିଜୟଶ୍ରୀ ବିମଣ୍ଡିତ କରିଥାଏ। ଆକାଶରେ ଅଗଣିତ ତାରା ଥିଲେ ମଧ୍ୟ ଚନ୍ଦ୍ର ଯେପରି ନିଜର ଜ୍ୟୋସ୍ନା ଦ୍ୱାରା ଘନ ଅନ୍ଧକାର ଦୂର କରିଥାନ୍ତି, ସେହି ପରି ଜଣେ ମାତ୍ର ଶିକ୍ଷିତ ସତ୍ ପୁତ୍ର ଦ୍ୱାରା କୁଳଗୌତ୍ର ଉଜ୍ଜ୍ୱଳ ହୋଇଥାଏ । ଆମର ଶିକ୍ଷାଦାତା ଆମକୁ ବାରମ୍ବାର କହନ୍ତି ବିଦ୍ୱାନ ବ୍ୟକ୍ତି ବିନମ୍ର ହୋଇଥାନ୍ତି । ଏହାଦ୍ୱାରା ଆମର ଉଚ୍ଛୃଙ୍ଖଳାକୁ ନିରୁତ୍ସାହିତ କରି ସୁଶୃଙ୍ଖଳାକୁ ବିକଶିତ କରିଥାନ୍ତି । ଏହା ହେଉଛି ସୁଶିକ୍ଷାର ପରିଣତି ।କେବଳ ଶିକ୍ଷା ଏତିକିରେ ସୀମିତ ନୁହେଁ, ପରନ୍ତୁ ଏହା ମଣିଷକୁ ଇହକାଳରେ ଧର୍ମ, ଅର୍ଥ, କାମ ପ୍ରଦାନ ସହିତ ଆତ୍ମ ସାକ୍ଷାତକାର କରାଇ ଅନ୍ତିମ ସମୟରେ ମୁକ୍ତିଲାଭର ପଥ ପ୍ରଦର୍ଶକ ସାଜି ମୋକ୍ଷ ପ୍ରଦାନର ପଥ ଦେଖାଯାଏ ।

ଶେଷରେ ଏତିକି କହିବାର ଆବଶ୍ୟକ ଯେ ଜଣେ ଶିକ୍ଷାଲାଭ କରି ଉଚ୍ଚ ଶିକ୍ଷିତ ହୋଇଗଲେ କି ଉଚ୍ଚ ପଦପଦବୀରେ ଅବସ୍ଥିତ ହେଲେ ମହାନ ହୁଏନାହିଁ କି ଜୀବନ ସାର୍ଥକ ହୁଏ ନାହିଁ। ଏଥି ପାଇଁ ଆମ ଭିତରେ ଥିବା ମାନବିକ ସୁଗୁଣଗୁଡ଼ିକର ବିକାଶ କରିବାର ଆବଶ୍ୟକତା ରହିଛି । ଆଜିର ସମାଜ ଶିକ୍ଷା ଲାଭ କରି ଚନ୍ଦ୍ରରେ ପଦାର୍ପଣ କରିଛି । କିନ୍ତୁ ନୈତିକ ଶିକ୍ଷା ଭଳି ମାନବିକ ସୁଗୁଣର ବିକାଶ ଅଭାବରୁ ବିଭିନ୍ନ ଅସାମାଜିକ ଆସୁରିକ କାର୍ଯ୍ୟ କଳାପ ବୃଦ୍ଧି ପାଇ ଦେଶ ଓ ଦଶର ପ୍ରଭୁତି କ୍ଷତି ସାଧନ କରୁଛି । ତେଣୁ ଆମେ ବିଶ୍ୱର କଲ୍ୟାଣ ପାଇଁ ନିଜ ନିଜଠାରେ ମାନବିକ ସୁଗୁଣ ବିକାଶ କରି ନମ୍ର ହେବା ସହିତ ପିତାମାତା ଗୁରୁଜନ ଶିକ୍ଷକ ଯାହାଙ୍କ ନିକଟରୁ ଶିକ୍ଷା ଲାଭ କରିଥିବା ତାଙ୍କୁ ସମ୍ମାନ ପ୍ରଦର୍ଶନର ହେଳା କରିବା ନାହିଁ । ଏହା ସହିତ ଯାହାଙ୍କ ନିକଟରୁ ଉପକାର ପାଇଥିବା ତାଙ୍କ ନିକଟରେ କୃତଜ୍ଞ ରହିବା । ନିଜେ ଲାଭ କରିଥିବା ଶିକ୍ଷାର ଉପଯୋଗ କରି ନିଜର ତଥା ଦେଶ ଓ ଦଶର କଲ୍ୟାଣ ପାଇଁ ବ୍ରତୀ ହେବା । ଏହାହିଁ ଜୀବନରେ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ଅଟେ ।

ISSN NO.
2582-208X

ସହାୟକ ସୂଚୀ

୧ ଆଧୁନିକ ଶିକ୍ଷାର ମୌଳିକ ତତ୍ତ୍ୱ - ଭାଗବତ ପ୍ରସାଦ ଲେଙ୍କା - କିତାବ ମହଲ, କଟକ
୨ ଶିକ୍ଷା ଓ ସାମ୍ପ୍ରତିକ ସମାଜ -ବଳକୃଷ୍ଣ କର- ବାଳକୃଷ୍ଣ କର, ସମ୍ବଲପୁର
୩ ଜଣେ ଶିକ୍ଷକଙ୍କୁ ଚିଠି - ଚିତ୍ତରଞ୍ଜନ ଦାସ -ଶିକ୍ଷା ସନ୍ଧାନ, ଭୁବନେଶ୍ୱର
୪ ମୋ ହୃଦୟ ପିଲାଙ୍କ ପାଇଁ - ଭାସିଲି ସୁଖୋମ୍ଲିନ୍ସ୍କି -ଶିକ୍ଷା ସନ୍ଧାନ ଭୁବନେଶ୍ୱର
୫ ପଞ୍ଚମ ଶ୍ରେଣୀ ଶିକ୍ଷାର୍ଥୀଙ୍କ ବ୍ୟାବହାରିକ ଶୃଙ୍ଖଳା ବୃଦ୍ଧି ଉପରେ ଏକ କ୍ରିୟାତ୍ମକ ଗବେଷଣା - ଗବେଷକ ଶ୍ରୀଯୁକ୍ତ ପ୍ରଦୀପ କୁମାର ପଣ୍ଡା - ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସମ୍ବଲପୁର

ନୂଆଁ ବରଙ୍ଗାମାଲ, ସମ୍ବଲପୁର

ISSN NO.
2582-208X

# ଚିରାପୃଷ୍ଠା



କଳ୍ପନା ମହାନ୍ତ

ଚିରାପୃଷ୍ଠାର ଭାବ କେବଳ ତା ପାଇଁ
ଯେ ସେ ପୃଷ୍ଠାର ମୁଖ୍ୟ ବିଷୟବସ୍ତୁ ।
ଚିରାପୃଷ୍ଠାର ରାଗ କେବଳ ତା ପାଇଁ
ଯେ ସେ ପୃଷ୍ଠାର ନାୟକ।
ଚିରାପୃଷ୍ଠା ହେଉଛି ମନର ଭାବ
ଯେଉଁଥିରେ କି ଅଛି ନାୟିକା ମନର ରାଗ ।
ଚିରାପୃଷ୍ଠାର ତ ଅନେକ କାହାଣୀ
ଆରମ୍ଭ ହେଉ ହେଉ ଶେଷ ।
ସେ ଚିରାପୃଷ୍ଠାର ଶେଷ ନାହିଁ କି
ନାହିଁ ତାର ପ୍ରାରମ୍ଭ ।
ତେବେ ମଧ୍ୟ ସେ ଚିରାପୃଷ୍ଠା
ମନୁଷ୍ୟ ଦୁଃର୍ଭାଗ୍ୟର ଏକ ଭାଗ ।
ଚିରାପୃଷ୍ଠା ତ ଚିରାହୋଇଯାଏ
ଚିର ନ ହେବା ପାଇଁ ।
ସେ ଚିରାପୃଷ୍ଠାକୁ ଚିରିହୁଏ ନାହିଁ
ମନରୁ ଚିରଦିନ ପାଇଁ ।

ଅତିଥି ଅଧ୍ୟାପିକା
ରାଉରକେଲା, ଓଡ଼ିଶା

ISSN NO.
2582-208X

# ଥିଲି ଝିଅ
# ହେଲି ବୋହୂ



ଖୁକୁନ ସାହୁ

ଥିଲି ଝିଅ ହେଲି ବୋହୂ
ପରିଚୟ ବଦଳିଲା,
ଘର ଲୋକ ପରିବେଶ
ସବୁ କିଛି ନୂଆ ହେଲା।।

ଟିକିଲିକୁ ଥୋଇ ଦେଇ
ନାଇଲି ମୁଁ ସିନ୍ଦୂର
ଶାଶୁଘର ଆପଣେଇ
ପର କଲି ବାପ ଘର।।

କାଲି ଯାଏ ବୁଲୁ ଥିଲି
ଥିଲି ମୁଁ ଯେ ସ୍ୱାଧୀନ
ପରିସ୍ଥିତି ବଦଳିଲା
ଦେଲା ଗୋଟେ ବନ୍ଧନ।।

ଅଳି ଆଉ ଅର୍ଦ୍ଦଳିକୁ
ଗଣ୍ଠିଲି ରେ ଥୋଇ
ସବୁ ସ୍ମୃତି ପୂର୍ବ କଥା
ମନୁ ଭୁଲି ଯାଇ।

ISSN NO.
2582-208X

ଭୁଲି ଗଲି ବାପ ଘର
ଖେଳ ଯେତେ ମୋର
ଅଚିହ୍ନା ଲୋକ ମାନଙ୍କୁ
କହିଲି ମୁଁ ନିଜର।।

ଶଙ୍ଖା ଆଉ ସିନ୍ଦୂର ମୋ
ଭାଗ୍ୟ ଲେଖି ଦେଲା
ଝିଅ ଜୀବନଟା ମୋର
ଭିନ୍ନ ମୋଡ଼ ନେଲା।।

ଇଶ୍ୱରଙ୍କୁ ଡାକେ ଆଜି
ପ୍ରଭୁ ତୁମ ଇଚ୍ଛା ଯାହା,
ସଂସାର ମୋ ତୁମ ହାତେ
ଏକା ତୁମେ ମୋର ସାହା।।

କନ୍ଦରପୁର, ଆଠଗଡ଼,କଟକ

ISSN NO.
2582-208X

# ଭାଗଶେଷ



ମଧୁସ୍ମିତା ପ୍ରିୟଦର୍ଶିନୀ

ଆସ ବାକିତକ ଆୟୁଷକୁ ସମର୍ପିବା
ନିଜସ୍ୱ ପରିଧି ମଧ୍ୟରେ।
ବାଣ୍ଟିନେବା ବଳକା ଜୀବନ
ବିଚ୍ଛେଦ ଠାରୁ ବିଭେଦ ଯେ ନିଷ୍ଠୁର ବାସ୍ତବ
ଭାଗଶେଷ ବୋଲି ଯାହା
ଚିହ୍ନିବା ଶେଷରେ।

ସାଉଁଟିବା ସବୁତକ ଅତୀତ
ଫିଙ୍ଗିଦବା ସବୁତକ ଲାଞ୍ଛନା-ଈର୍ଷା-ଅସୂୟା
ଅବେଗକୁ ଥୋଇବା ପୂର୍ବପରି
ନିଷିଦ୍ଧ ଇଲକାର କୋଠରୀରେ
ସମ୍ପର୍କର ଦୁଆର ବନ୍ଧରେ ଦେବା ଶିକୁଳି
ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ।

ସବୁତକ ସ୍ମୃତିର ଚିଜମାନ
ସମାଧି ଦେବା ଆପଣା ଭିତରେ
ତିଆରିବା ନୂଆ ଇଲକାଟେ
ଯେଉଁଠି ତୁମେ କେବଳ ତୁମେ
ଆଉ ମୁଁ ବି ଠିକ୍ ତମ ପରି ମୋରି ଭିତରେ

ISSN NO.
2582-208X

ଯେଉଁଠି ବସ୍ତ୍ରରୁଦ୍ଧ ହେଉଥିବ କଣ୍ଠ
ଯେଉଁଠି ନିଷ୍କମ୍ପ ଥିବ ହୃଦୟ
ଯେଉଁ ପିଣ୍ଡଟିଏ ଦେହ ନାମ ବହିଥିବ ଖାଲି
ମୁଁ ହୋଇ, ତୁମେ ହୋଇ ।

ଆରମ୍ଭ କରିବା ନିଜର ଗନ୍ତବ୍ୟ
ଗାଁ ମୁଣ୍ଡ ନଦୀର ଦୁଇଧାର ପ୍ରାୟ ।
ନିଜ ଭିତରେ ବୁହାଇ ନେଇ ଯାଉଥିବା
ନିନ୍ଦା-ନିରୁତ୍ସାହ-ଘୃଣା ଏପରିକି
ନିଜର ସମସ୍ତ ଅବାସୋଷକୁ
ଭସାଇ ଭସାଇ ।

ଯେଉଁଠି ପରିଣତି ଓ ପରିସମାପ୍ତିର
ଶବଟିଏ ଲୋଡ଼ା ପଡୁଥିବ
କେବଳ ନିଜକୁ ବୋହିବାର
ପ୍ରୟାସ ଯାହା ନିରନ୍ତର ଚାଲୁଥିବ ।

***

ବାରିପଦା

ISSN NO.
2582-208X

# ବନ୍ଧୁ



ପ୍ରଶାନ୍ତ କୁମାର ନାଥ

ଭରସା ବିଶ୍ୱାସ ଯିଏ ଦେଇଥାଏ
ସଂକଟ ବେଳରେ ଆସି
ଦୂରୁ ଦେଖିଦେଲେ ଅନ୍ତର ମଧ୍ୟରୁ
ଦେଇଥାଏ ମୁଖେ ହସି ।

ତ୍ୟାଗ ମନବୃର୍ତ୍ତି ରଖିଥାଏ ବନ୍ଧୁ
ବନ୍ଧୁ ପାଇଁ ବନ୍ଧୁ ମନେ
ବନ୍ଧୁ ପାଇଁ ବନ୍ଧୁ ଶୁଭ ମନାସଇ
ସଂକଳ୍ପ କରି ଜୀବନେ ।

ଦୁଃଖର ପାହାଡ଼ ଭାଙ୍ଗି ପଡେ ଯେବେ
ହାତେ ଟେକି ତାକୁ ରଖେ
ଜଣା ପଡେ ନାହିଁ ଦୁଃଖର ସେ ବାଧା
ବନ୍ଧୁ ଥିଲେ ବନ୍ଧୁ ପାଖେ ।

ସୁଖ ଦୁଃଖ ସବୁ ବାଣ୍ଟି ନେଇ ଥାଏ
ବନ୍ଧୁ ତା'ର ବନ୍ଧୁ ପଣେ
ହାରିବାର ଭୟ ନଥାଏ ମନରେ
ବିଶ୍ୱକୁ ନିଶ୍ଚୟ ଜିଣେ ।

ISSN NO.
2582-208X

ନିଦାଘ କାଳର ମଳୟ ପବନ
ବନ୍ଧୁ ଦେଇ ଥାଏ ଆଣି
କଣ୍ଟକ ପଥରେ ନ ଲାଗଇ କଷ୍ଟ
ଫୁଲ ଦେଉଥାଏ ବୁଣି ।

ବନ୍ଧୁ ଯଦି ହୁଏ ସୁଦୃଢ ବନ୍ଧଟେ
ବିଶ୍ୱାସର ସେତୁ ବନ୍ଧ
ସେ ବନ୍ଧ ଉପରେ ନିର୍ଭୟରେ ଚାଲ
ହୋଇଥାଆ ପଛେ ଅନ୍ଧ ।

(ଜୁଣଗଡି) ରାଜନଗର,କେନ୍ଦ୍ରାପଡ଼ା,
ଦୂରଭାଷ -୮୭୫୮୨୫୨୪୨୬

ISSN NO.
2582-208X

# ଅଭିଶପ୍ତ ରାଜକନ୍ୟା



ତପସ୍ୱିନୀ ରାଉତ

ଚନ୍ଦନପୁର ଗାଁ ରେ ଅନେକ ଧନୀ ଲୋକଙ୍କର ଘର । ସେ ଗାଁ ରେ ଗୋଟିଏ ଚାଳ ଛପର ଝାଟି ମାଟି ଘର ଅଛି, ସେହି ଝାଟି ମାଟି ଘରେ ରାମ ପ୍ରଧାନ, ତା'ର ସ୍ତ୍ରୀ ସୋମା ଏବଂ ଗୋଟିଏ ଅଲି ଅଳି ପାଞ୍ଚବର୍ଷର ଝିଅ ରିମା ରହୁଥାନ୍ତି । ରାମ ପ୍ରଧାନ ଦିନ ମଜୁରିଆ ଦିନେ କାମକୁ ଗଲେ ଆଉ ଦିନେ ନାହିଁ । ଅଧିକାଂଶ ସମୟରେ ଭୋକ ଉପବାସରେ ସମୟ କଟୁଥାଏ, ହେଲେ କିନ୍ତୁ କରିବ କଣ ସଂସାରଟାକୁ ଚଳାଇବାକୁ ପଡ଼ିବା ଏବଂ ରିମାକୁ ପାଠ ପଢ଼ାଇବାକୁ ହେବ । ରିମାର ମଧ୍ୟ ପାଠ ପଢ଼ିବାର ବୟସ ହୋଇଗଲାଣି ।

ଏହିସବୁ କଥାକୁ ନେଇ ରାମ ପ୍ରଧାନ ଭାବୁଥିଲା ବେଳେ ଠିକି ସେତିକି ବେଳେ ରିମା ଆସି ତା'ର ବାପାକୁ କହିଲା ବାପା ମୋର ସାଙ୍ଗମାନେ ସମସ୍ତେ ସ୍କୁଲ ଯାଉଛନ୍ତି । ମୁଁ କ'ଣ ସ୍କୁଲ ଯିବିନି । ରାମ ପ୍ରଧାନ ରିମା କଥା ଶୁଣି ବହୁତ ମନଦୁଃଖ କଲା, ଭାବିଲା ମୋ ପାଖରେ ପଇସା ଥିଲେ ମୁଁ ଏମିତିକା ବଡ଼ ଇଂରାଜୀ ମିଡ଼ିୟମ ସ୍କୁଲରେ ମୋର ଝିଅକୁ ପଢ଼ାଇଥାନ୍ତି, ହେଲେ କରିବି କଣ ମୋର ସେତିକି ସାମର୍ଥ୍ୟ ନାହିଁ । ଏହି ସବୁ କଥା ଭାବି ଝିଅକୁ ବୁଝାଇ ଦେଲା ଝିଅ ତୋର ସ୍କୁଲ ଯିବାର ବୟସ ହୋଇ ନାହିଁ । ଏମିତି ସବୁଦିନ ରିମା ତାର ସାଙ୍ଗ ମାନଙ୍କୁ ସ୍କୁଲ ଯିବାର ଦେଖି ତାର ବାପା କୁ ସବୁଦିନ କହୁଥାଏ, ରାମ ପ୍ରଧାନ ରିମାକୁ ବୁଝାଇଦିଏ ଯେ ତୋର ବୟସ ହୋଇନାହିଁ । ଦିନକର ଘଟଣା ରିମା ସ୍କୁଲ ଯିବା ପାଇଁ ଜିଦି କଲା । ଝିଅର ସ୍କୁଲଯିବା ଜିଦି ଦେଖି ଓ ପାଠ ପଢ଼ିବାର ଇଛା ଶକ୍ତି ଦେଖି ରାମ ପ୍ରଧାନ ଭାବିଲା ଝିଅକୁ କୌଣସି ଗୋଟିଏ ସରକାରୀ ସ୍କୁଲରେ ନାମ ଲେଖାଇଦେବି । ଏହା ଭାବି ଗାଁ ପାଖରେ ଥିବା ସରକାରୀ ସ୍କୁଲରେ ରିମାର ନାମ ଲେଖାଇ ଦେଲା, ରିମା ମଧ୍ୟ ସ୍କୁଲ ଗଲା । ସ୍କୁଲରେ ରିମା ଭଲ ପାଠ ପଢ଼ିଲା ଏବଂ କ୍ଲାସରେ ପ୍ରଥମ ହେଲା । ରିମା ଭଲ ପାଠ ପଢ଼ିବା ସହ ରିମା ଭଲ ଚିତ୍ର ଆଙ୍କୁଥାଏ । ରିମା ଚିତ୍ର ଆଙ୍କିବା ଦେଖି ଦିନେ ସ୍କୁଲ ସାର କହିଲେ

ISSN NO.
2582-208X

ତୋର ଚିତ୍ର ଭଲ ହେଉଛି ଏଣିକି ଆମ ସ୍କୁଲରେ ଚିତ୍ର ଅଙ୍କନ ପ୍ରତିଯୋଗିତାରେ ଭାଗନେବୁ। କିଛିଦିନ ପରେ ସ୍କୁଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚିତ୍ର ଅଙ୍କନ ପ୍ରତିଯୋଗିତା ମଧ୍ୟହେଲା । ଏଥିରେ ରିମା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କାର ପାଇଲା ।

ରିମାର ଭଲ ପାଠ ପଢ଼ିବା ଓ ଚିତ୍ର ଆଙ୍କିବାର ପ୍ରତିଭା ଦେଖି ସ୍କୁଲର ଶିକ୍ଷକ ମାନେ ତାକୁ ଆଗକୁ ପାଠ ପଢ଼ିବାର ସାହାଯ୍ୟ କରିଛନ୍ତି । ରିମା ଶିକ୍ଷକମାନଙ୍କ ସାହାଯ୍ୟରେ ଦଶମ ପର୍ଯ୍ୟନ୍ତ ପାଠ ପଢ଼ିଲା ଏବଂ ଦଶମର ଫାଇନାଲ ପରୀକ୍ଷାରେ ଟପର ମଧ୍ୟ ହେଲା । ରିମା ଦଶମ ପାସ କରିବା ପରେ କଲେଜ ପଢ଼ିବାକୁ ହେଲେ ପଇସା ଦରକାର, ସେଥିପାଇଁ ରିମା ଧନୀ ଲୋକଙ୍କ ଘରେ ଟ୍ୟୁସନ କଲା । ଟ୍ୟୁସନ କରି ଯେତିକି ପଇସା ପାଏ, ସେ ସବୁ ତା'ର ପଢ଼ା ଖର୍ଚ୍ଚରେ ଲଗାଇ ଦିଏ । ଏମିତି କରି କଲେଜ ପଢ଼ା ସାରିଦେଇଛି । କଲେଜ ପଢ଼ା ସରିବା ପରେ ଶିକ୍ଷୟିତ୍ରୀ ହେବା ପାଇଁମନସ୍ଥ କରିଛି । ସମୟକ୍ରମେ ରିମା ଗାଁ ପାଖରେ ଥିବା ପାଟେଳୀ ଗାଁ ର ସ୍କୁଲରେ ଶିକ୍ଷୟିତ୍ରୀଟିଏ ହୋଇଛି। ସେ ଅଞ୍ଚଳର ଥିବା ସ୍କୁଲର ଗରିବ ପିଲାମାନଙ୍କୁ ପାଠ ପଢ଼ାରେ ସାହାଯ୍ୟ କରିବା ସହ ସ୍କୁଲ ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ଦାୟିତ୍ୱ ସହକାରରେ ସମ୍ପାଦନ କରିଥାଏ । ଏଇଭଳି ଦାୟିତ୍ୱ ସମ୍ପୂର୍ଣ୍ଣ କରିବା ଯୋଗୁଁ ସମୟକ୍ରମେ ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ ପରିଗଣିତ ହୋଇଛି । ପାଟେଳୀ ଗାଁରେ ରିମା ଜଣେ ଭଲ ଦାୟିତ୍ୱ ସମ୍ପୂର୍ଣ୍ଣ ଶିକ୍ଷୟିତ୍ରୀ ହୋଇଥିବାରୁ ସେ ଅଞ୍ଚଳର ବଡ଼ ଧନୀ ବ୍ୟକ୍ତି ଆନନ୍ଦ ବାବୁ ରିମାକୁ ବୋହୂ କରିବାକୁ ପ୍ରସ୍ତାବ ରାମ ପ୍ରଧାନଙ୍କୁ ଦେଇଛନ୍ତି। ରାମ ପ୍ରଧାନ ମଧ୍ୟ ଏହି ପ୍ରସ୍ତାବରେ ରାଜି ହୋଇ ରିମାର ବାହାଘର ଆନନ୍ଦ ବାବୁଙ୍କ ପୁଅ ବିନୋଦ ସହ ବାହାଘର କରି ଦେଇଛନ୍ତି । ବାହାଘର ପରେ ରିମାର ଜୀବନରେ ଆସିଲା ଝଡ଼ । ରିମା ଯାହାକୁ ବିବାହ କରିଥିଲା ସେ ଜଣେ ଥିଲେ ସଫ୍ଟୱେର ଇଂଜିନିୟର ଏବଂ ଚରିତ୍ର ହୀନ, ବେଶ୍ୟାଶକ୍ତ, ମଦ୍ୟପ, ଲମ୍ପଟ ପ୍ରଜାତିର । ନିଜ ସ୍ତ୍ରୀ ଥାଇ ଅନ୍ୟ ନାରୀମାନଙ୍କ ସଂସର୍ଗରେ ସମୟ ଅତିବାହିତ କରିବାକୁ ଭଲ ପାଏ । କେଉଁ ବିବାହିତ ନାରୀ ଏସବୁ ସହ୍ୟ କରି ପାରିବ ସତେ ? ରିମା ବହୁତ ଦୁଃଖ କରିଛି ଏବଂ ସ୍ୱାମୀକୁ ଏସବୁରୁ କ୍ଷାନ୍ତ ହେବା ପାଇଁ ଅନୁରୋଧ କରିଛି। ଫଳରେ ତାଙ୍କ ମଧରେ କଳହ ସୃଷ୍ଟି ହୋଇଛି । ବିନୋଦ ରିମାକୁ ମାଡ଼ ମଧ୍ୟ ମାରିଛି, ଏପରିକି ରିମାର ଶାଶୁ ପୁଅ ବିନୋଦକୁ ସମର୍ଥନ କରି ରିମା ଉପରେ ଅତ୍ୟାଚାର କରିଛି । ଯନ୍ତ୍ରଣା ଓ ନିର୍ଯ୍ୟାତନା

ISSN NO.
2582-208X

ଭିତରେ ରିମା ମରି ମରି ଜୀଇଁଛି । ଦିନକୁ ଦିନ ମାନସିକ ଯନ୍ତ୍ରଣା ବଢ଼ିବା ଦ୍ୱାରା ତାକୁ କୌଣସି କାର୍ଯ୍ୟ କରିବାକୁ ଭଲ ଲାଗିନାହିଁ। ସ୍କୁଲ ଯିବାରେ ସେ ସମୟ ଜ୍ଞାନ ମଧ୍ୟ ହରାଇ ବସିଛି ପ୍ରତିଦିନ ସ୍କୁଲକୁ ବିଳମ୍ବରେ ପହଞ୍ଚିବା ଦେଖି ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଶିକ୍ଷୟିତ୍ରୀ ପଦରୁ ବହିଷ୍କୃତ କରିଛନ୍ତି। ଚାକିରୀରୁ ବହିଷ୍କୃତ ହେବା ପରେ ରିମା ଭାବିଛି 'ମୋ ଜୀବନ କାଳ ମଧରେ ପାଇଲି କ'ଣ ? ଖାଲି ଆଞ୍ଜୁଳାଏ ଦୁଃଖ ଯନ୍ତ୍ରଣା' । ରିମା ନିଜକୁ ବହୁତ ତିରସ୍କାର କରିଛି ଏବଂ ଭାଗ୍ୟକୁ ନିନ୍ଦା କରିଛି । ରିମା ଜୀବନରେ ଏତିକିରେ ଦୁଃଖ କଷ୍ଟ ସରିନାହିଁ ଦିନକୁ ଦିନ ଆହୁରି ଅନ୍ୟାୟ ଅତ୍ୟାଚାର ବଢ଼ିଚାଲଛି । ଏତେ ଅନ୍ୟାୟ ଅତ୍ୟାଚାର ଶୋଷଣ ହେଉଥିଲେବି ସେ କେବେ ତାର ସ୍ୱାମୀ କୁ ଅସମ୍ମାନ କରି ନାହିଁ । ସେ କେବଳ ବୁଝିଛି ସ୍ୱାମୀ ହେଉଛି ଇହକାଳ ପରକାଳର ଦେବତା । ରିମା ବିନୋଦକୁ ଆଉ ଖରାପ କାମ ନକରିବା ପାଇଁ ପ୍ରତିବାଦ କଲା ନାହିଁ। ଯାହା ଫଳରେ ଅତ୍ୟଧିକ ମଦ ପିଇ ରୋଗାଗ୍ରସ୍ତ ହେଲା । ସ୍ୱାମୀଙ୍କର ଏହି ଅବସ୍ଥା ଦେଖି ରିମା ସହର ଗୋଟେ ବଡ଼ ହସ୍ପିଟାଲକୁ ନେଇ ଯାଇଛି । ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରି ଜଣାଇ ଦେଲେ ଅତ୍ୟଧିକ ମଦ ପାନ ଯୋଗୁଁ ତାଙ୍କର ଗୋଟେ କିଡ଼ନୀ ନଷ୍ଟ ହୋଇଯାଇଛି । ଯଦି କେହି ତାଙ୍କୁ କିଡ଼ନୀ ଦାନ କରନ୍ତି ତାହାଲେ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଏମିତି କାଇଁ କେତେ ଦିନ ବିତିଗଲା କିନ୍ତୁ କେଉଁଠି ବି କିଡ଼ନୀ ଆରେଞ୍ଜ ହୋଇ ପାରି ନାହିଁ, ହେଲେ କିନ୍ତୁ ବିନୋଦର ସ୍ୱାସ୍ଥ୍ୟ ଦିନକୁ ଦିନ ଆହୁରି ବିଗିଡ଼ିବାକୁ ଲାଗିଛି। ରିମା ଏହି ଅବସ୍ଥା ଦେଖି ସ୍ୱାମୀକୁ ନବ ଜୀବନ ଦେବା ପାଇଁ ଆଗେଇ ଆସିଛି । ରିମାର କିଡ଼ନୀ କଢ଼ା ଯାଇ ସ୍ୱାମୀ ଦେହରେ ସଂଯୋଗ କରାଯାଇଛି । ଧୀରେଧୀରେ ବିନୋଦର ସ୍ୱାସ୍ଥ୍ୟରେ ସୁଧାର ଆସିଛି। ରିମା ଏହି ସବୁ ତ୍ୟାଗ ଦେଖି ତାର ଶାଶୁ ନିଜର ଭୁଲ ବୁଝି ପାରିଛନ୍ତି । ବିନୋଦ ଏପର୍ଯ୍ୟନ୍ତ ଜାଣି ନାହିଁ ଯେ ତାକୁ ମରଣ ଦ୍ୱାରରୁ ଫେରାଇ ଆଣିଥିବା ବ୍ୟକ୍ତି ଜଣକ ହେଉଛି ତା'ର ସ୍ତ୍ରୀ ରିମା। ଦିନକୁ ଦିନ ରିମାର ଦେହ କ୍ଷୀଣ ହେବାର ଲାଗିଛି କିନ୍ତୁ ବିନୋଦର ତା'ପ୍ରତି ଦୃଷ୍ଟି ନାହିଁ । ଏପରି କି ପୂର୍ବ ଭଳି ରିମା ଉପରେ ନିର୍ଯ୍ୟାତନା ଆରମ୍ଭ କରି ଦେଇଛି । ରିମା ଉପରେ ଅକଥନୀୟ ଅତ୍ୟାଚାର ହେବାରୁ ରିମାର ଜୀବନଦୀପ ଲିଭି ଯାଇଛି । ପରବର୍ତ୍ତୀ ସମୟରେ ବିନୋଦ ତା'ମା' ଠାରୁ ସବୁ କଥା ଅବଗତ ହେବା ପରେ ଆଉ କିଛି ନାହିଁ, ରହିଯାଇଛି କେବଳ ଦୁଇ ବୁନ୍ଦା ଅଶ୍ରୁ ।

ଗବେଷିକା, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର

ISSN NO.
2582-208X

# ସ୍ୱାଭିମାନ



ରାଧାକାନ୍ତ ସୁନା

ଗୋଡ ସିନା ମୋର ଅଚଳ ହୋଇଛି
ବୁଦ୍ଧି ନୁହେଁ ମୋର ସାନ,
ଗୋଡରେ ନଚାଲି ହାତରେ ଦୌଡ଼ିବି
ବଞ୍ଚେଇ ମୋ ସ୍ୱାଭିମାନ ।
ଆଖିକୁ ସିନା ମୋ ଦିଶୁ ନାହିଁ କିଛି
ମୁଣ୍ଡରେ ସ୍ମରଣ ଜ୍ଞାନ,
ହାତ ସ୍ପର୍ଶକରି କରିବି ଦର୍ଶନ
ବଞ୍ଚେଇ ମୋ ସ୍ୱାଭିମାନ ।
ପାଟି ସିନା ମୋର ଜମା ଫିଟୁ ନାହିଁ
ଜୀବନ ମୋ ଶବ୍ଦ ହୀନ,
ବଖାଣିବି ସବୁ ହାତ ଇସାରାରେ
ବଞ୍ଚେଇ ମୋ ସ୍ୱାଭିମାନ ।
ବିକଳାଙ୍ଗ ବୋଲି ଦୟାକର ନାହିଁ
ନ ଭାବ ଆମକୁ ହୀନ,
ନିଜର ପ୍ରତିଭା ଦେଖେଇ ବଞ୍ଚିବୁ
ବଞ୍ଚେଇ ମୋ ସ୍ୱାଭିମାନ ।

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ମୋ-୯୯୩୮୦୪୩୧୮୧

ISSN NO.
2582-208X

# । । ଅନ୍ତ ଏକାନ୍ତ । ।



ଶମ୍ଭୁନାଥ ଶିଅଳ

ଏ ସହର ଶୋଇଗଲା ପରେ
ମୁଁ ବାହାରେ ତୁମକୁ ଖୋଜିବାକୁ...
ଅନେକ ଖୋଜେ..ଏଠି ସେଠି ସବୁଆଡ଼େ
ହେଲେ କେଉଁଠି ବି ପାଏନା..
ରାସ୍ତା କଡ଼ର ବତୀଖୁଣ୍ଟକୁ ପଚାରେ..
ଲମ୍ବ ହୋଇ ଶୋଇଥିବା ସେ ଧଳା ଗାରକୁ ପଚାରେ..
ମାଇଲଖୁଣ୍ଟକୁ ଓ ଶୂନ୍ୟ ଟ୍ରାଫିକ ଛକକୁ ବି ପଚାରେ
ହେଲେ କେହି ବି ଉତ୍ତର ଦେଇପାରନ୍ତି ନାଇଁ...
କେହି ବି ତୁମ ଠିକଣା ଦେଇ ପାରନ୍ତି ନାହିଁ ମୋତେ।
ଅନେକ ନିରାଶ ହେଲାପରେ ଥକି
ଟିକିଏ ବସି ପଡ଼େ ସେଇ ବତୀ ଖୁଣ୍ଟକୁ ଆଉଜି..
ମଝିରେ ମଝିରେ ଚିତ୍କାର କରିଉଠେ..
ପୁଣି ଆପେ ଆପେ ଚୁପ ହୋଇଯାଇ,
ଭୋ ଭୋ କରି କାନ୍ଦି ପକାଏ..
କାନ୍ଦି କାନ୍ଦି ବେଦମ ହେଲା ପରେ
ଘୁମୁରି ଘୁମୁରି ସେଇଠି ଛାଇ ନିଦରେ ଟଳି ପଡ଼େ..

ISSN NO.
2582-208X

ଏମିତି ଅନେକ ରାତି ବିତିଯାଏ
ଦରମଲା ନିଦ ଓ ଚାହାଣି ଭିତରେ..
ହେଲେ ପ୍ରତ୍ୟେକ ଥର ପରି ସକାଳ ନ ହେଉଣୁ
ମୋତେ ପୁଣି ଫେରିବାକୁ ହେଉଥିଲା
ମୋର ଏଇ ମିଛ ଓ ଅସାର ଜୀବନକୁ..
କାହାର ପୁଅ, କାହାର ଭାଇ
କାହାର ସ୍ୱାମୀ ଓ କାହାର ପୁଣି ବାପା ହୋଇ...

ଖଇରା, ବାଲେଶ୍ୱର
ଦୂରଭାଷା-୮୦୯୩୬୦୨୫୩୩

ISSN NO.
2582-208X

# ଆତ୍ମୀୟତାର ଆଂଶି



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଚାକଚକ୍ୟ ବଲାଙ୍ଗିର ସହର ଏବଂ ସହରର ପ୍ରବେଶ ପଥରେ ଦଣ୍ଡାୟମାନ ଥିବା ସୁଉଚ୍ଚ ଦୁର୍ଗା ମନ୍ଦିର ଓ ମନ୍ଦିର ପଛ ପାଖରେ ଥିବା ଦୁଇଟି ପୋଖରୀ ବା ଜଳାଶୟ ସହରର ଆକର୍ଷଣ ତଥା ମନ୍ଦିରର ଉପସ୍ଥିତିକୁ ଆହୁରି ରୋମାଞ୍ଚ କରିଦିଏ। ଦୁର୍ଗା ମନ୍ଦିରର ପ୍ରତ୍ୟେହ ସନ୍ଧ୍ୟା ଆଳତୀର ଘଣ୍ଟ, ଶଙ୍ଖ ନାଦରେ ସହର ପ୍ରକମ୍ପିତ ହେଉଥିବା ବେଳେ ଭକ୍ତ ଜନମାନସରେ ଏକ ନୂତନ ଭକ୍ତି ଭାବାବେଗ ସଞ୍ଚାର କରେ। ସହରର ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଣେଶ୍ୱରୀଙ୍କ ଶୋଭନୀୟ ରୂପକାନ୍ତି ଅବର୍ଣ୍ଣନୀୟ। ସାତ କୋଠା ବିଶିଷ୍ଟ ସରକାରୀ ଶିଶୁ ଚିକିତ୍ସାଳୟ ତମସା ଭରା ରଜନୀରେ ଆଲୋକର ବିଚ୍ଛୁରଣ ସହିନପାରି ଉଦଭାସିତ ହୁଏ। କଳା, ସ୍ଥାପତ୍ୟ ଓ ଜିଲ୍ଲାର ଐତିହ୍ୟ, ପରମ୍ପରାକୁ ବକ୍ଷରେ ସାଁଉଟି ରଖି ଆଜି ବି ଇତିହାସ ଓ ଆଧୁନିକତାର ଏକ ସ୍ମୃତିରାଜି ସାଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି *କୋଶଳ କଳାମଣ୍ଡଳ* ପଡିଆ, ଯାହା ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ କରେ। ରାଜେନ୍ଦ୍ର ପାର୍କ, ଜୋଗର୍ସ ପାର୍କ, ଶିଶୁଦ୍ୟାନ ପାର୍କ, ଆମର ବଲାଙ୍ଗିର, ବିଜ୍ଞାନ ପାର୍କ ଯୋଗୁଁ ପ୍ରତ୍ୟୁଷର ଶୂନ୍ ଶାନ୍ ପିଚୁ ରାସ୍ତାରେ ପଥିକଗଣ ସକାଳ ସମୀରଣର ସ୍ପର୍ଶ ପାଇଁ କୋଳାହଳ ଭରିଦିଅନ୍ତି, ସତେ ଯେମିତି ସୁପ୍ତ ସହରଟା ଜାଗ୍ରତ ହୋଇଉଠେ।

ଏମିତି ଏକ କୋଳାହଳ, ଆଧ୍ୟାତ୍ମିକ ଓ ରୋମାଞ୍ଚଭରା ପରିବେଶ ଭିତରେ ସୌମ୍ୟା, ଶାନ୍ତି, ସୌନ୍ଦର୍ଯ୍ୟା, ଶିଷ୍ଟାଚାରିଣୀ, ଶାଳୀନତା, ସୌହାର୍ଦ୍ଦିନୀ ଓ ସୁଗୁଣସମ୍ପନ୍ନା ଏକ ନାରୀ ତଥା ମହିଳା ଶିକ୍ଷୟିତ୍ରୀଙ୍କ ସହାବସ୍ଥାନ ହୁଏ। ବୃତ୍ତିରେ ମହିଳା ଜଣକ ଶିକ୍ଷୟିତ୍ରୀ ହେଲେ ହେଁ ଶିଶୁପ୍ରିୟ ତଥା ଲୋକପ୍ରିୟ ଏବଂ ବ୍ୟବହାର ଆଉ ଆଚରଣର ନିଷ୍କପଟତା, ମାଧୁର୍ଯ୍ୟତା ଓ ସରଳତା ଯେ କୌଣସି ବ୍ୟକ୍ତିକୁ ଅନାୟାସରେ ଅନ୍ତରାତ୍ମାରେ ଆପଣେଇ ନେବାରେ ସେ ସିଦ୍ଧହସ୍ତା। ଉଚ୍ଚଶିକ୍ଷିତା, ଆଭିଜାତ୍ୟସମ୍ପନ୍ନା ଓ କଠୋର ବ୍ୟକ୍ତିତ୍ୱ ଭଳିଆ ଦୃଶ୍ୟମାନ

ISSN NO.
2582-208X

ହେଉଥିଲେ ମଧ୍ୟ ସେ ଯେ କୁସୁମ ସଦୃଶ କମନୀୟ, ନମନୀୟ ତଥା କୋମଳ ତାଙ୍କ ସହ ମିଶିଥିବା ବ୍ୟକ୍ତି ହିଁ ହୃଦୟଙ୍ଗମ କରିପାରିବ। ବିଜ୍ଞାନ ତଥା ଗଣିତ ଶିକ୍ଷୟିତ୍ରୀ ହୋଇଥିଲେ ମଧ୍ୟ ଇଁରାଜୀ ଭାଷାରେ ସେ ପ୍ରବୀଣା। ଇଁରାଜୀ ସମେତ ହିନ୍ଦୀ, ଓଡିଆ ଓ କୋଶଲି ଭାଷାରେ ନିଜର ଭାବନାକୁ ଉପସ୍ଥାପନ କରିବାରେ ସ୍ୱୟଂସଂପୂର୍ଣ୍ଣା, ଏହା ନିଃସନ୍ଦେହ। ଶିକ୍ଷାଦାନ ସମୟରେ ତାଙ୍କ ଅଙ୍ଗଭଙ୍ଗୀ ତଥା ଉପସ୍ଥାପନାଶୈଳୀ ଛାତ୍ର, ଛାତ୍ରୀ ତଥା ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ମଧ୍ୟ ବଶୀଭୂତ କରିଦିଏ। ଆଜିର ସ୍ୱାର୍ଥପର ଦୁନିଆଁରେ ବାପ ଝିଅର, ମାଁ ପୁଅର ହେଉନଥିବା ବେଳେ ଶିକ୍ଷୟିତ୍ରୀଙ୍କ ଠାରେ ଭିନ୍ନ ଧରଣର ବ୍ୟକ୍ତିତ୍ୱ ଦେଖିବାକୁ ମିଳେ। ସୁଦପଡା ଠାରୁ ଅନତି ଦୂରରେ ଥିବା ଗିରି ଗୋବର୍ଦ୍ଧନ ମଠ ସମ୍ମୁଖ ପୋଖରୀ ନିକଟସ୍ଥ ପିପଳ ଗଛ ମୂଳେ ବସିରହିଥିବା କୁଷ୍ଠବ୍ୟାଧିଗ୍ରସ୍ତ ମହିଳାଙ୍କୁ ପ୍ରତ୍ୟହ ସ୍କୁଲ ଯିବା ସମୟରେ ଖାଦ୍ୟ ଦାନ କରି ପ୍ରଣିପାତ କରିବା ଦୃଶ୍ୟ ପଥାଚାରୀଙ୍କୁ ବିମୋହିତ କରେ। ବିଗତ ବର୍ଷର ଖରାଛୁଟି ସମୟର କଥା ତାଙ୍କ ବିଦ୍ୟାଳୟରେ ନୂତନ ଭାବେ ଯୋଗଦାନ କରିଥିବା ଜଣେ ଯୁବ ଶିକ୍ଷକଙ୍କର କୌଣସି କାରଣ ବଶତଃ ଅସୁବିଧା ହେବାରୁ ମହିଳା ଶିକ୍ଷୟିତ୍ରୀ ଜଣକ କୁଣ୍ଠାପ୍ରକାଶ ନ କରି ମାନବିକତାର ପରିଚୟ ଦେଇ ନିଜ ଗାଡି ପଛରେ ବସାଇ ଘରେ ଆଣି ଛାଡି ଦେବା ବର୍ତ୍ତମାନ ପରିସ୍ଥିତି ପାଇଁ କିଛି କମ୍ କଥା ନୁହଁ।

ଆଜିର ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ନିଜକୁ ଅସୁରକ୍ଷିତ ମଣିବା ସ୍ୱାଭାବିକ କାହିଁକି ନାଁ ବର୍ତ୍ତମାନ ଉପଭୋଗ ଲାଳସାରେ ଲାଳାୟିତ କଞ୍ଚା ମାଂସ ଲୋଭୀ ଅମଣିଷ ପଶୁ ଗୁଡାକ ଏତେ ହିଂସ୍ର ପାଲଟି ଯାଉଛନ୍ତି ଯେ କଲମ ମୂନରେ ତାହା ଅପ୍ରକାଶ୍ୟ, ଠିକ ଏମିତି ସମୟରେ ନିଜ ସୁରକ୍ଷାକୁ ଅଣଦେଖା କରି ଜଣେ ଅଜଣା ଶିକ୍ଷକ(ପୁରୁଷ)କୁ ଜଣେ ବିବାହିତା ମହିଳା ଶିକ୍ଷୟିତ୍ରୀଙ୍କର ଏତାଦୃଶ ସହାୟତାକୁ ସମାଜ ସହଜରେ ଗ୍ରହଣ କରିବ ବୋଲି କାହିଁ ହୃଦବୋଧ ହେଉନାହିଁ। ତଥାପି ସମାଜକୁ ଭ୍ରୂକ୍ଷେପ ନ କରି ନିଜ ନିର୍ଭିକତାର ପରିଚୟ ଦେଇଥିବାରୁ ସେ ପ୍ରଶଂସନୀୟା। ନିଜେ ଦୁଃଖରେ ଥାଇ ମଧ୍ୟ ବିଦ୍ୟାଳୟରେ ସମସ୍ତଙ୍କୁ ହସି ହସି ଶୁଭ ସକାଳର ଶୁଭେଚ୍ଛା ଜଣେଇବା ସହ ଅତି ସହଜରେ ଜଣେ କିଛି କଟୁ କଥା କହିଦେଲେ ମଧ୍ୟ ତାକୁ ଭୁଲି ଯିବା ପ୍ରବୃତ୍ତି ତାଙ୍କ ମହାନତାକୁ ଦର୍ଶାଏ। ଜଣେ ଶିଶୁ ସହିତ ଦରୋଟି ବଚନରେ, ଜଣେ ଦୁଃଖି ସହ ଦରଦୀ ଆତ୍ମୀୟପଣରେ, ଜଣେ ବନ୍ଧୁ ସହ ଅନ୍ତରଙ୍ଗ ଭାବନାରେ, ବରିଷ୍ଠଙ୍କ ସହ ସମ୍ମାନଓ ସଂଜମତା ସହ ବାର୍ତ୍ତାଳାପ କରିବାରେ ସେ ପ୍ରତିଷ୍ଠିତା।

ISSN NO.
2582-208X

ଯଥାର୍ଥରେ ଛୋଟ ଶିଶୁ, ଛାତ୍ର, ଛାତ୍ରୀ, ଶିକ୍ଷକଙ୍କଠୁ ନେଇ ପଡୋଶୀ ମାନଙ୍କର ଶ୍ରଦ୍ଧେୟ ତଥା ଆତ୍ମୀୟତାର ପ୍ରତୀକ ଭାବେ ପରିଚିତା ମହିଳା ଶିକ୍ଷୟିତ୍ରୀ "ଆଂଶି"ବାସ୍ତବରେ ସ୍ରଷ୍ଟାଙ୍କ ବିଚିତ୍ର ତଥା ଅମୂଲ୍ୟ ସୃଷ୍ଟି।ଯାହାର ଚରିତ୍ର ଏ କାହାଣୀ ବର୍ଣ୍ଣନାର ବିଶେଷତ୍ୱ।

ବଙ୍କିଆ ,ସୋନପୁର

ISSN NO.
2582-208X

# ବଡଦାଣ୍ଡର ଭିକାରି ମୁଁ



ଆଶିଷ କୁମାର ସାହୁ

ବଡଦାଣ୍ଡର ଭିକାରି ମୁଁ
ମାଗିବାକୁ ତତେ ଆସିଛି କିଛି,
ମାଗିବା କଥା ମୁଁ ପ୍ରେମରେ କାଳିଆ
ଭିକ୍ଷ୍ୟା ମାଗେ କିନ୍ତୁ ଆଉକିଛି,
ସଂସାରର କିଛି ନିୟମ ଅଛିରେ
ଚାଲିବାକୁ ହୁଏ ତାହାକୁ ମାନି,
ନମାନିଲେ ସେହି ନିୟମ ସବୁ
ଜିଇଁଥାଇ ଏଠି କିଛିମାନେ ନାହିଁ,
ଭିକ୍ଷା ବୃତ୍ତି ଘୃଣ୍ୟରେ କାଳିଆ
କିନ୍ତୁ ମାଗୁଛି ମୁଁ ଜୀବନ ବିକଳେ,
ଲୋକକଥା ଆଉ ସାହିପାରୁନାହିଁ
ବେକାରୀ ରହି ମୋର ଏ ଜୀବନେ,
ଚେଷ୍ଟା ଯେତେକରେ ବିଫଳ ହେଉଛି
ସଫଳ ରାସ୍ତା ସତେ ମୁଁ ଭୁଲିଯାଇଛି,
ଗୋଟେ ପରେ ଗୋଟେ ସବୁ ବୃଥା ହୁଏ
ପରିଶ୍ରମ ମୋର ଏହି ସମାଜର ନିୟମ ମାନି,
ଆସିଛି ସଙ୍କଟ ଉଦ୍ଧାର କରହେ

ISSN NO.
2582-208X

ଆଉ ସହିବା ଶକ୍ତି ନାହିଁ,
ଆବଶ୍ୟକତା ବଢ଼ି ବଢ଼ି ଯାଏ
ପୂରଣ କରିବା ସମ୍ଭବ ହୁଏନି,
ପ୍ରଭୁ ମାଗୁଛି ଆଜିମୁଁ ନେହୁରା ହେଇକି
ଦେବ ଆଶା ରଖି ଆସିଛି ଧାଇଁ,
ଜୀବନର ଦୁଃଖ ସହି ହେଉନାହିଁ
ସହିବା ଶକ୍ତି ମତେ ଦେବକି ନାହିଁ ?

ଭେଜିପଦର, ଭବାନୀପାଟଣା, କଳାହାଣ୍ଡି
ଆଳାପ -8144115263

ISSN NO.
2582-208X

# ବାହୁ ବନ୍ଧନ



ଅଶୋକ କୁମାର ବାରିକ

ତୁମ ସହ ବଞ୍ଚିବାକୁ ଚାହେଁ
ଆଜୀବନ, ମୁହୂର୍ତ୍ତ ଟେ ନୁହେଁ ।
ହସ ରେ ହସ , ଲୁହ ରେ ଲୁହ
ଆତ୍ମା ସହ ଆତ୍ମା ମିଶିବାକୁ କହେ ।
ଛୁଇଁନି ତୁମକୁ କାଳେ ଦାଗ ଲାଗିଯିବ
ଦୂର ରୁ ଚାହେଁ କାଳେ ନଜର ଲାଗିବ ।
ତୁମେ ଥିଲେ, ସବୁଅଛି ମୋ ପାଖରେ
ପ୍ରଶ୍ୱାସ ବି ଛାଡ଼ିଯିବ ତୁମ ବିନା ସଖିରେ।
ମନ କାନଭାସ ରେ ତୁମ ଛବି ଆଙ୍କେ
ଥର କୁ ଥର ନିରୀଖି ଦେଖେ ପ୍ରତି ଅଙ୍ଗେ।
ମୁଁ ନିଶବ୍ଦ ହୋଇ ପ୍ରତୀକ୍ଷା କରେ,
କାନଭାସ ରୁ ଆସି ଧରା ଦବ କି ବାହୁ ବନ୍ଧନରେ ?

ବେରୁଆଁବାରି, ନୟାଗଡ଼

ISSN NO.
2582-208X

# କଳଯୁଗର ପୁରୁଷ



ଦମୟନ୍ତ ମହାନ୍ତ

ଏ କଳିଯୁଗରେ ପୁରୁଷ ପ୍ରଭାବ
ନାରୀ ଜୀବନକୁ ଗ୍ରାସ କରିଛି
ପ୍ରତିବାଦ କଲେ ପ୍ରମାଣ ସ୍ୱରୂପ
ଅଗ୍ନି ପରୀକ୍ଷା ମାଗୁଛି ।
ନିଜ ସ୍ତ୍ରୀ ଯେତେ ସୁନ୍ଦରୀ ହେଲେ ବି
ଏଠି ପର ସ୍ତ୍ରୀ ମିଠା ଲାଗୁଛି
ଦୁନିଆ ଦାଣ୍ଡରେ କଳଙ୍କିତ ହୋଇ
ମୋତେ କ୍ଷମା କର ବୋଲି କହୁଛି ।
ପରକ୍ରୀୟା ପ୍ରୀତି ନିତି ଭାଙ୍ଗୁଅଛି
କେତେ ଯେ ସୁନାର ସଂସାର
ଏତେସବୁ ଜାଣି କିଏବା ଚାହିଁବ
କରିବାକୁ ଘର ସଂସାର ।
ବେଳ ଥାଉ ଥାଉ ଜାଗ୍ରତ ହୁଅ ହେ
କୂର୍ମ ମହିଳାଦଳ
କେତେଦିନ ସ୍ୱାମୀ କଥାରେ ନାଚିବୁ
ସରିଆସୁଛି ତୋ ବେଳକାଳ ।
ରକ୍ଷକ ଏଠାରେ ଭକ୍ଷକ ସାଜୁଛି
କାହା ଉପରେ ନ ରଖ ଭରସା
ନିଜ ଇଜ୍ଜତକୁ ବଞ୍ଚାଇବା ପାଇଁ

ISSN NO.
2582-208X

ନାରୀ ଏକତାହିଁ ସାହା ଭରସା ।
ସମୟ ଏବେବି ପଳେଇ ଯାଇନି
କର ତାର ପ୍ରତିକାର
ନିଜ କର୍ତ୍ତବ୍ୟରେ ଅବହେଳା କଲେ
ହୋଇଯିବୁ ତୁହି ନାରଖାର ।
ପୁରୁଷ ପାଇଁ ଆଜି ମହିଳା ସମାଜ
ହେଉଅଛି ବଡ ହୀନିମାନ
ଏକଥା ମୁଁ କହୁନାହିଁ ଦୁନିଆ କହୁଛି
ଟିଭି ମିଡିଆ ଦେବ ତା ପ୍ରମାଣ ।

ଛାତ୍ରୀ, କୋହ୍ଲଣ ବିଶ୍ୱବିଦ୍ୟାଳୟ, ଗୁଇବସା

ISSN NO.
2582-208X

# ଜୀବନରେ ସଞ୍ଚୟର ମହତ୍ୱ



ପ୍ରଦୀପ ସେନାପତି

ଗୋଟେ ଛୋଟ ଗାଆଁରେ ଛୋଟ ପରିବାରଟିଏ ରହୁଥିଲେ । ବାପା, ମାଆ ଓ ଛୋଟ ପୁଅଟିଏ ବହୁତ ଖୁସିରେ ରହୁଥିଲେ ହଠାତ୍ ଗୋଟେ ଦିନ ଏମିତି ହେଲା କି ତା ବାପା ଜଣଙ୍କ ଏ ଦୁନିଆ ଛାଡି ଚାଲିଗଲେ । ତା'ପରେ ମାଆ ଜଣକ ପରଘରେ ବାସନ ମାଜି ଓ କାମ କରି ତା ଛୁଆଟିକୁ ବଡ କରିବାକୁ ଚେଷ୍ଟା କଲା । ଛୁଆଟି ବି ବହୁତ ପରିଶ୍ରମୀ ଥିଲା । ବହୁ ପରିଶ୍ରମ କରି ଗୋଟିଏ ଚାକିରୀ ମଧ୍ୟ କଲା ଯେତେବେଳେ ଚାକିରୀ କଲା ସେ ତା ମା'କୁ କହିଲା କି ମାଆ ତୁ ଆଉ କାହା ଘରକୁ କାମ କରିବାକୁ ଯିବୁନି ଘରେ ବସିବୁ । ଯେତେବି ପଇସା ଆଣୁଥିଲା ସେ ତା ମାଆ ପଛରେ ଉଡାଉ ଥିଲା ଓ ନିଜ ପଛରେ ଉଡାଉଥିଲା ବହୁତ ଖୁସିରେ ରହୁଥିଲା । ତା ମାଆ ତାକୁ ଗୋଟିଏ ସୁନ୍ଦର ଝିଅ ସହ ବିବାହ କରିଦେଲା । ଗୋଟିଏ ପୁଅଟିଏ ମଧ୍ୟ ହେଲା ଏହି ଖୁସି ବେଶି ଦିନ ରହିଲା ନାହିଁ ତା' ବାପାଙ୍କ ପରି ପିଲାଟିର ମଧ୍ୟ ଦୁର୍ଘଟଣା ହୋଇଗଲା । ଡକ୍ଟର କହିଲେ ଅପରେସନ୍ ପାଇଁ ଦଶଲକ୍ଷ ଟଙ୍କା ଲାଗିବ । ପିଲାଟି ଯେତିକି ବି ପଇସା ପାଉଥିଲା ଉଡ଼େଇ ଦେଇଥିଲା ତା ମା' ଓ ସ୍ତ୍ରୀ ବହୁତ ଜାଗାରେ ହାତ ପତେଇଲେ କିନ୍ତୁ ଦଶଲକ୍ଷ ଟଙ୍କା କେଉଁଠାରୁ ବି ଯୋଗାଡ କରିପାରିଲେ ନାହିଁ । ପିଲାଟି ମଧ୍ୟ ସବୁଦିନ ପାଇଁ ଆଖି ବୁଜି ଦେଲା । ସାଙ୍ଗମାନେ ଏଠାରେ ଭୁଲ କାହାର ଥିଲା ? ତାର ଭୁଲ୍ ରହିଲା ନା ପଇସା କିଛି ସଞ୍ଚୟ କରିଥିଲା ନା ସେ ଭବିଷ୍ୟତ ପାଇଁ କିଛି Insurance କରିଥିଲା । ଯଦି ସେ ପଇସା କିଛି ସଞ୍ଚୟ କରିଥାନ୍ତା ସେ ନିଜ ଜୀବନ ବଞ୍ଚାଇ ପାରିଥାନ୍ତା ଯଦି ସେ Health Insurance କରିଥାନ୍ତା ସେ ମଲା ପରେବି ତା ମା', ତା ସ୍ତ୍ରୀ ଓ ତା ପିଲାକୁ କିଛି ବି ଅସୁବିଧାର ସମ୍ମୁଖୀନ ହେବାକୁ ପଡିନଥାନ୍ତା । ଯଦି ଆଜିକା ଦିନରେ ଚାରିଶହରୁ ପାଞ୍ଚଶହ ଟଙ୍କା କିଛି Insurance ରେ Deposit କରନ୍ତୁ ଯଦି ତୁମରା ଭବିଷ୍ୟତରେ କିଛି ହୋଇଗଲା ତେବେ ଆପଣ ଏହି Insurance ମାଧ୍ୟମରେ Claim କରି ନିଜ ପରିବାର ପାଇଁ କିଛି ଅର୍ଥ ରାଶି ଉପକାର କରିପାରିବେ । ତେଣୁ ଆପଣ ଯାହାବି ରୋଜଗାର କରୁଛନ୍ତି ସେଥିରୁ କିଛିନା କିଛି ସଞ୍ଚୟ ନିଶ୍ଚୟ କରନ୍ତୁ ଏବଂ କିଛି Health Insurance ମଧ୍ୟ କରିଥାନ୍ତୁ । ଆଜିକା ଦିନରେ ଜୀବନର କିଛି ଭରସା ନାହିଁ କେତେବେଳେ ବି କାହା ସହ କ'ଣ ହୋଇପାରେ । ତେବେ ବନ୍ଧୁଗଣ ଜୀବନରେ ଅର୍ଥର ସଞ୍ଚୟ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ତେଣୁ ଧ୍ୟାନ୍ୟ ଦିଅନ୍ତୁ ନିଜ ପ୍ରତି ଏବଂ ନିଜ ପରିବାର ପ୍ରତି । ଜୀବନରେ ସଞ୍ଚୟର ମହତ୍ୱ ବହୁତ ଅଧିକ ।

ଧନ୍ୟବାଦ

ISSN NO.
2582-208X

# ସୁବର୍ଣ୍ଣରେଖା

ପ୍ରଫୁଲ୍ଲ ଚନ୍ଦ୍ର ବାରିକ

କୋଉ କାଳୁ ପ୍ରବାହିତ
ତୋର ନୀଳ ଜଳରାଶି
ସୂର୍ଯ୍ୟ ଚନ୍ଦ୍ର କିରଣ ବୁଣିବା ଆଗରୁ
କି ଆକାଶ ତା'ର ଅନନ୍ତ ଚାନ୍ଦୁଆ
ମେଲିବା ପର ଠାରୁ ।

ତୁ ବହୁଚୁ ତ ବହି ଚାଲିଚୁ
ତୋ ସୁବର୍ଣ୍ଣ ଜଳରେ ଟାଣି
ଏକ ସମତଳ ରେଖା ।

ଝଲସାଇ ଦଉଚୁ ବନଭୂଇଁ
କୂଳ ଉପକୂଳ
ଉଲୁସାଇ ଦଉଚୁ ଜୀବ, ତରୁ
ତନୁ-ମନ-ପ୍ରାଣ
ଆଉ ସାରସ୍ୱତ ପ୍ରବାହ ହଉ କି
ସାଂସ୍କୃତିକ ଫଲ୍ଗୁ ,
କିବା 'ଫେଭର'ର ତାତି
ଯାହା ପ୍ରଲମ୍ବିତ ଓ ସଂକ୍ରମିତ
ବାଲେଶ୍ୱରରୁ ବେଲୁର,
ଜଳେଶ୍ୱରରୁ ଜଳନ୍ଧର,
ଓ ରୂପ୍ସାରୁ ରୂପବତୀ ରୁର୍କି ।

ISSN NO.
2582-208X

ସୁବର୍ଣ୍ଣରେଖା !
ତୋ ଦେହରେ ସୁନାର ଢେଉ ଖେଳୁଚି
ଅହରହ, ଜନ୍ମ ଜନ୍ମାନ୍ତରୁ
ଅମୃତ ବାଣ୍ଟି ଚାଲିଚୁ
ତୁ ପୁରୁଷ ପୁରୁଷ ଧରି ଓ
ସାତ ଜନ୍ମରୁ ନିରସ ଥିବା
ଧାନକ୍ଷେତରେ ବିଛେଇ ଦେଇଚୁ
ହଳଦୀ ରଙ୍ଗର ଗୋଟେ
ମଖମଲି ଚାଦର ।

ଯୁଗ ଯୁଗ ବହୁଅଛୁ
ଏ ଯାବତ୍ ନିରବଧି
ରେବତୀ ଠୁଁ ସୌମ୍ୟାଶ୍ରୀ ପର୍ଯ୍ୟନ୍ତ
ତୋ ପାଇଁ ଶ୍ୟାମଳ କାହିଁ
ଚିନ୍ମୟୀ ପୃଥିବୀ ?

ତୁ' ତ ସବୁ କିଛି...
ପାପ- ତାପ ପରିହାରୀ ପବିତ୍ରକାରିଣୀ
ଫି ବର୍ଷ ବର୍ଷା ଦିନେ ଶୁଣାନା
ତୁ ବ୍ୟଥାର ପୂରବୀ !

ତୁ ଯେ ନମ୍ରତା ଶିଖାଉଥିବା ନଦୀ
ମମତା ଯାଚୁଥିବା ନାରୀ
ଓ ବାଟ ଦେଖାଉଥିବା ନକ୍ଷତ୍ର ।
ତୋତେ ପ୍ରଣାମ ବାରବାର ।

ଜଳଧରପୁର, ମତୋ, ଭଦ୍ରକ
ମୋ : ୯୦୯୦୩୩୦୮୫୯

ISSN NO.
2582-208X

# ପ୍ରେମର ବିଫଳ ଗାଥା



ଦେବନାରାୟଣ ମିଶ୍ର

ତୁମ ବିରହରେ ଭାସି ମୁଁ ଯାଇଛି
ଲୋତକର ବନ୍ୟା ଧାରରେ
ତୁମ ପ୍ରତିଛବି ଭାଙ୍ଗି ମୁଁ ଦେଇଛି
ମନ ଗହନର ଆଇନାରେ
ହୃଦୟ ଭରି ପ୍ରେମ କରିଥିଲି
କାହିଁକି କେଜାଣି ଏପରି କଲ
ମନ ଝରକାର ଆରପାଖେ କାହାକୁ ଦେଖି
ତୁମେ ମୋତେ ଆଜି ପାଶୋରିଦେଲ
ଛଳନାହୀନ ପ୍ରେମରେ ମୋର
ଥିଲା ହୃଦୟର ପରସ ପ୍ରୀତି
କାହିଁକି କେଜାଣି ଭୁଲିଗଲ ତୁମେ
ହୃଦୟ କାନ୍ଦୁଛି ଦିନରାତି
ଅଙ୍କା ବଙ୍କା ନଇପଠାରେ ସେଦିନ
ଦେଖୁଥିଲି ତୁମ ପାଦର ଚିହ୍ନ
ସେ ପଦଚିହ୍ନ କାହିଁ କଣ୍ଟକିତ ହେଲା
ମନରେ ଆସୁଛି ଅନେକ ପ୍ରଶ୍ନ
ସ୍ୱାର୍ଥ ସରିଗଲେ ଯୁବତୀ କିଶୋରୀ
ଭୁଲି ଯାଆନ୍ତି କି ତା' ପ୍ରେମିକ କଥା
ତୁମେ ଭୁଲିଗଲ ଦୁନିଆ ସାଥିରେ
ମୁଁ ଲେଖିଗଲି ମୋ ବିଫଳ ଗାଥା।

ଭୁବନେଶ୍ୱର / ମୋ-9861044225

ISSN NO.
2582-208X

# ପ୍ରେମର ଭାଗ୍ୟ



ଆର୍ଯ୍ୟ ଦାସ

ବିଚିତ୍ର ଏ ସୃଷ୍ଟି ବିଚିତ୍ର ତା'ର ମାନବ ଆଉ ସବୁଠାରୁ ବଡକଥା ବିଚିତ୍ର ତା'ର ଭାଗ୍ୟ । କଥାରେ ଅଛି ''ଭାଗ୍ୟଂ ଫଳତି ସର୍ବତ୍ରଂ ନ ଚ ବିଦ୍ୟା ନ ଚ ପୌରୁଷମ୍ ''ଅର୍ଥାତ୍ ଭାଗ୍ୟ ସବୁଠି ବଳବତ୍ତର ରୁହେ ଅଥଚ ବିଦ୍ୟା ଏବଂ ପୌରୁଷତ୍ୱ କ୍ଷେତ୍ରରେ ଏସବୁ ଫଳି ନଥାଏ । ଜୀବନବ୍ୟାପୀ ସଂଘର୍ଷ କରୁଥିବା ମଣିଷର ଭାଗ୍ୟ ତା' ହାତ ତିଆରି ହାତ ପାଆନ୍ତାରେ ମାତ୍ର ସଂଘର୍ଷ ତ ଆଜୀବନ ବ୍ୟାପୀ । କେବେ ସମୟ ସହ ମନୁଷ୍ୟ ସଂଘର୍ଷ କରେ ତ ଆଉ କେବେ କେବେ ନିଜ ସହ ।

ବାହ୍ୟଜଗତର ଅନ୍ତଃସତ୍ୱରୁ ମଣିଷ ନିଜକୁ ଖୋଜି ବୁଲୁଥିବାବେଳେ ଦୁନିଆଁର ଭିଡ ଭିତରେ ଯେମିତି ହଜିଯାଏ । ମାତ୍ର ହଜି ହଜାଇ ନିଜକୁ ଖୋଜିବା ବୁଦ୍ଧିମାନର କାର୍ଯ୍ୟ ରୂପେ ବିବେଚିତ ହୁଏ । ସଂପ୍ରତି ଯୁବପୀଢିଙ୍କ ନିମନ୍ତେ ପ୍ରେମ ଯେମିତି ଚର୍ଚ୍ଚାର ବିଷୟବସ୍ତୁ ସେମିତି ପ୍ରେମକୁ ନେଇ ଆତ୍ମହୁତି ଦେବା ଏକ ଚର୍ଚ୍ଚାର ପରିସର ସାଜିଛି । ପ୍ରେମ କାହିଁ କୋଉ ଅଜଣା ପୁରାତନ କାଳରୁ ଥିଲା ଯାହା ଆଜି ବି ବିଦ୍ୟମାନ । ପବିତ୍ର ପ୍ରେମର ମହତ୍ୱ ହୁଏତ ଆଜିର ଯୁବପୀଢି ବୁଝିବାରେ ଅସମର୍ଥ ଯୋଉଥିପାଇଁ କଟକର ତ୍ରିଶୁଳିଆ ହେଉ କିମ୍ବା ମହାନଦୀର ଶାଖା ପ୍ରଶାଖା ପୋଲ ଯୁବପୀଢିଙ୍କ ଭରସାର ପାତ୍ର ସାଜିଛି । ପ୍ରେମର ଆକ୍ଷରିକ ଅର୍ଥ ବୁଝିବା ପୂର୍ବରୁ ପ୍ରେମ ବଳିପଡିଯାଏ ଭୁଲ୍ ବୁଝାମଣାରେ ।

ପ୍ରେମ ଶବ୍ଦର ଆକ୍ଷରିକ ଅର୍ଥ ଦେହାତୀତ ପ୍ରେମ ନୁହେଁ କି ଦେହବୋଧ ପ୍ରେମ ନୁହେଁ ବରଂ ଦୁଇ ଆତ୍ମାର ମିଳନ । ଯୋଉଠି ସ୍ୱାର୍ଥ ନିହିତ ନଥାଏ ବରଂ ପରସ୍ପର ପ୍ରତି ପ୍ରଗାଢ

ISSN NO.
2582-208X

ଭଲପାଇବା ଏବଂ ଆନ୍ତରିକ ସ୍ନେହ ଶ୍ରଦ୍ଧା ଭରି ରହିଥାଏ । ମାତ୍ର ଭୁଲ୍ ବୁଝାମଣାର ପାଚିରୀକୁ ଅତିକ୍ରମ କରି ପ୍ରେମର ମହତ୍ୱ ବୁଝିବାରେ ଆଜିର ଯୁବପୀଢ଼ି ଯେମିତି ଅସମର୍ଥ ସେମିତି ଅଜ୍ଞାନପ୍ରସୂତ । ଦେହାତୀତ ପ୍ରେମ ଆଗରେ ଆଜି ପାରିବାରିକ ପ୍ରେମ ବଳିପଡୁଛି ଆଉ ସାକ୍ଷୀ ରହୁଛି କଟକର ତ୍ରିଶୁଳିଆ ହେଉ କିମ୍ବା ଅନ୍ୟ ଯେ କୌଣସି ଆତ୍ମହୁତିର ମୁକ ସାକ୍ଷୀ ରହିଥିବା ସ୍ଥଳ ।

ସଂପ୍ରତି ପିଲାବେଳୁ ପିଲାମାନଙ୍କୁ ପ୍ରେମ ହେବା ଏବଂ ତାକୁ ନେଇ ମାନସିକ ଚାପ ଏବଂ ଶାରିରୀକ ପୀଡା କୋଉଠି ନା କୋଉଠି ଶିକ୍ଷା ମହଲରେ ମଧ୍ୟ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ଜୀବନ୍ୟାସ ସଂଘର୍ଷର ପଥ ମୁକ୍ତ ଅଥଚ ପ୍ରତ୍ୟେକ ଜୀବନରେ ଯେମିତି ସମସ୍ୟା ଅଛି ସେମିତି ସମାଧାନର ପନ୍ଥା ମଧ୍ୟ ନିହିତ ଅଛି ଯୋଉଠି ପ୍ରେମର ଭାଗ୍ୟ ଆଜି ଆତ୍ମହୁତିର ଶିଖରରେ ଟଳମଳ । ପରିଶେଷରେ ମନ୍ତବ୍ୟତାର ଶିଖର ନହୋଇପାରେ ମାତ୍ର ମନ୍ତବ୍ୟଟିଏ "ମଣିଷ ସବୁ ଶିଖିଲା ମାତ୍ର ଅନ୍ତର ଦେଇ ଭଲପାଇବା ନୁହେଁ "।

ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ମୋ-୮୧୪୪୫୬୨୮୯୧

ISSN NO.
2582-208X

# ଅବୁଝା ହୃଦୟର ବେଦନା

ପ୍ରଭାତ ସାହୁ

କେବେ ଭାବି ନ ଥିଲି
ତମେ ଆଉ କାହାର ହେବ ବୋଲି
ହେଲେ ସମୟର ଚକକୁ ତ ଦେଖ
ଏପରି ଘୁରିଲା
ତମ ହାଥ ଯାଇ ଆଉ କାହା ମଥାରେ ଗାର ଟାଣିଲା ।।

ଆଖିରେ ଆଖିରେ ମିଶେଇ
କଥା କହିବା
ତମେ ତ ଶିଖେଇ ଥିଲ
କିଛି ଶବ୍ଦ ନ କହି ମଧ୍ୟ
ସବୁକିଛି ବୁଝେଇ ଦେଇଥିଲ
ହେଲେ ମୁଁ ଅବୁଝ
ନିଜକୁ ଏକା ମାନିଦେଇ
ତମକୁ ପାଇବା ପାଇଁ
ଥରୁଟିଏ ଚେଷ୍ଟା ବି କଲିନି ।

ମୁଁ ଜାଣିଛି ଏବେ
ତମେ ଆଉ କାହାର ବୋଲି
ଆଖି ସିନା ଦେଖି

ISSN NO.
2582-208X

ଲୁହ ଶୋଷି ନିଏ
ହେଲେ ହୃଦୟ ଈର୍ଷା ର ଜ୍ୱାଳାରେ ଫାଟିଯାଉଥାଏ ।।

ତମ ମଥାରେ ସିନ୍ଦୂର,
ହାତରେ ମେହେନ୍ଦି
ଆଜି ଆଉ କାହାର
ଭାବି ନ ଥିଲି ମୁଁ
ତମେ ବି ଦିନେ ଶତ୍ରୁ ସାଜିବ ମୋ ହୃଦୟର।।

ବିଜେପୁର ମହାବିଦ୍ୟାଳୟ, ବିଜେପୁର

ISSN NO.
2582-208X

# ରାକ୍ଷୀପର୍ବର ଅନୁଚିନ୍ତା

ପ୍ରବୋଧ କୁମାର ହୋତା

ପୁରାଣରୁ ଶୁଣିଥିଲି ଦ୍ରୌପଦୀ ବାନ୍ଧିଥିଲେ
ରେଶମର କନାଖଣ୍ଡେ ଶ୍ରୀକୃଷ୍ଣଙ୍କ ଆଙ୍ଗୁଳିରେ
ଭାଇ ହୋଇ ପ୍ରଭୁ ପରା ରଖିଦେଲେ ମାନ ଓ ଇଜ୍ଜତ
ଠିକଣା ସମୟରେ ସହସ୍ର ବସ୍ତ୍ର ବଦଳରେ ।

ହଁ ଏବେ ଏବେ ରାକ୍ଷୀ ବିକ୍ରି ହୁଏ
ସହରର ପ୍ରତିଟି ଗଳି, ବଜାର ଓ ଛକରେ
ତଥାପି ଭଉଣୀ ନିର୍ଯ୍ୟାତିତା ହୁଏ
ଖବର ଆସେ ଟିଭି ଓ ଖବରକାଗଜରେ ।

କୁଆଡେ ଥାଆନ୍ତି ଭାଇମାନେ
ଅସହାୟ ଭଉଣୀର ଆତ୍ମଦାହ ସମୟରେ
ନା ଚୁପଚାପ୍ ହୋଇ ରହିଯାନ୍ତି
କିଛି ଧମକ ଆଉ କିଛି ଟଙ୍କା ବଦଳରେ !

ରାକ୍ଷୀ କଅଣ କେବଳ ଏକ ପର୍ବ
ନା ଭଉଣୀ ଥିବାର ରଙ୍ଗୀନ ପରିଚୟ
କେବେ ସେ ହେବ ଭାଇର ଗର୍ବ
ଭଉଣୀ ପାଇବ ବିଶ୍ୱାସ ଆତ୍ମପ୍ରତ୍ୟୟ ।

ISSN NO.
2582-208X

ଦୁନିଆରେ କେବଳ ଆମ ଓଡିଶା
ଯେଉଁଠି ପ୍ରଭୁ ପାଆନ୍ତି ପୂଜା ଭଉଣୀ ସହିତ
ତଥାପି କାହିଁକି ଚାରିଆଡ଼େ ହତାଶା।
ଭଉଣୀମାନଙ୍କୁ ଦେବାକୁ ତାଙ୍କ ମାନ ଓ ମହତ ।

ଭାଇ ଭଉଣୀ ରହିବେ ଏକତ୍ର
କରିକି ପାରିବେ ରଥଯାତ୍ରା ଦେଶ-ବିଦେଶ
ଥାଉ ପଛେ ସମସ୍ୟା ହଜାର
ସମ୍ଭବ ହେବ କି ତାଙ୍କ ହସ ଓ ସୁନାବେଶ ।

ଆମ ପରମ୍ପରା ଆମ ଏ ଚଳଣି
ଯାହା ସମୃଦ୍ଧ ହଜାର ହଜାର ବର୍ଷର
ନହେଉ ଖାଲି ଲୋକଦେଖାଣିଆ
ସମୟ ଆସିଛି ଏବେ ଚିନ୍ତା କରିବାର ।

ଭୁବନେଶ୍ୱର

ISSN NO.
2582-208X

# ମୃତ୍ୟୁ ପରେ ଅନ୍ତ୍ୟେଷ୍ଟି ଅନାବଶ୍ୟକ



ବାଲ୍ମୀକ ନାୟକ

ମଣିଷର ମୃତ୍ୟୁ ପରେ ତା'ର ଅନ୍ତ୍ୟେଷ୍ଟିକରିବା ଭାରତରେ ଏକ ପ୍ରମୁଖ କର୍ମ । ଏଥିପାଇଁ ବିଭିନ୍ନ ଧର୍ମରେ ବିଭିନ୍ନ ଅନ୍ତ୍ୟେଷ୍ଟିପଦ୍ଧତି ପ୍ରଚଳିତ ଅଛି । ହିନ୍ଦୁ, ବୌଦ୍ଧ, ଜୈନ, ଶିଖ ଆଦି ଧର୍ମରେ ଶବ ଦହନ ପ୍ରଥା ଅଛି । ଖ୍ରୀଷ୍ଟିୟାନ, ମୁସଲମାନ, ଏହୂଦି ତଥା ଅବ୍ରାହମିକ ଧର୍ମରେ ଶବକୁ ମାଟି ତଳେ ପୋତି ଦଫନ କରିବା ପ୍ରଥା ପ୍ରଚଳିତ ଅଛି । ଇରାନ ଦେଶର ପାର୍ସି ସମ୍ପ୍ରଦାୟର ଅଗ୍ନି ପୂଜକ ଲୋକମାନେ ଶବକୁ ଦହନ କରନ୍ତି ନାହିଁ କିମ୍ବା ମାଟି ତଳେ ଦଫନ କରନ୍ତିନହିଁ । ସେମାନେ କୌଣସି ଉଚ୍ଚ ତଥା ନିର୍ଜନ ସ୍ଥାନରେ ପଶୁ ପକ୍ଷୀଙ୍କ ଖାଦ୍ୟ ପାଇଁ ଶବକୁ ଥୋଇ ଦେଇ ଆସନ୍ତି । କେତେକ ବୌଦ୍ଧ ଭିକ୍ଷୁ ମଧ୍ୟ ଶବକୁ ପକ୍ଷୀ ମାନଙ୍କ ଆହାର ପାଇଁ ପାହାଡ ଉପରେ ଛାଡି ଦିଅନ୍ତି । କିଛି ଦେଶରେ ଅନ୍ୟ ଏକ ପଦ୍ଧତି ଅନୁସାରେ ନଦୀ ଓ ସମୁଦ୍ର ଜଳରେ ଶବକୁ ଭସାଇ ଦେବାର ପରମ୍ପରା ମଧ୍ୟ ରହିଛି । ସମୁଦ୍ର କିମ୍ବା ବଡ ନଦୀରେ ଥିବା କୁମ୍ଭୀର, ସାର୍କ ଆଦି ବଡ ବଡ ଜଳଚର ପ୍ରାଣୀ ଶବକୁ ଶୀଘ୍ର ଉଦରସ୍ଥ କରିଦିଅନ୍ତି । କିନ୍ତୁ ଛୋଟ ନଦୀ ବା ଜଳାଶୟରେ ଶବକୁ ଉତ୍ସର୍ଗ କଲେ ଜଳ ଦୂଷିତ ହୋଇଯାଏ ।

ସର୍ବାଧିକ ପ୍ରଚଳିତ ଦୁଇଟି ଶବସତ୍କାର ପ୍ରକ୍ରିୟା ହେଉଛି ଅଗ୍ନିରେ ଦହନ ଏବଂ ଭୂମିରେ ଦଫନ କରିବା । ଏହି ଦୁଇଟି ପ୍ରକ୍ରିୟାରେ ଲାଭ ଓ କ୍ଷତି ସମ୍ପର୍କରେ ଆଲୋଚନା କରିବା । ଶବ ଦହନ ପାଇଁ କାଠ ଓ ବିଜୁଳି ଶକ୍ତି ବ୍ୟବହାର ହେଉଛି । କାଠ ବ୍ୟବହାର କଲେ ବନ୍ୟ ସମ୍ପଦ ନଷ୍ଟ ହେବା ସହିତ ବାୟୁ ପ୍ରଦୂଷଣ ହେଉଛି । ତା'ସହିତ ପ୍ରଚଳିତ ପରମ୍ପରା ପାଳନ କରିବା ଆଳରେ ଶ୍ରାଦ୍ଧ, ପିଣ୍ଡଦାନ, ଅସ୍ଥି ବିସର୍ଜନ ଓ ସମାଜର ଲୋକମାନଙ୍କୁ ମୃତ୍ୟୁ ଭୋଜି ଦେବା ପାଇଁ ଅନେକ ଅର୍ଥ ହାନୀ ହୋଇଥାଏ । ଦ୍ୱିତୀୟ ପଦ୍ଧତି ହେଉଛି ମାଟି ତଳେ

ISSN NO.
2582-208X

ପୋତିଦେବା । ଏହା ଦ୍ୱାରା ପରିବେଶ ପ୍ରଦୂଷଣ ହୁଏନାହିଁ । ଶରୀର ଧୀରେ ଧୀରେ ମାଟିରେ ମିଶିଯାଏ । ସମସ୍ୟା ହୁଏ ଶବକୁ ପୋତିବା ସ୍ଥାନରେ ଯଦି ସମାଧି ନିର୍ମାଣ କରି ସେହି ସ୍ଥାନକୁ ବହୁତ ଦିନ ପାଇଁ କବଜା କରି ରଖିବା । ପ୍ରତ୍ୟେକ ଶବ ପାଇଁ ଗୋଟିଏ ସମାଧି ନିର୍ମାଣ କଲେ ସହର ମାନଙ୍କରେ ଶ୍ମଶାନ ଯୋଗୁଁ ସ୍ଥାନ ଅଭାବ ପଡ଼ିଯାଏ । ଯଦି ବିଦ୍ୟୁତ ଶବଦାହ ଗୃହରେ ଶବକୁ ଦହନ କରାଯିବ ଏବଂ ତାପରେ କୌଣସି ଧାର୍ମିକ କର୍ମକାଣ୍ଡ କରାଯିବନାହିଁ ତେବେ କୌଣସି ପ୍ରକାର କ୍ଷତି ହେବନାହିଁ । ସେଥିପାଇଁ ଆଜିକାଲି ଅନେକ ବିକଶିତ ଦେଶର ଧର୍ମନିରପେକ୍ଷ, ମାନବବାଦୀ ଏବଂ ତର୍କଶୀଳ ଲୋକମାନେ ଏହି ଶବଦାହ ପ୍ରକ୍ରିୟାକୁ ଅଧିକ ସମର୍ଥନ କରୁଛନ୍ତି ।

ବିଭିନ୍ନ ଦେଶର ମହାନ ନେତା, ପ୍ରତିଷ୍ଠିତ ଲେଖକ, ସମାଜ ସେବକ, ଦାର୍ଶନିକ, ବୈଜ୍ଞାନିକ, କଳାକାର ଆଦି ମହାପୁରୁଷଙ୍କ ସ୍ମାରକ ସ୍ଥଳ ନିର୍ମାଣ କରିବା ଉଚିତ । ସେଗୁଡିକ ନୂତନ ପିଢିର ଯୁବ ସମାଜର ପ୍ରେରଣାର ସ୍ରୋତ ହେବ । ସାଧାରଣ ଲୋକମାନଙ୍କ ଶବକୁ ଅରଣ୍ୟ କିମ୍ବା ସଡ଼କ ଦୁଇ ପାର୍ଶ୍ୱରେ ପୋତି ଦେଇ ସେହି ସ୍ଥାନରେ ଗୋଟିଏ ଲେଖାଏ ଗଛ ଲଗାଇବା ଉଚିତ । ଶବ ସେହି ଗଛର ଖାଦ ହୋଇଯିବ । ଗଛଟି ବଞ୍ଚିଥିବା ପର୍ଯ୍ୟନ୍ତ ମନୁଷ୍ୟର ସ୍ମାରକ ଚିହ୍ନ ହୋଇ ରହିବ । ଯେଉଁମାନଙ୍କର ନିଜର ଚାଷ ଜମି ବା ବଗିଚା ଥିବ ସେଠାରେ ପରିଜନଙ୍କ ଶବକୁ ମାଟି ତଳେ କବର ଦେଇ ସେହି ସ୍ଥାନରେ ବଡ ଝଙ୍କାଳିଆ କିମ୍ବା ଫଳ ଗଛ ରୋପଣ କରି ଦେଲେ ତାହା ବହୁତ ଦିନ ପର୍ଯ୍ୟନ୍ତ ସ୍ମାରକ ହୋଇ ରହିଯିବ ।  ଏହି ପ୍ରକ୍ରିୟା ବୈଦ୍ୟୁତିକ ଶବ ଦାହ ଅପେକ୍ଷା ପର୍ଯ୍ୟାବରଣ ସୁରକ୍ଷା ଏବଂ ମାନବ ହିତ ସାଧକ ଭାବେ ଅଧିକ ତର୍କ ସଙ୍ଗତ ମନେ ହେଉଛି ।

ଉପରୋକ୍ତ ଦୁଇଟି ପ୍ରକ୍ରିୟା ବ୍ୟତୀତ ଆଉ ଗୋଟିଏ ପ୍ରକ୍ରିୟାକୁ ପ୍ରତ୍ୟେକ ଦେଶର ବିବେକଶୀଳ ଲୋକମାନେ ବିନା ଦ୍ୱିଧାରେ ସମର୍ଥନ ଏବଂ ପସନ୍ଦ କଲେଣି । ତାହା ହେଉଛି ମୃତ୍ୟୁ ପରେ କୌଣସି ମେଡ଼ିକାଲ କଲେଜକୁ ଶରୀର ଦାନ କରିବା । ଏହା ଦ୍ୱାରା ମାନବ ସମାଜର ବହୁତ ମଙ୍ଗଳ ସାଧନ ହୋଇପାରିବ । ପ୍ରଥମ – ଡାକ୍ତରୀ ପାଠ ପଢ଼ୁଥିବା ଛାତ୍ର ଓ ଛାତ୍ରୀମାନଙ୍କୁ ଶରୀର ବିଷୟରେ ପ୍ରାକ୍ଟିକାଲ ପ୍ରଶିକ୍ଷଣ ମିଳିପାରିବ । ଦ୍ୱିତୀୟ – ମୃତ ବ୍ୟକ୍ତିଙ୍କ କିଛି ଅଙ୍ଗ ଅନ୍ୟ କୌଣସି ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ହୋଇ ପାରିବ । ଭାରତରେ ଗତ ୧୯୪୮ ମସିହାରେ ଶରୀର ଦାନ କରିବା ପାଇଁ ସଂସଦରେ ଆନାଟୋମୀ

ISSN NO.
2582-208X

ଆକ୍ଟ ପାରିତ ହେଲା । ଏହି ଅଧିନିୟମ ଅନୁସାରେ କୌଣସି ବ୍ୟକ୍ତି ନିଜର ମୃତ୍ୟୁ ପୂର୍ବରୁ ଗୋଟିଏ ବସୀୟତ ନାମା ଲେଖି ଦେବେ ଯେ ମୋର ସମ୍ପୂର୍ଣ୍ଣ ଶରୀରକୁ କୌଣସି ଶିକ୍ଷା ସଂସ୍ଥାନକୁ ସମର୍ପଣ କରିବାକୁ ଚାହୁଁଛି । ଏଥିରେ ତାଙ୍କର ପରିବାର ଲୋକମାନଙ୍କ ସହମତି ରହିବା ଆବଶ୍ୟକ। ଏହି ଆଇନ ଅନୁସାରେ ଯେକୌଣସି ଅଚିହ୍ନା ଶବକୁ ଯଦି ୪୮ ଘଣ୍ଟା ଭିତରେ କୌଣସି ଦାବିଦାର ମିଳିବ ନାହିଁ ତେବେ ତାକୁ ଗବେଷଣା କରିବା ପାଇଁ ମେଡ଼ିକାଲ କଲେଜକୁ ପଠେଇ ଦିଆଯାଇ ପାରିବ ।

ସୁଖର କଥା ଯେ ଶବ ସତ୍କାର ପାଇଁ ଏହି ପ୍ରକ୍ରିୟାଟି ବହୁଳ ଭାବେ ଲୋକପ୍ରିୟ ହେଉଛି । ପ୍ରାରମ୍ଭରେ କିଛି ବର୍ଷ ପୂର୍ବରୁ ଅନେକ ମାନନୀୟ ରାଜନେତା ଯଥା : ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁ, ଭୂତପୂର୍ବ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ, କମରେଡ ସୀତାରାମ ଏଚୁରି, ସାମାଜିକ ଏବଂ ରାଜନୈତିକ ସକ୍ରିୟ ସଦସ୍ୟ ପ୍ରୋଫେସର ଜି ଏନ ସାଇବାବାଙ୍କ ଶବକୁ ମେଡ଼ିକାଲ କଲେଜକୁ ପ୍ରଦାନ କରାଗଲା । ହେତୁବାଦୀ ଡ଼ଃ ଆବ୍ରାହିମ କୋଭୂରଙ୍କ ଶରୀର, ପଞ୍ଜାବର 'ତର୍କଶୀଳ ପଥ' ପତ୍ରିକାର ସମ୍ପାଦକ ମାଷ୍ଟର ବଳବନ୍ତ ସିଂହ, ପଞ୍ଜାବର ଜଣେ ପୂର୍ବତନ ପ୍ରଧାନ କୃଷ୍ଣ ବରଗାଡିଙ୍କ ଶରୀର ପ୍ରଦାନ କରାଯାଇଛି । ଆଜିର ସମୟରେ ପ୍ରତ୍ୟେକ ରାଜ୍ୟରେ ଶରୀର ଦାନ ଓ ଅଙ୍ଗ ଦାନ ଅଭିଯାନ ଚାଲିଛି । ଓଡ଼ିଶାରେ ମଧ୍ୟ ବହୁତ ଗଣମାନ୍ୟ ବ୍ୟକ୍ତି ଶରୀର ଦାନ କରି ସାରିଲେଣି ଏବଂ ବହୁତ ବ୍ୟକ୍ତି ଶରୀର ଦାନ ପାଇଁ ସ୍ୱୀକୃତି ପତ୍ର ଦାଖଲ କରିସାରିଲେଣି । ଆମେ ଦୁହେଁ ସ୍ୱାମୀ ଓ ସ୍ତ୍ରୀ ଗତ ଆଠ ବର୍ଷ ତଳେ ନିକଟସ୍ଥ ମେଡ଼ିକାଲ କଲେଜକୁ ଶରୀର ଦାନ କରିବା ପାଇଁ ଚୁକ୍ତିପତ୍ର ଦେଇ ସାରିଛୁ । ମାନବ ଶରୀରର ଅନ୍ତିମ ସଂସ୍କାର କରିବା ବଦଳରେ ଅନ୍ତିମ ସାର୍ଥକ କରିବା ବେଶୀ ତର୍କ ସଙ୍ଗତ କର୍ମ ଅଟେ ।

ମୋ : ୯୪୮୨୦୧୬୨୬୦

ISSN NO.
2582-208X

# ପ୍ରିୟତମ



ସ୍ମିତିପ୍ରଜ୍ଞା ଷଡଙ୍ଗୀ

ବରଷା ରାତିରେ ଦିନେ ଲେଖୁଥିଲି ଚିଠି
ବରଷା ଧାରେ ଭାସିଗଲା ମୋ ପୁରୁଣା ସ୍ମୃତି ॥

ଆସୁଛି ବରଷା ବରଷୁଛି ଅମାପ
ନାହିଁ ଆଉ ସେ ଦିନ ନାହିଁ ମୋର ମନ ॥

ସ୍ମୃତି ବହିଯାଏ ଆଜି ଲୁହ ହୋଇ
ଆଜି ବି ଖୋଜୁଛି ପାଦ ତୁମ ସାଥେ ଚାଲିବା ପାଇଁ ॥

ଏକା ନ ଭିଜିବାକୁ ବରଷା ଦେଇଛି ରାଣ
ସାଥିରେ ଆଣିବୁ ପ୍ରିୟତଅ ଯେବେ ଭିଜିବାକୁ ହେବ ମନ ॥

ରାମବାଗ ଷଡଙ୍ଗୀ ସାହି, ଯାଜପୁର

ISSN NO.
2582-208X

# ତୁମ ବିନା...

ଶୁଭଲକ୍ଷ୍ମୀ ଦାସ

କାଳେ କେହି ତୁମ ସ୍ପର୍ଶେ ହେବ ଆନମନା...
କାଳେ କେହି ଚୋରେଇ ନେବେ ସିନା...
ସେଥିପାଇଁ ଏ ଅବୁଝା ମନ ତ ବୁଝେନା...
ରହିହୁଏ ନାହିଁ ବୋଲି ତୁମ ବିନା...

ସମୟ ର ଦୋ ଛକି ରେ ରଖିଲି ନିଜକୁ...
ବାସ ଖାଲି ତୁମ ସହ ସ୍ମୃତି ଆଙ୍କିବାକୁ...
କିଛି ଆଶା କିଛି ସ୍ୱପ୍ନ ଅଝଟ ପଣ ରେ...
ସବୁ ଧୋଇ ଦେଲା ଆଖି ଲୁହ ଶ୍ରାବଣ ରେ...

ବାସ ଖାଲି କ୍ଷଣିକ ଆୟୁଷ ଭିତରେ...
ସମସ୍ତ ଙ୍କୁ ନିଜର ଭାବେ ହୃଦୟ ରେ...
ହେଲେ କି ଅବୁଝା ମନ ବୁଝିଛି ଏ କଥା...
ଚୁପଚାପ ଲୁହ ଢାଳି ସହିଯାଏ ବ୍ୟଥା...

ଉତ୍ତର କି ପ୍ରତ୍ୟୁତ୍ତର ରଖିବା ଅପେକ୍ଷା...
ଭାଙ୍ଗି ଦେବି ଆଜି ଠାରୁ ମନ ର ଆକାଂକ୍ଷା...
ହୃଦୟ ମୋ ଆନ୍ଦୋଳିତ ହୁଏ ଖାଲି ସିନା...
ବଂଚିବା କି ସମ୍ଭବ ମୁହୂର୍ତ୍ତେ ଟେ ତୁମ ବିନା...

ପିପିଲି, ପୁରୀ

ISSN NO.
2582-208X

# କିଛି କହିବାକୁ ଅଛି...

ରଜତ କୁମାର ସାହୁ

କିଛି କହିବାକୁ ଅଛି.... ଟିକେ ଶୁଣିବ କି?
କିଛି କହିବାକୁ ଅଛି.... ଟିକେ ଶୁଣିବ କି?
ମୁଁ ଦେଇଥିବା ଚିଠିର ଉତ୍ତର... ଆଜି ଦେବ କି?
ହାତ ଧରି ମୋର, ମତେ ନିଜର କରିବ କି?
କିଛି କହିବାକୁ ଅଛି.... ଟିକେ ଶୁଣିବ କି?
ହାତରେ ଶଙ୍ଖା, ଆଉ ମଥାରେ ସିନ୍ଦୂର ନାଇବ କି
ଆଉଥରେ ପୁଣି କନିଆଁ ସାଜି... ମୋ ଘରକୁ ଆସିବ କି?
କିଛି କହିବାକୁ ଅଛି.... ଟିକେ ଶୁଣିବ କି?

((()))

ISSN NO.
2582-208X

# ଆଜିର ଭ୍ରମିତ ଯୁବପିଢ଼ି



ମମତା ନାୟକ

ଆମ ଦେଶର ଅଧିକାଂଶ ଅଶିକ୍ଷିତ କିମ୍ବା ଅଳ୍ପ ଶିକ୍ଷିତ ଯୁବକ, ବେକାରି, ଭୋକ ଓ ଦାରିଦ୍ର୍ୟର ଶିକାର। ଅଭାବରୁ ସ୍ୱଭାବ ନଷ୍ଟ ହୁଏ ତେଣୁ ଅଭାବ ଯୋଗୁ ଯୁବକ ମାନେ ଅପରାଧ ଦିଗକୁ ଟାଣି ହେଇ ଯାଉଛନ୍ତି। ରାଜନୈତିକ ନେତାମାନେ ବି ଯୁବପିଢ଼ିଙ୍କୁ ଧର୍ମ ନାମରେ ଧୋକା ଦେଉଛନ୍ତି । ଧର୍ମ ନାମରେ ତାଙ୍କର ମସ୍ତିଷ୍କକୁ ବିଭ୍ରାନ୍ତ (ବ୍ରେନୱାଶ୍) କରାଯାଉଛି, ଭୟଭୀତ କରା ଯାଉଛି। ଫଳ ସ୍ୱରୂପ ସେମାନେ ତାଙ୍କର କଠିନ ପରିଶ୍ରମର ଧନକୁ ଧର୍ମୀୟ କର୍ମକାଣ୍ଡ ଓ ପୂଜାପାଠରେ ଖର୍ଚ୍ଚ କରି ଦେଉଛନ୍ତି । ଆଜି ଭାରତୀୟ ଯୁବପିଢ଼ି ରାଜରାସ୍ତାରେ ଧର୍ମର ଢୋଲ ପିଟୁଛନ୍ତି, ଧର୍ମର ପତାକା ଉଡ଼ାଉଛନ୍ତି, ଧର୍ମ ନାମରେ ଉନ୍ମାଦ ହୋଇ ଶୋଭାଯାତ୍ରା କାଢ଼ୁଛନ୍ତି, ଦେବୀ ଦେବତାଙ୍କ ନାମରେ ଜୟ ଜୟକାର କରୁଛନ୍ତି ଏବଂ ହିଂସ୍ର ହେଇ ବେଳେ ବେଳେ ମାରକାଟ କରୁଛନ୍ତି।

ଧାର୍ମିକ କାର୍ଯ୍ୟକ୍ରମର ପ୍ରଚାର ପାଇଁ ଯେଉଁ ଭଳି ଉତ୍ସାହ ଓ ଢୋଲ କରତାଳି ବାଡେଇ ବିଜ୍ଞାପନ କରା ଯାଉଛି, ତାହାର ଏକ ଦଶମାଂଶ ବି ଯଦି ଶିକ୍ଷାର ଜାଗୃତି ସୃଷ୍ଟି କରିବାକୁ ହେଉଥା'ନ୍ତା ତେବେ ଯୁବପିଢିଙ୍କ ରୋଜଗାର ବହୁତ ବଢି ଯାଇଥା'ନ୍ତା । ଓଲଟା ଦେଶର ଅନେକ ସରକାରୀ ସ୍କୁଲକୁ ଉନ୍ନତ ନକରି ବନ୍ଦ କରାଯାଇ ସାରିଲାଣି, ଏବଂ ଅଧିକରୁ ଅଧିକ ଧର୍ମସ୍ଥଳ ତିଆରି ପାଇଁ ଜନତାଙ୍କ ଟିକସ ବା ସରକାରୀ ଧନ ଖର୍ଚ୍ଚ କରାଯାଉଛି। ଏହି ପରିସ୍ଥିତିରେ ଗରିବ ଶ୍ରେଣୀର ଛୁଆମାନେ ଶିକ୍ଷିତ ହେବାରୁ ବଞ୍ଚିତ ହେଉଛନ୍ତି ଏବଂ ସମଗ୍ର ଜୀବନ ଛୋଟ ଛୋଟ ମଜୁରୀ କାମ କରି ଠିକାଦାରଙ୍କ ହାତରେ ଶୋଷିତ ହେଉଛନ୍ତି। ତାଙ୍କ ମଧ୍ୟରୁ ଅନେକ ମଦ୍ୟପାନ ଓ ନଶାର ଶିକାର ହେଇଯା'ନ୍ତି । ଏହି ଶ୍ରେଣୀର ଯୁବକମାନେ ବେଶି ଅପରାଧିକ ଗତିବିଧିରେ ଲିପ୍ତ ହେଇଯା'ନ୍ତି। ରାଜନୈତିକ

ISSN NO.
2582-208X

ନେତାମାନେ ଏମାନଙ୍କୁ ନିଜର ସ୍ୱାର୍ଥ ସାଧନ ପାଇଁକିଛି ଧନ ଦେଇ ସହଜରେ ଭୁଲପଥରେ ବିନିଯୋଗ କରିଥା'ନ୍ତି ।

ବିଶେଷକରି ଆଜି ପ୍ରତ୍ୟେକ ରାଜ୍ୟର ବିଭିନ୍ନ ପାର୍ଟିର ସରକାର ରାଷ୍ଟ୍ରୀୟ ସଂଘର ଏଜେଣ୍ଡା ଓ ନିୟମକୁ ଛାଡି ଦେଶର ସଂବିଧାନ ଓ ମୂଳ ବିକାଶ ମୁଦ୍ଦା ଉପରେ ଧ୍ୟାନ ଦେଉ ନାହାନ୍ତି। ସରକାରଙ୍କ ନିକଟରେ ଯୁବପିଢ଼ିଙ୍କ ବିକାଶ ପାଇଁ ନା ଶିକ୍ଷା, ନା ସଠିକ ନୀତି, ନା ମଡେଲ ଏବଂ ନା ରୋଡମ୍ୟାପ ଅଛି। ଶିକ୍ଷା ଓ ଚାକିରି ଦେବା ସ୍ଥାନରେ ସେମାନଙ୍କୁ ଜାତିବାଦ, ଭାଷାବାଦ, କ୍ଷେତ୍ରବାଦ, ଅଲଗାବାଦ, ନକ୍ସଲବାଦ, ଆତଙ୍କବାଦ ଓ ସମ୍ପ୍ରଦାୟବାଦ ଭଳି ବିଭିନ୍ନ ବିବାଦିତ ବିଷୟରେ ଜଡିତ ରଖି ସେମାନଙ୍କୁ ଭ୍ରମିତ କରି ରାଜନେତାମାନେ କେବଳ ନିଜ ସ୍ୱାର୍ଥ ସାଧନ କରୁଛନ୍ତି।

ଯଦିଓ ଲୋକତନ୍ତ୍ର ବିଷୟରେ କୁହାଯାଏ ଯେ ଏଥିରେ ସମସ୍ତଙ୍କୁ ସମାନ ସୁଯୋଗ ମିଳେ, କିନ୍ତୁ ଭାରତର ବ୍ୟବହାରିକ ଆଧାରରେ ଏହା ସଂପୂର୍ଣ୍ଣ ବିପରୀତ। ସତ୍ତାପିପାସୁ ନେତାମାନେ ଯୁବ ଶକ୍ତିକୁ ଏମିତି ଏକ ଚକ୍ରାନ୍ତରେ ଫସେଇ ରଖିଛନ୍ତି ଯେ, ସେମାନେ ସତ୍ତାର ସୁଖ ଭୋଗ କରୁଥିବେ କିନ୍ତୁ ଯୁବକମାନେ ସ୍ଥାୟୀ ଚାକିରି ଓ ଆୟରୁ ବଞ୍ଚିତ ହେଇ ରହିଥିବେ। କାରଣ, ସେଇ ଲୋଭ ଦେଖାଇ ଗୋଟେ ପରେ ଗୋଟେ ନିର୍ବାଚନ ଜିତିବା ହିଁ ସେମାନଙ୍କ ମୂଳ ଲକ୍ଷ୍ୟ।

ଏହିଭଳି ବ୍ରେନୱାଶ୍ ହୋଇଥିବା ଯୁବ ବର୍ଗର ସଂଖ୍ୟା ଅତ୍ୟନ୍ତ ବେଶି। ଏହି ଯୁବଶ୍ରେଣୀ ସରକାରକୁ ଡରେ ଓ ଦେବୀ ଦେବତାଙ୍କୁ ମଧ୍ୟ ଡରେ। ଅନ୍ଧବିଶ୍ୱାସ ଓ ଅନ୍ଧଶ୍ରଦ୍ଧାରେ ବୁଡି ରହିଥିବା ଏହି ବର୍ଗ କେତେବେଳେ କାଉଁଡ଼ଯାତ୍ରା, କେତେବେଳେ ତୀର୍ଥଯାତ୍ରା କରି ଧର୍ମୀୟ କାର୍ଯ୍ୟକ୍ରମରେ ଲିପ୍ତ ରହୁଛନ୍ତି । ନିଜର ଖାଇବା ପିଇବା ଖର୍ଚ୍ଚ ପାଇଁ ଅପରାଧ ଓ ଦୁର୍ନୀତିରେ ମଧ୍ୟ ଲିପ୍ତ ହେଇଯା'ନ୍ତି। ଦେଶରେ ଧର୍ମୀୟ ଉନ୍ମାଦ ଉତ୍ପନ୍ନ କରିବା, ରାଜନୈତିକ ସଭାରେ ଭିଡ଼ ଜମା କରିବା, ବିଭିନ୍ନ ପର୍ବ ପର୍ବାଣି ବେଳେ ଶୋଭାଯାତ୍ରା ଆୟୋଜନ କରିବା, ତାଳି-ଥାଳି ବଜାଇବାର ନାଟକ କରିବାଭଳି କାମରେ ଏହି ଯୁବକମାନଙ୍କୁ ମାତ୍ର ଏକ ଉପକରଣ ଭାବରେ ବ୍ୟବହାର କରାଯାଉଛି। ଏମିତି ଭ୍ରମିତ ଯୁବପିଢ଼ି ଦେଶକୁ ବିକାଶରପଥରେ ନେଇଯିବା ଅପେକ୍ଷା ଓଲଟା ନିଜର ଓ ଦେଶର କ'ଣ ଅଧିକ କ୍ଷତି କରୁ ନାହାନ୍ତି ? ଏହା ହେଉଛି ଆଜିର ଏକ ଗମ୍ଭୀର ପ୍ରଶ୍ନ।

ISSN NO.
2582-208X

ଯଦି ଆମେ ଶିକ୍ଷାକୁ ହାତିଆର କରି ଯୁବପିଢ଼ିକୁ ଅନ୍ୟାୟ ଓ ଅସମାନତା ବିରୁଦ୍ଧରେ ଲଢ଼ିବାକୁ ଶିଖାଇ ପାରିବା, ତେବେ ଆମ ଯୁବପିଢିଙ୍କ ପାଇଁ ସତ୍ୟ, ସମାନତା ଓ ନ୍ୟାୟ ଆଧାରିତ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିପାରିବା। ଆଶା କରିବା ଆଜିର ଯୁବପିଢ଼ି ନିଜର ବୁଦ୍ଧି ଓ ବିବେକ ଦ୍ୱାରା ଉଚିତ ନିର୍ଣ୍ଣୟ କରି ଏହି ପଥର ଅଗ୍ରଦୂତ ହୁଅନ୍ତୁ।

ମୋ : ୮୧୪୭୨୦୮୭୪୬

ISSN NO.
2582-208X

# ବର୍ଷା ଭିଜା ରାତି



ରାଧା ରାଣୀ ରାଉଳ

ବର୍ଷା ଭିଜା ରାତି ଆଜି ମୋର ସାଥୀ
ନୀରବ ମୋ ଭାବନାରେ....
ନୀରବ ରେ ବସି ଝରକା ପାଖରେ
ତା କଥା ଯେବେ ମୁଁ ଶୁଣେ...
ଭାରି ଭଲ ଲାଗେ ତା ମଧୁର କଥା
ମୋ ଦୁଃଖ ମୁଁ ଭୁଲିଯାଏ...
ଏମିତି ସମୟ ଏମିତି ଭାବନା
ଏମିତି ହୃଦୟ ହାଏ...
କିଛି ମୁହୂର୍ତ୍ତର ଏ ପ୍ରେମ କାହାଣୀ
ଆପେ ଭୁଲିବାକୁ ହୁଏ...
ଭଲପାଏ ବୋଲି କହି ମୁଁ ପାରେନା
ନୀରବ ମୁଁ ରହିଯାଏ....

କଟିକଟା, ଯାଜପୁର

ISSN NO.
2582-208X

# ଆଜି ର ନାରୀ!

ରୂପମ୍ ଖୁଣ୍ଟିଆ

କିଏ ବୁଝି ପାରିବ ସେହି ନାରୀ ର ବ୍ୟଥା।

କିଏ ଅନୁଭବି ହେବ ସେହି ନାରୀ ର କଥା । ପୂର୍ଣ୍ଣ ଚନ୍ଦ୍ର ଅଧ ରାତି ରେ ବଞ୍ଚାଅ ବଞ୍ଚାଅ ଶବଦ ରେ ପୁରୁଷ ଦେଉଥିଲା ନାରୀ କୁ କଷଣ । ଶେଷ ରେ ପୁଣି ନେଇ ଗଲା ଜୀବନ॥

ଆଖିରେ ଝରୁଥିଲା ରକତ ର ସୁଅ ଶରୀର ରେ ଥିଲା ପୀଡ଼ିତ ର ଚିହ୍ନ ବିଚଳିତ ଆତ୍ମା ଶାନ୍ତି ପାଇବ କଣ।

ମହମବତୀ ର ନିଆଁ ରେ ଜଳାଞ୍ଜଳି ଏ ଦୁନିଆ କାନ୍ଦୁଛି ତାକୁ ଝୁରି ଏ ସମାଜ ରେ କଳଙ୍କ କାଳିମା କୁ ହରାଇ ନାରୀ କୁ । ସମ୍ମାନ ଦିଅ ତାର ପାଦ ଛୁଇଁ॥

ISSN NO.
2582-208X

# ପ୍ରେମର ମଧୁରତା

ଶୁଭମ୍ ସାହୁ

ଜୀବନ ଅନ୍ଧକାରକୁ ଆସି ଆଲୋକିତ କଲ
ମନର ମନ୍ଦିରେ ଆସି ଦୀପ ପ୍ରଜ୍ଵଳିତ କଲ ।
ହୃଦୟ ଗଗନେ ସତେ ତୁମ୍ଭେ ଏକ ତାରା
ମୁଖ ଚନ୍ଦ୍ର ପରି ସତେ ସ୍ଵର୍ଗର ଅପସରା ।
ମନ ମୋର ଥିଲା ଗୋଟେ ବାସହୀନ ଫୁଲ
ପ୍ରେମର ବାସ୍ନାରେ ତୁମେ ସୁବାସିତ କଲ ।
ଜୀବନ ମରୁଭୂମି ରେ ତୁମେ ଏକ ଝରଣା
ଲକ୍ଷହୀନ ଜୀବନେ ମୋ ପାଇଁ ପ୍ରେରଣା ।
ବର୍ଷା ବିନା ଅଧା ଲାଗେ ଯେମିତି ଶ୍ରାବଣ
ତୁମ ବିନା ଅଧା ସେମିତି ମୋ ଜୀବନ ।
ମନ ଚାହେଁ ଶୁଣିବାକୁ ତୁମ ମିଠା ମିଠା କଥା
ଶୁଣି ଭୁଲିବାକୁ ଚାହେଁ ମନର ସବୁ ବ୍ୟଥା ।
କଣ୍ଟକିତ ବନ ପରି ଏ ଜୀବନ ଥିଲା
ତୁମ ଆଗମନେ ତାହା କୁସୁମିତ ହେଲା ।
ତୁମକୁ ଦେଖିଲା ପରେ ଭାବିଲି ମୁଁ ମନେ
ଚନ୍ଦ୍ର ଉଇଁଲା କି ସତେ ମୋ ମନ ଗଗନେ ।
କି ପ୍ରଶଂସା କରିବି ମୁଁ ତୁମ ସୋନ୍ଦର୍ଯ୍ୟର
ତୁମ ଆଗେ ଚନ୍ଦ୍ର ଲାଗେ ଯେମିତି ଛାର ।

Email: [subhamsahu89166@gmail.com]

ISSN NO.
2582-208X

# ପ୍ରକୃତି ପ୍ରେମିକ



ପଦ୍ମନାଭ ରଥ

ପ୍ରକୃତି ର ସୌନ୍ଦର୍ଯ୍ୟ, ମାଟିର ସୁଗନ୍ଧ
ଆଜି ମନ ପ୍ରଫୁଲିତ କରେ ।
ଭାବନା ଜଗତେ ଉଡ଼ି, ବୁଲେ ଯାଇ
କବିତା ଲେଖିବା ଆଶାରେ ।

କୃଷକ ସଂଗୀତ, ଶୁଭେ ନାହିଁ ଆଉ
ମାଟିର ମଣିଷ କାହିଁ ରେ ।
ନବନିଳୀମା ର, ସୌନ୍ଦର୍ଯ୍ୟ ଦେଖ
ଅପସ୍ମରାଠୁ ବଳୀ ଯାଏ ରେ ।

ସବୁଜ ଅଡ଼ି ରେ, ଧାନ୍ୟ ବୃକ୍ଷ ଆଜି
ହୃଦୟ ମୋହିତ କରେ ।
ତାଳ ତମାଳ ନାରିକେଳ ପୁଣି
ମେଘ ର ଆସନ ସାଜେ ।

ପ୍ରକୃତି ରାଣୀ ର ନବଯୌବନ
ମନକୁ ହରଣ କରେ ।
ସତେକି ସୁନ୍ଦର, ରୂପର ଲାବଣ୍ୟ
ଦେବତା ଙ୍କୁ ନର ମଣେ ।

ISSN NO.
2582-208X

ଅପସ୍ୱରା ବିମୋହିତ ହୁଏ
ଦେଖି ରୂପର ଦର୍ଶନେ ।
ମନ ମୋ ଭ୍ରମେ ଯାଇ
ଅନାମୟ ଧାମେ ।

ପ୍ରଭାତ ସୂର୍ଯ୍ୟ ଉଦୟ ଲଲାଟେ
ଆଣିଣ ନାଲି ଟୋପା ଟିଏ ସାଜେ ।
ପୁଣି ସନ୍ଧ୍ୟା ଅସ୍ତ, ପ୍ରକୃତି ରାଣୀ ଙ୍କୁ
ପାଟ ପରିଧ୍ୟାନ କରେ ।

ସତେ ହେ ପ୍ରକୃତି ତୁମ ସୌନ୍ଦର୍ଯ୍ୟ ର
ତୁଳନା ନାହିଁ ଏ ସଂସାରେ ।
ତୁମକୁ ଗଢିବା ବିଧାତା ପୁଣି
ଆସି ଜନମ ନିଏ ଏ ସଂସାରେ ।
ସେ ତୁମକୁ ଦେଖିବା ଆଶାରେ ……

ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ଶେରଗଡ଼ (ଗଞ୍ଜାମ)
+2 2nd year ବାଣିଜ୍ୟ ବିଭାଗ ର ଛାତ୍ର

ISSN NO.
2582-208X

# ଭ୍ଗବତ କଥା-୨୩



ନରେନ୍ଦ୍ର ପ୍ରସାଦ ବେହେରା

## ରାଜା ପରୀକ୍ଷିତଙ୍କର ଦେହ ତ୍ୟାଗ

ବର୍ତ୍ତମାନ ଭାଗବତ କଥା ଅନ୍ତିମ ପର୍ଯ୍ୟରେ ପହଞ୍ଚିଛି । ସାତଦିନ କାଳ ଏକାଗ୍ର ଚିତ୍ତରେ ଶ୍ରବଣ କରି ଆସିଥିବା ରାଜା ପରୀକ୍ଷିତ ଶ୍ରୀଶୁକଦେବ ମହାମୁନିଙ୍କ ଚରଣ କମଳରେ ମସ୍ତକ ରଖି ଭାବବିହ୍ୱଳ ହୋଇ କହିଲେ-ହେ ମୁନିବର, ଏ ଅକିଞ୍ଚନ ପ୍ରତି ଆପଣଙ୍କର କି ଦୟା । ଆପଣ ଅନାଦି,ଅନନ୍ତ,ପରମପୁରୁଷ ଶ୍ରୀକୃଷ୍ଣଙ୍କର ପୁଣ୍ୟକଥା ଶୁଣାଇ ମୋ ଜୀବନକୁ ଧନ୍ୟ କରିଛନ୍ତି, ମୁଁ ଆଜି କୃତାର୍ଥ ହୋଇଛି ଆପଣଙ୍କ ପରି ଜଣେ ମହାତ୍ମାଙ୍କର ସାନ୍ନିଧ୍ୟ ଲାଭ କରି । ମୋର ଅଜ୍ଞାନ ଦୂର ହୋଇଯାଇଛି । ଆପଣ ମୋତେ ପରମ ମଙ୍ଗଳମୟ ଭଗବତ୍ ପଦ ଦେଖାଇ ଦେଇଛନ୍ତି । ମୃତ୍ୟୁକୁ ମୋର ଭୟ ନାହିଁ । ମୁଁ ଅଭୟ ବ୍ରହ୍ମ ପଦରେ ପ୍ରବେଶ କରିବାକୁ ଯାଉଛି । ମୋତେ ଆର୍ଶୀବାଦ ଦିଅନ୍ତୁ, ଯେପରିକି ମୁଁ ଶ୍ରୀକୃଷ୍ଣଙ୍କଠାରେ ଚିତ୍ତକୁ ସମାହିତ କରି ଶରୀର ତ୍ୟାଗ କରିବି । ଏହାପରେ ଶ୍ରୀଶୁକଦେବ ରାଜାଙ୍କ ମସ୍ତକ ସ୍ପର୍ଶ କରି ଆର୍ଶୀବାଦ ଦେଇ ଚାଲିଗଲେ । ରାଜା ଗଙ୍ଗା ତୀରରେ କୁଶ ଆସନ ଉପରେ ଉତ୍ତରମୁଖା ହୋଇ ବସି ସ୍ଥିର ଚିତ୍ତରେ ପରମାତ୍ମାଙ୍କୁ ଧ୍ୟାନ କରିବାକୁ ଲାଗିଲେ ।

ଏଣେ ଋଷିପୁତ୍ର ଶୃଙ୍ଗୀର ଅଭିଶାପକୁ ସତ୍ୟରେ ପରିଣତ କରିବା ପାଇଁ ଛଦ୍ମବେଶରେ ତକ୍ଷକ ଆସୁଛି ରାଜାଙ୍କୁ ଦଂଶନ କରିବା ପାଇଁ । ପଥରେ ଦେଖାହେଲା ଜଣେ ବ୍ରାହ୍ମଣ କଶ୍ୟପଙ୍କ ସହିତ, ଯିଏ କି ଯେକୌଣସି ବିଷଧର ସର୍ପର ଉତ୍କଟବିଷକୁ ଶୋଷିନେଇ ମୃତ

ISSN NO.
2582-208X

ବ୍ୟକ୍ତଙ୍କୁ ବଞ୍ଚାଇ ଦେଇପାରନ୍ତି । ତକ୍ଷକ ଏହା ଜାଣିପାରି କଶ୍ୟପଙ୍କୁ ପ୍ରଚୁର ଧନରତ୍ନ ଦ୍ୱାରା ପ୍ରଲୋଭିତ କରି ଗନ୍ତବ୍ୟ ପଥରୁ ଫେରାଇ ଦେଇଥିଲା । ଏହାପରେ ତକ୍ଷକ ସେହି ବ୍ରାହ୍ମଣ ବେଶରେ ଯାଇ ରାଜାଙ୍କ ନିକଟରେ ଉପସ୍ଥିତ ହେଲା ଏବଂ ଛଦ୍ମବେଶ ପରିତ୍ୟାଗ କରି ସର୍ପରୂପ ଧାରଣ କଲା । ସେ ରାଜା ପରୀକ୍ଷିତ ଧ୍ୟାନବସ୍ଥାରେ ଥିବା ବେଳେ ତାଙ୍କୁ ଦଂଶନ କଲା । ସେତେବେଳକୁ ରାଜା ବ୍ରହ୍ମପଦ ଲାଭ କରି ଆନନ୍ଦମୟ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କଠାରେ ମିଶି ଏକ ହୋଇ ଯାଇଥାନ୍ତି । ତାଙ୍କର ଏହି ମହାପ୍ରୟାଣକୁ ଅଭିନନ୍ଦିତ କରି ଦେବତାମାନେ ଆକାଶରୁ ପୁଷ୍ପବୃଷ୍ଟି କରିଥିଲେ । ପ୍ରଜାବତ୍ସଳ ରାଜାଙ୍କର ଦେହତ୍ୟାଗ ଖବର ଶୁଣି ରାଜ୍ୟବାସୀ ହାହାକାର କରି ଉଠିଲେ । ଚତୁର୍ଦ୍ଦିଗରେ ବିଷାଦର ଛାୟା ଖେଳିଗଲା । ସେଠାରେ ସମବେତ ଥିବା ଋଷିମାନେ ରାଜାଙ୍କର ଜୟ ଜୟକାର କରି ପ୍ରସ୍ଥାନ କରିଥିଲେ ।

ସଂଗ୍ରାହକ - ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର,
ମୋ - ୯୮୫୩୧୪୨୫୧୦

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ମାହେଝିଟୁକେଲ୍ ସୁରକ୍ଷିତ୍ ବଏଲେ ଲାଏଜ୍ ଲାଗସି ମତେ



ରାକେଶ ବାଘ

ଗୁନ୍ଲେଇ ହେଉଛେଁ ଆତ୍ମାର୍ କଥା
ଭିତରେ ମାରିଛେ ଜୁହା,
ଗୁଟ୍ ଗୁଟ୍ କରି  କହେମି କାଣା
ତାଲୁ ଶୁଖିଯିବା ହିଆ ।

ଫିର୍'ବି କହୁଛେଁ ଲୁକେଇ ଛୁପେଇ
ସପ୍'ନେ ଭେଟିଛେଁ ଯେତେ,
ମାହେଝି ଟୁକେଲ୍ ସୁରକ୍ଷିତ୍ ବଏଲେ
ଲାଏଜ୍ ଲାଗସି ମତେ ।

କହେମି କହେମି ବୋଲି ଭାବୁଛେଁ
ଦମ୍ ନାଇଁ ପୁରେ ବେଶୀ,
ରାଏତ୍ ସର୍'ତା ଚମକୁଛେଁନ
ନିଜକେ ଭାବୁଛେଁ ଦୁଷି ।

ଉପରେ ଥାଇ  ସେ ସୁମି ବୁପରି
ହେଁକେଇ ହେଁକେଇ ହଁସେ,
ପାଏନ୍ ଢଲ୍'ମଲ୍  ଆଏଁଖ୍ ଜୁଡାକ
ଫେର୍ କାଏଁଯେ ଦିଶେ ?

ISSN NO.
2582-208X

ଉପରିଆ ହସି ହସୁଥିଲା ହେଟା
ଭିତ୍'ରେ କଏଲଜା ଫାଟେ,
ଘିନି ନାଇଁ ହେଲା ନିଏ ଗୁଟାକ
ତୁମର୍ ବଜାର୍ ହାଟେ ।

ମୋର୍ କଥାପଦେ ଶୁନିଥିଲେ ଖାଲି
କାହିଁ ହେଇଥିତା ଏତେ,
ମାହେଝି ଟୁକେଲ୍ ସୁରକ୍ଷିତ୍ ବଏଲେ
ଲାଏଜ୍ ଲାଗସି ମତେ ।

କୁକୁର୍ କୁଲହିଆ ଚିଲ୍ ମେଡାର୍
ଶିକାର୍ ଖାଏବାର୍ ଲୁଭେ,
ମୁନୁଷ୍ ଭି ଦିନେ ଅସୁର୍ ପାଲଟେ
ନାଇଁ ସୁଧ୍'ରେ କେଭେଁ ।

ମାହେଝି ଟୁକେଲ୍ ଦୂରର୍' କଥା
ଛୁଆକୁ ନାଇଁ ବାଟ୍,
ଦେଖ୍'ଲେ ଦୂରୁ ମନ୍'ଟା ବଲୁଛେ
ପନଖି ଧରି କାଟ୍ ।

କଅଁଲି ହାଡ୍ କେ ଛିଡେଇ ଖାଉଛେ
ମୁନୁଷ୍'ପନ୍ ଦେଲା ମାରି ,
କେନ୍'ନ ଥିଲା ଯେ ହିଁସା ଅହଁକ୍ାର
ଇଛେନ୍ ବୁଲୁଛେ ଘୁରି ।

ଘରୁ ଭଁଟାକେ ପାଦେ ପକାଲେ
ଚିନ୍ତା କେତନି କେତେ,

ISSN NO.
2582-208X

ମାହେଝି ଟୁକେଲ୍ ସୁରକ୍ଷିତ୍ ବଏଲେ
ଲାଏଜ୍ ଲାଗସି ମତେ ।
ସେ ରାମ୍ ରଜାଠାନୁଁ ବଡ୍ ନିଏକାରୀ
କହତ ଆର୍ ଯେ କିଏ ?
ଯେନ୍'ନ ମାତା ମହାରାନୀ ସୀତା
ନାଇଁ ପାଏଲେ ନିଏ ।

ଦେବୀ ଦ୍ରୁ'ପଦିକେ ମହାଭାରତେ
ଦୁଃଶାସନ୍ ଘିଚେ ପିନ୍ଧନା,
ନାରୀ ସୁରକ୍ଷିତ୍ ବୋଲି ଦେଖ୍'ତ
କେନ୍ତି କରବୁ ଭାବନା ।

କାହିଁ କେତେକାଲୁଁ ଏନ୍'ତା ନିୟମ୍
ଯେନ୍ ଦେଶ୍'ଥି ଅଛେ,
ସେ ଗଚ୍'ଠାନୁ ଏକା ସେ ଫଲ୍'ତ
ନିଶ୍'ଚେ ଫଲ୍'ବା ଗଛେ ।

ହେନତା ଦେଶ୍ କେ କାଏଁ ଦେଶ୍ ବଲବୁ
ସନ୍'ମାନ୍ ନାଇଁ ମୁଟେ,
ମାହେଝି ଟୁକେଲ୍ ସୁରକ୍ଷିତ୍ ବଏଲେ
ଲାଏଜ୍ ଲାଗସି ମତେ ।

ହରେ ନିହିଠାନୁ ମୁଲ୍ ନେତାମନ୍ତ୍ରୀ
ଯେତେ ଚେଲା ଚାମ୍'ଚା,
ଭୋଟ୍ ଗୁଟେଲାଗି ରଜାର୍ ପୁଓ ସେ
ଆମ୍'କୁ ଖାଏଲା ମୁର୍'ଚା ।

ISSN NO.
2582-208X

ଭାରତକେ ବଲୁ ନୀତି ଧର୍ମର୍ ଦେଶ୍
ସବୁତ ଆଏ ଚୁଛା,
ବଡ୍ କଥା କହି ଭାଷଣ୍ ମାର୍'ବେ
କଲାବେଲେ ପଚ୍'ଘୁଁଚା ।

ବଡ୍ ପଦେ ଥାଇ ଚଉକି ଉପରେ
ଧୁକି ହେଉଥିବେ ଧୁକ୍'ନା,
ରଡି ରଡି କରି ରଡବୁ କେତେ
ନିଜ୍'କେ ହେବା ଚୁର୍'ନା ।

ଫିର୍'ବି କହେଲେକହେଲା ବଲୁଛନ୍
ବିକାଶ୍ କର୍'ଲୁଁ ଏତେ,
ମାହେଝି ଟୁକେଲ୍ ସୁରକ୍ଷିତ୍ ବଏଲେ
ଲାଏଜ୍ ଲାଗସି ମତେ ।

ଇ ବେଟୀ ବଚାଓ ବେଟୀ ପଢାଓ
ଗୁଟେ ଫାଲେ ଦେଲେ ନାରା,
ଆର୍ ଗୁଟେ ଫାଲେ ଯଉତୁକ୍ ଲାଗି
ସମ୍ବିଧାନେ ଅଛେ ଧାରା ।

ନୂଆଁ ଭାରତର୍ ସପନ୍ ଦେଖାବେ
ଯୋଜନା ଉପରେ ଯୋଜନା ,
ହେ ନିଏର୍ କଥା ଶୁନଲେ ଆଇନ୍
ଶୁଇସି ବିଛେଇ ଦସ୍'ନା ।

ରୁଚିକା, ସ୍ମିତା, ସସ୍ମିତା, ମମିତା,
ମାଧବିଲତାର୍ ବଲି,

ISSN NO.
2582-208X

ଇତିଶ୍ରୀ, ସୌମ୍ୟଶ୍ରୀ ବୁହେନ୍ କେ
ଜିଇଁତା ଦେଇଛନ୍ ଜାଲି ।

ପରୀ, ପିହୁ, ବେବିନାର୍ କଥା
କହେମି କାଣା ତତେ,
ମାହେଝି ଟୁକେଲ୍ ସୁରକ୍ଷିତ୍ ବଏଲେ
ଲାଏଜ୍ ଲାଗସି ମତେ।

ସୌମ୍ୟଶ୍ରୀ କଥା ସାମ୍ବାଦିକ୍ ମାନେ
ହାଇଲାଇଟ୍ ହେବେ କେନ୍ତି,
ଅସଲ୍ ମଉକା ଇଟା ଆମର୍
ବିରୋଧୀ ଦଲର୍ ଶକ୍ତି ।

ନିଜେ ବାଁଚ୍'ଲେ ବୁଆର୍ ନାଆଁ
ପେଟ୍ ପୁର୍'ତେଲ୍ କୁଟେ ,
ହେତିର୍ ଲାଗିତ କୋର୍ଟ୍ କଚେରୀ
ଧନୀ ଲୁକ୍'କୁଁ ଜୁଟେ ।

ଘାଏକର୍ ଲାଗି ଘିଚା ଉନ୍'ଚା
ଫେର୍ ତୁମ୍ ପଡି ଦେଉଁ ,
ଅନିଏ, ଅନୀତିକେ ସିହାଁଶନେ ବସେଇ
ଇତାକେ ଶାସନ୍ କହୁଁ ।

ଖାଲି ବଡ୍ ବଡ୍ କଥା ସମ୍ବିଧାନେ
କେଡେ ସୁନ୍ଦର୍ ଦିଶେ,
ମାହେଝି ଟୁକେଲ୍ ସୁରକ୍ଷିତ୍ ବଏଲେ
ଲାଏଜ୍ ଲାଗସି ମତେ।

ISSN NO.
2582-208X

ମାହେଝି ମୁନୁଷର୍ ସଁସାର୍ ଇଟା
ଦୁହି ଝନ୍'କର୍ ହଁକ୍,
କେନ୍'ତି ଚଲ୍'ବା ଝି ବୁପ୍'ରି
ଚିପି ପକାଲେ ଶଁକ୍ ।

ଶେଷ୍'କେ କହେମି ଅସଲ୍ କଥା
ବେଲ୍ ଥାଉ ଥାଉ ହୁସିଆ ,
ଶବଦର୍ ମାଲା ନାଇଁ ଭାବ୍'ବୁ
ଇଟା ଭି ଗୁଟେ ଚିତ୍'କାର୍ ।

ପହେଲେ ତୁଇ ଚିନ୍ ପଶୁଠାନୁ ହିନ୍
ପଛେଁ ନିଁମିଲେ ଉସ୍'ତାର୍ ,
ପରର୍ ଝିକେ ଘରର୍ ଭାବ୍'ଲେ
ନିଏ କାହିଁ ଆରୁ ଦର୍'କାର୍ ।

ଫିର୍'ଭି ଯଦି କୁକୁର୍ ରଡୁଛେ
ମାରି ଦେଖ୍'ତ ଲାତେ,
ମାହେଝି ଟୁକେଲ୍ ସୁରକ୍ଷିତ୍ ବଏଲେ
ଲାଏଜ୍ ଲାଗସି ମତେ ।

ପଞ୍ଚମହଲ୍, ଉଲୁଣ୍ଡା, ସୁବର୍ଣ୍ଣପୁର
୬୩୭୦୮୨୩୪୨୨

ISSN NO.
2582-208X

# ଫୁଲମତିର୍ ଫୁକା



ଗଜାନନ ମିଶ୍ର

ଫାଟଲା କେନ୍ତା
ଫୁଲମତିର୍ ଫୁକା
ଜନାପଡିଥିଲେ ଭି
ନେଇଁ ହେବାର କହି ।
କହିଦେଲେ ଯାଏଁ ନେଇଁ
ଆଗକେ ଆରୁ କହେଲା ନଏଦ୍ ।
ଅଛେ ନଏଦ୍ ବିନ୍ ପାନି ।

ଝରବାର୍ ବନ୍ଦ ହେଇଗଲା
ଆଖିର୍ ଲୁହୁ
କୁଏଲିର କୁହୁ
ଆସମାନ୍ରୁ ଥିପୁଥିବା ମହୁ ।
କାଁ କରୁଛେ ପିହୁ
ପଚରେଇବସଲା ନିତ୍ୟାର
ସତକହୁ ସଦ୍ଧୁ ।

ଫୁଲମତିର କଥାଥି
ଅଛେ ଭେଲ୍ୟୁ
ଆରୁ ଜୁଖବାରକାଜେ
ଘେରିଛୁଁ ସବୁଆଡୁ ।
ଘବରେଇକରି ବିଲବିଲାଲାନ
ସମକର ସାମ୍ନେ କେନ୍ତା
ବଲବାରକେ ନେଇଁ କିହେ ଆରୁ ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X



# କୁହୁକ କଲମ

ଅଭୟ କୁଣ୍ଡ

ପାଟପୁର ଗାଁ ମୁଣ୍ଡରେ ଗୋଟିଏ ଛୋଟ ପରିବାର ବାସ କରନ୍ତି। ପରିବାରର ମୁଖ୍ୟ ହରିହର ବାବୁ । ହରିହରଙ୍କର ଗୋଟିଏ ମାତ୍ର ପୁତ୍ର ଚିକୁ । ସେ ପଞ୍ଚମ ଶ୍ରେଣୀରେ ଗାଁ ବିଦ୍ୟାଳୟରେ ପଢେ । ମାତ୍ର ପାଠ ପଢାରେ ବହୁତ୍ ଠକ । ପ୍ରତିଦିନ ବିଦ୍ୟାଳୟକୁ ଯାଏ ନାହିଁ । ଅକ୍ଷର ଲେଖା ଶିଖିନାହିଁ ଚିକୁ ଏପରିକି ନିଜର ନାମ ମଧ୍ୟ ଲେଖିପାରେ ନାହିଁ । ତା ସହ ପିଲାଟି ବାହାର ଲୋକମାନଙ୍କୁ ବହୁତ ଖରାପ ବ୍ୟବହାର ଦେଖାଏ । ବାପା ମା ବହୁତ୍ ବ୍ୟସ୍ତ ହୁଅନ୍ତି ତାର ବ୍ୟବହାର ଓ ଶିକ୍ଷାକୁ ନେଇ । ପିଲାଟି କିପରି ପାଠ ପଢ଼ିବ ଓ ଭଲ ବ୍ୟବହାର ଶିଖିବ ସେଥିପାଇଁ ସଦା ସର୍ବଦା ଚେଷ୍ଟା କରନ୍ତି ଦୁହେଁ । କିନ୍ତୁ କିଛି ବି ଫଳ ମିଳେ ନାହିଁ । ବିଦ୍ୟାଳୟରେ ସାଙ୍ଗସାଥୀଙ୍କ ସହ ମାଡ଼ଗୋଳ, ବିଦ୍ୟାଳୟର ଅସବାବପତ୍ର ଭଙ୍ଗାରୁଜା ବହିପତ୍ର ଚିରାଚିରି ଇତ୍ୟାଦି ତା'ର ବିଦ୍ୟାଳୟକୁ ଯିବା ଦିନର ମୁଖ୍ୟ କାର୍ଯ୍ୟ । ସେଥିପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବହୁଥର ହରିହର ବାବୁଙ୍କୁ ଡାକି ତାଗିଦ୍ ମଧ୍ୟ କଲେଣି । ପିତା ମାତା ଦୁଇ ଜଣ ନାଚାର । କଣ ବା କରିବେ କିଛି ବି ଜାଣି ପାରୁନଥାନ୍ତି । ବହୁ ମନ୍ଦିର ବହୁ ଠାକୁର ପୂଜା ପୂଜି ମଧ୍ୟ କରିଥାନ୍ତି ପୁଅର ସ୍ୱଭାବରେ ପରିବର୍ତ୍ତନ ପାଇଁ ।

ଦିନେ ବାପା ମା ଓ ଚିକୁ ତିନି ଜଣ ଆର ଗାଁରେ ପାହାଡ ଉପରେ ଥିବା ମନ୍ଦିରକୁ ଯାଇଥାନ୍ତି । ମନ୍ଦିରରୁ ଫେରିବା ବାଟରେ ଜଣେ ସାଧୁ ସନ୍ନ୍ୟାସ ଦେଖାହେଲେ । ସାଧୁ ଜଣକ ଦମ୍ପତ୍ତିଙ୍କର ମନ ଦୁଃଖ ଦେଖି କାରଣ ପଚାରିଲେ । ହରିହର ବାବୁ ସବୁ ଘଟଣା ଖୋଲି କହିଲେ ସାଧୁ ବାବାଙ୍କୁ । ସାଧୁ ବାବା ପିଲାଟି ସହ ନିରୋଳାରେ କଥା ହେବେ

ISSN NO.
2582-208X

ବୋଲି କହିଲେ । ଠିକ୍ ସେହିପରି ହେଲା । ପିଲାଟି ସହ ଏକୁଟିଆ କଥା ବାର୍ତ୍ତା ହେଲେ ସାଧୁବାବା । ସାଧୁ ବାବାଙ୍କୁ ଦେଖି ପିଲାଟି ମୁଣ୍ଡିଆ ମାରିଲା ନାହିଁ । ବାବା ବ୍ୟସ୍ତ ନ ହୋଇ ପିଲାଟିକୁ କୋଳେଇ ଧରି ଅନେକ କଥା ବୁଝାଇଲେ ଓ କହିଲେ - "ହେ ବାଳକ ମୁଁ ତୁମକୁ ଏକ କୁହୁକ କଲମ ଦେବି । ସେହି କଲମଟି ତୁମର ସମସ୍ତ ମନସ୍କାମନା ପୂର୍ଣ୍ଣ କରିବ ।" ତୁମେ ସେହି କଲମଟି ନେବ କି ? ପିଲାଟି କୁହୁକ କଲମର କଥା ଶୁଣି ନେବ ବୋଲି ରାଜି ହେଲା । ଆଗରୁ କୁହୁକ କଲମର ଗପ ସେ ଜେଜେ ବାପାଙ୍କ ପାଖରୁ ଶୁଣିଥିଲା । ସାଧୁ ଜଣଙ୍କ କହିଲେ ଏହି କଲମରେ ତୁମେ ଅନ୍ୟର ମଙ୍ଗଳ ପାଇଁ ଯାହା ଲେଖିବ ତାହା ଅବଶ୍ୟ ପୂରଣ ହେବ । କିନ୍ତୁ ମନେରଖ ଏହି କଲମରେ ତୁମେ ତୁମ ପାଇଁ କିଛି ବି ମାଗି ପାରିବ ନାହିଁ । ଯଦି ତୁମେ ନିଜ ପାଇଁ କିଛି ଲେଖ କିମ୍ବା ଅନ୍ୟର ଅମଙ୍ଗଳ ଲିପିବଦ୍ଧ କରିବ ତେବେ କୁହୁକ କଲମଟି ଆଉ କେବେ ବି କାର୍ଯ୍ୟ କରିବ ନାହିଁ । ପିଲାଟି ସାଧୁ ବାବାଙ୍କ ଠାରୁ ଯାଦୁ କଲମ ପାଇଁ ବହୁତ୍ ଖୁସି ଥାଏ । ଘରକୁ ଆସି ଚିନ୍ତାକଲା କଣ ଲେଖିବ ସେ ସେହି କଲମରେ । ମାତ୍ର ତାକୁ ତ ଲେଖା ଜଣାନାହିଁ । ସେଥିପାଇଁ ଚିକୁ ଭାବିଲା ସେ ନିୟମିତ ବିଦ୍ୟାଳୟକୁ ଯିବ ଓ ମନଦେଇ ପାଠ ପଢାପଢି କରିବ । ଏମିତି କିଛି ମାସ ପରେ ପିଲାଟି ସବୁ ଲେଖା ଲେଖି ଓ ପଢା ପଢି କରିପାରିଲା । ଏଥର ଭାବିଲା ସେ ସେହି କୁହୁକ କଲମରେ କିଛି ଲେଖିବ । ସେଥିପାଇଁ ତା ମନ ଭିତରେ ପ୍ରବଳ ଉତ୍ସାହ ଥାଏ ।

ସେଦିନ ବିଦ୍ୟାଳୟରୁ ଫେରୁଥାଏ ଚିକୁ । ବାଟରେ ଜଣେ ଅସହାୟ ବୃଦ୍ଧାଙ୍କୁ ଦେଖିଲା । ପିଲାଟିକୁ ଦେଖି ବୃଦ୍ଧା କିଛି ଖାଦ୍ୟ ଖାଇବା ପାଇଁ ମାଗିଲେ । ଚିକୁ ତା ବ୍ୟାଗ୍ ରେ ଥିବା ଟିଫିନ୍ ବକ୍ସ ଖୋଜିଲା କିନ୍ତୁ ଚିକୁ ପାଖରେ କିଛି ବି ପାଇଲା ନାହିଁ । ହଠାତ୍ ତାର ମନେ ପଡିଗଲା ସେହି କୁହୁକ କଲମର କଥା । ସେ ତା ବ୍ୟାଗରୁ କଲମଟି ବାହାର କରି ଖାତାରେ କିଛି ଖାଦ୍ୟର ନାମ ଲେଖିଲା । ଲେଖା ସାରିବା କ୍ଷଣି ତା ଟିଫିନ୍ ରେ ସେ ସବୁ ଖାଦ୍ୟ ପହଁଚିଗଲା ଓ ପିଲାଟି ସେହି ଖାଦ୍ୟ ବୃଦ୍ଧାଙ୍କୁ ଦେଇ ଘରକୁ ଫେରିଲା । ଘରେ ତାର ମାଆଙ୍କୁ ସବୁକଥା କହିଲା । ପୁଅର ଏଭଳି କାର୍ଯ୍ୟ ଦେଖି ମାଆ ବହୁତ୍ ଖୁସି ହେଲେ ଓ ଏହିପରି କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଲେ । ପିଲାଟି ଧୀରେ ଧୀରେ ଅନ୍ୟ ମାନଙ୍କୁ ସାହାଯ୍ୟ କରିବାକୁ ଲାଗିଲା । ଲେଖା ଲେଖି ଶିଖିଯିବାରୁ କୁହୁକ କଲମରେ ସବୁ କିଛି ଲେଖିପାରିଲା । ଗରିବ ଲୋକଙ୍କୁ ସାହାଯ୍ୟ କଲା । ମନ ଦେଇ ପାଠ ପଢ଼ି ବିଦ୍ୟାଳୟରେ

ISSN NO.
2582-208X

ଭଲ ସ୍ଥାନ ଅଧିକାର କଲା । ତା ମଧ୍ୟରେ ସ୍ନେହ, ମମତା, ସୁବ୍ୟବହାର, ଈଶ୍ୱର ଭକ୍ତି ଓ ଅନେକ ଭଲ ଗୁଣ ବିକାଶ ହେବାକୁ ଲାଗିଲା ।

କିଛି ଦିନପରେ ସେହି ସାଧୁ ବାବା ଜଣଙ୍କ ସେହି ଗାଁକୁ ଭିକ୍ଷା ବୃତ୍ତିରେ ଆସିଥାନ୍ତି । ପୁଣି ବାଳକ ଚିକୁ ସହ ତାଙ୍କର ଭେଟ ହେଲା । ଏଥର କିନ୍ତୁ ଚିକୁ ବାବାଙ୍କୁ ଦେଖି ମୁଣ୍ଡ ନୁଆଇଁ ପ୍ରଣାମ ଜଣାଇଲା । ପିଲାଟିର ବ୍ୟବହାରରେ ପରିବର୍ତ୍ତନ ଦେଖି ସାଧୁ ବାବା ତାକୁ ଆଶୀର୍ବାଦ ପ୍ରଦାନ କଲେ ଓ ଜୀବନରେ ଭଲ ମଣିଷ ହେବାକୁ ଉପଦେଶ ଦେଲେ। ଆଚରଣଗତ ପରିବର୍ତ୍ତନ ପାଇଁ ଏହା ଏକ ଛୋଟ ଉପଦେଶ ମାତ୍ର ବଡ ସନ୍ଦେଶ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ତାଳଚେର ଅନୁଗୋଳ/ମୋ: ୯୫୫୬୯୮୯୭୨୩

ISSN NO.
2582-208X

# ମୋବାଇଲ ଆଉ ଧରନି



ବର୍ଷାର୍ଣୀ ପ୍ରଧାନ

ସୁରୁଜ ଉଠିବା ଆଗରୁ ଉଠିବି
ନିତ୍ୟ କର୍ମ ମୋର ସାରିବି
ମା ଯାହା ଦେବ ଶାନ୍ତିରେ ଖାଇକି
ପାଠ ପଢିବା କୁ ବସିବି

ପାଠ ପଢା ବେଳେ ଚଗଲା ହେବିନି
ମନ ଦେଇ ପାଠ ପଢ଼ିବି
ଅବୁଝା ହେବିନି ଅଝଟ ହେବିନି
ସୁନା ପିଲା ଟିଏ ହୋଇବି,

ମୋବାଇଲ ଛାଡି ବ୍ୟାଟ ଧରିବି
ବଲ ଟିଏ ମୁଁ କିଣିବି,
ଖେଳ ପଡିଆ ରେ ସାଙ୍ଗ ପିଲା ଡାକି
ବଲ ବ୍ୟାଟ ଖେଳିବି

କବାଡି ବାଗୁଡ଼ି, ଡାବଲ ପୁଆର
ନୂଆ ନୂଆ ଖେଳ ଖେଳିବି
କସରତ କଲେ ରକ୍ତ ସଂଚାଳୀ ବ
ସୁସ୍ଥ ନିରୋଗ ରହିବି,

ISSN NO.
2582-208X

ମୋ ସାଙ୍ଗ ସନିଆ ଭାରି ଅମାନିଆ
ମୋବାଇଲ ନୀତି ଦେଖୁଚି
ଡାକ୍ତର ଖାନରେ ପଡି ରହି ପୁଣି
ଚଷମା ଟେ ନାଇଁ ଫେରିଛି,

ଅକ୍ଷର ଦିଶୁନି ପଢି ସେ ପାରୁନି
ଆଖିରୁ ତା ଲୁହ ଝରୁଛି
ମୋବାଇଲ ପାଇଁ ଆଖି ମୋର ନାଇଁ
ସଭିଁ ଙ୍କ ଆଗରେ କହୁଛି,

ମୋବାଇଲ ଠାରୁ ଦୁରେଇ କି ରୁହ
ଏବେ ବି ସମୟ ଗଡିନି,
ଖେଳ କୁଦ କରି ଦିନ ବିତି ଯାଉ
ମୋବାଇଲ ଆଉ ଧରନି.

ସମଲ, ତାଳଚେର, ଅନଗୁଳ

ISSN NO.
2582-208X

# ସାମ୍ପ୍ରତିକ ସମାଜରେ
# ଶିକ୍ଷା, ଶିଶୁ ଏବଂ ଶିକ୍ଷକ



ଆୟୁଷ ରଞ୍ଜନ ପଣ୍ଡା

ଶିକ୍ଷା ହେଉଛି ଜୀବନର ପ୍ରମୁଖ ଆଧାର। ଏହା ନିଜ ଜୀବନକୁ ନୈତିକତା, ଜ୍ଞାନ, ଦକ୍ଷତା ଓ ମୂଲ୍ୟବୋଧରେ ଗଠନ କରେ ଏବଂ ଏହି ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ତିନିଟି ଆଧାର ହେଉଛନ୍ତି — ଶିଶୁ (ଶିକ୍ଷାର୍ଥୀ), ଶିକ୍ଷକ, ଓ ଶିକ୍ଷା ପଦ୍ଧତି। ବର୍ତ୍ତମାନ ସମୟରେ ଏହି ତିନି ଦିଗରେ ଦ୍ରୁତ ଭାବରେ ପରିବର୍ତ୍ତନ ଘଟୁଛି। ତେଣୁ ଏହି ନିବନ୍ଧରେ ଆମେ ଜାଣିବା ଯେ ବର୍ତ୍ତମାନ ସମାଜରେ ଏହି ତିନି ଅଂଶ କିପରି ଏକ ଅନ୍ୟଙ୍କ ସହିତ ଗଢ଼ିଉଠିଛନ୍ତି।

ଆଗକୁ ଯାଉଥିବା ସମୟରେ ଶିକ୍ଷା ଆଗକୁ ବଢ଼ୁଛି। ଏବେ ଶିକ୍ଷା କେବଳ ପୋଥି ପାଠ ପଢ଼ିବା ନୁହେଁ — ଏହାକୁ ଏକ ବ୍ୟାପକ ବିକାଶର ସଂକଳ୍ପନା ହୋଇଯାଇଛି। ନୂତନ ବିଜ୍ଞାନ, ତଥ୍ୟପୂର୍ଣ୍ଣ ଯୁଗ, ଡିଜିଟାଲ୍ ନିୟମ ଓ ଚାକିରି ସମ୍ପର୍କିତ ଦକ୍ଷତା ଏବେ ଶିକ୍ଷାର ଅଙ୍ଗ ହୋଇଯାଇଛି। ତେଣୁ ଶିକ୍ଷା ଅଧିଖ ଅନୁଭବମୂଳକ, ଚିନ୍ତନଶୀଳ ଓ ବ୍ୟବହାରିକ ହେବା ଦରକାର। ଆଜିର ଶିଶୁମାନେ ପ୍ରବଳ ଜିଜ୍ଞାସାଶୀଳ, ସ୍ୱାଧୀନ ଚିନ୍ତନଶୀଳ ଓ ଟେକ୍ନୋଲୋଜି ସହ ଅନ୍ତର୍ଭୁକ୍ତ। ସେମାନେ ପାଠଯୋଗ୍ୟ ଭାବେ ଯେପରି ଅଭିନବ ଧାରଣା ଓ ପ୍ରଶ୍ନ ଚିନ୍ତା କରି ପାରନ୍ତି, ତାହା ଶିକ୍ଷାକୁ ଅଧିକ ଜୀବନ୍ତ ଓ ସୃଜନାଶୀଳ କରିଥାଏ। କିନ୍ତୁ ଏହି ପିଢ଼ି ଅନେକ ନୂଆ ଚାପ, ମାନସିକ ଅଭିଘାତ ଓ ସାଇବର ଅପଭ୍ରମ ମଧ୍ୟରେ ବଢ଼ିଉଠୁଛନ୍ତି। ତେଣୁ ସେମାନଙ୍କ ପାଇଁ ନିରାପତ୍ତା, ନୈତିକ ଶିକ୍ଷା ଓ ସମ୍ବେଦନଶୀଳତା ବିକାଶ ଅତ୍ୟାବଶ୍ୟକ। ଶିକ୍ଷକ କେବଳ ଗ୍ରନ୍ଥ ଶିକ୍ଷକ ନୁହେଁ; ସେ ଏକ ମାନସିକ ଗଠନକାର, ନୈତିକ ନେତୃତ୍ୱ ଓ ସାମାଜିକ ଦାୟିତ୍ୱବୋଧର ଦିଗଦର୍ଶକ। ବର୍ତ୍ତମାନ ଶିକ୍ଷକମାନେ ଏକ ଗାଇଡ୍, ଫ୍ରେଣ୍ଡ ଏବଂ ଫାସିଲିଟେଟର୍ ଭାବେ ପରିଣତ ହେଉଛନ୍ତି।

ISSN NO.
2582-208X

ତାଙ୍କର ମୁଖ୍ୟ ଦାୟିତ୍ୱ ହେଉଛି — ଶିଶୁଙ୍କ ମଧ୍ୟରେ ସ୍ୱାଧୀନ ଚିନ୍ତନ, ସୃଜନାତ୍ମକତା ଓ ନୈତିକତାକୁ ଜାଗ୍ରତ କରିବା। ଏହି ତିନି ଅଂଶ — ଶିଶୁ, ଶିକ୍ଷକ, ଓ ଶିକ୍ଷା ପ୍ରଣାଳୀ ମଧ୍ୟରେ ଗଢ଼ିଉଠିଥିବା ସମ୍ପୃକ୍ତତା ଦ୍ୱାରା ଗଠିତ ହୁଏ ଜଣେ ସୁସ୍ଥ ଓ ଜ୍ଞାନୀ ନାଗରିକ। ଯଦି ଶିକ୍ଷାପ୍ରଣାଳୀ ଅନୁସାରଣୀ ନ ହୁଏ, ଶିକ୍ଷକ ଅପୂର୍ଣ୍ଣ ଓ ଶିଶୁ ଅନାଶାୟୀ ରହିଥାନ୍ତି — ତେବେ ଶିକ୍ଷା ଅର୍ଥହୀନ ହୋଇଯାଏ। ସୁଦୃଢ଼ ଶିକ୍ଷା ତିନି ଶକ୍ତିଶାଳୀ ଆଧାର ଉପରେ ନିର୍ଭର କରେ। ଯଦି ଏହି ତିନି ଅଂଶ ସମନ୍ୱିତ ଭାବରେ ଚାଲିଥାଏ — ତେବେ ଏହା ସାମାଜିକ ଏବଂ ରାଷ୍ଟ୍ରୀୟ ପ୍ରଗତିରେ ସହାୟକ ହୋଇଥାଏ । ବୃହତ ଦୃଷ୍ଟିକୋଣରୁ ଦେଖିଲେ ଏହାର ପ୍ରଭାବ ସମାଜ ଓ ରାଷ୍ଟ୍ର ଉପରେ ସୁଦୂର ପ୍ରସାରୀ ଅଟେ । ଶିକ୍ଷା, ଶିଶୁ ଓ ଶିକ୍ଷକ ମଧ୍ୟରେ ସମନ୍ୱୟ ଓ ସୁନିୟମିତ ବିକାଶ ଥିଲେ ତାହାର ଗଭୀର ପ୍ରଭାବ ସାମାଜିକ ଓ ରାଷ୍ଟ୍ରୀୟସ୍ତରରେ ପଡ଼େ। ଏହି ଅନ୍ତଃସଂଯୁକ୍ତ ବ୍ୟବସ୍ଥା ଜଣେ ନୈତିକ, ଜ୍ଞାନମୟ ଓ ସମ୍ବେଦନଶୀଳ ନାଗରିକ ତିଆରି କରିଥାଏ। ଏପରି ନାଗରିକମାନେ ଅପରାଧ, ଦୁଷ୍କର୍ମ, ଅଶିଷ୍ଟ ଚରିତ୍ର ଓ ବିକୃତ ମନୋଭାବକୁ ପଛେ ଛାଡ଼ି, ଏକ ସୁସଂସ୍କୃତ ଓ ଉନ୍ନତ ସମାଜ ଗଠନରେ ଭୂମିକା ନିବାହ କରନ୍ତି।

ସେହିପରି, ଶିକ୍ଷା ରାଷ୍ଟ୍ର ଉନ୍ନତିର ମୂଳ ଶକ୍ତି। ଯେଉଁ ଦେଶ ଶିକ୍ଷାକୁ ଗୁରୁତ୍ୱ ଦିଏ, ସେଉଁଠି ଗବେଷଣା, ଅବିଷ୍କାର, ବୈଜ୍ଞାନିକ ଭାବନା ଓ ନୈତିକ ଆଧାର ଉପରେ ଆଧାରିତ ଏକ ଶକ୍ତିଶାଳୀ ରାଷ୍ଟ୍ର ତିଆରି ହୁଏ। ଏପରି ରାଷ୍ଟ୍ର ଗ୍ଲୋବାଲ୍ ମଞ୍ଚରେ ନିଜ ଉପସ୍ଥିତି ଦୃଢ଼ କରିପାରେ।

ଅନ୍ୟପଟେ, ଯଦି ଶିକ୍ଷା ଉପେକ୍ଷିତ ଥାଏ, ଯଦି ଶିଶୁ ଉପଯୁକ୍ତ ଶିକ୍ଷା ଓ ନେତୃତ୍ୱ ଲାଭ କରୁନାହାନ୍ତି, ଯଦି ଶିକ୍ଷକମାନେ ଅନୁପର୍ଣ୍ଣ ଓ ଅନୁତ୍ସାହୀ ଥାନ୍ତି — ତେବେ ଏହି ଅଭାବ ଦେଶର ଆଗକୁ ବଢ଼ିବା ରାସ୍ତାକୁ ବାନ୍ଧ କରିଦିଏ। ଶିକ୍ଷାହୀନ ରାଷ୍ଟ୍ରରେ ବେକାରି, ଦୁର୍ନୀତି, ଅନାଗ୍ରହ, ଓ ସାମାଜିକ ବିକୃତି ଅଧିକ ଦେଖିବାକୁ ମିଳିଥାଏ। ସେଥିପାଇଁ ଦେଶର ଏହି ତିନି ଅମୂଲ୍ୟ ଶକ୍ତି ଶିକ୍ଷା, ଶିଶୁ ଓ ଶିକ୍ଷକ ଉପରେ ଗମ୍ଭୀର ଭାବେ ଧ୍ୟାନ ଦେବା ଦରକାର, ଯାହାଦ୍ୱାରା ଆମେ ଏକ ଜ୍ଞାନମୟ, ନୈତିକ, ଓ ଉନ୍ନତ ଭବିଷ୍ୟତ ଗଢ଼ିପାରିବା।

ISSN NO.
2582-208X

ସମ୍ପୃକ୍ତ ଓ ସମନ୍ୱିତ ଶିକ୍ଷା ବ୍ୟବସ୍ଥା ଏକ ଦେଶର ଭବିଷ୍ୟତ ଗଢ଼ିବାରେ ମୂଳ ଭୂମିକା ନିବାହ କରେ। ଯେତେବେଳେ ଶିଶୁ ଠିକ୍ ଶିକ୍ଷା ଓ ମୂଲ୍ୟବୋଧ ପାଇଥାଏ, ଶିକ୍ଷକ ମନୋନିଯୁକ୍ତ ଓ ଅନୁପ୍ରେରିତ ଥାନ୍ତି, ଓ ଶିକ୍ଷା ପ୍ରଣାଳୀ ସୁଚିନ୍ତିତ, ସୁସଂସ୍କାରିତ ଓ ଆଧୁନିକ ହୁଏ — ସେଥିରୁ ଗଢ଼ିଉଠିଥାଏ ଏକ ଉତ୍ତମ ନାଗରିକ, ଏବଂ ତାଙ୍କ ମାଧ୍ୟମରେ ଏକ ଗୌରବମୟ ଦେଶ।

ତେଣୁ ଆମକୁ ଦେଖିବାକୁ ପଡ଼ିବ ଯେ ଶିକ୍ଷା କେବଳ ଅକାଦେମିକ୍ ବା ଚାକିରି ସର୍ବସ୍ୱ ନୁହେଁ, ଏହା ମୁଲ୍ୟ, ଅନୁଶାସନ, ଓ ସମ୍ବେଦନାର ଶିକ୍ଷା ମଧ୍ୟ ହେଉଛି। ଶିଶୁଙ୍କୁ ଆଧୁନିକ ବିଶ୍ୱର ଲାଗି ସଜାଇବା ପାଇଁ ଶିକ୍ଷକଙ୍କ ପାଖରେ ଯେତେ ଜ୍ଞାନ ଓ ନୈତିକ ଶକ୍ତି ଥିବ, ତେବେ ସେ ଦେଶ ଓ ସମାଜ ଉତ୍କୃଷ୍ଟଭାବେ ସେତେ ଅଗ୍ରଗତି କରିପାରିବ।

ଏହିପରି ଏକ ଶିକ୍ଷା ପ୍ରଣାଳୀ ଯେଉଁଠାରେ ଶିଶୁ, ଶିକ୍ଷକ ଓ ଶିକ୍ଷା ସଂସ୍ଥା ସହଯୋଗ ଏବଂ ସମନ୍ୱିତ୍ୱନ୍ୱୟରେ କାମ କରେ, ସେଠାରୁ ଉପୁଜିଥାଏ ଏକ ଶକ୍ତିଶାଳୀ, ସୁସଂସ୍କୃତ ଓ ଉନ୍ନତ ଭବିଷ୍ୟତ।

ଦଶମ ଶ୍ରେଣୀ,
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧନୁପାଲି,
ସମ୍ବଲପୁର -୭୬୮୦୦୫

ISSN NO.
2582-208X

# ପୂରଣ ବାଚକ ସଂଖ୍ୟା



ବାସନ୍ତୀ ଲତା ଜେନା

ଆସରେ ପିଲେ ମୋ ପାଖେ ବସ
ଗଣନା ଶିଖିବ ବସ
ପଛକୁ ପଛ ଧାଡିରେ ବସ
ହେବା ଖୁସି ହରଷ ।୧।
ପୂରଣ ବାଚକ ସଂଖ୍ୟା ଜାଣିବା
କହିବ ତୁମର ନାଆଁ
ପ୍ରଥମ ପିଲା ଏକ ହୋଇବ
ଦ୍ୱିତୀୟ ମାରିବ ଡିଆଁ ।୨।
ତୃତୀୟ ପିଲା ଗିନି ବଜାଅ
ଚତୁର୍ଥ ମାରିବ ତାଳି
ପଞ୍ଚମ ପିଲା ନାଚ କରିବ
ଷଷ୍ଠ ଧରିବ ଥାଳି ।୩।
ସପ୍ତମ ଝିଅ ପୁଚି ଖେଳିବ
ଅଷ୍ଟମ ଧରିବ ବହି
ନବମ ପିଲାଟି ଗୀତ ଗାଇବ
ଦଶମ ଖାଇବ ଖଇ ।୪।
ଏକାଦଶ ଖେଳିବ ଖେଳ
ସାଙ୍ଗ ସାଥୀଙ୍କୁ ନେଇ
ଦ୍ୱାଦଶ ପିଲା ମୂର୍ତ୍ତି ଗଢ଼ିବ

ISSN NO.
2582-208X

ଡାକି ଜଗତ ସାଇଁ ।୫।
ତ୍ରୟୋଦଶ ଭାରି ବୁଦ୍ଧିଆ
ପର ସାହାଯ୍ୟ କରେ
ଚତୁର୍ଦ୍ଦଶ ଭାରି ମନୁଆ
କଥା ମାନେନା କାରେ ।୬।
ପଞ୍ଚଦଶ ପିଲାଟି ପରା
ହୋଇବ ଚିତ୍ରକର
ଷୋଡଷ ପିଲା ତାହାର ସାଥି
ପଡିଶା ଘର ତାର ।୭।
ସପ୍ତଦଶ ଭାରି ସୁନ୍ଦର
ନମ୍ର ସୁଶୀଳ ଗୁଣ
ଅଷ୍ଟାଦଶ ଲିଡର ହୁଏ
ସଂଗ୍ରହ କରେ ଜ୍ଞାନ ।୮।
ଊନବିଂଶ ପିଲାଟି ପରା
ଭାରି ଡରୁଆ ଜାଣ
ବିଂଶ ପିଲାଟି ସୁଶୀଳ ଗୁଣେ
ନିଏ ସଭିଙ୍କ ମନ ।୯।
ଆସରେ ପିଲେ ଗୋଲ୍ ହେବା
ଖେଳିବା ଆମେ ଖେଳ
ନାଚି ଗାଇବା ଖୁସି ହୋଇବା
ନ କରିବାରେ ଗୋଳ ।୧୦।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର
8658655979

ISSN NO.
2582-208X

# କଦଳୀ ବାଡ଼ରେ ଲାଞ୍ଜି ଲହରୀ



ନୀଳମାଧବ ସାହୁ

ଦଶହରା ଛୁଟିର ସମୟ। ଭାଇଭଉଣୀ ଧୀରେନ (ବାର ବର୍ଷର) ଓ ଧାରା (ନଅ ବର୍ଷର) ବାପା ମା'ଙ୍କ ସହ ବ୍ରହ୍ମପୁର ସହରରୁ ଧର୍ମରାଜ ପୁରକୁ ଯାଇଥାନ୍ତି, ଜେଜେ ଓ ଅନ୍ୟ ପରିଜନଙ୍କ ସହ ଛୁଟି ଦିନ ବିତାଇବାକୁ । ରାତି ପାହିଲେ ଘରେ ଘରେ ବିଜୟା ଦଶମୀ ଦୁର୍ଗା ପୂଜା ଓ ସମସ୍ତଙ୍କ ମନ ଭିତରେ ଚାଲୁଥାଏ ସକାଳୁ ସକାଳୁ ପୂଜା ନିମନ୍ତେ ଫୁଲ ଦୁବପତ୍ର ଏବଂ ଭୋଗ ଚଢ଼ାଇବା ନିମନ୍ତେ କଦଳୀ ପତ୍ର କେଉଁଠୁ ସଂଗ୍ରହ କରିବେ? କାହାକୁ ଅନୁରୋଧ କରିବେ ଫୁଲ, ଦୁବ ଓ କଦଳୀ ପତ୍ର ପାଇଁ ? ଫେରିବାଲା ବିକିବା ପାଇଁ ସେସବୁ ଆଣିବ ତ! ଏହି ପରି ବହୁତ କିଛି। କିନ୍ତୁ ଧୀରେନ ଓ ଧରାଙ୍କ ଘରେ ସଂପୂର୍ଣ୍ଣ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ସେ ଦୁହିଁଙ୍କ ଜେଜେ ମା' କିଛି କହିବା ଶୁଣାଗଲା, ''ଭୋର ସକାଳୁ ଯାଇ ବଗିଚାରୁ ଫୁଲ, ଦୁବ ଓ ଭଲ ଭଲ କଦଳୀ ପତ୍ର ନେଇ ଆସିବ"। ତା' ପରେ ଜେଜେ ବାପାଙ୍କଠୁ ଉତ୍ତର ଆସିଲା, "ନିଜ ବଗିଚା ଥାଉ ଥାଉ ଏତେ ଚିନ୍ତା କାହିଁକି, ତୁ ନିଶ୍ଚିନ୍ତ ରହ"।

ରାତି ପାହୁ ପାହୁ ଧୀରେନ ଓ ଧାରା ଜେଜେଙ୍କ ହାତ ଧରି ବାହାରିଗଲେ ନିଜ ଘରରୁ ସ୍ୱଳ୍ପ ବାଟ ଦୂରରେ ଥିବା ବଗିଚାରୁ ଫୁଲ, ଦୁବ ଓ କଦଳୀ ପତ୍ର ସଂଗ୍ରହ ନିମନ୍ତେ। ଭାଇଭଉଣୀ ଦୁହେଁ ନାନାଦି ପ୍ରକାରର ରଙ୍ଗ ବିରଙ୍ଗ ଫୁଲ, ଗଛ ମାନଙ୍କରେ ବିଭିନ୍ନ ପ୍ରକାରର ଫଳ ଯଥା ପିଜୁଳି, ଅମୃତଭଣ୍ଡା, କଦଳୀ, ଏବଂ କିଛି ସବୁଜ ସତେଜ ପନିପରିବା ଦେଖି ବହୁତ ଉତ୍ସାହିତ ଓ ଖୁସି ହେଲେ। ବିଜୟା ଦଶମୀ ପୂଜା ନିମନ୍ତେ ପ୍ରଥମେ ଜେଜେଙ୍କ ସହ ମିଶି ଦୁହେଁ ଭାଇଭଉଣୀ ତିନି ଚାରି ପ୍ରକାରର ମନ୍ଦାର ତା' ସହ ଅପରାଜିତା, କନିଅର,

ISSN NO.
2582-208X

ଗଙ୍ଗଶିଉଳି, ଟଗର, ଓ ରଜନୀଗନ୍ଧା ଇତ୍ୟାଦି ଫୁଲ ତୋଳି କିଛି ତଟକା ଫଳ ଓ ପନିପରିବା ବି ତୋଳିବାକୁ ଲାଗିଲେ। ଜେଜେ ବାପାଙ୍କ ପଥକୁ ଅନୁସରଣ କରି ସେ ଦୁହେଁ ବି କିଛି କିଛି କାମରେ ଜେଜେଙ୍କୁ ସହଯୋଗ ମଧ୍ୟ କରିବାକୁ ଲାଗିଲେ।କିଛି ସମୟ ପରେ, ସଦାବିହାରୀ ଫୁଲରେ ବସିଥିବା ଲେମ୍ବୁ ପ୍ରଜାପତି (Lime swallowtail butterfly) ଓ ବାଘ ପ୍ରଜାପତି (Plain tiger butterfly)କୁ ନିରୀକ୍ଷଣ କରି ସେମାନଙ୍କୁ ଅନୁକରଣ କରୁ କରୁ କେତେବେଳେ ସେ ଭାଇଭଉଣୀ ଦୁହେଁ ବଗିଚାର ଗୋଟେ କଡରେ ଥିବା କଦଳୀ ବାଡ଼ରେ ପଶିଗଲେ । ପଛ ପଟୁ ଜେଜେ ବାପା ଡାକ ପକାଉଥାନ୍ତି, "ଏ.. ଧୀରେନ.. ଏ.. ଧାରା.., କେଉଁଆଡେ ଗଲ, ଘାସ ଭିତରେ ଜନ୍ତୁଜନ୍ତା ଥାଇପାରେ ଦେଖିକି"। ଜେଜେଙ୍କୁ କାଳେ ଶୁଭା ଯିବନି, ତେଣୁ ସେ ଦୁହେଁ ଜେଜେ ବାପାଙ୍କୁ ଉଚ୍ଚା ସ୍ୱରରେ ଜଣାଇଲେ, "ଆମେ ଦୁହେଁ ଏଠି କଦଳୀ ବାଡ଼ରେ ଅଛୁ, ତୁମେ ବି ଶୀଘ୍ର ଆସ''। ଜେଜେ ବାପା ପୁଣି ଉତ୍ତର ଦେଲେ, "ତୁମେମାନେ ଯେଉଁଠି ଅଛ ସେଇଠି ଥାଅ କୁଆଡେ ଯାଅନି, ମୁ ଆସୁଛି, ପୂଜା ପାଇଁ କଦଳୀ ପତ୍ର ବି ସଂଗ୍ରହ କରିବାର ଅଛି"।



କଦଳୀ ବାଡ଼

ଠିକ ସେହି ସମୟରେ ଲହରୀ ପରି ଧଳା ରଙ୍ଗରଲମ୍ବା ଲାଞ୍ଜକୁ ହଲାଇ ଗୋଟିଏ ପକ୍ଷୀଟିଏ କଦଳୀ ବାଡ଼ ମଧ୍ୟ ଦେଇ ଉଡ଼ିଗଲା ଓ ଗୋଟିଏ କଦଳୀ ଗଛର ପତ୍ରରେ ବସିଗଲା। ଧୀରେନ ଓ ଧାରା ସେହି ସ୍ଥାନରେ ଥିବା ଅନୁଭବ କରି ପକ୍ଷୀଟି ବାରମ୍ବାର ଏ ଗଛରୁ ସେ ଗଛକୁ ଉଡ଼ିବୁଲୁଥିଲା, ଜେଜେ ବାପା କଦଳୀ ବାଡ଼ରେ ପହଁଚିଲେ ଓ ପକ୍ଷୀଟିକୁ ଦେଖି

ISSN NO.
2582-208X

ବହୁତ ଖୁସି ହେଲେ।ସମସ୍ତେ ସେହି ପକ୍ଷୀଟିକୁ ବଗିଚାରେ ପ୍ରଥମ ଥର ପାଇଁ ଦେଖୁଥାନ୍ତି। ଜେଜେ ବାପା ପକ୍ଷୀଟିକୁ ଭଲଭାବେ ନିରୀକ୍ଷଣ କଲାପରେ ନିଜ ନାତି ନାତୁଣୀଙ୍କୁ ଜଣାଇଲେ ଯେ ଏହି ମଧ୍ୟମ ଧରଣ ପକ୍ଷୀଟିର ମୁଣ୍ଡଟି କଳା ରଙ୍ଗର ହୋଇ ଚକ୍ ଚକ୍ କରୁଥିବା ବେଳେ ଏକ ଚୂଳ ରହିଛି ଓ ଆଖି ଚାରିପଟେ ନୀଳ ରଙ୍ଗର ବଳୟ ଦେଖାଯାଉଛି। ପକ୍ଷୀଟି କଦଳୀ ଫୁଲ ପାଖରେ ଉଡି ବୁଲୁଥିବା କୀଟପତଙ୍ଗଙ୍କୁ ଖାଉଥିବା ଦେଖାଗଲା। ସେମାନେ ତିନିଜଣ ପ୍ରାୟ ଅଧଘଣ୍ଟା ଧରି ପକ୍ଷୀଟିକୁ ନିରୀକ୍ଷଣ କରୁ କରୁ ଆଖି ଆଗରେ ହିଁ ପକ୍ଷୀଟି ଅନ୍ୟତ୍ର ଉଡ଼ିଗଲା। ପକ୍ଷୀ ଦେଖା ସରିବା କ୍ଷଣି ଜେଜେ ବାପା ଜଣାଇଲେ ଯେ ଜେଜେମା' ଫୁଲ, ଦୁବ ଓ କଦଳୀ ପତ୍ର ପାଇଁ ଚାହିଁ ବସିଥିବ ଓ ଯଦି ଏଥି ପାଇଁ ପୂଜା ଡେରିହେଲା ତେବେ ରାଗରେ ତମ୍ ତମ୍ ହେଇଯିବ। ଜେଜେମା'ଙ୍କ ଡରରେ କଦଳୀ ବାଡିରୁ କଦଳୀ ପତ୍ର ସଂଗ୍ରହ କଲେ ଓ ପୂର୍ବରୁ ସଂଗ୍ରହ କରିଥିବା ଫୁଲ, ଦୁବ, ଫଳ ଓ କିଛି ପରିବା ନେଇକି ଶୀଘ୍ର ଘରକୁ ଫେରିଲେ।



ରାଜା ମାଛି ଖାଇପକ୍ଷୀ (Indian paradise flycatcher)

ଜେଜେ ବାପା, ଧୀରେନ ଓ ଧାରା ପକ୍ଷୀଟିକୁ ଦେଖିଥିଲେ ମଧ୍ୟ ପକ୍ଷୀଟିର ନାମ ଜାଣିପାରିଲେ ନାହିଁ । ଧୀରେନ ଓ ଧାରା ଘରକୁ ଫେରିଲା ପରେ ସେହି ପକ୍ଷୀଟି ବିଷୟରେ ଅନ୍ୟମାନଙ୍କୁ ଜଣାଇଲେ ଓ ଶେଷରେ ଋତୁ ନାମକ ଜଣେ ପଡୋଶୀଙ୍କ ପାଖକୁ ଗଲେ, ଯେ କି କଲେଜରେ ବନ୍ୟଜୀବ ବିଷୟରେ ପାଠ ପଢ଼ନ୍ତି । ଧୀରେନ ଓ ଧାରା ଋତୁ ଦିଦିଙ୍କୁ ଡାକ ପକାଇ କବାଟ ଠକ୍ ଠକ୍ କଲେ । ଋତୁ ଦିଦି ଆସିବା ପରେ, ସେ ଦୁହେଁ ଦେଖିଥିବା ପକ୍ଷୀଟି ବିଷୟରେ ତାଙ୍କୁବିସ୍ତୃତ ଭାବେ ଜଣାଇଲେ। ଧୀରେନ ଓ ଧାରାଙ୍କ କହିବା ପ୍ରକାରେ

ISSN NO.
2582-208X

ପକ୍ଷୀଟିର ରୂପଗତ ବୈଶିଷ୍ଟ୍ୟ ଓ ଆଚରଣକୁ ଋତୁ ଦିଦି ନିଜ ପାଖରେ ରଖି ଥିବା ପକ୍ଷୀ ଚିହ୍ନିବା ନିମନ୍ତେ କ୍ଷେତ୍ର ମାର୍ଗଦର୍ଶକ (Field guide for birds)ରେ କେଉଁ ପକ୍ଷୀର ବୈଶିଷ୍ଟ୍ୟ ସହ ମେଳ ଖାଉଛିତାହା ଅନୁଧ୍ୟାନ କଲେ । କିଛି ସମୟ ପରେ ଋତୁ ଦିଦିଙ୍କଠୁ ଶୁଣିବାକୁ ମିଳିଲା ଯେ ତୁମେମାନେ ଯେଉଁ ପକ୍ଷୀଟିକୁ ଦେଖିଛ ତା'ର ନାମ 'ରାଜା ମାଛି ଖାଇ' (ଇଂରାଜୀରେ 'Indian paradise flycatcher') ହୋଇଥିବା ବେଳେ ପକ୍ଷୀଟି ଅଣ୍ଡିରା ଅଟେ । ତା' ପରେ ଧୀରେନ ଋତୁ ଦିଦିଙ୍କୁ ପ୍ରଶ୍ନ କଲା, "ଆପଣ କେମିତି ଜାଣିଲେ ଯେ ପକ୍ଷୀଟି ଅଣ୍ଡିରା ବୋଲି ?" ଋତୁ ଦିଦି ଧୀରେନର ପକ୍ଷୀପ୍ରତି ଥିବା ଜିଜ୍ଞାସା ଓ ଆଗ୍ରହକୁ ଦେଖି ସେ ପକ୍ଷୀଟିର ଅନ୍ୟାନ୍ୟ ବୈଶିଷ୍ଟ୍ୟ ବିଷୟରେ ଅବଲୋକନ କରାଇଲେ। ଅଣ୍ଡିରା ପକ୍ଷୀଟିର ଲହରୀ ସଦୃଶ ଲମ୍ବା ଲାଞ୍ଜ ହେବା ସହ ଶରୀରଟିର ଉପର ଭାଗ ଧଳା ବା ଲାଲ୍ ବାଦାମୀ (rufous) ରଙ୍ଗର ହୋଇଥିବା ବେଳେ ତଳ ଭାଗଟି ଧୂସର ଧଳା ରଙ୍ଗର ହୋଇଥାଏ । କିନ୍ତୁ ମାଇ ପକ୍ଷୀଟିର ଉପର ଭାଗ ଲାଲ୍ ବାଦାମୀ (rufous) ଓ ତଳ ଭାଗ ଧୂସର ରଙ୍ଗର ହେବା ସହ ଛୋଟ ଲାଞ୍ଜ ଥାଏ। ଉଭୟ ଅଣ୍ଡିରା ଓ ମାଇ ପକ୍ଷୀଙ୍କ ମୁଣ୍ଡରେ ଚୁଳ ଥିବା ବେଳେ ଅଣ୍ଡିରା ପକ୍ଷୀର ଆଖି ଚାରିପଟେ ନୀଳ ବଳୟ ଥାଏ ।ଋତୁ ଦିଦିଙ୍କଠୁ ଧୀରେନ ଓ ଧାରା 'ରାଜା ମାଛି ଖାଇ' ପକ୍ଷୀଟି ବିଷୟରେ ବହୁତ କିଛି ତଥ୍ୟ ଜାଣି ଖୁସିରେ ଜେଜେଙ୍କ ଘରକୁ ଗଲେ ଓ ଘରେ ହୋଇଥିବା ବିଜୟା ଦଶମୀ ପୂଜାର ପ୍ରସାଦ ସେବନ କଲେ । ପୂଜା ପରେ ଦୁଇ ତିନି ଦିନ ଗାଁରେ ସମୟ ବିତାଇ ପୁଣି ସହରକୁ ଫେରିଗଲେ। ପରବର୍ତ୍ତୀ ସମୟରେ ଧୀରେନ ଓ ଧାରା ଗାଁକୁ ଆସିଲେ କ'ଣ ନୂଆ ପକ୍ଷୀ ଦେଖିବେ ଓ ଋତୁ ଦିଦିଙ୍କ ସହ ବାର୍ଡ଼ ଓ୍ୱାଚିଂରେ (ପକ୍ଷୀ ଦେଖିବାକୁ) ଯିବେ କି ତାହା ଜାଣିବା ବାକି ରହିଲା ।



ପକ୍ଷୀ ଚିହ୍ନିବା ନିମନ୍ତେକେତୋଟି କ୍ଷେତ୍ର ମାର୍ଗଦର୍ଶକ (Field guide for birds)

ରିସର୍ଚ୍ଚ ସ୍କଲାର୍, ଭାରତୀୟ ବନ୍ୟଜୀବ ସଂସ୍ଥାନ, ଡେରାଡୁନ୍
neelamadhabself@gmail.com

ISSN NO.
2582-208X

# ନୂଆଖାଇ



କୁମୁଦିନୀ ଘି

ସବୁ ଶତ୍ରୁତାକୁ ଭୁଲି କି ସଭିଏ
ଏକାଠି ହୁଅନ୍ତି ଭାଇ,
ଏଇ ଯେ ଆମର ଖୁସିର ପରବ
ନା' ତା'ର ନୂଆଖାଇ ।(୧)
ଏ ଦିନ ସମସ୍ତେ ନୂଆ ବସ୍ତ୍ର ଯେତେ
ପିନ୍ଧିକି ହୁଅନ୍ତି ଖୁସି,
ଗୋଟିଏ ପଙ୍ଗତେ ସତର ସଙ୍ଗତେ
ନୂଆ ଖା'ନ୍ତି ମିଳିମିଶି । (୨)
ଅନ୍ନ ଓ ବ୍ୟଞ୍ଜନ ପ୍ରସାଦ ସମାନ
ଆନନ୍ଦେ କରି ସେବନ,
ପିଠା ମିଠା ଖାଇ ସାଙ୍ଗ ସାଥି ହୋଇ
ନାଚି ଖେଳି ଯାଏ ଦିନ । (୩)
ଦିନ ଯାଏ ଚାଲି ଘର ଘର ବୁଲି
ଦେବା ନେବାରେ ଜୁହାର,
ଏଇ ଯେ ଆମର ନୂଆଖାଇ ପର୍ବ
ନାଇଁ ତା'ର ପଟାନ୍ତର । (୪)
ପଶ୍ଚିମ ଓଡ଼ିଶା ଗଣପର୍ବ ମିଶା
ପାଳିଲେଣି ବି ପଡିଶା,

ISSN NO.
2582-208X

ପ୍ରଦେଶରୁ ଦେଶ ଆଉ ବି ବିଦେଶ
ନୂଆଖାଇର ପ୍ରଶଂସା।।(୫)
ଭେଟ ଘାଟ କେତେ ହୁଏ ନା ନା ମତେ
ସାଂସ୍କୃତିକ ସଂଧ୍ୟା ଜମେ,
କୃଷି ଓ କୃଷକ ଜୀବନ ଭିତ୍ତିକ
ଜୀବନର ଜୟଗାନେ ।(୬)
ଅନ୍ନ ବିନା ପ୍ରାଣ ଚାଲିଯାଏ ଜାଣ
ଅନ୍ନମୟ ଏଇ ପିଣ୍ଡ,
ତେଣୁ ଅନ୍ନଦାତା ସାକ୍ଷାତ ଦେବତା
ତା' ପାଇଁ ଟେକୁଛୁ ମୁଣ୍ଡ।(୭)
ନବାନ୍ନ ଶିଖାଏ ଭଲ କଥାଟିଏ
ଜ୍ଞାନୀ, ଧନୀ, ମାନି ଶିଖ;
ତେଜ ବୃଥା ଗର୍ବ ସମସ୍ତଙ୍କୁ ଭାବ
ଆତ୍ମବତ ଘରଲୋକ। (୮)
ନୂଆଖାଇ କହେ କେହି ବଡ ନୁହେଁ
କେହି ନୁହେଁ ନୀଚ ହୀନ
ଅନ୍ନ ବିନା ପ୍ରାଣ ଚାଲିଯାଏ ଜାଣ
ଅନ୍ନଦାତା ଯେ ମହାନ। (୯)
ନବାନ୍ନ ସମାନ ପରବ ମହାନ
ନାଇଁ ଏଇ ଜଗତରେ,
ମା' ମାଟି ମମତା ଶାନ୍ତି ଓ ସମାନ
ଗୀତ୍ ଗାଏ ନିରନ୍ତରେ। (୧୦)

ଅଷ୍ଟମ ଶ୍ରେଣୀ ସରସସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜୁନାଗଡ ୭୬୬୦୧୪, କଳାହାଣ୍ଡି

ISSN NO.
2582-208X

# ସମୀକ୍ଷା



ଦେବଯାନୀ ସ୍ୱାଇଁ

## ବେଦାନ୍ତୀ- ଅଗଷ୍ଟ

"ବେଦାନ୍ତୀ"କୁ ଆମେ କେବେ ଭୁଲିବା ନାହିଁ, ଏହି ଆଶା ଆଉ ଆକାଂକ୍ଷାରେ ଏଥରକ ପ୍ରଚ୍ଛଦ ପୃଷ୍ଠାରେ ସୁନ୍ଦର ସତେଜ forget- me- not ଫୁଲର ଉପହାର ନେଇ ଆସିଛି ଆମ ପ୍ରିୟ ବେଦାନ୍ତୀ। ଏହା ସତ୍ୟ ଯେ, ବେଦାନ୍ତୀ ସହିତ ଆମ ସମସ୍ତଙ୍କର ସ୍ନେହଭରା ସମ୍ପର୍କ ସଦାକାଳ ରହିଛି ଓ ରହିଥିବ ଏବଂ ଭାଷା, ସାହିତ୍ୟର ପ୍ରଗତି ପାଇଁ ଏହାର ନିଷ୍ଠା, ସତ୍ୟ, ପ୍ରେମ, ଆମ ସମସ୍ତଙ୍କ ସ୍ମୃତି ପଟରେ ଚିର ଅଭୁଲା ହେଇ ରହିବ।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଏକ ସୁନ୍ଦର ବାର୍ତ୍ତା ଦେଇ କହିଛନ୍ତି- ଜୀବନକୁ ସାର୍ଥକ କରିବାକୁ ହେଲେ କିଛି ଲକ୍ଷ୍ୟ ରହିବା ଜରୁରୀ ଅଟେ। ଏହି ଲକ୍ଷ୍ୟ ହିଁ ଆମକୁ କର୍ମ କରିବାକୁ ପ୍ରେରଣା ଦେବା ସହିତ ଜୀବନକୁ ଏକ ଶୃଙ୍ଖଳିତ ଓ ଅନୁଶାସିତ ଢଙ୍ଗରେ ପରିଚାଳନା କରେ।

ଭିତର ପୃଷ୍ଠାରେ ସବୁଥର ପରି ଅସଂଖ୍ୟ ଆଲେଖ୍ୟ।

ପ୍ରଥମ ଲେଖା, ଧାରାବାହିକ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ଚାରୁଲତା ମ୍ୟାଡାମ୍ ହୁଡି ର ରହସ୍ୟ ଉନ୍ମୋଚନ କରି କହିଛନ୍ତି- ହାତେ ଦେଢ ହାତ ଚଉଡା କାଠ

ISSN NO.
2582-208X

ଗଣ୍ଡିରେ ତିଆରି ନିକୋବରୀ ଜନଜାତି ଶୋମ୍ପେନ ମାନଙ୍କର ଡଙ୍ଗା ବା ହୁଡିର ରହସ୍ୟ ହେଉଛି କେବଳ ଧୈର୍ଯ୍ୟ ଓ ସ୍ଥିରତାରେ କାଠକୁ ସନ୍ତୁଳନ କରିବା। ସତରେ, ଆଜିକାଲି ନିଜ ପିଲାମାନଙ୍କୁ ସଠିକ୍ ବୟସରେ ବାହା ଦେବା ଏକ ବଡ ଚିନ୍ତାର ବିଷୟ ହେଲାଣି। କୁହାଯାଏ – ଯୋଡି ଉପରୱାଲା ବନାତେ ହେ। ସେହି ଭରଷାରେ କିଛି "ଅଲୌକିକ" ଘଟଣା ଘଟିବା ଅପେକ୍ଷାରେ ଅଳକା ଆଉ ଅନନ୍ତଙ୍କ ଭଳି ଅନେକ ପିତାମାତା। ଆଲୋଚନା କ୍ରମରେ "ସାଂପ୍ରତିକ ଓଡିଆ ସାହିତ୍ୟର ସ୍ଥିତି", "ସ୍ୱାଧୀନତାର ଅକ୍ଷାଂଶ" ଏବଂ "ଜିନନାଥ..ଜଗନ୍ନାଥ.. ଏକ ସାଂସ୍କୃତିକ ଆବେଗ"।

ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ର ସମାପ୍ତି ଘୋଷଣା କରି ଅଭି ତା ହୃଦୟରେ ସବୁଦିନ ପାଇଁ ଲେଖିଦେଇଛି ଅରୁନ୍ଧତୀର କବିତା। ଇତିହାସ ପୃଷ୍ଠାରେ "ଯୁଗେ ଯୁଗେ ମାନବିକତାର ଉଜ୍ଜ୍ୱଳ ଆଦର୍ଶ ଗୋପବନ୍ଧୁ ଦାସ"।

ଧାରାବାହିକ ଭ୍ରମଣ କାହାଣୀ "କେବେ କେରଳ ତ କେବେ ଅରୁଣାଚଳ" ରେ ରହିଛି ମୁସିରିସ୍ ହେରିଟେଜ୍ ଟୁର୍। ଏମିତି ଆହୁରି ଅନେକ କାହାଣୀ, ଲୋକ କଥା, ସମୀକ୍ଷା ଓ ସନ୍ଦର୍ଭ ସହିତ "ଭାଗବତ କଥା" ରେ ଶେଷ ଏଥରକର ପ୍ରବନ୍ଧ ଲେଖା।

କବିତାର ପ୍ରାରମ୍ଭରେ "ମୋ ସାନଭାଇ ତପନର ସ୍ମରଣରେ" କବିତା ସ୍ମରଣିକା।

"ମୁଁ ଯଦି" ଲେଖିବି ତେବେ "କ'ଣ ଲେଖିବି ଏ ରାତିର ନାଁ"। "ମାପିଛ କି କେବେ ତୁମେ" ପ୍ରେମର ଦୂରତା, ନୀରବ ଲୁହରେ ଥିଲା ଯେତେ ଗଭୀରତା।

"ଆଷାଢର ତୁମେ ପହିଲି ବରଷା", "ହେ ବର୍ଷା: ମୁଁ ଲେଖିବି ପଦେ ତମ କଥା"। ତୁ ବି ବିଭୋର ମୁଁ ବି ବିଭୋର, ଆ' ଭିଜି ଭିଜି ଲେଖିଦେବା କେଇପଦ "ବିଭୋର କବିତା"। "ଜୀବନ ଦୁରୂହ ହେଲେ", ମନରେ ଭୟ ସଂଚରିଲେ "ସିଂହାର ଶୃଙ୍ଗାର" କରି ମୁଁ ଥିବି ସଦା ତୁମ ସାଥେ। "ଆସିଲା ଶ୍ରାବଣ" ଆଉ "ହଜିଲା ଶ୍ରାବଣ..." ପୁଣି କେତେବେଳେ "ବର୍ଷାରେ ମହକି ଯାଏ ଭୁବନେଶ୍ୱର"।

ISSN NO.
2582-208X

"ଇଏ କି ଭେଳିକି"- ଜୀବ ଥିବା ବେଳେ ଶୁଣିଲେନି କେହି, ମଲା ପରେ ଆଜି ସମବେଦନାର ପଡୁଛି ହୁରି। ସେଥିଲାଗି ତୁ "ଗୀତ ଗା' ନାରେ ପକ୍ଷୀ" ଏଠି, ପାରୁଛୁ ଯଦି ଉଡିଯା ଦୂରେ ବହୁ ଦୂରେ ଛଳ କପଟର ଦୁନିଆକୁ କରି ଆରପାରି।

ହିମାଳୟ ଯାର ମଥାର ମୁକୁଟ, ଗଙ୍ଗା ଯମୁନା ପ୍ରଖାଳେ ତାର ଚରଣ "ସେଇ ମୋ ଭାରତ ମା"। ଆସ ମିଶିକି ବନେଇବା "ମାନବିକତାର ନୂଆ ନକ୍ସା" - ଅନ୍ୟର ଗୋଡ ଟାଣିବା ବଦଳରେ ଟାଣିବା ସଭିଙ୍କ ହାତ। "ଜୀବନ ନଦୀର ଦୁଇ ଧାର" ସେ ତ "କିଏ ଆଣିଦେବ ମୋ ପିଲାଦିନ" ପୁଣି ଆର ଧାରରେ "ବୟସର ବେତ୍ରାଘାତ"। "ଚିର ନମସ୍ୟ ମୋ ପୂଜ୍ୟ ଗୁରୁଦେବ"- ଅନ୍ଧାର ଦୂରେଇ ଯେଉଁମାନେ ମୋତେ ଦେଖାଇଲେ ଆଲୋକର ପଥ।

ଆହେ "ନୀଳ ସୁନ୍ଦର ଶ୍ରୀ ଜଗନ୍ନାଥ"! "କେଉଁ ନାମ ଧରି ଡାକିବି ତୋତେ ମୁଁ", ତୋ ପାଇଁ ରହୁ ସଦା "ଭକ୍ତିର ଭାବ"। ତୋ "ଛନ୍ଦା ଚରଣେ" ଲୟ ରହୁ ସଦା "ବେଳୁଁ ଆଗ୍ରେ କର ନାମ"।

"ରାଜନୀତିଆ"ଙ୍କ କେତେ ମେଳି, ଆଜି ବିରୋଧକୁ କାଲି କୋଳାକୋଳି। ଆଲୋ ସଖି, "ଆପଣା ମହତ ଆପେ ରଖି", "ବୁଝେଇବା ଠାରୁ ବୁଝିଯିବା ଭଲ" କରିଲେ ତପ ଓ ଯୋଗ - "ସଭିଏଁ ହୋଇବେ ସୁସ୍ଥ"। "ମୃତ୍ୟୁ" ସେତ ପିନ୍ଧାଇ ବିଜୟର ଟୀକା କରିଦିଏ ଚିର ଅମର। "ଜାଗି ଉଠ ସମାଜ"- ଆଜି ଯେପରି ପ୍ରତି ଘରେ ଜଳୁ ଶିକ୍ଷାର ଦୀପ। ପିଲା ଯୁବା ହେଉ କି ବୃଦ୍ଧା ଅବା ନାରୀ, ସମ୍ମାନ ଓ ସୁରକ୍ଷା ମିଳୁ ସଭିଙ୍କୁ ଦିବାରାତ୍ରୀ।

ସ୍ୱାସ୍ଥ୍ୟ ବିଭାଗରେ ରହିଛି, ବର୍ଷା ଦିନରେ ଅଧିକ ମାତ୍ରାରେ ସଂକ୍ରମିତ ହେଉଥିବା "ଡାଇରିଆ ଓ ତାର ପ୍ରତିକାର"।

ଆଞ୍ଚଳିକ ବିଭାଗରେ ଏକ ସୁନ୍ଦର କବିତା- "କେନ୍ତା ଖାଏମା ନୁଆଁ" କେହି ଯେ ଆଏତା ନେଇଁ।

ISSN NO.
2582-208X

ଶିଶୁବିଭାଗରେ ଏଥରକ କିଛି ଶିଶୁ ଲେଖିକାଙ୍କର କବିତା ପଢି ଖୁବ୍ ଖୁସି ଲାଗିଲା। ଆମ ଶିଶୁ ମାନେ ଏମିତି ଲେଖା ଲେଖି କରନ୍ତୁ, ସେମାନଙ୍କ ଲେଖନୀରେ ପୋଡି ହେଇଯାଉ ଯେତେ ସବୁ ଅଜ୍ଞାନ ଅନ୍ଧାକାର ଆଉ ଝରିପଡୁ ପ୍ରେମ କରୁଣାର ଶତ ଶତ ଧାର ।

ଶ୍ରାବଣର ଅବିରାମ ବର୍ଷାଧାରା ପରି ଏ ମାସର ପର୍ବପର୍ବାଣୀ ତାଲିକା। ଲଗାତାର ପଛକୁ ପଛ ରହିଥିବା ପର୍ବ ଗୁଡିକ ମଧ୍ୟରେ ମୁଖ୍ୟ ପର୍ବ ରହିଛି, ମହାପ୍ରଭୁ ଶ୍ରୀ ବଳଭଦ୍ରଙ୍କ ଜନ୍ମ ଉତ୍ସବ ଗହ୍ମା ପୂର୍ଣ୍ଣିମା, ନଟ୍ ଖଟ୍ ନନ୍ଦଲାଲାଙ୍କ ଜନ୍ମ ଉତ୍ସବ ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ପୁଣି ବିଘ୍ନ ବିନାଶକ, ଜ୍ଞାନ ପ୍ରଦାୟକ, ପାର୍ବତୀ ନନ୍ଦନ ଗଜାନନଙ୍କ ଆଗମନର ପର୍ବ ଶ୍ରୀ ଗଣେଷ ଚତୁର୍ଥୀ। ଆସନ୍ତୁ, ସମସ୍ତେ ମିଶି ଆନନ୍ଦ ମନରେ ପର୍ବ ପର୍ବାଣୀକୁ ପାଳନ କରିବା ସହିତ ଆମ ପରମ୍ପରା ଓ ସଂସ୍କୃତିକୁ ଆଗକୁ ନେବା।

ଜୟ ବେଦାନ୍ତୀ, ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୯/୨୦୨୫ | ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଙ୍କ ଜୟନ୍ତୀ |
| ୦୪/୦୯/୨୦୨୫ | ବାମନ ଜନ୍ମ ଓ ଇନ୍ଦ୍ରଧ୍ୱଜ ପୂଜା |
| ୦୫/୦୯/୨୦୨୫ | ଗୁରୁ ଦିବସ, ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ |
| ୦୬/୦୯/୨୦୨୫ | ଅନନ୍ତ ବ୍ରତ |
| ୦୭/୦୯/୨୦୨୫ | ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭାଗବତ ଜନ୍ମ ଚନ୍ଦ୍ରପୂଜା ଓ ଚନ୍ଦ୍ର ଗ୍ରହଣ |
| ୧୧/୦୯/୨୦୨୫ | ଅଶ୍ୱ ପଞ୍ଚମୀ |
| ୧୩/୦୯/୨୦୨୫ | ଗଜଷଷ୍ଠୀ |
| ୧୪/୦୯/୨୦୨୫ | ବେଦ୍ୟୁତଥାପନ, ମୂଳାଷ୍ଟମୀ, ଦ୍ୱିତୀବାହନ ଓଷା, ସହସ୍ର କୁମ୍ଭାଭିଷେକ |
| ୧୭/୦୯/୨୦୨୫ | କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା |
| ୨୧/୦୯/୨୦୨୫ | ମହାଳୟା ଅମାବାସ୍ୟା, ଫୁଲ୍ଲେରୀ ଓଷା |
| ୨୨/୦୯/୨୦୨୫ | ଶ୍ରୀ ବିରଜାଦେବୀଙ୍କ ରଥଯାତ୍ରା |
| ୨୬/୦୯/୨୦୨୫ | ନତଃ ପଞ୍ଚମୀ ଓ ବିରଜାଦେବୀଙ୍କ ପଞ୍ଚମୀ ହୋମ |
| ୨୭/୦୯/୨୦୨୫ | ତପଃଷଷ୍ଠୀ |
| ୨୮/୦୯/୨୦୨୫ | ପୀଠେ ଶ୍ରୀ ଦୁର୍ଗାଦେବୀଙ୍କ ତ୍ରିଦିନାତ୍ମକ ସପ୍ତମୀ ପୂଜା |
| ୨୯/୦୯/୨୦୨୫ | ପୀଠେ ମହାଷ୍ଟମୀ |
| ୩୦/୦୯/୨୦୨୫ | ପୀଠେ ମହାନବମୀ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଅଗଷ୍ଟ ମାସର ବିଜେତାଙ୍କ ନାମ



ISSN NO.
2582-208X

ଆଇଲା ଆଇଲା କଙ୍କଡା ବିଛା
ଡର ମାଡୁଛି ଦେଖିଲେ ତା ଚେହେରା
ବିଷ ତାହାର ଆଗରେ ଭରା
ଜଲଦି ଜଲଦି ତାକୁ ଭଗା

ବିଜେତା: ଚନ୍ଦନ ମିଶ୍ର, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com
/editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**